# ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନା

## ସପ୍ତମ ଖଣ୍ଡ

ରାମକୃଷ୍ଣ ମଠ
ଭୁବନେଶ୍ୱର

ପ୍ରକାଶକ
ସ୍ୱାମୀ ଆତ୍ମପ୍ରଭାନନ୍ଦ
ଅଧ୍ୟକ୍ଷ, ରାମକୃଷ୍ଣ ମଠ
ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର—୭୫୧ ୦୦୨
ଫୋନ୍ - (୦୬୭୪) ୨୪୩ ୨୦୨୮, ୨୪୩ ୦୦୫୯
Email : bhubaneswar@rkmm.org

ସର୍ବସ୍ୱତ୍ୱ ସଂରକ୍ଷିତ

ପ୍ରଥମ ସଂସ୍କରଣ : ୧୭ ଜାନୁୟାରୀ ୧୯୬୩
ଦ୍ୱିତୀୟ ସଂସ୍କରଣ : ୨୫ ମାର୍ଚ୍ଚ ୧୯୯୦
**ଦ୍ୱିତୀୟ ପୁନର୍ମୁଦ୍ରଣ : ୫ ଏପ୍ରିଲ୍ ୨୦୧୭**
**ଶ୍ରୀରାମନବମୀ**
୧୦୦୦

**ମୂଲ୍ୟ– ଟ. ୧୫୦.୦୦**

ମୁଦ୍ରାକର :
ହିନ୍ଦୁସ୍ଥାନ ପ୍ରିଣ୍ଟିଙ୍ଗ୍ ଏଣ୍ଡ୍ ବାଇଣ୍ଡିଂ ୱାର୍କସ୍
ଏ/୪୮, ରାମେଶ୍ୱର ପାଟଣା
ଭୁବନେଶ୍ୱର—୭୫୧ ୦୦୨

***SWAMI VIVEKANANDANKA VANI O RACHANA, Vol. - VII*** : Published by Ramakrishna Math, Vivekananda Marg, Bhubaneswar - 751 002; 2ND Edition 2ND Reprint on 5TH April 2017; **Price : ₹. One Hundred & Fifty only.**

# ପ୍ରକାଶକଙ୍କ ନିବେଦନ

ଶ୍ରୀଭଗବାନଙ୍କର ଅଶେଷ କରୁଣାରୁ 'ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନା'ର ୭ମ ଖଣ୍ଡ ପ୍ରକାଶିତ ହେଲା । ୬ଷ୍ଠ ଖଣ୍ଡରେ ପ୍ରଦତ୍ତ ସ୍ୱାମୀଜୀଙ୍କର ପତ୍ରାବଳୀ ସହିତ ସମୟ ଓ ସଂଖ୍ୟାର କ୍ରମିକ ଅବିଚ୍ଛିନ୍ନତା ବଜାୟ ରଖି ଏହି ଖଣ୍ଡରେ ୧୬୦ରୁ ୩୯୧ ସଂଖ୍ୟା ପର୍ଯ୍ୟନ୍ତ ୨୩୨ଟି ଚିଠି ପ୍ରକାଶିତ କରାଗଲା । ଏହାର ସମୟ-କ୍ରମ ୨୧ ସେପ୍ଟେମ୍ବର ୧୮୯୪ରୁ ଆରମ୍ଭ କରି ୩୦ ସେପ୍ଟେମ୍ବର ୧୮୯୭ ପର୍ଯ୍ୟନ୍ତ । ୧୮୯୮ ମସିହାର ଫେବୃଆରି ଓ ମାର୍ଚ୍ଚ ମାସର ୩ ଖଣ୍ଡ ପତ୍ର ୩୮୯, ୩୯୦ ଓ ୩୯୧ ସଂଖ୍ୟାରେ ଦିଆଯାଇ ଏହି ସମୟ-କ୍ରମରେ ସାମାନ୍ୟ ବ୍ୟତିକ୍ରମ ଘଟିଛି । ଅବଶିଷ୍ଟ ପତ୍ର ୮ମ ଖଣ୍ଡରେ ପ୍ରକାଶିତ ହେବ ।

ଗବେଷକ-ପାଠକମାନଙ୍କ ପାଇଁ—୮ମ ଖଣ୍ଡର ଶେଷରେ ପତ୍ରାବଳୀର ପୃଥକ୍ ଗୋଟିଏ ସୂଚୀପତ୍ର ଦିଆଯିବ । ଏହି ସଂସ୍କରଣର ବହୁ ପତ୍ର ଶ୍ରୀରାମକୃଷ୍ଣ ମଠ ଓ ମିଶନର ସପ୍ତମ ଅଧ୍ୟକ୍ଷ ପୂଜ୍ୟପାଦ ଶ୍ରୀମତ୍ ସ୍ୱାମୀ ଶଙ୍କରାନନ୍ଦଜୀ ମହାରାଜଙ୍କର ଉଦ୍ୟମରେ ବେଲୁଡ଼ ମଠରେ ସଯତ୍ନ-ରକ୍ଷିତ ମୂଳ ପାଣ୍ଡୁଲିପି ସହିତ ମିଳାଇ ନିଆଯାଇଛି ।

ଏହି ଖଣ୍ଡର ଶେଷାଂଶରେ ସ୍ୱାମୀଜୀଙ୍କର ଇଂରେଜୀ କବିତାଗୁଡ଼ିକର ଅନୁବାଦ ସନ୍ନିବେଶିତ କରାଯାଇଛି । କବିତାଗୁଡ଼ିକର ଅଧିକାଂଶ ଅତିଶୟ ଗୁରୁଗମ୍ଭୀର ଭାବର ବ୍ୟଞ୍ଜକ, କେତୋଟି ଉତ୍ସାହ-ଉଦ୍ଦୀପନା-ବ୍ୟଞ୍ଜକ; ଅନୁବାଦରେ ଏ ଜାତୀୟ କବିତାର ଭାବ ଓ ଛନ୍ଦ ରକ୍ଷା କରିବା ଅତ୍ୟନ୍ତ କଠିନ । ସୁତରାଂ ଏହି ଅନୁବାଦରେ ଭାବ ଓ ଛନ୍ଦର ସାମଞ୍ଜସ୍ୟ ରକ୍ଷା ନିମିତ୍ତ ଯଥାସାଧ୍ୟ ଚେଷ୍ଟା କରାଯାଇଛି । କେତୋଟି କବିତା ପତ୍ରର ଅଚ୍ଛେଦ୍ୟ ଅଂଶ ବୋଲି ପତ୍ରାବଳୀ ମଧ୍ୟରେ ପ୍ରକାଶିତ ହୋଇଛି । ଗୋଟିଏ କବିତା-ଦ୍ୱନ୍ଦ୍ୱର (An Interesting Correspondence) ଅନୁବାଦ ଏହି ଖଣ୍ଡରେ ଦେବା ସମ୍ଭବପର ହେଲା ନାହିଁ ।

ତଥ୍ୟପଞ୍ଜୀରେ କେତେକ ପ୍ରଧାନ କବିତାର ରଚନାର ସ୍ଥାନ, କାଳ ଓ ପରିବେଶ ନିର୍ଣ୍ଣୟ କରାଯାଇଛି । ପତ୍ରାବଳୀର ସଂକ୍ଷିପ୍ତ ତଥ୍ୟପଞ୍ଜୀ ପରବର୍ତ୍ତୀ ଖଣ୍ଡରେ ଦିଆଯିବ । ପତ୍ରାବଳୀରେ ଉଲ୍ଲିଖିତ ବ୍ୟକ୍ତିମାନଙ୍କର ପରିଚୟ ୬ଷ୍ଠ ଖଣ୍ଡରେ ଦିଆଯାଇଛି ।

ଏହି ଖଣ୍ଡର ବିଭିନ୍ନ ଅଂଶର ସଂପାଦନା କରିଛନ୍ତି—ଡକ୍ଟର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ), ଶ୍ରୀ ସାତକଡ଼ି ହୋତା, ଶ୍ରୀ ନିହାର ରଞ୍ଜନ ପାଣିଗ୍ରାହୀ, ସ୍ୱାମୀ ବୈରାଗ୍ୟାନନ୍ଦ, ଶ୍ରୀ କଟଶାସ୍ତ୍ରୀ ମୋହନ ପଟ୍ଟନାୟକ ଏବଂ ଶ୍ରୀ ରବି ପଟ୍ଟନାୟକ । ଅଧ୍ୟାପକ ଶ୍ରୀ ତତ୍ତ୍ୱକନ୍ଦର ମିଶ୍ର ଅଶେଷ କଷ୍ଟ ସ୍ୱୀକାର କରି ଅନ୍ୟାନ୍ୟ ଖଣ୍ଡଭଳି ଏହି ଖଣ୍ଡର ସମ୍ପାଦନା ଓ ଭାଷା-ସଂଶୋଧନ ସଙ୍ଗେ ସଙ୍ଗେ ମୁଦ୍ରଣ ସମ୍ବନ୍ଧୀୟ ଯାବତୀୟ ଦାୟିତ୍ୱ ନିଃସ୍ୱାର୍ଥପର ଭାବରେ ତୁଲାଇଛନ୍ତି । ଏମାନଙ୍କୁ ଆମେ ଆନ୍ତରିକ ଧନ୍ୟବାଦ ଜଣାଉଛୁ ।

ଏହି ଖଣ୍ଡର ପ୍ରକାଶନ କେନ୍ଦ୍ର ସରକାରଙ୍କର ଆର୍ଥିକ ସହାୟତା ଯୋଗୁ ସମ୍ଭବପର ହୋଇଛି; ସେଥିପାଇଁ ଆମେ କେନ୍ଦ୍ର ସରକାରଙ୍କଠାରେ ଗଭୀର ଭାବରେ କୃତଜ୍ଞ ।

ଓଡ଼ିଶା ସରକାର ଏହି ରଚନାବଳୀର ଏପର୍ଯ୍ୟନ୍ତ ପ୍ରକାଶିତ ସମସ୍ତ ଖଣ୍ଡରୁ କିଛି ସଂଖ୍ୟକ ପୁସ୍ତକ ଓଡ଼ିଶାର ବିଭିନ୍ନ ପାଠାଗାରମାନଙ୍କ ପାଇଁ କ୍ରୟ କରି ଏହାର ପ୍ରକାଶନ ପାଇଁ ଯେଉଁ ଆର୍ଥିକ ଓ ନୈତିକ ପ୍ରୋତ୍ସାହନ ଦେଇଛନ୍ତି, ସେଥିପାଇଁ ଆମେ ତାଙ୍କ ନିକଟରେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛୁ ।

'ସ୍ୱାମୀଜୀଙ୍କର ବାଣୀ ଓ ରଚନା' ଓଡ଼ିଶାର ଘରେ ଘରେ ଆଦୃତ ହେଉ, ଏହା ହିଁ ଆମମାନଙ୍କର ପ୍ରାର୍ଥନା ।

ଭୁବନେଶ୍ୱର
୨୪ ମାର୍ଚ୍ଚ ୧୯୯୦

ସ୍ୱାମୀ ଶିବେଶ୍ୱରାନନ୍ଦ

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ପତ୍ରାବଳୀ (ପୂର୍ବାନୁବୃତ୍ତି) | ୧—୩୮୪ |
| [ପତ୍ର-ସଂଖ୍ୟା ୧୨୦ରୁ ୩୯୧; ୨୧ ସେପ୍ଟେମ୍ବର ୧୮୯୪ରୁ ୩୦ ସେପ୍ଟେମ୍ବର, ୧୮୯୭ ପର୍ଯ୍ୟନ୍ତ ଏବଂ ୩୮୯, ୩୯୦, ୩୯୧ କ୍ରମିକ ପତ୍ର ତିନୋଟି ୧୮୯୮ ମସିହା ଫେବ୍ରୁଆରି ଓ ମାର୍ଚ୍ଚ ମାସର] | |
| କବିତା (ଅନୁବାଦ) | ୩୮୫—୪୧୬ |
| ସନ୍ନ୍ୟାସୀର ଗୀତ | ୩୮୭ |
| ପ୍ରବୁଦ୍ଧ ଭାରତ ପ୍ରତି | ୩୯୨ |
| ମାତୃରୂପା ମହାକାଳୀ | ୩୯୪ |
| ଖେଳ ମୋର ହେଲା ଶେଷ | ୩୯୫ |
| ଦୋଷ କାହାରି ନୁହେଁ | ୩୯୮ |
| ଧୈର୍ଯ୍ୟ ଧର କିଛି କାଳ ହେ ବୀରହୃଦୟ | ୪୦୦ |
| ଅଜଣା ଦେବତା | ୪୦୧ |
| ହେ ସ୍ୱପନ | ୪୦୪ |
| ଅକାଳରେ ଫୁଟିଥିବା ଫୁଲଟିଏ ପ୍ରତି | ୪୦୫ |
| କେ ଜାଣେ ମାଆର ଖେଳ | ୪୦୬ |
| ପିଆଲା | ୪୦୭ |
| ଜାଗ୍ରତ ଦେବତା | ୪୦୭ |
| ଆଲୋକ | ୪୦୮ |
| ଶାନ୍ତିରେ ବିଶ୍ରାମ ହେଉ ତାର | ୪୦୯ |
| ଆଶୀର୍ବାଦ | ୪୦୯ |
| ମୁକ୍ତି | ୪୧୦ |
| ଶାନ୍ତି | ୪୧୧ |
| ଜୀବନ୍ମୁକ୍ତର ଗୀତ | ୪୧୨ |

ମୋ ନିଜ ଆତ୍ମାକୁ ୪୧୪

ଆମନ୍ତ୍ରଣ ୪୧୫

ତଥ୍ୟପଞ୍ଜୀ ୪୧୭

ନିର୍ଦ୍ଦେଶିକା ୪୨୧

# ପତ୍ରାବଳୀ

[ ପୂର୍ବାନୁବୃତ୍ତି ]

# ପତ୍ରାବଳୀ

(ପୂର୍ବାନୁବୃତ୍ତି)

# ପତ୍ରାବଳୀ

୧୬୦ଇଂ  ଯୁକ୍ତରାଷ୍ଟ୍ର ଆମେରିକା, ୨୧ ସେପ୍ଟେମ୍ବର ୧୮୯୪
ପ୍ରିୟ ଆଲସିଙ୍ଗା,

...ମୁଁ କ୍ରମାଗତ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଘୂରି ବୁଲୁଛି, ସର୍ବଦା କାର୍ଯ୍ୟ କରୁଛି, ବକ୍ତୃତା ଦେଉଛି, କ୍ଲାସ କରୁଛି, ଏବଂ ନାନା ପ୍ରକାରରେ ଲୋକମାନଙ୍କୁ ବେଦାନ୍ତ ଶିକ୍ଷା ଦେଉଛି ।

ମୁଁ ବହି ଲେଖାଲେଖି କରିବାକୁ ଯାହା ସଂକଳ୍ପ କରିଥିଲି, ଏପର୍ଯ୍ୟନ୍ତ ତା'ର ଗୋଟିଏ ଧାଡ଼ି ମଧ୍ୟ ଲେଖିପାରି ନାହିଁ । ସମ୍ଭବତଃ ପରେ ଏ କାର୍ଯ୍ୟ ହାତକୁ ନେଇପାରିବି । ଏଠାରେ ଉଦାରମତାବଲମ୍ବୀମାନଙ୍କ ମଧ୍ୟରେ ମୁଁ କେତେକ ପରମ ବନ୍ଧୁ ପାଇଛି, ରକ୍ଷଣଶୀଳ ଖ୍ରୀଷ୍ଟିଆନ ବନ୍ଧୁ ମଧ୍ୟ କେତେଜଣ ପାଇଛି । ଆଶା କରେ ଶୀଘ୍ର ଭାରତ ଫେରିବି । ଏ ଦେଶ ଯଥେଷ୍ଟ ଘାଣ୍ଟିଲି, ବିଶେଷତଃ ଅତ୍ୟଧିକ କାର୍ଯ୍ୟ ଯୋଗୁଁ ମୁଁ ଦୁର୍ବଳ ହୋଇପଡ଼ୁଛି । ସାଧାରଣ ସମକ୍ଷରେ ବହୁତ ବକ୍ତୃତା ଦେବା ଯୋଗୁଁ ଓ ଗୋଟିଏ ସ୍ଥାନରେ ସ୍ଥିର ନ ରହି ଚଞ୍ଚଳ ଭାବରେ ସର୍ବଦା ଏଣେତେଣେ ବୁଲିବାଦ୍ୱାରା ହିଁ ଦୁର୍ବଳତା ଆସିଛି । ସୁତରାଂ ଶୀଘ୍ର ଫେରି ଯାଉଛି ଜାଣିବ । ମୁଁ କେତେକ ଲୋକଙ୍କର ଅତି ପ୍ରିୟ ହୋଇ ପଡ଼ିଛି ଏବଂ ସେମାନଙ୍କର ସଂଖ୍ୟା କ୍ରମେ ବଢ଼ୁଛି; ମୁଁ ଏଠାରେ ସର୍ବଦା ରହିବାକୁ ସେମାନେ ଅବଶ୍ୟ ଇଚ୍ଛା କରିବେ; କିନ୍ତୁ ମୋର ମନ ହେଉଛି—ଖବରକାଗଜରେ ନାମ ପ୍ରକାଶିତ ହୋଇ ଏବଂ ସର୍ବସାଧାରଣରେ କାର୍ଯ୍ୟ କରିବା ଯୋଗୁଁ ଲୋକମାନ୍ୟ ତ ଯଥେଷ୍ଟ ହେଲି ।—ଆଉ କାହିଁକି ? ମୋର ସେସବୁରେ ଆଦୌ ଇଚ୍ଛା ନାହିଁ ।

କୌଣସି ଦେଶର ଅଧିକାଂଶ ଲୋକ କେବେହେଲେ କେବଳ ସହାନୁଭୂତିପରବଶ ହୋଇ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିର ଉପକାର କରନ୍ତି ନାହିଁ । ଖ୍ରୀଷ୍ଟିଆନ ଦେଶରେ କେତେକ ଲୋକ ସତ୍କାର୍ଯ୍ୟରେ ଯେଉଁ ଅର୍ଥବ୍ୟୟ କରନ୍ତି, ଅନେକ ସମୟରେ ସେଥିରେ କୌଣସି ଉଦ୍ଦେଶ୍ୟ ଥାଏ କିମ୍ବା ନରକ-ଭୟରେ ସେଭଳି କରିଥାଆନ୍ତି । ଆମମାନଙ୍କ ଦେଶରେ ଯେପରି କହନ୍ତି, 'ଗୋରୁ ମାରି ଯୋତା ଦାନ ଦେବା'—ଏଠାରେ ସେହିପରି ଦାନ ହିଁ ବେଶୀ । ସବୁ ସ୍ଥାନରେ ସେଇଆ । ପୁନଶ୍ଚ ଆମ ଜାତି ତୁଳନାରେ ପାଶ୍ଚାତ୍ୟ ଦେଶବାସୀମାନେ ଅଧିକ କୃପଣ । ମୁଁ ଅନ୍ତରର ସହିତ ବିଶ୍ୱାସ କରୁଛି ଯେ, ଏସିଆବାସୀମାନେ ଜଗତର ଅନ୍ୟ ସମସ୍ତ ଜାତିର ଲୋକଙ୍କ ଅପେକ୍ଷା ବେଶୀ ଦାନଶୀଳ ଜାତି, କିନ୍ତୁ ସେମାନେ ଯେ ଅତି ଗରିବ ।

ମୁଁ କେତେକ ମାସ ନିଉୟର୍କରେ ବାସ କରିବାକୁ ଯାଉଛି । ଏହି ସହରଟି ସମଗ୍ର ଯୁକ୍ତରାଜ୍ୟର ଶିର, ହାତ ଓ ଧନଭଣ୍ଡାରସ୍ୱରୂପ । ଅବଶ୍ୟ ବୋଷ୍ଟନକୁ 'ବ୍ରାହ୍ମଣର ସହର' (ବିଦ୍ୟାଚର୍ଚ୍ଚା-ବହୁଳ ସ୍ଥାନ) କହନ୍ତି । ଆମେରିକାରେ ହଜାର ହଜାର ଲୋକ ଅଛନ୍ତି,

ସେଇଁମାନଙ୍କର ମୋପ୍ରତି ଭଲ ସହାନୁଭୂତି ରହିଛି ।... ନିଉୟର୍କ ଲୋକମାନଙ୍କର ମନ ଖୁବ୍ ଖୋଲା । ସେଠାରେ ମୋର କେତେକ ବିଶିଷ୍ଟ ଗଣ୍ୟମାନ୍ୟ ବନ୍ଧୁ ଅଛନ୍ତି । ଦେଖା ଯାଉ, ମୁଁ ସେଠାରେ କଅଣ କରିପାରୁଛି । ସତ୍ୟ କହିବାକୁ ଗଲେ, ଏ ବକ୍ତୃତା-ବ୍ୟବସାୟରେ ମୁଁ ଢନୁଢନ ବିରକ୍ତ ହୋଇପଡ଼ିଲଣି । ପାଶ୍ଚାତ୍ୟ ଦେଶବାସୀଙ୍କ ପକ୍ଷରେ ଧର୍ମର ଉଚ୍ଚ ଆଦର୍ଶ ବୁଝିବାକୁ ଆହୁରି ବହୁତଦିନ ଲାଗିବ । ଟଙ୍କା ହିଁ ସେମାନଙ୍କର ସର୍ବସ୍ୱ । ଯଦି କେଉଁ ଧର୍ମଦ୍ୱାରା ଟଙ୍କା ମିଳେ, ରୋଗ ଭଲ ହୋଇଯାଏ, ରୂପ ଲାଭ ହୁଏ, ଦୀର୍ଘାୟୁ ହେବା ଆଶା ମିଳେ, ସମସ୍ତେ ସେହି ଧର୍ମ ଆଡ଼କୁ ଢଳି ପଡ଼ିବେ, ନତୁବା ନୁହେଁ ।... ବାଲାଜୀ, ଜି.ଜି. ଏବଂ ଆମର ଅନ୍ୟ ସମସ୍ତ ବନ୍ଧୁମାନଙ୍କୁ ମୋର ଆନ୍ତରିକ ସ୍ନେହ ଜଣାଇବ ।

ତୁମମାନଙ୍କ ଦୃଢ଼ ଚିରପ୍ରେମସମ୍ପନ୍ନ, ବିବେକାନନ୍ଦ

୧୨୧ଇଂ ଯୁକ୍ତରାଷ୍ଟ୍ର ଆମେରିକା, ୨୧ ସେପ୍ଟେମ୍ବର ୧୮୯୪

ପ୍ରିୟ କିଡି,

ତୁମର ଏତେ ଶୀଘ୍ର ସଂସାର-ତ୍ୟାଗ କରିବାର ସଂକଳ୍ପ ଶୁଣି ମୁଁ ଅତିଶୟ ଦୁଃଖିତ ହେଲି । ଫଳ ପାଚିଲେ ସ୍ୱତଃ ଗଛରୁ ଖସିପଡ଼େ । ଅତଏବ ସମୟର ଅପେକ୍ଷା କର । ତରତର ହୁଅ ନାହିଁ । ବିଶେଷତଃ ନିଜେ କୌଣସି ନିର୍ବୋଧତାର କାର୍ଯ୍ୟ କରି ତଦ୍ୱାରା ଅନ୍ୟକୁ କଷ୍ଟ ଦେବାର ଅଧିକାର କାହାର ନାହିଁ । ଅପେକ୍ଷା କର, ଧୈର୍ଯ୍ୟ ଧର, ଯଥାସମୟରେ ସବୁ ଠିକ୍ ହୋଇଯିବ ।

ବାଲାଜୀ, ଜି. ଜି. ଓ ଆମର ଅନ୍ୟ ସମସ୍ତ ବନ୍ଧୁମାନଙ୍କୁ ମୋର ବିଶେଷ ସ୍ନେହ ଜଣାଇବ । ତୁମେ ମଧ୍ୟ ଅନନ୍ତକାଳ ପାଇଁ ମୋର ସ୍ନେହ ଜାଣିବ ।

ଆଶୀର୍ବାଦକ, ବିବେକାନନ୍ଦ

୧୨୨ଇଂ (ମଠର ସମସ୍ତଙ୍କ ଉଦ୍ଦେଶ୍ୟରେ ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

ନ୍ୟୁୟର୍କ, ୨୫ ସେପ୍ଟେମ୍ବର ୧୮୯୪

କଲ୍ୟାଣବରେଷୁ,

ତୁମମାନଙ୍କର କେତୋଟି ପତ୍ର ପାଇଲି । ଶଶୀ ପ୍ରଭୃତି ଯେ ଧୂମ୍ ଲଗାଇଛନ୍ତି, ଏଥିରେ ମୁଁ ଖୁବ୍ ଖୁସି । ଧୂମ୍ ଲଗାଇବାକୁ ପଡ଼ିବ, ସେଥିରୁ କମ୍ ହେଲେ ଚଳିବ ନାହିଁ । ଦୁନିଆସାରା ଧୂମ୍ ଲେଖି ମାଡିଯିବ, 'ଓ୍ୱା ଗୁରୁକୀ ଫତେ !' ଆରେ ଭାଇ, 'ଶ୍ରେୟାଂସି ବହୁ ବିଘ୍ନାନି' (ଭଲକାମରେ ବହୁତ ବିଘ୍ନ ଘଟେ), ଏହି ବିଘ୍ନର ଜୋରରେ ବଡ଼ ଲୋକ ତିଆରି ହୋଇଯାଆନ୍ତି । 'ଖୁଡୁ' କିଏ ବର୍ତ୍ତମାନ ବୁଝିପାରିଛି; ତାକୁ ମୁଁ ଛୋଟବେଳେ ଦେଖି ଆସିଥିଲି ତ; ସେଥିପାଇଁ ଠିକ୍ ଠଉରାଇପାରୁ ନ ଥିଲି । ତାକୁ ମୋର ବହୁତ ଆଶୀର୍ବାଦ । ଶୁଣ ମୋହନ, ମିଶନାରୀ-ଫିଶନାରୀଙ୍କ କର୍ମ କ'ଣ ଏ ଧକ୍କା ସମ୍ଭାଳିପାରିବ ? ବର୍ତ୍ତମାନ ମିଶନାରୀଙ୍କ ଘରେ ବାଘ ପଶିଛି । ଏଠାର ଦିଗ୍‌ଗଜ ଦିଗ୍‌ଗଜ ପାଦ୍ରୀମାନେ ଢେର ଚେଷ୍ଟା ଚଳାଇଲେ—ହେଲେ ଏ ଗିରିଗୋବର୍ଦ୍ଧନକୁ ଟଳାଇବା ଲଗି ଯୁ କାହିଁ ? ମୋଗଲ, ପଠାଣ

ଛୁଟିଗଲେ, ଏବେ କଅଣ ତନ୍ତ୍ରୀ ଶେଷରେ ପାର୍ଶୀ ପଢ଼ିବ ? ସେସବୁ ଭୁଲିବ ନାହିଁ ସିଇ, କିଛି ଚିନ୍ତା କର ନାହିଁ । ସବୁ କାମରେ ଦଳେ 'ବାହାବା' ଦେବେ ଆଉ ଦଳେ ଶତ୍ରୁତା କରିବେ । ନିଜ କାମ କରି ଯାଅ - କାହା କଥାରେ ଜବାବ୍ ଦେବା ଦରକାର କଅଣ ? 'ସତ୍ୟମେବ ଜୟତେ ନାନୃତଂ, ସତ୍ୟେନୈବ ପନ୍ଥା ବିତତୋ ଦେବଯାନଃ ।' (ସତ୍ୟର ହିଁ ଜୟଲାଭ ହୁଏ, ମିଥ୍ୟାର କେତେବେଳେ ଜୟ ହୁଏ ନାହିଁ; ସତ୍ୟବଳରେ ହିଁ ଦେବଯାନ-ମାର୍ଗରେ ଗତି ହୋଇଥାଏ ।) ଗୁରୁପ୍ରସନ୍ନବାବୁଙ୍କ ନିକଟକୁ ଖଣ୍ଡିଏ ଚିଠି ଲେଖୁଛୁ । ଟଙ୍କା ପାଇଁ ଚିନ୍ତା ନାହିଁ, ମୋହନ ! ସବୁ ହୋଇଯିବ ଧୀରେ ଧୀରେ ।

ଏ ଦେଶରେ ଗରମ ଦିନରେ ସମସ୍ତେ ସମୁଦ୍ରକୂଳକୁ ଯାଆନ୍ତି—ମୁଁ ମଧ୍ୟ ଯାଇଥିଲି, ଅବଶ୍ୟ ପର କାନ୍ଧରେ । ଏମାନଙ୍କର ନୌକା, ଜାହାଜ ଚଲାଇବାରେ ଖୁବ୍ ନିଶା ରହିଛି । ଇୟାଟ୍ ନାମରେ ଛୋଟ ଛୋଟ ଜାହାଜ । ପିଲା, ବଡ଼—ଯାହାର ପଇସା ଅଛି, ତାହାର ଗୋଟାଏ ଲେଖାଏଁ ଏଥିରୁ ଅଛି । ସେଥିରେ ପାଲ ଟାଣି ଦରିଆକୁ ଯାଆନ୍ତି ଓ ଘରକୁ ଫେରନ୍ତି; ଖିଆପିଆ—ନାଚକୁଦ—ଗାଉଣାବାଜଣା ତ ଦିବାରାତ୍ର । ପିଆନୋ ଦାଉରେ ଘରେ ରହିବା ମୁସ୍କିଲ୍ ।

ଯେଉଁ ଜି. ଡବ୍ଲ୍ୟୁ. ହେଲ୍ଙ୍କ ଠିକଣାରେ ଚିଠି ଦେଉଛି, ତାଙ୍କର କଥା କିଛି ଲେଖୁଛି । ହେଲ୍ ଓ ତାଙ୍କ ସ୍ତ୍ରୀ, ବୁଢ଼ା ବୁଢ଼ୀ; ତାଙ୍କର ଦୁଇ ଝିଅ, ଦୁଇ ଝିଆରି, ଗୋଟିଏ ପୁଅ । ପୁଅ ରୋଜଗାର କରିବା ପାଇଁ ଅନ୍ୟ ଜାଗାରେ ରହେ । ଝିଅମାନେ ଘରେ ଥାଆନ୍ତି । ଏ ଦେଶରେ ଝିଅଙ୍କ ସମ୍ବନ୍ଧରେ ସମ୍ବନ୍ଧ । ପୁଅ ବିବାହ କରି ପର ହୋଇଯାଏ—ଝିଅର ସ୍ୱାମୀ ଘନ ଘନ ସ୍ତ୍ରୀର ବାପଘରକୁ ଯାଏ । ଏମାନେ କହନ୍ତି—

Son is son till he gets a wife,
The daughter is daughter all her life.*

ଚାରିଜଣଯାକ ଯୁବତୀ—ବାହା ହୋଇ ନାହାନ୍ତି । ବାହାଘରଟା ଏ ଦେଶରେ ଗୋଟିଏ ବଡ଼ ସମସ୍ୟା । ପ୍ରଥମତଃ ମନମୁତାବକ ବର ଦରକାର । ଦ୍ୱିତୀୟତଃ ପଇସା ଦରକାର । ଏଠି ଟୋକାଏ ରସିକତା କରିବା ପାଇଁ ବେଶ୍ ପାରଙ୍ଗମ, କିନ୍ତୁ ଧରିଦେଲା ବେଳେ ହାତରୁ ପାର । ଝିଅମାନେ ନାଚକୁଦ ଗୋଟାଏ ଗୋଟାଏ ସ୍ୱାମୀ ଯୋଗାଡ଼ କରନ୍ତି; କିନ୍ତୁ ଟୋକାଏ ଫାନ୍ଦରେ ଗୋଡ଼ ଦେବାକୁ ନିତାନ୍ତ ନାରାଜ । ଏମିତି ହେଉ ହେଉ ଗୋଟାଏ 'ଲଭ୍' (ଭଲ ପାଇବା) ଆସିଥାଏ—ସେତେବେଳେ ବିବାହ ହୁଏ । ଏହି ହେଲା ସାଧାରଣ କଥା—ତେବେ ହେଲ୍ଙ୍କ କନ୍ୟାମାନେ ରୂପସୀ, ବଡ଼ ଲୋକର ଝିଅ, ୟୁନିଭର୍ସିଟି-ଗାର୍ଲ (ବିଶ୍ୱବିଦ୍ୟାଳୟର ଛାତ୍ରୀ), ନାଚିବା, ଗାଇବା, ପିଆନୋ ବଜାଇବାରେ ଅଦ୍ୱିତୀୟା—କେତେ ଟୋକା ହେରଫେର ହୁଅନ୍ତି—ହେଲେ ଏମାନଙ୍କ ପସନ୍ଦକୁ ଆସନ୍ତି

* ପୁତ୍ରର ଯେତେଦିନ ବିବାହ ନ ହୁଏ, ସେତେଦିନ ହିଁ ସେ ପୁତ୍ର; କିନ୍ତୁ କନ୍ୟା ଚିରଦିନ ହିଁ କନ୍ୟା ହୋଇ ରହେ ।

ନାହିଁ—ଏମାନେ ବୋଧହୁଏ ବାହାହେବେ ନାହିଁ—ଏହା ଉପରେ ପୁଣି ମୋ ହସ୍ତବରେ ଆସି ଘୋର ବୈରାଗ୍ୟ ଉପସ୍ଥିତ । ଏମାନେ ବର୍ତ୍ତମାନ ବ୍ରହ୍ମଚର୍ଯ୍ୟାରେ ବ୍ୟସ୍ତ ।

ଝିଅଙ୍କ ନାମ ମେରି ଓ ହ୍ୟାରିଏଟ୍, ଆଉ ଝିଆରୀଙ୍କ ନାମ ହ୍ୟାରିଏଟ୍ ଓ ଇସାବେଲ୍ । ଝିଅ ଦୁହିଁଙ୍କର କେଶ ସୁନେଲି, ଅର୍ଥାତ୍ 'ବ୍ଲଣ୍ଡ୍' ଏବଂ ଝିଆରୀଙ୍କ କେଶ Brunette, ଅର୍ଥାତ୍ କୃଷ୍ଣକେଶ । ଯୋତା ସିଲେଇଠାରୁ ଆରମ୍ଭ କରି ଚଣ୍ଡୀପାଠ ପର୍ଯ୍ୟନ୍ତ, ଏମାନେ ସବୁ ଜାଣନ୍ତି । ଝିଆରୀମାନଙ୍କର ସେତେ ପଇସା ନାହିଁ—ସେମାନେ ଗୋଟିଏ Kindergarten school (କିଣ୍ଡରଗାର୍ଟେନ୍ ସ୍କୁଲ) କରିଛନ୍ତି—ଝିଅ ଦୁହେଁ କିଛି ରୋଜଗାର କରନ୍ତି ନାହିଁ । ଏ ଦେଶର ଅନେକ ଝିଅ ରୋଜଗାର କରନ୍ତି, କେହି କାହା ଉପରେ ନିର୍ଭର କରନ୍ତି ନାହିଁ । କୋଟିପତିର ପୁଅ ମଧ୍ୟ ରୋଜଗାର କରେ; ତେବେ ଯାଇ ବିବାହ କରି ଅଲଗା ଘରଭଡ଼ା ନେଇ ରହେ । ଝିଅମାନେ ମୋତେ 'ଭାଇ' ବୋଲି ଡାକନ୍ତି । ମୁଁ ତାଙ୍କ ମା'ଙ୍କୁ 'ମା' ଡାକେ । ମୋର ଜିନିଷପତ୍ର ସବୁ ତାଙ୍କର ଘରେ—ମୁଁ ଯୁଆଡ଼େ ଯାଏ ନା କାହିଁକି । ସେମାନେ ସବୁ ଯୋଗାଡ଼ କରିଦିଅନ୍ତି । ଏ ଦେଶର ପୁଅମାନେ ପିଲାଟିଦିନୁଁ ରୋଜଗାର କରିବାକୁ ଯାଆନ୍ତି, ଆଉ ଝିଅମାନେ ୟୁନିଭର୍ସିଟିରେ ଲେଖାପଢ଼ା ଶିଖନ୍ତି—ତେଣୁ କୌଣସି ସଭାସମିତିରେ ଦେଖିବ ଯେ 90 percent (ଶତକଡ଼ା ୯୦ ଜଣ) ଝିଅ । ପୁଅମାନେ ତ ତାଙ୍କର ପାସଙ୍ଗରେ ବି ପଡ଼ନ୍ତି ନାହିଁ ।

ଏ ଦେଶରେ ଭୂତ-ପ୍ରେମୀ ବହୁତ । ଯେ ଭୂତ ଡାକି ଆଣେ, ସେ ହେଉଛି ମିଡ଼ିୟମ୍ । ମିଡ଼ିୟମ୍ ଗୋଟିଏ ପରଦା ଆଢ଼ୁଆଳକୁ ଯାଏ ଏବଂ ପରଦା ଭିତରୁ ଭୂତ ଦେଖା ଦେବାକୁ ଆରମ୍ଭ କରେ—ବଡ଼, ଛୋଟ ବହୁ ରଙ୍ଗର । ମୁଁ ଗୋଟାକେତେ ଦେଖିଲି ସତ, ହେଲେ ସବୁ ଠକାମି ପରି ମନେ ହେଲା । ଆଉ କେତୋଟା ଦେଖିବା ପରେ ହିଁ ସ୍ଥିର ସିଦ୍ଧାନ୍ତ କରିବି । ଏହି ଭୂତବାଦୀ ଅନେକେ ମୋତେ ଖୁବ୍ ଶ୍ରଦ୍ଧାଭକ୍ତି କରନ୍ତି ।

ଆଉ ଦ୍ୱିତୀୟ ଦଳ, ଖ୍ରୀଷ୍ଟିଆନ୍ ସାଇନ୍ସ ଏମାନେ ହେଉଛନ୍ତି ଆଜିକାଲିର ବଡ଼ ଦଳ—ସବୁ ସ୍ଥାନରେ । ଭାରି ମାଡ଼ି ଚାଲିଛନ୍ତି—ମତାନ୍ଧମାନଙ୍କ ଛାତିରେ ଶୂଳ ବିନ୍ଧିଛନ୍ତି । ଏମାନେ ହେଉଛନ୍ତି ବେଦାନ୍ତୀ, ଅର୍ଥାତ୍ ଅଦ୍ୱୈତବାଦର କେତୋଟା ମତ ଯୋଗାଡ଼ କରି ତାକୁ 'ବାଇବେଲ୍' ଭିତରେ ପୂରାଇଛନ୍ତି ଏବଂ 'ସୋଽହଂ, ସୋଽହଂ' କହି ରୋଗ ଭଲ କରିଦିଅନ୍ତି - ମନୋବଳରେ । ଏମାନେ ସମସ୍ତେ ମୋତେ ବେଶ୍ ଖାତିର୍ କରନ୍ତି ।

ଆଜିକାଲି ଏ ଦେଶରେ ଖଚର ମତାନ୍ଧମାନଙ୍କର 'ତ୍ରାହି ତ୍ରାହି' ଡାକ । Devil-worship* ବର୍ତ୍ତମାନ ଆଉ ସେତେ ଚଳୁନାହିଁ । ଏ ଲୋକମାନେ ମୋତେ ଯମ ପରି ଦେଖନ୍ତି । କହୁଛନ୍ତି—'କୁଆଡ଼ୁ ଆସିଲା ଏ ଲୋକଟା, ରାଜ୍ୟର ଯାବତ୍ ପୁଅଝିଅ ସବୁ ଏହା ପଛେ ପଛେ ଗୋଡ଼ାଇଛନ୍ତି, ପୁରୁଣା ମତର ମୂଳ ଉଚ୍ଛେଦ ଯୋଗାଡ଼ରେ ଅଛି ।' ନିଆଁ

---

* ଭୂତୋପାସନା—ରକ୍ଷଣଶୀଳ ଖ୍ରୀଷ୍ଟିଆନ୍‌ମାନେ ହିନ୍ଦୁ ପ୍ରଭୃତି ଅନ୍ୟାନ୍ୟ ଧର୍ମାବଲମ୍ବୀଙ୍କୁ ଭୂତୋପାସକ ବୋଲି ଘୃଣା କରିଥାଆନ୍ତି ।

ଲାଗି ଯାଇଛୁ ବାବା ! ଗୁରୁଙ୍କ କୃପାରୁ ଯେଉଁ ଜହାଁ ଲାଗିଛୁ, ତାହା ଆଉ ଲଭିବାର ନୁହେଁ । ଯଥାସମୟରେ ଏହି ଉଷଣଶୀଳମାନଙ୍କର ଦମ୍ ନିକଳି ଯିବ । କେମିତି ବାଘ ଘରେ ପୂରାଇଛନ୍ତି, ବାପଧନମାନେ ତାହା ଟେର ପାଇଛନ୍ତି ।

ଥିଓସଫିଷ୍ଟମାନଙ୍କର ସେମିତି ବିଶେଷ ପ୍ରଭାବ ନାହିଁ । ତଥାପି ସେମାନେ ମଧ୍ୟ ଏହି ପ୍ରାଚୀନ-ପନ୍ଥୀଙ୍କ ପଛରେ ଖୁବ୍ ଲାଗିଛନ୍ତି ।

ଏହି ଖ୍ରୀଷ୍ଟିଆନ୍ ସାଇନ୍ସ ଠିକ୍ ଆମର କର୍ତ୍ତାଭଜାଙ୍କ ପରି । କହ 'ରୋଗ ନାହିଁ' —ବେଶ୍ ସବୁ ଭଲ ହୋଇଗଲା । ଆଉ କହ 'ସୋଽହଂ', ବେଶ୍ ଏଥର ଛୁଟି—ତା'ପରେ ଚୁଲି ଖାଅ । ଏମାନଙ୍କ ଦେଶ ବହୁତ materialist (ଜଡ଼ବାଦୀ) । ଏହି ଖ୍ରୀଷ୍ଟିଆନ୍ ଦେଶର ଲୋକେ—ରୋଗ ଭଲ କରି ଦିଅ, ଡନ୍ତ୍ର ମନ୍ତ୍ର କର, ପଇସାର ବାଟ ଫିଟିଲେ ଯାଇ ଧର୍ମ ମାନନ୍ତି—ନ ହେଲେ ଆଉ କିଛି ବିଶେଷ ବୁଝନ୍ତି ନାହିଁ । ତେବେ କେହି କେହି ଭଲ ଅଛନ୍ତି । ଯେତେସବୁ ଦୁଷ୍ଟ ବଦମାସ୍, ଜୁଆଚୋର, ଠକ ମିଶନାରୀମାନେ ତାଙ୍କର ବେକ ମୋଡ଼ନ୍ତି, ଆଉ ତାଙ୍କ ପାପମୋଚନ କରନ୍ତି ।··· ଏମାନେ ସମସ୍ତେ ମୋ ଭିତରେ ଏକ ନୂଆ ଧରଣର ମଣିଷ ଦେଖୁଛନ୍ତି । ମତାନ୍ଧମାନଙ୍କର ମଧ୍ୟ ଅକଲ ଗୁଡୁମ୍ ହୋଇ ଯାଇଛି, ଏବେ ସମସ୍ତେ ବେଶ୍ ଭକ୍ତି କରୁଛନ୍ତି । ବାବା, ବ୍ରହ୍ମଚର୍ଯ୍ୟଠାରୁ ବଳି ଆଉ ଅଧିକା ବଳ ଅଛି ?

ମୁଁ ବର୍ତ୍ତମାନ ମାନ୍ଦ୍ରାଜୀଙ୍କର Address (ଅଭିନନ୍ଦନ), ଯାହା ଏଠାରେ ସବୁ କାଗଜରେ ଛପା ହୋଇ ଧୂମ୍ରକ୍ଷେପ ସୃଷ୍ଟି କରିଥିଲା, ତାହାର ଜବାବ୍ ଲେଖିବାରେ ବ୍ୟସ୍ତ । ଯଦି ଶସ୍ତା ପଡ଼େ ତ, ଛପାଇ ପଠାଇବି; ଆଉ ଯଦି ମହର୍ଘ ହୁଏ ତ, type writing (ଟାଇପ୍) କରି ପଠାଇବି । ତୁମମାନଙ୍କ ନିକଟକୁ ଖଣ୍ଡେ କପି ପଠାଇବି । 'ଇଣ୍ଡିଆନ୍ ମିରର୍'ରେ ଛପାଇଦେବ ।

ଏ ଦେଶରେ ଅବିବାହିତା ଝିଅମାନେ ବେଶ୍ ଭଲ, ସେମାନଙ୍କଠାରେ ତେଜଭକ୍ତି ଅଛି । ଏମାନେ ହେଲେ ବିରୋଚନର ଜାତି । ଶରୀର ହେଲା ଏମାନଙ୍କର ଧର୍ମ—ସେଥିପାଇଁ ଏତେ ଘଷାମଜା, ତାହାକୁ ହିଁ ନେଇ ରହିଛନ୍ତି । ନଖ କାଟିବା ପାଇଁ ହଜାର ପ୍ରକାର ଯନ୍ତ୍ର, ବାଳ କାଟିବା ପାଇଁ ଦଶ ହଜାର, ଆଉ ଲୁଗାପଟା ଅତରସୁଗନ୍ଧର ଠିକ୍ ଠିକଣା କ'ଣ ?··· ଏମାନେ ଭଲ ଲୋକ, ଦୟାବାନ୍, ସତ୍ୟବାଦୀ । ସବୁ ଭଲ, କେବଳ ଏ ଯେଉଁ 'ଭୋଗ', ଏହା ହିଁ ଏମାନଙ୍କର ଭଗବାନ—ଟଙ୍କାର ନଦୀ, ରୂପର ତରଙ୍ଗ, ବିଦ୍ୟାର ଢେଉ, ଆଉ ବିଳାସର ବନ୍ୟା !

କାଙ୍କ୍ଷନ୍ତଃ କର୍ମଣାଂ ସିଦ୍ଧିଂ ଯଜନ୍ତ ଇହ ଦେବତାଃ ।
କ୍ଷିପ୍ରଂ ହି ମାନୁଷେ ଲୋକେ ସିଦ୍ଧିର୍ଭବତି କର୍ମଜା ।।—ଗୀତା

ଅଦ୍ଭୁତ ତେଜ ଆଉ ବଳର ବିକାଶ—କି ଜୋର୍, କି କାର୍ଯ୍ୟକୁଶଳତା, କି ଓଜସ୍ୱିତା । ହାତୀ ପରି ଘୋଡ଼ା—ବଖରେ ଘର ଆକାରର ଗାଡ଼ି ଟାଣି ନେଉଛି । ଏହିଠାରୁ ହିଁ ଆରମ୍ଭ—ସବୁ ଏହି ଧରଣର । ମହାଶକ୍ତିର ବିକାଶ—ଏମାନେ ବାମାଗୁପ୍ତ—ତାହାର ହିଁ

ସିଦ୍ଧ ଏଠାରେ—ଆଉ କ'ଣ ! ଗୁଡ଼—ଏଠାର ଝିଅଙ୍କୁ ଦେଖି ତ ମୋର ଅକଲ ଗୁଡ଼ୁମ୍, ବାବା ! ମୋତେ ଯେମିତି ପିଲାଟିଏ ମନେ କରି ଘୁରିଆଡ଼େ ନେଇଯାଆନ୍ତି । ଏମାନେ ସବୁ କାମ କରନ୍ତି —ମୁଁ ତ ସେଥିର କଡ଼ାଏ ଭାଗ ମଧ୍ୟ କରିପାରିବି ନାହିଁ । ଏମାନେ ରୂପରେ ଲକ୍ଷ୍ମୀ, ଗୁଣରେ ସରସ୍ୱତୀ; ମୁଁ ଯେପରି ଏମାନଙ୍କର ପୋଷ୍ୟପୁତ୍ର । ଏମାନେ ସାକ୍ଷାତ୍ ଜଗଦମ୍ବା, ବାବା ! ଏମାନଙ୍କୁ ପୂଜା କଲେ ସର୍ବସିଦ୍ଧି ମିଳେ । ଆରେ ରାମ ବୋଲ, ଆମେ କ'ଣ ମଣିଷ ଭିତରେ ? ଆମ ଦେଶରେ ଯଦି ଏପରି ୧୦୦୦ ଜଣ ମା ଜଗଦମ୍ବାଙ୍କୁ ଗଢ଼ି ଦେଇ ମରିପାରନ୍ତି, ତା'ହେଲେ ନିଶ୍ଚିନ୍ତ ହୋଇ ମରନ୍ତି । ତେବେ ଯାଇ ତୁମ ଦେଶର ଲୋକେ ମଣିଷଭିତରେ ଗଣ୍ୟ ହେବେ । ତୁମର ପୁରୁଷମାନେ ତ ଏ ଦେଶର ସ୍ତ୍ରୀମାନଙ୍କର ପାଖରେ ପଶିବାକୁ ଯୋଗ୍ୟ ନୁହଁନ୍ତି—ଆଉ ତୁମ ଦେଶର ଝିଅଙ୍କ କଥା ବା କ'ଣ ! ହରେ ହରେ, ଆରେ ବାବା, କି ମହାପାପୀ ! ଦଶ ବର୍ଷର ଝିଅ ପାଇଁ ବର ଯୋଗାଇ ଦିଅନ୍ତି ! ହେ ପ୍ରଭୁ, ହେ ପ୍ରଭୁ ! କିମଧିକମିତି—

ମୁଁ ଏମାନଙ୍କର ଏହି ଅଦ୍ଭୁତ ଝିଅଙ୍କୁ ଦେଖେଁ । ଏ କ'ଣ ମା ଜଗଦମ୍ବାଙ୍କ କୃପା ! ଏ କି ଝିଅରେ ବାବା ! ମରଦମାନଙ୍କୁ କୋଣକୁ ଠେଲି ଦେବାର ଯୋଗାଡ଼ କରୁଛନ୍ତି ! ମରଦଗୁଡ଼ାକ ହବେଇ ଡୁବେଇ ହେଉଛନ୍ତି । ମା, ତୋହରି କୃପା ! ଗୋଲପ-ମା ଯାହା କରିଛି, ସେଥିରେ ମୁଁ ଭାରି ଖୁସି । ଗୋଲପ-ମା ବା ଗୌର-ମା ସେମାନଙ୍କୁ ମନ୍ତ୍ର ଦେଉ ନାହାନ୍ତି କାହିଁକି ? ସ୍ତ୍ରୀ-ପୁରୁଷଭେଦର ମୂଳ ମାରିଲେ ଯାଇ ନିଶ୍ଚିନ୍ତ ହେବ । ଆତ୍ମାରେ କ'ଣ ଲିଙ୍ଗଭେଦ ଅଛି ? ଦୂର କର ସ୍ତ୍ରୀ-ପୁରୁଷଭେଦ, ସବୁ ଆତ୍ମା । ଶରୀରାଭିମାନ ଛାଡ଼ି ଉଠ । କହ 'ଅସ୍ତି', ନାସ୍ତି ନାସ୍ତି କରି ଦେଶଟା ଗଲା । ସୋଽହମ୍ ସୋଽହମ୍ ଶିବୋଽହମ୍ । କି ଉତ୍ପାତ ! ପ୍ରତ୍ୟେକ ଆତ୍ମାରେ ଅନନ୍ତ ଶକ୍ତି ଅଛି; ଆଉ ହତଭାଗାମାନେ, ନାହିଁ ନାହିଁ କହି ବିଲେଇ କୁକୁର ହୋଇଯିବ ନା କ'ଣ ? କ'ଣ ନାହିଁ ? କାହାର ନାହିଁ ? ଶିବୋଽହମ୍ ଶିବୋଽହମ୍ । ନାହିଁ ନାହିଁ ଶୁଣିଲେ ମୋ ମୁଣ୍ଡରେ ଯେପରି ବଜ୍ର ପଡ଼େ । ରାମ୍ ରାମ୍, ଗୋରୁ ଭଡ଼ା ଭଡ଼ା ଜନ୍ମ ଗଲା ! ଏହି ଯେଉଁ ଚୂଚୁନ୍ଦ୍ରାପଣିଆ, ଦୀନହୀନ ଭାବ—ଏ ହେଲା ରୋଗ । ଏ କି ପ୍ରକାର ଦୀନତା ? ଏହା ଗୁପ୍ତ ଅହଂକାର ! ନ ଲିଙ୍ଗଂ ଧର୍ମକାରଣଂ, ସମତା ସର୍ବଭୂତେଷୁ, ଏତନ୍ମୁକ୍ତସ୍ୟ ଲକ୍ଷଣମ୍ । ଅସ୍ତି, ଅସ୍ତି, ଅସ୍ତି ସୋଽହମ୍ ସୋଽହମ୍, ଚିଦାନନ୍ଦରୂପଃ ଶିବୋଽହମ୍ ଶିବୋଽହମ୍ । 'ନିର୍ଗଚ୍ଛତି ଜଗଜ୍ଜାଲାତ୍ ପିଞ୍ଜରାଦିବ କେଶରୀ ।'[୧] ଚୂଚୁନ୍ଦ୍ରା ପରି ହେଲେ ଚିରକାଳ ପଡ଼ି ରହିବାକୁ ହେବ । 'ନାୟମାତ୍ମା ବଲହୀନେନ ଲଭ୍ୟଃ ।'[୨] ଶଶୀ, ତୁ କିଛି ମନେ କରିବୁ ନାହିଁ—ମୁଁ ବେଳେବେଳେ ନର୍ଭସ୍ (ଦୁର୍ବଳ) ହୋଇପଡ଼େ, ଦି କଥା କହିଦିଏ । ମୋତେ

---

[୧] ବାହ୍ୟ ଚିହ୍ନ ଧର୍ମର କାରଣ ନୁହେଁ, ସର୍ବଭୂତରେ ସମଭାବ—ଏହା ହିଁ ମୁକ୍ତ ପୁରୁଷର ଲକ୍ଷଣ । [କହ] ଅସ୍ତି ଅସ୍ତି (ସେ ଅଛନ୍ତି, ସେ ଅଛନ୍ତି) । ମୁଁ ସେହି, ମୁଁ ସେହି, ମୁଁ ଚିଦାନନ୍ଦସ୍ୱରୂପ ଶିବ । ସିଂହ ଯେପରି ପିଞ୍ଜରାରୁ ବହିର୍ଗତ ହୁଏ, ସେହିପରି ସେ ଜଗଜ୍ଜାଲରୁ ବହିର୍ଗତ ହୁଅନ୍ତି ।

[୨] ବଳହୀନ ବ୍ୟକ୍ତି ଏ ଆତ୍ମାକୁ ଲାଭ କରିପାରେ ନାହିଁ ।

ଜାଣିଛୁ ତ ? ତୁ ଯେ ରକ୍ଷଣଶୀଳଭାବରେ ନାହୁଁ, ଏଥିପାଇଁ ମୁଁ ଖୁସି ଖୁସି । Avalanche[୧] ପରି ଦୁନିଆଁ ଉପରେ ପଡ଼ିଯାଅ—ଦୁନିଆଁ ଚଡ଼ ଚଡ଼ ହୋଇ ଫାଟିଯାଉ, ହର ହର ମହାଦେବ । 'ଉଦ୍ଧରେଦାତ୍ମନାତ୍ମାନମ୍' (ନିଜେ ନିଜକୁ ଉଦ୍ଧାର କରିବ) ।

ରାମଦୟାଲ ବାବୁ ମୋ ପାଖକୁ ଖଣ୍ଡିଏ ପତ୍ର ଲେଖିଛନ୍ତି, ଆଉ ତୁଳସୀରାମର ଖଣ୍ଡିଏ ପତ୍ର ପାଇଛୁ । ପଲିଟିକାଲ୍ ବିଷୟ ତୁମେମାନେ କେହି ଛୁଅଁ ନାହିଁ ଏବଂ ତୁଳସୀରାମ ବାବୁ ଯେପରି ପଲିଟିକାଲ୍ ପତ୍ର ନ ଲେଖନ୍ତି । ଏବେ ପବ୍ଲିକ୍ମ୍ୟାନ, ଅନର୍ଥକ ଶତ୍ରୁ ବଢ଼ାଇବା ଦରକାର ନାହିଁ । ତେବେ ଯଦି ପୋଲିସ୍ ଫୋଲିସ୍ ତୁମମାନଙ୍କର ପଛରେ ଲାଗନ୍ତି—ଛୁଡ଼ା ହୋଇ ଜୀବନ ଦେ । ଆରେ ବାବା, ଏମିତି ଦିନ କଅଣ ଆସିବ ଯେ, ପରୋପକାରରେ ପ୍ରାଣ ଯିବ ? ଆରେ ହତଭାଗାଦଳ, ଏ ଦୁନିଆଟା ପିଲାଖେଳ ନୁହେଁ—ସେହିମାନେ ହିଁ ବଡ଼ଲୋକ, ଯେଉଁମାନେ ନିଜ ବୁକୁର ରକ୍ତ ଦେଇ ରାସ୍ତା ତିଆରି କରନ୍ତି । ଏହିପରି ଚିରଦିନ ହୋଇ ଆସିଛି । ଜଣେ ନିଜ ଦେହ ଦେଇ ସେତୁ ନିର୍ମାଣ କରେ ଏବଂ ଆଉ ହଜାର ହଜାର ଲୋକ ତା'ର ଉପର ଦେଇ ନଦୀ ପାର ହୁଅନ୍ତି । ଏବମସ୍ତୁ, ଏବମସ୍ତୁ, ଶିବୋଽହଂ, ଶିବୋଽହଂ (ଏପରି ହେଉ, ଏପରି ହେଉ, ମୁଁ ଶିବ) । ରାମଦୟାଲ ବାବୁଙ୍କ କଥାନୁସାରେ ୧୦୦ ଫଟୋଗ୍ରାଫ ପଠାଇଦେବ । ସେ ବିକ୍ରୀ କରିବାକୁ ଚାହାଁନ୍ତି । ଟଙ୍କା ମୋ ପାଖକୁ ପଠାଇବା ଦରକାର ନାହିଁ, ମଠକୁ ଦେବା ପାଇଁ କହିବ । ମୋ ପାଖରେ ବର୍ତ୍ତମାନ ଢେର ଟଙ୍କା ଅଛି, କୌଣସି ଅଭାବ ନାହିଁ—ୟୁରୋପ ଭ୍ରମଣ ଓ ପୋଥିପତ୍ର ଛପାଇବା ଲାଗି । ଏ ଚିଠି ପ୍ରକାଶ କରିବ ନାହିଁ ।

ଆଶୀର୍ବାଦକ, ନରେନ୍ଦ୍ର

ଏଥର କାମ ଠିକ୍ ଚାଲିବ, ମୁଁ ଦେଖିପାରୁଛି । Nothing succeeds as success. (ସଫଳତା ଯେତେ ସାଫଲ୍ୟ ଆଣେ, ଆଉ କେଉଁଥିରେ ତାହା ମିଳେ ନାହିଁ) । ମୁଁ କହୁଛି, ଶଶୀ, ତୁମେ ଘର ଜଗିରହ—ଏହି ତୁମର କାମ ।·· କାଳୀ ହେଉ business manager) ବିଷୟ କାର୍ଯ୍ୟର ପରିଚାଳକ) । ମା ଠାକୁରାଣୀଙ୍କ ପାଇଁ ଗୋଟିଏ ଜାଗା ଠିକ୍ କରିପାରିଲେ ମୁଁ ଅନେକଟା ନିଶ୍ଚିନ୍ତ ହେବି, ବୁଝି ପାରୁଛ ? ଦୁଇ ତିନି ହଜାର ଟଙ୍କା ଭିତରେ ଗୋଟିଏ ଜାଗା ଦେଖ । ଜାଗାଟା ବଡ଼ ହେବା ଦରକାର । ଆପାତତଃ ମାଟିଘର, କାଳକ୍ରମେ ସେଠାରେ ଅଟ୍ଟାଳିକା ଗଢ଼ି ଉଠିବ । ଯେତେଶୀଘ୍ର ସମ୍ଭବ ଜାଗା ଦେଖ । ମୋତେ ଚିଠି ଲେଖିବ, କାଳୀକୃଷ୍ଣ ବାବୁଙ୍କୁ ପଚାରିବ, କିପରି ଟଙ୍କା ପଠାଇବାକୁ ହୁଏ—cook-ମାନଙ୍କ ହାତରେ କେଉଁ ଭଲ ? ଯେତେ ଶୀଘ୍ର ପାରି ଏ କାର୍ଯ୍ୟ ହେବା ଉଚିତ । ଏତିକି ହୋଇଗଲେ, ବାସ୍—ମୁଁ ନିଃଶ୍ୱାସ ନେଇପାରିବି । ଜାଗାଟି ବଡ଼ ହେବା ଉଚିତ, ତା'ପରେ ଦେଖାଯିବ । ଆମମାନଙ୍କ ପାଇଁ ଚିନ୍ତା କରିବା ଦରକାର ନାହିଁ । ଧୀରେ ଧୀରେ ସବୁ ହେବ । କଲିକତାର ଯେତେ ନିକଟରେ ହେବ, ସେତେ ଭଲ । ଥରେ ଜାଗାଟି ହୋଇଗଲେ ମା-ଠାକୁରାଣୀଙ୍କୁ centre (କେନ୍ଦ୍ର) କରି ଗୌର-ମା ଓ ଗୋଲାପ-ମା ଗୋଟାଏ ଚହଲ

୧ ପର୍ବତଗାତ୍ରସ୍ଖଳିତ ବିପୁଳ ତୁଷାରସ୍ତୂପ ।

ପକାଇ ଦିଅନ୍ତୁ । ମାନ୍ଦ୍ରାଜରେ ଖୁବ୍ ଚହଲ ପଡ଼ିଯାଇଛି । ଭଲ କଥା ।

ତୁମମାନଙ୍କର ପତ୍ର ଗୋଟିଏ କାଗଜ ଛପାଇବା କଥା ଥିଲା, କଅଣ ହେଲା ? ସମସ୍ତଙ୍କ ସହିତ ମିଳାମିଶା କରିବାକୁ ହେବ । କାହାକୁ ବିରକ୍ତ କଲେ ଚଳିବ ନାହିଁ । All the powers of good against all the powers of evil[1]—ଏ ହେଉଛି କଥା । ବିଜୟ ବାବୁଙ୍କୁ ଯଥୋଚିତ ଖାତିର୍ ଓ ଯତ୍ନ କରିବ । Do not insist upon everybody's believing in our Guru.[2]

ମୁଁ ଗୋଲାପ-ମା'ଙ୍କୁ ଗୋଟିଏ ସ୍ୱତନ୍ତ୍ର ପତ୍ର ଲେଖୁଛି, ତାଙ୍କୁ ଦେଇଦେବ । ବର୍ତ୍ତମାନ ଭଲକରି ବୁଝି ନ—ଶଶୀ ଘର ଛାଡ଼ି ଯାଇପାରିବ ନାହିଁ; କାଳୀ ବିଷୟ-କାର୍ଯ୍ୟ ଦେଖିବ ଏବଂ ଚିଠିପତ୍ର ଲେଖିବ । ସାରଦା, ଶରତ୍ କିମ୍ବା କାଳୀ—ଏମାନେ ସମସ୍ତେ ଏକାବେଳକେ ଯେପରି ପଦାକୁ ନ ଯାଆନ୍ତି, ଜଣେ ଅନ୍ତତଃ ମଠରେ ରହିବ । ତା'ପରେ ଯେଉଁମାନେ ବାହାରକୁ ଯିବେ, ସେମାନେ ଯେଉଁସବୁ ଲୋକ ଆମମାନଙ୍କ ପ୍ରତି ସହାନୁଭୂତିଶୀଳ ସେମାନଙ୍କ ସହିତ ମଠର ଯେପରି ଯୋଗାଯୋଗ ସୃଷ୍ଟି କରିଦିଅନ୍ତି । କାଳୀ ସେମାନଙ୍କ ସହିତ correspondence (ପତ୍ର ବ୍ୟବହାର) ରଖିବ । ଗୋଟିଏ ଖବରକାଗଜ ତୁମକୁ edit (ସମ୍ପାଦନ) କରିବାକୁ ହେବ, ଅଧେ ବଙ୍ଗଳା ଅଧେ ହିନ୍ଦୀ—ଯଦି ପାର ଆଉ ଗୋଟିଏ ଇଂରାଜୀରେ । ପୃଥିବୀସାରା ଘୂରି ବୁଲୁଛ—ଖବରକାଗଜ ପାଇଁ subscriber (ଗ୍ରାହକ) ସଂଗ୍ରହ କରିବାକୁ କେତେଦିନ ଲାଗିବ ? ଯେଉଁମାନେ ବାହାରେ ଅଛନ୍ତି, ସେମାନେ subscriber ଯୋଗାଡ଼ କରନ୍ତୁ । ହିନ୍ଦୀ-ଭାଗଟା ଗୁପ୍ତ (ସ୍ୱାମୀ ସଦାନନ୍ଦ) ଲେଖନ୍ତୁ, ବା ଅନେକ ହିନ୍ଦୀ ଲେଖିବା ଲୋକ ମିଳିବେ । ଖାଲି ଘୂରି ବୁଲିଲେ ଚଳିବ ନାହିଁ; ଯେ ଯେଉଁଠାକୁ ଯିବେ, ସେଇଠାରେ ହିଁ ଗୋଟାଏ permanent (ସ୍ଥାୟୀ) ଟୋଲ୍ ବସାଇବାକୁ ହେବ । ତା'ହେଲେ ଲୋକ change (ପରିବର୍ତ୍ତନ) ହୋଇପାରିବେ । ମୁଁ ଗୋଟିଏ ବହି ଲେଖୁଛି —ଏଇଟା ଶେଷ ହେଲେ ଏକା ତିଆଁକେ ଘରେ; ଆଉ କଅଣ ! ମୁଁ ବଡ଼ ନର୍ଭସ୍ ହୋଇପଡ଼ିଛି । କିଛିଦିନ ଚୁପ୍ ହୋଇ ରହିବା ନିତାନ୍ତ ଦରକାର । ମାନ୍ଦ୍ରାଜୀମାନଙ୍କ ସହିତ ସର୍ବଦା correspondence ରଖିବ ଏବଂ ସ୍ଥାନେ ସ୍ଥାନେ ଟୋଲ୍ ଖୋଲିବାର ଚେଷ୍ଟା କରିବ । ବାକି ବୁଝି ସେ ଦେବେ । ସର୍ବଦା ମନେରଖ ଯେ, ପରମହଂସଦେବ ଜଗତର କଲ୍ୟାଣ ନିମିତ୍ତ ଆସିଥିଲେ—ନାମ କିମ୍ବା ମାନ ନୁହେଁ । ସେ ଯାହା ଶିଖାଇବାକୁ ଆସିଥିଲେ, ତାହା ହିଁ ପ୍ରଚାର କର । ତାଙ୍କର ନାମର ଦରକାର ନାହିଁ—ତାଙ୍କର ନାମ ଆପେ ଆପେ ହେବ । 'ଆମର ଗୁରୁଜୀଙ୍କୁ ମାନିବାକୁ ହିଁ ହେବ' କହିଲେ ଦଳସୃଷ୍ଟି ହେବ, ଆଉ ସବୁଯାକ ପଣ୍ଡ ହୋଇଯିବ—ସାବଧାନ ! ସମସ୍ତଙ୍କୁ ମିଠା କଥା—ରାଗିଲେ ସବୁ କାମ ପଣ୍ଡ ହୋଇ-

[1] ଅଶୁଭକାରଣୀ ସମସ୍ତ ଶକ୍ତି ବିରୋଧରେ ଶୁଭକାରଣୀ ସମସ୍ତ ଶକ୍ତି ପ୍ରୟୋଗ କରିବାକୁ ହେବ ।

[2] ସମସ୍ତଙ୍କୁ ଜୋର୍ କରି ଆମ ଗୁରୁଙ୍କ ଉପରେ ବିଶ୍ୱାସ କରିବାକୁ ବାଧ୍ୟ କର ନାହିଁ ।

ଯାଏ । ଯେ ଯାହା କହୁଛନ୍ତି କହନ୍ତୁ, ନିଜ ଜିଦ୍‌ରେ ସ୍ଥିର—ଦୁନିଆଁ ତୁମ ପାଦତଳକୁ ଆସିବ, ଭାବନା ନାହିଁ । କହନ୍ତି—ଏହାକୁ ବିଶ୍ୱାସ କର, ତାକୁ ବିଶ୍ୱାସ କର; ମୁଁ କହେ, ପ୍ରଥମେ ନିଜକୁ ବିଶ୍ୱାସ କର । Have faith in yourself, all power is in you. Be conscious and bring it out.[୧]—କୁହ, ମୁଁ ସବୁ କରିପାରିବି । 'ନାହିଁ ନାହିଁ କହିଲେ ସାପର ବିଷ ମଧ୍ୟ ନାହିଁ ହୋଇଯାଏ ।' ଖବରଦାର୍, No 'ନାହିଁ ନାହିଁ', କୁହ, 'ହଁ, ହଁ' । 'ସୋଽହମ୍, ସୋଽହମ୍' ।

କିନ୍ନାମ ରୋଦିଷି ସଖେ ତ୍ୱୟି ସର୍ବଶକ୍ତିଃ,
ଆମନ୍ତ୍ରୟସ୍ୱ ଭଗବନ୍ ଭଗଦଂ ସ୍ୱରୂପମ୍ ।
ତ୍ରୈଲୋକ୍ୟମେତଦଖିଳଂ ତବ ପାଦମୂଳେ,
ଆତ୍ମୈବ ହି ପ୍ରଭବତେ ନ ଜଡ଼ଃ କଦାଚିତ୍ ।[୨]

ମହା ହୁଙ୍କାର ସହକାରେ କାର୍ଯ୍ୟ ଆରମ୍ଭ କରିଦିଅ । ଭୟ କଅଣ ? କାହାର ସାଧ୍ୟ ବାଧା ଦେବ ? କୁର୍ମସ୍ତାରକଚର୍ବଣଂ ତ୍ରିଭୁବନମୁତ୍ପାଟୟାମୋ ବଲାତ୍ । କିଂ ଭୋ ନ ବିଜାନାସ୍ୟସ୍ମାନ୍—ରାମକୃଷ୍ଣଦାସା ବୟମ୍ ।[୩] ଡର ! କାହାକୁ ଡର ? କେଉଁମାନଙ୍କୁ ଡର ?

କ୍ଷୀଣାଃ ସ୍ମ ଦୀନାଃ ସକରୁଣା ଜଳ୍ପନ୍ତି ମୂଢା ଜନାଃ
ନାସ୍ତିକ୍ୟନ୍ତ୍ୱିଦନ୍ତୁ ଅହହ ଦେହାତ୍ମବାଦାତୁରାଃ ।
ପ୍ରାପ୍ତାଃ ସ୍ମ ବୀରା ଗତଭୟା ଅଭୟଂ ପ୍ରତିଷ୍ଠାଂ ଯଦା
ଆସ୍ତିକ୍ୟନ୍ତ୍ୱିଦନ୍ତୁ ଚିନୁମଃ ରାମକୃଷ୍ଣଦାସା ବୟମ୍ ॥
ପୀତ୍ୱା ପୀତ୍ୱା ପରମପୀୟୂଷଂ ବୀତସଂସାରରାଗାଃ
ହିତ୍ୱା ହିତ୍ୱା ସକଳକଲହପ୍ରାପିଣୀଂ ସ୍ୱାର୍ଥସିଦ୍ଧିମ୍ ।
ଧ୍ୟାତ୍ୱା ଧ୍ୟାତ୍ୱା ଶ୍ରୀଗୁରୁଚରଣଂ ସର୍ବକଲ୍ୟାଣରୂପମ୍
ନତ୍ୱା ନତ୍ୱା ସକଳ ଭୁବନଂ ପାତୁମାମନ୍ତ୍ରୟାମଃ ॥
ପ୍ରାପ୍ତଂ ଯଦ୍ୱୈ ତ୍ୱନାଦିନିଧନଂ ବେଦୋଦଧିଂ ମଥିତ୍ୱା
ଦତ୍ତଂ ଯସ୍ୟ ପ୍ରକରଣେ ହରିହରବ୍ରହ୍ମାଦିଦେବୈର୍ବଳମ୍ ।

---

[୧] ନିଜ ଉପରେ ବିଶ୍ୱାସ ରଖ, ସମୁଦାୟ ଶକ୍ତି ତୁମରି ଭିତରେ—ଏହା ଜାଣ ଏବଂ ଏହି ଶକ୍ତିକୁ ଅଭିବ୍ୟକ୍ତ କର ।

[୨] ହେ ସଖେ, ତୁମେ କାହିଁକି କାନ୍ଦୁଛ ? ତୁମରିଠାରେ ତ ସବୁ ଶକ୍ତି ରହିଛି । ହେ ଭଗବାନ, ତୁମର ଐଶ୍ୱର୍ଯ୍ୟଶାଳୀ ସ୍ୱରୂପ ପ୍ରକାଶ କର । ଏ ତ୍ରିଭୁବନ ସମସ୍ତ ତୁମର ପାଦମୂଳେ । ଜଡ଼ର କୌଣସି କ୍ଷମତା ନାହିଁ—ଆତ୍ମାର ଶକ୍ତି ହିଁ ପ୍ରବଳ ।

[୩] ତାରକା ଚର୍ବଣ କରିବୁ, ତ୍ରିଭୁବନ ବଳପୂର୍ବକ ଉତ୍ପାଟନ କରିବୁ, ଆମମାନଙ୍କୁ କ'ଣ ଜାଣିନାହଁ ? ଆମେସବୁ ରାମକୃଷ୍ଣଙ୍କ ଦାସ ।

ପୁଷ୍ଟିଂ ଯତ୍ର ପ୍ରାଣସାରୈର୍ଭୌମନାରାୟଣାନାମ୍
ରାମକୃଷ୍ଣସ୍ତନୁଂ ଧତ୍ତେ ତତ୍ପୂର୍ଣ୍ଣପାତ୍ରମିଦଂ ଭୋଃ ॥ [୧]

ଇଂରାଜୀ ଲେଖାପଢ଼ା ଜାଣିଥିବା young men-ମାନଙ୍କୁ (ଯୁବକମାନଙ୍କୁ) ନେଇ କାର୍ଯ୍ୟ କରିବାକୁ ହେବ । 'ତ୍ୟାଗେନୈକେ ଅମୃତତ୍ୱମାନଶୁଃ' (ଏକମାତ୍ର ତ୍ୟାଗଦ୍ୱାରା ହିଁ ଅନେକେ ଅମୃତତ୍ୱ ଲାଭ କରିଅଛନ୍ତି) । ତ୍ୟାଗ ତ୍ୟାଗ—ଏଇଟି ଖୁବ୍ ପ୍ରଚାର କରିବା ଦରକାର । ତ୍ୟାଗୀ ନ ହେଲେ ତେଜ ହେବ ନାହିଁ । କାର୍ଯ୍ୟ ଆରମ୍ଭ କରିଦିଅ । ତୁମେମାନେ ଯଦି ଥରେ ଜିଦ୍ କରି କାର୍ଯ୍ୟ ଆରମ୍ଭ କରିଦିଅ, ତା'ହେଲେ ମୁଁ ବୋଧହୁଏ କିଛି ଦିନ ବିଶ୍ରାମ ଲାଭ କରିପାରିବି, । ସେଥିପାଇଁ ବୋଧହୁଏ କେଉଁଠି ସ୍ଥିର ହୋଇ ବସିପାରୁ ନ ଥିଲି—ଏତେ ଗୋଲମାଲ କରିବାକୁ ଥିଲା ନା କଅଣ ? ମାନ୍ଦ୍ରାଜରୁ ଆଜି ଅନେକ ଖବର ଆସିଛି । ମାନ୍ଦ୍ରାଜୀମାନେ ବେଶ୍ ହୁଲସ୍ଥୁଲ କରୁଛନ୍ତି, ଭଲ । ମାନ୍ଦ୍ରାଜ ମିଟିଂର ସବୁ ଖବର 'ଇଣ୍ଡିଆନ୍ ମିରର୍'ରେ ଛପାଇ ଦିଅ । ଆଉ ଅଧିକ କଅଣ ଲେଖିବି ? ସବୁ ଖବର ମୋ ପାଖକୁ ଟିକିନିଖି ଲେଖିବ । ଇତି ।

ବାବୁରାମ, ଯୋଗେନ୍ ଏତେ ଭୋଗୁଛନ୍ତି କାହିଁକି ?—'ଦୀନହୀନ' ଭାବର ଜ୍ୱାଳାରେ । ରୋଗ ଫୋଗ ସବୁ ଝାଡ଼ି ଫୋପାଡ଼ି ଦେବାକୁ କୁହ—ଘଣ୍ଟାକ ଭିତରେ ସବୁ ଲୁଆଡ଼େ ଗୁଡ଼ିଯିବ । ଆତ୍ମାକୁ କଅଣ କେବେ ରୋଗ ଧରେ ? ଦୂର୍ ! ଘଣ୍ଟାଏ ବସି ଭାବିବାକୁ କୁହ—'ମୁଁ ଆତ୍ମା—ମୋର ପୁଣି ରୋଗ କଅଣ ?' ସବୁ ଚାଲିଯିବ । ତୁମେ ସମସ୍ତେ ଭାବିବ—'ଆମେ ସବୁ ଅନନ୍ତ ବଳଶାଳୀ ଆତ୍ମା'; ଦେଖ, କି ଭଳି ବଳ ଆସିବ । 'ଦୀନହୀନତା' ! ଦୀନହୀନଭାବ କେଉଁଥିପାଇଁ ? ମୁଁ ବ୍ରହ୍ମମୟୀଙ୍କ ସନ୍ତାନ । କି ରୋଗ, କି ଭୟ, କି ଅଭାବ ? 'ଦୀନହୀନ' ଭାବକୁ କୁଲରେ ପାଛୁଡ଼ି ଫିଙ୍ଗିଦିଅ । ସବୁ ମଙ୍ଗଳ ହେବ । No negative, all positive, affirmative—I am, God is and

---

[୧] ଦେହକୁ ହିଁ ଯେଉଁମାନେ ଆତ୍ମା ବୋଲି ମନେ କରନ୍ତି, ସେମାନେ କାତର ହୋଇ ସକରୁଣ ଭାବରେ କହୁଥାଆନ୍ତି—ଆମେମାନେ କ୍ଷୀଣ ଏବଂ ଦୀନ—ଏହା ହିଁ ନାସ୍ତିକ୍ୟ । ଆମେମାନେ ଯେତେବେଳେ ଅଭୟପଦରେ ଅବସ୍ଥିତ, ଆମେମାନେ ଭୟଶୂନ୍ୟ ଏବଂ ବୀର ହେବା—ଏହା ହିଁ ହେଲା ଆସ୍ତିକ୍ୟ । ଆମେସବୁ ରାମକୃଷ୍ଣଦାସ ।

ସଂସାରରେ ଆସକ୍ତିଶୂନ୍ୟ ହୋଇ ସକଳ କଳହର ମୂଳ ସ୍ୱାର୍ଥସିଦ୍ଧି ତ୍ୟାଗକରି ପରମାମୃତ ପାନ କରି କରି ସର୍ବକଲ୍ୟାଣସ୍ୱରୂପ ଶ୍ରୀଗୁରୁ-ଚରଣ-ଧ୍ୟାନପୂର୍ବକ ସମସ୍ତ ପୃଥିବୀକୁ ପ୍ରଣାମ କରି ସେମାନଙ୍କୁ ଏହି ଅମୃତପାନ କରିବାକୁ ଆହ୍ୱାନ କରୁଛି ।

ଅନାଦି ଅନନ୍ତ ବେଦରୂପକ ସମୁଦ୍ରକୁ ମନ୍ଥନ କରି ଯାହା ମିଳିଛି, ବ୍ରହ୍ମା-ବିଷ୍ଣୁ-ମହେଶ୍ୱରାଦି ଦେବତା ଯାହାଙ୍କଠାରେ ଶକ୍ତି ପ୍ରଦାନ କରିଅଛନ୍ତି, ଯାହା ନାରାୟଣ ଅର୍ଥାତ୍ ଭଗବାନଙ୍କ ଅବତାରଗଣଙ୍କର ପ୍ରାଣସାରଦ୍ୱାରା ପରିପୁଷ୍ଟି, ଶ୍ରୀରାମକୃଷ୍ଣ ସେହି ଅମୃତର ପୂର୍ଣ୍ଣପାତ୍ରସ୍ୱରୂପ ଦେହଧାରଣ କରିଅଛନ୍ତି ।

everything is in me, I will manifest health, purity, kowledge, whatever I want.[୧]

ଆରେ, ଏମାନେ ମ୍ଳେଚ୍ଛଗୁଡ଼ାକ ମୋ କଥ ବୁଝିବାକୁ ଲଗିଲେ, ଆଉ ତୁମେସବୁ ବସି ବସି ଦୀନହୀନ-ଭାବର ରୋଗ ଭୋଗୁଛ ? କାହାର ରୋଗ—କି ରୋଗ ? ଝାଡ଼ି ଫୋପାଡ଼ି ଦିଅ । କହନ୍ତୁ, 'ମୁଁ କଅଣ ତୁମପରି ବୋକା ?' ଆତ୍ମା ଆତ୍ମା ଭିତରେ କଅଣ ଭେଦ ଅଛି ? ଗୁଲଖୋର୍ ପାଣି ଛୁଇଁବାକୁ ଖୁବ୍ ଡରେ । ଦୀନହୀନ କାହିଁକି ?—ନେହି ମାଙ୍ଗ୍‌ତା 'ଦୀନାହୀଣା' ! 'ବୀର୍ଯ୍ୟମସି ବୀର୍ଯ୍ୟଂ, ବଲମସି ବଲମ୍, ଓଜୋଽସି ଓଜଃ, ସହୋଽସି ସହୋ ମୟି ଧେହି ।' (ତୁମେ ବୀର୍ଯ୍ୟସ୍ୱରୂପ, ମୋତେ ବୀର୍ଯ୍ୟବାନ୍ କର; ତୁମେ ବଳସ୍ୱରୂପ, ମୋତେ ବଳବାନ୍ କର; ତୁମେ ଓଜଃସ୍ୱରୂପ, ମୋତେ ଓଜସ୍ୱୀ କର; ତୁମେ ସହ୍ୟଶକ୍ତି, ମୋତେ ସହନଶୀଳ କର ।) ନିତ୍ୟ ଠାକୁରପୂଜା ସମୟରେ ଯେଉଁ ଆସନ ପ୍ରତିଷ୍ଠା—ଆତ୍ମାନଂ ଅଚ୍ଛିଦ୍ରଂ ଭାବୟେତ୍ (ଆତ୍ମାକୁ ଅଚ୍ଛିଦ୍ର ବୋଲି ଭାବନା କରିବ)—ତାହାର ମାନେ କଅଣ ?···କୁହ—ମୋ ଭିତରେ ସବୁ ଅଛି, ଇଚ୍ଛା କଲେ ବାହାରିବ । ତୁମେ ନିଜେ ମନେ ମନେ କୁହ—ବାବୁରାମ ଓ ଯୋଗେନ୍ ଆତ୍ମା—ସେମାନେ ପୂର୍ଣ୍ଣ, ସେମାନଙ୍କର ପୁଣି ରୋଗ କଅଣ ? କେତେ ଘଣ୍ଟା ଲେଖାଏଁ ଦୁଇତିନିଦିନ ଏପରି କୁହ । ସବୁ ରୋଗର ଭୟ ଦୂର ହୋଇଯିବ । କିମଧିକମିତି—

ନରେନ୍ଦ୍ର

୧୨୩ଇଂ (ମିସେସ୍ ଓଲି ବୁଲ୍‌ଙ୍କୁ ଲିଖିତ)

ହୋଟେଲ ବେଲ୍‌ଭିଉ, ୟୁରୋପୀଆନ୍‌ପ୍ଲାନ୍, ବେକନ୍ ଷ୍ଟ୍ରୀଟ୍,
ବୋଷ୍ଟନ୍, ୨୬ ସେପ୍ଟେମ୍ବର ୧୮୯୪

ପ୍ରିୟ ମିସେସ୍ ବୁଲ୍,

ମୁଁ ଆପଣଙ୍କର ଦୁଇଟିଯାକ କୃପାଲିପି ପାଇଛି । ମୋତେ ଶନିବାର ଦିନ ମେଲରୋଜ୍ ଫେରିଯାଇ ସେଠାରେ ସୋମବାର ପର୍ଯ୍ୟନ୍ତ ରହିବାକୁ ପଡ଼ିବ । ମଙ୍ଗଳବାର ଦିନ ଆପଣଙ୍କ ସେଠାକୁ ଯିବି । କିନ୍ତୁ ଠିକ୍ କେଉଁ ଜାଗାରେ ଆପଣଙ୍କର ଘର, ତାହା ମୁଁ ଭୁଲିଯାଇଛି; ଆପଣ ଅନୁଗ୍ରହ କରି ଯଦି ମୋତେ ଲେଖନ୍ତି । ମୋପ୍ରତି ଆପଣ ଯେଉଁ ଅନୁଗ୍ରହ ଦେଖାଇଛନ୍ତି—ସେଥିପାଇଁ କୃତଜ୍ଞତା ଜଣାଇବାର ଭାଷା ଖୋଜି ପାଉନାହିଁ । କାରଣ, ଆପଣ ଯାହା ଦେବାକୁ ଚାହିଁଛନ୍ତି, ମୁଁ ଠିକ୍ ସେହି ଜିନିଷଟା ହିଁ ଖୋଜୁଥିଲି—ଲେଖାଲେଖି କରିବାକୁ ଗୋଟିଏ ନିର୍ଜନ ସ୍ଥାନ । ଅବଶ୍ୟ ଆପଣ ଦୟାକରି ଯେତିକି ଜାଗା ମୋତେ

---

[୧] ନାସ୍ତି-ଭାବଦ୍ୟୋତକ କିଛି ରହିବ ନାହିଁ, ସବୁ ହିଁ ଅସ୍ତି-ଭାବଦ୍ୟୋତକ ହେବା ଦରକାର । (କୁହ) ମୁଁ ଅଛି, ଈଶ୍ୱର ଅଛନ୍ତି ଏବଂ ସବୁ କିଛି ମୋ ଭିତରେ ରହିଛି । ମୋର ଯାହା ପ୍ରୟୋଜନ—ସ୍ୱାସ୍ଥ୍ୟ, ପବିତ୍ରତା, ଜ୍ଞାନ ସବୁ କିଛି ମୋ ଭିତରୁ ହିଁ ଅଭିବ୍ୟକ୍ତ କରିବ ।

ଦେବାକୁ ଚାହିଁଛନ୍ତି, ସେଥିରୁ କମ୍ ଜାଗାରେ ମୋର ଚଳିଯିବ । ମୁଁ ଯେକୌଣସି ସ୍ଥାନରେ ଗୁଣ୍ଡାଗୁଣ୍ଡି ହୋଇ ଆରାମରେ ରହିପାରିବି ।

ଆପଣଙ୍କର ସଦାବିଶ୍ୱସ୍ତ, ବିବେକାନନ୍ଦ

୧୨୪ଇଂ (ଇସାବେଲ ମ୍ୟାକ୍‌କିଣ୍ଡଲିଙ୍କୁ ଲିଖିତ)

ବୋଷ୍ଟନ, ୨୭ ସେପ୍ଟେମ୍ବର ୧୮୯୪

ପ୍ରିୟ ଭଗିନୀ,

ଭାରତର ଡାକ ଓ ତୁମ ଚିଠି ଏଇମାତ୍ର ପାଇଲି । ଭାରତରୁ ବେଶ୍ କିଛି ସମ୍ବାଦ-ପତ୍ରର ଅଂଶ କାଟି ମୋ ପାଖକୁ ପଠା ହୋଇଛି । ତୁମେ ସେଗୁଡ଼ିକ ପଢ଼ି ନିରାପଦ ସ୍ଥାନରେ ରଖିଦେବ । ତେଣୁ ସେଗୁଡ଼ିକ ତୁମ ପାଖକୁ ପଠାଇଦେଉଛି ।

ଭାରତର ଚିଠି ଲେଖା ବିଷୟରେ କେତେ ଦିନ ହେଲା ବ୍ୟସ୍ତ ଅଛି । ଆଉରି କେତେ ଦିନ ବୋଷ୍ଟନ୍‌ରେ ରହିବି । ପ୍ରୀତି ଓ ଆଶୀର୍ବାଦ ।

ସଦା ସ୍ନେହବଦ୍ଧ, ବିବେକାନନ୍ଦ

୧୨୫ଇଂ ଯୁକ୍ତରାଷ୍ଟ୍ର ଆମେରିକା, ୨୭ ସେପ୍ଟେମ୍ବର ୧୮୯୪

ପ୍ରିୟ ଆଲାସିଙ୍ଗା,

…ମୋର ବକ୍ତୃତା ଓ କଥାବାର୍ତ୍ତା ସମ୍ପର୍କରେ କଲିକତାରୁ ଯେଉଁ ବହିସବୁ ବାହାରିଛି, ମୁଁ ସେଥିରେ ଗୋଟିଏ ଜିନିଷ ଦେଖିପାରିଛି । ସେଥିମଧ୍ୟରୁ କେତେଗୁଡ଼ିଏ ଏଭଳି ଭାବରେ ପ୍ରକାଶ କରାଯାଇଛି ଯେ, ପଢ଼ିଲେ ମନେ ହୁଏ, ଯେମିତି ମୁଁ ରାଜନୀତିକୁ ନେଇ ଆଲୋଚନା କରୁଛି । ପ୍ରକୃତପକ୍ଷରେ କିନ୍ତୁ ମୁଁ ଜଣେ ରାଜନୀତିଜ୍ଞ ନୁହେଁ କିମ୍ବା ରାଜନୀତି-ଆନ୍ଦୋଳନକାରୀ ମଧ୍ୟ ନୁହେଁ । ମୋର ଲକ୍ଷ୍ୟ କେବଳ ଭିତରର ଆତ୍ମତତ୍ତ୍ୱପ୍ରତି—ତାହା ଯଦି ଠିକ୍ ହୋଇଯାଏ, ତା'ହେଲେ ଆଉ ସବୁ ଠିକ୍ ହୋଇଯିବ—ଏହା ହିଁ ମୋର ମତ । …ଅତଏବ ତୁମେ କଲିକତାର ଲୋକଙ୍କୁ ଅବଶ୍ୟ ସାବଧାନ କରିଦେବ, ଯେପରି ମୋର କୌଣସି ଲେଖା ବା କଥା ଭିତରେ ରାଜନୈତିକ ଉଦ୍ଦେଶ୍ୟ ମିଥ୍ୟାରେ ଆରୋପିତ ନ ହୁଏ । କି ନିର୍ବୋଧତା !… ଶୁଣିଲି, ରେଭରେଣ୍ଡ କାଳୀଚରଣ ବାଁଡ଼ୁଯ୍ୟେ କୁଆଡ଼େ ଖ୍ରୀଷ୍ଟୀୟ ମିଶନାରୀଙ୍କ ଆଗରେ ବକ୍ତୃତା ଛଳରେ କହିଛନ୍ତି ଯେ, ମୁଁ ଜଣେ ରାଜନୈତିକ ପ୍ରତିନିଧି । ଯଦି ସର୍ବସାଧାରଣଙ୍କ ସମକ୍ଷରେ ଏ କଥା କୁହାଯାଇଥାଏ, ତା'ହେଲେ ମୋ ପକ୍ଷରୁ ତାଙ୍କୁ ପ୍ରକାଶ୍ୟରେ କହିବ ଯେ, ସେ ଏ କଥା କଲିକତାର କୌଣସି ସମ୍ବାଦପତ୍ରରେ ଲେଖି ପ୍ରମାଣିତ କରନ୍ତୁ, ନଚେତ୍ ତାଙ୍କର ସେହି ବାଜେ ଅର୍ଥହୀନ ମନ୍ତବ୍ୟ ପ୍ରତ୍ୟାହାର କରିନିଅନ୍ତୁ । ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ଅପଦସ୍ଥ କରିବା ପାଇଁ ଏହା ଖ୍ରୀଷ୍ଟାନ୍ ମିଶନାରୀମାନଙ୍କର ଏକ ଅପକୌଶଳ ମାତ୍ର । ମୁଁ ସାଧାରଣ ଭାବେ ଖ୍ରୀଷ୍ଟିଆନ-ପରିଚାଳିତ ଶାସନତନ୍ତ୍ରକୁ ଲକ୍ଷ୍ୟ କରି ସରଳ ଭାବରେ, ସମାଲୋଚନା ଛଳରେ କେତୋଟା କଡ଼ା କଥା କହିଛି; କିନ୍ତୁ ତା'ର ଅର୍ଥ ଏହା ନୁହେଁ ଯେ, ମୋର ରାଜନୈତିକ ବା ସେହି ପ୍ରକାର କୌଣସି ଚର୍ଚ୍ଚା ପ୍ରତି ଆଗ୍ରହ ରହିଛି ଅଥବା

ରାଜନୀତି ବା ତତ୍‌ସଦୃଶ କୌଣସି ବିଷୟ ସହିତ ମୋର କିଛି ସମ୍ପର୍କ ରହିଛି । ଯେଉଁମାନେ ମନେ କରନ୍ତି, ଏ ସମସ୍ତ ବକ୍ତୃତାରୁ ଅଂଶବିଶେଷ ଉଦ୍ଧୃତ କରି ଛପାଇବା ଗୋଟାଏ ଚମତ୍କାର ବ୍ୟାପାର ଏବଂ ଯେଉଁମାନେ ପ୍ରମାଣ କରିବାକୁ ଚାହାନ୍ତି ଯେ, ମୁଁ ଜଣେ ରାଜନୈତିକ ପ୍ରଚାରକ, ସେମାନଙ୍କୁ ମୁଁ କହେ, 'ହେ ଈଶ୍ୱର, ମୋର ଏହି ବନ୍ଧୁମାନଙ୍କ ହାତରୁ ମୋତେ ରକ୍ଷା କର ।'

...ମୋ ବନ୍ଧୁଗଣଙ୍କୁ କହିବ, ଯେଉଁମାନେ ମୋର ନିନ୍ଦା କରୁଛନ୍ତି, ସେମାନଙ୍କ କଥାର ମୋର ଏକମାତ୍ର ଉତ୍ତର—ସମ୍ପୂର୍ଣ୍ଣ ଚୁପ୍ ରହିବା । ମୁଁ ତାଙ୍କ ଢେଲା ଖାଇ ଯଦି ତାଙ୍କୁ ଓଲଟି ମାଡ଼ ଦେବାକୁ ଯାଏ, ତା'ହେଲେ ତ ମୁଁ ସେମାନଙ୍କ ସହିତ ସମାନ ହୋଇଯିବି ! ତାଙ୍କୁ କହିବ—ସତ୍ୟ ନିଜର ପ୍ରତିଷ୍ଠା ନିଜେ କରିନେବ, ତେଣୁ ମୋ ପାଇଁ ସେମାନଙ୍କ ସହିତ ବିରୋଧ କରିବା ଦରକାର ନାହିଁ । ସେମାନଙ୍କ ପକ୍ଷରେ (ମୋର ବନ୍ଧୁମାନଙ୍କର) ବର୍ତ୍ତମାନ ସୁଦ୍ଧା ଅନେକ କଥା ଶିଖିବାର ଅଛି, ସେମାନେ ତ ଏବେ ଶିଶୁ ତୁଲ୍ୟ । ସେମାନେ ବାଳକ—ସେମାନେ ବର୍ତ୍ତମାନ ସୁଦ୍ଧା ନିର୍ବୋଧ ପରି ସୁନେଲି ସ୍ୱପ୍ନ ଦେଖୁଛନ୍ତି ।

...ସାଧାରଣଙ୍କ ସହିତ ଜଡ଼ିତ ଏହି ବାଜେ ଜୀବନ ଏବଂ ଖବରକାଗଜର ଉପଦ୍ରବରେ ମୁଁ ଏକଦମ୍ ଅତିଷ୍ଠ ହୋଇଗଲିଣି । ଏବେ ପ୍ରାଣର ଆକାଙ୍‌କ୍ଷା—ହିମାଳୟର ସେହି ଶାନ୍ତିମୟ କୋଳକୁ ଫେରିଯାଆନ୍ତି ।

ତୁମପ୍ରତି ଚିରସ୍ନେହସମ୍ପନ୍ନ, ବିବେକାନନ୍ଦ

ଏ୬ଭଇଂ ଯୁକ୍ତରାଷ୍ଟ୍ର ଆମେରିକା, ୨୯ ସେପ୍ଟେମ୍ବର ୧୮୯୪

ପ୍ରିୟ ଆଲାସିଙ୍ଗା,

ତୁମେ ଯେଉଁସବୁ କାଗଜ ପଠାଇଥିଲ, ତାହା ଯଥା ସମୟରେ ଆସି ପହଞ୍ଚିଛି, ଆଉ ଏତେ ଦିନକେ ତୁମେ ମଧ୍ୟ ଆମେରିକା କାଗଜମାନଙ୍କରେ ଯେଉଁସବୁ ମନ୍ତବ୍ୟ ପ୍ରକାଶିତ ହୋଇଛି, ସେଥିମଧ୍ୟରୁ କିଛି କିଛି ନିଶ୍ଚୟ ପାଇଥିବ । ବର୍ତ୍ତମାନ ଠିକ୍ ହୋଇଯାଇଛି । ସର୍ବଦା କଲିକତାକୁ ଚିଠିପତ୍ର ଲେଖିବ । ବତ୍ସ, ଏପର୍ଯ୍ୟନ୍ତ ତୁମେ ସାହସ ପ୍ରଦର୍ଶନ କରି ନିଜକୁ ଗୌରବମଣ୍ଡିତ କରିଛ । ଜି.ଜି. ମଧ୍ୟ ଅତି ଅଦ୍ଭୁତ ଓ ସୁନ୍ଦର କାର୍ଯ୍ୟ କରିଛି । ହେ ମୋର ସାହସୀ, ନିଃସ୍ୱାର୍ଥ ସନ୍ତାନଗଣ, ତୁମେମାନେ ସମସ୍ତେ ଖୁବ୍ ସୁନ୍ଦର କାର୍ଯ୍ୟ କରିଛ । ମୁଁ ତୁମମାନଙ୍କ କଥା ସ୍ମରଣ କରି ବିଶେଷ ଗୌରବ ଅନୁଭବ କରୁଛି । ଭାରତ ତୁମମାନଙ୍କୁ ପାଇ ଗୌରବ ଅନୁଭବ କରୁଛି । ଖବରକାଗଜ ପ୍ରକାଶ ପାଇଁ ତୁମର ଯେଉଁ ସଂକଳ୍ପ ଥିଲା, ତାହା ତ୍ୟାଗ କରିବ ନାହିଁ । ଖେତଡ଼ିର ରାଜା ଓ କାଠିଆୱାଡ଼ସ୍ଥ ଲିମ୍ବଡ଼ିର ଠାକୁର ସାହେବ ଯେପରି ମୋ କାର୍ଯ୍ୟ ସମ୍ପର୍କରେ ସର୍ବଦା ସମ୍ବାଦ ପାଇବେ, ସେଥିର ବ୍ୟବସ୍ଥା କରିବ । ମୁଁ ମାନ୍ଦ୍ରାଜ ଅଭିନନ୍ଦନର ଏକ ସଂକ୍ଷିପ୍ତ ଉତ୍ତର ଲେଖୁଛି । ଯଦି ଶସ୍ତା ହୁଏ, ଏଠାରୁ ହିଁ ଛପାଇ ପଠାଇ ଦେବି, ନତୁବା ଟାଇପ୍ କରି ପଠାଇବି । ଭରସାରେ ଛାତି ଦୃଢ଼ କର—ନିରାଶ

ହୁଅ ନାହିଁ । ଏଭଳି ସୁନ୍ଦର ଭାବରେ କାର୍ଯ୍ୟ ସମ୍ପନ୍ନ ହେବା ପରେ ଯଦି ପୁଣି ତୁମର
ନୈରାଶ୍ୟ ଆସେ, ତା'ହେଲେ ତୁମେ ମୂର୍ଖ । ଆମମାନଙ୍କର କାର୍ଯ୍ୟର ଆରମ୍ଭ ଯେପରି ସୁନ୍ଦର
ହୋଇଛି, ଆଉ କୌଣସି କାର୍ଯ୍ୟର ଆରମ୍ଭ ସେପରି ହେବା ଦେଖାଯାଏ ନାହିଁ; ଆମମାନଙ୍କର
କାର୍ଯ୍ୟ ଭାରତ ଓ ତା'ର ବାହାରେ ଯେପରି ଶୀଘ୍ର ଶୀଘ୍ର ବିସ୍ତୃତ ହେଉଛି, ଏପର୍ଯ୍ୟନ୍ତ ଭାରତର
ଅନ୍ୟ କୌଣସି ଆନ୍ଦୋଳନ ସେପରି ହୋଇ ନାହିଁ ।

ମୁଁ ଭାରତ ବାହାରେ କୌଣସି ପ୍ରକାର ପ୍ରଣାଳୀବଦ୍ଧ କାର୍ଯ୍ୟ ବା ସଭା ସମିତି
କରିବାକୁ ଇଚ୍ଛୁକ ନୁହେଁ । ଏଭଳି କାର୍ଯ୍ୟର ମଧ୍ୟ କୌଣସି ଉପକାରିତା ବୁଝିପାରୁ ନାହିଁ ।
ଭାରତ ହିଁ ଆମର କାର୍ଯ୍ୟକ୍ଷେତ୍ର ଏବଂ ବିଦେଶରେ ଆମର କାର୍ଯ୍ୟ ସମାଦୃତ ହେବାର ଏତିକି
ମୂଲ୍ୟ ଯେ, ତା'ଦ୍ୱାରା ଭାରତର ଜାଗରଣ ହେବ, ଏତିକି । ଆମେରିକାରେ ଏହି ସଫଳତା
ଫଳରେ ଭାରତରେ ଆମର କାର୍ଯ୍ୟ କରିବା ପାଇଁ ଅଧିକାର ଓ ସୁଯୋଗ ଉପସ୍ଥିତ ହୋଇଛି ।
ବର୍ତ୍ତମାନ ଭାବବିସ୍ତାର ପାଇଁ ଆମର ଦୃଢ଼ ଭିତ୍ତିର ପ୍ରୟୋଜନ । ମାନ୍ଦ୍ରାଜ ଓ କଲିକତା—
ବର୍ତ୍ତମାନ ଏହି ଦୁଇଟି କେନ୍ଦ୍ର ହୋଇଛି । ଅତିଶୀଘ୍ର ଭାରତରେ ଆହୁରି ଶତ ଶତ କେନ୍ଦ୍ର
ଗଢ଼ି ଉଠିବ ।

ଯଦି ପାର ତେବେ ସମ୍ବାଦପତ୍ର ଓ ସାମୟିକ ପତ୍ର ଉଭୟ ପ୍ରକାଶ କର । ମୋର
ଯେଉଁସବୁ ଭ୍ରାତୃଗଣ ଚତୁର୍ଦ୍ଦିଗରେ ବୁଲୁଛନ୍ତି, ସେମାନେ ଗ୍ରାହକ ସଂଗ୍ରହ କରିବେ । ମୁଁ
ମଧ୍ୟ ଅନେକ ଗ୍ରାହକ ଯୋଗାଡ଼ କରିବି ଏବଂ ମଧ୍ୟେ ମଧ୍ୟେ କିଛି କିଛି ଟଙ୍କା ପଠାଇବି ।
ମୁହୂର୍ତ୍ତିକ ପାଇଁ ମଧ୍ୟ ବିଚଳିତ ହୁଅ ନାହିଁ, ସବୁ ଠିକ୍ ହୋଇଯିବ ।

ଇଚ୍ଛାଶକ୍ତି ହିଁ ଜଗତକୁ ପରିଚାଳିତ କରିଥାଏ । ହେ ବତ୍ସ, ଯୁବକଗଣ ଖ୍ରୀଷ୍ଟିଆନ
ହୋଇଯାଇଛନ୍ତି ବୋଲି ଦୁଃଖିତ ହୁଅ ନାହିଁ, ଆମ ନିଜ ଦୋଷରୁ ଏହା ଘଟୁଛି ।

ବର୍ତ୍ତମାନ ଅନେକ ସମ୍ବାଦପତ୍ର ଓ ପରମହଂସଦେବଙ୍କ ଜୀବନୀ ଆସି ପହଞ୍ଚିଲା—ମୁଁ
ସମୁଦାୟ ପଢ଼ି ତା'ପରେ ପୁଣି କଲମ ଧରୁଛି । ଆମ ସମାଜରେ, ବିଶେଷତଃ ମାନ୍ଦ୍ରାଜରେ
ବର୍ତ୍ତମାନ ଯେଉଁଭଳି ଅଯଥା ନିୟମ ଓ ଆଚାର-ବନ୍ଧନ ରହିଛି, ସେଥିରେ ସେମାନେ ଏପରି
ନ ହୋଇ ବା କରିବେ କଅଣ ? ଉନ୍ନତି ପାଇଁ ପ୍ରଥମେ ଦରକାର ସ୍ୱାଧୀନତା । ତୁମମାନଙ୍କ
ପୂର୍ବପୁରୁଷଗଣ ଆତ୍ମାର ସ୍ୱାଧୀନତା ଦେଇଥିଲେ, ସେଥିପାଇଁ ଧର୍ମର ଉତ୍ତରୋତ୍ତର ବୃଦ୍ଧି ଓ
ବିକାଶ ଘଟିଛି; କିନ୍ତୁ ସେମାନେ ଦେହକୁ ଯେତେ ପ୍ରକାର ବନ୍ଧନରେ ପକାଇଲେ, ତା'
ଫଳରେ ସମାଜର ବିକାଶ ହେଲ ନାହିଁ । ପାଶ୍ଚାତ୍ୟ ଦେଶରେ ଠିକ୍ ତା'ର ବିପରୀତ—
ସମାଜରେ ଯଥେଷ୍ଟ ସ୍ୱାଧୀନତା—ଧର୍ମରେ ଲେଶମାତ୍ର ନାହିଁ । ଏହା ଫଳରେ ସେଠାରେ
ଧର୍ମ ନିତାନ୍ତ ଅପରିଣତ ଓ ସମାଜ ସୁନ୍ଦର ଉନ୍ନତ ହୋଇ ଦଣ୍ଡାୟମାନ । ବର୍ତ୍ତମାନ
ପ୍ରାଚ୍ୟଦେଶୀୟ ସମାଜର ଚରଣରୁ ବନ୍ଧନ-ଶୃଙ୍ଖଳ କ୍ରମଶଃ ଦୂର ହେଉଛି, ଏବଂ ପାଶ୍ଚାତ୍ୟରେ
ଧର୍ମର ଠିକ୍ ସେହି ଦଶା ଘଟୁଛି । ତୁମମାନଙ୍କୁ ଅପେକ୍ଷା କରିବାକୁ ହେବ ଏବଂ ସହିଷ୍ଣୁତାର
ସହିତ କାର୍ଯ୍ୟ କରିବାକୁ ପଡ଼ିବ ।

ପ୍ରତ୍ୟେକର ଆଦର୍ଶ ଭିନ୍ନ ଭିନ୍ନ । ଭାରତର ଆଦର୍ଶ ଧର୍ମମୁଖୀ ବା ଅନ୍ତର୍ମୁଖୀ;

ପାଶ୍ଚାତ୍ୟର ବୈଜ୍ଞାନିକ ବା ବହିର୍ମୁଖୀ । ପାଶ୍ଚାତ୍ୟ ଧର୍ମର କିଛି ଉନ୍ନତି କରିବାକୁ ଚାହିଁଲେ ସମାଜର ଉନ୍ନତି ମଧ୍ୟଦେଇ କରିବାକୁ ଚାହେଁ ଏବଂ ଅପର ପକ୍ଷରେ ପ୍ରାଚ୍ୟ କିଛି ସାମାଜିକ ଶକ୍ତି ଲାଭ କରିବାକୁ ହେଲେ, ତାହା ଧର୍ମ ମାଧ୍ୟମରେ ଲାଭ କରିବାକୁ ଚାହେଁ ।

ଏହି କାରଣରୁ ଆଧୁନିକ ସଂସ୍କାରକଗଣ ପ୍ରଥମେ ଭାରତର ଧର୍ମକୁ ନଷ୍ଟ ନ କରି ସଂସ୍କାରର ଅନ୍ୟ କୌଣସି ଉପାୟ ଦେଖିପାରି ନାହାନ୍ତି । ସେମାନେ ସେଥିପାଇଁ ଚେଷ୍ଟା କରିଛନ୍ତି, କିନ୍ତୁ ବିଫଳମନୋରଥ ହୋଇଛନ୍ତି । ଏହାର କାରଣ କ'ଣ ? କାରଣ ସେମାନଙ୍କ ମଧ୍ୟରେ ଅତି ଅଳ୍ପସଂଖ୍ୟକ ବ୍ୟକ୍ତି ନିଜ ଧର୍ମକୁ ଉତ୍ତମରୂପେ ଅଧ୍ୟୟନ ଓ ଆଲୋଚନା କରିଛନ୍ତି ଏବଂ 'ସକଳ ଧର୍ମର ପ୍ରସୂତି'କୁ ବୁଝିବା ପାଇଁ ଯେଉଁ ସାଧନା ଦରକାର, ସେହି ସାଧନା ମଧ୍ୟଦେଇ ସେମାନଙ୍କ ଭିତରୁ ଜଣେ ମଧ୍ୟ ଯାଇ ନାହାନ୍ତି । ଈଶ୍ୱରଙ୍କ ଇଚ୍ଛା ବଳରେ ମୁଁ ଏ ସମସ୍ୟାର ମୀମାଂସା କରିଛି ବୋଲି ଦାବି କରେ । ମୁଁ ଦୃଢ଼ ଭାବରେ କହୁଛି, ହିନ୍ଦୁ ସମାଜର ଉନ୍ନତି ପାଇଁ ଧର୍ମକୁ ନଷ୍ଟ କରିବାର କୌଣସି ପ୍ରୟୋଜନ ନାହିଁ ଏବଂ ଧର୍ମ ପାଇଁ ଯେ ସମାଜର ଏହି ଅବସ୍ଥା, ତାହା ନୁହେଁ; ବରଂ ଧର୍ମକୁ ସାମାଜିକ ବ୍ୟାପାରରେ ଯେଉଁ ଭାବରେ ଲଗାଇବା ଉଚିତ, ତାହା ହୋଇପାରି ନାହିଁ ବୋଲି ସମାଜର ଏହି ଅବସ୍ଥା । ମୁଁ ଆମର ପ୍ରାଚୀନ ଶାସ୍ତ୍ରସମୂହରୁ ଏହାର ପ୍ରତ୍ୟେକ କଥା ପ୍ରମାଣ କରିବାକୁ ପ୍ରସ୍ତୁତ । ମୁଁ ଏହା ହିଁ ଶିକ୍ଷା ଦେଉଛି ଏବଂ ଏହାକୁ କାର୍ଯ୍ୟରେ ପରିଣତ କରିବା ଲାଗି ଆମକୁ ଜୀବନସାରା ଚେଷ୍ଟା କରିବାକୁ ପଡ଼ିବ । କିନ୍ତୁ ଏଥିପାଇଁ ସମୟ ଲାଗିବ—ଅନେକ ସମୟ ଓ ଦୀର୍ଘକାଳବ୍ୟାପୀ ଆଲୋଚନା ଆବଶ୍ୟକ । ସହିଷ୍ଣୁତା ଅବଲମ୍ବନ କର ଓ କାର୍ଯ୍ୟ କରିଯାଅ, 'ଉଦ୍ଧରେଦାତ୍ମନାତ୍ମାନମ୍'—ଆତ୍ମାଦ୍ୱାରା ହିଁ ଆତ୍ମାକୁ ଉଦ୍ଧାର କରିବାକୁ ହେବ ।

ମୁଁ ତୁମମାନଙ୍କ ଅଭିନନ୍ଦନର ଉତ୍ତର ଦେବା ପାଇଁ ବ୍ୟସ୍ତ ଅଛି । ଏହା ଛପାଇବା ଲାଗି ବିଶେଷ ଚେଷ୍ଟା କରିବ । ତାହା ଯଦି ସମ୍ଭବପର ନ ହୁଏ, ତା'ହେଲେ କିଛି କିଛି କରି 'ଇଣ୍ଡିଆନ୍ ମିରର୍' ଓ ଅନ୍ୟାନ୍ୟ କାଗଜରେ ପ୍ରକାଶ କରିବ ।

ତୁମର, ବିବେକାନନ୍ଦ

ପୁନଶ୍ଚ—ବର୍ତ୍ତମାନ ହିନ୍ଦୁ ସମାଜ କେବଳ ଉନ୍ନତ ଆଧ୍ୟାତ୍ମିକଭାବାପନ୍ନ ଜନଗଣଙ୍କ ପାଇଁ ଗଠିତ ଏବଂ ଅନ୍ୟ ସମସ୍ତଙ୍କୁ ଏହା ନିର୍ଦ୍ଦୟ ଭାବରେ ପେଷି ଦିଏ, କାହିଁକି ? ଯେଉଁମାନେ ସାଂସାରିକ ଅସାର ବିଷୟ—ଯଥା ରୂପରସାଦି—ଟିକିଏ ଅଧେ ସମ୍ଭୋଗ କରିବାକୁ ଚାହାନ୍ତି, ସେମାନେ କୁଆଡ଼େ ଯିବେ ? ତୁମମାନଙ୍କ ଧର୍ମ ଯେପରି ଉତ୍ତମ, ମଧ୍ୟମ ଓ ଅଧମ—ସକଳପ୍ରକାର ଅଧିକାରୀଙ୍କୁ ଗ୍ରହଣ କରିଥାଏ, ତୁମ ସମାଜର ମଧ୍ୟ ସେହିପରି ଉଚିତ ଉଚ୍ଚ-ନୀଚ-ଭାବାପନ୍ନ ସମସ୍ତଙ୍କୁ ଗ୍ରହଣ କରିବା । ଏହାର ଉପାୟ—ପ୍ରଥମେ ତୁମମାନଙ୍କ ଧର୍ମର ପ୍ରକୃତ ତତ୍ତ୍ୱ ବୁଝିବାକୁ ପଡ଼ିବ, ତା'ପରେ ସାମାଜିକ ବିଷୟରେ ଏହାକୁ ଲଗାଇବାକୁ ହେବ । ଧୀରେ ଧୀରେ, କିନ୍ତୁ ନିଶ୍ଚିତ ଭାବରେ ଏହି କାମ କରିବାକୁ ହେବ । ଇତି —ବି.

୧୨୭ଇଂ (ଶ୍ରୀଯୁକ୍ତ ହରିଦାସ ବିହାରୀଦାସ ଦେଶାଇଙ୍କୁ ଲିଖିତ)

ଚିକାଗୋ, ସେପ୍ଟେମ୍ବର ୧୮୯୪

ପ୍ରିୟ ଦେୱାନ୍‌ଜୀ ସାହେବ,

ଅନେକ ଦିନ ତଳୁ ଆପଣଙ୍କର ଅନୁଗ୍ରହପତ୍ର ପାଇଛି; କିନ୍ତୁ ଲେଖିବାପରି କିଛି ନ ଥିବା ଯୋଗୁଁ ଉତ୍ତର ଦେବାରେ ବିଳମ୍ବ କଲି । ଜି. ଡବ୍ଲ୍ୟୁ. ହେଲ୍‌ଙ୍କ ନିକଟକୁ ଲିଖିତ ଆପଣଙ୍କ ପତ୍ର ଖୁବ୍ ସନ୍ତୋଷଜନକ ହୋଇଛି; କାରଣ ସେମାନଙ୍କ ପାଖରେ ମୋର ସେଇତିକି ହିଁ ଦେଣା ଥିଲା । ମୁଁ ଏହି ସମୟରେ ଏ ଦେଶର ସର୍ବତ୍ର ବୁଲିବୁଲି କରୁଛି ଏବଂ ସବୁ କିଛି ଲକ୍ଷ୍ୟ କରୁଛି ଏବଂ ତାହା ଫଳରେ ମୁଁ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛି ଯେ, ପୃଥିବୀରେ କେବଳ ଗୋଟିଏ ଦେଶ ଅଛି, ଯାହା ଧର୍ମ କି ବସ୍ତୁ ତାହା ବୁଝେ—ସେହି ଦେଶ ହେଉଛି ଭାରତବର୍ଷ । ହିନ୍ଦୁମାନଙ୍କର ସମସ୍ତ ଦୋଷତ୍ରୁଟି ସତ୍ତ୍ୱେ, ସେମାନେ ନୈତିକ ଚରିତ୍ର ଓ ଆଧ୍ୟାତ୍ମିକତାରେ ଅନ୍ୟାନ୍ୟ ଜାତି ଅପେକ୍ଷା ବହୁଗୁଣରେ ଶ୍ରେଷ୍ଠ ଏବଂ ତାହାର ନିଃସ୍ୱାର୍ଥପର ସନ୍ତାନଗଣଙ୍କ ଯଥାଯୋଗ୍ୟ ଯତ୍ନ, ଚେଷ୍ଟା ଓ ଉଦ୍ୟମଦ୍ୱାରା ଏବଂ ପାଶ୍ଚାତ୍ୟର କର୍ମୈଷଣା ଓ ତେଜସ୍ୱିତାର ଉପାଦାନସମୂହ ହିନ୍ଦୁମାନଙ୍କ ଶାନ୍ତ ଗୁଣାବଳୀ ସହିତ ମିଶ୍ରିତ କରି ଏକ ନୂତନ ଧରଣର ମନୁଷ୍ୟ ସୃଷ୍ଟି କରିବା ସମ୍ଭବ ହୋଇପାରେ—ଯେଉଁମାନେ କି ଜଗତର ପୂର୍ବତନ ଯେକୌଣସି ମନୁଷ୍ୟ ଅପେକ୍ଷା ସର୍ବାଂଶରେ ଶ୍ରେଷ୍ଠ ହୋଇପାରିବେ ।

ମୁଁ କେବେ ଭାରତବର୍ଷକୁ ଫେରିପାରିବି—ତାହା କହିପାରୁ ନାହିଁ; କିନ୍ତୁ ମୋର ବିଶ୍ୱାସ ଯେ, ଏ ଦେଶର ଯଥେଷ୍ଟ କିଛି ମୁଁ ଦେଖିସାରିଛି । ସୁତରାଂ ଶୀଘ୍ର ୟୁରୋପ ଅଭିମୁଖେ ଯାତ୍ରା କରୁଛି—ତା'ପରେ ଭାରତବର୍ଷ ।

ଆପଣଙ୍କ ପ୍ରତି ଓ ଆପଣଙ୍କ ଭ୍ରାତୃମଣ୍ଡଳୀଙ୍କ ପ୍ରତି ମୋର ଅନନ୍ତ ପ୍ରୀତି ଓ କୃତଜ୍ଞତା ନିବେଦନ କରୁଛି । ଇତି

ଆପଣଙ୍କର ବିଶ୍ୱସ୍ତ, ବିବେକାନନ୍ଦ

୧୨୮ଇଂ (ମଠର ସମସ୍ତଙ୍କୁ ଲକ୍ଷ୍ୟ କରି ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

ବାଲ୍ଟିମୋର୍, ଆମେରିକା, ୨୨ ଅକ୍ଟୋବର ୧୮୯୪

ପ୍ରେମାସ୍ପଦେଷୁ,

ତୁମ ପତ୍ର ପାଠ କରି ସକଳ ସମାଚାର ଅବଗତ ହେଲି । ଶ୍ରୀମାନ୍ ଅକ୍ଷୟକୁମାର ଘୋଷଙ୍କର ଏକ ପତ୍ର ଲଣ୍ଡନ୍ ନଗରରୁ ଆଜି ମିଳିଛି । ସେଥିରୁ ମଧ୍ୟ ଅନେକ ବିଷୟ ଜାଣିପାରିଲି ।

ତୁମମାନଙ୍କର Address from the Town Hall Meeting (ଟାଉନ୍ ହଲ୍ ସଭାରୁ ଅଭିନନ୍ଦନ) ଏଠାର ଖବରକାଗଜରେ ପ୍ରକାଶିତ ହୋଇଯାଇଛି । କୌଣସି ଟେଲିଗ୍ରାଫ୍ କରିବା ଆବଶ୍ୟକ ନ ଥିଲା । ଯାହାହେଉ, ସମସ୍ତ କାର୍ଯ୍ୟ କୁଶଳରେ ସମ୍ପନ୍ନ ହୋଇଛି, ଏହା ପରମ ମଙ୍ଗଳ । ଏ ସମସ୍ତ ମିଟିଙ୍ଗ କରି ଅଭିନନ୍ଦନପ୍ରଦାନର ଉଦ୍ଦେଶ୍ୟ

ଏ ଦେଶ ପାଇଁ ନୁହେଁ, ଭାରତବର୍ଷ ପାଇଁ । ବର୍ତ୍ତମାନ ତୁମେମାନେ ନିଜ ନିଜ ଶକ୍ତିର ପରିଚୟ ଲାଭ କର—Strike the iron while it is hot.[୧] ମହାଶକ୍ତି ନେଇ କାର୍ଯ୍ୟକ୍ଷେତ୍ରରେ ଅବତରଣ କର । ଅଳସୁଆଙ୍କ କାମ ନୁହେଁ । ଈର୍ଷା ଓ ଅହମିକାଭାବ ଚିରଦିନ ପାଇଁ ଗଙ୍ଗାଜଳରେ ବିସର୍ଜନ କର ଓ ମହାବଳ ସହିତ କାର୍ଯ୍ୟରେ ଲାଗିପଡ଼ । ତା'ପରେ ପ୍ରଭୁ ସବୁ ବାଟ ଦେଖାଇଦେବେ । ମହାବନ୍ୟାରେ ସମସ୍ତ ପୃଥିବୀ ପ୍ଳାବିତ ହୋଇଯିବ । ମାଷ୍ଟର ମହାଶୟ ଓ ଜି. ସି. ଘୋଷ ପ୍ରଭୃତିଙ୍କ ଦୁଇଟି ବୃହତ୍ ପତ୍ର ପାଇଲି । ସେମାନଙ୍କ ନିକଟରେ ଆମେ ଚିରକୃତଜ୍ଞ । But work, work, work. (କିନ୍ତୁ କାମ କର, କାମ କର, କାମ କର)—ଏହା ହେଲା ମୂଳମନ୍ତ୍ର । ମୁଁ ଆଉ କିଛି ଦେଖିପାରୁ ନାହିଁ । ଏ ଦେଶରେ କାର୍ଯ୍ୟର ବିରାମ ନାହିଁ—ସମଗ୍ର ଦେଶରେ ବୁଲି ବେଡ଼ାଉଛି । ଯେଉଁଠାରେ ସେହି ତେଜର ବୀଜ ପଡ଼ିବ, ସେହିଠାରେ ଫଳ ଫଳିବ—ବର୍ତ୍ତମାନ କିମ୍ବା ଶତାବ୍ଦୀପରେ । କାହା ସଙ୍ଗେ ବିବାଦର ଆବଶ୍ୟକତା ନାହିଁ । ସମସ୍ତଙ୍କ ସହିତ ସହାନୁଭୂତି ରଖି କାର୍ଯ୍ୟ କରିବାକୁ ହେବ —ତା'ହେଲେ ଶୀଘ୍ର ଫଳ ମିଳିପାରିବ ।

ମିରଟର ଯଜ୍ଞେଶ୍ୱର ମୁଖୋପାଧ୍ୟାୟ ଏକ ପତ୍ର ଲେଖିଛନ୍ତି । ତୁମମାନଙ୍କଦ୍ୱାରା ଯଦି ତାଙ୍କର କୌଣସି ସହାୟତା ହୁଏ—ତା' ହେଲେ କରିବ । ଜଗତର ହିତସାଧନ ଆମର ଉଦ୍ଦେଶ୍ୟ, ନିଜ ନାମ ପ୍ରଚାର କରିବା ଉଦ୍ଦେଶ୍ୟ ନୁହେଁ । ଯୋଗେନ୍ ଓ ବାବୁରାମ ବୋଧହୁଏ ଏ ମଧ୍ୟରେ ଭଲ ହୋଇଯିବେଣି । ନିରଞ୍ଜନ ବୋଧହୁଏ ସିଂହଳରୁ ଫେରିଆସିଛି । ସେ ସିଂହଳରେ ପାଲିଭାଷା ଶିକ୍ଷା ଓ ବୌଦ୍ଧଗ୍ରନ୍ଥ ଅଧ୍ୟୟନ ଯେ କାହିଁକି ନ କରୁଛି—ତାହା ବୁଝିପାରୁ ନାହିଁ । ଅନର୍ଥକ ଭ୍ରମଣରେ ଫଳ କଅଣ ? ଏଥରର ଉତ୍ସବ ଏପରି କରିବ, ଯେପରିକି ଭାରତରେ ଆଗରୁ କେବେ ହୋଇ ନାହିଁ । ବର୍ତ୍ତମାନଠାରୁ ହିଁ ତାହାର ଉଦ୍‌ଯୋଗ କର, ଏବଂ ଉକ୍ତ ଉତ୍ସବ ମଧ୍ୟରେ ଅନ୍ୟମାନେ କିଛି କିଛି ସାହାଯ୍ୟ କଲେ, ହୁଏତ ଆମମାନଙ୍କ ପାଇଁ ଗୋଟିଏ ସ୍ଥାନ ମିଳିଯାଇପାରିବ । ସବୁ ବଡ଼ଲୋକଙ୍କ ପାଖକୁ ଯାତାୟାତ କରିବ । ମୁଁ ଯେଉଁସବୁ ଚିଠିପତ୍ର ଲେଖୁଛି ବା ମୋ ସମ୍ପର୍କରେ ଖବରକାଗଜରୁ ଯାହା ପାଉଛ, ସେସମସ୍ତ ନ ଛପାଇ ଯାହା ବିବାଦଶୂନ୍ୟ ଓ ରାଜନୀତି ସମ୍ପର୍କୀୟ ନୁହେଁ—ସେତିକି ମାତ୍ର ଛପାଇବ ।

ପୂର୍ବ ପତ୍ରରେ ଲେଖିଛି ଯେ, ତୁମେମାନେ ମା' ଠାକୁରାଣୀଙ୍କ ପାଇଁ ଗୋଟିଏ ଜାଗା ସ୍ଥିର କରି ମୋ ପାଖକୁ ଯେତେଶୀଘ୍ର ପାର ପତ୍ର ଲେଖିବ । Business man (କାମର ଲୋକ) ହେବାକୁ ପଡ଼ିବ ଅନ୍ତତଃ କେହି ଜଣେ । ଗୋପାଳ ଓ ସାଣ୍ଡେଲଙ୍କ ଦେଖା ଏ ପର୍ଯ୍ୟନ୍ତ ଅଛି କି ନାହିଁ ଏବଂ କେତେ ଦେଖା—ଲେଖିବ । ଯେଉଁମାନେ ତାଙ୍କର ଶରଣାଗତ, ସେମାନଙ୍କର ଧର୍ମ, ଅର୍ଥ, କାମ, ମୋକ୍ଷ ପାଦତଳେ, ମାଭୈଃ ମାଭୈଃ । ସବୁ ଧୀରେ ଧୀରେ

[୧] ତତଲା ଥାଉ ଥାଉ ଲୁହା ଉପରେ ହାତୁଡ଼ି ମାର, ଅର୍ଥାତ୍ ଯଥାସମୟରେ ସଂକଳ୍ପକୁ କାର୍ଯ୍ୟରେ ପରିଣତ କର ।

ହେବ । ତୁମମାନଙ୍କ ନିକଟରୁ ଏତିକି ଦରକାର—ଅହଙ୍କାର ବା ଦଳାଦଳି ବା ଈର୍ଷାଭାବ ଚିରଦିନ ପାଇଁ ବିଦାୟ ଦେବାକୁ ପଡ଼ିବ । ପୃଥିବୀ ପରି ସର୍ବଂସହ ହେବାକୁ ପଡ଼ିବ; ଏତିକି ଯଦି ପାରିବ, ତା'ହେଲେ ଦୁନିଆ ତୁମ ପାଦତଳକୁ ଆସିଯିବ ।

ଏଥରର ଜନ୍ମୋତ୍ସବରେ ସମ୍ଭବତଃ ମୁଁ ଯୋଗ ଦେଇପାରିବି । ମୁଁ ପାରେ ବା ନ ପାରେ, ବର୍ତ୍ତମାନଠାରୁ ସେଥିର ସୂତ୍ରପାତ କଲେ ଯାଇ ମହା ଉତ୍ସବ ହୋଇପାରିବ । ଅଧିକ ଲୋକ ଏକତ୍ର ହେଲେ, ତାଙ୍କୁ ବସାଇ ଖେଚୁଡ଼ି ପ୍ରଭୃତି ପରଷିବା ନିତାନ୍ତ ଅସମ୍ଭବ ଏବଂ ଏ ଖିଆପିଆରେ ହିଁ ସମୟ ଗ୍ଭଲିଯାଏ । ତେଣୁ ଯଦି ବହୁ ଲୋକଙ୍କର ସମାଗମ ହୁଏ, ତା'ହେଲେ ଠିଆ-ପ୍ରସାଦ ଅର୍ଥାତ୍ ଗୋଟିଏ ଗୋଟିଏ ସରାରେ ଲୁଚି ପ୍ରଭୃତି ପ୍ରତ୍ୟେକଙ୍କ ହାତରେ ଧରାଇଦେଲେ ହିଁ ଯଥେଷ୍ଟ ହେବ । ମହୋତ୍ସବାଦିରେ ପେଟର ଖାଦ୍ୟ କମ୍ କରି, ମସ୍ତିଷ୍କର ଖାଦ୍ୟ କିଛି ଦେବା ଲାଗି ଚେଷ୍ଟା କରିବ । ଯଦି ୨୦ ହଜାର ଲୋକ ଗ୍ଭରିଅଣାକରି ଦିଅନ୍ତି, ତା'ହେଲେ ୫ ହଜାର ଟଙ୍କା ଉଠିଯିବ । ପରମହଂସଦେବଙ୍କ ଜୀବନୀ ଏବଂ ତାଙ୍କର ଶିକ୍ଷା ତଥା ଅନ୍ୟାନ୍ୟ ଶାସ୍ତ୍ରମାନଙ୍କର ଉପଦେଶ ଆଲୋଚନା କରିବ; ଇତ୍ୟାଦି ଇତ୍ୟାଦି । ବଙ୍ଗଦେଶର ଗ୍ରାମେ ଗ୍ରାମେ ପ୍ରାୟ ହରିସଭାମାନ ରହିଛି । ସେଗୁଡ଼ିକୁ ଧୀରେ ଧୀରେ ନିଜର କରିନେବାକୁ ପଡ଼ିବ – ବୁଝିପାରୁଛ ତ ? ସର୍ବଦା ମୋ ପାଖକୁ ପତ୍ର ଲେଖିବ । ଆଉ ବେଶୀ newspaper-cutting (ଖବରକାଗଜର ଅଂଶ) ପଠାଇବା ଦରକାର ନାହିଁ; ଅନେକ ଆସିଛି । ଇତି

ବିବେକାନନ୍ଦ

୧୬୯ଇଂ

ଓ୍ୱାସିଂଟନ୍, ୨୭ ଅକ୍ଟୋବର ୧୮୯୪

ପ୍ରିୟ ବିହାରିଦାସ ଜୀ,

ଏ ଦେଶରେ ମୁଁ ବେଶ ଭଲ ଅଛି । ଇତି ମଧ୍ୟରେ ଏମାନଙ୍କର ନିଜ ଆଗ୍ଭର୍ଯ୍ୟଗଣଙ୍କ ମଧ୍ୟରେ ମୁଁ ଅନ୍ୟତମ ଭାବେ ଗଣ୍ୟ ହେଲିଣି । ଏମାନେ ସମସ୍ତେ ମୋତେ ଓ ମୋ ଉପଦେଶକୁ ପସନ୍ଦ କରୁଛନ୍ତି । ସମ୍ଭବତଃ ମୁଁ ଆଗାମୀ ଶୀତ ମାସରେ ଭାରତ ଫେରିବି । ଆପଣ ବମ୍ବେର ମି: ଗାନ୍ଧୀଙ୍କୁ ଜାଣନ୍ତି କି ? ସେ ବର୍ତ୍ତମାନ ସୁଦ୍ଧା ଚିକାଗୋରେ ଅଛନ୍ତି । ଭାରତରେ ମୋର ଯେଉଁପରି ଅଭ୍ୟାସ ଥିଲା, ଏଠାରେ ମଧ୍ୟ ତଦନୁରୂପ; ସମସ୍ତ ଦେଶର ବିଭିନ୍ନ ସ୍ଥାନ ଭ୍ରମଣ କରୁଛି । ପ୍ରଭେଦ ଏତିକି ଯେ, ମୁଁ ଏଠାରେ ଉପଦେଶ ଦେଇ, ପ୍ରଚାର କରି ଭ୍ରମଣ କରୁଛି । ସହସ୍ର ସହସ୍ର ବ୍ୟକ୍ତି ଖୁବ୍ ଆଗ୍ରହ ସହକାରେ ମୋ କଥା ଶୁଣୁଛନ୍ତି । ଏ ଦେଶରେ ରହିବା ଖୁବ୍ ବ୍ୟୟସାଧ୍ୟ; କିନ୍ତୁ ପ୍ରଭୁ ସର୍ବତ୍ର ମୋ ପାଇଁ ଯୋଗାଡ଼ କରି ଦେଉଛନ୍ତି ।

ସେଠାରେ (ଲିମ୍ବଡ଼ି, ରାଜପୁତାନାରେ) ଥିବା ମୋର ସମସ୍ତ ବନ୍ଧୁମାନଙ୍କୁ ଓ ଆପଣଙ୍କୁ ଶ୍ରଦ୍ଧା ଜଣାଉଛି । ଇତି

ବିବେକାନନ୍ଦ

୧୩୦ଇଂ (ମିସେସ୍ ହେଲ୍‌ଙ୍କୁ ଲିଖିତ)

୧୧୨୫ ସେଣ୍ଟପଲ୍ ଷ୍ଟ୍ରୀଟ୍, ବାଲ୍‌ଟିମୋର, ଅକ୍ଟୋବର ୧୮୯୪

ମା,

ଦେଖନ୍ତୁ, ମୁଁ କେଉଁଠାରେ ଆସି ଉଠିଛି । 'ଚିକାଗୋ ଟ୍ରିବ୍ୟୁନ୍'ରେ ଭାରତର ଗୋଟିଏ ଟେଲିଗ୍ରାଫ୍ ଲକ୍ଷ୍ୟ କରିଛନ୍ତି କି ? ଏଠାରୁ ଯିବି ୱାସିଂଟନ୍, ସେଠାରୁ ଫିଲାଡେଲ୍‌ଫିଆ; ତା' ପରେ ନ୍ୟୁୟର୍କ । ଫିଲାଡେଲ୍‌ଫିଆରେ ମିସ୍ ମେରିଙ୍କ ଠିକଣା ମୋ ପାଖକୁ ପଠାଇବେ । ନ୍ୟୁୟର୍କ ଯିବା ବାଟରେ ତାଙ୍କ ସହିତ ଦେଖାକରି ଯିବି । ଆଶା କରେ, ବର୍ତ୍ତମାନ ଆପଣ ନିଶ୍ଚିନ୍ତ ହୋଇଛନ୍ତି ।

ଆପଣଙ୍କ ସ୍ନେହର, ବିବେକାନନ୍ଦ

୧୩୧ଇଂ (ମିସ୍ ମେରି ହେଲ୍‌ଙ୍କୁ ଲିଖିତ)

୧୭୦୩ ଫାର୍ଷ୍ଟ ଷ୍ଟ୍ରୀଟ୍, ୱାସିଂଟନ୍

ପ୍ରିୟ ଭଗିନି,

ଅନୁଗ୍ରହ କରି ତୁମେ ଯେଉଁ ପତ୍ର ଦୁଇଟି ଲେଖିଥିଲ, ସେଗୁଡ଼ିକ ପାଇଛି । ଆଜି ଏଠାରେ, କାଲି ବାଲ୍‌ଟିମୋରଠାରେ ମୋର ବକ୍ତୃତା ଅଛି; ପୁଣି ସୋମବାର ଦିନ ବାଲ୍‌ଟିମୋର୍‌ରେ ଏବଂ ମଙ୍ଗଳବାରଦିନ ଏଠାରେ । ତା'ର କିଛିଦିନ ପରେ ଫିଲାଡେଲଫିଆ ଯିବି । ୱାସିଂଟନ୍ ଛାଡ଼ିବା ଦିନ ତୁମ ପାଖକୁ ଚିଠି ଲେଖିବି । ଅଧ୍ୟାପକ ରାଇଟଙ୍କ ସହିତ ଦେଖା କରିବା ପାଇଁ ଫିଲାଡେଲଫିଆରେ ମାତ୍ର ଦିନ କେତୋଟି ରହିବି । ସେଠାରୁ ନ୍ୟୁୟର୍କ ଓ ବୋଷ୍ଟନ୍ ମଧ୍ୟରେ ଦୁଇତିନି ଥର ଦୌଡ଼ାଦୌଡ଼ି କରିବା ପରେ ଡେଟ୍ରଏଟ ହୋଇ ଚିକାଗୋ ଯିବି । ତା'ପରେ ପ୍ରବୀଣ (Senator) ପାମର୍ ଯେପରି କହନ୍ତି—'ଯାଏଁ କରି ଇଂଲଣ୍ଡରେ ।'

ଧର୍ମର ଇଂରେଜି ପ୍ରତିଶବ୍ଦ—'ରିଲିଜିଅନ୍' । କଲିକତାବାସୀଗଣ ସେଠାରେ ପ୍ରେଟୋଙ୍କ ପ୍ରତି ରୁଢ଼ ବ୍ୟବହାର କରିଥିବାରୁ ମୁଁ ଖୁବ୍ ଦୁଃଖିତ । ମୁଁ ଏଠାରେ ବେଶ୍ ସଦ୍‌ବ୍ୟବହାର ପାଉଛି, କାମ ମଧ୍ୟ ଚମତ୍କାର ହେଉଛି । ଇତିମଧ୍ୟରେ ଉଲ୍ଲେଖଯୋଗ୍ୟ କିଛି ଘଟି ନାହିଁ । କେବଳ ଭାରତରୁ ବୋଝବୋଝ ସମ୍ବାଦପତ୍ର ଆସିବା ଯୋଗୁଁ ବିରକ୍ତ ହୋଇ ପଡ଼ିଥିଲି । 'ମଦର୍ ଚର୍ଚ୍ଚ' ଓ ମିସେସ୍ ଗାର୍ନସିଙ୍କ ନିକଟକୁ ସେଗୁଡ଼ିକ ଗାଡ଼ି ବୋଝାଇ କରି ପଠାଇ ଦେଇଛି ଏବଂ ଭାରତସ୍ଥ ବନ୍ଧୁମାନଙ୍କୁ ନିଷେଧ କରିଦେଇଛି, ଆଉ ଯେପରି ସମ୍ବାଦ-ପତ୍ର ନ ପଠାନ୍ତି । ଭାରତରେ ଖୁବ୍ ହୁଲସ୍ଥୁଲ ପଡ଼ିଯାଇଛି । ଆଲାସିଙ୍ଗା ଲେଖିଛି ଯେ, ଦେଶସାରା ଗ୍ରାମେଗ୍ରାମେ ମୋର ନାମ ପ୍ରସିଦ୍ଧ ହୋଇଯାଇଛି । ଏହା ଫଳରେ ପୂର୍ବର ସେ ଶାନ୍ତି ଆଉ ରହିବ ନାହିଁ; ଏହା ପରେ ଆଉ କେଉଁଠି ବିଶ୍ରାମ ବା ଅବସର ପାଇବା କାଠିକର ପାଠ । ଭାରତର ଏହି ସମ୍ବାଦପତ୍ରଗୁଡ଼ିକ ମୋତେ ଶେଷ ନ କରି ଛାଡ଼ିବେ ନାହିଁ ଦେଖୁଛି । କେତେବେଳେ କଅଣ ଖାଇଛି, କେଉଁଠି କାଟିଛି—ସବୁକିଛି ଛାପିଦେବେ । ଅବଶ୍ୟ

ବୋକାମିଛା ମୋର । ପ୍ରକୃତ ପକ୍ଷେ ଏଠାକୁ ଆସିଥିଲି ଅଂଶତଃରେ କିଛି ଅର୍ଥ ସଂଗ୍ରହ କରିବା ପାଇଁ; କିନ୍ତୁ ଫାନ୍ଦରେ ପଡ଼ିଯାଇଛି, ଆଉ ବର୍ତ୍ତମାନ ଚୁପ୍‌ଚାପ୍ ରହିବା ସମ୍ଭବ ନୁହେଁ । ସମସ୍ତେ ଆନନ୍ଦରେ ରହନ୍ତୁ ।

ତୁମମାନଙ୍କର ସ୍ନେହର, ବିବେକାନନ୍ଦ

୧୩୨ଇଂ (ଇସାବେଲା ମ୍ୟାକ୍ କିଣ୍ଡଲିଙ୍କୁ ଲିଖିତ)

୧୭୦୮ W. P. ଷ୍ଟ୍ରିଟ୍, ଓ୍ୱାସିଂଟନ୍, ୨୬ (?) ଅକ୍ଟୋବର ୧୮୯୪

ପ୍ରିୟ ଭଗିନୀ,

ମୋର ଦୀର୍ଘ ନୀରବତା ପାଇଁ କ୍ଷମା କରିବ । 'ମଦର୍ ଚର୍ଚ୍ଚ'ଙ୍କୁ ମୁଁ କିନ୍ତୁ ନିୟମିତ ଚିଠି ଲେଖୁଛି । ତୁମେ ସମସ୍ତେ ନିଶ୍ଚୟ ସୁନ୍ଦର ଶୀତଳ ପବନ ଅନୁଭବ କରୁଛ । ମୁଁ ମଧ୍ୟ ବାଲ୍‌ଟିମୋର୍ ଓ ଓ୍ୱାସିଂଟନ୍‌କୁ ଉପଭୋଗ କରୁଛି । ଏଠାରୁ ଫିଲାଡେଲ୍‌ଫିଆ ଯିବି । ମୋର ଧାରଣା ଥିଲା ମିସ୍ ମେରୀ ଫିଲାଡେଲ୍‌ଫିଆରେ ଅଛି, ଏଣୁ ମୁଁ ତା'ର ଠିକଣା ଖୋଜୁଥିଲି । କିନ୍ତୁ ସେ ଫିଲାଡେଲ୍‌ଫିଆ ପାଖରେ ଅନ୍ୟ କେଉଁ ଜାଗାରେ ଅଛି । ଏଣୁ 'ମଦର୍ ଚର୍ଚ୍ଚ'ଙ୍କ କଥା ଅନୁଯାୟୀ ସେ ମୋ ସଙ୍ଗେ ଦେଖା କରିବାକୁ ଆସିବାର କଷ୍ଟ ସ୍ୱୀକାର କରୁ, ଏହା ମୁଁ ଚାହେଁ ନାହିଁ ।

ଯେଉଁ ମହିଳାଙ୍କ ପାଖରେ ମୁଁ ଅଛି, ତାଙ୍କ ନାମ ମିସ୍ ଟଟନ୍—ମିସ୍ ହାଓ୍ୱଙ୍କର ଜଣେ ଝିଆରୀ । ବର୍ତ୍ତମାନ ଗୋଟିଏ ସପ୍ତାହ ତାଙ୍କର ଅତିଥି ହୋଇ ରହିବି । ସୁତରାଂ ତୁମେ ତାଙ୍କ ଠିକଣାରେ ଚିଠି ଲେଖିପାର । ଏହି ଶୀତରେ ଜାନୁଆରୀ-ଫେବୃଆରୀ ସମୟରେ କୌଣସି ଏକ ସମୟରେ ମୋର ଇଂଲଣ୍ଡ ଯିବାକୁ ଇଚ୍ଛା । ଲଣ୍ଡନରେ ଜଣେ ମହିଳାଙ୍କ ପାଖରେ ମୋର ଜଣେ ବନ୍ଧୁ ଅଛନ୍ତି । ମହିଳାଜଣି ତାଙ୍କର ଆତିଥ୍ୟ ଗ୍ରହଣ ଲାଗି ମୋତେ ଆମନ୍ତ୍ରଣ କରିଛନ୍ତି । ଏଣେ ଫେରିଯିବା ଲାଗି ଭାରତରୁ ପ୍ରତିଦିନ ମୋ ପାଖକୁ ତାଗିଦ୍ ଆସୁଛି ।

କାର୍ନ୍ନିଭାଲ୍‌ରେ ପିଟିକୁ କିପରି ଲାଗିଲା ? କାହାକୁ କିଛି ଦେଖାଅ ନାହିଁ । ପିଟିକୁ ନେଇ ଏପରି ତାମସା କରିବା ଆମ ଦେଶ ଲୋକଙ୍କର ଅଭ୍ୟାସ । ତୁମଠାରୁ ଚିଠି ପାଇବା ଲାଗି ସବୁବେଳେ ମୋର କେତେ ଯେ ଆଗ୍ରହ ! ଦୟାକରି ସବୁ ଲେଖାକୁ ଅଳ୍ପଟିକେ ସ୍ପଷ୍ଟ କରିବାକୁ ପରିଶ୍ରମ କରନ୍ତୁ ! ଏ ପ୍ରସ୍ତାବରେ ଯେପରି ରାଗି ନ ଯାଅ ।

ତୁମର ସଦା ସ୍ନେହମୟ ଭ୍ରାତା, ବିବେକାନନ୍ଦ

୧୩୩ଇଂ ଓ୍ୱାସିଂଟନ୍, ୨୭ ଅକ୍ଟୋବର ୧୮୯୪

ପ୍ରିୟ ମିସେସ୍ ବୁଲ୍,

ଆପଣ ଅନୁଗ୍ରହ କରି ମୋତେ ମିଃ ଫ୍ରେଡ୍‌ରିକ୍ ଡଗ୍‌ଲସଙ୍କ ଉଦ୍ଦେଶ୍ୟରେ ଯେଉଁ ପରିଚୟ-ପତ୍ର ଦେଇଛନ୍ତି, ସେଥିଲାଗି ଅସଂଖ୍ୟ ଧନ୍ୟବାଦ । ବାଲ୍‌ଟିମୋରଠାରେ ଜଣେ ହୋଟେଲବାଲାଠାରୁ ମୁଁ ଯେଉଁ ଦୁର୍ବ୍ୟବହାର ପାଇଛି, ସେଥିପାଇଁ ଆପଣ ଦୁଃଖିତ ହେବେ ନାହିଁ । ଯେପରି ସବୁବେଳେ ଘଟି ଆସିଛି, ସେହିପରି ଏଠାରେ ମଧ୍ୟ—ଆମେରିକାର ମହିଳାମାନେ

ମୋତେ ଉକ୍ତ ବିପଦରୁ ଉଦ୍ଧାର କରିଥିଲେ ଏବଂ ତା'ପରେ ମୁଁ ବେଶ୍ ସ୍ୱଚ୍ଛନ୍ଦରେ ଥିଲି । ମୁଁ ଏଠାରେ ମିସେସ୍ ଟଟନ୍‌ଙ୍କ ବାସଭବନରେ ଅବସ୍ଥାନ କରୁଛି । ସେ ଚିକାଗୋସ୍ଥ ମୋର ଜନୈକ ବନ୍ଧୁଙ୍କର ଭ୍ରାତୃଷ୍ପୁତ୍ରୀ; ସୁତରାଂ ସବୁ ଦିଗରୁ ବେଶ୍ ସୁବିଧା ହେଉଛି । ଇତି

ବିବେକାନନ୍ଦ

୧୩୪ଇଂ ୱାଶିଂଟନ୍, ୨୭ ଅକ୍ଟୋବର ୧୮୯୪

ପ୍ରିୟ ଆଲସିଙ୍ଗା,

ମୋର ଶୁଭ ଆଶୀର୍ବାଦ ନେବ । ଏହା ମଧ୍ୟରେ ତୁମେ ନିଶ୍ଚୟ ମୋର ଅପର ପତ୍ରଟି ପାଇଥିବ । ମୁଁ କେବେ କେବେ ତୁମମାନଙ୍କ ନିକଟକୁ କଡ଼ା ଚିଠି ଲେଖେ; ସେଥିପାଇଁ କିଛି ମନେକରିବ ନାହିଁ । ତୁମ ସମସ୍ତଙ୍କୁ ଯେ ମୁଁ କିପରି ଶ୍ରଦ୍ଧା କରେ, ତାହା ତୁମେ ଭଲରୂପେ ଜାଣ ।

ତୁମେ ଅନେକଥର ମୁଁ କେଉଁ କେଉଁ ସ୍ଥାନକୁ ଯାଉଛି, କ'ଣ କରୁଛି, ତାହାର ସମୁଦାୟ ବିବରଣୀ ଓ ବକ୍ତୃତାଗୁଡ଼ିକର ସଂକ୍ଷିପ୍ତ ଆଭାସ ଜାଣିବା ଲାଗି ଚାହୁଁଛ । ମୋଟାମୋଟି ଜାଣି ରଖ, ଭାରତରେ ଥିଲେ, ଯାହା କରିଥାଆନ୍ତି, ଏଠାରେ ଠିକ୍ ତାହା ହିଁ କରୁଛି । ଭଗବାନ ଯେଉଁଠାକୁ ନେଇ ଯାଉଛନ୍ତି, ସେଠାକୁ ହିଁ ଯାଉଛି – ପୂର୍ବରୁ ସଂକଳ୍ପ କରି ମୁଁ କୌଣସି କାର୍ଯ୍ୟ କରୁ ନାହିଁ । ଆଉ ଗୋଟିଏ କଥା ମନେରଖିବ, ମୋତେ ଅବିଶ୍ରାନ୍ତ କାର୍ଯ୍ୟ କରିବାକୁ ହୁଏ; ସୁତରାଂ ମୋର ଚିନ୍ତାରାଶିକୁ ଏକତ୍ର କରି ପୁସ୍ତକ ରଚନା କରିବା ପାଇଁ ଅବସର ନାହିଁ । ଅହୋରାତ୍ର ଏତେ କାମ କରିବାକୁ ପଡ଼ୁଛି ଯେ, ମୋର ସ୍ନାୟୁଗୁଡ଼ାକ ଦୁର୍ବଳ ହୋଇଯାଉଛି—ଏହା ମୁଁ ବେଶ୍ ବୁଝିପାରୁଛି । ଭାରତରୁ ଯଥେଷ୍ଟ କାଗଜପତ୍ର ଆସିଛି, ଆଉ ଦରକାର ନାହିଁ । ତୁମେ ଏବଂ ମାନ୍ଦ୍ରାଜର ଅନ୍ୟାନ୍ୟ ବନ୍ଧୁମାନେ ମୋ ପାଇଁ ଯେପରି ନିଃସ୍ୱାର୍ଥ ଭାବରେ କଠୋର ପରିଶ୍ରମ କରିଛ, ସେଥିପାଇଁ ତୁମମାନଙ୍କ ନିକଟରେ ମୁଁ ଯେ କିପରି କୃତଜ୍ଞତା-ପାଶରେ ଆବଦ୍ଧ, ତାହା ଭାଷାରେ ପ୍ରକାଶ କରିପାରୁ ନାହିଁ । ତେବେ ଏତିକି ଜାଣିରଖ, ତୁମେମାନେ ଯାହା କରିଛ, ତାହାର ଉଦ୍ଦେଶ୍ୟ ମୋର ନାମରଟନା ନୁହେଁ, ସେହି କାର୍ଯ୍ୟର ଉଦ୍ଦେଶ୍ୟ ହେଉଛି—ତୁମେମାନେ ଯେପରି ନିଜର ଶକ୍ତି ସମ୍ପର୍କରେ ଅବହିତ ହୁଅ । ଗଠନମୂଳକ କାର୍ଯ୍ୟରେ ମୁଁ ଦକ୍ଷ ନୁହେଁ, ଧ୍ୟାନ ଧାରଣା ଓ ସ୍ୱାଧ୍ୟାୟ—ଏହା ହିଁ ମୋ ପ୍ରକୃତିର ଉପଯୋଗୀ । ମୋର ମନେହୁଏ ଯେ, ମୁଁ ଯଥେଷ୍ଟ କାର୍ଯ୍ୟ କରିଛି—ଏବେ ଟିକିଏ ବିଶ୍ରାମ ଆବଶ୍ୟକ—ମୁଁ ମଦୀୟ ଗୁରୁଦେବଙ୍କ ନିକଟରୁ ଯାହା ପାଇଛି, ତାହା ହିଁ ଲୋକଙ୍କୁ କିଛି ଶିକ୍ଷା ଦେବି । ତୁମେମାନେ ବର୍ତ୍ତମାନ ଜାଣିପାରିଛ ଯେ, ତୁମେ କଅଣ କରିପାର । ମାନ୍ଦ୍ରାଜର ଯୁବକଗଣ, ତୁମେମାନେ ହିଁ ପ୍ରକୃତ ପକ୍ଷରେ ସବୁ କରିଛ—ମୁଁ କେବଳ ନାମ ମାତ୍ର ନେତା ! ମୁଁ ସଂସାରତ୍ୟାଗୀ, ମୁଁ କେବଳ ଗୋଟିଏ ଜିନିଷ ଚାହେଁ । ଯେଉଁ ଧର୍ମ ବା ଯେଉଁ ଈଶ୍ୱର ବିଧବାର ଅଶ୍ରୁମୋଚନ କରିପାରେ ନାହିଁ ଅଥବା ପିତୃମାତୃହୀନ ଅନାଥ ଶିଶୁ ମୁଖରେ ମୁଠାଏ ଅନ୍ନ ଦେଇପାରେ ନାହିଁ, ମୁଁ ସେହି ଧର୍ମ ବା ସେହି ଈଶ୍ୱରଙ୍କୁ ବିଶ୍ୱାସ କରେ ନାହିଁ । ଯେତେ ସୁନ୍ଦର ମତବାଦ ଦିଅ ପଛେ, ସେଥିରେ ଯେତେ ଗମ୍ଭୀର ଦାର୍ଶନିକ ତତ୍ତ୍ୱ ରହିଥାଉ,

ଯେପର୍ଯ୍ୟନ୍ତ ତାହା ମତ ବା ପୁସ୍ତକରେ ଆବଦ୍ଧ, ସେପର୍ଯ୍ୟନ୍ତ ମୁଁ ତାକୁ 'ଧର୍ମ' ବୋଲି କହିବି ନାହିଁ । ଆମର ଆଖି ଆମର ପିଠି ପଟକୁ ନୁହେଁ, ସାମନାକୁ—ଅତଏବ ସମ୍ମୁଖକୁ ଅଗ୍ରସର ହୁଅ ଏବଂ ଯେଉଁ ଧର୍ମକୁ ତୁମେମାନେ ନିଜର ଧର୍ମ ବୋଲି ଗୌରବ ଅନୁଭବ କର, ତାହାର ଉପଦେଶଗୁଡ଼ିକୁ କାର୍ଯ୍ୟରେ ପରିଣତ କର । ଈଶ୍ୱର ତୁମମାନଙ୍କୁ ସାହାଯ୍ୟ କରନ୍ତୁ ।

ମୋ ଉପରେ ନିର୍ଭର କର ନାହିଁ, ନିଜ ନିଜ ଉପରେ ନିର୍ଭର କରିବାକୁ ଶିଖ । ମୁଁ ଯେ ସର୍ବସାଧାରଣଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପିତ କରିବାର ଏକ ଉପଲକ୍ଷ୍ୟ ସ୍ୱରୂପ ହୋଇଛି, ଏଥିରେ ମୁଁ ନିଜକୁ ସୁଖୀ ମନେକରୁଛି । ଏହି ଉତ୍ସାହର ସହାୟତା ନେଇ ଅଗ୍ରସର ହୁଅ—ଏହି ଉତ୍ସାହ-ସ୍ରୋତରେ ନିଜକୁ ଭସାଇଦିଅ, ସବୁ ଠିକ୍ ହୋଇଯିବ ।

ହେ ବତ୍ସ, ଯଥାର୍ଥ ପ୍ରେମ କେବେ ବିଫଳ ହୁଏ ନାହିଁ । ଆଜି ହେଉ, କାଲି ହେଉ, ଶତ ଶତ ଯୁଗ ପରେ ହେଉ ସତ୍ୟର ବିଜୟ ନିଶ୍ଚୟ ହେବ । ପ୍ରେମର ଜୟ ସୁନିଶ୍ଚିତ । ତୁମେମାନେ କ'ଣ ମନୁଷ୍ୟଜାତିକୁ ଭଲପାଅ ? ଈଶ୍ୱରଙ୍କ ଅନ୍ୱେଷଣରେ କୁଆଡ଼େ ଯାଉଛ ? ଦରିଦ୍ର, ଦୁଃଖୀ, ଦୁର୍ବଳ—ଏ ସମସ୍ତେ କ'ଣ ତୁମର ଈଶ୍ୱର ନୁହନ୍ତି ? ପ୍ରଥମେ ତାଙ୍କର ଉପାସନା କରୁ ନାହଁ କାହିଁକି ? ଗଙ୍ଗାତଟରେ ବାସ କରି କୂପ ଖନନ କରୁଛ କାହିଁକି ? ପ୍ରେମର ସର୍ବଶକ୍ତିମତ୍ତାରେ ବିଶ୍ୱାସ କର । ନାମଯଶର ଫାଙ୍କା ଚାକଚକ୍ୟରେ କ'ଣ ହେବ ? ଖବରକାଗଜରେ କ'ଣ ବାହାରୁଛି, ନ ବାହାରୁଛି, ମୁଁ ସେସବୁ ପ୍ରତି ଲକ୍ଷ୍ୟ କରେ ନାହିଁ । ତୁମ ହୃଦୟରେ ପ୍ରେମ ଅଛି ତ ? ସେତିକି ଥିଲେ ହିଁ ତୁମେ ସର୍ବଶକ୍ତିମାନ୍ ହୋଇଛ । ତୁମେ ସମ୍ପୂର୍ଣ୍ଣ ନିଷ୍କାମ ତ ? ତାହା ଯଦି ହୋଇଥାଅ, ତେବେ ତୁମର ଶକ୍ତି କିଏ ରୋଧ କରିବ ? ଚରିତ୍ରବଳରେ ମାନବ ସର୍ବତ୍ର ଜୟୀ ହୋଇପାରେ । ଈଶ୍ୱର ତାଙ୍କ ସନ୍ତାନଗଣଙ୍କୁ ସମୁଦ୍ର-ଗର୍ଭରେ ମଧ୍ୟ ରକ୍ଷା କରିଥାଆନ୍ତି ! ତୁମର ମାତୃଭୂମି ବୀର ସନ୍ତାନ ଆବଶ୍ୟକ କରୁଛନ୍ତି—ତୁମେମାନେ ବୀର ହୁଅ । ଈଶ୍ୱର ତୁମମାନଙ୍କୁ ଆଶୀର୍ବାଦ କରନ୍ତୁ । ସମସ୍ତେ ହିଁ ମୋତେ କହୁଛନ୍ତି—ଭାରତକୁ ଫେରି ଆସିବା ଲାଗି । ସେମାନେ ଭାବୁଛନ୍ତି, ମୁଁ ଫେରିଗଲେ ସେମାନେ ବେଶୀ କାର୍ଯ୍ୟ କରିପାରିବେ । ବନ୍ଧୁ ! ସେମାନେ ଭୁଲ ବୁଝିଛନ୍ତି । ଆଜିକାଲି ଯେଉଁ ଉତ୍ସାହ ଦେଖା ଦେଇଛି, ଏହା ସାମାନ୍ୟ ସ୍ୱଦେଶହିତୈଷଣା ମାତ୍ର—ଏଥିରେ କିଛି କାର୍ଯ୍ୟ ହେବ ନାହିଁ । ଯଦି ଏହା ଖାଣ୍ଟି କଥା ହୁଏ, ତେବେ ଦେଖିବ—ଅଳ୍ପକାଳ ମଧ୍ୟରେ ଶତ ଶତ ବୀର ଅଗ୍ରସର ହୋଇ କାର୍ଯ୍ୟରେ ଲାଗିଯିବେ । ଅତଏବ ଜାଣି ରଖ ଯେ, ତୁମେମାନେ ହିଁ ସବୁ କରୁଛ—ଏତିକି ଜାଣି ଅଦ୍ଭୁତ କର୍ମ କରି ଚାଲ, ମୋ ଆଡ଼କୁ ଚାହିଁ ରହ ନାହିଁ ।

ଅକ୍ଷୟ ବର୍ତ୍ତମାନ ଲଣ୍ଡନରେ ଅଛି—ଲଣ୍ଡନର ମିସ୍ ମୁଲାର୍‌ଙ୍କ ନିକଟକୁ ଯିବା ପାଇଁ ସେ ମୋ ପାଖକୁ ଏକ ସୁନ୍ଦର ନିମନ୍ତ୍ରଣ ପତ୍ର ପଠାଇଛି । ବୋଧହୁଏ, ଆଗାମୀ ଜାନୁଆରି ବା ଫେବୃଆରି ବେଳକୁ ଲଣ୍ଡନ୍ ଯିବି । ଭଟ୍ଟାଚାର୍ଯ୍ୟ ମୋତେ ଭାରତ ଯିବା ପାଇଁ ଲେଖୁଛନ୍ତି । ଏ ସ୍ଥାନ ପ୍ରଚାର ପାଇଁ ଉପଯୁକ୍ତ କ୍ଷେତ୍ର । ମୁଁ ବିଭିନ୍ନ ମତବାଦ ନେଇ କ'ଣ କରିବି ? ମୁଁ ଭଗବାନଙ୍କର ଦାସ । ଉଚ୍ଚ ଉଚ୍ଚ ତତ୍ତ୍ୱ ପ୍ରଚାର ପାଇଁ ଏ ସ୍ଥାନ ଅପେକ୍ଷା ଆଉ ଅଧିକ

ଉପଯୁକ୍ତ କ୍ଷେତ୍ର କେଉଁଠାରେ ମିଳିବ ? ଏଠାରେ ଜଣେ ଯଦି ମୋ ସ୍ୱପକ୍ଷରେ ଥାଏ, ତା'ହେଲେ ଶହ ଶହ ଲୋକ ମୋତେ ସାହାଯ୍ୟ କରିବାକୁ ମଧ୍ୟ ପ୍ରସ୍ତୁତ । ଏଠାରେ ମନୁଷ୍ୟ ମନୁଷ୍ୟ ପାଇଁ ଚିନ୍ତା କରେ, ନିଜ ଭ୍ରାତାମାନଙ୍କ ପାଇଁ କାନ୍ଦେ, ଆଉ ଏଠାରେ ରମଣୀଗଣ ଦେବୀସ୍ୱରୂପା ! ମୂର୍ଖମାନଙ୍କୁ ଯଦି ପ୍ରଶଂସା କରାଯାଏ, ତେବେ ସେମାନେ ମଧ୍ୟ କାର୍ଯ୍ୟରେ ଅଗ୍ରସର ହୋଇଥାଆନ୍ତି । ଯଦି ସବୁ ଦିଗରୁ ସୁବିଧା ହୁଏ, ତେବେ ଅତି କାପୁରୁଷ ମଧ୍ୟ-ବୀରଭାବ ଧାରଣ କରେ । କିନ୍ତୁ ପ୍ରକୃତ ବୀର ନୀରବରେ କାର୍ଯ୍ୟ କରି ଚାଲନ୍ତି । ଜଣେ ବୁଦ୍ଧ ଜଗତରେ ପ୍ରକାଶ ହେବା ପୂର୍ବରୁ ଶତ ଶତ ବୁଦ୍ଧ ନୀରବରେ କାର୍ଯ୍ୟ କରିଯାଇଛନ୍ତି ।

ପ୍ରିୟ ବନ୍ଧୁ ଅାଲାସିଙ୍ଗା, ମୁଁ ଈଶ୍ୱରଙ୍କୁ ବିଶ୍ୱାସ କରେ, ମୁଁ ମାନବକୁ ବିଶ୍ୱାସ କରେ; ଦୁଃଖୀ ଦରିଦ୍ରଙ୍କୁ ସାହାଯ୍ୟ କରିବା, ପରର ସେବା ପାଇଁ ନରକକୁ ଯିବା ମଧ୍ୟ ମୁଁ ଖୁବ୍ ବଡ଼ କାମ ବୋଲି ବିଶ୍ୱାସ କରେ । ପାଶ୍ଚାତ୍ୟ ଲୋକଙ୍କ କଥା କ'ଣ କହିବି, ସେମାନେ ମୋତେ ଖାଇବାକୁ ଦେଇଛନ୍ତି, ପିନ୍ଧିବାକୁ ଦେଇଛନ୍ତି, ଆଶ୍ରୟ ଦେଇଛନ୍ତି, ସେମାନେ ମୋ ସହିତ ପରମ ବନ୍ଧୁ ପରି ବ୍ୟବହାର କରିଛନ୍ତି—ଅତି ମତାନ୍ଧ ଖ୍ରୀଷ୍ଟିଆନ୍ ପର୍ଯ୍ୟନ୍ତ । ସେମାନଙ୍କର ଜଣେ ପାଦ୍ରୀ ଯଦି ଭାରତକୁ ଯାଆନ୍ତି, ଆମ ଦେଶର ଲୋକେ ତାଙ୍କ ସହିତ କିପରି ବ୍ୟବହାର କରନ୍ତି ? ତୁମେମାନେ ତାଙ୍କୁ ସ୍ପର୍ଶ ମଧ୍ୟ କର ନାହିଁ; ସେମାନେ ଯେ ମ୍ଲେଚ୍ଛ ! ! ! ବନ୍ଧୁ, କୌଣସି ବ୍ୟକ୍ତି, କୌଣସି ଜାତି ଅପରକୁ ଘୃଣା କରି ବଞ୍ଚି ନ ପାରେ । ଯେଉଁଦିନଠାରୁ ଭାରତବାସୀମାନେ ମ୍ଲେଚ୍ଛ ଶବ୍ଦ ଆବିଷ୍କାର କଲେ, ସେହିଦିନଠାରୁ ଭାରତର ଅଦୃଷ୍ଟରେ ଘୋର ସର୍ବନାଶର ସୂତ୍ରପାତ ହେଲା । ତୁମେମାନେ ଭାରତେତର ଦେଶବାସୀଙ୍କ ପ୍ରତି ଭଲଭାବ ପୋଷଣ ସମ୍ବନ୍ଧରେ ବିଶେଷ ସାବଧାନ ରହ । ବେଦାନ୍ତର ବାଣୀ ଗଡ଼ଗଡ଼ କରି ଆବୃତ୍ତି କରିବା ଖୁବ୍ ଭଲ ନିଶ୍ଚୟ, କିନ୍ତୁ ତାହାର ଗୋଟାଏ ଶ୍ରେଷ୍ଠ ଉପଦେଶକୁ ମଧ୍ୟ କାର୍ଯ୍ୟରେ ପରିଣତ କରିବା କେଡ଼େ କଷ୍ଟସାଧ୍ୟ !

ମୁଁ ଅତି ଶୀଘ୍ର ଏଠାରୁ ଚାଲିଯାଉଛି, ସୁତରାଂ ଏଠାକୁ ଅଉ ଖବରକାଗଜ ପଠାଇବା ଆବଶ୍ୟକ ନାହିଁ । ପ୍ରଭୁ ତୁମକୁ ଚିରଦିନ ପାଇଁ ଆଶୀର୍ବାଦ କରନ୍ତୁ ।

ତୁମର ଚିରକଲ୍ୟାଣାକାଙ୍କ୍ଷୀ,
ବିବେକାନନ୍ଦ

ପୁନଶ୍ଚ ଦୁଇଟି ବିଷୟ ନେଇ ବିଶେଷ ସାବଧାନ ରହିବ—କ୍ଷମତାନୁରାଗ ଓ ଈର୍ଷା । ସର୍ବଦା ଆତ୍ମବିଶ୍ୱାସ ଅଭ୍ୟାସ କରିବାକୁ ଚେଷ୍ଟା କର । ଇତି ବି.

**ଦ୍ଧ୩୫ଇଂ** ( ଶ୍ରୀଯୁକ୍ତ ହରିଦାସ ବିହାରୀଦାସ ଦେଶାଇଙ୍କୁ ଲିଖିତ )

ଚିକାଗୋ, ୧୫ ନଭେମ୍ବର ୧୮୯୪

ପ୍ରିୟ ଦେବ ନ୍ଙ୍କା ସାହେବ,

ଆପଣଙ୍କ ଅନୁଗ୍ରହ-ପତ୍ର ପାଇଛି । ଆପଣ ଯେ ଏଠାରେ ମଧ୍ୟ ମୋତେ ସ୍ମରଣ କରିଛନ୍ତି, ତାହା ଆପଣଙ୍କ ସୌଜନ୍ୟର ନିଦର୍ଶନ । ଆପଣଙ୍କର ବନ୍ଧୁ ନାରାୟଣ ହେମଚନ୍ଦ୍ରଙ୍କ ସହିତ ମୋର ସାକ୍ଷାତ୍ ହୋଇ ନାହିଁ । ସେ ବର୍ତ୍ତମାନ ଆମେରିକାରେ ନାହାନ୍ତି ବୋଲି

ମୋର ବିଶ୍ୱାସ । ମୁଁ ଏଠାରେ ବହୁ ଚମକପ୍ରଦ ଓ ଅପୂର୍ବ ଦୃଶ୍ୟାଦି ଦେଖିଛୁ ।

ଆପଣଙ୍କ ୟୁରୋପ-ଆଗମନର ସମ୍ଭାବନା ଥିବା ଜାଣି ସୁଖୀ ହେଲି । ଯେପରି ହେଉ, ଏ ସୁଯୋଗ ଅବଶ୍ୟ ଗ୍ରହଣ କରିବେ । ଜଗତର ଅନ୍ୟାନ୍ୟ ଜାତିମାନଙ୍କଠାରୁ ବିଚ୍ଛିନ୍ନ ହୋଇ ରହିବା ହିଁ ଆମମାନଙ୍କର ଅଧଃପତନର କାରଣ ଏବଂ ପୁନର୍ବାର ସମସ୍ତଙ୍କ ସହିତ ଏକାଠି ହୋଇ ଜଗତର ପ୍ରବାହଧାରାକୁ ଫେରି ଯାଇପାରିଲେ ମାତ୍ରେ ସେ ଅବସ୍ଥାର ପ୍ରତିକାର ହୋଇପାରିବ । ଗତି ହିଁ ଜୀବନ । ଆମେରିକା ଏକ ଅଦ୍ଭୁତ ଦେଶ । ଦରିଦ୍ର ଓ ସ୍ତ୍ରୀଜାତିଙ୍କ ପାଇଁ ଏ ଦେଶ ନନ୍ଦନକାନନସ୍ୱରୂପ । ଏ ଦେଶରେ ଦରିଦ୍ର ଏକପ୍ରକାର ନାହାନ୍ତି କହିଲେ ଚଳେ ଏବଂ ଅନ୍ୟ କୌଣସି ଦେଶର ନାରୀମାନେ ଏ ଦେଶର ସ୍ତ୍ରୀଲୋକଙ୍କ ପରି ସ୍ୱାଧୀନ, ଶିକ୍ଷିତ ଓ ଉନ୍ନତ ନୁହନ୍ତି । ସମାଜରେ ସେମାନେ ହିଁ ସବୁ ।

ଏହା ଏକ ଅପୂର୍ବ ଶିକ୍ଷା । ସନ୍ନ୍ୟାସ-ଜୀବନର କୌଣସି ଧର୍ମ—ଏପରି କି ଦୈନନ୍ଦିନ ଜୀବନର ଛୋଟିଆ ଜିନିଷଗୁଡ଼ିକୁ ମଧ୍ୟ ପରିବର୍ତ୍ତନ କରିବା ଦରକାର ହୋଇ ନାହିଁ, ଅଥଚ ଏହି ଅତିଥିବତ୍ସଳ ଦେଶରେ ପ୍ରତ୍ୟେକଟି ଗୃହଦ୍ୱାର ମୋ ପାଇଁ ଉନ୍ମୁକ୍ତ । ଯେଉଁ ପ୍ରଭୁ ଭାରତବର୍ଷରେ ମୋତେ ପରିଚାଳିତ କରିଛନ୍ତି, ସେ କଅଣ ଏଠାରେ ମଧ୍ୟ ମୋତେ ପରିଚାଳିତ କରିବେ ନାହିଁ ? ସେ ତ କରୁଛନ୍ତି ! ଜଣେ ସନ୍ନ୍ୟାସୀ ପକ୍ଷରେ ଏ ଦେଶକୁ ଆସିବାର କି ପ୍ରୟୋଜନ ଥିଲା, ତାହା ହୁଏତ ଆପଣ ବୁଝିପାରି ନାହାନ୍ତି; କିନ୍ତୁ ଏହା ଦରକାର ଥିଲା । ଜଗତ୍ ନିକଟରେ ଆପଣମାନଙ୍କ ପରିଚୟର ଏକମାତ୍ର ଦାବୀ—ଧର୍ମ, ଏବଂ ସେହି ଧର୍ମର ପତାକାତଳେ ଯଥାର୍ଥ ଖାଣ୍ଟି ଲୋକଙ୍କୁ ଭାରତ ବାହାରକୁ ପ୍ରେରଣ କରିବା ଆବଶ୍ୟକ । ଏହା ହୋଇପାରିଲେ ହିଁ ଭାରତବର୍ଷ ଯେ ଆଜି ମଧ୍ୟ ବଞ୍ଚି ରହିଛି, ଏ କଥା ଜଗତର ଅନ୍ୟାନ୍ୟ ଜାତି ବୁଝିପାରିବେ ।

ବସ୍ତୁତଃ ଯଥାର୍ଥ ପ୍ରତିନିଧିସ୍ଥାନୀୟ କେତେକ ଲୋକ ବର୍ତ୍ତମାନ ଭାରତ ବାହାରେ ଜଗତ୍‌ର ଅନ୍ୟାନ୍ୟ ଦେଶକୁ ଯାଇ ଏହା ପ୍ରମାଣ କରିବା ଉଚିତ ଯେ, ଭାରତବାସୀ ବର୍ବର ବା ଅସଭ୍ୟ ନୁହନ୍ତି । ଘରେ ବସି ହୁଏତ ଆପଣମାନେ ଏହାର ପ୍ରୟୋଜନୀୟତା ବୁଝିପାରିବେ ନାହିଁ; କିନ୍ତୁ ଆପଣମାନଙ୍କ ଜାତୀୟ ଜୀବନ ପାଇଁ ଏହାର ଯେ ବିଶେଷ ପ୍ରୟୋଜନୀୟତା ରହିଛି—ମୋର ଏ କଥା ବିଶ୍ୱାସ କରନ୍ତୁ ।

ଯେଉଁ ସନ୍ନ୍ୟାସୀର ହୃଦୟରେ ଅପରର କଲ୍ୟାଣ-ସାଧନ-ସ୍ପୃହା ବିଦ୍ୟମାନ ନାହିଁ, ସେ ସନ୍ନ୍ୟାସୀ-ପଦବାଚ୍ୟ ନୁହେଁ—ସେ ତ ପଶୁ ମାତ୍ର !

ମୁଁ ଅଳସୁଆ ପର୍ଯ୍ୟଟକ ନୁହେଁ, କିମ୍ବା ଦୃଶ୍ୟ ଦେଖି ବୁଲିବା ମୋର ପେଶା ନୁହେଁ । ଯଦି ବଞ୍ଚି ରହନ୍ତି, ତା'ହେଲେ ମୋର କାର୍ଯ୍ୟକଳାପ ଦେଖିପାରିବେ ଓ ମୋତେ ଆଜୀବନ ଆଶୀର୍ବାଦ କରିବେ ।

ଦ୍ୱିବେଦୀ ମହାଶୟଙ୍କ ପ୍ରବନ୍ଧ ଧର୍ମମହାସଭା ପକ୍ଷରେ ଅତ୍ୟନ୍ତ ଦୀର୍ଘ ହେବାରୁ ତାହାକୁ କାଣ୍ଟଛାଣ୍ଟ କରି ପ୍ରେରଣ କରିବାକୁ ପଡ଼ିଲା । ଧର୍ମ-ମହାସଭାରେ ମୁଁ କିଛି କହିଥିଲି ଏବଂ ତାହା କେତେକାଂଶରେ ଫଳପ୍ରଦ ହୋଇଥିଲା । ସେଥିର ନିଦର୍ଶନସ୍ୱରୂପ ମୋ ହାତରେ ଯେଉଁ ଦୁଇ

ସ୍ୱଳ୍ପଟି ଦୈନିକ ଓ ମାସିକ ପତ୍ରିକା ପଢ଼ୁଛି ସେଥିରୁ କିଛି କିଛି କାଟି ପଠାଉଛି । ନିଜର ଢୋଲ ନିଜେ ପିଟିବା ମୋର ଉଦ୍ଦେଶ୍ୟ ନୁହେଁ; କିନ୍ତୁ ଆପଣ ମୋତେ ସ୍ନେହ କରନ୍ତି, ସେହି ସୂତ୍ରରେ ଆପଣଙ୍କ ନିକଟରେ ବିଶ୍ୱାସ କରି ମୁଁ ଏ କଥା ଅବଶ୍ୟ କହିବି ଯେ, ଏହା ପୂର୍ବରୁ କୌଣସି ହିନ୍ଦୁ ଏ ଦେଶରେ ଏପରି ପ୍ରଭାବ ବିସ୍ତାର କରି ନାହାନ୍ତି ଏବଂ ମୋର ଆମେରିକା ଆଗମନ ଫଳରେ ଅନ୍ୟ କୌଣସି କାର୍ଯ୍ୟ ହୋଇଥାଉ ବା ନ ଥାଉ, ଆମେରିକାବାସୀମାନେ ଅନ୍ତତଃ ଏତିକି ବୁଝିପାରିଛନ୍ତି ଯେ, ଆଜିସୁଦ୍ଧା ଭାରତବର୍ଷରେ ଏପରି ମହାପୁରୁଷଙ୍କର ଆବିର୍ଭାବ ହେଉଛି, ଯେଉଁମାନଙ୍କ ପାଦତଳେ ବସି ଜଗତର ସର୍ବାପେକ୍ଷା ସଭ୍ୟଜାତି ମଧ୍ୟ ଧର୍ମ ଓ ନୀତି-ଶିକ୍ଷା ଲାଭ କରିପାରିବେ । ହିନ୍ଦୁଜାତି ଯେ ଜଣେ ସନ୍ନ୍ୟାସୀଙ୍କୁ ନିଜର ପ୍ରତିନିଧିସ୍ୱରୂପ ଏ ଦେଶକୁ ପ୍ରେରଣ କରିଥିଲ, ତାହାର ସାର୍ଥକତା ଏଥିରେ ହିଁ ଯଥେଷ୍ଟରୂପେ ସାଧିତ ହୋଇଛି ବୋଲି କଅଣ ଆପଣଙ୍କର ମନେହୁଏ ନାହିଁ ? ବିସ୍ତୃତ ବିବରଣ ବୀରଚାନ୍ଦ ଗାନ୍ଧୀଙ୍କଠାରୁ ଅବଗତ ହେବେ । କେତୋଟି ପତ୍ରିକାର ଅଂଶବିଶେଷ ନିମ୍ନରେ ଉଦ୍ଧୃତ କରୁଛି—

'ସଂକ୍ଷିପ୍ତ ବକ୍ତୃତାଟିର ଅନେକାଂଶ ବିଶେଷ ବାଗ୍ମିତାପୂର୍ଣ୍ଣ ହୋଇଥିଲା ସତ୍ୟ; କିନ୍ତୁ ହିନ୍ଦୁ ସନ୍ନ୍ୟାସୀ ଧର୍ମମହାସଭାର ମୂଳନୀତି ଓ ତାହାର ସୀମାବଦ୍ଧତା ଯେପରି ସୁନ୍ଦରଭାବରେ ବ୍ୟାଖ୍ୟା କରିଥିଲେ, ଅନ୍ୟ କେହି ସେପରି କରିପାରି ନାହାନ୍ତି । ତାଙ୍କ ଭାଷଣଟି ପୂରାପୂରି ମୁଁ ଏଠାରେ ଉଲ୍ଲେଖ କରୁଛି । ଶ୍ରୋତୃବୃନ୍ଦଙ୍କ ଉପରେ ତାହାର ପ୍ରତିକ୍ରିୟା ସମ୍ବନ୍ଧରେ ଏତିକି ମାତ୍ର କହିପାରେ ଯେ, ସେ ଦୈବୀଶକ୍ତିସମ୍ପନ୍ନ ବକ୍ତା ଏବଂ ତାଙ୍କର ଅକପଟ ଉକ୍ତିସମୂହ ଯେଉଁ ମାଧୁର୍ଯ୍ୟମୟୀ ଭାଷାରେ ସେ ପ୍ରକାଶ କଲେ, ତାହା ତାଙ୍କର ଗୈରିକ ବସନ ଏବଂ ବୁଦ୍ଧିଦୀପ୍ତ ଦୃଢ଼ ମୁଖମଣ୍ଡଳ ଅପେକ୍ଷା କମ୍ ଆକର୍ଷଣୀୟ ହୋଇ ନ ଥିଲା'— (ନ୍ୟୁୟର୍କ କ୍ରିଟିକ)

ଏ ପୃଷ୍ଠାରେ ପୁଣି ଲେଖାଯାଇଛି—'ତାଙ୍କର ଶିକ୍ଷା, ବାଗ୍ମିତା ଓ ଅଦ୍ଭୁତ ବ୍ୟକ୍ତିତ୍ୱ ଆମମାନଙ୍କ ସମ୍ମୁଖରେ ହିନ୍ଦୁ ସଭ୍ୟତାର ଏକ ନୂତନ ଧାରା ଉନ୍ମୁକ୍ତ କରିଦେଇଛି । ତାଙ୍କର ପ୍ରତିଭାଦୀପ୍ତ ବଦନମଣ୍ଡଳ, ଗମ୍ଭୀର ଓ ସୁଲଳିତ କଣ୍ଠସ୍ୱର ସ୍ୱତଃ ମନୁଷ୍ୟଙ୍କୁ ତାଙ୍କ ଆଡ଼କୁ ଆକର୍ଷିତ କରେ ଏବଂ ସେହି ବିଧିଦତ୍ତ ସମ୍ପଦ ସାହାଯ୍ୟରେ ସେ ଏ ଦେଶର ବହୁ କ୍ଲବ ଓ ଗିର୍ଜାରେ ତାଙ୍କର ବାଣୀ ପ୍ରଚାର କରିବା ଫଳରେ ଆମେମାନେ ତାଙ୍କ ମତବାଦ ସହିତ ପରିଚିତ ହୋଇଛୁ । କୌଣସି ନୋଟ୍ କରି, ତା' ସାହାଯ୍ୟରେ ସେ ଭାଷଣ ଦିଅନ୍ତି ନାହିଁ; କିନ୍ତୁ ନିଜ ବକ୍ତବ୍ୟ ବିଷୟଗୁଡ଼ିକୁ ଧାରାବାହିକ ଭାବରେ ପ୍ରକାଶ କରି ଅପୂର୍ବ କୌଶଳ ଓ ଐକାନ୍ତିକତା ସହକାରେ ସେ ମୀମାଂସାରେ ଉପନୀତ ହୁଅନ୍ତି ଏବଂ ଅନ୍ତରର ଗଭୀର ପ୍ରେରଣା ତାଙ୍କର ବାଗ୍ମିତାକୁ ଅପୂର୍ବ ଭାବରେ ସାର୍ଥକ କରି ତୋଳେ ।'

'ଧର୍ମମହାସଭାରେ ବିବେକାନନ୍ଦ ହିଁ ଅବିସମ୍ବାଦିତରୂପେ ସର୍ବଶ୍ରେଷ୍ଠ ବ୍ୟକ୍ତି । ତାଙ୍କର ବକ୍ତୃତା ଶୁଣି ଆମେ ବୁଝିପାରୁଛୁ ଯେ, ଏହି ଶିକ୍ଷିତ ଜାତି ଭିତରକୁ ଧର୍ମପ୍ରଚାରକ ପ୍ରେରଣ କରିବା କେଡ଼େ ନିର୍ବୁଦ୍ଧିତାର ପରିଚାୟକ ।' (ଏଠାର ଶ୍ରେଷ୍ଠ ସମ୍ବାଦପତ୍ର— ହେରାଲ୍ଡ)

ଆଉ ଅଧିକ ଉଦ୍ଧୃତ କରୁ ନାହିଁ କାଳେ ମୋତେ ଦାମ୍ଭିକ ବୋଲି ମନେକରିବେ; କିନ୍ତୁ ଆପଣମାନଙ୍କର ବର୍ତ୍ତମାନ ଅବସ୍ଥା ପ୍ରାୟ କୂପମଣ୍ଡୂକର ଦଶା ହୋଇଯାଇଥିବାରୁ ଏବଂ

ବହିର୍ଜଗତରେ କେଉଁଠି କଅଣ ଘଟୁଛି, ତା' ପ୍ରତି ଦୃଷ୍ଟି ଦେବାପରି ଅବସ୍ଥା ଆପଣମାନଙ୍କର ପ୍ରାପ୍ତ ନ ଥିବା ଦେଖି ଏତକ ଲେଖିବା ପ୍ରୟୋଜନ ବୋଧ କଲି । ଅବଶ୍ୟ ବ୍ୟକ୍ତିଗତଭାବେ ଆପଣଙ୍କର କଥା ମୁଁ କହୁ ନାହିଁ—ଆପଣ ଜଣେ ମହାପ୍ରାଣ ବ୍ୟକ୍ତି ବୋଲି ମୋର ଧାରଣା, କିନ୍ତୁ ଜାତିର ସର୍ବସାଧାରଣଙ୍କ ପକ୍ଷରେ ମୋର ଉକ୍ତି ପ୍ରଯୋଜ୍ୟ ।

ମୁଁ ଭାରତବର୍ଷରେ ଯେପରି ଥିଲି ଏଠାରେ ମଧ୍ୟ ଠିକ୍ ସେହିପରି ରହିଛି, ଅଧିକନ୍ତୁ ଏହି ବିଶେଷ ଉନ୍ନତ ଓ ମାର୍ଜିତ ଦେଶରେ ଯଥେଷ୍ଟ ଆଦର ଓ ସହାନୁଭୂତି ଲାଭ କରୁଛି— ଯାହା ଆମ ଦେଶର ନିର୍ବୋଧଦଳ ସ୍ୱପ୍ନରେ ମଧ୍ୟ ଚିନ୍ତା କରିପାରିବେ ନାହିଁ । ଆମ ଦେଶରେ ସାଧୁମାନଙ୍କୁ ଖଣ୍ଡିଏ ରୁଟି ଦେବା ପାଇଁ ସମସ୍ତେ କୁଣ୍ଠିତ ହୁଅନ୍ତି, ଅଥଚ ଏଠାରେ ଗୋଟିଏ ବକ୍ତୃତା ପାଇଁ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଦେବା ଲାଗି ସମସ୍ତେ ପ୍ରସ୍ତୁତ ଏବଂ ଯେଉଁ ଉପଦେଶ ଏମାନେ ଲାଭ କରନ୍ତି, ସେଥିପାଇଁ ଆଜୀବନ କୃତଜ୍ଞ ରହନ୍ତି ।

ଏହି ଅପରିଚିତ ଦେଶର ନରନାରୀ ମୋତେ ଯେତିକି ବୁଝିପାରିଛନ୍ତି, ଭାରତବର୍ଷରେ କେହି କେବେହେଲେ ସେତେଦୂର ବୁଝିପାରି ନାହାନ୍ତି । ମୁଁ ଇଚ୍ଛା କଲେ ବର୍ତ୍ତମାନ ଏଠାରେ ପରମ ଆରାମର ସହିତ ଜୀବନ କଟାଇପାରେ, କିନ୍ତୁ ମୁଁ ସନ୍ନ୍ୟାସୀ ଏବଂ ସମସ୍ତ ଦୋଷତ୍ରୁଟି ସତ୍ତ୍ୱେ ଭାରତବର୍ଷକୁ ମୁଁ ଭଲପାଏ । ତେଣୁ ଦୁଇ ଚାରି ମାସ ଭିତରେ ମୁଁ ଦେଶକୁ ଫେରିଯାଉଛି ଏବଂ ଯେଉଁମାନେ କୃତଜ୍ଞତାର ଧାର ଧାରନ୍ତି ନାହିଁ, ସେହିମାନଙ୍କ ଭିତରେ ପୂର୍ବପରି ବୁଲି ନଗରେ ନଗରେ ଧର୍ମ ଓ ଉନ୍ନତିର ବୀଜ ବପନ କରିଯିବି ।

ଆମେରିକାର ଜନସାଧାରଣ ଭିନ୍ନଧର୍ମାବଲମ୍ବୀ ହେବା ସତ୍ତ୍ୱେ ମୋ ପ୍ରତି ଯେଉଁ ସହାୟତା, ସହାନୁଭୂତି, ଶ୍ରଦ୍ଧା ଓ ଆନୁକୂଲ୍ୟ ପ୍ରଦର୍ଶନ କରିଛନ୍ତି, ତାହା ସହିତ ମୋ ନିଜ ଦେଶର ସ୍ୱାର୍ଥପରତା, ଅକୃତଜ୍ଞତା ଓ ଭିକ୍ଷୁ-ମନୋବୃତ୍ତିକୁ ତୁଳନା କରି ମୁଁ ଲଜ୍ଜା ଅନୁଭବ କରେ, ଏବଂ ସେଥିପାଇଁ ଆପଣଙ୍କୁ କହୁଛି ଯେ, ଦେଶର ବାହାରକୁ ଆସି ଅନ୍ୟାନ୍ୟ ଦେଶ ଦେଖନ୍ତୁ ଏବଂ ନିଜ ଅବସ୍ଥା ସହିତ ତୁଳନା କରନ୍ତୁ ।

ବର୍ତ୍ତମାନ, ଏସମସ୍ତ ଉଦ୍ଧୃତ ଅଂଶ ପାଠ କରିବା ପରେ, ଆପଣଙ୍କର କଅଣ ମନେ ହୁଏ ନାହିଁ ଯେ, ଭାରତବର୍ଷରୁ ଜଣେ ସନ୍ନ୍ୟାସୀଙ୍କୁ ଏ ଦେଶକୁ ପଠାଇବା ସମୀଚୀନ ହୋଇଛି ?

ଅନୁଗ୍ରହପୂର୍ବକ ଏ ଚିଠି ପ୍ରକାଶ କରିବେ ନାହିଁ । ଭାରତବର୍ଷରେ ଥିଲାବେଳେ ଯେପରି, ଏଠାରେ ମଧ୍ୟ ସେହିପରି କୌଣସି ଅପକାର୍ଯ୍ୟଦ୍ୱାରା ପ୍ରସିଦ୍ଧି-ଲାଭକୁ ମୁଁ ଘୃଣା କରେ ।

ମୁଁ ପ୍ରଭୁଙ୍କ କାର୍ଯ୍ୟ କରିଯାଉଛି ଏବଂ ସେ ଯେଉଁଆଡ଼େ ନେଇଯିବେ, ସେଠାକୁ ହିଁ ଯିବି । 'ମୂକଂ କରୋତି ବାଚାଳଂ'—ଇତ୍ୟାଦି । ଯାହାଙ୍କ କୃପା ମୂକକୁ ବାଚାଳ କରେ, ପଙ୍ଗୁକୁ ଗିରି ଲଙ୍ଘନ କରାଏ, ସେ ମୋତେ ନିଶ୍ଚୟ ସାହାଯ୍ୟ କରିବେ । ମୁଁ ମନୁଷ୍ୟଙ୍କ ସାହାଯ୍ୟକୁ ଅପେକ୍ଷା କରି ନାହିଁ । ଯଦି ପ୍ରଭୁଙ୍କର ଇଚ୍ଛା ହୁଏ, ତା'ହେଲେ ଭାରତବର୍ଷ କିମ୍ବା ଆମେରିକା କିମ୍ବା ଉତ୍ତରମେରୁ, ସର୍ବତ୍ର ସେ ହିଁ ମୋତେ ସାହାଯ୍ୟ କରିବେ । ଆଉ ଯଦି ସେ

ସାହାଯ୍ୟ ନ କରନ୍ତି, ତେବେ ଅନ୍ୟ କେହି କରିପାରିବେ ନାହିଁ । ଚିରଦିନ ପ୍ରଭୁଙ୍କର ଜୟ ହେଉ । ଇତି

ଆଶୀର୍ବାଦକ, ଆପଣମାନଙ୍କର ବିବେକାନନ୍ଦ

**୧୩୭ଇଂ** (ଶ୍ରୀଯୁକ୍ତ ହରିଦାସ ବିହାରୀଦାସ ଦେଶାଇଙ୍କୁ ଲିଖିତ

୫୪୧, ଡିୟାର ବର୍ଣ୍ଣ ଏଭେନ୍ୟୁ, ଚିକାଗୋ, ନଭେମ୍ବର ୧୮୯୪

ପ୍ରିୟ ଦେବାନ୍‌ଜୀ,

ଆପଣଙ୍କ ପତ୍ର ପାଇ ବିଶେଷ ପ୍ରୀତି ଲାଭ କରିଛି । ପରିହାସ ମୁଁ ଠିକ୍ ବୁଝିପାରେ; କିନ୍ତୁ ମୁଁ କ୍ଷୁଦ୍ର ଶିଶୁ ନୁହେଁ ଯେ, ତା' ଫଳରେ ନିରସ୍ତ ହୋଇଯିବି ।...

ସଂଗଠନ ଓ ସଂଯୋଗ-ଶକ୍ତି ହିଁ ପାଶ୍ଚାତ୍ୟ ଜାତିଙ୍କର କର୍ମ-ସାଫଲ୍ୟର କାରଣ ଏବଂ ପରସ୍ପର ପ୍ରତି ବିଶ୍ୱାସ, ସହଯୋଗିତା ଓ ସହାୟତା ଦ୍ୱାରା ତାହା ସମ୍ଭବ ହୋଇଥାଏ ।... ଉଦାହରଣସ୍ୱରୂପ, ଜୈନଧର୍ମାବଲମ୍ବୀ ବୀରଚାନ୍ଦ ଗାନ୍ଧୀଙ୍କ କଥା ଉଲ୍ଲେଖ କରୁଛି । ଆପଣ ତାଙ୍କୁ ବମ୍ବେରେ ଭଲରୂପେ ଜାଣିଛନ୍ତି । ଏ ଭଦ୍ରଲୋକ ଜଣକ ଏ ଦେଶର ଦୁର୍ଜ୍ଜୟ ଶୀତରେ ମଧ୍ୟ ନିରାମିଷ ଭିନ୍ନ ଅନ୍ୟ ଖାଦ୍ୟ ଗ୍ରହଣ କରନ୍ତି ନାହିଁ ଏବଂ ନିଜ ଦେଶ ଓ ଧର୍ମକୁ ପ୍ରାଣପଣେ ସମର୍ଥନ କରନ୍ତି; ଏ ଦେଶର ଜନସାଧାରଣ ତାଙ୍କୁ ବିଶେଷ ପସନ୍ଦ କରନ୍ତି; କିନ୍ତୁ ଯେଉଁମାନେ ତାଙ୍କୁ ଏ ଦେଶକୁ ପଠାଇଥିଲେ, ସେମାନେ ବର୍ତ୍ତମାନ କଅଣ କରୁଛନ୍ତି ?— ସେମାନେ ବୀରଚାନ୍ଦଙ୍କୁ ଜାତିଚ୍ୟୁତ କରିବା ପାଇଁ ସଚେଷ୍ଟ ।

ହିଂସାରୂପୀ ପାପ ଦାସଜାତି ମଧ୍ୟରେ ହିଁ ସ୍ୱଭାବତଃ ଜନ୍ମ ନେଇଥାଏ, ଏବଂ ଏହା ହିଁ ତାଙ୍କୁ ହୀନତାର ପଙ୍କରେ ନିମଜ୍ଜିତ କରି ରଖେ । ଏ ଦେଶରେ '—' ମାନେ ଭାଷଣ ଦେଇ ଅର୍ଥସଂଗ୍ରହର ଚେଷ୍ଟା କରୁଥିଲେ, ଏବଂ କେତେକାଂଶରେ ସାଫଲ୍ୟ ମଧ୍ୟ ଯେ ଲାଭ ନ କରିଛନ୍ତି, ତାହା ନୁହେଁ, କିନ୍ତୁ ତଦପେକ୍ଷା ଅଧିକତର ସାଫଲ୍ୟ ମୁଁ ଅର୍ଜ୍ଜନ କରିପାରିଛି । ଅଥଚ ମୁଁ କୌଣସି ପ୍ରକାରେ ସେମାନଙ୍କ ସାଫଲ୍ୟର ବିଘ୍ନସ୍ୱରୂପ ହୋଇ ନାହିଁ । ତେବେ କେଉଁ କାରଣରୁ ମୋ ସାଫଲ୍ୟ ଅଧିକ ହୋଇଥିଲା ? କାରଣ, ତାହା ହିଁ ଭଗବାନଙ୍କର ଅଭିପ୍ରାୟ ଥିଲା ।...

ଏ ଦେଶରେ କେହି ଯଦି ଉନ୍ନତି-ପଥରେ ଅଗ୍ରସର ହୁଏ, ତା'ହେଲେ ସମସ୍ତେ ମିଳିମିଶି ତାକୁ ସାହାଯ୍ୟ କରିବାକୁ ପ୍ରସ୍ତୁତ । କିନ୍ତୁ ଭାରତବର୍ଷରେ କାଲି ଯଦି କୌଣସି ପତ୍ରିକାରେ ଆପଣ ମୋ ସମ୍ପର୍କରେ ଦୁଇ'ଟି ପଦ ପ୍ରଶଂସାସୂଚକ କିଛି ଲେଖିଦିଅନ୍ତି, ତା'ହେଲେ ତା' ପରଦିନ ଦେଶସାରା ସମସ୍ତେ ମୋ ବିପକ୍ଷରେ ଠିଆ ହୋଇଯିବେ । ଏହାର କାରଣ କଅଣ ? କାରଣ— ଦାସସୁଲଭ ମନୋବୃତ୍ତି । ନିଜ ମଧ୍ୟରୁ କେହି ସାଧାରଣ ସ୍ତରରୁ ଟିକିଏ ମୁଣ୍ଡ ଟେକି ଠିଆ ହେବ, ଏହା ସେମାନଙ୍କ ପକ୍ଷରେ ଅସହ୍ୟ । ଆପଣ କଅଣ ଏ ଦେଶର ମୁକ୍ତିକାମୀ, ସ୍ୱାବଲମ୍ବୀ ଏବଂ ଭ୍ରାତୃତ୍ୱସ୍ନେହରେ ଉଦ୍‌ବୁଦ୍ଧ ଜନଗଣଙ୍କ ସହିତ ଆମ ଦେଶର ଅପଦାର୍ଥଗୁଡ଼ାକଙ୍କର ତୁଳନା କରିବାକୁ ଚାହାନ୍ତି ? ଆମମାନଙ୍କ ସହିତ ଏହି ଦେଶର ଯେଉଁମାନଙ୍କର କିଛି ସାଦୃଶ୍ୟ ରହିଛି, ସେମାନେ ହେଉଛନ୍ତି ସଦ୍ୟଦାସତ୍ୱମୁକ୍ତ ନିଗ୍ରୋଗଣ ।

ଆମେରିକା ଯୁକ୍ତରାଷ୍ଟ୍ରର ଦକ୍ଷିଣାଂଶରେ ପ୍ରାୟ ଦୁଇ କୋଟି ନିଗ୍ରୋ ଏବଂ ମୁଷ୍ଟିମେୟ

କେତେକ ଶ୍ୱେତ ଆମେରିକାନ୍ ବାସ କରନ୍ତି; ଅଥଚ ଏହି ଶ୍ୱେତକାୟ କେତେଜଣ ହିଁ ନିଗ୍ରୋମାନଙ୍କୁ ଦବାଇ ରଖିଛନ୍ତି ।

ଆଇନ ଅନୁସାରେ ସେମାନଙ୍କର ସମସ୍ତ କ୍ଷମତା ଥିବା ସତ୍ତ୍ୱେ, ଏହି ଦାସତ୍ୱର ମୁକ୍ତି ଲାଗି ଆମେରିକାବାସୀଗଣ ଭାଇଭାଇ ମଧ୍ୟରେ ଏକ ନୃଶଂସ ଯୁଦ୍ଧରେ ଲିପ୍ତ ହୋଇଥିଲେ । ସେହି ଏକମାତ୍ର ଦ୍ୱେଷହିଂସା ଏଠାରେ ମଧ୍ୟ ରହିଛି । ଜଣେ ନିଗ୍ରୋ ଆଉ ଜଣେ ନିଗ୍ରୋର ପ୍ରଶଂସା ବା ଉନ୍ନତି ସହ୍ୟ କରିପାରେ ନାହିଁ; ଅବିଳମ୍ବେ ତାହାକୁ ନିଷ୍ପେଷିତ କରିବା ପାଇଁ ଆମେରିକାନ୍‌ମାନଙ୍କ ସହିତ ଯୋଗ ଦିଏ । ଭାରତବର୍ଷର ବାହାରକୁ ନ ଆସିଲେ ଏ ବିଷୟରେ ସମ୍ୟକ୍ ଧାରଣା ହେବା ସମ୍ଭବ ନୁହେଁ ।

ଯେଉଁମାନଙ୍କର ପ୍ରଚୁର ଅର୍ଥ ଓ ପ୍ରତିପତ୍ତି ଅଛି, ସେମାନଙ୍କ ପକ୍ଷରେ ଜଗତକୁ ଏପରି ଚାଲିବାକୁ ଦେବା ଠିକ୍ ହୋଇପାରେ; କିନ୍ତୁ ଯେଉଁମାନେ ଲକ୍ଷ ଲକ୍ଷ ଦରିଦ୍ର ଓ ନିଷ୍ପେଷିତ ନରନାରୀଙ୍କ ବକ୍ଷର ରକ୍ତଦ୍ୱାରା ଅର୍ଜିତ ଅର୍ଥରେ ବିଦ୍ୟାର୍ଜନ କରି ଏବଂ ବିଳାସିତାରେ ଅହରହ ନିମଜ୍ଜିତ ରହି ମଧ୍ୟ ସେମାନଙ୍କର କଥା ଥରେ ମାତ୍ର ଚିନ୍ତା କରିବାକୁ ଅବସର ପାଆନ୍ତି ନାହିଁ —ସେମାନଙ୍କୁ ମୁଁ 'ବିଶ୍ୱାସଘାତକ' ବୋଲି ଅଭିହିତ କରେ ।

କେଉଁଠାରେ, ଇତିହାସର କେଉଁ ଯୁଗରେ, ଆପଣମାନଙ୍କର ଧନୀ ଓ ଅଭିଜାତ-ସମ୍ପ୍ରଦାୟ, ପୁରୋହିତ ଓ ଧର୍ମଧ୍ୱଜୀଗଣ ଦୀନଦୁଃଖୀଙ୍କ ପାଇଁ ଚିନ୍ତା କରିଛନ୍ତି ? ଅଥଚ, ସେମାନଙ୍କ କ୍ଷମତାର ଜୀବନୀଶକ୍ତି ଏମାନଙ୍କର ନିଷ୍ପେଷଣରୁ ଉଦ୍ଭୂତ ।

କିନ୍ତୁ ପ୍ରଭୁ ମହାନ୍ ! ଶୀଘ୍ର ହେଉ ବା ବିଳମ୍ବରେ ହେଉ, ଏହି ଅନ୍ୟାୟର ଫଳ ଫଳିଛି । ଯେଉଁମାନେ ଦରିଦ୍ରଙ୍କ ଦେହର ରକ୍ତ ଶୋଷଣ କରିଛନ୍ତି, ତାଙ୍କର ଅର୍ଜିତ ଅର୍ଥରେ ନିଜ ଶିକ୍ଷାର ପଥ ପ୍ରଶସ୍ତ କରିଛନ୍ତି, ଏପରିକି ଯେଉଁମାନଙ୍କର କ୍ଷମତା-ପ୍ରତିପତ୍ତିର ସୌଧ ଦରିଦ୍ରଙ୍କ ଦୁଃଖଦୈନ୍ୟ ଉପରେ ହିଁ ନିର୍ମିତ—କାଳଚକ୍ରର ଆବର୍ତ୍ତନରେ ସେମାନଙ୍କ ମଧ୍ୟରୁ ହଜାର ହଜାର ଲୋକ ଦାସଭାବରେ ବିକ୍ରୀତ ହୋଇଛନ୍ତି; ସେମାନଙ୍କ ନିଜ ସ୍ତ୍ରୀ-କନ୍ୟାଙ୍କର ମର୍ଯ୍ୟାଦା ନଷ୍ଟ ହୋଇଛି ଏବଂ ବିଷୟ-ସମ୍ପତ୍ତି ଲୁଣ୍ଠିତ ହୋଇଛି । ବିଗତ ସହସ୍ର ବର୍ଷ ପର୍ଯ୍ୟନ୍ତ ଏହା ହିଁ ଚାଲିଆସିଛି । ଅଉ ଏସବୁ ପଛରେ କିଛି କାରଣ ନାହିଁ ବୋଲି କଅଣ ଆପଣ ଭାବନ୍ତି ?

ଭାରତବର୍ଷର ଦରିଦ୍ରମାନଙ୍କ ମଧ୍ୟରେ ମୁସଲମାନମାନଙ୍କର ସଂଖ୍ୟା ଏତେ ଅଧିକ କାହିଁକି ? ଏକଥା କହିବା ମୂର୍ଖତା ଯେ, ତରବାରି ସାହାଯ୍ୟରେ ସେମାନଙ୍କୁ ଧର୍ମାନ୍ତର ଗ୍ରହଣ ପାଇଁ ବାଧ୍ୟ କରାଯାଇଥିଲା ।··· ବସ୍ତୁତଃ, ଜମିଦାର ଓ ପୁରୋହିତବର୍ଗଙ୍କ ହସ୍ତରୁ ନିଷ୍କୃତିଲାଭ ପାଇଁ ହିଁ ସେମାନେ ଧର୍ମାନ୍ତର ଗ୍ରହଣ କରିଥିଲେ । ତେଣୁ, ସେହି କାରଣରୁ ବଙ୍ଗଦେଶରେ, ଯେଉଁଠାରେ ଜମିଦାରଙ୍କର ସଂଖ୍ୟା ବେଶୀ, ସେଠାରେ, କୃଷକ-ସମ୍ପ୍ରଦାୟଙ୍କ ମଧ୍ୟରେ ହିନ୍ଦୁଙ୍କ ଅପେକ୍ଷା ମୁସଲମାନଙ୍କ ସଂଖ୍ୟା ବେଶୀ ।

ଏହି ନିର୍ଯ୍ୟାତିତ ଓ ଅଧଃପତିତ ଲକ୍ଷ ଲକ୍ଷ ନରନାରୀଙ୍କ ଉନ୍ନତି ବିଷୟ କିଏ ଚିନ୍ତା-କରୁଛି ? କେତେ ହଜାର ଡିଗ୍ରୀଧାରୀ ବ୍ୟକ୍ତିଙ୍କ ଦ୍ୱାରା ଗୋଟାଏ ଜାତି ଗଠିତ ହୁଏ ନାହିଁ,

ଅଥବା ମୁଷ୍ଟିମେୟ କେତେକ ଧନୀ ମଧ୍ୟ ଗୋଟାଏ ଜାତି ନୁହନ୍ତି । ଆମମାନଙ୍କର ସୁଯୋଗ-ସୁବିଧା ଖୁବ୍ ବେଶୀ ନାହିଁ—ଏ କଥା ସତ୍ୟ; କିନ୍ତୁ ଯେତିକି ଅଛି, ତାହା ତିରିଶକୋଟି ନରନାରୀଙ୍କ ସ୍ୱାଚ୍ଛନ୍ଦ୍ୟ ପାଇଁ—ଏପରିକି ବିଳାସିତା ପାଇଁ ମଧ୍ୟ ଯଥେଷ୍ଟ ।

ଆମ ଦେଶର ଶତକଡ଼ା ନବେଜଣ ଅଶିକ୍ଷିତ, ଅଥଚ ସେମାନଙ୍କ ବିଷୟରେ କିଏ ଚିନ୍ତା କରୁଛି ?—ଏହିସବୁ ବାବୁଙ୍କ ଦଳ, ତଥାକଥିତ ଦେଶହିତୈଷୀଙ୍କର ଦଳ କି ?

ତଥାପି, ଏସବୁ ସତ୍ତ୍ୱେ ମୁଁ କହେ ଯେ, ଭଗବାନ ବୋଲି ଜଣେ କେହି ନିଶ୍ଚୟ ଅଛନ୍ତି, ଏବଂ ଏକଥା ପରିହାସର ବିଷୟ ନୁହେଁ । ସେ ଆମ ଜୀବନକୁ ନିୟନ୍ତ୍ରିତ କରୁଛନ୍ତି; ଏବଂ ଯଦିଚ ମୁଁ ଜାଣେ ଯେ, ଦାସଜାତି ତାହାର ସ୍ୱଭାବଦୋଷରୁ ଯଥାର୍ଥ ହିତକାରୀଙ୍କୁ ଦଂଶନ କରିଥାଏ, ତଥାପି ସେମାନଙ୍କ ପାଇଁ ମୁଁ ପ୍ରାର୍ଥନା କରୁଛି ଏବଂ ମୋ ସହିତ ଆପଣ ମଧ୍ୟ ପ୍ରାର୍ଥନା କରନ୍ତୁ । ଯାହା କିଛି ସତ୍, ଯାହା କିଛି ମହତ୍, ସେଥିପ୍ରତି ଆପଣ ଯଥାର୍ଥରେ ସହାନୁଭୂତିସମ୍ପନ୍ନ । ଆପଣଙ୍କୁ ଜାଣି ଅନ୍ତତଃ ଏପରି ଜଣେ ଲୋକଙ୍କୁ ଜାଣିଛି ବୋଲି ମୁଁ ମନେକରେ—ଯାହାଙ୍କ ମଧ୍ୟରେ ସାର ବସ୍ତୁ ରହିଛି, ଯାହାଙ୍କର ପ୍ରକୃତି ଉଦାର ଏବଂ ଯେ, ଅନ୍ତରେ ବାହାରେ ନିଷ୍କପଟ । ତେଣୁ ମୋ ସହିତ ଏ ପ୍ରାର୍ଥନାରେ ଯୋଗ ଦେବାକୁ ଆପଣଙ୍କୁ ମୁଁ ଆହ୍ୱାନ କରୁଛି—'ତମସୋ ମା ଜ୍ୟୋତିର୍ଗମୟ' ।

ଲୋକେ କଅଣ କହିଲେ—ତାହାକୁ ମୁଁ ଭ୍ରୂକ୍ଷେପ କରେ ନାହିଁ । ମୋର ଭଗବାନଙ୍କୁ, ମୋର ଦେଶକୁ, ମୋର ଧର୍ମକୁ—ସର୍ବୋପରି ଦୀନ ଭିକ୍ଷୁକମାନଙ୍କୁ ମୁଁ ଭଲପାଏ । ନିପୀଡ଼ିତ, ଅଶିକ୍ଷିତ ଓ ଦୀନମାନଙ୍କୁ ମୁଁ ଭଲପାଏ; ସେମାନଙ୍କର ବେଦନା ଅନ୍ତରରେ ଅନୁଭବ କରେ, କେତେ ତୀବ୍ର ଭାବରେ ଅନୁଭବ କରେ, ତା' ପ୍ରଭୁ ହିଁ ଜାଣନ୍ତି । ସେ ମୋତେ ବାଟ ଦେଖାଇବେ । ମନୁଷ୍ୟର ସ୍ତୁତି-ନିନ୍ଦାକୁ ମୁଁ ଦୃଷ୍ଟିପାତ କରେ ନାହିଁ । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ମୁଁ ଅଜ୍ଞ କଳରବକାରୀ ଶିଶୁ ବୋଲି ମନେକରେ । ସହାନୁଭୂତି ଓ ନିଃସ୍ୱାର୍ଥ ପ୍ରୀତିର ଠିକ୍ ମର୍ମକଥାଟି ଏମାନେ କଦାପି ବୁଝିପାରନ୍ତି ନାହିଁ । କିନ୍ତୁ ଶ୍ରୀରାମକୃଷ୍ଣଙ୍କ ଆଶୀର୍ବାଦରୁ ମୋର ସେ ଅନ୍ତର୍ଦୃଷ୍ଟି ରହିଛି ।

ମୋର ମୁଷ୍ଟିମେୟ ସହକର୍ମୀଙ୍କୁ ନେଇ ମୁଁ ବର୍ତ୍ତମାନ କାର୍ଯ୍ୟ କରିବାକୁ ଚେଷ୍ଟା କରୁଛି ଏବଂ ସେମାନେ ପ୍ରତ୍ୟେକେ ମୋ ପରି ଦରିଦ୍ର ଭିକ୍ଷୁକ । ସେମାନଙ୍କୁ ଆପଣ ଦେଖିଛନ୍ତି । ପ୍ରଭୁଙ୍କର କାର୍ଯ୍ୟ ଚିରଦିନ ଦୀନ-ଦରିଦ୍ରଗଣ ହିଁ ସମ୍ପନ୍ନ କରି ଆସିଛନ୍ତି । ଆଶୀର୍ବାଦ କରନ୍ତୁ, ଯେପରି ଈଶ୍ୱରଙ୍କ ପ୍ରତି, ଗୁରୁଙ୍କ ପ୍ରତି ଓ ନିଜ ପ୍ରତି ମୋର ବିଶ୍ୱାସ ଅକ୍ଷୁଣ୍ଣ ରହେ ।

ପ୍ରେମ ଏବଂ ସହାନୁଭୂତି ହିଁ ଏକମାତ୍ର ପନ୍ଥା । ପ୍ରୀତି ହିଁ ଏକମାତ୍ର ଉପାସନା ।

ପ୍ରଭୁ ଆପଣଙ୍କୁ ନିରନ୍ତର ସହାୟତା କରନ୍ତୁ । ମୋର ଆଶୀର୍ବାଦ ଆଦି ଜାଣିବେ । ଇତି ।

ବିବେକାନନ୍ଦ

୧୩୭ଇଂ (କଲିକତାବାସୀଙ୍କ ଅଭିନନ୍ଦନ-ପତ୍ରର ଉତ୍ତର)

[ଶିକାଗୋର ଧର୍ମମହାସଭାରେ ଖ୍ରୀ: ୧୮୯୩ ସେପ୍ଟେମ୍ବର ମାସରେ ସ୍ୱାମୀ ବିବେକାନନ୍ଦ ପାଶ୍ଚାତ୍ୟ ସଭ୍ୟଜାତିଙ୍କ ନିକଟରେ ହିନ୍ଦୁଧର୍ମର ଗୌରବ ପ୍ରତିଷ୍ଠିତ କରିଥିଲେ ।

ଏହାର ପ୍ରାୟ ଏକବର୍ଷ ପରେ କଲିକତାର ସମ୍ଭ୍ରାନ୍ତ ଜନସାଧାରଣ ଟାଉନହଲଠାରେ ଏକ ସଭା କରି ସ୍ୱାମୀଜୀ ଓ ଆମେରିକା-ବାସୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ସଭାରେ କେତେକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇ ଆମେରିକାକୁ ପଠାଯାଇଥିଲା । ନିମ୍ନଲିଖିତ ପତ୍ରଟି ସେଥିର ଉତ୍ତର ସ୍ୱରୂପ ଉକ୍ତ ସଭାର ସଭାପତି ରାଜା ପ୍ୟାରୀମୋହନ ମୁଖୋପାଧ୍ୟାୟଙ୍କୁ ସ୍ୱାମୀଜୀ ଲେଖିଥିଲେ ।]

ନ୍ୟୁୟର୍କ, ୧୮ ନଭେମ୍ବର ୧୮୯୪

ପ୍ରିୟ ମହାଶୟ,

ସଂପ୍ରତି କଲିକତା ଟାଉନହଲର ସଭାରେ ଯେଉଁସବୁ ପ୍ରସ୍ତାବ ଗୃହୀତ ହୋଇଛି ଏବଂ ମୋର ସ୍ୱୀୟ ନଗରବାସୀଗଣ ମୋତେ ଉଦ୍ଦେଶ୍ୟ କରି ଯେଉଁ ସହୃଦୟତା-ପୂର୍ଣ୍ଣ ବାର୍ତ୍ତା ପଠାଇଛନ୍ତି, ତାହା ମୁଁ ପାଇଛି ।

ମହାଶୟ, ମୋର କ୍ଷୁଦ୍ର କାର୍ଯ୍ୟକୁ ଆପଣମାନେ ଯେ ସାଦରେ ଅନୁମୋଦନ କରିଛନ୍ତି, ସେଥିପାଇଁ ମୋ ହୃଦୟର ଗଭୀରତମ ପ୍ରଦେଶର କୃତଜ୍ଞତା ଗ୍ରହଣ କରନ୍ତୁ ।

ମୋର ଦୃଢ଼ ଧାରଣା—କୌଣସି ବ୍ୟକ୍ତି ବା ଜାତି ଅପରଜାତିଠାରୁ ନିଜକୁ ସମ୍ପୂର୍ଣ୍ଣ ପୃଥକ୍ ରଖି ବଞ୍ଚିପାରେ ନାହିଁ ଏବଂ ଯେଉଁଠାରେ ଶ୍ରେଷ୍ଠତ୍ୱ, ପବିତ୍ରତା ବା ନୀତି (policy) ସମ୍ବନ୍ଧୀୟ ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ହୋଇ ଏ ପ୍ରକାର ଚେଷ୍ଟା ହୋଇଛି, ସେଠାରେ ଯେଉଁ ଜାତି ନିଜକୁ ପୃଥକ୍ ରଖିଛି, ତା'ପକ୍ଷରେ ଫଳ ଅତିଶୟ ଶୋଚନୀୟ ହୋଇପଡ଼ିଛି ।

ମୋର ମନେହୁଏ, ଭାରତର ପତନ ଓ ଅବନତିର ଏକ ପ୍ରଧାନ କାରଣ—ଏ ଜାତିର ଚାରିଦିଗରେ ଏପରି ଆଚାରର ବାଡ଼ ଦେବା; ପ୍ରାଚୀନ କାଳରେ ଏ ପ୍ରକାର ଆଚାରର ପ୍ରକୃତ ଉଦ୍ଦେଶ୍ୟ ଥିଲା—ହିନ୍ଦୁମାନେ ଯେପରି ଚତୁଷ୍ପାର୍ଶ୍ୱବର୍ତ୍ତୀ ବୌଦ୍ଧ ଜାତିଙ୍କ ସଂସ୍ପର୍ଶରେ ନ ଆସନ୍ତି । ଏହାର ଭିତ୍ତି—ଅପରପ୍ରତି ଘୃଣା ।

ପ୍ରାଚୀନ ବା ଆଧୁନିକ ତାର୍କିକଗଣ ମିଥ୍ୟା ଯୁକ୍ତିଜାଲ ବିସ୍ତାର କରି ଯେତେ ଏହା ଲୁଚାଇବାକୁ ଚେଷ୍ଟା କରନ୍ତୁ ନା କାହିଁକି, ଅପରକୁ ଘୃଣା କରୁଥିଲେ କେହି ନିଜେ ଅବନତ ନ ହୋଇ ରହିପାରେ ନାହିଁ । ଧର୍ମନୀତିର ଏହି ଅବ୍ୟର୍ଥ ନିୟମର ଜାଜ୍ୱଲ୍ୟମାନ ପ୍ରମାଣସ୍ୱରୂପ— ଏହାର ଅନିବାର୍ଯ୍ୟ ଫଳ ଏତିକି ହେଲା ଯେ, ଯେଉଁ ଜାତି ପ୍ରାଚୀନ ଜାତିସମୂହ ମଧ୍ୟରେ ସର୍ବାପେକ୍ଷା ଶୀର୍ଷସ୍ଥାନ ଅଧିକାର କରିଥିଲା, ସେହି ଜାତି ବର୍ତ୍ତମାନ ସମସ୍ତ ଜାତିଙ୍କର ଉପହାସ ଓ ଘୃଣାର ପାତ୍ର ହୋଇପଡ଼ିଛି । ଆମମାନଙ୍କ ପୂର୍ବପୁରୁଷଗଣ ଯେଉଁ ନିୟମ ପ୍ରଥମେ ଆବିଷ୍କାର କରିଥିଲେ, ଆମେମାନେ ବର୍ତ୍ତମାନ ସେହି ନିୟମ ଲଙ୍ଘନ କରିବାର ଦୃଷ୍ଟାନ୍ତ ସ୍ଥଳ ହୋଇରହିଛୁ ।

ଆଦାନ-ପ୍ରଦାନ ହିଁ ପ୍ରକୃତିର ନିୟମ, ଏବଂ ଭାରତକୁ ଯଦି ପୁଣି ଉଠିବାକୁ ହୁଏ, ତେବେ ତାହାକୁ ନିଜର ଐଶ୍ୱର୍ଯ୍ୟ-ଭଣ୍ଡାର ଉନ୍ମୁକ୍ତ କରି ପୃଥିବୀର ଅନ୍ୟ ସମସ୍ତ ଜାତି ଭିତରେ ବାଣ୍ଟି ଦେବାକୁ ପଡ଼ିବ, ଏବଂ ଏହାର ବଦଳରେ ଅନ୍ୟମାନେ ଯାହା ଦେବେ, ତାହା ଗ୍ରହଣ

କରିବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ । ସଂପ୍ରସାରଣ ହିଁ ଜୀବନ—ସଂକୀର୍ଣ୍ଣତା ହିଁ ମୃତ୍ୟୁ; ପ୍ରେମ ହିଁ ଜୀବନ—ଦ୍ୱେଷ ହିଁ ମୃତ୍ୟୁ । ଆମେମାନେ ଯେଉଁ ଦିନଠାରୁ ଅପର ଜାତିମାନଙ୍କୁ ଘୃଣା କରିବାକୁ ଆରମ୍ଭ କଲୁ, ସେହିଦିନଠାରୁ ଆମର ମୃତ୍ୟୁ ଆରମ୍ଭ ହେଲା, ଏବଂ ଯେପର୍ଯ୍ୟନ୍ତ ଆମେ ପୁଣି ସଂପ୍ରସାରଣଶୀଳ ନ ହୋଇଛୁ, ସେପର୍ଯ୍ୟନ୍ତ କୌଣସି ଶକ୍ତି ଆମ ମୃତ୍ୟୁକୁ ଅଟକାଇ ରଖିପାରିବ ନାହିଁ । ଅତଏବ ଆମକୁ ପୃଥିବୀର ସମସ୍ତ ଜାତିଙ୍କ ସହିତ ମିଶିବାକୁ ପଡ଼ିବ, ଏବଂ ଶତ ଶତ କୁସଂସ୍କାରଗ୍ରସ୍ତ ଓ ସ୍ୱାର୍ଥପର ବ୍ୟକ୍ତି (ପ୍ରବାଦବାକ୍ୟର କୁକୁର ଯେପରି ଗାଈର ଚେଳକୁଣ୍ଡରେ ଶୋଇ ରହି ନିଜେ ଖାଏ ନାହିଁ ଅଥଚ ଗାଈର ଖାଇବାରେ ବାଧା ଦିଏ, ଏମାନେ ସେହିପରି ।) ଅପେକ୍ଷା ଯେଉଁ ହିନ୍ଦୁ ବିଦେଶ ଭ୍ରମଣ କରିବାକୁ ଯାଏ, ସେ ସ୍ୱଦେଶର ଅଧିକତର କଲ୍ୟାଣ-ସାଧନ କରେ । ପାଶ୍ଚାତ୍ୟ ଜାତିଗଣ ଜାତୀୟ ଜୀବନର ଯେଉଁ ଅପୂର୍ବ ପ୍ରାସାଦସମୂହ ନିର୍ମାଣ କରିଛନ୍ତି, ସେସବୁ ଚରିତ୍ରରୂପକ ସ୍ତମ୍ଭସମୂହ ଅବଲମ୍ବନ କରି ପ୍ରତିଷ୍ଠିତ—ଯେପର୍ଯ୍ୟନ୍ତ ଆମେମାନେ ଏପରି ଶତ ଶତ ଉତ୍କୃଷ୍ଟ ଚରିତ୍ର ସୃଷ୍ଟି ନ କରିପାରିଛୁ, ସେପର୍ଯ୍ୟନ୍ତ ଏଜାତି ବା ସେଜାତି ବିରୋଧରେ ବିରକ୍ତିପ୍ରକାଶ ଓ ଚିତ୍କାର କରିବା ବୃଥା ।

ଯେ ଅପରକୁ ସ୍ୱାଧୀନତା ଦେବା ଲାଗି ପ୍ରସ୍ତୁତ ନୁହେଁ, ସେ କ'ଣ ସ୍ୱୟଂ ସ୍ୱାଧୀନତାର ଯୋଗ୍ୟ ? ଆସନ୍ତୁ, ଆମେମାନେ ବୃଥା ଚିତ୍କାରରେ ଶକ୍ତି କ୍ଷୟ ନ କରି ଧୀରତାର ସହିତ ମନୁଷ୍ୟୋଚିତ ଭାବରେ କାର୍ଯ୍ୟରେ ଲାଗିପଡ଼ିବା । ମୁଁ ସଂପୂର୍ଣ୍ଣ ରୂପେ ବିଶ୍ୱାସ କରେ ଯେ, କୌଣସି ବ୍ୟକ୍ତି ଯାହା ପାଇବା ପାଇଁ ପ୍ରକୃତ ପକ୍ଷେ ଉପଯୁକ୍ତ ହୋଇଛି, ଜଗତର କୌଣସି ଶକ୍ତି ତା'ର ପ୍ରତିବନ୍ଧକତାଚରଣ କରିବାକୁ ସମର୍ଥ ନୁହେଁ ! ଆମ ଜାତୀୟ ଜୀବନ ଅତୀତରେ ଯେ ମହତ୍ତ୍ୱ ଥିଲା, ଏଥିରେ ସନ୍ଦେହ ନାହିଁ; କିନ୍ତୁ ମୁଁ ଅକପଟ ଭାବରେ ବିଶ୍ୱାସ କରେ ଯେ, ଆମର ଭବିଷ୍ୟତ ଆହୁରି ଗୌରବାନ୍ୱିତ । ଶଙ୍କର ଆମମାନଙ୍କୁ ପବିତ୍ରତା, ଧୈର୍ଯ୍ୟ ଓ ଅଧ୍ୟବସାୟରେ ଅବିଚଳିତ ରଖନ୍ତୁ ।

ଭବଦୀୟ ବିଶ୍ୱସ୍ତ, ବିବେକାନନ୍ଦ

୧୩୯ଇଂ (ମାନ୍ଦ୍ରାଜୀ ଭକ୍ତଗଣଙ୍କ ଉଦ୍ଦେଶ୍ୟରେ ଆଲସିଙ୍ଗା ପେରୁମଲଙ୍କୁ ଲିଖିତ )

ନ୍ୟୁୟର୍କ, ୧୯ ନଭେମ୍ବର ୧୮୯୪

ହେ ବୀର-ହୃଦୟ ଯୁବକବୃନ୍ଦ,

ତୁମମାନଙ୍କର ଗତ ଅକ୍ଟୋବର ୧୧ ତାରିଖର ପତ୍ର କାଲି ପ୍ରାପ୍ତ ହୋଇ ଅତିଶୟ ଆନନ୍ଦିତ ହେଲି । ଏପର୍ଯ୍ୟନ୍ତ ଆମର କାର୍ଯ୍ୟରେ କୌଣସି ବିଘ୍ନ ନ ଘଟି ବରଂ ଉତ୍ତରୋତ୍ତର ଉନ୍ନତି ହେଉଛି—ସେଥିଲାଗି ମୁଁ ପରମ ଆନନ୍ଦିତ । ଯେକୌଣସି ପ୍ରକାରେ ହେଉ, ଯାହାଦ୍ୱାରା ଦୃଢ଼ ପ୍ରତିଷ୍ଠା ଓ ଉନ୍ନତି ହୋଇପାରେ, ତାହା କରିବାକୁ ପଡ଼ିବ; ଏବଂ ଆମେ ସେଥିରେ ନିଶ୍ଚୟ କୃତକାର୍ଯ୍ୟ ହେବା । ନିଶ୍ଚୟ । 'ନା' କହିଲେ ଚଳିବ ନାହିଁ ! ଆଉ କିଛିର ଆବଶ୍ୟକତା ନାହିଁ, ଆବଶ୍ୟକ କେବଳ ପ୍ରେମ, ସରଳତା ଓ ସହିଷ୍ଣୁତା । ଜୀବନର ଅର୍ଥ ବିସ୍ତାର ଏବଂ ବିସ୍ତାର ଓ ପ୍ରେମ ଏକା କଥା । ସୁତରାଂ ପ୍ରେମ ହିଁ ଜୀବନ—ତାହା ହିଁ ଜୀବନର ଏକମାତ୍ର ଗତିନିୟାମକ । ଅପର ପକ୍ଷରେ ସ୍ୱାର୍ଥପରତା ହେଉଛି ମୃତ୍ୟୁ, ଜୀବନ ଥାଉ ଥାଉ

ତାହା ମୃତ୍ୟୁ ଏବଂ ଦେହାବସାନ ପରେ ମଧ୍ୟ ଏହି ସ୍ୱାର୍ଥପରତା ହିଁ ପ୍ରକୃତ ମୃତ୍ୟୁସ୍ୱରୂପ । ଦେହାବସାନ ପରେ କିଛି ରହେ ନାହିଁ, ଏ କଥା ଯଦି କେହି କହେ, ତଥାପି ତାକୁ ସ୍ୱୀକାର କରିବାକୁ ହେବ ଯେ, ଏହି ସ୍ୱାର୍ଥପରତା ହିଁ ଯଥାର୍ଥ ମୃତ୍ୟୁ ।

ପରୋପକାର ହିଁ ଜୀବନ, ପରହିତଚେଷ୍ଟାର ଅଭାବ ହେଉଛି ମୃତ୍ୟୁ । ଜଗତର ଅଧିକାଂଶ ନର-ପଶୁ ମୃତ ପ୍ରେତ ତୁଲ୍ୟ; କାରଣ ହେ ଯୁବକବୃନ୍ଦ, ଯାହାର ହୃଦୟରେ ପ୍ରେମ ନାହିଁ, ସେ ମୃତ, ପ୍ରେତ ଛଡ଼ା ଆଉ କଅଣ ହୋଇପାରେ ? ହେ ଯୁବକବୃନ୍ଦ, ଦରିଦ୍ର, ଅଜ୍ଞ ଓ ଅତ୍ୟାଚାରପୀଡ଼ିତ ଜନଗଣଙ୍କର କଷ୍ଟ ତୁମେ ପ୍ରାଣେ ପ୍ରାଣେ ଅନୁଭବ କର, ସେହି ଅନୁଭବର ବେଦନାରେ ତୁମମାନଙ୍କର ହୃଦୟ ରୁଦ୍ଧ ହେଉ, ମସ୍ତିଷ୍କ ଘୂର୍ଣ୍ଣିତ ହେଉ, ତୁମେମାନେ ପାଗଳ ହୋଇଯିବାର ଉପକ୍ରମ ହେଉ । ତା'ପରେ ଯାଇ ଭଗବାନଙ୍କ ପାଦପଦ୍ମ ତଳେ ତୁମମାନଙ୍କର ଅନ୍ତରର ବେଦନା ନିବେଦନ କର । ତା'ହେଲେ ତାଙ୍କ ନିକଟରୁ ଶକ୍ତି ଓ ସାହସ ଆସିବ—ଅଦମ୍ୟ ଉତ୍ସାହ, ଅନନ୍ତ ଶକ୍ତି ଆସିବ । ଗତ ଦଶ ବର୍ଷ ଧରି ମୋର ମୂଳ ମନ୍ତ୍ର ଥିଲା—ଆଗେଇ ଚାଲ, ବର୍ତ୍ତମାନ ମଧ୍ୟ ମୁଁ କହୁଛି, ଆଗେଇ ଚାଲ । ଯେତେବେଳେ ଚତୁର୍ଦ୍ଦିଗରେ ଅନ୍ଧକାର ଛଡ଼ା ଆଉ କିଛି ଦେଖି ନାହିଁ, ସେତେବେଳେ କହିଛି—ଆଗେଇ ଚାଲ । ବର୍ତ୍ତମାନ ଟିକିଏ ଟିକିଏ ଆଲୋକ ଦେଖାଯାଉଛି, ଏବେ ମଧ୍ୟ କହୁଛି—ଆଗେଇ ଚାଲ । ବତ୍ସ, ଭୟ କର ନାହିଁ । ଉପରର ତାରକାଖଚିତ ଅନନ୍ତ ଆକାଶମଣ୍ଡଳ ପ୍ରତି ସଭୟ ଦୃଷ୍ଟିରେ ଚାହିଁ ମନେକର ନାହିଁ ଯେ, ତାହା ତୁମକୁ ପେଷି ପକାଇବ । ଅପେକ୍ଷା କର, ଦେଖିବ—ଅଳ୍ପକ୍ଷଣ ମଧ୍ୟରେ ଦେଖିବ, ସବୁକିଛି ତୁମରି ପାଦତଳେ । ଟଙ୍କାରେ କିଛି ହୁଏ ନାହିଁ, ନାମରେ ହୁଏ ନାହିଁ, ଯଶରେ ହୁଏ ନାହିଁ, ବିଦ୍ୟାରେ ହୁଏ ନାହିଁ; କିନ୍ତୁ ପ୍ରେମ ବଳରେ ସବୁ ସମ୍ଭବ—ଚରିତ୍ର ହିଁ ବାଧାବିଘ୍ନରୂପକ ବଜ୍ରଦୃଢ଼ ପ୍ରାଚୀର ଭିତର ଦେଇ ପଥ ସୃଷ୍ଟି କରି ତୁମକୁ ଆଗେଇ ନେଇପାରେ ।

ବର୍ତ୍ତମାନ ଆମ ସମ୍ମୁଖରେ ଏହି ଏକମାତ୍ର ସମସ୍ୟା—ସ୍ୱାଧୀନତା ବିନା କୌଣସି ଉନ୍ନତି ସମ୍ଭବପର ନୁହେଁ । ଆମର ପୂର୍ବପୁରୁଷଗଣ ଧର୍ମଚିନ୍ତାରେ ସ୍ୱାଧୀନତା ଦେଇଥିଲେ; ତା' ଫଳରେ ଆମେ ଆମର ଏହି ଅପୂର୍ବ ଧର୍ମ ପାଇଛୁ । କିନ୍ତୁ ସେମାନେ ସମାଜର ପାଦରେ ଅତି କଠିନ ଶୃଙ୍ଖଳ ପିନ୍ଧାଇ ଦେଲେ । ପଦେ କଥାରେ କହିବାକୁ ଗଲେ ଆମର ଏହି ସମାଜ ଭୟାବହ, ପୈଶାଚିକ । ପାଶ୍ଚାତ୍ୟ ଦେଶମାନଙ୍କର ସମାଜ ଚିରଦିନ ସ୍ୱାଧୀନତା ସମ୍ଭୋଗ କରିଆସିଛି—ସେମାନଙ୍କ ସମାଜ ପ୍ରତି ଲକ୍ଷ୍ୟ କରି ଦେଖ । ପୁନଶ୍ଚ ଅପର ଦିଗରେ ସେମାନଙ୍କର ଧର୍ମ କିପରି, ତାହା ପ୍ରତି ମଧ୍ୟ ଦୃଷ୍ଟିପାତ କର ।

ଉନ୍ନତିର ପ୍ରଥମ ସର୍ତ୍ତ—ସ୍ୱାଧୀନତା । ମାନବର ଚିନ୍ତା କରିବା ଏବଂ ତାହା ବ୍ୟକ୍ତ କରିବା ପାଇଁ ଯେପରି ସ୍ୱାଧୀନତା ରହିବା ଆବଶ୍ୟକ, ତଦ୍ରୂପ ତାହାର ଖାଦ୍ୟ, ପେୟ, ପୋଷାକ, ବିବାହ ଓ ଅନ୍ୟାନ୍ୟ ସମସ୍ତ ବିଷୟରେ ମଧ୍ୟ ସ୍ୱାଧୀନତା ଆବଶ୍ୟକ—ଅବଶ୍ୟ ଯେପର୍ଯ୍ୟନ୍ତ ତଦ୍ଦ୍ୱାରା ଅନ୍ୟର ଅନିଷ୍ଟ ନ ଘଟେ ।

ଆମେମାନେ ମୂର୍ଖଙ୍କ ପରି ଜଡ଼ ସଭ୍ୟତା ବିରୋଧରେ ଚିତ୍କାର କରୁଛୁ । ନ କରିବୁ

ବା କାହିଁକି ? ହାତ ବଢ଼ାଇ ଅଙ୍ଗୁର ନ ପାଇଲେ, ତାକୁ ଆମ୍ବିଳା ବୋଲି କହିବୁ ନାହିଁ ତ ଆଉ କ'ଣ !

ଭାରତର ଆଧ୍ୟାତ୍ମିକ ସଭ୍ୟତାର ଶ୍ରେଷ୍ଠତା ସ୍ୱୀକାର କଲେ ମଧ୍ୟ, ଏହା ମାନିବାକୁ ହେବ ଯେ ଭାରତରେ ଯଥାର୍ଥ ଧାର୍ମିକ ଲୋକଙ୍କ ସଂଖ୍ୟା ଏକ ଲକ୍ଷରୁ ଅଧିକ ହେବ ନାହିଁ । ଏହି ମୁଷ୍ଟିମେୟ ଲୋକଙ୍କର ଆଧ୍ୟାତ୍ମିକ ଉନ୍ନତି ପାଇଁ ଭାରତର ଆଉ ତିରିଶ କୋଟି ଲୋକଙ୍କୁ ଅସଭ୍ୟ ଅବସ୍ଥାରେ ରହିବାକୁ ପଡ଼ିବ ଓ ନ ଖାଇ ମରିବାକୁ ପଡ଼ିବ ? ଜଣେ ମଧ୍ୟ କାହିଁକି ନ ଖାଇ ମରିବ କାହିଁକି ? ମୁସଲମାନମାନେ ହିନ୍ଦୁଗଣଙ୍କୁ ଜୟ କଲେ—ଏ ଘଟଣା କିପରି ସମ୍ଭବ ହେଲା ? ବାହ୍ୟ ସଭ୍ୟତା ସମ୍ପର୍କରେ ହିନ୍ଦୁର ଅଜ୍ଞତା ହିଁ ଏହାର କାରଣ ।···ବାହ୍ୟ ସଭ୍ୟତା ଆବଶ୍ୟକ, କେବଳ ସେତିକି ନୁହେଁ, ପ୍ରୟୋଜନାତିରିକ୍ତ ବସ୍ତୁର ବ୍ୟବହାର ମଧ୍ୟ ଆବଶ୍ୟକ, ଯାହାଦ୍ୱାରା କି ଦରିଦ୍ର ଲୋକଙ୍କ ପାଇଁ ନୂଆ ନୂଆ କାର୍ଯ୍ୟର ସୃଷ୍ଟି ହୋଇପାରିବ ।

ଅନ୍ନ ! ଅନ୍ନ ! ଯେଉଁ ଭଗବାନ ଏଠାରେ ମୋତେ ଅନ୍ନ ଦେଇପାରିବେ ନାହିଁ, ସେ ଯେ ମୋତେ ସ୍ୱର୍ଗରେ ଅନନ୍ତ ସୁଖରେ ରଖିବେ—ଏହା ମୁଁ ବିଶ୍ୱାସ କରେ ନାହିଁ । ଭାରତକୁ ଉଠାଇବାକୁ ପଡ଼ିବ, ଗରିବମାନଙ୍କୁ ଅନ୍ନ ଦେବାକୁ ପଡ଼ିବ, ଶିକ୍ଷାର ବିସ୍ତାର କରିବାକୁ ହେବ ଏବଂ ପୌରୋହିତ୍ୟରୂପକ ପାପକୁ ଦୂରୀଭୂତ କରିବାକୁ ହେବ । ଅଧିକ ଖାଦ୍ୟ ଓ ଅଧିକ ସୁଯୋଗର ପ୍ରୟୋଜନ । ଆମର ନିର୍ବୋଧ ଯୁବକଗଣ ଇଂରେଜଙ୍କଠାରୁ ଅଧିକ କ୍ଷମତା-ଲାଭ ପାଇଁ ସଭାସମିତି କରିଥାଆନ୍ତି—ଏଥିରେ ଇଂରେଜମାନେ ହସନ୍ତି । ଯେ ଅପରକୁ ସ୍ୱାଧୀନତା ଦେବାକୁ ପ୍ରସ୍ତୁତ ନୁହେଁ, ସେ ନିଜେ ସ୍ୱାଧୀନତା ପାଇବା ଲାଗି ଯୋଗ୍ୟ ହୋଇ ନ ପାରେ । ଦାସମାନେ ଅପରକୁ ଦାସ କରି ରଖିବା ପାଇଁ ଶକ୍ତି ଚାହାଁନ୍ତି । ତେଣୁ କହୁଛି, ଏହି ଅବସ୍ଥା ଧୀରେ ଧୀରେ ଆଣିବାକୁ ପଡ଼ିବ—ଲୋକଙ୍କୁ ଅଧିକ ଧର୍ମନିଷ୍ଠ ହେବାକୁ ଶିକ୍ଷା ଦେଇ ଓ ସମାଜକୁ ସ୍ୱାଧୀନତା ପ୍ରଦାନ କରି । ପ୍ରାଚୀନ ଧର୍ମରୁ ଏହି ପୁରୋହିତଙ୍କ ଅତ୍ୟାଚାର ଓ ଅନାଚାର ଦୂର କରିଦିଅ—ଦେଖିବ ଏ ଧର୍ମ ହିଁ ଜଗତର ସର୍ବଶ୍ରେଷ୍ଠ ଧର୍ମ ।

ମୋ କଥା ବୁଝିପାରୁଛ ତ ? ଭାରତର ଧର୍ମ ସାହାଯ୍ୟରେ ଏହାର ସମାଜକୁ ୟୁରୋପୀୟ ସମାଜ ଭଳି ଗଢ଼ିପାରିବ ? ମୋର ବିଶ୍ୱାସ, ଏହାକୁ କାର୍ଯ୍ୟରେ ପରିଣତ କରିବା ଖୁବ୍ ସମ୍ଭବ, ଏବଂ ଏହା ହେବ ହିଁ ହେବ । ଏହାକୁ କାର୍ଯ୍ୟରେ ପରିଣତ କରିବାର ପ୍ରଧାନ ଉପାୟ—ମଧ୍ୟଭାରତରେ ଗୋଟିଏ ଉପନିବେଶ ସ୍ଥାପନ । ଯେଉଁମାନେ ତୁମମାନଙ୍କର ଚିନ୍ତାଧାରା ମାନି ଚଳିବେ, ସେମାନଙ୍କୁ କେବଳ ସେଠାରେ ରଖାଯିବ । ତା'ପରେ ଏହି ଅଳ୍ପସଂଖ୍ୟକ ଲୋକଙ୍କ ମଧ୍ୟରେ ସେହି ଭାବ ବିସ୍ତାର କରିବ । ଅବଶ୍ୟ ଏଥିପାଇଁ ଧନ ଆବଶ୍ୟକ, କିନ୍ତୁ ଏ ଧନ ମିଳିଯିବ । ଇତିମଧ୍ୟରେ ଗୋଟିଏ କେନ୍ଦ୍ରୀୟ ସମିତି କରି ସମଗ୍ର ଭାରତରେ ତାହାର ଶାଖା ସ୍ଥାପନ କରିଯାଅ । ବର୍ତ୍ତମାନ କେବଳ ଧର୍ମଭିତ୍ତିରେ ଏହି ସମିତି ସ୍ଥାପନ କର । ବର୍ତ୍ତମାନ କୌଣସି ସାମାଜିକ ସଂସ୍କାରର କଥା ପ୍ରଚାର କରିବ ନାହିଁ । କେବଳ ଏତିକି ମାତ୍ର ଦେଖିଲେ ଚଳିବ ଯେ, ଅଜ୍ଞ ଲୋକଙ୍କର କୁସଂସ୍କାରକୁ ଯେପରି ପ୍ରଶ୍ରୟ ଦିଆ ନ ଯାଏ । ରାମାନୁଜ ଯେପରି ସମସ୍ତଙ୍କ ପ୍ରତି ସମଭାବ ଦେଖାଇ ଓ ମୁକ୍ତିରେ ସମସ୍ତଙ୍କର

ଅଧିକାର ଅଛି ବୋଲି ସର୍ବସାଧାରଣଙ୍କ ମଧ୍ୟରେ ଧର୍ମଭାବ ପ୍ରଚାର କରିଥିଲେ, ସେହି ପୂର୍ବକାଳୀନ ରାମାନୁଜଙ୍କ ପରି ପ୍ରଚାର କରିବାକୁ ପଡ଼ିବ । ଶଙ୍କରାଚାର୍ଯ୍ୟ, ରାମାନୁଜ, ଚୈତନ୍ୟ ପ୍ରଭୃତି ପ୍ରାଚୀନ ନାମ ମାଧ୍ୟମରେ ଏସମସ୍ତ ସତ୍ୟ ପ୍ରଚାରିତ ହେଲେ ଲୋକେ ସହଜରେ ଗ୍ରହଣ କରିବେ । ଏହା ସଙ୍ଗେ ସଙ୍ଗେ ନଗର-ସଂକୀର୍ତ୍ତନ ପ୍ରଭୃତିର ମଧ୍ୟ ବନ୍ଦୋବସ୍ତ କର ।

ମନେକର, ପ୍ରଥମେ ସମିତି ଖୋଲିବା ସମୟରେ ଏକ ମହୋତ୍ସବ କଲ । ପତାକା ପ୍ରଭୃତି ନେଇ, ରାସ୍ତାରେ ଘୂରି ନଗରସଂକୀର୍ତ୍ତନ କଲ, ବକ୍ତୃତାଦି ହେଲା । ତା'ପରେ ପ୍ରତି ସପ୍ତାହରେ ଥରେ ବା ଥରକରୁ ବେଶୀ ସମିତିର ଅଧିବେଶନ ହେଉ । ନିଜ ଭିତରେ ଉତ୍ସାହାଗ୍ନି ପ୍ରଜ୍ୱଳିତ କର ଏବଂ ତାହାକୁ ଚତୁର୍ଦ୍ଦିଗରେ ବିସ୍ତାରିତ କର । ପଡ଼ି ଉଠି କାମରେ ଲାଗିଯାଅ । ନେତୃତ୍ୱ କରିବା ବେଳେ ସେବକତ୍ୱଭାବାପନ୍ନ ହୁଅ, ନିଃସ୍ୱାର୍ଥପର ହୁଅ; ଜଣେ ବନ୍ଧୁ ଅନ୍ୟ ବନ୍ଧୁକୁ ଗୋପନରେ ନିନ୍ଦା କଲେ ସେଥିରେ କର୍ଣ୍ଣପାତ କର ନାହିଁ । ଅନନ୍ତ ଧୈର୍ଯ୍ୟ ଅବଲମ୍ବନ କର, ସିଦ୍ଧି ତୁମର କରତଳଗତ ।

ଭାରତର କୌଣସି କାଗଜ ବା କୌଣସି ଠିକଣା ଆଉ ପଠାଇବାର ଆବଶ୍ୟକତା ନାହିଁ । ମୋ ପାଖକୁ ବହୁତ ଆସିଲାଣି, ଆଉ ଦରକାର ନାହିଁ । ଏତିକି ବୁଝିରଖ ଯେ, ଯେଉଁ ସ୍ଥାନରେ ତୁମେମାନେ କୌଣସି ସାଧାରଣ ସଭା ଆହ୍ୱାନ କରିପାରିଛ, ସେହି ସ୍ଥାନମାନଙ୍କରେ କର୍ମ କରିବା ଲାଗି ତୁମେ ସୁବିଧା ଲାଭ କରିଛ । ସେହି ସୁବିଧାର ସହାୟତା ନେଇ କାମ କରି ଚାଲ । କାମ କର, କାମ କର; ପରହିତ ପାଇଁ କରିବା ହିଁ ଜୀବନର ଲକ୍ଷଣ । ମୁଁ ଆୟାରଙ୍କ ନିକଟକୁ ପୃଥକ୍ କୌଣସି ପତ୍ର ଲେଖି ନାହିଁ, କିନ୍ତୁ ଅଭିନନ୍ଦନ-ପତ୍ରର ଯେଉଁ ଉତ୍ତର ପଠାଇଛି, ତାହା ବୋଧହୁଏ ପର୍ଯ୍ୟାପ୍ତ ହେବ । ତାହାଙ୍କୁ ଓ ଅପରାପର ବନ୍ଧୁଗଣଙ୍କୁ ମୋ ହୃଦୟର ସ୍ନେହ, ସହାନୁଭୂତି ଓ କୃତଜ୍ଞତା ଜଣାଇବ । ସେମାନେ ସମସ୍ତେ ମହାଶୟ ବ୍ୟକ୍ତି । କେବଳ ଗୋଟିଏ ବିଷୟରେ ସାବଧାନ ରହିବ : ମୁଁ ତୁମ ନିକଟକୁ ମୋର ସବୁ ଚିଠି ପଠାଉଛି ବୋଲି – ଅନ୍ୟ ବନ୍ଧୁଙ୍କ ନିକଟରେ—ତୁମେ ନିଜକୁ ଯେପରି ଜଣେ ମସ୍ତବଡ଼ ଲୋକ ବୋଲି ଦେଖାଇ ନ ହୁଅ । ମୁଁ ଜାଣେ ତୁମେ ଏତେ ନିର୍ବୋଧ ହୋଇ ନ ପାର । ତଥାପି ତୁମକୁ ଏ ବିଷୟରେ ସାବଧାନ କରିଦେବା ମୁଁ ମୋର କର୍ତ୍ତବ୍ୟ ବୋଲି ମନେକରୁଛି । ଏଥିରେ ସଂପ୍ରଦାୟସବୁ ଭାଙ୍ଗିଯାଏ । ମୁଁ ଚାହୁଁଛି, ଆମମାନଙ୍କ ଭିତରେ ଯେପରି କୌଣସି ପ୍ରକାର କପଟତା, କୌଣସି ଲୁଚାଛପା ଭାବ ବା କୌଣସି ଦୁଷ୍ଟାମୀ ନ ରହେ । ମୁଁ ବରାବର ପ୍ରଭୁଙ୍କ ଉପରେ ନିର୍ଭର କରିଛି, ଦିବାଲୋକପରି ଉଜ୍ଜ୍ୱଳ ସତ୍ୟ ଉପରେ ନିର୍ଭର କରିଛି । ମୋ ବିବେକ ଉପରେ ଏହି କଳଙ୍କ ନେଇ ଯେପରି ମୋତେ ମରିବାକୁ ନ ହୁଏ ଯେ, ମୁଁ ନାମ ନେବା ଲାଗି, ଏପରିକି, ପରର ଉପକାର କରିବା ଲାଗି ଲୁଚକାଳି ଖେଳିଛି । ଏକ ବିନ୍ଦୁ ଦୁର୍ନୀତି, ଟିକିଏ ବୋଲି କୁ-ମତଲବ୍‌ର ଦାଗ ଯେପରି ନ ରହେ ।

ଗୁପ୍ତ ବଦମାସି, ଲୁଚାଛପା ଭାବ, ଜୁଆଚୋରି ଯେପରି ଆମ ଭିତରେ ନ ରହେ । ଲୁଚାଛପାରେ କିଛି କରାଯିବ ନାହିଁ । କେହି ଯେପରି ନିଜକୁ ଗୁରୁଙ୍କର ପ୍ରିୟପାତ୍ର ମନେକରି ଅଭିମାନରେ ସ୍ଫୀତ ନ ହୁଏ । ଏପରିକି, ଆମମାନଙ୍କ ଭିତରେ ଗୁରୁ ବୋଲି କେହି

ରହିବେ ନାହିଁ; ଗୁରୁଗିରି ଚଳିବ ନାହିଁ। ହେ ବୀରହୃଦୟ ବାଳକଗଣ ! କର୍ମରେ ଅଗ୍ରସର ହୁଅ। ଟଙ୍କା ଆଉ ବା ନ ଆଉ, ମାନବର ସାହାଯ୍ୟ ପାଅ ବା ନ ପାଅ, ତୁମର ପ୍ରେମ ଅଛି ତ ? ଭଗବାନ ତୁମର ସହାୟ ଅଛନ୍ତି ତ ? ଅଗ୍ରସର ହୁଅ, ତୁମ ଗତି କେହି ରୋଧ କରିପାରିବେ ନାହିଁ।

ଥିଓସଫିଷ୍ଟମାନଙ୍କ ଦ୍ୱାରା ଭାରତରୁ ପ୍ରକାଶିତ ଏକ କାଗଜରେ ଲେଖାଯାଇଛି, ସେମାନେ ମୋ କୃତକାର୍ଯ୍ୟତାର ପଥ ପ୍ରସ୍ତୁତ କରି ରଖିଥିଲେ ! ସତେ !!! ଏକଦମ୍ ବାଜେ କଥା—ଥିଓସଫିଷ୍ଟମାନେ ମୋ ବାଟ ପ୍ରସ୍ତୁତ କରିଦେଇଛନ୍ତି !···

ସାବଧାନ ! ଆମମାନଙ୍କ ଭିତରେ ଯେପରି ତିଳେ ମାତ୍ର ଅସତ୍ୟ ପ୍ରବେଶ ନ କରେ। ସତ୍ୟକୁ ଧରି ରହ, ଆମେ ନିଶ୍ଚୟ କୃତକାର୍ଯ୍ୟ ହେବା। ହୋଇପାରେ ବିଳମ୍ବ, କିନ୍ତୁ ନିଶ୍ଚିତ ଯେ କୃତକାର୍ଯ୍ୟ ହେବା, ଏଥିରେ କୌଣସି ସନ୍ଦେହ ନାହିଁ। କାମ କରିଯାଅ। ମନେକର, ମୁଁ ଜୀବିତ ନାହିଁ। ଏହା ମନରେ ରଖି କାମରେ ଲାଗିପଡ଼, ଯେପରି ତୁମ ପ୍ରତ୍ୟେକଙ୍କ ଉପରେ ସମଗ୍ର କାର୍ଯ୍ୟଭାର ପଡ଼ିଛି। ଆଗାମୀ ପଚାଶ ଶତାବ୍ଦୀ ତୁମ ଆଡ଼କୁ ସତୃଷ୍ଣନୟନରେ ଚାହିଁ ରହିଛି। ଭାରତର ଭବିଷ୍ୟତ ତୁମମାନଙ୍କ ଉପରେ ନିର୍ଭର କରୁଛି। କାମ କରିଯାଅ।

ଇଂଲଣ୍ଡରୁ ଅକ୍ଷୟର ଖଣ୍ଡିଏ ସୁନ୍ଦର ପତ୍ର ପାଇଛି। ଜାଣେ ନାହିଁ, କେବେ ଭାରତକୁ ଫେରି ପାରିବି। ଏଠାରେ ପ୍ରଚାରର ଯେପରି ସୁବିଧା, ସାହାଯ୍ୟପ୍ରାପ୍ତିର ମଧ୍ୟ ତଦ୍ରୂପ ଆଶା ରହିଛି। ଭାରତର ଲୋକେ ମୋତେ ଖୁବ୍ ପ୍ରଶଂସା କରିପାରନ୍ତି, କିନ୍ତୁ ଗୋଟିଏ ପଇସା ଦେବାକୁ କେହି ରାଜି ନୁହନ୍ତି। ଆଉ ପାଇବେ ବା କେଉଁଠୁ ? ନିଜେ ତ ଭିକ୍ଷୁକ ! ତା'ଛଡ଼ା ଭାରତବାସୀମାନେ ବିଗତ ଦୁଇସହସ୍ର ବା ତତୋଽଧିକ ବର୍ଷ ଧରି ଲୋକହିତକର କାର୍ଯ୍ୟ କରିବାର ଶକ୍ତି ହରାଇବସିଛନ୍ତି। ଜାତି (Nation), ସର୍ବସାଧାରଣ (Public) ପ୍ରଭୃତି ତତ୍ତ୍ୱ ସମ୍ବନ୍ଧରେ ସେମାନେ ଏହି ନୂତନ ଭାବ ପାଉଛନ୍ତି। ସୁତରାଂ ସେମାନଙ୍କ ଉପରେ ଦୋଷାରୋପ କରିବା ଆଦୌ ଉଚିତ ନୁହେଁ। ପରେ ଆହୁରି ବିସ୍ତାରିତ କରି ଲେଖିବି। ତୁମମାନଙ୍କୁ ଅନନ୍ତକାଳ ପାଇଁ ଆଶୀର୍ବାଦ। ଇତି

ବିବେକାନନ୍ଦ

ପୁନଶ୍ଚ— ଫୋନଗ୍ରାଫ୍ ସମ୍ପର୍କରେ ଆଉ ଖବର ନେବା ଦରକାର ନାହିଁ। ମୁଁ ଏଇମାତ୍ର ଖେତଡ଼ିରୁ ଖବର ପାଇଲି ଯେ, ତାହା ନିରାପଦରେ ସେଠାରେ ପହଞ୍ଚିଛି।

। ଇତି। ବି.

୧୪୦ଇଂ

ଯୁକ୍ତରାଷ୍ଟ୍ର ଆମେରିକା, ୩୦ ନଭେମ୍ବର ୧୮୯୪

ପ୍ରିୟ ଆଲସିଙ୍ଗା,

ଫୋନୋଗ୍ରାଫ୍ ଓ ପତ୍ରଖଣ୍ଡିକ ତୁମ ପାଖରେ ନିରାପଦରେ ପହଞ୍ଚିବା ଜାଣି ଆନନ୍ଦିତ ହେଲି। ମୋ ପାଖକୁ ଖବରକାଗଜର ଅଂଶ କାଟି ଆଉ ପଠାଇବା ଦରକାର ନାହିଁ, କାଗଜର ବନ୍ୟା ମୋତେ ଭସାଇଦେଲାଣି—ଏବେ ଯଥେଷ୍ଟ ହୋଇଛି, ଆଉ ଦରକାର

ନାହିଁ । ବର୍ତ୍ତମାନ ସଂଘ ପାଇଁ ପରିଶ୍ରମ କର । ମୁଁ ଏଥିମଧ୍ୟରେ ନ୍ୟୁୟର୍କଠାରେ ଗୋଟିଏ ସମିତି ସ୍ଥାପନ କରିଛି, ତାହାର ସହକାରୀ ସମ୍ପାଦକ ଶୀଘ୍ର ତୁମ ପାଖକୁ ପତ୍ର ଲେଖିବେ— ତୁମେ ମଧ୍ୟ ତାଙ୍କ ସହିତ ଯଥାଶୀଘ୍ର ପତ୍ରାଳାପ କରିବା ଆରମ୍ଭ କର । ମୁଁ ଆଶା କରୁଛି ଯେ, ଆଉ କେତୋଟି ଜାଗାରେ ସମିତି ସ୍ଥାପନ କରିବାକୁ ସମର୍ଥ ହେବି ।

ଆମମାନଙ୍କୁ ଆମର ସମସ୍ତ ଶକ୍ତି ସଂହତ କରିବାକୁ ପଡ଼ିବ – ଗୋଟିଏ ସଂପ୍ରଦାୟ ଗଢ଼ିବା ପାଇଁ ନୁହେଁ, ଆଧ୍ୟାତ୍ମିକ ବିଷୟରେ ମଧ୍ୟ ନୁହେଁ, ବୈଷୟିକ ଉନ୍ନତି ପାଇଁ ଜୋର୍‌ସୋର୍‌ରେ ପ୍ରଚାରକାର୍ଯ୍ୟ ଚଳାଇବାକୁ ପଡ଼ିବ । ତୁମେମାନେ ସମସ୍ତେ ମୁଣ୍ଡକୁ ଏକତ୍ର କର ଓ ସଂଘବଦ୍ଧ ହୁଅ ।

ରାମକୃଷ୍ଣଙ୍କ ଅଲୌକିକ କ୍ରିୟା ସମ୍ପର୍କରେ କଅଣ ପାଗଳାମି ହେଉଛି ? ଦେଖୁଛି, ମୋ ଅଦୃଷ୍ଟରେ ଜୀବନସାରା ଗୋରୁ-ତଡ଼ିବା ଯନ୍ତ୍ରଣା ନାହିଁ ! ମସ୍ତିଷ୍କହୀନ ନିର୍ବୋଧଗୁଡ଼ାକ କାହିଁକି ଯେ ଏପରି ବାଜେ ବିଚିତ୍ର କଥା ଲେଖନ୍ତି, ତାହା ମୁଁ ଜାଣେ ନାହିଁ, ବୁଝି ମଧ୍ୟ ପାରେ ନାହିଁ । ମଦକୁ 'ଡ. ଗୁପ୍ତଙ୍କର ଔଷଧ'ରେ ପରିଣତ କରିବା ଛଡ଼ା ରାମକୃଷ୍ଣଙ୍କର କଅଣ ଆଉ କିଛି କାର୍ଯ୍ୟ ଜଗତରେ ନ ଥିଲା ? ପ୍ରଭୁ ମୋତେ ଏହି ଛଟାଙ୍କିଆ ବୁଦ୍ଧିର ମୂର୍ଖଗୁଡ଼ାଙ୍କ ହାତରୁ ରକ୍ଷା କରନ୍ତୁ ! ଏହିସବୁ ଲୋକଙ୍କୁ ନେଇ କାର୍ଯ୍ୟ କରିବାକୁ ପଡ଼ିବ ! ଯଦି ଏମାନେ ରାମକୃଷ୍ଣଙ୍କର ଏକ ଯଥାର୍ଥ ଜୀବନଚରିତ ଲେଖିପାରନ୍ତି—ସେ କାହିଁକି ଆସିଥିଲେ, କଅଣ ଶିକ୍ଷା ଦେବାକୁ ଆସିଥିଲେ, ସେହି ଦିଗକୁ ଲକ୍ଷ୍ୟ ରଖି ଯଦି ଲେଖିପାରନ୍ତି, ତାହାହେଲେ ଲେଖନ୍ତୁ । ନଚେତ୍ ଏହିସବୁ ଆଜେ ବାଜେ କଥା ଲେଖି ତାଙ୍କର ଜୀବନୀ ଓ ଉପଦେଶକୁ ଯେପରି ବିକୃତ କରା ନ ହୁଏ । ଏହିସବୁ ଲୋକ ଭଗବାନଙ୍କୁ ଜାଣିବାକୁ ଚାହାଁନ୍ତି—ଅଥଚ ଏଣେ ରାମକୃଷ୍ଣଙ୍କ ଭିତରେ ଯାଦୁବିଦ୍ୟା ଛଡ଼ା ଆଉ କିଛି ଦେଖିପାରନ୍ତି ନାହିଁ ! ନିପଟ ବୋକାମି ! ଏପ୍ରକାର ବୋକାମି ଦେଖିଲେ ମୋ ରକ୍ତ ଟକମକ ହୋଇ ଫୁଟି ଉଠେ ।

ତାଙ୍କର ଭକ୍ତି, ତାଙ୍କର ଜ୍ଞାନ, ତାଙ୍କର ସର୍ବଧର୍ମସମନ୍ୱୟର କଥା ଓ ଅନ୍ୟାନ୍ୟ ଉପଦେଶ ସବୁ 'କଉ' ଆଲୋଚନା କରୁନାହଁ କାହିଁକି ? ଲେଖିବାକୁ ହେବ କିପରି ତାଙ୍କର ଜୀବନଟି ଗୋଟିଏ ଅସାଧାରଣ ଆଲୋକ-ବର୍ତ୍ତିକା, ଯାହାର ତୀବ୍ର ରଶ୍ମି ସମ୍ପାତରେ ଲୋକମାନେ ହିନ୍ଦୁଧର୍ମର ସମଗ୍ର ରୂପ ଓ ଦିଗ ବୁଝିପାରିବେ । ଶାସ୍ତ୍ରରେ ଯେଉଁସବୁ ଜ୍ଞାନ କେବଳ ମତବାଦ ଆକାରରେ ରହିଛି, ସେ ତାହାର ମୂର୍ତ୍ତିମନ୍ତ ଦୃଷ୍ଟାନ୍ତ । ଋଷି ଓ ଅବତାରମାନେ ବାସ୍ତବିକ୍ ଯାହା ଶିକ୍ଷା ଦେବାକୁ ଚାହିଁଥିଲେ, ସେ ନିଜ ଜୀବନଦ୍ୱାରା ତାହା ଦେଖାଇ ଦେଇଯାଇଛନ୍ତି । ଶାସ୍ତ୍ରଗୁଡ଼ିକ ମତବାଦ ମାତ୍ର—ସେ ଥିଲେ ତାହାର ପ୍ରତ୍ୟକ୍ଷ ଅନୁଭୂତି । ଏହି ବ୍ୟକ୍ତି ଏକାବନ ବର୍ଷବ୍ୟାପୀ ଗୋଟିଏ ଜୀବନରେ ପାଞ୍ଚହଜାର ବର୍ଷର ଜାତୀୟ ଆଧ୍ୟାତ୍ମିକ ଜୀବନ ଯାପନ କରି ଯାଇଛନ୍ତି ଏବଂ ଭବିଷ୍ୟତ୍ ପାଇଁ ଶିକ୍ଷାପ୍ରଦ ଆଦର୍ଶରୂପେ ନିଜକୁ ଗଢ଼ିଥିଲେ । ଭିନ୍ନ ଭିନ୍ନ ମତ ଗୋଟିଏ ଗୋଟିଏ ଅବସ୍ଥା ବା କ୍ରମ ମାତ୍ର, ପରଧର୍ମ ବା ପରମତ ପ୍ରତି ଦ୍ୱେଷଭାବ କେବଳ ଦୂର କଲେ ଚଳିବ ନାହିଁ, ଆମକୁ ସେହି ସେହି ଧର୍ମ ବା ମତ ଅବଲମ୍ବନପୂର୍ବକ ଜୀବନରେ

ସାଧନା କରି ଆପଣାର କରିବାକୁ ପଡ଼ିବ, ସତ୍ୟ ହିଁ ସକଳ ଧର୍ମର ଭିତ୍ତି—ତାଙ୍କର ଏହି ମତବାଦଦ୍ୱାରା ବେଦର ବ୍ୟାଖ୍ୟା ଓ ଶାସ୍ତ୍ରସମୂହର ସମନ୍ୱୟ ହୋଇପାରେ ? ଏସମସ୍ତ ଭାବ ନେଇ ତାଙ୍କର ଗୋଟିଏ ସୁନ୍ଦର ଓ ହୃଦୟଗ୍ରାହୀ ଜୀବନଚରିତ ଲେଖାଯାଇପାରିବ । ଯଥା ସମୟରେ ସବୁ ଠିକ୍ ହୋଇଯିବ । କୁରୁଚିପୂର୍ଣ୍ଣ ଅସଂଲଗ୍ନ ଭାଷା ପରିହାର କରିବ । ·· ଅନ୍ୟାନ୍ୟ ଜାତିମାନେ ଏଗୁଡ଼ିକୁ ଚୂଡ଼ାନ୍ତ ଅଶ୍ଳୀଳତା ବୋଲି ଭାବନ୍ତି । ତାଙ୍କର ଇଂରେଜୀ ଜୀବନ-ଚରିତ ସମଗ୍ର ଜଗତ୍ ପାଠ କରିବ, ସୁତରାଂ ସାବଧାନ, ଆମମାନଙ୍କର କୌଣସି ପ୍ରକାର ଅମାର୍ଜିତ ଭାବ ଯେପରି ସେଥିରେ ପ୍ରବେଶ ନ କରେ । ମୋ ପାଖକୁ ପ୍ରେରିତ ଖଣ୍ଡିଏ ଜୀବନଚରିତ ମୁଁ ପଢ଼ିଲି—ସେଥିରେ ଏହିପରି ବହୁତ ଶବ୍ଦର ପ୍ରୟୋଗ ଅଛି । ସୁତରାଂ ଖୁବ୍ ସାବଧାନ—ଖୁବ୍ ସାବଧାନ ହୋଇ ଏପରି ଭାଷା ବା ଭାବ ବାଦ ଦେବ ।

କଲିକତାର ବନ୍ଧୁମାନଙ୍କର ଏ ଦିଗରେ କାଣିଚାଏ କ୍ଷମତା ନାହିଁ, ଅଥଚ ହାମ୍-ବଡ଼ା ଭାବ ଖୁବ୍ ଅଛି—ସେମାନେ ନିଜକୁ ଏତେ ବଡ଼ ବୋଲି ମନେକରନ୍ତି ଯେ, ଅପରର ପରାମର୍ଶ ଶୁଣିବାକୁ ଏକଦମ୍ ନାରାଜ୍ । ଏହି ଅଦଭୁତ ଭଦ୍ରଲୋକଙ୍କୁ ନେଇ ଯେ କଅଣ କରିବି ତାହା ବୁଝିପାରୁ ନାହିଁ—ସେମାନଙ୍କଠାରୁ ମୋର ବେଶୀ କିଛି ଆଶା ନାହିଁ । ତାଙ୍କର ଇଚ୍ଛା ପୂର୍ଣ୍ଣ ହେଉ । ସେମାନେ ଯେଉଁ ବହିଟି ପଠାଇଛନ୍ତି, ସେଥିପାଇଁ ଲଜ୍ଜାରେ ମୋ ମୁଣ୍ଡ ନଇଁଯାଉଛି । ଲେଖକ ହୁଏତ ଭାବିଛନ୍ତି ଯେ, ସେ ଖୋଲାଖୋଲି ଭାବରେ ସତ୍ୟକୁ ହିଁ ଲିପିବଦ୍ଧ କରିଯାଉଛନ୍ତି, ଏପରି କି ପରମହଂସଦେବଙ୍କ ଭାଷା ପର୍ଯ୍ୟନ୍ତ ବଜାୟ ରଖିଛନ୍ତି—କିନ୍ତୁ ସେ ଏତିକି ଭାବି ନାହାନ୍ତି ଯେ, ଶ୍ରୀରାମକୃଷ୍ଣ ସ୍ତ୍ରୀଲୋକଙ୍କ ସମ୍ମୁଖରେ କଦାପି ଏପରି ଭାଷା ବ୍ୟବହାର କରୁ ନ ଥିଲେ, ଅଥଚ ଲେଖକ ଆଶା କରନ୍ତି ଯେ, ତାଙ୍କର ଏହି ବହି ନରନାରୀ ଉଭୟେ ପାଠ କରିବେ । ପ୍ରଭୁ ଏହି ନିର୍ବୋଧମାନଙ୍କ ହାତରୁ ମୋତେ ରକ୍ଷା କରନ୍ତୁ ! ସେମାନେ ପୁଣି ଭାବନ୍ତି ଯେ, ସେମାନେ ତାଙ୍କୁ ସାକ୍ଷାତ୍ ଦେଖିଛନ୍ତି ! ଗୁଡ଼ ଗୁଡ଼ ! ଏ ଭଳି ମସ୍ତିଷ୍କହୀନ ଲୋକଙ୍କ ଭିତରୁ ଯାହାସବୁ ବାହାରେ, ସେସବୁକୁ ଫିଙ୍ଗିଦେବ । ନିଜେ ସବୁ ଭିଖାରି—ରାଜାଙ୍କ ପରି ଚାଲିଚଳନ ଦେଖାଇବାକୁ ଚାହାଁନ୍ତି ! ମୂର୍ଖ ହୋଇ ମନେକରନ୍ତି ଯେ, ଆମେମାନେ ମହାଜ୍ଞାନୀ ! ନଗଣ୍ୟ ଦାସସବୁ ମନେକରୁଛନ୍ତି ଯେ—ଆମେମାନେ ପ୍ରଭୁ ! ଏଇ ତ ତାଙ୍କର ଅବସ୍ଥା ! କ'ଣ ଯେ କରିବି, ବୁଝିପାରୁ ନାହିଁ । ପ୍ରଭୁ ମୋତେ ରକ୍ଷା କରନ୍ତୁ । ମୋର ସବୁ ଆଶା ଭରସା ତୁମମାନଙ୍କ ଉପରେ । କାମ କରିଯାଅ, ଲୋକଙ୍କ ମତାମତ ଅନୁସାରେ ଚାଲ ନାହିଁ, କେବଳ ତାଙ୍କୁ ଉତ୍ୟକ୍ତ ନ କରି ଖୁସି ରଖ, ଏହି ଆଶାରେ ଯେ, ତାଙ୍କ ଭିତରୁ କେହି କେହି ହୁଏତ ଦିନେ ଭଲ ହୋଇ ଉଠିବେ; କିନ୍ତୁ ସ୍ୱାଧୀନଭାବରେ ତୁମେମାନେ କାମରେ ଅଗ୍ରସର ହୁଅ । ଭାତ ରନ୍ଧା ହେଲେ, ଅନେକେ ପତ୍ର ପକାଇ ବସିଯାଆନ୍ତି । ସାବଧାନ—କାମ କରିଯାଅ । ସର୍ବଦା ମୋର ଆଶୀର୍ବାଦ ଜାଣିବ । ଇତି

ବିବେକାନନ୍ଦ

୧୪୧ଇଂ ଯୁକ୍ତରାଷ୍ଟ୍ର ଆମେରିକା, ୩୦ ନଭେମ୍ବର ୧୮୯୪

ପ୍ରିୟ କିଡି,

ତୁମ ପତ୍ର ପାଇଲି । ତୁମ ମନ ଯେ ଏପଟ ସେପଟ ହେଉଛି, ସେକଥା ଜାଣିଲି । ଖୁସୀ ହେଲି ଯେ, ତୁମେ ରାମକୃଷ୍ଣଙ୍କୁ ତ୍ୟାଗ କରି ନାହଁ । ତାଙ୍କ ବିଷୟରେ ଯେଉଁ ସବୁ ଅଦ୍ଭୁତ ଗଳ୍ପ ପ୍ରକାଶିତ ହୋଇଛି, ମୁଁ ତୁମକୁ ପରାମର୍ଶ ଦେଉଛି, ତୁମେ ସେଥିରୁ ଏବଂ ଯେଉଁସବୁ ମୂର୍ଖ ତାହା ଲେଖୁଛନ୍ତି, ତାଙ୍କଠାରୁ ଅଲଗା ରହିବ । ସେଗୁଡ଼ିକ ସତ୍ୟ ହୋଇପାରେ, କିନ୍ତୁ ମୁଁ ନିଶ୍ଚିତ ଭାବେ ବୁଝୁଛି ଯେ, ଏହି ମୂର୍ଖଗୁଡ଼ାକ ସବୁ ମିଶାଇ ଖେଚୁଡ଼ି କରି ପକାଇବେ । ତାଙ୍କର ବହୁ ଉତ୍ତମ ଶିକ୍ଷଣୀୟ ଜ୍ଞାନ ରାଶି ରାଶି ରହିଛି; ଅଥଚ ଅଲୌକିକ ପରି ବାଜେ ଜିନିଷଗୁଡ଼ାକ ଉପରେ ଏତେ ଝୁଙ୍କି କାହିଁକି ? ଅଲୌକିକ ଘଟଣାର ସତ୍ୟତା ପ୍ରମାଣ କରିଦେଲେ ତ ଧର୍ମର ସତ୍ୟତା ପ୍ରମାଣିତ ହୁଏ ନାହିଁ—ଜଡ଼ଦ୍ୱାରା ତ ଚୈତନ୍ୟର ପ୍ରମାଣ ହୁଏ ନାହିଁ ! ଈଶ୍ୱର ବା ଆତ୍ମାର ଅସ୍ତିତ୍ୱ ବା ଅମରତ୍ୱ ସହିତ ଅଲୌକିକ କ୍ରିୟାର କଅଣ ସମ୍ପର୍କ ? ତୁମେ ଏସବୁ ନେଇ ମୁଣ୍ଡ ଖେଳାଇବ ନାହିଁ, ତୁମେ ତୁମର ଭକ୍ତି ନେଇ ରହ ଏବଂ ଏ ବିଷୟରେ ନିଶ୍ଚିନ୍ତ ରହ ଯେ, ମୁଁ ତୁମର ସବୁ ଦାୟିତ୍ୱ ଗ୍ରହଣ କରିଛି । ଏଣ୍ଡୁତେଣ୍ଡୁ କଥା ନେଇ ମନକୁ ଚଞ୍ଚଳ କର ନାହିଁ । ରାମକୃଷ୍ଣଙ୍କୁ ପ୍ରଚାର କର । ଯେଉଁ ପାନୀୟ ପାନ କରି ତୁମର ତୃଷ୍ଣା ମେଣ୍ଟିଛି, ତାହା ଅପରକୁ ପାନ କରାଅ । ତୁମ ପ୍ରତି ମୋର ଆଶୀର୍ବାଦ —ସିଦ୍ଧି ତୁମର କରତଳଗତ ହେଉ । ବାଜେ ଦାର୍ଶନିକ ଚିନ୍ତା ନେଇ ମୁଣ୍ଡ ଖେଳାଅ ନାହିଁ, କିମ୍ବା ତୁମର ରକ୍ଷଣଶୀଳତା ଦେଖାଇ ଅପରକୁ ବିରକ୍ତ କର ନାହିଁ । ଗୋଟିଏ କାମ ହିଁ ତୁମ ପକ୍ଷରେ ଯଥେଷ୍ଟ—ରାମକୃଷ୍ଣଙ୍କୁ ପ୍ରଚାର କରିବା, ଭକ୍ତି ପ୍ରଚାର କରିବା । ଏହି କାର୍ଯ୍ୟ ପାଇଁ ତୁମକୁ ଆଶୀର୍ବାଦ କରୁଛି—କାମ କରିଯାଅ । ଯଦି ଆହୁରି ନିର୍ବୋଧଙ୍କ ପରି ପ୍ରଶ୍ନ ତୁମ ମନକୁ ଆସେ, ତା'ହେଲେ ଜାଣିବ—ତୁମ ମୁକ୍ତିର ଆଉ ବାକି ନାହିଁ, ତୁମ ସିଦ୍ଧିର ଆଉ ବାକି ନାହିଁ । ବର୍ତ୍ତମାନ ପ୍ରଭୁଙ୍କ ନାମ ପ୍ରଚାର କରି ଚାଲ ।

ସଦା ଆଶୀର୍ବାଦକ, ବିବେକାନନ୍ଦ

୧୪୨ଇଂ (ଡା. ନାଞ୍ଜୁଣ୍ଡ ରାଓଙ୍କୁ ଲିଖିତ)

ଯୁକ୍ତରାଷ୍ଟ୍ର ଆମେରିକା, ୩୦ ନଭେମ୍ବର ୧୮୯୪

ପ୍ରେମାସ୍ପଦେଷୁ,

ତୁମର ମନୋରମ ପତ୍ରଟି ଏଇ ମାତ୍ର ପ୍ରାପ୍ତ ହେଲି । ତୁମେ ଯେ, ଶ୍ରୀରାମକୃଷ୍ଣଙ୍କ ମହିମା ବୁଝିପାରିଛ, ତାହା ଜାଣି ଅତ୍ୟନ୍ତ ଆନନ୍ଦିତ ହେଲି । ଆହୁରି ଆନନ୍ଦ ଲାଭ କଲି ତୁମର ତୀବ୍ର ବୈରାଗ୍ୟର ପରିଚୟ ପାଇ । ଏହି ବୈରାଗ୍ୟ ହିଁ ହେଉଛି ଭଗବାନ-ଲାଭ ପାଇଁ ପ୍ରଥମ ସାଧନ । ମୁଁ ମାନ୍ଦ୍ରାଜବାସୀଙ୍କ ଉପରେ ଚିରକାଳ ପ୍ରବଳ ଆଶା ପୋଷଣ କରି ଆସିଛି । ବର୍ତ୍ତମାନ ମଧ୍ୟ ମୋର ଦୃଢ଼ ବିଶ୍ୱାସ—ମାନ୍ଦ୍ରାଜରୁ ପ୍ରବଳ ଆଧ୍ୟାତ୍ମିକ ତରଙ୍ଗ ଉଠି ସମଗ୍ର ଭାରତକୁ ବନ୍ୟାପ୍ଲାବିତ କରିବ । ମୁଁ କେବଳ ଏତିକି ପ୍ରାର୍ଥନା କରୁଛି ଯେ, ଈଶ୍ୱର ତୁମର ଶୁଭ ସଙ୍କଳ୍ପ-ସିଦ୍ଧିରେ ଶୀଘ୍ର ସହାୟ ହୁଅନ୍ତୁ । ତେବେ ବତ୍ସ, ତୁମ ଉଦ୍ଦେଶ୍ୟସିଦ୍ଧିର ବିଘ୍ନଗୁଡ଼ିକ

ବିଷୟରେ ମଧ୍ୟ ମୋର କହିବା ଉଚିତ । ପ୍ରଥମତଃ ଦେଖିବାକୁ ହେବ ଯେ, ହଠାତ୍ କିଛି କରି ପକାଇବା କାହା ପକ୍ଷରେ ଠିକ୍ ନୁହେଁ । ଦ୍ୱିତୀୟତଃ ତୁମ ମା ଓ ସ୍ତ୍ରୀଙ୍କ ପାଇଁ ମଧ୍ୟ ଟିକିଏ ଟିକିଏ ଭାବିବା ଉଚିତ । ଅବଶ୍ୟ ତୁମେ କହିପାର, ଶ୍ରୀରାମକୃଷ୍ଣଙ୍କ ଶିଷ୍ୟମାନେ ସଂସାର ତ୍ୟାଗ କରିବାବେଳେ ସେମାନଙ୍କ ମା-ବାପାଙ୍କ ମତାମତ ଅନୁସାରେ କଅଣ ସବୁ ସମୟରେ ଚାଲିଥିଲେ ? ମୁଁ ଜାଣେ, ନିଶ୍ଚୟ ଜାଣେ—ବଡ଼ ବଡ଼ କାର୍ଯ୍ୟ ସ୍ୱାର୍ଥତ୍ୟାଗ ବ୍ୟତୀତ ହୋଇପାରେ ନାହିଁ । ମୁଁ ନିଶ୍ଚିତ ଜାଣେ—ଭାରତମାତା ତାଙ୍କ ଶ୍ରେଷ୍ଠ ସନ୍ତାନମାନଙ୍କର ଜୀବନ ବଳି ଚାହାଁନ୍ତି ଏବଂ ମୋର ଅକପଟ ଆଶା ଏହି ଯେ, ତୁମେ ମଧ୍ୟ ତାଙ୍କ କୃପାରେ ସେମାନଙ୍କ ମଧ୍ୟରେ ଅନ୍ୟତମ ହେବାର ସୌଭାଗ୍ୟ ଲାଭ କରିବ ।

ସମଗ୍ର ଜଗତର ଇତିହାସ ଆଲୋଚନା କଲେ ଦେଖିପାରିବ ଯେ, ମହାପୁରୁଷ-ମାନେ ଚିରକାଳ ବଡ଼ ବଡ଼ ସ୍ୱାର୍ଥ ତ୍ୟାଗ କରିଛନ୍ତି ଓ ସାଧାରଣ ଲୋକେ ସେଥିର କୃତଫଳ ଭୋଗ କରିଛନ୍ତି । ତୁମେ ଯଦି ତୁମ ନିଜ ମୁକ୍ତି ପାଇଁ ସର୍ବସ୍ୱ ତ୍ୟାଗ କର, ତାହା କି ତ୍ୟାଗ ହେଲା ? ତୁମେ କଅଣ ଜଗତର କଲ୍ୟାଣ-ସାଧନ ପାଇଁ ନିଜର ମୁକ୍ତି-କାମନା ମଧ୍ୟ ତ୍ୟାଗ କରିବାକୁ ପ୍ରସ୍ତୁତ ଅଛ ? ତୁମେ ସ୍ୱୟଂ ବ୍ରହ୍ମସ୍ୱରୂପ—ଏ କଥାଟି ଭାବି ଦେଖ । ମୁଁ ତୁମକୁ ଉପସ୍ଥିତ ଏହି ପରାମର୍ଶ ଦେଉଛି ଯେ, ତୁମେ କିଛି ଦିନ ବ୍ରହ୍ମଚର୍ଯ୍ୟ-ଜୀବନ ଯାପନ କର, ଅର୍ଥାତ୍ କେତେ ଦିନ ପାଇଁ ସ୍ତ୍ରୀସଙ୍ଗିବ ପୂରାପୂରି ଛାଡ଼ିଦେଇ ତୁମ ପିତାଙ୍କ ଗୃହରେ ବାସ କର —ଏହା ହିଁ 'କୁଟୀଚକ' ଅବସ୍ଥା । ଜଗତର କଲ୍ୟାଣ ପାଇଁ ତୁମେ ଯେଉଁ ମହାସ୍ୱାର୍ଥ ତ୍ୟାଗ କରିବାକୁ ଯାଉଛ, ସେଥିରେ ତୁମର ସ୍ତ୍ରୀଙ୍କୁ ମଧ୍ୟ ସମ୍ମତ କରାଇବାକୁ ଚେଷ୍ଟା କର ଏବଂ ତୁମର ଯଦି ଜ୍ୱଳନ୍ତ ବିଶ୍ୱାସ, ସର୍ବବିଜୟିନୀ ପ୍ରୀତି ଓ ସର୍ବ-ଶକ୍ତିମୟୀ ପବିତ୍ରତା ଥାଏ, ତା'ହେଲେ ତୁମେ ଯେ ତୁମ ଉଦ୍ଦେଶ୍ୟ-ସାଧନରେ ଅତିଶୀଘ୍ର ସଫଳତା ଲାଭ କରିବ, ସେବିଷୟରେ ମୋର ଅଣୁମାତ୍ର ସନ୍ଦେହ ନାହିଁ । ତୁମେ ଦେହ, ମନ, ପ୍ରାଣ ଅର୍ପଣ କରି ଶ୍ରୀରାମକୃଷ୍ଣଙ୍କ ଉପଦେଶ ପ୍ରଚାରକାର୍ଯ୍ୟରେ ଲାଗିଯାଅ ଦେଖି—କାରଣ, ସାଧନାର ପ୍ରଥମ ସୋପାନ ହେଉଛି କର୍ମ । ଖୁବ୍ ମନୋଯୋଗ ଦେଇ ସଂସ୍କୃତ ଅଧ୍ୟୟନ କର ଓ ଖୁବ୍ ସାଧନ-ଭଜନର ଅଭ୍ୟାସ କର; କାରଣ ତୁମକୁ ମାନବଜାତିର ଜଣେ ଶ୍ରେଷ୍ଠ ଆଚାର୍ଯ୍ୟ ହେବାକୁ ପଡ଼ିବ । ମୋର ଗୁରୁ ମହାରାଜ କହୁଥିଲେ, 'ନିଜକୁ ମାରିବାକୁ ହେଲେ ଗୋଟିଏ ନରୁଣୀ ଯଥେଷ୍ଟ; କିନ୍ତୁ ଅପରକୁ ମାରିବାକୁ ଗଲେ ଢାଲ ତରବାରି ଦରକାର ।' ସେହିପରି ଲୋକଶିକ୍ଷା ଦେବାକୁ ଗଲେ ଅନେକ ଶାସ୍ତ୍ର ପଢ଼ିବାକୁ ହୁଏ ଓ ଅନେକ ତର୍କଯୁକ୍ତି କରି ବୁଝାଇବାକୁ ହୁଏ; କିନ୍ତୁ ନିଜର ଧର୍ମ-ଲାଭ କେବଳ ଗୋଟିଏ କଥାରେ ବିଶ୍ୱାସ କଲେ ହିଁ ହୁଏ । ଆଉ ଯେତେବେଳେ ଉପଯୁକ୍ତ ସମୟ ଆସିବ, ସେତେବେଳେ ତୁମେ ସମଗ୍ର ଜଗତରେ ବୁଲି 'ତାଙ୍କର ନାମ' ପ୍ରଚାର କରିବାର ଅଧିକାରୀ ହେବ । ତୁମର ସଙ୍କଳ୍ପ ଅତି ଶୁଭ ଓ ପବିତ୍ର, ସନ୍ଦେହ ନାହିଁ—ଭଗବାନ ଶୀଘ୍ର ତୁମର ସଙ୍କଳ୍ପସିଦ୍ଧିରେ ସହାୟ ହୁଅନ୍ତୁ; କିନ୍ତୁ ହଠାତ୍ କିଛି ଗୋଟାଏ କରିପକାଅ ନାହିଁ । ପ୍ରଥମେ କର୍ମ, ସାଧନ ଓ ଭଜନଦ୍ୱାରା ନିଜକୁ ପବିତ୍ର କର ।

ଭାରତ ଦୀର୍ଘକାଳ ଧରି ଯନ୍ତ୍ରଣା ସହୁଛି, ସନାତନଧର୍ମ ଉପରେ ବହୁକାଳ ଧରି

ଅତ୍ୟାଗ୍ଭର ହୋଇଛ୍ତି; କିନ୍ତୁ ପ୍ରଭୁ ଦୟାମୟ, ସେ ପୁଣି ତାଙ୍କ ସନ୍ତାନଗଣଙ୍କ ପରିତ୍ରାଣ ପାଇଁ ଆସିଛନ୍ତି । ପତିତ ଭାରତକୁ ପୁଣି ଜାଗରିତ ହେବାର ସୁଯୋଗ ଦିଆଯାଇଛି । ଶ୍ରୀରାମକୃଷ୍ଣ-ଦେବଙ୍କ ପଦତଳେ ବସି ଶିକ୍ଷା ଗ୍ରହଣ କଲେ ହିଁ ଭାରତର ଅଭ୍ୟୁତ୍ଥାନ ସମ୍ଭବ । ତାଙ୍କର ଜୀବନ, ତାଙ୍କର ଉପଦେଶ ଗ୍ଭରିଆଡ଼େ ପ୍ରଗ୍ଭର କରିବାକୁ ହେବ, ଯେପରି ହିନ୍ଦୁ ସମାଜର ସର୍ବାଂଶରେ—ପ୍ରତି ଅଣୁପରମାଣୁରେ ଏହି ଉପଦେଶ ଓତଃପ୍ରୋତଭାବରେ ବ୍ୟାପ୍ତ ହୋଇଯିବ । କିଏ ଏ କାମ କରିବ ? ଶ୍ରୀରାମକୃଷ୍ଣଙ୍କ ପତାକା ବହନ କରି କିଏ ସମଗ୍ର ଜଗତର ଉଦ୍ଧାର-ପାଇଁ ଯାତ୍ରା କରିବ ? କିଏ ନାମ, ଯଶ, ଐଶ୍ୱର୍ଯ୍ୟଭୋଗ, ଏପରିକି ଇହଲୋକ-ପରଲୋକର ସମସ୍ତ ଆଶା ତ୍ୟାଗ କରି ଅବନତିର ସ୍ରୋତ ରୋଧ କରିବାକୁ ଆଗେଇ ଆସିବ ? ମାତ୍ର କେତେ ଜଣ ଯୁବକ ଦୁର୍ଗ-ପ୍ରାଚୀରର ଭଗ୍ନ-ପ୍ରଦେଶରେ ଲମ୍ଫ ପ୍ରଦାନ କରିଛନ୍ତି —ସେମାନେ ନିଜ ନିଜ ଜୀବନ ଉତ୍ସର୍ଗ କରିଛନ୍ତି । ସେମାନେ ଖୁବ୍ ଅଳ୍ପସଂଖ୍ୟକ; ଏପରି କେତେ ସହସ୍ର ଯୁବକଙ୍କର ପ୍ରୟୋଜନ; ସେମାନେ ଆସିବେ ନିଶ୍ଚୟ । ମୁଁ ଅତ୍ୟନ୍ତ ଆନନ୍ଦିତ ଯେ, ପ୍ରଭୁ ତୁମ ମନରେ ସେମାନଙ୍କ ମଧ୍ୟରେ ଜଣେ ହେବାର ଇଚ୍ଛା ଜାଗ୍ରତ କରିଛନ୍ତି । ପ୍ରଭୁ ଯାହାକୁ ମନୋନୀତ କରିବେ, ସେ ଧନ୍ୟ—ସେ ମହାଗୌରବର ଅଧିକାରୀ । ତମୋହ୍ରଦରେ ମଜ୍ଜମାନ ଲକ୍ଷ ଲକ୍ଷ ନରନାରୀଙ୍କୁ ଈଶ୍ୱରଙ୍କର ଜ୍ୟୋତିର୍ମୟ ରାଜ୍ୟକୁ ଆଣିବା ପାଇଁ ତୁମର ସଙ୍କଳ୍ପ ଉତ୍ତମ, ତୁମର ଆଶା ଉଚ୍ଚ ଏବଂ ତୁମର ଲକ୍ଷ୍ୟ ଅତି ମହତ୍ ।

କିନ୍ତୁ ହେ ବତ୍ସ, ନିର୍ବିଘ୍ନରେ ଏହି ଉଦ୍ଦେଶ୍ୟ ସିଦ୍ଧି କରିବାକୁ ହେଲେ ହଠାତ୍ କିଛି କରି ବସିବା ଉଚିତ ହେବ ନାହିଁ । ପବିତ୍ରତା, ସହିଷ୍ଣୁତା ଓ ଅଧ୍ୟବସାୟ—ଏହି ତିନୋଟି ଏବଂ ସର୍ବୋପରି ପ୍ରେମ—ସିଦ୍ଧିଲାଭ ପାଇଁ ଏକାନ୍ତ ଆବଶ୍ୟକ । ତୁମ ଆଗରେ ତ ଅନନ୍ତ ସମୟ ପଡ଼ି ରହିଛି, ଅତଏବ ତରତର ବା ଧାଁଧପଡ଼ର କୌଣସି ଆବଶ୍ୟକତା ନାହିଁ । ତୁମେ ଯଦି ପବିତ୍ର ଓ ଅକପଟ ହୁଅ, ସବୁ ଠିକ୍ ହୋଇଯିବ । ତୁମ ପରି ଶତ ଶତ ଯୁବକ ଦରକାର, ଯେଉଁମାନେ କି ସମାଜ ଉପରେ ମହାବେଗରେ ଝାମ୍ପ ଦେବେ ଓ ଯେଉଁଠାକୁ ଯିବେ ସେଠାରେ ନବଜୀବନ ଓ ଆଧ୍ୟାତ୍ମିକ ମହାଶକ୍ତି ସଞ୍ଚାର କରିବେ । ଭଗବାନ ଶୀଘ୍ର ତୁମର ଉଦ୍ଦେଶ୍ୟ ସିଦ୍ଧି କରନ୍ତୁ । ଇତି

ଆଶୀର୍ବାଦକ, ବିବେକାନନ୍ଦ

୧୪୩ଇଂ ( ମିସ୍ ମେରି ହେଲ୍‌ଙ୍କୁ ଲିଖିତ )

୧୬୮ ବ୍ରାଟଲ୍ ଷ୍ଟ୍ରୀଟ୍, କ୍ୟାମ୍ବ୍ରିଜ୍, ୮ ଡିସେମ୍ବର ୧୮୯୪

ପ୍ରିୟ ଭଗିନୀ,

ଡାକ୍ତର ହେଲ ଏଠାରେ ଅଛି । ଲେଡି ହେନ୍‌ରି ସମର୍‌ସେଟଙ୍କର ଗୋଟିଏ ସୁନ୍ଦର ବକ୍ତୃତା ହେଲ । ଏଠାରେ ପ୍ରତିଦିନ ସକାଳେ ବେଦାନ୍ତ ବା ଅପରାପର ବିଷୟରେ ଶିକ୍ଷା ପ୍ରଦାନ କରୁଛି । ତୁମ ପାଖକୁ ପଠାଇବା ଲାଗି ଖଣ୍ଡିଏ 'ବେଦାନ୍ତ ଧର୍ମ' (Vedantism) 'ମଦର୍ ଚେମ୍ପିଲ୍‌ଙ୍କ' ନିକଟରେ ଦେଇ ଆସିଥିଲି । ବୋଧହୁଏ ତାହା

ତୁମ ପାଖରେ ପଠାଉଛି । ହାଲ୍‌ଡିଂମାନଙ୍କର ଘରକୁ ଆଉ ଦିନେ ଖାଇବାକୁ ଯାଇଥିଲି । ସେଦିନ ସେମାନେ ମୋର ସମସ୍ତ ଆପତ୍ତି ସତ୍ତ୍ୱେ ମୋତେ ଧରି ବସିଲେ ଯେ, ମାର୍କିନ୍‌ମାନଙ୍କୁ ସମାଲୋଚନା କରିବାକୁ ପଡ଼ିବ । ଆଲୋଚନା ସେମାନଙ୍କର ଅପ୍ରିୟ ହୋଇଥାଇପାରେ ! ହେବାଟା ସ୍ୱାଭାବିକ—ସର୍ବଦା, ସର୍ବତ୍ର । ଚିକାଗୋର 'ମଦର ଚର୍ଚ୍ଚ' ଓ ପରିବାରସ୍ଥ ସମସ୍ତଙ୍କର ଖବର କଅଣ ? ଅନେକ ଦିନ ହେଲା ତାଙ୍କଠାରୁ କୌଣସି ପତ୍ର ପାଇ ନାହିଁ । ସମୟ ପାଇଥିଲେ ଏହା ଆଗରୁ ଚଟ୍ କରି ସହରକୁ ଯାଇ ତୁମ ସହିତ ଥରେ ଦେଖା କରି ଆସିଥାନ୍ତି । ଦିନସାରା ବିଶେଷ ବ୍ୟସ୍ତ ରହିବାକୁ ପଡ଼ୁଛି । ତା' ଛଡ଼ା ଆଶଙ୍କା ରହୁଛି, ଗଲେ କାଲେ ତୁମ ସହିତ ଦେଖା ହୋଇପାରିବ ନାହିଁ ।

ତୁମର ଯଦି ଅବସର ଥାଏ ଲେଖିବ, ମୁଁ ସୁଯୋଗ ପାଇବା ମାତ୍ରେ ଯାଇ ଦେଖା କରି ଆସିବି । ଅପରାହ୍ଣ ଆଡ଼କୁ ମୋତେ ଅବକାଶ ମିଳିଥାଏ । ସକାଳଠାରୁ ଦିନ ବାରଟା ଗୋଟାଏ ପର୍ଯ୍ୟନ୍ତ ଖୁବ୍ ବ୍ୟସ୍ତ ରହୁଛି । ଯେତେଦିନ ଏଠାରେ ଅଛି, ଅର୍ଥାତ୍ ଏ ମାସର ୨୭ ବା ୨୮ ତାରିଖ ପର୍ଯ୍ୟନ୍ତ, ଏହିପରି ଭାବରେ ଚାଲିବ । ସମସ୍ତେ ମୋର ଶ୍ରଦ୍ଧା ଜାଣିବ । ଇତି

ଚିର ସ୍ନେହଶୀଳ ଭ୍ରାତା, ବିବେକାନନ୍ଦ

୧୪୪ଇଂ ( ମିସ୍ ମେରି ହେଲ୍‌ଙ୍କୁ ଲିଖିତ )

କ୍ୟାମ୍ବ୍ରିଜ୍, ଡିସେମ୍ବର ୧୮୯୪

ପ୍ରିୟ ଭଗିନୀ,

ଏହିକ୍ଷଣି ତୁମର ପତ୍ର ପାଇଲି । ତୁମମାନଙ୍କର ସାମାଜିକ ପ୍ରଥାରେ ଯଦି ନ ବାଧେ, ତା' ହେଲେ ମିସେସ୍ ଓଲବୁଲ୍, ମିସ୍ ଫାର୍ମର ଓ ମିସେସ୍ ଆଡାମସ୍ ନାମକ ଚିକାଗୋରୁ ଆଗତ ବ୍ୟାଖ୍ୟାତ୍ରୀଙ୍କ ସହିତ ଥରେ ଦେଖାକରି ଯାଉ ନାହିଁ କାହିଁକି ? ଯେକୌଣସି ସମୟରେ ସେମାନଙ୍କୁ ସେଠାରେ ପାଇବ ।

ତୁମମାନଙ୍କର ଚିର ସ୍ନେହଶୀଳ, ବିବେକାନନ୍ଦ

୧୪୫ଇଂ ( ମିସ୍ ମେରି ହେଲ୍‌ଙ୍କୁ ଲିଖିତ )

କ୍ୟାମ୍ବ୍ରିଜ୍, ୨୧ ଡିସେମ୍ବର ୧୮୯୪

ପ୍ରିୟ ଭଗିନୀ,

ଏହା ପରେ ତୁମଠାରୁ ଆଉ କୌଣସି ପତ୍ର ପାଇ ନାହିଁ । ଆଗାମୀ ମଙ୍ଗଳବାର ଦିନ ନ୍ୟୁୟର୍କକୁ ଯାଉଛି । ଇତିମଧ୍ୟରେ ତୁମେ ମିସେସ୍ ବୁଲ୍‌ଙ୍କ ପତ୍ର ନିଶ୍ଚୟ ପାଇଥିବ । ମୁଁ ଯେକୌଣସି ଦିନ ସାନନ୍ଦରେ ତୁମ ପାଖକୁ ଯିବି । ବକ୍ତୃତା ଶେଷ ହେବାରୁ ମୋର ବର୍ତ୍ତମାନ ଅବକାଶ ରହିଛି—ଆଗାମୀ ରବିବାର ଛଡ଼ା ।

ଚିର ସ୍ନେହଶୀଳ, ବିବେକାନନ୍ଦ

୧୪୭ଇଂ (ଆଲାସିଙ୍ଗା ପେରୁମଲଙ୍କୁ ଲିଖିତ)

ଯୁକ୍ତରାଷ୍ଟ୍ର ଆମେରିକା, ୨୬ ଡିସେମ୍ବର ୧୮୯୪

ପ୍ରିୟବରେଷୁ,

ଶୁଭାଶୀର୍ବାଦ । ତୁମର ପତ୍ର ଏଇମାତ୍ର ପାଇଲି । ନରସିଂହ ଭାରତରେ ପହଞ୍ଚିଛନ୍ତି ଶୁଣି ସୁଖୀ ହେଲି । ଡଃ ବ୍ୟାରୋଜ୍‌ଙ୍କ ଧର୍ମମହାସଭା ସମ୍ପର୍କୀୟ ବିବରଣ-ପୁସ୍ତକଟି ତୁମ ପାଖକୁ ପଠାଇପାରି ନାହିଁ ବୋଲି ମୁଁ ଦୁଃଖିତ । ପଠାଇବାକୁ ଚେଷ୍ଟା କରିବି । କଥା ହେଉଛି ଯେ, ଧର୍ମମହାସଭା ସମ୍ପର୍କରେ ସବୁ ବିଷୟ ଏ ଦେଶରେ ପୁରୁଣା ହୋଇଗଲାଣି । ସେ ବର୍ତ୍ତମାନ କୌଣସି ବହି ଲେଖୁଛନ୍ତି କି ନାହିଁ, ମୁଁ ଜାଣେ ନାହିଁ; ଆଉ ତୁମେ ଯେଉଁ କାଗଜ କଥା ଉଲ୍ଲେଖ କରିଛ, ସେ ବିଷୟରେ ମଧ୍ୟ କେବେ କିଛି ଜାଣି ନାହିଁ । ବର୍ତ୍ତମାନ ଡଃ ବ୍ୟାରୋଜ୍, ଧର୍ମମହାସଭା, ତତ୍‌ସମ୍ବନ୍ଧୀୟ ଏହି ପତ୍ର ଏବଂ ଅନ୍ୟ ଯାହା କିଛି, ସବୁ ପ୍ରାଚୀନ ଇତିହାସ ହୋଇଗଲାଣି; ସୁତରାଂ ତୁମେମାନେ ମଧ୍ୟ ସେସବୁକୁ ଇତିହାସଭୁକ୍ତ ବୋଲି ଧରି-ନେଇପାର ।

ବର୍ତ୍ତମାନ ମୋ ସମ୍ପର୍କରେ ପ୍ରାୟ ଶୁଣିଥାଏ, କୌଣସି ନା କୌଣସି ମିଶନାରୀ କାଗଜରେ ମୋ ପ୍ରତି ଆକ୍ରମଣମୂଳକ ଲେଖା ଲେଖିଥାଏ—ସେସବୁ କିଛି ଦେଖିବା ପାଇଁ ମୋର ଇଚ୍ଛା ହୁଏ ନାହିଁ । ଯଦି ଭାରତର ଏପ୍ରକାର ମିଶନାରୀମାନଙ୍କ ଆକ୍ରମଣ-ସମ୍ବଳିତ କୌଣସି କାଗଜ ମୋ ପାଖକୁ ପଠାଇବ, ତା'ହେଲେ ତାକୁ ଅଳିଆ ସାଙ୍ଗରେ ପୋପାଡ଼ି ଦେବି । ଆମ କାମ ପାଇଁ ଟିକିଏ ଯୁକ୍ତି-ତର୍କ ଦରକାର ହୋଇଥିଲା—ବର୍ତ୍ତମାନ ଯଥେଷ୍ଟ ହେଲାଣି । ବର୍ତ୍ତମାନ ଲୋକେ ଏଠି ସେଠି ମୋ ସପକ୍ଷରେ ବା ବିପକ୍ଷରେ ଭଲ ମନ୍ଦ କଅଣ କହୁଛନ୍ତି, ସେଥିପ୍ରତି ଆଉ ଦୃଷ୍ଟି ଦିଅ ନାହିଁ । ତୁମେ ତୁମର କାମ କରିଯାଅ, ଆଉ ମନେ-ରଖ—'ନ ହି କଲ୍ୟାଣକୃତ୍ କଶ୍ଚିତ୍ ଦୁର୍ଗତିଂ ତାତ ଗଚ୍ଛତି' (ହେ ବତ୍ସ, ସତ୍-କର୍ମକାରୀର କୌଣସି ଦୁର୍ଗତି ହୁଏ ନାହିଁ ।)

ଏଠାରେ ଦିନକୁ ଦିନ ଲୋକେ ମୋର ଭାବ ନେଉଛନ୍ତି; ଆଉ ତୁମକୁ ସ୍ୱତନ୍ତ୍ରଭାବେ କହୁଛି, ତୁମେ ଯେତେ ଭାବୁଛ ତା'ଠାରୁ ଏଠାରେ ମୋର ପ୍ରତିପତ୍ତି ଯଥେଷ୍ଟ ବେଶୀ । ସବୁକଥା ଧୀରେ ଧୀରେ ଅଗ୍ରସର ହେବ ।

ବାଲ୍‌ଟିମୋର ଘଟଣା ସମ୍ପର୍କରେ ବକ୍ତବ୍ୟ ଏହି ଯେ, ଯୁକ୍ତରାଷ୍ଟ୍ରର ଦକ୍ଷିଣାଂଶରେ ଲୋକେ ନିଗ୍ରୋ ଓ ଅନ୍ୟ କୃଷ୍ଣକାୟ ଜାତିଙ୍କ ମଧ୍ୟରେ ପ୍ରଭେଦ ଜାଣନ୍ତି ନାହିଁ । ଯେତେବେଳେ ଜାଣିପାରିବେ, ସେତେବେଳେ ଦେଖିବେ ଯେ—ସେମାନେ ଖୁବ୍ ଅତିଥିବତ୍ସଳ । 'ଟମାସ୍ ଆ କେମ୍ପି'ସ୍'ଙ୍କ ସମ୍ପର୍କୀୟ ଘଟଣାଟି ମୋ ପକ୍ଷରେ ମଧ୍ୟ ନୂତନ ସମ୍ବାଦ ନିଶ୍ଚୟ । ମୁଁ ତୁମ ପାଖକୁ ପୂର୍ବରୁ ଲେଖିଛି, ବର୍ତ୍ତମାନ ମଧ୍ୟ ଲେଖୁଛି, ମୁଁ ଖବରକାଗଜର ସୁଖ୍ୟାତି ବା ନିନ୍ଦା ପ୍ରତି ମୋଟେ ଦୃଷ୍ଟି ଦିଏ ନାହିଁ, ଏ ପ୍ରକାର କିଛି ମୋ ପାଖକୁ ଆସିଲେ ମୁଁ ନିଆଁରେ ପୋଡ଼ି ପକାଏ, ତୁମେମାନେ ମଧ୍ୟ ତାହା କର । ଖବରକାଗଜର ଧୃଷ୍ଟତା ବା କୌଣସି ପ୍ରକାର ସମାଲୋଚନା ପ୍ରତି ମନୋଯୋଗ ଦିଅ ନାହିଁ । ମନ ଓ ମୁହଁ ଏକ କରି ନିଜର

କର୍ତ୍ତବ୍ୟ ସାଧନ କରିଯାଅ—ଠିକ୍ ହୋଇଯିବ । ସତ୍ୟର ଜୟ ହେବ ହିଁ ହେବ । ଅନୁରୋଧ କରୁଛି, ମୋ ପାଖକୁ ଖବରକାଗଜ ବା ସାମୟିକ କୌଣସି ପତ୍ରିକା କିମ୍ବା କୌଣସି ବହି ପଠାଇବ ନାହିଁ । ମୁଁ ସବୁବେଳେ ଘୂରି ବୁଲୁଛି—ସୁତରାଂ ସେସବୁ ଜିନିଷର ବୋଝ ବୋହିବାକୁ ହେଲେ ମୋର ଯେ କି କଷ୍ଟ, ତାହା ବୁଝିପାରୁଥିବ ।

ମିଶନାରୀମାନଙ୍କ ମିଥ୍ୟା ଉକ୍ତିସବୁକୁ ଆଦୌ ଗ୍ରାହ୍ୟ କର ନାହିଁ – ଏଠାରେ କୌଣସି ଭଦ୍ରଲୋକ ସେମାନଙ୍କୁ ଗ୍ରାହ୍ୟ କରନ୍ତି ନାହିଁ । ଭାରତରେ ସେମାନେ ହାତ-ଗୋଡ଼ ବାଡ଼ଉଥାନ୍ତି, ଡଃ ବ୍ୟାରୋଜ୍ ମଧ୍ୟ ଏଠାରେ ଯେ ଜଣେ ଅତି ବଡ଼ ଲୋକ, ତାହା ନୁହେଁ । ସମ୍ପୂର୍ଣ୍ଣ ନୀରବତା ହେଉଛି ସେମାନଙ୍କର ଉତ୍ତର ପ୍ରତିବାଦ; ମୋର ଇଚ୍ଛା—ତୁମେମାନେ ସେପରି କର । ସର୍ବୋପରି, ମୋତେ ଭାରତୀୟ ଖବରକାଗଜର ବନ୍ୟାରେ ଭସାଇଦିଅ ନାହିଁ, ସେଥିରୁ ମୋର ଯାହା ଲୋଡ଼ା ଥିଲା, ତାହା ହୋଇଯାଇଛି, ଆଉ ଦରକାର ନାହିଁ । ଏଥର କାମରେ ମନ ଦିଅ । ସୁବ୍ରହ୍ମଣ୍ୟ ଆୟାରଙ୍କୁ ତୁମ ସମିତିର ସଭାପତି କର । ମୁଁ ତାଙ୍କପରି ନିଷ୍କପଟ ଓ ମହଦାଶୟ ବ୍ୟକ୍ତି ଆଉ ଦେଖି ନାହିଁ । ତାଙ୍କ ଭିତରେ ହୃଦୟ ଓ ବୁଦ୍ଧିବୃତ୍ତିର ଖୁବ୍ ସୁନ୍ଦର ସାମଞ୍ଜସ୍ୟ ରହିଛି । ତାଙ୍କୁ ସଭାପତି କରି କାର୍ଯ୍ୟରେ ଅଗ୍ରସର ହୁଅ । ମୋ ଉପରେ ବେଶୀ ନିର୍ଭର କର ନାହିଁ—ନିଜ ନିଜ ଉପରେ ନିର୍ଭର କରି ଚାଲ । ଏବେ ମଧ୍ୟ ମୁଁ ଅକପଟ ଭାବରେ ବିଶ୍ୱାସ କରେ ଯେ, ମାନ୍ଦ୍ରାଜରୁ ହିଁ ଶକ୍ତି-ତରଙ୍ଗ ଉଠିବ । ମୋ ସମ୍ବନ୍ଧରେ ଏତିକି କହୁଛି ଯେ, କେବେ ଫେରି ଯାଉଛି, ଜାଣେ ନାହିଁ । ମୁଁ ଏଠାରେ ଓ ଭାରତରେ—ଉଭୟ ସ୍ଥାନରେ କାର୍ଯ୍ୟ କରୁଛି । ମୁଁ ମଝିରେ ମଝିରେ କିଛି ଟଙ୍କା ପଠାଇପାରିବି, ଏତିକି କେବଳ ସାହାଯ୍ୟ କରିପାରେ । ତୁମେ ସମସ୍ତେ ମୋର ସ୍ନେହ ଜାଣିବ ।

ସଦା ଆଶୀର୍ବାଦକ, ବିବେକାନନ୍ଦ

୧୪୭ଇଂ ( ଲାଲା ଗୋବିନ୍ଦ ସହାୟଙ୍କୁ ଲିଖିତ )

ଜି. ଡବ୍ଲ୍ୟୁ. ହେଲ୍‌ଙ୍କ ଘର, ଚିକାଗୋ, ୧୮୯୪

ପ୍ରିୟ ଗୋବିନ୍ଦ ସହାୟ,

କଲିକତାରେ ଥିବା ମୋର ଗୁରୁଭ୍ରାତାଙ୍କ ସହିତ ତୁମର ପତ୍ରାଳାପ ଅଛି କି ? ତୁମେ ଚରିତ୍ର, ଆଧ୍ୟାତ୍ମିକତା ଓ ସାଂସାରିକ ବ୍ୟାପାରରେ ବେଶ୍ ଉନ୍ନତି କରୁଛ ତ ? ହୁଏତ ଶୁଣିଥିବ—କିପରି ପ୍ରାୟ ବର୍ଷାଧିକ କାଳ ମୁଁ ଆମେରିକାରେ ହିନ୍ଦୁଧର୍ମ ପ୍ରଚାର କରୁଛି । ମୁଁ ଏଠାରେ ବେଶ୍ ଭଲରେ ଅଛି । ଯେତେଶୀଘ୍ର ପାର ଏବଂ ଯେତେ ଥର ଇଚ୍ଛା ମୋ ପାଖକୁ ଚିଠି ଲେଖିବ ।

ସସ୍ନେହ, ବିବେକାନନ୍ଦ

ଯୁକ୍ତରାଷ୍ଟ୍ର ଆମେରିକା, ୧୮୯୪

୧୪୮ଇଂ

ପ୍ରିୟ ଗୋବିନ୍ଦ ସହାୟ,

…ସାଧୁତା ହିଁ ଶ୍ରେଷ୍ଠ ନୀତି, ଏବଂ ଧାର୍ମିକ ଲୋକଙ୍କର ହିଁ ଜୟ ହେବ… ବତ୍ସ, ସର୍ବଦା ମନେରଖିବ, ମୁଁ ଯେତେ ବ୍ୟସ୍ତ, ଯେତେଦୂରରେ କିମ୍ବା ଯେତେ ଉଚ୍ଚପଦସ୍ଥ ଲୋକଙ୍କ ଗହଣରେ ଥାଏ ନା କାହିଁକି, ମୁଁ ସର୍ବଦା ହିଁ ମୋର ବନ୍ଧୁଗଣଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ପାଇଁ—ଯେ ସର୍ବାପେକ୍ଷା ସାମାନ୍ୟ ପଦସ୍ଥ, ତାଙ୍କ ପାଇଁ ମଧ୍ୟ—ପ୍ରାର୍ଥନା କରୁଛି ଓ ସେମାନଙ୍କୁ ସ୍ମରଣ ରଖିଛି । ଇତି

ଆଶୀର୍ବାଦକ, ବିବେକାନନ୍ଦ

୧୪୯ଇଂ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

୫୪୧, ଡିୟାର ବର୍ନ ଆଭେନ୍ୟୁ, ଚିକାଗୋ, ୧୮୯୪

କଲ୍ୟାଣବରେଷୁ,

ତୁମମାନଙ୍କର ପତ୍ର ପାଇ ଅତିଶୟ ଆନନ୍ଦିତ ହେଲି । ମଜୁମଦାରଙ୍କ ଲୀଳା ଶୁଣି ଅତ୍ୟନ୍ତ ଦୁଃଖିତ । ଗୁରୁମାରିବା ବିଦ୍ୟା ଦେଖିବାକୁ ଗଲେ, ଏପରି ହୁଏ । ମୋର ବିଶେଷ ଅପରାଧ ନାହିଁ । ମଜୁମଦାର ଦଶବର୍ଷ ପୂର୍ବେ ଏଠାକୁ ଆସିଥିଲେ—ଖୁବ୍ ଖାତିର୍ ଓ ସମ୍ମାନ; ଏଥର କ ମୋର ପୋଏବାର୍ ! ଗୁରୁଦେବଙ୍କ ଇଚ୍ଛା, ମୁଁ କ'ଣ କରିବ ? ଏଥିରେ ରାଗିଯିବା ମଜୁମଦାର ପକ୍ଷରେ ପିଲାଳିଆମି । ଯୁଙ୍, ଉପେକ୍ଷିତବ୍ୟଂ ତଦ୍ବଚନଂ ଭବତ୍ସଦୃଶାନାଂ ମହାତ୍ମନାଂ । ଅପି କୀଟଦଂଶନଭୀରୁକାଃ ବୟଂ ରାମକୃଷ୍ଣତନୟାଃ ତଚ୍ଛଦୟରୁଧିରପୋଷିତାଃ ? 'ଅଲୋକସାମାନ୍ୟମଚିନ୍ତ୍ୟହେତୁକମ୍ ନିନ୍ଦନ୍ତି ମନ୍ଦାଶ୍ଚରିତଂ ମହାତ୍ମନାଂ' ଇତ୍ୟାଦୟଃ ସଂସ୍କୃତ୍ୟ କ୍ଷନ୍ତବ୍ୟୋଽୟଂ ଜାଲ୍ମଃ ମଜୁମଦାରାଖ୍ୟଃ ।[୧] ପ୍ରଭୁଙ୍କର ଇଚ୍ଛା—ଏ ଦେଶର ଲୋକଙ୍କ ମଧ୍ୟରେ ଅନ୍ତର୍ଦୃଷ୍ଟି ପ୍ରବୋଧିତ ହେଉ । ମଜୁମଦାର-ଫଜୁମଦାରଙ୍କ କି ଶକ୍ତି ତାଙ୍କର ଗତିରୋଧ କରିବ ? ମୋର ନାମର ଆବଶ୍ୟକତା ନାହିଁ—I want to be a voice without a form.[୨] । ହରମୋହନ ପ୍ରଭୃତି କେହି ମୋତେ ସମର୍ଥନ କରିବା ଆବଶ୍ୟକ ନାହିଁ—କୋଽହଂ ତତ୍ପାଦପ୍ରସରଂ ପ୍ରତିରୋଦ୍ଧୁଂ ସମର୍ଥୟିତୁଂ ବା, କେ ବାନ୍ୟେ ହରମୋହନାଦୟଃ ? ତଥାପି ମମ ହୃଦୟକୃତଜ୍ଞତା ତାନ୍ ପ୍ରତି । 'ଯସ୍ମିନ୍ ସ୍ଥିତୋ ନ ଦୁଃଖେନ ଗୁରୁଣାପି

---

[୧] ତୁମମାନଙ୍କ ପରି ମହାତ୍ମାଗଣ ତାଙ୍କ କଥା ଉପେକ୍ଷା କରିବା ଉଚିତ । ଆମେ ସବୁ ରାମକୃଷ୍ଣତନୟ, ତାଙ୍କ ହୃଦୟର ରକ୍ତ ଦେଇ ସେ ଆମକୁ ପୁଷ୍ଟ କରିଛନ୍ତି, ଆମେମାନେ ସାମାନ୍ୟ କୀଟର ଦଂଶନରେ ଡରିଯିବା ? 'ମନ୍ଦବୁଦ୍ଧି ବ୍ୟକ୍ତିଗଣ ମହାତ୍ମାଗଣଙ୍କର ଅସାଧାରଣ ଓ ଯାହାର କୌଣସି କାରଣ ସହଜରେ ନିର୍ଦ୍ଦେଶ କରାଯାଇପାରେ ନାହିଁ, ଏପରି ଆଚରଣର ନିନ୍ଦା କରିଥାଆନ୍ତି ।' (କୁମାର ସମ୍ଭବ)—ଇତ୍ୟାଦି ସ୍ମରଣ କରି ଏହି ମଜୁମଦାର ନାମକ ବ୍ୟକ୍ତିଙ୍କୁ କ୍ଷମା କରିବା ଉଚିତ ।

[୨] ମୁଁ ନିରାକାର ବାଣୀ ହେବାକୁ ଚାହେଁ ।

ବିଗୂଢ଼ାଛତେ'—ନୈଷ ପ୍ରାପ୍ତବାନ୍ ତତ୍ତ୍ୱପଦବୀମିଛ ମତ୍ୱା କରୁଣଦୃଷ୍ଟ୍ୟା ଦ୍ରଷ୍ଟବ୍ୟୋଽସ୍ମୀତି ।[୧] ପ୍ରଭୁଙ୍କ ଇଚ୍ଛାରୁ ଏପର୍ଯ୍ୟନ୍ତ ନାମଯଶର ଲିପ୍ସା ହୃଦୟକୁ ଆସି ନାହିଁ, ବୋଧହୁଏ ଆସିବ ନାହିଁ । ମୁଁ ଯନ୍ତ୍ର, ସେ ଯନ୍ତ୍ରୀ । ସେ ଏହି ଯନ୍ତ୍ର ସାହାଯ୍ୟରେ ସହସ୍ର ସହସ୍ର ହୃଦୟରେ ଏହି ଦୂର ଦେଶରେ ଧର୍ମଭାବ ଉଦ୍ଦୀପିତ କରୁଛନ୍ତି । ସହସ୍ର ସହସ୍ର ନରନାରୀ ଏ ଦେଶରେ ମୋତେ ଅତିଶୟ ସ୍ନେହ, ପ୍ରୀତି ଓ ଭକ୍ତି କରନ୍ତି, ଏବଂ ଶତଶତ ପାଦ୍ରୀ ଓ ରକ୍ଷଣଶୀଳ ଖ୍ରୀଷ୍ଟାନ ମୋତେ ସଇତାନର ସହୋଦର ବୋଲି ଭାବନ୍ତି । 'ମୂକଂ କରୋତି ବାଚାଳଂ ପଙ୍ଗୁମ୍ ଲଙ୍ଘୟତେ ଗିରିମ୍'[୨], ମୁଁ ତାଙ୍କର କୃପାରେ ଆଶ୍ଚର୍ଯ୍ୟ । ଯେଉଁ ସହରକୁ ଯାଉଛି, ଆଲୋଡ଼ନର ସୃଷ୍ଟି ହେଉଛି । ଏମାନେ ମୋତେ ନାଁ ଦେଇଛନ୍ତି—Cyclonic Hindu ।[୩] ତାଙ୍କର ଇଚ୍ଛା ମନେରଖ—I am a voice without a form ( ଅମୂର୍ତ୍ତି ବାଣୀ ) ।

ଇଂଲଣ୍ଡକୁ ଯିବି କି ଯମ-ଲ୍ୟାଣ୍ଡକୁ ଯିବି, ପ୍ରଭୁ ଜାଣନ୍ତି । ସବୁ ସେ ଯୋଗାଡ଼ କରିଦେବେ । ଏ ଦେଶରେ ଗୋଟିଏ ଚୁରୁଟର ଦାମ୍ ଟଙ୍କାଏ, ଥରେ ଠିକା ଗାଡ଼ି ଚଢ଼ିଲେ ୩ ଟଙ୍କା, ଗୋଟିଏ ଜାମାର ଦାମ ଶହେ ଟଙ୍କା । ୯ ଟଙ୍କା ପ୍ରତିଦିନ ହୋଟେଲରେ—ପ୍ରଭୁ ସବୁ ଯୋଗାଇ ଦେଉଛନ୍ତି । ଏ ଦେଶର ସବୁ ବଡ ବଡ଼ ଲୋକଙ୍କ ଘରକୁ ଯତ୍ନ କରି ନେଇ ଯାଉଛନ୍ତି । ଉତ୍ତମ ଭୋଜନ-ବସନ ସବୁ ଆସୁଛି—ଜୟ ପ୍ରଭୁ, ମୁଁ କିଛି ଜାଣି ନାହିଁ । 'ସତ୍ୟମେବ ଜୟତେ ନାନୃତଂ ସତ୍ୟେନ ପନ୍ଥା ବିତତୋ ଦେବଯାନଃ'[୪] । 'ବିଗତଭୀଃ' ହେବା ଦରକାର । କାପୁରୁଷମାନେ ଭୟରେ ଆତ୍ମସମର୍ପଣ କରନ୍ତି । ଆମମାନଙ୍କ ମଧ୍ୟରୁ କେହି ଯେପରି ମୋତେ ସମର୍ଥନ କରିବାକୁ ଅଗ୍ରସର ନ ହୁଅନ୍ତି । ମାନ୍ଦ୍ରାଜର ଖବର ସବୁ ମୁଁ ମଝିରେ ମଝିରେ ପାଏ ଓ ରାଜପୁତାନାର ମଧ୍ୟ । 'ଇଣ୍ଡିଆନ ମିରର୍' ଶାମା ଦୋଷ ଦାମା ଉପରେ ରହି ମୋତେ ଅନେକ ଅଚ୍ଛା କରିଛି—କାହା କଥା କାହା ମୁଖରେ ଦେଇ ! ସବୁ

[୧] ତାଙ୍କର ପ୍ରଭାବବିସ୍ତାରର ଗତିରେ ବାଧା ଦେବା ବା ସାହାଯ୍ୟ କରିବା ପାଇଁ ମୁଁ କିଏ ? ହରମୋହନ ପ୍ରଭୃତି ବା କିଏ ? ତଥାପି ସେମାନଙ୍କ ପ୍ରତି ମୋ ହୃଦୟର କୃତଜ୍ଞତା ଜଣାଉଛି । 'ଯେଉଁ ଅବସ୍ଥାରେ ଅବସ୍ଥିତ ହୋଇ ଲୋକେ ଗୁରୁତର ଦୁଃଖରେ ମଧ୍ୟ ବିଚଳିତ ହୁଅନ୍ତି ନାହିଁ ।' (ଗୀତା)—ଏ ବ୍ୟକ୍ତି ଏପର୍ଯ୍ୟନ୍ତ ସେ ଅବସ୍ଥା ଲାଭ କରି ନାହାନ୍ତି ବୋଲି ମନେକରି ତାଙ୍କ ପ୍ରତି ସଦୟଭାବ ପୋଷଣ କରିବା ଉଚିତ ।

[୨] ମୂକକୁ ବାକ୍‌ଶକ୍ତିସମ୍ପନ୍ନ ଓ ପଙ୍ଗୁକୁ ଗିରି-ଲଂଘନରେ ସମର୍ଥ କରାଏ ।

[୩] ଝଂଜ୍ଞା ସଦୃଶ ହିନ୍ଦୁ ।

[୪] ସତ୍ୟର ଜୟ ହୁଏ, ମିଥ୍ୟା କଦାପି ଜିଣିପାରେ ନାହିଁ; ସତ୍ୟବଳରେ ହିଁ ଦେବଯାନ-ମାର୍ଗ ଲାଭ ହୁଏ । (ମୁଣ୍ଡକୋପନିଷଦ୍) । ବେଦାନ୍ତମତରେ ମୃତ୍ୟୁ ପରେ ଯେଉଁ ବିଭିନ୍ନ ଗତି ହୁଏ, ତନ୍ମଧ୍ୟରେ ଦେବଯାନକଳ୍ପିକ ଗତି ଅପେକ୍ଷାକୃତ ଶ୍ରେଷ୍ଠ ଗତି । ଅରଣ୍ୟରେ ଉପାସନାରତ ଓ ଭିକ୍ଷାପରାୟଣ ନିଷ୍କାମ ସନ୍ନ୍ୟାସୀଗଣଙ୍କର ହିଁ ଏହି ଗତି ହୋଇଥାଏ ।

ଖବର ପାଉଛ । ଅଉ ଭାଇ, ଏପରି ଆଖି ଅଛି—ଯାହା ୭ ହଜାର କୋଶ ଦୂରରୁ ଦେଖେ—ଏ କଥା ନିଶ୍ଚୟ ସତ । ଚୁପ୍ ହୋଇଯାଅ । କାଳେ କାଳେ ସବୁ ବାହାରିବ—ଯେତିକ ତାଙ୍କ ଇଚ୍ଛା । ତାଙ୍କର ଗୋଟିଏ କଥା ମଧ୍ୟ ମିଛ ହୁଏ ନାହିଁ । ଭାଲୁ, କୁକୁର, ବିରାଡ଼ିଙ୍କ ଝଗଡ଼ା ଦେଖି ମଣିଷ କାଅଣ ଦୁଃଖ କରେ ? ସେହିପରି ସାଧାରଣ ମଣିଷର ଈର୍ଷା, ହିଂସା ଓ ଲଢେଇ ଦେଖି ତୁମମାନଙ୍କ ମନରେ କୌଣସି ଭାବ ହେବା ଉଚିତ ନୁହେଁ ! ଭାଇ, ଆଜକୁ ଛ'ମାସ ହେଲା କହୁଛି ଯେ, ପରଦା ଉଠୁଛି, ସୂର୍ଯ୍ୟୋଦୟ ହେଉଛି । ପରଦା ଉଠୁଛି—ଉଠୁଛି ଧୀରେ ଧୀରେ, slow but sure (ଧୀରେ ଧୀରେ କିନ୍ତୁ ନିଶ୍ଚିତଭାବରେ)—ଯଥାସମୟରେ ପ୍ରକାଶ । ସେ ଜାଣନ୍ତି—'ମନେର୍ କଥା କଇବ କି ସଖି, କଇତେ ମାନା ।' (ମନର କଥା କହିବି କି ସଖି, କହିବା ମନା ।) ଭାଇ, ଏସବୁ ଲେଖିବାର ନୁହେଁ, କହିବାର ନୁହେଁ । ମୋ ପତ୍ର ଅନ୍ୟ କେହି ଯେପରି ନ ପଢ଼ନ୍ତି, ତୁମମାନଙ୍କର ଛଡ଼ା । ଆହୁଲ ଛାଡ଼ ନାହିଁ, ମାଡ଼ିବସି ଧରିଥାଅ—ଧରିଛ ଠିକ୍ ନିଶ୍ଚୟ, ସେଥିରେ ଆଉ ଭୁଲ୍ ନାହିଁ—ତେବେ କୂଳରେ ପହଞ୍ଚିବା ଆଜି ବା କାଲି—ଏତିକି ମାତ୍ର । ଭାଇ, leader (ନେତା) କ'ଣ ତିଆରି କରାଯାଇପାରେ ? Leader ଜନ୍ମନ୍ତି । ବୁଝି ପାରିଲ ନା ନାହିଁ ? ଲିଡ଼ାରି କରିବା ପୁଣି ଅତି କଷ୍ଟ ।—ଦାସସ୍ୟ ଦାସଃ—ହଜାର ଲୋକଙ୍କ ମନ ଯୋଗାଇବା । Jealousy, selfishness (ଈର୍ଷା, ସ୍ୱାର୍ଥପରତା)—ଏସବୁ ଆଦୌ ରହିବ ନାହିଁ—ତେବେ ଯାଇ leader । ପ୍ରଥମ by birth (ଜନ୍ମଗତ), ଦ୍ୱିତୀୟ unselfish (ନିଃସ୍ୱାର୍ଥପର)—ତେବେ leader । ସବୁ ଠିକ୍ ହେଉଛି, ସବୁ ଠିକ୍ ଆସିବ, ସେ ଠିକ୍ ଜାଲ ପକାଇଛନ୍ତି, ଠିକ୍ ଜାଲ ଗୋଟାଉଛନ୍ତି, —ବୟମନୁସରାମଃ, ବୟମନୁସରାମଃ, ପ୍ରୀତିଃ ପରମସାଧନଂ[୧]—ବୁଝିଲ ନା ନାହିଁ ? Love conquers in the long run.[୨] ଅଧୈର୍ଯ୍ୟ ହେଲେ ଚଳିବ ନାହିଁ—wait, wait (ଅପେକ୍ଷା କର, ଅପେକ୍ଷା କର)—ଅପେକ୍ଷା କଲେ ମେଓ୍ୱା ଫଳ ଫଳିବ ହିଁ ଫଳିବ । ଯୋଗେନ୍‌ର ବିଷୟ କିଛି ଲେଖି ନାହିଁ । ରାଖାଲ-ରାଜା ଘୂରି ଘୂରି ପୁନର୍ବୃନ୍ଦାବନଂ ଗଚ୍ଛେତ୍ତତ ।…

ତୁମକୁ କହୁଛି ଭାଇ, ଯେମିତି ଚାଲିଛି ଚାଲୁ—ତେବେ ଦେଖ, କୌଣସି form (ବାହ୍ୟ ଅନୁଷ୍ଠାନପଦ୍ଧତି) ଯେପରି necessary (ଏକାନ୍ତ ଆବଶ୍ୟକ) ନ ହୁଏ—unity in variety (ବହୁତ୍ୱରେ ଏକତ୍ୱ)—ସାର୍ବଜନୀନ ଭାବର ଯେପରି କୌଣସିମତେ ବ୍ୟାଘାତ ନ ହୁଏ । Every thing must be sacrificed, if necessary for that one sentiment—universality.[୩] ମୁଁ ମରେ ବା ବଞ୍ଚେ, ଦେଶକୁ ଯାଏ ବା ନ ଯାଏ, ତୁମେମାନେ ବିଶେଷ କରି ମନେରଖିବ ଯେ ସାର୍ବଜନୀନତା—

୧ ଆମେ କେବଳ ତାଙ୍କର ପଦାନୁସରଣ କରିବୁ—ପ୍ରୀତି ହିଁ ପରମ ସାଧନ ।

୨ ପ୍ରେମ ଶେଷରେ ବିଜୟୀ ହୁଏ ।

୩ ଯଦି ପ୍ରୟୋଜନ ହୁଏ, ତେବେ ସାର୍ବଜନୀନ ଭାବ ରକ୍ଷା ପାଇଁ ସମସ୍ତ କିଛି ତ୍ୟାଗ କରିବାକୁ ପଡ଼ିବ ।

perfect acceptance, not tolerance only, we preach and perform. Take care how you trample on the least rights of others.[¹] ଏଦ୍ୱାରା ବଡ଼ ବଡ଼ ଜାହାଜ ବୁଡ଼ଯାଏ । ପୂର୍ଣ୍ଣ ଭକ୍ତି ରକ୍ଷଣଶୀଳତା ଛଡ଼ା —ଏହା ହିଁ ଦେଖାଇବାକୁ ହେବ, ମନେରଖ । ତାଙ୍କ କୃପାରେ ସବୁ ଠିକ୍ ଚାଲିବ । ମଠ କିପରି ଚାଲିଛି, ଉତ୍ସବ କିପରି ହେଲା, ଗୋପାଳ, ବୁଢ଼ା ଓ ହୁଟ୍‌କୋ କେଉଁଠି ଓ କିପରି, ଗୁପ୍ତ କେଉଁଠି, କିପରି ଅଛନ୍ତି—ସବୁ ଲେଖିବ । ମାଷ୍ଟର କଅଣ କରୁଛନ୍ତି ? ଘୋଷ ମହାଶୟ କଅଣ କରୁଛନ୍ତି ? ରାମଦାଦା ଅଣ୍ଡାଭାବ ପାଇଲେଣି କି ନାହିଁ ? ଭାଇ, ସମସ୍ତଙ୍କର ଇଚ୍ଛା ଯେ leader (ନେତା) ହୋଇଯିବେ; କିନ୍ତୁ ସେ ଯେ ଜନ୍ମ ନିଅନ୍ତି—ଏତକ ବୁଝି ନ ପାରି ହିଁ ଏତେ ଅନର୍ଥ ହୁଏ । ପ୍ରଭୁଙ୍କ କୃପାରୁ ରାମଦାଦା ଶୀଘ୍ର ଅଣ୍ଡା ହୋଇଯିବେ ଓ ବୁଝିପାରିବେ । ତାଙ୍କ କୃପା କାହାକୁ ଗ୍ରାହ୍ୟ ନାହିଁ । ଜି. ସି. ଘୋଷ କଅଣ କରୁଛନ୍ତି ?

ଆମ ମାତୃକାଗଣ ବଞ୍ଚିଛନ୍ତି ତ ? ଗୌର-ମା' କେଉଁଠି ? ଏକ ହଜାର ଗୌର-ମା' ଆବଶ୍ୟକ—ଏହି noble stirring spirit (ମହାନ୍ ଓ ଉଦ୍ଦୀପନାମୟ ଭାବ) । ଆଶାକରେ, ଯୋଗେନ୍-ମା ପ୍ରଭୃତି ସମସ୍ତେ ଭଲ ଅଛନ୍ତି । ଭାଇ, ମୋ ପେଟଟା ଇମିତି ଫୁଲିଛି ଯେ, ଦରକାର ପଡ଼ିଲେ କବାଟ ଫବାଟ ଡାଟିବାକୁ ପଡ଼ିବ । ମହିମ ଚକ୍ରବର୍ତ୍ତୀ କ'ଣ କରୁଛନ୍ତି ? ତାଙ୍କର ସେଠାକୁ ଯିବା ଆସିବା କରିବ, ଲେକ ଭଲ । ଆମର ସମସ୍ତଙ୍କୁ ଦରକାର—It is not at all necessary that all should have the same faith in our Lord as we have, but we want to unite all the powers of goodness against all the powers of evil.[²] ମହେନ୍ଦ୍ର ମାଷ୍ଟରଙ୍କୁ request କର (ଅନୁରୋଧ କର) from me (ମୋ ତରଫରୁ) । He can do it (ସେ ତାହା କରିପାରିବେ) । ଆମମାନଙ୍କର ଗୋଟିଏ ବଡ଼ ଦୋଷ— ସନ୍ନ୍ୟାସର ଗରିମା । ତାହା ପ୍ରଥମେ ଦରକାର ଥିଲା, କିନ୍ତୁ ଏବେ ଆମେ ପୋଖତ ହୋଇଛୁ, ଆଉ ତାହାର ଆବଶ୍ୟକତା ନାହିଁ । ବୁଝିପାରୁଛ ? ସନ୍ନ୍ୟାସୀ ଓ ଗୃହସ୍ଥ ମଧ୍ୟରେ କୌଣସି ଭେଦ ରହିବ ନାହିଁ, ତା'ହେଲେ ଯାଇ ଯଥାର୍ଥ ସନ୍ନ୍ୟାସୀ । ସମସ୍ତଙ୍କୁ ଡାକି ବୁଝାଇ ଦେବ— ମାଷ୍ଟର, ଜି. ସି. ଘୋଷ, ରାମଦା, ଅତୁଳ, ଆଉ ଆଉ ସମସ୍ତଙ୍କୁ ନିମନ୍ତ୍ରଣ କରି ଯେ, ପାଞ୍ଚ

---

[¹] 'ପର ଧର୍ମକୁ ବିଦ୍ୱେଷ କର ନାହିଁ'—ଏହି ଭାବ କେବଳ ଆମେ ପ୍ରଚାର କରୁ ନାହୁଁ; ଆମେ ସକଳ ଧର୍ମକୁ ସତ୍ୟ ବୋଲି ପୂର୍ଣ୍ଣରୂପେ ଗ୍ରହଣ କରିଥାଉଁ । ଆଉ କେବଳ ପ୍ରଚାର ନୁହେଁ, ଆମେ ଏହାକୁ କାର୍ଯ୍ୟରେ ମଧ୍ୟ ପରିଣତ କରୁ । ବିଶେଷ ସାବଧାନ ରହିବ ଯେପରି ଅପରର କ୍ଷୁଦ୍ରତମ ଅଧିକାର ଉପରେ ମଧ୍ୟ ହସ୍ତକ୍ଷେପ ନ କର ।

[²] ଆମ ଠାକୁରଙ୍କ ଉପରେ ଆମର ଯେଉଁଭଳି ବିଶ୍ୱାସ, ସମସ୍ତଙ୍କର ଯେ ସେହିପରି ରହିବ, ତାହା ନୁହେଁ । କିନ୍ତୁ ଆମେ ଜଗତର ସମୁଦାୟ ଅହିତକାରିଣୀ ଶକ୍ତି ବିରୋଧରେ ସବୁ କଲ୍ୟାଣକାରିଣୀ ଶକ୍ତିକୁ ସମବେତ କରିବାକୁ ଚାହୁଁ ।

ସାଭଜଣ ଟେକ ନ, ଯାହାଙ୍କ ହାତରେ ପଇସାଟିଏ ନାହିଁ, ଗୋଟାଏ କାମ ଆରମ୍ଭ କଲେ—ଯାହା ବର୍ତ୍ତମାନ ଏପରି accelerated (କ୍ରମବର୍ଦ୍ଧମାନ) ଗତିରେ ବଢ଼ିଚାଲିଛି —ଏହା କେବଳ ଏକ ଉଚ୍ଛ୍ୱାସ ନା ପ୍ରଭୁଙ୍କର ଇଚ୍ଛା ? ଯଦି ପ୍ରଭୁଙ୍କର ଇଚ୍ଛା, ତା'ହେଲେ ତୁମେମାନେ ଦଳାଦଳି, jealousy (ଈର୍ଷା) ପରିତ୍ୟାଗ କରି united action (ସମବେତଭାବରେ) କାର୍ଯ୍ୟ କର । Shameful (ଲଜ୍ଜାର କଥା)—ଆମେ universal religion (ସାର୍ବଜନୀନ ଧର୍ମ) କରୁଛୁ ଦଳାଦଳି କରି । ଯଦି ଗିରିଶ ଘୋଷ, ମାଷ୍ଟର ବା ରାମବାବୁ ଏଭଳି କରିପାରନ୍ତି, ତା'ହେଲେ କହିବି ବାହାଦୁର ଓ ବିଶ୍ୱାସୀ, ନ ହେଲେ ସବୁ ମିଛ, nonsense (ବାଜେ) ।

ହୁଏତ ଯଦି କେବେ ମିନିଟକ ପାଇଁ ଭାବନ୍ତି ଯେ, 'ମୁଁ ବଡ଼ ହେବି' କହିଦେଲେ ହିଁ କେହି ବଡ଼ ହୋଇଯାଏ ନାହିଁ, ଯାହାକୁ 'ସେ' ଉଠାନ୍ତି ସେ ହିଁ ଉଠେ, ଯାହାକୁ 'ସେ' ତଳକୁ ପକାଇ ଦଅନ୍ତି, ସେ ପଡ଼ିଯାଏ, ତା'ହେଲେ ସବୁ ଅଡ଼ୁଆ ତୁଟିଯିବ; କିନ୍ତୁ ଏହି ଯେ 'ଅହଂ'—ଫମ୍ପା 'ଅହଂ'—ତା'ର ପୁଣି ଆଙ୍ଗୁଠି ହଲାଇବା ଶକ୍ତି ନାହିଁ, ଅଥଚ କାହାକୁ ଉଠିବାକୁ ଦେବ ନାହିଁ—ଏପରି ହେଲେ କ'ଣ ଚଳିବ ? ଏହି jealousy (ଈର୍ଷା), ଏହି absence of conjoined action (ସମ୍ମିଳିତ ଭାବେ କାର୍ଯ୍ୟ କରିବା ଶକ୍ତିର ଅଭାବ) ଗୋଲାମ-ଜାତିର nature (ସ୍ୱଭାବ); କିନ୍ତୁ ଆମର ତାକୁ ଝାଡ଼ି ଫୋପାଡ଼ି ଦେବାକୁ ଚେଷ୍ଟା କରିବା ଉଚିତ । ଏହି terrible jealousy ଆମମାନଙ୍କର characteristic (ଏହି ଭୟଙ୍କର ଈର୍ଷା ଆମର ବିଶେଷ ଲକ୍ଷଣ), ବିଶେଷତଃ ବଙ୍ଗାଳୀଙ୍କର । କାରଣ, We are the most worthless and superstitious and the most cowardly and lustful of all Hindus.* ପୃଥିବୀ ଦେଶ ଦେଖିଲେ ଏ କଥା ବେଶ୍ ବୁଝିପାରିବ । ଏହି ଗୁଣରେ ଆମମାନଙ୍କ ସମାନ—ଏଠାର ସ୍ୱାଧୀନତାପ୍ରାପ୍ତ କାଫ୍ରୀମାନେ—ଯଦି ସେମାନଙ୍କ ଭିତରେ କେହି ଜଣେ ବଡ଼ ହୁଏ, ତା'ହେଲେ ସାଙ୍ଗେ ସାଙ୍ଗେ ଆଉ ସମସ୍ତେ ତା' ପଛରେ ଲାଗିଯାଆନ୍ତି—white (ଶ୍ୱେତାଙ୍ଗ)-ମାନଙ୍କ ସହିତ ଯୋଗଦେଇ ତାକୁ ପେଷିଦେବାକୁ ଚେଷ୍ଟା କରନ୍ତି । ଆମେମାନେ ମଧ୍ୟ ଠିକ୍ ଏହିଭଳି । ଗୋଲାମ କୀଟଗୁଡ଼ାକ, ପାଦେ ମଧ୍ୟ ହଲିବାର କ୍ଷମତା ନାହିଁ—ସ୍ତ୍ରୀର କାନି ଧରି, ତାସ୍ ଖେଳି, ହୁକ୍କା ଟାଣି ଜୀବନ ଯାପନ କରନ୍ତି, ଆଉ କେହି ଯଦି ଏମାନଙ୍କ ଭିତରୁ ପାଦେ ଆଗେଇ ଯାଏ, ସମସ୍ତେ କାଉ କାଉ ହୋଇ ତା'ପଛରେ ଲାଗି ଯାଆନ୍ତି—ହରେ ହରେ !

At any cost, any price, any sacrifice (ଯେ କୌଣସି ପ୍ରକାରେ ସେଥିପାଇଁ ଆମକୁ ଯେତିକି ତ୍ୟାଗ ଓ କଷ୍ଟ ସ୍ୱୀକାର କରିବାକୁ ପଡ଼ୁ ପଛକେ ) ସେଇଟି

---

* ହିନ୍ଦୁମାନଙ୍କ ଭିତରେ ଆମେ ହିଁ ସର୍ବାପେକ୍ଷା ଅଧିକ ଅପଦାର୍ଥ, କୁସଂସ୍କାରାଚ୍ଛନ୍ନ, କାପୁରୁଷ ଓ କାମୁକ ।

ଯେମିତି ଆମ ଭିତରେ ନ ପଶେ—ଆମେ ଦଶଜଣ ହେଉ [illegible] do not care ( କିଛି ପରବାୟ ନାହିଁ); କିନ୍ତୁ ସେହି କେତୋଟି perfect characters (ସର୍ବାଙ୍ଗସମ୍ପୂର୍ଣ୍ଣ ଚରିତ୍ର) ହେବା ଦରକାର । ଆମ ଭିତରେ ଯେଉଁମାନେ ପରସ୍ପରର ଫୁସ୍‌ଫୁସ୍ କରି ନିନ୍ଦା କରିବେ ବା ଶୁଣିବେ, ତାଙ୍କୁ ବାହାର କରିଦେବା ଉଚିତ । ଏହି ଫୁସ୍‌ଫୁସ୍ କଥା ହିଁ ସବୁ ଅନିଷ୍ଟର ମୂଳ—କଅଣ ବୁଝିପାରୁଛ ? ହାତ ବାନ୍ଧିଲାଣିତ; ଆଉ ଲେଖିପାରୁ ନାହିଁ । 'ମାଙ୍ଗନା ଭିଲ ନା ବାପ୍‌ସେ ସବ୍ ରଘୁବୀର ରଖେ ଟେକ୍' । ରଘୁବୀର ଟେକ ରଖିବେ ଭାଇ—ସେ ବିଷୟରେ ତୁମେସବୁ ନିଶ୍ଚିନ୍ତ ରହ । ବଙ୍ଗଳା ଦେଶରେ ତାଙ୍କର ନାମ ପ୍ରଚାରିତ ହେଲା ବା ନ ହେଲା ସେଥିରେ ମୋର ଅଣୁମାତ୍ର ଚେଷ୍ଟା ନାହିଁ—ସେଗୁଡ଼ାକ କ'ଣ ମଣିଷ ! ରାଜପୁତାନା, ପଞ୍ଜାବ, N. W. ପ୍ରଦେଶ,[୧] ମାନ୍ଦ୍ରାଜ—ଏସବୁ ଦେଶରେ ତାଙ୍କ ପ୍ରଚାର କରିବାକୁ ପଡ଼ିବ । ରାଜପୁତାନାରେ, ଯେଉଁଠି 'ରଘୁ-କୁଳ ରୀତ ସଦା ଚଲି ଆଇ ! ପ୍ରାଣ ଜାଇ ବରୁ ବଚନ ନ ଜାଇ' ବର୍ତ୍ତମାନ ସୁଦ୍ଧା ପ୍ରଚଳିତ ।

ପକ୍ଷୀ ଉଡ଼ୁ ଉଡ଼ୁ ଗୋଟିଏ ଜାଗାରେ ପହଞ୍ଚେ, ଯେଉଁଠାରୁ ସେ ଅତ୍ୟନ୍ତ ଶାନ୍ତଭାବରେ ତଳକୁ ଦେଖେ । ସେ ଜାଗାରେ ପହଞ୍ଚିଛ କି ? ଯେ ସେଠାରେ ପହଞ୍ଚି ନାହାନ୍ତି, ତାଙ୍କର ଅପରକୁ ଶିକ୍ଷା ଦେବାର ଅଧିକାର ନାହିଁ । ହାତଗୋଡ଼ ଛାଡ଼ିଦେଇ ଭାସିଯାଅ—ଠିକ୍ ପହଞ୍ଚିଯିବ ।

ଅଗ୍ନିର ପୁଅ ଧୀରେ ଧୀରେ ପଳାଉଛନ୍ତି—ଶୀତକାଳ କଟାଇ ଦିଆଗଲା । ଶୀତଦିନରେ ଏ ଦେଶର ସର୍ବାଙ୍ଗରେ electricity (ବିଦ୍ୟୁତ୍) ଭରିଯାଏ । shake-hand (କରମର୍ଦ୍ଦନ) କରିବାକୁ ଗଲେ shock (ଧକ୍‌କା) ଲାଗେ, ଆଉ ଶବ୍ଦ ହୁଏ—ଆଙ୍ଗୁଠି ଦେଇ ଗ୍ୟାସ୍ ଜଳାଯାଇପାରେ । ଆଉ ଶୀତ କଥା ତ ଲେଖିଛି । ସାରା ଦେଶଟା ଘୁରିବୁଲୁଛି—କିନ୍ତୁ ଚିକାଗୋ ମୋର 'ମଠ'—ବୁଲି ବୁଲି ପୁଣି ଚିକାଗୋକୁ ଆସେ । ବର୍ତ୍ତମାନ ପୂର୍ବ ଦିଗକୁ ଯାଉଛି, କେଉଁଠାରେ ସେ ବାଡ଼ରେ ପାଦ ଲାଗିବ, ସେ ଜାଣନ୍ତି । ମା'ଠାକୁରାଣୀ ଦେଶକୁ ଯାଇଛନ୍ତି; ତାଙ୍କ ଦେହ ବୋଧହୁଏ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟଲାଭ କଲାଣି । ତୁମମାନଙ୍କର କିମିତି ଚଳୁଛି, କିଏ ଚଳାଉଛି ? ରାମକୃଷ୍ଣ[୨], ତା'ର ମା', ତୁଳସୀରାମ ପ୍ରଭୃତି ବୋଧହୁଏ ଓଡ଼ିଶାରେ ?

ଦମ୍‌ଦମ୍ ମାଷ୍ଟର କିମିତି ଅଛି ? ଦାଶୁର ତୁମମାନଙ୍କ ଉପରେ ସେହି ପ୍ରୀତି ଅଛି କି ନାହିଁ ? ସେ ଘନ ଘନ ଆସୁଛି ନା ନାହିଁ ? ଭବନାଥ କିପରି ଅଛି ? କଅଣ କରୁଛି ? ତୁମେମାନେ ତା' ପାଖକୁ ଯାଉଛ କି ନାହିଁ ? ତୁମେମାନେ ତାକୁ ଶ୍ରଦ୍ଧା ଭକ୍ତି କର କି ନାହିଁ ? ହଁ ହେ ବାପୁ, ସନ୍ନ୍ୟାସୀ ଫନ୍ନ୍ୟାସୀ ମିଛ କଥା—ମୂକଂ କରୋତି ଇତ୍ୟାଦି । ବାବା, କାହା ଭିତରେ କଅଣ ଅଛି, ବୁଝାଯାଏ ନାହିଁ । ସେ, ତାକୁ ବଡ଼ କରିଛନ୍ତି—ସେ ଆମର ପୂଜ୍ୟ ।

---

[୧] ବର୍ତ୍ତମାନ U.P. (ଉତ୍ତର ପ୍ରଦେଶ)

[୨] ବଳରାମ ବସୁଙ୍କ ପୁତ୍ର

ଏତେ ଦେଖି ଶୁଣି ମଧ୍ୟ ଯଦି ତୁମମାନଙ୍କର ବିଶ୍ୱାସ ନ ହୁଏ, ଧିକ୍ ତୁମମାନଙ୍କୁ ! ଭବନାଥ ତୁମମାନଙ୍କୁ ଭଲ ପାଏ କି ନାହିଁ ? ତାକୁ ମୋର ଆନ୍ତରିକ ଶ୍ରଦ୍ଧା, ପ୍ରୀତି ଓ ସ୍ନେହ ଜଣାଇବ । କାଳୀକୃଷ୍ଣ ବାବୁଙ୍କୁ ମୋର ସ୍ନେହ ଜଣାଇବ—ସେ ଅତି ଉନ୍ନତଚରିତ୍ର ବ୍ୟକ୍ତି । ରାମଲାଲ କିପରି ଅଛି ? ତା'ର ଟିକିଏ ବିଶ୍ୱାସ ଭକ୍ତି ହେଲାଣି ନା ନାହିଁ ? ତାକୁ ମୋର ପ୍ରୀତିସମ୍ଭାଷଣ ଜଣାଇବ । ସାଣ୍ଡେଲ୍ ଘଣାରେ ଠିକ୍ ଘୁରୁଛି ବୋଧହୁଏ—ଧୈର୍ଯ୍ୟ ଧରିବାକୁ କହିବ—ଘଣା ଠିକ୍ ଯିବ । ସମସ୍ତଙ୍କୁ ମୋର ହୃଦୟର ପ୍ରୀତି ।

ଅନୁରାଗୈକହୃଦୟଃ, ନରେନ୍ଦ୍ର,

ପୁଃ—ମା'ଠାକୁରାଣୀଙ୍କୁ ତାଙ୍କର ଜନ୍ମଜନ୍ମାନ୍ତରର ଦାସର ପୁନଃପୁନଃ ଧୂଳିବଲୁଣ୍ଠିତ ସାଷ୍ଟାଙ୍ଗ ଦେବ—ତାଙ୍କର ଆଶୀର୍ବାଦରେ ମୋର ସର୍ବତୋମଙ୍ଗଳ । ଇତି

୧୫୦ ( ସ୍ୱାମୀ ଅଖଣ୍ଡାନନ୍ଦଙ୍କୁ ଲିଖିତ ) ଓଁ ନମୋ ଭଗବତେ ରାମକୃଷ୍ଣାୟ

( ମାର୍ଚ୍ଚ ବା ଏପ୍ରିଲ ) ୧୮୯୪

କଲ୍ୟାଣବରେଷୁ,

ତୁମ ପତ୍ର ପାଇ ସାତିଶୟ ଆହ୍ଲାଦିତ ହେଲି । ତୁମେ ଖେତଡ଼ିରେ ଥାଇ ଅନେକ ପରିମାଣରେ ସ୍ୱାସ୍ଥ୍ୟ ଲାଭ କରିଛ, ଏହା ଅତି ଆନନ୍ଦର ବିଷୟ ।

ତାରକଭାଇ ମାନ୍ଦ୍ରାଜରେ ଅନେକ କାର୍ଯ୍ୟ କରିଛନ୍ତି—ଖୁବ୍ ଆନନ୍ଦର କଥା ! ତାଙ୍କର ସୁଖ୍ୟାତି ବହୁତ ଶୁଣିଲି ମାନ୍ଦ୍ରାଜବାସୀଙ୍କ ନିକଟରୁ । ରାଖାଲ ଓ ହରି ଲକ୍ଷ୍ନୌଠାରୁ ଖଣ୍ଡିଏ ପତ୍ର ଲେଖିଛନ୍ତି, ସେମାନଙ୍କର ଶାରୀରିକ କୁଶଳ । ମଠର ସକଳ ସମ୍ବାଦ ଅବଗତ ହେଲି ଶଶୀର ପତ୍ରରୁ ।

ରାଜପୁତାନାର ସ୍ଥାନେ ସ୍ଥାନେ ଠାକୁରମାନଙ୍କ ଭିତରେ ଧର୍ମଭାବ ଓ ପରହିତୈଷଣା ବୃଦ୍ଧି କରିବାକୁ ଚେଷ୍ଟା କରିବ । କାର୍ଯ୍ୟ କରିବାକୁ ପଡ଼ିବ । ବସି ବସି କାମ ହୁଏ ନାହିଁ । ମାଲସି ସର (ହ୍ରଦ), ଆଲ୍‌ସି ସର ଓ ଅନ୍ୟ ଯେତେସବୁ 'ସର' ସେଠାରେ ଅଛି, ମଝେ ମଝେ ପରିଭ୍ରମଣ କରୁଥାଅ ଏବଂ ସଂସ୍କୃତ ଇଂରେଜୀ ସଯତ୍ନରେ ଅଭ୍ୟାସ କରିବ । ଗୁଣନିଧି ପଞ୍ଜାବରେ ଅଛି ବୋଧହୁଏ, ତାକୁ ମୋର ବିଶେଷ ଶ୍ରଦ୍ଧା ଜଣାଇ ଖେତଡ଼ିକୁ ଆଣିବ ଓ ତାହା ସାହାଯ୍ୟରେ ସଂସ୍କୃତ ଶିଖିବ ଏବଂ ତାକୁ ଇଂରେଜୀ ଶିଖାଇବ । ଯେପରି ହେଉ, ତା' ଠିକଣା ମୋତେ ଦେବ । ଗୁଣନିଧି ଅଚ୍ୟୁତାନନ୍ଦ ସରସ୍ୱତୀ ।···

ଖେତଡ଼ି ସହରର ଗରିବ, ନୀଚ ଜାତିଙ୍କର ଘର ଘର ବୁଲି ଧର୍ମ ଉପଦେଶ ଦେବ ଓ ସେମାନଙ୍କୁ ଅନ୍ୟାନ୍ୟ ବିଷୟ ଭୂଗୋଳ ଇତ୍ୟାଦି ମୌଖିକ ଶିକ୍ଷା ପ୍ରଦାନ କରିବ । ବସି ବସି ରାଜଭୋଗ ଖାଇବା, ଆଉ 'ହେ ପ୍ରଭୁ ରାମକୃଷ୍ଣ' କହିବାରେ କିଛି ଫଳ ନାହିଁ, ଯଦି ଗରିବମାନଙ୍କର କିଛି ଉପକାର କରି ନ ପାର । ମଝିରେ ମଝିରେ ଅନ୍ୟାନ୍ୟ ଗ୍ରାମକୁ ଯାଅ, ଉପଦେଶ ଦିଅ, ବିଦ୍ୟା ଶିକ୍ଷା ଦିଅ । କର୍ମ, ଉପାସନା, ଜ୍ଞାନ—ଏହି କର୍ମ କର । ତା'ହେଲେ ଚିତ୍ତ ଶୁଦ୍ଧ ହେବ, ନଚେତ୍ ସମସ୍ତ କିଛି ଭସ୍ମରେ ଘୃତ ଢାଳିବା ପରି ନିଷ୍ଫଳ ହୋଇଯିବ । ଗୁଣନିଧି ଆସିଲେ ଦୁଇଜଣଯାକ ମିଶି ରାଜପୁତାନାର ଗ୍ରାମେ ଗ୍ରାମେ ଗରିବ

ଦରିଦ୍ରଙ୍କ ଘର ଘର ବୁଲ । ଯଦି ମାଂସ ଖାଇଲେ ଲୋକେ ବିରକ୍ତ ହେବେ, ତା'ହେଲେ ସଙ୍ଗେ ସଙ୍ଗେ ତାହା ତ୍ୟାଗ କରିବ, ପରୋପକାରାର୍ଥେ ଘାସ ମଧ୍ୟ ଖାଇ ଜୀବନ ଧାରଣ କରିବା ଭଲ । ଗେରୁଆ ବସ୍ତ୍ର ଭୋଗ ପାଇଁ ନୁହେଁ, ଏହା ମହାକାର୍ଯ୍ୟର ନିଶାଣ—କାୟୋମନୋବାକ୍ୟ 'ଜଗଦ୍ଧିତାୟ' ଦେବାକୁ ପଡ଼ିବ । ପଢ଼ିଛ, 'ମାତୃଦେବୋ ଭବ', ମୁଁ କହେ, 'ଦରିଦ୍ରଦେବୋ ଭବ,' ମୂର୍ଖଦେବୋ ଭବ'—ଦରିଦ୍ର, ମୂର୍ଖ, ଅଜ୍ଞାନୀ, କାତର, ଏମାନେ ହିଁ ତୁମର ଦେବତା ହୁଅନ୍ତୁ, ଏହାଙ୍କର ସେବା ହିଁ ପରମ ଧର୍ମ ବୋଲି ଜାଣିବ । କିମଧିକମିତି—

ଆଶୀର୍ବାଦକ, ବିବେକାନନ୍ଦ

୧୬୧ଇଂ (ଅନାଗାରିକ ଧର୍ମପାଳଙ୍କୁ ଲିଖିତ)

ଆମେରିକା, ୧୮୯୪

ପ୍ରିୟ ଧର୍ମପାଳ,

ମୁଁ ତୁମର କଲିକତା ଠିକଣା ଭୁଲିଯାଇଛି, ତେଣୁ ମଠ ଠିକଣାରେ ଏ ପତ୍ର ଦେଲି । ମୁଁ ତୁମର କଲିକତା ବକ୍ତୃତା କଥା ଏବଂ ତାହାଦ୍ୱାରା କପରି ଆଶ୍ଚର୍ଯ୍ୟ ଫଳ ହୋଇଥିଲା, ସେସବୁ ଶୁଣିଛି ।

...ଏଠାର ଜନୈକ ଅବସରପ୍ରାପ୍ତ, ମିଶନାରୀ ମୋତେ 'ଭାଇ' ବୋଲି ସମ୍ବୋଧନ କରି ଏକ ପତ୍ର ଲେଖିଥିଲେ । ତା'ପରେ ଭରବରିଆ ଭାବେ ମୋର ସଂକ୍ଷିପ୍ତ ଉକ୍ତିଟି ଛପାଇ ଗୋଟାଏ ଚହଲ ପକାଇବା ପାଇଁ ଚେଷ୍ଟା କଲେ । ତେବେ ତୁମେ ଅବଶ୍ୟ ଜାଣ, ଏଠାର ଲୋକେ ଏପରି ଭଦ୍ରଲୋକଙ୍କ ପ୍ରତି କି ଭାବ ପୋଷଣ କରନ୍ତି । ପୁଣି ସେହି ମିଶନାରୀଟି ଗୋପନରେ ମୋର କେତେକ ବନ୍ଧୁଙ୍କ ନିକଟକୁ ଯାଇ ସେମାନେ ଯେପରି ମୋର କୌଣସି ସହାୟତା ନ କରନ୍ତି, ତା'ର ଚେଷ୍ଟା କରିଥିଲେ । ଅବଶ୍ୟ ସେ ସେମାନଙ୍କଠାରୁ କେବଳ ଘୃଣା ହିଁ ପାଇଛନ୍ତି । ମୁଁ ଏ ଲୋକଙ୍କର ବ୍ୟବହାରରେ ଅବାକ୍ ହୋଇଯାଇଛି । ଜଣେ ଧର୍ମପ୍ରଚାରକର ଏପରି କପଟ ବ୍ୟବହାର ! ଦୁଃଖର ବିଷୟ—ସବୁ ଦେଶରେ, ସବୁ ଧର୍ମରେ ହିଁ ଏପରି ରହିଛି ।

ଗତ ଶୀତଋତୁରେ ମୁଁ ଏ ଦେଶରେ ଖୁବ୍ ବୁଲିଛି—ଯଦିଓ ଶୀତ ଅତିରିକ୍ତ ଥିଲା, ମୋତେ ଶୀତ ସେତେ ଲାଗି ନାହିଁ । ଭାବିଥିଲି—ପ୍ରଚଣ୍ଡ ଶୀତ ଭୋଗ କରିବାକୁ ହେବ; କିନ୍ତୁ ଭଲରେ କଟିଯାଇଛି । 'ସ୍ୱାଧୀନ ଧର୍ମସମିତି' (Free Religious Society)-ର ସଭାପତି କର୍ଣ୍ଣେଲ ନେଗିନ୍‌ସନଙ୍କୁ ତୁମର ଅବଶ୍ୟ ସ୍ମରଣ ଅଛି—ସେ ଖୁବ୍ ଆଗ୍ରହର ସହିତ ତୁମର ଖବର ଅନ୍ତର ସବୁ ନେଇଆଆନ୍ତି । ସେ ଦିନ ଅକ୍ସଫୋର୍ଡର ଡକ୍ଟର କାର୍ପେଣ୍ଟରଙ୍କ ସହିତ ସାକ୍ଷାତ୍ ହେଲା । ସେ ପ୍ଲାଇମାଉଥ୍‌ଠାରେ (Plymouth) ବୌଦ୍ଧଧର୍ମର ନୀତିତତ୍ତ୍ୱ ସମ୍ପର୍କରେ ବକ୍ତୃତା ଦେଇଥିଲେ । ବକ୍ତୃତାଟି ବୌଦ୍ଧଧର୍ମ ପ୍ରତି ଖୁବ୍ ସହାନୁଭୂତିଶୀଳ ଓ ପାଣ୍ଡିତ୍ୟପୂର୍ଣ୍ଣ । ସେ ତୁମ ବିଷୟରେ ଓ ତୁମ କାଗଜ ସମ୍ପର୍କରେ ଅନୁସନ୍ଧାନ କରିଥିଲେ । ଆଶାକରେ, ତୁମର ମହତ୍ ଉଦ୍ଦେଶ୍ୟ ସିଦ୍ଧ ହେବ । ସେ 'ବହୁଜନହିତାୟ ବହୁଜନସୁଖାୟ' ଆସିଥିଲେ, ତୁମେ ତାଙ୍କର ଉପଯୁକ୍ତ ଦାସ ।

ଅବସର ଅନୁଯାୟୀ ଦୟାକରି ମୋ ସମ୍ପର୍କରେ ସବୁ କଥା ମୋ ପାଖକୁ ଲେଖିବ । ତୁମ କାଗଜରେ ମୁଁ ସମୟେ ସମୟେ କ୍ଷଣକ ପାଇଁ ତୁମ ସାକ୍ଷାତ୍ ପାଇଥାଏ । 'ଇଣ୍ଡିୟାନ୍ ମିରର୍'ର ମହାନୁଭବ ସମ୍ପାଦକ ମୋ ପ୍ରତି ସମାନଭାବେ ଅନୁଗ୍ରହ କରି ଆସିଛନ୍ତି । ସେଥିପାଇଁ ତାଙ୍କୁ ଅନୁଗ୍ରହପୂର୍ବକ ମୋର ପରମ ସ୍ନେହ ଓ କୃତଜ୍ଞତା ଜଣାଇବ ।

ମୁଁ କେବେ ଏ ଦେଶ ଛାଡ଼ିବି ଜାଣେ ନାହିଁ । ତୁମମାନଙ୍କର ଥିଓସଫିକାଲ୍ ସୋସାଇଟିର ମି. ଜର୍ଜ ଓ ଅନ୍ୟାନ୍ୟ ଅନେକ ସଭ୍ୟଙ୍କ ସହିତ ମୋର ପରିଚୟ ହୋଇଛି । ସେମାନେ ସମସ୍ତେ ଖୁବ୍ ସରଳ ଓ ଭଦ୍ର ଏବଂ ଅଧିକାଂଶ ବେଶ୍ ଶିକ୍ଷିତ ।

ମି: ଜର୍ଜ ଖୁବ୍ କଠୋର ପରିଶ୍ରମୀ—ସେ ଥିଓସଫି ପ୍ରଚାର ପାଇଁ ସମ୍ପୂର୍ଣ୍ଣରୂପେ ଜୀବନ ସମର୍ପଣ କରିଛନ୍ତି । ଏ ଦେଶରେ ସେମାନଙ୍କର ଢେର ଲୋକଙ୍କ ଭିତରେ ଖୁବ୍ ପ୍ରବେଶ କରିଛି; କିନ୍ତୁ ରକ୍ଷଣଶୀଳ ଖ୍ରୀଷ୍ଟିଆନ୍‌ମାନେ ତାଙ୍କୁ ପସନ୍ଦ କରନ୍ତି ନାହିଁ । ତାହା ତ ସେମାନଙ୍କର ହିଁ ଭୁଲ । ୬କୋଟି ୩୦ ଲକ୍ଷ ଲୋକଙ୍କ ମଧ୍ୟରେ କେବଳ ଏକ କୋଟି ନବେ ଲକ୍ଷ ଲୋକ ଖ୍ରୀଷ୍ଟଧର୍ମର କୌଣସି ନା କୌଣସି ଶାଖାର ଅନ୍ତର୍ଭୁକ୍ତ । ଖ୍ରୀଷ୍ଟିଆନ୍‌ମାନେ ବାକି ଲୋକମାନଙ୍କୁ କୌଣସି ପ୍ରକାର ଧର୍ମ ଦେଇପାରନ୍ତି ନାହିଁ । ଯେଉଁମାନଙ୍କର ସ୍ୱଭାବରେ କୌଣସି ଧର୍ମ ନାହିଁ, ଥିଓସଫିଷ୍ଟମାନେ ଯଦି ତାଙ୍କୁ କୌଣସି ନା କୌଣସି ପ୍ରକାରେ ଧର୍ମ ଦେବାରେ କୃତକାର୍ଯ୍ୟ ହୁଅନ୍ତି, ସେଥିରେ ରକ୍ଷଣଶୀଳମାନଙ୍କର ଆପତ୍ତିର କାରଣ କ'ଣ, ତାହା ବୁଝିପାରୁ ନାହିଁ; କିନ୍ତୁ ଖାଣ୍ଟି ରକ୍ଷଣଶୀଳ ଖ୍ରୀଷ୍ଟଧର୍ମ ଏ ଦେଶରୁ ଦ୍ରୁତଗତିରେ ଉଠି-ଯାଉଛି । ଏଠାରେ ଖ୍ରୀଷ୍ଟଧର୍ମର ଯେଉଁ ରୂପ ଦେଖିବାକୁ ମିଳେ, ତାହା ଭାରତର ଖ୍ରୀଷ୍ଟଧର୍ମଠାରୁ ଏତେ ତଫାତ୍ ଯେ, କହିହେବ ନାହିଁ । ଧର୍ମପାଳ, ତୁମେ ଶୁଣି ଆଶ୍ଚର୍ଯ୍ୟ ହେବ ଯେ, ଏ ଦେଶରେ ଏପିସ୍କୋପାଲ,[1] ଏପରିକି ପ୍ରେସବିଟେରିଆନ୍[2] ଚର୍ଚ୍ଚର ଧର୍ମଗୁରୁଙ୍କ ମଧ୍ୟରେ ମୋର ଅନେକ ବନ୍ଧୁ ଅଛନ୍ତି । ସେମାନେ ତୁମରି ପରି ଉଦାର, ପୁଣି ସେମାନଙ୍କର ଧର୍ମକୁ ଅକପଟ ଭାବରେ ବିଶ୍ୱାସ କରନ୍ତି । ପ୍ରକୃତ ଧାର୍ମିକ ଲୋକ ସର୍ବଦା ହିଁ ଉଦାର ହୋଇଥାଆନ୍ତି । ତାଙ୍କ ଭିତରେ ଯେଉଁ ପ୍ରେମ ଥାଏ, ତଦ୍ୱାରା ସେମାନେ ବାଧ୍ୟ ହୋଇ ଉଦାର ହୋଇଥାଆନ୍ତି । କେବଳ ଯେଉଁମାନଙ୍କ ପକ୍ଷରେ ଧର୍ମ ଏକ ବ୍ୟବସାୟ ମାତ୍ର, ସେମାନେ ହିଁ ଧର୍ମ ଭିତରକୁ ସଂସାରର ଝଗଡ଼ା, ବିବାଦ, ସ୍ୱାର୍ଥପରତା ଆଣି ବ୍ୟବସାୟବୁଦ୍ଧିରୁ ଏପରି ସଂକୀର୍ଣ୍ଣ ଓ ଅନିଷ୍ଟକାରୀ ହେବାକୁ ବାଧ୍ୟ ହୁଅନ୍ତି ।

ତୁମର ଚିର ଭ୍ରାତୃପ୍ରେମାବଦ୍ଧ, ବିବେକାନନ୍ଦ

---

୧ ଏପିସ୍କୋପାଲ ଚର୍ଚ୍ଚ—ଯେଉଁଥିରେ ଶାସନଭାର ବିଶପଗଣଙ୍କ ହାତରେ ନ୍ୟସ୍ତ ଥାଏ । ଏମାନଙ୍କ ଅଧୀନରେ ଆଉ ଦୁଇ ଧରଣର ଯାଜକ ଥାଆନ୍ତି ।

୨ ପ୍ରେସ୍‌ବିଟେରିଆନ୍ ଚର୍ଚ୍ଚ— ଯେଉଁଥିରେ ଶାସନଭାର ସମାନପଦସ୍ଥ ଯାଜକଗଣଙ୍କ ହାତରେ ନ୍ୟସ୍ତ ଥାଏ ।

୧୫୨ ଇଂ

ନ୍ୟୁୟର୍କ ଆମେରିକା, ୧୮୯୪

ପ୍ରିୟ ଆଲସିଙ୍ଗା,

ଗୋଟିଏ ପୁରୁଣା ଗଳ୍ପ ଶୁଣ । ଜଣେ ଲୋକ ରାସ୍ତାରେ ଚାଲୁ ଚାଲୁ ଜଣେ ବୁଢ଼ାକୁ ନିଜ ଦୁଆରମୁହଁ ପାଖରେ ବସି ରହିଥିବା ଦେଖି ସେହିଠାରେ ଠିଆ ହୋଇ ତାକୁ ପଚାରିଲା—'ଭାଇ, ଅମୁକ ଗ୍ରାମଟା ଏଠାରୁ କେତେ ଦୂର ?' ବୁଢ଼ା ଜଣକ କୌଣସି ଜବାବ ଦେଲା ନାହିଁ । ସେତେବେଳେ ପଥିକ ବାରମ୍ବାର ପଚାରିବାକୁ ଲାଗିଲା; କିନ୍ତୁ ବୁଢ଼ା ତଥାପି ଚୁପ୍ ରହିଲା । ପଥିକ ସେତେବେଳେ ବିରକ୍ତ ହୋଇ ପୁଣି ରାସ୍ତାକୁ ଯାଇ ଚାଲିବାକୁ ଉଦ୍ୟମ କଲା । ସେତେବେଳେ ବୁଢ଼ା ଠିଆ ହୋଇ ପଥିକଙ୍କୁ ସମ୍ବୋଧନ କରି କହିଲା, 'ଆପଣ ଅମୁକ ଗ୍ରାମର କଥା ପଚାରୁଥିଲେ, ସେଇଟା ମାଇଲିଏ ଖଣ୍ଡେ ହେବ ।' ତତ୍ପରେ ପଥିକ ତାହାକୁ କହିଲା, 'ତୁମକୁ ଏହି ଟିକକ ଆଗରୁ କେତେଥର ପଚାରିଲି, ସେତେବେଳେ ତ ତୁମେ ପଦେ ହେଲେ କଥା କହିଲ ନାହିଁ ଏବେ ଯେ କହିଲ, ତା'ର କାରଣ କ'ଣ ?' ସେତେବେଳେ ବୁଢ଼ା କହିଲା, 'ଠିକ୍ କଥା; କିନ୍ତୁ ପ୍ରଥମେ ଯେତେବେଳେ ପଚାରିଥିଲେ, ସେତେବେଳେ ଚୁପ୍‌ଚାପ୍ ହୋଇ ଠିଆ ହୋଇଥିଲେ, ଆପଣଙ୍କ ମତିଗତି ଦେଖି ଆପଣଙ୍କର ଯେ ଯିବା ପାଇଁ ଇଚ୍ଛା ଅଛି, ତାହା ମନେହେଉ ନ ଥିଲା, ବର୍ତ୍ତମାନ ଚାଲିବାକୁ ଆରମ୍ଭ କରିଛନ୍ତି, ତେଣୁ ଆପଣଙ୍କୁ କହିଲି ।'

ହେ ବତ୍ସ, ଏ ଗଳ୍ପଟିକୁ ମନେରଖ । କାର୍ଯ୍ୟ ଆରମ୍ଭ କରିଦିଅ, ବାକିସବୁ ଆପେ ଆପେ ହୋଇଯିବ । ଗୀତାରେ ଭଗବାନ କହିଛନ୍ତି—

ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ ।
ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ ॥

ଅର୍ଥାତ୍, ଯେ ଆଉ କାହା ଉପରେ ନିର୍ଭର ନ କରି କେବଳ ମୋ ଉପରେ ନିର୍ଭର କରିଥାଆନ୍ତି, ତାଙ୍କର ଯାହା କିଛି ଦରକାର, ମୁଁ ସବୁ ଯୋଗାଇଦିଏ ।

ଭଗବାନଙ୍କର ଏ କଥାଟା ତ ଆଉ ସ୍ୱପ୍ନ ବା କବିକଳ୍ପନା ନୁହେଁ ?

ପ୍ରଥମ କଥା ହେଉଛି, ମୁଁ ସମୟେ ସମୟେ ତୁମ ପାଖକୁ ଅଳ୍ପସ୍ୱଳ୍ପ କରି ଟଙ୍କା ପଠାଇବି । କାରଣ, ପ୍ରଥମେ କଲିକତାକୁ ମଧ୍ୟ ମୋତେ ଏପରି କିଛି କିଛି, ବରଂ ମାନ୍ଦ୍ରାଜଠାରୁ କିଛି ବେଶୀ ଟଙ୍କା ପଠାଇବାକୁ ପଡ଼ିବ । ସେଠାର ଆନ୍ଦୋଳନ ମୋ ଉପରେ ନିର୍ଭର କରି, କେବଳ ଯେ ଆରମ୍ଭ ହୋଇଛି ତାହା ନୁହେଁ, ଉଦ୍ଦାମ ବେଗରେ ଚାଲିଛି । ସେମାନଙ୍କୁ ଆଗ ଦେଖିବାକୁ ହେବ । ଦ୍ୱିତୀୟତଃ କଲିକତା ଅପେକ୍ଷା ମାନ୍ଦ୍ରାଜରେ ସାହାଯ୍ୟ-ଲାଭର ଆଶା ଅଧିକ । ମୋର ଇଚ୍ଛା—ଏ ଦୁଇଟି କେନ୍ଦ୍ର ମିଳିମିଶି କାର୍ଯ୍ୟ କରନ୍ତୁ । ବର୍ତ୍ତମାନ କିଛି ପୂଜା, ପାଠ, ପ୍ରଚାର—ଏହିପରି ଭାବରେ ହିଁ କାମ ଆରମ୍ଭ କରିବାକୁ ପଡ଼ିବ । ସମସ୍ତେ ଏକାଠି ହେବା ପାଇଁ ଗୋଟିଏ ସ୍ଥାନ ଠିକ୍ କର, ସେଠାରେ ପ୍ରତି ସପ୍ତାହରେ କୌଣସି ପ୍ରକାରେ ସାମାନ୍ୟ ପୂଜା ଅର୍ଚ୍ଚନା କର, ସଭାଷ୍ୟ ଉପନିଷଦ୍ ପାଠ ହେଉ—ଏହିପରି ଆସ୍ତେ

ଆସ୍ତେ କାମ ଆରମ୍ଭ କରିଦିଅ । ଥରେ ଚକରେ ହାତ ଦିଅ ଦେଖି—ଚକଟି ଠିକ୍ ଘୂରିଯିବ ।

ମୁଁ 'ମିରର୍'ରେ ଅଭିନନ୍ଦନଟା ଛପା ହୋଇଥିବା ଦେଖିଲି । ସେମାନେ ଯେ ଏଇଟାକୁ ଭଲଭାବରେ ନେଇଛନ୍ତି, ସୁଖର କଥା । ଯାହାର ଶେଷ ଭଲ, ତା'ର ସବୁ କିଛି ଭଲ ।

ଏବେ କାମରେ ଲାଗ ଦେଖି । ଜି.ଜି.ର ପ୍ରକୃତିଟା ଭାବପ୍ରବଣ, ତୁମ ମୁଣ୍ଡ ଥଣ୍ଡା—ଦୁହେଁ ଏକାଠି ମିଳି ମିଶି କାର୍ଯ୍ୟ କର । ଝାମ୍ପ ଦିଅ—ଏଇ ତ ମାତ୍ର ଆରମ୍ଭ ! ଆମେରିକାର ଟଙ୍କାରେ ହିନ୍ଦୁଧର୍ମର ପୁନରୁଜ୍ଜୀବନର ଆଶା ଅସମ୍ଭବ—ପ୍ରତ୍ୟେକ ଜାତିକୁ ନିଜେ ନିଜକୁ ଉଦ୍ଧାର କରିବାକୁ ହେବ । ମହୀଶୂରର ମହାରାଜା, ରାମନାଦର ରାଜା ଏବଂ ଅନ୍ୟାନ୍ୟ କେତେ ଜଣଙ୍କୁ ଏ କାମ ପ୍ରତି ସହାନୁଭୂତିସମ୍ପନ୍ନ କରିବାକୁ ଚେଷ୍ଟା କର । ଭଟ୍ଟାଚାର୍ଯ୍ୟ ସହିତ ପରାମର୍ଶ କରି କାମ ଆରମ୍ଭ କରିଦିଅ । ମାନ୍ଦ୍ରାଜରେ ଗୋଟିଏ ଜାଗା ନେବାକୁ ଚେଷ୍ଟା କର—ଗୋଟିଏ କେନ୍ଦ୍ର ଯଦି କରାଯାଇପାରେ, ତାହା ଏକ ବଡ଼ କଥା ହେବ—ତା'ପରେ ସେଠାରୁ ବିସ୍ତାର କର । ଧୀରେ ଧୀରେ କାମ ଆରମ୍ଭ କର—ପ୍ରଥମେ କେତେଜଣ ଗୃହସ୍ଥ ପ୍ରଚାରକଙ୍କୁ ନେଇ ଆରମ୍ଭ କର—କ୍ରମଶଃ ଏପରି ଲୋକ ପାଇବ, ଯେଉଁମାନେ ଏ କାମ ପାଇଁ ସାରା ଜୀବନ ଉତ୍ସର୍ଗ କରିଦେବେ । କାହାରି ଉପରେ ହୁକୁମ୍ ଚଳାଇବାକୁ ଚେଷ୍ଟା କର ନାହିଁ—ଯେଉଁ ବ୍ୟକ୍ତି ଅପରର ସେବା କରିପାରେ, ସେ କେବଳ ଯଥାର୍ଥ ସର୍ଦ୍ଦାର ହୋଇପାରେ । ଯେଉଁଦିନ ପର୍ଯ୍ୟନ୍ତ ଜୀବନ ଯାଇ ନାହିଁ, ଅକପଟ ଭାବରେ କାମରେ ଲାଗି ରହ । ଆମେ କାମ ଚାହୁଁ—କାମ, ଯଶ ଓ ଟଙ୍କା ପଇସା କିଛି ଚାହୁଁ ନାହୁଁ । କାମର ଆରମ୍ଭଟା ଯେତେବେଳେ ଏତେ ସୁନ୍ଦର ହୋଇଛି, ସେତେବେଳେ ତୁମେମାନେ ଯଦି କିଛି କରି ନ ପାରିବ, ତା' ହେଲେ ତୁମମାନଙ୍କ ଉପରେ ମୋର ଆଉ ତିଳେ ହେଲେ ବିଶ୍ୱାସ ରହିବ ନାହିଁ । ଆମ-ମାନଙ୍କର ଆରମ୍ଭ ବେଶ୍ ସୁନ୍ଦର ହୋଇଛି । ଭରସାରେ ଛାତି ଦୃଢ଼ କର । ଜି. ଜି.କୁ ତ ତା'ର ପରିବାରର ଭରଣପୋଷଣ ପାଇଁ କିଛି କରିବାକୁ ହୁଏ ନାହିଁ—ମାନ୍ଦ୍ରାଜରେ ଗୋଟିଏ ଜାଗା ପାଇଁ ଯେପରି କିଛି ଟଙ୍କାର ଯୋଗାଡ଼ ହୁଏ, ସେଥିପାଇଁ ଲୋକଙ୍କୁ ସେ ଟିକିଏ ମତାଉ ନାହିଁ କାହିଁକି ? ମାନ୍ଦ୍ରାଜରେ ଗୋଟାଏ କେନ୍ଦ୍ର ହୋଇଗଲେ, ତା'ପରେ ଧୀରେଧୀରେ କାର୍ଯ୍ୟକ୍ଷେତ୍ର ବିସ୍ତାର କରୁଥିଅ । ବର୍ତ୍ତମାନ ସପ୍ତାହକେ ଥରେ ଏକତ୍ର ହେବା—ଟିକିଏ ସ୍ତବ ହେଲା, ସାମାନ୍ୟ ଶାସ୍ତ୍ର ପାଠ ହେଲା—ସେତିକି ହେଲେ ହିଁ ଯଥେଷ୍ଟ । ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ହୁଅ—ତା' ହେଲେ ସିଦ୍ଧି ନିଶ୍ଚିତ ।

ନିଜ ନିଜ କାମରେ ସ୍ୱାଧୀନତା ନ ହରାଇ କଲିକତାସ୍ଥ ଭ୍ରାତୃବର୍ଗଙ୍କ ଉପରେ ଶ୍ରଦ୍ଧା ଭକ୍ତି ପ୍ରଦର୍ଶନ କରିବ—କାରଣ ସେମାନେ ଯେ ସନ୍ନ୍ୟାସୀ ।

କାର୍ଯ୍ୟସିଦ୍ଧି ଲାଗି ନିଆଁରେ ଝାମ୍ପ ଦେବା ପାଇଁ ମୋର ପିଲାଙ୍କୁ ପ୍ରସ୍ତୁତ ରହିବାକୁ ହେବ । ବର୍ତ୍ତମାନ କେବଳ କାମ, କାମ, କାମ—କିଛିବର୍ଷ ପରେ ସମସ୍ତେ ସ୍ଥିର ହୋଇ—କିଏ କେତେ କାମ କରିଛି, ତାହା ତୁଳନା କରି ଦେଖିହେବ । ଧୈର୍ଯ୍ୟ, ଅଧ୍ୟବସାୟ ଓ

ପବିତ୍ରତା ଦରକାର ।

... ମୁଁ ବର୍ତ୍ତମାନ ହିନ୍ଦୁଧର୍ମ ସମ୍ପର୍କରେ କୌଣସି ବହି ଲେଖୁ ନାହିଁ । ଏବେ ନିଜର ଭାବଗୁଡ଼ାକ ଟିପି ଯାଉଛି ମାତ୍ର—ଜାଣେ ନାହିଁ, କେବେ ସେସବୁକୁ ପୁସ୍ତକାକାରରେ ନିବଦ୍ଧ କରି ପ୍ରକାଶ କରିବି ।

ବହିରେ ବା ଅଛି କଅଣ ? ଜଗତଟା ତ ଇତିମଧ୍ୟରେ ନାନା ବାଜେ ବହିରୂପକ ଆବର୍ଜ୍ଜନା-ସ୍ତୂପରେ ପୂରିଗଲଣି । କାଗଜଟା ପ୍ରକାଶ କରିବାକୁ ଚେଷ୍ଟା କର, ସେଥିରେ କାହାରିକୁ ସମାଲୋଚନା କରିବା ଦରକାର ନାହିଁ । ତୁମର ଯଦି କିଛି ଭାବ ଦେବାର ଥାଏ, ତାହା ଶିକ୍ଷା ଦିଅ, ସେଥିରୁ ଅଧିକ ଅଗ୍ରସର ହୁଅ ନାହିଁ । ତୁମର ଯାହା ଭାବ ଦେବାକୁ ଅଛି ଦେଇଯାଅ, ବାକି ପ୍ରଭୁ ଜାଣନ୍ତି । ମିଶନାରୀମାନଙ୍କୁ ଏଠାରେ କିଏ ଗ୍ରାହ୍ୟ କରେ ? ସେମାନେ ବହୁତ ପାଟିତୁଣ୍ଡ କରି ବର୍ତ୍ତମାନ ଚୁପ୍ ରହିଛନ୍ତି, ସେମାନଙ୍କର ନିନ୍ଦାବାଦକୁ ମୁଁ ଭ୍ରୂକ୍ଷେପ କରେ ନାହିଁ ଏବଂ ତା' ଫଳରେ ମୋ ଉପରେ ସାଧାରଣଙ୍କ ଧାରଣା ଭଲ ହୋଇଛି । ମୋ ପାଖକୁ ଆଉ ଖବରକାଗଜ ପଠାଇବ ନାହିଁ—ଯଥେଷ୍ଟ ଆସିଛି । କାମଟା ଯେପରି ଚାଲିବ, ସେଥିପାଇଁ ଟିକିଏ ପ୍ରଚାର ହେବା ଦରକାର ପଡ଼ିଥିଲା—ଖୁବ୍ ହୋଇଯାଇଛି । ଦେଖ, ଅନ୍ୟାନ୍ୟ ଦଳଗୁଡ଼ିକ କିପରି ପ୍ରାୟ ବିନା ଭିତ୍ତିରେ ହିଁ ଗଢି ଉଠିଛନ୍ତି । ଆଉ ତୁମମାନଙ୍କର ଏପରି ସୁନ୍ଦର ଆରମ୍ଭ ସତ୍ତ୍ୱେ ତୁମେମାନେ ଯଦି କିଛି କରି ନ ପାରିବ, ତା'ହେଲେ ମୁଁ ଅତ୍ୟନ୍ତ ନିରାଶ ହେବି । ତୁମେସବୁ ଯଦି ମୋ ସନ୍ତାନ ହୋଇଥାଅ, ତା' ହେଲେ କଦାପି ଭୟ କରିବ ନାହିଁ, କେହି ତୁମର ଗତିରୋଧ କରିପାରିବ ନାହିଁ । ତୁମେସବୁ ସିଂହ ତୁଲ୍ୟ ହେବ । ଭାରତକୁ - ସମଗ୍ର ଜଗତକୁ ଜାଗ୍ରତ କରିବାକୁ ପଡ଼ିବ । ନ କଲେ ଚଳିବ ନାହିଁ, କାପୁରୁଷତା ଚଳିବ ନାହିଁ—ବୁଝିଲ ? ମୃତ୍ୟୁ ପର୍ଯ୍ୟନ୍ତ ଅବିଚଳିତ ଭାବରେ ଲାଗିପଡ଼ି ମୁଁ ଯେଉଁଳି ଦେଖାଉଛି—ସେପରି କରିଯାଅ, ତା'ହେଲେ ତୁମର ସିଦ୍ଧି ନିଶ୍ଚିତ । ଅସଲ କଥା ହେଉଛି ଗୁରୁଭକ୍ତି, ମୃତ୍ୟୁ ପର୍ଯ୍ୟନ୍ତ ଗୁରୁଙ୍କ ଉପରେ ବିଶ୍ୱାସ । ଏହା କଅଣ ତୁମର ଅଛି ? ଯଦି ଥାଏ, ଏବଂ ମୁଁ ସର୍ବାନ୍ତଃକରଣରେ ବିଶ୍ୱାସ କରେଁ ଯେ ଅଛି—ତା' ହେଲେ ତୁମେ ଜାଣିରଖ ଯେ, ତୁମ ଉପରେ ମୋର ସମ୍ପୂର୍ଣ୍ଣ ଆସ୍ଥା ରହିଛି । ଅତଏବ କାମରେ ଲାଗିଯାଅ, ତୁମର ସିଦ୍ଧି ନିଶ୍ଚିତ । ପ୍ରତି ପଦକ୍ଷେପରେ ମୋର ଶୁଭେଚ୍ଛା ଓ ଆଶୀର୍ବାଦ ତୁମମାନଙ୍କ ସଙ୍ଗେ ସଙ୍ଗେ ରହିବ । ମିଳିମିଶି କାମ କର, ସମସ୍ତଙ୍କ ସହିତ ବ୍ୟବହାରରେ ପରମ ସହିଷ୍ଣୁ ହୁଅ । ସମସ୍ତଙ୍କୁ ମୋର ସ୍ନେହ ଜଣାଇବ—ମୁଁ ସର୍ବଦା ତୁମମାନଙ୍କର ଗତିବିଧି ପ୍ରତି ଲକ୍ଷ୍ୟ ରଖୁଛି, ଆଗେଇ ଯାଅ, । ଏଇ ତ ମାତ୍ର ଆରମ୍ଭ । ଏଠାରେ ଟିକିଏ ମାତ୍ର ପାଟିତୁଣ୍ଡ ହେଲେ, ଭାରତରେ ତା'ର ପ୍ରବଳ ପ୍ରତିଧ୍ୱନି ସୃଷ୍ଟି ହୁଏ । ବୁଝିଲ ? ତେଣୁ ତରବର ହୋଇ ଏଠାରୁ ମୋର ଚାଲିଯିବା ଦରକାର ନାହିଁ । ମୋତେ ଏଠାରେ ସ୍ଥାୟୀ ଗୋଟାଏ କିଛି କରିଯିବାକୁ ପଡ଼ିବ—ତାହା ମୁଁ ବର୍ତ୍ତମାନ ଧୀରେ ଧୀରେ କରୁଛି । ଦିନକୁ ଦିନ ମୋ ପ୍ରତି ଏଠା ଲୋକଙ୍କର ବିଶ୍ୱାସ ବଢ଼ୁଛି । ତୁମମାନଙ୍କ ବକ୍ଷର ଆକାର ଖୁବ୍ ବଢ଼ିଯାଉ । ସଂସ୍କୃତ ଭାଷା, ବିଶେଷତଃ ବେଦାନ୍ତର ତିନୋଟି ଭାଷ୍ୟ ଅଧ୍ୟୟନ କର । ପ୍ରସ୍ତୁତ ହୋଇ ଥାଅ । ଅନେକ

ପ୍ରକାର କାମ କରିବା ପାଇଁ ମୋର ମତଲବ୍ ଅଛି । ଉଦ୍ଦୀପନାମୟୀ ବକ୍ତୃତା ଯେପରି ଦେଇ ପାରିବ, ତା' ପାଇଁ ଚେଷ୍ଟା କର । ଯଦି ତୁମର ବିଶ୍ୱାସ ଥାଏ, ତା'ହେଲେ ତୁମର ସବୁ ଶକ୍ତି ଆସିବ । କିଡ଼ିଙ୍କୁ ଏବଂ ସେଠାର ମୋର ସମସ୍ତ ସନ୍ତାନଙ୍କୁ ଏକଥା କହିବ । ସେମାନେ ସମସ୍ତେ ବଡ଼ ବଡ଼ କାମ କରିବେ—ଦୁନିଆ ତାହା ଦେଖି ଅବାକ୍ ହୋଇଯିବ । ବୁକୁରେ ଭରସା ବାନ୍ଧି କାମ କରିଯାଅ । ତୁମେମାନେ କିଛି କରି ମୋତେ ଦେଖାଅ, ମୋତେ ଗୋଟିଏ ମନ୍ଦିର, ଗୋଟିଏ ଛାପାଖାନା, ଖଣ୍ଡିଏ କାଗଜ, ଏବଂ ମୋର ରହିବା ଲାଗି ଗୋଟିଏ ଘର କରି ମୋତେ ଦେଖାଅ । ଯଦି ମାନ୍ଦ୍ରାଜରେ ମୋ ପାଇଁ ଗୋଟିଏ ଘର କରି ନ ପାର, ତା' ହେଲେ ସେଠାକୁ ଯାଇ ରହିବି କେଉଁଠି ? ଲୋକଙ୍କ ଭିତରେ ବିଦ୍ୟୁତ୍‌ବେଗରେ ଶକ୍ତି ସଞ୍ଚାର କର । ଟଙ୍କା ଓ ପ୍ରଚାରକ ଯୋଗାଡ଼ କର । ତୁମେମାନେ ଜୀବନରେ ଯେଉଁ ବ୍ରତ କରିଛ, ସେଥିରେ ଦୃଢ଼ଭାବରେ ଲାଗି ରହ । ଏପର୍ଯ୍ୟନ୍ତ ଯାହା କରିଛ, ଖୁବ୍ ଭଲ ହୋଇଛି—ଆହୁରି ଭଲ କାମ କର—ତା'ଠାରୁ ମଧ୍ୟ ଅଧିକ ଭଲ କାମ କର—ଏହିପରି ଆଗେଇ ଚାଲ, ଆଗେଇ ଚାଲ । ମୋର ନିଶ୍ଚିତ ବିଶ୍ୱାସ, ଏହି ପତ୍ରର ଉତ୍ତରରେ ତୁମେ ଲେଖିବ ଯେ, ତୁମେମାନେ କିଛି କରିଛ । କାହା ସହିତ ବିବାଦ କର ନାହିଁ, କାହା ବିରୋଧରେ ଲାଗ ନାହିଁ । ରାମ, ଶ୍ୟାମ ଖ୍ରୀଷ୍ଟିଆନ୍ ହୋଇଯାଉଛନ୍ତି, ସେଥିରେ ମୋର କ'ଣ ଯାଏ ଆସେ ? ସେମାନଙ୍କର ଯାହା ଖୁସି, ତାହା କରନ୍ତୁ ନା । କାହିଁକି ବିବାଦ ବିସମ୍ବାଦ ଭିତରକୁ ଯିବ ? ଯାହାର ଯେଉଁ ଭାବ ହେଉ ନା କାହିଁକି, ସମସ୍ତଙ୍କର ସବୁ କଥା ଧୀର ଭାବରେ ସହ୍ୟ କର । ଧୈର୍ଯ୍ୟ, ପବିତ୍ରତା ଓ ଅଧ୍ୟବସାୟର ଜୟ ହେବ । ଇତି

ତୁମମାନଙ୍କର, ବିବେକାନନ୍ଦ

୧୫୩।ଇଂ (ଖେତଡ଼ିର ମହାରାଜାଙ୍କୁ ଲିଖିତ)

ଆମେରିକା, ୧୮୯୪

...ଜନୈକ ସଂସ୍କୃତ କବି କହିଛନ୍ତି—'ନ ଗୃହଂ ଗୃହମିତ୍ୟାହୁର୍ଗୃହିଣୀ ଗୃହମୁଚ୍ୟତେ' —ଘରକୁ ଘର କୁହାଯାଏ ନାହିଁ, ଘରଣୀକୁ ହିଁ ଘର କୁହାଯାଏ, ଏହା କେତେ ସତ୍ୟ ! ଯେଉଁ ଗୃହଚ୍ଛାତ ତୁମକୁ ଶୀତ ଗ୍ରୀଷ୍ମ ବର୍ଷାରୁ ରକ୍ଷା କରିଥାଏ, ତାହାର ଦୋଷଗୁଣ ବିଚାର କରିବାକୁ ହେଲେ, ତାହା ଯେଉଁ ସ୍ତମ୍ଭଗୁଡ଼ିକ ଉପରେ ଦଣ୍ଡାୟମାନ, ତାହାକୁ ଦେଖିଲେ ଚଳିବ ନାହିଁ—ହେଉନା ସେସମସ୍ତ ଯେତେ ମନୋହର କାରୁକାର୍ଯ୍ୟମୟ 'କରିନ୍ଥିୟାନ୍' ସ୍ତମ୍ଭ । ତାହାର ବିଚାର କରିବାକୁ ହେବ ତାହାର କେନ୍ଦ୍ରସ୍ଥାନସ୍ଥ ସେହି ଚୈତନ୍ୟମୟ ପ୍ରକୃତ ସ୍ତମ୍ଭଦ୍ୱାରା—ଯାହା ଗୃହସ୍ଥଲୀର ପ୍ରକୃତ ଅବଲମ୍ବନ—ମୁଁ ନାରୀଗଣଙ୍କ କଥା କହୁଛି । ସେହି ଆଦର୍ଶଦ୍ୱାରା ବିଚାର କଲେ ଆମେରିକାର ପାରିବାରିକ ଜୀବନ ପୃଥିବୀର ଯେକୌଣସି ସ୍ଥାନର ପାରିବାରିକ ଜୀବନ ସହିତ ତୁଳନାରେ ମ୍ଳାନପ୍ରଭ ହେବ ନାହିଁ ।

ମୁଁ ଆମେରିକାର ପାରିବାରିକ ଜୀବନ ସମ୍ପର୍କରେ ବହୁ ବାଜେ ଗଳ୍ପ ଶୁଣିଛି—ଶୁଣିଛି, ସେଠାରେ ନାରୀମାନଙ୍କ ଚାଲିଚଳନ କୁଆଡ଼େ ନାରୀଜନୋଚିତ ନୁହେଁ, ସେମାନେ କୁଆଡ଼େ ସ୍ୱାଧୀନତା-ତାଣ୍ଡବରେ ଉନ୍ମତ୍ତ ହୋଇ ପାରିବାରିକ ଜୀବନର ସମସ୍ତ ସୁଖଶାନ୍ତି

ପରିକଳ୍ପିତ କରି ଚୂର୍ଣ୍ଣବିଚୂର୍ଣ୍ଣ କରିପକାନ୍ତି ଏବଂ ଏପ୍ରକାର ଆହୁରି ଅନେକ ମନଗଢ଼ା କଥା ଶୁଣିଛୁ । କିନ୍ତୁ ବର୍ତ୍ତମାନ ବର୍ଷେକାଳ ଆମେରିକାର ପରିବାର ଓ ସେଠାର ନାରୀଗଣଙ୍କ ସମ୍ପର୍କରେ ଅଭିଜ୍ଞତା ଲାଭ କରି ଦେଖିଛୁ ଯେ, ଏ ପ୍ରକାର ମତାମତ ଉପରି ସମ୍ପୂର୍ଣ୍ଣ ଅମୂଳକ ଓ ଭ୍ରାନ୍ତ । ଆମେରିକାବାସିନୀ ନାରୀଗଣ ! ତୁମମାନଙ୍କର ଋଣ ମୁଁ ଶତଜନ୍ମରେ ମଧ୍ୟ ପରିଶୋଧ କରିପାରିବି ନାହିଁ । ତୁମମାନଙ୍କ ପ୍ରତି ମୋର କୃତଜ୍ଞତା ମୁଁ ଭାଷାରେ ପ୍ରକାଶ କରିପାରୁ ନାହିଁ । ପ୍ରାଚ୍ୟ ଅତିଶୟୋକ୍ତି ହିଁ ପ୍ରାଚ୍ୟ ମାନବର ସୁଗଭୀର କୃତଜ୍ଞତାଜ୍ଞାପନର ଏକମାତ୍ର ଉପଯୁକ୍ତ ଭାଷା —

> 'ଅସିତଗିରିସମଂ ସ୍ୟାତ୍ କଜ୍ଜଳଂ ସିନ୍ଧୁପାତ୍ରେ
> ସୁରତରୁବରଶାଖା ଲେଖନୀ ପତ୍ରମୁର୍ବୀ ।
> ଲିଖତି ଯଦି ଗୃହୀତ୍ୱା ସାରଦା ସର୍ବକାଳଂ—*

'ଯଦି ସାଗର ମସୀପାତ୍ର, ହିମାଳୟ-ପର୍ବତ ମସୀ, ପାରିଜାତ-ଶାଖା ଲେଖନୀ, ପୃଥିବୀ ପତ୍ର ହୁଏ ଏବଂ ସ୍ୱୟଂ ସରସ୍ୱତୀ ଲେଖିକା ହୋଇ ଅନନ୍ତ କାଳଧରି ଲେଖନ୍ତି', ତଥାପି ଏମେସ୍ତ ତୁମମାନଙ୍କ ପ୍ରତି ମୋର କୃତଜ୍ଞତା ପ୍ରକାଶ କରିବାରେ ଅସମର୍ଥ ହେବ ।

ଗତ ବର୍ଷ ଗ୍ରୀଷ୍ମକାଳରେ ମୁଁ ଏକ ବହୁ ଦୂର ଦେଶରୁ ଆଗତ, ନାମ-ଯଶ-ଧନ-ବିଦ୍ୟାହୀନ, ବନ୍ଧୁହୀନ, ପ୍ରାୟ କପର୍ଦ୍ଦକଶୂନ୍ୟ, ପରିବ୍ରାଜକ ପ୍ରଚାରକଭାବରେ ଏ ଦେଶକୁ ଆସେ । ସେହି ସମୟରେ ଆମେରିକାର ନାରୀଗଣ ମୋତେ ସାହାଯ୍ୟ କରନ୍ତି, ଆହାର ଓ ଆଶ୍ରୟ ଦିଅନ୍ତି, ନିଜ ନିଜ ଘରକୁ ନେଇଯାଆନ୍ତି, ଏବଂ ମୋତେ ସେମାନଙ୍କର ପୁତ୍ରରୂପେ, ସହୋଦରରୂପେ ଯତ୍ନ କରନ୍ତି । ଯେତେବେଳେ ତାଙ୍କର ନିଜ ଯାଜକକୁଳ ଏହି 'ବିପଜ୍ଜନକ ବିଧର୍ମୀ'କୁ ତ୍ୟାଗ କରିବା ଲାଗି ସେମାନଙ୍କୁ ପ୍ରବୃତ୍ତ କରିବାକୁ ଚେଷ୍ଟା କରୁଥିଲେ, ଯେଉଁ ସମୟରେ ତାଙ୍କର ସର୍ବାପେକ୍ଷା ଅନ୍ତରଙ୍ଗ ବନ୍ଧୁଗଣ ଏହି 'ଅଜ୍ଞାତକୁଳଶୀଳ ବିଦେଶୀ, ହୁଏତ ସାଙ୍ଘାତିକ ଚରିତ୍ରଯୁକ୍ତ ଲୋକଟିର' ସଙ୍ଗ ତ୍ୟାଗ କରିବାକୁ ଉପଦେଶ ଦେଉଥିଲେ, ସେତେବେଳେ ମଧ୍ୟ ସେମାନେ ମୋର ବନ୍ଧୁଭାବରେ ବିଦ୍ୟମାନ ଥିଲେ । ଏହି ମହାମନା, ନିଃସ୍ୱାର୍ଥ, ପବିତ୍ର ନାରୀଗଣ ହିଁ—ଚରିତ୍ର ଓ ଅନ୍ତଃକରଣ ସମ୍ବନ୍ଧରେ ବିଚାର କରିବାରେ ଦକ୍ଷତର, କାରଣ ନିର୍ମଳ ଦର୍ପଣରେ ହିଁ ଠିକ୍ ପ୍ରତିବିମ୍ବ ପତିତ ହୋଇଥାଏ ।

କେତେ ଶତ ସୁନ୍ଦର ପାରିବାରିକ ଜୀବନ ମୁଁ ଦେଖିଛି; କେତେ ଶତ ଜନନୀ ଦେଖିଛି, ଯାହାଙ୍କ ନିର୍ମଳ ଚରିତ୍ର, ନିଃସ୍ୱାର୍ଥ ଅପତ୍ୟସ୍ନେହର ବର୍ଣ୍ଣନା କରିବା ପାଇଁ ମୋର ଭାଷା ନାହିଁ । କେତେ ଶତ କନ୍ୟା ଓ କୁମାରୀ ଦେଖିଛି, ଯେଉଁମାନେ ଡାଏନା ଦେବୀଙ୍କ ଲଲାଟସ୍ଥ ତୁଷାରକଣିକା ତୁଲ୍ୟ ନିର୍ମଳ—ପୁନଶ୍ଚ ଅତ୍ୟନ୍ତ ଶିକ୍ଷିତା ଏବଂ ସର୍ବବିଧ ମାନସିକ ଓ ଆଧ୍ୟାତ୍ମିକ ଉନ୍ନତି-ସମ୍ପନ୍ନା । ତେବେ କଅଣ ଆମେରିକାର ନାରୀଗଣ ସମସ୍ତେ ଦେବୀସ୍ୱରୂପା ? ତା' ନୁହେଁ, ଭଲ-ମନ୍ଦ ସବୁ ସ୍ଥାନରେ ରହିଛି; କିନ୍ତୁ ଯେଉଁମାନଙ୍କୁ ଆମେ ଅସତ୍ ନାମରେ ଅଭିହିତ କରୁ, ତାହାର ସେହି ଦୁର୍ବଳ ମଣିଷଙ୍କଠାରୁ ସେହି ବିଷୟରେ ଧାରଣା ନେଲେ

---
* ଶିବମହିମ୍ନସ୍ତୋତ୍ର ।

ଚଳିବ ନାହିଁ; କାରଣ, ସେମାନେ ତ ଅଲୋଡ଼ା ଗଛ ପରି ପଶ୍ଚାତ୍‌ରେ ହିଁ ପଡ଼ିଥାଆନ୍ତି । ଯାହା ସତ୍, ଉଦାର ଓ ପବିତ୍ର, ତାହାଦ୍ୱାରା ହିଁ ଜାତିସ୍ଥ ଜୀବନର ନିର୍ମଳ ଓ ସତେଜପ୍ରବାହ ନିରୂପିତ ହୋଇଥାଏ ।

ଗୋଟିଏ ଆପେଲ୍ ଗଛ ଓ ତାହାର ଫଳର ଗୁଣାଗୁଣ ବିଚାର କରିବାକୁ ହେଲେ, ତୁମେ କଅଣ ସମସ୍ତ ଅପକ୍ୱ, ଅପରିଣତ, କୀଟଦଷ୍ଟ ଫଳ—ଯାହା ମାଟିରେ ଇତସ୍ତତଃ ବିକ୍ଷିପ୍ତଭାବରେ ପଡ଼ିଥାଏ— ବେଳେ ବେଳେ ତାହା ସଂଖ୍ୟାରେ ଅଧିକ ହୋଇଥିଲେ ମଧ୍ୟ— ସେଥିର ସାହାଯ୍ୟ ନିଅ ? ଯଦି ଗୋଟିଏ ସୁପକ୍ୱ ଓ ପରିପୁଷ୍ଟ ଫଳ ମିଳେ, ତା'ହେଲେ ସେହି ଗୋଟିକଦ୍ୱାରା ହିଁ ଏ ଆପେଲ୍ ଗଛଟିର ଶକ୍ତି, ସମ୍ଭାବନା ଓ ଉଦ୍ଦେଶ୍ୟ ଅନୁମିତ ହୋଇପାରେ—ଯେଉଁ ଶତ ଶତ ଫଳ ଅପରିଣତ ରହିଯାଇଛି—ତାହାଦ୍ୱାରା ନୁହେଁ ।

ଏହାଛଡ଼ା, ମୁଁ ଆମେରିକାର ଆଧୁନିକ ରମଣୀଗଣଙ୍କ ଉଦାର ମନର ପ୍ରଶଂସା କରେ । ମୁଁ ଏ ଦେଶର ବହୁ ଉଦାରମନା ପୁରୁଷଙ୍କୁ ମଧ୍ୟ ଦେଖିଛି. ସେମାନଙ୍କ ମଧ୍ୟରୁ କେହି କେହି ପୁଣି ଅତ୍ୟନ୍ତ ସଙ୍କୀର୍ଣ୍ଣଭାବାପନ୍ନ ସମ୍ପ୍ରଦାୟଭୁକ୍ତ, ତେବେ ଗୋଟିଏ ପ୍ରଭେଦ ଅଛି— ପୁରୁଷଗଣଙ୍କ ପକ୍ଷରେ ଗୋଟିଏ ବିପଦାଶଙ୍କା ଏହି ଯେ, ସେମାନେ ଉଦାର ହେବାକୁ ଯାଇ ନିଜ ନିଜର ଧର୍ମ ହରାଇ ବସିପାରନ୍ତି; କିନ୍ତୁ ନାରୀଗଣ ଯେଉଁଠାରେ ଯାହା କିଛି ଭଲ ଅଛି, ସେଥିପ୍ରତି ସହାନୁଭୂତିହେତୁ ଏହି ଉଦାରତା ଲାଭ କରିଥାଆନ୍ତି, ଅଥଚ ନିଜ ଧର୍ମରୁ କିନ୍ଦ୍ର ମାତ୍ର ବିଚଳିତ ହୁଅନ୍ତି ନାହିଁ । ସେମାନେ ପ୍ରାଣେ ପ୍ରାଣେ ସ୍ୱତଃ ଅନୁଭବ କରନ୍ତି ଯେ, ଧର୍ମ ଗୋଟିଏ ଇତିବାଚକ (positive) ବ୍ୟାପାର, ନେତିବାଚକ (negative) ନୁହେଁ; ଯୋଗର ବିଷୟ, ବିୟୋଗର ନୁହେଁ ! ସେମାନେ ପ୍ରତିଦିନ ଏହି ସତ୍ୟ ହୃଦୟଙ୍ଗମ କରୁଛନ୍ତି ଯେ, ପ୍ରତ୍ୟେକ ଜିନିଷର ହଁ-ଦିଗଟି, ଇତିବାଚକ ଦିଗଟି ହିଁ ସଞ୍ଚିତ ହୋଇ ରହେ ଏବଂ ପ୍ରକୃତିର ଏହି ଅସ୍ତିବାଚକ—ଏବଂ ଏହି କାରଣରୁ ଗଠନମୂଳକ ଶକ୍ତିଗୁଡ଼ିକର ଏକତ୍ରୀକରଣଦ୍ୱାରା ହିଁ ପୃଥିବୀର ନାସ୍ତିବାଚକ ଅଂଶଗୁଡ଼ିକ ବିନଷ୍ଟ ହୋଇଥାଏ ।

ଚିକାଗୋର ଏହି ବିଶ୍ୱ-ମହାମେଳା କି ଅଦ୍ଭୁତ ବ୍ୟାପାର ! ସେହି ଧର୍ମ-ମହାମେଳା, ଯେଉଁଥିରେ ପୃଥିବୀର ସମସ୍ତ ଦେଶରୁ ଲୋକେ ଆସି ନିଜ ନିଜ ଧର୍ମମତ ବ୍ୟକ୍ତ କରିଥିଲେ, ତାହା ମଧ୍ୟ କି ଅଦ୍ଭୁତ ! ଡକ୍ଟର ବ୍ୟାରୋଜ୍ ଓ ମିଷ୍ଟର ବନିଙ୍କର ଅନୁଗ୍ରହରେ ମୁଁ ମଧ୍ୟ ମୋର ଧାରଣାସମୂହ ସର୍ବସାଧାରଣଙ୍କ ସମକ୍ଷରେ ଉପସ୍ଥାପିତ କରିବାର ସୁଯୋଗ ପାଇଥିଲି ! ମିଷ୍ଟର ବନି କି ଅଦ୍ଭୁତ ଲୋକ ! ଥରେ ଭାବି ଦେଖ ଦେଖି, ସେ କିପ୍ରକାର ଦୃଢ଼ଚେତା ବ୍ୟକ୍ତି, ଯେ ମାନସକ୍ଷେତ୍ରରେ ଏହି ବିରାଟ ଅନୁଷ୍ଠାନଟିର ପରିକଳ୍ପନା କରିଥିଲେ ଏବଂ ଏହାକୁ କାର୍ଯ୍ୟରେ ପରିଣତ କରିବାରେ ମଧ୍ୟ ଅପୂର୍ବ ସଫଳତା ଲାଭ କରିଥିଲେ ! ସେ ପୁଣି ଯାଜକ ନ ଥିଲେ; ସେ ନିଜେ ଜଣେ ଓକିଲ ହୋଇ ମଧ୍ୟ ଯାବତୀୟ ଧର୍ମ-ସମ୍ପ୍ରଦାୟର ପରିଚାଳକମାନଙ୍କ ନେତୃତ୍ୱ ପଦରେ ବିରାଜ କରିଥିଲେ । ସେ ମଧୁର-ସ୍ୱଭାବ, ବିଦ୍ୱାନ୍ ଓ ସହିଷ୍ଣୁ ଥିଲେ—ତାଙ୍କ ହୃଦୟର ଗମ୍ଭୀର ମର୍ମସ୍ପର୍ଶୀ ଭାବସମୂହ ତାଙ୍କ ଉଜ୍ଜ୍ୱଳ ନୟନଯୁଗଳରେ ପରିବ୍ୟକ୍ତ ହେଉଥିଲା ।... ଇତି

ବିବେକାନନ୍ଦ

୧୫୪ ( ସ୍ୱାମୀ ଅଭେଦାନନ୍ଦଙ୍କୁ ଲିଖିତ )

ଆମେରିକା, ୧୮୯୬

ପ୍ରିୟ କାଲୀ,

ତୁମ ପତ୍ରରୁ ସକଳ ସମାଚାର ଜ୍ଞାତ ହେଲି । 'ଟ୍ରିବ୍ୟୁନ୍' ପତ୍ରିକାରେ ଉକ୍ତ ଟେଲିଗ୍ରାଫ୍ ପ୍ରକାଶିତ ହେବାର କୌଣସି ସମ୍ବାଦ ପାଇ ନାହିଁ । ଚିକାଗୋ ନଗର ଛଅମାସ ହେଲି ତ୍ୟାଗ କଲିଣି; ଏବେ ଯିବା ପାଇଁ ଅବକାଶ ନାହିଁ; ତେଣୁ ବିଶେଷ ଖବର ନେଇପାରି ନାହିଁ । ତୁମେ ଅତ୍ୟନ୍ତ ପରିଶ୍ରମ କରିଛ, ସେଥିଲାଗି ତୁମକୁ କଅଣ ଧନ୍ୟବାଦ ବା ଦେବି ? ଅଦ୍ଭୁତ କାର୍ଯ୍ୟକ୍ଷମତା ତୁମେମାନେ ଦେଖାଇଛ । ଠାକୁରଙ୍କ କଥା କ'ଣ ମିଥ୍ୟା ହୋଇପାରେ ? ତୁମମାନଙ୍କ ମଧ୍ୟରେ ଅଦ୍ଭୁତ ତେଜ ରହିଛି । ଶଶୀ ସାନ୍ୟାଲଙ୍କ ବିଷୟ ପୂର୍ବରୁ ଲେଖିଛି । ଠାକୁରଙ୍କ କୃପାରୁ କିଛି ଚପି ରହେ ନାହିଁ । ତେବେ ସେ ସମ୍ପ୍ରଦାୟ-ସ୍ଥାପନାଦି କରନ୍ତୁ, କ୍ଷତି କଅଣ ? 'ଶିବା ବଃ ସନ୍ତୁ ପନ୍ଥାନଃ ।'[୧] ଦ୍ୱିତୀୟତଃ ତୁମ ପତ୍ରର ମର୍ମ ବୁଝିଲି ନାହିଁ । ମୁଁ ଅର୍ଥ ସଂଗ୍ରହ କରି ଆମର ମଠ ସ୍ଥାପନ କରିବି, ଏଥିରେ ଯଦି ଲୋକେ ନିନ୍ଦା କରନ୍ତି ତ ମୁଁ କୌଣସି କ୍ଷତିବୃଦ୍ଧି ଦେଖୁ ନାହିଁ । କୂଟସ୍ଥ ବୁଦ୍ଧି ତୁମମାନଙ୍କର ଅଛି, କୌଣସି ହାନି ହେବ ନାହିଁ । ତୁମମାନଙ୍କର ପରସ୍ପରପ୍ରତି ନିରତିଶୟ ପ୍ରେମ ଥାଉ, ଇତର ସାଧାରଣଙ୍କପ୍ରତି ଉପେକ୍ଷା-ବୁଦ୍ଧି ଧାରଣ କଲେ ହିଁ ଯଥେଷ୍ଟ । କାଲୀକୃଷ୍ଣବାବୁ ଅନୁରାଗୀ ଓ ମହତ୍ତ୍ୱ ବ୍ୟକ୍ତି । ତାଙ୍କୁ ମୋର ବିଶେଷ ପ୍ରେମ ଜଣାଇବ । ଯେତେଦିନ ପର୍ଯ୍ୟନ୍ତ ତୁମେମାନେ ପରସ୍ପର ଭିତରେ ଭେଦବୁଦ୍ଧି ନ କରିବ, ସେତେଦିନ ପ୍ରଭୁଙ୍କ କୃପାରୁ 'ରଣେ ବନେ ପର୍ବତମସ୍ତକେ ବା' ତୁମମାନଙ୍କର କୌଣସି ଭୟ ନାହିଁ । 'ଶ୍ରେୟାଂସି ବହୁବିଘ୍ନାନି'[୨] ଏହା ତ ନିଶ୍ଚୟ ହେବ । ଅତି ଗମ୍ଭୀର ବୁଦ୍ଧି ଧାରଣ କର । ବାଲବୁଦ୍ଧି ଜୀବମାନେ କିଏ କଅଣ କହୁଛନ୍ତି, ତାହାର ଖବର ରଖ ନାହିଁ । ଉପେକ୍ଷା, ଉପେକ୍ଷା, ଉପେକ୍ଷା ଇତି ।

ଶଶୀକୁ ପୂର୍ବରୁ ସବିଶେଷ ଲେଖିଛି । ଖବରକାଗଜ, ପୁସ୍ତକ ଇତ୍ୟାଦି ପଠାଇବ ନାହିଁ । ଢିଙ୍କି ସ୍ୱର୍ଗକୁ ଗଲେ ମଧ୍ୟ ଧାନ କୁଟେ—ଦେଶରେ ଯାହା ଏଠାରେ ମଧ୍ୟ ତାହା—ଘୂରି ମରିବା; ବୋଝ ବୋହିବାଟା ବେଶୀ । ଏ ଦେଶରେ ମୁଁ କିପରି ଲୋକଙ୍କ ପୁସ୍ତକର ଗ୍ରାହକ ଯୋଗାଡ଼ କରିବି, କହ ? ମୁଁ ତ ଜଣେ ସାଧାରଣ ମଣିଷ ଛଡ଼ା ଆଉ କିଛି ନୁହେ । ଏ ଦେଶର ଖବରକାଗଜ ପ୍ରଭୃତିରେ ମୋ ବିଷୟରେ ଯାହା କିଛି ବାହାରେ, ମୁଁ ସେସବୁକୁ ଅଗ୍ନିଦେବଙ୍କୁ ସମର୍ପଣ କରେ । ତୁମେମାନେ ବି ତାହା କର । ତାହା ହିଁ ବ୍ୟବସ୍ଥା ।

ଠାକୁରଙ୍କ କାମ ପାଇଁ କିଛି ହେଙ୍ଗାମା ଦରକାର ଥିଲା, ତାହା ହୋଇଯାଇଛି, ବେଶ୍ କଥା; ବର୍ତ୍ତମାନ ଇତରଲୋକ କଅଣ ବକାବକି କରୁଛନ୍ତି, ସେଥିରେ ତୁମେମାନେ ଆଦୌ କର୍ଣ୍ଣପାତ କରିବ ନାହିଁ । ମୁଁ ଟଙ୍କା ରୋଜଗାର କରେ ବା ଯାହା କରେ,

---

୧ ତୁମମାନଙ୍କ ପଥ ମଙ୍ଗଳମୟ ହେଉ ।—ଅଭିଜ୍ଞାନଶକୁନ୍ତଳମ୍

୨ ଭଲ କାମରେ ଅନେକ ବିଘ୍ନ ଆସିଥାଏ ।

ଆଜେବାଜେ ଲୋକଙ୍କ କଥାରେ କ'ଣ କାମ ଅଟକିଯିବ ? ଭାଇ, ତୁମେ ଏବେ ମଧ୍ୟ ଝିଅଲୋକ । ମୋର ବାଳ ପାଚିଲାଣି । ଆଜେବାଜେ ଲୋକଙ୍କ କଥା ଓ ମତାମତ ଉପରେ ମୋର ଶ୍ରଦ୍ଧା ନାହିଁ ରେ, ବୁଝିଲ । ତୁମେମାନେ ଯେତେଦିନଯାଏଁ ଅଣ୍ଟା ଭିଡ଼ି ଏକଯୁଟ ହୋଇ ମୋ ପଛରେ ଠିଆ ହେବ, ସେତେଦିନ ପର୍ଯ୍ୟନ୍ତ ପୃଥିବୀ ଏକାଠି ହେଲେ ମଧ୍ୟ କିଛି ଭୟ ନାହିଁ । ଫଳରେ, ଏହା ବୁଝିଲି ଯେ, ମୋତେ ଅତି ଉଚ୍ଚ ଆସନ ଗ୍ରହଣ କରିବାକୁ ପଡ଼ିବ । ତୁମମାନଙ୍କ ଛଡ଼ା ଆଉ କାହା ପାଖକୁ ଚିଠି ଲେଖିବି ନାହିଁ । ଇତି ।

ଆଚ୍ଛା ! ଗୁଣନିଧି କେଉଁଠି ଅଛି, ସନ୍ଧାନ ନେଇ ତାକୁ ମଠକୁ ଯତ୍ନ କରି ଆଣିବାକୁ ଚେଷ୍ଟା କରିବ । ସେ ଲୋକଟା ଅତି sincere (ଅକପଟ) ଓ ଖୁବ୍ ପଣ୍ଡିତ । ତୁମେମାନେ ଦୁଇଟା କାଗଜ ଠିକ୍ କରିବ ହିଁ କରିବ, ଯେ 'ଯାହା କହୁଛି, କହିଯାଉ । ଖବର-କାଗଜଗୁଡ଼ିକ ମୋ ସପକ୍ଷରେ ବା ବିପକ୍ଷରେ ଯାହା ଲେଖିବା କଥା ଲେଖିଯାଆନ୍ତୁ, ଗ୍ରାହ୍ୟ କରିବ ନାହିଁ । ଆଉ ଭାଇ, ବାରମ୍ବାର ଅନୁରୋଧ କରୁଛି, ଆଉ ଝୁଡ଼ି ଝୁଡ଼ି ଖବରକାଗଜ ଇତ୍ୟାଦି ପଠାଇବ ନାହିଁ । ବିଶ୍ରାମ ବର୍ତ୍ତମାନ କାହିଁ ? ଆମେମାନେ ଯେତେବେଳେ ଦେହ ତ୍ୟାଗ କରିବା, ସେତେବେଳେ ଯାଇ କିଛି ଦିନ ବିଶ୍ରାମ କରିବା । ଭାଇ, ଏହି ତେଜରେ ଥରେ ମହୋତ୍ସବ କରି ଦେଖି । ହୈଚୈ ପଡ଼ିଯାଉ । ବାଃ ବାହାଦୂର୍ ! ସାବାସ୍ ! ବଙ୍ଗାପେଲଙ୍କ ଦଳ ପ୍ରେମତରଙ୍ଗରେ ଭାସି ଚାଲିଯିବେ; ତୁମେ ସବୁ ହେଲ ହାତୀ, ପିମ୍ପୁଡ଼ିର କାମୁଡ଼ାକୁ ତୁମର ଡର କ'ଣ ?

ତୁମର ପ୍ରେରିତ Address (ଅଭିନନ୍ଦନ) ଅନେକ ଦିନରୁ ଆସିଛି ଏବଂ ସେଥିର ଜବାବ୍ ମଧ୍ୟ ଚାଲିଗଲାଣି ପ୍ୟାରୀ ବାବୁଙ୍କ ପାଖକୁ ।

ଏହି କଥା ମନେରଖ—ଦୁଇଟା ଆଖି, ଦୁଇଟା କାନ, କିନ୍ତୁ ମୁଖ ଗୋଟିଏ । ଉପେକ୍ଷା, ଉପେକ୍ଷା, ଉପେକ୍ଷା । 'ନ ହି କଲ୍ୟାଣକୃତ୍ କଶ୍ଚିତ୍ ଦୁର୍ଗତିଂ ତାତ ଗଚ୍ଛତି ।'[୧] ଭୟ କାହାର ? କେଉଁମାନଙ୍କ ଭୟରେ ଭାଇ ? ଏଠାରେ ମିଶନାରୀ ଫିସନାରୀ ରଡ଼ି ଛାଡ଼ି ଛାଡ଼ି କ୍ଷାନ୍ତ ହୋଇଗଲେଣି—ସମସ୍ତ ଜଗତ୍ ମଧ୍ୟ ସେପରି ହେବ ।

'ନିନ୍ଦନ୍ତୁ ନୀତିନିପୁଣାଃ ଯଦିବା ସ୍ତୁବନ୍ତୁ
ଲକ୍ଷ୍ମୀଃ ସମାବିଶତୁ ଗଚ୍ଛତୁ ବା ଯଥେଷ୍ଟଂ ।
ଅଦ୍ୟୈବ ବା ମରଣମସ୍ତୁ, ଶତାନ୍ତରେ ବା
ନ୍ୟାଯ୍ୟାତ୍ ପଥଃ ପ୍ରବିଚଲନ୍ତି ପଦଂ ନ ଧୀରାଃ ।'[୨]

କିମଧିକମିତି । ଆଜେବାଜେ ଲୋକଙ୍କ ସହିତ ମିଶିବା ଦରକାର ନାହିଁ । ସେମାନଙ୍କଠାରୁ ଭିକ୍ଷା ମଧ୍ୟ କରିବାକୁ ହେବ ନାହିଁ । ଠାକୁର ସବୁ ଯୋଗାଉଛନ୍ତି ଓ

---

୧ କଲ୍ୟାଣକାରୀର କଦାପି ଦୁର୍ଗତି ହୁଏ ନାହିଁ ।—ଗୀତା

୨ ନୀତିନିପୁଣଗଣ ନିନ୍ଦା କରନ୍ତୁ ବା ସ୍ତୁତି କରନ୍ତୁ ଲକ୍ଷ୍ମୀ ଆସନ୍ତୁ ବା ଯୁଆଡ଼େ ଇଚ୍ଛା ଯାଆନ୍ତୁ, ଆଜି ମରଣ ହେଉ ବା ଶତ ବର୍ଷ ପରେ ହେଉ, ଧୀର ବ୍ୟକ୍ତିଗଣ ନ୍ୟାଯ୍ୟ-ପଥରୁ କଦାପି ବିଚଳିତ ହୁଅନ୍ତି ନାହିଁ ।—ଭର୍ତ୍ତୃହରି

ଯୋଗାଇବେ । ଭୟ କ'ଣରେ ଭାଇ ? ସମସ୍ତ ବଡ଼ ବଡ଼ କାମ ମହାବିଘ୍ନ ମଧ୍ୟରେ ହିଁ ହୋଇଥାଏ । ହେ ବୀର, 'ସ୍ମର ପୌରୁଷମାତ୍ମନଃ ଉପେକ୍ଷିତବ୍ୟାଃ ଜନାଃ ସୁକୃପଣାଃ କାମକାଞ୍ଚନବଶଗାଃ' ।* ମୁଁ ବର୍ତ୍ତମାନ ଏ ଦେଶରେ ଦୃଢ଼ପ୍ରତିଷ୍ଠ । ଅତଏବ ମୋର ସହାୟତାର ଆବଶ୍ୟକତା ନାହିଁ; କିନ୍ତୁ ମୋତେ ସହାୟତା କରିବାକୁ ଯାଇ ଭ୍ରାତୃସ୍ନେହରୁ ତୁମମାନଙ୍କ ମଧ୍ୟରେ ଯେଉଁ ପୌରୁଷର ଆବିର୍ଭାବ ଘଟିଛି, ତାହାକୁ ପ୍ରଭୁଙ୍କ କାର୍ଯ୍ୟରେ ନିଯୁକ୍ତ କର, ଏହା ହିଁ ତୁମମାନଙ୍କ ନିକଟରେ ମୋର ପ୍ରାର୍ଥନା । ବିଶେଷ ଉପକାର ବୋଧ ନ ହେଲେ ମନର ଭାବ ପ୍ରକାଶ କରିବ ନାହିଁ । ପ୍ରିୟ ହିତବଚନ ମହାଶୟ୍ ପ୍ରତି ମଧ୍ୟ ପ୍ରୟୋଗ କରିବ । ଇତି । ହେ ଭାଇ ନାମ, ଯଶ, ଧନଭୋଗର ଇଚ୍ଛା ଜୀବର ସ୍ୱତଃ ହିଁ ରହିଛି । ସେଥିରେ ଯଦି ଦୁଇ ହାତ ଚାଲିଯାଏ ତ, ସମସ୍ତେ ତାହା ଆଗ୍ରହରେ କରିଥାଆନ୍ତି । 'ପରଗୁଣପରମାଣୁଂ ପର୍ବତୀକୃତ୍ୟ' ଅମିତ, ନିଭୃତନୋପକାର ଇଚ୍ଛା ମହାପୁରୁଷମାନଙ୍କର ହିଁ ହୋଇଥାଏ । ଅତଏବ ବିମୂଢ଼ମତି, ଅନାତ୍ମଦର୍ଶୀ, ତମସାଚ୍ଛନ୍ନବୁଦ୍ଧି ଜୀବଙ୍କୁ ବାଳକସୁଲଭ ଚେଷ୍ଟା କରିବାକୁ ଦିଅ । ଗରମ ଲାଗିଲେ ହିଁ ଆପେ ଆପେ ପଳାଇଯିବେ ! ଚନ୍ଦ୍ର ଉପରକୁ ଛେପ ପକାଇବାକୁ ଚେଷ୍ଟା କରନ୍ତୁ; 'ଶୁଭଂ ଭବତୁ ତେଷାମ୍' (ସେମାନଙ୍କର ମଙ୍ଗଳ ହେଉ) । ଯଦି ସେମାନଙ୍କ ମଧ୍ୟରେ ମାଲ ଥାଏ, ସିଦ୍ଧିକୁ କିଏ ବାରଣ କରିପାରିବ ? ଯଦି ଈର୍ଷାପରବଶ ହୋଇ ଆସ୍ଫାଳନ ମାତ୍ର କରନ୍ତି, ତ ସବୁ ବୃଥା ହେବ ।

ହରମୋହନ ମାଳା ପଠାଇଛନ୍ତି । ବେଶ୍ କଥା; ଶୁଣ, ଏ ଦେଶରେ ଆମ ଦେଶପରି ଧର୍ମ ଚଳେ ନାହିଁ । ତେବେ ଏ ଦେଶର ଉପଯୋଗୀ କରିଦେବାକୁ ହେବ । ଏମାନଙ୍କୁ ହିନ୍ଦୁ ହେବା ପାଇଁ କହିଲେ, ସମସ୍ତେ ପଳାଇଯିବେ ଓ ଘୃଣା କରିବେ, ଯେପରି ଆମେମାନେ ଖ୍ରୀଷ୍ଟିଆନ୍ ମିଶନାରୀମାନଙ୍କୁ ଘୃଣା କରୁ । ତେବେ ହିନ୍ଦୁ ଶାସ୍ତ୍ରର କେତେକ ଭାବ ଏମାନେ ଆଦର କରନ୍ତି, ଏତିକି । ଆଉ ଅଧିକ କିଛି ନୁହେଁ, ଜାଣିବ । ପୁରୁଷମାନେ ଅଧିକାଂଶ ଧର୍ମ କର୍ମ ନେଇ ମୁଣ୍ଡ ଖେଳାନ୍ତି ନାହିଁ, ସ୍ତ୍ରୀଲୋକମାନେ କିଛି କିଛି, ଏତିକି ମାତ୍ର—ଅତିରିକ୍ତତା କିଛି ନାହିଁ । ଦୁଇ, ଚାରିହଜାର ଲୋକ ଅଦ୍ୱୈତମତରେ ଶ୍ରଦ୍ଧାବାନ୍ । ତେବେ ଶାସ୍ତ୍ର, ଜାତି, ସ୍ତ୍ରୀଲୋକ ଅନିଷ୍ଟର ମୂଳ—ଇତ୍ୟାଦି କହିଲେ ଦୂରକୁ ପଳାଇଯିବେ । ଧୀରେ ଧୀରେ ସବୁ ହେବ । Patience, purity, perseverance (ଧୈର୍ଯ୍ୟ, ପବିତ୍ରତା, ଅଧ୍ୟବସାୟ) । ଇତି

ନରେନ୍ଦ୍ର

୧୫୫ (ସ୍ୱାମୀ ଶିବାନନ୍ଦଙ୍କୁ ଲିଖିତ)

ଆମେରିକା, ୧୮୯୪

ପ୍ରିୟ ଶିବାନନ୍ଦ,

ଏହିମାତ୍ର ତୁମର ପତ୍ର ପାଇଲି । ସମ୍ଭବତଃ ଏ ମଧ୍ୟରେ ତୁମେ ମୋର ଅନ୍ୟ ଚିଠି-ଗୁଡ଼ିକ ପାଇଛ ଏବଂ ଜାଣିପାରିଛ ଯେ, ଆଉ ଆମେରିକାକୁ କିଛି ପଠାଇବା ଦରକାର ନାହିଁ ।

---

* ହେ ବୀର, ସ୍ୱୀୟ ପୌରୁଷ ପ୍ରକାଶ କର; ହୀନବୁଦ୍ଧି, କାମକାଞ୍ଚନାସକ୍ତ ଲୋକଙ୍କୁ ଉପେକ୍ଷା କରିବା ଉଚିତ ।

କୌଣସି ଜିନଷର ଅତିରକ୍ତତା ଭଲ ନୁହେଁ । ଏହି ଖବରକାଗଜଗୁଡ଼ିକ ଯେ ମୋତେ ବଡ଼ କରି ତୋଳିଛନ୍ତି, ସେଥିରେ ମୋର ଖ୍ୟାତି ହୋଇଛି, ସନ୍ଦେହ ନାହିଁ । କିନ୍ତୁ ତାହାର ଫଳ ଏଠା ଅପେକ୍ଷା ଭାରତରେ ବେଶୀ । ଏଠାରେ ବରଂ ସଦାସର୍ବଦା ଖବରକାଗଜରେ ନାମ ବାହାରୁଥିଲେ, ଉଚ୍ଚ ଶ୍ରେଣୀର ଲୋକଙ୍କ ମନରେ ବିରକ୍ତି ଜାତ ହୁଏ; ସୁତରାଂ ଯଥେଷ୍ଟ ହୋଇଛି । ବର୍ତ୍ତମାନ ଏସମସ୍ତ ସଭାର ଅନୁସରଣରେ ଭାରତରେ ଯଥାବିଧି ହେବାକୁ ଚେଷ୍ଟା କର । ଆଉ କିଛି ଏ ଦେଶକୁ ପଠାଇବା ଦରକାର ନାହିଁ । ପ୍ରଥମେ ମାତାଠାକୁରାଣୀଙ୍କ ପାଇଁ ଗୋଟିଏ ଜାଗା କରିବାକୁ ମୁଁ ଦୃଢ଼ସଙ୍କଳ୍ପ କରିଛି, କାରଣ ସ୍ତ୍ରୀ-ଲୋକଙ୍କ ପାଇଁ ପ୍ରଥମେ ଜାଗାଟିଏ ଦରକାର ।...ଯଦି ମା'ଙ୍କର ଘରଟି ପ୍ରଥମେ ଠିକ୍ ହୋଇଯାଏ, ତା'ହେଲେ ଆଉ କୌଣସି କିଛି ପାଇଁ ମୋର ଭାବନା ନାହିଁ । ମୁଁ ଏହା ଆଗରୁ ଭାରତବର୍ଷକୁ ଚାଲି ଯାଇଥାଆନ୍ତି । କିନ୍ତୁ ଭାରତବର୍ଷରେ ଧନ ନାହିଁ । ହଜାର ହଜାର ଲୋକ ରାମକୃଷ୍ଣ ପରମହଂସଙ୍କୁ ମାନନ୍ତି, କିନ୍ତୁ କେହି ଗୋଟିଏ ପଇସା ଦେବେ ନାହିଁ—ଏହା ହେଉଛି ଭାରତବର୍ଷ । ଏଠାରେ ଲୋକଙ୍କର ଟଙ୍କା ଅଛି ଏବଂ ସେମାନେ ଦିଅନ୍ତି । ଆସନ୍ତା ଶୀତଋତୁରେ ମୁଁ ଭାରତବର୍ଷକୁ ଯାଉଛି । ସେପର୍ଯ୍ୟନ୍ତ ତୁମେମାନେ ମିଳିମିଶି ଥାଅ ।

ସଂସାରରେ ବଡ଼ ବଡ଼ ନୀତିନିୟମ (principles) ପାଇଁ ଆଦୌ କେହି ବ୍ୟସ୍ତ ନୁହେଁ ସେମାନେ ଚାହାଁନ୍ତି ବ୍ୟକ୍ତି (person) । ସେମାନେ ଯାହାକୁ ପସନ୍ଦ କରନ୍ତି, ତା'ର କଥା ଧୈର୍ଯ୍ୟର ସହିତ ଶୁଣିବେ, ସେକଥା ଯେତେ ଅସାର ହେଉ ପଛକେ; କିନ୍ତୁ ଯାହାକୁ ସେମାନେ ପସନ୍ଦ କରନ୍ତି ନାହିଁ, ତା' କଥା ଜମା ଶୁଣିବେ ନାହିଁ । ଏତକ ମନେରଖି ଏବଂ ଲୋକଙ୍କ ସହିତ ସେହି ଭାବରେ ବ୍ୟବହାର କର । ସବୁ ଠିକ୍ ହୋଇଯିବ । ଯଦି ନେତୃତ୍ୱ ଚାହଁ ତ, ସମସ୍ତଙ୍କର ଗୋଲାମ୍ ହୋଇଯାଅ । ଏହା ହେଲା ଅସଲ ରହସ୍ୟ । ତୁମ କଥାଗୁଡ଼ିକ ରୁକ୍ଷ ହେଲେ ମଧ୍ୟ ତୁମ ପ୍ରେମର ଫଳ ଫଳିବ । ଯେକୌଣସି ଭାଷାର ଆବରଣରେ ରହିଥାଉନା କାହିଁକି, 'ଭଲପାଇବା'କୁ ମଣିଷ ନିଜେ ନିଜେ ବୁଝି ନେଇପାରେ ।*

ଭାଇରେ, ରାମକୃଷ୍ଣ ପରମହଂସ ଯେ ଭଗବାନଙ୍କର ବାପ ସେଥିରେ ମୋର ଟିକେ ହେଲେ ସନ୍ଦେହ ନାହିଁ । ତେବେ ସେ କ'ଣ କହୁଥିଲେ, ଲୋକଙ୍କୁ ଦେଖିବାକୁ ଦିଅ, ତୁମେ କ'ଣ ଜୋର୍‌କରି ଦେଖାଇପାରିବ ?—ଏତିକିମାତ୍ର ମୋର objection (ଆପତ୍ତି) ।

ଲୋକେ କହନ୍ତୁ, ଆମେ କଅଣ କହିବା ? ଭାଇ, ବେଦବେଦାନ୍ତ ପୁରାଣ-ଭାଗବତରେ ଯେ କଅଣ ଅଛି, ତାହା ରାମକୃଷ୍ଣ ପରମହଂସଙ୍କୁ ନ ପଢ଼ିଲେ ଆଦୌ ଜଣାଯିବ ନାହିଁ । His life is a searchlight of infinite power thrown upon the whole mass of Indian religious thought. He was the living commentary to the Vedas and to their aim. He had lived in one life the whole cycle of the national

* ଏହି ପତ୍ରର ପ୍ରଥମ ଦୁଇଟି ପାରାଗ୍ରାଫ୍ ଓ ଚତୁର୍ଥ ପାରାଗ୍ରାଫ୍‌ର ଶେଷାର୍ଦ୍ଧ ଇଂରାଜୀରେ ଲିଖିତ ହୋଇଥିଲା ।

religious existence in India.*

ଭଗବାନ ଶ୍ରୀକୃଷ୍ଣ ଜନ୍ମିଥିଲେ କି ନାହିଁ, ଜାଣି ନାହିଁ । ବୁଦ୍ଧ, ଚୈତନ୍ୟ ପ୍ରଭୃତି ସେହି ଏକାପ୍ରକାର; ରାମକୃଷ୍ଣ ପରମହଂସ the latest and the most perfect (ସବୁଠାରୁ ଆଧୁନିକ ଓ ସବୁଠାରୁ ପୂର୍ଣ୍ଣବିକଶିତ ଚରିତ)—ଜ୍ଞାନ, ପ୍ରେମ, ବୈରାଗ୍ୟ, ଲୋକହିତଚିକୀର୍ଷା, ଉଦାରତାର ଘନୀଭୂତ ଜୀବନ; ଆଉ କାହା ସହିତ କଅଣ ତୁଳନା ହୁଏ ? ତାଙ୍କୁ ଯେ ବୁଝିପାରେ ନାହିଁ, ତାର ଜନ୍ମ ବୃଥା । ମୁଁ ତାଙ୍କର ଜନ୍ମଜନ୍ମାନ୍ତରର ଦାସ, ଏହା ମୋର ପରମ ସୌଭାଗ୍ୟ । ତାଙ୍କର ପଦେ କଥା ବେଦବେଦାନ୍ତ ଅପେକ୍ଷା ଅନେକ ବଡ଼ । ତସ୍ୟ ଦାସ-ଦାସ-ଦାସୋଽହଂ । ତେବେ ଏକତରଫା ରକ୍ଷଣଶୀଳତାଦ୍ୱାରା ତାଙ୍କ ଭାବର ବ୍ୟାଘାତ ଘଟେ—ଏଥିପାଇଁ ମୁଁ ବିରକ୍ତ ହୁଏ । ବରଂ ତାଙ୍କର ନାମ ବୁଡ଼ିଯାଉ—କିନ୍ତୁ ତାଙ୍କର ଉପଦେଶ ଫଳବତୀ ହେଉ । ସେ କଅଣ ନାମର ଦାସ ?

ଭାଇରେ, ଯିଶୁଖ୍ରୀଷ୍ଟଙ୍କୁ ଧୀବରମାନେ ଭଗବାନ ବୋଲି କହୁଥିଲେ, ପଣ୍ଡିତମାନେ ମାରି ପକାଇଲେ । ବୁଦ୍ଧଙ୍କୁ ତାଙ୍କ ଜୀବଦ୍ଦଶାରେ ଗଉଡ଼ମାନେ ମାନୁଥିଲେ । ରାମକୃଷ୍ଣଙ୍କୁ ଜୀବଦ୍ଦଶାରେ—ନାଇନ୍‌ଟୀନ୍ଥ ସେଞ୍ଚୁରି (ଊନବିଂଶ ଶତାବ୍ଦୀ)ର ଶେଷଭାଗରେ ୟୁନିଭର୍ସିଟିର ଭୂତ ବ୍ରହ୍ମଦୈତ୍ୟମାନେ ଈଶ୍ୱର ବୋଲି ପୂଜା କରୁଛନ୍ତି । ହଜାର ହଜାର ବର୍ଷ ଆଗରୁ ସେମାନଙ୍କର (କୃଷ୍ଣ, ବୁଦ୍ଧ, ଖ୍ରୀଷ୍ଟ ପ୍ରଭୃତିଙ୍କର) ଦୁଇ ଚାରିଟା କଥା ପୋଥିରେ ଲିପିବଦ୍ଧ ହୋଇଛି ମାତ୍ର । 'ଯାହା ସାଙ୍ଗରେ ଘର କରିନି ସେହି ବଡ଼ ଘରଣୀ'—ହେଲେ ଆଜନ୍ମ ଦିନରାତି ସାଙ୍ଗରେ ରହି ମଧ୍ୟ ଏ ଯେ ସେମାନଙ୍କଠାରୁ ଢେର ବଡ଼ ବୋଲି ମନେହୁଏ, ଏ ଘଟଣାଟା କ'ଣ ବୁଝିପାରୁଛ ତ ଭାଇ ?

ମା-ଠାକୁରାଣୀ ପ୍ରକୃତରେ ଯେ କ'ଣ, ତାହା ବୁଝିପାରି ନାହଁ, ଏପର୍ଯ୍ୟନ୍ତ କେହି ମଧ୍ୟ ପାରି ନାହାଁନ୍ତି, କ୍ରମେ ପାରିବ । ଭାଇ, ଶକ୍ତି ବିନା ଜଗତର ଉଦ୍ଧାର ହେବ ନାହିଁ । ଆମ ଦେଶ ସମସ୍ତଙ୍କଠାରୁ ଅଧମ କାହିଁକି, ଶକ୍ତିହୀନ କାହିଁକି ?—କାରଣ ଏଠାରେ ଶକ୍ତିର ଅବମାନନା ବୋଲି । ମା-ଠାକୁରାଣୀ ଭାରତରେ ପୁନରାୟ ସେହି ମହାଶକ୍ତି ଜାଗ୍ରତ କରିବାକୁ ଆସିଛନ୍ତି, ତାଙ୍କୁ ଅବଲମ୍ବନ କରି ପୁଣି ସବୁ ଗାର୍ଗୀ, ମୈତ୍ରେୟୀ ଜଗତରେ ଜନ୍ମଲାଭ କରିବେ । ଦେଖୁଛ କଅଣ ଭାଇ, କ୍ରମେ ସବୁ ବୁଝିବ । ଏଥିପାଇଁ ତାଙ୍କର ମଠ ପ୍ରଥମେ ଆବଶ୍ୟକ । ରାମକୃଷ୍ଣ ପରମହଂସ ବରଂ ଯାଆନ୍ତୁ, ମୁଁ ଭୀତ ନୁହେଁ । ମା-ଠାକୁରାଣୀ ଗଲେ ସର୍ବନାଶ ! ଶକ୍ତିଙ୍କର କୃପା ନ ହେଲେ କଅଣ କିଛି ହୋଇପାରିବ ? ଆମେରିକା, ୟୁରୋପରେ କଅଣ ଦେଖୁଛି ?—ଶକ୍ତିପୂଜା, ଶକ୍ତିପୂଜା । ତଥାପି ଏମାନେ ନିଜ ଅଜାଣତରେ ପୂଜା କରନ୍ତି, କାମଦ୍ୱାରା କରନ୍ତି । ଆଉ ଯେଉଁମାନେ ବିଶୁଦ୍ଧଭାବରେ, ସାତ୍ତ୍ୱିକ ଭାବରେ, ମାତୃଭାବରେ

* ତାଙ୍କର ଜୀବନ ଅନନ୍ତ-ଶକ୍ତିମୟ ଏକ ସନ୍ଧାନୀ ଆଲୋକ, ଯାହା ସମଗ୍ର ଭାରତୀୟ ଧର୍ମଭାବ ଉପରେ ବିଚ୍ଛୁରିତ ହୋଇଛି । ସେ ବେଦ ଓ ବେଦାନ୍ତର ଜୀବନ୍ତ ଭାଷ୍ୟ-ସ୍ୱରୂପ ଥିଲେ ଏବଂ ତାଙ୍କର ଗୋଟିଏ ଜନ୍ମରେ ହିଁ ସେ ଭାରତର ଜାତୀୟ ଧର୍ମ-ଜୀବନର ସମସ୍ତ କଳ୍ପଟି ଅତିବାହିତ କରିଯାଇଛନ୍ତି ।

ପୂଜା କରିବେ, ସେମାନଙ୍କର କି କଲ୍ୟାଣ ନ ହେବ ? ମୋ ଆଖି ଖୋଲିଯାଉଛି, ଦିନକୁ
ଦିନ ସବୁ ବୁଝି ପାରୁଛି । ସେଥିଯୋଗୁଁ ଆଗେ ମାଆଙ୍କ ପାଇଁ ମଠ କରିବାକୁ ପଡ଼ିବ । ଆଗ ମା
ଓ ମାଆଙ୍କ ଝିଅମାନେ, ତା'ପରେ ବାପା ଓ ବାପାଙ୍କ ପୁଅମାନେ, ଏ କଥା ବୁଝିପାରୁଛ ତ ?
ସମସ୍ତେ ଭଲ । ସମସ୍ତଙ୍କୁ ଆଶୀର୍ବାଦ କର ।··· ତେବେ ଭାଇ, ସାରା ଦୁନିଆରେ ତାଙ୍କ
ଘର ଛଡ଼ା ଅନ୍ୟ ସମସ୍ତ ଜାଗାରେ ଯେ ଖବର ଘରେ ରହିବ । ଥିଇ, ରାଗିବ ନାହିଁ,
ତୁମେମାନେ ବର୍ତ୍ତମାନ ସୁଦ୍ଧା କେହି ମାଆଙ୍କୁ ବୁଝି ନାହଁ । ମାଆଙ୍କ କୃପା ମୋ ଉପରେ
ବାପାଙ୍କ କୃପା ଅପେକ୍ଷା ଲକ୍ଷେ ଗୁଣ ବେଶୀ ।··· ଭାଇ, କ୍ଷମା କରିବି, ଦୁ'ପଦ ଖୋଲି କଥା
କହିଦେଲି । ଏହି ମାଆଙ୍କ କଥାରେ ମୋର ଟିକିଏ ବି ଏପଟ ସେପଟ ନାହିଁ । ମାଆଙ୍କ
ହୁକୁମ୍ ହେଲେ ହିଁ ବୀରଭଦ୍ର ଭୂତପ୍ରେତ ସବୁ କରିପାରେ । ତାରକଦାଦା, ଆମେରିକା
ଆସିବା ପୂର୍ବରୁ ଆଶୀର୍ବାଦ ପାଇଁ ମାଆଙ୍କ ପାଖକୁ ଚିଠି ଲେଖିଥିଲି; ତାଙ୍କର ଗୋଟିଏ
ଆଶୀର୍ବାଣୀରୁ ଏକା ଡିଆଁ କେ ସମୁଦ୍ର ପାର, ଏଥିରୁ ବୁଝ । ଭାଇ, ଏ ଦାରୁଣ ଶୀତରେ
ଗାଁଗାଁରେ ଲେକ୍‌ଚର ଦେଇ, ଲଢ଼ାଇ କରି ଟଙ୍କା ଯୋଗାଡ଼ କରୁଛି—ମାଆଙ୍କ ମଠ ତିଆରି
ହେବ ।

ବାବୁରାମର ମାଆଙ୍କର ବୁଢ଼ୀ ବୟସରେ ବୁଦ୍ଧିହାନି ଘଟିଲାଣି । ନ ହେଲେ ଜୀବନ୍ତ
ଦୁର୍ଗା ଛାଡ଼ି, ମାଟିର ଦୁର୍ଗା ପୂଜା କରିବାକୁ ବସିଛନ୍ତି । ଭାଇ, ବିଶ୍ୱାସ ହେଉଛି ବଡ଼ ଧନ ।
ଭାଇ, ଜୀବନ୍ତ ଦୁର୍ଗାଙ୍କ ପୂଜା ଦେଖାଇବି, ତେବେ ଯାଇ ମୋର ନାଁ । ତୁମେ ଜମି କିଣି ଜୀବନ୍ତ
ଦୁର୍ଗା ମା'ଙ୍କୁ ଯେଉଁଦିନ ପ୍ରତିଷ୍ଠା କରିବ, ସେହିଦିନ ମୁଁ ଟିକିଏ ଶାନ୍ତିରେ ନିଃଶ୍ୱାସ ମାରିବି ।
ତା' ଆଗରୁ ମୁଁ ଦେଶକୁ ଯାଉ ନାହିଁ । ଯେତେ ଶୀଘ୍ର ପାରିବ··· ଟଙ୍କା ପଠାଇପାରିଲେ ମୁଁ
ଦମ୍ ନେଇ ବଞ୍ଚିବି । ତୁମେମାନେ ଯୋଗାଡ଼ କରି ମୋର ଏହି ଦୁର୍ଗୋତ୍ସବଟା କରିଦିଅ ଦେଖି ।
ଗିରିଶ୍ ଘୋଷ ମା'ଙ୍କ ପୂଜା ଖୁବ୍ କରୁଛନ୍ତି; ସେ ଧନ୍ୟ, ତାଙ୍କ କୁଳ ଧନ୍ୟ । ଭାଇ, ମାଆଙ୍କ
କଥା ମନେପଡ଼ିଲେ ସମୟେ ସମୟେ କହେ, 'କୋ ରାମଃ' । ଭାଇ, ଏହି ଯେଉଁ କଥା
କହୁଛି, ଏଇଟା ମୋର ଅନ୍ଧ ବିଶ୍ୱାସ ।

ରାମକୃଷ୍ଣ ପରମହଂସ ଈଶ୍ୱର ଥିଲେ ବା ମାନବ ଥିଲେ—ଯାହା ଇଚ୍ଛା କହ ଭାଇ,
କିନ୍ତୁ ଯାହାର ମାଆଙ୍କ ଉପରେ ଭକ୍ତି ନାହିଁ, ତାକୁ ଧିକ୍‌କାର ଦିଅ ।

ନିରଞ୍ଜନ ଲାଠି ବୁଲାଏ, ହେଲେ ମାଆଙ୍କ ଉପରେ ତା'ର ଖୁବ୍ ଭକ୍ତି । ତା'ର ଠେଙ୍ଗା
ହଜମ ହୋଇଯାଏ । ନିରଞ୍ଜନ ଏପରି କାମ କରୁଛି ଯେ, ତୁମେମାନେ ଶୁଣିଲେ ଅବାକ୍
ହୋଇଯିବ । ମୁଁ ଖବର ରଖିଛି । ତୁମେ ଯେ ମାନ୍ଦ୍ରାଜୀମାନଙ୍କ ସହିତ ଯୋଗଦେଇ କାମ
କରୁଛ, ତାହା ଖୁବ୍ ଭଲ କଥା । ଭାଇ, ତୁମ ଉପରେ ମୋର ଢେର୍ ଭରସା, ସମସ୍ତଙ୍କୁ
ମିଳାମିଶା କରାଇ ଚଲାଅ ଭାଇ ! ମାଆଙ୍କ ଜମି ଯୋଗାଡ଼ କରିବା ସଙ୍ଗେ ସଙ୍ଗେ ମୁଁ କିନ୍ତୁ
ପହଞ୍ଚିଯିବି । ଜମି ଖଣ୍ଡିକ ନିହାତି ଦରକାର; building (ଘର) ଆପାତତଃ ମାଟିଘର ଭଲ,
କ୍ରମେ ଭଲ building (କୋଠାଘର) ତୋଳିବା; ଚିନ୍ତା ନାହିଁ ।

ଜରର ପ୍ରଧାନ କାରଣ ପାଣି । ଦୁ' ଭିନଟା ଫିଲ୍‌ଟର କାହିଁକି ତିଆରି କରୁନାହଁ ?

ପାଣି ସଫାଇ ଫିଲ୍‌ଟର୍‌ କଲେ, ଆଉ କିଛୁ ଭୟ ରହେ ନାହିଁ ।

ହରିଶ୍‌ର କଥା ତ କିଛୁ ଶୁଣିବାକୁ ପାଉ ନାହିଁ । ଆଉ ଦକ୍ଷିଣ୍ଣା କିପରି ଅଛୁ ? ସମସ୍ତଙ୍କ ବିଶେଷ ଖବର ଲେଖିବ । ଆମମାନଙ୍କ ମଠ ଲାଗି ଚିନ୍ତା ନାହିଁ, ମୁଁ ଦେଶକୁ ଯାଇ ସବୁ ଠିକ୍‌ଠାକ୍ କରିବି ।

ଦୁଇଟା ବଡ଼ Pasteur's bacteria-proof (ଜୀବାଣୁ-ପ୍ରତିଷେଧକ) ଫିଲ୍ଟର କିଣିବ; ସେହି ପାଣି ପିଆପିଇ କରିବ—ମ୍ୟାଲେରିଆର ବାପା ପଳାଇଯିବ । ··· On and on; work, work work; this is only the beginning.*

କର୍ମଧିକର୍ମିତ, ବିବେକାନନ୍ଦ

୧୫୬ (ମଠକୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

୧୮୯୪

ହେ ଭ୍ରାତୃବୃନ୍ଦ, ଏଥିପୂର୍ବରୁ ତୁମମାନଙ୍କ ପାଖକୁ ଖଣ୍ଡିଏ ପତ୍ର ଲେଖିଥିଲି, ସମୟ ଅଭାବରୁ ତାହା ଅସମ୍ପୂର୍ଣ୍ଣ । ରାଖାଲ ଓ ହରି ଲକ୍ଷ୍ନୌଠାରୁ ଖଣ୍ଡିଏ ପତ୍ର ପଠାଇଥିଲେ । ସେଠାକାର ହିନ୍ଦୁ ଖବରକାଗଜଗୁଡ଼ିକ ମୋର ସୁଖ୍ୟାତି ରଟନା କରିଛନ୍ତି ବୋଲି ସେମାନେ ଲେଖିଛନ୍ତି ଏବଂ ସେମାନେ ଖୁବ୍ ଆନନ୍ଦିତ ଯେ, ୨୦ ହଜାର ଲୋକ ଖେଚୁଡ଼ି ଖାଇଛନ୍ତି । ···ଯଦି କଲିକତା ବା ମାନ୍ଦ୍ରାଜର ହିନ୍ଦୁମାନେ ସଭା କରି, ରିଜଲ୍ୟୁସନ ପାସ୍ କରିଥାନ୍ତେ ଯେ, ଏଇ ଆମର ପ୍ରତିନିଧି ଏବଂ ତା' ସହିତ ଆମେରିକାର ଲୋକଙ୍କୁ ମୋତେ ଯତ୍ନ କରିଛନ୍ତି ବୋଲି ଅଭିନନ୍ଦନ ଜଣାଇଥାନ୍ତେ, ତା'ହେଲେ କାମ ବହୁତ ଆଗେଇ ଯାଇଥାଆନ୍ତା । କିନ୍ତୁ ପ୍ରାୟ ବର୍ଷେ ହୋଇଗଲା, କାହିଁ କିଛୁ ହେଲା ନାହିଁ ତ ! ଅବଶ୍ୟ ବଙ୍ଗାଳୀମାନଙ୍କ ଉପରେ ମୋର କିଛୁ ଭରସା ନ ଥିଲା; ତେବେ ମାନ୍ଦ୍ରାଜବାସୀମାନେ ମଧ୍ୟ କିଛୁ କରିପାରିଲେ ନାହିଁ ।···

ଆମ ଜାତି ଉପରେ କୌଣସି ଭରସା ନାହିଁ । କିଛୁ ଗୋଟାଏ ସ୍ୱାଧୀନ ଚିନ୍ତା କାହାରି ମୁଣ୍ଡରେ ଜୁଟେ ନାହିଁ—ସମସ୍ତେ ସେହି ଛିଣ୍ଡା କନ୍ଥାକୁ ନେଇ ଟଣାଟଣି—ରାମକୃଷ୍ଣ ପରମହଂସ ଏପରି ଥିଲେ, ସେପରି ଥିଲେ, ଆଉ ଗାଲୁ ଗପ—ଗପର ପୁଣି ସୀମା ସୀମାନ୍ତ ନାହିଁ । ହରେ, ହରେ; କହୁଛି, କିଛୁ ଗୋଟାଏ କରି ଦେଖାଅ ଯେ, ତୁମେମାନେ ଅସାଧାରଣ —ଖାଲି···ପାଗଳାମି !

ଆଜି ଘଣ୍ଟା ବାଜିଲା, କାଲି ତା' ଉପରେ ତୁରୀ ବାଜିଲା, ପଅରିଦିନ ଚାମର ! ଆଜି ଖଟ ହେଲା, କାଲି ଖଟ ଗୋଡ଼ରେ ରୁପା ଗୁଡ଼ିଣି—ଆଉ ଲୋକେ ଖେଚୁଡ଼ି ଖାଇଲେ ଓ ଲୋକଙ୍କ ପାଖରେ ବାଜେ ଗପ ଦୁଇ ହଜାର ମରିଗଲା—ଚକ୍ର ଗଦା ପଦ୍ମ ଶଙ୍ଖ—ଆଉ ଶଙ୍ଖ ଗଦା ପଦ୍ମ ଚକ୍ର—ଇତ୍ୟାଦି, ଏହାକୁ ହିଁ ଇଂରେଜୀରେ imbecility (ଶାରୀରିକ ଓ ମାନସିକ ବଳହୀନତା) କୁହାଯାଏ—ଯେଉଁମାନଙ୍କ ମୁଣ୍ଡରେ ଏହି ପ୍ରକାର ଅଲୀକ କଥା

* ଆଗେଇ ଚାଲ, ଆଗେଇ ଚାଲ; କାମ କର, କାମ କର, କାମ କର; ଏଇ ତ ମାତ୍ର ଆରମ୍ଭ ।

ଛଡ଼ା ଆଉ କିଛି ଆସେ ନାହିଁ, ସେମାନଙ୍କ ନାମ imbecile—ଘଣ୍ଟା ଡାହାଣ ଦିଗରେ ନା ବାଁ ଦିଗରେ ବାଜିବ, ଚନ୍ଦନ ଟୋପା ମୁଣ୍ଡରେ କେଉଁଠି ଲଗାଯିବ—ଆଳତି ଦୀପଟା ଦୁ'ଥର ବୁଲିବ ନା ଚାରିଥର—ଏସବୁ କଥା ନେଇ ଯାହାଙ୍କର ମୁଣ୍ଡ ଦିନରାତି ବ୍ୟସ୍ତ ଥାଏ, ସେମାନଙ୍କ ନାମ ହତଭାଗ୍ୟ । ଆଉ ଏହି ବୁଦ୍ଧି ଯୋଗୁଁ ହିଁ ଆମେ ଲକ୍ଷ୍ମୀଛଡ଼ା, ଯୋତାଖିଆ, ଆଉ ଏମାନେ ତ୍ରିଭୁବନବିଜୟୀ । ଅଳସୁଆପଣ ଓ ବୈରାଗ୍ୟ ମଧ୍ୟରେ ଆକାଶ ପାତାଳ-ତଫାତ୍ ।

ଯଦି ଭଲ ଚାହଁ ତ ଘଣ୍ଟା ଫଣ୍ଟା ସବୁ ଗଙ୍ଗାଜଳରେ ବିସର୍ଜନ କରି ସାକ୍ଷାତ୍ ଭଗବାନ ନାରାୟଣଙ୍କର—ମାନବଦେହଧାରୀ ପ୍ରତ୍ୟେକ ମଣିଷର ପୂଜା କର—ବିରାଟ ଏବଂ ସ୍ୱରାଟ । ବିରାଟ ରୂପ ଏହି ଜଗତ୍—ତା'ର ପୂଜା ଅର୍ଥ ତା'ର ସେବା—ଏହାର ନାମ କର୍ମ—ଘଣ୍ଟା ଉପରେ ଚାମର ଚଢ଼ାଇବା ନୁହେଁ—ଆଉ ଭାତ ଥାଳି ଆଗରେ ଦଶ ମିନଟ୍ ବସିବ କି ଅଧଘଣ୍ଟା ବସିବ—ଏ ବିଚାରର ନାମ 'କର୍ମ' ନୁହେଁ, ଏହାର ନାମ ପାଗଳାଗାରଦ । କୋଟି କୋଟି ଟଙ୍କା ଖର୍ଚ୍ଚ କରି କାଶୀ ବୃନ୍ଦାବନରେ ଠାକୁରଘରର କବାଟ ଫିଟୁଛି ଆଉ ପଡ଼ୁଛି । ହେଉଛି ଠାକୁର ଲୁଗା ପାଲଟୁଛନ୍ତି ତ ହେଉଛି ଠାକୁର ଭାତ ଖାଉଛନ୍ତି ତ, ହେଉଛି ଠାକୁର ଆଣ୍ଠୁକୁଡ଼ାଙ୍କ ପୁଅଗୋଷ୍ଠୀର ପିଣ୍ଡ ଚଟକୁଛନ୍ତି—ଏଆଡ଼େ ଜୀଅନ୍ତା ଠାକୁର ଅନ୍ନ ବିନା ବିଦ୍ୟା ବିନା ମରୁଛନ୍ତି ।

ବମ୍ବେର ବଣିଆଗୁଡ଼ାକ ଛାରପୋକ ପାଇଁ ହାସପାତାଳ କରୁଛନ୍ତି । ମଣିଷଗୁଡ଼ାକ ମରିଯାଆନ୍ତୁ । ତୁମମାନଙ୍କର ବୁଦ୍ଧି ନାହିଁ ଯେ, ଏ କଥା ବୁଝିବ—ଆମ ଦେଶର ମହାରୋଗ—ସାରାଦେଶଟି ପାଗଳାଗାରଦ ?··· ଯାଉ; ତୁମମାନଙ୍କ ମଧ୍ୟରେ ଯେଉଁମାନେ ଟିକିଏ ମୁଣ୍ଡବାଲା ଅଛନ୍ତି, ସେମାନଙ୍କ ଚରଣରେ ମୋର ଦଣ୍ଡବତ ଓ ସେମାନଙ୍କ ପାଖରେ ମୋର ଏହି ପ୍ରାର୍ଥନା ଯେ, ସେମାନେ ନିଆଁ ପରି ବ୍ୟାପି ଯାଆନ୍ତୁ—ଏହି ବିରାଟର ଉପାସନା ପ୍ରଚାର କରନ୍ତୁ—ଯାହା ଆମ ଦେଶରେ କେବେହେଲେ ହୋଇ ନାହିଁ । ଲୋକଙ୍କ ସହିତ ଝଗଡ଼ା କରିବା ନୁହେଁ, ସମସ୍ତଙ୍କ ସହିତ ମିଶିବାକୁ ପଡ଼ିବ ।··· ଗାଁଗାଁରେ, ଘରେଘରେ idea (ଭାବ) ପ୍ରଚାର କରିବାକୁ ପଡ଼ିବ—ତେବେ ଯାଇଁ ଯଥାର୍ଥ କର୍ମ ହେବ । ନହେଲେ କେବଳ ଚିତ୍ ହୋଇ ପଡ଼ିରହିବା ଆଉ ମଝିରେ ମଝିରେ ଘଣ୍ଟା ହଲାଇବା—କେବଳ ରୋଗ ବିଶେଷ ।··· Independent (ସ୍ୱାଧୀନ) ହୁଅ, ସ୍ୱାଧୀନ ବୁଦ୍ଧି ଖରଚ କରିବାକୁ ଶିଖ··· ଅମୁକ ତନ୍ତ୍ରର ଅମୁକ ପଟଳରେ ଘଣ୍ଟାର ବେଣ୍ଟ ପାଇଁ ଯେଉଁ ଦୈର୍ଘ୍ୟ ନିର୍ଦ୍ଦେଶ ରହିଛି ସେଥିରେ ମୋର କ'ଣ ଅଛି ? ପ୍ରଭୁଙ୍କ ଇଚ୍ଛାରୁ କୋଟିକୋଟି ବେଦ ପୁରାଣ ତୁମମାନଙ୍କର ମୁହଁରୁ ବାହାରି ପଡ଼ିବ ।··· ଯଦି କାମ କରି ଦେଖାଇପାର, ଯଦି ବର୍ଷକ ମଧ୍ୟରେ ଦୁଇଚାରି ଲକ୍ଷ ଚେଲା ଭାରତରେ ସ୍ଥାନେ ସ୍ଥାନେ ସଂଗ୍ରହ କରିପାର, ତେବେ ବୁଝିବି । ତା'ହେଲେ ଯାଇଁ ତୁମମାନଙ୍କ ଉପରେ ମୋର ଭରସା ହେବ, ନ ହେଲେ ଇତି ।···

ବମ୍ବେଠାରୁ ଯେଉଁ ପିଲାଟି ମୁଣ୍ଡ ଲଣ୍ଡା କରି ତାରକଦାଦାଙ୍କ ସହିତ ରାମେଶ୍ୱରକୁ ଯାଇଥିଲା, ସେ କହୁଛି ଯେ, ମୁଁ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ । ରାମକୃଷ୍ଣ ପରମହଂସଙ୍କ

ଶିଷ୍ୟ ! ଦେଖା ନାହିଁ ଶୁଣା ନାହିଁ—ଏ କ'ଣ ତାମସା ନା କଅଣ ? ଗୁରୁ-ପରଂପରା ଭିନ୍ନ କୌଣସି କାମ ହୁଏ ନାହିଁ—ପିଲାଖେଳ ନା କଅଣ ? ସେ ଯଦି ଠିକ୍ ଭାବରେ ବାଟରେ ନ ଚାଲେ, ତଡ଼ିଦେବ । ଗୁରୁପରମ୍ପରା ଅର୍ଥାତ୍ ସେହି ଶକ୍ତି, ଯାହା ଗୁରୁଙ୍କଠାରୁ ଶିଷ୍ୟ ପାଖକୁ ଆସେ, ତାଙ୍କଠାରୁ ପୁଣି ତାଙ୍କ ଶିଷ୍ୟ ନିକଟକୁ ଯାଏ, ତାହା ଛଡ଼ା କିଛି ହେବାର ନୁହେଁ । ଉଡ଼ି ଆସିବା ଲୋକ—ମୁଁ ରାମକୃଷ୍ଣଙ୍କ ଶିଷ୍ୟ—ଏ ପିଲାଖେଳ ନା କଅଣ ! ମୋତେ ଜଗମୋହନ କହିଥିଲା ଯେ, ଜଣେ କିଏ କହୁଥିଲା, ସେ ତୁମର ଗୁରୁଭାଇ, ମୁଁ ବର୍ତ୍ତମାନ ଧରନେଇଛି—ଏ ସେହି ପିଲା । ଗୁରୁଭାଇ କ'ଣ ରେ ? ହଁ, ଚେଲା କହିବାକୁ ଲାଜ ଲାଗୁଛି ! ଏକାଥରକେ ଗୁରୁ ବନିଯିବ । ଯଦି ଠିକ୍ ଭାବରେ ବାଟରେ ନ ଚାଲେ, ବାହାର କରିଦିଅ ।

ତୁଳସୀ ଓ ଖୋକା ମନରେ ଯେଉଁ ଅଶାନ୍ତ ହେଉଛି, ତା'ର ଅର୍ଥ କୌଣସି କାମ ନାହିଁ । ନିରଞ୍ଜନର ମଧ୍ୟ—ତା'ର ଅର୍ଥ କୌଣସି କାମ ନାହିଁ । ଗାଁ ଗାଁକୁ ଯାଅ, ଘର ଘର ବୁଲ; ଲୋକହିତ, ଜଗତର କଲ୍ୟାଣ କର—ନିଜେ ନରକକୁ ଯାଅ, ପରର ମୁକ୍ତି ହେଉ—ମୋ ମୁକ୍ତିର ବାପା ନିର୍ବଂଶ । ନିଜ ଭାବନା ଯେତେବେଳେ ଭାବିବ, ତୁଳସୀ, ସେତେବେଳେ ହିଁ ମନରେ ଅଶାନ୍ତ । ତୁମର ଶାନ୍ତି ଦରକାର କ'ଣ ବାବାଜୀ ? ସବୁ ତ୍ୟାଗ କରିଛ; ଏବେ ଶାନ୍ତିର ଇଚ୍ଛା, ମୁକ୍ତିର ଇଚ୍ଛାଟାକୁ ମଧ୍ୟ ତ୍ୟାଗ କରିଦିଅ ତ ବାପା ! କୌଣସି ଚିନ୍ତା ରଖ ନାହିଁ; ନରକ, ସ୍ୱର୍ଗ, ଭକ୍ତି ବା ମୁକ୍ତି ସବୁ don't care (ଅଗ୍ରାହ୍ୟ କର), ଆଉ ଘରେ ଘରେ ନାମ ବିତରଣ କର ତ ବାବାଜୀ ! ନିଜର ଭଲ କେବଳ ପରର ଭଲରେ ହୁଏ, ନିଜର ମୁକ୍ତି ଓ ଭକ୍ତି ମଧ୍ୟ ଅନ୍ୟର ଭକ୍ତି ଓ ମୁକ୍ତିଦ୍ୱାରା ହୁଏ—ସେଥିରେ ହିଁ ଲାଗିଯାଅ, ମାତି ଯାଅ, ଉନ୍ମାଦ ହୋଇଯାଅ । ଠାକୁରେ ଯେପରି ତୁମମାନଙ୍କୁ ଭଲ ପାଉଥିଲେ, ମୁଁ ଯେପରି ତୁମମାନଙ୍କୁ ଭଲପାଏ, ତୁମେମାନେ ସେହିପରି ଜଗତକୁ ଭଲପାଅ ଦେଖି ।

ସମସ୍ତଙ୍କୁ ଏକାଠି କର । ଗୁଣନିଧି କେଉଁଠି ? ତାକୁ ତୁମମାନଙ୍କ ପାଖକୁ ଆଣିବ । ତାକୁ ମୋର ଅନନ୍ତ ପ୍ରୀତି । ଗୁପ୍ତ କେଉଁଠି ? ସେ ଆସିବାକୁ ଚାହେଁ ତ ଆସୁ । ମୋ ନାଁ କହି ତାକୁ ଡାକିଆଣ । ଏହି କେତୋଟି କଥା ମନେରଖ—

୧ । ଆମେ ସନ୍ନ୍ୟାସୀ, ଭକ୍ତି, ମୁକ୍ତି—ସବୁ ତ୍ୟାଗ ।

୨ । ଜଗତର କଲ୍ୟାଣ କରିବା, ଆଚଣ୍ଡାଳଙ୍କ କଲ୍ୟାଣ କରିବା—ଏହି ଆମର ବ୍ରତ, ସେଥିରେ ମୁକ୍ତି ଆସୁ ବା ନରକ ଆସୁ ।

୩ । ରାମକୃଷ୍ଣ ପରମହଂସ ଜଗତର କଲ୍ୟାଣ ପାଇଁ ଆସିଥିଲେ । ତାଙ୍କୁ ମାନବ କହ ବା ଈଶ୍ୱର କହ ଅଥବା ଅବତାର କହ, ଆପଣା ଆପଣା ଭାବରେ ଗ୍ରହଣ କର ।

୪ । ଯେ ତାଙ୍କୁ ନମସ୍କାର କରିବ, ସେ ସେହି ମୁହୂର୍ତ୍ତରେ ସୁନା ହୋଇଯିବ । ଏହି ବାର୍ତ୍ତା ନେଇ ଘରେ ଘରେ ଯାଅ ଦେଖି ବାବାଜୀ—ଅଶାନ୍ତି ଦୂର ହୋଇଯିବ । ଭୟ କର ନାହିଁ—ଭୟର ସ୍ଥାନ କେଉଁଠି ? ତୁମେମାନେ ତ କିଛି ଚାହଁ ନାହିଁ—ଏତେ ଦିନ ଧରି ତାଙ୍କର ନାମ ତୁମମାନଙ୍କର ଚରିଦିଗରେ ବିସ୍ତାର କରିଛ; ବେଶ୍ କରିଛ, ବର୍ତ୍ତମାନ organised (ସଂଘବଦ୍ଧ) ହୋଇ ପ୍ରଚାର କର—ପ୍ରଭୁ ତୁମମାନଙ୍କ ସଙ୍ଗରେ,

ଭୟ ନାହିଁ ।

ମୁଁ ମରେ ବା ବଞ୍ଚେ, ଦେଶକୁ ଯାଏ ବା ନ ଯାଏ, ତୁମେମାନେ ବିତରଣ କର—ପ୍ରେମ ବିତରଣ କର । ଗୁପ୍ତକୁ ଏ କାମରେ ଲଗାଅ; କିନ୍ତୁ ମନେରଖ, ପରକୁ ମାରିବାକୁ ହେଲେ ଢାଲ, ତରବାରି ଦରକାର । 'ସନ୍ନିମିତ୍ତେ ବରଂ ତ୍ୟାଗଃ ବିନାଶେ ନିୟତେ ସତି ।'—ଯେତେବେଳେ ମୃତ୍ୟୁ ଅବଶ୍ୟମ୍ଭାବୀ, ସେତେବେଳେ ସତ୍ ବିଷୟ ପାଇଁ ଦେହତ୍ୟାଗ ଶ୍ରେୟଃ । ଇତି

ପୁଃ—ପୂର୍ବ ଚିଠି ମନେରଖ—ସ୍ତ୍ରୀ-ପୁରୁଷ ଉଭୟ ଦରକାର, ଆତ୍ମାରେ ସ୍ତ୍ରୀ-ପୁରୁଷ-ଭେଦ ନାହିଁ, ତାଙ୍କୁ କେବଳ ଅବତାର କହିଲେ ଚଳିବ ନାହିଁ—ଶକ୍ତିର ବିକାଶ ଆବଶ୍ୟକ । ହଜାର ହଜାର ପୁରୁଷ ଲୋଡ଼ା, ସ୍ତ୍ରୀ ଲୋଡ଼ା—ଯେଉଁମାନେ ନିଆଁ ପରି ହିମାଚଳରୁ କନ୍ୟାକୁମାରୀ—ଉତ୍ତରମେରୁଠାରୁ ଦକ୍ଷିଣମେରୁ ଦୁନିଆସାରା ବ୍ୟାପିଯିବେ । ପିଲାଖେଳ ନୁହେଁ—ପିଲାଖେଳର ସମୟ ନାହିଁ—ଯେଉଁମାନେ ପିଲାଖେଳ କରିବାକୁ ଚାହାଁନ୍ତି, ଏବେଠୁ ଅଲଗା ହୋଇଯାଆନ୍ତୁ, ନ ହେଲେ ସେମାନଙ୍କର ମହା ଆପଦ । Organisation (ସଂଘ) ଆବଶ୍ୟକ—ଆଳସ୍ୟ ଦୂର କରିଦିଅ, ବ୍ୟାପିଯାଅ, ବ୍ୟାପିଯାଅ; ନିଆଁ ପରି ସବୁ ଜାଗାକୁ ବ୍ୟାପିଯାଅ । ମୋ ଉପରେ ଭରସା ରଖ ନାହିଁ; ମୁଁ ମରେ ବା ବଞ୍ଚେ, ତୁମେମାନେ ବ୍ୟାପିଯାଅ, ବ୍ୟାପିଯାଅ । ଇତି

ନରେନ୍ଦ୍ର

୧୫୭ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟଃ

୧୮୯୪

ପ୍ରାଣାଧିକେଷୁ,

ତାରକଦାଦା ଓ ହରି ଆଗରୁ ପଠାଇଥିବା ଗୋଟିଏ ପତ୍ର ଶେଷରେ ପାଇଲି । ସେଥିରୁ ଅବଗତ ହେଲି ଯେ, ସେମାନେ କଲିକତା ଆସୁଛନ୍ତି । ପୂର୍ବ ପତ୍ରରୁ ସବୁକଥା ଜାଣିଛ । ରାମଦୟାଳବାବୁଙ୍କର ପତ୍ର ପାଇଲି । ତଦନୁସାରେ ଛବି ପଠାଯିବ । ମା-ଠାକୁରାଣୀଙ୍କ ପାଇଁ ଜମି ଖରିଦ କରିବାକୁ ହେବ । ତାହା ଠିକ୍ କରିବ—ଅର୍ଥାତ୍ ବିଲ୍ଡିଂ ଅପାତତଃ ମାଟିର ହେଉ, ପରେ ଦେଖାଯିବ; କିନ୍ତୁ ଜମିଟା ପ୍ରଶସ୍ତ ହେବା ଦରକାର । କପର କାହା ପାଖକୁ ଟଙ୍କା ପଠାଇବି, ସବୁ ସନ୍ଧାନ ନେଇ ଲେଖିବ । ତୁମମାନଙ୍କ ମଧ୍ୟରୁ ଜଣେ ବୈଷୟିକ କାର୍ଯ୍ୟର ଭାର ନେବ ।

ସମସ୍ତ ବୈଷୟିକ ବ୍ୟାପାର ସନ୍ଧାନ କରି ଏକ ପତ୍ର ଲେଖିବାକୁ ସାଣ୍ଡେଲଙ୍କୁ କହିବ । ସାଣ୍ଡେଲ ଗୁଜର ବାକର କପର କରୁଛି ? ଯଦି ପ୍ରଭୁଙ୍କ ଇଚ୍ଛା ହୁଏ ତ, ବହୁତ କାମ ଶୀଘ୍ର କରିପାରିବ । ହରମୋହନ କେଦାରବାବୁଙ୍କ ଟଙ୍କା କଥା କଅଣ ଲେଖିଛ ? ପତ୍ର ପାଇଲା ମାତ୍ରକେ ମୁଁ ଟଙ୍କା ପଠାଇବି; କିନ୍ତୁ କାହା ନାମରେ ଏବଂ କାହାକୁ ପଠାଇବି ଜାଣି ନାହିଁ । ସେଠାରେ ଜଣେ ଏଜେଣ୍ଟ ନ ହେଲେ କୌଣସି କାର୍ଯ୍ୟ ହେବ ନାହିଁ ।

ବିମଳା—କାଳୀକୃଷ୍ଣ ଠାକୁରଙ୍କ ଜାମାତା ଏକ ସୁଦୀର୍ଘ ପତ୍ରରେ ଲେଖିଛନ୍ତି ଯେ, ତାଙ୍କର ହିନ୍ଦୁଧର୍ମରେ ବର୍ତ୍ତମାନ ଯଥେଷ୍ଟ ବ୍ୟୁତ୍ପତ୍ତି । ପ୍ରତିଷ୍ଠାରୁ ସାବଧାନ ରହିବା ପାଇଁ

ମୋତେ ଅନେକ ଉପଦେଶ ଦେଇଛନ୍ତି ଏବଂ ତାଙ୍କ ଗୁରୁ ଶଶୀବାବୁଙ୍କର ସାଂସାରିକ ଦାରିଦ୍ର୍ୟ କଥା ଲେଖିଛନ୍ତି । ଶିବ ଶିବ ! ଯାହାଙ୍କର ଶ୍ୱଶୁର ବଡ଼ଲୋକ, ସେ କିଛି ପାରନ୍ତି ନାହିଁ, ଆଉ ମୋର ତ ଜନ୍ମକାଳରେ ଶ୍ୱଶୁର ଆଦୌ ନାହାନ୍ତି !! ଶଶୀବାବୁଙ୍କ ପ୍ରଣୀତ ଏକ ପୁସ୍ତକ ପଠାଇଛନ୍ତି । ଉକ୍ତ ପୁସ୍ତକରେ ସୂକ୍ଷ୍ମତତ୍ତ୍ୱର ବୈଜ୍ଞାନିକ ବ୍ୟାଖ୍ୟା କରାଯାଇଛି । କମଳାର ଇଚ୍ଛା ଯେ, ଏ ଦେଶରୁ ଯେପରି ଉକ୍ତ ପୁସ୍ତକ ପ୍ରକାଶ ଲାଗି ସାହାଯ୍ୟ ମିଳେ । ସେଥିପାଇଁ ତ କୌଣସି ଉପାୟ ଦେଖୁ ନାହିଁ, କାରଣ ଏମାନେ ବଙ୍ଗଳା ଭାଷା ମୋଟେ ଜାଣନ୍ତି ନାହିଁ । ତା'ପରେ ହିନ୍ଦୁଧର୍ମର ସହାୟତା ଖ୍ରୀଷ୍ଟିଆନ୍‌ମାନେ କାହିଁକି କରିବେ ? କମଳା ବର୍ତ୍ତମାନ ସହଜ ବ୍ରହ୍ମଜ୍ଞାନ ଲାଭ କରିଛନ୍ତି—ପୃଥିବୀରେ ହିନ୍ଦୁ ଶ୍ରେଷ୍ଠ ଓ ତନ୍ମଧ୍ୟରେ ବ୍ରାହ୍ମଣ ! ବ୍ରାହ୍ମଣଙ୍କ ମଧ୍ୟରେ ଶଶୀ ଓ କମଳା—ଏ ଦୁହିଁଙ୍କ ଛଡ଼ା ପୃଥିବୀରେ ଆଉ କାହାର ଧର୍ମ ହୋଇପାରିବ ନାହିଁ; କାରଣ ସମସ୍ତଙ୍କର 'ଉର୍ଦ୍ଧ୍ୱ ସ୍ରୋତସ୍ୱିନୀ ବୃତ୍ତି' ନିମ୍ନ ଦିଗକୁ ଚାଲିଗଲାଣି ଏବଂ କେବଳ ଉକ୍ତ ଦୁଇଜଣଙ୍କର ଉଚ୍ଚ ଦିଗକୁ··· । ଏହିଭାବରେ କମଳା ବର୍ତ୍ତମାନ ସନାତନ ଧର୍ମର ଯାହା ଅସଲ ସାର, ତାହା ଟାଣି ନେଇଛନ୍ତି !

ଧର୍ମ କ'ଣ ଆଉ ଭାରତରେ ଅଛି ଭାଇ ! ଜ୍ଞାନମାର୍ଗ, ଭକ୍ତିମାର୍ଗ, ଯୋଗମାର୍ଗ—ସବୁ ପଳାୟନ । ବର୍ତ୍ତମାନ ଅଛି କେବଳ ଛୁଁତ୍‌ମାର୍ଗ—ମୋତେ ଛୁଅଁ ନାହିଁ, ମୋତେ ଛୁଅଁ ନାହିଁ । ଦୁନିଆ ଅପବିତ୍ର, ମୁଁ ପବିତ୍ର । ସହଜ ବ୍ରହ୍ମଜ୍ଞାନ ! ଭଲରେ ବାବା !! ହେ ଭଗବାନ୍ ! ଏବେ ଆଉ ବ୍ରହ୍ମ ହୃଦୟ-କନ୍ଦରରେ ନାହିଁ, ଗୋଲୋକରେ ନାହିଁ, ସର୍ବଭୂତରେ ମଧ୍ୟ ନାହିଁ—ବର୍ତ୍ତମାନ ଭାତହାଣ୍ଡିରେ···। ପୂର୍ବକାଳରେ ମହତ୍‌ଲୋକର ଲକ୍ଷଣ ଥିଲା, 'ତ୍ରିଭୁବନମୁପକାର-ଶ୍ରେଣୀଭିଃ ପ୍ରୀୟମାଣଃ'—ବର୍ତ୍ତମାନ ହେଉଛି, 'ମୁଁ ପବିତ୍ର, ଆଉ ଦୁନିଆସାରା ଅପବିତ୍ର—ଲାଓ ରୁପେୟା, ଧରୋ ହମାରା ପାଓ୍ୱରକା ନୀଚେ ।'

ହରମୋହନ ମଝିରେ ଖଣ୍ଡିଏ ଦିଗ୍‌ଗଜ ପତ୍ର ଲେଖିଥିଲା । ସେଥିରେ ପ୍ରଧାନ ଖବର ପ୍ରାୟ ଏହିପରି, ଯଥା—'ଅମୁକ ଗୁଡ଼ିଆ ଦୋକାନରେ ଅମୁକ ପିଲା ଆପଣଙ୍କର ନିନ୍ଦା କଲା, ତାହା ଅସହ୍ୟ ହେବାରୁ ମୁଁ ଲଢ଼େଇ କଲି' ଇତ୍ୟାଦି । କିଏ ତାକୁ ଲଢ଼େଇ କରିବାକୁ କହିଲା, ପ୍ରଭୁ ଜାଣନ୍ତି !··· ଯାହା ହେଉ, ତା'ର ସ୍ନେହମମତାରେ ମୁଁ ମୁଗ୍ଧ ଏବଂ ତା'ର perseverance (ଅଧ୍ୟବସାୟ)ରେ ମଧ୍ୟ । ମଝିରେ ଯଦି ପାର, immediately ଋଣ କରି କେଦାରବାବୁଙ୍କ ଟଙ୍କା ସୁଧସମେତ ଦେଇଦିଅ, ମୁଁ ପତ୍ରପାଠ ପଠାଇଦେବି । କାହାକୁ ଟଙ୍କା ପଠାଇବି, କେଉଁଠାକୁ ପଠାଇବି ? ତୁମମାନଙ୍କର ଯେ ହରିଘୋଷର ଗୁହାଳ । ମୋ ପାଖରେ ଟଙ୍କାର କୌଣସି ଅଭାବ ନାହିଁ···କେଦାରବାବୁଙ୍କ ଟଙ୍କା twice over ଦେବି (ଦ୍ୱିଗୁଣ ପରିଶୋଧ କରିବି) । ତାଙ୍କୁ କହିବ କ୍ଷୁଣ୍ଣ ହେବେ ନାହିଁ । ମୁଁ ଭାବିଥିଲି, ଉପେନ୍ ଏ ମଧ୍ୟରେ ତାହା ପରିଶୋଧ କରିଦେଇଛି । ଗୁଡ଼୍, ଉପେନ୍‌କୁ କିଛି କହିବା ଦରକାର ନାହିଁ । ମୁଁ ପତ୍ରପାଠ ପଠାଇ ଦେବି ।

ଯେଉଁ ମହାପୁରୁଷ—ଉତ୍ସାହ ଉତ୍ତେଜନା ସାଙ୍ଗକରି ଦେଶକୁ ଫେରିଯିବା ପାଇଁ

ଲେଖିଛନ୍ତି, ତାଙ୍କୁ କହ, କୁକୁରପରି କାହାର ପାଦ ଚାଟିବା ମୋର ସ୍ୱଭାବ ନୁହେଁ । ଯଦି ସେ ମରଦପିଲା ହୋଇଥାନ୍ତି, ତା' ହେଲେ ଗୋଟିଏ ମଠ ବସାଇ ମୋତେ ଡାକିବାକୁ କହ, ନ ହେଲେ କାହା ଘରକୁ ଫେରିଯିବି ? ଏ ଦେଶ ତ ମୋର ଘରଠାରୁ ଅଧିକ— ହିନ୍ଦୁସ୍ଥାନରେ କଅଣ ଅଛି ? କିଏ ଧର୍ମକୁ ଆଦର କରେ ? କିଏ ବିଦ୍ୟାକୁ ଆଦର କରେ ? ଘରକୁ ଫେରିଆସ !!! ଘର କାହିଁ ?

ଏଥରର ମହୋତ୍ସବ ଏପରି କରିବ ଯେ, ଆଗରୁ କେବେ ଯେପରି ସେଭଳି ହୋଇ ନ ଥିବ । ମୁଁ 'ପରମହଂସ ମହାଶୟଙ୍କର ଜୀବନ-ଚରିତ' ଲେଖି ପଠାଇବି । ତାହା ଛପାଇ ଓ ତର୍ଜମା କରି ବିକ୍ରି କରିବ । ମାଗଣାରେ ବିତରଣ କଲେ ଲୋକେ ପଢ଼ନ୍ତି ନାହିଁ, କିଛି ଦାମ୍ ନେବ । ହୁସିଆର ଉତ୍ତେଜନାର ଶେଷ !!! ...ଏଇଟା ତ କଳିର ସନ୍ଧ୍ୟା । ମୁଁ ମୁକ୍ତି ଚାହୁଁ ନାହିଁ, ଭକ୍ତି ଚାହୁଁ ନାହିଁ; ମୁଁ ଲକ୍ଷ ନରକକୁ ଯିବି, 'ବସନ୍ତବଲ୍ଲୋକହିତଂ ଚରନ୍ତଃ' (ବସନ୍ତ ଯେପରି ଲୋକଙ୍କ କଲ୍ୟାଣ ଆଚରଣ କରେ)—ଏହି ମୋର ଧର୍ମ । ମୁଁ ଅଳସୁଆ, ନିଷ୍ଠୁର, ନିର୍ଦ୍ଦୟ, ସ୍ୱାର୍ଥପର ବ୍ୟକ୍ତିଙ୍କ ସହିତ କୌଣସି ସମ୍ପର୍କ ରଖିବାକୁ ଚାହେଁ ନାହିଁ । ଯାହାର ଭାଗ୍ୟରେ ଥିବ, ସେ ଏହି ମହାକାର୍ଯ୍ୟରେ ସହାୟତା କରିପାରିବ ।··· ସାବଧାନ, ସାବଧାନ ! ଏସବୁ କଅଣ ପିଲାଖେଳ, ସ୍ୱପ୍ନ ଦେଖିବା ନା କଅଣ ? ସାଧୁ ସାବଧାନ ! ସୁରେଶ ଦତ୍ତର 'ରାମକୃଷ୍ଣଚରିତ' ପଢ଼ିଲି, ମନ୍ଦ ହୋଇ ନାହିଁ । ଶଶୀ ସାଣ୍ଡେଲଙ୍କର କୌଣସି ଉପକାର ଯଦି ତୁମଦ୍ୱାରା ହୋଇପାରିବ, କରିବ । ବିଚରା ଭକ୍ତ ମଣିଷ, ବଡ଼ କଷ୍ଟ ପାଉଛି । ମୁଁ ତ ଭାଇ, ଏଠାରେ ବସି କୌଣସି ଉପାୟ ଦେଖୁ ନାହିଁ । କିମଧିକମିତି ।

ଭାଇ, ଅରେ ଗର୍ଜି ଗର୍ଜି ମଧୁପାନରେ ଲାଗିଯାଅ ତ—ମାଷ୍ଟର, ଜି. ସି. ଘୋଷ, ଅତୁଳ, ରାମଭାଇ, ନିତ୍ୟଗୋପାଳ, ଶାଁକଚୁନ୍ନି ! ଆଚ୍ଛା, ଶାଁକଚୁନ୍ନିର କୌଣସି କଥା ତୁମେମାନେ ତ ଲେଖୁ ନାହଁ । ସେ ଗଲା କୁଆଡ଼େ ? ମା'ଙ୍କୁ ସେହିପରି ଭକ୍ତି କରୁଛି କି ନାହିଁ ? ନିତ୍ୟଗୋପାଳର ବଡ଼ ଭାଇଙ୍କ ଦେହ ବେଶ୍ ସୁସ୍ଥ ହେଲାଣି କି ନାହିଁ, ବାବୁରାମ, ଯୋଗେନ୍ ଭଲ ହେଲେଣି କି ନାହିଁ, ଇତ୍ୟାଦି ସମସ୍ତଙ୍କର ବିଷୟ ମୁଁ ପୁଙ୍ଖାନୁପୁଙ୍ଖ ଜାଣିବାକୁ ଚାହେଁ । ଶରତ୍ କିମ୍ବା ସାଣ୍ଡେଲକୁ କହିବ—ଗୋଟିଏ ବିଶେଷ ପତ୍ରରେ ସବୁ ଖୋଲି ଲେଖିବା ପାଇଁ । କାଳୀକୃଷ୍ଣ, ଭବନାଥ, ଦାଶୁ, ହାବୁ, ହରି ଚାଟର୍ଜୀ—ସମସ୍ତଙ୍କୁ ତୁମେମାନେ ସ୍ନେହ କର କି ନାହିଁ—ସବୁ ଲେଖିବ ।··· ତୁମେମାନେ ଜଣେ ଜଣେ ମଣିଷ ହୁଅ ତ ବାବା ! ଗଙ୍ଗାଧର ଖେତଡ଼ିରୁ ପଳାଇଯାଇ ନାହିଁ ତ ?···

କହୁଛି, ଆଉ ଖବରକାଗଜ ପଠାଇବା ଦରକାର ନାହିଁ । ତା'ର ଗୁଡ଼ାଏ ହୋଇଗଲାଣି । ତୁମମାନଙ୍କର କାହାର ହେଲେ organising power (ସଂଗଠନଶକ୍ତି) ନାହିଁ ଦେଖୁଛି; ଅତି ଦୁଃଖର କଥା । ସମସ୍ତଙ୍କୁ ମୋର ପ୍ରୀତି ଜଣାଇବ, ସମସ୍ତଙ୍କର help (ସାହାଯ୍ୟ) ମୁଁ ଚାହେଁ; ଖବରଦାର୍, କାହା ସାଙ୍ଗରେ ଯେପରି ବିବାଦ ବିସମ୍ବାଦ ନ ହୁଏ । Neither money pays, nor name, nor fame, nor learning, it is character that can cleave through adamantine walls

of difficulties.*—ମନେରଖ । ଲୋକଙ୍କ ସହିତ ମିଳାମିଶା ବିଶେଷତଃ ତାଙ୍କର ମତାମତକୁ pooh pooh (ଦୂର୍ ଦୂର୍) କରିବ ନାହିଁ, ସେଥିରେ ଲୋକେ ଖପ୍ପା ରାଗିଯାଆନ୍ତି । ସ୍ଥାନେ ସ୍ଥାନେ ଗୋଟିଏ ଗୋଟିଏ ସେଣ୍ଟର୍ କରିବାକୁ ହେବ—ଏହା ତ ଖୂବ୍ ସହଜ । ତୁମେ ଜାଗା ଜାଗା ବୁଲିବା ସଙ୍ଗେ ସଙ୍ଗେ, ସେଠାରେ ଗୋଟିଏ ଗୋଟିଏ ସେଣ୍ଟର୍ କରିନେବ । ଏହିପରି ଭାବରେ କାମ ହେବ । ଯେଉଁଠାରେ ପାଞ୍ଚଜଣ ଲୋକ 'ଠାକୁର' ମାନନ୍ତି, ସେହିଠାରେ ଗୋଟାଏ ଡେରା—ଏହିପରି କରି ବୁଲ ଏବଂ ସର୍ବଦା ସବୁ ଜାଗା ସହିତ communication (ଯୋଗାଯୋଗ) ରଖିବାକୁ ପଡ଼ିବ । ଇତି

ଚିରସ୍ନେହାଶିଷ, ବିବେକାନନ୍ଦ

୧୪୮ଇଂ

ବ୍ରୁକ୍‌ଲିନ, ନ୍ୟୁୟର୍କ ଷ୍ଟେସନ
୨୮ ଡିସେମ୍ବର ୧୮୯୪

ପ୍ରିୟ ମିସେସ୍ ବୁଲ୍,

ମୁଁ ନିରାପଦରେ ନ୍ୟୁୟର୍କରେ ପହଞ୍ଚିଛି; ଡିପୋଠାରେ ଲ୍ୟାଣ୍ଡସ୍‌ବର୍ଗ ମୋ ସହିତ ସାକ୍ଷାତ୍ କଲେ ଏବଂ ମୁଁ ସଙ୍ଗେ ସଙ୍ଗେ ବ୍ରୁକ୍‌ଲିନ୍ ଅଭିମୁଖରେ ଯାତ୍ରା କଲି ଓ ଠିକ୍ ସମୟରେ ସେଠାରେ ପହଞ୍ଚିଲି ।

ସନ୍ଧ୍ୟା ସମୟଟା ପରମାନନ୍ଦରେ କଟିଗଲା—'ଏଥିକାଲ୍ କଲ୍‌ଚର୍' ସମିତି ( Ethical Culture Society )-ର କେତେଜଣ ଭଦ୍ରଲୋକ ମୋ ସହିତ ଦେଖା କରିବାକୁ ଆସିଥିଲେ ।

ଆଗାମୀ ରବିବାର ଦିନ ଗୋଟିଏ ବକ୍ତୃତା ହେବ । ଡଃ ଜେନ୍‌ସ ତାଙ୍କର ସ୍ୱଭାବସିଦ୍ଧ ଖୁବ୍ ସହୃଦୟ ଓ ଅମାୟିକ ବ୍ୟବହାର ଦେଖାଇଲେ । ମିः ହିଗିନ୍‌ସଙ୍କୁ ପୂର୍ବଭଳି ଦେଖିଲି —ଖୁବ୍ କାମିକା ଲୋକ । କହିପାରୁ ନାହିଁ କାହିଁକି—ଅନ୍ୟାନ୍ୟ ସହର ଅପେକ୍ଷା ଏହି ନ୍ୟୁୟର୍କ ସହରରେ ହିଁ ଦେଖୁଛି—ସ୍ତ୍ରୀ-ଲୋକଙ୍କ ଅପେକ୍ଷା ପୁରୁଷମାନେ ଧର୍ମଚର୍ଚ୍ଚାରେ ଅଧିକ ଆଗ୍ରହୀ ।

ମୋ କ୍ଷୁରଟି ୧୬୨ ନଂ ଘରେ ଛାଡ଼ି ଆସିଛୁ, ଅନୁଗ୍ରହ କରି ସେଇଟାକୁ ଲ୍ୟାଣ୍ଡସ୍-ବର୍ଗଙ୍କ ଠିକଣାରେ ପଠାଇଦେବେ ।

ଏଥି ସହିତ, ମିः ହିଗିନ୍‌ସ ମୋ ସମ୍ପର୍କରେ ଯେଉଁ ପୁସ୍ତିକା ଖଣ୍ଡିକ ଛପାଇଛନ୍ତି, ତାହାର ଗୋଟିଏ କପି ପଠାଇଲି । ଆଶା କରୁଛି, ଭବିଷ୍ୟତରେ ଆହୁରି ମଧ୍ୟ ପଠାଇ ପାରିବି ।

ମିସ୍ ଫାର୍ମର୍ ଏବଂ ତାଙ୍କର ପବିତ୍ର ପରିବାରର ସମସ୍ତଙ୍କୁ ମୋର ଶ୍ରଦ୍ଧା ଜଣାଇବେ ।

ସଦାବିଶ୍ୱସ୍ତ, ବିବେକାନନ୍ଦ

---

* ଟଙ୍କାରେ କିଛି ହୁଏ ନାହିଁ, ନାମଯଶରେ କିଛି ହୁଏ ନାହିଁ, ବିଦ୍ୟାରେ ମଧ୍ୟ ନୁହେଁ; କେବଳ ଚରିତ୍ର ହିଁ ବାଧାବିଘ୍ନରୂପକ ବଜ୍ରଦୃଢ଼ ପ୍ରାଚୀର ଭେଦ କରିପାରେ ।

୧୫୯ଇଂ

ଜର୍ଜ୍ ଡବ୍‌ଲ୍ୟୁ. ହେଲ୍‌ଙ୍କ ଘର
୫୪୧ ଡିଅରବର୍ଣ୍ଣ ଏଭେନ୍ୟୁ, ଚିକାଗୋ, ୧୮୯୪

ପ୍ରିୟ ଆଲସିଙ୍ଗା,

ଏହି ମାତ୍ର ତୁମ ପତ୍ର ପାଇଲି । ଭଟ୍ଟାଚାର୍ଯ୍ୟଙ୍କର ମାତାଙ୍କ ଦେହତ୍ୟାଗ-ସମ୍ବାଦ ଶୁଣି ବିଶେଷ ଦୁଃଖିତ ହେଲି । ସେ ଜଣେ ଅସାଧାରଣ ମହିଳା ଥିଲେ । ପ୍ରଭୁ ତାଙ୍କର କଲ୍ୟାଣ କରନ୍ତୁ ।

ମୁଁ ଯେଉଁ ଖବରକାଗଜର ଅଂଶଗୁଡ଼ିକ ତୁମ ପାଖକୁ ପଠାଇଥିଲି, ସେଗୁଡ଼ିକୁ ପ୍ରକାଶ କରିବାକୁ କହି ମୁଁ ଭୁଲ କରିଛି । ଏହା ମୋର ଏକ ଭୟଙ୍କର ଅନ୍ୟାୟ । ମୁହୂର୍ତ୍ତିକ ପାଇଁ ଦୁର୍ବଳତା ମୋ ହୃଦୟକୁ ଅଧିକାର କରିଥିଲା, ଏଥିରେ ତାହା ହିଁ ପ୍ରକାଶିତ ହେଉଛି ।

ଏ ଦେଶରେ ଦୁଇ ତିନି ବର୍ଷ ଧରି ବକ୍ତୃତା ଦେଲେ ଟଙ୍କା ଉଠିଯାଇ ପାରିବ । ମୁଁ କେତେକାଂଶରେ ଚେଷ୍ଟା କରିଛି ଏବଂ ଯଦିଚ ଜନସାଧାରଣ ଖୁବ୍ ଆଦରର ସହିତ ମୋ କଥା ଗ୍ରହଣ କରୁଛନ୍ତି, ତଥାପି ଏହି କାର୍ଯ୍ୟ ମୋ ପ୍ରକୃତି ସହିତ ଆଦୌ ଖାପ ଖାଉ ନାହିଁ; ବରଂ ଏଥିରେ ମୋ ମନଟା ବିଶେଷ ଦବିଯାଉଛି । ତେଣୁ ମୁଁ ଏହି ଗ୍ରୀଷ୍ମକାଳରେ ହିଁ ୟୁରୋପ ହୋଇ ଭାରତକୁ ଫେରିଯିବି ବୋଲି ସ୍ଥିର କରିଛି । ଏଥିରେ ଯାହା ଖର୍ଚ୍ଚ ଲାଗିବ —ସେଥିପାଇଁ ଯଥେଷ୍ଟ ଟଙ୍କା ଅଛି । ତାଙ୍କର ଇଚ୍ଛା ପୂର୍ଣ୍ଣ ହେଉ ।

ଭାରତର ଖବରକାଗଜ ଓ ସେମାନଙ୍କର ସମାଲୋଚନା ସମ୍ପର୍କରେ ଯାହା ଲେଖିଛ, ତାହା ପାଠ କଲି । ସେମାନେ ଯେ ଏପରି ଲେଖିବେ, ଏହା ତାଙ୍କ ପକ୍ଷରେ ଅତି ସ୍ୱାଭାବିକ । ପ୍ରତ୍ୟେକ ଦାସଜାତିର ମୂଳ ପାପ ହେଉଛି ଈର୍ଷା ଏବଂ ଏହି ଈର୍ଷା, ଦ୍ୱେଷ ଓ ଅସହଯୋଗିତା ହିଁ ଉକ୍ତ ଦାସତ୍ୱକୁ ଚିରସ୍ଥାୟୀ କରି ରଖେ । ଭାରତ ବାହାରକୁ ନ ଆସିଲେ, ମୋର ଏହି ମନ୍ତବ୍ୟର ମର୍ମ ବୁଝିପାରିବ ନାହିଁ । ପାଶ୍ଚାତ୍ୟ ଜାତିର କାର୍ଯ୍ୟସିଦ୍ଧିର ରହସ୍ୟ ହେଉଛି— ସହଯୋଗିତା । ଏମାନଙ୍କର ଅଦ୍ଭୁତ ଶକ୍ତି ଏବଂ ତାହାର ଭିତ୍ତି ହେଉଛି ପରସ୍ପର ବିଶ୍ୱାସ ଓ ପରସ୍ପରର କାର୍ଯ୍ୟର ଗୁଣଗ୍ରାହିତା । ଗୋଟିଏ ଜାତି ଯେତେ ଦୁର୍ବଳ ଓ କାପୁରୁଷ ହେବ, ତା' ଭିତରେ ଉପର୍ଯ୍ୟୁକ୍ତ ପାପ (କାପୁରୁଷତା) ସେତିକି ସ୍ପଷ୍ଟ ହୋଇ ଦେଖା ଦେବ । ଯେତେ କଷ୍ଟ-କଳ୍ପିତ ହେଉ ପଛେ, ମୂଳରେ କିଛିଟା ସତ୍ୟତା ନ ଥିଲେ କୌଣସି ଅପବାଦ ଉଠିପାରେ ନାହିଁ । ମେକଲେ ଓ ଅନ୍ୟମାନେ ବଙ୍ଗାଳୀଜାତିକୁ ଯେଉଁ ଘୃଣ୍ୟ ଗାଳି-ଗୁଲଜ ଦେଇଛନ୍ତି, ତାହାର କାରଣ ମୁଁ ଏବେ କିଛି କିଛି ବୁଝିପାରୁଛି । ଏମାନେ ସର୍ବାପେକ୍ଷା କାପୁରୁଷ ଏବଂ ସେହି କାରଣରୁ ଏତେଦୂର ଈର୍ଷାପରାୟଣ ଓ ପରନିନ୍ଦାପ୍ରବଣ । ତେଣୁ ହେ ଭ୍ରାତଃ, ଏହି ଦାସଭାବାପନ୍ନ ଜାତି ନିକଟରୁ କିଛି ଆଶା କରିବା ଉଚିତ ନୁହେଁ । ବିଷୟଟିକୁ ସ୍ପଷ୍ଟଭାବରେ ଦେଖିଲେ କୌଣସି ଆଶାର କାରଣ ଅବଶ୍ୟ ରହୁ ନାହିଁ, ତଥାପି ତୁମ ସମସ୍ତଙ୍କ ନିକଟରେ ଖୋଲି କହୁଛି—ତୁମେମାନେ କ'ଣ ଏହି ମୃତ ଜଡ଼ପିଣ୍ଡ ଭିତରେ, ଯାହା ଭିତରେ ଭଲ ହେବାର ଆକାଙ୍କ୍ଷାଟି ମଧ୍ୟ ନଷ୍ଟ ହୋଇଯାଇଛି, ଯେଉଁମାନଙ୍କର ଭବିଷ୍ୟତ ଉନ୍ନତି ଲାଗି

ଆଦୌ ଚେଷ୍ଟା ନାହିଁ, ଯେଉଁମାନେ ତାଙ୍କର ହିତୈଷୀମାନଙ୍କ ଉପରେ ଆକ୍ରମଣ କରିବାକୁ ସର୍ବଦା ପ୍ରସ୍ତୁତ, ସେପରି ଶବ ଭିତରେ ପ୍ରାଣ ସଞ୍ଚାର କରିପାରିବ ? ତୁମେମାନେ କ'ଣ ଏପରି ଚିକିତ୍ସକର ଆସନ ଗ୍ରହଣ କରିପାର, ଯେ କି ଜଣେ ଅସୁସ୍ଥ ବାଳକର ମୁହଁରେ ଔଷଧ ଢାଳିବାକୁ ଚେଷ୍ଟା କରୁଛନ୍ତି, ଯେତେବେଳେକି ସେ ବାଳକଟି କ୍ରମାଗତ ହାତଗୋଡ଼ ବାଡ଼େଇ ଗୋଇଠା ମାରି ଔଷଧ ଖାଇବ ନାହିଁ ବୋଲି ଚିତ୍କାରରେ ଅସ୍ଥିର କରି-ପକାଉଛି ?

'—' ସମ୍ପାଦକଙ୍କ ସମ୍ବନ୍ଧରେ ମୋର ବକ୍ତବ୍ୟ ଏହି ଯେ, ସେ ମୋର ସ୍ୱର୍ଗୀୟ ଗୁରୁଦେବଙ୍କ ନିକଟରୁ ଥରେ ଉତ୍ତମ ମଧ୍ୟମ ତଡ଼ା ଖାଇଥିଲେ ଏବଂ ସେହିଦିନଠାରୁ ଆମ-ମାନଙ୍କର ଛାଇ ମଧ୍ୟ ମାଡ଼ନ୍ତି ନାହିଁ । କୌଣସି ମାର୍କିନ୍ ବା ୟୁରୋପୀୟାନ୍ ତା'ର ବିଦେଶସ୍ଥ ସ୍ୱଦେଶବାସୀର ପକ୍ଷ ସର୍ବଦା ଗ୍ରହଣ କରିଥାଏ; କିନ୍ତୁ ହିନ୍ଦୁ, ବିଶେଷତଃ ବଙ୍ଗାଳୀ—ସ୍ୱଦେଶ-ବାସୀକୁ ସେ ଅପମାନିତ ହେବା ଦେଖିଲେ ଖୁସି ହୁଏ । ଯାହାହେଉ, ସେସବୁ ନିନ୍ଦା ଓ କୁତ୍ସା ପ୍ରତି ଆଦୌ ଭ୍ରୂକ୍ଷେପ କର ନାହିଁ । ପୁଣି ତୁମକୁ ସ୍ମରଣ କରାଇ ଦେଉଛି, 'କର୍ମଣ୍ୟେ-ବାଧିକାରସ୍ତେ, ମା ଫଳେଷୁ କଦାଚନ ।'— କର୍ମରେ ହିଁ ତୁମର ଅଧିକାର, ଫଳରେ ନୁହେଁ । ପାହାଡ଼ ପରି ଅଟଳ ହୋଇ ରହ । ସତ୍ୟର ଜୟ ଚିରକାଳ ହୋଇଥାଏ । ରାମକୃଷ୍ଣଙ୍କ ସନ୍ତାନଗଣଙ୍କର ଯେପରି ଭାବ-ଘରେ ଚୋରି ନ ହୁଏ, ତାହାହେଲେ ସବୁ ଠିକ୍ ହୋଇଯିବ । ଆମେ ବଞ୍ଚି ଥାଉ ନ ଥାଉ ଏହାର କୌଣସି ଫଳ ହୁଏତ ଦେଖି ନ ଯାଇପାରୁ; କିନ୍ତୁ ଆମେମାନେ ବଞ୍ଚି ରହିଛୁ, ଏ ବିଷୟରେ ଯେପରି କୌଣସି ସନ୍ଦେହ ନାହିଁ, ସେହିପରି ନିଃସନ୍ଦେହରେ ଶୀଘ୍ର ହେଉ ବା ବିଲମ୍ବରେ ହେଉ, ଏହାର ଫଳ ହେବ ହିଁ ହେବ । ଭାରତ ପକ୍ଷରେ ପ୍ରୟୋଜନ—ତାହାର ଜାତୀୟ ଧମନୀ ଭିତରେ ନବ ବିଦ୍ୟୁଦଗ୍ନି ସଞ୍ଚାର କରିବା । ଏପରି କାର୍ଯ୍ୟ ଚିରକାଳ ଧୀରେ ଧୀରେ ହୋଇ ଆସିଛି, ଚିରକାଳ ହିଁ ଧୀରଭାବରେ ହେବ; ବର୍ତ୍ତମାନ ଫଳାକାଙ୍କ୍ଷା ତ୍ୟାଗ କରି କେବଳ କାର୍ଯ୍ୟ କରି ଖୁସି ରହ । ସର୍ବୋପରି, ପବିତ୍ର ଓ ଦୃଢ଼-ଚିତ୍ତ ହୁଅ ଏବଂ ମନ-ପ୍ରାଣରେ ଅକପଟ ହୁଅ । ଭାବ-ଘରେ ଯେପରି ଏତେ ଟିକିଏ ମଧ୍ୟ ଚୋରି ନ ରହେ ! ତାହାହେଲେ ଯାଇ ସବୁ ଠିକ୍ ହୋଇଯିବ । ତୁମେମାନେ ଯଦି ରାମକୃଷ୍ଣଙ୍କ ଶିଷ୍ୟଙ୍କ ମଧ୍ୟରୁ କାହା ଭିତରେ କୌଣସି ଜିନିଷ ଲକ୍ଷ୍ୟ କରିଥାଅ, ତାହା ଏହି ଯେ, ସେମାନେ ସମ୍ପୂର୍ଣ୍ଣ ନିଷ୍କପଟ । ମୁଁ ଯଦି ଭାରତରେ ଏପ୍ରକାର ଶହେ ଜଣ ଲୋକଙ୍କୁ ରଖିଯାଇ-ପାରେ, ତା'ହେଲେ ମୁଁ ଆନନ୍ଦିତ ଚିତ୍ତରେ ମରିପାରିବି—ମୁଁ ବୁଝିବି ଯେ, ମୋ କର୍ତ୍ତବ୍ୟ ଶେଷ ହୋଇଯାଇଛି । ଅଜ୍ଞ ଲୋକେ ଯାହା କହନ୍ତୁ ନା କାହିଁକି, ସେ କେବଳ ଜାଣନ୍ତି—ସେହି ପ୍ରଭୁ ହିଁ ଜାଣନ୍ତି କ'ଣ ହେବ । ଆମେମାନେ ଲୋକଙ୍କ ସାହାଯ୍ୟ ଖୋଜି ବୁଲୁ ନାହୁଁ, ଅଥବା ସାହାଯ୍ୟ ଆସି ପହଞ୍ଚିଲେ ଛାଡ଼ି ମଧ୍ୟ ଦେଉ ନାହୁଁ—ଆମେ ସେହି ପରମପୁରୁଷଙ୍କର ଦାସ । ଏହି ସମସ୍ତ କ୍ଷୁଦ୍ର ଲୋକଙ୍କର କ୍ଷୁଦ୍ର ଚେଷ୍ଟାକୁ ଆମେ ଗ୍ରାହ୍ୟ କରୁ ନାହିଁ । ଆଗେଇ ଯାଅ । ଶତ ଶତ ଯୁଗର କଠୋର ଚେଷ୍ଟା ଫଳରେ ଗୋଟିଏ ଚରିତ୍ର ଗଠିତ ହୁଏ । ଦୁଃଖିତ ହୁଅ ନାହିଁ; ସତ୍ୟରେ ପ୍ରତିଷ୍ଠିତ ଗୋଟିଏ କଥା ମଧ୍ୟ ନଷ୍ଟ ହେବ ନାହିଁ—ହୁଏତ ଶତ ଶତ

ଯୁଗ ଧରି ଆବର୍ଜନାସ୍ତୂପରେ ପୋତି ହୋଇ ଲୋକଲୋଚନ ଅଗୋଚରରେ ରହିପାରେ; କିନ୍ତୁ ଶୀଘ୍ର ହେଉ ବା ବିଳମ୍ବରେ ହେଉ, ତାହା ନିଶ୍ଚୟ ଆତ୍ମପ୍ରକାଶ କରିବ ହିଁ କରିବ । ସତ୍ୟ ଅବିନଶ୍ୱର, ଧର୍ମ ଅବିନଶ୍ୱର, ପବିତ୍ରତା ଅବିନଶ୍ୱର । ମୋତେ ଜଣେ ଖାଣ୍ଟିଲୋକ ଦିଅ ଦେଖି ! ମୁଁ ଗଣି ଗଣି ବାଜେ ଚେଲା ଚାହେଁ ନାହିଁ । ବତ୍ସ, ଦୃଢ଼ଭାବରେ ଧରି ରହ— କୌଣସି ଲୋକ ଆସି ତୁମକୁ ସାହାଯ୍ୟ କରିବ, ଏ ଭରସା ରଖ ନାହିଁ—ସମସ୍ତ ମନୁଷ୍ୟଙ୍କ ସାହାଯ୍ୟ ଅପେକ୍ଷା ପ୍ରଭୁ କଅଣ ଅନନ୍ତ ଗୁଣରେ ଶକ୍ତିମାନ୍ ନୁହନ୍ତି ? ପବିତ୍ର ହୁଅ, ପ୍ରଭୁଙ୍କ ଉପରେ ବିଶ୍ୱାସ ରଖ, ସର୍ବଦା ତାଙ୍କରି ଉପରେ ନିର୍ଭର କର, ତା'ହେଲେ ଯାଇ ତୁମର ସବୁ ଠିକ୍ ହୋଇଯିବ, କେହି ତୁମ ବିରୋଧରେ ଲାଗି କିଛି କରିପାରିବେ ନାହିଁ । ଆଗାମୀ ପତ୍ରରେ ଆହୁରି ବିସ୍ତାରିତ ଖବର ଦେବି ।

ମୁଁ ଭାବୁଛି, ଏହି ଗ୍ରୀଷ୍ମକାଳରେ ଇଉରୋପକୁ ଯିବି ଏବଂ ଶୀତ ଆରମ୍ଭରେ ଭାରତକୁ ଫେରିବି । ବମ୍ବେରେ ଓହ୍ଲାଇ ପ୍ରଥମେ ବୋଧହୁଏ ରାଜପୁତାନା ଯିବି, ସେଠାରୁ କଲିକତା । କଲିକତାରୁ ଜାହାଜ ଧରି ପୁଣି ମାନ୍ଦ୍ରାଜ ଯିବି । ଆସ, ଆମେ ସବୁ ପ୍ରାର୍ଥନା କରିବା, 'ତମସୋ ମା ଜ୍ୟୋତିର୍ଗମୟ'; ତା'ହେଲେ ନିଶ୍ଚିତ ଅନ୍ଧକାର ମଧ୍ୟରେ ଆଲୋକରଶ୍ମି ଫୁଟି ଉଠିବ, ଆମମାନଙ୍କୁ ପରିଚାଳିତ କରିବା ଲାଗି ତାଙ୍କର ମଙ୍ଗଳହସ୍ତ ପ୍ରସାରିତ ହେବ । ମୁଁ ସର୍ବଦା, ତୁମମାନଙ୍କ ପାଇଁ ପ୍ରାର୍ଥନା କରୁଛି, ତୁମେମାନେ ମଧ୍ୟ ମୋ ଲାଗି ପ୍ରାର୍ଥନା କର । ଆସ, ଆମମାନଙ୍କ ଭିତରୁ ପ୍ରତ୍ୟେକେ ଦିବାରାତ୍ର ଦାରିଦ୍ର୍ୟ, ପୌରୋହିତ୍ୟ-ଶକ୍ତି ଏବଂ ପ୍ରବଳର ଅତ୍ୟାଚାରରେ ନିପୀଡ଼ିତ ଭାରତର ଲକ୍ଷ ଲକ୍ଷ ପଦଦଳିତଙ୍କ ପାଇଁ ପ୍ରାର୍ଥନା କରିବା; ଦିବାରାତ୍ର ସେହିମାନଙ୍କ ପାଇଁ ପ୍ରାର୍ଥନା କର । ବଡ଼ ଲୋକ ଓ ଧନୀମାନଙ୍କ ପାଖରେ ମୁଁ ଧର୍ମ ପ୍ରଚାର କରିବାକୁ ଚାହେଁ ନାହିଁ । ମୁଁ ତତ୍ତ୍ୱଜିଜ୍ଞାସୁ ନୁହେଁ, ଦାର୍ଶନିକ ମଧ୍ୟ ନୁହେଁ, ନା, ନା, ମୁଁ ସାଧୁ ମଧ୍ୟ ନୁହେଁ । ମୁଁ ଗରିବ—ଗରିବମାନଙ୍କୁ ମୁଁ ଭଲପାଏ ।

ଏ ଦେଶରେ ଯେଉଁମାନଙ୍କୁ ଗରିବ କୁହାଯାଏ—ମୁଁ ତାଙ୍କୁ ଦେଖୁଛି । ଆମ ଦେଶର ଗରିବମାନଙ୍କ ତୁଳନାରେ ଏମାନଙ୍କ ଅବସ୍ଥା ଅନେକ ଭଲ ହେଲେ ହେଁ, ବହୁ ଲୋକଙ୍କ ହୃଦୟ ଏମାନଙ୍କ ପାଇଁ କାନ୍ଦୁଛି ! କିନ୍ତୁ ଭାରତର ଚିରପତିତ ୨୦ କୋଟି ନରନାରୀଙ୍କ ପାଇଁ କାହାର ହୃଦୟ କାନ୍ଦୁଛି ? ସେମାନଙ୍କ ଉଦ୍ଧାରର ଉପାୟ କଅଣ ? ସେମାନଙ୍କ ପାଇଁ କାହା ହୃଦୟ କାନ୍ଦେ, କହ ? ସେମାନେ ଅନ୍ଧକାରରୁ ଆଲୋକକୁ ଆସିପାରୁ ନାହାନ୍ତି, ସେମାନେ ଶିକ୍ଷା ପାଉ ନାହାନ୍ତି । କିଏ ସେମାନଙ୍କ ନିକଟକୁ ଆଲୋକ ନେଇ ଯିବ, କହ ? କିଏ ଦ୍ୱାର ଦ୍ୱାର ବୁଲି ସେମାନଙ୍କ ପାଖକୁ ଆଲୋକ ନେଇ ଯିବ ? ଏମାନେ ହିଁ ତୁମମାନଙ୍କର ଈଶ୍ୱର, ଏମାନେ ହିଁ ତୁମମାନଙ୍କର ଦେବତା ହୁଅନ୍ତୁ, ଏମାନେ ହିଁ ତୁମମାନଙ୍କର ଇଷ୍ଟ ହୁଅନ୍ତୁ । ସେମାନଙ୍କ ପାଇଁ ଭାବ, ସେମାନଙ୍କ ପାଇଁ କାର୍ଯ୍ୟ କର, ସେମାନଙ୍କ ପାଇଁ ସର୍ବଦା ପ୍ରାର୍ଥନା କର—ପ୍ରଭୁ ହିଁ ତୁମମାନଙ୍କୁ ପଥ ଦେଖାଇବେ । ସେହିମାନଙ୍କୁ ମୁଁ ମହାତ୍ମା କହେ, ଯେଉଁମାନଙ୍କ ହୃଦୟରୁ ଗରିବଙ୍କ ପାଇଁ ରକ୍ତ କ୍ଷରଣ ହୁଏ; ତା' ନ ହେଲେ ସେମାନେ ଦୁରାତ୍ମା । ସେମାନଙ୍କର କଲ୍ୟାଣ ପାଇଁ ଆମମାନଙ୍କର ସମବେତ ଇଚ୍ଛାଶକ୍ତି, ସମବେତ

ପ୍ରାର୍ଥନା ପ୍ରଯୁକ୍ତ ହେଉ—ଆମେମାନେ କାର୍ଯ୍ୟରେ କିଛି କରି ନ ପାରି ଅଜ୍ଞାତଭାବରେ ଦେହ-ତ୍ୟାଗ କରିପାରୁ—ହୁଏତ ଆମମାନଙ୍କ ପ୍ରତି କେହି ଟିକିଏ ସହାନୁଭୂତି ଦେଖାଇଲେ ନାହିଁ, ଆମ ପାଇଁ କେହି ହୁଏତ ଠୋପାଏ ଆଖିଲୁହ ମଧ୍ୟ ଗଡ଼ାଇଲେ ନାହିଁ, ତଥାପି ଆମମାନଙ୍କର ଗୋଟିଏ ଚିନ୍ତା ମଧ୍ୟ କଦାପି ନଷ୍ଟ ହେବ ନାହିଁ । ଏହାର ଫଳ ଶୀଘ୍ର ବା ବିଳମ୍ବରେ ଫଳିବ ହିଁ ଫଳିବ । ମୋ ପ୍ରାଣ ଭିତରେ ଏତେ ଭାବ ଆସୁଛି, ମୁଁ ତାହା ଭାଷାରେ ପ୍ରକାଶ କରିପାରୁ ନାହିଁ—ତୁମେମାନେ ମୋ ହୃଦୟର ଭାବ ମନେ ମନେ କଳ୍ପନା କରି ବୁଝିନିଅ । ଯେତେଦିନ ଭାରତର କୋଟି କୋଟି ଲୋକ ଦାରିଦ୍ର୍ୟ ଓ ଅଜ୍ଞାନାନ୍ଧକାରରେ ବୁଡ଼ି ରହିଛନ୍ତି, ସେତେଦିନ ପର୍ଯ୍ୟନ୍ତ ତାଙ୍କରି ପଇସାରେ ଶିକ୍ଷିତ, ଅଥଚ ସେମାନଙ୍କ ଆଡ଼କୁ ଟିକିଏ ହେଲେ ଚାହୁଁ ନାହାନ୍ତି, ଏପରି ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୁଁ ଦେଶଦ୍ରୋହୀ ବୋଲି ମନେକରେ । ଯେତେଦିନ ଭାରତର କୋଡ଼ିଏ କୋଟି ଲୋକ କ୍ଷୁଧାର୍ତ୍ତ ପଶୁତୁଲ୍ୟ ପଡ଼ି ରହିଥିବେ, ସେତେଦିନ ପର୍ଯ୍ୟନ୍ତ ଯେଉଁସବୁ ବଡ଼ ଲୋକ ସେମାନଙ୍କୁ ଶୋଷଣ କରି ଟଙ୍କା ରୋଜଗାର କରି ଜାକଜମକରେ ଘୂରି ବୁଲୁଛନ୍ତି, ଅଥଚ ସେମାନଙ୍କ ଲାଗି କିଛି କରୁ ନାହାନ୍ତି, ମୁଁ ସେମାନଙ୍କୁ ହତଭାଗା ପାମର ବୋଲି କହେଁ । ହେ ଭ୍ରାତୃଗଣ, ଆମେ ଗରିବ, ଆମେ ନଗଣ୍ୟ, କିନ୍ତୁ ଆମମାନଙ୍କ ପରି ଗରିବମାନେ ହିଁ ଚିରଦିନ ସେହି ପରମପୁରୁଷଙ୍କର ଯନ୍ତ୍ରସ୍ୱରୂପ କାର୍ଯ୍ୟ କରିଛନ୍ତି । ପ୍ରଭୁ ତୁମ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ । ସମସ୍ତେ ମୋର ବିଶେଷ ପ୍ରୀତି ଜାଣିବ । ଇତି

ପୁଃ—ଯଦି ତୁମେମାନେ କିଛି ଛପାଇ ନ ଥାଅ ତ ଛପା ବନ୍ଦ କର—ନାମ ପାଇଁ ମାତିବା ଆଉ ଦରକାର ନାହିଁ । ଇତି

ବିବେକାନନ୍ଦ

୧୬୦ଇଂ

୫୪୧ ଡିଅର୍‌ବର୍ଣ୍ଣ ଏଭିନ୍ୟୁ, ଚିକାଗୋ
୩ ଜାନୁଆରି ୧୮୯୫

ପ୍ରିୟ ମିସେସ୍ ବୁଲ୍,

ଗତ ରବିବାର ବୃକ୍‌ଲିନ୍‌ରେ ବକ୍ତୃତା ଦେଇଛି । ସନ୍ଧ୍ୟାରେ ପହଞ୍ଚିଲାମାତ୍ରେ ମିସେସ୍ ହିଗିନ୍‌ସ ମୋତେ ସମ୍ବର୍ଦ୍ଧନା କଲେ ଏବଂ ଡାକ୍ତର ଜେନ୍‌ସ ପ୍ରଭୃତି 'ଏଥିକାଲ ସୋସାଇଟି'ର କେତେଜଣ ବିଶିଷ୍ଟ ସଦସ୍ୟ ସେଠାରେ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରୁ କେତେ ଜଣ ଭାବନ୍ତି ଯେ, ଏଭଳି ପ୍ରାଚ୍ୟଦେଶୀୟ ଧର୍ମପ୍ରସଙ୍ଗ ବୃକ୍‌ଲିନ୍‌ର ଜନସାଧାରଣଙ୍କ ପାଇଁ ଉପଭୋଗ୍ୟ ହେବ ନାହିଁ ।

କିନ୍ତୁ ପ୍ରଭୁଙ୍କ କୃପାରୁ ବକ୍ତୃତା ଖୁବ୍ ସାଫଲ୍ୟମଣ୍ଡିତ ହୋଇଛି । ବୃକ୍‌ଲିନ୍‌ରେ ପ୍ରାୟ ଆଠଶହ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ; ଯେଉଁମାନେ ଭାବିଥିଲେ ବକ୍ତୃତା ସଫଳ ହେବ ନାହିଁ, ସେହିମାନେ ହିଁ ବୃକ୍‌ଲିନ୍‌ରେ କେତୋଟି ଧାରାବାହିକ ବକ୍ତୃତାର ଆୟୋଜନ କରିଛନ୍ତି । ମୋର ନିଉୟର୍କର ବକ୍ତୃତାମାଳା ପ୍ରାୟ ପ୍ରସ୍ତୁତ, କିନ୍ତୁ ମିସ୍ ଥର୍ସବି ନିଉୟର୍କ ନ ଆସିବା ପର୍ଯ୍ୟନ୍ତ ତାରିଖ ଠିକ୍ କରିବାକୁ ମୁଁ ଚାହେଁ ନାହିଁ । ଏହିଭଳି ମିସ୍ ଫିଲିପ୍‌ସ୍—ଯେ ମିସ୍ ଥର୍ସବିଙ୍କ ବନ୍ଧୁ ଏବଂ ଯେ ମୋର ନିଉୟର୍କର ବକ୍ତୃତାମାଳାର ଆୟୋଜନ

କରୁଛନ୍ତି—ମିସ୍ ଆର୍ଥରଙ୍କ ସହଯୋଗିତାରେ ଆବଶ୍ୟକମତେ ସେଠାରେ କିଛି ବନ୍ଦୋବସ୍ତ କରିବାକୁ ଚାହାଁନ୍ତି ।

ହେଲ୍ ପରିବାର ନିକଟରେ ମୁଁ ବିଶେଷ ଭାବରେ ଋଣୀ ଏବଂ ନବବର୍ଷର ପ୍ରଥମ ଦିନରେ ସେମାନଙ୍କ ପାଖରେ ହଠାତ୍ ଆସି ପହଞ୍ଚିବି ବୋଲି ଭାବିଥିଲି । ଏଠାରେ ଗୋଟିଏ ନୂଆ ପଗଡ଼ି ଯୋଗାଡ଼ କରିବାର ଚେଷ୍ଟାରେ ଅଛି । ପୁରୁଣା ପଗଡ଼ିଟି ଏଠାରେ ଅଛି ; କିନ୍ତୁ ବାରମ୍ବାର କାଚିବା ଫଳରେ ତାହା ଏତେ ଢିଲା ହୋଇଯାଇଛି ଯେ, ତାକୁ ପିନ୍ଧି ଲୋକଙ୍କ ପାଖକୁ ଯାଇ ହେବ ନାହିଁ । ଚିକାଗୋରେ ଠିକ୍ ସେମିତି ଗୋଟିଏ ପଗଡ଼ି ପାଇବି ବୋଲି ଭାବୁଛି ।

ଆଶାକରୁଛି, ଆପଣଙ୍କ ପିତା ଏବେ ଭଲ ହୋଇଗଲେଣି । ମିସ୍ ଫାର୍ମର୍, ମିଷ୍ଟର୍ ଓ ମିସେସ୍ ଗିବନ୍‌ସ୍ ଏବଂ ଧାର୍ମିକ ପରିବାରଟିର ସମସ୍ତଙ୍କୁ ମୋର ପ୍ରୀତି ଜଣାଇବେ ।

ସତତ ସ୍ନେହର, ବିବେକାନନ୍ଦ

ପୁନଶ୍ଚ—ବ୍ରୁକ୍‌ଲିନ୍‌ରେ ମିସ୍ କରିନ୍‌ଙ୍କ ସହିତ ଦେଖା ହୋଇଛି । ସେ ସବୁବେଳେ ସଦୟ । ତାଙ୍କୁ ଶୀଘ୍ର ଚିଠି ଲେଖିଲେ ମୋର ପ୍ରୀତି ଜଣାଇବେ ।

**୧୭୧ଇଂ ( ସାର୍ ଏସ୍. ସୁବ୍ରହ୍ମଣ୍ୟ ଆୟାରଙ୍କୁ ଲିଖିତ )**

୫୪୧ ଡିଅରବର୍ଣ୍ଣ ଏଭିନ୍ୟୁ, ଚିକାଗୋ, ୩ ଜାନୁଆରି ୧୮୯୫

ପ୍ରିୟ ମହାଶୟ,

ପ୍ରେମ, କୃତଜ୍ଞତା ଓ ବିଶ୍ୱାସପୂର୍ଣ୍ଣ ହୃଦୟରେ ଆଜି ଆପଣଙ୍କୁ ପତ୍ର ଲେଖିବାରେ ପ୍ରବୃତ୍ତ ହେଲି । ପ୍ରଥମେ କହି ରଖେ—ମୋର ଜୀବନରେ ଏହିପରି ଅଳ୍ପ କେତେ ଜଣଙ୍କ ସହିତ ସାକ୍ଷାତ୍ ହୋଇଛି, ଯେଉଁମାନଙ୍କର ହୃଦୟ ଭାବ ଓ ଜ୍ଞାନର ଅପୂର୍ବ ସମନ୍ୱୟଦ୍ୱାରା ପରିପୂର୍ଣ୍ଣ, ସର୍ବୋପରି ଯେଉଁମାନେ ମନର ଭାବସମୂହକୁ କାର୍ଯ୍ୟରେ ପରିଣତ କରିବା ଲାଗି ଶକ୍ତି ରଖନ୍ତି—ଆପଣ ସେମାନଙ୍କ ମଧ୍ୟରୁ ଜଣେ । ବିଶେଷତଃ ଆପଣ ଅକପଟ, ତେଣୁ ମୁଁ ଆପଣଙ୍କ ନିକଟରେ ମୋ ମନର କେତେକ ଭାବ ବିଶ୍ୱାସର ସହିତ ପ୍ରକାଶ କରୁଛି ।

ଭାରତର କାର୍ଯ୍ୟ ବେଶ୍ ଆରମ୍ଭ ହୋଇଛି ଏବଂ କେବଳ ଯେ ଏହାକୁ ଯେକୌଣସି ପ୍ରକାରେ ବଜାୟ ରଖିବାକୁ ହେବ, ତାହା ନୁହେଁ, ମହା ଉଦ୍ୟମର ସହିତ ଏହାର ଉନ୍ନତି ଓ ବିସ୍ତାର ସାଧନ କରିବାକୁ ହେବ । ବର୍ତ୍ତମାନ ହିଁ ସମୟ । ଏବେ ଆଳସ୍ୟ କଲେ ପରେ ଆଉ କାର୍ଯ୍ୟର ସୁଯୋଗ ରହିବ ନାହିଁ । ମୁଁ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ନାନା ଚିନ୍ତା କରି ବର୍ତ୍ତମାନ ତାହାକୁ ନିମ୍ନଲିଖିତ ପ୍ରଣାଳୀରେ ସୀମାବଦ୍ଧ କରିଛି ।

ପ୍ରଥମେ ମାଡ୍ରାଜରେ ଧର୍ମତତ୍ତ୍ୱ ଶିକ୍ଷାଦାନ ନିମନ୍ତେ ଗୋଟିଏ ବିଦ୍ୟାଳୟ ସ୍ଥାପନ କରିବା ଆବଶ୍ୟକ; କ୍ରମଶଃ ଏଥିରେ ଅନ୍ୟାନ୍ୟ ଅବୟବ ସଂଯୋଜନ କରିବାକୁ ହେବ; ଆମର ଯୁବକଗଣ, ଯେପରି ବେଦସମୂହ, ବିଭିନ୍ନ ଦର୍ଶନ ଓ ଭାଷ୍ୟ ସକଳ ସଂପୂର୍ଣ୍ଣରୂପେ ଶିକ୍ଷା ପାଆନ୍ତି ତାହା କରିବାକୁ ହେବ; ତାହା ସଙ୍ଗେ ସଙ୍ଗେ ଅନ୍ୟ ଧର୍ମଗୁଡ଼ିକର ତତ୍ତ୍ୱ ମଧ୍ୟ ସେମାନଙ୍କୁ ଶିଖାଇବାକୁ ହେବ । ଏଥି ସହିତ, ସେହି ବିଦ୍ୟାଳୟର ମୁଖପତ୍ର ସ୍ୱରୂପ ଖଣ୍ଡିଏ

ଇଂରାଜୀ ଏବଂ ଆଉ ଖଣ୍ଡିଏ ଦେଶୀୟ ଭାଷାର କାଗଜ ରହିବ ।

ପ୍ରଥମେ ଏହା କରିବାକୁ ହେବ; କ୍ଷୁଦ୍ର କ୍ଷୁଦ୍ର ବିଷୟରୁ ହିଁ ବଡ଼ ବଡ଼ ବିଷୟ ମୂର୍ତ୍ତି ନେଇଥାଏ । କେତେକ କାରଣରୁ ମାନ୍ଦ୍ରାଜ ହିଁ ବର୍ତ୍ତମାନ ଏହି କାର୍ଯ୍ୟ ଲାଗି ସର୍ବାପେକ୍ଷା ଉପଯୁକ୍ତ କ୍ଷେତ୍ର । ବୋମ୍ବାଇରେ ସେହି ଚିରନ୍ତନର ଜଡ଼ତ୍ୱ; ବଙ୍ଗଦେଶରେ ଭୟ—ଏବେ ଯେଉଁଭଳି ପାଶ୍ଚାତ୍ୟ ଭାବର ମୋହ, ସେହିପରି କାଳେ ତାହାର ବିପରୀତ ଘୋର ପ୍ରତିକ୍ରିୟା ହୋଇପାରେ । ମାନ୍ଦ୍ରାଜ ହିଁ ସମ୍ପ୍ରତି ଏହି ପ୍ରାଚୀନ ଓ ଆଧୁନିକ ଉଭୟ ଜୀବନପ୍ରଣାଳୀର ଯଥାର୍ଥ ଗୁଣ ଗ୍ରହଣ କରି ମଧ୍ୟମ ପନ୍ଥା ଅନୁସରଣ କରୁଛି ।

ସମାଜର ସମ୍ପୂର୍ଣ୍ଣ ସଂସ୍କାର ଆବଶ୍ୟକ—ଏ ବିଷୟରେ ଭାରତୀୟ ଶିକ୍ଷିତ ସମାଜ ସହିତ ମୁଁ ସମ୍ପୂର୍ଣ୍ଣ ଏକମତ । କିନ୍ତୁ ଏହା କରିବାର ଉପାୟ କଅଣ ? ସଂସ୍କାରକଗଣ ସମାଜକୁ ଭାଙ୍ଗି ଚୂରି ଯେପରି ସମାଜ-ସଂସ୍କାରର ପ୍ରଣାଳୀ ଦେଖାଇଲେ, ସେଥିରେ ସେମାନେ କୃତକାର୍ଯ୍ୟ ହୋଇପାରିଲେ ନାହିଁ । ମୋର ପ୍ରଣାଳୀ ଏହି—ମୁଁ ବର୍ତ୍ତମାନ ସୁଦ୍ଧା ଏହା ମନେକରେ ନାହିଁ ଯେ, ମୋର ଜାତି ଏତେଦିନ ଧରି କେବଳ ଅନ୍ୟାୟ କରି ଆସୁଛି; କଦାପି ନୁହେଁ । ଆମର ସମାଜ ଯେ ମନ୍ଦ, ତାହା ନୁହେଁ—ଆମର ସମାଜ ଭଲ । ମୁଁ କେବଳ କହେଁ—ଆହୁରି ଭଲ ହେଉ । ସମାଜକୁ ମିଥ୍ୟାରୁ ସତ୍ୟକୁ, ମନ୍ଦରୁ ଭଲକୁ ନୁହେଁ; ସତ୍ୟରୁ ଉଚ୍ଚତର ସତ୍ୟକୁ, ଭଲରୁ ଅଧିକ ଭଲକୁ, ଆହୁରି ଅଧିକ ଭଲକୁ ଯିବାକୁ ହେବ । ମୁଁ ମୋର ସ୍ୱଦେଶବାସୀଙ୍କୁ କହେ—ଏତେଦିନଧରି ତୁମେମାନେ ଯାହା କରିଅଛ, ତାହା ବେଶ୍ ହୋଇଛି, ବର୍ତ୍ତମାନ ଆହୁରି ଭଲ କରିବା ପାଇଁ ସମୟ ଆସିଛି । ଏଇ ଜାତିବିଭାଗ କଥାକୁ ଧରନ୍ତୁ—ସଂସ୍କୃତ ଭାଷାରେ 'ଜାତି' ଶବ୍ଦର ଅର୍ଥ ଶ୍ରେଣୀବିଶେଷ । ସୃଷ୍ଟିର ମୂଳରେ ତ ଏହା ବିଦ୍ୟମାନ । ବିଚିତ୍ରତା ଅର୍ଥାତ୍ ଜାତିର ଅର୍ଥ ହିଁ ସୃଷ୍ଟି । 'ଏକୋଽହଂ ବହୁ ସ୍ୟାମ୍' (ମୁଁ ଏକ—ବହୁ ହେବି)—ବିଭିନ୍ନ ବେଦରେ ଏପରି କଥା ଦେଖାଯାଏ । ସୃଷ୍ଟିର ପୂର୍ବରୁ ଏକ ଥାଏ—ବହୁତ୍ୱ ବା ବିଚିତ୍ରତା ହିଁ ସୃଷ୍ଟି । ଯଦି ଏ ବିଚିତ୍ରତା ନ ରହେ, ତା'ହେଲେ ସୃଷ୍ଟି ଲୋପ ପାଇଯିବ ।

ଯେତେଦିନ କୌଣସି ଶ୍ରେଣୀବିଶେଷ ସକ୍ରିୟ ଓ ସତେଜ ରହେ, ସେତେଦିନ ପର୍ଯ୍ୟନ୍ତ ତାହା ନାନା ବିଚିତ୍ରତା ପ୍ରସବ କରିଥାଏ । ଯେତେବେଳେ ତାହା ବିଚିତ୍ରତା-ଉତ୍ପାଦନରୁ ବିରତ ହୁଏ, ଅଥବା ଯେତେବେଳେ ତା'ର ବିଚିତ୍ରତାକୁ ବନ୍ଦ କରି ଦିଆଯାଏ, ସେତେବେଳେ ତାହା ମରିଯାଏ । ପ୍ରଥମେ 'ଜାତି'ର ଅର୍ଥ ଥିଲା—ପ୍ରତ୍ୟେକ ବ୍ୟକ୍ତିର ନିଜ ପ୍ରକୃତି, ନିଜ ବିଶେଷତ୍ୱ ପ୍ରକାଶ କରିବାର ସ୍ୱାଧୀନତା । ସହସ୍ର ବର୍ଷ ଧରି ଏହି ଅର୍ଥହିଁ ପ୍ରଚଳିତଥିଲା —ଏପରି କି, ଖୁବ୍ ଆଧୁନିକ ଶାସ୍ତ୍ର-ଗ୍ରନ୍ଥସମୂହରେ ମଧ୍ୟ ବିଭିନ୍ନ ଜାତିଙ୍କର ଏକତ୍ର ଭୋଜନ ନିଷିଦ୍ଧ ହୋଇ ନାହିଁ; ଆଉ ପ୍ରାଚୀନତର ଗ୍ରନ୍ଥସମୂହରେ ମଧ୍ୟ କେଉଁଠାରେ ବିଭିନ୍ନ ଜାତି ମଧ୍ୟରେ ବିବାହ ନିଷିଦ୍ଧ ହୋଇ ନାହିଁ । ତେବେ ଭାରତର ପତନର କାରଣ କଅଣ ? ଜାତି ସମ୍ବନ୍ଧରେ ଏହି ଭାବର ପରିହାର । ଯେପରି ଗୀତା କହିଛନ୍ତି ଯେ—ଜାତି ବିନଷ୍ଟ ହେଲେ ଜଗତ୍ ମଧ୍ୟ ବିନଷ୍ଟ ହେବ । ଏହି ବିଚିତ୍ରତାକୁ ବନ୍ଦ କରିଦେଲେ ଜଗତ୍ ଯେ ନଷ୍ଟ ହୋଇଯିବ—ଏହା କଅଣ ସତ୍ୟ ? ବର୍ତ୍ତମାନର ବର୍ଣ୍ଣବିଭାଗ (caste)

ପ୍ରକୃତ 'ଜାତି' ନୁହେଁ, ବରଂ ଏହା ଜାତିର ଉନ୍ନତିରେ ପ୍ରତିବନ୍ଧକ । ତାହା ଯଥାର୍ଥ ଜାତିର ଅର୍ଥାତ୍ ବିଚିତ୍ରତାର ସ୍ୱାଧୀନ ଗତିକୁ ରୋଧ କରିଛି । କୌଣସି ବଦ୍ଧମୂଳ ପ୍ରଥା ବା ଜାତିବିଶେଷର ବିଶେଷ ସୁବିଧା ବା କୌଣସି ପ୍ରକାର ବଂଶାନୁକ୍ରମିକ ଶ୍ରେଣୀବିଭାଗ ପ୍ରକୃତରେ 'ଜାତିକୁ' ଅବ୍ୟାହତ ଗତିରେ ଅଗ୍ରସର ହେବାକୁ ଦିଏ ନାହିଁ, ଏବଂ ଯେତେବେଳେ କୌଣସି ଜାତି ଆଉ ଏପରି ଭାବରେ ନାନା ବିଚିତ୍ରତା ପ୍ରସବ ନ କରେ, ସେତେବେଳେ ତାହା ଅବଶ୍ୟ ବିନଷ୍ଟ ହେବ । ଅତଏବ ମୁଁ ମୋର ସ୍ୱଦେଶବାସୀଙ୍କୁ ଏତିକି କହିବାକୁ ଚାହେଁ ଯେ, 'ଜାତିକୁ' ଉଠାଇ ଦେବାରେ ହିଁ ଭାରତର ପତନ ହୋଇଛି । ପ୍ରାଣହୀନ ଆଭିଜାତ୍ୟ ଅଥବା ସୁବିଧାଭୋଗୀ ଶ୍ରେଣୀ ମାତ୍ରେ ହିଁ 'ଜାତି'ର ପ୍ରତିବନ୍ଧକ— ଏହା 'ଜାତି' ନୁହେଁ । ଜାତି ନିଜର ପ୍ରଭାବ ବିସ୍ତାର କରୁ, ଜାତିର ପଥରେ ଯାହା କିଛି ବିଘ୍ନ ଅଛି, ସବୁ ଭାଙ୍ଗିଦିଆଯାଉ—ତା'ହେଲେ ଆମେ ଉଠିପାରିବା । ବର୍ତ୍ତମାନ ୟୁରୋପ ପ୍ରତି ଦୃଷ୍ଟିପାତ କରନ୍ତୁ । ଯେତେବେଳେ ତାହା ଜାତିକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେବାରେ କୃତକାର୍ଯ୍ୟ ହେଲା—ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର 'ଜାତି' ଗଠନ କରିବା ପାଇଁ ଯେଉଁସବୁ ବାଧା ରହିଛି, ସେସବୁ ଅଧିକାଂଶ ବାଧା ଦୂର ହୋଇଗଲା—ସେତେବେଳେ ୟୁରୋପ ଉଠିଲା । ଆମେରିକାରେ ପ୍ରକୃତ 'ଜାତି'ର ବିକାଶ ଲାଗି ସର୍ବାପେକ୍ଷା ଅଧିକ ସୁବିଧା—ସେଥିପାଇଁ ସେମାନେ ବଡ଼ । ପ୍ରତ୍ୟେକ ହିନ୍ଦୁ ଜାଣେ ଯେ, ଜ୍ୟୋତିଷମାନେ ବାଳକ-ବାଳିକାଙ୍କର ଜନ୍ମକ୍ଷଣରୁ ସେମାନଙ୍କର ଜାତି ନିର୍ବାଚନ କରିବାକୁ ଚେଷ୍ଟା କରିଥାଆନ୍ତି । ତାହା ହିଁ ପ୍ରକୃତ 'ଜାତି'—ପ୍ରତ୍ୟେକର ବ୍ୟକ୍ତିତ୍ୱ ଏବଂ ଜ୍ୟୋତିଷ ତାହା ମାନିଛନ୍ତି । ଏହା ଯଦି ପୁନରାୟ ପୂରାପୂରି ଚାଲୁକରାଯାଏ, ତା'ହେଲେ ଯାଇ ଆମେମାନେ ଉଠିପାରିବା । ଏହି ବିଚିତ୍ରତାର ଅର୍ଥ ବୈଷମ୍ୟ ବା କୌଣସି ବିଶେଷ ଅଧିକାର ନୁହେଁ ।

ମୋର କାର୍ଯ୍ୟପ୍ରଣାଳୀ ହିନ୍ଦୁମାନଙ୍କୁ ଦେଖାଇଦେବା ଯେ, ସେମାନଙ୍କୁ କିଛି ଛାଡ଼ିବାକୁ ପଡ଼ିବ ନାହିଁ, କେବଳ ଋଷିପ୍ରଦର୍ଶିତ ମାର୍ଗରେ ଚାଲିବାକୁ ହେବ ଏବଂ ଶତ ଶତ ଶତାବ୍ଦୀର ଦାସତ୍ୱର ଫଳସ୍ୱରୂପ ଏହି ଜଡ଼ତ୍ୱକୁ ତ୍ୟାଗ କରିବାକୁ ହେବ । ଅବଶ୍ୟ ମୁସଲମାନମାନଙ୍କ ଅତ୍ୟାଚାରବେଳେ ଆମ ଉନ୍ନତିର ସ୍ରୋତ ବନ୍ଦ ହୋଇଯାଇଥିଲା; ତାହାର କାରଣ—ସେତେବେଳେ ଜୀବନମରଣ ସମସ୍ୟା, ଉନ୍ନତି ପାଇଁ ବେଳ କାହିଁ ? ଏବେ ଆଉ ସେହି ଅତ୍ୟାଚାରର ଭୟ ନାହିଁ, ବର୍ତ୍ତମାନ ଆମକୁ ସମ୍ମୁଖକୁ ଅଗ୍ରସର ହେବାକୁ ପଡ଼ିବ— ସ୍ୱଧର୍ମ-ତ୍ୟାଗୀ ଓ ମିଶନାରୀଙ୍କଦ୍ୱାରା ଉପଦିଷ୍ଟ ଭଙ୍ଗାରୁଜା ପଥରେ ନୁହେଁ—ଆମ ନିଜ ଭାବରେ, ନିଜ ପଥରେ ଉନ୍ନତି କରିବାକୁ ହେବ । ଆମ ଜାତୀୟ ପ୍ରାସାଦର ଗଠନ ଅସମ୍ପୂର୍ଣ୍ଣ ବୋଲି ହିଁ ତାହା ବୀଭତ୍ସ ଦେଖାଯାଉଛି । ଶତ ଶତ ଶତାବ୍ଦୀର ଅତ୍ୟାଚାର ଫଳରେ ପ୍ରାସାଦନିର୍ମାଣ ପୂରାପୂରି ବନ୍ଦ ରଖିବାକୁ ପଡ଼ିଥିଲା । ଏବେ ନିର୍ମାଣକାର୍ଯ୍ୟ ସମାପ୍ତ କରାଯାଉ—ତା'ହେଲେ ସମସ୍ତ କିଛି ଯଥାସ୍ଥାନରେ ସ୍ଥାପିତ ହୋଇ ସୁନ୍ଦର ଦେଖାଯିବ । ଏହା ହିଁ ମୋର କାର୍ଯ୍ୟପ୍ରଣାଳୀ । ଏଥିରେ ମୋର ବିନ୍ଦୁମାତ୍ର ସନ୍ଦେହ ନାହିଁ ।

ପ୍ରତ୍ୟେକ ଜାତିର ଜୀବନରେ ଗୋଟିଏ ଲେଖାଏଁ ମୂଳପ୍ରବାହ ଥାଏ । ଭାରତର

ମୂଳ ସ୍ରୋତ ଧର୍ମ; ତାହାକୁ ଶକ୍ତିଶାଳୀ କରିଦେଉ, ତେବେ ହିଁ ପାର୍ଶ୍ୱବର୍ତ୍ତୀ ଅନ୍ୟାନ୍ୟ ସ୍ରୋତଗୁଡ଼ିକ ତତ୍ ସଙ୍ଗେ ସଙ୍ଗେ ପ୍ରବାହିତ ହେବ । ଏହା ମୋର ଭାବଧାରାର ଗୋଟିଏଦିଗ । ଆଶା କରେ, ଯଥା ସମୟରେ ମୋର ସମୁଦାୟ ଚନ୍ତାରାଶି ପ୍ରକାଶ କରିପାରିବି । କିନ୍ତୁ ବର୍ତ୍ତମାନ ଦେଖିପାରୁଛି ଯେ, ଏହି ଦେଶରେ ମଧ୍ୟ ମୋର ବିଶେଷ କାର୍ଯ୍ୟ ରହିଛି । ଅଧିକନ୍ତୁ କେବଳ ଏହି ଦେଶରୁ ହିଁ ସାହାଯ୍ୟର ପ୍ରତ୍ୟାଶା କରେ । କିନ୍ତୁ ଏପର୍ଯ୍ୟନ୍ତ କେବଳ ମୋର ଭାବପ୍ରଚାର ବ୍ୟତୀତ ଆଉ କିଛି କରିପାରି ନାହିଁ । ଏବେ ମୋର ଇଚ୍ଛା—ଭାରତରେ ଗୋଟିଏ ଚେଷ୍ଟା କରାଯାଉ । କେବଳ ମାନ୍ଦ୍ରାଜରେ ହିଁ ସଫଳତାର ସମ୍ଭାବନା ଅଛି । ଆ— ଓ ଅନ୍ୟାନ୍ୟ ଯୁବକଗଣ ଖୁବ୍ ଖଟିପାରନ୍ତି, ତଥାପି ସେମାନେ 'ଉତ୍ସାହଶୀଳ ଯୁବକ' ମାତ୍ର । ଏହି କାରଣରୁ ମୁଁ ସେମାନଙ୍କୁ ଆପଣଙ୍କ ନିକଟରେ ସମର୍ପଣ କରୁଛି । ଯଦି ଆପଣ ଏମାନଙ୍କର ପରିଚାଳକ ହୁଅନ୍ତି, ମୋର ନିଶ୍ଚିତ ଧାରଣା—ସେମାନେ କୃତକାର୍ଯ୍ୟ ହେବେ ।

ମୁଁ ଜାଣେ ନାହିଁ କେବେ ଭାରତକୁ ଯିବି । ସେ ଯେପରି ଚଳାଉଛନ୍ତି, ମୁଁ ସେହିପରି ଚାଲୁଛି; ମୁଁ 'ତାଙ୍କର' ହାତରେ ।

'ଏହି ଜଗତରେ ଧନର ସନ୍ଧାନ କରିବାକୁ ଯାଇ ତୁମକୁ ଶ୍ରେଷ୍ଠ ରତ୍ନରୂପେ ପାଇଛି; ହେ ପ୍ରଭୋ, ତୁମ ନିକଟରେ ମୁଁ ନିଜକୁ ବଳି ଦେଲି ।'

'ପ୍ରେମର ପାତ୍ର ଖୋଜିବାକୁ ଯାଇ ତୁମକୁ ହିଁ ଏକମାତ୍ର ପ୍ରେମର ପାତ୍ରରୂପେ ପାଇଛି । ମୁଁ ତୁମ ନିକଟରେ ନିଜକୁ ବଳି ଦେଲି ।'*

ପ୍ରଭୁ ଆପଣଙ୍କୁ ଚିରକାଳ ଆଶୀର୍ବାଦ କରନ୍ତୁ ।

ଭବଦୀୟ ଚିରକୃତଜ୍ଞ, ବିବେକାନନ୍ଦ

୧୬୨ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ) ୧୮୯୫

ପ୍ରିୟତମେଷୁ,

ତୁମ ପତ୍ରରେ ଟଙ୍କା-ପଠାଇବା ଇତ୍ୟାଦି ସମ୍ବାଦ ପାଇ ଅତିଶୟ ଆନନ୍ଦିତ ହେଲି । ସାଣ୍ଡେଲର ପତ୍ର ମଧ୍ୟ ପାଇଲି । ଦେଶକୁ ଆସିବା କଥା ଯେ ଲେଖିଛ, ତାହା ଅବଶ୍ୟ ଠିକ୍; କିନ୍ତୁ ଏ ଦେଶରେ ଗୋଟିଏ ବୀଜ ବପନ କରାଯାଇଛି—ସହସା ଚାଲିଗଲେ ତାହାର ଅଙ୍କୁର ନଷ୍ଟ ହେବାର ସମ୍ଭାବନା; ଏଥିପାଇଁ କିଛିଟା ବିଳମ୍ବ ହେବ । ଅଧିକ ଏଠାରୁ ସକଳ କାର୍ଯ୍ୟ ଉତ୍ତମରୂପେ ସମାଧା ହୋଇପାରିବ । ଖେତଡ଼ିର ରାଜା, ଜୁନାଗଡ଼ର ଦେଓ୍ୱାନ ପ୍ରଭୃତି ସମସ୍ତେ ଦେଶକୁ ଆସିବା ପାଇଁ ଲେଖୁଛନ୍ତି । ଅବଶ୍ୟ ସତ; କିନ୍ତୁ ଭାଇ, ପର ଉପରେ ଭରସା କରିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ । ନିଜ ଗୋଡ଼ରେ ଚାଲିବା ହିଁ ବୁଦ୍ଧିମାନର କାର୍ଯ୍ୟ । ସବୁ କିଛି ଧୀରେ ଧୀରେ ହେବ; ଆପାତତଃ ଗୋଟିଏ ଜାଗା ଦେଖିବା କଥା ଭୁଲି-ଯାଅ ନାହିଁ । ଗୋଟିଏ ବିରାଟ ଜାଗା ଦରକାର, ୧୦ ହଜାରରୁ ୨୦ ହଜାର (ଟଙ୍କା) ପର୍ଯ୍ୟନ୍ତ —ଏକଦମ ଗଙ୍ଗା ଉପରେ ହେବା ଦରକାର । ଯଦିଓ ହାତରେ ପୁଞ୍ଜି ଅଳ୍ପ, ତଥାପି

* ଯଜୁର୍ବେଦ ସଂହିତା
୭-୬

ଗ୍ଲାଡଷ୍ଟୋ ଅଛି ବଡ଼ । ଜାଗା ଉପରେ ନଜର ରଖିବ । ଗୋଟିଏ ନିଉୟର୍କରେ, ଗୋଟିଏ କଲିକତାରେ ଏବଂ ଗୋଟିଏ ମାନ୍ଦ୍ରାଜରେ; ବର୍ତ୍ତମାନ ଏହି ତିନୋଟି ଆଡ୍‌ଡା ଚଳାଇବାକୁ ହେବ, ତା'ପରେ ଧୀରେ ଧୀରେ ଯେପରି ପ୍ରଭୁ କରାଇବେ ।

ଯିଏ ଯାହା କରୁଛି, କରିବାକୁ ଦିଅ (ଉତ୍ପାତ ଛଡ଼ା) । ଟଙ୍କାଖରଚ ବିଲ୍‌କୁଲ୍ ତମ ହାତରେ ରଖ ... ଅଧିକ କଅଣ କହିବି ? ତୁମେ ଏଆଡ଼େ ସେଆଡ଼େ ବେଶୀ ଯାଅ ନାହିଁ । ଘର ଜଗି ବସିଥାଅ ।... ସ୍ୱାସ୍ଥ୍ୟ ଉପରେ ଭଲ ନଜର ରଖିବା ଦରକାର—ପରେ ଅନ୍ୟ କଥା । ତାରକଦାଦା ଦେଶପର୍ଯ୍ୟଟନ ପାଇଁ ଉତ୍ସୁକ—ଭଲ କଥା, ତେବେ ଏସବୁ ଦେଶରେ ବଡ଼ ମହଙ୍ଗା, ୧୦୦୦ ଟଙ୍କାରୁ କମ୍‌ରେ ମାସକ ଚଳିବ ନାହିଁ ( ଧର୍ମପ୍ରଚାରକର ) ।... ଏମାନଙ୍କ ଦେଶର ବାଘଭାଲୁ ପାଦ୍ରୀପଣ୍ଡିତଙ୍କ ମୁହଁରୁ ରୁଟି ଛଡ଼ାଇ ନେଇ ଖାଇବାକୁ ହେବ —ଏହା ବୁଝ । ଅର୍ଥାତ୍ ବିଦ୍ୟା ବଳରେ ଏମାନଙ୍କୁ ଦବେଇ ଦେବାକୁ ହେବ, ନ ହେଲେ ଫୁଙ୍କି ଉଡ଼େଇ ଦେବେ । ଏମାନେ ସାଧୁ, ସନ୍ନ୍ୟାସୀ, ତ୍ୟାଗ ବୈରାଗ୍ୟ କିଛି ବୁଝନ୍ତି ନାହିଁ, ବୁଝନ୍ତି କେବଳ ବିଦ୍ୟାର ଜୋର୍, ବକ୍ତୃତାର ଧୂମ୍ ଏବଂ ମହା ଉଦ୍ୟୋଗ ।... ମୋ ମତରେ ତାରକଦାଦା ଯଦି ପଞ୍ଜାବ ବା ମାନ୍ଦ୍ରାଜରେ କେତେଗୁଡ଼ିଏ ସମିତି ଇତ୍ୟାଦି ସ୍ଥାପନ କରି ବୁଲନ୍ତି ଓ ତୁମେମାନେ ଏକତ୍ରିତ ହୋଇ organised (ସଙ୍ଘବଦ୍ଧ) ହୁଅନ୍ତି, ତେବେ ଖାସି ଭଲ ହୁଅନ୍ତା । ନୂଆ ପଥ ଆବିଷ୍କାର କରିବା ଅବଶ୍ୟ ବଡ଼ କାମ; କିନ୍ତୁ ଉକ୍ତ ପଥ ପରିଷ୍କାର କରିବା ଓ ପ୍ରଶସ୍ତ ତଥା ସୁନ୍ଦର କରିବା ମଧ୍ୟ କଠିନ କାର୍ଯ୍ୟ । ମୁଁ ଯେଉଁଠି ଯେଉଁଠି ପ୍ରଭୁଙ୍କର ବୀଜ ବପନ କରିଆସିଛି, ତୁମେମାନେ ଯଦି ସେହି ସ୍ଥାନରେ କିଛିକାଳ ବାସ କରି ଉକ୍ତ ବୀଜକୁ ବୃକ୍ଷରେ ପରିଣତ କରିପାର, ତାହା ହେଲେ ମଧ୍ୟ ମୋ ଅପେକ୍ଷା ଅନେକ ଅଧିକ କାମ ତୁମେମାନେ କରିବ । ଉପସ୍ଥିତିରେ ଯେଉଁମାନେ ରକ୍ଷା କରିପାରନ୍ତି ନାହିଁ, ସେମାନେ ଅନୁପସ୍ଥିତିରେ କଅଣ କରିବେ ? ତିଆରି ରାନ୍ଧଣାରେ ଟିକିଏ ଲୁଣ ତେଲ ଯଦି ଦେଇ ନ ପାର, ତା'ହେଲେ କେମିତି ବିଶ୍ୱାସ ହେବ ଯେ, ସବୁ ଯୋଗାଡ଼ କରିବ ? ତା' ନ ହେଲେ ତାରକଦାଦା ଆଲମୋଡ଼ାରେ ଗୋଟିଏ ହିମାଳୟାନ୍ ମଠ ସ୍ଥାପନ କରନ୍ତୁ ଏବଂ ସେଠାରେ ଗୋଟିଏ ଲାଇବ୍ରେରୀ କରନ୍ତୁ; ଆମେମାନେ ଦୁଇଦଣ୍ଡ ଥଣ୍ଡା ଜାଗାରେ ବାସକରିବୁ ଏବଂ ସାଧନ-ଭଜନ କରିବୁ । ଯାହାହେଉ, ପ୍ରଭୁ ଯାହାଙ୍କୁ ଯେପରି ବୁଦ୍ଧି ଦିଅନ୍ତି, ମୋର ସେଥିରେ ଆପତ୍ତି କଅଣ ? ଅପିଚ Godspeed—'ଶିବା ବଃ ସନ୍ତୁ ପନ୍ଥାନଃ' (ତୁମମାନଙ୍କ ପଥ କଲ୍ୟାଣମୟ ହେଉ) ।... ତାରକଦାଦାଙ୍କ ହୃଦୟରେ ମହା ଉତ୍ସାହ ରହିଛି, ଏଣୁ ତାଙ୍କଠାରୁ ମୁଁ ଅନେକ କିଛି ଆଶାକରେ । ତାରକଦାଦାଙ୍କ ସହିତ ଜଣେ ଥିଓସଫିଷ୍ଟର ମୁଲାକାତ୍ ହୋଇଥିଲା । ସେ ଲଣ୍ଡନରୁ ମୋତେ ଖଣ୍ଡେ ଚିଠି ଲେଖିଥିଲା । ତା'ପରେ ଆଉ ତା'ର ଖବରାଖବର ନାହିଁ । ସେ ବ୍ୟକ୍ତି ଅବଶ୍ୟ ଧନୀ ଏବଂ ତାରକଦାଦାଙ୍କ ଉପରେ ଶ୍ରଦ୍ଧାବାନ୍ ମଧ୍ୟ । ତା' ନାଆଁଟି ଭୁଲିଯାଇଛି । ସେ ତାଙ୍କୁ ଲଣ୍ଡନ ଆଦି ଭ୍ରମଣ କରାଇପାରେ; ଏବଂ ମୁଁ ଯେଉଁ କାର୍ଯ୍ୟ କରିବାକୁ ଚାହେଁ, ତାହା ସମାଧାନ ପାଇଁ ତୁମମାନଙ୍କ ମଧ୍ୟରୁ କେତେ-ଜଣଙ୍କୁ ଇଉରୋପ ଓ ଆମେରିକା ଦେଖାଇନେବା ଅବଶ୍ୟ କର୍ତ୍ତବ୍ୟ । ଏକଚକ୍ର ଭ୍ରମଣ ପରେ

ହୃଦୟ ଉଦାର ହେବ, ସେତେବେଳେ ମୋର idea (ଭାବ) ବୁଝିପାରିବ ଓ କାର୍ଯ୍ୟ କରିପାରିବ । ତେବେ ମୋ ହାତରେ ଟଙ୍କା ନାହିଁ, କଅଣ କରିବି ? ଶୀଘ୍ର ପ୍ରଭୁ ରାସ୍ତା ଖୋଲିଦେବେ—ଏପରି ଭରସା ଅଛି । ଏସମସ୍ତ ଖବର ଓ ମୋର ହୃଦୟର ପ୍ରୀତି ତାରକଦାଦାଙ୍କୁ ଦେବ ଓ ଆଲମୋଡ଼ାରେ ଗୋଟାଏ ଆଡ୍ଡା ସ୍ଥାପନ ପାଇଁ ବିଶେଷ ଯୋଗାଡ଼ କରିବାକୁ କହିବ ।...

ରାଖାଲ, ଠାକୁରଙ୍କ ଦେହତ୍ୟାଗ ପରେ, ମନେଅଛି, ସମସ୍ତେ ଆମକୁ ତ୍ୟାଗ କଲେ—ନିର୍ବୋଧ ବେକାର ଗରିବ ଟୋକାଗୁଡ଼ାଏ ବୋଲି ଭାବି; କେବଳ ବଲରାମ, ସୁରେଶ, ମାଷ୍ଟର ଓ ଚୂନିବାବୁ—ଏମାନେ ସମସ୍ତେ ବିପଦରେ ଆମର ବନ୍ଧୁ । ଅତଏବ ଏମାନଙ୍କ ଋଣ ଆମେ କେବେହେଲେ ପରିଶୋଧ କରିପାରିବା ନାହିଁ ।...ଯେଉଁମାନେ ପ୍ରଭୁଙ୍କର ଆଶ୍ରିତ, ସେମାନଙ୍କର କୌଣସି ଭୟ ନାହିଁ । ମୁଁ କ୍ଷୁଦ୍ର ଜୀବ, କିନ୍ତୁ ପ୍ରଭୁଙ୍କର ଅନନ୍ତ ଐଶ୍ୱର୍ଯ୍ୟ—ମାଭୈଃ, ମାଭୈଃ ! ବିଶ୍ୱାସ ଯେପରି ନ ଟଳେ !... ମାଭୈଃ ! ଖୁବ୍ ଆନନ୍ଦ କରିବାକୁ କହ—ତାଙ୍କର ଆଶ୍ରିତର କଅଣ ନାଶ ଅଛି ରେ, ବୋକାରାମ ?... ଇତି

ସଦୈକହୃଦୟଃ ନରେନ

**୧୬୩ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)**

ନ୍ୟୁୟର୍କ, ୬ ଜାନୁଆରି, ୧୮୯୬

ପ୍ରିୟ ଭଗିନୀ,

ନବବର୍ଷରେ ତୁମର ପ୍ରୀତି-ସମ୍ଭାଷଣ ପାଇଁ ଅଶେଷ ଧନ୍ୟବାଦ । ବିଶିଷ୍ଟ ଭଦ୍ର-ମହୋଦୟଙ୍କର ସେଠାରେ ତୁମେ ଛଅ ସପ୍ତାହ କାଳ ବେଶ୍ ଆନନ୍ଦରେ କଟାଇଥିବା ଶୁଣି ଖୁସୀ ହେଲି, ଯଦ୍ୟପି ସେମାନେ କେବଳ ଗଲ୍‌ଫ ଖେଳୁଥିଲେ ।

ଇଂଲଣ୍ଡରେ ଦେଖିଲି ମୁଁ ଯଥାର୍ଥ ଅଧ୍ୟକାଶ୍ଚ-ବେଷ୍ଟିତ । ଇଂରେଜମାନେ ଆନ୍ତରିକ ଅଭ୍ୟର୍ଥନା କରିଛନ୍ତି; ଏହି ଇଂରେଜଜାତି ସମ୍ପର୍କରେ ମୋର ଧାରଣା ମଧ୍ୟ ଅନେକାଂଶରେ ପରିବର୍ତ୍ତିତ ହୋଇଛି । ପ୍ରଥମତଃ ଦେଖିଲି ଯେ, ଲଣ୍ଡ୍ ପ୍ରଭୃତି ଯେଉଁମାନେ ମୋର ବିରୋଧ କରିବା ପାଇଁ ଇଂଲଣ୍ଡରୁ ଏଠାକୁ ଆସିଥିଲେ, ସେଠାରେ ତାଙ୍କର କୌଣସି ପତ୍ତା ନାହିଁ । ଇଂରେଜମାନେ ସେମାନଙ୍କର ଅସ୍ତିତ୍ୱ ପର୍ଯ୍ୟନ୍ତ ଉପେକ୍ଷା କରନ୍ତି । ଇଂଲଣ୍ଡ୍ ଚର୍ଚ୍ଚର ଅନ୍ତର୍ଭୁକ୍ତ ଯେଉଁମାନେ ନୁହନ୍ତି, ସେମାନେ ଭଦ୍ର ବୋଲି ଗଣ୍ୟ ନୁହନ୍ତି । କେତେଜଣ ଯଥାର୍ଥ ଶ୍ରେଷ୍ଠ ବ୍ୟକ୍ତି ଏହି ଚର୍ଚ୍ଚଭୁକ୍ତ । ପ୍ରତିଷ୍ଠା ଓ ପଦମର୍ଯ୍ୟାଦାରେ ଅଗ୍ରଣୀଙ୍କ ଭିତରୁ ମଧ୍ୟ କେହି କେହି ମୋର ଅକୃତ୍ରିମ ବନ୍ଧୁ ହୋଇଛନ୍ତି । ଇଂଲଣ୍ଡର ଅଭିଜ୍ଞତା ଆମେରିକା ତୁଳନାରେ ପୂରାପୂରି ଅନ୍ୟ ପ୍ରକାରର । ଏଠାରେ ପ୍ରେସ୍‌ବିଟେରିଆନ୍ ପ୍ରଭୃତି ମରହଟ୍ଟୀ ଓ ହୋଟେଲ୍‌ବାଲାଙ୍କର ମୋପ୍ରତି ଆଚରଣର କଥା ଶୁଣି ଇଂରେଜମାନେ ତ ହସି ହସି ଅସ୍ଥିର । ଉଭୟ ଦେଶ ମଧ୍ୟରେ ଶିକ୍ଷାଦୀକ୍ଷା ଓ ଆଚାର-ବ୍ୟବହାରର ପ୍ରଭେଦ ମଧ୍ୟ ଲକ୍ଷ୍ୟ କରିବାକୁ ବିଲମ୍ବ ହେଲା ନାହିଁ । ବୁଝିଲି କାହିଁକି ଆମେରିକାନ୍ ଝିଅମାନେ ଦଳ ଦଳ ହୋଇ ୟୁରୋପୀୟମାନଙ୍କୁ ବିବାହ କରିବାକୁ ଯାଆନ୍ତି । ସମସ୍ତଙ୍କଠାରୁ ସଦୟ

ବ୍ୟବହାର ପାଉଛି, ସ୍ତ୍ରୀ-ପୁରୁଷନିର୍ବିଶେଷରେ ଅନେକ ଉଦାର-ହୃଦୟ ବନ୍ଧୁ ବର୍ତ୍ତମାନ ସେଠାରେ—ବସନ୍ତ ଋତୁରେ ମୁଁ ଫେରିଯିବି ବୋଲି—ପ୍ରତୀକ୍ଷାରେ ଅଛନ୍ତି । ସେଠାରେ ମୋର କାମର କଥା କହିବାକୁ ଗଲେ, ବେଦାନ୍ତର ଭାବ ସମାଜର ଉଚ୍ଚସ୍ତରରେ ଅନୁପ୍ରବେଶ କରିଛି ! ବହୁ ଶିକ୍ଷିତ ଓ ଉଚ୍ଚପଦସ୍ଥ ବ୍ୟକ୍ତି, ଯେଉଁମାନଙ୍କ ମଧ୍ୟରେ ଧର୍ମଯାଜକଙ୍କ ସଂଖ୍ୟା କମ୍ ନୁହେଁ, ମୋତେ କହିଲେ ଯେ, ଏହା ଯେପରି ଇଂଲଣ୍ଡରେ ଗ୍ରୀସ୍‌କର୍ତ୍ତୃକ ରୋମ୍‌ବିଜୟର ପୁନରଭିନୟ ।

ଇଂରେଜମାନଙ୍କ ମଧ୍ୟରୁ ଯେଉଁମାନେ ଭାରତରେ ରହିଥିଲେ, ସେମାନେ ଏଠାରେ ଦୁଇଶ୍ରେଣୀଭୁକ୍ତ; ଗୋଟିଏ ଶ୍ରେଣୀର ଲୋକଙ୍କ ଆଖିରେ ଭାରତର ଯାହା କିଛି ସବୁ ହେୟ, ଏମାନେ କିନ୍ତୁ ଅଶିକ୍ଷିତ । ଅପର ଶ୍ରେଣୀ ପକ୍ଷରେ ଭାରତ ପୁଣ୍ୟଭୂମି, ଭାରତର ବାୟୁ ପର୍ଯ୍ୟନ୍ତ ପବିତ୍ର । ଏମାନଙ୍କର ହିନ୍ଦୁପଣିଆ ହିନ୍ଦୁମାନଙ୍କୁ ମଧ୍ୟ ହରାଇଦେବ । ଏମାନେ ପ୍ରଚଣ୍ଡ ନିରାମିଷାଶୀ; ଏପରି କି ଏଠାରେ ଜାତିଭେଦପ୍ରବର୍ତ୍ତନ ପାଇଁ ମଧ୍ୟ ଉଦ୍ୟତ । ଇଂଲଣ୍ଡର ଅଧିକାଂଶ ଲୋକ ଜାତିଭେଦ-ପ୍ରଥାର ବିଶେଷ ପକ୍ଷପାତୀ । ସାଧାରଣ ବକ୍ତୃତା ଛଡ଼ା ସପ୍ତାହରେ ଆହୁରି ଅଠେଇ କରି କ୍ଲାସ୍ ନେଉଥିଲି; ଏତେ ଲୋକ ସମାଗମ ହୁଏ ଯେ, ଅନେକେ, ଏପରିକି ଅଭିଜାତ ମହିଳାଗଣ ମଧ୍ୟ ନିଃସଙ୍କୋଚରେ ତଳେ ବସନ୍ତି । ଇଂଲଣ୍ଡରେ ଦୃଢ଼ସଂକଳ୍ପ ନରନାରୀଙ୍କୁ ଦେଖିବାକୁ ପାଇଲି, ଯେଉଁମାନେ କାର୍ଯ୍ୟଭାର ଗ୍ରହଣ କରି ଜାତିସୁଲଭ ଉଦ୍ୟମ ଓ ଅଧ୍ୟବସାୟର ସହିତ ଚଳାଇପାରିବେ । ଏ ବର୍ଷ ନ୍ୟୁୟର୍କରେ ମୋ କାମ ଚମତ୍କାର ଭାବେ ଚାଲିଛି । ମିଷ୍ଟର୍ ଲେଗାଟ୍ ଏଠାର ଜଣେ ଅତିଶୟ ଧନୀ ବ୍ୟକ୍ତି । ସେ ମୋର ଏକାନ୍ତ ଅନୁରକ୍ତ । ଏ ଦେଶରେ ନ୍ୟୁୟର୍କବାସୀମାନେ ଅଧିକତର ଦୃଢ଼ଚରିତ୍ର ଏବଂ ସେଥିପାଇଁ ଏଠାରେ ମୁଁ ମୋର କେନ୍ଦ୍ର ସ୍ଥାପନ କରିବାକୁ ସଂକଳ୍ପ କରିଛି । ଏଠାର ମେଥଡ଼ିଷ୍ଟ ଓ ପ୍ରେସ୍‌ବିଟେରିଆନ୍ ସଂପ୍ରଦାୟର ଗଣ୍ୟମାନ୍ୟ ବ୍ୟକ୍ତିମାନେ ମୋର ଉପଦେଶାଦି ଅସଙ୍ଗତ ମନେକରନ୍ତି । ଇଂଲଣ୍ଡର ଧାର୍ମିକ ସମ୍ଭ୍ରାନ୍ତଗଣଙ୍କ ନିକଟରେ ତାହା ଉଚ୍ଚତମ ଦାର୍ଶନିକ ତତ୍ତ୍ୱରୂପେ ପରିଗଣିତ ।

ତାହା ଛଡ଼ା, ମାର୍କିନ୍ ସ୍ତ୍ରୀଲୋକଙ୍କର ସ୍ୱାଭାବିକ ଅପବାଦ ଓ ଅପପ୍ରସଙ୍ଗପ୍ରିୟତା ଇଂଲଣ୍ଡରେ ପ୍ରାୟ ଦେଖାଯାଏ ନାହିଁ । ଇଂରେଜ ମହିଳାମାନେ ବିଳମ୍ବରେ ଭାବ ଗ୍ରହଣ କରନ୍ତି । ତେବେ ଥରେ ଠିକ୍ ଭାବରେ ଗ୍ରହଣ କରିପାରିଲେ ସେମାନେ ତାହା ଆୟତ୍ତ କରିନେବେ । ସେଠାରେ ସେମାନେ ଯଥାରୀତି କାମ ଚଳାଇଛନ୍ତି ଓ ପ୍ରତି ସପ୍ତାହରେ ମୋ ପାଖକୁ କାର୍ଯ୍ୟର ବିବରଣୀ ପଠାଉଛନ୍ତି । ବୁଝି ଦେଖ ! ଆଉ ଏଠାରେ ସପ୍ତାହକ ପାଇଁ ଯଦି ଅନୁପସ୍ଥିତ ରହୁଛି ତ କାର୍ଯ୍ୟର ଦଫା ଶେଷ । ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଇବ, ଶ୍ୟାମ ଓ ତୁମେ ମଧ୍ୟ ଗ୍ରହଣ କରିବ । ଭଗବାନ ତୁମକୁ ଚିରସୁଖୀ କରନ୍ତୁ । ଇତି

ତୁମମାନଙ୍କର ସ୍ନେହଶୀଳ ଭ୍ରାତା, ବିବେକାନନ୍ଦ

୧୭୪ଇଂ (ଜି. ଜି. ନରସିଂହାଚାରିଅର୍‌ଙ୍କୁ ଲିଖିତ)

ଚିକାଗୋ, ୧୧ ଜାନୁଆରି ୧୮୯୫

ପ୍ରିୟ ଜି. ଜି.,

ତୁମର ଡିସେମ୍ବର ୧୩ ତାରିଖର ପତ୍ର ବର୍ତ୍ତମାନ ପାଇଲି। ଏହା ସଙ୍ଗେ ସଙ୍ଗେ ଆଲାସିଙ୍ଗା ଓ ମହୀଶୂର ମହାରାଜାଙ୍କ ପତ୍ର ମଧ୍ୟ ପାଇଲି। ଯେଉଁ ନରସିଂହ ଆମେରିକା ଆସିଥିଲା, ସେ ଭାରତକୁ ଫେରିଯିବା ପରେ ସେଠାରୁ ମିସେସ୍ ହେଲ୍‌ଙ୍କ ପାଖକୁ ଖଣ୍ଡିଏ ପତ୍ର ଲେଖିଛି—ସେଥିରେ ହିନ୍ଦୁମାନଙ୍କୁ ବର୍ବର ଆଖ୍ୟା ଦେଇଛି, ଏବଂ ମୋ ସମ୍ବନ୍ଧରେ ପଦେ ହେଲେ ଲେଖି ନାହିଁ। ମୋର ଆଶଙ୍କା ହେଉଛି, ତା'ର ମୁଣ୍ଡରେ କିଛି ଗୋଳମାଳ ହୋଇଛି। ଯେପରି ସେ ଆରୋଗ୍ୟ ଲାଭ କରିବ, ସେଥିପାଇଁ ଚେଷ୍ଟା କର। ଚିରଦିନ ପାଇଁ କିଛି ନଷ୍ଟ ହୁଏ ନାହିଁ।

ଡକ୍ଟର ବ୍ୟାରୋଜ୍ ତୁମ ପତ୍ରର ଜବାବ କାହିଁକି ଦେଲେ ନାହିଁ, ମୁଁ ଜାଣେ ନାହିଁ। ଆଉ କଲିକତାର ଲୋକଙ୍କୁ ଯାହା ଉତ୍ତର ଦେଇଛନ୍ତି, ତାହା ମଧ୍ୟ ଦେଖି ନାହିଁ।

ଏଠାର ଧର୍ମମହାସଭାର ଉଦ୍ଦେଶ୍ୟ ଥିଲା ସବୁ ଧର୍ମ ଅପେକ୍ଷା ଖ୍ରୀଷ୍ଟଧର୍ମର ଶ୍ରେଷ୍ଠତା ପ୍ରମାଣ କରିବା; କିନ୍ତୁ ତାହା ସତ୍ତ୍ୱେ ଦାର୍ଶନିକ ହିନ୍ଦୁଧର୍ମ ନିଜର ମର୍ଯ୍ୟାଦା ରକ୍ଷା କରିବାରେ ସମର୍ଥ ହୋଇଥିଲା। ଡଃ ବ୍ୟାରୋଜ ଓ ସେହି ଧରଣର ବ୍ୟକ୍ତିମାନେ ନିତାନ୍ତ ଧର୍ମାନ୍ଧ—ସେମାନଙ୍କର ସାହାଯ୍ୟ ମୁଁ ଚାହେଁ ନାହିଁ; ପ୍ରଭୁ ହିଁ ମୋର ସହାୟ। ପ୍ରଭୁ ଏ ଦେଶରେ ମୋତେ ଯଥେଷ୍ଟ ବନ୍ଧୁ ଦେଇଛନ୍ତି ଏବଂ ସେମାନଙ୍କର ସଂଖ୍ୟା ଦିନକୁଦିନ ବଢ଼ିଚାଲିଛି। ଯେଉଁମାନେ ମୋର ଅନିଷ୍ଟ କରିବା ପାଇଁ ଚେଷ୍ଟା କରିଛନ୍ତି, ସେମାନେ ବର୍ତ୍ତମାନ ହାଇରାଣ ହୋଇ ଛାଡ଼ି ଦେଇଛନ୍ତି। ପ୍ରଭୁ ସେମାନଙ୍କର ମଙ୍ଗଳ କରନ୍ତୁ।

ଡକ୍ଟର ବ୍ୟାରୋଜ ଓ ସେହି ଧରଣର ଅନ୍ୟାନ୍ୟ ଲୋକଙ୍କ ସମ୍ବନ୍ଧରେ ଏତିକି ଜାଣି ରଖ, ସେମାନଙ୍କ ସହିତ ମୋର କୌଣସି ପ୍ରକାର ସଂସ୍ରବ ନାହିଁ। ବାଲ୍‌ଟିମୋରର ଘଟଣା ନେଇ ଯେଉଁ ବାଜେ ଜନରବ ଉଠିଥିଲା, ସେବିଷୟରେ ବକ୍ତବ୍ୟ ଏତିକି ଯେ, ସେଠାରେ ବର୍ତ୍ତମାନ ମୋର ବହୁତ ଭଲ ଭଲ ବନ୍ଧୁ ରହିଛନ୍ତି ଏବଂ ବରାବର ସେଠାରେ ମୁଁ ଆହୁରି ଅଧିକ ସଂଖ୍ୟକ ବନ୍ଧୁ ପାଇବି। ମୁଁ ଏକ ମୁହୂର୍ତ୍ତ ମଧ୍ୟ ଆଳସ୍ୟରେ ନଷ୍ଟ କରୁ ନାହିଁ; ମୁଁ ଏ ଦେଶର ଦୁଇଟି ପ୍ରଧାନ କେନ୍ଦ୍ର—ବୋଷ୍ଟନ ଓ ନ୍ୟୁୟର୍କ ମଧ୍ୟରେ ଦୌଡ଼ାଦୌଡ଼ି କରୁଛି। ଏହା ଭିତରୁ ବୋଷ୍ଟନ୍‌କୁ 'ମସ୍ତିଷ୍କ' ଓ ନ୍ୟୁୟର୍କକୁ 'ଟଙ୍କାଥଳି' ବୋଲି କୁହାଯାଇପାରେ। ଏହି ଉଭୟ ସ୍ଥାନରେ ହିଁ ମୋ କାର୍ଯ୍ୟ ଆଶାତୀତ ସଫଳତା ଲାଭ କରିଛି। ଯଦି ସମ୍ବାଦପ୍ରେରକଗଣ ତୁମମାନଙ୍କ ନିକଟକୁ ଏ ସମ୍ବନ୍ଧରେ କିଛି ପଠାଇ ନ ଥାନ୍ତି, ସେଥିରେ ମୋର କିଛି ଦୋଷ ନାହିଁ। ଯାହା ହେଉ, ବତ୍ସଗଣ, ମୁଁ ଏହି ଖବର-କାଗଜର ଉତ୍ସାହରେ ବିରକ୍ତ ହୋଇଯାଇଛି, ଆଉ ମୁଁ ତୁମମାନଙ୍କ ନିକଟକୁ ଏସବୁ ପଠାଇବି ବୋଲି ଆଶା କର ନାହିଁ। କାର୍ଯ୍ୟ ଆରମ୍ଭ କରିବା ଲାଗି ସାମାନ୍ୟ ଉତ୍ସାହର

ଦରକାର ହୋଇଥିଲା । ବର୍ତ୍ତମାନ ଯଥେଷ୍ଟ ହୋଇଯାଇଛି ।

ମୁଁ ମଣି ଆୟାର୍‌ଙ୍କୁ ଚିଠି ଲେଖିଛି ଏବଂ ତୁମକୁ ମୋର ନିର୍ଦ୍ଦେଶ ପୂର୍ବରୁ ଜଣାଇଛି । ବର୍ତ୍ତମାନ ମୋତେ ଦେଖାଅ ଯେ, ତୁମେମାନେ କଅଣ କରିପାର । ନିର୍ବୋଧଙ୍କ ପରି ବାଜେ କଥା କହିଲେ ଚଳିବ ନାହିଁ, ବର୍ତ୍ତମାନ ଅସଲ କାମ ଆରମ୍ଭ କରିବାକୁ ପଡ଼ିବ । କିପରି ଭାବରେ କାର୍ଯ୍ୟ ଆରମ୍ଭ କରାଯିବ, ମୁଁ ତାହା ତୁମମାନଙ୍କୁ ଆଗରୁ ଜଣାଇଛି; ଆୟାର୍‌ଙ୍କୁ ମଧ୍ୟ ପତ୍ର ଲେଖିଛି । ହିନ୍ଦୁମାନେ ଯେଉଁ ବଡ଼ ବଡ଼ କଥା କହନ୍ତି, ତାହା ସହିତ ଅସଲ କାମ ଦେଖାଇବାକୁ ହେବ । ତାହା ଯଦି ସେମାନେ ନ ପାରନ୍ତି, ତେବେ ସେମାନେ କିଛି ହେଲେ ପାଇବାକୁ ଯୋଗ୍ୟ ନୁହନ୍ତି । ଏହା ହିଁ ଅସଲ କଥା । ତୁମମାନଙ୍କର ନାନାବିଧ ଖିଆଲ ପାଇଁ ଆମେରିକା ଟଙ୍କା ଦେବାକୁ ଯାଉ ନାହିଁ । କାହିଁକି ବା ଦେବ ? ମୋ ସମ୍ବନ୍ଧରେ ବକ୍ତବ୍ୟ ଏହି, ମୁଁ ଯଥାର୍ଥ ସତ୍ୟ ଶିକ୍ଷା ଦେବାକୁ ଚାହେଁ; ତାହା ଏଠାରେ ହେଉ ବା ଅନ୍ୟତ୍ର ହେଉ —ମୁଁ ତାହା ଗ୍ରାହ୍ୟ ମଧ୍ୟରେ ଆଣେ ନାହିଁ ।

ମୋ ସପକ୍ଷରେ ବା ବିପକ୍ଷରେ କିଏ କଅଣ କହୁଛି, ଆଉ ସେଥିପ୍ରତି କାନ ଦିଅ ନାହିଁ । ସିଂହବିକ୍ରମରେ କାମ କରିଯାଅ, ପ୍ରଭୁ ତୁମମାନଙ୍କୁ ଆଶୀର୍ବାଦ କରନ୍ତୁ । ମୋର ଯେତେ ଦିନ ଦେହତ୍ୟାଗ ନ ହୋଇଛି, ଅବିଶ୍ରାନ୍ତ ଭାବରେ କାର୍ଯ୍ୟ କରିଯିବି; ଏବଂ ମୃତ୍ୟୁ ପରେ ମଧ୍ୟ ଜଗତର କଲ୍ୟାଣ ପାଇଁ କାମ କରୁଥିବି । ଅସତ୍ୟଠାରୁ ସତ୍ୟର ପ୍ରଭାବ ଅନନ୍ତ ଗୁଣରେ ବେଶୀ, ସାଧୁତାର ମଧ୍ୟ ତଦ୍ରୂପ । ତୁମମାନଙ୍କ ମଧ୍ୟରେ ଯଦି ଏହି ଗୁଣଗୁଡ଼ିକ ଥାଏ, ତେବେ ସେଗୁଡ଼ିକ ନିଜ ଶକ୍ତିରେ ହିଁ ରାସ୍ତା ତିଆରି କରିନେବେ ।

ଥିଓସଫିଷ୍ଟମାନଙ୍କ ସହିତ ମୋର କୌଣସି ସମ୍ପର୍କ ନାହିଁ । କହୁଛ, ସେମାନେ ମୋତେ ସାହାଯ୍ୟ କରିବେ ! ଛିଃ ! ତୁମେମାନେ କେଉଁପରି ନିର୍ବୋଧ ! ତୁମେମାନେ କଅଣ ଭାବ ଯେ, ଏଠାରେ ଲୋକେ ମୋତେ ସେମାନଙ୍କ ସହିତ ସମାନ ମନେକରନ୍ତି ? ସେମାନଙ୍କୁ ଏଠାରେ କେହି ପଚାରନ୍ତି ନାହିଁ, ଅଥଚ ହଜାର ହଜାର ଭଲଭଲ ଲୋକ ମୋ ପ୍ରତି ଶ୍ରଦ୍ଧାଶୀଳ । ଏହା ଜାଣି ରଖ ଓ ପ୍ରଭୁଙ୍କ ପ୍ରତି ବିଶ୍ୱାସସମ୍ପନ୍ନ ହୁଅ ।

ଖବରକାଗଜଗୁଡ଼ିକ ହୈଚୈ କରି ମୋତେ ଯେତେ ବଡ଼ କରିପାରି ନାହାନ୍ତି, ତାହା ଅପେକ୍ଷା ଏ ଦେଶରେ ମୋର ପ୍ରଭାବ ଲୋକଙ୍କ ଉପରେ ଧୀରେ ଧୀରେ ବହୁଗୁଣରେ ଅଧିକ ବିସ୍ତାରଲାଭ କରିଛି । ରକ୍ଷଣଶୀଳଦଳ ଏକଥା ହାଡ଼େ ହାଡ଼େ ବୁଝୁଛନ୍ତି ଯେ, କୌଣସିମତେ ଏହାକୁ ଅଟକାଇପାରୁ ନାହାନ୍ତି; ତେଣୁ ମୋର ପ୍ରଭାବ ଯେପରି ପୁରାପୁରି ନଷ୍ଟ ହୋଇଯାଏ, ସେଥିଲାଗି ସେମାନେ ଚେଷ୍ଟାରେ ଅଣୁମାତ୍ର ତ୍ରୁଟି କରୁ ନାହାନ୍ତି । କିନ୍ତୁ ସେମାନେ ସେଥିରେ ସଫଳ ହେବେ ନାହିଁ—ପ୍ରଭୁ ଏ କଥା କହୁଛନ୍ତି ।

ଏହା ହେଉଛି ଚରିତ୍ରର ଓ ପବିତ୍ରତାର ପ୍ରଭାବ, ସତ୍ୟର ଓ ବ୍ୟକ୍ତିତ୍ୱର ଶକ୍ତି । ଯେତେଦିନ ଏସବୁ ମୋର ଥିବ, ସେତେଦିନ ନିଶ୍ଚିନ୍ତ ରୁହ, କେହି ମୋର ମୁଣ୍ଡର କେଶାଗ୍ର ମଧ୍ୟ ସ୍ପର୍ଶ କରିପାରିବେ ନାହିଁ । ପ୍ରଭୁ କହୁଛନ୍ତି ଯେ, ଯଦି କେହି ଚେଷ୍ଟା କରେ, ସେ ବ୍ୟର୍ଥ ହେବ ।

ବହୁପତ୍ର—ବାଜେ ଜଞ୍ଜାଳ ଲେଖି କଅଣ ହେବ ? ଲୋକଙ୍କ ଅନ୍ତର ସ୍ପର୍ଶ କରିବାକୁ ହେଲେ, ଜୀବନ ଦରକାର, ତାହା ହିଁ ଏକମାତ୍ର ଉପାୟ । ବ୍ୟକ୍ତି ଭିତର ଦେଇ ସ୍ୱବର ଆକର୍ଷଣ ଅପରର ପ୍ରାଣରେ ସଞ୍ଚାରିତ ହୁଏ । ତୁମେମାନେ ତ ବର୍ତ୍ତମାନ ସୁଦ୍ଧା ପିଲାଲୋକ । ପ୍ରଭୁ ମୋତେ ପ୍ରତିଦିନ ଗମ୍ଭୀରତର ଅନ୍ତର୍ଦୃଷ୍ଟି ଦେଉଛନ୍ତି । କାର୍ଯ୍ୟ କର, କାର୍ଯ୍ୟ କର, କାର୍ଯ୍ୟ କର । ..

ସେସବୁ ବାଜେ କଥା ଛାଡ଼ିଦିଅ, ପ୍ରଭୁଙ୍କ କଥା କହ । ଭଣ୍ଡ ଓ ମୁଣ୍ଡପାଗଳା ଲୋକଙ୍କ କଥା ନେଇ ଆଲୋଚନା କରିବା ପାଇଁ ଆମର ସମୟ ନାହିଁ । ଜୀବନ କ୍ଷଣସ୍ଥାୟୀ ।

ସଦାସର୍ବଦା ତୁମମାନଙ୍କର ଏତିକି ମନେରଖିବା ବିଶେଷ ଦରକାର ଯେ, ପ୍ରତ୍ୟେକ ଜାତିକୁ ଓ ପ୍ରତ୍ୟେକ ବ୍ୟକ୍ତିକୁ ନିଜ ନିଜର ଚେଷ୍ଟାଦ୍ୱାରା ଆପଣାର ଉଦ୍ଧାର ସାଧନ କରିବାକୁ ହେବ । ସୁତରାଂ ଅପର ନିକଟରୁ ସାହାଯ୍ୟ ପ୍ରତ୍ୟାଶା କର ନାହିଁ । ମୁଁ ଖୁବ୍ କଠୋର ପରିଶ୍ରମ କରି ମଝିରେ ମଝିରେ କିଛି କିଛି ଟଙ୍କା ପଠାଇପାରେ—ଏତିକି । ଯଦି ଏହା ଉପରେ ଭରସା କରି ତୁମମାନଙ୍କୁ ରହିବାକୁ ପଡ଼େ, ତେବେ ବରଂ କାମଦାମ ବନ୍ଦ କରିଦିଅ । ଆହୁରି ଜାଣି ରଖ ଯେ, ମୋ ଭାବର ବିସ୍ତାର ପାଇଁ ଏହିଟି ହେଉଛି ବିଶେଷ ଉପଯୁକ୍ତ ସ୍ଥାନ; ମୁଁ ଯେଉଁମାନଙ୍କୁ ଶିକ୍ଷା ଦେବି, ସେମାନେ ହିନ୍ଦୁ ହୁଅନ୍ତୁ, ମୁସଲମାନ ହୁଅନ୍ତୁ କିମ୍ବା ଖ୍ରୀଷ୍ଟିଆନ୍ ହୁଅନ୍ତୁ, ସେଥିରେ କିଛି ଯାଏ ଆସେ ନାହିଁ । ଯେଉଁମାନେ ପ୍ରଭୁଙ୍କୁ ଭଲ ପାଆନ୍ତି, ସେମାନଙ୍କର ସେବା କରିବାକୁ ମୁଁ ସର୍ବଦା ପ୍ରସ୍ତୁତ ବୋଲି ଜାଣିବ ।

ମୋ ପାଖକୁ ବାଜେ ଖବରକାଗଜ ଆଉ ପଠାଇବ ନାହିଁ; ସେସବୁ ଦେଖିଲେ ହିଁ ମୋ ଦେହ ଶୀତେଇ ଉଠେ । ମୋତେ ନୀରବରେ ଧୀର ଭାବରେ କାମ କରିବାକୁ ଦିଅ—ପ୍ରଭୁ ମୋ ସାଙ୍ଗରେ ସର୍ବଦା ରହିଛନ୍ତି । ଯଦି ଇଚ୍ଛା ହୁଏ ତ ସମ୍ପୂର୍ଣ୍ଣ ଅକପଟ, ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ଏବଂ ସର୍ବୋପରି ସମ୍ପୂର୍ଣ୍ଣ ପବିତ୍ର ହୋଇ ମୋତେ ଅନୁସରଣ କର । ମୋର ଆଶୀର୍ବାଦ ତୁମ ଉପରେ ରହିଛି । ଏହି କ୍ଷଣସ୍ଥାୟୀ ଜୀବନରେ ପରସ୍ପର ପ୍ରଶଂସାବିନିମୟ କରିବା ପାଇଁ ଆମର ସମୟ ନାହିଁ । ଯେତେବେଳେ ଏହି ଜୀବନ-ଯୁଦ୍ଧ ଶେଷ ହୋଇଯିବ, ସେତେବେଳେ କିଏ କେତେ କଅଣ କରିଛି, ତା'ର ପ୍ରାଣଭରି ତୁଳନା କରିବା ଓ ପରସ୍ପରକୁ ପ୍ରଶଂସା କରିବା । ବର୍ତ୍ତମାନ କଥା ବନ୍ଦ କର—କେବଳ କାମ—କାମ—କାମ । ଭାରତରେ ତୁମେମାନେ ସ୍ଥାୟୀଭାବରେ କିଛି କରିଛ, ତାହା ତ ଦେଖିପାରୁ ନାହିଁ । ତୁମେମାନେ କୌଣସି କେନ୍ଦ୍ର ସ୍ଥାପନ କରିଛ, ତାହା ମଧ୍ୟ ଦେଖିପାରୁ ନାହିଁ । ତୁମେମାନେ କୌଣସି ମନ୍ଦିର ବା ହଲ ପ୍ରତିଷ୍ଠା କରିଛ ତାହା ମଧ୍ୟ ଦେଖୁ ନାହିଁ । ଅନ୍ୟ କେହି ତୁମମାନଙ୍କ ସହିତ ଯୋଗ ଦେଉଛି—ତାହା ମଧ୍ୟ ଦେଖୁ ନାହିଁ । କେବଳ କଥା କଥା କଥା—'ଆମେ ଖୁବ୍ ବଡ଼, ଆମେ ଖୁବ୍ ବଡ଼ !'—ପାଗଳ ! ଆମେମାନେ କ୍ଲୀବ, ତା'ଛଡ଼ା ଆମେ ଆଉ କଅଣ ?

ଏହି ଜଘନ୍ୟ ନାମଯଶ ଓ ଅନ୍ୟାନ୍ୟ ବାଜେ ବିଷୟରେ ମୋର କଅଣ ହେବ ? ଏସବୁକୁ କ'ଣ ମୁଁ ଖାତିର ମଧ୍ୟରେ ଆଣେ ? ମୁଁ ଦେଖିବାକୁ ଚାହେଁ ଯେ—ଶତ ଶତ ବ୍ୟକ୍ତି ଆସି ପ୍ରଭୁଙ୍କର ଆଶ୍ରୟ ନେବେ । ସେମାନେ କାହାନ୍ତି ? ମୁଁ ସେମାନଙ୍କୁ ଚାହେଁ—ସେମାନଙ୍କୁ

ଦେଖିବାକୁ ଚାହେଁ । ତୁମେମାନେ ତ ଏପରି ଲୋକଙ୍କୁ ମୋ ପାଖକୁ ଆଣିପାରି ନାହଁ ! ତୁମେମାନେ କେବଳ ମୋତେ ନାମଯଶ ଦେଇଛ । ନାମଯଶ ଚୁଲିକୁ ଯାଉ । କାମରେ ଲାଗ, ମୋ ଭିତରେ ଯେଉଁ ଅଗ୍ନି ଜଳୁଛି, ତା'ର ସ୍ପର୍ଶରେ ଏପର୍ଯ୍ୟନ୍ତ ତୁମମାନଙ୍କ ହୃଦୟ ଅଗ୍ନିମୟ ହୋଇ ଉଠି ନାହିଁ । ତୁମେମାନେ ଏପର୍ଯ୍ୟନ୍ତ ମୋତେ ବୁଝିପାରି ନାହଁ । ତୁମେମାନେ ଏବେ ମଧ୍ୟ ଆଳସ୍ୟ ଓ ଭୋଗର ପୁରାତନ ରାସ୍ତାରେ ଚାଲିଛ । ଦୂର କରିଦିଅ ଯେତେ ଆଳସ୍ୟ, ଦୂର କରିଦିଅ ଇହଲୋକ ଓ ପରଲୋକର ଭୋଗବାସନା । ନିଆଁରେ ଝାସ ଦିଅ ଏବଂ ଲୋକଙ୍କୁ ଭଗବାନଙ୍କ ନିକଟକୁ ନେଇ ଆସ ।

ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି, ମୋ ଭିତରେ ଯେଉଁ ନିଆଁ ଜଳୁଛି, ତାହା ତୁମମାନଙ୍କ ଭିତରେ ଜଳି ଉଠୁ, ତୁମମାନଙ୍କର ମନ ଓ ମୁଖ ଏକ ହେଉ ।—ଭାବର ଘରେ ଯେପରି ଚୋରି ଆଦୌ ନ ରହେ । ତୁମେମାନେ ଯେପରି ଜଗତର ଯୁଦ୍ଧକ୍ଷେତ୍ରରେ ବୀରପରି ମରି ପାର—ଏହା ହିଁ ସର୍ବଦା ବିବେକାନନ୍ଦର ପ୍ରାର୍ଥନା ।

ପୁଃ—ଆଲାସିଙ୍ଗା, କିଡି, ଡାକ୍ତର ବାଲାଜୀ ଏବଂ ଅନ୍ୟାନ୍ୟ ସମସ୍ତଙ୍କୁ ମୋର ଶ୍ରଦ୍ଧା ପ୍ରୀତି ଜଣାଇବ ଏବଂ କହିବ—ରାମ, ଶ୍ୟାମ, ଯଦୁ ଆମ ସପକ୍ଷରେ ବା ବିପକ୍ଷରେ କଅଣ କରୁଛନ୍ତି, ଏହା ନେଇ ଯେପରି ସେମାନେ ଦିନରାତି ମୁଣ୍ଡ ନ ଖେଳାନ୍ତି, ସେମାନେ ଯେପରି ସେମାନଙ୍କର ସମସ୍ତ ଶକ୍ତି ଏକତ୍ର କରି କାର୍ଯ୍ୟରେ ଲଗାନ୍ତି । ଜଗତରେ ଯେତେ ରାମ ଶ୍ୟାମ ଅଛନ୍ତି, ସମସ୍ତଙ୍କୁ ଆଶୀର୍ବାଦ କର । ସେମାନେ ତ ଶିଶୁ ମାତ୍ର, ଆଉ ତୁମେମାନେ କାମରେ ଲାଗିଯାଅ । ଇତି

ବି.

ପୁଃ—ସମ୍ବାଦପତ୍ରର ରିପୋର୍ଟ ସମ୍ବନ୍ଧରେ ବକ୍ତବ୍ୟ ଏତିକି, ଖୁବ୍ ସାବଧାନ ହୋଇ ସେମାନଙ୍କର କଥା ଗ୍ରହଣ କରିବାକୁ ପଡ଼ିବ । କାରଣ, ଯଦି କୌଣସି ରିପୋର୍ଟରକୁ ଦେଖାସାକ୍ଷାତ୍ କରିବାକୁ ଦିଆ ନ ଯାଏ, ସେ ଯାଇ ଏଣ୍ଡୁ ତେଣ୍ଡୁ କେତେକ ସ୍ୱ-କପୋଳକଳ୍ପିତ ବାଜେ ଗଳ୍ପ ଲେଖି ଛପାଇଦିଏ । ସେଥିପାଇଁ ତ ତୁମେ ବାଲ୍ଟିମୋର୍ ସମ୍ପର୍କୀୟ ବାଜେ ସମ୍ବାଦ ସବୁ ପାଇଛ । ଲୋକଗୁଡ଼ାକ କିପରି ଯେ ସେସବୁ ଲେଖିବାର ଉପାଦାନ ପାଇଲେ, ମୁଁ ନିଜେ ମଧ୍ୟ ତାହା ଜାଣେ ନାହିଁ । ଆମେରିକାର କାଗଜଗୁଡ଼ିକ କୌଣସି ବ୍ୟକ୍ତି ସମ୍ପର୍କରେ ଯାହା ଇଚ୍ଛା ତାହା ଲେଖନ୍ତି । ବକ୍ତୃତାରେ ରିପୋର୍ଟ ସବୁ ବାରଅଣା ବାଜେ କଥାରେ ଭର୍ତ୍ତି । ରିପୋର୍ଟରମାନେ ନିଜ କଳ୍ପନାରୁ ଅନେକ କଥା ପୂରଣ କରିଦିଅନ୍ତି । ଆମେରିକାର କାଗଜରୁ କିଛି ଉଦ୍ଧାର କରି ଛପାଇବାକୁ ଗଲାବେଳେ ଖୁବ୍ ସାବଧାନ । ଇତି ବି.

୧୬୫ଇଂ

ଆମେରିକା, ୧୨ ଜାନୁଆରି ୧୮୯୫

ପ୍ରିୟ ଆଲାସିଙ୍ଗା,

ମୁଁ ଗତକାଲି ଜି. ଜି.ଙ୍କ ନିକଟକୁ ପତ୍ର ଲେଖିଛି; କିନ୍ତୁ ଆହୁରି କେତେକ କଥା କହିବା ଦରକାର ମନେକରୁଛି; ତେଣୁ ତୁମ ପାଖକୁ ଲେଖୁଛି :

ପ୍ରଥମତଃ, ପୂର୍ବରୁ କେତେକ ପତ୍ରରେ ମୁଁ ତୁମମାନଙ୍କୁ ଲେଖିଛି ଯେ, ବହିପତ୍ର ଓ

ଖବରକାଗଜ ପ୍ରଭୃତି ମୋ ପାଖକୁ ଆଉ ପଠାଇବ ନାହିଁ; କିନ୍ତୁ ତଥାପି ତୁମେମାନେ ପଠାଉଛ—ଏଥିରେ ମୁଁ ବିଶେଷ ଦୁଃଖିତ । କାରଣ, ସେସବୁ ପଢ଼ିବା ଏବଂ ସେସବୁ ସମ୍ପର୍କରେ ଚିନ୍ତା କରିବା ପାଇଁ ମୋର ମୋଟେ ସମୟ ନାହିଁ । ଅନୁଗ୍ରହପୂର୍ବକ ସେସବୁ ଆଉ ପଠାଇବ ନାହିଁ । ମିଶନାରୀ, ଥିଓସଫିଷ୍ଟ ବା ସେହି ଧରଣର ଲୋକମାନଙ୍କୁ ମୁଁ ଆଦୌ ଗ୍ରାହ୍ୟ କରେ ନାହିଁ—ସେମାନେ ଯାହା ଇଚ୍ଛା ତାହା କରନ୍ତୁ । ସେମାନଙ୍କ ବିଷୟ ନେଇ ଆଲୋଚନା କରିବାକୁ ଗଲେ ହିଁ ତାଙ୍କ ଦର ବଢ଼ାଇ ଦିଆଯିବ । ମାନ୍ଦ୍ରାଜ ଅଭିନନ୍ଦନର ଉତ୍ତରଟାକୁ ମିସେସ୍ —ଙ୍କ ନିକଟକୁ ପଠାଇ ତୁମେମାନେ ଠିକ୍ କରି ନାହଁ । ସେ ଜଣେ ରକ୍ଷଣଶୀଳ ଖ୍ରୀଷ୍ଟିଆନ୍, ସୁତରାଂ ରକ୍ଷଣଶୀଳମାନଙ୍କ ସମ୍ପର୍କରେ ସେଥିରେ ମୁଁ ଯେଉଁ ସମାଲୋଚନା କରିଛି, ତାହା ତାଙ୍କୁ ଭଲ ଲାଗିବ ନାହିଁ । ଯାହା ହେଉ, ସବୁ ଭଲ, ଯାହାର ଶେଷ ଭଲ ।

ବର୍ତ୍ତମାନ ତୁମେସବୁ ଚିରଦିନ ପାଇଁ ଜାଣିରଖ ଯେ, ମୁଁ ନାମ, ଯଶ ବା ସେହିପରି ବାଜେ ଜିନିଷକୁ ଆଦୌ ଗ୍ରାହ୍ୟ କରେ ନାହିଁ । ମୁଁ ଜଗତର କଲ୍ୟାଣ ପାଇଁ ମୋ ଭାବଗୁଡ଼ିକୁ ପ୍ରଚାର କରିବାକୁ ଚାହେଁ । ତୁମେମାନେ ଖୁବ୍ ବଡ଼ କାମ କରିଛ ସତ; କିନ୍ତୁ କାମ ଯେତେଦୂର ହୋଇଛି, ସେଥିରେ ମୋର ନାମଯଶ ହିଁ ବଢ଼ିଛି । କେବଳ ଜଗତର ପ୍ରଶଂସା ନେବା ପାଇଁ ଜୀବନ ବ୍ୟୟ କରିବା ଅପେକ୍ଷା ମୋ ପକ୍ଷରେ ମୋ ଜୀବନର ଆହୁରି ବେଶୀ ମୂଲ୍ୟ ଅଛି ବୋଲି ମନେହୁଏ । ଏ ସମସ୍ତ ନିର୍ବୁଦ୍ଧିତା ପାଇଁ ମୋର ମୋଟେ ସମୟ ନାହିଁ ବୋଲି ଜାଣିବ । ତୁମେମାନେ ଭାରତର ଭାବରାଜି ପ୍ରଚାର କରିବା ଓ ସଂଘବଦ୍ଧ ହେବା ଲାଗି କି କାର୍ଯ୍ୟ କରିଛ ?—କାହିଁ, କିଛି ତ ନାହିଁ ।

ଗୋଟିଏ ସଂଘର ବିଶେଷ ପ୍ରୟୋଜନ—ଯାହା ପରସ୍ପରକୁ ସାହାଯ୍ୟ କରିବା ପାଇଁ ଓ ଉତ୍ତମ ଭାବଗୁଡ଼ିକୁ ଆଦର କରିବା ଲାଗି ହିନ୍ଦୁମାନଙ୍କୁ ଶିକ୍ଷା ଦେବ । ମୋତେ ଧନ୍ୟବାଦ ଦେବା ଲାଗି କଲିକତାରେ ୫ହଜାର ଲୋକ ଏକତ୍ର ହୋଇଥିଲେ—ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଶହ ଶହ ଲୋକ ସଭାରେ ମିଳିତ ହୋଇଥିଲେ—ଭଲ କଥା; କିନ୍ତୁ ସେମାନଙ୍କୁ ପ୍ରତ୍ୟେକେ ଗୋଟିଏ ପଇସା ସାହାଯ୍ୟ କରିବା ପାଇଁ କହି ଦେଖ—ସଙ୍ଗେ ସଙ୍ଗେ ସବୁ ଖସିଯିବେ । ଆମ ଜାତିସ୍ତ ଚରିତ୍ରର ବୈଶିଷ୍ଟ୍ୟ ବାଲସୁଲଭ ନିର୍ଭରତା । ଯଦି କେହି ସେମାନଙ୍କ ମୁହଁ ପାଖକୁ ଖାଇବା ଆଣିଦିଏ, ତା'ହେଲେ ସେମାନେ ଖାଇବାକୁ ଖୁବ୍ ପ୍ରସ୍ତୁତ; କାହାକୁ କାହାକୁ ସେହି ଖାଦ୍ୟ ଗିଳାଇ ଦେଇପାରିଲେ ଆହୁରି ଭଲ । ଆମେରିକା ତୁମମାନଙ୍କ ନିକଟକୁ କିଛି ଟଙ୍କାପଇସା ପଠାଇପାରିବ ନାହିଁ—କାହିଁକି ବା ପଠାଇବ ? ଯଦି ତୁମେମାନେ ନିଜେ ନିଜକୁ ସାହାଯ୍ୟ କରି ନ ପାର, ତା'ହେଲେ ତ ତୁମେସବୁ ବଞ୍ଚିବା ଲାଗି ମଧ୍ୟ ଉପଯୁକ୍ତ ନୁହଁ । ତୁମେ ଯାହା ଜାଣିବାକୁ ଚାହିଁଛ—ବର୍ଷକୁ କେତେ ହଜାର ଟଙ୍କା ପାଇବା ଲାଗି ଆମେରିକା ଉପରେ ନିଶ୍ଚିତ ଭରସା ରଖାଯାଇପାରେ କି ନାହିଁ, ତାହା ପଢ଼ି ମୁଁ ଅତ୍ୟନ୍ତ ହତାଶ ହୋଇପଡ଼ୁଛି । ତୁମେମାନେ ଗୋଟିଏ ପଇସା ମଧ୍ୟ ପାଇବ ନାହିଁ । ସବୁ ଟଙ୍କାପଇସାର

ଯୋଗାଡ଼ ନିଜେ ହିଁ କରିବାକୁ ପଡ଼ିବ—କିଏ ଶୁଣିବ ତ ?

ଜନସାଧାରଣଙ୍କ ଶିକ୍ଷା ସମ୍ବନ୍ଧରେ ମୋର ଯେଉଁ ପରିକଳ୍ପନା ଥିଲା, ମୁଁ ବର୍ତ୍ତମାନ ପାଇଁ ତାହା ଛାଡ଼ିଦେଇଛି । ତାହା ଧୀରେ ଧୀରେ ହେବ । ମୁଁ ବର୍ତ୍ତମାନ ଚାହେଁ— ଅଗ୍ନିମନ୍ତ୍ରରେ ଦୀକ୍ଷିତ ଏକ ପ୍ରଚାରକଦଳ । ବିଭିନ୍ନ ଧର୍ମର ତୁଳନାମୂଳକ ଆଲୋଚନା, ସଂସ୍କୃତ ଓ କେତେକ ପାଶ୍ଚାତ୍ୟ ଭାଷା ଏବଂ ବେଦାନ୍ତର ବିଭିନ୍ନ ମତବାଦ ଶିକ୍ଷାଦେବା ଲାଗି ମାନ୍ଦ୍ରାଜରେ ଗୋଟିଏ କଲେଜ କରିବାକୁ ପଡ଼ିବ । ତାହାର ମୁଖପତ୍ରସ୍ୱରୂପ ଇଂରେଜୀ ଓ ଦେଶୀୟ ଭାଷାରେ ପତ୍ରିକା ବାହାରିବ, ସଙ୍ଗେ ସଙ୍ଗେ ଛାପାଖାନା ମଧ୍ୟ ରହିବ । ଏଥିରୁ କିଛି ଗୋଟାଏ କର—ତା'ହେଲେ ଜାଣିବି ଯେ, ତୁମେମାନେ କିଛି କରିଛ—କେବଳ ମୋତେ ଆକାଶକୁ ଟେକି ଦେଇ ପ୍ରଶଂସା କଲେ କିଛି ହେବ ନାହିଁ ।

ତୁମ କାର୍ଯ୍ୟ ଦେଖାଇଦେଉ ଯେ, ତୁମେମାନେ କିଛି କରିବାକୁ ପ୍ରସ୍ତୁତ । ତୁମେମାନେ ଯଦି ଭାରତରେ ଏପରି କିଛି କରି ନ ପାର, ତା'ହେଲେ ମୋତେ ଏକାକୀ କାମ କରିବାକୁ ଛାଡ଼ିଦିଅ । ଜଗତକୁ ଦେବା ପାଇଁ ମୋର ଗୋଟିଏ ବାଣୀ ଅଛି । ଯେଉଁମାନେ ତାହା ଆଦରପୂର୍ବକ ନେବେ ଓ କାର୍ଯ୍ୟରେ ପରିଣତ କରିବେ, ତାହା ସେମାନଙ୍କୁ ଦେବାକୁ ଚାହେଁ । କିଏ ବା କେଉଁମାନେ ତାହା ଗ୍ରହଣ କରିବେ, ମୁଁ ତାହା ଗ୍ରାହ୍ୟ କରେ ନାହିଁ । 'ଯେଉଁମାନେ ମୋ ପିତାଙ୍କ କାର୍ଯ୍ୟ କରିବେ'* ସେମାନେ ହିଁ ମୋ ନିଜର ଲୋକ ।

ଯାହା ହେଉ, ପୁଣି କହୁଛି, ଏଥିଲାଗି ବିଶେଷଭାବରେ ଚେଷ୍ଟା କର—ଧୂଳଧୂଳ ଛାଡ଼ିଦିଅ ନାହିଁ । ମୋ ନାମକୁ ବଡ଼ କରିବା ମୁଁ ଚାହେଁ ନାହିଁ । ମୁଁ ଦେଖିବାକୁ ଚାହେଁ— ଯେପରି ମୋର ଭାବଗୁଡ଼ିକ କାର୍ଯ୍ୟରେ ପରିଣତ ହୁଏ । ସବୁ ମହାପୁରୁଷଙ୍କ ଶିଷ୍ୟମାନେ ସର୍ବଦା ଗୁରୁଙ୍କ ଉପଦେଶଗୁଡ଼ିକ ସହିତ ସେହି ବ୍ୟକ୍ତିଙ୍କୁ ଅଚ୍ଛେଦ୍ୟଭାବରେ ଜଡ଼ିତ କରନ୍ତି ଏବଂ ଅବଶେଷରେ ବ୍ୟକ୍ତି ଲାଗି ତାଙ୍କର ଭାବଗୁଡ଼ିକ ନଷ୍ଟ ହୋଇଯାଏ । ଶ୍ରୀରାମକୃଷ୍ଣଙ୍କ ଶିଷ୍ୟମାନେ ଯେପରି ଏ ପ୍ରକାର କାର୍ଯ୍ୟ ନ କରନ୍ତି । ସେଥିପ୍ରତି ସେମାନଙ୍କୁ ସର୍ବଦା ସତର୍କ ରହିବାକୁ ହେବ । ତୁମେମାନେ ଭାବଗୁଡ଼ିକର ବିସ୍ତାର ପାଇଁ ଚେଷ୍ଟା କର, ବ୍ୟକ୍ତି ପାଇଁ ନୁହେଁ । ପ୍ରଭୁ ତୁମମାନଙ୍କୁ ଆଶୀର୍ବାଦ କରନ୍ତୁ ।

ସଦା-ଆଶୀର୍ବାଦକ, ବିବେକାନନ୍ଦ

୧୬୭ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

୧୮୯୫

ପ୍ରାଣାଧିକେଷୁ,

ବର୍ତ୍ତମାନ ବହୁତ ଖବରକାଗଜ ଇତ୍ୟାଦି ଜମା ହୋଇଗଲାଣି । ଆଉ ପଠାଇବା ଆବଶ୍ୟକ ନାହିଁ । ଉତ୍ସାହ ବର୍ତ୍ତମାନ ଭାରତ ଭିତରେ ହିଁ ଚାଲୁ । ବୋଧହୁଏ ତୁମେମାନେ

* 'He who doeth the will of my Father' etc.—N. T., Bible

ଏ ମଧ୍ୟରେ କଲିକତା ଫେରିଥିବ । ତାରକଦାଦାଙ୍କ ପତ୍ର ଶେଷ, ତା'ପରଠୁ ଆଉ କୌଣସି ସମ୍ବାଦ ନାହିଁ ।

କାଲୀ କଲିକତାରେ ରହି କାଗଜପତ୍ର ଛପାଉଛୁ—ଏହା ଖୁବ୍ ଭଲ କଥା, କିନ୍ତୁ ଏଠାରୁ ଆଉ ପଠାଇବା ଦରକାର ନାହିଁ ।··· ତେବେ ଏହି ଯେ ଦେଶମଯ୍ୟ ଗୋଟିଏ ଉତ୍ସାହ ଜାଗି ଉଠିଛି, ତାହାକୁ ଆଶ୍ରୟ କରି ଘୂରିଆଡ଼େ ଖେଳିଯାଅ । ଅର୍ଥାତ୍ ସ୍ଥାନେ ସ୍ଥାନେ branch (ଶାଖା) ସ୍ଥାପନ ପାଇଁ ପ୍ରଯତ୍ନ କର । ଫାଙ୍କା ଆଓ୍ୱାଜ୍ ଯେପରି ନ ହୁଏ । ମାନ୍ଦ୍ରାଜବାସୀଙ୍କ ସହିତ ଯୋଗଦାନ କରି ସ୍ଥାନେ ସ୍ଥାନେ ସଭା ପ୍ରଭୃତି ସ୍ଥାପନ କରିବାକୁ ହେବ । ଯେଉଁ ଖବରକାଗଜ ପ୍ରକାଶ କରିବା କଥା ଥିଲା, ତାହା କଅଣ ହେଲା ? ଖବରକାଗଜ ଚଳାଇବାରେ ତୁମର ଚିନ୍ତା କଅଣ—ଆମେ ଜାଣି ନାହୁଁ; ବର୍ତ୍ତମାନ ଲୋକ ଯେ ଅଳ୍ପ । ଚଟ ଲେଖାଲେଖି, ଇତ୍ୟାଦି କରି ସମସ୍ତଙ୍କ ଉପରେ ଚପାଇଦିଅ; ତା'ପରେ ଆପେ ଆପେ ହୋଇଯିବ । ବାହାଦୁରି ଦେଖାଅ ଦେଖି । ଭାଇ, ମୁକ୍ତି ପଛେ ନ ହେଲା, ଦୁଇ ଚାରିଥର ନରକକୁଣ୍ଡକୁ ଗଲେ କ୍ଷତି ନାହିଁ । ଏ କଥା କଅଣ ମିଥ୍ୟା ?—

ମନସି ବଚସି କାୟେ ପୁଣ୍ୟପୀୟୂଷପୂର୍ଣ୍ଣାଃ
ତ୍ରିଭୁବନମୁପକାରଶ୍ରେଣୀଭିଃ ପ୍ରୀୟମାଣାଃ ।
ପରଗୁଣପରମାଣୂଂ ପର୍ବତୀକୃତ୍ୟ କେଚିତ୍
ନିଜହୃଦି ବିକସନ୍ତଃ ସନ୍ତି ସନ୍ତଃ କିୟନ୍ତଃ ॥*

ନ ହେଲା ବା ତୁମର ମୁକ୍ତି ! କି ପିଲାଳିଆ କଥା ! ରାମ୍ ରାମ୍ ! ନାହିଁ ନାହିଁ, କହିଲେ ସାପର ବିଷ କ୍ଷୟ ହୋଇଯାଏ ନା ନାହିଁ ? ଏ କେଉଁ ଦେଶୀ ବିନୟ—'ମୁଁ କିଛି ଜାଣେ ନାହିଁ, ମୁଁ କିଛି ନୁହେଁ'—ଏହା କେଉଁ ଦେଶୀ ବୈରାଗ୍ୟ ଓ ବିନୟ ରେ ବାବା ! ଏ ପ୍ରକାର 'ଧୀନହୀନ' ଭାବକୁ ଦୂର କରିଦେବାକୁ ହେବ ! ମୁଁ ଜାଣି ନାହିଁ ତ, କେଉଁ ଶଳାଟି ଜାଣେ ? ତୁମେ ଜାଣି ନାହଁ ତ, ଏତେଦିନ ଧରି କଲ କଅଣ ? ଏସବୁ ନାସ୍ତିକଙ୍କ କଥା, ଲକ୍ଷ୍ମୀଛଡ଼ାଙ୍କ ବିନୟ । ଆମେ ସବୁ କରିପାରୁ, ସବୁ କରିବୁ; ଯାହାର ଭାଗ୍ୟରେ ଅଛି, ସେ ଆମ ସାଙ୍ଗରେ ହୁଙ୍କାର ଦେଇ ଚାଲି ଆସିବ, ଆଉ ଲକ୍ଷ୍ମୀଛଡ଼ାଗୁଡ଼ାକ ବିରାଡ଼ି ପରି କୋଣରେ ବସି ମ୍ୟାଉଁ ମ୍ୟାଉଁ କରିବେ ।

ଜଣେ ମହାପୁରୁଷ ଲେଖିଛନ୍ତି, 'ଆଉ କାହିଁକି ? ଖୁବ୍ ମାତିବା ହେଲା, ଘରକୁ ଫେରିଆସ ।' ବେକୁବ୍, ତୋତେ ମରଦ ବୋଲି କହନ୍ତି, ଯଦି ଗୋଟାଏ ଘର କରି ମୋତେ ଡାକପାରନ୍ତୁ । ଏସବୁ ମୁଁ ଦଶବର୍ଷ ହେଲା ଦେଖି ଦେଖି ପୋଖତ ହୋଇଯାଇଛି ।

---

* କେତେଜଣ ସାଧୁ ଅଛନ୍ତି, ଯେଉଁମାନେ କାୟମନୋବାକ୍ୟରେ ପୁଣ୍ୟରୂପକ ଅମୃତରେ ପୂର୍ଣ୍ଣ ହୋଇ, ନାନା ପ୍ରକାର ଉପକାର କରି ତ୍ରିଭୁବନକୁ ପ୍ରୀତ କରି, ପରର ଗୁଣ ପରମାଣୁତୁଲ୍ୟ ଅଳ୍ପ ହେଲେ ମଧ୍ୟ ତାହାକୁ ପାହାଡ଼ ପରି ବଢ଼ାଇ, ନିଜ ହୃଦୟର ବିକାଶ ସାଧନ କରନ୍ତି ।

କଥାରେ ତ ଆଉ ଚୁଡ଼ା ବନ୍ଧୁରେ ନାହିଁ । ଯାହାର ମନରେ ସାହସ, ହୃଦୟରେ ପ୍ରେମ ଅଛି, ସେ ମୋ ସହିତ ଆସୁ, ଅନ୍ୟ କାହାକୁ ମୁଁ ଚାହେଁ ନାହିଁ—ମାଆଙ୍କ କୃପାରୁ ମୁଁ ଏକା ଲକ୍ଷେ ଅଛି—କୋଡ଼ିଏ ଲକ୍ଷ ହେବ । ମୋର ଗୋଟିଏ ମାତ୍ର କାମ ହୋଇଗଲେ ହିଁ ମୁଁ ନିଶ୍ଚିନ୍ତ । ରାଖାଲ୍‌ଭାଇ ତୁମେ, ଉଦ୍ୟୋଗ କର ସେତକ କରିଦିଅ—ମା ଠାକୁରାଣୀଙ୍କ ପାଇଁ ଗୋଟିଏ ସ୍ଥାନ । ଟଙ୍କା ପଇସା ସବୁ ମୋର ମହଜୁଦ୍; ଖାଲି ତୁମେ ପଡ଼ି ଉଠି ଲାଗ, ଗୋଟିଏ ଜମି ଦେଖାଦେଖି କରି କିଣ । ଜମି ପାଇଁ ତିନି, ଚାରି, ଅଥବା ୫ ହଜାର ପର୍ଯ୍ୟନ୍ତ ଲାଗିଲେ ମଧ୍ୟ କ୍ଷତି ନାହିଁ । ଘର ଦୁଆର ବର୍ତ୍ତମାନ ମାଟିରେ ହେଲେ ଭଲ । ଏକତାଲା କୋଠା ଅପେକ୍ଷା ମାଟିଘର ତେର୍ ଭଲ । କ୍ରମେ ଘର ଦୁଆର ଧୀରେ ଧୀରେ ଉଠିବ । ଯେଉଁ ନାମରେ ବା ଯେଉଁ ପ୍ରକାରେ ଜମି କିଣିଲେ ଅନେକ ଦିନ ରହିବ, ସେଥିପାଇଁ ଓକିଲଙ୍କ ପରାମର୍ଶ ନେବ । ମୋର ସ୍ୱଦେଶ-ପ୍ରତ୍ୟାବର୍ତ୍ତନ ଅନିଶ୍ଚିତ । ସେଠାରେ ବୁଲିବ, ଏଠାରେ ମଧ୍ୟ ବୁଲୁଛି; ତେବେ ଏଠାରେ ପଣ୍ଡିତଙ୍କ ସାଙ୍ଗରେ, ସେଠାରେ ମୂର୍ଖଙ୍କ ସାଙ୍ଗରେ—ଏହି ସ୍ୱର୍ଗ-ନରକର ଭେଦ । ଏଠାର ଲୋକେ ମିଳିମିଶି କାମ କରନ୍ତି, ଆଉ ଆମର ସମସ୍ତେ କର୍ମ-ବୈରାଗୀ ( ଅର୍ଥାତ୍ ଅଳସୁଆ), ହିଂସା ପ୍ରଭୃତି ଭିତରେ ପଡ଼ି ଚୂରମାର୍ ।

ହରମୋହନ ମଝିରେ ମଝିରେ ବିରାଟ ପତ୍ରମାନ ଲେଖନ୍ତି—ତାହାର ଅର୍ଦ୍ଧେକ ମୁଁ ପଢ଼ିପାରେ ନାହିଁ, ତାହା ମୋ ପକ୍ଷରେ ପରମ ମଙ୍ଗଳ । କାରଣ, ଅଧିକାଂଶ ଖବର ହିଁ ଏହି ଭାବରେ ଲେଖା, ଯଥା—'ଅମୁକ ମିଠେଇ ଦୋକାନରେ ବସି ଅମୁକ ଟୋକାଗୁଡ଼ାକ ଆପଣଙ୍କ ବିରୋଧରେ ଏହିସବୁ କଥା କହୁଥିଲେ, ଏବଂ ତାହା ମୋର ଅସହ୍ୟ ହେବାରୁ ମୁଁ ତାଙ୍କ ସହିତ କଳହ କଲି, ଇତି ।' ମୋ ପକ୍ଷ ସମର୍ଥନ କରିବା ଯୋଗୁଁ ତାଙ୍କୁ ଅଶେଷ ଧନ୍ୟବାଦ । କିନ୍ତୁ କେଉଟ, ମାଲୀ ମୋ ସମ୍ବନ୍ଧରେ କଅଣ କହୁଛନ୍ତି, ତାହା ସବିଶେଷ ଶୁଣିବାର ବିଶେଷ ବାଧା ଏହି ଯେ—'ସ୍ୱଳ୍ପଶ୍ଚ କାଳୋ, ବହବଶ୍ଚ ବିଘ୍ନାଃ' ( ସମୟ ଅଳ୍ପ, ବିଘ୍ନ ଅନେକ ) ।···

ଗୋଟିଏ Organised Society (ସଙ୍ଘବଦ୍ଧ ସମିତି) ଦରକାର । ଶଶୀ ଘରକରଣା ଦେଖୁ, ସାନ୍ୟାଲ୍ ଟଙ୍କା ପଇସା, ବଜାରସଉଦାର ଭାର ନେଉ, ଶରତ୍ ସେକ୍ରେଟାରୀ ହେଉ ଅର୍ଥାତ୍ ଚିଠିପତ୍ର ସବୁ ଲେଖାଲେଖି ଇତ୍ୟାଦି । ଗୋଟାଏ ଠିକଣା କର—ମିଛ ହାଙ୍ଗାମା କାହିଁକି କରୁଛ—ବୁଝିପାରିଲ ନା ନାହିଁ ? ଖବରକାଗଜ ତେର୍ ହୋଇଗଲଣି, ଏଣିକି ଆଉ ଦରକାର ନାହିଁ । ଏବେ ତମେ ସବୁ କିଛି କର ତ ଦେଖି । ଯଦି ଗୋଟାଏ ମଠ କରିପାର, ତେବେ ବାହାଦୁର୍, ନ ହେଲେ ଘୋଡ଼ାଡିମ୍ବ । ମାନ୍ଦ୍ରାଜର ଲୋକଙ୍କ ସହିତ ବିଚାର କରି କାମ କରିବ । କାମ କରିବା ପାଇଁ ସେମାନଙ୍କର ଯଥେଷ୍ଟ ଶକ୍ତି ରହିଛି । ଏଥରର ମହୋତ୍ସବ ଏପରି ହୁଲସ୍ଥୁଲରେ କରିବ ଯେ, ଯେପରି ଆଗରୁ କେବେ ହୋଇ ନାହିଁ । ଖାଇବାପିଇବାରେ ଆଡ଼ମ୍ବର ଯେତେ କମ ହେବ—ସେତେ ଭଲ । ଠିଆ-ପ୍ରସାଦ, ମାଲସା ଭୋଗ ଯଥେଷ୍ଟ । ସୁରେଶ ଦତ୍ତଙ୍କର 'ଶ୍ରୀରାମକୃଷ୍ଣ-ଜୀବନୀ' ପାଠ କଲି । ବେଶ୍ ଭଲ; ତେବେ···ପ୍ରଭୃତି

ଉଦାହରଣଗୁଡ଼ିକ ଗୁପିଛନ୍ତି କାହିଁକି ? କି ମହାପାପ, ଛି, ଛି !

ମୁଁ ଇଂରେଜୀରେ ଗୋଟିଏ ଶ୍ରୀରାମକୃଷ୍ଣ-ଜୀବନୀ very short (ଅତି ସଂକ୍ଷିପ୍ତ) ଲେଖି ପଠାଉଛି । ତାହା ଛପାଇ ଓ ବଙ୍ଗାନୁବାଦ କରି ମହୋତ୍ସବରେ ବିକ୍ରୀ କରିବ । ବିତରଣ କଲେ ଲୋକେ ପଢ଼ନ୍ତି ନାହିଁ । କିଛିତ ଦାମ୍ ଦରକାର । ଖୁବ୍ ଧୂମ୍ ଧାମ୍‌ର ସହିତ ମହୋତ୍ସବ କରିବ । କିଛି collection (ଚାନ୍ଦା) ନେବ । ସେଥିରୁ ହଜାରେ ଦି'ହଜାର ଟଙ୍କା ହୋଇଯାଇପାରିବ । ତା'ହେଲେ, ମା ଠାକୁରାଣୀଙ୍କ ଜମି ଉପରେ ଭଲଭାବରେ ଘର-ଦ୍ୱାର ହୋଇଯିବ । ଇତି

ଚୌରସ୍ ବୁଦ୍ଧି ଦରକାର, ତେବେ ଯାଇ କାମ ହେବ । ଯେଉଁ ଗ୍ରାମ ବା ସହରକୁ ଯାଉଛ, ଯେଉଁ ସ୍ଥାନରେ ଦଶଜଣ ଲୋକ ପରମହଂସଦେବଙ୍କୁ ଶ୍ରଦ୍ଧା ଭକ୍ତି କରନ୍ତି, ସେହିଠାରେ ଗୋଟିଏ ସଭା ସ୍ଥାପନ କରିବ । ଏତେ ଗାଁ ଗାଁକୁ ଯାଇ ଗବ ଭାଜିଲ ନା କ'ଣ ? ହରିସଭା ପ୍ରଭୃତିକୁ ଧୀରେ ଧୀରେ 'ସ୍ୱାହା' କରିବାକୁ ହେବ । ତୁମମାନଙ୍କୁ କଅଣ କହିବି ? ମୋ ପରି ଯଦି ଆଉ ଗୋଟାଏ ଭୂତ ପାଆନ୍ତି ! ଠାକୁର ଯଥା ସମୟରେ ସବୁ ଯୁଟାଇ ଦେବେ ।··· ଶକ୍ତି ଥିଲେ ହିଁ ବିକାଶ ଦେଖାଇବାକୁ ପଡ଼ିବ ।··· ମୁକ୍ତି-ଭକ୍ତିର ଭାବ ଦୂର କରିଦିଅ । ଏହି ଏକମାତ୍ର ରାସ୍ତା ଅଛି ଦୁନିଆରେ—ପରୋପକାରାୟ ହି ସତାଂ ଜୀବିତଂ ପରାର୍ଥଂ ପ୍ରାଜ୍ଞ ଉତ୍ସୃଜେତ୍ (ପରୋପକାର ପାଇଁ ହିଁ ସାଧୁମାନଙ୍କର ଜୀବନ, ପ୍ରାଜ୍ଞ ବ୍ୟକ୍ତି ପର ଲାଗି ତାହା ଉତ୍ସର୍ଗ କରନ୍ତି ) । ତୁମର ମଙ୍ଗଳ କଲେ ହିଁ ମୋର ମଙ୍ଗଳ ହେବ, ଅନ୍ୟ କୌଣସି ଉପାୟ ନାହିଁ, ଆଦୌ ନାହିଁ । 'ହେ ଭଗବାନ୍, ହେ ଭଗବାନ୍ !' ଆରେ ଭଗବାନ୍ ତ ସବୁ କରିଦେବେ—ଆଉ ତୁମେସବୁ ବସି ବସି କଅଣ କରିବ ?··· ତୁମେ ଭଗବାନ୍, ମୁଁ ଭଗବାନ୍, ମନୁଷ୍ୟ ଭଗବାନ୍ ଦୁନିଆରେ ସବୁ କରୁଛନ୍ତି; ଆଉ, ଭଗବାନ୍ କଅଣ ଗଛ ଉପରେ ବସିଛନ୍ତି ? ଏହି ତ ବୁଦ୍ଧିର ଦୌଡ଼, ତା'ପରେ—···ଯଦି କଲ୍ୟାଣ ଚାହଁ, ସବୁ ହିଂସା ଝଗଡ଼ା ଛାଡ଼ିଦେଇ କାମରେ ଲାଗିଯାଅ । ଯେଉଁମାନେ ତାହା କରି ନ ପାରିବେ, ତାଙ୍କୁ ବିଦାୟ କରିଦିଅ ।

ବିମଳା··· ଶଶୀ ସ୍ୟାଣ୍ଡେଲ୍‌ଦ୍ୱାରା ଲିଖିତ ଏକ ପୁସ୍ତକ ପଠାଇଛନ୍ତି ଏବଂ ଲେଖିଛନ୍ତି ଯେ, ବାବୁଙ୍କ ସାଂସାରିକ ଅବସ୍ଥା ଅତ୍ୟନ୍ତ ଖରାପ—ସେଥିଯୋଗୁଁ ତାଙ୍କ ପୁସ୍ତକ ପାଇଁ ଯେପରି ଏ ଦେଶରେ କେହି କେହି ସହାୟତା କରନ୍ତି । ଭାଇ, ସେ ପୋଥି ହେଲା ବଙ୍ଗଳା ଭାଷାରେ—ଏ ଦେଶରେ ଲୋକମାନେ କଅଣ ସାହାଯ୍ୟ କରିବେ ?— ପୋଥି ପଢ଼ି ବିମଳା ଅବଗତ ହୋଇଛନ୍ତି ଯେ, ଏ ଦୁନିଆରେ ଯେତେ ଲୋକ ଅଛନ୍ତି, ସମସ୍ତେ ଅପବିତ୍ର ଏବଂ ସେମାନଙ୍କ ପ୍ରକୃତିରେ ଅସଲ ଧର୍ମଲାଭର କ୍ଷମତା ନାହିଁ; କେବଳ ଭାରତବର୍ଷରେ ମୁଷ୍ଟିମେୟ ଯେଉଁ ବ୍ରାହ୍ମଣମାନେ ଅଛନ୍ତି, ସେହିମାନେ ଧର୍ମ ଅର୍ଜନ କରିପାରିବେ । ଏବଂ ସେମାନଙ୍କ ମଧ୍ୟରେ ଶଶୀ (ସାଣ୍ଡେଲ) ଓ ବିମଳାଚରଣ—ଏ ଦୁହେଁ ହେଉଛନ୍ତି ଚନ୍ଦ୍ର-ସୂର୍ଯ୍ୟସ୍ୱରୂପ । ସାବାସ୍, କି ଧର୍ମର ଜୋର୍‌ରେ ବାବା ! ବିଶେଷତଃ ବଙ୍ଗଳାଦେଶରେ ଏପରି ଧର୍ମ ଖୁବ୍ ସହଜ । ଏପରି ସହଜ ରାସ୍ତା ତ ଆଉ ନାହିଁ ! ତପ-ଜପର ସାର ସିଦ୍ଧାନ୍ତ ଏହି ଯେ, ମୁଁ ପବିତ୍ର,

ଏବଂ ଆଉ ସମସ୍ତେ ଅପବିତ୍ର ! ପୈଶାଚିକ ଧର୍ମ, ରାକ୍ଷସୀ ଧର୍ମ, ନାରକୀ ଧର୍ମ ! ଯଦି ଆମେରିକାର ଲୋକଙ୍କର ଧର୍ମ ହୋଇନପାରିବ, ଯଦି ଏ ଦେଶରେ ଧର୍ମ ପ୍ରଚାର କରିବା ଠିକ୍ ନୁହେଁ, ତା'ହେଲେ ସେମାନଙ୍କଠାରୁ ସାହାଯ୍ୟଗ୍ରହଣ କଅଣ ଆବଶ୍ୟକ ? ଏ ଢଗରେ ଅଯାଚିତ ବୃଷ୍ଟିର ଧୂମ୍, ପୁଣି ପୋଥିମନ୍ତ୍ର ଆକ୍ଷେପ, ମୋତେ କେହି କିଛି ଦେଉ ନାହିଁ । ବିମଲା ସିଦ୍ଧାନ୍ତ କରିଛନ୍ତି ଯେ, ଯେହେତୁ ସମଗ୍ର ଭାରତବାସୀ ଶଶୀ (ସାଣ୍ଡେଲ) ଓ ବିମଲାଙ୍କ ପଦପ୍ରାନ୍ତରେ ଧନରାଶି ଅଜାଡ଼ି ଦେଉନାହାଁନ୍ତି, ତେଣୁ ଭାରତର ସର୍ବନାଶ ଉପସ୍ଥିତ । କାରଣ ଶଶୀବାବୁ ସୂକ୍ଷ୍ମ ବ୍ୟାଖ୍ୟା ଅବଗତ ଅଛନ୍ତି ଏବଂ ବିମଲା ତାହା ପାଠ କରି ନିଶ୍ଚିତ ଜାଣିପାରିଛନ୍ତି ଯେ, ତାଙ୍କ ଛଡ଼ା ଏ ପୃଥିବୀରେ ଆଉ କେହି ପବିତ୍ର ନୁହନ୍ତି । ଏ ରୋଗର ଔଷଧ କ'ଣ ? କହୁଛି, ଶଶୀବାବୁଙ୍କୁ ମାଲବାର ଯିବାକୁ କୁହ । ସେଠାର ରାଜା ସମସ୍ତ ପ୍ରଜାଙ୍କ ଜମି ଛଡ଼ାଇ ନେଇ ବ୍ରାହ୍ମଣମାନଙ୍କ ପାଦତଳେ ଅର୍ପଣ କରିଛନ୍ତି, ଗ୍ରାମେ ଗ୍ରାମେ ବଡ଼ ବଡ଼ ମଠ, ଚର୍ବ୍ୟ-ଚୋଷ୍ୟ ଭୋଜନ ଏବଂ ତା' ଉପରେ ନଗଦ !··· ଭୋଗ ସମୟରେ ବ୍ରାହ୍ମଣେତର ଜାତିଙ୍କୁ ସ୍ପର୍ଶ କଲେ ଦୋଷ ନାହିଁ—ଭୋଗ ସାଙ୍ଗ ହେବା ମାତ୍ରେ ସ୍ନାନ, କାରଣ ବ୍ରାହ୍ମଣେତର ଅପବିତ୍ର ଜାତି—ଅନ୍ୟ ସମୟରେ ସେମାନଙ୍କୁ ସ୍ପର୍ଶ କରିବା ଉଚିତ ନୁହେଁ । ଏକଶ୍ରେଣୀର ସାଧୁ, ସନ୍ନ୍ୟାସୀ, ଆଉ ବ୍ରାହ୍ମଣ ବଦମାସ୍ ହିଁ ଦେଶଟାକୁ ଉଚ୍ଛନ୍ନ କରି ଦେଇଛନ୍ତି । 'ଦେହି, ଦେହି'—ଚୋର, ବଦମାସୀ—ଏମାନେ ପୁଣି ଧର୍ମପ୍ରଚାରକ ! ପଇସା ନେବେ, ସର୍ବନାଶ କରିବେ, ତା'ପରେ ପୁଣି କହିବେ, 'ଛୁଅଁ ନାହିଁ, ଛୁଅଁ ନାହିଁ'—ଆଉ ଖାସା ତ କାମ ! 'ଆଳୁ ବାଇଗଣ ଯଦି ମିଶିଯାଏ, ତା'ହେଲେ କେତେ ସମୟରେ ବ୍ରହ୍ମାଣ୍ଡ ରସାତଳକୁ ଯିବ ?' '୧୪ ଥର ହାତ-ମାଟି ନ କଲେ ୧୪ ପୁରୁଷ ନରକକୁ ଯିବେ ନା ୨୪ ପୁରୁଷ ?'—ଏ ସମସ୍ତ ଦୁରୁହ ପ୍ରଶ୍ନର ବୈଜ୍ଞାନିକ ବ୍ୟାଖ୍ୟା ଚଳାଇଛନ୍ତି ଆଜିକୁ ଦୁଇହଜାର ବର୍ଷ ଧରି । ଏଣେ $\frac{1}{4}$ of the people are starving (ଏକ ଚତୁର୍ଥାଂଶ ଲୋକ ଖାଇବାକୁ ପାଉନାହାନ୍ତି) । ୮ ବର୍ଷର ଝିଅ ସହିତ ୩୦ ବର୍ଷର ପୁରୁଷକୁ ବାହା କରାଇ ଦେଇ ଝିଅର ବାପା-ମା ଆହ୍ଲାଦରେ ଭରପୂର ।···ପୁଣି ଏ କାମକୁ ମନା କଲେ କୁହନ୍ତି, ଆମର ଧର୍ମ ଯିବ ! ଆଠ ବର୍ଷର ଝିଅର ଗର୍ଭାଧାନର ଯେଉଁମାନେ ବୈଜ୍ଞାନିକ ବ୍ୟାଖ୍ୟା କରନ୍ତି, ସେମାନଙ୍କର କେଉଁ ଦେଶୀୟ ଧର୍ମ ? ଅନେକେ ପୁଣି ଏ ପ୍ରଥା ପାଇଁ ମୁସଲମାନଙ୍କ ଉପରେ ଦୋଷ ଢାଳନ୍ତି । ମୁସଲମାନଙ୍କର ଦୋଷ ସତେ !! ସବୁ ଗୃହ୍ୟ-ସୂତ୍ରଗୁଡ଼ାକ ପଢ଼ି ଦେଖ ତ, 'ହସ୍ତାଦ୍ ଯୋନିଂ ନ ଗୂହତି' ଯେତେଦିନ, ସେତେଦିନ ଯାଏଁ କନ୍ୟା, ତା' ପୂର୍ବରୁ ହିଁ ତା'ର ବିବାହ ଦେବାକୁ ହେବ । ସମସ୍ତ ଗୃହ୍ୟସୂତ୍ରରେ ହିଁ ଏହି ଆଦେଶ ।

ବୈଦିକ ଅଶ୍ୱମେଧ ଯଜ୍ଞର ବିଷୟ ସ୍ମରଣ କର—'ତଦନନ୍ତରଂ ମହିଷୀଂ ଅଶ୍ୱ-ସନ୍ନିଧୌ ପାତୟେତ୍' ଇତ୍ୟାଦି ! ଆଉ ହୋତା, ପୋତା, ବ୍ରହ୍ମା, ଉଦ୍‌ଗାତା ପ୍ରଭୃତି ସବୁ ଚୌରସ୍ ମାତାଲ୍ ହୋଇ କଲଙ୍କ-କାଣ୍ଡ କରନ୍ତି ! ବାବା, ଜାନକୀ ବଣକୁ ଯାଇଥିଲେ, ରାମ ଏକା ଅଶ୍ୱମେଧ କରିଥିଲେ ଶୁଣି ନିଃଶ୍ୱାସ ଛାଡ଼ି ବଞ୍ଚିଲି, ବାବା !

ଏକଥା ସମସ୍ତ ବ୍ରାହ୍ମଣରେ ଅଛି—ସବୁ ଟୀକାକାର ସ୍ୱୀକାର କରିଛନ୍ତି । ନ କରିବାର

କୁ କାହିଁ !

ଏସବୁ କଥା କହିବାର ଅର୍ଥ ହେଉଛି—ପ୍ରାଚୀନ କାଳରେ ଢେର୍ ଭଲ ଜିନିଷ ଥିଲା, ଖରାପ ଜିନିଷ ମଧ୍ୟ ଥିଲା । ଭଲଗୁଡ଼ିକୁ ରଖିବାକୁ ହେବ, କିନ୍ତୁ ଯେଉଁ ଭାରତ ଆସୁଛି —Future India—Ancient India (ଭବିଷ୍ୟତ ଭାରତ—ପ୍ରାଚୀନ ଭାରତ) ଅପେକ୍ଷା ବହୁତ ବଡ଼ ହେବ । ଯେଉଁଦିନ ରାମକୃଷ୍ଣ ଜନ୍ମଗ୍ରହଣ କଲେ, ସେହିଦିନଠାରୁ ହିଁ Modern India (ଆଧୁନିକ ଭାରତ)—ସତ୍ୟଯୁଗର ଆବିର୍ଭାବ ! ଏବଂ ତୁମେମାନେ ଏହି ସତ୍ୟଯୁଗର ଉଦ୍‌ବୋଧନ କର—ଏହି ବିଶ୍ୱାସ ନେଇ କାର୍ଯ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହୁଅ ।

ତେଣୁ ତୁମେ ଯେତେବେଳେ କୁହ ରାମକୃଷ୍ଣ ଅବତାର, ଅଥଚ ପରକ୍ଷଣରେ ପୁଣି କୁହ, ମୁଁ କିଛି ଜାଣି ନାହିଁ, ମୁଁ ସେତେବେଳେ କହେ, liar (ମିଥ୍ୟାବାଦୀ), ଚୋର, ବିଲ୍‌କୁଲ୍ ଝୁଟ୍ । ଯଦି ରାମକୃଷ୍ଣ ପରମହଂସ ସତ୍ୟ ହୁଅନ୍ତି, ତେବେ ତୁମେମାନେ ମଧ୍ୟ ସତ୍ୟ, କିନ୍ତୁ ଦେଖାଇବାକୁ ହେବ ।··· ତୁମ ସମସ୍ତଙ୍କ ଭିତରେ ମହାଶକ୍ତି ରହିଛି, ନାସ୍ତିକଙ୍କ ଭିତରେ ଘୋଡ଼ାଡିମ୍ବ ଅଛି । ଯେଉଁମାନେ ଆସ୍ତିକ, ସେମାନେ ବୀର, ସେମାନଙ୍କର ମହାଶକ୍ତି ବିକଶିତ ହେବ । ଦୁନିଆଁ ଭାସିଯିବ—'ଦୟା ନୀଚ ଉପକାର'—ମନୁଷ୍ୟ ଭଗବାନ, ନାରାୟଣ—ଆତ୍ମାରେ ସ୍ତ୍ରୀ ପୁରୁଷ ନପୁଂ ବ୍ରହ୍ମକ୍ଷତ୍ରାଦି ଭେଦ ନାହିଁ—ବ୍ରହ୍ମାଦିସ୍ତମ୍ବପର୍ଯ୍ୟନ୍ତ ନାରାୟଣ । କୀଟ less manifested (ଅଳ୍ପ ଅଭିବ୍ୟକ୍ତ), ବ୍ରହ୍ମ more manifested (ଅଧିକ ଅଭିବ୍ୟକ୍ତ) । Every action that helps a being manifest its divine nature more and more is good; every action that retards it, is evil.

The only way of getting our divine nature manifested is by helping others do the same.

If there is inequality in nature, still there must be equal chance for all—or if greater for some, and for some less –the weaker should be given more chance than the stronger.*

ଅର୍ଥାତ୍ ଚଣ୍ଡାଳର ବିଦ୍ୟାଶିକ୍ଷା ଯେତେ ଆବଶ୍ୟକ, ବ୍ରାହ୍ମଣର ସେତେ ନୁହେଁ । ଯଦି

---

* ଯେଉଁ କାର୍ଯ୍ୟ ଜୀବର ବ୍ରହ୍ମଭାବ ଅଧିକରୁ ଅଧିକତର ଭାବେ ପରିସ୍ଫୁଟ କରିବାରେ ସାହାଯ୍ୟ କରେ, ତାହା ହିଁ ଭଲ ଏବଂ ଯେକୌଣସି କାର୍ଯ୍ୟଦ୍ୱାରା ତାହା ବାଧାପ୍ରାପ୍ତ ହୁଏ, ତାହା ହିଁ ମନ୍ଦ କାର୍ଯ୍ୟ । ଆମର ବ୍ରହ୍ମଭାବ ପରିସ୍ଫୁଟ କରିବାର ଏକମାତ୍ର ଉପାୟ—ଅପରକୁ ଏ ବିଷୟରେ ସାହାଯ୍ୟ କରିବା । ଯଦି ପ୍ରକୃତିରେ ବୈଷମ୍ୟ ଥାଏ, ତଥାପି ସମସ୍ତଙ୍କ ପକ୍ଷେ ସମାନ ସୁବିଧା ରହିବା ଉଚିତ । କିନ୍ତୁ ଯଦି କାହାକୁ ବେଶୀ ବା କାହାକୁ କମ୍ ସୁବିଧା ଦେବାକୁ ହୁଏ, ତା'ହେଲେ ବଳବାନ୍ ଅପେକ୍ଷା ଦୁର୍ବଳକୁ ଅଧିକ ସୁବିଧା ଦେବାକୁ ହେବ ।

ବ୍ରାହ୍ମଣର ପୁତ୍ର ପାଇଁ ଜଣେ ଶିକ୍ଷକ ଆବଶ୍ୟକ, ଚଣ୍ଡାଳପୁତ୍ର ପାଇଁ ଦଶଜଣ ଦରକାର । କାରଣ, ଯାହାକୁ ପ୍ରକୃତି ସ୍ୱାଭାବିକ ଭାବେ ପ୍ରଖର କରି ନାହିଁ, ତାହାକୁ ଅଧିକ ସାହାଯ୍ୟ କରିବାକୁ ପଡ଼ିବ । ତେଲିଆ ମୁଣ୍ଡରେ ତେଲ ଦେବା ପାଗଳର କର୍ମ । The poor, the down-trodden, the ignorant, let these be your God.[୧]

ସମ୍ମୁଖରେ ଗଭୀର ପଙ୍କ—ସାବଧାନ ! ସେ ପଙ୍କରେ ସମସ୍ତେ ପଡ଼ି ପ୍ରାଣ ହରାନ୍ତି—ସେ ପଙ୍କ ହେଉଛି ଯେ—ହିନ୍ଦୁର (ଏବର) ଧର୍ମ ବେଦରେ ନାହିଁ, ପୁରାଣରେ ନାହିଁ, ଭକ୍ତିରେ ନାହିଁ, ମୁକ୍ତିରେ ନାହିଁ—ଧର୍ମ ପଶିଛନ୍ତି ଭାତହାଣ୍ଡିରେ । (ଏବର) ହିନ୍ଦୁଧର୍ମ ବିଚାରମାର୍ଗରେ ମଧ୍ୟ ନାହିଁ, ଜ୍ଞାନମାର୍ଗରେ ମଧ୍ୟ ନାହିଁ, ଅଛି ଛୁଆଁ ମାର୍ଗରେ; ମୋତେ ଛୁଅଁ ନାହିଁ, ମୋତେ ଛୁଅଁ ନାହିଁ, ବାସ୍ । ଏହି ଘୋର ବାମାଚାର ଛୁଁଆଁ ମାର୍ଗରେ ପଡ଼ି ପ୍ରାଣ ହରାଅ ନାହିଁ । 'ଆତ୍ମବତ୍ ସର୍ବଭୂତେଷୁ' କେବଳ ବହିପତ୍ରରେ ରହିବ ନା କଅଣ ? ଯେଉଁମାନେ ଖଣ୍ଡିଏ ରୁଟି ଗରିବର ମୁହଁରେ ଦେଇପାରନ୍ତି ନାହିଁ, ସେମାନେ ପୁଣି କି ମୁକ୍ତି ଦେବେ ! ଯେଉଁମାନେ ଅନ୍ୟର ନିଃଶ୍ୱାସରେ ଅପବିତ୍ର ହୋଇଯାଆନ୍ତି, ସେମାନେ ପୁଣି ଅନ୍ୟଙ୍କୁ କିପରି ପବିତ୍ର କରିବେ ? ଛୁଁଆମାର୍ଗ is a form of mental disease (ଏକପ୍ରକାର ମାନସିକ ବ୍ୟାଧି), ସାବଧାନ୍ ! All expansion is life, all contraction is death. All love is expansion, all selfishness is contraction. Love is therfore the only law of life. He who loves, lives, he who is selfish, is dying. Therefore love for love's sake, because it is only law of life, just as you breathe to live.[୨] This is the secret of ନିଷ୍କାମ ପ୍ରେମ, କର୍ମ etc. (ଏହା ହିଁ ନିଷ୍କାମ ପ୍ରେମ, କର୍ମ ପ୍ରଭୃତିର ରହସ୍ୟ) ।

ଶଶୀର (ସାଣ୍ଡେଲ) ଯଦି କିଛି ଉପକାର କରିପାରିବ, ଚେଷ୍ଟା କରିବ । ସେ ଅତି ଉଦାର ବ୍ୟକ୍ତି ଓ ନିଷ୍ଠାବାନ୍, ତେବେ ସଙ୍କୀର୍ଣ୍ଣପ୍ରାଣ । ପରଦୁଃଖକାତରତା ସମସ୍ତଙ୍କ ଭାଗ୍ୟରେ ହୁଏ ନାହିଁ ।··· ରାମକୃଷ୍ଣ ଅବତାରରେ ଜ୍ଞାନ, ଭକ୍ତି ଓ ପ୍ରେମ । ଅନନ୍ତ ଜ୍ଞାନ, ଅନନ୍ତ ପ୍ରେମ, ଅନନ୍ତ କର୍ମ, ଅନନ୍ତ ଜୀବେ ଦୟା । ତୁମେମାନେ ଏପର୍ଯ୍ୟନ୍ତ ବୁଝିପାରି ନାହଁ । ଶ୍ରୁତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ (କେହି କେହି ଏ ବିଷୟ ଶୁଣି ମଧ୍ୟ ଜାଣିପାରନ୍ତି ନାହିଁ) । what

---

୧ ଦରିଦ୍ର, ପଦ ଦଳିତ, ଅଜ୍ଞ—ଏମାନେ ହିଁ ତୁମର ଈଶ୍ୱର ହୁଅନ୍ତୁ ।

୨ ସର୍ବପ୍ରକାର ବିସ୍ତାର ହିଁ ଜୀବନ, ସର୍ବପ୍ରକାର ସଂକୀର୍ଣ୍ଣତା ହିଁ ମୃତ୍ୟୁ । ଯେଉଁଠାରେ ପ୍ରେମ, ସେଠାରେ ହିଁ ବିସ୍ତାର ଏବଂ ଯେଉଁଠାରେ ସ୍ୱାର୍ଥପରତା, ସେଠାରେ ହିଁ ସଙ୍କୋଚ । ଅତଏବ ପ୍ରେମ ହିଁ ଜୀବନର ଏକମାତ୍ର ବିଧାନ । ଯେ ପ୍ରେମିକ, ସେ ହିଁ ଜୀବିତ; ଯେ ସ୍ୱାର୍ଥପର, ସେ ମରଣୋନ୍ମୁଖ, ଅତଏବ ପ୍ରେମ ପାଇଁ ପ୍ରେମ, କାରଣ ଏହା ହିଁ ଜୀବନର ଏକମାତ୍ର ନିୟମ, ଯେପରି ବଞ୍ଚିରହିବା ପାଇଁ ନିଃଶ୍ୱାସ-ପ୍ରଶ୍ୱାସ ।

the whole Hindu race has thought in ages, he lived in one life. His life is the living commentary to the Vedas of all the nations.* କ୍ରମଶଃ ଲୋକେ ବୁଝିବେ—ମୋର ସେହି ପୁରୁଣା କଥା—struggle, struggle up to light. Onward. (ପ୍ରାଣପଣେ ସଂଗ୍ରାମ କରି ଆଲୋକ ଆଡ଼କୁ ଅଗ୍ରସର ହୁଅ) । ଅଳମିତି—

ଦାସ, ନରେନ୍ଦ୍ର

୧୭୭ଇଂ (ମିସେସ୍ ଓଲି ବୁଲ୍‌ଙ୍କୁ ଲିଖିତ)

ବ୍ରୁକ୍‌ଲିନ୍, ୨୦ ଜାନୁଆରି ୧୮୯୫

...ଆପଣଙ୍କ ପିତା ଯେ ତାଙ୍କର ଜୀର୍ଣ୍ଣ ଶରୀର ତ୍ୟାଗ କରିବେ, ତାହାର ଆଭାସ ମୁଁ ଆଗରୁ ପାଇଥିଲି, କିନ୍ତୁ ଏ ପ୍ରକାର ଜଟିଳ ମାୟା-ତରଙ୍ଗ ଯେତେବେଳେ କାହାକୁ ଆଘାତ କରିବାକୁ ଉପକ୍ରମ କରେ, ସେତେବେଳେ ତାହାକୁ ସେ ବିଷୟ ଲେଖିବା ମୋର ଅଭ୍ୟାସ ନୁହେଁ । ତେବେ ଏପରି ସମସ୍ତ ଜୀବନର ଗୋଟିଏ ଗୋଟିଏ ଅଧ୍ୟାୟର ପରିବର୍ତ୍ତନ ପରି ଏବଂ ମୁଁ ଜାଣେ, ଆପଣ ଏଥିରେ ସମ୍ପୂର୍ଣ୍ଣ ଅବିଚଳିତ ଅଛନ୍ତି । ସମୁଦ୍ରର ଉପରିଭାଗ ପର୍ଯ୍ୟାୟକ୍ରମେ ଉଠେ ପଡ଼େ ସତ, କିନ୍ତୁ ଯେଉଁ ଆତ୍ମା ଧୀର ଭାବରେ ତାହା ପର୍ଯ୍ୟବେକ୍ଷଣ କରୁଛନ୍ତି, ସେହି ଜ୍ୟୋତି-ନନ୍ଦନଙ୍କ ନିକଟରେ ପ୍ରତ୍ୟେକ ପତନ ତାହାର ଅନ୍ତଃସ୍ଥଳ ଏବଂ ନିମ୍ନଦେଶସ୍ଥ ମୁକ୍ତାର ସ୍ତର ଓ ପ୍ରବାଳ ସମୂହକୁ କ୍ରମଶଃ ଅଧିକତର ଭାବେ ପ୍ରକାଶ କରେ । ଆସିବା ଯିବା ସମ୍ପୂର୍ଣ୍ଣ ଭ୍ରମ ମାତ୍ର । ଆତ୍ମା କେବେ ଆସନ୍ତି ନାହିଁ କି ଯାଆନ୍ତି ନାହିଁ । ଯେତେବେଳେ ସମୁଦାୟ ଦେଶ ଆତ୍ମା ମଧ୍ୟରେ ଅବସ୍ଥିତ, ସେତେବେଳେ ସେହି ସ୍ଥାନ କେଉଁଠି ଯେଉଁଠାକୁ ଆତ୍ମା ଯିବେ ? ସମୁଦାୟ କାଳ ଯେତେବେଳେ ଆତ୍ମାଗର୍ଭରେ ରହିଛି, ସେତେବେଳେ ଦେହାଭ୍ୟନ୍ତରରେ ପ୍ରବେଶ କରିବା ଓ ତ୍ୟାଗ କରିବା ପାଇଁ ତାହାର ସମୟ ବା କାହିଁ ?

ପୃଥିବୀ ଘୁରୁଛି, କିନ୍ତୁ ପୃଥିବୀର ଏହି ଘୂର୍ଣ୍ଣନରୁ ହିଁ ଭ୍ରମ ଜାତ ହେଉଛି ଯେ, ସୂର୍ଯ୍ୟ ଘୁରୁଛି; କିନ୍ତୁ ବାସ୍ତବକ୍ ପକ୍ଷେ ସୂର୍ଯ୍ୟ ଘୂରୁ ନାହିଁ । ସେହିପରି ପ୍ରକୃତି ବା ମାୟା ବା ସ୍ୱଭାବ ଘୁରୁଛି, ପରିଣାମପ୍ରାପ୍ତ ହେଉଛି, ଆବରଣ ପରେ ଆବରଣ ଉନ୍ମୋଚନ କରୁଛି, ଏହି ମହାନ୍ ଗ୍ରନ୍ଥର ପୃଷ୍ଠା ପରେ ପୃଷ୍ଠା ଓଲଟି ଯାଉଛି—ଏ ଦିଗରେ ସାକ୍ଷୀସ୍ୱରୂପ ଆତ୍ମା ଅବିଚଳିତ ଓ ଅପରିଣାମୀ ଜ୍ଞାନସୁଧାପାନରେ ବିଭୋର ରହିଛନ୍ତି । ଯେତେ ଜୀବାତ୍ମା ପୂର୍ବେ ଥିଲେ ବା ବର୍ତ୍ତମାନ ଅଛନ୍ତି, କିମ୍ବା ଭବିଷ୍ୟତରେ ରହିବେ, ସମସ୍ତେ ବର୍ତ୍ତମାନ କାଳରେ ରହିଛନ୍ତି ଏବଂ ଜଡ଼ ଜଗତର ଗୋଟିଏ ଉପମା ବ୍ୟବହାର କଲେ ବୁଝାଯିବ ଯେ, ସେମାନେ ସମସ୍ତେ ଏକ ଜ୍ୟାମିତିକ

* ସମଗ୍ର ହିନ୍ଦୁ ଜାତି ସହସ୍ର ସହସ୍ର ଯୁଗ ଧରି ଯେଉଁ ଚିନ୍ତା କରି ଆସିଛନ୍ତି, 'ସେ' ଏକ ଜୀବନରେ ହିଁ ସେହି ସମୁଦାୟ ଭାବ ଉପଲବ୍ଧି କରିଛନ୍ତି । ତାଙ୍କର ଜୀବନ "ସମସ୍ତ ଜାତିଙ୍କର ଶାସ୍ତ୍ରସମୂହର ଜୀବନ୍ତ ଭାଷ୍ୟ ।

କିନ୍ଦ୍ରରେ ଅବସ୍ଥାନ କରୁଛନ୍ତି । ଯେହେତୁ ଆତ୍ମାରେ କେଉଁଣସି ଭାବ ରହିପାରିବ ନାହିଁ, ସେହି କାରଣରୁ ଯେଉଁମାନେ ଆମର ଥିଲେ, ଆମର ଅଛନ୍ତି ଓ ଆମର ହେବେ, ସେମାନେ ସମସ୍ତେ ଆମ ସଙ୍ଗରେ ସର୍ବଦା ହିଁ ରହିଛନ୍ତି, ସର୍ବଦା ଥିଲେ, ଏବଂ ଚିରଦିନ ହିଁ ରହିବେ । ଆମେ ତାଙ୍କର ଭିତରେ ରହିଛୁ ଏବଂ ସେମାନେ ମଧ୍ୟ ଆମ ଭିତରେ ବିଦ୍ୟମାନ ଅଛନ୍ତି ।




ଏହି କୋଷଗୁଡ଼ିକର କଥା ଧରନ୍ତୁ । ଯଦ୍ୟପି ଏସବୁ ପ୍ରତ୍ୟେକେ ପୃଥକ୍, କିନ୍ତୁ ତଥାପି ସବୁଗୁଡ଼ିକ କ ଓ ଖ (ଦେହ ଓ ପ୍ରାଣ) ଏହି ଦୁଇ ବିନ୍ଦୁରେ ସମ୍ମିଳିତ ରହିଛନ୍ତି । ସେଠାରେ ସେମାନେ ଏକ । ପ୍ରତ୍ୟେକଙ୍କର ଏକ ଅଲଗା ବ୍ୟକ୍ତିତ୍ୱ ରହିଛି, କିନ୍ତୁ ସମସ୍ତେ ହିଁ ସେହି କ ଓ ଖ ନାମକ ଅକ୍ଷ (axis)-ରେ ସମ୍ମିଳିତ । କୌଣସିଟି ସେହି ଅକ୍ଷକୁ ଛାଡ଼ି ରହିପାରେ ନାହିଁ, ଏବଂ ସେହିସବୁ କୋଷର ପରିଧି ଯେତେ ଭଗ୍ନ ଓ ଛିନ୍ନଭିନ୍ନ ହେଉ ନା କାହିଁକି, ଆମେ ସେହି ଅକ୍ଷ ଉପରେ ଦଣ୍ଡାୟମାନ ହୋଇ ଏହା ଭିତରେ ଥିବା ଯେକୌଣସି ଘରକୁ ପଶିପାରିବା । ଏହି ଅକ୍ଷଟି ହିଁ ଈଶ୍ୱର (ବ୍ରହ୍ମ ଓ ଶକ୍ତି) । ଏହିଠାରେ ହିଁ ଆମେ ତାଙ୍କ ସହିତ ଏକ; ଏଥିରେ ହିଁ ସମସ୍ତଙ୍କ ସହିତ ସମସ୍ତଙ୍କର ଯୋଗ ଏବଂ ସମସ୍ତେ ସେହି ଭଗବାନଙ୍କଠାରେ ସମ୍ମିଳିତ ।

ଖଣ୍ଡିଏ ମେଘ ଚନ୍ଦ୍ର ଉପରେ ଚାଲିଯାଉଛି, ସେଥିରୁ ଏହି ଭ୍ରମ ଉତ୍ପନ୍ନ ହୁଏ ଯେ, ଚନ୍ଦ୍ର ନିଜେ ଚାଲିଛି । ସେହିପରି ପ୍ରକୃତି, ଦେହ, ଜଡ଼—ଏଗୁଡ଼ିକ ହିଁ ସଚଳ, ଗତିଶୀଳ; ଏମାନଙ୍କର ଗତିରେ ଏହି ଭ୍ରମ ଉତ୍ପନ୍ନ ହେଉଛି ଯେ, ଆତ୍ମା ଗତିଶୀଳ । ସୁତରାଂ ଅବଶେଷରେ ଆମେ ଦେଖିବାକୁ ପାଉଛୁ ଯେ, ଯେଉଁ ସହଜାତ ଜ୍ଞାନ (ଅଥବା ପ୍ରେରଣା ?) ଦ୍ୱାରା ସବୁ ଜାତିର ଉନ୍ନତମାନ ସବୁ ପ୍ରକାରର ଲୋକ, ମୃତ ବ୍ୟକ୍ତିଙ୍କର ଅସ୍ତିତ୍ୱ ନିଜ ପାଖରେ ହିଁ ଅନୁଭବ କରି ଆସିଛନ୍ତି, ଯୁକ୍ତି ଦୃଷ୍ଟିରୁ ମଧ୍ୟ ତାହା ସତ୍ୟ ।

ପ୍ରତ୍ୟେକ ଜୀବାତ୍ମା ହିଁ ଏକ ଏକ ନକ୍ଷତ୍ରସ୍ୱରୂପ, ଏବଂ ଏହି ସମସ୍ତ ନକ୍ଷତ୍ରରାଜି ଈଶ୍ୱର ରୂପକ ସେହି ଅନନ୍ତ ନିର୍ମଳ ନୀଳ ଆକାଶରେ ବିନ୍ୟସ୍ତ ରହିଛନ୍ତି । ସେହି ଈଶ୍ୱର ହିଁ ପ୍ରତ୍ୟେକ ଜୀବାତ୍ମାର ମୂଳସ୍ୱରୂପ, ସେ ପ୍ରତ୍ୟେକଙ୍କର ଯଥାର୍ଥ ସ୍ୱରୂପ, ପ୍ରତ୍ୟେକଙ୍କର ପ୍ରକୃତ ବ୍ୟକ୍ତିତ୍ୱ । କେତେଗୋଟି ଜୀବାତ୍ମାରୂପକ ତାରକା—ଯେଉଁମାନେ ଆମ ଦିଗନ୍ତର ବାହାରକୁ ଚାଲି ଯାଇଛନ୍ତି, ସେହିମାନଙ୍କର ସନ୍ଧାନରେ ହିଁ ଧର୍ମର ଆରମ୍ଭ; ଏବଂ ଏହି ଅନୁସନ୍ଧାନର ସମାପ୍ତି ହେଲା—ଯେତେବେଳେ ସେସମସ୍ତଙ୍କୁ ଭଗବାନଙ୍କ ଭିତରେ ଲାଭ କରିଗଲା ଏବଂ ଆମେ ଆମ ନିଜକୁ ମଧ୍ୟ ଯେତେବେଳେ ତାଙ୍କ ଭିତରେ ଲାଭ କଲୁ । ସୁତରାଂ ଭିତର କଥା ହେଉଛି ଏହି ଯେ, ଆପଣଙ୍କର ପିତା ଯେଉଁ ଜୀର୍ଣ୍ଣ ବସ୍ତ୍ର ପରିଧାନ କରିଥିଲେ, ତାହା ତ୍ୟାଗ କରିଛନ୍ତି ଏବଂ ଅନନ୍ତ କାଳ ଯେଉଁଠାରେ ଥିଲେ, ସେହିଠାରେ ହିଁ ଅବସ୍ଥିତ ଅଛନ୍ତି । ସେ କଅଣ ଏ ଜଗତରେ ବା ଅନ୍ୟ କୌଣସି ଜଗତରେ ଆଉ ଗୋଟିଏ ଏହିପରି ବସ୍ତ୍ର ପ୍ରସ୍ତୁତ କରି ପରିଧାନ କରିବେ ? ମୁଁ ଭଗବାନଙ୍କ ନିକଟରେ ହୃଦୟର ସହିତ ପ୍ରାର୍ଥନା କରୁଛି,

ତାହା ଯେପରି ଭାଙ୍ଗି କରିବାକୁ ନ ହୁଏ, ଯେପର୍ଯ୍ୟନ୍ତ ସେ ପୂର୍ଣ୍ଣ ଜ୍ଞାନର ସହିତ ତାହା ନ କରିପାରିଛନ୍ତି । ମୁଁ ପ୍ରାର୍ଥନା କରୁଛି, ଯେପରି କେହି ନିଜକୃତ ପୂର୍ବ କର୍ମର ଅଦୃଶ୍ୟ ଶକ୍ତିରେ ପରିଚାଳିତ ହୋଇ, ନିଜ ଇଚ୍ଛା ବିରୋଧରେ କୌଣସିଠାକୁ ଯିବାକୁ ନ ପଡ଼େ । ମୁଁ ପ୍ରାର୍ଥନା କରୁଛି ଯେ, ସମସ୍ତେ ମୁକ୍ତ ହୁଅନ୍ତୁ, ଅର୍ଥାତ୍ ସେମାନେ ଜାଣନ୍ତୁ ଯେ, ସେମାନେ ମୁକ୍ତ । ଆଉ ଯଦି ସେମାନଙ୍କୁ ପୁଣି ସ୍ୱପ୍ନ ଦେଖିବାକୁ ପଡ଼େ, ତେବେ ତାଙ୍କର ସ୍ୱପ୍ନ ଯେପରି ଆନନ୍ଦ ଓ ଶାନ୍ତିପୂର୍ଣ୍ଣ ହୁଏ । ଇତି

ବିବେକାନନ୍ଦ

୨୭୮ଇଂ

ନିଉୟର୍କ, ୨୪ ଜାନୁଆରି ୧୮୯୬

ପ୍ରିୟ ମିସେସ୍ ବୁଲ୍,

ମନେହୁଏ ଏ ବର୍ଷ ମୋର ଅତିରିକ୍ତ ପରିଶ୍ରମ ହେଉଛି, କାରଣ ଅବସାଦ ଅନୁଭବ କରୁଛି । ଥରେ ଲମ୍ବା ବିଶ୍ରାମ ନେବା ବିଶେଷ ଦରକାର । ସୁତରାଂ ମାର୍ଚ୍ଚ ମାସ ଶେଷ ଭାଗରେ ବୋଷ୍ଟନ୍ କାମରେ ହାତ ଦେବା ବିଷୟ ନେଇ ଆପଣଙ୍କ ପ୍ରସ୍ତାବଟି ସମୀଚୀନ ନିଶ୍ଚୟ । ଏପ୍ରିଲ୍ ଶେଷ ଆଡ଼କୁ ମୁଁ ଇଂଲଣ୍ଡ ଯାତ୍ରା କରିବି ।

କ୍ୟାଟସ୍‌କିଲ୍ ଅଞ୍ଚଳରେ ଅତି ଅଳ୍ପ ମୂଲ୍ୟରେ ବିସ୍ତୀର୍ଣ୍ଣ ଭୂମିଖଣ୍ଡ ମିଳିପାରେ । ଶହେଏକ ଏକର ପରିମାଣର ଖଣ୍ଡେ ଜମି ଅଛି; ମୂଲ୍ୟ ମାତ୍ର ଦୁଇଶହ ଡଲାର । ଅର୍ଥ ମହଜୁଦ ଅଛି । କିନ୍ତୁ ମୋ ନାଁରେ ତ ଆଉ ଜମି କିଣିପାରିବି ନାହିଁ । ଏ ଦେଶରେ ଆପଣ ହିଁ ମୋର ଏକମାତ୍ର ସମ୍ପୂର୍ଣ୍ଣ ବିଶ୍ୱାସଭାଜନ ବନ୍ଧୁ । ଆପଣ ସମ୍ମତ ହେଲେ ଉକ୍ତ ଜମିଟି ଆପଣଙ୍କ ନାମରେ କ୍ରୟ କରିବି । ଗ୍ରୀଷ୍ମକାଳରେ ଶିକ୍ଷାର୍ଥୀମାନେ ସେଠାକୁ ଯାଇ ନିଜ ଇଚ୍ଛା ଅନୁସାରେ କୁଟୀର ନିର୍ମାଣ ବା ଶିବିର ରଚନା କରି ଧ୍ୟାନାଭ୍ୟାସ କରିପାରିବେ । ପରେ ଅର୍ଥ ସଂଗ୍ରହ କରିବାକୁ ସକ୍ଷମ ହେଲେ, ସେମାନେ ସେଠାରେ ପକ୍କା ଘର ନିର୍ମାଣ କରିପାରିବେ ।

କାଲି ଏ ମାସର ଶେଷ ରବିବାସରୀୟ ବକ୍ତୃତା । ଆଗାମୀ ମାସର ପ୍ରଥମ ରବିବାସରୀୟ ବକ୍ତୃତା ହେବ ବ୍ରୁକ୍‌ଲିନ୍ ସହରରେ; ଅବଶିଷ୍ଟ ତିନୋଟି ନ୍ୟୁୟର୍କରେ । ଏ ବର୍ଷ ପାଇଁ ନ୍ୟୁୟର୍କ-ବକ୍ତୃତାମାଳାର ଏହିଠାରେ ହିଁ ଉପସଂହାର !

ପ୍ରାଣ ଢାଳି ଖଟିଛି । ମୋ କାର୍ଯ୍ୟ ଭିତରେ ସତ୍ୟର ବୀଜ ଯଦି କିଛି ଥାଏ, ତାହା କାଳକ୍ରମେ ଅଙ୍କୁରିତ ହେବ ନିଶ୍ଚୟ । ଅତଏବ ମୁଁ ସବୁ ବିଷୟରେ ନିଶ୍ଚିନ୍ତ । ବକ୍ତୃତା ଓ ଓ ଅଧ୍ୟାପନାରେ ମୋର ବିତୃଷ୍ଣା ଆସିଯାଇଛି । ଇଂଲଣ୍ଡରେ କେତେ ମାସ କାମ କରିବା ପରେ ଭାରତବର୍ଷକୁ ଫେରିଯାଇ କିଛି ବର୍ଷ ପାଇଁ କିମ୍ବା ଚିରଦିନ ଲାଗି ଆତ୍ମଗୋପନ କରିବି । ମୁଁ ଯେ 'ନିଷ୍କର୍ମା ସାଧୁ' ହୋଇ ରହିନାହିଁ, ସେ ବିଷୟରେ ମୁଁ ଆନ୍ତରିକ ନିଃସନ୍ଦେହ । ମୋର ଗୋଟିଏ ଟିପା ଖାତା ଅଛି । ତାହା ପୃଥିବୀସାରା ମୋ ସହିତ ବୁଲିଛି । ଦେଖିଛି, ସାତବର୍ଷ ତଳେ ଏଥିରେ ଲେଖାଥିଲି : ଏଥର ଗୋଟିଏ ଏକାନ୍ତ ସ୍ଥାନ ଖୋଜି ନେଇ ମୃତ୍ୟୁର ଅପେକ୍ଷାରେ ରହିବାକୁ ହେବ । କିନ୍ତୁ ତାହା କିପରି ହୁଅନ୍ତା, ଏସବୁ କର୍ମଭୋଗ

ଯେ ବାକି ଥିଲା ! ମୋର ବିଶ୍ୱାସ, ଏଥର କର୍ମକ୍ଷୟ ହୋଇଛି ଏବଂ ଭଗବାନ ମୋତେ ପ୍ରବୃତ୍ତିକାର୍ଯ୍ୟ ତଥା ଶୁଭକର୍ମର ବନ୍ଧନରୁ ମଧ୍ୟ ଅବ୍ୟାହତି ଦେବେ ।

ଆତ୍ମା ଏକ ଏବଂ ଅଖଣ୍ଡ ସତ୍ତ୍ୱସ୍ୱରୂପ, ଆଉ ସବୁ ଅସତ୍—ଏହି ଜ୍ଞାନ ହୋଇଗଲେ ଆଉ କଅଣ କୌଣସି ବ୍ୟକ୍ତି ବା ବାସନା ମାନସିକ ଉଦ୍‌ବେଗର କାରଣ ହୋଇପାରେ ? ମାୟାର ପ୍ରଭାବରେ ହିଁ ପରୋପକାର କରିବା ପ୍ରଭୃତି ଖିଆଲଗୁଡ଼ିକ ମୋ ମୁଣ୍ଡରେ ଉଠି ହୋଇଥିଲା, ବର୍ତ୍ତମାନ ପୁଣି ଦୂର ହୋଇଯାଉଛି । ଚିତ୍ତଶୁଦ୍ଧି ଅର୍ଥାତ୍ ଚିତ୍ତକୁ ଜ୍ଞାନଲାଭର ଉପଯୋଗୀ କରିବା ଛଡ଼ା କର୍ମର ଯେ ଆଉ କୌଣସି ସାର୍ଥକତା ନାହିଁ—ଏ ବିଷୟରେ ମୋର ବିଶ୍ୱାସ କ୍ରମେ ଦୃଢ଼ ହେଉଛି ।

ଦୁନିଆ ତା'ର ଭଲମନ୍ଦ ନେଇ ନାନା ରୂପରେ ଚାଲିଥିବ । ଭଲ ଓ ମନ୍ଦ କେବଳ ନୂଆ ନାମରେ ଓ ନୂଆ ସ୍ଥାନରେ ଦେଖାଦେବେ । ନିରବଚ୍ଛିନ୍ନ ପ୍ରଶାନ୍ତି ଓ ବିଶ୍ରାମ ପାଇଁ ମୋ ହୃଦୟ ତୃଷିତ । 'ଏକାକୀ ବିଚରଣ କର ! ଏକାକୀ ବିଚରଣ କର ! ଯିଏ ଏକାକୀ ଅବସ୍ଥାନ କରନ୍ତି, ତାହା ସହିତ କଦାଚ ତାଙ୍କର ବିରୋଧ ହୋଇ ନ ପାରେ । ସେ ଅପରର ଉଦ୍‌ବେଗର ହେତୁ ହୁଅନ୍ତି ନାହିଁ, ଅନ୍ୟମାନେ ମଧ୍ୟ ତାଙ୍କର ଉଦ୍‌ବେଗର କାରଣ ହୁଅନ୍ତି ନାହିଁ ।' ସେହି ଛିନ୍ନ ବସ୍ତ୍ର (କୌପୀନ), ମୁଣ୍ଡିତ ମସ୍ତକ, ତରୁତଳେ ଶୟନ ଓ ଭିକ୍ଷାନ୍ନ-ଭୋଜନ—ହାୟ ! ଏସବୁ ହିଁ ବର୍ତ୍ତମାନ ମୋର ତୀବ୍ର ଆକାଙ୍କ୍ଷାର ବିଷୟ ! ଶତ ଅପୂର୍ଣ୍ଣତା ସତ୍ତ୍ୱେ ସେହି ଭାରତଭୂମି ହିଁ ଏକମାତ୍ର ସ୍ଥାନ, ଯେଉଁଠାରେ ଆତ୍ମା ତା'ର ମୁକ୍ତିର ସନ୍ଧାନ ପାଏ, ଭଗବାନଙ୍କର ସନ୍ଧାନ ଲାଭ କରେ । ପାଶ୍ଚାତ୍ୟର ସମସ୍ତ ଆଡ଼ମ୍ବର ସର୍ବଥା ସାରଃସାର-ଶୂନ୍ୟ ଓ ଆତ୍ମାର ବନ୍ଧନ-ସ୍ୱରୂପ । ଜୀବନରେ ଆଉ କେବେ ହେଲେ ମୁଁ ଜଗତର ଏହି ଅସାରତା ଏତେ ତୀବ୍ରଭାବରେ ହୃଦୟଙ୍ଗମ କରି ନ ଥିଲି । ଭଗବାନ ସମସ୍ତଙ୍କର ବନ୍ଧନ ଛିନ୍ନ କରିଦିଅନ୍ତୁ—ସମସ୍ତେ ମାୟାମୁକ୍ତ ହୁଅନ୍ତୁ, ଏହା ହିଁ ବିବେକାନନ୍ଦର ଚିରନ୍ତନ ପ୍ରାର୍ଥନା ।

୧୭୯ଙ୍କ (ମିସ୍ ଇସାବେଲ୍ ମ୍ୟାକ୍‌କିଣ୍ଡଲିଙ୍କୁ ଲିଖିତ)

528, 5th Avenue, ନ୍ୟୁୟର୍କ, ୨୪ ଜାନୁଆରି ୧୮୯୬

ପ୍ରିୟ ମିସ୍ ବେଲ୍,

ଆଶାକରେ ଭଲ ଅଛ···

ମୋର ଶେଷ ବକ୍ତୃତାଟି ପୁରୁଷମାନଙ୍କ ଦ୍ୱାରା ଖୁବ୍ ବେଶୀ ଆଦୃତ ହୋଇନାହିଁ; କିନ୍ତୁ ନାରୀମାନଙ୍କ ଦ୍ୱାରା ବିଶେଷ ଭାବରେ ଆଦୃତ ହୋଇଛି । ତୁମେ ଜାଣ ଯେ, ବ୍ରୁକଲିନ୍ ଜାଗାଟି ନାରୀ-ଅଧିକାର ଆନ୍ଦୋଳନର ବିରୋଧୀତାର କେନ୍ଦ୍ର, ତେଣୁ ଯେତେବେଳେ ମୁଁ କହିଲି, ନାରୀମାନେ ସବୁ ବିଷୟରେ ଅଧିକାର ପାଇବା ପାଇଁ ଯୋଗ୍ୟ ଏବଂ ସେମାନଙ୍କର ତାହା ପାଇବା ଉଚିତ, ସେତେବେଳେ, କହିବା ବାହୁଲ୍ୟ, ପୁରୁଷମାନେ ତାହା ପସନ୍ଦ କଲେ ନାହିଁ । ସେଥିପାଇଁ କିଛି ଚିନ୍ତା ନାହିଁ, ମହିଳାମାନେ ଖୁସିରେ ଅତ୍ମହରା ।

ପୁଣି ମୋତେ ଟିକିଏ ଥଣ୍ଡା ଲାଗିଛି । ମୁଁ ଗାର୍ଣ୍ଣସିଙ୍କ ପାଖକୁ ଯାଉଛି । ସହରତଳିରେ

କି ଗୋଟିଏ ଘର ପାଇଛୁ; ସେଠାରେ କ୍ଲାସ୍ ନେବା ସପ୍ତାହରେ କେତେ ଘଣ୍ଟା କଟିବ । ମଦର୍ ଚର୍ଚ୍ଚ ଏତେଦିନେ ନିଶ୍ଚୟ ସମ୍ପୂର୍ଣ୍ଣ ଭଲ ହୋଇଯିବେଣି ଏବଂ ତୁମେସବୁ ଏହି ସମୟରେ ସୁନ୍ଦର ଆବହାୱା ଉପଭୋଗ କରୁଛ । ଯେତେବେଳେ ମିସେସ୍ ଏଡାମସ୍‌ଙ୍କ ସହିତ ତୁମର ଦେଖା ହେବ, ସେତେବେଳେ ତାଙ୍କୁ ମୋର ଅଜସ୍ର (ପର୍ବତପ୍ରମାଣ) ପ୍ରୀତି ଓ ଶ୍ରଦ୍ଧା ଦେବ । ମୋର ଚିଠି ସବୁ ଯଥାରୀତି ଗାର୍ଣ୍ଣସିଙ୍କ ପାଖକୁ ପଠାଇଦେବ ।

ସମସ୍ତଙ୍କୁ ମୋର ପ୍ରୀତି ।

ତୁମମାନଙ୍କର ସଦା ସ୍ନେହବଦ୍ଧ ଭ୍ରାତା, ବିବେକାନନ୍ଦ

୧୭୦ଇଂ (ମିସ୍ ମେରି ହେଲ୍‌ଙ୍କୁ ଲିଖିତ)

୫୪ ପଶ୍ଚିମ, ୩୩ ନମ୍ବର ରାସ୍ତା, ନ୍ୟୁୟର୍କ, ୧ ଫେବୃଆରି ୧୮୯୫

ସ୍ନେହର ଭଗିନି,

ଏହିକ୍ଷଣି ତୁମର ସୁନ୍ଦର ଚିଠିଟି ପାଇଲି । ମଦର୍ ଚର୍ଚ୍ଚ କନ୍‌ସର୍ଟକୁ ଯାଇପାରି ନାହାନ୍ତି ଶୁଣି ଅତୀବ ଦୁଃଖିତ ହେଲି । ନିଷ୍କାମ ଭାବରେ କର୍ମ କରିବାକୁ ବାଧ୍ୟ ହେବା ମଧ୍ୟ ସମୟେ ସମୟେ ଉତ୍ତମ ସାଧନ—ଯଦିଓ ସେଥିରେ ନିଜକୃତ କର୍ମର ଫଳଭୋଗରୁ ବଞ୍ଚିତ ହେବାକୁ ହୁଏ ।

ଭଗିନୀ ଜୋସେଫାଇନ୍ ଲକ୍ ମଧ୍ୟ ଖଣ୍ଡିଏ ସୁନ୍ଦର ଚିଠି ଲେଖିଛନ୍ତି । ତୁମର ସମାଲୋଚନାଗୁଡ଼ିକ ପଢ଼ି ମୁଁ ଆଦୌ ଦୁଃଖିତ ହୋଇନାହିଁ, ବରଂ ବିଶେଷ ଆନନ୍ଦିତ ହୋଇଛି । ସେଦିନ ମିସ୍ ଆର୍ଥରଙ୍କ ଘରେ ଜଣେ ପ୍ରେସ୍‌ବିଟେରିଆନ୍ ଭଦ୍ରଲୋକଙ୍କ ସହିତ ମୋର ତୁମୁଳ ତର୍କ ହୋଇଥିଲା । ଯେପରି ହୋଇଥାଏ, ଭଦ୍ରଲୋକ ଅତ୍ୟନ୍ତ ଉତ୍ତେଜିତ ଓ କ୍ରୁଦ୍ଧ ହୋଇ ଗାଳିଗୁଲଜ ଆରମ୍ଭ କରିଦେଲେ । ଯାହାହେଉ, ମିସେସ୍ ବୁଲ୍ ମୋତେ ଏଥିଲାଗି ପରେ ଖୁବ୍ ଭର୍ତ୍ସନା କରିଛନ୍ତି, କାରଣ ଏହିରୁ ମୋ କାର୍ଯ୍ୟ ଲାଗି କ୍ଷତିକାରକ । ତୁମର ଏହି ପ୍ରକାର ମତ ବୋଲି ମନେ ହେଉଛି ।

ତୁମେ ଯେ ଏ ସମ୍ବନ୍ଧରେ ଠିକ୍ ଏହି ସମୟରେ ଲେଖିଛ, ଏହା ଆନନ୍ଦର କଥା, କାରଣ ମୁଁ ଏ ବିଷୟରେ ଯଥେଷ୍ଟ ଭାବୁଛି । ପ୍ରଥମତଃ, ମୁଁ ଏହିସବୁ ବିଷୟ ଲାଗି ଆଦୌ ଦୁଃଖିତ ନୁହେଁ; ହୁଏତ ତୁମେ ଏ କଥାରେ ବିରକ୍ତ ହେବ—ହେବା ସ୍ୱାଭାବିକ । ସାଂସାରିକ ଉନ୍ନତି ପାଇଁ ମଧୁରଭାଷୀ ହେବା ଯେ କେତେଦୂର ଭଲ, ତାହା ମୁଁ ବେଶ୍ ଜାଣେ । ମୁଁ ମିଷ୍ଟଭାଷୀ ହେବା ଲାଗି ଯଥାସାଧ୍ୟ ଚେଷ୍ଟା କରେ, କିନ୍ତୁ ଯେଉଁଠାରେ ଅନ୍ତରସ୍ଥ ସତ୍ୟ ସହିତ ଭୟଙ୍କର ଆପୋଷ କରିବାକୁ ପଡ଼େ, ସେତେବେଳେ ମୁଁ ରହିଯାଏ । ମୁଁ ବିନମ୍ର ହୀନତାରେ ବିଶ୍ୱାସୀ ନୁହେଁ—ସମଦର୍ଶିତ୍ୱର ଭକ୍ତ ।

ସାଧାରଣ ମାନବର କର୍ତ୍ତବ୍ୟ—ତାହାର 'ଈଶ୍ୱର' ଅର୍ଥାତ୍ ସମାଜର ସମସ୍ତ ଆଦେଶ ପାଳନ କରିବା; କିନ୍ତୁ ଜ୍ୟୋତିର ତନୟଗଣ କଦାପି ସେପରି କରନ୍ତି ନାହିଁ । ଏହା ଗୋଟିଏ ସନାତନ ନିୟମ । ଜଣେ ନିଜକୁ ପାରିପାର୍ଶ୍ୱିକ ଅବସ୍ଥା ଓ ସାମାଜିକ

ମତାମତ ସହିତ ଖାପ ଖୁଆଇ ସର୍ବକଲ୍ୟାଣଦାତା ସମାଜ ନିକଟରୁ ସର୍ବବିଧ ସୁଖ-ସମ୍ପଦ ପାଇଥାଆନ୍ତି, ଅନ୍ୟ ଜଣେ ଏକାକୀ ରହି ସମାଜକୁ ନିଜ ଆଡ଼କୁ ଟାଣି ନିଅନ୍ତି ।

ଯେଉଁ ବ୍ୟକ୍ତି ସମାଜ ସହିତ ନିଜକୁ ଖାପଖୁଆଇ ଚାଲନ୍ତି, ତାଙ୍କର ପଥ କୁସୁମାବୃତ, ଆଉ ଯେ ତାହା ନ କରନ୍ତି, ତାଙ୍କ ପଥ କଣ୍ଟକାକୀର୍ଣ୍ଣ । କିନ୍ତୁ ଲୋକମତର ଉପାସକଗଣ ପଲକରେ ବିନାଶପ୍ରାପ୍ତ ହୁଅନ୍ତି, ଆଉ ସତ୍ୟର ତନୟଗଣ ଚିରଜୀବୀ ।

ମୁଁ ସତ୍ୟକୁ ଏକ ଅନନ୍ତ ଶକ୍ତିସମ୍ପନ୍ନ କ୍ଷୟକାରୀ (corrosive) ପଦାର୍ଥ ସହିତ ତୁଳନା କରିଥାଏ । ଏହା ଯେଉଁଠାରେ ପଡ଼େ, ତାହାକୁ କ୍ଷୟ କରି କରି ନିଜର ପଥ ତିଆରି କରିନିଏ; ନରମ ଜିନିଷରେ ଶୀଘ୍ର, ଶକ୍ତ ଗ୍ରାନାଇଟ୍ ପଥରରେ ବିଳମ୍ବରେ—କିନ୍ତୁ ବାଟ କରିନେବ ନିଶ୍ଚୟ । ଯାହା ଲିଖିତ, ତାହା ଲିଖିତ । ଭଗିନି ମୁଁ ଯେ ପ୍ରତ୍ୟେକ ତାହା ମିଛ ସହିତ ମିଠା କଥାରେ ଆପୋଷ କରିପାରୁ ନାହିଁ, ସେଥିପାଇଁ ମୁଁ ଅତ୍ୟନ୍ତ ଦୁଃଖିତ । ମୁଁ ତାହା ପାରେ ନାହିଁ । ସାରାଜୀବନ ମୁଁ ଏଥିପାଇଁ ଦୁଃଖ ପାଇଛି, ତଥାପି ମୁଁ ତାହା କରିପାରି ନାହିଁ । ପୁନଃପୁନଃ ଚେଷ୍ଟା କରିଛି, କିନ୍ତୁ ପାରି ନାହିଁ । ଈଶ୍ୱର ମହିମାମୟ, ସେ ମୋତେ ମିଥ୍ୟାଚାରୀ କରାଇଦେବେ ନାହିଁ । ଅବଶେଷରେ ମୁଁ ତାହା ଛାଡ଼ି ଦେଇଛି । ବର୍ତ୍ତମାନ ଯାହା ଭିତରେ ଅଛି, ତାହା ଫୁଟି ଉଠୁ । ମୁଁ ଏପରି କୌଣସି ରାସ୍ତା ଦେଖି ନାହିଁ, ଯାହା ସମସ୍ତଙ୍କୁ ଖୁସୀ କରିବ; ସୁତରାଂ ମୁଁ ସ୍ୱରୂପତଃ ଯାହା, ତାହା ହିଁ ରହିବାକୁ ପଡ଼ିବ—ମୋର ନିଜ ଅନ୍ତରାତ୍ମା ନିକଟରେ ଖାଣ୍ଟି ରହିବାକୁ ପଡ଼ିବ । 'ଯୌବନ ଓ ସୌନ୍ଦର୍ଯ୍ୟ ନଶ୍ୱର, ଜୀବନ ଓ ଧନସମ୍ପତ୍ତି ନଶ୍ୱର, ନାମ ଓ ଯଶ ମଧ୍ୟ ନଶ୍ୱର, ଏପରିକି ପର୍ବତ ମଧ୍ୟ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇ ଧୂଳିକଣାରେ ପରିଣତ ହୋଇଯାଏ; ବନ୍ଧୁତ୍ୱ ଓ ପ୍ରେମ ମଧ୍ୟ କ୍ଷଣସ୍ଥାୟୀ, ଏକମାତ୍ର ସତ୍ୟ ହିଁ ଚିରସ୍ଥାୟୀ ।' ହେ ସତ୍ୟରୂପୀ ଈଶ୍ୱର, ତୁମେ ହିଁ ମୋର ଏକମାତ୍ର ପଥପ୍ରଦର୍ଶକ ହୁଅ । ମୋର ଯଥେଷ୍ଟ ବୟସ ହୋଇଛି, ଏବେ ଆଉ କେବଳ ମିଷ୍ଟ ମଧୁର ହେଲେ ଚଳିବ ନାହିଁ । ମୁଁ ଯେପରି ଅଛି, ସେହିପରି ରହିବାକୁ ଚାହେଁ । 'ହେ ସନ୍ନ୍ୟାସୀ, ତୁମେ ନିର୍ଭୟରେ ଦୋକାନୀଗିରି ତ୍ୟାଗ କରି, ଶତ୍ରୁ ମିତ୍ର ଭେଦ ନ ରଖି, ସତ୍ୟରେ ଦୃଢ଼-ପ୍ରତିଷ୍ଠ ରହ ।' 'ଏହି ମୁହୂର୍ତ୍ତଠାରୁ ମୁଁ ଇହାମୁତ୍ରଫଳଭୋଗବିରାଗୀ ହେଲି—ଇହଲୋକ ଓ ପରଲୋକର ଯାବତୀୟ ଅସାର ଭୋଗନିଚୟକୁ ପରିତ୍ୟାଗ କଲି ।' ହେ ସତ୍ୟ, ଏକମାତ୍ର ତୁମେ ହିଁ ମୋର ପଥପ୍ରଦର୍ଶକ ହୁଅ । ମୋର ଧନ-କାମନା ନାହିଁ, ନାମଯଶର କାମନା ନାହିଁ, ଭୋଗର କାମନା ନାହିଁ । ଭଗିନି, ଏସମସ୍ତ ମୋ ନିକଟରେ ଅତି ତୁଚ୍ଛ । ମୁଁ ମୋର ଭ୍ରାତୃଗଣଙ୍କୁ ସାହାଯ୍ୟ କରିବାକୁ ଚାହିଁଥିଲି । ସହଜରେ କିପରି ଅର୍ଥୋପାର୍ଜନ ହୁଏ, ସେ କୌଶଳ ମୋତେ ଜଣା ନାହିଁ—ଏଥିପାଇଁ ଈଶ୍ୱରଙ୍କୁ ଧନ୍ୟବାଦ । ମୋ ହୃଦୟସ୍ଥ ସତ୍ୟ-ବାଣୀ ଶ୍ରବଣ ନ କରି, ମୁଁ କାହିଁକି ବାହାର ଲୋକଙ୍କ ଖିଆଲ ଅନୁଯାୟୀ ଚଳିବାକୁ ଯିବି ? ଭଗିନି, ମୋର ମନ ଏବେ ମଧ୍ୟ ଦୁର୍ବଳ; ବାହ୍ୟ ଜଗତର ସାହାଯ୍ୟ ଆସିଲେ ବେଳେବେଳେ ଅଭ୍ୟାସବଶତଃ ମୁଁ ତାହାକୁ ମୁଠାଇଧରେ । କିନ୍ତୁ ମୁଁ ଭୀତ ନୁହେଁ । ଭୟ ହିଁ ସର୍ବାପେକ୍ଷା ଗୁରୁତର ପାପ—ଏହା ମୋର ଧର୍ମର ଶିକ୍ଷା ।

ପ୍ରେସ୍‌ବିଟେରିଆନ୍ ଯାଜକ ମହାଶୟଙ୍କ ସହିତ ମୋର ଯେଉଁ ଶେଷ ବାଗ୍‌ଯୁଦ୍ଧ ଏବଂ ତତ୍ପରେ ମିସେସ୍ ବୁଲ୍‌ଙ୍କ ସହିତ ଯେଉଁ ଦୀର୍ଘ ତର୍କ ହେଲା, ସେଥିରୁ ମୁଁ ସ୍ପଷ୍ଟ ବୁଝିଛି, କାହିଁକି ମନୁ ସନ୍ନ୍ୟାସୀଗଣଙ୍କୁ ଉପଦେଶ ଦେଇଛନ୍ତି : 'ଏକାକୀ ରହିବ, ଏକାକୀ ବିଚରଣ କରିବ ।' ବନ୍ଧୁତ୍ୱ ବା ପ୍ରେମ ମାତ୍ରେ ହିଁ ସୀମାବଦ୍ଧତା; ବନ୍ଧୁତ୍ୱରେ, ବିଶେଷତଃ ସ୍ତ୍ରୀଲୋକଙ୍କର ବନ୍ଧୁତ୍ୱରେ, ଚିରକାଳ 'ଦେହି ଦେହି' ଭାବ । ହେ ମହାପୁରୁଷଗଣ, ତୁମେମାନେ ଠିକ୍ କହିଛ । ଯାହାକୁ କୌଣସି ବ୍ୟକ୍ତିବିଶେଷଙ୍କ ଉପରେ ନିର୍ଭର କରିବାକୁ ହୁଏ, ସେ ସତ୍ୟରୂପୀ ଈଶ୍ୱରଙ୍କର ସେବା କରିପାରେ ନାହିଁ । ହୃଦୟ, ଶାନ୍ତ ହୁଅ, ନିଃସଙ୍ଗ ହୁଅ, ତେବେଯାଇ ଅନୁଭବ କରିବ—ପ୍ରଭୁ ତୁମ ସଙ୍ଗେ ସଙ୍ଗେ ରହିଛନ୍ତି । ଜୀବନ କିଛି ନୁହେଁ, ମୃତ୍ୟୁ ଭ୍ରମ ମାତ୍ର ! ଏସବୁ କିଛି ନୁହେଁ, ଏକମାତ୍ର ଈଶ୍ୱର ହିଁ ଅଛନ୍ତି । ହୃଦୟ, ଡରି ଯାଅ ନାହିଁ, ନିଃସଙ୍ଗ ହୁଅ । ଭଗିନୀ, ପଥ ଦୀର୍ଘ, ସମୟ ଅଳ୍ପ, ପୁଣି ସନ୍ଧ୍ୟା ମଧ୍ୟ ଘନେଇ ଆସୁଛି । ମୋତେ ଶୀଘ୍ର ଘରକୁ ଫେରିଯିବାକୁ ପଡ଼ିବ । ଆଦବ୍ କାଇଦାର ଶିକ୍ଷା ସମ୍ପୂର୍ଣ୍ଣ କରିବା ପାଇଁ ମୋର ସମୟ ନାହିଁ । ମୁଁ ଯେଉଁ ବାର୍ତ୍ତା ବହନ କରି ଆଣିଛି, ତାହା ସମ୍ପୂର୍ଣ୍ଣ କରିପାରୁ ନାହିଁ । ତୁମେ ସତ୍‌ସ୍ୱଭାବା, ପରମ ଦୟାଶୀଳା । ମୁଁ ତୁମ ପାଇଁ ସବୁ କିଛି କରିବି; କିନ୍ତୁ ରାଗିବ ନାହିଁ, ମୁଁ ତୁମମାନଙ୍କୁ ଶିଶୁତୁଲ୍ୟ ଦେଖେ ।

ଆଉ ସ୍ୱପ୍ନ ଦେଖ ନାହିଁ । ହୃଦୟ, ଆଉ ସ୍ୱପ୍ନ ଦେଖ ନାହିଁ । ଗୋଟିଏ କଥାରେ ଜଗତକୁ ମୋର କିଛି ଦେବାର ଅଛି । ମନୁଷ୍ୟର ମନ ରଖିବା ପାଇଁ ମୋର ସମୟ ନାହିଁ, ଏହା କରିବାକୁ ଗଲେ ମୁଁ ଭଣ୍ଡ ହୋଇଯିବି । ବରଂ ସହସ୍ରଥର ମୃତ୍ୟୁ ବରଣ କରିବି, ତଥାପି (ମେରୁଦଣ୍ଡହୀନ) ଜେଲି ମାଛ ଭଳି ଜୀବନଯାପନ କରି ନିର୍ବୋଧ ମନୁଷ୍ୟର ଚାହିଦା ମେଣ୍ଟାଇପାରିବି ନାହିଁ—ତାହା ମୋର ସ୍ୱଦେଶରେ ହେଉ ବା ବିଦେଶରେ ହେଉ । ତୁମେ ମଧ୍ୟ ଯଦି ମିସେସ୍ ବୁଲ୍‌ଙ୍କ ପରି ଭାବିଥାଅ, ମୋର କୌଣସି ବିଶେଷ କାର୍ଯ୍ୟ ଅଛି, ତା'ହେଲେ ଭୁଲ୍ ବୁଝିଛ, ସମ୍ପୂର୍ଣ୍ଣ ଭୁଲ ବୁଝିଛ । ଏ ଜଗତରେ ବା ଅନ୍ୟ କୌଣସି ଜଗତରେ ମୋର କୌଣସି କାର୍ଯ୍ୟ ନାହିଁ । ମୋର କିଛି କହିବାର ଅଛି, ଏହା ମୁଁ ନିଜ ଭାବରେ କହିବି, ହିନ୍ଦୁ ଭାବରେ ନୁହେଁ, ଖ୍ରୀଷ୍ଟିଆନ୍ ଭାବରେ ମଧ୍ୟ ନୁହେଁ ବା ଅନ୍ୟ କୌଣସି ଭାବରେ ନୁହେଁ; ମୁଁ ତାହାକୁ କେବଳ ନିଜ ଭାବରେ ରୂପ ଦେବି—ଏତିକି ମାତ୍ର । ମୁକ୍ତି ହିଁ ମୋର ଏକମାତ୍ର ଧର୍ମ, ଆଉ ଯାହା କିଛି ଏହାକୁ ବାଧା ଦେବାକୁ ଚାହେଁ, ତାହା ମୁଁ ପରିହାର କରି ଚାଲିବି—ତାହା ସହିତ ସଂଗ୍ରାମ କରି ହେଉ ବା ତା'ଠାରୁ ପଳାୟନ କରିହେଉ । କଅଣ ! ମୁଁ ଯାଜକକୁଳର ମନସ୍ତୁଷ୍ଟି ପାଇଁ ଚେଷ୍ଟା କରିବି ! ଭଗିନି ! ମୋର ଏହି କଥାକୁ ଭୁଲ୍ ବୁଝି ତୁମେ କ୍ଷୁଣ୍ଣ ହୁଅ ନାହିଁ । ତୁମେସବୁ ଶିଶୁମାତ୍ର, ଆଉ ଶିଶୁମାନେ ଅନ୍ୟର ଅଧୀନରେ ରହି ଶିକ୍ଷା କରିବା ଉଚିତ । ତୁମେମାନେ ଏପର୍ଯ୍ୟନ୍ତ ସେହି ଉତ୍ସର ଆସ୍ୱାଦ ପାଇ ନାହଁ, ଯାହା 'ଯୁକ୍ତିକୁ ଅଯୁକ୍ତିରେ ପରିଣତ କରେ, ମର୍ତ୍ତ୍ୟକୁ ଅମର କରେ, ଏହି ଜଗତକୁ ଶୂନ୍ୟରେ ପରିଣତ କରେ ଏବଂ ମନୁଷ୍ୟକୁ ଦେବତା କରିଦିଏ ।' ଶକ୍ତି ଅଛି ତ ଲୋକମାନେ ଯାହାକୁ 'ଏହି ଜଗତ' ନାମରେ ଅଭିହିତ କରନ୍ତି, ସେହି ମୂର୍ଖତାର ଜାଲରୁ ବାହାରି ଆସ । ସେତେବେଳେ ମୁଁ

ତୁମକୁ ପ୍ରକୃତ ସାହସୀ ଓ ମୁକ୍ତ ବୋଲି କହିବ । ଯେଉଁମାନେ ଏହି ଆଭିଜାତ୍ୟରୂପକ ମିଥ୍ୟା-ଈଶ୍ୱରଙ୍କୁ ଚୂର୍ଣ୍ଣ ବିଚୂର୍ଣ୍ଣ କରି ସେମାନଙ୍କର ଚରମ କପଟତାକୁ ପଦଦଳିତ କରିବା ପାଇଁ ସାହସ କରନ୍ତୁ, ସେମାନଙ୍କୁ ଯଦି ତୁମେ ଉତ୍ସାହ ଦେଇ ନ ପାରେ, ତେବେ ଚୁପ୍ କରି ରୁହ; କିନ୍ତୁ ଆପୋଷ ଓ ମନସ୍ତୁଷ୍ଟି କଲଭଳି ମିଥ୍ୟା ମୂର୍ଖତାଦ୍ୱାରା ସେମାନଙ୍କୁ ପୁନରାୟ ପଙ୍କ ଭିତରକୁ ଟାଣି ଆଣିବାର ଚେଷ୍ଟା କର ନାହିଁ ।

ମୁଁ ଏହି ଜଗତକୁ ତୁଚ୍ଛ ଜ୍ଞାନ କରେ—ଏହି ସ୍ୱପ୍ନକୁ, ଏହି ଉତ୍କଟ ଦୁଃସ୍ୱପ୍ନକୁ, ତାହାର ଗିର୍ଜା ଓ ପ୍ରବଞ୍ଚନାସମୂହକୁ, ତାହାର ଶାସ୍ତ୍ର ଓ ବଦମାସିଗୁଡ଼ାକୁ, ତାହାର ସୁନ୍ଦର ମୁହଁ ଓ କପଟ ହୃଦୟକୁ, ତାହାର ଧର୍ମଧ୍ୱଜତାର ଆସ୍ଫାଳନ ଓ ଅନ୍ତଃସାରଶୂନ୍ୟତାକୁ—ଏବଂ ସର୍ବୋପରି ଧର୍ମ ନାମରେ ତାହାର ଦୋକାନଦାରିକୁ ମୁଁ ଘୃଣା କରେ । କଅଣ ! ସଂସାରର କ୍ରୀତଦାସମାନେ କଅଣ କହୁଛନ୍ତି, ତଦ୍ଦ୍ୱାରା ମୋର ହୃଦୟକୁ ବିଚାର କରିବ ! ଛିଃ ଭଗିନି, ତୁମେ ସନ୍ନ୍ୟାସୀକୁ ଚିହ୍ନି ନାହଁ । ବେଦ କହନ୍ତି, ସନ୍ନ୍ୟାସୀ ବେଦଶୀର୍ଷ; କାରଣ ସେ ଗିର୍ଜା, ଧର୍ମମତ, ଋଷି (prophet), ଶାସ୍ତ୍ର ପ୍ରଭୃତି ବିଷୟର ଧାର ଧାରନ୍ତି ନାହିଁ । ମିଶନାରି ହୁଅନ୍ତୁ ବା ଅନ୍ୟ ଯେ କେହି ହୁଅନ୍ତୁ, ସେମାନେ ଯଥାସାଧ୍ୟ ଚିତ୍କାର ଓ ଆକ୍ରମଣ କରନ୍ତୁ, ମୁଁ ସେମାନଙ୍କୁ ଗ୍ରାହ୍ୟ କରେ ନାହିଁ । ଭର୍ତ୍ତୃହରିଙ୍କ ଭାଷାରେ* ଏହି ବ୍ୟକ୍ତି କଅଣ ଚଣ୍ଡାଳ ଅଥବା ବ୍ରାହ୍ମଣ ଅଥବା ଶୂଦ୍ର ଅଥବା ତପସ୍ୱୀ, ନା ତତ୍ତ୍ୱବିଚାରଜ୍ଞ କୌଣସି ପଣ୍ଡିତ ଯୋଗୀଶ୍ୱର ?—ଏହିପ୍ରକାର ନାନା ଲୋକ ନାନା ଆଲୋଚନା କରୁଥିଲେ ମଧ୍ୟ ଯୋଗୀଗଣ ତୁଷ୍ଟ ହୁଅନ୍ତି ନାହିଁ, ରୁଷ୍ଟ ମଧ୍ୟ ହୁଅନ୍ତି ନାହିଁ । ସେମାନେ ନିଜ ବାଟରେ ଚାଲିଯାଆନ୍ତି ।

ତୁଳସୀଦାସ ମଧ୍ୟ କହିଛନ୍ତି :

'ହାତି ଚଲେ ବାଜାର୍ ମେଁ, କୁତ୍ତା ଭୌଁକେ ହାଜାର,
ସାଧୁଓଁ କା ଦୁର୍ଭାବ ନହିଁ ଯବ୍ ନିନ୍ଦେ ସଂସାର ।'

—ଯେତେବେଳେ ହାତୀ ବଜାରରେ ଚାଲିଯାଏ, ସେତେବେଳେ ହଜାରେ କୁକୁର ପଛରେ ଚିତ୍କାର କଲେ ମଧ୍ୟ ହାତୀ ଭ୍ରୂକ୍ଷେପ କରେ ନାହିଁ । ସେହିଭଳି, ସଂସାରୀ ଲୋକମାନେ ନିନ୍ଦା କଲେ ମଧ୍ୟ ସାଧୁଗଣ ବିଚଳିତ ହୁଅନ୍ତି ନାହିଁ ।

ମୁଁ ଲଣ୍ଡ୍ସବର୍ଗ (Landsberg)-ଙ୍କ ଘରେ ଅବସ୍ଥାନ କରୁଛି । ସେ ସାହସୀ ଓ ମହତ୍ ବ୍ୟକ୍ତି । ପ୍ରଭୁ ତାଙ୍କୁ ଆଶୀର୍ବାଦ କରନ୍ତୁ । କେବେ କେବେ ମୁଁ ଗାର୍ଣ୍ଣସିଙ୍କ (Guernseys) ଘରକୁ ଶୟନ କରିବାକୁ ଯାଏ । ଈଶ୍ୱର ତୁମ ସମସ୍ତଙ୍କୁ ଚିରକାଳ ପାଇଁ

* ଚଣ୍ଡାଳଃ କିମୟଂ ଦ୍ୱିଜାତିରଥ ବା ଶୂଦ୍ରୋଽଥ କିଂ ତାପସଃ
କିଂବା ତତ୍ତ୍ୱବିବେକପେଶଲମତିର୍ଯୋଗୀଶ୍ୱରଃ କୋଽପି କିମ୍ ।
ଇତ୍ୟୁତ୍ପନ୍ନବିକଳ୍ପଜଳ୍ପମୁଖରୈଃ ସମ୍ଭାଷ୍ୟମାଣା ଜନୈ-
ର୍ନ କ୍ରୁଦ୍ଧାଃ ପଥି ନୈବ ତୁଷ୍ଟମନସୋ ଯାନ୍ତି ସ୍ୱୟଂ ଯୋଗିନଃ ॥

—ବୈରାଗ୍ୟଶତକ, ୯୬

କୃପା କରନ୍ତୁ । ସେ ତୁମମାନଙ୍କୁ ଅତିଶୀଘ୍ର ଏହି ଜଗତ୍ ନାମକ ବିରାଟ ଧପ୍‌ପାବାଜିରୁ ଉଦ୍ଧାର କରନ୍ତୁ । ତୁମେସବୁ ଯେପରି କଦାପି ଏହି ସଂସାରରୂପ ଜରାଜୀର୍ଣ୍ଣ ଡାହାଣୀର କୁହୁକରେ ନ ପଡ଼ ! ଶଙ୍କର ତୁମମାନଙ୍କର ସହାୟ ହୁଅନ୍ତୁ ! ଉମା ତୁମମାନଙ୍କ ସମ୍ମୁଖରେ ସତ୍ୟର ଦ୍ୱାର ଉଦ୍‌ଘାଟନ କରିଦିଅନ୍ତୁ ଏବଂ ତୁମମାନଙ୍କର ସମସ୍ତ ମୋହ ଅପନୋଦନ କରନ୍ତୁ ! ସସ୍ନେହାଶୀର୍ବାଦ—

ତୁମମାନଙ୍କର, ବିବେକାନନ୍ଦ

୧୭୧ (ଶ୍ରୀଯୁକ୍ତ ବୈକୁଣ୍ଠନାଥ ସାନ୍ୟାଲଙ୍କୁ ଲିଖିତ)

54W. 33rd St., ନ୍ୟୁୟର୍କ, ୯ ଫେବୃଆରି ୧୮୯୫

ପ୍ରିୟ ସାନ୍ୟାଲ୍,

ତୁମର ପତ୍ରଟି ପାଇଲି, ଟଙ୍କା ପହଞ୍ଚିବା ସମ୍ବାଦ ସେଥିରେ ଲେଖିଛ; କିନ୍ତୁ ବୋଷ୍ଟନ୍‌ଠାରୁ କେତେକ ବନ୍ଧୁ ଯେଉଁ ଟଙ୍କା ପଠାଇଥିଲେ, ସେହି ଖବର ଏପର୍ଯ୍ୟନ୍ତ ପାଇନାହିଁ—ବୋଧହୁଏ, ସପ୍ତାହେ ଦୁଇସପ୍ତାହ ମଧ୍ୟରେ ପାଇବ । ଗୋପାଳ ଭାଇ କାଶୀଠାରୁ ଖଣ୍ଡିଏ ଚିଠି ଲେଖିଥିଲେ । ଜମି କଥା ଯାହା ଲେଖିଛ, ତାହା କିଛି ନୁହେଁ । ରାଖାଲ ମଧ୍ୟ ଗୋଟିଏ ଚିଠିରେ ଯେଉଁ ଜମି କଥା ଲେଖିଛନ୍ତି, ତାହା ମଧ୍ୟ ବିଶେଷ କିଛି ନୁହେଁ । ଦୁଇଟି ଘରଥିବା ଯେଉଁ ଜମି କଥା ଲେଖିଛ, ସେଥିରେ ମୋର ଆପତ୍ତି ଅଛି— ଅର୍ଥାତ୍ ଘର ପାଇଁ ଜମି ଯେପରି କମି ନ ଯାଏ । ଜମି ଯେପରି ବଡ଼ ହୁଏ, ସେଥିପାଇଁ ଚେଷ୍ଟା କରିବ । ତୁମମାନଙ୍କର ଯେଉଁ ଅନ୍ଧବିଶ୍ୱାସ, ସେଥିରେ ତୁମମାନଙ୍କୁ ନେଇ କିଛି କରିବା ମୋଦ୍ୱାରା ହୋଇପାରିବ ନାହିଁ । ପରମହଂସଦେବ ମୋର ଗୁରୁ ଥିଲେ, ମୁଁ ତାଙ୍କୁ ଯାହା ଭାବେ, ଦୁନିଆ ସେହିପରି ଭାବିବ କାହିଁକି ? ଗୁରୁପୂଜାର ଭାବ ବଙ୍ଗଦେଶ ଛଡ଼ା ଅନ୍ୟତ୍ର ନାହିଁ--ତଥାପି ଅନ୍ୟମାନେ ସେହି ଭାବ ନେବାକୁ ପ୍ରସ୍ତୁତ ନୁହନ୍ତି । ତୁମମାନଙ୍କ ଭିତରେ ଗୋଟିଏ ବଡ଼ ମୂର୍ଖତା ଏହି ଯେ, ତୁମେମାନେ ଗୋଟାଏ କଅଣ ହୋଇଯାଉଛ ! ପଚ୍ଛୁଛି, କଲିକତାର ଦଶ କୋଶ ଦୂରରେ ତୁମକୁ କେହି ଜାଣନ୍ତି, ନା ତୁମ ଗୁରୁଙ୍କୁ କେହି ଜାଣନ୍ତି ? ଆଉ ତୁମେମାନେ ସେହି 'ପରମହଂସଦେବ ଅବତାର' ନେଇ ଟଣାଓଟରା କରୁଛ । ଫଳ—ମୁଁ ଶଶୀ ପ୍ରଭୃତିଙ୍କୁ କିଛିତ୍ୱ ବୁଝାଇବାକୁ ଚେଷ୍ଟା କରି ଦେଖିଲି ଯେ, ସେହି ଚେଷ୍ଟା ନିଷ୍ଫଳ । ଅତଏବ ସେମାନଙ୍କୁ ଦିଲ୍ଲୀର ଲଡ଼ୁ ଦେଇ ଦୂରେଇ ଯିବା ହିଁ ଭଲ ।

ମା-ଠାକୁରାଣୀଙ୍କ ପାଇଁ ଜମି କିଣିଦେଲେ, ମୁଁ ନିଜକୁ ଋଣମୁକ୍ତ ମନେ କରିବି । ତା'ପରେ ମୁଁ ଅଉ କିଛି ବୁଝାଶୁଝା କରିବ ନାହିଁ । ତୁମେସବୁ ତ ମୋ ନାଆଁକୁ ଖଟାଇବା ପାଇଁ ଖୁବ୍ ରିଆର୍ ଯେ, ମୁଁ ତୁମମାନଙ୍କ ଭିତରୁ ଜଣେ । କିନ୍ତୁ ମୁଁ ଗୋଟାଏ କାମ କରିବାକୁ କହିଲେ ସଙ୍ଗେ ସଙ୍ଗେ ପଛେଇ ଯାଅ, 'ମତ୍‌ଲବ୍‌କୀ ଗରଜୀ ଜଗ୍ ସାରେ'— ଏହା ହିଁ ଜଗତ—ମତଲବର ଗରଜ ।

ତୁମେ ସବୁ ତ୍ୟାଗୀ, ମୁଁ ମଧ୍ୟ ତ୍ୟାଗୀ—ଦଳ ବାନ୍ଧିବା ବା ମତ ଚଳାଇବା କଅଣ

ଆବଶ୍ୟକ ? ଯେଉଁ ଦେଶକୁ ଯେଉଁ ସ୍ଥାନକୁ ପ୍ରଭୁଙ୍କର ଇଚ୍ଛା, ସେହିଠାକୁ ଚାଲିଯାଅ ଖାଲି— ଗୁରୁ ବା କଅଣ, ଶିଷ୍ୟ ବା କଅଣ ? ଗୁରୁ କିଏ, ଶିଷ୍ୟ କିଏ ?

ମୁଁ ବଙ୍ଗଳାଦେଶକୁ ଜାଣେ, ଇଣ୍ଡିଆକୁ ଜାଣେ—ଲମ୍ବା କଥା ଅନେକେ କହନ୍ତି, କିନ୍ତୁ କାମ ବେଳକୁ —୦ (ଶୂନ୍ୟ) । ଅବତାରଙ୍କ ଚେଲାମାନେ ଭୋଗ ଭୋଗନ୍ତି, ଖାଇବାକୁ ପାଆନ୍ତି ନାହିଁ—ଦୁନିଆଟା କି humbug (ଧପ୍ପାବାଜି) ବାବା !! ଏବଂ ତା' ଭିତରେ ପୁଣି ପରସ୍ପର ବଡ଼ ହେବାକୁ ଚାହାଁନ୍ତି !···

ମୁଁ ଏଠାରେ ଜମିଦାରି ଖରିଦ୍ କରି ନାହିଁ କି ବ୍ୟାଙ୍କରେ ଲକ୍ଷେ ଟଙ୍କା ମଧ୍ୟ ଜମା କରି ନାହିଁ । ଏହି ଘୋର ଶୀତରେ ପର୍ବତପାହାଡ଼ର ବରଫ ଠେଲି, ଏବଂ ଘୋର ଶୀତରେ ରାତି ଗୋଟାଏ ପର୍ଯ୍ୟନ୍ତ ରାସ୍ତା ଚାଲି ବକ୍ତୃତା ଦେଇ ଦୁଇ ଚାରି ହଜାର ଟଙ୍କା କରିଛି—ମା-ଠାକୁରାଣୀଙ୍କ ପାଇଁ ଜାଗାଟିଏ କିଣିଦେଲେ ମୁଁ ନିଶ୍ଚିନ୍ତ । ପିଟାପିଟି ଲଗି ଆଡ଼୍‌ଡ଼ା କରିଦେବା ପାଇଁ ମୋର ଶକ୍ତି ନାହିଁ । ଅବତାରଙ୍କ ପିଲାମାନେ କେଉଁଠି—ଗ୍ରେଟ ଗ୍ରେଟ ଅବତାରସବୁ—ହେ ଅବତାରଙ୍କ ପିଲାମାନେ ?

ଅଲମିତି । ତୁମମାନଙ୍କଠାରୁ ମୋର କୌଣସି ଆଶା ନାହିଁ । ତୁମେମାନେ ମଧ୍ୟ ମୋଠାରୁ କିଛି ଆଶା କର ନାହିଁ । ଯେ ଯାହାର ନିଜ ବାଟରେ ଚାଲିଯାଅ । ଶୁଭମସ୍ତୁ । ଏ ଦୁନିଆଟା ଏହିପରି ମତଲବରେ ଭରା !

ଏବେଠାରୁ ଚିଠିପତ୍ର ଉପରୋକ୍ତ ଠିକଣାରେ ଲେଖିବ । ଏହି ଠିକଣା ବର୍ତ୍ତମାନଠାରୁ ମୋର ନିଜର ଆଡ଼୍‌ଡ଼ା । ଯଦି ପାରିବ ତ ଖଣ୍ଡିଏ ଯୋଗବାଶିଷ୍ଠ ରାମାୟଣ English translation ( ଇଂରେଜୀ ଅନୁବାଦ ) ପଠାଇବ । ଦାମ୍ ଦେବା ପାଇଁ ମହିନ୍‌କୁ କହିବ । ଇତି

ଆଗରୁ ଯେଉଁ ବହି କଥା ଲେଖିଛି, ଅର୍ଥାତ୍ ସଂସ୍କୃତ ନାରଦ ଓ ଶାଣ୍ଡିଲ୍ୟସୂତ୍ର, ତାହା ଭୁଲିବ ନାହିଁ । ଇତି

'ଆଶା ହି ପରମଂ ଦୁଃଖଂ ନୈରାଶ୍ୟ ପରମଂ ସୁଖଂ ।' ଇତି

ନରେନ୍ଦ୍ର

୧୭୨ଇଂ (ମିସ୍ ମେରି ହେଲ୍‌ଙ୍କୁ ଲିଖିତ)

୨୨୮ ଡବ୍‌ଲ୍ୟୁ ୩୯ ଷ୍ଟ୍ରୀଟ୍, ନ୍ୟୁୟର୍କ, ୧୦ ଫେବ୍ରୁଆରି ୧୮୯୫

ସ୍ନେହର ଭଗିନି,

ଏପର୍ଯ୍ୟନ୍ତ ମୋ ପତ୍ର ପାଇ ନାହିଁ ଜାଣି ବିସ୍ମିତ ହେଲି । ତୁମ ପତ୍ର ପାଇବାର ଠିକ୍ ପରେ ପରେ ମୁଁ ଚିଠି ଲେଖିଥିଲି ଓ ନ୍ୟୁୟର୍କରେ ପ୍ରଦତ୍ତ ମୋର ବକ୍ତୃତା ସମ୍ବନ୍ଧରେ କେତେଖଣ୍ଡ ପୁସ୍ତିକା ମଧ୍ୟ ପଠାଇଥିଲି । ରବିବାସରୀୟ ଓ ସାଧାରଣରେ ପ୍ରଦତ୍ତ ଏହି ଭାଷଣଗୁଡ଼ିକ ସଙ୍କେତଲିପିରେ ଲିଖିତ ଓ ପରେ ମୁଦ୍ରିତ ହୋଇଛି । ଏ ପ୍ରକାର ତିନୋଟି ବକ୍ତୃତା ଦୁଇଗୋଟି ପୁସ୍ତିକାରେ ମୁଦ୍ରିତ ହୋଇଥିଲା, ସେଥିରୁ ମଧ୍ୟ କେତେ ଖଣ୍ଡ ତୁମ ପାଖକୁ ପଠାଇଥିଲି । ନ୍ୟୁୟର୍କରେ ଆହୁରି ଦୁଇ ସପ୍ତାହ ରହିବି । ତା'ପରେ ଡେଟ୍ରୟେଟ୍ । ତା'ପରେ

ବୋଷ୍ଟନ୍‌ରେ ସପ୍ତାହେ କି ଦୁଇ ସପ୍ତାହ ।

ଏ ବର୍ଷ ଅବିରାମ କାର୍ଯ୍ୟ ଫଳରେ ମୁଁ ଭଗ୍ନସ୍ୱାସ୍ଥ୍ୟ । ସ୍ନାୟୁ ହିଁ ବିଶେଷଭାବରେ ଆକ୍ରାନ୍ତ । ସାରା ଶୀତରେ ରାତିକ ପାଇଁ ମଧ୍ୟ ସୁନିଦ୍ରା ହୋଇ ନାହିଁ । ଦେଖୁଛି—ଅତିରିକ୍ତ ଖଟଣି ହୋଇଯାଉଛି । ପୁଣି ଆଗରେ ଇଂଲଣ୍ଡରେ ବିସ୍ତୃତ କାର୍ଯ୍ୟକ୍ରମ ।

କାମଗୁଡ଼ିକୁ ସାରିବାକୁ ପଡ଼ିବ । ତା'ପରେ ଭାରତକୁ ଫେରିଯାଇ ବାକି ଜୀବନ ବିଶ୍ରାମ ! ଭଗବାନଙ୍କ ଉଦ୍ଦେଶ୍ୟରେ କର୍ମଫଳ ସମର୍ପଣ କରି ଜଗତର କଲ୍ୟାଣ ପାଇଁ ମୁଁ ଯଥାସାଧ୍ୟ ଚେଷ୍ଟା କରିଛି । ବର୍ତ୍ତମାନ ବିଶ୍ରାମ ହିଁ ମୋର ଅଭିପ୍ସିତ । ଆଶା କରୁଛି—କିଛି ଅବସର ପାଇବି ଓ ଭାରତୀୟମାନେ ମୋତେ ନିଷ୍କୃତି ଦେବେ ।

ହାୟ ! ଯଦି କେତେବର୍ଷ ପାଇଁ ମୁଁ ନିର୍ବାକ୍ ହୋଇପାରନ୍ତି ଓ ମୋତେ ଆଦୌ କଥା କହିବାକୁ ପଡ଼ନ୍ତା ନାହିଁ ! ବସ୍ତୁତଃ ଏସମସ୍ତ ପାର୍ଥିବ ଦ୍ୱନ୍ଦ୍ୱ ପାଇଁ ମୁଁ ଜନ୍ମି ନାହିଁ । ମୁଁ ସ୍ୱଭାବତଃ କଳ୍ପନାପ୍ରବଣ ଓ କର୍ମବିମୁଖ । ଆଦର୍ଶବାଦୀ ହୋଇ ମୁଁ ଜନ୍ମଗ୍ରହଣ କରିଛି ଏବଂ ସ୍ୱପ୍ନରାଜ୍ୟରେ ହିଁ ମୁଁ ବାସ କରିପାରେ । ଜାଗତିକ ବିଷୟସମୂହ ମୋତେ ଉତ୍ୟକ୍ତ କରି ପକାନ୍ତି ଓ ମୋର ଦୁଃଖର କାରଣ ହୋଇଥାଆନ୍ତି । କିନ୍ତୁ ପ୍ରଭୁଙ୍କର ଇଚ୍ଛା ହିଁ ପୂର୍ଣ୍ଣ ହେବ ।

ତୁମେ ଗୁରୁଭଗିନୀ ମୋତେ ଚିରକୃତଜ୍ଞତାପାଶରେ ଆବଦ୍ଧ କରିଛ । ଏ ଦେଶରେ ମୋର ଯାହା କିଛି, ତା' ମୂଳରେ ତୁମେମାନେ । ତୁମେ ଚିରସୁଖିନୀ ଓ ସୌଭାଗ୍ୟଶାଳିନୀ ହୁଅ । ମୁଁ ଯେଉଁଠାରେ ରହେ ପଛେ, ଗଭୀର କୃତଜ୍ଞତା ଓ ଆନ୍ତରିକ ପ୍ରୀତି ସହ ତୁମମାନଙ୍କୁ ସର୍ବଦା ମନେ ରଖିବି । ସମଗ୍ର ଜୀବନ ଗୋଟିଏ ସ୍ୱପ୍ନର ଧାରା ପରି । ସ୍ୱପ୍ନ ମଧ୍ୟରେ ଦ୍ରଷ୍ଟା ପରି ରହିବା ହିଁ ମୋର ଆକାଙ୍‌କ୍ଷା । ସେତିକି । ସମସ୍ତଙ୍କ ପ୍ରତି, ଭଗିନୀ ଜୋସେଫାଇନ୍‌ଙ୍କ ପ୍ରତି ମୋର ଶୁଭେଚ୍ଛା ।

ତୁମର ଚିରସ୍ନେହଶୀଳ ଭ୍ରାତା, ବିବେକାନନ୍ଦ

୧୭୩ଇଂ

ନ୍ୟୁୟର୍କ, ୧୪ ଫେବୃଆରି ୧୮୯୬

ପ୍ରିୟ ମିସେସ୍ ବୁଲ୍

...ଜନନୀ ବୁଲ୍ ଆପଣଙ୍କର ସତ୍ପରାମର୍ଶ ପାଇଁ ମୋ ହୃଦୟର କୃତଜ୍ଞତା ଗ୍ରହଣ କରନ୍ତୁ । ଆଶା କରୁଛି—ଜୀବନରେ ମୁଁ ତଦନୁଯାୟୀ କାର୍ଯ୍ୟ କରିପାରିବି ।

ମୁଁ ଯେଉଁ ବହିଗୁଡ଼ିକର କଥା ଆପଣଙ୍କୁ ଲେଖିଥିଲି, ସେସବୁ ଆପଣଙ୍କର ବିଭିନ୍ନ ଧର୍ମର ପୁସ୍ତକସମ୍ବଳିତ ଗ୍ରନ୍ଥାଗାର ପାଇଁ । ତେବେ ଆପଣ କେଉଁଠି ରହିବେ ନ ରହିବେ, ତାହା ଯେତେବେଳେ ଠିକ୍ ନାହିଁ, ସେତେବେଳେ ଏ ବହିଗୁଡ଼ିକ ଆଉ ବର୍ତ୍ତମାନ ନିଷ୍ପ୍ରୟୋଜନ । ମୋ ଗୁରୁଭାଇମାନଙ୍କ ପାଇଁ ତାହାର ପ୍ରୟୋଜନ ନାହିଁ, କାରଣ ଭାରତରେ ସେମାନେ ଏସବୁ ପାଇପାରିବେ; ଆଉ ଯେହେତୁ ମୋତେ ସର୍ବଦା ଭ୍ରମଣରତ ରହିବାକୁ ପଡୁଛି, ସୁତରାଂ ମୋ ପକ୍ଷରେ ଏସବୁକୁ ବୋହି ବୁଲିବା ସମ୍ଭବ ନୁହେଁ । ଆପଣଙ୍କର ଏହି ଦାନ-ପ୍ରସ୍ତାବ ପାଇଁ ଧନ୍ୟବାଦ ।

ଆପଣ ମୋ ପାଇଁ ଓ ମୋ କାମ ଲାଗି ଏ ମଧ୍ୟରେ ଯାହା କରିଛନ୍ତି, ସେଥିପାଇଁ ଆପଣଙ୍କୁ ମୋର କୃତଜ୍ଞତା କିପରି ଯେ ଜଣାଇବି ବୁଝିପାରୁ ନାହିଁ । ଏ ବର୍ଷ ମଧ୍ୟ କିଛି ସାହାଯ୍ୟର ପ୍ରସ୍ତାବ ଦେଇଥିବାରୁ ମୋର ଅସଂଖ୍ୟ ଧନ୍ୟବାଦ ଜାଣିବେ ।

ତେବେ ମୋର ଅକପଟ ବିଶ୍ୱାସ ଏହି ଯେ, ଏ ବର୍ଷ ଆପଣଙ୍କର ସମସ୍ତ ସାହାଯ୍ୟ ମିସ୍ ଫାର୍ମରଙ୍କ ଗ୍ରୀନ୍‌ଏକର୍ କାର୍ଯ୍ୟ ପାଇଁ ଦେବା ଉଚିତ । ଭାରତ ବର୍ତ୍ତମାନ ଅପେକ୍ଷା କରି ବସି ରହିପାରେ—ଶତ ଶତ ଶତାବ୍ଦୀ ଧରି ତ ଅପେକ୍ଷା କରି ରହିଛି । ଆଉ ହାତ ପାଖରେ ଯେଉଁ କାର୍ଯ୍ୟଟି ରହିଛି, ତାହା ପ୍ରତି ପ୍ରଥମେ ଦୃଷ୍ଟି ଦେବା ଉଚିତ ।

ଆଉ ଗୋଟିଏ କଥା, ମନୁଙ୍କ ମତରେ—କୌଣସି ସତ୍‌କାର୍ଯ୍ୟ ପାଇଁ ମଧ୍ୟ ଅର୍ଥ ସଂଗ୍ରହ କରିବା ସନ୍ନ୍ୟାସୀଙ୍କ ପକ୍ଷରେ ଭଲ ନୁହେଁ । ମୁଁ ବର୍ତ୍ତମାନ ବେଶ୍ ପ୍ରାଣେ ପ୍ରାଣେ ବୁଝୁଛି ଯେ, ସେହିସବୁ ପ୍ରାଚୀନ ମୁନିଋଷିମାନେ ଯାହା କହି ଯାଇଛନ୍ତି, ତାହା ଅତି ଠିକ୍ କଥା । 'ଆଶା ହି ପରମଂ ଦୁଃଖଂ, ନୈରାଶ୍ୟଂ ପରମଂ ସୁଖମ୍'—ଆଶା ହିଁ ପରମ ଦୁଃଖ ଏବଂ ଆଶା ତ୍ୟାଗ କରିବାରେ ପରମ ସୁଖ । ଏହି ଯେ 'ଏହା କରିବି, ତାହା କରିବି' ବୋଲି ମୋର ଯେଉଁ ପିଲାଳିଆମି ଥିଲା, ବର୍ତ୍ତମାନ ସେସବୁ ସମ୍ପୂର୍ଣ୍ଣ ଭ୍ରମ ବୋଲି ବୋଧ ହେଉଛି । ମୋର ଏସମସ୍ତ ବାସନା ଏବେ ଦୂର ହୋଇଯାଉଛି । 'ସବୁ ବାସନା ତ୍ୟାଗ କରି ସୁଖୀ ହୁଅ । କେହି ଯେପରି ତୁମର ଶତ୍ରୁମିତ୍ର ନ ରହେ, ତୁମେ ଏକାକୀ ବାସକର । ଏହି ଭାବରେ ଭଗବାନଙ୍କର ନାମ ପ୍ରଚାର କରୁ କରୁ ଶତ୍ରୁମିତ୍ରରେ ସମଦୃଷ୍ଟିସମ୍ପନ୍ନ ହୋଇ, ସୁଖଦୁଃଖର ଅତୀତ ହୋଇ, ବାସନା-ଈର୍ଷା ତ୍ୟାଗ କରି, କୌଣସି ପ୍ରାଣୀକୁ ହିଂସା ନ କରି, କୌଣସି ପ୍ରାଣୀର କୌଣସି ପ୍ରକାର ଅନିଷ୍ଟ ବା ଉଦ୍‌ବେଗର କାରଣ ନ ହୋଇ, ଆମେମାନେ ପାହାଡ଼େ ପାହାଡ଼େ, ଗ୍ରାମେ ଗ୍ରାମେ ଭ୍ରମଣ କରିବୁଲିବୁ ।'

'ଧନୀ-ଦରିଦ୍ର, ଉଚ୍ଚ-ନୀଚ, କାହାଠାରୁ ମଧ୍ୟ କିଛି ସାହାଯ୍ୟ ଲୋଡ଼ ନାହିଁ—କୌଣସି ଜିନିଷର ଆକାଙ୍‌କ୍ଷା ରଖ ନାହିଁ । ଏହି ଯେଉଁସବୁ ଦୃଶ୍ୟ ଗୋଟିକ ପରେ ଗୋଟିଏ ଦୃଷ୍ଟିପଥରୁ ଅନ୍ତର୍ହିତ ହୋଇଯାଉଛି, ସେସବୁକୁ ସାକ୍ଷୀ ଭଳି ଦର୍ଶନ କର—ସେସବୁ ଚାଲିଯାଉ ।'

ହୁଏତ ଏ ଦେଶକୁ ମୋତେ ଟାଣି ଆଣିବା ଲାଗି ସେସବୁ ଭାବ-ଉନ୍ମତ୍ତ ବାସନାର ପ୍ରୟୋଜନ ଥିଲା । ଆଉ ଏହି ଅଭିଜ୍ଞତା ଲାଭ କରିବା ପାଇଁ ମୁଁ ପ୍ରଭୁଙ୍କୁ ଧନ୍ୟବାଦ ଦେଉଛି ।

ମୁଁ ଏଠାରେ ବେଶ୍ ସୁଖରେ ଅଛି । ମୁଁ ଓ ମି. ଲାଣ୍ଡ୍‌ସବର୍ଗ ମିଶି କିଛି ଭାତ ଡାଲି ବା ଯବ ରନ୍ଧାରନ୍ଧି କରିଦେଉଁ—ଚୁପ୍‌ଚାପ୍ ଖାଉ ଏବଂ ତା' ପରେ ହୁଏତ କିଛି ଲେଖାଲେଖି ବା ପଢ଼ାପଢ଼ି କରୁଁ, କିମ୍ବା ଉପଦେଶପ୍ରାର୍ଥୀ ଗରିବ ଲୋକ କେହି ଦେଖା କରିବାକୁ ଆସିଲେ, ତା' ସହିତ କଥାବାର୍ତ୍ତା କରୁ । ଆଉ ଏହିପରି ଭାବରେ ରହି ବୋଧ ହେଉଛି, ଯେପରି ମୁଁ ବେଶ୍ ସନ୍ନ୍ୟାସୀ ଭଳି ଜୀବନଯାପନ କରୁଛି—ଆମେରିକାକୁ ଆସିବାଠାରୁ ଏପର୍ଯ୍ୟନ୍ତ ଏପରି ଅନୁଭବ କରି ନ ଥିଲି ।

'ଧନ ଥିଲେ ଦାରିଦ୍ର୍ୟର ଭୟ ରହିଛି, ଜ୍ଞାନରେ ଅଜ୍ଞାନର ଭୟ, ରୂପରେ ବାର୍ଦ୍ଧକ୍ୟର

ଭୟ, ଯଶରେ ନିନ୍ଦୁକର ଭୟ, ଅଭ୍ୟୁଦୟରେ ଈର୍ଷାର ଭୟ, ଏପରିକି ଦେହରେ ମୃତ୍ୟୁର ଭୟ ରହିଛି । ଏହି ଜଗତର ସବୁ କିଛି ଭୟଯୁକ୍ତ, ସେ ହିଁ କେବଳ ନିର୍ଭୀକ, ଯେ ସର୍ବସ୍ୱ ତ୍ୟାଗ କରିଛନ୍ତି ।'[୧]

ମୁଁ ସେଦିନ ମିସ୍ କାର୍ବିନ୍‌ଙ୍କ ସହିତ ଦେଖା କରିବାକୁ ଯାଇଥିଲି । ମିସ୍ ଫାର୍ମର ଓ ମିସ୍ ଥାର୍ସବି ମଧ୍ୟ ସେଠାରେ ଥିଲେ । ଅଧଘଣ୍ଟା ଧରି ବେଶ୍ ଆନନ୍ଦରେ କଟିଲା । ମିସ୍ କାର୍ବିନ୍‌ଙ୍କର ଇଚ୍ଛା—ଆଗାମୀ ରବିବାରଠାରୁ ତାଙ୍କ ଘରେ କୌଣସି ପ୍ରକାରେ କ୍ଲାସ୍ ଖୋଲିବି ।

ବର୍ତ୍ତମାନ ମୁଁ ଆଉ ଏସବୁ ପାଇଁ ବ୍ୟସ୍ତ ନୁହେଁ । ଆପେ ଆପେ ଯଦି ଆସିଯାଏ, ତା'ହେଲେ ସେଥିରେ ପ୍ରଭୁଙ୍କର ହିଁ ଜୟଜୟକାର—ଆଉ ଯଦି ନ ଆସେ, ତା'ହେଲେ ପ୍ରଭୁଙ୍କର ଆହୁରି ଜୟଜୟକାର ।

ପୁନଶ୍ଚ ମୋର ଅପାର କୃତଜ୍ଞତା ଗ୍ରହଣ କରନ୍ତୁ ।

ଆପଣଙ୍କର ଅନୁଗତ ସନ୍ତାନ, ବିବେକାନନ୍ଦ

୧୭୪ଇଂ (ଇସାବେଲ୍ ମ୍ୟାକ୍‌କିଣ୍ଡଲିଙ୍କୁ ଲିଖିତ)

54 West, 33rd St., ନ୍ୟୁୟର୍କ, ୨୫ ଫେବୃଆରି ୧୮୯୫

ପ୍ରିୟ ଭଗିନି,

ତୁମେ ରୋଗରେ ପଡ଼ିଥିଲ ଜାଣି ମୁଁ ଦୁଃଖିତ । ତୁମକୁ ଗୋଟିଏ ଚିକିତ୍ସା[୨] ବତାଇ ଦେଉଛି, ଯଦିଚ ତୁମର ସ୍ୱୀକୃତି ମୋ ମନର ଅଧେ ବଳ ହରଣ କରିନେଇଛି । ତୁମେ ଯେ ଏଥିରୁ ବାହାରି ଆସିପାରିଛ, ତାହା ଭଲ ହୋଇଛି । ଯାହାର ଶେଷ ଭଲ, ତା'ର ସବୁ ଭଲ ।

ବହିଗୁଡ଼ିକ ବେଶ୍ ଭଲ ଅବସ୍ଥାରେ ଆସି ପହଞ୍ଚିଛି ଏବଂ ସେଗୁଡ଼ିକ ପାଇଁ ଅନେକ ଧନ୍ୟବାଦ ।

ତୁମମାନଙ୍କର ସଦା ସ୍ନେହବଦ୍ଧ ଭ୍ରାତା, ବିବେକାନନ୍ଦ

୧୭୫ଇଂ

19 W. St., 38, ନ୍ୟୁୟର୍କ, ୧୮୯୫

ପ୍ରିୟ ଆଲସିଙ୍ଗା,

...ତଥାକଥିତ ସମାଜ-ସଂସ୍କାର ନେଇ ଘଣ୍ଟାଘଣ୍ଟି କର ନାହିଁ । କାରଣ ମୂଳରୁ ଆଧ୍ୟାତ୍ମିକ ସଂସ୍କାର ନ ହେଲେ କୌଣସି ପ୍ରକାର ସଂସ୍କାର ହୋଇପାରେ ନାହିଁ । ... ପ୍ରଭୁଙ୍କ

---

[୧] ଭୋଗେ ରୋଗଭୟଂ କୁଲେ ଚ୍ୟୁତିଭୟଂ ବିତ୍ତେ ନୃପାଲାଦ୍ଭୟଂ
ମାନେ ଦୈନ୍ୟଭୟଂ ବଲେ ରିପୁଭୟଂ ରୂପେ ଜରାୟା ଭୟମ୍ ।
ଶାସ୍ତ୍ରେ ବାଦଭୟଂ ଗୁଣେ ଖଲଭୟଂ କାୟେ କୃତାନ୍ତାଦ୍ଭୟଂ
ସର୍ବଂ ବସ୍ତୁ ଭୟାନ୍ୱିତଂ ଭୁବି ନୃଣାଂ ବୈରାଗ୍ୟମେବାଭୟମ୍ ॥ —ବୈରାଗ୍ୟଶତକମ୍

[୨] ସ୍ୱାମୀଜୀ ହେଲ୍ ଭଗ୍ନୀଗଣଙ୍କୁ ତାଙ୍କର 'ଖ୍ରୀଷ୍ଟିଆନ ସାଇନ୍ସ' ପାଠ ଓ ଅଭ୍ୟାସ ନେଇ

କଥା ପ୍ରଚାର କରିଯାଅ, ସାମାଜିକ କୁସଂସ୍କାର ଏବଂ ଭୁଲ୍ ଭ୍ରାନ୍ତି ସମ୍ବନ୍ଧରେ ଭଲମନ୍ଦ କିଛି କହ ନାହିଁ । ହତାଶ ହୁଅ ନାହିଁ, ଗୁରୁଙ୍କ ଉପରୁ ବିଶ୍ୱାସ ହରାଅ ନାହିଁ, ଭଗବାନଙ୍କ ଉପରୁ ବିଶ୍ୱାସ ହରାଅ ନାହିଁ—ହେ ବତ୍ସ, ଯେପର୍ଯ୍ୟନ୍ତ ତୁମର ଏହି ତିନି ଗୁଣ ରହିଛି, କିଛି ହିଁ ତୁମର ଅନିଷ୍ଟ କରିପାରିବ ନାହିଁ । ମୁଁ ଦିନକୁ ଦିନ ସବଳ ହୋଇ ଉଠୁଛି । ହେ ସାହସୀ ବାଳକବୃନ୍ଦ, କର୍ମ କରିଯାଅ ।

ସାଶୀର୍ବାଦ, ବିବେକାନନ୍ଦ

ଆମେରିକା, ୬ ମାର୍ଚ୍ଚ ୧୮୯୫

୨୭୭ ଇଂ

ପ୍ରିୟ ଆଲସିଙ୍ଗା,

ମୁଁ ଦୀର୍ଘକାଳ ନୀରବ ରହିଥିବା ଯୋଗୁ ତୁମେ ହୁଏତ କେତେ କଅଣ ଭାବୁଥିବ । କିନ୍ତୁ ହେ ବତ୍ସ ! ମୋର ବିଶେଷ କିଛି ଲେଖିବାର ନ ଥିଲା; ଖବର ମଧ୍ୟରେ ସେହି ପୁରୁଣା କଥା—କେବଳ କାମ, କାମ, କାମ ।

ତୁମେ ଲଣ୍ଡ୍ ସ୍ବର୍ଗ ଓ ଡାକ୍ତର ଡେଙ୍କ୍ସ ଯେଉଁ ପତ୍ର ଲେଖିଛ, ସେ ଦୁଇଟି ମୁଁ ଦେଖିଛି—ସୁନ୍ଦର ଲେଖା ହୋଇଛି । ମୁଁ ଯେ ବର୍ତ୍ତମାନ କୌଣସିମତେ ଭାରତକୁ ଫେରି ଯାଇପାରିବ, ତାହା ତ ମନେ ହେଉ ନାହିଁ । ମୁହୂର୍ତ୍ତିକ ପାଇଁ ମଧ୍ୟ ଭାବ ନାହିଁ ଯେ, ୟାଙ୍କିମାନେ ଧର୍ମକୁ କାର୍ଯ୍ୟରେ ପରିଣତ କରିବା ଲାଗି ଅଣୁମାତ୍ର ମଧ୍ୟ ଚେଷ୍ଟା କରନ୍ତି । ଏ ବିଷୟରେ କେବଳ ହିନ୍ଦୁମାନଙ୍କର ହିଁ ବଚନ ଓ ଆଚରଣର ସାମଞ୍ଜସ୍ୟ ରହିଛି । ୟାଙ୍କିମାନେ ଟଙ୍କା ରୋଜଗାର କରିବାରେ ଖୁବ୍ ପାରଙ୍ଗମ; ସୁତରାଂ ମୁଁ ଏଠାରୁ ଚାଲିଯିବା ମାତ୍ରେ ଏଠାରେ ଯେଉଁ ଟିକିକ ଧର୍ମଭାବ ଜାଗ୍ରତ ହୋଇଛି, ତାହା ସମସ୍ତ ହିଁ ଉଡ଼ିଯିବ । ତେଣୁ ଚାଲିଯିବା ପୂର୍ବରୁ ଏଠା କାର୍ଯ୍ୟର ମୂଳଦୁଆ ପକ୍କା କରି ଯିବାକୁ ଚାହେଁ । ସବୁ କାମ ଅଧାଅଧି ନ ରଖି ସମ୍ପୂର୍ଣ୍ଣ କରିବା ଉଚିତ୍ ।

ମୁଁ '—' ଆୟାରଙ୍କୁ ଖଣ୍ଡିଏ ପତ୍ର ଲେଖିଥିଲି; ସେଥିରେ ଯାହା ଲେଖିଥିଲି, ତୁମେ ସେସବୁ ବିଷୟରେ କଅଣ କହୁଛ ?

ରାମକୃଷ୍ଣଙ୍କ ନାମ ପ୍ରଚାର କରିବାକୁ ଜିଦ୍ କର ନାହିଁ । ଆଗେ ତାଙ୍କର ଭାବ ପ୍ରଚାର କର—ସେହି ଭାବ ଗ୍ରହଣ କରିବା ପରେ ଲୋକେ ଭାବର ସ୍ରଷ୍ଟାଙ୍କୁ ମାନିବେ—ଯଦିଚ ମୁଁ ଜାଣେ ଯେ, ଜଗତ ଚିରକାଳ ହିଁ ପ୍ରଥମେ ବ୍ୟକ୍ତିଙ୍କୁ ମାନେ, ତା'ପରେ ତାଙ୍କର ଭାବ ଗ୍ରହଣ କରିଥାଏ । କିଡି ଗୁଣ୍ଡ଼ି ଦେଇଛି; ବେଶ୍ ତ, ସେ ଥରେ ସବୁଥିରୁ ଚାଖି ଚାଖି ଦେଖୁ, ସେ ଯାହା ଖୁସି ତାହା ପ୍ରଚାର କରୁ, କେବଳ ମତାନ୍ଧତାରେ ଅନ୍ୟର ଭାବଧାରା ଉପରେ ଯେପରି ଆକ୍ରମଣ ନ କରେ । ତୁମେ ସେଠାରେ ତୁମର ନିଜର କ୍ଷୁଦ୍ର ଶକ୍ତିରେ ଯେତିକି ପାରିବ ସେତିକି କରିବାକୁ ଚେଷ୍ଟା କର, ମୁଁ ମଧ୍ୟ ଏଠାରେ ଗୋଟାଏ ଅତି ସାମାନ୍ୟ କାମ

---

ମୃଦୁ କଟାକ୍ଷ କରି ମଜା କରୁଥିଲେ । ଖ୍ରୀଷ୍ଟିଆନ୍ ସାଇଣ୍ଟିଷ୍ଟମାନେ ରୋଗକୁ ଆଦୌ ସ୍ୱୀକାର ନ କରିବାର ଅଭ୍ୟାସ କରିଥାଆନ୍ତି ।

କରିବାକୁ ଚେଷ୍ଟା କରୁଛୁ । କେଉଁଥିରେ ଭଲ ହେବ, ତାହା ପ୍ରଭୁ ହିଁ ଜାଣନ୍ତି । ମୁଁ ତୁମକୁ ଯେଉଁ ବହିଗୁଡ଼ିକର କଥା ଲେଖିଥିଲି, ସେସବୁ ପଠାଇ ଦେଇପାରିବ ? ପ୍ରଥମରୁ ହିଁ ବଡ଼ ବଡ଼ ମତଲବ ନେଇ ଲାଗ ନାହିଁ, ଧୀରେ ଧୀରେ ଆରମ୍ଭ କର । ଯେଉଁ ମାଟିରେ ଠିଆ ହୋଇଛ, ତାହା କେତେ ଟାଣ ତାହା ବୁଝି କ୍ରମେ ଅଗ୍ରସର ହୁଅ, କ୍ରମେ ଉପରକୁ ଉଠିବାକୁ ଚେଷ୍ଟା କର ।···

ହେ ସାହସୀ ବାଳକଗଣ ! କର୍ମ କରି ଯାଅ—ଆମେ ଦିନେ ନା ଦିନେ ନିଶ୍ଚୟ ଆଲୋକ ଦେଖିପାରିବା ।

ଜି. ଜି., କିଡି, ଡାକ୍ତର ଏବଂ ଅନ୍ୟାନ୍ୟ ବୀର-ହୃଦୟ ମାନ୍ଦ୍ରାଜୀ ଯୁବକବୃନ୍ଦଙ୍କୁ ମୋର ବିଶେଷ ପ୍ରୀତି ଜଣାଇବ ।

ସଦାଆଶୀର୍ବାଦକ, ବିବେକାନନ୍ଦ

ପୁ:—ଯଦି ସୁବିଧା ହୁଏ, କେତେଗୋଟି କ୍ଷୁଣ-ଆସନ ପଠାଇବ ।

ପୁ:—ଯଦି ଲୋକେ ପସନ୍ଦ ନ କରୁଛନ୍ତି ତାହେଲେ ସମିତିର 'ପ୍ରବୁଦ୍ଧ ଭାରତ' ନାମଟା ବଦଳାଇ ଯାହା ଖୁସି ତାହା କରି ଦେଉନାହଁ କାହିଁକି ?

ସମସ୍ତଙ୍କ ସଙ୍ଗେ ମିଳାମିଶା କରି ଶାନ୍ତିରେ ରହିବାକୁ ପଡ଼ିବ—ଲଣ୍ଡନ୍‌ବର୍ଗଙ୍କ ସହିତ ଚିଠିପତ୍ର ଆଦାନପ୍ରଦାନ କର । ଏହିପରି ଭାବରେ କାମଟା ଧୀରେ ଧୀରେ ବଢ଼ୁଥାଉ । ରୋମ୍ ନଗରୀ ଦିନକରେ ନିର୍ମିତ ହୋଇ ନାହିଁ । ମହୀଶୂର ମହାରାଜାଙ୍କର ଦେହତ୍ୟାଗ ହେଲା—ସେ ଆମର ଅନ୍ୟତମ ବିଶେଷ ଆଶାର ସ୍ଥଳ ଥିଲେ । ଯାହା ହେଉ, ପ୍ରଭୁ ହିଁ ମହାନ୍—ସେ ଅପରାପର ବ୍ୟକ୍ତିଙ୍କୁ ଆମର ମହତ୍ତ୍ଵ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ପଠାଇବେ ।ଇତି ବି.

୧୭୭ ଇଂ

54W., 33rd St., ନ୍ୟୁୟର୍କ
୨୧ ମାର୍ଚ୍ଚ ୧୮୯୫

ପ୍ରିୟ ମିସେସ୍ ବୁଲ୍,

ଯଥାସମୟରେ ମୁଁ ଆପଣଙ୍କ କୃପାଲିପି ପାଇଲି ଏବଂ ସେଥିରୁ ଆପଣଙ୍କର ଏବଂ ମିସ୍ ଆର୍ଥିର ଓ ମିସେସ୍ ଏଡାମସ୍‌ଙ୍କର ଖବରଖବର ପାଇ ବିଶେଷ ସୁଖୀ ହେଲି ।

ଆପଣଙ୍କ ସହିତ ମିସେସ୍ ଓ ମିସ୍ ହେଲ୍‌ଙ୍କର ସାକ୍ଷାତ୍ ହୋଇଛି ଶୁଣି ଖୁବ୍ ଆନନ୍ଦିତ; ଚିକାଗୋରେ ମୋର ଯେଉଁ କେତେଜଣ ବିଶିଷ୍ଟ ବନ୍ଧୁ ଅଛନ୍ତି, ତାଙ୍କ ମଧ୍ୟରେ ସେମାନେ ଅନ୍ୟତମ ।

ରମାବାଈଙ୍କ ଦଳ ମୋ ବିରୋଧରେ ଯେଉଁସବୁ ନିନ୍ଦା ପ୍ରଚାର କରୁଛନ୍ତି, ତାହା ମୁଁ ଶୁଣି ଆଶ୍ଚର୍ଯ୍ୟ ହେଲି । ମିସେସ୍ ବୁଲ୍ ! ଆପଣ କଅଣ ଦେଖିପାରୁ ନାହାନ୍ତି ଯେ, କୌଣସି ବ୍ୟକ୍ତି ଯେଉଁ ଭାବରେ ଚଳୁ ନା କାହିଁକି, ଏପରି କେତେକ ଲୋକ ଚିରଦିନ ରହିବେ, ଯେଉଁମାନେ କି ତା' ସମ୍ପର୍କରେ ଘୋରତର ମିଥ୍ୟା ରଚନା କରି ପ୍ରଚାର କରିବେ ହିଁ କରିବେ । ଚିକାଗୋରେ ତ ଏଭଳି ମୋ ବିରୋଧରେ ପ୍ରତିଦିନ କିଛି ନା କିଛି ଗୋଟାଏ ଲାଗି ରହିଥିଲା ।···

ମୋ ଘରର ତଳ ମହଲରେ ଅର୍ଥ ବିନିମୟରେ କେତୋଟି ବକ୍ତୃତା ଦେବା ଲାଗି ସ୍ଥିର କରିଛୁ—ସେ ବକ୍ତୃତାଟିରେ ପ୍ରାପ୍ତ ଶହେଜଣଙ୍କ ପାଇଁ ଜାଗା ହୋଇପାରିବ—ଏଥିରୁ ଖର୍ଚ୍ଚ ଉଠିଯିବ । ଭାରତବର୍ଷକୁ ଟଙ୍କା ପଠାଇବା ପାଇଁ ମୁଁ ବିଶେଷ ବ୍ୟସ୍ତ ନୁହେଁ, ସେଥିପାଇଁ ଅପେକ୍ଷା କରିବି ।

ମିସ୍ ଫାର୍ମର୍ କ'ଣ ଆପଣଙ୍କ ସହିତ ଅଛନ୍ତି ? ମିସେସ୍ ପିକ୍ ଚିକାଗୋରେ ଅଛନ୍ତି କି ? ଆପଣଙ୍କ ସହିତ ଯୋସେଫାଇନ୍ ଲକ୍‌ଙ୍କର ଦେଖାହୋଇଛି କି ?

ମିସ୍ ହ୍ୟାମ୍‌ଲିନ୍ ମୋ ପ୍ରତି ଖୁବ୍ ଦୟା ପ୍ରଦର୍ଶନ କରୁଛନ୍ତି, ସେ ମୋତେ ଯଥାସାଧ୍ୟ ସାହାଯ୍ୟ କରୁଛନ୍ତି ।

ମୋର ଗୁରୁଦେବ କହୁଥିଲେ, ହିନ୍ଦୁ, ଖ୍ରୀଷ୍ଟାନ୍ ପ୍ରଭୃତି ବିଭିନ୍ନ ନାମ—ମନୁଷ୍ୟ ମନୁଷ୍ୟ ମଧ୍ୟରେ ପରସ୍ପର ଭ୍ରାତୃଭାବର ବିଶେଷ ପ୍ରତିବନ୍ଧକ ରୂପେ ଦେଖାଦିଏ । ସେସବୁକୁ ପ୍ରଥମେ ଭାଙ୍ଗିଦେବା ପାଇଁ ଆମମାନଙ୍କୁ ଚେଷ୍ଟା କରିବାକୁ ପଡ଼ିବ । ସେଗୁଡ଼ିକ ନିଜ ନିଜର ଶୁଭକାରଣୀ ଶକ୍ତି ହରାଇ ବସିଛନ୍ତି—ବର୍ତ୍ତମାନ ସେଗୁଡ଼ିକ କେବଳ ଅଶୁଭ ପ୍ରଭାବ ବିସ୍ତାର କରୁଛନ୍ତି । ସେମାନଙ୍କର କୁହୁକରେ ପଡ଼ି ଆମ ମଧ୍ୟରେ ଯେଉଁମାନେ ଶ୍ରେଷ୍ଠ, ସେମାନେ ମଧ୍ୟ ଅସୁରପରି ବ୍ୟବହାର କରିଥାନ୍ତି । ବର୍ତ୍ତମାନ ଆମମାନଙ୍କୁ ସେଗୁଡ଼ିକ ଭାଙ୍ଗିବା ଲାଗି କଠୋର ଚେଷ୍ଟା କରିବାକୁ ପଡ଼ିବ ଏବଂ ଆମେମାନେ ଏ ବିଷୟରେ ନିଶ୍ଚିତ କୃତକାର୍ଯ୍ୟ ହେବା ।

ସେଥିପାଇଁ ଗୋଟିଏ କେନ୍ଦ୍ର ସ୍ଥାପନ କରିବାକୁ ମୋର ଏତେ ଆଗ୍ରହ । ସଂଘର ଅନେକ ଦୋଷ ରହିଛି ସନ୍ଦେହ ନାହିଁ, କିନ୍ତୁ ତା' ବ୍ୟତୀତ କିଛି ହେବାର ମଧ୍ୟ ସମ୍ଭାବନା ନାହିଁ । ଏହିଠାରେ ହିଁ ମୋର ଆଶଙ୍କା, ଆପଣଙ୍କ ସହିତ ମତଭେଦ ହେବ । ସେହି ବିଷୟଟି ଏହି ଯେ, ଜଣେ ସମାଜକୁ ମଧ୍ୟ ସନ୍ତୁଷ୍ଟ କରିବ ଅଥଚ ବଡ଼ ବଡ଼ କାମ କରିବ—ଏହା ହୋଇ ନ ପାରେ ।

ଅନ୍ତରରୁ ଯେଉଁ ପ୍ରକାର ପ୍ରେରଣା ଆସେ, ସେହି ଭାବରେ କାର୍ଯ୍ୟ କରିଯିବା ଉଚିତ, ଆଉ ସେ କାର୍ଯ୍ୟଟି ଯଦି ଯଥାର୍ଥ ଓ ଉତ୍ତମ କାର୍ଯ୍ୟ ହୁଏ, ତା'ହେଲେ ହୁଏତ ମରିଯିବାର ଶତ ଶତ ଶତାବ୍ଦୀ ପରେ ମଧ୍ୟ ସମାଜକୁ ନିଶ୍ଚୟ ତାଙ୍କ ଆଡ଼କୁ ଫେରି ଆସିବାକୁ ପଡ଼ିବ । ଆମମାନଙ୍କୁ ଦେହ-ମନ-ପ୍ରାଣ ଲଗାଇ ସର୍ବାନ୍ତଃକରଣରେ କାମରେ ଲାଗିଯିବାକୁ ପଡ଼ିବ । ଗୋଟିଏ ଭାବ ପାଇଁ ଯେତେ ଦିନ ପର୍ଯ୍ୟନ୍ତ ଆମେମାନେ ଅନ୍ୟ ସମସ୍ତ କିଛି ତ୍ୟାଗ କରିବାକୁ ପ୍ରସ୍ତୁତ ନ ହୋଇଛୁ, ସେତେଦିନ ଯାଏଁ ଆମେ କଦାପି ଆଲୋକର ସନ୍ଧାନ ପାଇବା ନାହିଁ ।

ଯେଉଁମାନେ ମାନବଜାତିକୁ କୌଣସି ପ୍ରକାରେ ସାହାଯ୍ୟ କରିବାକୁ ଚାହାଁନ୍ତି, ସେମାନଙ୍କୁ ସମସ୍ତ ସୁଖଦୁଃଖ, ନାମଯଶ ଓ ଯେତେପ୍ରକାର ସ୍ୱାର୍ଥ ଅଛି, ସବୁଗୁଡ଼ିକୁ ପୁଟୁଳା ବାନ୍ଧି ସମୁଦ୍ରରେ ଫୋପାଡ଼ି ଦେବାକୁ ହେବ ଏବଂ ଭଗବାନଙ୍କ ନିକଟକୁ ଆସିବାକୁ ପଡ଼ିବ । ସବୁ ଆଚାର୍ଯ୍ୟଗଣ ଏ କଥା କହିଯାଇଛନ୍ତି ଓ କରିଯାଇଛନ୍ତି ।

ଗତ ଶନିବାର ଦିନ ମୁଁ ମିସ୍ କାର୍ବିନ୍‌ଙ୍କ ନିକଟକୁ ଯାଇଥିଲି, ଏବଂ ତାଙ୍କୁ କହି ଆସିଛି ଯେ, ଆଉ ତାଙ୍କର ସେଠାକୁ ଯାଇ କ୍ଲାସ୍ କରିପାରିବି ନାହିଁ । ଜଗତର ଇତିହାସରେ କଅଣ କେବେ ଏପରି ଦେଖାଯାଇଛି ଯେ, ଧନୀମାନଙ୍କ ଦ୍ୱାରା କୌଣସି ବଡ଼ କାର୍ଯ୍ୟ ହୋଇଛି ? ଚିରକାଳ ହୃଦୟ ଓ ମସ୍ତିଷ୍କ ଦ୍ୱାରାହିଁ ଯାହା କିଛି ବଡ଼ କାର୍ଯ୍ୟ ହୋଇ ଆସିଛି —ଟଙ୍କା ଦ୍ୱାରା ନୁହେଁ । ମୁଁ ମୋର ଭାବ ଓ ଜୀବନ ସବୁକିଛି ଉତ୍ସର୍ଗ କରିଛି; ଭଗବାନ ମୋର ସହାୟ, ମୁଁ ଅନ୍ୟ କାହାର ସାହାଯ୍ୟ ଚାହେଁ ନାହିଁ । ଏହା ହିଁ ସିଦ୍ଧିର ଏକମାତ୍ର ରହସ୍ୟ—ଏ ବିଷୟରେ ଆପଣ ନିଶ୍ଚୟ ମୋ ସହିତ ଏକମତ ହେବେ ।

ଆପଣଙ୍କର ଚିରକୃତଜ୍ଞ ଓ ସ୍ନେହାଧୀନ ସନ୍ତାନ, ବିବେକାନନ୍ଦ

ପୁ:—ମିସ୍ ଫାର୍ମର୍ ଓ ମିସେସ୍ ଆଡାମସ୍‌ଙ୍କୁ ମୋର ସ୍ନେହ ଜଣାଇବେ । ବି.

୧୭୮ଇଂ (ଇଶାବେଲ୍ ମ୍ୟାକ୍‌କିଣ୍ଡଲିଙ୍କୁ ଲିଖିତ)

54 W. 33. St., N. Y., ୨୭ ମାର୍ଚ୍ଚ ୧୮୯୫

ପ୍ରିୟ ଭଗିନି,

ତୁମ ଚିଠିଟି ପାଇ ଏତେ ଆନନ୍ଦିତ ହୋଇଛି ଯେ, ତାହା ପ୍ରକାଶ କରି ହେବ ନାହିଁ । ମୁଁ ଅନାୟାସରେ ଚିଠିଟି ମୂଳରୁ ଶେଷ ପର୍ଯ୍ୟନ୍ତ ପଢ଼ିପାରିଛି । ଅବଶେଷରେ କମଳାରଙ୍ଗ ଚିହ୍ନିତ ସେହି ରଙ୍ଗର ଗୋଟିଏ ଜାମା ପାଇଛି; କିନ୍ତୁ ଗରମ ଦିନରେ ବ୍ୟବହାର-ଉପଯୋଗୀ କୌଣସି ଜାମା ଏପର୍ଯ୍ୟନ୍ତ ପାଇ ନାହିଁ । ଯଦି ପାଅ, ମୋତେ ଜଣାଇବ । ଏଠାରେ ନିୟୁୟର୍କରେ ତିଆରି କରି ନେବି । ତୁମର ସେହି ଅଦ୍ଭୁତ ଡିଅର୍‌ବର୍ଣ୍ଣ ଆଭେନ୍ୟୁର ଅଯୋଗ୍ୟ ଦରଜି ସାଧୁସନ୍ନ୍ୟାସୀଙ୍କର ଜାମା ମଧ୍ୟ ତିଆରି କରି ଜାଣନ୍ତି ନାହିଁ ।

ଭଗିନୀ ଲକ୍ ଲମ୍ବା ଚିଠିଟିଏ ଲେଖିଛି ଏବଂ ତୁରନ୍ତ ଉତ୍ତର ଦେବାରେ ଡେରି ଦେଖି ଆଶ୍ଚର୍ଯ୍ୟ ହୋଇଛି । ଉତ୍ସାହରେ ସେ ଅଭିଭୂତ ହୋଇଯାଏ; ତେଣୁ ମୁଁ ଅପେକ୍ଷା କରୁଛି ଏବଂ କଅଣ ଲେଖିବି ଜାଣେ ନାହିଁ । ଅନୁଗ୍ରହ କରି ତାକୁ କହିବ—ଏବେ କୌଣସି ସ୍ଥାନ ନିର୍ଦ୍ଧାରଣ କରିବା ମୋ ପକ୍ଷରେ ସମ୍ଭବ ନୁହେଁ । ମିସେସ୍ ପୀକ୍ ସଦାଶୟା ମହାୟସୀ ଓ ଅତ୍ୟନ୍ତ ଧର୍ମଶୀଳା ହେଲେ ମଧ୍ୟ ବୈଷୟିକ ବ୍ୟାପାରରେ ମୋ ଭଳି ବୁଦ୍ଧିମାନ, ତେବେ ମୁଁ ଦିନକୁ ଦିନ ବୁଦ୍ଧିମାନ ହେଉଛି । ଓ୍ୱାଶିଂଟନ୍‌ରେ ମିସେସ୍ ପୀକ୍‌ଙ୍କର ପରିଚିତ କେହି ଜଣେ ତାଙ୍କୁ ଗ୍ରୀଷ୍ମାବକାଶ ଲାଗି ଗୋଟିଏ ଜାଗା ଦେବାକୁ ପ୍ରସ୍ତାବ କରିଛନ୍ତି ।

ସେ ପ୍ରତାରିତ ହେବେ କି ନାହିଁ, କିଏ ଜାଣେ ? ପ୍ରତାରଣାର ଏ ଗୋଟିଏ ଅଦ୍ଭୁତ ଦେଶ; ଅନ୍ୟଠାରୁ ସୁବିଧା ଉଠାଇବାର କୌଣସି ନା କୌଣସି ଗୁପ୍ତ ଅଭିସନ୍ଧି ରହିଛି ଶତକଡ଼ା ଅନେଶିତ ଜଣଙ୍କର । ଯଦି କେହି କେବଳ ମୁହୂର୍ତ୍ତିକ ପାଇଁ ଟିକିଏ ଆଖି ବନ୍ଦ କରେ, ତେବେ ତା'ର ସର୍ବନାଶ ! ଭଗିନୀ ଜୋସେଫାଇନ୍ ଅଗ୍ନିଶର୍ମା । ମିସେସ୍ ପୀକ୍ ସାଧା-ସିଧା ଭଲ ମହିଳା ! ଏଠାକାର ଲୋକମାନେ ମୋ ସଙ୍ଗରେ ଏପରି ବ୍ୟବହାର କରିଛନ୍ତି ଯେ, କିଛି କରିବା ଆଗରୁ ମୋତେ କେତେ ଘଣ୍ଟା ଚାରିଆଡ଼କୁ ଚାହିଁବାକୁ ପଡ଼େ । ସବୁ ଠିକ୍ ହୋଇଯିବ । ଭଗିନୀ ଜୋସେଫାଇନ୍‌ଙ୍କୁ ଟିକିଏ ଧୈର୍ଯ୍ୟ ଧରିବାକୁ କୁହ । ଜଣେ ବୃଦ୍ଧାଙ୍କର

ସଂସାର ଚଳାଇବାଠାରୁ ପ୍ରତିଦିନ କିଣ୍ଡରଗାର୍ଟେନ୍ ତୁମକୁ ନିଶ୍ଚୟ ଆହୁରି ବେଶୀ ଭଲ ଲାଗୁଥିବ । ମିସେସ୍ ବୁଲ୍‌ଙ୍କୁ ଦେଖିଛ, ତାଙ୍କୁ ଏତେ ନିରୀହ ଓ ଶାନ୍ତ ଦେଖି ତୁମେ ନିଶ୍ଚୟ ବିସ୍ମିତ ହୋଇଥିବ । ମିସେସ୍ ଆଡାମ୍‌ସଙ୍କ ସହିତ ମଝିରେ ମଝିରେ ତୁମର ଦେଖାହୁଏ କି ? ତାଙ୍କ ଉପଦେଶରେ ମିସେସ୍ ବୁଲ୍ ଉପକୃତ ହୋଇଛନ୍ତି । ମୁଁ ମଧ୍ୟ କିଛି ଉପଦେଶ ଗ୍ରହଣ କରିଥିଲି, କିନ୍ତୁ କୌଣସି କାମରେ ଲାଗିଲା ନାହିଁ । ମିସେସ୍ ଆଡାମ୍‌ସ ଯେମିତି ଚାହାଁନ୍ତି, ସେଥିରେ ଆଗରେ ଥିବା କ୍ରମବର୍ଦ୍ଧମାନ ବୋଝ ଉଣା ହେବ ନାହିଁ । ଚାଲିବାବେଳେ ଯଦି ଆଗକୁ ନଇଁବାର ଚେଷ୍ଟା କରେ, ତାହାହେଲେ ଭାରକେନ୍ଦ୍ର ପାକସ୍ଥଳୀର ଉପରିଭାଗକୁ ଆସେ, ଫଳରେ ସାମ୍ନାରେ ମାଙ୍କଡ଼ଚାଲ୍ ମାରିବାକୁ ପଡ଼େ ।

କୋଟିପତି କେହି ଆସୁନାହାନ୍ତି, 'କେତେସହସ୍ର'-ପତି ମଧ୍ୟ ନୁହଁନ୍ତି ! ଦୁଃଖିତ, ଖୁବ୍ ଦୁଃଖିତ !!! କଅଣ କରିପାରିବି—ଯଥାସାଧ୍ୟ ଚେଷ୍ଟା କରୁଛି । ମୋ କାମଗୁଡ଼ିକ ମହିଳାମାନଙ୍କଦ୍ୱାରା ପୂର୍ଣ୍ଣ ।... ବେଶ୍ ଧୈର୍ଯ୍ୟ ଧର । ମୁଁ ଆଖି ଖୋଲି ରଖିବି, କେବେହେଲେ ସୁଯୋଗ ହରାଇବି ନାହିଁ । ତୁମେ ଯଦି କାହାକୁ ନ ପାଅ, ଅନ୍ତତଃ ମୋର ଅଳସୁଆମି ଯୋଗୁ ତାହା ନୁହେଁ ବୋଲି ଜାଣିବ ।

ସେହି ପୁରୁଣା ପଥରେ ହିଁ ଜୀବନ ଚାଲିଛି । କ୍ରମାଗତ ବକ୍ତୃତା ଓ ଧର୍ମପ୍ରସଙ୍ଗ କରି ଅନେକ ସମୟରେ ବିରକ୍ତି ଆସେ, ଦିନ ପରେ ଦିନ ଚୁପ୍ ହୋଇ ରହିବାକୁ ଇଚ୍ଛା ହୁଏ ।

ତୁମର ସ୍ୱପ୍ନ ଶୁଭ ହେଉ, କାରଣ ସୁଖୀ ହେବାର ଏହା ହିଁ ଏକମାତ୍ର ପଥ ।

ସତତ ତୁମର ସ୍ନେହର ଭାଇ, ବିବେକାନନ୍ଦ

ଆମେରିକା, ୪ ଅପ୍ରିଲ୍ ୧୮୯୫

୨୭୯ଇଂ

ପ୍ରିୟ ଆଲାସିଙ୍ଗା,

ଏହିକ୍ଷଣି ତୁମର ପତ୍ର ପାଇଲି । କୌଣସି ବ୍ୟକ୍ତି ମୋର ଅନିଷ୍ଟ କରିବାକୁ ଚେଷ୍ଟା କଲେ ମଧ୍ୟ ତୁମେ ସେଥିରେ ଡରିଯାଅ ନାହିଁ । ଯେତେଦିନ ଯାଏଁ ପ୍ରଭୁ ମୋତେ ରକ୍ଷା କରୁଥିବେ, ସେପର୍ଯ୍ୟନ୍ତ ମୁଁ ଅପରାଜେୟ । ଆମେରିକା ସମ୍ବନ୍ଧରେ ତୁମର ଧାରଣା ଖୁବ୍ ଅସ୍ପଷ୍ଟ । ମିସେସ୍ ହେଲ୍‌ଙ୍କ ଛଡ଼ା ରକ୍ଷଣଶୀଳ ଖ୍ରୀଷ୍ଟିଆନ୍‌ମାନଙ୍କ ସହିତ ମୋର କୌଣସି ସମ୍ବନ୍ଧ ନାହିଁ । ତେବେ ଏଠାରେ ଉଦାରସ୍ୱଭାବ ଓ ଚିନ୍ତା ମଧ୍ୟ ଯଥେଷ୍ଟ ରହିଛି । ମିଷ୍ଟର ଲଣ୍ଡ୍ ବା ଏହି ଶ୍ରେଣୀର ରକ୍ଷଣଶୀଳ ଲୋକେ ବିଭିନ୍ନ ପର୍ବପର୍ବାଣୀରେ ନିଜ ଖର୍ଚ୍ଚରେ ଉପସ୍ଥିତ ହୋଇ ଗୁଡ଼ାଏ ତାଆଁ ତେଇଁ, ନାଚକୁଦ କରନ୍ତି ଓ ତା'ପରେ ଘରକୁ ଫେରିଯାଆନ୍ତି । ଏ ଗୋଟାଏ ପ୍ରକାଣ୍ଡ ଦେଶ, ଅଧିକାଂଶ ବ୍ୟକ୍ତି ଧର୍ମର ଧାର ଧାରନ୍ତି ନାହିଁ । ଶତକଡ଼ା ୯୯.୯ ଜଣ ଲୋକ ଏହି ଧରଣର । ଏ ଦେଶରେ ଖ୍ରୀଷ୍ଟଧର୍ମ ରହିଛି କେବଳ ଜାତୀୟତାବୋଧକୁ ଅବଲମ୍ବନ କରି, ତାହାଛଡ଼ା ଆଉ କିଛି ନୁହେଁ ।

ପ୍ରିୟ ବନ୍ଧୁ ! ସାହସ ହରାଅ ନାହିଁ । ମୁଁ ଆପ୍ପାଭଙ୍କ ନିକଟକୁ ଗୋଟିଏ ପତ୍ର ଲେଖିଥିଲି, ତୁମମାନଙ୍କ ପତ୍ରରେ ତାହାର କୌଣସି ଉଲ୍ଲେଖ ନ ଦେଖି ମନେ ହେଉଛି,

ତୁମେମାନେ ସେ ସମ୍ବନ୍ଧରେ କିଛିମାତ୍ର ଜାଣ ନାହିଁ; ଆଉ ତୁମମାନଙ୍କ ନିକଟରୁ ମୁଁ ଯେଉଁ କେତେଗୁଡ଼ିଏ ବହି ମାଗିଥିଲି, ସେ ବିଷୟରେ ମଧ୍ୟ ତୁମେ କିଛି ଜଣାଇ ନାହିଁ । ଯଦି ତୁମେମାନେ ସବୁ ସମ୍ପ୍ରଦାୟର ଭାଷ୍ୟ ସହିତ ବେଦାନ୍ତସୂତ୍ର ମୋ ପାଖକୁ ପଠାଇପାରନ୍ତ, ଭଲ ହୁଅନ୍ତା । ସମ୍ଭବତଃ ସ୍ୱାମୀଜୀ ଏ ବିଷୟରେ ତୁମକୁ ସାହାଯ୍ୟ କରିପାରେ । ମୋ ପାଇଁ ବିନ୍ଦୁମାତ୍ର ଭୟ କର ନାହିଁ । ସେ ମୋର ହାତ ଧରି ରହିଛନ୍ତି । ଭାରତକୁ ଫେରିଯାଇ କ'ଣ ହେବ ? ଭାରତ ତ ମୋର ଭାବ-ରାଶି-ବିସ୍ତାରରେ ସାହାଯ୍ୟ କରିପାରିବ ନାହିଁ । ଏ ଦେଶ ମୋ ଭାବଧାରା ପ୍ରତି ଖୁବ୍ ଆକୃଷ୍ଟ ହେଉଛି । ମୁଁ ଯେତେବେଳେ ଆଦେଶ ପାଇବି, ସେତେବେଳେ ଯାଇ ଫେରିବି । ଏଥିମଧ୍ୟରେ ତୁମେ ସବୁ ଧୈର୍ଯ୍ୟର ସହିତ ଧୀରେ ଧୀରେ କାମ କରିଯାଅ । ଯଦି କେହି ମୋ ଉପରେ ଆକ୍ରମଣ କରି କଥା କହେ, ତା' ହେଲେ ସେ ଲୋକର ଅସ୍ତିତ୍ୱ ପର୍ଯ୍ୟନ୍ତ ଭୁଲିଯାଅ । ଯଦି କେହି ଭଲ ମନ୍ଦ କିଛି କହେ, ତେବେ ପାର ତ ତାହାକୁ ବ୍ୟକ୍ତିଗତ ଭାବରେ ଧନ୍ୟବାଦ ଦିଅ ଓ କର୍ମ କରିଯାଅ । ମୋର ଇଚ୍ଛା, ତୁମେମାନେ ଏପରି ଏକ ଶିକ୍ଷାଳୟ ସ୍ଥାପନ କର, ଯେଉଁଠାରେ ଛାତ୍ରମାନଙ୍କୁ ଭାଷ୍ୟସମେତ ବେଦବେଦାନ୍ତ ସବୁ ପଢ଼ାଯାଇପାରେ । ବର୍ତ୍ତମାନ ପାଇଁ ଏହି ଭାବରେ କାମ କରି ଚାଲ, ତା'ହେଲେ ବୋଧହୁଏ, ମାନ୍ଦ୍ରାଜୀମାନଙ୍କଠାରୁ ତୁମେ ଖୁବ୍ ବେଶୀ ସହାନୁଭୂତି ଏବେ ପାଇପାରିବ । ଏତିକି ଜାଣିରଖ ଯେ, ଯେଉଁ ମୁହୂର୍ତ୍ତରେ ତୁମେ ସାହସ ହରାଅ, ସେତେବେଳେ ତୁମେ ଯେ କେବଳ ନିଜର ଅନିଷ୍ଟ କରୁଛ, ତାହା ନୁହେଁ, କାମର ମଧ୍ୟ କ୍ଷତି କରୁଛ । ଅସୀମ ବିଶ୍ୱାସ ଓ ଧୈର୍ଯ୍ୟ ହିଁ କୃତକାର୍ଯ୍ୟ ହେବାର ଏକମାତ୍ର ଉପାୟ ।

ସଦା ଆଶୀର୍ବାଦକ, ବିବେକାନନ୍ଦ

ପୁଃ—ଜି. ଜି., ଡାକ୍ତର, କିଡି, ବାଲାଜି ଏବଂ ଅନ୍ୟାନ୍ୟ ସମସ୍ତଙ୍କୁ ଆନନ୍ଦ କରିବାକୁ କୁହ—ସେମାନେ ଯେପରି କାହାର ବାଜେ କଥା ଶୁଣି ମନକୁ ଚଞ୍ଚଳ ନ କରନ୍ତି । ତୁମେସବୁ ନିଜ ଆଦର୍ଶକୁ ଧରି ରହ ଏବଂ ଅନ୍ୟ କୌଣସି ବିଷୟ ପ୍ରତି ଦୃଷ୍ଟି ଦିଅ ନାହିଁ—ସତ୍ୟର ଜୟ ହେବ ହିଁ ହେବ । ସର୍ବୋପରି, ତୁମେ ଯେପରି ଅପରକୁ ତୁଳନା କରିବା କିମ୍ବା ତାଙ୍କ ଉପରେ ଶାସନ ଚଳାଇବା ଅଥବା ୟାଙ୍କିମାନଙ୍କ ଭାଷାରେ ଅନ୍ୟ ଉପରେ 'bossism' (ହାକିମି) କରିବା ଲାଗି ଚେଷ୍ଟା ନ କର; ସମସ୍ତଙ୍କର ଦାସ ହୁଅ । ବି. ।

୯୮୦ ଇଂ (ମିଃ ଫ୍ରାନ୍‌ସିସ୍ ଲେଗେଟ୍‌ଙ୍କୁ ଲିଖିତ)

୧୦ ଏପ୍ରିଲ ୧୮୯୫

ପ୍ରିୟ ବନ୍ଧୁ,

ଆପଣଙ୍କର ( ରିଜ୍‌ଲି ) ପଲ୍ଲୀଗୃହକୁ ହୃଦ୍ୟ ଆମନ୍ତ୍ରଣ ପାଇଁ କୃତଜ୍ଞତା ପ୍ରକାଶ କରିବା ଅସମ୍ଭବ । ମୁଁ ବର୍ତ୍ତମାନ ଟିକିଏ କାମ୍ ଭିତରେ ଜଡ଼ିତ ହୋଇ ପଡ଼ିଛି ଏବଂ ଦେଖୁଛି ଆସନ୍ତା କାଲି ମୋ ପକ୍ଷରେ ଯିବା ଅସମ୍ଭବ । ଆସନ୍ତା କାଲି (40 W. 9th Street -ରେ) ମିସ୍ ଆଣ୍ଡ୍ରୁଜ୍‌ଙ୍କ ଘରେ ମୋର ଗୋଟିଏ କ୍ଲାସ ଅଛି । ମିସ୍ ମ୍ୟାକ୍‌ଲାଉଡ୍ ମୋତେ କହିଥିଲେ ଯେ, ଏହି କାସଟି ସ୍ଥଗିତ ରଖିବା ସମ୍ଭବ, ସେଥିପାଇଁ କାଲି ମୁଁ ଆନନ୍ଦ

ସନ୍ଧ୍ୟାରେ ଆପଣଙ୍କ ସହିତ ଯୋଗ ଦେବା କଥା ଭାବିଥିଲି । କିନ୍ତୁ ବର୍ତ୍ତମାନ ଦେଖୁଛି ଯେ, ମିସ୍ ମ୍ୟାକ୍ଲାଉଡ୍ ଭୁଲ୍ କରିଛନ୍ତି । ମିସ୍ ଆଣ୍ଡ୍ରୁଜ୍ ମୋତେ କହିଯାଇଛନ୍ତି ଯେ, କୌଣସିମତେ କାଲି ସେ କ୍ଲାସ୍ ବନ୍ଦ କରିପାରିବେ ନାହିଁ ବା ୫୦/୬୦ ଜଣ ସଭ୍ୟଙ୍କୁ ବିଜ୍ଞପ୍ତି ମଧ୍ୟ ଦେଇପାରିବେ ନାହିଁ ।

ଏହି ଅବସ୍ଥାରେ ମୁଁ ମୋର ଅକ୍ଷମତା ପାଇଁ ଆନ୍ତରିକ ଦୁଃଖିତ ଏବଂ ଆଶାକରେ, ମିସ୍ ମ୍ୟାକ୍ଲାଉଡ୍ ଓ ମିସେସ୍ ଷ୍ଟର୍ଜିସ୍ ବୁଝିବେ ଯେ, ମୋର ଅନିଚ୍ଛା ନୁହେଁ, ଏହି ଅନିବାର୍ଯ୍ୟ ପରିସ୍ଥିତି ହିଁ ଆପଣଙ୍କର ସହୃଦୟ ଆମନ୍ତ୍ରଣ ଗ୍ରହଣ ନ କରିବା ପଥରେ ଅନ୍ତରାୟ ହୋଇଛି ।

ଆସନ୍ତା ପରଦିନ ଅଥବା ଏ ସପ୍ତାହରେ ଆପଣଙ୍କର ସୁବିଧା ଅନୁସାରେ ଯେ କୌଣସିଦିନ ଯାଇପାରିଲେ ଖୁବ୍ ଆନନ୍ଦିତ ହେବି ।

ଆପଣଙ୍କର ଚିରବିଶ୍ୱସ୍ତ, ବିବେକାନନ୍ଦ

୯୮୧ଇଂ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

ଯୁକ୍ତରାଷ୍ଟ୍ର ଆମେରିକା, ୧୧ ଏପ୍ରିଲ ୧୮୯୫

କଲ୍ୟାଣବରେଷୁ,

...ତୁମେ ଲେଖିଛ ଯେ, ତୁମର ଅସୁସ୍ଥତା ଆରୋଗ୍ୟ ହୋଇଛି, କିନ୍ତୁ ତୁମକୁ ବର୍ତ୍ତମାନଠାରୁ ଅତି ସାବଧାନ ହେବାକୁ ପଡ଼ିବ । ଶିତ ପଡ଼ିଲେ ବା ଅସ୍ୱାସ୍ଥ୍ୟକର ଆହାର କଲେ କିମ୍ବା ପୂତିଗନ୍ଧମୟ ସ୍ଥାନରେ ବାସ କଲେ ପୁନଶ୍ଚ ରୋଗରେ ପଡ଼ିବାର ସମ୍ଭାବନା ଏବଂ ମ୍ୟାଲେରିଆ କବଳରୁ ରକ୍ଷା ପାଇବା ଦୁଷ୍କର । ପ୍ରଥମତଃ ଗୋଟିଏ ଗ୍ରେଟ ବଗିଚା ବା ଘର ଭଡ଼ା ନେବା ଉଚିତ, ୩୦।୪୦ ଟଙ୍କା ଭିତରେ ହୋଇପାରିବ । ଦ୍ୱିତୀୟତଃ ଖାଇବା ଓ ରାନ୍ଧିବା ପାଣି ଯେପରି ଫିଲ୍ଟର କରାହୁଏ । ବାଉଁଶର ଫିଲ୍ଟର ବଡ଼ ଧରଣର ହେଲେ ଯଥେଷ୍ଟ । ପାଣିରେ ହିଁ ଯେତେ ରୋଗ—ପରିଷ୍କାର ଅପରିଷ୍କାର ନୁହେଁ, ରୋଗବୀଜପୂର୍ଣ୍ଣ, ତେଣୁ ରୋଗର କାରଣ । ପାଣିକୁ ଫୁଟାଇ ଫିଲ୍ଟର କରିଦେବ । ସମସ୍ତଙ୍କ ସ୍ୱାସ୍ଥ୍ୟ ପ୍ରତି ପ୍ରଥମେ ନଜର ଦେବା ଉଚିତ । ଜଣେ ରାନ୍ଧୁଣିଆ, ଗୋଟାଏ ଚାକର, ପରିଷ୍କାର ବିଛଣା, ସମୟ ମୁତାବକ ଖିଆପିଆ – ଏସବୁ ନିତାନ୍ତ ଆବଶ୍ୟକ । ଯାହା କହୁଛି, ସବୁ ଯେପରି କରାହୁଏ, ଏଥିରେ ଅନ୍ୟଥା ନ ହୁଏ ।... ପଇସାପତ୍ର ଖର୍ଚ୍ଚର ସମସ୍ତ ଭାର ଯେପରି ରାଖାଲ୍ ନିଏ, ଅନ୍ୟ କେହି ସେ ବିଷୟରେ ଉଚ୍ଚବାଚ୍ୟ କରିବ ନାହିଁ । ଘରଦ୍ୱାର, ବିଛଣାପତ୍ର, ଫିଲ୍ଟର୍ ଯେପରି ଠିକ୍ଭାବରେ ସଫା ରହିବ—ତାହାର ଭାର ନିରଞ୍ଜନ ଗ୍ରହଣ କରିବ ।... ସବୁ କାର୍ଯ୍ୟର ସଫଳତା ତୁମ ସମସ୍ତଙ୍କର ପରସ୍ପର ପ୍ରତି ସ୍ନେହପ୍ରୀତି ଉପରେ ନିର୍ଭର କରୁଛି । ଦ୍ୱେଷ, ଈର୍ଷା, ଅହମିକାବୁଦ୍ଧି ଯେପର୍ଯ୍ୟନ୍ତ ଥିବ, ସେପର୍ଯ୍ୟନ୍ତ କୌଣସି କଲ୍ୟାଣ ନାହିଁ ।... କାଳୀର Pamphlet (ପୁସ୍ତିକା) ଖୁବ୍ ଉତ୍ତମ ହୋଇଛି, ସେଥିରେ କୌଣସି ଅତିପ୍ରସଙ୍ଗ ନାହିଁ ।

ଜୀବନରେ ଫୁସୁରୁ ଫୁସୁରୁ ହେବା ମହାପାପ ବୋଲି ଜାଣିବ; ଏହାକୁ ଭାଇ, ଦୂର-ଦୂର ତ୍ୟାଗ କର । ମନକୁ ଅନେକ କଥା ତ ଆସେ, ତାହା ଖୋଲି କହିବାକୁ ଗଲେ ହିଁ କ୍ରମେ ତିଲରୁ ତାଳ ହୋଇ ଦେଖାଦିଏ । ଗିଳିଦେଲେ ସରିଯାଏ ।

ମହୋତ୍ସବ ଖୁବ୍ ଧୂମ୍‌ଧାମ୍‌ରେ ହୋଇଯାଇଛି, ଭଲ କଥା ! ଆସନ୍ତା ଥରକୁ ଯେପରି ଲକ୍ଷେ ଲୋକ ହୁଅନ୍ତି, ସେଥିପାଇଁ ଚେଷ୍ଟା କରିବାକୁ ହେବ ନିଶ୍ଚୟ । ମାଷ୍ଟର ମହାଶୟ ପ୍ରଭୃତି ଓ ତୁମେମାନେ ଏକଜୁଟ ହୋଇ ଯେପରି ଗୋଟିଏ କାଗଜ ପ୍ରକାଶ କରିପାର, ସେଥିପାଇଁ ଚେଷ୍ଟା କର ଦେଖି ।··· ଅନନ୍ତ ଧୈର୍ଯ୍ୟ, ଅନନ୍ତ ଉଦ୍ୟୋଗ ଯାହାର ସହାୟ, ସେ ହିଁ କାର୍ଯ୍ୟରେ ସିଦ୍ଧ ହେବ । ପଢ଼ାପଢ଼ି ବିଶେଷ କରିବା ଦରକାର, ବୁଝିଲ ଶଶୀ ? ଗୁଡ଼ାଏ ମୂର୍ଖଙ୍କୁ ଜମା କର ନାହିଁ, ବାବା । ଦୁଇ ଘଣ୍ଟା ମଣିଷଙ୍କୁ ଏକାଠି କର ତ ଦେଖି । ଗୋଟାଏ ଯିଉଁ ଶବ୍ଦ ଯେ ଶୁଣିବାକୁ ପାଇ ନାହିଁ । ତୁମେସବୁ ତ ମହୋତ୍ସବରେ ଲୁଚି ସନ୍ଦେଶ ବାଣ୍ଟିଲ, ଆଉ କେତେଗୁଡ଼ାଏ ନିଷ୍କର୍ମାଙ୍କ ଦଳ ଗୀତ ଗାଇଲେ,··· ତୁମେସବୁ କି spiritual food (ଆଧ୍ୟାତ୍ମିକ ଖାଦ୍ୟ) ଦେଲ, ସେ ବିଷୟ ତ ଶୁଣିଲି ନାହିଁ ? ତୁମମାନଙ୍କର ଯେଉଁ ପୁରୁଣା ଭାବ nil admirari—କେହି କିଛି ଜାଣନ୍ତି ନାହିଁ ଭାବ—ଯେପର୍ଯ୍ୟନ୍ତ ଦୂର ନ ହୋଇଛି, ସେପର୍ଯ୍ୟନ୍ତ ତୁମେମାନେ କିଛି କରିପାରିବ ନାହିଁ, ସେପର୍ଯ୍ୟନ୍ତ ତୁମର ସାହସ ଆସିବ ନାହିଁ । Bullies are always cowards (ଯେଉଁମାନେ ଲୋକଙ୍କୁ ଧମକାଇ ବୁଲନ୍ତି, ସେମାନେ ସବୁବେଳେ କାପୁରୁଷ) ।

ସମସ୍ତଙ୍କୁ sympathy. (ସହାନୁଭୂତି) ସହକାରେ ଗ୍ରହଣ କରିବ, ରାମକୃଷ୍ଣ ପରମହଂସଙ୍କୁ ମାନନ୍ତୁ ବା ନ ମାନନ୍ତୁ । ବୃଥା ତର୍କ କରିବାକୁ କେହି ଆସିଲେ, ଭଦ୍ରତା ସହକାରେ ନିଜେ ନିରସ୍ତ ହେବ । ମାଷ୍ଟର ମହାଶୟ କେତେଦିନ ମୁହଁରେ ତୁଣ୍ଡି ବାନ୍ଧି ରହିବେ ? ମୁହଁ ବୁଜି ବୁଜି ଜନ୍ତୁଟା ଯେ ଗଲା ! ସବୁ ମତର ଲୋକଙ୍କ ସହିତ ସହାନୁଭୂତି ପ୍ରକାଶ କରିବ । ଏସବୁ ମହତ୍ତ୍ୱଗୁଣ ଯେତେବେଳେ ତୁମମାନଙ୍କ ଭିତରେ ଦେଖାଦେବ, ସେତେବେଳେ ତୁମେ ସବୁ ମହାତେଜରେ କାମ୍ଯ କରିପାରିବ, ଅନ୍ୟଥା ଜୟ ଗୁରୁ-ଫୁରୁ କିଛି ଚାଲିବ ନାହିଁ । ଯାହା ହେଉ, ଏଥର ମହୋତ୍ସବ ଅତି ଉତ୍ତମ ହୋଇଛି, ସେଥିରେ ଆଉ ସନ୍ଦେହ ନାହିଁ ଏବଂ ସେଥିଲାଗି ତୁମେ ବିଶେଷ ପ୍ରଶଂସାର ଉପଯୁକ୍ତ; କିନ୍ତୁ you must push forward. Do you see ?[୧] ଶରତ୍ କ'ଣ କରୁଛି ? 'ମୁଁ କ'ଣ ଜାଣେ, ମୁଁ କ'ଣ ଜାଣେ !'—ଏହିପରି ବୁଦ୍ଧିରେ ତିନିକାଳରେ ମଧ୍ୟ କିଛି ଜାଣିପାରିବ ନାହିଁ । ଜେଜେବାପାଙ୍କ କଥା, ଶାଁକଚୂନ୍ନୀର ଅନୁନାସିକ ସ୍ୱର ଭଲ ନିଶ୍ଚୟ, କିନ୍ତୁ ଟିକିଏ ଉଚ୍ଚ ଦରର ହେବା ଆବଶ୍ୟକ, that will appeal to the intellect of the learned.[୨] ଖାଲି ଖୋଳ ବଜାଇବାରେ କି କାମ ? Not only this ମହୋତ୍ସବ will be his memorial, but the central union of an intense propaganda of his doctrines.[୩] ତୁମକୁ କ'ଣ କହିବି ? ତୁମେମାନେ ଏବେ

---

୧ ତୁମକୁ ଆଗେଇ ଯିବାକୁ ହେବ, ବୁଝିଲ ତ ?

୨ ଯାହା ଲେଖାପଢ଼ା ଜାଣିଥିବା ଲୋକେ ପଢ଼ି ଆନନ୍ଦ ପାଇବେ ।

୩ ଏ ମହୋତ୍ସବ ଯେ କେବଳ ତାଙ୍କର ସ୍ମାରକୀ ହେବ ତାହା ନୁହେଁ, ବରଂ ତାଙ୍କ ଧର୍ମମତସମୂହର ବହୁଳ ପ୍ରଚାର ଲାଗି ଗୋଟିଏ ମୂଳ କେନ୍ଦ୍ରସ୍ୱରୂପ ହେବ ।

ମଧ୍ୟ ବାଳକ । ସବୁ ଧୀରେ ଧୀରେ ହେବ । ତେବେ ବେଳେ ବେଳେ I fret & stamp like a leashed hound.* Onward & forward (ଆଗେଇ ଚାଲ, ଆଗେଇ ଚାଲ )—ମୋର ସେହି ପୁରୁଣା ଘୋଷା । ବର୍ତ୍ତମାନ ଏତକ । ମୁଁ ଭଲ ଅଛି । ଦେଶକୁ ତରବର ହୋଇ ଫେରଯାଇ ଲାଭ ନାହିଁ । ତୁମେ ସବୁ ଉଠିପଡ଼ ଲାଗିଯାଅ ଦେଖି—ସାବାସ୍ ବାହାଦୁର ! ଇତି

ନରେନ୍ଦ୍ର

୧୮୨ଇଂ

54W. 33rd St., ନ୍ୟୁୟର୍କ
୧୧ ଏପ୍ରିଲ ୧୮୯୫

ପ୍ରିୟ ମିସେସ୍ ବୁଲ୍,

ଆପଣଙ୍କ ପତ୍ର ପାଇଲି—ତାହା ସଙ୍ଗେ ସଙ୍ଗେ ମନିଅର୍ଡର ଓ 'ଟ୍ରାନ୍ସକ୍ରିପ୍ଟ' କାଗଜଟି ମଧ୍ୟ ପାଇଲି । ଆଜି ବ୍ୟାଙ୍କକୁ ଯିବି—ଡଲାରଗୁଡ଼ାକୁ ଭଙ୍ଗାଇ ପାଉଣ୍ଡ ଆଣିବାକୁ ହେବ । କାଲି ମିଷ୍ଟର ଲେଗେଟ୍‌ଙ୍କ ପାଖକୁ ଚାଲି ଯାଉଛି କେତେଦିନ ପଲ୍ଲୀରେ ବାସକରିବା ଉଦ୍ଦେଶ୍ୟରେ । ଆଶାକରେ, କିଛି ବିଶୁଦ୍ଧ ବାୟୁ ସେବନ ମୋ ପକ୍ଷରେ ଭଲ ହେବ ।

ଏ ଘରକୁ ବର୍ତ୍ତମାନ ଛାଡ଼ିଦେବାର କଳ୍ପନା ତ୍ୟାଗ କରିଛି, କାରଣ ସେଥିରେ ଅତ୍ୟନ୍ତ ବେଶୀ ଖର୍ଚ୍ଚ ହେବ । ଅଧିକନ୍ତୁ ଏବେ ଘର ବଦଳାଇବା ଯୁକ୍ତିଯୁକ୍ତ ନୁହେଁ; ମୁଁ ଧୀରେ ଧୀରେ ତାହା କରିବା ପାଇଁ ଚେଷ୍ଟା କରୁଛି । ··

ମିସ୍ ହ୍ୟାମ୍‌ଲିନ୍ ମୋତେ ଯଥେଷ୍ଟ ସାହାଯ୍ୟ କରୁଛନ୍ତି—ମୁଁ ସେଥିପାଇଁ ତାଙ୍କ ନିକଟରେ ବିଶେଷ କୃତଜ୍ଞ । ସେ ମୋ ପ୍ରତି ଅତ୍ୟନ୍ତ ସଦୟ ବ୍ୟବହାର କରୁଛନ୍ତି—ଆଶାକରେ, ତାଙ୍କର ମଧ୍ୟ ଭାବର ଘରେ ଚୋର ନାହିଁ । ସେ 'ଠିକ୍ ଠିକ୍ ଲୋକ'ଙ୍କ ସହିତ ମୋର ଆଳାପ କରାଇ ଦେବାକୁ ଚାହାଁନ୍ତି—ମୋର ଭୟ ହୁଏ, ଆଗେ ଯେପରି ଥରେ ଶିକ୍ଷା ଦିଆଯାଇଥିଲା, 'ନିଜକୁ ସମ୍ଭାଳି ରଖ, ଯାହା ତାହା ସହିତ ମିଳାମିଶା କର ନାହିଁ'—ଏ ବିଷୟଟି ତାହାର ଦ୍ୱିତୀୟ ସଂସ୍କରଣ । ପ୍ରଭୁ ଯେଉଁମାନଙ୍କୁ ପଠାନ୍ତି, ସେମାନେ ଯଥାର୍ଥରେ ଖାଣ୍ଟି ଲୋକ; ମୋର ସାରା ଜୀବନର ଅଭିଜ୍ଞତାରୁ ଏହି କଥା ତ ମୁଁ ବୁଝିଛି । ସେହିମାନେ ହିଁ ଯଥାର୍ଥ ସାହାଯ୍ୟ କରିପାରନ୍ତି ଏବଂ ସେମାନେ ହିଁ ମୋତେ ସାହାଯ୍ୟ କରିବେ । ଆଉ ଅବଶିଷ୍ଟ ଲୋକଙ୍କ ସମ୍ବନ୍ଧରେ ବକ୍ତବ୍ୟ ଏହି, ପ୍ରଭୁ ସେମାନଙ୍କୁ ସମସ୍ତଙ୍କୁ କଲ୍ୟାଣ କରନ୍ତୁ ଏବଂ ତାଙ୍କ ହାତରୁ ମୋତେ ରକ୍ଷା କରନ୍ତୁ ।

ମୋର ସବୁ ବନ୍ଧୁମାନେ ଭାବିଥିଲେ ଯେ, ଏକା ଏକା ଦରିଦ୍ରପଲ୍ଲୀରେ ଏପରି ଭାବରେ ରହି ପ୍ରଚାର କଲେ କିଛି ହେବ ନାହିଁ; ଆଉ କୌଣସି ଭଦ୍ରମହିଳା ସେଠାକୁ କେବେହେଲେ ଆସିବେ ନାହିଁ । ବିଶେଷତଃ ମିସ୍ ହ୍ୟାମ୍‌ଲିନ୍ ଭାବିଥିଲେ, ସେ କିମ୍ବା ତାଙ୍କ ମତରେ ଯେଉଁମାନେ 'ଠିକ୍ ଠିକ୍ ଲୋକ', ସେମାନେ ଯେ ଦାରିଦ୍ର୍ୟୋଚିତ କୁଟୀରରେ ନିର୍ଜନବାସୀ ଜଣେ ଲୋକ ପାଖକୁ ଆସି ତା'ର ଉପଦେଶ ଶୁଣିବେ, ତାହା ହେମମୃଗସ୍ୟ ଜନ୍ମ । କିନ୍ତୁ

* ଗୋଟିଏ ଶିକାରୀ କୁକୁର ଶିକାର ଆଗରେ ବନ୍ଧା ହୋଇ ରହିଥିଲେ ଦେଲେ ଯେପରି ହୁଏ, ମୁଁ ସେହିପରି ଛଟପଟ ହୁଏ ।

ସେ ଯାହା ମନେ କରନ୍ତୁ, ଯଥାର୍ଥ 'ଠିକ୍ ଠିକ୍ ଲୋକ' ଏଠାକୁ ଦିନ ଗତ ଆସିବାକୁ ଲାଗିଲେ ଏବଂ ଉପରୋକ୍ତ ମିସ୍ ମହାଶୟା ମଧ୍ୟ ଆସିବାକୁ ଛାଡ଼ିଲେ ନାହିଁ । ହେ ପ୍ରଭୋ, ମାନବ ପକ୍ଷରେ ତୁମ ଉପରେ ଏବଂ ତୁମର ଦୟା ଉପରେ ବିଶ୍ୱାସ ସ୍ଥାପନ—କି କଠିନ ! ! ! ଶିବ ଶିବ ! ମା, ତୁମକୁ ପଚାରୁଛୁ, 'ଠିକ୍ ଠିକ୍ ଲୋକ' କେଉଁଠି, ଏବଂ ବେ-ଠିକ୍ ବା ମନ୍ଦ ଲୋକ ସବୁ କେଉଁଠି ? ସବୁ ସେ ସେ ! ! ହିଂସ୍ର ବ୍ୟାଘ୍ର ଭିତରେ ମଧ୍ୟ ସେ, ମୃଗଶିଶୁ ଭିତରେ ସେ, ପାପୀ ଭିତରେ ସେ ପୁଣ୍ୟାତ୍ମା, ଭିତରେ ମଧ୍ୟ ସେ—ସେ ତ ସବୁ ! ! ମୁଁ ମୋର ଦେହ-ମନ ପ୍ରାଣ-ଆତ୍ମା ଦେଇ ତାଙ୍କର ଶରଣାଗତ; ଯାବଜ୍ଜୀବନ ତାଙ୍କ କୋଳରେ ଆଶ୍ରୟ ଦେଇ ସେ କ'ଣ ବର୍ତ୍ତମାନ ପରିତ୍ୟାଗ କରିବେ ? ଭଗବାନଙ୍କର କୃପାଦୃଷ୍ଟି ଯଦି ନ ରହେ, ତା'ହେଲେ ସମୁଦ୍ରରେ ବିନ୍ଦୁଏ ପାଣି ମଧ୍ୟ ରହିବ ନାହିଁ, ଘୋର ଜଙ୍ଗଲରେ ଖଣ୍ଡିଏ ଶୁଖିଲା ଡାଳ ମଧ୍ୟ ମିଳିବ ନାହିଁ, ଆଉ କୁବେରଙ୍କ ଭଣ୍ଡାରରେ ମୁଠାଏ ଅନ୍ନ ମଧ୍ୟ ମିଳିବ ନାହିଁ; ଆଉ ତାଙ୍କର ଇଚ୍ଛା ହେଲେ ମରୁଭୂମିରେ ନିର୍ମଳତୋୟା ସ୍ରୋତସ୍ୱିନୀ ପ୍ରବାହିତ ହୁଏ, ଏବଂ ଭିକ୍ଷୁକ ପ୍ରଚୁର ଐଶ୍ୱର୍ଯ୍ୟର ଅଧିକାରୀ ହୋଇଯାଏ । ଗୋଟିଏ ଘରଚଟିଆ କେଉଁଠି ପଡ଼ୁଛି—ତାହା ମଧ୍ୟ ସେ ଦେଖିପାରନ୍ତି ।* ମା, ଏସବୁ କଅଣ କେବଳ କଥାର କଥା ?—ନା ଅକ୍ଷରେ ଅକ୍ଷରେ ସତ୍ୟ ଘଟଣା ?

ଏହି 'ଠିକ୍ ଠିକ୍ ଲୋକଙ୍କ' କଥା ବର୍ତ୍ତମାନ ଥାଉ । ହେ ମୋର ଶିବ, ତୁମେ ହିଁ ମୋର ଭଲ, ତୁମେ ହିଁ ମୋର ମନ୍ଦ । ପ୍ରଭୋ, ପିଲାଟି ଦିନରୁ ମୁଁ ତୁମ ଚରଣରେ ଶରଣ ପଶିଛି । ବିଷୁବରେଖାର ନିକଟବର୍ତ୍ତୀ ଗ୍ରୀଷ୍ମପ୍ରଧାନ ଦେଶରେ ହେଉ କିମ୍ବା ହିମାନୀମଣ୍ଡିତ ମେରୁପ୍ରଦେଶରେ ହେଉ କିମ୍ବା ପର୍ବତଚୂଡ଼ାରେ ହେଉ ବା ମହାସମୁଦ୍ରର ଅତଳ ଗର୍ଭରେ ହେଉ—ଯେଉଁଠାକୁ ଯାଏ, ତୁମେ ମୋର ସଙ୍ଗେ ସଙ୍ଗେ ରହିବ । ତୁମେ ହିଁ ମୋର ଗତି, ମୋର ନିୟନ୍ତା, ମୋର ଶରଣ, ମୋର ସଖା, ମୋର ଈଶ୍ୱର, ମୋର ଯଥାର୍ଥ ସ୍ୱରୂପ । ତୁମେ ମୋତେ କଦାପି ତ୍ୟାଗ କରିବ ନାହିଁ—କଦାପି ନୁହେଁ, ଏହା ମୁଁ ନିଶ୍ଚିତ ଭାବରେ ଜାଣେ । ହେ ମୋର ଈଶ୍ୱର, ମୁଁ କେବେ କେବେ ଏକାକୀ ପ୍ରବଳ ବାଧାବିଘ୍ନ ବିରୋଧରେ ଯୁଦ୍ଧ କରୁ କରୁ ଦୁର୍ବଳ ହୋଇପଡ଼େ, ସେତେବେଳେ ମନୁଷ୍ୟର ସାହାଯ୍ୟ କଥା ଭାବେ । ମୋତେ ଚିରଦିନ ଲାଗି ଏସବୁ ଦୁର୍ବଳତାରୁ ରକ୍ଷା କର, ଯେପରି ମୁଁ ତୁମଛଡ଼ା ଆଉ କାହା ନିକଟରୁ କେବେ ହେଲେ ସାହାଯ୍ୟ ପ୍ରାର୍ଥନା ନ କରେଁ । ଯଦି କେହି କୌଣସି ଭଲଲୋକ ଉପରେ ବିଶ୍ୱାସ ସ୍ଥାପନ କରେ, ତା'ହେଲେ ସେ କଦାପି ତାହାକୁ ତ୍ୟାଗ କରେ ନାହିଁ ବା ତା'ପ୍ରତି ବିଶ୍ୱାସଘାତକତା କରେ ନାହିଁ । ପ୍ରଭୁ ତୁମେ ସବୁ ଭଲର ସୃଷ୍ଟିକର୍ତ୍ତା—ତୁମେ କ'ଣ ମୋତେ ତ୍ୟାଗ କରିବ ? ତୁମେ ତ ଜାଣ, ଯାବଜ୍ଜୀବନ ମୁଁ ତୁମର—କେବଳ ତୁମର ହିଁ ଦାସ । ତୁମେ କ'ଣ ମୋତେ ତ୍ୟାଗ କରିବ—ଯାହାଫଳରେ ଅନ୍ୟମାନେ ମୋତେ ଠକିଦେବେ ବା ମୁଁ ମନ୍ଦ ଆଡ଼କୁ ଢଳି ପଡ଼ିବି ?

---

* He seeth the sparrow's fall.—N. T., Bible.

ମା, ମୁଁ ନିଶ୍ଚିତ ଭାବରେ କହିପାରେ, ସେ ମୋତେ କଦାପି ତ୍ୟାଗ କରିବେ ନାହିଁ ।

ଆପଣଙ୍କର ଚିର ଆଜ୍ଞାବହ ସନ୍ତାନ, ବିବେକାନନ୍ଦ

୯୮ ଓଇଂ (ମି. ଇ. ଟି. ଷ୍ଟର୍ଡିଙ୍କୁ ଲିଖିତ)

54 W. 33rd St. ନ୍ୟୁୟର୍କ, ୨୪ ଏପ୍ରିଲ ୧୮୯୫

...ଯେଉଁ ରହସ୍ୟବାଦ ସମ୍ପ୍ରତି ପାଶ୍ଚାତ୍ୟ ଜଗତରେ ଅକସ୍ମାତ୍ ଆବିର୍ଭୂତ ହୋଇଛି, ତାହା ମୂଳରେ କିଛି ସତ୍ୟ ଯେ ରହିଛି, ତାହା ମୁଁ ସମ୍ୟକ୍ ଅବଗତ ଅଛି । କିନ୍ତୁ ଅଧିକାଂଶ କ୍ଷେତ୍ରରେ ଏସବୁ ପଛରେ କୌଣସି ନା କୌଣସି ହୀନ କିମ୍ବା ଉନ୍ମାଦୋଚିତ ମତଲବ ବିଦ୍ୟମାନ ଥାଏ । ଆଉ ଏଥିପାଇଁ ଭାରତରେ କିମ୍ବା ଅନ୍ୟ କୌଣସି ସ୍ଥାନରେ ଧର୍ମର ଏହି ଅଙ୍ଗଟିର ସହିତ ମୁଁ କୌଣସି ସମ୍ବନ୍ଧ ରଖିନାହିଁ ଏବଂ ରହସ୍ୟବାଦୀ ସମ୍ପ୍ରଦାୟ ମାନେ ହିଁ ମୋ ଉପରେ ବିଶେଷ ସନ୍ତୁଷ୍ଟ ନୁହନ୍ତି ।

ପ୍ରାଚ୍ୟ କିମ୍ବା ପାଶ୍ଚାତ୍ୟରେ—ସର୍ବତ୍ର ଏକମାତ୍ର ଅଦ୍ୱୈତଦର୍ଶନ ଯେ ମାନବଜାତିକୁ 'ଭୂତପୂଜା' ଏବଂ ସେହି ଜାତୀୟ କୁସଂସ୍କାର କବଳରୁ ମୁକ୍ତ କରିପାରେ ଏବଂ କେବଳ ତାହା ଯେ ମାନବକୁ ତାହାର ସ୍ୱ ସ୍ୱ ଭାବରେ ପ୍ରତିଷ୍ଠିତ କରି ଶକ୍ତିମାନ କରିବାକୁ ସମର୍ଥ, ସେହି ବିଷୟରେ ମୁଁ ତୁମ ସହିତ ସମ୍ପୂର୍ଣ୍ଣ ଏକମତ । ପାଶ୍ଚାତ୍ୟ ଦେଶ ପରି ବା ତଦପେକ୍ଷା ଭାରତର ନିଜର ମଧ୍ୟ ଏହି ଅଦ୍ୱୈତବାଦର ପ୍ରୟୋଜନ ରହିଛି । ଅଥଚ ଏହି କାର୍ଯ୍ୟଟି ଅତ୍ୟନ୍ତ ଦୁରୂହ; କାରଣ ପ୍ରଥମତଃ ଆମମାନଙ୍କୁ ସମସ୍ତଙ୍କ ମନରେ ଅନୁରାଗ ଜାଗ୍ରତ କରିବାକୁ ପଡ଼ିବ; ତା' ପରେ ଆବଶ୍ୟକ ଶିକ୍ଷା ଏବଂ ସର୍ବଶେଷରେ ସମଗ୍ର ସୌଧଟି ନିର୍ମାଣ କରିବା ପାଇଁ ଅଗ୍ରସର ହେବାକୁ ପଡ଼ିବ ।

ଆବଶ୍ୟକ—ଅକପଟ ସରଳତା, ପବିତ୍ରତା, ପ୍ରଖର ବୁଦ୍ଧିମତ୍ତା ଏବଂ ଦୁର୍ଦ୍ଦମନୀୟ ଇଚ୍ଛାଶକ୍ତି । ଏହିପରି ମୁଷ୍ଟିମେୟ ଲୋକ ଯଦି କାମରେ ଲାଗିଯାଆନ୍ତି, ତା'ହେଲେ ଦୁନିଆ ଓଲଟପାଲଟ ହୋଇଯିବ । ଗତବର୍ଷ ଏ ଦେଶରେ ମୁଁ ଯଥେଷ୍ଟ ବକ୍ତୃତା ଦେଇଥିଲି ଏବଂ ବାହାବା ମଧ୍ୟ ଅନେକ ପାଇଥିଲି; କିନ୍ତୁ ପରେ ଦେଖିଲି, ସେସବୁ କାମ ଯେପରି ମୁଁ କେବଳ ନିଜ ପାଇଁ କରିଥିଲି । ଚରିତ୍ରଗଠନ ପାଇଁ ଧୀର ଓ ଅବିଚଳିତ ଯତ୍ନ ଏବଂ ସତ୍ୟୋପଲବ୍ଧି ପାଇଁ ତୀବ୍ର ପ୍ରଚେଷ୍ଟା ହିଁ କେବଳ ମାନବଜାତିର ଭବିଷ୍ୟତ ଜୀବନ ଉପରେ ପ୍ରଭାବ ବିସ୍ତାର କରିପାରେ । ତେଣୁ ଏ ବର୍ଷ ମୁଁ ଏହି ଲକ୍ଷ୍ୟରେ ହିଁ ମୋ କାର୍ଯ୍ୟପ୍ରଣାଳୀ ନିୟମିତ କରିବାକୁ ସ୍ଥିର କରିଛି । କେତେଜଣ ବଛା ବଛା ସ୍ତ୍ରୀ-ପୁରୁଷଙ୍କୁ ଅଦ୍ୱୈତବେଦାନ୍ତର ଉପଲବ୍ଧି ସମ୍ପର୍କରେ କାର୍ଯ୍ୟକର ଶିକ୍ଷା ଦେବା ଲାଗି ମୁଁ ଚେଷ୍ଟା କରିବି—କେତେଦୂର ସଫଳ ହେବି ଜାଣେ ନାହିଁ । କେହି ଯଦି କେବଳ ନିଜର ସମ୍ପ୍ରଦାୟ ବା ଦେଶ ପାଇଁ ନ ଖଟି ସମଗ୍ର ମାନବଜାତିର କଲ୍ୟାଣରେ ବ୍ରତୀ ହେବାକୁ ଚାହେଁ, ତେବେ ପାଶ୍ଚାତ୍ୟ ଦେଶ ହିଁ ତାହାର ଉପଯୁକ୍ତ କ୍ଷେତ୍ର ।

ପତ୍ରିକା ପ୍ରକାଶ କରିବା ବିଷୟରେ ଆପଣଙ୍କ ସହିତ ମୁଁ ସମ୍ପୂର୍ଣ୍ଣ ଏକମତ ବୋଲି

ଜାଣିବେ; କିନ୍ତୁ ଏସବୁ କିଛି କରିବା ପରି ବ୍ୟବସାୟ-ବୁଦ୍ଧି ମୋର ଆଦୌ ନାହିଁ । ମୁଁ ଶିକ୍ଷାଦାନ ଓ ଧର୍ମପ୍ରଚାର କରିପାରେ ଏବଂ ମଝିରେ ମଝିରେ କିଛି ଲେଖାଲେଖି କରିପାରେ । ସତ୍ୟ ଉପରେ ମୋର ଗଭୀର ବିଶ୍ୱାସ । ପ୍ରଭୁ ହିଁ ମୋତେ ସାହାଯ୍ୟ କରିବେ ଏବଂ ପ୍ରୟୋଜନାନୁଯାୟୀ ସେ ହିଁ ମୋ ନିକଟକୁ କର୍ମୀ ପଠାଇବେ । ମୁଁ ଯେପରି କାୟମନୋବାକ୍ୟରେ ପବିତ୍ର, ନିଃସ୍ୱାର୍ଥ ଏବଂ ଅକପଟ ହୋଇପାରେ ।

'ସତ୍ୟମେବ ଜୟତେ ନାନୃତଂ । ସତ୍ୟେନ ପନ୍ଥା ବିତତୋ ଦେବଯାନଃ ।।' (ଅଥର୍ବବେଦ) । ବୃହତ୍ତର ଜଗତର କଲ୍ୟାଣାର୍ଥେ ନିଜର କ୍ଷୁଦ୍ର ସ୍ୱାର୍ଥକୁ ଯେ ବିସର୍ଜନ କରିପାରେ, ସମଗ୍ର ଜଗତ ତା'ର ଆପଣାର ହୋଇଯାଏ ।··· 'ମୋର ଇଂଲଣ୍ଡ ଯିବା ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଅନିଶ୍ଚିତ । ସେଠାରେ ମୋର ପରିଚିତ କେହି ନାହାନ୍ତି; ଅଥଚ ଏଠାରେ କିଛି କିଛି କାମ ମଧ୍ୟ ହେଉଛି । ପ୍ରଭୁ ହିଁ ଯଥା ସମୟରେ ମୋତେ ବାଟ ଦେଖାଇବେ ।

୧୮୪ଇଂ (ମିଃ ଇ. ଟି. ଷ୍ଟର୍ଡ଼ିଙ୍କୁ ଲିଖିତ)

19 W. 38th St., ନ୍ୟୁୟର୍କ

ପ୍ରିୟ ବନ୍ଧୁ,

ଆପଣଙ୍କର ଶେଷ ପତ୍ରଟି ମୁଁ ଯଥା ସମୟରେ ପାଇଛି । ଏହି ଅଗଷ୍ଟ ମାସର ଶେଷ ଆଡ଼କୁ ୟୁରୋପ ଯିବା ପାଇଁ ଏକ ବ୍ୟବସ୍ଥା ପୂର୍ବରୁ ଧାର୍ଯ୍ୟ ହୋଇଥିଲା । ତେଣୁ ଆପଣଙ୍କ ନିମନ୍ତ୍ରଣକୁ ଭଗବାନଙ୍କର ଆହ୍ୱାନ ବୋଲି ଭାବୁଛି ।

'ସତ୍ୟମେବ ଜୟତେ ନାନୃତଂ ।' ମିଥ୍ୟାର କଳଙ୍କିତ ପ୍ରଲେପ ରହିଲେ ସତ୍ୟପ୍ରଚାର ସହଜ ହୁଏ ବୋଲି ଯେଉଁମାନେ ଧାରଣା କରନ୍ତି, ସେମାନେ ଭ୍ରାନ୍ତ । ଯଥାସମୟରେ ସେମାନେ ବୁଝିପାରିବେ ଯେ, ଟୋପାଏ ମାତ୍ର ବିଷ ମିଶିଗଲେ ସମସ୍ତ ଖାଦ୍ୟ ଦୂଷିତ ହୋଇଯାଏ । ଯେ ପବିତ୍ର ଓ ସାହସୀ, ସେ ହିଁ ଜଗତରେ ସବୁ କିଛି କରିପାରେ ।

ପ୍ରଭୁ ଆପଣଙ୍କୁ ସର୍ବଦା ମାୟାମୋହ କବଳରୁ ରକ୍ଷା କରନ୍ତୁ । ମୁଁ ଆପଣଙ୍କ ସହିତ କାର୍ଯ୍ୟ କରିବାକୁ ସର୍ବଦା ପ୍ରସ୍ତୁତ ଅଛି ଏବଂ ଆମେ ଯଦି ନିଜେ ଖାଣ୍ଟି ରହୁ, ତା'ହେଲେ ପ୍ରଭୁ ଆମମାନଙ୍କୁ ଶତ ଶତ ବନ୍ଧୁ ଯୋଗାଇଦେବେ ! 'ଆତ୍ମୈବ ହ୍ୟାତ୍ମନୋ ବନ୍ଧୁଃ—' ।

ଚିରକାଳ ୟୁରୋପରୁ ସାମାଜିକ ଏବଂ ଏସିଆରୁ ଆଧ୍ୟାତ୍ମିକ ଶକ୍ତିର ଉଦ୍ଭବ ହୋଇଛି ଏବଂ ଏ ଦୁଇ ଶକ୍ତିର ବିଭିନ୍ନ ପ୍ରକାର ସମ୍ମିଶ୍ରଣରେ ହିଁ ଜଗତର ଇତିହାସ ଗଢ଼ି ଉଠିଛି ।

ବର୍ତ୍ତମାନ ମାନବ-ଇତିହାସର ଆଉ ଏକ ପୃଷ୍ଠା ଧୀରେ ଧୀରେ ଉନ୍ମୋଚିତ ହେଉଛି ଏବଂ ସର୍ବତ୍ର ତାହାର ଚିହ୍ନ ପରିଲକ୍ଷିତ ହେଉଛି । ଶହ ଶହ ନୂତନ ପରିକଳ୍ପନାର ଉଦ୍ଭବ ଓ ବିଲୟ ହେବ, କିନ୍ତୁ ଏକମାତ୍ର ଯୋଗ୍ୟତମର ହିଁ ପ୍ରତିଷ୍ଠା ସୁନିଶ୍ଚିତ—ସତ୍ୟ ଓ ଶିବ ଅପେକ୍ଷା ଯୋଗ୍ୟତମ ଆଉ କଅଣ ହୋଇପାରେ ?

ଭବଦୀୟ, ବିବେକାନନ୍ଦ

୧୮୯୫ଇଂ

54 W. 33rd St., ନ୍ୟୁୟର୍କ

୨୫ ଏପ୍ରିଲ ୧୮୯୫

ପ୍ରିୟ ମିସେସ୍ ବୁଲ୍,

ପଅରଦିନ ମିସ୍ ଫାର୍ମର୍‌ଙ୍କର ଗୋଟିଏ କୃପାଲିପି ପାଇଲି—ସେଥିସହିତ ବାଙ୍ଗର୍ ହାଉସ୍‌ରେ ପ୍ରଦତ୍ତ ବକ୍ତୃତାଗୁଡ଼ିକ ପାଇଁ ଏକଶହ ଡଲାରର ଗୋଟିଏ ଚେକ୍ ମଧ୍ୟ ଆସିଲା । ଆଗାମୀ ଶନିବାର ଦିନ ସେ ନ୍ୟୁୟର୍କ ଆସୁଛନ୍ତି । ଅବଶ୍ୟ ମୁଁ ମିସ୍ ଫାର୍ମରଙ୍କୁ ତାଙ୍କ ବକ୍ତୃତାର ବିଜ୍ଞାପନରେ ମୋ ନାମ ଦେବା ପାଇଁ ମନା କରିବି । ମୁଁ ବର୍ତ୍ତମାନ ଗ୍ରୀନ୍‌ଏକର୍‌କୁ ଯାଇପାରୁ ନାହିଁ; ସହସ୍ରଦ୍ୱୀପୋଦ୍ୟାନକୁ ( Thousand Island Park ) ଯିବା ପାଇଁ ମୁଁ ବନ୍ଦୋବସ୍ତ କରୁଛି— ତାହା ଯେଉଁଠାରେ ହିଁ ହେଉ । ସେଠାରେ ମୋର ଜଣେକା ଛାତ୍ରୀ ମିସ୍ ଡାଚ୍‌ର୍‌ଙ୍କର ଗୋଟିଏ କୁଟୀର ଅଛି । ଆମେ କେତେଜଣ ସେଠାରେ ନିର୍ଜନ ବାସ କରି ବିଶ୍ରାମ ଓ ଶାନ୍ତିରେ କଟାଇବା ପାଇଁ ମନସ୍ଥ କରିଛୁ । ମୋ କ୍ଲାସ୍‌କୁ ଯେଉଁମାନେ ଆସନ୍ତି, ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ମୁଁ 'ଯୋଗୀ' କରିବାକୁ ଚାହେଁ । ଗ୍ରୀନ୍‌ଏକର୍ ପରି କର୍ମଚଞ୍ଚଳ ହାଟ ଏଥିପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ । ଅପର ସ୍ଥାନଟି ଲୋକାଳୟଠାରୁ ସମ୍ପୂର୍ଣ୍ଣ ଦୂରରେ ରହିଥିବାରୁ ଯେଉଁମାନେ କେବଳ ମଉଜ କରିବାକୁ ଚାହାନ୍ତି, ସେମାନେ କେହି ସେଠାକୁ ଯିବା ଲାଗି ସାହସ କରିବେ ନାହିଁ ।

ଜ୍ଞାନଯୋଗ କ୍ଲାସ୍‌କୁ ଯେଉଁମାନେ ଆସୁଥିଲେ, ସେମାନଙ୍କ ମଧ୍ୟରୁ ୧୩୦ ଜଣଙ୍କର ନାମ ମିସ୍ ହାମ୍‌ଲିନ୍ ଟିପି ରଖିଥିଲେ—ଏଥିରେ ମୁଁ ଖୁବ୍ ଖୁସୀ ହୋଇଛି । ଆହୁରି ୫୦ ଜଣ ବୁଧବାରର ଯୋଗ-କ୍ଲାସ୍‌କୁ ଆସନ୍ତି—ସୋମବାରର କ୍ଲାସ୍‌କୁ ମଧ୍ୟ ଆହୁରି ୫୦ ଜଣ । ମି: ଲାଣ୍ଡ୍‌ସବର୍ଗ ସମସ୍ତଙ୍କର ନାମ ଟିପିଥିଲେ—ଆଉ ନାଁ ଟିପା ଥାଉ ବା ନ ଥାଉ, ଏମାନେ ସମସ୍ତେ ଆସିବେ । ମି: ଲାଣ୍ଡ୍‌ସବର୍ଗ ମୋ ସଂସ୍ରବ ଛାଡ଼ି ଦେଇଛନ୍ତି, କିନ୍ତୁ ସବୁ ନାମଗୁଡ଼ିକ ମୋ ପାଖରେ ରଖି ଯାଇଛନ୍ତି । ସେମାନେ ସମସ୍ତେ ଆସିବେ—ଆଉ ସେମାନେ ଯଦି ନ ଆସନ୍ତି ତ ଅନ୍ୟମାନେ ଆସିବେ । ଏହି ଭାବରେ ହିଁ ଚାଲିବ—ପ୍ରଭୁ, ତୁମରି ମହିମା !!

ନାଁ ଟିପି ରଖିବା ଏବଂ ବିଜ୍ଞାପନ ଦେବା ଯେ ଗୋଟିଏ ବଡ଼ କାମ, ସନ୍ଦେହ ନାହିଁ; ଏବଂ ମୋ ଲାଗି ଏ କାମ କରିଥିବା ଯୋଗୁଁ ସେ ଉଭୟଙ୍କ ନିକଟରେ ମୁଁ ବିଶେଷ କୃତଜ୍ଞ । କିନ୍ତୁ ମୁଁ ବେଶ୍ ବୁଝିପାରୁଛି ଯେ, ଅନ୍ୟ ଉପରେ ନିର୍ଭର କରିବା ମୋ ନିଜର ଆଳସ୍ୟ ମାତ୍ର, ସୁତରାଂ ତାହା ଅଧର୍ମ ଏବଂ ଆଳସ୍ୟରୁ ହିଁ ସର୍ବଦା ଅନିଷ୍ଟ ହୋଇଥାଏ । ସୁତରାଂ ବର୍ତ୍ତମାନ-ଠାରୁ ସେସମସ୍ତ କାର୍ଯ୍ୟ ମୁଁ ନିଜେ କରୁଛି ଏବଂ ଭବିଷ୍ୟତରେ ମଧ୍ୟ ନିଜେ ସବୁ କରିବି । ତାହା ଫଳରେ ଭବିଷ୍ୟତରେ କାହାର କୌଣସି ଉଦ୍‌ବେଗର କାରଣ ରହିବ ନାହିଁ ।

ଯାହା ହେଉ, ମୁଁ ମିସ୍ ହାମ୍‌ଲିନ୍‌ଙ୍କର 'ଠିକ୍ ଠିକ୍ ଲୋକଙ୍କ' ମଧ୍ୟରୁ ଯେକୌଣସି ବ୍ୟକ୍ତିଙ୍କୁ ନେଇପାରିଲେ ସୁଖୀ ହେବି; କିନ୍ତୁ ମୋର ଦୁର୍ଭାଗ୍ୟ ଯେ ସେପରି ଜଣେ ଲୋକ ମଧ୍ୟ ଏପର୍ଯ୍ୟନ୍ତ ଆସିଲେ ନାହିଁ । ଆଚାର୍ଯ୍ୟଙ୍କର ଚିରନ୍ତନ କର୍ତ୍ତବ୍ୟ ହେଉଛି, ଅତ୍ୟନ୍ତ 'ବେଠିକ୍' ଲୋକଙ୍କ ମଧ୍ୟରୁ 'ଠିକ୍ ଠିକ୍ ଲୋକ' ଗଢ଼ି ନେବା ।

ଅସଲ କଥା ହେଉଛି, ମିସ ହାମ୍‌ଲିନ୍ ନାମକ ସମ୍ଭ୍ରାନ୍ତ ମହିଳା ଜଣକ ନ୍ୟୁୟର୍କର

'ଠିକ୍ ଠିକ୍ ଲୋକ'ଙ୍କ ସହିତ ମୋର ପରିଚୟ କରାଇ ଦେବେ ବୋଲି ଆଶା ଓ ଉତ୍ସାହ ଦେଇଥିଲେ ଏବଂ କାର୍ଯ୍ୟତଃ ସେ ମୋତେ ଯେଭଳି ସାହାଯ୍ୟ କରିଥିଲେ, ସେଥିପାଇଁ ଯଦିଚ ମୁଁ ତାଙ୍କ ନିକଟରେ ବିଶେଷ କୃତଜ୍ଞ, ତଥାପି ମୁଁ ମନେ କରୁଛି ଯେ, ମୋର ଯେଉଁ ଅଳ୍ପ ସ୍ୱଳ୍ପ କାର୍ଯ୍ୟ ରହିଛି, ତାହା ମୋ ନିଜ ହାତରେ କରିବା ହିଁ ଭଲ । ବର୍ତ୍ତମାନ ଅପରର ସାହାଯ୍ୟ ନେବା ପାଇଁ ସମୟ ହୋଇ ନାହିଁ—ଏବେ କାମ ଅତି ଅଳ୍ପ । ଉକ୍ତ ମିସ ହାମ୍ଲିନ୍‌ଙ୍କ ସମ୍ବନ୍ଧରେ ଆପଣଙ୍କର ଯେଉଁ ଉଚ୍ଚ ଧାରଣା ରହିଛି, ସେଥିରେ ମୁଁ ବିଶେଷ ଖୁସି । ଆପଣ ଯେ ତାଙ୍କୁ ସାହାଯ୍ୟ କରିବେ, ଏଥିରେ ଅନ୍ୟମାନେ ଯାହା ଅନୁଭବ କରନ୍ତୁ ନା କାହିଁକି, ମୁଁ ଅତ୍ୟନ୍ତ ଆନନ୍ଦିତ; କାରଣ ତାଙ୍କର ସାହାଯ୍ୟର ଆବଶ୍ୟକତା ରହିଛି । କିନ୍ତୁ ମା, ଶ୍ରୀରାମକୃଷ୍ଣଙ୍କ କୃପାରୁ କୌଣସି ବ୍ୟକ୍ତିର ମୁହଁକୁ ଚାହିଁବା ମାତ୍ରେ ମୁଁ ଯେପରି ସ୍ୱାଭାବିକ ସଂସ୍କାର ବଳରେ ତା' ଭିତରେ କ'ଣ ଅଛି ତାହା ପ୍ରାୟ ଅଭ୍ରାନ୍ତ ଭାବରେ ଜାଣିପାରେ; ଆଉ ଏହା ଫଳରେ ଏତିକି ହୋଇଛି ଯେ, ଆପଣ ମୋର ସମସ୍ତ ବ୍ୟାପାର ନେଇ ଯାହା ଖୁସି ତାହା କରିପାରନ୍ତି, ମୁଁ ସେଥିରେ ଏତେ ଟିକିଏ ମଧ୍ୟ ଅସନ୍ତୋଷ ପ୍ରକାଶ କରିବି ନାହିଁ । ମୁଁ ମିସ୍ ଫାର୍ମର୍‌ଙ୍କ ପରାମର୍ଶ ମଧ୍ୟ ଖୁବ୍ ଆନନ୍ଦର ସହିତ ଗ୍ରହଣ କରିବି—ସେ ଯେତେ ଭୂତପ୍ରେତଙ୍କ କଥା କହନ୍ତୁ ନା କାହିଁକି । ଏସବୁ ଭୂତପ୍ରେତଙ୍କ ଅନ୍ତରାଳରେ ମୁଁ ଏକ ଅଗାଧପ୍ରେମପୂର୍ଣ୍ଣ ହୃଦୟ ଦେଖିପାରୁଛି, କେବଳ ତା' ଉପରେ ଏକ ପ୍ରଶଂସନୀୟ ଉଚ୍ଚାକାଙ୍‌କ୍ଷାର ସୂକ୍ଷ୍ମ ଆବରଣ ରହିଛି—ତାହା ମଧ୍ୟ କେତେ ବର୍ଷ ମଧ୍ୟରେ ନିଶ୍ଚିତ ନଷ୍ଟ ହୋଇଯିବ । ଏପରିକି ଲଣ୍ଡ୍ସବର୍ଗ ମଧ୍ୟ ମଝିରେ ମଝିରେ ମୋ ବିଷୟରେ ହସ୍ତକ୍ଷେପ କଲେ ମୁଁ ସେଥିରେ କୌଣସି ଆପତ୍ତି କରିବି ନାହିଁ । କିନ୍ତୁ କେବଳ ଏହି ପର୍ଯ୍ୟନ୍ତ । ଏମାନଙ୍କ ଛଡ଼ା ଅନ୍ୟ କୌଣସି ବ୍ୟକ୍ତି ମୋତେ ସାହାଯ୍ୟ କରିବାକୁ ଆସିଲେ ମୁଁ ବିଶେଷ ଭୟ କରେ—ଏତିକି କହି ରଖୁଛି । ଆପଣ ମୋତେ ଯେଉଁ ସାହାଯ୍ୟ କରୁଛନ୍ତି, କେବଳ ସେଥିପାଇଁ ନୁହେଁ—ମୋର ସ୍ୱାଭାବିକ ସଂସ୍କାର ବଶତଃ ( ଅଥବା ଯାହାକୁ ମୁଁ ମୋର ଗୁରୁମହାରାଜଙ୍କ ପ୍ରେରଣା ବୋଲି କହିଥାଏ ) ଆପଣଙ୍କୁ ମୁଁ ମୋର ମାଆ ଭଳି ଦେଖେ । ସୁତରାଂ ଆପଣ ମୋତେ ଯେକୌଣସି ପରାମର୍ଶ ଦେବେ, ମୁଁ ତାହା ସର୍ବଦା ପାଳନ କରିବି—କିନ୍ତୁ ସେହି ପରାମର୍ଶ ବା ଆଦେଶ ସାକ୍ଷାତ୍ ଆପଣଙ୍କଠାରୁ ଆସିବା ଦରକାର । ଆପଣ ଯଦି ଆଉ କାହାକୁ ମଝିରେ ଠିଆ କରାନ୍ତି, ତା'ହେଲେ ମୁଁ ନିଜେ ବାଛି ନେବାର ଦାବି ପ୍ରାର୍ଥନା କରୁଛି । ଏତିକି କଥା—ଆଉ କ'ଣ ?

ଆପଣଙ୍କର ଚିରାନୁଗତ ସନ୍ତାନ, ବିବେକାନନ୍ଦ

ପୁଃ—ମିସ୍ ହାମ୍ଲିନ୍ ଏପର୍ଯ୍ୟନ୍ତ ଆସି ପହଞ୍ଚି ନାହାନ୍ତି । ସେ ଆସିଗଲେ ମୁଁ ସଂସ୍କୃତ ବହିଗୁଡ଼ିକ ପଠାଇବି । ସେ କ'ଣ ଆପଣଙ୍କ ନିକଟକୁ ମିଃ ନଓରୋଜୀଙ୍କ ଲିଖିତ ଭାରତ ସମ୍ବନ୍ଧରେ ଗୋଟିଏ ବହି ପଠାଇଛନ୍ତି ? ଆପଣ ଯଦି ବହିଟିକୁ ଥରେ ଆମୂଳଚୂଳ ଦେଖିବା ଲାଗି ଆପଣଙ୍କ ଭାଇକୁ କହନ୍ତି, ତା'ହେଲେ ମୁଁ ଖୁବ୍ ଖୁସି ହେବି । ଗାନ୍ଧୀ ବର୍ତ୍ତମାନ କେଉଁଠି ?

ବି.

୪୮ଡ଼ଇ° 54 W. 33 St., New York

ପ୍ରିୟ, ମେ ୧୮୯୫

ତୁମକୁ ଚିଠି ଲେଖିବା ପରେ ମୋର ଛାତ୍ରମାନେ ମୋତେ ସାହାଯ୍ୟ କରିବାକୁ ପୁଣି ଆସିଛନ୍ତି; କ୍ଲାସ୍‌ଗୁଡ଼ିକ ଏଣିକି ସୁନ୍ଦର ଭାବେ ଚାଲିବ, ସନ୍ଦେହ ନାହିଁ ।

ଏଥିରେ ମୁଁ ଖୁବ୍ ଖୁସି । କାରଣ ଶିଖାଇବା ମୋ ଜୀବନର ଗୋଟିଏ ଅଚ୍ଛେଦ୍ୟ ଅଂଶ ହୋଇଯାଇଛି । ଖାଦ୍ୟ ଓ ବିଶ୍ରାମ ଯେପରି ପ୍ରୟୋଜନ, ମୋ ଜୀବନରେ ଏହା ମଧ୍ୟ ସେହିପରି ଦରକାର ।

ତୁମର, ବିବେକାନନ୍ଦ

ପୁଃ—ମୁଁ ଇଂରାଜୀ ପତ୍ରିକା 'The Border Land'ରେ ଏ ବିଷୟରେ ଅନେକ କିଛି ପଢ଼ିଛି । ଭାରତରେ ଖୁବ୍ ଭଲ କାମ ହେଉଛି ଏବଂ ହିନ୍ଦୁମାନେ ଯେପରି ତାଙ୍କର ଧର୍ମକୁ ବୁଝିପାରିବେ, ସେ ବିଷୟରେ ଚେଷ୍ଟା କରୁଛନ୍ତି । ମୁଁ —ଙ୍କ ଲେଖାରେ କୌଣସି ପ୍ରକାର ପାଣ୍ଡିତ୍ୟ ଦେଖିବାକୁ ପାଇନାହିଁ, ...ଅଥବା କୌଣସି ଆଧ୍ୟାତ୍ମିକତା ମଧ୍ୟ ନୁହେଁ । ଯାହାହେଉ, ଯେ ଜଗତର ଭଲ କରିବାକୁ ଚାହେଁ, ତା'ର ଉଦ୍ଦେଶ୍ୟ ସଫଳ ହେଉ ।

କେତେ ସହଜରେ ଏହି ସଂସାର ଧପ୍‌ପାବାଜିରେ ଭୂଲିଯାଏ ! ସଭ୍ୟତାର ସୂଚନା ସମୟରୁ କେତେ ଯେ ଜୁଆଚ୍ଚୋର ବିଚରା ମଣିଷର ମୁଣ୍ଡ ଉପରେ ଜମିଛି !

୪୮ଡ଼ଇ° (ଖେତଡ଼ିର ମହାରାଜାଙ୍କୁ ଲିଖିତ)* U. S. A. ମଇ (?) ୧୮୯୫

'ଯେତେବେଳେ ଧର୍ମର ଗ୍ଲାନି ଓ ଅଧର୍ମର ଅଭ୍ୟୁତ୍ଥାନ ହୁଏ, ସେତେବେଳେ ମୁଁ ଧର୍ମର ପୁନଃସ୍ଥାପନ ପାଇଁ ଆବିର୍ଭୂତ ହୁଏ ।' ହେ ମହାରାଜ, ଏହି ବାଣୀ ପବିତ୍ର ଗୀତାଶାସ୍ତ୍ରରେ ସେହି ସନାତନ ଭଗବାନଙ୍କର ବାକ୍ୟ; ଏହି ବାକ୍ୟ ଜଗତରେ ଆଧ୍ୟାତ୍ମିକ ଶକ୍ତି-ପ୍ରବାହର ଉତ୍ଥାନ-ପତନ-ନିୟମର ମୂଳମନ୍ତ୍ରସ୍ୱରୂପ ।

ଧର୍ମ-ଜଗତରେ ଏହି ସମସ୍ତ ପରିବର୍ତ୍ତନ ବାରମ୍ବାର ନୂତନ ନୂତନ ବିଶିଷ୍ଟ ଛନ୍ଦରେ ପ୍ରକାଶିତ ହେଉଛି ଏବଂ ଯଦ୍ୟପି ଅନ୍ୟାନ୍ୟ ବିରାଟ ପରିବର୍ତ୍ତନ ସଦୃଶ ଏହା ନିଜସ୍ୱ କ୍ଷେତ୍ର ମଧ୍ୟଗତ ପ୍ରତ୍ୟେକ ବସ୍ତୁ ଉପରେ ପ୍ରଭାବ ବିସ୍ତାର କରେ, ତଥାପି ଶକ୍ତି-ଧାରଣରେ ସମର୍ଥ ବସ୍ତୁ ଉପରେ ହିଁ ଏହାର କାର୍ଯ୍ୟକାରିତା ଅଧିକ ପ୍ରକାଶ ପାଏ ।

ବିଶ୍ୱଗତ ଭାବରେ ଯେପରି ଜଗତର ଆଦିମ ଅବସ୍ଥା ତ୍ରିଗୁଣର ସାମ୍ୟଭାବ, ଏହି ସାମ୍ୟଭାବର ଚ୍ୟୁତି ଓ ତାହାର ପୁନଃପ୍ରାପ୍ତି ସକାଶେ ସମୁଦାୟ ଚେଷ୍ଟାକୁ ନେଇ ଏହି ପ୍ରକୃତିର ବିକାଶ ବା ବିଶ୍ୱଜଗତ; ଯେତେଦିନ ପର୍ଯ୍ୟନ୍ତ ଏହି ସାମ୍ୟାବସ୍ଥା ପୁନରାୟ ନ ଆସେ, ସେତେଦିନ ପର୍ଯ୍ୟନ୍ତ ଏହିଭାବରେ ଚାଲୁଥାଏ । ସୀମାବଦ୍ଧ ଭାବରେ ସେହିପରି ଆମର ଏହି ପୃଥିବୀରେ ଯେତେଦିନ ମନୁଷ୍ୟଜାତି ବର୍ତ୍ତମାନ ଆକାରରେ ରହିବ, ସେତେଦିନ ଏହି

---

* ରାଜପୁତାନା ଅନ୍ତର୍ଗତ ଖେତଡ଼ିର ମହାରାଜାଙ୍କ ଅଭିନନ୍ଦନ-ପତ୍ରର ଉତ୍ତର । (୧୮୯୫)

ଏହି ବୈଷମ୍ୟ ଓ ତାହାର ନିତ୍ୟ ସହଚର ଏହି ସାମ୍ୟଲାଭର ଚେଷ୍ଟା—ଉଭୟେ ପରସ୍ପରର ଅନୁବର୍ତ୍ତୀ ହୋଇ ବିରାଜ କରିବେ । ସେଥିରେ ସମସ୍ତ ପୃଥିବୀର ଭିନ୍ନ ଭିନ୍ନ ଜାତି ମଧ୍ୟରେ, ଉପଜାତିଗୁଡ଼ିକ ମଧ୍ୟରେ, ଏପରିକି ପ୍ରତ୍ୟେକ ବ୍ୟକ୍ତି ବ୍ୟକ୍ତି ଭିତରେ ସୁସ୍ପଷ୍ଟ ବିଶେଷତ୍ୱ ରହିବ ।

ତେଣୁ ନିରପେକ୍ଷ ଭାବରେ ଏବଂ ସାମ୍ୟ ରକ୍ଷା କରି ସମସ୍ତଙ୍କୁ ସମାନ ଶକ୍ତି ଦିଆଗଲେ ମଧ୍ୟ ପ୍ରତ୍ୟେକ ଜାତି ଯେପରି କୌଣସି ବିଶେଷ ପ୍ରକାର ଶକ୍ତିସଂଗ୍ରହ ଓ ବିତରଣର ଉପଯୋଗୀ ଗୋଟିଏ ଗୋଟିଏ ଅଦ୍ଭୁତ ଯନ୍ତ୍ରସ୍ୱରୂପ; ସେହି ଜାତିର ଅନ୍ୟାନ୍ୟ ଅନେକ ଶକ୍ତି ରହିଥିଲେ ସୁଦ୍ଧା ସେହି ବିଶେଷ ଶକ୍ତିଟି ହିଁ ସେ ଜାତିର ବିଶେଷ ଲକ୍ଷଣ ରୂପେ ଉଜ୍ଜ୍ୱଳ ଭାବରେ ପ୍ରକାଶ ପାଏ । ମନୁଷ୍ୟପ୍ରକୃତିରେ କୌଣସି ବିଶେଷ ଭାବର ତରଙ୍ଗ ଉଠିଲେ, ତାହାର ପ୍ରଭାବ ଊଣା ଅଧିକେ ସମସ୍ତେ ଅନୁଭବ କଲେ ମଧ୍ୟ, ତାହା ଯେଉଁ ଜାତିର ବିଶେଷ ଲକ୍ଷଣ ଏବଂ ସାଧାରଣତଃ ଯାହାକୁ କେନ୍ଦ୍ର କରି ତାହା ଉତ୍ପନ୍ନ ହୁଏ, ତାହା ସେହି ଜାତିର ଅନ୍ତରର ଅନ୍ତସ୍ତଳ ପର୍ଯ୍ୟନ୍ତ ଆଲୋଡ଼ିତ କରେ । ଏହି କାରଣରୁ ଧର୍ମଜଗତରେ କୌଣସି ଆନ୍ଦୋଳନ ଉପସ୍ଥିତ ହେଲେ, ତାହାର ଫଳସ୍ୱରୂପ ଭାରତରେ ଅବଶ୍ୟ ନାନାପ୍ରକାର ଗୁରୁତର ପରିବର୍ତ୍ତନ ସଙ୍ଘଟିତ ହେବ ଏବଂ ଭାରତକୁ କେନ୍ଦ୍ର କରି ବହୁବିସ୍ତୃତ ଧର୍ମତରଙ୍ଗସମୂହ ବାରମ୍ବାର ଉତ୍ଥିତ ହୋଇଛି, କାରଣ ଧର୍ମଭୂମି ଭାବରେ ହିଁ ଭାରତର ବିଶେଷତ୍ୱ ।

ପ୍ରତ୍ୟେକ ବ୍ୟକ୍ତି ତାହାକୁ ହିଁ ବାସ୍ତବ ବୋଲି କହେ, ଯାହା ତାହାର ଆଦର୍ଶ ଲାଭରେ ସହାୟତା କରେ । ସାଂସାରିକ ଭାବାପନ୍ନ ବ୍ୟକ୍ତିଗଣଙ୍କ ନିକଟରେ ଯାହା ବିନିମୟରେ ଟଙ୍କା ହୁଏ, ତାହା ହିଁ ବାସ୍ତବ; ଏବଂ ଯାହା ବିନିମୟରେ ଟଙ୍କା ହୁଏ ନାହିଁ, ତାହା ଅବାସ୍ତବ । ପ୍ରଭୁତ୍ୱ ଯାହାର ଆକାଙ୍‌କ୍ଷା, ତାହା ନିକଟରେ ଯଦ୍ୱାରା ସମସ୍ତଙ୍କ ଉପରେ ପ୍ରଭୁତ୍ୱ କରିବାର ବାସନା ଚରିତାର୍ଥ ହୁଏ, ତାହା ହିଁ ବାସ୍ତବ ଏବଂ ଅବଶିଷ୍ଟ ଅର୍ଥହୀନ । ସେହିପରି ଜୀବନରେ ଯାହା ବିଶେଷ ପ୍ରୀତିର ପ୍ରତିଧ୍ୱନି ନ ତୋଳେ, ସେଥିରେ ମଣିଷ କିଛିହେଲେ ଦେଖିପାରେ ନାହିଁ ।

ଯେଉଁମାନଙ୍କର ଏକମାତ୍ର ଲକ୍ଷ୍ୟ ଜୀବନର ସମସ୍ତ ଶକ୍ତି ବିନିମୟରେ କାଞ୍ଚନ, ନାମ ବା ଅନ୍ୟ କୌଣସି ପ୍ରକାର ଭୋଗସୁଖ ଅର୍ଜ୍ଜନ କରିବା, ଯାହାଙ୍କ ନିକଟରେ ସମରସଜ୍ଜାରେ ସଜ୍ଜିତ ସୈନ୍ୟଦଳଙ୍କ ଯୁଦ୍ଧଯାତ୍ରା ହିଁ ଶକ୍ତିବିକାଶର ଏକମାତ୍ର ଲକ୍ଷଣ, ଯାହାଙ୍କ ନିକଟରେ ଇନ୍ଦ୍ରିୟସୁଖ ହିଁ ଜୀବନର ଏକମାତ୍ର ଆନନ୍ଦ, ସେମାନଙ୍କର ଦୃଷ୍ଟିରେ ଭାରତ ସର୍ବଦା ଏକ ବିରାଟ ମରୁଭୂମି ପ୍ରତୀୟମାନ ହେବ; ସେମାନେ ଯାହାକୁ ଜୀବନର ବିକାଶ ବୋଲି ମନେ-କରନ୍ତି, ସେହି ପରିପ୍ରେକ୍ଷୀରେ ଏହି ମରୁଭୂମିର ପ୍ରତିଟି ବାୟୁପ୍ରବାହ ମୃତ୍ୟୁସ୍ୱରୂପ ।

କିନ୍ତୁ ଯେଉଁମାନଙ୍କର ଜୀବନ-ତୃଷ୍ଣା ଇନ୍ଦ୍ରିୟ-ଜଗତରୁ ବହୁଦୂରରେ ଅବସ୍ଥିତ ଅମୃତନଦୀର ସଲିଳପାନରେ ସମ୍ପୂର୍ଣ୍ଣ ପରିତୃପ୍ତ ହୋଇଛି, ଯାହାଙ୍କର ଆତ୍ମା ସର୍ପର ଜୀର୍ଣ୍ଣତ୍ୱକ୍‌ମୋଚନ ପରି କାମ, କାଞ୍ଚନ ଓ ଯଶଃସ୍ପୃହା-ରୂପକ ତ୍ରିବିଧ ବନ୍ଧନକୁ ଦୂରରେ ପରିତ୍ୟାଗ କରିଛି, ଯେଉଁମାନେ ଶାନ୍ତିସ୍ଥୈର୍ଯ୍ୟର ଉନ୍ନତ ଶିଖରରେ ଆରୋହଣ କରି ସେଠାରୁ ଇନ୍ଦ୍ରିୟବନ୍ଧନରେ ଆବଦ୍ଧ ବ୍ୟକ୍ତିଗଣଙ୍କ ଦ୍ୱାରା 'ଭୋଗ' ନାମରେ କଥିତ ଆପାତମଧୁର ବସ୍ତୁ

ପାଇଁ ନୀଚ-ଜନୋଚିତ କଳହ, ବିବାଦ, ଦ୍ୱେଷ-ହିଂସା ପ୍ରତି ପ୍ରୀତି ଓ ପ୍ରସନ୍ନତାର ଦୃଷ୍ଟି ନିକ୍ଷେପ କରନ୍ତି, ଯାହାଙ୍କର ସଞ୍ଚିତ ପୂର୍ବ ସତ୍‌କର୍ମ ଫଳରେ ଚକ୍ଷୁରୁ ଅଜ୍ଞାନର ଆବରଣ ଅପସାରିତ ହୋଇଥିବାରୁ ଯେଉଁମାନେ ଅସାର ନାମରୂପକୁ ଭେଦକରି ପ୍ରକୃତ ସତ୍ୟଦର୍ଶନରେ ସମର୍ଥ ହୋଇଛନ୍ତି, ସେମାନେ ଯେକୌଣସି ସ୍ଥାନରେ ରହନ୍ତୁ ନା କାହିଁକି, ଆଧ୍ୟାତ୍ମିକତାର ଜନନୀ ଓ ଅନନ୍ତ ଖଣିସ୍ୱରୂପ ଭାରତବର୍ଷ ସେମାନଙ୍କ ଦୃଷ୍ଟିରେ ଭିନ୍ନ ରୂପରେ—ମହିମାମୟ ଉଜ୍ଜ୍ୱଳତର ରୂପରେ ପ୍ରତିଭାତ ହୁଏ; ଶୂନ୍ୟରେ ବିଲୀନପ୍ରାୟ ପ୍ରାୟ ଏହି ଜଗତରେ ଯେ ଏକମାତ୍ର ପ୍ରକୃତ ସତ୍ତା, ତାଙ୍କର ଅନୁସନ୍ଧାନପରାୟଣ ପ୍ରତ୍ୟେକ ସାଧକ ନିକଟରେ ଭାରତ ଆଶାର ଆଲୋକ ରୂପେ ପ୍ରତୀତ ହୁଏ ।

ଅଧିକାଂଶ ମାନବ ହିଁ ସେତେବେଳେ ଶକ୍ତିକୁ ଶକ୍ତି ବୋଲି ବୁଝିପାରନ୍ତି, ଯେତେବେଳେ ତାହା ତାଙ୍କର ଅନୁଭବର ଉପଯୋଗୀ ହୋଇ ସ୍ଥୂଳ ଆକାରରେ ସେମାନଙ୍କ ସମ୍ମୁଖରେ ପ୍ରକାଶ ପାଏ । ସେମାନଙ୍କ ନିକଟରେ ପ୍ରବଳ ସମରୋତ୍ସାହ ଖୁବ୍ ସ୍ପଷ୍ଟତଃ ପ୍ରତ୍ୟକ୍ଷ ଶକ୍ତିର ବିକାଶ ବୋଲି ପ୍ରତୀତ ହୁଏ; ଏବଂ ଯାହା ଝଡ଼ପରି ଆସି ସମ୍ମୁଖରେ ଯାହାକିଛି ପାଏ ତାହାକୁ ଓଲଟ-ପାଲଟ କରି ନ ପକାଏ, ତାହା ସେମାନଙ୍କ ଦୃଷ୍ଟିରେ ମୃତ୍ୟୁସ୍ୱରୂପ । ସୁତରାଂ ଶତ ଶତ ଶତାବ୍ଦୀ ଧରି କୌଣସି ପ୍ରକାର ବାଧା ଦେବାର ଚେଷ୍ଟା ନ କରି ବିଦେଶୀ ବିଜେତୃଗଣଙ୍କ ପଦତଳେ ପତିତ, ଲେଶମାତ୍ର ଏକତାହୀନ, ଲେଶମାତ୍ର ସ୍ୱଦେଶହିତୈଷଣା-ଶୂନ୍ୟ ଭାରତବର୍ଷ ସେମାନଙ୍କ ପକ୍ଷରେ ଗଳିତ-ଅସ୍ଥିପୂର୍ଣ୍ଣ ଭୂମି ଓ ପ୍ରାଣହୀନ ପଚନଶୀଳ ପଦାର୍ଥରାଶି ବୋଲି ପ୍ରତୀୟମାନ ହେବ ।

କୁହାଯାଇଥାଏ ଯେ, କେବଳ ଯୋଗ୍ୟତମ ହିଁ ଜୀବନ-ସଂଗ୍ରାମରେ ଜୟୀ ହୋଇଥାଏ । ତେବେ ସାଧାରଣ ଧାରଣାନୁସାରେ ଯେଉଁ ଜାତି ସମସ୍ତ ଜାତି ମଧ୍ୟରେ ଅଯୋଗ୍ୟତମ, ସେହି ଜାତି ଦାରୁଣ ଜାତୀୟ ଦୁର୍ଭାଗ୍ୟଚକ୍ରରେ ନିଷ୍ପେଷିତ ହେଲେ ମଧ୍ୟ ତାହାର ବିନାଶର ଲେଶମାତ୍ର ଚିହ୍ନ କାହିଁକି ଦେଖାଯାଉ ନାହିଁ ? ତଥାକଥିତ ବୀର୍ଯ୍ୟଶାଳୀ ଓ କର୍ମପରାୟଣ ଜାତିସମୂହଙ୍କ ଶକ୍ତି ଯେପରି ଏକଦିଗରେ ପ୍ରତିଦିନ ହ୍ରାସ ପାଉଛି, ଅନ୍ୟପକ୍ଷରେ ସେହିପରି 'ଦୁର୍ନୀତି-ପରାୟଣ (?)' ହିନ୍ଦୁର ଶକ୍ତି ଅଧିକତର ବିକାଶଲାଭ କରୁଛି, ଏହା କିପରି ସମ୍ଭବ ହେଉଛି ? ଯେଉଁମାନେ ମୁହୂର୍ତ୍ତିକ ମଧ୍ୟରେ ପୃଥିବୀକୁ ଶୋଣିତସାଗରରେ ପ୍ଲାବିତ କରିଦେଇ ପାରନ୍ତି, ସେମାନେ ଅବଶ୍ୟ ଖୁବ୍ ପ୍ରଶଂସା ପାଇବାର ଯୋଗ୍ୟ । ଯେଉଁମାନେ ଅଳ୍ପକେତେ ଲକ୍ଷ ଲୋକଙ୍କୁ ସୁଖସ୍ୱାଚ୍ଛନ୍ଦ୍ୟରେ ରଖିବା ପାଇଁ ପୃଥିବୀର ଅର୍ଦ୍ଧେକ ଲୋକଙ୍କୁ ଅନାହାରରେ ରଖିପାରନ୍ତି, ସେମାନେ ମଧ୍ୟ ମହତ୍ତ୍ୱ ଗୌରବର ଅଧିକାରୀ ! କିନ୍ତୁ, ଯେଉଁମାନେ ଅନ୍ୟ କାହାର ମୁହଁରୁ ଅନ୍ନ କାଢ଼ି ନ ନେଇ ଶତଶତ ଲକ୍ଷ ଲୋକଙ୍କୁ ଶାନ୍ତି ଓ ସୁଖ-ଶାନ୍ତିରେ ରଖିପାରନ୍ତି, ସେମାନେ କ'ଣ କୌଣସି ପ୍ରକାର ସମ୍ମାନ ପାଇବା ପାଇଁ ଯୋଗ୍ୟ ନୁହନ୍ତି ? ଶତଶତ ଶତାବ୍ଦୀ ଧରି ଅପର ଉପରେ ବିନ୍ଦୁମାତ୍ର ଅତ୍ୟାଚାର ନ କରି ଲକ୍ଷଲକ୍ଷ ଲୋକଙ୍କର ଅଦୃଷ୍ଟ-ଚକ୍ର ପରିଚାଳନା କରିବାରେ କ'ଣ କୌଣସି ଶକ୍ତିର ବିକାଶ ଲକ୍ଷିତ ହେଉନାହିଁ ?

ସମସ୍ତ ପ୍ରାଚୀନ ଜାତିଙ୍କ ପୁରାଣରେ ବୀରଗଣଙ୍କ ଉପାଖ୍ୟାନରେ ଦେଖାଯାଏ— ସେମାନଙ୍କର ପ୍ରାଣ ତାଙ୍କ ଶରୀରର କୌଣସି କ୍ଷୁଦ୍ର ଅଂଶରେ ଘନୀଭୂତ ଥିଲା । ଯେତେଦିନ ପର୍ଯ୍ୟନ୍ତ ତା'ଉପରେ ହାତ ନ ପଡ଼ୁଛି, ସେତେଦିନ ପର୍ଯ୍ୟନ୍ତ ସେମାନେ ଅଜେୟ ଥିଲେ । ସେହିପରି ବୋଧହୁଏ, ଯେପରି ପ୍ରତ୍ୟେକ ଜାତିର ମଧ୍ୟ ତଦ୍ରୂପ ବିଶେଷ ବିଶେଷ କେନ୍ଦ୍ରରେ ଜୀବନୀଶକ୍ତି ସଞ୍ଚିତ ରହିଛି; ତା' ଉପରେ ହାତ ନ ପଡ଼ିବାଯାଏଁ କୌଣସି ଦୁଃଖବିପଦ ମଧ୍ୟ ସେ ଜାତିକୁ ବିନାଶ କରିପାରେ ନାହିଁ ।

ଧର୍ମ ହିଁ ଭାରତର ଏହି ଜୀବନୀ-ଶକ୍ତି । ଯେତେ ଦିନ ହିନ୍ଦୁଜାତି ତାହାର ପୂର୍ବ-ପୁରୁଷଗଣଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ଜ୍ଞାନ ବିସ୍ମୃତ ନ ହେଉଛି, ସେତେଦିନ ପର୍ଯ୍ୟନ୍ତ ଜଗତରେ ଏପରି କୌଣସି ଶକ୍ତି ନାହିଁ, ଯାହା ତାହାକୁ ଧ୍ୱଂସ କରିପାରେ ।

ଯେଉଁ ବ୍ୟକ୍ତି ସର୍ବଦା ସ୍ୱଜାତିର ଅତୀତ ପ୍ରତି ଦୃଷ୍ଟିପାତ କରେ, ଆଜିକାଲି ସମସ୍ତେ ତାହାକୁ ନିନ୍ଦା କରିଥାନ୍ତି । ସେମାନେ କହନ୍ତି ଯେ, ଏହିପରି କ୍ରମାଗତ ଅତୀତର ଆଲୋଚନା-ଦ୍ୱାରା ହିଁ ହିନ୍ଦୁଜାତିର ନାନା ପ୍ରକାର ଦୁଃଖ-ଦୁର୍ବିପାକ ଘଟିଛି । କିନ୍ତୁ ମୁଁ ମନେକରେ, ଏହାର ବିପରୀତଟି ହିଁ ସତ୍ୟ; ଯେତେଦିନ ହିନ୍ଦୁଜାତି ତାହାର ଅତୀତ ଗୌରବ ଓ ଅତୀତ ଇତିହାସ ବିସ୍ମୃତ ହୋଇଥିଲା, ସେତେଦିନ ସେ ହତବୁଦ୍ଧି ହୋଇ ହୀନଜ୍ଞାନ ଭାବରେ ପଡ଼ିଥିଲା । ଅତୀତର ଆଲୋଚନା ଯେତେ ବେଶୀ ହେଉଛି, ଚତୁର୍ଦ୍ଦିଗରେ ସେତେ ପୁନରୁଜ୍ଜୀବନର ଲକ୍ଷଣ ଦେଖାଯାଉଛି । ଭବିଷ୍ୟତକୁ ଏହି ଅତୀତର ଛାଞ୍ଚରେ ଗଢ଼ିବାକୁ ପଡ଼ିବ; ଏହି ଅତୀତ ହିଁ ଭବିଷ୍ୟତ ହେବ ।

ଅତଏବ ହିନ୍ଦୁମାନେ ତାଙ୍କ ଅତୀତ ଇତିହାସକୁ ଯେତେ ଆଲୋଚନା କରିବେ, ସେମାନଙ୍କ ଭବିଷ୍ୟତ ସେତିକି ଉଜ୍ଜ୍ୱଳତର ହେବ; ଯେଉଁ ବ୍ୟକ୍ତି ଏହି ଅତୀତକୁ ପ୍ରତ୍ୟେକ ବ୍ୟକ୍ତିଙ୍କ ଆଗରେ ଧରି ରଖିବା ପାଇଁ ଚେଷ୍ଟା କରୁଛନ୍ତି, ସେ ସ୍ୱଜାତିର ପରମ ହିତକାରୀ । ଆମର ପୂର୍ବପୁରୁଷଗଣଙ୍କ ରୀତିନୀତିଗୁଡ଼ିକ ମନ୍ଦ ଥିଲା ବୋଲି ଭାରତର ଅବନତି ଘଟି ନାହିଁ; ବରଂ ଏହି ଅବନତିର ଏକମାତ୍ର କାରଣ ହେଉଛି ଯେ, ସେହି ରୀତିନୀତିଗୁଡ଼ିକର ଯେପରି ନ୍ୟାୟତଃ ପରିଣାମ ହେବା ଉଚିତ ଥିଲା, ତାହା ହେବାକୁ ଦିଆଯାଇନାହିଁ ।

ଭାରତ-ଇତିହାସର ପ୍ରତ୍ୟେକ ବିଚାରଶୀଳ ପାଠକ ଜାଣନ୍ତି, ଭାରତର ସାମାଜିକ ବିଧାନଗୁଡ଼ିକ ଯୁଗେ ଯୁଗେ ପରିବର୍ତ୍ତିତ ହୋଇଛି । ପ୍ରଥମରୁ ହିଁ ଏହିସବୁ ନିୟମ ଏକ ବିରାଟ ପରିକଳ୍ପନାର ପ୍ରତିଫଳନର ଚେଷ୍ଟାସ୍ୱରୂପ ଥିଲା, କାଳକ୍ରମେ ଧୀରେ ଧୀରେ ଏଗୁଡ଼ିକ ବିକଶିତ ହେବାର କଥା । ପ୍ରାଚୀନ ଭାରତର ଋଷିଗଣ ଏତେ ଦୂରଦର୍ଶୀ ଥିଲେ ଯେ, ସେମାନଙ୍କର ଜ୍ଞାନର ମହତ୍ତ୍ୱ ବୁଝିବା ଲାଗି ବର୍ତ୍ତମାନ ସୁଦ୍ଧା ଜଗତକୁ ଆହୁରି ଅନେକ ଶତାବ୍ଦୀ ଅପେକ୍ଷା କରିବାକୁ ପଡ଼ିବ । ଆଉ ସେମାନଙ୍କ ବଂଶଧରମାନଙ୍କର ଏହି ମହାନ୍ ଉଦ୍ଦେଶ୍ୟର ପୂର୍ଣ୍ଣ ଭାବ ଧାରଣ କରିବା ପାଇଁ ଅକ୍ଷମତା ହିଁ ଭାରତର ଅବନତିର ଏକମାତ୍ର କାରଣ ।

ପ୍ରାଚୀନ ଭାରତ ଶତ ଶତ ଶତାବ୍ଦୀ ଧରି ତାହାର ସର୍ବପ୍ରଧାନ ଦୁଇଜାତି ବ୍ରାହ୍ମଣ

ଓ କ୍ଷତ୍ରିୟଙ୍କର ଇଚ୍ଛାଭିଳାଷପୂର୍ଣ୍ଣ ଅଭିସନ୍ଧି-ସାଧନର ଯୁଦ୍ଧକ୍ଷେତ୍ର ଥିଲା । ଏକ ଦିଗରେ ବ୍ରାହ୍ମଣଗଣ ସାଧାରଣ ପ୍ରଜାଗଣଙ୍କ ଉପରେ କ୍ଷତ୍ରିୟମାନଙ୍କର ଅବୈଧ ସାମାଜିକ ଅତ୍ୟାଚାର ନିବାରଣ କରିବା ଲାଗି ବଦ୍ଧପରିକର ଥିଲେ—ଏହି ପ୍ରଜାଗଣଙ୍କୁ କ୍ଷତ୍ରିୟମାନେ ନିଜର ନ୍ୟାଯ୍ୟ-ସଙ୍ଗତ ଖାଦ୍ୟରୂପେ ବ୍ୟବହାର କରୁଥିଲେ । ଅପର ଦିଗରେ, କ୍ଷତ୍ରିୟଗଣ ହିଁ ଭାରତରେ ଏକମାତ୍ର ଶକ୍ତିସମ୍ପନ୍ନ ଜାତି ଥିଲେ, ଯେଉଁମାନେ ବ୍ରାହ୍ମଣଙ୍କର ଆଧ୍ୟାତ୍ମିକ ଅତ୍ୟାଚାର ଓ ଲୋକଙ୍କୁ ବନ୍ଧନ କରିବା ଲାଗି ସେମାନେ ଯେଉଁ କ୍ରମବର୍ଦ୍ଧମାନ ନୂତନ ନୂତନ କ୍ରିୟାକାଣ୍ଡ ପ୍ରଚଳନ କରୁଥିଲେ, ତାହାର ବିରୋଧରେ ସଂଗ୍ରାମ କରି କିୟତ୍ପରିମାଣରେ କୃତକାର୍ଯ୍ୟ ହୋଇଥିଲେ ।

ଉଭୟ ଜାତିଙ୍କର ଏହି ସଂଘର୍ଷ ଅତି ପ୍ରାଚୀନ କାଳରୁ ହିଁ ଆରମ୍ଭ ହୋଇଥିଲା । ସମଗ୍ର ଶ୍ରୁତି ଭିତରେ ଏହା ଅତି ସୁସ୍ପଷ୍ଟ ଭାବରେ ଲକ୍ଷିତ ହୋଇପାରେ । ଏହି ବିରୋଧ କେବଳ ଏକ ମୁହୂର୍ତ୍ତ ପାଇଁ ମନ୍ଦୀଭୂତ ହୋଇଥିଲା, ଯେତେବେଳେ କ୍ଷତ୍ରିୟଦଳର ଓ ଜ୍ଞାନକାଣ୍ଡର ନେତା ଶ୍ରୀକୃଷ୍ଣ ଉଭୟ ଦଳର କିପରି ସାମଞ୍ଜସ୍ୟ ହୋଇପାରେ, ତାହା ଦେଖାଇ ଦେଇଥିଲେ । ସେଥିର ଫଳ ହିଁ ଗୀତାର ଶିକ୍ଷା, ଯାହା ଧର୍ମ ଦର୍ଶନ ଓ ଉଦାରତାର ସାରସ୍ୱରୂପ । କିନ୍ତୁ ସେତେବେଳେ ମଧ୍ୟ ବିରୋଧର କାରଣ ବିଦ୍ୟମାନ ଥିଲା; ସୁତରାଂ ତାହାର ପରିଣାମ ଅବଶ୍ୟମ୍ଭାବୀ ।

ସାଧାରଣ ଦରିଦ୍ର, ମୂର୍ଖ ପ୍ରଜାଙ୍କ ଉପରେ ପ୍ରଭୁତ୍ୱ କରିବାର ଇଚ୍ଛାକାଙ୍କ୍ଷା ପୂର୍ବୋକ୍ତ ଦୁଇ ଜାତିଙ୍କ ମଧ୍ୟରେ ରହିଥିଲା; ତେଣୁ ବିରୋଧ ପୁଣି ପ୍ରବଳଭାବରେ ମୁଣ୍ଡ ଟେକିଲା । ଆମେ ସେହି ସମୟର ଯତ୍ସାମାନ୍ୟ ସାହିତ୍ୟ ଯାହା ପାଉ, ତାହା ସେହି ପ୍ରାଚୀନ କାଳର ପ୍ରବଳ ବିରୋଧର କ୍ଷୀଣ ପ୍ରତିଧ୍ୱନି ମାତ୍ର । କିନ୍ତୁ ଅବଶେଷରେ କ୍ଷତ୍ରିୟଙ୍କର ଜୟ ହେଲା, ଜ୍ଞାନର ଜୟ ହେଲା, ସ୍ୱାଧୀନତାର ଜୟ ହେଲା ଏବଂ କର୍ମକାଣ୍ଡର ପ୍ରାଧାନ୍ୟ ରହିଲା ନାହିଁ । କର୍ମକାଣ୍ଡର ଅଧିକାଂଶ ଚିରକାଳ ପାଇଁ ବିଲୁପ୍ତ ହୋଇଗଲା ।

ଏହି ଉତ୍ଥାନର ନାମ ବୌଦ୍ଧସଂସ୍କାର । ଧର୍ମକ୍ଷେତ୍ରରେ ତାହା କର୍ମକାଣ୍ଡରୁ ବିମୁକ୍ତିର ସୂଚନା ଦେଉଛି ଏବଂ ରାଜନୀତି-କ୍ଷେତ୍ରରେ କ୍ଷତ୍ରିୟଗଣଙ୍କ ଦ୍ୱାରା ବ୍ରାହ୍ମଣ-ପ୍ରାଧାନ୍ୟର ବିନାଶ ସୂଚିତ ହେଉଛି ।

ବିଶେଷ ଲକ୍ଷ୍ୟ କରିବାର ବିଷୟ ଯେ, ପ୍ରାଚୀନ ଭାରତରେ ଯେଉଁ ସର୍ବଶ୍ରେଷ୍ଠ ଦୁଇବ୍ୟକ୍ତି ଜନ୍ମଗ୍ରହଣ କରିଥିଲେ, ସେମାନେ ଉଭୟେ କ୍ଷତ୍ରିୟ—କୃଷ୍ଣ ଓ ବୁଦ୍ଧ । ଏହାଠାରୁ ବେଶୀ ଲକ୍ଷ୍ୟ କରିବାର ବିଷୟ ଯେ, ଏହି ଦୁଇ ନରମାନବ ହିଁ ଲିଙ୍ଗ ଜାତି-ବର୍ଣ୍ଣ-ନିର୍ବିଶେଷରେ ସମସ୍ତଙ୍କ ପାଇଁ ଜ୍ଞାନର ଦ୍ୱାର ଖୋଲି ଦେଇଥିଲେ ।

ବୌଦ୍ଧଧର୍ମର ଅଦ୍ଭୁତ ନୈତିକବଳ ସତ୍ତ୍ୱେ ତାହାର ଅଧିକାଂଶ ଶକ୍ତି ପ୍ରାଚୀନମତର ଧ୍ୱଂସକାର୍ଯ୍ୟରେ ନିୟୋଜିତ ହେବା ଯୋଗୁଁ ତାହାକୁ ନିଜ ଜନ୍ମଭୂମିରେ ମୃତ୍ୟୁଲାଭ କରିବାକୁ ପଡ଼ିଲା, ଏବଂ ତାହାର ଯାହାକିଛି ଅବଶିଷ୍ଟ ରହିଲା, ତାହା ମଧ୍ୟ ଉକ୍ତ ଧର୍ମ ଯେଉଁ ସମସ୍ତ କୁସଂସ୍କାର ଓ କ୍ରିୟାକାଣ୍ଡ-ନିବାରଣରେ ନିୟୋଜିତ ହୋଇଥିଲା, ତଦପେକ୍ଷା ଶତଗୁଣ

ଭକ୍ତଙ୍କର କ୍ରିୟାକାଣ୍ଡ ଓ କୁସଂସ୍କାରରେ ପୂର୍ଣ୍ଣ ହୋଇ ଉଠିଲା । ଯଦିଓ ତାହା ଆଂଶିକ ଭାବରେ ବୈଦିକ ପଶୁବଳି ନିବାରଣ ଦିଗରେ କୃତକାର୍ଯ୍ୟ ହୋଇଥିଲା, ତଥାପି ତାହା ସମସ୍ତ ଦେଶକୁ ମନ୍ଦିର, ପ୍ରତିମା, ଯନ୍ତ୍ର ଓ ସାଧୁଗଣଙ୍କ ଅସ୍ଥିରେ ପୂର୍ଣ୍ଣ କରିଦେଲା ।

ସର୍ବୋପରି ବୌଦ୍ଧଧର୍ମ ଯୋଗୁ ଆର୍ଯ୍ୟ, ମଙ୍ଗୋଲୀୟ ଓ ଆଦିବାସୀ ଜାତିଙ୍କର ଯେଉଁ ଜମ୍ବୁତକମାକାର ମିଶ୍ରଣ ଘଟିଲା, ତାହା ଫଳରେ ଅଜ୍ଞାତସାରରେ କେତେକ ବୀଭତ୍ସ ବାମାଚାରୀ ସମ୍ପ୍ରଦାୟଙ୍କର ସୃଷ୍ଟି ହେଲା । ପ୍ରଧାନତଃ ଏହି କାରଣରୁ ହିଁ ସେହି ମହାନ୍ ଆଚାର୍ଯ୍ୟଙ୍କ ଉପଦେଶାବଳୀର ଏହି ବିକୃତ ପରିଣତିକୁ ଆଚାର୍ଯ୍ୟ ଶଙ୍କର ଓ ତାଙ୍କର ସନ୍ନ୍ୟାସୀ-ସମ୍ପ୍ରଦାୟ ଭାରତରୁ ଦୂର କରିବାକୁ ବାଧ୍ୟ ହୋଇଥିଲେ ।

ଏହିଭାବରେ ମନୁଷ୍ୟଦେହଧାରୀଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ଭଗବାନ ବୁଦ୍ଧଙ୍କଦ୍ୱାରା ପରିଚାଳିତ ସଞ୍ଜୀବନ-ଶକ୍ତିପ୍ରବାହ ମଧ୍ୟ ପୂତିଗନ୍ଧମୟ ରୋଗବୀଜପୂର୍ଣ୍ଣ କ୍ଷୁଦ୍ର ଆବଦ୍ଧ ଜଳାଶୟରେ ପରିଣତ ହେଲା ଏବଂ ଭାରତକୁ କେତେ ଶତାବ୍ଦୀ ଧରି ଅପେକ୍ଷା କରିବାକୁ ପଡ଼ିଲା, ସେହିଦିନ ପର୍ଯ୍ୟନ୍ତ, ଯେପର୍ଯ୍ୟନ୍ତ ଭଗବାନ ଶଙ୍କର ଏବଂ ତାଙ୍କ ପରେ ପରେ ରାମାନୁଜ ଓ ମାଧ୍ୱାଚାର୍ଯ୍ୟଙ୍କର ଅଭ୍ୟୁଦୟ ହୋଇ ନ ଥିଲା ।

ଏଥିମଧ୍ୟରେ ଭାରତ ଇତିହାସରେ ଏକ ସମ୍ପୂର୍ଣ୍ଣ ନୂତନ ପରିଚ୍ଛେଦ ଆରମ୍ଭ ହୋଇଥିଲା । ପ୍ରାଚୀନ ବ୍ରାହ୍ମଣ ଓ କ୍ଷତ୍ରିୟ ଜାତି ଅନ୍ତର୍ହିତ ହୋଇଥିଲେ । ହିମାଳୟ ଓ ବିନ୍ଧ୍ୟ ମଧ୍ୟବର୍ତ୍ତୀ ଆର୍ଯ୍ୟଭୂମି, ଯାହା କୃଷ୍ଣ ଓ ବୁଦ୍ଧଙ୍କର ଜନ୍ମସ୍ଥଳୀ ଥିଲା, ଯାହା ମହାମାନ୍ୟ ରାଜର୍ଷି ଓ ବ୍ରହ୍ମର୍ଷିଗଣଙ୍କର କ୍ରୀଡ଼ାଭୂମି ଥିଲା, ତାହା ଏବେ ନୀରବ ରହିଲା ଏବଂ ଭାରତ ଉପଦ୍ୱୀପର ସର୍ବଶେଷ ପ୍ରାନ୍ତରୁ ଭାଷା ଓ ଆକାରରେ ସମ୍ପୂର୍ଣ୍ଣ ପୃଥକ୍ ଏକ ଜାତି ମଧ୍ୟରୁ ପ୍ରାଚୀନ ବ୍ରାହ୍ମଣଗଣଙ୍କ ବଂଶଧର ବୋଲି ଗର୍ବ କରୁଥିବା ଲୋକଙ୍କ ମଧ୍ୟରୁ ବିକୃତ ବୌଦ୍ଧ ଧର୍ମ ବିରୋଧରେ ପ୍ରତିକ୍ରିୟା ଆରମ୍ଭ ହେଲା ।

ଆର୍ଯ୍ୟାବର୍ତ୍ତର ସେହି ବ୍ରାହ୍ମଣ ଓ କ୍ଷତ୍ରିୟଗଣ ଗଲେ କୁଆଡ଼େ ? ସେମାନେ ପୂରାପୂରି ଲୋପ ପାଇଲେ; କେବଳ ଏଠାରେ ସେଠାରେ ବ୍ରାହ୍ମଣତ୍ୱ ବା କ୍ଷତ୍ରିୟତ୍ୱାଭିମାନୀ କେତେକ ମିଶ୍ର ଜାତି ରହିଲେ । ପୁଣି ସେମାନଙ୍କର 'ଏତଦ୍ଦେଶପ୍ରସୂତସ୍ୟ ସକାଶାଦଗ୍ରଜନ୍ମନଃ । ସ୍ୱଂ ସ୍ୱଂ ଚରିତ୍ରଂ ଶିକ୍ଷେରନ୍ ପୃଥିବ୍ୟାଂ ସର୍ବମାନବାଃ ।।' [ମନୁ—ଏହି ଦେଶ (ବ୍ରହ୍ମାବର୍ତ୍ତ ବା ବ୍ରହ୍ମର୍ଷିଦେଶ) ପ୍ରସୂତ ବ୍ରାହ୍ମଣମାନଙ୍କ ନିକଟରୁ ପୃଥିବୀର ସମସ୍ତ ମାନବ ନିଜନିଜର ଚରିତ୍ର ଶିକ୍ଷା କରିବେ]—ଏହିପରି ଅହଂକୃତ ଆସ୍ଫାଳନମୟ ଉକ୍ତି ସତ୍ତ୍ୱେ ସେମାନଙ୍କୁ ଅତି ବିନୟର ସହିତ ଦୀନଭାବରେ ଦାକ୍ଷିଣାତ୍ୟ-ବାସୀଙ୍କ ପଦତଳେ ବସି ଶିକ୍ଷାଲାଭ କରିବାକୁ ପଡ଼ିଥିଲା । ଏହାର ଫଳସ୍ୱରୂପ ଭାରତରେ ପୁନର୍ବାର ବେଦର ଅଭ୍ୟୁଦୟ ହେଲା—ବେଦାନ୍ତର ଯେଉଁ ପୁନରୁତ୍ଥାନ ହେଲା, ସେପରି ବେଦାନ୍ତଚର୍ଚ୍ଚା ଆଉ କେବେ ହୋଇ ନ ଥିଲା, ଗୃହସ୍ଥମାନେ ମଧ୍ୟ ଆରଣ୍ୟକ-ପାଠରେ ନିଯୁକ୍ତ ହେଲେ ।

ବୌଦ୍ଧଧର୍ମ ପ୍ରଚାରରେ କ୍ଷତ୍ରିୟମାନେ ହିଁ ପ୍ରକୃତ ନେତା ଥିଲେ ଏବଂ ସେମାନେ ଦଳ ଦଳ ହୋଇ ବୌଦ୍ଧ ହୋଇଥିଲେ । ସଂସ୍କାର ଓ ଧର୍ମାନ୍ତରୀକରଣର ଉତ୍ସାହରେ

ଫଳସ୍ୱରୂପ ଉପେକ୍ଷିତ ହୋଇ ପ୍ରଚଳିତ ଧର୍ମସମ୍ପ୍ରଦାୟର ଚର୍ଚ୍ଚା ପ୍ରବଳ ହୋଇ ଉଠିଲା ଏବଂ ଅଧିକାଂଶ କ୍ଷତ୍ରିୟ ହିଁ ବିଦ୍ୟାବୁଦ୍ଧି ଓ ସଂସ୍କୃତି ଶିକ୍ଷାରୁ ବଞ୍ଚିତ ହୋଇପଡ଼ିଲେ । ସୁତରାଂ ଦାକ୍ଷିଣାତ୍ୟରୁ ଏହି ଯେଉଁ ସଂସ୍କାର-ତରଙ୍ଗ ଆସିଲା, ସେଥିରେ କିଛିମାତ୍ର ପରିମାଣରେ କେବଳ ମାତ୍ର ବ୍ରାହ୍ମଣଗଣଙ୍କର ଉପକାର ହେଲା । କିନ୍ତୁ ତାହା ଭାରତର ଅବଶିଷ୍ଟ ଲକ୍ଷ ଲକ୍ଷ ଲୋକଙ୍କ ପକ୍ଷରେ ଅଧିକତର ଓ ନୂତନତର ବନ୍ଧନର କାରଣ ହୋଇପଡ଼ିଲା ।

କ୍ଷତ୍ରିୟମାନେ ହିଁ ଚିରକାଳ ଭାରତର ମେରୁଦଣ୍ଡସ୍ୱରୂପ । ସୁତରାଂ ସେହିମାନେ ହିଁ ବିଜ୍ଞାନ ଓ ସ୍ୱାଧୀନତାର ପରିପୋଷକ । ଦେଶରୁ କୁସଂସ୍କାର ଦୂର କରିବା ଲାଗି ସେମାନେ ହିଁ ସର୍ବଦା ବଜ୍ରବାଣୀ ଉଚ୍ଚାରଣ କରିଯାଇଛନ୍ତି ଏବଂ ଭାରତ-ଇତିହାସର ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ପୁରୋହିତ କୁଳର ଅତ୍ୟାଚାରରୁ ସାଧାରଣଙ୍କୁ ରକ୍ଷା କରିବା ଲାଗି ଅଭେଦ୍ୟ ପ୍ରାଚୀର ସ୍ୱରୂପ ଦଣ୍ଡାୟମାନ ରହିଛନ୍ତି ।

ସେମାନଙ୍କ ମଧ୍ୟରୁ ଅଧିକାଂଶ ଯେତେବେଳେ ଘୋର ଅଜ୍ଞାନରେ ନିମଗ୍ନ ହେଲେ ଏବଂ ଅପରାଂଶ ମଧ୍ୟ-ଏସିଆର ବର୍ବର ଜାତିଙ୍କ ସହିତ ରକ୍ତସମ୍ପର୍କ ସ୍ଥାପନ କରି ଭାରତବର୍ଷରେ ପୁରୋହିତଗଣଙ୍କର ଅପ୍ରତିହତ ଶକ୍ତି ସ୍ଥାପନ ପାଇଁ ତରବାରି ନିୟୋଜିତ କଲେ, ସେତେବେଳେ ଭାରତରେ ପାପର ମାତ୍ରା ପୂର୍ଣ୍ଣ ହୋଇଆସିଲା ଏବଂ ଭାରତଭୂମି ପୁରାପୁରି ନିମଜ୍ଜିତ ହେଲା । ଯେତେଦିନ ପର୍ଯ୍ୟନ୍ତ କ୍ଷତ୍ରିୟ ନିଜେ ଜାଗରିତ ହୋଇ ନିଜକୁ ମୁକ୍ତ କରି ଅବଶିଷ୍ଟ ଜାତିଙ୍କର ଚରଣ-ଶୃଙ୍ଖଳ ଉନ୍ମୋଚନ ନ କରିଛନ୍ତି ସେପର୍ଯ୍ୟନ୍ତ ଭାରତ ଉଠିବ ନାହିଁ । ପୌରୋହିତ୍ୟ ହିଁ ଭାରତର ସର୍ବନାଶର ମୂଳକାରଣ । ମାନବ ନିଜ ଭ୍ରାତାକୁ ହୀନାବସ୍ଥାରେ ପକାଇ ନିଜେ କେବେ ହୀନଭାବାପନ୍ନ ନ ହୋଇ ରହିପାରେ କି ?

ରାଜାଜୀ, ଜାଣିବେ ଆପଣଙ୍କ ପୂର୍ବପୁରୁଷଗଣଙ୍କ ଦ୍ୱାରା ଆବିଷ୍କୃତ ସତ୍ୟସମୂହ ମଧ୍ୟରେ ସର୍ବଶ୍ରେଷ୍ଠ ସତ୍ୟ—ଏହି ବ୍ରହ୍ମାଣ୍ଡର ଏକତ୍ୱ । କୌଣସି ବ୍ୟକ୍ତି ନିଜର କୌଣସି ଅନିଷ୍ଟ ନ କରି ଅପରର ଅନିଷ୍ଟ କରିପାରେ କି ? ଏହି ବ୍ରାହ୍ମଣ ଓ କ୍ଷତ୍ରିୟଗଣଙ୍କ ଅତ୍ୟାଚାରସମଷ୍ଟି ଚକ୍ରବୃଦ୍ଧି ନିୟମରେ ତାଙ୍କର ମସ୍ତକ ଉପରେ ହିଁ ସହସ୍ରବର୍ଷ ବ୍ୟାପୀ ଦାସତ୍ୱ ଓ ଅବନତି ଆନୟନ କରିଛି – ସେମାନେ ନିଜର ଅନିବାର୍ଯ୍ୟ କର୍ମଫଳ ହିଁ ଭୋଗ କରୁଛନ୍ତି ।

ଆପଣଙ୍କର ଜଣେ ପୂର୍ବପୁରୁଷ କହିଥିଲେ, 'ଇହୈବ ତୈର୍ଜିତଃ ସର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ ।'—ଯେଉଁମାନଙ୍କ ମନ ସାମ୍ୟ ଭାବରେ ଅବସ୍ଥିତ, ସେମାନେ ଜୀବଦ୍ଦଶାରେ ହିଁ ସଂସାର ଜୟ କରିଛନ୍ତି (ଗୀତା) । ତାହାଙ୍କୁ ଲୋକେ ଭଗବାନଙ୍କର ଅବତାର ବୋଲି ବିଶ୍ୱାସ କରିଥାନ୍ତି, ଆମ ସମସ୍ତଙ୍କର ମଧ୍ୟ ଏହି ବିଶ୍ୱାସ । ତେବେ କ'ଣ ଏହି ବାକ୍ୟ ଅର୍ଥହୀନ ପ୍ରଳାପ ମାତ୍ର ? ଯଦି ତାହା ନ ହୋଇଥାଏ, ଏବଂ ଆମେ ଜାଣୁ ତାହା ନୁହେଁ, ତେବେ ଜାତି ଲିଙ୍ଗ ଏପରିକି ଗୁଣପର୍ଯ୍ୟନ୍ତ ବିଚାର ନ କରି ସମଗ୍ର ସୃଷ୍ଟି ଜଗତର ଏହି ସମ୍ପୂର୍ଣ୍ଣ ସାମ୍ୟ ବିରୋଧରେ ଯେଉଁ ସମସ୍ତ ଚେଷ୍ଟା ହେଉଛି ତାହା ଭୟଙ୍କର ଭ୍ରମପୂର୍ଣ୍ଣ, ଏବଂ ଯେତେଦିନ ଏହି ସାମ୍ୟଭାବ ଆୟତ୍ତ ନ ହୋଇଛି, ସେପର୍ଯ୍ୟନ୍ତ କେହି କେବେ ମୁକ୍ତ ହୋଇପାରେ ନାହିଁ ।

ଅତଏବ ହେ ରାଜନ୍, ଆପଣ ବେଦାନ୍ତର ଉପଦେଶାବଳୀ ପାଳନ କରନ୍ତୁ—କୌଣସି ଭାଷ୍ୟକାର ବା ଟୀକାକାରଙ୍କ ବ୍ୟାଖ୍ୟାନୁସାରେ ନୁହେଁ, ଆପଣଙ୍କର ଅନ୍ତର୍ଯାମୀ ଆପଣଙ୍କୁ ଯେଉଁଭାବରେ ବୁଝାଇଛନ୍ତି ସେହି ଭାବରେ । ସର୍ବୋପରି ଏହି ସର୍ବଭୂତରେ, ସର୍ବବସ୍ତୁରେ ସମଜ୍ଞାନରୂପକ ମହାନ୍ ଉପଦେଶ ପ୍ରତିପାଳନ କରନ୍ତୁ—ସର୍ବଭୂତରେ ସେହି ଏକମାତ୍ର ଭଗବାନଙ୍କୁ ନିରୀକ୍ଷଣ କରନ୍ତୁ ।

ଏହା ହିଁ ମୁକ୍ତିର ପଥ ଏବଂ ବୈଷମ୍ୟ ହିଁ ବନ୍ଧନର ପଥ । କୌଣସି ବ୍ୟକ୍ତି ବା କୌଣସି ଜାତି ବାହ୍ୟ ଏକତ୍ୱ-ଜ୍ଞାନ ବ୍ୟତୀତ ବାହ୍ୟ ସ୍ୱାଧୀନତା ଲାଭ କରିପାରେ ନାହିଁ ଏବଂ ସମସ୍ତଙ୍କର ମାନସିକ ଏକତ୍ୱଜ୍ଞାନ ବ୍ୟତୀତ ମାନସିକ ସ୍ୱାଧୀନତା ମଧ୍ୟ ଲାଭ କରିପାରେ ନାହିଁ ।

ଅଜ୍ଞାନ, ଅସାମ୍ୟ ଓ ବାସନା—ଏହି ତିନୋଟି ମାନବଜାତିର ଦୁଃଖର କାରଣ, ଆଉ ଏମାନଙ୍କ ମଧ୍ୟରେ ଗୋଟିକ ସହିତ ଅନ୍ୟଟିର ଅଚ୍ଛେଦ୍ୟ ସମ୍ବନ୍ଧ । ଜଣେ ମନୁଷ୍ୟର ନିଜକୁ ଅପର କୌଣସି ମନୁଷ୍ୟଠାରୁ, ଏପରିକି ପଶୁଠାରୁ ମଧ୍ୟ ଶ୍ରେଷ୍ଠ ମନେକରିବା ପାଇଁ କି ଅଧିକାର ଅଛି ? ବାସ୍ତବିକ୍ ତ ସର୍ବତ୍ର ହିଁ ଏକ ବସ୍ତୁ ବିରାଜିତ । 'ତ୍ୱଂ ସ୍ତ୍ରୀ ତ୍ୱଂ ପୁମାନସି ତ୍ୱଂ କୁମାର ଉତ ବା କୁମାରୀ'—ତୁମେ ସ୍ତ୍ରୀ, ତୁମେ ପୁରୁଷ, ତୁମେ କୁମାର, ପୁଣି ତୁମେ ହିଁ କୁମାରୀ । (ଶ୍ୱେତାଶ୍ୱତର ଉପ., ୪।୩)

ଅନେକେ କହିବେ, 'ଏପରି ଭାବିବା ସନ୍ନ୍ୟାସୀଙ୍କୁ ଶୋଭାପାଏ, ତାଙ୍କ ପକ୍ଷରେ ଏହା ହୁଏତ ଠିକ୍, କିନ୍ତୁ ଆମେ ଯେ ଗୃହସ୍ଥ !' ଅବଶ୍ୟ ଗୃହସ୍ଥଙ୍କୁ ଅନ୍ୟାନ୍ୟ ଅନେକ କର୍ତ୍ତବ୍ୟ କରିବାକୁ ପଡ଼େ ବୋଲି ସେ ସେତେଟା ଏହି ସାମ୍ୟ ଭାବରେ ଅବସ୍ଥିତ ହୋଇପାରେ ନାହିଁ, କିନ୍ତୁ ଏହା ସେମାନଙ୍କର ଆଦର୍ଶ ହେବା ଉଚିତ । ଏହି ସମତ୍ୱଭାବ ଲାଭ କରିବା ହିଁ ସମଗ୍ର ସମାଜର, ସମଗ୍ର ଜୀବର ଓ ସମସ୍ତ ପ୍ରକୃତିର ଆଦର୍ଶ । କିନ୍ତୁ ହାୟ ! ଲୋକେ ମନେକରନ୍ତି—ବୈଷମ୍ୟ ହିଁ ଏହି ସମଜ୍ଞାନଲାଭର ଉପାୟ । ଅନ୍ୟାୟ କାର୍ଯ୍ୟ କରି ସେମାନେ ଯେପରି ନ୍ୟାୟର ଲକ୍ଷ୍ୟ—ସତ୍ୟରେ ପହଞ୍ଚିବେ !

ଏହା ହିଁ ମନୁଷ୍ୟପ୍ରକୃତିରେ ବିଷବତ୍ କାର୍ଯ୍ୟକରେ; ମନୁଷ୍ୟଜାତି ଉପରେ ଅଭିଶାପ-ସ୍ୱରୂପ, ସମସ୍ତ ଦୁଃଖର ମୂଳକାରଣ—ଏହି ବୈଷମ୍ୟ । ଏହା ହିଁ ଭୌତିକ, ମାନସିକ ଓ ଆଧ୍ୟାତ୍ମିକ ସର୍ବବିଧ ବନ୍ଧନର ମୂଳ ।

'ସମଂ ପଶ୍ୟନ୍ ହି ସର୍ବତ୍ର ସମବସ୍ଥିତମୀଶ୍ୱରମ୍ ।
ନ ହିନସ୍ତ୍ୟାତ୍ମନାତ୍ମାନଂ ତତୋ ଯାତି ପରାଂ ଗତିମ୍ ॥'—ଗୀତା, ୧୩।୨୮

ଈଶ୍ୱରଙ୍କୁ ସର୍ବତ୍ର ସମଭାବରେ ଅବସ୍ଥିତ ଦେଖି, ସେ ଆତ୍ମାଦ୍ୱାରା ଆତ୍ମାକୁ ହିଂସା କରନ୍ତି ନାହିଁ, ସୁତରାଂ ପରମଗତି ଲାଭ କରନ୍ତି । ଏହି ଗୋଟିଏ ଶ୍ଲୋକରେ ଅଳ୍ପ କଥା ମଧ୍ୟରେ ମୁକ୍ତିର ସାର୍ବଭୌମ ଉପାୟ କୁହାଯାଇଛି ।

ରାଜପୁତ୍ର ଆପଣମାନେ ପ୍ରାଚୀନ ଭାରତର ଗୌରବସ୍ୱରୂପ । ଆପଣମାନଙ୍କର ଅବନତି ହେବାକୁ ଆରମ୍ଭ ହେବା ମାତ୍ରେ ଜାତୀୟ ଅବନତିର ଆରମ୍ଭ ହେଲା । ତେଣୁ ଭାରତ

କେବଳ ଉଠିପାରେ, ଯଦି କ୍ଷତ୍ରିୟଗଣଙ୍କର ବଂଶଧରମାନେ ବ୍ରାହ୍ମଣ ବଂଶଧରଙ୍କ ସହିତ ସମବେତ ଉଦ୍ୟମରେ ଚେଷ୍ଟା କରନ୍ତି, ଲୁଣ୍ଠିତ ଐଶ୍ୱର୍ଯ୍ୟ ଓ କ୍ଷମତା ଭାଗ ବାଣ୍ଟି ନେବା ପାଇଁ ନୁହେଁ—ଅଜ୍ଞାନଗଣଙ୍କୁ ଜ୍ଞାନ ଦାନ ପାଇଁ ଏବଂ ପୂର୍ବପୁରୁଷ-ଗଣଙ୍କ ପବିତ୍ର ବାସଭୂମିର ବିନଷ୍ଟ ଗୌରବର ପୁନରୁଦ୍ଧାର ନିମନ୍ତେ ।

ଆଉ କିଏ କହିପାରେ ଯେ, ଏହା ଶୁଭ ମୁହୂର୍ତ୍ତ ନୁହେଁ ? କାଳଚକ୍ର ପୁଣି ଘୂରି ଆସିଛି, ପୁନର୍ବାର ଭାରତରୁ ସେହି ଶକ୍ତିପ୍ରବାହ ବାହାରିଛି, ଯାହା ଅନତିଦୂରକାଳ ମଧ୍ୟରେ ନିଶ୍ଚୟ ଜଗତର ଚରମ ପ୍ରାନ୍ତରେ ଉପନୀତ ହେବ । ଏକ ମହାବାଣୀ ଉଚ୍ଚାରିତ ହୋଇଛି, ଯାହାର ପ୍ରତିଧ୍ୱନି ପ୍ରବାହିତ ହୋଇ ଚାଲିଛି, ପ୍ରତିଦିନ ଯାହା ଅଧିକରୁ ଅଧିକତର ଶକ୍ତି ସଂଗ୍ରହ କରୁଛି, ଏବଂ ଏହି ବାଣୀ ତାହାର ପୂର୍ବବର୍ତ୍ତୀ ସମସ୍ତ ବାଣୀ ଅପେକ୍ଷା ଅଧିକ ଶକ୍ତିଶାଳୀ, କାରଣ ଏହା ପୂର୍ବବର୍ତ୍ତୀ ବାଣୀସମୂହର ସମଷ୍ଟିସ୍ୱରୂପ । ଯେଉଁ ବାଣୀ ଏକଦା ସରସ୍ୱତୀ-ତୀରରେ ଋଷିଗଣଙ୍କ ନିକଟରେ ପ୍ରକାଶିତ ହୋଇଥିଲା, ଯାହାର ପ୍ରତିଧ୍ୱନି ନଗରାଜ ହିମାଳୟର ଚୂଡ଼ାରେ ଚୂଡ଼ାରେ ପ୍ରତିଧ୍ୱନିତ ହୋଇ କୃଷ୍ଣ, ବୁଦ୍ଧ ଓ ଶ୍ରୀଚୈତନ୍ୟଙ୍କ ମଧ୍ୟ ଦେଇ ସମତଳ ପ୍ରଦେଶକୁ ଅବତରଣ କରି ଦେଶକୁ ପ୍ଲାବିତ କରିଦେଇଥିଲା, ତାହା ହିଁ ପୁନର୍ବାର ଉଚ୍ଚାରିତ ହୋଇଛି । ପୁଣି ଦ୍ୱାର ଉଦ୍‌ଘାଟିତ ହୋଇଛି । ସମସ୍ତେ ଆଲୋକ ରାଜ୍ୟରେ ପ୍ରବେଶ କରନ୍ତୁ—ଦ୍ୱାର ପୁନର୍ବାର ଉଦ୍‌ଘାଟିତ ହୋଇଛି ।

ହେ ପ୍ରିୟ ମହାରାଜ, ଆପଣ ସେହି (କ୍ଷତ୍ରିୟ) ଜାତିର ବଂଶଧର, ଯାହା ସନାତନ ଧର୍ମର ଜୀବନ୍ତ ଅବଲମ୍ବନସ୍ତମ୍ଭସ୍ୱରୂପ ଏବଂ ଏହାର ଅଙ୍ଗୀକାରବଦ୍ଧ ରକ୍ଷକ ଓ ସାହାଯ୍ୟକାରୀ; ଆପଣ ରାମ ଓ କୃଷ୍ଣଙ୍କର ବଂଶଧର । ଆପଣ କ'ଣ ଏହାଠାରୁ ଦୂରରେ ରହିବେ ? ମୁଁ ଜାଣେ, ତାହା କେବେହେଲେ ହୋଇ ନ ପାରେ । ମୋର ନିଶ୍ଚିତ ଧାରଣା ଯେ, ଆପଣଙ୍କର ହସ୍ତ ହିଁ ପୁଣି ଧର୍ମର ସାହାଯ୍ୟାର୍ଥେ ପ୍ରଥମେ ପ୍ରସାରିତ ହେବ । ହେ ରାଜା ଅଜିତ୍ ସିଂ, ମୁଁ ଯେତେବେଳେ ଆପଣଙ୍କ ସମ୍ବନ୍ଧରେ ଚିନ୍ତା କରେ—ଯାହାଙ୍କ ମଧ୍ୟରେ ଆପଣଙ୍କ ବଂଶର ସର୍ବପରିଚିତ ବୈଜ୍ଞାନିକ ଶିକ୍ଷା ସହିତ ଏପରି ପବିତ୍ର ଚରିତ୍ର (ଯାହାର ଅଧିକାରୀ ହେଲେ ଜଣେ ସାଧୁ ମଧ୍ୟ ଗୌରବାନ୍ୱିତ ହୋଇପାରନ୍ତି ଏବଂ ସମସ୍ତ ମାନବଙ୍କ ପ୍ରତି ଅସୀମ ପ୍ରେମର ସମନ୍ୱୟ ଘଟିଛି—ଯେତେବେଳେ ଏହିପରି ବ୍ୟକ୍ତିମାନେ ସନାତନ ଧର୍ମର ପୁନର୍ଗଠନ କରିବାକୁ ଇଚ୍ଛୁକ, ସେତେବେଳେ ମୁଁ ସେହି ଧର୍ମର ମହାଗୌରବମୟ ପୁନରୁଦ୍ଧାରରେ ବିଶ୍ୱାସୀ ନ ହୋଇ ରହିପାରେ ନାହିଁ ।

ଚିରକାଳ ପାଇଁ ଆପଣଙ୍କ ଉପରେ ଓ ଆପଣଙ୍କ ସ୍ୱଜନଗଣଙ୍କ ଉପରେ ଶ୍ରୀରାମକୃଷ୍ଣଙ୍କ ଆଶୀର୍ବାଦ ବର୍ଷିତ ହେଉ, ଏବଂ ଆପଣ ପରର ହିତସାଧନ ଓ ସତ୍ୟପ୍ରଚାର ଲାଗି ଦୀର୍ଘଜୀବୀ ହୁଅନ୍ତୁ, ଏହା ହିଁ ସର୍ବଦା ବିବେକାନନ୍ଦର ପ୍ରାର୍ଥନା ।

୪୮ଇଂ (କଲିକତାର ଜନୈକ ବ୍ୟକ୍ତିଙ୍କୁ ଲିଖିତ)

ଚିକାଗୋ, ଆମେରିକା, ୨ ମଇ ୧୮୯୫

ପ୍ରିୟ,

ତୁମର ସହୃଦୟ ସୁନ୍ଦର ପତ୍ରଖଣ୍ଡି ପାଇ ଖୁବ୍ ଆନନ୍ଦିତ ହେଲି । ତୁମେ ଯେ ଆମର

କାର୍ଯ୍ୟକୁ ଆଦରପୂର୍ବକ ଅନୁମୋଦନ କରିଛ, ସେଥିପାଇଁ ତୁମକୁ ଅଶେଷ ଧନ୍ୟବାଦ । ନାଗ ମହାଶୟ ଜଣେ ମହାପୁରୁଷ । ଏଭଳି ମହାତ୍ମାଙ୍କ ଦୟା ତୁମେ ଯେତେବେଳେ ଲାଭ କରିଛ, ସେତେବେଳେ ତୁମେ ଅତି ସୌଭାଗ୍ୟବାନ୍ । ଏ ଜଗତରେ ମହାପୁରୁଷଙ୍କ କୃପାଲାଭ ହିଁ ଜୀବର ସର୍ବୋଚ୍ଚ ସୌଭାଗ୍ୟ । ତୁମେ ଏ ସୌଭାଗ୍ୟର ଅଧିକାରୀ ହୋଇଛ । 'ମଦ୍‌ଭକ୍ତାନାଞ୍ଚ ଯେ ଭକ୍ତାସ୍ତେ ମେ ଭକ୍ତତମା ମତାଃ',[୧]—ତୁମେ ଯେତେବେଳେ ତାଙ୍କର[୨] ଜଣେ ଶିଷ୍ୟଙ୍କୁ ତୁମ ଜୀବନର ପଥପ୍ରଦର୍ଶକ ରୂପରେ ଲାଭ କରିଛ, ସେତେବେଳେ ସାକ୍ଷାତ୍ ତାଙ୍କୁ ହିଁ ତୁମେ ପାଇଛ ବୋଲି ଜାଣିବ ।

ତୁମେ ସଂସାରତ୍ୟାଗର କଳ୍ପନା କରୁଛ । ତୁମର ଏହି ଇଚ୍ଛାରେ ମୋର ସହାନୁଭୂତି ରହିଛି । ସ୍ୱାର୍ଥତ୍ୟାଗ ଅପେକ୍ଷା ଆଉ ବଡ଼ କଥା ଜଗତରେ କିଛି ନାହିଁ । କିନ୍ତୁ ତୁମେ ବିସ୍ମୃତ ହେବା ଉଚିତ ନୁହେ ଯେ, ପ୍ରଭୁ ଯେଉଁମାନଙ୍କ ଭାର ତୁମ ଉପରେ ଦେଇଛନ୍ତି, ତାଙ୍କର କଲ୍ୟାଣ ଉଦ୍ଦେଶ୍ୟରେ ନିଜ ମନର ପ୍ରବଳ ଆବେଗ ଦମନ କରିବା ମଧ୍ୟ କମ୍ ସ୍ୱାର୍ଥତ୍ୟାଗ ନୁହେ । ଶ୍ରୀରାମକୃଷ୍ଣଙ୍କ ଉପଦେଶ ଓ ତାଙ୍କର ନିଷ୍କଳଙ୍କ ଜୀବନୀ ଅନୁସରଣ କର ଏବଂ ସଙ୍ଗେ ସଙ୍ଗେ ନିଜ ପରିବାରବର୍ଗଙ୍କର ମଧ୍ୟ ତତ୍ତ୍ୱାବଧାନ ନିଅ । ତୁମର କର୍ତ୍ତବ୍ୟ ତୁମେ କରିଯାଅ, ଆଉ ଯାହା କିଛି ତାଙ୍କ ଉପରେ ଛାଡ଼ିଦିଅ ।

ପ୍ରେମଦ୍ୱାରା ମଣିଷ ମଣିଷ ଭିତରେ, ଆର୍ଯ୍ୟ ମ୍ଲେଚ୍ଛ ମଧ୍ୟରେ, ବ୍ରାହ୍ମଣ ଚଣ୍ଡାଳ ମଧ୍ୟରେ, ଏପରିକି ପୁରୁଷ ନାରୀ ମଧ୍ୟରେ ଭେଦ ରହେ ନାହିଁ । ପ୍ରେମ ସମଗ୍ର ବିଶ୍ୱକୁ ଆପଣାର ଗୃହ ସଦୃଶ କରିନିଏ । ଯଥାର୍ଥ ଉନ୍ନତି ଧୀରେ ଧୀରେ କିନ୍ତୁ ନିଶ୍ଚିତ ଭାବରେ ହୁଏ । ସେହିସବୁ ଯୁବକମାନଙ୍କ ମଧ୍ୟରେ କାର୍ଯ୍ୟ କର, ଯେଉଁମାନେ ଭାରତର ନିମ୍ନ ଶ୍ରେଣୀଙ୍କର ଉନ୍ନୟନରୂପକ ଏକମାତ୍ର କର୍ତ୍ତବ୍ୟରେ ମନପ୍ରାଣ ଦେଇ ଆତ୍ମନିୟୋଗ କରିପାରନ୍ତି । ସେମାନଙ୍କୁ ଜାଗ୍ରତ କର, ସଂଘବଦ୍ଧ କର ଏବଂ ଏହି ତ୍ୟାଗମନ୍ତ୍ରରେ ଦୀକ୍ଷିତ କର । ଭାରତର ଯୁବକଗଣଙ୍କ ଉପରେ ହିଁ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ନିର୍ଭର କରେ ।

ସବୁ ବିଷୟରେ ଆଜ୍ଞାବହତା ଶିକ୍ଷା କର, ନିଜର ଧର୍ମବିଶ୍ୱାସ ତ୍ୟାଗ କର ନାହିଁ । ଗୁରୁଜନଙ୍କ ଅଧୀନ ହୋଇ ଚାଲିବା ବ୍ୟତୀତ କଦାପି ଶକ୍ତିର କେନ୍ଦ୍ରୀକରଣ ହୋଇପାରେ ନାହିଁ, ଏବଂ ଏପରି ଭାବରେ ବିଚ୍ଛିନ୍ନ ଶକ୍ତିଗୁଡ଼ିକୁ କେନ୍ଦ୍ରୀଭୂତ କରି ନ ପାରିଲେ, କୌଣସି ବଡ଼ କାର୍ଯ୍ୟ ହୋଇପାରେ ନାହିଁ । କଲିକତାର ମଠଟି ପ୍ରଧାନ କେନ୍ଦ୍ର । ଅନ୍ୟାନ୍ୟ ସବୁ ଶାଖାର ସଭ୍ୟମାନଙ୍କର ଉଚିତ ଏହି କେନ୍ଦ୍ରର ନିୟମାବଳୀ ସହିତ ଏକତାନରେ ଏବଂ ଏକଯୋଗରେ କାର୍ଯ୍ୟ କରିବା ।

ଈର୍ଷା ଓ ଅହଂଭାବ ଦୂରକର—ସଂଘବଦ୍ଧ ଭାବରେ ଅପର ପାଇଁ କାର୍ଯ୍ୟ କରିବାକୁ ଶିକ୍ଷା କର । ଆମ ଦେଶରେ ଏହାର ଘୋର ଅଭାବ ।

ଶୁଭାକାଙ୍କ୍ଷୀ, ବିବେକାନନ୍ଦ

ପୁ'—ନାଗମହାଶୟଙ୍କୁ ମୋର ଅସଂଖ୍ୟ ସାଷ୍ଟାଙ୍ଗ ଜଣାଇବ ।

ବି.

---

[୧] ମୋ ଭକ୍ତମାନଙ୍କର ଯେ ଭକ୍ତ, ସେ ମୋର ଶ୍ରେଷ୍ଠ ଭକ୍ତ ।

[୨] ଶ୍ରୀରାମକୃଷ୍ଣଙ୍କର

୮୯ଇଂ (ହେଲ୍ ଭଗିନୀମାନଙ୍କୁ ଲିଖିତ)

ନ୍ୟୁୟର୍କ, ୫ ମଇ ୧୮୯୫

ଯାହା ଭାବିଥିଲି, ତାହା ହୋଇଛି । ଯଦ୍ୟପି ଅଧ୍ୟାପକ ମ୍ୟାକ୍ସ୍‌ମୁଲର୍ ତାଙ୍କର ହିନ୍ଦୁଧର୍ମ ବିଷୟକ ରଚନାସମୂହର ଶେଷଭାଗରେ କ୍ଷତିକର ଗୋଟିଏ ମନ୍ତବ୍ୟ ନ ଦେଇ କ୍ଷାନ୍ତ ହୋଇ ନାହାନ୍ତି, ତଥାପି ସର୍ବଦା ମୋର ମନେ ହୁଏ ଯେ, ସମଗ୍ର ତତ୍ତ୍ୱ ହିଁ ତାଙ୍କ ନିକଟରେ କାଳକ୍ରମେ ପରିସ୍ଫୁଟ ହୋଇଯିବ । 'ବେଦାନ୍ତବାଦ' (Vedantism) ନାମକ ତାଙ୍କର ଶେଷ ଗ୍ରନ୍ଥଟି ଯେତେଶୀଘ୍ର ପାର ସଂଗ୍ରହ କର । ବହିଟିରେ ଦେଖିବ ସେ ସବୁ କିଛି ସାଗ୍ରହ ଗ୍ରହଣ କରିଛନ୍ତି—ଜନ୍ମାନ୍ତରବାଦ ସମେତ ।

ମୁଁ ତୁମମାନଙ୍କୁ ଏ ଯାବତ୍ ଯାହା କହିଛି, ତାହାର କିୟଦଂଶ ଏହି ପୁସ୍ତକରେ ଲିପିବଦ୍ଧ; ସୁତରାଂ—ବହିଟି ଆଦୌ ବୁଝିବା କଠିନ ମନେ ହେବ ନାହିଁ ।

ଅନେକ ବିଷୟ ଦେଖିବ—ଚିକାଗୋରେ ମୁଁ ଯାହାସବୁ କହିଛି, ତାହାର ଆଭାସ । ବୃଦ୍ଧ ଯେ ତତ୍ତ୍ୱ ହୃଦୟଙ୍ଗମ କରିଛନ୍ତି—ଏହା ଅତି ଆନନ୍ଦର କଥା । କାରଣ ଆଧୁନିକ ବିଜ୍ଞାନ ଓ ଗବେଷଣାର ପ୍ରତିକୂଳତା ମଧ୍ୟରେ ଧର୍ମକୁ ଅନୁଭବ କରିବା ପାଇଁ ଏହା ହିଁ ଏକମାତ୍ର ପଥ ।

ଆଶା କରେ ଟଡ୍‌ଙ୍କ ଲିଖିତ 'ରାଜସ୍ଥାନ' ଭଲ ଲାଗୁଛି । ଆନ୍ତରିକ ପ୍ରୀତି ଜାଣିବ ।

ତୁମମାନଙ୍କର ଭ୍ରାତା, ବିବେକାନନ୍ଦ ।

ପୁଃ—ମେରି କେବେ ବୋଷ୍ଟନ୍ ଆସୁଛି ?

୯୦ ଇଂ

ଆମେରିକା, ୬ ମଇ ୧୮୯୫

ପ୍ରିୟ ଆଲାସିଙ୍ଗା,

ଆଜି ସକାଳେ ତୁମର ଶେଷ ପତ୍ରଟି ଏବଂ ରାମାନୁଜାଚାର୍ଯ୍ୟଙ୍କ ଭାଷ୍ୟର ପ୍ରଥମ ଭାଗଟି ପାଇଲି । କେତେଦିନ ତଳେ ତୁମର ଆଉ ଏକ ପତ୍ର ପାଇଥିଲି । ମଣି ଆୟାରଠାରୁ ମଧ୍ୟ ଏକ ପତ୍ର ପାଇଛି ।

ମୁଁ ଭଲରେ ଅଛି—କାମଦାମ ସେହି ପୂର୍ବପରି ଚାଲିଛି । ତୁମେ ଲଣ୍ଡ୍ ନାମକ ଜଣେ ବ୍ୟକ୍ତିଙ୍କ ବକ୍ତୃତା କଥା ଲେଖିଛ । ସେ କିଏ ଏବଂ କେଉଁଠି ରହନ୍ତି, ତାହା କିଛି ଜାଣେ ନାହିଁ । ହୋଇପାରେ ସେ କୌଣସି ଗୀର୍ଜାର ବକ୍ତା । କାରଣ ଯଦି ସେ ବଡ଼ ବଡ଼ ସଭାରେ ବକ୍ତୃତା ଦେଇଥାନ୍ତେ, ତା'ହେଲେ ତାଙ୍କ କଥା ଆମେ ନିଶ୍ଚୟ ଶୁଣିଥାନ୍ତୁ । ହୁଏତ ସେ କେଉଁ କେଉଁ ଖବରକାଗଜରେ ନିଜ ବକ୍ତୃତାର ରିପୋର୍ଟ ପ୍ରକାଶ କରାଉଛନ୍ତି ଏବଂ ଭାରତକୁ ପଠାଇ ଦେଉଛନ୍ତି, ଏବଂ ମିଶନାରୀମାନେ ତାଙ୍କର ସାହାଯ୍ୟରେ ନିଜ ବ୍ୟବସାୟ ବିସ୍ତାର କରିବାକୁ ଚେଷ୍ଟା କରୁଛନ୍ତି । ତୁମ ଚିଠିରୁ ମୁଁ ଏହି ପର୍ଯ୍ୟନ୍ତ ଅନୁମାନ କରୁଛି । ଏଠାରେ ଏ ଘଟଣା ନେଇ ସାଧାରଣଙ୍କ ମଧ୍ୟରେ ସେମିତି କିଛି ଚହଳ ପଡ଼ି ନାହିଁ, ଯେଉଁଥିରେ କି ସେଥିର ଜବାବରେ ମୋତେ ଆତ୍ମପକ୍ଷ ସମର୍ଥନ କରିବାକୁ ପଡ଼ିବ । କାରଣ ତା'ହେଲେ ଏଠାରେ ମୋତେ ଶହ ଶହ ଲୋକଙ୍କ ସହିତ ଲଢ଼େଇ କରିବାକୁ ହେବ ।

ବର୍ତ୍ତମାନ ଏଠାରେ ଭାରତର ଖୁବ୍ ସୁନାମ ରଟିଯାଇଛି ଏବଂ ଡା: ବ୍ୟାରୋଜ୍ ଓ ଅନ୍ୟାନ୍ୟ ରକ୍ଷଣଶୀଳ ଲୋକସବୁ ମିଳି ଏ ନିଆଁ ଲିଭାଇବାକୁ ପ୍ରାଣପଣେ ଚେଷ୍ଟା କରୁଛନ୍ତି । ଦ୍ୱିତୀୟତଃ, ରକ୍ଷଣଶୀଳମାନଙ୍କର ଏହି ଭାରତବିରୋଧୀ ବକ୍ତୃତାଗୁଡ଼ିକରେ ମୋ ପ୍ରତି ରାଶି ରାଶି ଗାଳିଗୁଲଜ ତ ନିଶ୍ଚୟ ରହିବ । ଏଠାର ରକ୍ଷଣଶୀଳ ନରନାରୀମାନେ ମୋ ବିରୋଧରେ ଯେଉଁସବୁ କୁତ୍ସିତ ଗଳ୍ପ ରଚନା କରି ପ୍ରଚାର କରୁଛନ୍ତି, ତୁମେ ଯଦି ସେଥିରୁ କିଛି ଶୁଣିବ ତା'ହେଲେ ଆଶ୍ଚର୍ଯ୍ୟ ହୋଇଯିବ ।···ସନ୍ନ୍ୟାସୀ ହୋଇ ସେସମସ୍ତ ବିରୋଧରେ ମୋତେ କଅଣ କ୍ରମାଗତ ଆତ୍ମସମର୍ଥନ କରିଯିବାକୁ ହେବ ? ଏଠାରେ ମୋର କେତେ ଜଣ ପ୍ରଭାବଶାଳୀ ବନ୍ଧୁ ଅଛନ୍ତି, ସେମାନେ ମଝିରେ ମଝିରେ ଏସବୁର ଜବାବ୍ ଦେଇ ସେମାନଙ୍କୁ ଚୁପ୍ କରାଇଦିଅନ୍ତି । ଆଉ ହିନ୍ଦୁମାନେ ଯଦି ନାକରେ ସୋରିଷତେଲ ଦେଇ ଶୋଇ ରହିବେ, ତେବେ ହିନ୍ଦୁଧର୍ମର ସମର୍ଥନ ପାଇଁ ମୋର ଏତେ ଶକ୍ତି ଅପଚୟ କରିବା ଦରକାର କ'ଣ କହିଲ ?

ତୁମେ ତିରିଶ କୋଟି ହିନ୍ଦୁ—ବିଶେଷତଃ ଯେଉଁମାନେ ନିଜର ବିଦ୍ୟାବୁଦ୍ଧିର ଅହଂକାରରେ ଏତେ ଗର୍ବିତ, ସେମାନେ—କଅଣ କରୁଛନ୍ତି କହିଲ ଦେଖି ? ଲଢ଼େଇ କରିବା ଭାରଟା ତୁମେମାନେ ନିଜେ ଗ୍ରହଣ କରି କେବଳ ପ୍ରଚାର ଓ ଶିକ୍ଷାର ଭାର ମୋ ଉପରେ ଛାଡ଼ି ଦେଉ ନାହଁ କାହିଁକି ? ଏଠାରେ ମୁଁ ଦିନରାତି ଅଚିହ୍ନା ବିଦେଶୀ ଲୋକଙ୍କ ଭିତରେ ରହି ପ୍ରାଣପଣେ ସଂଗ୍ରାମ କରୁଛି, ପ୍ରଥମତଃ ନିଜର ଅନ୍ନ ପାଇଁ, ଦ୍ୱିତୀୟତଃ—ଯଥେଷ୍ଟ ପରିମାଣରେ ଅର୍ଥ ସଂଗ୍ରହ କରି ମୋର ଭାରତୀୟ ବନ୍ଧୁମାନଙ୍କୁ ସାହାଯ୍ୟ କରିବା ପାଇଁ । ଭାରତ କଅଣ ସାହାଯ୍ୟ ପଠାଉଛି କହିଲ ? ଭାରତବାସୀଙ୍କ ପରି ଦେଶପ୍ରେମହୀନ ଆଉ କୌଣସି ଜାତି କଅଣ ପୃଥିବୀରେ ଅଛି ? ଯଦି ତୁମେମାନେ ଦ୍ୱାଦଶଜଣ ସୁଶିକ୍ଷିତ, ଦୃଢ଼ଚେତା ବ୍ୟକ୍ତିଙ୍କୁ ୟୁରୋପ ଓ ଆମେରିକାରେ ପ୍ରଚାର-କାର୍ଯ୍ୟ ପାଇଁ ପଠାନ୍ତ ଏବଂ କେତେ ବର୍ଷ ପାଇଁ ସେମାନଙ୍କୁ ଏଠାରେ ରହିବା ଖର୍ଚ୍ଚ ଯୋଗାଇ ପାରନ୍ତ, ତା'ହେଲେ ତୁମେମାନେ ଭାରତର ନୈତିକ ଓ ରାଜନୈତିକ ଉଭୟ ପ୍ରକାର ବିପୁଳ ଉପକାର କରିପାରନ୍ତ । ଯଦି କୌଣସି ବ୍ୟକ୍ତି ନୈତିକ ହିସାବରେ ଭାରତ ପ୍ରତି ସହାନୁଭୂତିସଂପନ୍ନ ହୁଏ, ସେ ରାଜନୈତିକ କ୍ଷେତ୍ରରେ ମଧ୍ୟ ତା'ର ବନ୍ଧୁ ହୋଇ ଠିଆ ହେବ ।

ପାଶ୍ଚାତ୍ୟର ଅନେକେ ତୁମମାନଙ୍କୁ ଅର୍ଦ୍ଧ-ଉଲଗ୍ନ ବର୍ବର ଜାତି ବୋଲି ମନେ-କରନ୍ତି; ସୁତରାଂ ଭାବନ୍ତି ଯେ, ଖୁବ୍ ଶୀଘ୍ର, ତୁମମାନଙ୍କୁ ସଭ୍ୟ କରିବାକୁ ପଡ଼ିବ । ତୁମେମାନେ ଏହାର ବିପରୀତ ପ୍ରମାଣ କରୁ ନାହଁ କାହିଁକି ? ତୁମେ କୁକୁର ବିରାଡ଼ିପରି କେବଳ ବଂଶବୃଦ୍ଧି କରିପାର ।··· ଯଦି ତୁମେ ତିରିଶ କୋଟି ଲୋକ ଭୀତତ୍ରସ୍ତ, ହୋଇ ବସିରହ, ଏବଂ ପଦେ କଥା କହିବାକୁ ସାହସ ନ କର, ତେବେ ଏହି ସୁଦୂର ବିଦେଶରେ ଜଣେ ଲୋକ ଆଉ କଅଣ କରିବ କୁହ ? ମୁଁ ତୁମମାନଙ୍କ ଲାଗି ଯେତେଟା କରିଛି, ତୁମେମାନେ ସେହି ଟିକକର ଉପଯୁକ୍ତ ନୁହଁ । ତୁମେମାନେ ହିନ୍ଦୁଧର୍ମକୁ ସମର୍ଥନ କରି ଆମେରିକାର କାଗଜମାନଙ୍କୁ ଲେଖା ପଠାଉ ନାହଁ କାହିଁକି ? କିଏ ତୁମମାନଙ୍କୁ ବାନ୍ଧି ରଖିଛି ? ଦୈହିକ, ନୈତିକ, ଆଧ୍ୟାତ୍ମିକ ସବୁ କ୍ଷେତ୍ରରେ କାପୁରୁଷ ଜାତି—ତୁମେ ଯେପରି ପଶୁତୁଲ୍ୟ—ସେହିପରି ବ୍ୟବହାର ମଧ୍ୟ

ପାଉଛ । କେବଳ ଦୁଇଟି ଜିନିଷ ପ୍ରତି ତୁମମାନଙ୍କର ଲକ୍ଷ୍ୟ—କାମ ଓ କାଞ୍ଚନ । ତୁମେମାନେ ଜଣେ ସନ୍ନ୍ୟାସୀଙ୍କୁ ବିଦେଶରେ ଲଢ଼େଇ କରିବାକୁ ଚିହ୍ନାଉଛ, ଅଥଚ ନିଜେ ସାହେବମାନଙ୍କର, ଏପରିକି ମିଶନାରୀମାନଙ୍କ ଭୟରେ କାତର । ତୁମେମାନେ ପୁଣି ବଡ଼ ବଡ଼ କାମ କରିବ—ଫୁଃ ! କାହିଁକି, ତୁମେ କେତେଜଣ ମିଶି ଉତ୍ତମ ରୂପେ ହିନ୍ଦୁଧର୍ମକୁ ସମର୍ଥନ କରି କେତେକ ବୋଷ୍ଟନ୍‌ର ଏରିନା ପବ୍ଲିଶିଂ କମ୍ପାନୀକୁ ପଠାଉ ନାହଁ ! ଏରିନା (Arena) ଗୋଟିଏ ସାମୟିକ ପତ୍ର—ଖୁବ୍ ଆନନ୍ଦର ସହିତ ସେମାନେ ତାହା ଛପାଇବେ ଏବଂ ହୁଏତ ପାରିଶ୍ରମିକସ୍ୱରୂପ ତୁମମାନଙ୍କୁ ଯଥେଷ୍ଟ ଟଙ୍କା ମଧ୍ୟ ଦେବେ । ତା'ହେଲେ ତ ହେଲା ।

ଏତିକି ମନେରଖ ଯେ, ଏପର୍ଯ୍ୟନ୍ତ ଯେଉଁସବୁ ହତଭାଗ୍ୟ ହିନ୍ଦୁ ଏହି ପାଶ୍ଚାତ୍ୟ ଦେଶକୁ ଆସିଛନ୍ତି, ସେମାନେ ଅର୍ଥ ବା ସମ୍ମାନ ପାଇଁ ନିଜ ଦେଶ ଓ ଧର୍ମର କେବଳ ବିରୁଦ୍ଧ ସମାଲୋଚନା କରିଛନ୍ତି । ତୁମେମାନେ ଜାଣ ଯେ, ମୁଁ ଏଠାକୁ ନାମଯଶ ପାଇଁ ଆସି ନାହିଁ—ମୋର ଅନିଚ୍ଛା ସତ୍ତ୍ୱେ ଏସବୁ ଆସିଛି । ଭାରତକୁ ଯାଇ ମୁଁ କଅଣ କରିବି ? କିଏ ମୋତେ ସାହାଯ୍ୟ କରିବ ? ଭାରତର ଦାସସୁଲଭ ସ୍ୱଭାବ କ'ଣ ବଦଳିଛି ? ତୁମେସବୁ ପିଲାଲୋକ—ପିଲାଙ୍କପରି କଥା କହୁଛ—କେଉଁଥିରେ କ'ଣ ହୁଏ, ତାହା ତୁମେ ଜାଣି ନାହଁ । ମାନ୍ଦ୍ରାଜରେ ଏପରି ଲୋକ କାହାନ୍ତି, ଯେଉଁମାନେ ଧର୍ମପ୍ରଚାର ପାଇଁ ସଂସାର ତ୍ୟାଗ କରିବେ ? ଦେବାରିବ ବଂଶବୃଦ୍ଧି ଓ ଈଶ୍ୱରାନୁଭୂତି ଉଭୟ ପାଇଁ ମଧ୍ୟ ଏକାସାଙ୍ଗରେ ଚାଲିପାରେ ନାହିଁ । ମୁଁ ଏକା ଏକା ସାହସ କରି ନିଜ ଦେଶକୁ ସମର୍ଥନ କରୁଛି; ଏବଂ ସେମାନେ ହିନ୍ଦୁମାନଙ୍କଠାରୁ ଯାହା ଆଶା କରି ନାହାନ୍ତି, ତାହା ମୁଁ ସେମାନଙ୍କୁ ଦେଇଛି ।··· ସେମାନେ ଅନେକେ ମୋ ବିରୋଧରେ, କିନ୍ତୁ ମୁଁ କଦାପି ତୁମମାନଙ୍କପରି କାପୁରୁଷ ହେବି ନାହିଁ । ମୁଁ କାମ କରି କରି ହିଁ ମରିବି—ପଳାଇଯିବି ନାହିଁ । କିନ୍ତୁ ଏ ଦେଶରେ ହଜାର ହଜାର ଲୋକ ଅଛନ୍ତି, ଯେଉଁମାନେ ମୋର ବନ୍ଧୁ ଏବଂ ଶତଶତ ବ୍ୟକ୍ତି ରହିଛନ୍ତି, ଯେଉଁମାନେ ମୃତ୍ୟୁପର୍ଯ୍ୟନ୍ତ ମୋତେ ଅନୁସରଣ କରିବେ; ପ୍ରତିବର୍ଷ ଏମାନଙ୍କ ସଂଖ୍ୟା ବଢ଼ିବ । ଏମାନେ ଖାଣ୍ଟି ହିନ୍ଦୁ ଶିଷ୍ୟଙ୍କ ପରି ଲୁହନ୍ତି । ଯଦି ମୁଁ ଏଠାରେ ସେମାନଙ୍କ ଭିତରେ ରହି କାର୍ଯ୍ୟ କରେ, ତା'ହେଲେ ମୋର ଧର୍ମର ଆଦର୍ଶ ସଫଳ ହେବ—ବୁଝିଲ ?

ଆମେରିକାରେ ଯେଉଁ ସାର୍ବଜନୀନ ମନ୍ଦିର (Temple Universal) ପ୍ରତିଷ୍ଠା କରିବା କଥା ଉଠିଥିଲା, ସେ ସମ୍ପର୍କରେ ଆଉ ବେଶୀ ଉଚ୍ଚବାଚ୍ୟ ଶୁଣିବାକୁ ପାଉ ନାହିଁ । ତେବେ ମାର୍କିନ୍ ଜୀବନର କେନ୍ଦ୍ରସ୍ୱରୂପ ନ୍ୟୁୟର୍କରେ ମୋର ଆଡ୍‌ଡା ଗଢ଼ି ଉଠିଛି ଏବଂ ମୋର କାର୍ଯ୍ୟ ଚାଲୁ ରହିବ । ମୁଁ ମୋର ଶିଷ୍ୟମାନଙ୍କର ଯୋଗ, ଭକ୍ତି ଓ ଜ୍ଞାନ ଶିକ୍ଷାର ସମାପ୍ତି ପାଇଁ ଗୋଟିଏ ଗ୍ରୀଷ୍ମକାଳୋପଯୋଗୀ ନିର୍ଜନ ସ୍ଥାନକୁ ନେଇ ଯାଉଛି—ଯେପରି ସେମାନେ ପରେ କାର୍ଯ୍ୟ ଚଳାଇ ନେବା ପାଇଁ ସାହାଯ୍ୟ କରିପାରିବେ ।

ଯାହା ହେଉ, ବସ୍, ମୁଁ ତୁମମାନଙ୍କୁ ଯଥେଷ୍ଟ ଭର୍ତ୍ସନା କରିଛି । ତୁମମାନଙ୍କୁ ଭର୍ତ୍ସନା କରିବା ଦରକାର ଥିଲା । ଏବେ କାମରେ ଲାଗ—କାଗଜଟା ପାଇଁ ଏବେ ଉଠି-ପଡ଼ି ଲାଗିଯାଅ । ମୁଁ କଲିକତାକୁ କିଛି ଟଙ୍କା ପଠାଇଛି; ଆଉ ମାସକ ଭିତରେ କାଗଜ ପାଇଁ

ତୁମମାନଙ୍କ ପାଖକୁ ମଧ୍ୟ କିଛି ଟଙ୍କା ପଠାଇପାରିବି । ବର୍ତ୍ତମାନ ଅବଶ୍ୟ ଅଳ୍ପ ପଠାଇବି—କିନ୍ତୁ ପରେ ନିୟମିତ ରୂପେ କିଛି କିଛି ପଠାଇ ପାରିବି । ଏବେ କାମରେ ଲାଗ । ହିନ୍ଦୁ ଭିକାରୀମାନଙ୍କ ପାଖକୁ ଆଉ ଭିକ୍ଷା ମାଗିବାକୁ ଯାଅ ନାହିଁ । ମୁଁ ନିଜ ମସ୍ତିଷ୍କ ଓ ଦୃଢ଼ ଦକ୍ଷିଣ ବାହୁ ସାହାଯ୍ୟରେ ନିଜେ ହିଁ ସବୁ କରିବି । ଏଠାରେ ବା ଭାରତରେ ମୁଁ କାହାରି ସାହାଯ୍ୟ ଚାହୁଁ ନାହିଁ । କଲିକତା ଓ ମାନ୍ଦ୍ରାଜ ଏହି ଦୁଇ ସ୍ଥାନର କାର୍ଯ୍ୟ ପାଇଁ ଯାହା ଟଙ୍କା ଲାଗିବ, ତାହା ମୁଁ ନିଜେ ରୋଜଗାର କରିବି । ··· ରାମକୃଷ୍ଣଙ୍କୁ ଅବତାର ବୋଲି ମାନିବା ପାଇଁ ଲୋକଙ୍କୁ ବେଶୀ ବଳାବଳି କର ନାହିଁ ।

ବର୍ତ୍ତମାନ ମୁଁ ତୁମମାନଙ୍କ ନିକଟରେ ମୋ ନୂତନ ଆବିଷ୍କାର କଥା କହିବି । ଧର୍ମର ସବୁ କିଛି ବେଦାନ୍ତ ମଧ୍ୟରେ ରହିଛି—ଅର୍ଥାତ୍ ବେଦାନ୍ତ ଦର୍ଶନର ଦ୍ୱୈତ, ବିଶିଷ୍ଟାଦ୍ୱୈତ ଓ ଅଦ୍ୱୈତ—ଏହି ତିନୋଟି ସ୍ତରରେ ରହିଛି । ଏଗୁଡ଼ିକ ଗୋଟିକ ପରେ ଗୋଟିଏ ଆସିଥାଏ । ଏହି ତିନୋଟି ମାନବର ଆଧ୍ୟାତ୍ମିକ ଉନ୍ନତିର ତିନୋଟି ଭୂମିକା । ଏହାର ପ୍ରତ୍ୟେକଟିର ହିଁ ପ୍ରୟୋଜନ ଅଛି । ଏହା ହିଁ ଧର୍ମର ସାର କଥା । ଭାରତର ବିଭିନ୍ନ ଜାତିର ଆଚାର ବ୍ୟବହାର, ମତ ଓ ବିଶ୍ୱାସ ଉପରେ ପ୍ରୟୋଗ ଫଳରେ ବେଦାନ୍ତ ଯେଉଁ ରୂପ ନେଇଛି, ତାହା ହେଉଛି ହିନ୍ଦୁଧର୍ମ; ଏହାର ପ୍ରଥମ ସ୍ତର ଅର୍ଥାତ୍ ଦ୍ୱୈତବାଦ ୟୁରୋପୀୟ ଜାତିଗୁଡ଼ିକର ଭାବ ମଧ୍ୟ-ଦେଇ ପ୍ରକାଶ ପାଇଛି ଖ୍ରୀଷ୍ଟଧର୍ମ ରୂପରେ; ସେହିପରି ସେମିଟିକ୍ ଜାତିଙ୍କ ଭିତରେ ପ୍ରକାଶ ପାଇଛି ମୁସଲ୍‌ମାନ ଧର୍ମ । ଅଦ୍ୱୈତବାଦ ତାହାର ଯୋଗାନୁଭୂତି ଆକାରରେ ହୋଇଛି ବୌଦ୍ଧଧର୍ମ ଇତ୍ୟାଦି । ଶ୍ରେଷ୍ଠ ଧର୍ମ କହିଲେ ବେଦାନ୍ତକୁ ବୁଝାଏ । ବିଭିନ୍ନ ଜାତିର ବିଭିନ୍ନ ପ୍ରୟୋଜନ, ପାରିପାର୍ଶ୍ୱିକ ଅବସ୍ଥା ଏବଂ ଅନ୍ୟାନ୍ୟ ପରିସ୍ଥିତି ଅନୁସାରେ ତା'ର ପ୍ରୟୋଗ ଅବଶ୍ୟ ବିଭିନ୍ନ ଭାବରେ ହେବ ।

ତୁମେମାନେ ଦେଖିପାରିବ ଯେ, ମୂଳ ଦାର୍ଶନିକ ତତ୍ତ୍ୱ ଯଦିଓ ଏକ, ତଥାପି ଶାକ୍ତ, ଶୈବ ପ୍ରଭୃତି ପ୍ରତ୍ୟେକେ ନିଜ ନିଜର ବିଶେଷ ଧର୍ମମତ ଓ ଅନୁଷ୍ଠାନ-ପଦ୍ଧତି ଭିତରେ ତାହାକୁ ରୂପାୟିତ କରି ନେଇଛନ୍ତି । ବର୍ତ୍ତମାନ ତୁମମାନଙ୍କର କାଗଜରେ ଏହି ତିନିବାଦ ସମ୍ବନ୍ଧରେ ପ୍ରବନ୍ଧ ପରେ ପ୍ରବନ୍ଧ ଲେଖି, ସେମାନଙ୍କ ମଧ୍ୟରେ ଗୋଟିଏ ଅନ୍ୟଟିର ପରେ ଆସେ, ଏହି ଭାବରେ ସେମାନଙ୍କର ସାମଞ୍ଜସ୍ୟ ଦେଖାଅ—ଏବଂ ଆନୁଷ୍ଠାନିକ ଭାବକୁ ପୂରାପୂରି ବାଦ୍ ଦିଅ । ଅର୍ଥାତ୍ ଦାର୍ଶନିକ ଓ ଆଧ୍ୟାତ୍ମିକ ଭାବ ହିଁ ପ୍ରଚାର କର; ଲୋକମାନେ ସେସବୁକୁ ତାଙ୍କର ବିଶେଷ ଅନୁଷ୍ଠାନ ଓ କ୍ରିୟାକଳାପରେ ଲଗାଇ ନିଅନ୍ତୁ । ମୁଁ ଏ ବିଷୟରେ ଖଣ୍ଡେ ବହି ଲେଖିବାକୁ ଚାହେଁ—ସେଥିପାଇଁ ସବୁ ଭାଷ୍ୟଗୁଡ଼ାକ ମଗାଇଥିଲି; କିନ୍ତୁ ବର୍ତ୍ତମାନ ସୁଦ୍ଧା ମୋ ପାଖକୁ କେବଳ ରାମାନୁଜ-ଭାଷ୍ୟରୁ ଖଣ୍ଡେ ମାତ୍ର ଆସିଛି ।

ଆମେରିକାନ୍ ଥିଓସଫିଷ୍ଟମାନେ ଅନ୍ୟ ଥିଓସଫିଷ୍ଟମାନଙ୍କ ଦଳ ଛାଡ଼ି ଦେଇଛନ୍ତି··· ଇଂଲଣ୍ଡର ଷ୍ଟର୍ଡି ସାହେବ ସମ୍ପ୍ରତି ଭାରତକୁ ଯାଇଥିଲେ ଏବଂ ତାଙ୍କ ସହିତ ମୋର ଗୁରୁଭ୍ରାତା ଶିବାନନ୍ଦଙ୍କର ସାକ୍ଷାତ୍ ହୋଇଥିଲା; ସେ ମୋତେ ଖଣ୍ଡିଏ ପତ୍ର ଲେଖି ଜାଣିବାକୁ ଚାହିଁଥିଲେ—ମୁଁ କେବେ ଇଂଲଣ୍ଡ ଯାଉଛି । ତାଙ୍କୁ ଖଣ୍ଡିଏ ପତ୍ର ଲେଖିଛି । ବାବୁ

ଅକ୍ଷୟକୁମାର ଘୋଷଙ୍କର ଖବର କ'ଣ ? ମୁଁ ତାଙ୍କଠାରୁ ଆଉ କିଛି ଖବର ପାଇ ନାହିଁ । ମିଶନାରୀଗଣ ଓ ଅପରାପର ସମସ୍ତଙ୍କୁ ସେମାନଙ୍କର ଯାହା ପ୍ରାପ୍ୟ, ତାହା ଦେଇଦଅ । ଆମ ଦେଶର କେତେଜଣ ବେଶ୍ ଦୃଢ଼ଚେତା ବ୍ୟକ୍ତିଙ୍କୁ ଧର—ଭାରତରେ ବର୍ତ୍ତମାନ ଧର୍ମର ନବଜାଗରଣ ସମ୍ବନ୍ଧରେ ବେଶ୍ ସୁନ୍ଦର ଓଜସ୍ୱୀ ଅଥଚ ସୁରୁଚିସଙ୍ଗତ ଗୋଟିଏ ପ୍ରବନ୍ଧ ଲେଖି ତାହା ଆମେରିକାର କୌଣସି ସାମୟିକ ପତ୍ରକୁ ପଠାଇଦଅ । ଏହିପରି ଗୋଟିଏ ଦୁଇଟି କାଗଜ ସହିତ ମୋର ଜଣାଶୁଣା ଅଛି । ତୁମେମାନେ ତ ଜାଣ, ମୁଁ ବିଶେଷ ଲେଖକ ନୁହେଁ; ଆଉ ଲୋକଙ୍କ ଦ୍ୱାରେ ଦ୍ୱାରେ ଘୂରି ବୁଲିବା ଅଭ୍ୟାସ ମଧ୍ୟ ମୋର ନାହିଁ । ମୁଁ ଚୁପ୍ କରି ବସିରହିଥାଏ ଏବଂ ଯାହା କିଛି ଆସିବା କଥା ତାହା ମୋ ପାଖକୁ ଆସିଯାଏ—ସେଥିପାଇଁ ମୁଁ ବିଶେଷ ଚେଷ୍ଟା କରେ ନାହିଁ । ନ୍ୟୁୟର୍କଠାରୁ 'ଦାର୍ଶନିକ ପତ୍ର' (Metaphysical Magazine) ନାମକ ଖଣ୍ଡିଏ ନୂଆ ପତ୍ରିକା ବାହାରୁଛି—ସେଇଟା ବେଶ୍ ଭଲ ପତ୍ରିକା । ପଲ୍ କେରେସ୍‌ଙ୍କ କାଗଜଟି ମନ୍ଦ ନୁହେଁ, ତେବେ ତା'ର ଗ୍ରାହକ-ସଂଖ୍ୟା ସେଠାରେ ବହୁତ କମ୍ । ବତ୍ସଗଣ ! ମୁଁ ଯଦି ବିଷୟୀ ଓ କପଟୀ ହୋଇଥାଆନ୍ତି, ତେବେ ଏଠାରେ ଗୋଟାଏ ବଡ଼ ସଂଘ ଗଠନ କରି ଖୁବ୍ ବାଜିମାତ୍ କରିପାରନ୍ତି । ହାୟ, ଏଠାରେ ଧର୍ମ କହିଲେ ଏହାଠାରୁ ଅଧିକ କିଛି ବୁଝାଏ ନାହିଁ । ଟଙ୍କା ସହିତ ନାମ-ଯଶ—ଏହା ହିଁ ହେଲା ଧର୍ମଯାଜକ; ଆଉ ଟଙ୍କା ସହିତ କାମ ଯୋଗ ହେଲେ ହେଲା ସାଧାରଣ ଗୃହସ୍ଥ ।

ଏଠାରେ ମୋତେ ଦଳେ ନୂତନ ମଣିଷ ସୃଷ୍ଟି କରିବାକୁ ହେବ, ଯେଉଁମାନେ ଈଶ୍ୱରଙ୍କ ଉପରେ ଅକପଟ ବିଶ୍ୱାସୀ ହେବେ ଏବଂ ସଂସାରକୁ ଆଦୌ ଗ୍ରାହ୍ୟ କରିବେ ନାହିଁ । ଅବଶ୍ୟ ଏହା ଧୀରେ—ଅତି ଧୀରେ ହେବ । ଏଥିମଧ୍ୟରେ ତୁମେମାନେ କାମ କରି ଚାଲ ଏବଂ ଯଦି ତୁମମାନଙ୍କ ଇଚ୍ଛା ଓ ସାହସ ଥାଏ, ତା'ହେଲେ ମିଶନାରୀମାନେ ଯାହା ପାଇବାର ଉପଯୁକ୍ତ, ସେମାନଙ୍କୁ ତାହା ହିଁ ଦିଅ । ମୁଁ ଯଦି ସେମାନଙ୍କ ସହିତ ଲଢ଼େଇ କରିବାକୁ ଯାଏ, ତା' ହେଲେ (ଏଠାରେ)ମୋ ଶିଷ୍ୟମାନେ ଚମକି ପଡ଼ିବେ । ମିଶନାରୀମାନେ ତ ଆଉ ତର୍କ କରନ୍ତି ନାହିଁ, ସେମାନେ କେବଳ ଗାଳିଗୁଲଜ ଦିଅନ୍ତି; ସୁତରାଂ ମୁଁ ସେମାନଙ୍କ ସହିତ ବିବାଦ କଲେ ଚଳିବ ନାହିଁ । ସେଦିନ ରମାବାଈ ନାମକ ଜଣେ ଖ୍ରୀଷ୍ଟିଆନ୍ ମହିଳା ମୋର ଜନୈକ ବିଶିଷ୍ଟ ବନ୍ଧୁ ଅଧ୍ୟାପକ ଜେମ୍ସଙ୍କ ପାଖରୁ ଖୁବ୍ ଜୋର୍ ଧକ୍କା ଖାଇଛନ୍ତି—କାଗଜର ସେହି ଅଂଶଟି ତୁମ ନିକଟକୁ ପଠାଇଲି । ସୁତରାଂ ତୁମେ ଦେଖିପାରୁଛ ଯେ, ସେମାନେ ମଝିରେ ମଝିରେ ଏଠାରେ ଥିବା ମୋର ବନ୍ଧୁମାନଙ୍କଠାରୁ ଏଭଳି ଧକ୍କା ପାଇବେ ଏବଂ ତୁମେମାନେ ମଧ୍ୟ ଭାରତରେ ସେମାନଙ୍କୁ ମଧ୍ୟେ ମଧ୍ୟେ ସେହିପରି ଦି ଗୁରିପାନ ଦେଉଥାଅ—ଆଉ ସେହି ଦୁଇଟି ଭିତରେ ମୁଁ ମୋର ନାଆକୁ ସିଧା ଚଲାଇ ନେଇଯିବି ।

ବର୍ତ୍ତମାନ ଯେକୌଣସି ପ୍ରକାରେ ପତ୍ରିକାଟିକୁ ପ୍ରକାଶ କରିବା ପାଇଁ ମୋର ଖୁବ୍ ଇଚ୍ଛା । ଏହି ପତ୍ରିକାରେ ଗୁରୁଗମ୍ଭୀର ବିଷୟ ଯେପରି ଲଘୁଭାବରେ ଆଲୋଚିତ ନ ହୁଏ, ଏହାର ସ୍ୱର ଧୀର ଗମ୍ଭୀର ଉଚ୍ଚ ଗ୍ରାମରେ ବନ୍ଧାହେବା ଦରକାର । ମୁଁ ତୁମମାନଙ୍କ ନିକଟକୁ

ଟଙ୍କା ପଠାଇଛୁ···କାମ ଆରମ୍ଭ କରିଦିଅ । ଏଠାରେ ମୁଁ ଅନେକ ଗ୍ରାହକ ଯୋଗାଡ଼ କରିଦେବି, ମୁଁ ନିଜେ ସେହି ପତ୍ରିକା ପାଇଁ ପ୍ରବନ୍ଧ ଲେଖିବି ଏବଂ ସମୟେ ସମୟେ ଆମେରିକାନ୍ ଲେଖକଙ୍କ ଦ୍ୱାରା ପ୍ରବନ୍ଧ ଲେଖାଇ ମଧ୍ୟ ପଠାଇବି । ତୁମେମାନେ ମଧ୍ୟ ଦଳେ ପକ୍କା ନିୟମିତ ଲେଖକ ଯୋଗାଡ଼ କର । ତୁମର ଭଗିନୀପତି ତ ଜଣେ ଖୁବ୍ ଭଲ ଲେଖକ । ତା' ଛଡ଼ା ମୁଁ ଜୁନାଗଡ଼ର ଦେଓ୍ୱାନ୍ ହରିଦାସ ଭାଇ, ଖେତଡ଼ିର ରାଜା, ଲିମଡ଼ିର ଠାକୁର-ସାହେବ ପ୍ରଭୃତିଙ୍କ ନାମରେ ତୁମ ନିକଟକୁ ପତ୍ର ପଠାଇବି, ସେମାନେ କାଗଜଟିର ଗ୍ରାହକ ହେବେ—ତା'ହେଲେ ପତ୍ରିକାଟି ବେଶ୍ ଉଠିଯିବ । ସମ୍ପୂର୍ଣ୍ଣ ନିଃସ୍ୱାର୍ଥ ଓ ଦୃଢ଼ଚିତ୍ତ ହୁଅ ଏବଂ କାମ କରିଯାଅ । ଆମେ ବଡ଼ ବଡ଼ କାମ କରିବା—ଭୟ କର ନାହିଁ । କେବଳ ଗୋଟିଏ ନିୟମ କର ଯେ, ପତ୍ରିକାଟିର ପ୍ରତି ସଂଖ୍ୟାରେ ପୂର୍ବୋକ୍ତ ତିନୋଟି ଭାଷ୍ୟର ଯେକୌଣସି ଗୋଟିକରୁ କେତେକାଂଶର ଅନୁବାଦ ନିଶ୍ଚୟ ରହିବ । ଆଉ ଗୋଟିଏ କଥା—ତୁମେ ସମସ୍ତଙ୍କର ସେବକ ହୁଅ, ଅପର ଉପରେ ଏତେ ଟିକିଏ ପ୍ରଭୁତ୍ୱ କରିବା ପାଇଁ ଚେଷ୍ଟା କର ନାହିଁ । ସେଥିରୁ ଈର୍ଷାର ଉଦ୍ରେକ ହେବ ଏବଂ ତା' ଫଳରେ ସବୁ ମାଟି ହୋଇଯିବ । କାଗଜର ପ୍ରଥମ ସଂଖ୍ୟାଟିରେ ବାହାରର ଚାକଚକ୍ୟ ଯେପରି ଭଲ ହୁଏ । ମୁଁ ତା' ପାଇଁ ଗୋଟିଏ ପ୍ରବନ୍ଧ ଲେଖିବି । ଆଉ ଭାରତର ଭଲ ଭଲ ଲେଖକଙ୍କଠାରୁ ଭିନ୍ନ ଭିନ୍ନ ବିଷୟରେ ବେଶ୍ ଭଲ ଭଲ ପ୍ରବନ୍ଧମାନ ସଂଗ୍ରହ କର । ସେଥିରୁ ଗୋଟିଏ ଯେପରି ଦ୍ୱୈତ-ଭାଷ୍ୟର ଅଂଶବିଶେଷର ଅନୁବାଦ ହୁଏ, ଦେଖିବ । ପତ୍ରିକାର ପ୍ରଚ୍ଛଦପଟରେ ପ୍ରବନ୍ଧ-ଗୁଡ଼ିକର ଓ ଲେଖକଙ୍କର ନାମ ରହିବ ଏବଂ ଚାରି ଧାରରେ ଖୁବ୍ ଭଲ ପ୍ରବନ୍ଧଗୁଡ଼ିକର ଓ ସେଗୁଡ଼ିକର ଲେଖକମାନଙ୍କର ନାମ ରହିବ । ଆଗାମୀ ମାସ ମଧ୍ୟରେ ମୁଁ ପ୍ରବନ୍ଧ ଓ ଟଙ୍କା ପଠାଇବି । କାମ କରିଚାଲ । ତୁମେ ଏପର୍ଯ୍ୟନ୍ତ ଚମତ୍କାର କାମ କରିଛ । ଆମେ ସାହାଯ୍ୟ ପାଇଁ ବସି ରହିବା ନାହିଁ । ହେ ବତ୍ସ ! ଆମେ ହିଁ ଏହାକୁ କାର୍ଯ୍ୟକାରୀ କରିବା—ତୁମେ ସବୁ ଆତ୍ମନିର୍ଭରଶୀଳ ଓ ବିଶ୍ୱାସୀ ହୁଅ ଏବଂ ଧୈର୍ଯ୍ୟ ଧରି ରହ । ଆଶାକରେ, ସାମାନ୍ୟ ତୁମମାନଙ୍କୁ କିଛି ସାହାଯ୍ୟ କରିପାରିବି । ମୋର ଅନ୍ୟ ବନ୍ଧୁମାନଙ୍କ ବିରୋଧରେ ଯାଅ ନାହିଁ—ସମସ୍ତଙ୍କ ସହିତ ମିଳିମିଶି ଚଳ । ସମସ୍ତଙ୍କୁ ମୋର ଅସୀମ ସ୍ନେହ ଜଣାଇବ ।

ସଦା ଆଶୀର୍ବାଦକ, ତୁମମାନଙ୍କର ବିବେକାନନ୍ଦ

ପୁଃ : '—' ଆୟାର ଓ ଅନ୍ୟାନ୍ୟ ଭଦ୍ର ମହୋଦୟଙ୍କ ସହିତ ସବୁ ବିଷୟରେ ପରାମର୍ଶ କରି ଚଳିବ । ଯଦି ତୁମେ ନିଜକୁ ନେତା ରୂପେ ଆଗରେ ଠିଆ କରାଇବ, ତା'ହେଲେ କେହି ତୁମକୁ ସାହାଯ୍ୟ କରିବାକୁ ଆସିବେ ନାହିଁ, ଆଉ ବୋଧହୁଏ ଏହା ହିଁ ତୁମର ବିଫଳତାର କାରଣ । —ଆୟାରଙ୍କ ନାମଟି ହିଁ ଯଥେଷ୍ଟ; ତାଙ୍କୁ ଯଦି ନ ପାଇବ, ତା'ହେଲେ ଅନ୍ୟ କୌଣସି ବଡ଼ ଲୋକଙ୍କୁ ତୁମର ନେତା କର । ଯଦି କୃତକାର୍ଯ୍ୟ ହେବାକୁ ଚାହଁ—ଅହଂଭାବକୁ ଆଗେ ନଷ୍ଟ କରିପକାଅ । ଇତି

—ବି.

୧୯୧ଇଂ 54 W. 33rd St., ନ୍ୟୁୟର୍କ
୭ ମଇ ୧୮୯୫

ପ୍ରିୟ ମିସେସ୍ ବୁଲ୍,

ମିସ୍ ଫାର୍ମିର୍ଙ୍କ ସହିତ ଏ ବିଷୟରେ ଗୋଟିଏ ବନ୍ଦୋବସ୍ତି କରି ନେଇଥିବା ଯୋଗୁଁ ଆପଣଙ୍କୁ ବିଶେଷ ଧନ୍ୟବାଦ ଜଣାଉଛି । ମୁଁ ଭାରତବର୍ଷରୁ ଖଣ୍ଡିଏ ଖବରକାଗଜ ପାଇଲି; ସେଥିରେ ଭାରତରୁ ଡକ୍ଟର ବ୍ୟାରୋଜଙ୍କୁ ଯେଉଁ ଧନ୍ୟବାଦ ପ୍ରେରିତ ହୋଇଥିଲା, ତା'ର ସଂକ୍ଷିପ୍ତ ଉତ୍ତର ପ୍ରକାଶ ପାଇଛି । ମିସ୍ ଥାର୍ସବି ତାହା ଆପଣଙ୍କୁ ପଠାଇଦେବେ ।

ଗତକାଲି ମୁଁ ମାନ୍ଦ୍ରାଜ ଅଭିନନ୍ଦନ ସଭାର ସଭାପତିଙ୍କଠାରୁ ଆଉ ଖଣ୍ଡିଏ ପତ୍ର ପାଇଛି—ସେଥିରେ ସେ ମାର୍କିନମାନଙ୍କୁ ଧନ୍ୟବାଦ ଦେଇଛନ୍ତି, ମୋତେ ମଧ୍ୟ ଏକ ଅଭିନନ୍ଦନ ପଠାଇଛନ୍ତି । ମାନ୍ଦ୍ରାଜୀ ବନ୍ଧୁମାନଙ୍କ ସହିତ ସହଯୋଗ ରଖି କାମ କରିବା ପାଇଁ ମୁଁ ତାଙ୍କୁ ପରାମର୍ଶ ଦେଇଥିଲି । ଏହି ଭଦ୍ରଲୋକ ମାନ୍ଦ୍ରାଜ ସହରର ଅଧିବାସୀମାନଙ୍କ ମଧ୍ୟରେ ସର୍ବପ୍ରଧାନ ଏବଂ ମାନ୍ଦ୍ରାଜର ମୁଖ୍ୟ ଧର୍ମାଧିକରଣ (Highcourt)-ର ଜଣେ ବିଚାରପତି—ଭାରତରେ ଏହା ଏକ ଅତି ଉଚ୍ଚପଦ ।

ମୁଁ ନ୍ୟୁୟର୍କଠାରେ ସର୍ବସାଧାରଣଙ୍କ ସମକ୍ଷରେ 'ମହ୍‌ସ୍କୁଡ-ମନ୍ଦିର'ର ଉପର ମହଲାରେ ଆଉ ଦୁଇଟି ବକ୍ତୃତା ଦେବି । ପ୍ରଥମଟି ଆଗାମୀ ସୋମବାର ଦିନ ହୋଇଯିବ; ବିଷୟ—'ଧର୍ମ-ବିଜ୍ଞାନ' । ଦ୍ୱିତୀୟଟିର ବିଷୟ, 'ଯୋଗର ଯୁକ୍ତିସଙ୍ଗତ ବ୍ୟାଖ୍ୟା ।'

ମିସ୍ ଥାର୍ସବି କ୍ଲାସ୍‌କୁ ପ୍ରାୟ ଆସନ୍ତି । ମିଃ ଫ୍ଲନ୍ ବର୍ତ୍ତମାନ ଆମ କାର୍ଯ୍ୟପ୍ରତି ବିଶେଷ ଅନୁରାଗ ଦେଖାଉଛନ୍ତି ଏବଂ ତାହାର ପ୍ରସାର ପାଇଁ ଯତ୍ନ ନେଉଛନ୍ତି । ଲଣ୍ଡ୍‌ସବର୍ଗ ଆସନ୍ତି ନାହିଁ । ମୋର ଆଶଙ୍କା ଯେ, ସେ ମୋ ଉପରେ ଖୁବ୍ ବିରକ୍ତ । ଭାରତର ଆର୍ଥିକ ଅବସ୍ଥା ସମ୍ବନ୍ଧୀୟ ବହିଟି ମିସ୍ ହାମ୍‌ଲିନ୍ କ'ଣ ଆପଣଙ୍କ ନିକଟକୁ ପଠାଇଛନ୍ତି ? ମୋର ଇଚ୍ଛା, ଆପଣଙ୍କର ଭାଇ ବହିଟି ପଢ଼ି ଦେଖନ୍ତୁ ଏବଂ ନିଜେ ନିଜେ ବୁଝନ୍ତୁ ଯେ, ଭାରତରେ ଇଂରେଜୀ-ଶାସନ କହିଲେ କ'ଣ ବୁଝାଏ ।

ଆପଣଙ୍କର ଚିରକୃତଜ୍ଞ ସନ୍ତାନ, ବିବେକାନନ୍ଦ

୧୯୨ଇଂ ନ୍ୟୁୟର୍କ, ୧୪ ମଇ ୧୮୯୫

ପ୍ରିୟ ଆଲାସିଙ୍ଗା,

ବହିଗୁଡ଼ିକ ଠିକ୍ ନିରାପଦରେ ଆସି ପହଞ୍ଚିଛି । ସେଥିପାଇଁ ବିଶେଷ ଧନ୍ୟବାଦ । ଅତିଶୀଘ୍ର ମୁଁ ତୁମ ପାଖକୁ କିଛି ଟଙ୍କା ପଠାଇପାରିବି—ଅବଶ୍ୟ ଖୁବ୍ ବେଶୀ ନୁହେଁ, ବର୍ତ୍ତମାନ କେତେ ଶହ ମାତ୍ର; ତେବେ ଯଦି ବଞ୍ଚିରହେ, ସମୟ ସମୟରେ କିଛି କିଛି ପଠାଇବି ।

ବର୍ତ୍ତମାନ ନ୍ୟୁୟର୍କରେ ମୋର କିଛି ପ୍ରଭାବ ବିସ୍ତାରଲାଭ କରିଛି—ଆଶା କରୁଛି ଯେ, ଦଳେ ସ୍ଥାୟୀ କର୍ମୀଙ୍କୁ ପାଇବି—ଯେଉଁମାନେ କି ମୁଁ ଏ ଦେଶ ଛାଡ଼ି ଯିବାପରେ କାମ

ଚଳାଇନେବେ । ବତ୍ସ, ଦେଖୁଛ, ଏସବୁ ଖବରକାଗଜର ଉତ୍ସାହ-ଉଚ୍ଛ୍ୱାସ କିଛି ନୁହେଁ । ମୁଁ ଯେତେବେଳେ ଚାଲିଯିବି, ସେତେବେଳେ ଏଠାରେ ମୋ କାର୍ଯ୍ୟର ଗୋଟିଏ ସ୍ଥାୟୀ ଦାଗ ରହିଯିବା ଉଚିତ, ଏବଂ ପ୍ରଭୁଙ୍କ ଆଶୀର୍ବାଦରୁ ଏହା ଅତିଶୀଘ୍ର ସମ୍ପନ୍ନ ହେବ । ଅବଶ୍ୟ ଆର୍ଥିକ ଦୃଷ୍ଟିରୁ ଦେଖିଲେ, ଏଥିରେ ସାଫଲ୍ୟ ହୋଇ ନାହିଁ ବୋଲି କହିବାକୁ ପଡ଼ିବ । କିନ୍ତୁ ଜଗତରେ ସମୁଦାୟ ଧନରାଶି ଅପେକ୍ଷା 'ମାନବ' ବେଶୀ ମୂଲ୍ୟବାନ୍ ।

ଅତଏବ ତୁମେ ମୋ ପାଇଁ ମୁଣ୍ଡ ଖେଳାଅ ନାହିଁ—ପ୍ରଭୁ ସର୍ବଦା ମୋତେ ରକ୍ଷା କରୁଛନ୍ତି । ଏ ଦେଶକୁ ମୋର ଆଗମନ ଓ ଏତେ ପରିଶ୍ରମ ବୃଥା ହେବାକୁ ଦିଆଯିବ ନାହିଁ । ପ୍ରଭୁ ଦୟାମୟ—ଆଉ ଯଦିଚ ଏପରି ଲୋକ ବହୁତ ଅଛନ୍ତି, ଯେଉଁମାନେ କି ଯେକୌଣସି ଉପାୟରେ ମୋର ଅନିଷ୍ଟ କରିବା ପାଇଁ ଚେଷ୍ଟିତ, ତଥାପି ଏପରି ଲୋକ ମଧ୍ୟ ଅଛନ୍ତି, ଯେଉଁମାନେ କି ଶେଷ ପର୍ଯ୍ୟନ୍ତ ମୋର ସହାୟତା କରିବେ । ଅନନ୍ତ ଧୈର୍ଯ୍ୟ, ଅନନ୍ତ ପବିତ୍ରତା, ଅନନ୍ତ ଅଧ୍ୟବସାୟ—ଏହି ତିନୋଟି ଥିଲେ ଯେକୌଣସି ସାଧୁ ଆନ୍ଦୋଳନରେ ନିଶ୍ଚୟ ସାଫଲ୍ୟ ମିଳିପାରିବ—ସିଦ୍ଧି ଲାଭ ପାଇଁ ଏହା ହିଁ ରହସ୍ୟ ।

ସଦା ଆଶୀର୍ବାଦକ, ବିବେକାନନ୍ଦ

୧୯୩ଇଂ

ମିସ୍ ମେରି ଫିଲିପ୍‌ସଙ୍କ ଘର, 19 W. 38th St., ନ୍ୟୁୟର୍କ
୨୮ ମଇ ୧୮୯୫

ପ୍ରିୟ ଆଲାସିଙ୍ଗା,

ଏଥି ସହିତ ମୁଁ ଏକଶହ ଡଲାର ଅର୍ଥାତ୍ ଇଂରେଜୀ ମୁଦ୍ରା ଅନୁସାରେ ୨୦ ପାଉଣ୍ଡ ୮ ଶିଲିଂ ୭ ପେନ୍‌ସ ପଠାଇଲି । ଆଶା କରେ ଏଥିରେ ତୁମର ପତ୍ରିକା ପ୍ରକାଶନରେ କିଞ୍ଚିତ୍ ସାହାଯ୍ୟ ହେବ । ପରେ ଧୀରେ ଧୀରେ ଆହୁରି ସାହାଯ୍ୟ କରିପାରିବି ।

ସଦା ଆଶୀର୍ବାଦକ, ବିବେକାନନ୍ଦ

ପୁଃ—ନ୍ୟୁୟର୍କର ଉପରୋକ୍ତ ଠିକଣାରେ ମୋ ପତ୍ରର ପ୍ରାପ୍ତିସ୍ୱୀକାର ପଠାଇବ । ବର୍ତ୍ତମାନ ନ୍ୟୁୟର୍କ ମୋର ପ୍ରଧାନ ଆସ୍ଥାନ । ଅବଶେଷରେ ମୁଁ ଏ ଦେଶରେ କିଛି କରିଯିବା ପାଇଁ ସମର୍ଥ ହେଲି ।

—ବି.

୧୯୪ଇଂ

54 W. 33rd St., ନ୍ୟୁୟର୍କ
ମଇ ୧୮୯୫

ପ୍ରିୟ ମିସେସ୍ ବୁଲ୍,

ମୁଁ ଗତକାଲି ମିସ୍ ହାମ୍ବଲଙ୍କୁ ୨୫ ପାଉଣ୍ଡ ଦେଇଛି । କ୍ଲାସ୍ ସବୁ ଅବଶ୍ୟ ଚାଲିଛି, କିନ୍ତୁ ଦୁଃଖର ସହିତ ଜଣାଉଛି ଯେ, କ୍ଲାସ୍‌ରେ ବହୁ ଲୋକଙ୍କର ସମାଗମ ହେଉଥିଲେ ମଧ୍ୟ, ସେମାନେ ଯାହା ଦିଅନ୍ତି, ସେଥିରେ ଘରଭଡ଼ାଟା ମଧ୍ୟ ପୂରା ଉଠେ ନାହିଁ । ଏ ସପ୍ତାହଟା ଚେଷ୍ଟା କରି ଦେଖିବି—ତା'ପରେ ଛାଡ଼ିଦେବି ।

ମୁଁ ସହସ୍ର ଦ୍ୱୀପୋଦ୍ୟାନ (Thousand Island Park)-ରେ ମୋ

କ୍ଲାସର ଜନୈକା ଛାତ୍ରୀ ମିସ୍ ଡାଚ୍ଚରଙ୍କ ବାସଭବନକୁ ଯାଉଛି । ଭାରତବର୍ଷରୁ ବେଦାନ୍ତର ବିଭିନ୍ନ ଭାଷ୍ୟ ମୋ ନିକଟକୁ ଶୀଘ୍ର ଆସୁଛି । ଏ ଗ୍ରୀଷ୍ମଋତୁରେ ସହସ୍ରଦ୍ୱୀପରେ ଥିବାବେଳେ ମୁଁ 'ବେଦାନ୍ତ ଦର୍ଶନର ତିନୋଟି ବିଭିନ୍ନ ସୋପାନ' ସମ୍ବନ୍ଧରେ ଇଂରେଜୀରେ ଖଣ୍ଡିଏ ଗ୍ରନ୍ଥ ଲେଖିବା ପାଇଁ ମନସ୍ଥ କରିଛି । ତା'ପରେ ଗ୍ରୀନ୍ ଏକର୍‌କୁ ଯାଇପାରେ ।

ମିସ୍ ଫାର୍ମର ମୋଠାରୁ ଜାଣିବାକୁ ଚାହାଁନ୍ତି ଯେ, ଏହି ଗ୍ରୀଷ୍ମକାଳରେ ଗ୍ରୀନ୍ ଏକର-ଠାରେ କେଉଁ କେଉଁ ବିଷୟରେ ବକ୍ତୃତା ଦେବି ଏବଂ କେବେ ସେଠାକୁ ଯିବି । ମୁଁ ତାହାର ଉତ୍ତରରେ କ'ଣ ଲେଖିବି ବୁଝିପାରୁ ନାହିଁ । ଆଶାକରେ, ଆପଣ ଏହି ଅନୁରୋଧ ଏଡ଼ାଇ-ଦେବେ—ଏ ବିଷୟରେ ଆପଣଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କଲି ।

ମୁଁ ବେଶ୍ ଭଲ ଅଛି—ମୁଦ୍ରାକର ସମିତି (Press Association) ପାଇଁ 'ଅମରତ୍ୱ' (Immortality) ବିଷୟକ ମୋର ପ୍ରତିଶ୍ରୁତ ପ୍ରବନ୍ଧଟି ଲେଖିବାରେ ବିଶେଷ ବ୍ୟସ୍ତ ଅଛି ।

ଆପଣଙ୍କ ଅନୁଗତ, ବିବେକାନନ୍ଦ

୧୯୫୫ଇଂ (ମିସ୍ ଜୋସେଫାଇନ୍ ମ୍ୟାକ୍‌ଲଉଡ୍‌ଙ୍କୁ ଲିଖିତ)

21 W. 34th St., ନ୍ୟୁୟର୍କ, ଜୁନ ୧୮୯୫

ପ୍ରିୟ ଜୋ,

ନାନା ଝଡ଼ଝଞ୍ଜା ତୁମ ଉପରେ ବହିଯାଉଛି, ଦେଖୁଛି । ଫଳରେ ଆତ୍ମର ବହି ଆବରଣ ଅପସୃତ ହେବ—ନିଃସନ୍ଦେହ ।

ମିଷ୍ଟର୍ ଲେଗେଟ୍ ତୁମ ଫୋନଗ୍ରାଫ୍‌ର କଥା କହୁଥିଲେ; କେତେଗୋଟି ନଳୀ (cylinders) ସଂଗ୍ରହ କରିବା ପାଇଁ ତାଙ୍କୁ କହିଛି । 'ତାହାର ଫୋନଗ୍ରାଫ୍‌ରେ ଏଗୁଡ଼ାକ ଲଗାଇ କଥା କହିବ ଏବଂ ପରେ ଏସବୁ ଜୋ ପାଖକୁ ପଠାଇଦେବ'—ମୋର ଏହି ଉକ୍ତି ଶୁଣି ସେ କହିଲେ, 'ମୁଁ ତ ଗୋଟିଏ ଫୋନୋଗ୍ରାଫ୍ କିଣିଦେଇପାରେ । ଜୋ ଯାହା ଚାହେଁ, ମୁଁ ତାହା କରେ ।' ତାଙ୍କର ଅନ୍ତରରେ ଏତେ କବିତ୍ୱ ପ୍ରଚ୍ଛନ୍ନ ଥିବା ଦେଖି ସୁଖୀ ହେଲି ।

ଆଜି ଗାର୍ଣ୍ଣସିମାନଙ୍କ ଘରେ ରହିବାକୁ ଯାଉଛି । ଡାକ୍ତର ନିଜ ତତ୍ତ୍ୱାବଧାନରେ ରଖି ମୋତେ ରୋଗମୁକ୍ତ କରିବାକୁ ଚାହାଁନ୍ତି । ଅନ୍ୟସବୁ ପରୀକ୍ଷାପରେ ଡାକ୍ତର ଗାର୍ଣ୍ଣସି ମୋର ନାଡ଼ୀ ଦେଖୁଥିଲେ; ଏପରି ସମୟରେ ସହସା ଲର୍ଡ଼ ସବର୍ଗ ଆସି ହାଜର, ମୋତେ ଦେଖିବାମାତ୍ରେ ପଳାଇଗଲା । ଡାକ୍ତର ଗାର୍ଣ୍ଣସି ଖୁବ୍ ହସି ଉଠିଲେ ଏବଂ କହିଲେ ଯେ, ଠିକ୍ ଏହି ସମୟରେ ଆସିବା ଯୋଗୁଁ ସେ ଲୋକଟିକୁ ପୁରସ୍କୃତ କରିବାକୁ ଚାହାଁନ୍ତି, କାରଣ ସେ ଆସିବା ଫଳରେ ରୋଗଟାକୁ ଠିକ୍ ଠିକ୍ ନିର୍ଣ୍ଣୟ କରାଯାଇପାରିଲା । ସେ ଆସିବା ପୂର୍ବ ପର୍ଯ୍ୟନ୍ତ ନାଡ଼ୀର ସ୍ପନ୍ଦନ ଠିକ୍ ଥିଲା, କିନ୍ତୁ ତାକୁ ଦେଖିବାମାତ୍ରେ ମାନସିକ ଉତ୍ତେଜନାବଶତଃ ସ୍ପନ୍ଦନ ପ୍ରାୟ ବନ୍ଦ ହୋଇଗଲା । ସ୍ଥିର ହେଲା ଯେ ରୋଗ ସ୍ନାୟୁ-ସମ୍ବନ୍ଧୀୟ । ସେ ମଧ୍ୟ ଡାକ୍ତର ହେଲ୍‌ମାର୍‌ଙ୍କର ଚିକିତ୍ସା ଚଳାଇଯିବା ପାଇଁ ମୋତେ ଜୋର୍ ଦେଇ କହିଲେ ।

ତାଙ୍କର ବିଶ୍ୱାସ—ହେଲ୍‌ମାର୍ ମୋତେ ରୋଗମୁକ୍ତ କରିପାରିବେ । ସେ ଅତ୍ୟନ୍ତ ଉଦାର ।

ଆଜି ସହରରେ ପବିତ୍ର ଗାଈ (the sacred cow) ଦେଖିଯିବା ପାଇଁ ଇଚ୍ଛା । ନ୍ୟୁୟର୍କରେ ଆଉ ଦିନକେତୋଟି ରହୁଛି । ହେଲ୍‌ମାର କହୁଛନ୍ତି, ସପ୍ତାହରେ ତିନିଥର କରି ୪ ସପ୍ତାହ, ତା'ପରେ ଦୁଇଥର କରି ଆଉ ୪ ସପ୍ତାହ ଚିକିତ୍ସା କରାଗଲେ ସମ୍ପୂର୍ଣ୍ଣ ସୁସ୍ଥ ହେବ । ଯଦି ଇତିମଧ୍ୟରେ ବୋଷ୍ଟନ୍‌କୁ ଯାଏ ତ, ସେ ସେଠାର ଜଣେ ଓସ୍ତାଦ୍ ଚିକିତ୍ସକଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବେ ।

ଲର୍ଡ଼୍ ସବର୍ଗ ସହିତ ସାମାନ୍ୟ ଶିଷ୍ଟାଲାପ ପରେ ବିଚାରକୁ ଅବ୍ୟାହତି ଦେବା ଲାଗି ଉପର ମହଲାକୁ ମିଦର ଗାର୍ଣ୍ଣସିଙ୍କ ନିକଟକୁ ଚାଲିଗଲି । ଇତି ।

ସତତ ପ୍ରଭୁପଦେ ତୁମମାନଙ୍କର, ବିବେକାନନ୍ଦ

୧୯୭ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

ଯୁକ୍ତରାଷ୍ଟ୍ର, ଆମେରିକା, ୧୮୯୫

କଲ୍ୟାଣବରେଷୁ,

ତୁମମାନଙ୍କର ପତ୍ରରୁ ବହୁ ଖବର ଜାଣିପାରିଲି । ତେବେ ସମସ୍ତଙ୍କର ବିଶେଷ ସମାଚାର ଲେଖି ନାହଁ । ନିରଞ୍ଜନର ପତ୍ରରୁ ଜାଣିଲି—ସେ ସିଂହଳ ଯାଉଛି । ସାରଦା ଯାହା କରୁଛି, ତାହା ହିଁ ମୋର ଅଭିମତ; ତେବେ 'ରାମକୃଷ୍ଣ ପରମହଂସ ଅବତାର ଇତ୍ୟାଦି' ପ୍ରଚାର କରିବା ଆବଶ୍ୟକ ନାହିଁ । ସେ ପରୋପକାର କରିବାକୁ ଆସିଥିଲେ, ନିଜର ନାମ ଘୋଷଣା କରିବା ପାଇଁ ନୁହେଁ । ଚେଲାମାନେ ଗୁରୁଙ୍କ 'ନାମ' କରନ୍ତି; ଗୁରୁ ଯାହା ଶିଖାଇବାକୁ ଆସିଥିଲେ, ସେଥିରେ ଜଳାଞ୍ଜଳି ଦିଅନ୍ତି, ଆଉ ଦଳାଦଳି ଇତ୍ୟାଦି ତା'ର ଫଳ । ..

ଆଲାସିଙ୍ଗା ଗୁରୁବାବୁଙ୍କ ବିଷୟ ଲେଖିଛନ୍ତି । ମୁଁ ତାଙ୍କୁ ମନେପକାଇପାରୁ ନାହିଁ । ଗୁରୁବାବୁଙ୍କ ବିଷୟରେ ସବିଶେଷ ଲେଖିବ ଓ ତାଙ୍କୁ ମୋର ଧନ୍ୟବାଦ ଦେବ । ଦମସ୍ତଙ୍କ କଥା ବିଶେଷ କରି ଲେଖିବ—ବୃଥା ବାର୍ତ୍ତା କରିବାର ସମୟ ନାହିଁ । ମୋ ଜୀବନରେ ବୋଧହୁଏ କାହା ସହିତ ଥଟ୍ଟା-ତାମସା କରିବା ଅପେକ୍ଷା ଆହୁରି ବହୁ କାମ ରହିଛି ।

କର୍ମକାଣ୍ଡ ତ୍ୟାଗ କରିବାକୁ ଚେଷ୍ଟା କରିବ; ଘଣ୍ଟା ବଜାଇବା ସନ୍ନ୍ୟାସୀର କାମ ନୁହେଁ ଏବଂ ଯାବତ୍ ଜ୍ଞାନ ନ ହୁଏ, ତାବତ୍ କର୍ମ । ମୁଁ ହିଁ ଅନର୍ଥର ମୂଳ । ବର୍ତ୍ତମାନ ଦେଖୁଛି ଯେ, ଏହି ଘଣ୍ଟାପତ୍ର ନେଇ ରାମକୃଷ୍ଣ-ଅବତାରଙ୍କ ଦଳ ଗଢ଼ା ହେବ ଏବଂ ତାଙ୍କ ଶିକ୍ଷାରେ ଧୂଳି ନିକ୍ଷେପ କରାଯିବ । ତୁମେ ସବୁ ଯଦି ଘଣ୍ଟା ତ୍ୟାଗ କରିପାର, ତା'ହେଲେ ଭଲ କଥା; ନଚେତ୍ ମୁଁ ତୁମମାନଙ୍କ ସହିତ ଯୋଗ ଦେଇପାରିବି ନାହିଁ । ଦଳାଦଳି, ଦଳଗଠନ, କୂପମଣ୍ଡୂକ ମଧ୍ୟରେ ମୁଁ ନାହିଁ, ଅନ୍ୟ ଯେଉଁଠି ପଛେ ମୁଁ ଥାଏ । ଇତି ।

'—' ଥିଓସଫିଷ୍ଟ ହୋଇଛନ୍ତି, ଭଲ କଥା, 'ରୁଚୀନାଂ ବୈଚିତ୍ର୍ୟାଂ, ମଙ୍ଗଳମସ୍ତୁ ତେଷାଂ, କିମହଂ ବ୍ରବୀମି' (ରୁଚିର ବୈଚିତ୍ର୍ୟ ! ସେମାନଙ୍କର ମଙ୍ଗଳ ହେଉ, ମୁଁ ଆଉ କ'ଣ

କହିବ) ? Universal brotherhood (ସାର୍ବଜନୀନ ଭ୍ରାତୃତ୍ୱ), ବେଶ୍ କଥା—ଶିବାଃ ବଃ ସନ୍ତୁ ପନ୍ଥାନଃ । ତାହାଠାରୁ ସୁଖର ବିଷୟ ଆଉ କଅଣ ଅଛି ?··· ରାମକୃଷ୍ଣ ପରମହଂସଙ୍କ ଉଦାର ଭାବ ପ୍ରଚାର କରି ପୁଣି ଦଳ ଗଠନ କରିବା କିପରି ହେବ ? ଦଳର ବୀଜ ହେଉଛି ସେହି ଘଣ୍ଟା-ପନ୍ଥ । ମୁଁ ହଜାର ଥର ଠକିଛି, ଏଥର ମଧ୍ୟ ଠକିଲି—କିନ୍ତୁ କିଛି ଫଳ ହେଉ ନାହିଁ ! ମୋ ନାଁ ଯଦି ତୁମମାନଙ୍କର ଦଳଗଠନରେ ସହାୟତା କରେ—ତାହେଲେ ମୁଁ ଲିଡର୍ (ନେତା), ନ ହେଲେ ମୁଁ କେହି ନୁହେଁ ! ଏହା ସତ୍ୟ; ମାତ୍ର ମୁଁ ତା' ଭିତରେ ନାହିଁ । ମୁଁ ଯେ ରାମକୃଷ୍ଣ ପରମହଂସଙ୍କ ଶିଷ୍ୟ ଓ ତୁମେମାନେ ମଧ୍ୟ ତାହା, ଏହା ତ ବହି ଲେଖି ଛପାଇବାପାଇଁ ଯଥେଷ୍ଟ ଯତ୍ନ ହୋଇଛି; କିନ୍ତୁ ମୁଁ ଯେ ଆଜିକୁ ୬ ବର୍ଷ ଧରି ଘଣ୍ଟା-ପନ୍ଥ ତ୍ୟାଗ କରିବାକୁ କହୁଛି, ସେଥିପ୍ରତି କାହାର କାନ ନାହିଁ ।··· ମୁଁ ଏକମାତ୍ର କର୍ମ ବୁଝେ—ପରୋପକାର, ବାକି ସବୁ କୁକର୍ମ । ତେଣୁ ଶ୍ରୀବୁଦ୍ଧଦେବଙ୍କ ପଦାନତ ହୁଏ, ବୁଝିପାରୁଛ ? ଫଳ କଥା—ମୁଁ ବୈଦାନ୍ତିକ; ସଚ୍ଚିଦାନନ୍ଦ ମୋ ନିଜ ଆତ୍ମାର ମହାନ୍ ରୂପ ଛଡ଼ା ଅନ୍ୟ ଈଶ୍ୱର ମୁଁ ବିଶେଷ ଦେଖିପାରୁ ନାହିଁ । 'ଅବତାର'ର ଅର୍ଥ, ଯେଉଁମାନେ ସେହି ବ୍ରହ୍ମତ୍ୱ ପ୍ରାପ୍ତ ହୋଇଛନ୍ତି, ଅର୍ଥାତ୍ ଜୀବନ୍ମୁକ୍ତ । ଅବତାର-ବିଶେଷତ୍ୱ ମୁଁ ଦେଖିପାରୁ ନାହିଁ । ବ୍ରହ୍ମାଦି ସ୍ତମ୍ବ ପର୍ଯ୍ୟନ୍ତ ସମସ୍ତ ପ୍ରାଣୀ ଯଥାକାଳରେ ଜୀବନ୍ମୁକ୍ତି ପ୍ରାପ୍ତ ହେବେ ଏବଂ ଆମମାନଙ୍କର ଉଚିତ ସମସ୍ତଙ୍କୁ ସେ ଅବସ୍ଥା ପ୍ରାପ୍ତି ଲାଗି ସାହାଯ୍ୟ କରିବା । ଏହି ସହାୟତାର ନାମ ଧର୍ମ, ବାକି ସବୁ ଅଧର୍ମ । ଏହି ସହାୟତାର ନାମ କର୍ମ, ବାକି ସବୁ କୁକର୍ମ; ଆଉ କିଛି ମୁଁ ଦେଖିପାରୁ ନାହିଁ । ଅନ୍ୟବିଧ ତାନ୍ତ୍ରିକ ବା ବୈଦିକ କର୍ମର ଫଳ ଥାଇପାରେ, କିନ୍ତୁ ତଦବଲମ୍ବନ କେବଳ ବୃଥା ଜୀବନକ୍ଷୟ—କାରଣ କର୍ମର ଫଳ ଯେଉଁ ପବିତ୍ରତା, ତାହା କେବଳ ପରୋପକାରରେ ଘଟିଥାଏ । ଯଜ୍ଞାଦି କର୍ମରେ ଭୋଗାଦି ସମ୍ଭବ, ଆତ୍ମାର ପବିତ୍ରତା ଅସମ୍ଭବ । ଅତଏବ ସନ୍ନ୍ୟାସ ଅବଲମ୍ବନ କରି ଜୀବକୁ ଉଚିତ ଶିକ୍ଷା ନ ଦେଇ, ପୁନଃ ପୁନଃ ଅନର୍ଥକର କର୍ମକାଣ୍ଡ ବୃଦ୍ଧି କରିବା ମୋ ମତରେ ଦୂଷଣୀୟ । ମୂର୍ଖ ଗୃହସ୍ଥ କର୍ମପର ହେଉ—ସେଥିରେ କ୍ଷତି ନାହିଁ; କିନ୍ତୁ ତ୍ୟାଗୀ ! !··· ସବୁ କିଛି ପ୍ରତ୍ୟେକଙ୍କ ଆତ୍ମାରେ ବିଦ୍ୟମାନ । ଯେ କୁହେ, 'ମୁଁ ମୁକ୍ତ'—ସେ ମୁକ୍ତ ହେବ । ଯେ କୁହେ, 'ମୁଁ ବଦ୍ଧ', ସେ ବଦ୍ଧ ହେବ । ଦୀନହୀନ ଭାବ ମୋ ମତରେ ପାପ ଓ ଅଜ୍ଞତା । 'ନାୟମାତ୍ମା ବଳହୀନେନ ଲଭ୍ୟଃ ।'[୧] 'ଅସ୍ତି ବ୍ରହ୍ମ ବଦସି ଚେଦସ୍ତି ଭବିଷ୍ୟସି, ନାସ୍ତି ବ୍ରହ୍ମ ବଦସି ଚେତ୍ ନାସ୍ତ୍ୟେବ ଭବିଷ୍ୟସି ।'[୨] ଯେ ସଦା ନିଜକୁ ଦୁର୍ବଳ ଭାବେ, ସେ କୌଣସି ସମୟରେ ବଳବାନ୍ ହେବ ନାହିଁ; ଯେ ନିଜକୁ ସିଂହ ବୋଲି ଭାବେ ସେ 'ନିର୍ଗଚ୍ଛତି ଜଗଜ୍ଜାଲାତ୍ ପିଞ୍ଜରାଦିବ କେଶରୀ ।'[୩] ଦ୍ୱିତୀୟତଃ ରାମକୃଷ୍ଣ ପରମହଂସ କୌଣସି

---

୧ ଦୁର୍ବଳ ବ୍ୟକ୍ତି ଏହି ଆତ୍ମାକୁ ଲାଭ କରିପାରେ ନାହିଁ ।

୨ ବ୍ରହ୍ମ, ଆତ୍ମା ଅଛନ୍ତି ବୋଲି କହିଲେ ଅସ୍ତି ହେବ, ଆଉ ବ୍ରହ୍ମ, ଆତ୍ମା ନାହାନ୍ତି ବୋଲି କହିଲେ ନାସ୍ତି ହୋଇଯିବ ।

୩ ପିଞ୍ଜରରୁ ସିଂହ ପରି ଜଗଜ୍ଜାଲ ଭେଦ କରି ନିର୍ଗତ ହୋଇଯାଏ ।

ନୂତନ ତତ୍ତ୍ୱ ପ୍ରଚାର କରିବାକୁ ଆସି ନ ଥିଲେ—ପ୍ରକାଶ କରିବାକୁ ଆସିଥିଲେ ଅବଶ୍ୟ, ଅର୍ଥାତ୍ He was the embodiment of all past religious thoughts of india. His life alone made me understand what the Shastras really meant and the whole plan and scope of the old Shastras.*

ମିଶନାରୀ-ଫିଶନାରୀ ଏ ଦେଶରେ ବିଶେଷ ଚଳନ୍ତି ନାହିଁ। ଈଶ୍ୱରଙ୍କ ଇଚ୍ଛାରୁ ଏମାନେ ମୋତେ ଖୁବ୍ ଭଲ ପାଆନ୍ତି, କାହା କଥାରେ ଭୁଲିବାର ନୁହଁନ୍ତି। ଏମାନେ ମୋର ideas (ଭାବ) ଯେପରି ବୁଝନ୍ତି, ଆମ ଦେଶର ଲୋକେ ସେଭଳି ପାରନ୍ତି ନାହିଁ ଏବଂ ଏମାନେ ବିଶେଷ ସ୍ୱାର୍ଥପର ନୁହନ୍ତି। ଅର୍ଥାତ୍ ଏହି jealousy (ଈର୍ଷା) ଏବଂ ସ୍ୱାମୀବଡ଼ା-ଭାବକୁ ଏମାନେ କାମ ସମୟରେ ଦୂର କରିଦିଅନ୍ତି। ସେତେବେଳେ ସମସ୍ତେ ମିଳିମିଶି କୌଣସି କର୍ମତତ୍ପର ଲୋକଙ୍କ କଥା ଅନୁସାରେ ଚଳନ୍ତି। ସେଥିପାଇଁ ଏମାନେ ଏତେ ବଡ଼। ତେବେ ଏମାନେ ହେଉଛନ୍ତି ଟଙ୍କା-ଦେବତାର ଜାତି, ସବୁ କଥାରେ ପଇସା; ଆମ ଦେଶର ଲୋକେ ଟଙ୍କାପଇସା ବିଷୟରେ ଅତ୍ୟନ୍ତ ଉଦାର, ଏମାନେ ସେତେ ନୁହନ୍ତି। ଘରେ ଘରେ କୃପଣ। ତାହା ଧର୍ମ ମଧ୍ୟରେ। ତେବେ ଦୁଷ୍କର୍ମ କରିବା ପରେ ପାଦ୍ରୀମାନଙ୍କ ହାତରେ ପଡ଼ନ୍ତି। ସେତେବେଳେ ଟଙ୍କା ଦେଇ ସ୍ୱର୍ଗକୁ ଯାଆନ୍ତି ! ଏଗୁଡ଼ାକ ସବୁ ଦେଶରେ ସମାନ—priestcraft (ପୁରୋହିତଗିରି)।

ମୁଁ କେବେ ଦେଶକୁ ଫେରିବି କି ନ ଫେରିବି, କିଛି କହିପାରୁ ନାହିଁ। ଏଠାରେ ଘୂରିବୁଲୁଛି, ସେଠାରେ ମଧ୍ୟ ବୁଲିବି। ତେବେ ଏଠାରେ ହଜାର ହଜାର ଲୋକ ମୋ କଥା ଶୁଣନ୍ତି, ବୁଝନ୍ତି—ହଜାର ଲୋକଙ୍କର ଉପକାର ହୁଏ; ସେଠାରେ କ'ଣ ?

ରାମକୃଷ୍ଣ ପରମହଂସଙ୍କ ବିଷୟ ମଜୁମ୍‌ଦାର ଯାହା ଲେଖିଥିଲେ, ମୁଁ କେବଳ ସେତିକି ଶୁଣିଥିଲି। ତା' ନ କରି, କେତେଗୁଡ଼ିଏ ଜମିନ୍ ଛିଣ୍ଡା ପୋଥି ପଠାଇଦେଇଛ ଏବଂ ତା' ଭିତରେ ପୁଣି ମୋର ଦୁଇଟି ଲେକ୍‌ଚର; କି ଆପଦ !!

ସାରଦା ଯାହା କରୁଛି, ତାହା ମୋର ସମ୍ପୂର୍ଣ୍ଣ ଅଭିମତ। ତାକୁ ମୋର ଶତଶତ ଧନ୍ୟବାଦ। ତୁମେମାନେ ଯାହାସବୁ କରୁଛ, ମୁଁ କିଛି ବୁଝିପାରୁ ନାହିଁ।···ଯାହା ହେଉ, ମାନ୍ଦ୍ରାଜ ଓ ବମ୍ବେଠାରେ ମୋ ମନୋମତ ଲୋକ ଅଛନ୍ତି। ସେମାନେ ବିଦ୍ୱାନ୍, ସବୁ କଥା ବୁଝନ୍ତି ଏବଂ ସେମାନେ ଦୟାଳୁ। ଅତଏବ ପରହିତ-ଚିକୀର୍ଷା ବୁଝିପାରନ୍ତି। କିମଧିକମିତି।

ମା-ଠାକୁରାଣୀଙ୍କୁ ମୋର ଶତ ଶତ ଦଣ୍ଡବତ୍ ଦେବ ଏବଂ ସମସ୍ତଙ୍କୁ ମୋର ଯଥାଯୋଗ୍ୟ ସମ୍ଭାଷଣ ଦେବ। ମୁଁ ବହି-ଫହି କିଛି ଛପାଇ ନାହିଁ। ଏଠାରେ କେବଳ ଲେକ୍‌ଚର ଦେଇ ବୁଲୁଛି। ଗୁପ୍ତ, ତୁଳସୀ ପ୍ରଭୃତିଙ୍କ ବିଷୟ କିଛି ଲେଖି ନାହିଁ କାହିଁକି ?

---

* ସେ ଭାରତର ସମସ୍ତ ଅତୀତ ଚିନ୍ତାର ସାକାର ବିଗ୍ରହସ୍ୱରୂପ। ପ୍ରାଚୀନ ଶାସ୍ତ୍ର-ସମୂହର ପ୍ରକୃତ ତାତ୍ପର୍ଯ୍ୟ, ସେସବୁ କି ପ୍ରଣାଳୀରେ ଏବଂ କି ଉଦ୍ଦେଶ୍ୟରେ ରଚିତ, ଏ ବିଷୟ ମୁଁ କେବଳ ତାଙ୍କର ଜୀବନରୁ ବୁଝିପାରିଛି।

କାଳୀ କଅଣ କରୁଛୁ ? ଶରତ୍, ଯୋଗେନ୍ ଆରୋଗ୍ୟ ଲାଭ କଲେଣି କି ନାହିଁ ? ମୋ ଜୀବନ ପ୍ରତି ଦୃଷ୍ଟି ଦେଲେ ମୋର ଅବ୍‌ଶୋଷ୍ ନାହିଁ । ଦେଶବିଦେଶରେ କିଛି ନା କିଛି ଲୋକଶିକ୍ଷା ଦେଇ ବୁଲୁଛି, ତା' ବଦଳରେ ଖଣ୍ଡେଅଧେ ରୁଟି ଖାଉଛି । ଯଦି ଦେଖନ୍ତି ଯେ, କିଛି କାମ କରି ନାହିଁ, କେବଳ ଲୋକଙ୍କୁ ଠକି ଖାଉଛି, ତା'ହେଲେ ଆଜି ବେକରେ ଦଉଡ଼ି ଦେଇ ମରନ୍ତି । ଯେଉଁମାନେ ଲୋକଶିକ୍ଷା ଦେବାକୁ ନିଜକୁ ଅଯୋଗ୍ୟ ମନେକରନ୍ତି, ସେମାନେ ଶିକ୍ଷକର ପୋଷାକ ପିନ୍ଧି ଲୋକଙ୍କୁ ଠକାଇ ଖାଆନ୍ତି କାହିଁକି ? ଏଇଟା କଅଣ ମହାପାପ ନୁହେଁ ? ..

ମୋ ପାଖକୁ ଚିଠି ଲେଖିବା ପାଇଁ ସାରଦାକୁ କହିବ । ତା' ସହିତ ମୋର ମତ ମିଳିବ ବୋଧହୁଏ ।··· ମୁଁ ରାମକୃଷ୍ଣ ପରମହଂସଙ୍କର ଚେଲା ନୁହେଁ, ମୁଁ କାହାର ଚେଲା ନୁହେଁ, ଇତି; ମୁଁ ସାରଦାର ଚେଲା । ଯେଉଁମାନେ ମୋ ମନକୁ ପାଇଲା ଭଳି କାର୍ଯ୍ୟ କରିବେ—ମୁଁ ସେହିମାନଙ୍କର ଚେଲା । ଯେଉଁମାନେ ତାହା ନ କରିବେ, ତାଙ୍କର କୌଣସି ଖବର ମୁଁ ଲୋଡ଼େ ନାହିଁ, ମୋର କୌଣସି ଖବର ତାଙ୍କ ପାଇଁ ନାହିଁ । ଇତି । ନରେନ୍ଦ୍ର

୧୯୭ଇଂ

ପାର୍ସି, ନିଉ ହାମ୍ପ୍‌ସାୟାର୍, ୭ ଜୁନ୍ ୧୮୯୫

ପ୍ରିୟ ମିସେସ୍ ବୁଲ୍,

ଅବଶେଷରେ ମୁଁ ଏଠାରେ ମିଃ ଲେଗେଟ୍‌ଙ୍କ ନିକଟରେ ଆସି ପହଞ୍ଚିଛି । ମୁଁ ଜୀବନରେ ଯେଉଁସବୁ ସୁନ୍ଦର ସ୍ଥାନ ଦେଖିଛି, ଏହା ସେମାନଙ୍କ ମଧ୍ୟରେ ଅନ୍ୟତମ । କଳ୍ପନା କରନ୍ତୁ, ଚତୁର୍ଦ୍ଦିଗରେ ପ୍ରକାଣ୍ଡ ଅରଣ୍ୟଦ୍ୱାରା ଆଚ୍ଛାଦିତ ପର୍ବତଶ୍ରେଣୀ ଓ ତନ୍ମଧ୍ୟରେ ଗୋଟିଏ ହ୍ରଦ—ଆଉ ସେଠାରେ ମୋ ଛଡ଼ା ଆଉ କେହି ନାହାନ୍ତି । କି ମନୋରମ, କି ନିସ୍ତବ୍ଧ, କି ଶାନ୍ତିପୂର୍ଣ୍ଣ ! ସହରର କୋଳାହଳ ପରେ, ମୁଁ ଏଠାରେ କି ଆନନ୍ଦ ପାଉଛି, ତାହା ଆପଣ ସହଜରେ ଅନୁମାନ କରିପାରିବେ ।

ଏଠାକୁ ଆସି ମୁଁ ଯେପରି ପୁଣି ନବଜୀବନ ଲାଭ କରିଛି । ମୁଁ ଏକା ଏକା ବଣ ଭିତରକୁ ଯାଏ, ମୋର ଗୀତାଟି ପାଠ କରେ । ମୁଁ ବେଶ୍ ଆନନ୍ଦରେ ଅଛି । ଦଶଦିନ ଭିତରେ ଏ ସ୍ଥାନ ତ୍ୟାଗ କରି ସହସ୍ରଦ୍ୱୀପୋଦ୍ୟାନକୁ ଯିବି । ସେଠାରେ ମୁଁ ଘଣ୍ଟା ପରେ ଘଣ୍ଟା, ଦିନ ପରେ ଦିନ ଭଗବାନଙ୍କ ଧ୍ୟାନ କରିବି ଏବଂ ଏକାକୀ ନିର୍ଜନରେ ରହିବି । ଏ କଳ୍ପନା ହିଁ ମନକୁ ଉନ୍ନତ କରିଦିଏ ।

ଭବଦୀୟ, ବିବେକାନନ୍ଦ

୧୯୮ଇଂ (ଭୂର୍ଜପତ୍ରରେ ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ପାର୍ସି, ଏନ୍. ଏଚ., ୧୭ ଜୁନ୍ ୧୮୯୫

ସ୍ନେହର ଭଗିନି,

ଆସନ୍ତାକାଲି ସହସ୍ରଦ୍ୱୀପୋଦ୍ୟାନକୁ ଯାଉଛି । ଠିକଣା—ମାର୍ଫତ୍ ମିସ୍ ଡାଚ୍ଚର୍, ଆଉଜାଣ୍ଡ୍ ଆଇଲାଣ୍ଡ୍ ପାର୍କ, ଏନ୍. ୱାଇ. । ତୁମେ ବର୍ତ୍ତମାନ କେଉଁଠାରେ ଅଛ ? ଗ୍ରୀଷ୍ମ କାଳରେ ତୁମେମାନେ କେଉଁଠି ରହିବ ? ଅଗଷ୍ଟ ମାସରେ ମୋର ୟୁରୋପ ଯିବାର ସମ୍ଭାବନା

ରହିଛି । ଯିବା ପୂର୍ବରୁ ତୁମମାନଙ୍କ ସହିତ ଦେଖା କରିବି । ସୁତରାଂ ଚିଠି ଦିଅ । ତା' ଛଡ଼ା ଭାରତରୁ କେତେଖଣ୍ଡ ବହି ଓ ଚିଠି ଆସିବା କଥା । ଅନୁଗ୍ରହ କରି ସେସବୁକୁ ମିସ୍ ଫିଲିପ୍ସଙ୍କ ନ୍ୟୁୟର୍କ ଠିକଣାରେ ପଠାଇ ଦିଅ । ଭାରତବର୍ଷରେ ଯାବତୀୟ ପବିତ୍ର ଲିପି ଏହି ଭୂର୍ଜପତ୍ରରେ ଲେଖାଯାଏ । ମୁଁ ମଧ୍ୟ ସଂସ୍କୃତରେ ଲେଖିଲି : ଉମାପତି (ଶିବ) ସର୍ବଦା ତୁମକୁ ରକ୍ଷା କରନ୍ତୁ ।

ତୁମେ ସମସ୍ତେ ଅନନ୍ତକାଳ ସୁଖରେ ରହ । ବିବେକାନନ୍ଦ

୧୯୯ଇଂ (ମିଷ୍ଟର୍ ଲେଗେଟ୍ଙ୍କୁ ଲିଖିତ)

Thousand Island Park, N. Y. ୧୮ ଜୁନ୍ ୧୮୯୫

ପ୍ରିୟ ବନ୍ଧୁ,

ମୁଁ ବାହାରିବାର ପୂର୍ବଦିନ ମିସେସ୍ ଷ୍ଟର୍ଜିସ୍ଙ୍କଠାରୁ ଚିଠିଟିଏ ପାଇଛି । ତା' ସାଙ୍ଗରେ ପଚ୍ଚିଶ ଡଲାରର ଚେକ୍ଟିଏ ମଧ୍ୟ ଅଛି । ପରଦିନ ତାଙ୍କ ନିକଟକୁ ପ୍ରାପ୍ତି ସ୍ୱୀକାର ପହଞ୍ଚାଇ ଦେବା ସମ୍ଭବପର ହୋଇ ନ ଥିଲା । ତେଣୁ ତୁମକୁ ଅନୁରୋଧ କରୁଛି, ଏହାପରେ ଯେତେବେଳେ ତୁମେ ତାଙ୍କୁ ଚିଠି ଲେଖିବ, ସେତେବେଳେ ମୋର ଧନ୍ୟବାଦ ଓ ପ୍ରାପ୍ତି-ସ୍ୱୀକାର ତାଙ୍କୁ ଜଣାଇ ଦେବ ।

ପ୍ରାଚୀନ ହିନ୍ଦୁ ପ୍ରବଚନ 'ଢିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟେ' ଛଡ଼ା ଏଠାରେ ବେଶ୍ ସମସ୍ତ ଠିକ୍ ଅଛି । ସେହି ଗୋଟିଏ କଥା, ମୋତେ କଠୋର ପରିଶ୍ରମ କରିବାକୁ ପଡ଼ୁଛି । ଅଗଷ୍ଟ ମାସର ପ୍ରଥମ ଭାଗରେ ଚିକାଗୋ ଯାଉଛି । ତୁମେ କେବେ ଯିବ ?

ଏଠିକାର ବନ୍ଧୁମାନେ ତୁମକୁ ଅଭିବାଦନ ଜଣାଉଛନ୍ତି । ତୁମର ସର୍ବାଙ୍ଗୀନ ସୁଖ ଶାନ୍ତି ଓ ସ୍ୱାସ୍ଥ୍ୟ କାମନା କରୁଛି ।

ତୁମର ସ୍ନେହର, ବିବେକାନନ୍ଦ

୨୦୦ଇଂ

54W. 33rd St., ନ୍ୟୁୟର୍କ
ଜୁନ୍ ୧୮୯୫

ପ୍ରିୟ ମିସେସ୍ ବୁଲ୍,

ମୁଁ ଏହିକ୍ଷଣି ଏଠାରେ ପହଞ୍ଚିଲି । ଏହି ଅଳ୍ପ ଭ୍ରମଣରେ ମୋର ଉପକାର ହୋଇଛି । ସେଠାକାର ପଲ୍ଲୀ ଓ ପାହାଡ଼ଗୁଡ଼ିକ—ବିଶେଷତଃ ମିଃ ଲେଗେଟ୍ଙ୍କର ନ୍ୟୁୟର୍କ ପ୍ରଦେଶର ପଲ୍ଲୀଭବନଟି ମୋତେ ଖୁବ୍ ଭଲ ଲାଗିଥିଲା ।

ଲାଣ୍ଡସ୍‌ବର୍ଗ ବିଚରା ଏହି ଘରୁ ଚାଲିଯାଇଛି । ସେ ତା'ର ଠିକଣା ପର୍ଯ୍ୟନ୍ତ ମୋତେ ଜଣାଇ ନାହିଁ । ସେ ଯେଉଁଆଡ଼େ ଯାଉ ପଛେ, ଭଗବାନ ତା'ର ମଙ୍ଗଳ କରନ୍ତୁ । ଜୀବନରେ ମୁଁ ଯେଉଁ ଦୁଇ ଚାରିଜଣ ଅକପଟ ଲୋକଙ୍କୁ ଦେଖିବାର ସୌଭାଗ୍ୟ ଲାଭ କରିଛି, ସେ ତାଙ୍କ ମଧ୍ୟରୁ ଜଣେ ।

ଯାହାକିଛି ଘଟେ, ସବୁ ମଙ୍ଗଳ ପାଇଁ । ସବୁ ପ୍ରକାର ମିଳନ ପରେ ବିଚ୍ଛେଦ ଅବଶ୍ୟମ୍ଭାବୀ । ଆଶା କରେ ମୁଁ ଏକା ଏକା ଭଲଭାବରେ କାମ କରିପାରିବି । ମନୁଷ୍ୟଠାରୁ

ଯେତେ କମ୍ ସାହାଯ୍ୟ ନେଉଥିବ, ଭଗବାନଙ୍କଠାରୁ ସେତେ ବେଶୀ ସାହାଯ୍ୟ ମିଳିବ । ବର୍ତ୍ତମାନ ମୁଁ ଲଣ୍ଡନସ୍ଥ ଜଣୈକ ଇଂରେଜଙ୍କର ଖଣ୍ଡିଏ ପତ୍ର ପାଇଲି—ସେ ମୋର ଦୁଇଜଣ ଗୁରୁଭାଇଙ୍କ ସହିତ କିଛିଦିନ ଭାରତବର୍ଷର ହିମାଳୟରେ ବାସ କରିଥିଲେ । ସେ ମୋତେ ଲଣ୍ଡନ୍ ଯିବା ପାଇଁ କହୁଛନ୍ତି । ଆପଣଙ୍କୁ ଚିଠି ଲେଖିବା ପରେ ମୋ ଛାତ୍ରମାନେ ମୋତେ ଖୁବ୍ ସାହାଯ୍ୟ କରୁଛନ୍ତି ଏବଂ ବର୍ତ୍ତମାନ ଯେ କ୍ଲାସ୍‌ସବୁ ଭଲଭାବରେ ଚାଲିବ, ସେଥିରେ ସନ୍ଦେହ ନାହିଁ । ମୁଁ ଏଥିରେ ଖୁବ୍ ଆହ୍ଲାଦିତ ହୋଇଛି, କାରଣ ଖାଇବାପିଇବା ବା ଶ୍ୱାସପ୍ରଶ୍ୱାସ ପରି ଶିକ୍ଷାଦାନ କରିବାଟା ମୋ ଜୀବନର ଗୋଟାଏ ଅତ୍ୟାବଶ୍ୟକୀୟ ଅଙ୍ଗ ହୋଇପଡ଼ିଛି ।

ପୁଃ '—'ସମ୍ବନ୍ଧରେ 'ବର୍ଡ଼ର୍‌ଲଣ୍ଡ' ନାମକ ଇଂରେଜୀ ସମ୍ବାଦପତ୍ରରେ ବହୁତ କଥା ପଢ଼ିଲି, ସେ ହିନ୍ଦୁମାନଙ୍କୁ ସେମାନଙ୍କର ନିଜ ଧର୍ମର ଗୁଣ ଗ୍ରହଣ କରିବାକୁ ଶିକ୍ଷା ଦେଇ ଭାରତବର୍ଷ ପାଇଁ ଯଥାର୍ଥ ସତ୍କାର୍ଯ୍ୟ କରିଛନ୍ତି ।··· ମୁଁ ଉକ୍ତ ମହିଳାଙ୍କ ଲେଖା ପଢ଼ି ସେଥିରେ କୌଣସି ପାଣ୍ଡିତ୍ୟର ପରିଚୟ ପାଇଲି ନାହିଁ··· କିମ୍ବା କୌଣସି ପ୍ରକାର ଆଧ୍ୟାତ୍ମିକ ଭାବ ମଧ୍ୟ ପାଇଲି ନାହିଁ । ଯାହା ହେଉ, ଯେ କେହି ଜଗତର ଉପକାର କରିବାକୁ ଚାହାଁନ୍ତି, ଭଗବାନ ତାଙ୍କର ସହାୟ ହୁଅନ୍ତୁ ।

ଏହି ଜଗତ କେଡ଼େ ସହଜରେ ଭଣ୍ଡମାନଙ୍କ ଦ୍ୱାରା ପ୍ରତାରିତ ହୋଇ ନ ଥାଏ ! ଆଉ, ସଭ୍ୟତାର ପ୍ରଥମ ଉନ୍ମେଷ ସମୟଠାରୁ ବିଚରା ମାନବଜାତିକୁ ନିଃସ୍ୱ ଦେଖି, ତା' ଉପରେ କେତେ ପ୍ରବଞ୍ଚନା ବା ନ ଚାଲିଛି !

ଆପଣଙ୍କ ସ୍ନେହର, ବିବେକାନନ୍ଦ

୭୦୧.ଇଂ (ମିସ୍ ମେରି ହେଲ୍‌ଙ୍କୁ ଲିଖିତ)

54W. 33rd St., ନ୍ୟୁୟର୍କ, ୨୨ ଜୁନ୍ [?] ୧୮୯୫

ପ୍ରିୟ ଭଗିନି,

ଭାରତରୁ ପ୍ରେରିତ ପତ୍ରଗୁଡ଼ିକ ଓ ବହି-ପାର୍ସଲ୍ ନିର୍ବିଘ୍ନରେ ପହଞ୍ଚିଛି । ମିː ଶ୍ୟାମଙ୍କ ଆଗମନ-ସମ୍ବାଦରେ ମୁଁ ଖୁବ୍ ଆନନ୍ଦିତ । ଦିନେ ମିː ଶ୍ୟାମଙ୍କର ଜଣେ ବନ୍ଧୁଙ୍କ ସହିତ ରାସ୍ତାରେ ଦେଖାହେଲା । ଭଦ୍ରଲୋକ ଇଂରେଜ । ତାଙ୍କ ନାମର ଶେଷାଂଶ—'ନି'; ବେଶ୍ ଲୋକ । କହିଲେ, ଓହାଇଓର କୌଣସି ସ୍ଥାନରେ ମିː ଶ୍ୟାମଙ୍କ ସହିତ ଗୋଟିଏ ଘରେ ଅଛନ୍ତି ।

ମୋର ଦିନଗୁଡ଼ିକ ପୂର୍ବପରି ପ୍ରାୟ ଏକାଭଳି ଚାଲିଛି । ଅବସର ଅନୁଯାୟୀ ହୁଏତ ଅନର୍ଗଳ ବକୁଛି, ନୋହିଲେ ଏକଦମ୍ ଚୁପ୍‌ଚାପ୍ । ଏଥର ଖରାଦିନେ ଗ୍ରୀନ୍‌ଏକର୍‌କୁ ଯିବା ସମ୍ଭବ ହୋଇପାରିବ କି ନାହିଁ, ଜାଣେ ନାହିଁ । ସେଦିନ ମିସ୍ ଫାର୍ମରଙ୍କ ସହିତ ଦେଖା କରିଥିଲି; ସେତେବେଳେ କିନ୍ତୁ ଭଦ୍ରମହିଳା ଅନ୍ୟ କେଉଁ ସ୍ଥାନକୁ ଯିବା ପାଇଁ ଖୁବ୍ ବ୍ୟସ୍ତ । ସୁତରାଂ ବାକ୍ୟାଳାପ ଅତି ଅଳ୍ପ ହେଲା । ସେ ଜଣେ ମହୀୟସୀ ନାରୀ ।

ଖ୍ରୀଷ୍ଟିଆନ୍ ସାଇନ୍‌ସର ଚର୍ଚ୍ଚା କିପରି ଚାଲିଛି ? ଆଶାକରେ ତୁମେ ଗ୍ରୀନ୍‌ଏକର୍‌କୁ

ଯାଉଛ । ସେଠାରେ ସେହି ଦଳର ସେହି ଭୂତସାଧକ (Spiritualist) ମଧ୍ୟରୁ ଅନେକଙ୍କୁ ଦେଖିବ, ତା'ଛଡ଼ା ଦେଖିବ ହସ୍ତରେଖାବିଦ୍, ଜ୍ୟୋତିଷୀ ଏବଂ ଆହୁରି କେତେ କ'ଣ ! ମିସ୍ ଫାର୍ମରଙ୍କ ନେତୃତ୍ୱରେ ସେଠାରେ ମିଳିବ ସ୍ୱର୍ଗର ଯାବତୀୟ ପ୍ରତିକାର ଓ ଧର୍ମବିଷୟକ ଯାବତୀୟ ମତବାଦ ।

ଲଣ୍ଡ୍ସବର୍ଗ କୁଆଡ଼େ ଚାଲିଯାଇଛି । ମୁଁ ଏକା ଅଛି । ଆଜିକାଲି ଦୁଧ, ଫଳ, ବାଦାମ—ଏସବୁ ମୋର ଆହାର । ଭଲ ଲାଗେ, ଅଛି ମଧ୍ୟ ବେଶ । ଏ ଗ୍ରୀଷ୍ମ ଭିତରେ, ମନେ ହେଉଛି, ଦେହର ଓଜନ ୩୦।୪୦ ପାଉଣ୍ଡ କମିଯିବ । ଦେହର ଆକାର ଅନୁସାରେ ଓଜନ ଠିକ୍ ହେବ । ଏଇ ଯା ! ଭ୍ରମଣ ସମ୍ପର୍କରେ ମିସେସ୍ ଆଡାମ୍ସଙ୍କ ଉପଦେଶ ପୂରାପୂରି ଭୁଲିଯାଇଛି । ସେ ନ୍ୟୁୟର୍କରେ ଆସି ପହଞ୍ଚିବା ସଙ୍ଗେ ସଙ୍ଗେ ମୋତେ ପୁଣି ସେସବୁ ଅଭ୍ୟାସ କରିବାକୁ ପଡ଼ିବ ।

ଟାର୍ନୀ ସମ୍ଭବତଃ ବୋଷ୍ଟନ୍‌ଠାରୁ ଭାରତ ଯାତ୍ରା କରିଛନ୍ତି । ବାଟରେ ଇଂଲଣ୍ଡ ହୋଇ ଯିବେ । ତାଙ୍କର ଅଭିଭାବିକା ମିସେସ୍ ହାଓ୍ୱାର୍ଡ଼ ଶୋକଗ୍ରସ୍ତା ହୋଇ କିପରି ଅଛନ୍ତି ? କମ୍ବଳଗୁଡ଼ାକ ଯେ ଆଟଲାଣ୍ଟିକ-ଗର୍ଭରେ ମଗ୍ନ ହୋଇ ନାହିଁ, ଯଥାର୍ଥରେ ଆସି ପହଞ୍ଚିଛି—ଏହା ଏକ ସୁଖବର ବୋଲି କହିବାକୁ ହେବ ।

ବକ୍ତୃତା ନ ଦେଲେ ମଧ୍ୟ ଏ ବର୍ଷ ମୁଣ୍ଡ ଟେକିବାକୁ ସମୟ ପାଇ ନାହିଁ । ବେଦାନ୍ତ ଉପରେ ଦ୍ୱୈତ, ଅଦ୍ୱୈତ ଓ ବିଶିଷ୍ଟାଦ୍ୱୈତ—ଏହି ତିନି ପ୍ରଧାନ ସମ୍ପ୍ରଦାୟର ଭାଷ୍ୟ ଭାରତରୁ ପଠା ହୋଇଛି । ଆଶା କରେ, ନିର୍ବିଘ୍ନରେ ଆସି ପହଞ୍ଚିବ । ଚର୍ଚ୍ଚା କରି ଖୁବ୍ ଆନନ୍ଦ ପାଇବି । ଏହି ଗ୍ରୀଷ୍ମଋତୁରେ ବେଦାନ୍ତ-ଦର୍ଶନବିଷୟକ ଖଣ୍ଡିଏ ପୁସ୍ତକ-ରଚନାର ସଂକଳ୍ପ ରହିଛି । ଭଲମନ୍ଦ, ସୁଖଦୁଃଖର ସମ୍ମିଶ୍ରଣ ହିଁ ଜଗତ । ଏହାର ଚିରଦିନ ଉତ୍ଥାନ-ପତନ ରହିବ; ଭଙ୍ଗା-ଗଢ଼ା ବିଧିର ଅଲଂଘ୍ୟ ବିଧାନ । ଯେଉଁମାନେ ଏସବୁର ଊର୍ଦ୍ଧ୍ୱକୁ ଯିବା ପାଇଁ ଚେଷ୍ଟା କରୁଛନ୍ତି, ସେମାନେ ଧନ୍ୟ ।

ଝିଅମାନେ ସମସ୍ତେ ଭଲ ଅଛନ୍ତି ଶୁଣି ସୁଖୀ ହେଲି । ପରିତାପର ବିଷୟ—ଏଥରକର ଶୀତରେ ମଧ୍ୟ କେହି ଧରା ପଡ଼ିଲେ ନାହିଁ । ଏଣେ ପୁଣି ଶୀତ ପରେ ଶୀତ ଚାଲି-ଯାଉଛି । ଆଶା ମଧ୍ୟ କ୍ଷୀଣ ହୋଇଯାଉଛି । ଏଠାରେ ମୋର ବସା ନିକଟରେ ଅବସ୍ଥିତ ଓ୍ୱାଲଡର୍ଫ ହୋଟେଲ୍ । ଆମେରିକାନ୍ ଧନୀ କନ୍ୟାମାନେ କିଣିବେ ବୋଲି ବହୁ ଉପାଧିଧାରୀ ଅଥଚ କପର୍ଦ୍ଦକହୀନ ୟୁରୋପୀୟ ପୁରୁଷଙ୍କର ପ୍ରଦର୍ଶନୀ ଓ ସମାବେଶ । ଆମଦାନୀ ଏତେ ପ୍ରଚୁର ଓ ବିବିଧ ଯେ, ଇଚ୍ଛାନୁରୂପ ନିର୍ବାଚନ ବାସ୍ତବିକ୍ ସୁଲଭ । କେହି କେହି ଅଛନ୍ତି, ଆଦୌ ଇଂରେଜୀ କହିପାରନ୍ତି ନାହିଁ, ଆଉ କେତେଜଣ ଅଛନ୍ତି ଯେଉଁମାନେ ଦରଖଣ୍ଡିଆ ଇଂରେଜୀ କହନ୍ତି, ଯାହା କି ଅନ୍ୟର ବୋଧଗମ୍ୟ ନୁହେଁ । ଭଲ ଇଂରେଜୀ କହିପାରିଲା ଭଳି ଲୋକ ମଧ୍ୟ ଅଛନ୍ତି । କିନ୍ତୁ ନିର୍ବାକମାନଙ୍କ ତୁଳନାରେ ସେମାନଙ୍କ ଆଶା ଖୁବ୍ କମ୍ । କାରଣ ଯେଉଁମାନେ ଭଲ ଇଂରେଜୀ କହିପାରନ୍ତି, ଝିଅମାନେ ତାଙ୍କୁ ଠିକ୍ 'ବିଦେଶୀ'

ମନେକରନ୍ତୁ ନାହିଁ । ଗୋଟିଏ ମଜାର ବିଷୟରେ ପଡ଼ିଲି, ସମୁଦ୍ରରେ ଗୋଟିଏ ଆମେରିକାନ୍ ଜାହାଜ ବୁଡ଼ିବା ଅବସ୍ଥାରେ । ଲୋକମାନେ ହତାଶ ହୋଇ ଅନ୍ତିମ ସାନ୍ତ୍ୱନା ପାଇଁ କୌଣସି ଧର୍ମାନୁଷ୍ଠାନର ଆବଶ୍ୟକତା ଅନୁଭବ କଲେ । ପ୍ରେସ୍‌ବିଟେରିଆନ୍ ଚର୍ଚ୍ଚର ଜଣେ ବରିଷ୍ଠ ଧର୍ମଯାଜକ ସେ ଜାହାଜରେ ଥିଲେ—ଜମ୍ କକା । ସମସ୍ତେ ତାଙ୍କୁ ଧରି ବସିଲେ, 'ମରିବାକୁ ତ ଯାଉଛୁଁ, ଏଥର କିଛି ଧର୍ମାନୁଷ୍ଠାନ କରନ୍ତୁ, ଗୁଣ ଅଛି ଜମ୍ କକା !' କକା ମୁଣ୍ଡର ଟୋପି ଓଲଟା କରି ଧରି ସେହିକ୍ଷଣି ଚାନ୍ଦା ସଂଗ୍ରହ ଆରମ୍ଭ କରିଦେଲେ !

ଧର୍ମ କହିଲେ ସେ ଏଥିରୁ ବେଶୀ କିଛି ବୁଝନ୍ତି ନାହିଁ । ଏ ଜାତୀୟ ଲୋକଙ୍କ ଭିତରୁ ଅଧିକାଂଶଙ୍କର ଏହି ଅବସ୍ଥା । ଏମାନଙ୍କ ବୁଦ୍ଧିରେ ଦାନ-ସଂଗ୍ରହ ହିଁ ଧର୍ମର ତାତ୍ପର୍ଯ୍ୟ । ଭଗବାନ ଏମାନଙ୍କର ମଙ୍ଗଳ କରନ୍ତୁ । ବର୍ତ୍ତମାନ ପାଇଁ ଏତିକିରେ ରହୁଛି । କିଛି ଖାଇବାକୁ ଯାଉଛି—ଭାରି ଭୋକ ଲାଗିଲାଣି । ଇତି

ତୁମମାନଙ୍କର ସ୍ନେହର, ବିବେକାନନ୍ଦ

୨୦୨ଇଂ

୧୯ ନଂ ପଶ୍ଚିମ, ୩୮ ସଂଖ୍ୟକ ରାସ୍ତା, ନ୍ୟୁୟର୍କ
୨୨ ଜୁନ୍ ୧୮୯୫

ପ୍ରିୟ କିଡ଼,

ତୁମ ପାଖକୁ ଧାଡ଼ିଏ କିଛି ନ ଲେଖି, ସୁଦୀର୍ଘ ଗୋଟାଏ ଚିଠି ଲେଖୁଛି ।

ତୁମେ ଦିନକୁ ଦିନ ଉନ୍ନତି କରୁଛ ଶୁଣି ସୁଖୀ ହେଲି । ତୁମେ ଯେ ଭାବୁଛ, ମୁଁ ଆଉ ଭାରତକୁ ଫେରିବି ନାହିଁ, ଏହା ତୁମର ଭୁଲ୍ ଧାରଣା । ମୁଁ ଶୀଘ୍ର ଭାରତକୁ ଫେରିବି । ତେବେ କୌଣସି ବିଷୟରେ ଅସିଦ୍ଧକାମ ହୋଇ ଛାଡ଼ିଦେବା ମୋର ଅଭ୍ୟାସ ନୁହେଁ । ମୁଁ ଏଠାରେ ଗୋଟିଏ ମଞ୍ଜି ପୋତିଛି । ତାହା ଶୀଘ୍ର ବୃକ୍ଷରେ ପରିଣତ ହେବ ହିଁ ହେବ । ତେବେ ମୋର ଆଶଙ୍କା ହୁଏ ଯେ, ଯଦି ମୁଁ ହଠାତ୍ ତରତର ହୋଇ ତାହାପ୍ରତି ଯତ୍ନ ନେବା ବନ୍ଦ କରିଦିଏ, ତା'ହେଲେ ତା'ର ବଢ଼ିବାରେ ବାଧା ପଡ଼ିବ । ତୁମମାନଙ୍କର କାଗଜଟା ବାହାର କରିପକାଅ । ତୁମମାନଙ୍କ ସହିତ ଏଠାର ଲୋକଙ୍କର ଯୋଗାଯୋଗ କରିଦେଇ ମୁଁ ଭାରତକୁ ଯାଉଛି—ଆଉ କ'ଣ ?

ବତ୍ସ, କାମ କରିଯାଅ—ରୋମ୍ ଦିନକରେ ନିର୍ମିତ ହୋଇ ନାହିଁ । ମୁଁ ପ୍ରଭୁଙ୍କ ଦ୍ୱାରା ପରିଚାଳିତ ହେଉଛି । ସୁତରାଂ ଶେଷରେ ସବୁ ମଙ୍ଗଳ ହେବ । ଚିରଦିନ ପାଇଁ ମୋର ପ୍ରୀତି ଜାଣିବ ।

ତୁମର, ବିବେକାନନ୍ଦ

୨୦୩ଇଂ (ମିସ୍ ମେରି ହେଲ୍‌ଙ୍କୁ ଲିଖିତ)

ସହସ୍ରଦ୍ୱୀପୋଦ୍ୟାନ, ୨୬ ଜୁନ ୧୮୯୫

ପ୍ରିୟ ଭଗିନି,

ଭାରତୀୟ ପତ୍ରଗୁଡ଼ିକ ପାଇଁ ଧନ୍ୟବାଦ । ଏଥର ବହୁତ ସୁଖବର ଆସିଛି । ମ୍ୟାକ୍ସମୁଲରଙ୍କ 'ଆତ୍ମାର ଅମରତ୍ୱ' ଶୀର୍ଷକ ପ୍ରବନ୍ଧଗୁଡ଼ିକ ମଦର୍ ଚର୍ଚ୍ଚଙ୍କ ନିକଟକୁ ପଠାଇଛି ।

ଆଶା କରେ, ଏବେ ତୁମେ ସେସବୁ ପଢ଼ି ଆନନ୍ଦ ପାଉଛ । ବେଦାନ୍ତର କୌଣସି ଅଂଶକୁ ତୁଚ୍ଛ ଉପେକ୍ଷା କରି ନାହାନ୍ତି । ସାବାସ୍ ତାଙ୍କର ନିର୍ଭୀକ କୃତିତ୍ୱ ! ଔଷଧଗୁଡ଼ାକ ଆସି ପହଞ୍ଚିଛି ଶୁଣି ସମଧିକ ଆନନ୍ଦିତ । ଶୁଳ୍କ କିଛି ଲାଗିଲା କି ? ଯଦି ଲାଗିଥାଏ, ମୁଁ ଦେଇଦେବି; ଆପତ୍ତି କର ନାହିଁ । ଖେତଡ଼ି ରାଜାଙ୍କଦ୍ୱାରା ପ୍ରେରିତ ଶାଲ୍, କିଂଖାବ ଓ ଛୋଟିଆ ଛୋଟିଆ କେତୋଟି ସୁନ୍ଦର ଜିନିଷର ଗୋଟିଏ ବଡ଼ ପ୍ୟାକେଟ ଆସୁଛି । ଏସବୁ ମୁଁ ବନ୍ଧୁମାନଙ୍କୁ ଉପହାର ଦେବାକୁ ଚାହେଁ । ତେବେ ତାହା ଆସୁ ଆସୁ ଆହୁରି ଅନ୍ତତଃ ମାସ କେତୋଟି ଲାଗିଯିବ ।

ଭାରତର ଚିଠିଗୁଡ଼ିକରେ ଦେଖିବ, ସ୍ୱଦେଶକୁ ଫେରିଯିବା ଲାଗି ମୋତେ ବାରମ୍ବାର ଅନୁରୋଧ କରାଯାଉଛି । ସେମାନେ ସବୁ ଅସ୍ଥିର ହୋଇପଡ଼ିଛନ୍ତି । ୟୁରୋପକୁ ଯଦି ଯାଏ ତ ନ୍ୟୁୟର୍କ ଅଞ୍ଚଳର ମିଃ ଫ୍ରାନ୍ସିସ୍ ଲେଗେଟ୍‌ଙ୍କ ଅତିଥି ହୋଇ ଯିବି । ସେ ଛଅ ସପ୍ତାହ ଧରି ଜର୍ମାନୀ, ଫ୍ରାନ୍ସ, ଇଂଲଣ୍ଡ ଓ ସୁଇଜରଲଣ୍ଡର ସର୍ବତ୍ର ଭ୍ରମଣ କରିବେ । ସେଠାରୁ ଭାରତକୁ ଫେରିବି । ହୁଏତ ଏଠାକୁ ମଧ୍ୟ ଫେରି ଆସିପାରେ । ଏହି ଦେଶରେ ଯେଉଁ ବୀଜ ବପନ କଲି, ତା'ର ପରିଣତି କାମନା କରେ । ଏଥର ଶୀତଦିନରେ ନ୍ୟୁୟର୍କରେ ଚମତ୍କାର କାମ ହୋଇଛି । ସହସା ଭାରତକୁ ଚାଲିଗଲେ ସବୁ ପଣ୍ଡ ହୋଇଯାଇପାରେ; ତେଣୁ ଯିବା ସମ୍ବନ୍ଧରେ ବର୍ତ୍ତମାନ ସୁଦ୍ଧା ମନ ସ୍ଥିର କରି ନାହିଁ ।

ସହସ୍ରଦ୍ୱୀପୋଦ୍ୟାନରେ ଅବସ୍ଥାନ କାଳରେ ଲକ୍ଷ୍ୟ କରିବା ଭଳି ସେପରି କିଛି ଘଟି ନାହିଁ । ଦୃଶ୍ୟ ଅବଶ୍ୟ ରମଣୀୟ । କେତେଜଣ ବନ୍ଧୁ ଅଛନ୍ତି; ସେମାନଙ୍କ ସହିତ ଈଶ୍ୱର ଓ ଆତ୍ମା ସମ୍ପର୍କରେ ଇଚ୍ଛାନୁଯାୟୀ ଚର୍ଚ୍ଚା ହୁଏ । ଫଳ ଦୁଗ୍ଧାଦି ଆହାର କରେ ଓ ବେଦାନ୍ତ ବିଷୟକ ପ୍ରକାଣ୍ଡ ପ୍ରକାଣ୍ଡ ସଂସ୍କୃତ ଗ୍ରନ୍ଥ ପଢ଼େ, ଯାହା ଭାରତରୁ ସେମାନେ ଅନୁଗ୍ରହପୂର୍ବକ ପଠାଇ ଦେଇଛନ୍ତି ।

ଚିକାଗୋକୁ ଯଦି ଫେରିବ ତେବେ ଛଅସପ୍ତାହ ଆଗରୁ ନୁହେଁ, ହୁଏତ ଆହୁରି ଡେରି ହୋଇଯାଇପାରେ । ଦେଖ ଯେପରି ମୋ ପାଇଁ ତା'ର ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ନ କରେ । ଫେରିଯିବା ଆଗରୁ ଯେକୌଣସି ଉପାୟରେ ତୁମ ଦମ୍ପତିଙ୍କ ସହିତ ଦେଖା କରିବି —ନିଶ୍ଚୟ ଜାଣିବ ।

ମାନ୍ଦ୍ରାଜ ଅଭିନନ୍ଦନର ଉତ୍ତର ପଢ଼ି ଖୁବ୍ ବିଚଳିତ ହୋଇଥିଲି; ସେଠାରେ କିନ୍ତୁ ତା'ର ଖୁବ୍ ଫଳ ହୋଇଛି । ସେଦିନ ମାନ୍ଦ୍ରାଜରେ 'ଖ୍ରୀଷ୍ଟାନ୍ କଲେଜ'ର ଅଧ୍ୟକ୍ଷ (President) ମିଷ୍ଟର ମିଲର୍ ତାଙ୍କର ଏକ ଭାଷଣରେ ମୋର ଚିନ୍ତାଗୁଡ଼ିକ ଅନେକାଂଶରେ ସନ୍ନିବିଷ୍ଟ କରି କହିଛନ୍ତି ଯେ, ଈଶ୍ୱର ଓ ମାନବ ସମ୍ବନ୍ଧରେ ଭାରତର ତତ୍ତ୍ୱଗୁଡ଼ିକ ପାଶ୍ଚାତ୍ୟ ପକ୍ଷରେ ଖୁବ୍ ଉପଯୋଗୀ; ଏବଂ ଯୁବକଗଣ ସେଠାକୁ ଯାଇ ପ୍ରଚାର କାର୍ଯ୍ୟରେ ବ୍ରତୀ ହେବା ହେବା ଲାଗି ଆହ୍ୱାନ ଜଣାଇଛନ୍ତି । ଏଥିରେ ଧର୍ମଯାଜକ ମହଲରେ ବେଶ୍ କ୍ରୋଧର ସଞ୍ଚାର ହୋଇଛି । 'ଏରିନା' ପତ୍ରରେ ପ୍ରକାଶିତ ଯେଉଁ ପ୍ରବନ୍ଧ କଥା ତୁମେ ଲେଖିଛ, ତାହା ମୁଁ ଆଦୌ ଦେଖି ନାହିଁ । ନ୍ୟୁୟର୍କର ମହିଳାଗଣ ମୋ ବିଷୟରେ କୌଣସି ପାଟିତୁଣ୍ଡ କରି ନାହାନ୍ତି । ତୁମ ବନ୍ଧୁଟିର ବିବରଣ କଳ୍ପନାପ୍ରସୂତ । ପ୍ରଭୁତ୍ୱ କରିବା ସେମାନଙ୍କର ପ୍ରକୃତିଗତ

ନୁହେଁ । ଆଶା କରେ, ଫାଦର ପୋପ୍ ଓ ମଦର୍ ଚର୍ଚ୍ଚ ୟୁରୋପ ଯାଉଛନ୍ତି । ଦେଶଭ୍ରମଣ ଜୀବନରେ ଖୁବ୍ ଆନନ୍ଦଦାୟକ । ମୋତେ କୌଣସି ଗୋଟିଏ ସ୍ଥାନରେ ବେଶୀ ଦିନ ଅଟକାଇଦେଲେ ମୁଁ ସମ୍ଭବତଃ ମରିଯିବି । ପରିବ୍ରାଜକ-ଜୀବନର ତୁଳନା ନାହିଁ ।

ଚତୁର୍ଦ୍ଦିଗରେ ଅନ୍ଧକାର ଯେତେ ଘନେଇ ଆସେ, ଉଦ୍ଦେଶ୍ୟ ସେତିକି ନିକଟବର୍ତ୍ତୀ ହୁଏ—ଜୀବନର ପ୍ରକୃତ ଅର୍ଥ : ଜୀବନ ଯେ ସ୍ୱପ୍ନ—ତାହା ପରିସ୍ଫୁଟ ହୋଇଉଠେ । ମଣିଷ ଯେ ଜାହିଁକି ଏହା ବୁଝିପାରେ ନାହିଁ ତାହା ମଧ୍ୟ ଦୁର୍ବୋଧ୍ୟ ନୁହେଁ । ସେ ଯେ ଏକାନ୍ତ ଅର୍ଥହୀନ ମଧ୍ୟରେ ଅର୍ଥସଙ୍ଗତିର ଅନ୍ୱେଷଣ କରୁଥିଲା ! ସ୍ୱପ୍ନ ମଧ୍ୟରେ ବାସ୍ତବର ସନ୍ଧାନ ଶିଶୁ-ସୁଲଭ ଉଦ୍ୟମ ଛଡ଼ା ଆଉ କ'ଣ ! ସବୁ ହିଁ କ୍ଷଣିକ, ସବୁ ହିଁ ପରିବର୍ତ୍ତନଶୀଳ । ଏତିକି ନିଶ୍ଚିତ ଭାବରେ ଜାଣି ଜ୍ଞାନୀ ବ୍ୟକ୍ତି ସୁଖଦୁଃଖ ତ୍ୟାଗପୂର୍ବକ ଜଗତ୍-ବୈଚିତ୍ର୍ୟର ସାକ୍ଷୀମାତ୍ର ରୂପେ ଅବସ୍ଥାନ କରନ୍ତି, କୌଣସି ବିଷୟରେ ଆସକ୍ତ ହୁଅନ୍ତି ନାହିଁ ।

'ଯେଉଁମାନଙ୍କର ଚିତ୍ତ ସାମ୍ୟରେ ପ୍ରତିଷ୍ଠିତ, ସେମାନେ ଇହଜୀବନରେ ଜନ୍ମ-ମୃତ୍ୟୁର ବନ୍ଧନ ଅତିକ୍ରମ କରିଛନ୍ତି । ଭଗବାନ ନିର୍ଦ୍ଦୋଷ ଓ ସମଦର୍ଶୀ ଏବଂ ସମସ୍ତଙ୍କ ପ୍ରତି ସମବୁଦ୍ଧି, ସୁତରାଂ ସମଚିତ୍ତ ଭଗବାନଙ୍କଠାରେ ହିଁ ଅବସ୍ଥିତ ।' (ଗୀତା, ୫।୧୯) ବାସନା, ଅଜ୍ଞାନ ଓ ଭେଦଦୃଷ୍ଟି—ଏହି ତିନୋଟି ହିଁ ବନ୍ଧନ । ଜୀବନରେ ଅନାସକ୍ତି, ଜ୍ଞାନ ଓ ସମଦର୍ଶିତା—ଏ ତିନୋଟି ମୁକ୍ତି । ମୁକ୍ତି ହିଁ ବିଶ୍ୱବ୍ରହ୍ମାଣ୍ଡର ଲକ୍ଷ୍ୟ ।

ଆସକ୍ତି ନୁହେଁ, ବିଦ୍ୱେଷ ନୁହେଁ; ସୁଖ ନୁହେଁ, ଦୁଃଖ ନୁହେଁ; ମୃତ୍ୟୁ ନୁହେଁ, ଜୀବନ ନୁହେଁ; ଧର୍ମ ନୁହେଁ, ଅଧର୍ମ ନୁହେଁ—ନେତି, ନେତି, ନେତି ।

ତୁମର ଚିରନ୍ତନର, ବିବେକାନନ୍ଦ

୨୦୪ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ମାର୍ଫତ୍ ମିସ୍ ଡାଚ୍‌ରଙ୍କ ଘର, ସହସ୍ରଦ୍ୱୀପୋଦ୍ୟାନ, N. Y.

ପ୍ରିୟ ଭଗିନି,

ତୁମର ପତ୍ର ପାଇଁ ବହୁ ଧନ୍ୟବାଦ । ଭାଷାରେ କୃତଜ୍ଞତା ପ୍ରକାଶ କରିବାକୁ ଅକ୍ଷମ । ମଦର୍ ଚର୍ଚ୍ଚଙ୍କୁ ଅଧ୍ୟାପକ ମ୍ୟାକ୍‌ସମୁଲରଙ୍କଦ୍ୱାରା ଲିଖିତ 'ଅମରତ୍ୱ' ନାମକ ଯେଉଁ ପ୍ରବନ୍ଧଟି ପଠାଇଥିଲି, ତାହା ପଢ଼ି ଦେଖିଥିବ ଯେ, ତାଙ୍କ ମତରେ ଇହଜୀବନରେ ଯେଉଁମାନେ ଆମର ପ୍ରୀତିଭାଜନ, ଅତୀତ ଜନ୍ମରେ ସେମାନେ ନିଶ୍ଚୟ ତଦ୍ରୂପ ଥିଲେ । ତେଣୁ ମନେହୁଏ ଯେ, କେଉଁ ପୂର୍ବଜନ୍ମରେ ମୁଁ ଏହି ଭକ୍ତ ପରିବାରର ଅନ୍ତର୍ଭୁକ୍ତ ଥିଲି । ଭାରତରୁ କେତେଖଣ୍ଡି ଚିଠି ଆସିବା କଥା, ହୁଏତ ଆସିଯାଇଛି । ଯଦି ଆସିଥାଏ, ତେବେ ଅନୁଗ୍ରହ କରି ଏଠାକୁ ପଠାଇଦିଅ । ଡାକ ମାସୁଲ୍ ବାବଦ ଯଦି କିଛି ଦେୟ ଥାଏ, ତା'ହେଲେ ସମ୍ବାଦ ପାଇବାମାତ୍ରେ ପଠାଇବି ବୋଲି ଜାଣିବ । କମଳଗୁଡ଼ାକ ପାଇଁ ଲାଗିଥିବା ଶୁଳ୍କ କଥା ତ ତୁମେ କିଛି ଲେଖି ନାହଁ । ଖେତଡ଼ିରୁ ଆଉ ଗୋଟିଏ ବଡ଼ ପ୍ୟାକେଟ୍ ଆସିବ—କାର୍ପେଟ, ଶାଲ, କିଂଖାବ ଓ ଅନ୍ୟାନ୍ୟ ଶ୍ରେଷ୍ଠ ଶ୍ରେଷ୍ଠ ଜିନିଷ । ସେଥିର ଶୁଳ୍କ ବିଷୟରେ ଆମେରିକାନ୍

କନ୍‌ସଲ୍ ମାରଫତ୍ ସେହିଠାରେ ଦିଆଯିବା ସମ୍ଭବପର ହେଲେ, ସେଠାରେ ଦେଇଦେବା ପାଇଁ ଲେଖିଛି । ନ ହେଲେ, ଏଠାରେ ମୋତେ ଦେବାକୁ ପଡ଼ିବ । ବୋଧହୁଏ କେତେମାସ ପୂର୍ବରୁ ତାହା ଆସୁ ନାହିଁ । ବହିଗୁଡ଼ିକ ପାଇଁ ଉଦ୍‌ଗ୍ରୀବ ରହିଲି । ଆସିବାମାତ୍ରେ ଅନୁଗ୍ରହ କରି ପଠାଇଦିଅ ।

ମା, ଫାଦର୍ ପୋପ୍ ଓ ଭଗିନୀଗଣ ସମସ୍ତଙ୍କ ପ୍ରତି ମୋର ଶ୍ରଦ୍ଧା । ଏ ସ୍ଥାନଟି ଖୁବ୍ ଭଲ ଲାଗୁଛି । ଆହାର ଯତ୍ସାମାନ୍ୟ; ଅଧ୍ୟୟନ, ଆଲୋଚନା, ଧ୍ୟାନାଦି କିନ୍ତୁ ଖୁବ୍ ଚାଲିଛି । ଅପୂର୍ବ ଏକ ଶାନ୍ତିର ଆବେଗରେ ପ୍ରାଣ ପରିପୂର୍ଣ୍ଣ । ପ୍ରତିଦିନ ମନେହେଉଛି, ମୋର କରଣୀୟ କିଛି ନାହିଁ । ମୁଁ ସର୍ବଦା ପରମଶାନ୍ତିରେ ରହିଛି । କର୍ମ ସେ ହିଁ କରୁଛନ୍ତି । ଆମେସବୁ ଯନ୍ତ୍ରମାତ୍ର । ଧନ୍ୟ ତାଙ୍କର ନାମ ! ଅନୁଭବ ହେଉଛି—କାମ, କାଞ୍ଚନ ଓ ପ୍ରତିଷ୍ଠାରୂପକ ତ୍ରିବିଧ ବନ୍ଧନ ମୋଠାରୁ ଖସିପଡ଼ିଛି । ଭାରତରେ ମଧ୍ୟେ ମଧ୍ୟେ ମୋର ଯେଉଁପ୍ରକାର ଉପଲବ୍‌ଧି ହେଉଥିଲା, ଏଠାରେ ମଧ୍ୟ ତଦ୍ରୂପ ହେଉଛି,,'ମୋର ଭେଦବୁଦ୍ଧି, ଭଲମନ୍ଦବୋଧ, ଭ୍ରମ ଓ ଅଜ୍ଞାନ ବିଲୁପ୍ତ ହୋଇଛି, ମୁଁ ଗୁଣାତୀତ ରାଜ୍ୟରେ ବିଚରଣ କରୁଛି । କେଉଁ ବିଧିବିଶେଷ ମାନିବି ? କାହାକୁ ବା ଲଙ୍ଘନ କରିବି ?' ସେହି ଉଚ୍ଚ ଭାବଭୂମିରୁ ସାରିବିଶ୍ୱଟା ମନେହେଉଛି ଯେପରି ଗୋଟାଏ ଗାଡ଼ିଆ । ହରି ଓଁ ତତ୍ ସତ୍ । ଏକମାତ୍ର ସେ ଅଛନ୍ତି, ଆଉ କିଛି ନାହିଁ । ମୁଁ ତୁମ ଭିତରେ, ତୁମେ ମୋ ଭିତରେ । ହେ ପ୍ରଭୋ ! ତୁମେ ମୋର ଚିର-ଆଶ୍ରୟ ହୁଅ । ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ସତତ ପ୍ରୀତିଶୁଭେଚ୍ଛାଯୁକ୍ତ—

ତୁମର ଭାଇ, ବିବେକାନନ୍ଦ

୨୦୫ଇଂ

ଆମେରିକା, ୧ ଜୁଲାଇ ୧୮୯୫

ପ୍ରିୟ ଆଲସିଙ୍ଗା,

ତୁମେମାନେ ପଠାଇଥିବା ମିଶନାରୀଙ୍କ ବହି ଓ ରାମନାଦ ରାଜାଙ୍କର ଫଟୋ ପାଇଲି । ରାଜା ଓ ମହୀଶୂରର ଦେୱାନ୍ ଉଭୟଙ୍କୁ ମୁଁ ପତ୍ର ଲେଖିଛି । ରମାବାଈଙ୍କ ଦଳର ଲୋକଙ୍କ ସହିତ ଡଃ ଜେନ୍‌ସଙ୍କ ବାଦ ପ୍ରତିବାଦରୁ ବେଶ୍ ବୋଧ ହେଉଛି ଯେ, ମିଶନାରୀମାନଙ୍କ ପୁସ୍ତିକାଟି ଏଠାରେ ବହୁଦିନ ପୂର୍ବରୁ ଆସି ପହଞ୍ଚିଛି । ଏ ପୁସ୍ତିକାଟିରେ ଗୋଟିଏ ଅସତ୍ୟ କଥା ରହିଛି । ମୁଁ ଏ ଦେଶରେ ଖୁବ୍ ବଡ଼ ହୋଟେଲରେ କେବେ ଖାଇ ନାହିଁ, ଏବଂ କୌଣସି ପ୍ରକାର ହୋଟେଲକୁ ମଧ୍ୟ ଖୁବ୍ କମ୍ ଯାଇଛି । ବାଲ୍‌ଟିମୋର୍‌ର ଗ୍ରେଟ ହୋଟେଲ୍‌ବାଲା ସବୁ ଅଜ୍ଞ—ସେମାନେ ନିଗ୍ରୋ ଭାବି କୌଣସି କଳା ଲୋକକୁ ସ୍ଥାନ ଦିଅନ୍ତି ନାହିଁ । ସେଥିପାଇଁ ଡଃ ଭ୍ରୂମ୍ୟାନ୍—ମୁଁ ଯାହାଙ୍କର ଅତିଥି ଥିଲି—ଏଠାର ଏକ ବଡ଼ ହୋଟେଲକୁ ନେଇଯାଇଥିଲେ; କାରଣ ସେମାନେ ନିଗ୍ରୋ ଓ ବିଦେଶୀଙ୍କ ମଧ୍ୟରେ ପ୍ରଭେଦ ଜାଣନ୍ତି ।

ଆଲସିଙ୍ଗା, ତୁମକୁ କହୁଛି ଶୁଣ, ତୁମମାନଙ୍କୁ ହିଁ ଆତ୍ମପକ୍ଷ ସମର୍ଥନ କରିବାକୁ

ପଡ଼ିବ । ତୁମେମାନେ ଗ୍ରେଟ ବୁଆଙ୍କ ପରି ବ୍ୟବହାର କରୁଛ କାହିଁକି ? ଯଦି କେହି ତୁମର ଧର୍ମକୁ ଆକ୍ରମଣ କରେ, ତୁମେମାନେ ନିଜେ ହିଁ ତୁମ ଧର୍ମକୁ ସମର୍ଥନ କରି ଆକ୍ରମଣକାରୀଙ୍କ ମୁହଁ ଉପରେ ଜବାବ ଦେଇପାରୁ ନାହଁ କାହିଁକି ? ମୋ ବିଷୟରେ ତୁମମାନଙ୍କର ଭୟର କୌଣସି କାରଣ ନାହିଁ । ଏଠାରେ ମୋର ଶତ୍ରୁଙ୍କ ଅପେକ୍ଷା ମିତ୍ରମାନଙ୍କର ସଂଖ୍ୟା ବେଶୀ । ତା'ଛଡ଼ା ଏ ଦେଶର ଅଧିବାସୀଙ୍କ ମଧ୍ୟରୁ ଏକ-ତୃତୀୟାଂଶ ମାତ୍ର ଖ୍ରୀଷ୍ଟିଆନ୍; ପୁଣି ଶିକ୍ଷିତ ସମ୍ପ୍ରଦାୟଙ୍କ ମଧ୍ୟରେ ଖୁବ୍ ଅଳ୍ପସଂଖ୍ୟକ ଲୋକ ମିଶନାରୀମାନଙ୍କୁ ଗ୍ରାହ୍ୟ କରନ୍ତି । ଆଉ ମଧ୍ୟ ମିଶନାରୀମାନେ ଯଦି କୌଣସି ବିଷୟକୁ ବିରୋଧ କରନ୍ତି, ଶିକ୍ଷିତମାନେ ସେହି ବିଷୟକୁ ଅଧିକ ପସନ୍ଦ କରନ୍ତି । ବର୍ତ୍ତମାନ ମିଶନାରୀମାନଙ୍କର ଶକ୍ତି ଏଠାରେ ଖୁବ୍ କମିଯାଇଛି ଏବଂ ଦିନକୁଦିନ ଆହୁରି କମିଯାଉଛି । ଯଦି ସେମାନେ ହିନ୍ଦୁଧର୍ମକୁ ଆକ୍ରମଣ କଲେ ତୁମମାନଙ୍କର କଷ୍ଟ ହୁଏ, ତା'ହେଲେ ତୁମେମାନେ ଅଭିମାନୀ ପିଲାଙ୍କପରି ଓଠ ଫୁଲାଇ ମୋ ପାଖରେ କାନ୍ଦଣା ଗାଇବାକୁ ଆସ କାହିଁକି ? ତୁମେସବୁ କ'ଣ ଲେଖିପାର ନାହିଁ ଏବଂ ସେମାନଙ୍କ ଧର୍ମର ଦୋଷ ଦେଖାଇ ଦେଇପାର ନାହିଁ ? କାପୁରୁଷତା ତ ଆଉ ଧର୍ମ ନୁହେଁ !

ଏଠାରେ ଇତିମଧ୍ୟରେ ହିଁ ଭଦ୍ରସମାଜର ଦଳେ ଲୋକ ମୋ ଭାବ ଗ୍ରହଣ କରିଛନ୍ତି । ଆସନ୍ତା ବର୍ଷ ମୁଁ ତାଙ୍କୁ ଏପରି ଭାବରେ ସଂଘବଦ୍ଧ କରିବି, ଯାହା ଫଳରେ ସେମାନେ କାର୍ଯ୍ୟକ୍ଷମ ହୋଇପାରିବେ; ତା'ପରେ କାମଟା ଚାଲୁ ରହିବ । ତତ୍ପରେ ମୁଁ ଭାରତକୁ ଚାଲିଗଲେ ମଧ୍ୟ ଏଠାରେ ଏଭଳି ଅନେକ ବନ୍ଧୁ ରହିବେ, ଯେଉଁମାନେ ଏଠାରେ ମୋର କାର୍ଯ୍ୟର ପୃଷ୍ଠପୋଷକ ହେବେ ଏବଂ ଭାରତରେ ମଧ୍ୟ ମୋତେ ସାହାଯ୍ୟ କରିବେ । ସୁତରାଂ ତୁମେମାନେ ଡରିଯିବାର କୌଣସି କାରଣ ନାହିଁ । ତେବେ ଯେତେଦିନ ଯାଏ ତୁମେମାନେ ମିଶନାରୀଙ୍କ ଆକ୍ରମଣରେ କେବଳ ଚିତ୍କାର କରିବ ଏବଂ କିଛି ନ କରିପାରି ଖାଲି ତେଣିକି ବୁଲିବ, ସେତେଦିନ ତୁମମାନଙ୍କୁ ଚାହିଁ ମୁଁ ହସିବି । ତୁମେ ଗ୍ରେଟ ପିଲାଙ୍କ ହାତର ଗ୍ରେଟ ଗ୍ରେଟ ଖେଳନା ପରି, ତା' ଛଡ଼ା ଆଉ କଅଣ ? 'ସ୍ୱାମୀଜୀ, ମିଶନାରୀମାନେ ଆମକୁ କାମୁଡ଼ୁଛନ୍ତି—ଓଃ, ଜଳିପଡ଼ି ମଲୁ—ଓଃ, ଓଃ !' ସ୍ୱାମୀଜୀ ଅଭି ଏହି ବୁଢ଼ା ପିଲାଙ୍କ ପାଇଁ କଅଣ କରିପାରିବେ ?

ବତ୍ସ ! ମୁଁ ବୁଝୁଛି, ମୋତେ ଯାଇ ତୁମମାନଙ୍କୁ ମଣିଷ କରି ଗଢ଼ିବାକୁ ହେବ । ମୁଁ ଜାଣେ, ଭାରତରେ କେବଳ ନାରୀ ଓ କ୍ଲୀବଙ୍କର ବାସ । ସୁତରାଂ ବିରକ୍ତ ହୁଅ ନାହିଁ । ଭାରତରେ କାମ କରିବା ଲାଗି ମୋତେ ଉପାୟ ବାହାର କରିବାକୁ ହେବ । କେତେଜଣ ମସ୍ତିଷ୍କହୀନ ଅପଦାର୍ଥ ଲୋକଙ୍କ ହାତରେ ଯାଇ ମୁଁ ପଡ଼ୁ ନାହିଁ ।

ତୁମେସବୁ ଉଦ୍‌ବିଗ୍ନ ହେବା ଦରକାର ନାହିଁ, ଯେତେ କମ୍ ହେଉ ପଛେ, ତୁମେମାନେ ଯାହା ପାରୁଛ କରିଯାଅ । ମୋତେ ଏକାକୀ ସବୁ କରିଯିବାକୁ ହେବ । କଲିକତାର ଲୋକଙ୍କର ଏତେ ସଂକୀର୍ଣ୍ଣ ଭାବ ! ଆଉ ତୁମେ ମାନ୍ଦ୍ରାଜୀମାନେ କୁକୁରଭୁକାରେ ମୂର୍ଚ୍ଛା ଯାଅ ! 'ନାୟମାତ୍ମା ବଲହୀନେନ ଲଭ୍ୟଃ ।' —କାପୁରୁଷମାନେ କଦାପି ଏହି ଆତ୍ମାକୁ ଲାଭ କରିପାରନ୍ତି ନାହିଁ । ମୋ ପାଇଁ ତୁମମାନେ ଚିନ୍ତା କରିବା ଦରକାର ନାହିଁ, ପ୍ରଭୁ ମୋ

ସହିତ ରହିଛନ୍ତି । ତୁମେମାନେ କେବଳ ଆତ୍ମରକ୍ଷା କରିଯାଅ; ମୋତେ ଦେଖାଇ ଦିଅ ଯେ ତୁମେ ଏହି ଠିକ୍ କରିପାର, ତା'ହେଲେ ମୁଁ ସନ୍ତୁଷ୍ଟ ହେବି । କିଏ ମୋ ସମ୍ପର୍କରେ କ'ଣ କହୁଛି, ସେ ବିଷୟରେ ମୋତେ ବିରକ୍ତ କର ନାହିଁ । ମୋ ସମ୍ପର୍କରେ କୌଣସି ମୂର୍ଖର ସମାଲୋଚନା ଶୁଣିବାକୁ ମୁଁ ବସି ରହି ନାହିଁ । ତୁମେମାନେ ନିତାନ୍ତ ପିଲା; ଜାଣିରଖ, କେବଳ ପ୍ରଭୂତ ଧୈର୍ଯ୍ୟ, ଅସୀମ ସାହସ ଓ ମହତ୍ତ୍ୱ ଚେଷ୍ଟା ଦ୍ୱାରା ହିଁ ଶ୍ରେଷ୍ଠ ଫଳ ଲାଭ ହୋଇଥାଏ । ମୋର ଆଶଙ୍କା ହୁଏ, କିଡର ମନ ମଝିରେ ମଝିରେ ଯେପରି ଚକ୍କର ଖାଏ, ଏବେ ମଧ୍ୟ ସେହିପରି ଚକ୍କର ଖାଉଛି । ଠିକ୍ ଏ ଘରକୋଣରୁ ବାହାରିଆସି କଲମ ଧରୁ ନା ! ମାନ୍ଦ୍ରାଜୀମାନେ 'ସ୍ୱାମୀ', 'ସ୍ୱାମୀ' ଚିତ୍କାର ନ କରି, ସେହି ଦୁଷ୍ଟମାନଙ୍କ ବିରୋଧରେ କଅଣ ବର୍ତ୍ତମାନ ଯୁଦ୍ଧ ଘୋଷଣା କରିପାରିବେ ନାହିଁ, ଯାହା ଫଳରେ ସେମାନେ 'ତ୍ରାହି ତ୍ରାହି' ଚିତ୍କାର କରିଉଠିବେ ?

ତୁମେସବୁ କାହିଁକି ଡରିଯାଉଛ ? ସାହସୀ ଲୋକମାନେ ହିଁ କେବଳ ବଡ଼ ବଡ଼ କାମ କରିପାରନ୍ତି—କାପୁରୁଷମାନେ ପାରନ୍ତି ନାହିଁ । ହେ ଅବିଶ୍ୱାସିଗଣ, ସବୁଦିନ ପାଇଁ ଜାଣିରଖ ଯେ, ପ୍ରଭୁ ମୋର ହାତ ଧରି ଧରି ଚାଲୁଛନ୍ତି । ଯେତେଦିନ ମୁଁ ପବିତ୍ର ରହିବି ଏବଂ ତାଙ୍କର ଦାସ ହୋଇ ରହିବି, ସେତେଦିନ ଯାଏଁ କେହି ମୋର କେଶାଗ୍ର ମଧ୍ୟ ସ୍ପର୍ଶ କରିପାରିବ ନାହିଁ ।

ତୁମମାନଙ୍କର ପତ୍ରିକାଟି ଶୀଘ୍ର ବାହାର କର । ଯେକୌଣସି ପ୍ରକାରେ ହେଉ, ମୁଁ ଖୁବ୍ ଶୀଘ୍ର ତୁମମାନଙ୍କ ନିକଟକୁ ଆହୁରି ଟଙ୍କା ପଠାଉଛି ଏବଂ ମଝିରେ ମଝିରେ ପଠାଇବି । ତୁମେସବୁ କାମ କରି ଚାଲ । ଦେଶବାସୀଙ୍କ ପାଇଁ କିଛି କର—ତା'ହେଲେ ସେମାନେ ତୁମକୁ ସାହାଯ୍ୟ କରିବେ, ସମଗ୍ର ଜାତି ତୁମ ପଛରେ ରହିବେ । ସାହସୀ ହୁଅ, ସାହସୀ ହୁଅ ! ମଣିଷ ଥରେ ମାତ୍ର ମରେ । ମୋର ଶିଷ୍ୟମାନେ ଯେପରି କଦାପି କାପୁରୁଷ ନ ହୁଅନ୍ତି ।

ସଦାପ୍ରେମାବଦ୍ଧ, ବିବେକାନନ୍ଦ

୬୦୭ଇଂ (ମିଃ ଲେଗେଟ୍‌ଙ୍କୁ ଲିଖିତ)

Thousand Isalnd Park, N. Y., ୭ ଜୁଲାଇ ୧୮୯୫

ପ୍ରିୟ ବନ୍ଧୁ,

ଜଣାଯାଉଛି, ଆପଣ ନ୍ୟୁୟର୍କ ଖୁବ୍ ଉପଭୋଗ କରୁଛନ୍ତି । ସୁତରାଂ ଗୋଟିଏ ଚିଠିରେ ଆପଣଙ୍କର ସୁଖସ୍ୱପ୍ନ ଭାଙ୍ଗି ଦେବାକୁ କ୍ଷମା କରିବେ ।

ମିସ୍ ମ୍ୟାକ୍‌ଲଉଡ୍ ଏବଂ ମିସେସ୍ ଷ୍ଟର୍ଜିସ୍‌ଙ୍କ ପାଖରୁ ମୁଁ ଦୁଇଟି ସୁନ୍ଦର ଚିଠି ପାଇଛି । ସେମାନେ ବାର୍ଚଗଛ ଛାଲର ଦୁଇଟି ସୁନ୍ଦର ଖାତା ପଠାଇ ଦେଇଛନ୍ତି । ମୁଁ ସଂସ୍କୃତ ମୂଳ ଶ୍ଳୋକ ଏବଂ ଅନୁବାଦରେ ସେ ଦୁଇଟି ପୂର୍ଣ୍ଣ କରି ଆଜି ଡାକରେ ପଠାଇଦେଲି ।

ଶୁଣିଛି, ମିସେସ୍ ଡୋରା* ରହସ୍ୟାବୃତରେ ବିଶ୍ୱାସୀ 'ମହାତ୍ମା'-ପଦ୍ଧତିରେ ଚମତ୍କପ୍ରଦ

* Mrs. Dora Rosthlesberger ସ୍ୱାମୀଜୀଙ୍କ ସହିତ ମିସ୍ ମ୍ୟାକ୍‌ଲଉଡ୍ ଓ ମିସେସ୍ ଷ୍ଟର୍ଜିସ୍ ଏହି ଦୁଇ ଭଉଣୀଙ୍କୁ ପରିଚିତ କରାଇ ଦେଇଥିଲେ ।

କୃତଜ୍ଞ ପ୍ରଦର୍ଶନ କରଛନ୍ତି ।

ପାର୍ସି * ଛାଡ଼ିବା ପରଠାରୁ ମୁଁ ଲଣ୍ଡନ୍ ଯିବା ପାଇଁ ଅପ୍ରତ୍ୟାଶିତ ଭାବରେ ଅନେକ ସ୍ଥାନରୁ ନିମନ୍ତ୍ରଣ ପାଇଛି ଏବଂ ମୁଁ ବହୁ ଆଶା ନେଇ ଭବିଷ୍ୟତ୍‌କୁ ଚାହିଁ ରହିଛି । ଲଣ୍ଡନ୍‌ରେ କାମ କରିବାର ଏହି ସୁଯୋଗ ମୁଁ ହରାଇବାକୁ ଚାହେଁ ନାହିଁ । ତେଣୁ ଲଣ୍ଡନ୍‌ର ଆମନ୍ତ୍ରଣ ସଙ୍ଗେ ଆପଣଙ୍କ ଆମନ୍ତ୍ରଣକୁ ଆହୁରି କାମ କରିବା ପାଇଁ ଦୈବ ଆହ୍ୱାନ ବୋଲି ମୁଁ ମନେକରେ ।

ମୁଁ ଏ ମାସଟା ପୂରା ଏହିଠାରେ ହିଁ ରହିବି ଏବଂ ଅଗଷ୍ଟ ମାସ ଭିତରେ କେତେଦିନ ପାଇଁ ମାତ୍ର ଶିକାଗୋ ଯିବାକୁ ହେବ ।

ଉଦ୍‌ବିଗ୍ନ ହେବେ ନାହିଁ, ଫାଦର୍ ଲେଗେଟ୍ ! ଅଶାନ୍ତ ହେବାର ସର୍ବୋତ୍କୃଷ୍ଟ ସମସ୍ତ ହେଲା ଏହି—ଯେତେବେଳେ ପ୍ରୀତିର ଏତେ ନିଷ୍ଠୁରତା ।

ପ୍ରଭୁ ଆପଣଙ୍କୁ ଚିରକାଳ ଆଶୀର୍ବାଦ କରନ୍ତୁ; ଆପଣ ଚିରଦିନ ପାଇଁ ସକଳ ଶାନ୍ତି ଲାଭ କରନ୍ତୁ; କାରଣ ତାହା ଲାଭ କରିବା ଲାଗି ଆପଣ ଏକାନ୍ତ ଉପଯୁକ୍ତ ।

ପ୍ରୀତି ଏବଂ ସ୍ନେହରେ ଚିରଦିନ ଆପଣଙ୍କର, ବିବେକାନନ୍ଦ

୨୦୭ଇଂ 19 W. 38th St., ନ୍ୟୁୟର୍କ, ୮ ଜୁଲାଇ ୧୮୯୫

ସ୍ନେହର ଆଲ୍‌ବାର୍ଟା,**

ମୁଁ ନିଶ୍ଚିନ୍ତ ଯେ, ତୁମେ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ତୁମର ସଙ୍ଗୀତଶିକ୍ଷାରେ ମଗ୍ନ । ଆଶା କରେ ଇତିମଧ୍ୟରେ ତୁମେ ସ୍ୱରଗ୍ରାମର ସବୁ କିଛି ଶିଖି ନେଇଛ । ଏହାପରେ ଦେଖା ହେଲେ ତୁମ ପାଖରୁ ସ୍ୱରଗ୍ରାମ ସମ୍ବନ୍ଧରେ ଶିକ୍ଷା ଗ୍ରହଣ କରିବା ମୋ ପକ୍ଷରେ ଖୁବ୍ ଆନନ୍ଦର ବିଷୟ ହେବ ।

ପାର୍ସିରେ ମିଃ ଲେଗେଟ୍‌ଙ୍କ ସଙ୍ଗେ ଆମର ଦିନଗୁଡ଼ିକ ବେଶ୍ ଆନନ୍ଦରେ କଟିଛି—ସେ ଋଷିକଳ୍ପ ନୁହନ୍ତି କି ?

ମୁଁ ନିଶ୍ଚିତ ଯେ, ହଲିଷ୍ଟର୍ (Hollister) ମଧ୍ୟ ଜର୍ମାନ୍ ଦେଶ ଖୁବ୍ ଉପଭୋଗ କରୁଛନ୍ତି ଏବଂ ଆଶା କରେ ତୁମେ କେହି ହେଲେ ଜର୍ମାନ୍ ଶବ୍ଦ ଉଚ୍ଚାରଣ ପାଇଁ ଚେଷ୍ଟା କରିବାକୁ ଯାଇ ଜିଭ ଜଖମ୍ କର ନାହିଁ—ବିଶେଷ କରି ସେହିସବୁ ଶବ୍ଦ, ଯେଉଁଗୁଡ଼ିକର ଆରମ୍ଭ sch, tz, tsz, ଏବଂ ଅନ୍ୟସବୁ ମଧୁର ଜିନିଷରେ ।

ଜାହାଜରୁ ତୁମେ ଲେଖିଥିବା ଚିଠିଟି ତୁମ ମା'ଙ୍କ ପାଖରେ ପଢ଼ିଛି । ଆଗାମୀ ସେପ୍ଟେମ୍ବରରେ ମୁଁ ଖୁବ୍ ସମ୍ଭବତଃ ୟୁରୋପ ଯାଉଛି । ଆଜି ପର୍ଯ୍ୟନ୍ତ ୟୁରୋପକୁ ଯାଇ ନାହିଁ । ମୋଟ ଉପରେ, ତାହା ଯୁକ୍ତରାଷ୍ଟ୍ରଠାରୁ ଖୁବ୍ ବେଶୀ ଭିନ୍ନ ହେବ ନାହିଁ,

---

* ନିଉ ହ୍ୟାମ୍ପସାୟାର୍‌ଠାରେ ମିଃ ଲେଗେଟ୍‌ଙ୍କର କ୍ୟାମ୍ପ୍ । ସେଠାରୁ ସ୍ୱାମୀଜୀ Thousand Island Parkକୁ ଯାଇଥିଲେ ।

** Miss Alberta Sturgis—ମିସେସ୍ ଷ୍ଟର୍ଜିସ୍‌ଙ୍କ କନ୍ୟା ।

ଇତିମଧ୍ୟରେ ମୁଁ ଏ ଦେଶର ଆଇନ ବ୍ୟବହାର ଭଲ ଭାବରେ ଆୟତ୍ତ କରିନେଇଛି ।

ପାର୍ସିରେ ନୌକାରେ ବୁଲିବା ବେଳେ ମୁଁ ଆକୁଲ ମାରିବାର ଗୋଟିଏ ଯୋଡ଼ିଏ ବିଷୟ ଶିଖିନେଇଛି । ମାଉସୀ 'ଜୋ ଜୋ'ଙ୍କୁ ତାଙ୍କର 'ମଧୁରତା' ପାଇଁ କଷ୍ଟ ସହିବାକୁ ପଡ଼ିଛି, କାରଣ ମାଛ ଓ ମଶାଗୁଡ଼ାକ ମୁହୂର୍ତ୍ତକ ପାଇଁ ବି ତାଙ୍କୁ ଛାଡ଼ିଯିବାକୁ ଚାହୁଁ ନ ଥିଲେ । କିନ୍ତୁ ସେମାନେ ମୋ ପାଇଁ ବହୁତ ଜାଗା ଛାଡ଼ି ଦେଇଥିଲେ; ମୋର ମନେହୁଏ, ଏହାର କାରଣ ମାଛଗୁଡ଼ାକ ନୈଷ୍ଠିକ ଥିଲେ, ତେଣୁ ଜଣେ ପୌତ୍ତଳିକକୁ ସେମାନେ ସ୍ପର୍ଶ କରି ନାହାନ୍ତି । ଆଉମଧ୍ୟ ମୋର ମନେହୁଏ, ପାର୍ସିରେ ମୁଁ ବେଶୀ ଗୀତ ଗାଉଥିଲି, ସେହି ଭୟରେ ସେମାନେ ପଳେଇ ଯାଇଛନ୍ତି । ଆମର ଖୁବ୍ ସୁନ୍ଦର ସୁନ୍ଦର ବାର୍ତା ଗଛ ଥିଲା । ତା' ଗୁଡ଼ିକୁ ବନ୍ଧ ତିଆରି କରିବା ଚାହିଁ ମୋ ମନକୁ ଆସିଲା—ଯେପରି ପ୍ରାଚୀନ କାଳରେ ଆମ ଦେଶରେ କରା ହେଉଥିଲା, ତୁମର ମା ଓ ମାଉସୀଙ୍କ ପାଇଁ ମୁଁ କେତୋଟି ସଂସ୍କୃତ ଶ୍ଳୋକ ଲେଖିଛି ।

ଆଲବାର୍ଟା, ମୁଁ ନିଶ୍ଚୟ ଜାଣେ—ତୁମେ ଅଚିରେ ଜଣେ ବିସ୍ମୟକର ବିଦୁଷୀ ହେବାକୁ ଯାଉଛ । ତୁମ ଦୁଇଜଣଙ୍କୁ ମୋର ପ୍ରୀତି ଓ ଆଶୀର୍ବାଦ ।

ସତତ ସ୍ନେହବଦ୍ଧ ତୁମର, ବିବେକାନନ୍ଦ

୨୦୮ଙ୍କ (ମିସେସ୍ ଷ୍ଟଲସ୍‌ଙ୍କୁ ଲିଖିତ)

Thousand Island Park, N. Y., ଜୁଲାଇ ୧୮୯୫

ମା,

ଆପଣ ନିଶ୍ଚୟ ଇତିମଧ୍ୟରେ ନ୍ୟୁୟର୍କକୁ ଆସିଯାଇଛନ୍ତି ଏବଂ ସେଠାରେ ବର୍ତ୍ତମାନ ଗରମ ଆଦୌ ଭୀଷଣ ନୁହେଁ ।

ଏଠାରେ ଆମର ଦିନ ବେଶ୍ କଟୁଛି । ମେରି ଲୁଇ (Marie Louise) ଗତକାଲି ପହଞ୍ଚିଛନ୍ତି । ସୁତରାଂ ବର୍ତ୍ତମାନ ପୁରା ଯେଉଁମାନେ ଆସିଛନ୍ତି, ସମସ୍ତଙ୍କୁ ମିଶାଇ ଆମେ ଠିକ୍ ସାତ ଜଣ ।

ପୃଥିବୀର ସମସ୍ତ ନିଦ ଯେମିତି ମୋ ଆଖିକୁ ମାଡ଼ି ଆସିଛି । ମୁଁ ଦିନରେ ଅନ୍ତତଃ ଦୁଇ ଘଣ୍ଟା ଶୁଏ ଏବଂ ସମସ୍ତ ରାତି କାଠଗଣ୍ଡି ଭଳି ଶୋଇ ରହେ । ମନେ ହୁଏ, ନ୍ୟୁୟର୍କର ଅନିଦ୍ରାର ଏହା ଗୋଟିଏ ପ୍ରତିକ୍ରିୟା । ମୁଁ କିଛି କିଛି ଲେଖୁଛି ଓ ପଢ଼ୁଛି ଏବଂ ପ୍ରତିଦିନ ପ୍ରାତଭୋଜ ପରେ ଗୋଟିଏ ଲେଖାଏଁ କ୍ଲାସ୍ ନେଉଛି । କଠୋର ନିରାମିଷବିଧିରେ ଆହାର ପ୍ରସ୍ତୁତ ହେଉଛି ଏବଂ ମୁଁ ଖୁବ୍ ଉପାସ କରୁଛି ।

ଏ ସ୍ଥାନରୁ ଚାଲିଯିବା ପୂର୍ବରୁ ମୋ' ଚର୍ବିରୁ ବେଶ୍ କିଛି ପାଉଣ୍ଡ ହଟେଇଯିବ, ଏ ବିଷୟରେ ମୁଁ ଦୃଢ଼ନିଶ୍ଚିତ । ଏଇଟା ମେଥଡ଼ିଷ୍ଟମାନଙ୍କର ଜାଗା ଏବଂ ଅଗଷ୍ଟ ମାସରେ ତାଙ୍କର ଶିବିର-ବୈଠକ ହେବ । ଏହା ଅତି ସୁନ୍ଦର ଜାଗା; ଖାଲି ଭୟ, ସ୍ଥାନଟି ଏହି ଋତୁରେ ଅତ୍ୟନ୍ତ ଜନବହୁଳ ହୋଇପଡ଼େ ।

ମିସ୍ 'ଜୋ ଜୋ'ଙ୍କ ମାଛର ଷତ ନିଶ୍ଚୟ ଏହା ଭିତରେ ଭଲ ହୋଇଯାଇଛି । —ମା କେଉଁଠି ? ଆଉ ଥରକୁ ଆପଣ ଯେତେବେଳେ ତାଙ୍କୁ ଚିଠି ଦେବେ, ଦୟାକରି ତାଙ୍କୁ ମୋର ଅକୁଣ୍ଠ ଶ୍ରଦ୍ଧା ଜଣାଇବେ ।

ପାର୍ସିରେ ଆନନ୍ଦରେ ଯେଉଁ ଦିନଗୁଡ଼ିକ ବିତିଯାଇଛି, ସେଗୁଡ଼ିକୁ ବାରମ୍ବାର ମୁଁ ଫେରି ଫେରି ସ୍ମରିବି ଏବଂ ଏହି ବ୍ୟବସ୍ଥା ପାଇଁ ମିଃ ଲେଗେଟ୍‌ଙ୍କୁ ସର୍ବଦା ଧନ୍ୟବାଦ ଜଣାଇବି । ମୁଁ ତାଙ୍କ ସହିତ ୟୁରୋପ ଯାଇପାରିବି । ଏହାପରେ ଯେତେବେଳେ ତାଙ୍କ ସହିତ ଦେଖାହେବ, ଦୟା କରି ତାଙ୍କୁ ମୋର ଚିରନ୍ତନ ପ୍ରୀତି ଓ କୃତଜ୍ଞତା ଜଣାଇବେ । ତାଙ୍କ ପରି ମନୁଷ୍ୟଙ୍କର ପ୍ରେମଦ୍ୱାରା ହିଁ ଜଗତ ସର୍ବଦା ଆହୁରି ଭଲ ହେବା ଆଡ଼କୁ ଯାଉଛି ।

ଆପଣ କଅଣ ଆପଣଙ୍କର ବନ୍ଧୁ ମିସେସ୍ ଡୋରାଙ୍କ ସଙ୍ଗେ ରହିଛନ୍ତି ? ସେ ଜଣେ ମହାପ୍ରାଣ, ବସ୍ତୁତଃ 'ମହାତ୍ମା' । ଦୟା କରି ତାଙ୍କୁ ମୋର ପ୍ରୀତି ଓ ଶ୍ରଦ୍ଧା ଜଣାଇବେ ।

ମୁଁ ବର୍ତ୍ତମାନ ଏକପ୍ରକାର ତନ୍ଦ୍ରାଚ୍ଛନ୍ନ—ଅଳସ, ଆନନ୍ଦର ଭାବ ନେଇ ରହିଛି; ଖରାପ ଲାଗୁ ନାହିଁ । ମେସି ଲୁଇ ନ୍ୟୁୟର୍କରୁ ତାଙ୍କର ଗୋଟିଏ ପୋଷା କଇଁଚ ନେଇଆସିଛନ୍ତି । ଏଠାକୁ ଆସି ପ୍ରାଣୀଟି ତା'ର ସ୍ୱାଭାବିକ ପରିବେଶ ପାଇଛି । ସୁତରାଂ ବଡ଼ ଅଧ୍ୟବସାୟରେ ଗଡ଼ି ଗଡ଼ି ଏବଂ ଗୁରୁଣ୍ଡି ଗୁରୁଣ୍ଡି ସେ ମେସି ଲୁଇଙ୍କ ସ୍ନେହ ଓ ଆଦରକୁ ପଛରେ—ଅନେକ ପଛରେ ପକାଇ ଦେଇ ଚାଲିଯାଇଛି । ପ୍ରଥମେ ସେ ଅଳ୍ପ ଦୁଃଖିତ ହୋଇଥିଲେ, କିନ୍ତୁ ଆମେମାନେ ଏତେ ଜୋର୍ ଦେଇ ସ୍ୱାଧୀନତାର ଜୟଗାନ କରିବାକୁ ଲାଗିଲୁ ଯେ, ତାଙ୍କୁ ଅବିଲମ୍ବେ ଫେରି ଆସିବାକୁ ହେଲା ।

ଈଶ୍ୱର ଆପଣଙ୍କୁ ଏବଂ ଆପଣଙ୍କର ସମସ୍ତଙ୍କୁ ଚିରକାଳ ଆଶୀର୍ବାଦ କରନ୍ତୁ—ଏହା ହିଁ ସତତ ପ୍ରାର୍ଥନା ।

ବିବେକାନନ୍ଦ

ପୁଃ—'ଜୋ ଜୋ' ବାର୍ଟ ଗଛର ଗୁଳିରେ ତିଆରି ବହିଟି ପଠାଇ ନାହିଁ । ମିସେସ୍ ବୁଲ୍‌ଙ୍କୁ ମୁଁ ଯେଉଁଟି ପଠାଇଛି, ତାହା ପାଇ ସେ ଅତ୍ୟନ୍ତ ଆନନ୍ଦିତ ।

ଭାରତରୁ ମୁଁ ଅନେକଗୁଡ଼ିଏ ସୁନ୍ଦର ଚିଠି ପାଇଛି । ସେଠାରେ ସବୁ ଠିକ୍ ଚାଲିଛି । ସମୁଦ୍ର ଆରପାଖରେ ବିଦେଶରେ ଅବସ୍ଥିତ ଶିଶୁମାନଙ୍କୁ ମୋର ସ୍ନେହ ଜଣାଇ ଦେବେ ।

—ବି.

୨୦୯ଇଂ (ଖେତଡ଼ିର ମହାରାଜାଙ୍କୁ ଲିଖିତ)

ଆମେରିକା, ୯ ଜୁଲାଇ ୧୮୯୫

...ମୋର ଭାରତ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ମୋର ବକ୍ତବ୍ୟ ଏହି : ମହାରାଜ ତ ବେଶ୍ ଭଲ ଭାବରେ ଜାଣନ୍ତି, ମୋ ସ୍ୱଭାବ ହେଉଛି, ଯେଉଁ ବିଷୟରେ ଲାଗିଥାଏ, ତାହାକୁ ଅଧ୍ୟବସାୟର ସହିତ ଜାବୁଡ଼ି ଧରି ରହେ । ମୁଁ ଏ ଦେଶରେ ଗୋଟିଏ ମଞ୍ଜି ପୋତିଛି; ତାହା ଇତିମଧ୍ୟରେ ଚାରା ହୋଇ ଠିଆ ହେଲାଣି—ଆଶାକରେ ଅତିଶୀଘ୍ର ତାହା ବୃକ୍ଷରେ ପରିଣତ ହେବ । ମୁଁ କେତେ ଶହ ଅନୁଗାମୀ ଶିଷ୍ୟ ପାଇଛି; ମୁଁ କେତେଜଣଙ୍କୁ ସନ୍ନ୍ୟାସୀ କରିବି,

ତା'ପରେ ତାଙ୍କ ହାତରେ କାମର ଭାର ଦେଇ ଭାରତକୁ ଚାଲିଯିବ । ଖ୍ରୀଷ୍ଟିଆନ୍ ପାଦ୍ରୀମାନେ ମୋ ବିରୋଧରେ ଯେତିକି ଲାଗୁଛନ୍ତି, ତାଙ୍କ ଦେଶରେ ଏକ ସ୍ଥାୟୀ ଦାଗ ରଖିଯିବା ପାଇଁ ମୋର ଜିଦ୍ ସେତିକି ବଢ଼ୁଛି । ଖ୍ରୀଷ୍ଟିଆନ୍ ପାଦ୍ରୀମାନେ ଟଙ୍କା ପାଇଁ ଓ ନିଜ ସମ୍ପ୍ରଦାୟ ପାଇଁ ଯାହା ଇଚ୍ଛା ତାହା କରିଥାନ୍ତି । ତଥାପି ସେମାନେ ତାଙ୍କର ବିଦ୍ୟାବୁଦ୍ଧି, କଳକୌଶଳ ଯେତେ ଖଟାନ୍ତୁନା କାହିଁକି, ଏବେ ପ୍ରତିଦିନ ବୁଝୁଛନ୍ତି ଯେ, ମୋତେ ଚୁପି ମାରିଦେବା ତାଙ୍କ ପକ୍ଷରେ ଏକ ଅତି କଠିନ କାମ । ଏ ମଧ୍ୟରେ ଲଣ୍ଡନ୍‌ରେ ମୋର କେତେଜଣ ବନ୍ଧୁ ଜୁଟିଛନ୍ତି । ଅଗଷ୍ଟମାସ ଶେଷରେ ସେଠାକୁ ମୁଁ ଯିବ ବୋଲି ମନସ୍ଥ କରିଛି, ଦେଖେ— ସେଦିଗରେ ପାଦ୍ରୀମାନେ କେତେଦୂର ଯାଣ୍ଡି ହେଉଛନ୍ତି । ଯାହା ହେଉ, ଆଗାମୀ ଶୀତକାଳରେ କେତେ ସମୟ ଲଣ୍ଡନ୍ ଓ କେତେ ସମୟ ନ୍ୟୁୟର୍କରେ କଟାଇବାକୁ ହେବ— ତା'ପରେ ଭାରତକୁ ଫେରିଯିବାରେ ଆଉ ବାଧା ରହିବ ନାହିଁ । ଯଦି ପ୍ରଭୁଙ୍କର କୃପା ହୁଏ, ତେବେ ଏ ଶୀତଦିନ ପରେ ଏଠାରେ କାମ ଚଳାଇବା ପାଇଁ ଯଥେଷ୍ଟ ଲୋକ ମିଳିବେ । ପ୍ରତ୍ୟେକ କର୍ମୀକୁ ତିନୋଟି ଅବସ୍ଥା ଭିତର ଦେଇ ଯିବାକୁ ହୁଏ—ଉପହାସ, ବିରୋଧ ଓ ପରିଶେଷରେ ଗ୍ରହଣ । ଯଦି କୌଣସି ବ୍ୟକ୍ତି ତା' ସମୟରେ ପ୍ରଚଳିତ ଭାବରାଶିଠାରୁ ଉଚ୍ଚତର ତତ୍ତ୍ୱ ପ୍ରକାଶ କରେ, ତେବେ ତାକୁ ଲୋକେ ନିଶ୍ଚୟ ଭୁଲ୍ ବୁଝିବେ । ସୁତରାଂ ବାଧା ଓ ଅତ୍ୟାଚାର ଆସୁ, ସ୍ୱାଗତମ୍ - କେବଳ ମୋତେ ଦୃଢ଼ ଓ ପବିତ୍ର ହେବାକୁ ପଡ଼ିବ ଏବଂ ଭଗବାନଙ୍କଠାରେ ପ୍ରବଳ ବିଶ୍ୱାସ ରଖିବାକୁ ହେବ, ତା' ହେଲେ ହିଁ ଏସବୁ ଉଡ଼ିଯିବ । ଇତି

ବିବେକାନନ୍ଦ

୨୧୦ଇଂ ( ମିସେସ୍ ଷ୍ଟର୍ଜିସ୍‌ଙ୍କୁ ଲିଖିତ )

Thousand Island Park, ୨୯ ଜୁଲାଇ ୧୮୯୫

ମା,

ଆପଣଙ୍କର ଗୌରବମୟ ସମୟ ଆସିଛି । ଆପଣ ନିଶ୍ଚୟ ସୁସ୍ଥ ଅଛନ୍ତି ।···

ଏଠାରେ ବେଶ୍ ଭଲ ଭାବରେ ମୋର ସମୟ କଟୁଛି । ଦୁଇଜଣ ମହିଳା ସିଧା ଡେଟ୍ରୟେଟ୍‌ରୁ ଆସିଛନ୍ତି ଆମମାନଙ୍କ ସାଙ୍ଗରେ ରହିବାକୁ । ସେମାନେ ବେଶ୍ ପବିତ୍ର ଓ ଭଲ । ମୁଁ ଥାଉଜେଣ୍ଡ ଆଇଲାଣ୍ଡରୁ ଡେଟ୍ରୟେଟ୍ ଓ ସେଠାରୁ ଚିକାଗୋ ଯାଉଛି ।

ନିଉୟର୍କରେ ଆମର କ୍ଲାସ୍ ଚାଲୁଛି । ମୋର ଅନୁପସ୍ଥିତିରେ ମଧ୍ୟ ସେମାନେ ବେଶ୍ କ୍ଲାସ୍ ଚଳାଇ ଯାଉଛନ୍ତି । ଭଲ କଥା, ଡେଟ୍ରୟେଟ୍‌ରୁ ଯେଉଁ ଦୁଇଜଣ ମହିଳା ଆସିଛନ୍ତି, ସେମାନେ କ୍ଲାସ୍‌ରେ ଯୋଗ ଦେଇଛନ୍ତି; କିନ୍ତୁ ଦୁର୍ଭାଗ୍ୟକ୍ରମେ ସେମାନଙ୍କର ଭୂତପ୍ରେତ ଭୟ । ତାଙ୍କୁ କିଏ ଶିଖାଇଛି, ଜଳନ୍ତା ଆଲକୋହଲ୍ ଶିଖାରେ ଟିକିଏ ଲୁଣ ଦେଲେ ଯଦି କଳା ପଡ଼ିଯାଏ, ତା' ହେଲେ ତାହା ଭୂତର ଅସ୍ତିତ୍ୱର ପ୍ରମାଣ । ଯାହା ହେଉ ମହିଳା ଦୁଇଜଣ ଭୂତ ଡରରେ କାତର ହୋଇଯାଇଥିଲେ । ଲୋକେ କହନ୍ତି, ଏଭଳି ଭୂତ ବିଶ୍ୱର ସବୁଠାରେ ଅଛନ୍ତି । ଫାଦର୍ ଲେଗେଟ୍ ଆପଣଙ୍କ ଅନୁପସ୍ଥିତିରେ ଖୁବ୍ ନିରୁତ୍ସାହିତ ଅନୁଭବ

କରିଥିବେ । କାରଣ ଆଜି ପର୍ଯ୍ୟନ୍ତ ତାଙ୍କଠାରୁ କୌଣସି ଚିଠି ପାଇ ନାହିଁ । ବେଶ୍, ଦୁଃଖ ଆସିବ ତ ଆସୁ । ବିଚଳିତ ନ ହେବା ହିଁ ଶ୍ରେୟସ୍କର । ତେଣୁ ସେଥିପାଇଁ ଆଉ ମୁଣ୍ଡ ଘୂରଉ ନାହିଁ ।

'କୋ କୋ'ର ସମୁଦ୍ରଯାତ୍ରା ଖୁବ୍ ଭୟଙ୍କର ହୋଇଥିବ । ଶେଷ ରକ୍ଷା ହିଁ ରକ୍ଷା ।

ପିଲମାନେ[୧] ଜର୍ମାନୀରେ ନିଶ୍ଚୟ ବେଶ୍ ଆନନ୍ଦରେ ଅଛନ୍ତି । ସେମାନଙ୍କୁ ଜାହ୍ନାବଭାଗ୍ର ସ୍ନେହ ଜଣାଇଦେବେ ।

ଏଠିକାର ସମସ୍ତଙ୍କର ସ୍ନେହ ଜାଣିବେ । ଭବିଷ୍ୟତ ବଂଶଧରଙ୍କ ନିକଟରେ ଆପଣଙ୍କର ଜୀବନ ଆଲୋକ-ବର୍ତ୍ତିକା ଭଳି ହେଉ—ଏହି କାମନା କରୁଛି ।

ଆପଣଙ୍କ ସୁହୃଦ୍, ବିବେକାନନ୍ଦ

୨୧୧ନଂ

19W. 38th St., ନ୍ୟୁୟର୍କ, ଜୁଲାଇ ୩୦ ୧୮୯୫

ପ୍ରିୟ ଆଲସିଙ୍ଗା,

ତୁମେ ଠିକ୍ କରିଛ; ନାମ ଓ 'ମଟୋ'[୨] ଠିକ୍ ହୋଇଛି । ବାଜେ ସମାଜସଂସ୍କାର ନେଇ ଘଣ୍ଟାଘଣ୍ଟି କର ନାହିଁ; ପ୍ରଥମେ ଆଧ୍ୟାତ୍ମିକ ସଂସ୍କାର ନ ହେଲେ ସମାଜ-ସଂସ୍କାର ହୋଇପାରେ ନାହିଁ । କିଏ ତୁମକୁ କହିଲା—ମୁଁ ସମାଜ-ସଂସ୍କାର ଚାହେଁ ? ମୁଁ ତ ତାହା ଚାହେଁ ନାହିଁ ! ଭଗବାନଙ୍କ ନାମ ପ୍ରଚାର କର, କୁସଂସ୍କାର ଓ ସମାଜର ଆବର୍ଜନାଗୁଡ଼ିକର ସପକ୍ଷରେ ବା ବିପକ୍ଷରେ କିଛି କୁହ ନାହିଁ ।

'ସନ୍ନ୍ୟାସୀର ଗୀତ'[୩]—ଏହା ହିଁ ତୁମ କାଗଜରେ ମୋର ପ୍ରଥମ ପ୍ରବନ୍ଧ । ନିରୁତ୍ସାହ ହୁଅ ନାହିଁ—ତୁମ ଗୁରୁଙ୍କ ଉପରେ ବିଶ୍ୱାସ ହରାଅ ନାହିଁ—ଈଶ୍ୱରଙ୍କ ଉପରୁ ବିଶ୍ୱାସ ହରାଅ ନାହିଁ । ହେ ବତ୍ସ ! ଯେତେଦିନ ଯାଏଁ ତୁମ ଅନ୍ତରରେ ଉତ୍ସାହ ଏବଂ ଗୁରୁ ଓ ଈଶ୍ୱରଙ୍କ ପ୍ରତି ବିଶ୍ୱାସ—ଏହି ତିନୋଟି ଗୁଣ ରହିବ, ସେତେଦିନ ଯାଏଁ କୌଣସି ଜିନିଷ ତୁମକୁ ଅବଦମିତ କରିପାରିବ ନାହିଁ । ମୁଁ ଦିନକୁ ଦିନ ହୃଦୟରେ ଶକ୍ତିର ବିକାଶ ଅନୁଭବ କରୁଛି । ହେ ସାହସୀ ବାଳକଗଣ, କାମ କରିଯାଅ ।

ସଦା ଆଶୀର୍ବାଦକ, ବିବେକାନନ୍ଦ

---

୧ ମିସେସ୍ ହ୍ମେଲିସ୍ଙ୍କ ପୁଅ ହଲିଷ୍ଟାର୍ ଓ କନ୍ୟା ଆଲ୍‌ବାର୍ଟା ସେତେବେଳେ ଜର୍ମାନୀରେ ପଢ଼ାପଢ଼ି କରୁଥିଲେ ।

୨ ସ୍ୱାମୀଜୀଙ୍କ ପ୍ରୋତ୍ସାହନରେ ମାନ୍ଦ୍ରାଜଠାରୁ ଏହି ସମୟରେ (୧୪ ସେପ୍ଟେମ୍ବର, ୧୮୯୫) 'ବ୍ରହ୍ମବାଦିନ୍' ନାମକ ପାକ୍ଷିକ (ପରେ ମାସିକ) ଇଂରାଜୀ ପତ୍ରିକା ପ୍ରତିଷ୍ଠିତ ହୋଇଥିଲା । ତାହାର ନାମ ଓ 'ମଟୋ' 'ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତି'କୁ ଲକ୍ଷ୍ୟ କରି ସ୍ୱାମୀଜୀ ଉପରୋକ୍ତ କଥା ଲେଖିଛନ୍ତି । ୧୯୧୪ ଖ୍ରୀଷ୍ଟାବ୍ଦରେ ଏ ପତ୍ରିକା ବନ୍ଦ ହୋଇଗଲା ।

୩ 'Song of the Sannyasin' ନାମକ ସ୍ୱାମୀଜୀ-ରଚିତ ବିଖ୍ୟାତ କବିତା 'ବ୍ରହ୍ମବାଦିନ୍' ପତ୍ରିକାର ପ୍ରଥମବର୍ଷ ଦ୍ୱିତୀୟ ସଂଖ୍ୟାରେ (୨୮ ସେପ୍ଟେମ୍ବର, ୧୮୯୫) ପ୍ରଥମେ ପ୍ରକାଶିତ ହୋଇଥିଲା ।

**୨୧୨ଇଂ** (ମିଃ ଲେଗେଟ୍‌ଙ୍କୁ ଲିଖିତ)

Thousand Island Park, N. Y., ୩୧ ଜୁଲାଇ ୧୮୯୫

ପ୍ରିୟ ବନ୍ଧୁ,

ଆଗରୁ ମୁଁ ଆପଣଙ୍କୁ ଖଣ୍ଡିଏ ଚିଠି ଲେଖିଥିଲି । ବୋଧହୁଏ, ସାବଧାନତା ସହକାରେ ଡାକରେ ତାହା ଦିଆହୋଇ ନାହିଁ, ତେଣୁ ଆଉ ଖଣ୍ଡିଏ ଲେଖୁଛି ।

୧୪ ତାରିଖ ପୂର୍ବରୁ ମୁଁ ଯଥା ସମୟରେ ଯାଇ ପହଞ୍ଚିବି । ୧୧ ତାରିଖ ପୂର୍ବରୁ ଯେକୌଣସି ପ୍ରକାରେ ମୋତେ ନ୍ୟୁୟର୍କ ଯିବାକୁ ହେବ । ସୁତରାଂ ପ୍ରସ୍ତୁତ ହେବାକୁ ଯଥେଷ୍ଟ ସମୟ ହାତରେ ରହିବ ।

ମୁଁ ଆପଣଙ୍କ ସହ ପ୍ୟାରିସ୍‌କୁ ଯିବି; ସଙ୍ଗରେ ଯିବାର ପ୍ରଧାନ ଉଦ୍ଦେଶ୍ୟ ଆପଣଙ୍କର ବିବାହ ଦେଖିବା । ଆପଣ ଯେତେବେଳେ ଭ୍ରମଣରେ ବାହାରିବେ, ସେତେବେଳେ ମୁଁ ଲଣ୍ଡନକୁ ଚାଲିଯିବି । ବାସ୍ ।

ଆପଣଙ୍କ ଏବଂ ଆପଣମାନଙ୍କର ସମସ୍ତଙ୍କ ପ୍ରତି ମୋର ଚିରସ୍ଥାୟୀ ପ୍ରୀତି ଓ ଆଶୀର୍ବାଦର ପୁନରୁଲ୍ଲେଖ ନିଷ୍ପ୍ରୟୋଜନ ।

ସତତ ଆପଣଙ୍କର ପୁତ୍ର, ବିବେକାନନ୍ଦ

**୨୧୩ଇଂ** (ମିଷ୍ଟର୍ ଫ୍ରାନ୍‌ସିସ୍ ଲେଗେଟ୍‌ଙ୍କୁ ଲିଖିତ)

ସହସ୍ରଦ୍ୱୀପୋଦ୍ୟାନ, ଅଗଷ୍ଟ ୧୮୯୫

ପ୍ରିୟ ବନ୍ଧୁ,

ଆପଣଙ୍କ ଚିଠି ଯଥା ସମୟରେ ପାଇଛି । ମୋ ଇଚ୍ଛାନୁସାରେ ଆପଣ ମୋତେ ଲଣ୍ଡନ ଯିବାକୁ କହିଛନ୍ତି—ଏହା ଆପଣଙ୍କର ବିଶେଷ ମହତ୍ତ୍ୱ ଓ ଅନୁଗ୍ରହର ପରିଚାୟକ । ସେଥିପାଇଁ ଅଜସ୍ର ଧନ୍ୟବାଦ; କିନ୍ତୁ ଲଣ୍ଡନ ଯିବା ପାଇଁ ମୋର କୌଣସି ବ୍ୟଗ୍ରତା ନାହିଁ । ତାହା ଛଡ଼ା, ମୁଁ ଆପଣଙ୍କୁ ପ୍ୟାରିସ୍‌ରେ ବିବାହିତ ଦେଖିବାକୁ ଚାହେଁ । ତା'ପରେ ମୁଁ ଲଣ୍ଡନ ଯିବି ।

ମୁଁ ଠିକ୍ ସମୟରେ ଆପଣଙ୍କ ନିକଟରେ ପ୍ରସ୍ତୁତ···ରହିବି, ଭୟ ନାହିଁ । ଇତି

ଆପଣଙ୍କର ଚିରବଶ୍ୟ, ବିବେକାନନ୍ଦ

**୨୧୪ଇଂ** (ମିଃ ଇ. ଟି. ଷ୍ଟର୍ଡିଙ୍କୁ ଲିଖିତ)

19 W. 38th St., ନ୍ୟୁୟର୍କ

୨ ଅଗଷ୍ଟ ୧୮୯୫

ସୁହୃଦ୍‌ବରେଷୁ,

ଆପଣଙ୍କର ପ୍ରୀତିପୂର୍ଣ୍ଣ ପତ୍ରଟି ଆଜ ପାଇଲି । ମୁଁ ଜଣେକ ବନ୍ଧୁଙ୍କ ସହିତ ପ୍ରଥମେ ପ୍ୟାରିସ୍ ଯାଉଛି ଏବଂ ଅଗଷ୍ଟ ୧୭ ତାରିଖରେ ୟୁରୋପ ଯାତ୍ରା କରୁଛି । କିନ୍ତୁ ପ୍ୟାରିସ୍‌ରେ ମୁଁ ମୋର ବନ୍ଧୁଙ୍କ ବିବାହ ପର୍ଯ୍ୟନ୍ତ ମାତ୍ର ଏକ ସପ୍ତାହ ରହିବି, ତା'ପରେ ଲଣ୍ଡନ ଚାଲିଯିବି ।

ଗୋଟିଏ ପ୍ରତିଷ୍ଠାନ ଗଢ଼ିବା ସମ୍ପର୍କରେ ଆପଣଙ୍କ ପରାମର୍ଶଟି ଚମତ୍କାର, ଏବଂ ମୁଁ ଏହି ଭାବରେ ହିଁ ଅଗ୍ରସର ହେବାକୁ ଚେଷ୍ଟା କରୁଛି ।

ଏଠାରେ ମୋର ଅନେକ ଘନିଷ୍ଠ ବନ୍ଧୁ ଅଛନ୍ତି; କିନ୍ତୁ ଦୁର୍ଭାଗ୍ୟର କଥା ଏହି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଦରିଦ୍ର । ସୁତରାଂ କାର୍ଯ୍ୟ ମଧ୍ୟ ମନ୍ଥର ଗତିରେ ଚାଲିବାକୁ ବାଧ୍ୟ । ଅଧିକନ୍ତୁ ନ୍ୟୁୟର୍କରେ ଉଲ୍ଲେଖଯୋଗ୍ୟ କିଛି ଗଢ଼ି ତୋଳିବା ପୂର୍ବରୁ ଆହୁରି କେତେକ ମାସ ଖଟିବାକୁ ପଡ଼ିବ । କାର୍ଯ୍ୟତଃ ଏହି ଶୀତଋତୁର ପ୍ରାରମ୍ଭରେ ମୋତେ ନ୍ୟୁୟର୍କ ଫେରି ଆସିବାକୁ ହେବ ଏବଂ ଗ୍ରୀଷ୍ମରେ ମୁଁ ପୁଣି ଲଣ୍ଡନ୍ ଯିବି । ବର୍ତ୍ତମାନ ଯେତେଦୂର ମନେହେଉଛି, ଏଥର ମୁଁ କେତେକ ସପ୍ତାହ ମାତ୍ର ଲଣ୍ଡନରେ ରହିପାରିବି । କିନ୍ତୁ ଭଗବାନଙ୍କ କୃପାରେ ହୁଏତ ସେହି ଅଳ୍ପ ସମୟରେ ମଧ୍ୟ ଗୁରୁତର ବିଷୟର ସୂଚନା ହୋଇପାରେ । ମୁଁ ଲଣ୍ଡନ୍‌ରେ କେବେ ପହଞ୍ଚିବି—ତାହା ଆପଣଙ୍କୁ ତାର କରି ଜଣାଇବି ।

ଥିଓସଫିଷ୍ଟ ସମ୍ପ୍ରଦାୟର କେତେକ ବ୍ୟକ୍ତି ମୋର ନ୍ୟୁୟର୍କ କ୍ଲାସ୍‌କୁ ଆସିଥିଲେ । କିନ୍ତୁ ମାନବ ଯେତେବେଳେ ବେଦାନ୍ତର ମହିମା ବୁଝିପାରେ, ସେହି ମୁହୂର୍ତ୍ତରେ ତା' ମନର ଗୋଳମାଳିଆ ଧାରଣାଗୁଡ଼ାକ ଦୂର ହୋଇଯାଏ ।

ମୁଁ ବରାବର ଦେଖି ଆସିଛି ଯେ, ଯେତେବେଳେ ମାନବ ବେଦାନ୍ତର ମହାନ୍ ଗୌରବ ଉପଲବ୍ଧି କରିପାରେ, ସେତେବେଳେ ମନ୍ତ୍ର-ତନ୍ତ୍ରାଦି ଆପେ ଆପେ ଦୂର ହୋଇ-ଯାଏ । ଯେଉଁ ମୁହୂର୍ତ୍ତରେ ମନୁଷ୍ୟ ଏକ ଉଚ୍ଚତର ସତ୍ୟର ଆଭାସ ପାଏ, ନିମ୍ନତର ସତ୍ୟଟି ତନ୍ମୁହୂର୍ତ୍ତରେ ସ୍ୱତଃ ଅନ୍ତର୍ହିତ ହୋଇଯାଏ । ସଂଖ୍ୟା-ବାହୁଲ୍ୟରେ କିଛି ଯାଏ ଆସେ ନାହିଁ । ବିଶୃଙ୍ଖଳ ଜନତା ଶହେବର୍ଷରେ ମଧ୍ୟ ଯାହା କରିପାରନ୍ତି ନାହିଁ, ମୁଷ୍ଟିମେୟ କେତେଜଣ ଅକପଟ, ସଙ୍ଘବଦ୍ଧ ଏବଂ ଉତ୍ସାହୀ ଯୁବକ ଗୋଟିଏ ବର୍ଷରେ ତାହା ଅପେକ୍ଷା ଅଧିକ କାର୍ଯ୍ୟ କରିପାରନ୍ତି । ଗୋଟିଏ ବସ୍ତୁର ଉତ୍ତାପ ତତ୍ପାର୍ଶ୍ୱବର୍ତ୍ତୀ ଅନ୍ୟାନ୍ୟ ବସ୍ତୁକୁ ମଧ୍ୟ ସଂକ୍ରମିତ ହୁଏ—ଏହା ହିଁ ପ୍ରକୃତିର ନିୟମ । ସୁତରାଂ ଯେପର୍ଯ୍ୟନ୍ତ ଆମ ମଧ୍ୟରେ ସେହି ଜ୍ୱଳନ୍ତ ଅନୁରାଗ, ସତ୍ୟନିଷ୍ଠା, ପ୍ରେମ ଓ ସରଳତା ସଞ୍ଜୀବିତ ରହିଥିବ—ସେତେବେଳଯାଏଁ ଆମର ସାଫଲ୍ୟ ଅବଶ୍ୟମ୍ଭାବୀ ।

'ସତ୍ୟମେବ ଜୟତେ, ନାନୃତଂ, ସତ୍ୟେନ ପନ୍ଥା ବିତତୋ ଦେବଯାନଃ ।'—ଏହି ସନାତନ ସତ୍ୟ ମୋର ବୈଚିତ୍ର୍ୟମୟ ଜୀବନରେ ବହୁବାର ପରୀକ୍ଷିତ ହୋଇଛି । ସତ୍-ସ୍ୱରୂପରେ ଯେ ଆପଣଙ୍କ ଅନ୍ତରରେ ବିରାଜିତ, ସେ ହିଁ ସର୍ବକ୍ଷଣ ଆପଣଙ୍କର ଅଭ୍ରାନ୍ତ ପଥ-ପ୍ରଦର୍ଶକ ହୁଅନ୍ତୁ ଏବଂ ଅଶେଷରେ ଆପଣ ମୁକ୍ତ-ଆଲୋକରେ ସ୍ୱୟଂ ଉଦ୍ଭାସିତ ହୋଇ ଅନ୍ୟମାନଙ୍କୁ ମୁକ୍ତ ହେବା ଲାଗି ସାହାଯ୍ୟ କରନ୍ତୁ ।

ବିବେକାନନ୍ଦ

୨୯୫ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

19 W. 38th St., ନ୍ୟୁୟର୍କ, ୧୮୯୫

ଅଭିନ୍ନହୃଦୟେଷୁ,

...ମା ଠାକୁରାଣୀଙ୍କୁ ମୋର ଅଶେଷ ସାଷ୍ଟାଙ୍ଗ ପ୍ରଣାମ ଜଣାଇବ ।...

ଶିବ ଶିବ !

ମୁଁ ବର୍ତ୍ତମାନ ନ୍ୟୁୟର୍କ ସହରରେ । ଏ ସହରରେ ଗରମ ଦିନରେ ଠିକ୍ କଲିକତା ପରି ଗରମ, ଅଜସ୍ର ଝାଳ ବହିଯାଉଛି, ପବନର ଦେଖା ନାହିଁ । ଦୁଇ ମାସ ପାଇଁ ଉତ୍ତର ଦିଗକୁ ଯାଇଥିଲି, ସେଠାରେ ବେଶ୍ ଥଣ୍ଡା । ଏ ପତ୍ରର ଉତ୍ତର—କେୟାର୍ ଅଫ୍ ଅକ୍ଷୟ ସି. ଘୋଷ, ମୂଲର୍, ଜୁୟାନ୍ ଡଫ୍ ହାଉସ, ରଜେଣ୍ଟ ଷ୍ଟ୍ରୀଟ, କ୍ୟାମ୍ବ୍ରିଜ, ଇଂଲଣ୍ଡ—ଠିକଣାରେ ଲେଖିବ । ଏ ପତ୍ର ପହଞ୍ଚିବା ପୂର୍ବରୁ ମୁଁ ଇଂଲଣ୍ଡକୁ ଚାଲିଲି । ଇତି

ନରେନ୍ଦ୍ର

୨୯୬ଇଂ (ମିଃ ଇ. ଟି. ଷ୍ଟର୍ଡିଙ୍କୁ ଲିଖିତ)

19W. 38th St., ନ୍ୟୁୟର୍କ, ୯ ଅଗଷ୍ଟ ୧୮୯୫

ସୁହୃଦ୍‌ବରେଷୁ,

...ମୋର ବ୍ୟକ୍ତିଗତ ମତାମତର କିଛି ଆଭାସ ଆପଣଙ୍କୁ ଜଣାଇବା ଆବଶ୍ୟକ । ମୋର ଦୃଢ଼ ବିଶ୍ୱାସ ଯେ, ମାନବ-ସମାଜରେ ଧର୍ମର ଅପୂର୍ବ ଉଚ୍ଛ୍ୱାସ ମଧ୍ୟେ ମଧ୍ୟେ ଉତ୍ଥିତ ହୋଇଥାଏ ଏବଂ ସେହିପରି ଏକ ଉଚ୍ଛ୍ୱାସ ବର୍ତ୍ତମାନ ମଧ୍ୟ ଶିକ୍ଷିତ ସମାଜ ମଧ୍ୟରେ ଦେଖା ଦେଇଛି । ପ୍ରତ୍ୟେକ ଉଚ୍ଛ୍ୱାସବେଗ ପୁଣି ବହୁ କ୍ଷୁଦ୍ର ଶାଖାରେ ବିଭକ୍ତ ହେବାପରି ବୋଧ ହେଲେ ମଧ୍ୟ ମୂଳତଃ ସେସବୁ ଯେ ଏକମାତ୍ର ତତ୍ତ୍ୱ ବା ତତ୍ତ୍ୱ-ସମଷ୍ଟିରୁ ଉଦ୍ଭୂତ, ଏହା ସେମାନଙ୍କର ପରସ୍ପର ସାଦୃଶ୍ୟରୁ ବୁଝାଯାଏ । ବର୍ତ୍ତମାନ ସମୟରେ ଯେଉଁ ଧର୍ମଭାବ ଦିନକୁଦିନ ଚିନ୍ତାଶୀଳ ବ୍ୟକ୍ତିମାନଙ୍କ ମଧ୍ୟରେ ବିଶେଷ ପ୍ରଭାବ ବିସ୍ତାର କରୁଛି, ତାହାର ଏକ ବୈଶିଷ୍ଟ୍ୟ ଏହି ଯେ, ଯେତେ କ୍ଷୁଦ୍ର କ୍ଷୁଦ୍ର ମତବାଦ ତା' ଭିତରୁ ଉଦ୍ଭୂତ ହେଉଛି, ସେସମସ୍ତ ସେହି ଏକ ଅଦ୍ୱୈତ-ତତ୍ତ୍ୱର ଅନୁଭୂତି ଓ ଅନୁସନ୍ଧାନ ପାଇଁ ସଚେଷ୍ଟ । ଜାଗତିକ, ନୈତିକ ଏବଂ ଆତ୍ମିକ ସକଳ କ୍ଷେତ୍ରରେ ଏହି ଏକ ଭାବ ଦେଖାଯାଉଛି ଯେ, ବିଭିନ୍ନ ମତବାଦସମୂହ କ୍ରମଶଃ ଉଦାରରୁ ଉଦାରତର ହୋଇ ସେହି ଶାଶ୍ୱତ ଅଦ୍ୱୈତ ତତ୍ତ୍ୱାଭିମୁଖରେ ଅଗ୍ରସର ହେଉଛି । ସୁତରାଂ ଧରିନିଆଯାଇପାରେ ଯେ, ବର୍ତ୍ତମାନ ଯୁଗର ଯେତେ ଭାବାନ୍ଦୋଳନ ରହିଛି, ସେସବୁ ଜ୍ଞାତସାରରେ ବା ଅଜ୍ଞାତସାରରେ ସେହି ଅପୂର୍ବ ଐକ୍ୟମୂଳକ ଦର୍ଶନ ଅଦ୍ୱୈତ ବେଦାନ୍ତର ହିଁ ପ୍ରତିରୂପ ମାତ୍ର; ଏବଂ ମାନବ ଆଜିପର୍ଯ୍ୟନ୍ତ ଯେତେପ୍ରକାର ଏକତ୍ୱବାଦର ଦର୍ଶନ ଆବିଷ୍କାର କରିଛି, ସେଥିମଧ୍ୟରେ ଏହା ହିଁ ସର୍ବୋତ୍ତମ । ଆହୁରି ଏହା ମଧ୍ୟ ସର୍ବଦା ଦେଖାଯାଏ ଯେ, ପ୍ରତି ଯୁଗରେ ଏହି ସମସ୍ତ ବିଭିନ୍ନ ମତବାଦ ମଧ୍ୟରୁ ସଂଘର୍ଷ ମଧ୍ୟରେ ଶେଷ ପର୍ଯ୍ୟନ୍ତ ଗୋଟିଏ ମାତ୍ର ମତବାଦ ତିଷ୍ଠି ରହେ ଏବଂ ଅନ୍ୟ ତରଙ୍ଗଗୁଡ଼ିକ ଉଠେ କେବଳ ତାହା ସାଙ୍ଗରେ ମିଶିଯାଇ ତାହାକୁ ଏକ ବିପୁଳ ଭାବ-ତରଙ୍ଗରେ ପରିଣତ କରିବା

ପାଇଁ । ସେତେବେଳେ ସେହି ପ୍ରବଳ ଭାବସ୍ରୋତ ସମାଜ ଉପରେ ଅପ୍ରତିହତ ବେଗରେ ପ୍ରବାହିତ ହୋଇଯାଏ ।

ଭାରତବର୍ଷ, ଆମେରିକା ଓ ଇଂଲଣ୍ଡରେ, ଅର୍ଥାତ୍ ଯେଉଁ ଦେଶଗୁଡ଼ିକର ଇତିହାସ ମୁଁ ଅବଗତ ଅଛି, ସେହିସବୁ ଦେଶମାନଙ୍କରେ ବର୍ତ୍ତମାନ ସମୟରେ ଏହିପରି ଶତଶତ ମତବାଦର ସଂଘର୍ଷ ଚାଲିଛି । ଭାରତବର୍ଷରେ ଦ୍ୱୈତବାଦ ଏବେ କ୍ରମଶଃ କ୍ଷୀଣ ହେଉଅଛି, ଅଦ୍ୱୈତବାଦ ହିଁ ସର୍ବକ୍ଷେତ୍ରରେ ପ୍ରଭାପବାନ୍ । ଆମେରିକାରେ ମଧ୍ୟ ବହୁ ମତବାଦ ଭିତରେ ପରସ୍ପର ପ୍ରାଧାନ୍ୟଲାଭ ପାଇଁ ସଂଘର୍ଷ ଉପସ୍ଥିତ ହୋଇଛି । ଏହାର ସବୁଗୁଡ଼ିକ ଅଳ୍ପବିସ୍ତର ଅଦ୍ୱୈତଭାବର ପ୍ରତିରୂପ ଏବଂ ଯେଉଁ ଭାବପରମ୍ପରା ଯେତେ ଦ୍ରୁତଭାବରେ ବିସ୍ତାରଲାଭ କରୁଛି, ସେସବୁ ଅଦ୍ୱୈତ ବେଦାନ୍ତର ସେତିକି ବେଶୀ ଅନୁରୂପ ବୋଲି ପ୍ରତୀତ ହେଉଛି । ମୁଁ ସ୍ପଷ୍ଟ ଜାଣିପାରୁଛି ଯେ, ଅନ୍ୟ ସବୁକୁ ଗ୍ରାସ କରି, ସେଥିରୁ କେବଳ ଗୋଟିଏ ମତବାଦ ଭବିଷ୍ୟତରେ ମସ୍ତକ ଉନ୍ନତ କରି ନିଶ୍ଚୟ ଠିଆହେବ । କିନ୍ତୁ ତାହା କେଉଁଟି ? ଇତିହାସ ଦୃଷ୍ଟିରୁ ଦେଖିବାକୁ ଗଲେ ଯେଉଁ ଅଂଶଟି ଯୋଗ୍ୟତମ, ତାହା ହିଁ ଶେଷସୁଦ୍ଧା ପ୍ରତିଷ୍ଠା ଲାଭ କରେ । ନିଷ୍କଳୁଷ ଚରିତ୍ର ପରି ଅନ୍ୟ କେଉଁ ବସ୍ତୁ ମନୁଷ୍ୟକୁ ଯଥାର୍ଥ ଯୋଗ୍ୟତା ଦାନ କରିବାକୁ ସମର୍ଥ ? ଅନାଗତ ଭବିଷ୍ୟତରେ ଅଦ୍ୱୈତ ବେଦାନ୍ତ ହିଁ ଯେ ଚିନ୍ତାଶୀଳ ବ୍ୟକ୍ତିମାନଙ୍କର ଧର୍ମ ବୋଲି ବିବେଚିତ ହେବ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଏହାଛଡ଼ା, ସମ୍ପ୍ରଦାୟମାନଙ୍କ ମଧ୍ୟରେ ସେହିମାନେ ହିଁ ଜୟଲାଭ କରିବେ, ଯେଉଁମାନେ ଜୀବନରେ ଚରିତ୍ରର ଚରମ ଉତ୍କର୍ଷ ପ୍ରଦର୍ଶନ କରିପାରିବେ; କିନ୍ତୁ ସେହି ସମ୍ପ୍ରଦାୟ କେଉଁ ସୁଦୂର ଭବିଷ୍ୟତରେ ଦେଖାଦେବ, ତାହା ବିବେଚ୍ୟ ନୁହେଁ ।

ମୋ ନିଜ ଜୀବନର କିଛି ଅଭିଜ୍ଞତା ଆପଣଙ୍କୁ ଜଣାଉଛି । ଯେତେବେଳେ ମହାମ୍ନା ଆଚାର୍ଯ୍ୟଦେବ ଦେହତ୍ୟାଗ କଲେ, ସେତେବେଳେ ଆମେ ଦ୍ୱାଦଶ ଜଣ ଅଜ୍ଞାତ, ଅଖ୍ୟାତ, କପର୍ଦ୍ଦକହୀନ ଯୁବକ ମାତ୍ର ଥିଲୁଁ । ଆଉ ବହୁସଂଖ୍ୟକ ଶକ୍ତିଶାଳୀ ସଂଘ ଆମମାନଙ୍କୁ ପେଷି ମାରିବା ଲାଗି ପ୍ରାଣପଣେ ଲାଗିଥିଲେ । କିନ୍ତୁ ଶ୍ରୀରାମକୃଷ୍ଣଦେବଙ୍କଠାରୁ ଆମେ ଏକ ଅତୁଳ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିଲୁ—କେବଳ ବାକ୍‌ସର୍ବସ୍ୱ ନ ହୋଇ ଯଥାର୍ଥ ଜୀବନଯାପନ ପାଇଁ ଏକ ଐକାନ୍ତିକ ଇଚ୍ଛା ଓ ବିରାମବିହୀନ ସାଧନାର ଅନୁପ୍ରେରଣା ଆମେ ତାଙ୍କ ନିକଟରୁ ଲାଭ କରିଥିଲୁ । ଆଉ ଆଜି ସମଗ୍ର ଭାରତବର୍ଷ ତାଙ୍କୁ ଜାଣେ ଓ ଶ୍ରଦ୍ଧାର ସହିତ ତାଙ୍କ ଚରଣରେ ମଥା ନତ କରେ । ତାଙ୍କ ଦ୍ୱାରା ପ୍ରଚାରିତ ସତ୍ୟସମୂହ ଆଜି ଦାବାନଳ ପରି ଦିଗ୍‌ଦିଗନ୍ତରେ ବିସ୍ତାରିତ ହେଉଛି । ଦଶବର୍ଷ ତଳେ ତାଙ୍କ ଜନ୍ମତିଥିରେ ଶହେଜଣ ଲୋକଙ୍କୁ ମଧ୍ୟ ମୁଁ ଏକତ୍ରିତ କରିପାରି ନ ଥିଲି, କିନ୍ତୁ ଗତ ବର୍ଷ ପଚାଶ ହଜାର ଲୋକ ତାଙ୍କ ଜନ୍ମତିଥିରେ ସମବେତ ହୋଇଥିଲେ ।

କେବଳ ସଂଖ୍ୟାଧିକ୍ୟରେ କୌଣସି ମହତ୍ତ୍ୱ କାର୍ଯ୍ୟ ସମ୍ପାଦିତ ହୋଇ ନ ଥାଏ—ଅର୍ଥ, କ୍ଷମତା, ପାଣ୍ଡିତ୍ୟ କିମ୍ବା ବାକ୍‌ଚାତୁର୍ଯ୍ୟ—ଏଥିମଧ୍ୟରୁ କୌଣସି ଗୋଟିକର ମଧ୍ୟ ବିଶେଷ କିଛି ମୂଲ୍ୟ ନାହିଁ । ପବିତ୍ର, ନିଷ୍କପଟ ଏବଂ ପ୍ରତ୍ୟକ୍ଷାନୁଭୂତିସମ୍ପନ୍ନ ମହାପ୍ରାଣ ବ୍ୟକ୍ତିମାନେ ହିଁ

ଜଗତରେ ସମୁଦାୟ କାର୍ଯ୍ୟ ସମ୍ପନ୍ନ କରିଥାଆନ୍ତି । ଯଦି ପ୍ରତ୍ୟେକ ଦେଶରେ ଏହିପରି ଦଶବାର ଜଣ ମାତ୍ର ସିଂହବୀର୍ଯ୍ୟସମ୍ପନ୍ନ ବ୍ୟକ୍ତି ଜନ୍ମଗ୍ରହଣ କରନ୍ତି—ଯେଉଁମାନେ ନିଜର ସମୁଦାୟ ମାୟାବନ୍ଧନ ଛିନ୍ନ କରିଛନ୍ତି, ଯେଉଁମାନେ ଅସୀମର ସ୍ପର୍ଶ ଲାଭ କରିଛନ୍ତି, ଯାହାଙ୍କର ସମଗ୍ର ଚିତ୍ତ ବ୍ରହ୍ମାନୁଧ୍ୟାନରେ ନିମଗ୍ନ, ଯେଉଁମାନେ ଅର୍ଥ ଯଶଃ ଓ କ୍ଷମତାର ସ୍ପୃହାମାତ୍ରଶୂନ୍ୟ —ତେବେ ଏହି କେତେଜଣ ବ୍ୟକ୍ତି ହିଁ ସମଗ୍ର ପୃଥିବୀକୁ ଓଲଟ ପାଲଟ କରି ଦେଇପାରିବେ ।

ଏହା ହିଁ ନିଗୂଢ଼ ରହସ୍ୟ । ଯୋଗପ୍ରବର୍ତ୍ତକ ପତଞ୍ଜଳି କହିଛନ୍ତି, 'ମନୁଷ୍ୟ ଯେତେବେଳେ ସମୁଦାୟ ଅଲୌକିକ ଯୋଗବିଭୂତିର ଲୋଭ ତ୍ୟାଗ କରିବାକୁ ସକ୍ଷମ ହୁଏ, ସେତେବେଳେ ହିଁ ସେ ଧର୍ମମେଘ ନାମକ ସମାଧି ଲାଭ କରେ ।'* ସେହି ଅବସ୍ଥାରେ ହିଁ ତାଙ୍କର ଭଗବଦ୍-ଦର୍ଶନ ଲାଭ ହୁଏ, ସେ ଭଗବତ୍‌ସ୍ୱରୂପରେ ସ୍ଥିତ ହୁଅନ୍ତି, ଏବଂ ତଦ୍ରୂପ ହେବା ପାଇଁ ଅପରକୁ ସାହାଯ୍ୟ କରନ୍ତି । କେବଳ ଏହି ବାଣୀ ଦିଗେ ଦିଗେ ପ୍ରଚାର କରିବାକୁ ଚାହୁଁଛି । ଜଗତରେ ବହୁ ମତବାଦ ପ୍ରଚାରିତ ହୋଇଛି, ଲକ୍ଷ ଲକ୍ଷ ପୁସ୍ତକ ମଧ୍ୟ ଲିଖିତ ହୋଇଛି; କିନ୍ତୁ ହାୟ, ସାମାନ୍ୟମାତ୍ର ଯଦି କେହି କାର୍ଯ୍ୟରେ ଅନୁଷ୍ଠାନ କରନ୍ତା !

ସମାଜ ଓ ସଂଘର କଥା କହିବାକୁ ଗଲେ ଏତିକି କୁହାଯାଇପାରେ ଯେ, ସେସବୁ ସ୍ୱତଃ ଗଢ଼ିଉଠିବ । ଯେଉଁଠାରେ ହିଂସାର କୌଣସି କାରଣ ନାହିଁ, ସେଠାରେ ହିଂସା ରହିବ କିପରି ? ଆମର ଅନିଷ୍ଟ ସାଧନ କରିବାକୁ ଚାହୁଁଥିବା ବହୁତ ଲୋକ ମିଳିବେ । କିନ୍ତୁ ସେଥିରୁ କ'ଣ ପ୍ରମାଣିତ ହେବ ନାହିଁ ଯେ ସତ୍ୟ ଆମ ପକ୍ଷରେ ? ମୁଁ ନିଜ ଜୀବନରେ ଯେତିକି ବାଧାର ସମ୍ମୁଖୀନ ହୋଇଛି, ସେତିକି ମୋର ଶକ୍ତିର ସ୍ଫୁରଣ ଘଟିଛି । ଖଣ୍ଡିଏ ରୁଟି ପାଇଁ ମୁଁ ଦ୍ୱାର ଦ୍ୱାରରୁ ବିତାଡ଼ିତ ହୋଇଛି, ଏବଂ ଅନ୍ୟ ପକ୍ଷରେ ରାଜା ମହାରାଜାଗଣଙ୍କ ଦ୍ୱାରା ମଧ୍ୟ ମୁଁ ବହୁଭାବରେ ପୂଜିତ ଓ ବହୁବାର ନିମନ୍ତ୍ରିତ ହୋଇଛି । ବିଷୟୀ ଲୋକ ଓ ପୁରୋହିତକୁଳ ସମଭାବରେ ମୋ ଉପରେ ନିନ୍ଦା ବର୍ଷଣ କରିଛନ୍ତି । କିନ୍ତୁ ସେଥିରେ ମୋର କଅଣ ଯାଏ ଆସେ ? ଭଗବାନ ସେମାନଙ୍କର କଲ୍ୟାଣ କରନ୍ତୁ, ସେମାନେ ମଧ୍ୟ ମୋ ଆତ୍ମା ନିକଟରେ ସମ୍ପୂର୍ଣ୍ଣ ଅଭିନ୍ନ । ବସ୍ତୁତଃ ଏମାନେ ସମସ୍ତେ ମୋତେ ସ୍ପ୍ରିଙ୍ଗ୍ ବୋର୍ଡ** ପରି ସାହାଯ୍ୟ କରିଛନ୍ତି—ଏମାନଙ୍କର ପ୍ରତିଘାତରେ ମୋର ଶକ୍ତି ଉଚ୍ଚରୁ ଉଚ୍ଚତର ସ୍ତରକୁ ବିକାଶ ଲାଭ କରିଛି ।

ବାକ୍‌ସର୍ବସ୍ୱ ଧର୍ମପ୍ରଚାରକଙ୍କୁ ଦେଖିଲେ ମୋର ଆଶଙ୍କାର ଯେ କୌଣସି କାରଣ ନାହିଁ, ତାହା ମୁଁ ବେଶ୍ ଉତ୍ତମ ରୂପେ ଉପଲବ୍ଧି କରିଛି । ସତ୍ୟଦ୍ରଷ୍ଟା ମହାପୁରୁଷଗଣ କଦାପି କାହାର ଶତ୍ରୁତା କରି ପାରନ୍ତି ନାହିଁ । 'ବଚନବାଗୀଶ'ମାନେ ବକ୍ତୃତା ଦେଉ-ଥାଆନ୍ତୁ । ତାହା ଅପେକ୍ଷା ଆଉ ଭଲ କିଛି ସେମାନେ ଜାଣନ୍ତି ନାହିଁ । ନାମ, ଯଶ ଓ କାମିନୀ-

---

* ପ୍ରସଂଖ୍ୟାନେଽପ୍ୟକୁସୀଦସ୍ୟ ସର୍ବଥା ବିବେକଖ୍ୟାତେ ଧର୍ମମେଘଃ ସମାଧିଃ ।

** ସ୍ପ୍ରିଙ୍ଗପରି ସ୍ଥିତିସ୍ଥାପକ କାଷ୍ଠ-ବିଶେଷ; ଯାହା ଡେଇଁପଡ଼ି ଲମ୍ଫ-ପ୍ରଦାନକାରୀଙ୍କୁ ଲମ୍ଫପ୍ରଦାନ କାଳରେ ଅଧିକତର ଶକ୍ତି ପ୍ରଦାନ କରେ ।

କାଞ୍ଚନ ନେଇ ସେମାନେ ବଦ୍ଧୋର ହୋଇ ମାତିଥାଆନ୍ତୁ ! ଆଉ ଆମେ ସବୁ ଯେପରି ଧର୍ମୋପଲବ୍ଧି, ବ୍ରହ୍ମଲାଭ ଓ ବ୍ରହ୍ମ ହେବା ପାଇଁ ଦୃଢ଼ବ୍ରତ ହେଉଁ । ଆମେ ଯେପରି ମୃତ୍ୟୁ ପର୍ଯ୍ୟନ୍ତ ଏବଂ ଜୀବନ ପରେ ଜୀବନ ସତ୍ୟକୁ ହିଁ ଜାବୁଡ଼ି ଧରି ରହୁ ! ଅନ୍ୟମାନଙ୍କର କଥାରେ ଆମେ ଯେପରି ଆଦୌ କର୍ଣ୍ଣପାତ ନ କରୁ । ସମଗ୍ର ଜୀବନର ସାଧନା ଫଳରେ ଯଦି ଆମ ମଧ୍ୟରୁ ଜଣେ ମଧ୍ୟ ଜଗତର କଠିନ ବନ୍ଧନ-ପାଶ ଛିନ୍ନ କରି ମୁକ୍ତ ହୋଇପାରେ, ତା'ହେଲେ ହିଁ ଆମମାନଙ୍କର ବ୍ରତ ଉଦ୍‌ଯାପିତ ହେଲା । ହରି ଓଁ ।

ଆଉ ଗୋଟିଏ କଥା । ଭାରତକୁ ମୁଁ ପ୍ରକୃତରେ ଭଲ ପାଏ; କିନ୍ତୁ ପ୍ରତିଦିନ ମୋ ଦୃଷ୍ଟି ଖୋଲିଯାଉଛି । ଆମମାନଙ୍କ ଦୃଷ୍ଟିରେ ଭାରତବର୍ଷ, ଇଂଲଣ୍ଡ କିମ୍ବା ଆମେରିକା— ଇତ୍ୟାଦି ପୁଣି କ'ଣ ? ଭ୍ରାନ୍ତିବଶତଃ ଯେଉଁମାନଙ୍କୁ ଲୋକେ 'ମନୁଷ୍ୟ' ବୋଲି ଅଭିହିତ କରି-ଥାଆନ୍ତି, ଆମେ ସେହି 'ନାରାୟଣଙ୍କର' ହିଁ ସେବକ । ଯେଉଁ ବ୍ୟକ୍ତି ବୃକ୍ଷମୂଳରେ ଜଳସେଚନ କରେ, ସେ କ'ଣ ପ୍ରକାରାନ୍ତରେ ସମଗ୍ର ବୃକ୍ଷଟିରେ ଜଳସେଚନ କରେ ନାହିଁ କି ?

କି ସାମାଜିକ, କି ରାଜନୈତିକ, କି ଆଧ୍ୟାତ୍ମିକ—ସକଳ କ୍ଷେତ୍ରରେ ଯଥାର୍ଥ କଲ୍ୟାଣର ଗୋଟିଏ ମାତ୍ର ଭିତ୍ତି, ତା' ହେଲା—ଏତିକି ମାତ୍ର ଜାଣିବା ଯେ 'ମୁଁ ଓ ମୋର ଭାଇ ଏକ ।' ସବୁ ଦେଶ, ସବୁ ଜାତି ପକ୍ଷରେ ହିଁ ଏହା ସମଭାବରେ ସତ୍ୟ । ମୁଁ କହିବାକୁ ଚାହେଁ ଯେ, ପ୍ରାଚ୍ୟ ଅପେକ୍ଷା ପାଶ୍ଚାତ୍ୟ ହିଁ ଏହି ତତ୍ତ୍ୱକୁ ଶୀଘ୍ର ଧାରଣା କରିପାରିବ । କାରଣ ଏ ଚିନ୍ତା-ସୂତ୍ରଟିର ପ୍ରଣୟନରେ ଏବଂ ମୁଷ୍ଟିମେୟ କେତେଜଣ ଅନୁଭୂତିସମ୍ପନ୍ନ ବ୍ୟକ୍ତିଙ୍କୁ ଉତ୍ପନ୍ନ କରିବାରେ ପ୍ରାଚ୍ୟର ସମୁଦାୟ କ୍ଷମତା ପ୍ରାୟ ନିଃଶେଷିତ ।

ଆମେ ଯେପରି ନାମ, ଯଶ ଓ ପ୍ରଭୁତ୍ୱର ସ୍ପୃହାକୁ ବିସର୍ଜନ ଦେଇ କର୍ମରେ ବ୍ରତୀ ହେଉ । ଆମେ ଯେପରି କାମ, କ୍ରୋଧ ଓ ଲୋଭର ବନ୍ଧନରୁ ମୁକ୍ତ ହେଉ । ତାହା ହେଲେ ଆମେମାନେ ସତ୍ୟବସ୍ତୁ ଲାଭ କରିପାରିବା ।

ଭଗବତ୍‌ପଦାଶ୍ରିତ, ଆପଣଙ୍କର ବିବେକାନନ୍ଦ

୨୨୬ଇଂ

ସହସ୍ର ଦ୍ୱୀପୋଦ୍ୟାନ, ନ୍ୟୁୟର୍କ

ଅଗଷ୍ଟ ୧୮୯୫

ପ୍ରିୟ ମିସେସ୍ ବୁଲ୍,

...ମିଃ ଷ୍ଟର୍ଡିଙ୍କ (ଯାହାଙ୍କ କଥା ସେଦିନ ମୁଁ ଆପଣଙ୍କୁ ଲେଖିଥିଲି) ନିକଟରୁ ଆଉ ଏକ ପତ୍ର ପାଇଲି । ତାହା ଆପଣଙ୍କ ନିକଟକୁ ପଠାଇ ଦେଉଛି । ଦେଖନ୍ତୁ, ସବୁ କିପରି ପୂର୍ବରୁ ହିଁ ପ୍ରସ୍ତୁତ ହୋଇ ଆସୁଛି ! ଏ ପତ୍ର ଓ ମିଃ ଲେଗେଟ୍‌ଙ୍କ ନିମନ୍ତ୍ରଣ-ପତ୍ର ଏକା ସାଙ୍ଗରେ ଦେଖିଲେ, ଏହା କ'ଣ ଦୈବ ଆହ୍ୱାନ ବୋଲି ଆପଣଙ୍କର ମନେ ହୁଏ ନାହିଁ ? ମୁଁ ଏ ପ୍ରକାର ମନେ କରେ । ସୁତରାଂ ସେହି ଆହ୍ୱାନର ଅନୁସରଣ କରୁଛି । ଅଗଷ୍ଟ ଶେଷ ଆଡ଼କୁ ମୁଁ ମିଃ ଲେଗେଟ୍‌ଙ୍କ ସହିତ ପ୍ୟାରିସ୍ ଯିବି ଓ ସେଠାରୁ ଲଣ୍ଡନ୍ ।... ହେଲ୍‌ପରିବାରଙ୍କ ସହିତ ଦେଖା କରିବା ପାଇଁ ମୋତେ ଚିକାଗୋ ଯିବାକୁ ପଡ଼ିବ । ସୁତରାଂ ଗ୍ରୀନ୍‌ଏକର୍ ସମ୍ମିଳନୀରେ ଯୋଗ ଦେଇପାରିଲି ନାହିଁ ।

ମୋର ଓ ମୋ ଗୁରୁଭାଇମାନଙ୍କର କାର୍ଯ୍ୟ ପାଇଁ ଆପଣ ଯେତକ ସାହାଯ୍ୟ କରିପାରିବେ, କେବଳ ସେତକ ସାହାଯ୍ୟ ବର୍ତ୍ତମାନ ମୁଁ ଚାହୁଁଛି । ମୁଁ ମୋର ସ୍ୱଦେଶବାସୀଙ୍କ ପ୍ରତି କର୍ତ୍ତବ୍ୟ କେତେକାଂଶରେ ସାଧନ କରିଛି । ବର୍ତ୍ତମାନ ଜଗତ ପାଇଁ—ଯାହାଠାରୁ ମୁଁ ଏ ଦେହ ପ୍ରାପ୍ତ ହୋଇଛି, ଦେଶ ପାଇଁ—ଯେଉଁ ଦେଶ ମୋତେ ଭାବ ଦେଇଛି, ମନୁଷ୍ୟଜାତି ପାଇଁ—ଯାହା ମଧ୍ୟରେ ମୁଁ ନିଜକୁ ଜଣେ ବୋଲି କହିପାରେ—କିଛି କରିବି । ବୟସ ଯେତେ ବଢ଼ୁଛି, ସେତେ 'ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ' ହିନ୍ଦୁମାନଙ୍କର ଏହି ମତବାଦର ତାତ୍ପର୍ଯ୍ୟ ବୁଝିପାରୁଛି । ମୁସଲମାନମାନେ ମଧ୍ୟ ସେହି କଥା କହିଥାଆନ୍ତି । ଆଦମଙ୍କୁ ପ୍ରଣାମ କରିବା ପାଇଁ ଆଲ୍ଲା ଦେବଦୂତମାନଙ୍କୁ (Angels) କହିଥିଲେ । ଇବ୍‌ଲିସ୍ କଲା ନାହିଁ, ତେଣୁ ସେ ସଇତାନ (Satan) ହେଲା । ଏ ପୃଥିବୀ ଯାବତୀୟ ସ୍ୱର୍ଗ ଅପେକ୍ଷା ଉଚ୍ଚ—ଏହା ହିଁ ଜଗତର ସର୍ବଶ୍ରେଷ୍ଠ ବିଦ୍ୟାଳୟ । ଆଉ ମଙ୍ଗଳ ଓ ବୃହସ୍ପତି ଗ୍ରହର ଲୋକେ ଆମଠାରୁ ନିଶ୍ଚୟ ନିମ୍ନଶ୍ରେଣୀର—କାରଣ, ସେମାନେ ଆମମାନଙ୍କ ସହିତ ସମ୍ବାଦ ଆଦାନ ପ୍ରଦାନ କରିପାରନ୍ତି ନାହିଁ । ତଥାକଥିତ ଉଚ୍ଚ ପ୍ରାଣୀଗଣ ପରଲୋକଗତ ଅପର ଏକ ଦେହଧାରୀ ବ୍ୟକ୍ତି ବ୍ୟତୀତ ଅଉ କିଛି ନୁହନ୍ତି; ସେହି ଶରୀର ସୂକ୍ଷ୍ମ ହେଲେ ସୁଦ୍ଧା, ବସ୍ତୁତଃ ତାହା ହସ୍ତପଦାଦିବିଶିଷ୍ଟ ମନୁଷ୍ୟ-ଦେହ । ସେମାନେ ଏହି ପୃଥିବୀରେ ଅନ୍ୟ କେଉଁ ଲୋକରେ ବାସ କରନ୍ତି ଏବଂ ପୂରାପୂରି ଅଦୃଶ୍ୟ ନୁହନ୍ତି । ସେମାନେ ମଧ୍ୟ ଚିନ୍ତା କରନ୍ତି ଏବଂ ଆମମାନଙ୍କ ପରି ସେମାନଙ୍କର ମଧ୍ୟ ଜ୍ଞାନ ଓ ଅନ୍ୟାନ୍ୟ ସବୁ କିଛି ରହିଛି—ସୁତରାଂ ସେମାନେ ମଧ୍ୟ ମନୁଷ୍ୟ । ଦେବଗଣ, ଏଞ୍ଜେଲ୍‌ଗଣ ମଧ୍ୟ ତାହା ! କିନ୍ତୁ କେବଳ ମନୁଷ୍ୟ ହିଁ ଈଶ୍ୱର ହୁଏ ଏବଂ ଅନ୍ୟ ସମସ୍ତେ ପୁନରାୟ ମାନବଜନ୍ମ ଗ୍ରହଣ କରି, ତା'ପରେ ଈଶ୍ୱରତ୍ୱ ଲାଭ କରିପାରନ୍ତି । ମ୍ୟାକ୍‌ସମୁଲାରଙ୍କ ଶେଷ ପ୍ରବନ୍ଧଟି ଆପଣଙ୍କୁ କପରି ଲାଗିଲା ? ଇତି

ବିବେକାନନ୍ଦ

୨୧୮ଇଂ

ଆମେରିକା, ଅଗଷ୍ଟ ୧୮୯୫

ପ୍ରିୟ ଆଲାସିଙ୍ଗା,

ଏ ପତ୍ର ଖଣ୍ଡିକ ତୁମ ପାଖରେ ପହଞ୍ଚିବା ପୂର୍ବରୁ ମୁଁ ପ୍ୟାରିସ୍‌ରେ ଉପସ୍ଥିତ ହେବି । ସୁତରାଂ କଲିକତା ଓ ଖେତଡ଼ିକୁ ଲେଖିଦିଅ ଯେ, ବର୍ତ୍ତମାନ ଯେପରି ସେଠାରୁ ଆମେରିକା ଠିକଣାରେ ପତ୍ର ନ ପଠାନ୍ତି । ତେବେ ଆଗାମୀ ଶୀତ ଋତୁରେ ପୁଣି ନ୍ୟୁୟର୍କ ଫେରୁଛି । ସୁତରାଂ ଯଦି ବିଶେଷ କିଛି ପ୍ରୟୋଜନୀୟ ସମ୍ବାଦ ଥାଏ, ତା'ହେଲେ ନ୍ୟୁୟର୍କକୁ ୧୯ ନଂ ପଶ୍ଚିମ, ୩୮ ସଂଖ୍ୟକ ରାସ୍ତା ଠିକଣାରେ ପଠାଇବ । ଏ ବର୍ଷ ମୁଁ ବହୁତ କାମ କରିଛି, ଆସନ୍ତା ବର୍ଷ ଆହୁରି ଅନେକ କିଛି କରିବା ଆଶା ରଖିଛି । ମିଶନାରୀମାନଙ୍କ ବିଷୟ ନେଇ ମୁଣ୍ଡ ଖେଳାଅ ନାହିଁ । ସେମାନେ ଚିତ୍କାର କରିବେ, ଏହା ସମ୍ପୂର୍ଣ୍ଣ ସ୍ୱାଭାବିକ । ଦାନାପାଣିରେ ଧୂଳି ଦେଲେ କିଏ ପାଟି ନ କରିବ ? ଗତ ଦୁଇବର୍ଷ ଧରି ମିଶନାରୀ ଫଣ୍ଡ୍‌ରେ ଖୁବ୍ ନିଅଣ୍ଟ ପଡ଼ିଛି ଏବଂ ତାହା ବଢ଼ି ଚାଲିଛି । ଯାହାହେଉ, ମୁଁ ମିଶନାରୀମାନଙ୍କର ସମ୍ପୂର୍ଣ୍ଣ ସାଫଲ୍ୟ କାମନା କରେ । ଯେତେଦିନ ପର୍ଯ୍ୟନ୍ତ ଈଶ୍ୱର ଓ ଗୁରୁଙ୍କ ଉପରେ ତୁମମାନଙ୍କର ଅନୁରାଗ

ଥିବ, ଏବଂ ସତ୍ୟ ଉପରେ ବିଶ୍ୱାସ ରହିବ, ସେତେଦିନ ପର୍ଯ୍ୟନ୍ତ ହେ ବତ୍ସ ! କୌଣସିମତେ କେହି ତୁମର କିଛି କ୍ଷତି କରିପାରିବ ନାହିଁ । କିନ୍ତୁ ସେଥିରୁ ଗୋଟିଏ କିଛି ନଷ୍ଟ ହୋଇଗଲେ, ତାହା ଅତ୍ୟନ୍ତ ବିପଜ୍ଜନକ । ତୁମେ ଠିକ୍ କହୁଛ ଯେ, ମୋ ଭାବଗୁଡ଼ିକ ଭାରତ ଅପେକ୍ଷା ପାଶ୍ଚାତ୍ୟ ଦେଶରେ ହିଁ ଅଧିକ କାର୍ଯ୍ୟକାରୀ ହୋଇ ଚାଲିଛି । ଆଉ ପ୍ରକୃତ ପକ୍ଷରେ ଭାରତ ମୋ ପାଇଁ ଯାହା କରିଛି, ମୁଁ ଭାରତ ପାଇଁ ତାହାଠାରୁ ବେଶୀ କରିଛି । ଖଣ୍ଡିଏ ରୁଟି ଓ ତା' ସହିତ ଝୁଡ଼ିଏ ହେବ ଗାଳିଗୁଲଜ—ମୁଁ ସେଠାରେ ଏତିକି ପାଇଛି । ମୁଁ ସତ୍ୟରେ ବିଶ୍ୱାସୀ; ମୁଁ ଯେଉଁ ସ୍ଥାନକୁ ଯାଏ ନା କାହିଁକି, ପ୍ରଭୁ ମୋ ପାଇଁ ଦଳେ ଦଳେ କର୍ମୀ ପ୍ରେରଣ କରନ୍ତି ଏବଂ ସେମାନେ ଭାରତୀୟ ଶିଷ୍ୟମାନଙ୍କ ପରି ନୁହନ୍ତି, ସେମାନେ ନିଜ ଗୁରୁଙ୍କ ପାଇଁ ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ । ସତ୍ୟ ହିଁ ମୋର ଈଶ୍ୱର—ସମଗ୍ର ଜଗତ୍ ମୋର ଦେଶ । ମୁଁ 'କର୍ତ୍ତବ୍ୟ'ରେ ବିଶ୍ୱାସୀ ନୁହେଁ; 'କର୍ତ୍ତବ୍ୟ' ହେଉଛି ସଂସାରୀ ପକ୍ଷରେ ଅଭିଶାପ, ତାହା ସନ୍ନ୍ୟାସୀଙ୍କ ପାଇଁ ନୁହେଁ । 'କର୍ତ୍ତବ୍ୟ' ତ ଗୋଟାଏ ବାଜେ କଥା ମାତ୍ର । ମୁଁ ମୁକ୍ତ, ମୋର ବନ୍ଧନ ଛିନ୍ନ ହୋଇଯାଇଛି—ଏ ଶରୀର କୁଆଡ଼େ ଯାଏ ବା ନ ଯାଏ, ମୁଁ କ'ଣ ତାହା ଗ୍ରାହ୍ୟ କରେ ? ତୁମେ ସବୁ ମୋତେ ବରାବର ଯଥାର୍ଥ ସାହାଯ୍ୟ କରିଆସିଛ—ପ୍ରଭୁ ତୁମମାନଙ୍କୁ ସେଥିର ପୁରସ୍କାର ଦେବେ । ମୁଁ ଭାରତ ବା ଆମେରିକାରୁ ପ୍ରଶଂସା କେତେବେଳେ ହେଲେ ଚାହିଁ ନାହିଁ ଏବଂ ଏବେ ମଧ୍ୟ ସେ ପ୍ରକାର ଫାଙ୍କା ଜିନିଷ ମୁଁ ଖୋଜୁନାହିଁ । ମୁଁ ଭଗବାନଙ୍କ ସନ୍ତାନ, ମୋର ଏକ ସତ୍ୟ ଶିକ୍ଷା ଦେବାର ରହିଛି ଏବଂ ଯେ ମୋତେ ସେ ସତ୍ୟ ଦେଇଛନ୍ତି, ସେ ହିଁ ମୋ ନିକଟକୁ ପୃଥିବୀର ସର୍ବଶ୍ରେଷ୍ଠ ଓ ସବୁଠୁ ସାହସୀ ବ୍ୟକ୍ତିମାନଙ୍କ ମଧ୍ୟରୁ ସହକର୍ମୀ ପଠାଇବେ । ତୁମେ ହିନ୍ଦୁମାନେ କେତୋଟି ବର୍ଷ ମଧ୍ୟରେ ଦେଖିବ, ପ୍ରଭୁ ପାଶ୍ଚାତ୍ୟ ଦେଶରେ କି କାଣ୍ଡ କରିବେ ! ତୁମେ ସବୁ ସେହି ପ୍ରାଚୀନ କାଳର ଇହୁଦୀ ଜାତିଙ୍କ ପରି ଜାବପାତ୍ରଶାୟୀ କୁକୁରଙ୍କ ପରି, ନିଜେ ଖାଇବ ନାହିଁ ବା ଅପରକୁ ଖୁଆଇ ଦେବ ନାହିଁ ! ତୁମମାନଙ୍କର ଧର୍ମଭାବ ଆଦୌ ନାହିଁ—ତୁମର ଈଶ୍ୱର ହେଉଛନ୍ତି ରୋଷେଇ ଘର, ତୁମ ଶାସ୍ତ୍ର ହେଉଛି ଭାତହାଣ୍ଡି । ଆଉ ତୁମମାନଙ୍କ ଶକ୍ତିର ପରିଚୟ—ଦଳ ଦଳ କରି ତୁମ ନିଜମାନଙ୍କ ପରି ଘୃଣି ଘୃଣି ସନ୍ତାନ-ଉତ୍ପାଦନରେ ।

ତୁମେ କେତୋଟି ପିଲା ଖୁବ୍ ସାହସୀ, କିନ୍ତୁ ବେଳେ ବେଳେ ମୋର ମନେ ହୁଏ, ତୁମେମାନେ ମଧ୍ୟ ବିଶ୍ୱାସ ହରାଇ ବସୁଛ । ବତ୍ସଗଣ, କାମୁଡ଼ି ପଡ଼ିଥାଅ, ମୋ ସନ୍ତାନଗଣଙ୍କ ମଧ୍ୟରେ କେହି ଯେପରି କାପୁରୁଷ ନ ରହନ୍ତି । ତୁମମାନଙ୍କ ମଧ୍ୟରେ ସର୍ବାପେକ୍ଷା ଯେ ସାହସୀ, ସର୍ବଦା ତାହା ସାଙ୍ଗରେ ରହିବ । ବଡ଼ ବଡ଼ କାର୍ଯ୍ୟ କେବେ କି ସହଜରେ, ବିନା ବାଧାରେ ହୋଇଥାଏ ? ସମୟ, ଧୈର୍ଯ୍ୟ ଓ ଅଦମ୍ୟ ଇଚ୍ଛାଶକ୍ତି ଥିଲେ ଯାଇ କାର୍ଯ୍ୟ ସାଧିତ ହୁଏ । ବର୍ତ୍ତମାନ ମୁଁ ତୁମମାନଙ୍କୁ ଏପରି ବହୁ କଥା କହିପାରନ୍ତି, ଯେଉଁଥିରେ ତୁମ ହୃଦୟ ଆନନ୍ଦରେ ନାଚି ଉଠନ୍ତା, କିନ୍ତୁ ତାହା ମୁଁ କହିବ ନାହିଁ । ମୁଁ ଲୌହବତ୍ ଦୃଢ଼ ଇଚ୍ଛାଶକ୍ତି ଓ ହୃଦୟ ଚାହେଁ, ଯାହା କୌଣସି କଥାରେ କମ୍ପିତ ହୁଏ ନାହିଁ । ଦୃଢ଼ ଭାବରେ ଲାଗିରହ । ପ୍ରଭୁ ତୁମମାନଙ୍କୁ ଆଶୀର୍ବାଦ କରନ୍ତୁ ।

ସଦା ଆଶୀର୍ବାଦକ, ବିବେକାନନ୍ଦ

୨୧୯ଇଂ (ମିଷ୍ଟର୍ ଷ୍ଟର୍ଡିଙ୍କୁ ଲିଖିତ) ଓଁ ତତ୍ସତ୍

Hotel Continental, 3 Rue Castiglione, Paris

୨୭ ଅଗଷ୍ଟ ୧୮୯୫

ପ୍ରିୟ ବନ୍ଧୁ,

ଦୁଇଦିନ ପୂର୍ବେ ଏଠାରେ ଆସି ପହଞ୍ଚିଛି । ଜଣେ ଆମେରିକାନ୍ ବନ୍ଧୁଙ୍କର ଅତିଥି ହୋଇ ଏଠାକୁ ଆସିଛି । ଆସନ୍ତା ସପ୍ତାହରେ ଏଠାରେ ତାଙ୍କର ବିବାହ ହେବ ।

ସେ ସମୟ ପର୍ଯ୍ୟନ୍ତ ମୋତେ ତାଙ୍କ ସହ ଏଠାରେ ରହିବାକୁ ହେବ । ତା'ପରେ ଲଣ୍ଡନ ଯିବା ପାଇଁ ଆଉ କୌଣସି ବାଧା ରହିବ ନାହିଁ ।

ଆପଣଙ୍କ ସହିତ ସାକ୍ଷାତ୍‌ରେ ଯେଉଁ ଆନନ୍ଦ ମିଳିବ ସେଥିଲାଗି ବ୍ୟାକୁଳ ଭାବରେ ଅପେକ୍ଷା କରୁଛି ।

ଆପଣଙ୍କର, ସଦାସତ୍ସ୍ୱରୂପ ବିବେକାନନ୍ଦ

୨୨୦ଇଂ (ମିଃ ଇ. ଟି. ଷ୍ଟର୍ଡିଙ୍କୁ ଲିଖିତ)

C/o Miss Macleod, Hotel Hollande, Paris

୫ ସେପ୍ଟେମ୍ବର ୧୮୯୫

ସୁହୃଦ୍‌ବର,

ଆପଣଙ୍କ ଅନୁଗ୍ରହ ପାଇଁ କୃତଜ୍ଞତା ପ୍ରକାଶ ଅନାବଶ୍ୟକ । କାରଣ ଭାଷାରେ ତାହା ବ୍ୟକ୍ତ ହେବାର ନୁହେଁ ।

ମିସ୍ ମୁଲରଙ୍କ ଏକ ପ୍ରୀତିପୂର୍ଣ୍ଣ ନିମନ୍ତ୍ରଣ ଉପସ୍ଥିତ । ତାଙ୍କ ବାସସ୍ଥାନ ମଧ୍ୟ ଆପଣଙ୍କ ଘର ନିକଟରେ । ସୁତରାଂ ପ୍ରଥମେ ଦିନେ ଦୁଇଦିନ ପାଇଁ ତାଙ୍କ ଘରେ ରହି, ତା'ପରେ ଆପଣଙ୍କ ଘରକୁ ଗଲେ ଭଲ ହେବ ମନେ କରୁଛି ।

ମୋର ଦେହ କେତେଦିନ ଧରି ବିଶେଷ ଅସୁସ୍ଥ ଥିବାରୁ ପତ୍ର ଦେବାରେ ବିଳମ୍ବ ହେଲା । ଅଚିରେ ମନେ ପ୍ରାଣେ ଆପଣଙ୍କ ସହିତ ମିଳିତ ହେବାର ସୁଯୋଗ ଅପେକ୍ଷାରେ ଅଛି ।

ପ୍ରେମ ଓ ଈଶ୍ୱର-ପ୍ରୀତି-ସୂତ୍ରରେ ଆପଣଙ୍କ ସହିତ ଚିର ଆବଦ୍ଧ ।

ବିବେକାନନ୍ଦ

୨୨୧ଇଂ

ପ୍ୟାରିସ୍, ୯ ସେପ୍ଟେମ୍ବର ୧୮୯୫

ପ୍ରିୟ ଆଲାସିଙ୍ଗା,

ତୁମର ଓ କି. କି. ଙ୍କ ପତ୍ର ଆମେରିକା ଘୁରି ଏହିମାତ୍ର ମୋ ପାଖରେ ପହଞ୍ଚିଲା ।

ତୁମେସବୁ ଯେ ମିଶନାରୀମାନଙ୍କ ବାଜେ କଥାଗୁଡ଼ାକ ଉପରେ ଏତେ ଗୁରୁତ୍ୱ ଆରୋପ କରୁଛ, ସେଥିରେ ମୁଁ ଆଶ୍ଚର୍ଯ୍ୟ ହେଉଛି; ଅବଶ୍ୟ ମୁଁ ସବୁ କିଛି ଆହାର କରେ । ଯଦି କଲିକତାର ଲୋକେ ଚାହାଁନ୍ତି ଯେ ମୁଁ ହିନ୍ଦୁ ଖାଦ୍ୟ ଛଡ଼ା ଆଉ କିଛି ନ ଖାଇବି, ତେବେ

ସେମାନଙ୍କୁ କୁହ ଯେ, ସେମାନେ ଯେପରି ମୋ ପାଖକୁ ଜଣେ ରାନ୍ଧୁଣିଆ ଓ ତାକୁ ପୋଷିବା ଲାଗି ଉପଯୁକ୍ତ ଖର୍ଚ୍ଚ ପଠାଇଦେବେ । କଡ଼ାକର ସାହାଯ୍ୟ କରିବା ପାଇଁ ସାମର୍ଥ୍ୟ ନାହିଁ ଅଥଚ ଏଣେ ଉପରେ ପଡ଼ି ଉପଦେଶ ଝାଡ଼ୁଛନ୍ତି—ଏଥିରେ ମୋତେ ହସ ଲାଗେ ।

ଅନ୍ୟ ଦିଗରେ ଯଦି ମିଶନାରୀମାନେ କୁହନ୍ତି ଯେ, ମୁଁ ସନ୍ନ୍ୟାସୀର କାମିନୀକାଞ୍ଚନ ତ୍ୟାଗରୂପକ ପ୍ରଧାନ ଦୁଇ ବ୍ରତ କେବେ ଭଙ୍ଗ କରିଛି, ତେବେ ସେମାନଙ୍କୁ କୁହ ଯେ, ସେମାନେ ନିପଟ ମିଥ୍ୟାବାଦୀ । ମିଶନାରୀ ହିଉମ୍‌ଙ୍କୁ ସ୍ପଷ୍ଟ ଲେଖି ପଚାରିବ, ସେ ଯେପରି ତୁମ ନିକଟକୁ ଲେଖନ୍ତି ଯେ, ସେ ମୋର କି କି ଅସଦାଚରଣ ଦେଖିଥିଲେ; ଅଥବା ଯେଉଁମାନଙ୍କ ନିକଟରୁ ଶୁଣିଛନ୍ତି ତାଙ୍କ ନାମ ଯେପରି ତୁମକୁ ଦିଅନ୍ତି । ତାଙ୍କଠାରୁ ଜାଣିବାକୁ ଚାହିଁବ ଯେ, ସେ ସ୍ୱଚକ୍ଷୁରେ ସେସବୁ ଦେଖିଥିଲେ କି ନାହିଁ । ଏପରି କଲେ ହିଁ ପ୍ରଶ୍ନର ସମାଧାନ ହୋଇଯିବ, ଏବଂ ସେମାନଙ୍କ ଦୁଷ୍ଟାମି ଧରା ପଡ଼ିଯିବ । ଡାକ୍ତର ଜେନ୍‌ସ ସେହି ମିଥ୍ୟାବାଦୀମାନଙ୍କୁ ଏହିପରି ଭାବରେ ଧରାଇ ଦେଇଥିଲେ ।

ମୋ ବିଷୟରେ ଏତିକି ଜାଣିରଖ ଯେ, ମୁଁ କାହାର କଥା ଅନୁଯାୟୀ ଚାଲିବି ନାହିଁ । ମୋ ଜୀବନର ବ୍ରତ କଅଣ, ତାହା ମୁଁ ଜାଣେ ଏବଂ କୌଣସି ଜାତିବିଶେଷ ପ୍ରତି ମୋର ତୀବ୍ର ବିଦ୍ୱେଷ ନାହିଁ । ମୁଁ ଯେପରି ଭାରତର, ସେପରି ମୁଁ ସମଗ୍ର ଜଗତର । ଏ ବିଷୟ ନେଇ ବାଜେ ଏଣୁ ତେଣୁ ବକିଲେ ଚଳିବ ନାହିଁ; ମୁଁ ଯେତେଦୂର ପାରୁଛି ତୁମମାନଙ୍କୁ ସାହାଯ୍ୟ କରୁଛି—ତୁମେମାନେ ଏବେ ନିଜକୁ ସମ୍ଭାଳ । ମୋ ଉପରେ କେଉଁ ଦେଶର ବିଶେଷ ଦାବୀ ଅଛି ? ମୁଁ କୌଣସି ଜାତିବିଶେଷର କ୍ରୀତଦାସ ନା କଅଣ ? ଅବିଶ୍ୱାସୀ, ନାସ୍ତିକଗଣ, ତୁମେ ସବୁ ଆଉ ନିର୍ବୋଧ ପରି ବାଜେ ବକାବକି କର ନାହିଁ ।

ମୁଁ ଏଠାରେ କଠୋର ପରିଶ୍ରମ କରିଛି—ଆଉ ଯାହା କିଛି ଟଙ୍କା ପାଇଛି, ସବୁ କଲିକତା ଓ ମାନ୍ଦ୍ରାଜକୁ ପଠାଇଛି । ବର୍ତ୍ତମାନ ଏତେ କରିବା ପରେ ସେମାନଙ୍କ ହୁକୁମ୍ ମାନି ମୋତେ ଚାଲିବାକୁ ହେବ ! ତୁମେ କଅଣ ଲଜ୍ଜିତ ହେଉ ନାହଁ ? ମୁଁ ହିନ୍ଦୁମାନଙ୍କର କି ଧାର ଧାରିଛି ? ମୁଁ କ'ଣ ସେମାନଙ୍କ ପ୍ରଶଂସାକୁ ଏତେ ଟିକିଏ ଖାତିର୍ କରେ ନା ନିନ୍ଦାକୁ ଭୟ କରେ ? ବତ୍ସ, ମୁଁ ଅସାଧାରଣ ପ୍ରକୃତିର ଲୋକ, ତୁମେମାନେ ମଧ୍ୟ ବର୍ତ୍ତମାନ ମୋତେ ବୁଝିପାରିବ ନାହିଁ । ତୁମମାନଙ୍କ କାମ ତୁମେ କରିଯାଅ; ତା ଯଦି ନ ପାର, ଚୁପ୍ କରି ରହ । କିନ୍ତୁ ତୁମର ବଡ଼ପଣିଆ ଦେଖାଇ ମୋଦ୍ୱାରା ନିଜ ମନୋମତ କାର୍ଯ୍ୟ କରାଇବାକୁ ଚେଷ୍ଟା କର ନାହିଁ । ମୋ ପଛରେ ମୁଁ ଏପରି ଏକ ଶକ୍ତି ଦେଖିଛି, ଯାହା ମନୁଷ୍ୟ, ଦେବତା ବା ଶଇତାନର ଶକ୍ତିଠାରୁ ବହୁ ଗୁଣରେ ବଡ଼ । କାହାର ହେଲେ ସାହାଯ୍ୟ ମୋର ଦରକାର ନାହିଁ । ମୁଁ ନିଜେ ତ ସାରାଜୀବନ ଅପରକୁ ସାହାଯ୍ୟ କରି ଆସିଛି । ମୋତେ ସାହାଯ୍ୟ କରିଛି, ଏପରି ଲୋକ ତ ମୁଁ ଏପର୍ଯ୍ୟନ୍ତ ଦେଖିବାକୁ ପାଇନାହିଁ । ବଙ୍ଗାଳୀମାନେ, ସେମାନଙ୍କ ଦେଶରେ ଯେତେ ଲୋକ ଜାତ ହୋଇଛନ୍ତି, ତାଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବ୍ୟକ୍ତି ରାମକୃଷ୍ଣ ପରମହଂସଙ୍କ କାର୍ଯ୍ୟରେ ସାହାଯ୍ୟ ପାଇଁ କେତୋଟା ଟଙ୍କା ସଂଗ୍ରହ କରିପାରୁ ନାହାନ୍ତି, ଅଥଚ ଏଣେ ସେମାନେ କ୍ରମାଗତ ବାଜେ ବକୁଛନ୍ତି, ଓ ଯାହା ପାଇଁ ସେମାନେ କିଛି କରିନାହାନ୍ତି,

ବରଂ ଯେ ସେହିମାନଙ୍କ ପାଇଁ ନିଜର ଯଥାସାଧ୍ୟ କାର୍ଯ୍ୟ କରୁଛି, ତା' ଉପରେ ହୁକୁମ୍ ଚଳାଇବାକୁ ଚାହାଁନ୍ତି ! ଜଗତଟା ଏଭଳି ଅକୃତଜ୍ଞ !! ତୁମେ ସବୁ କ'ଣ କହିବାକୁ ଚାହଁ, ତୁମେମାନେ ଯାହାଙ୍କୁ ଶିକ୍ଷିତ ହିନ୍ଦୁ ବୋଲି କୁହ, ସେହି ଜାତିଭେଦ-ଜର୍ଜରେ ନିଷ୍ପେଷିତ, କୁସଂସ୍କାରଗ୍ରସ୍ତ, ଦୟାଲେଶଶୂନ୍ୟ, କପଟ, ନାସ୍ତିକ, କାପୁରୁଷମାନଙ୍କ ମଧ୍ୟରେ ଜଣେ ହୋଇ ଜୀବନଧାରଣ କରିବା ଓ ମରିବା ପାଇଁ ମୁଁ ଜନ୍ମ ଗ୍ରହଣ କରିଛି ? ମୁଁ କାପୁରୁଷତାକୁ ଘୃଣା କରେ । କାପୁରୁଷ ଓ ରାଜନୈତିକ ଅହଂମନ୍ୟଙ୍କ ସହିତ କୌଣସି ସମ୍ପର୍କ ରଖିବାକୁ ମୁଁ ଚାହେଁ ନାହିଁ । ମୁଁ କୌଣସି ପ୍ରକାର ରାଜନୀତି (Politics)ରେ ବିଶ୍ୱାସୀ ନୁହେଁ । ଈଶ୍ୱର ଓ ସତ୍ୟ ହିଁ ଜଗତରେ ଏକମାତ୍ର ରାଜନୀତି, ଆଉସବୁ ବାଜେ ।

ମୁଁ କାଲି ଲଣ୍ଡନ୍ ଯାଉଛି । ବର୍ତ୍ତମାନ ସେଠାରେ ମୋର ଠିକଣା ହେବ—ଇ. ଟି. ଷ୍ଟର୍ଡିଙ୍କ ଘର, ହାଇଭ୍ୟୁ, କେଭାର୍‌ଶ୍ୟାମ୍, ରିଡ଼ିଂ, ଇଂଲଣ୍ଡ ।

ସଦା-ଆଶୀର୍ବାଦକ, ବିବେକାନନ୍ଦ

ପୁଃ—ମୁଁ ଇଂଲଣ୍ଡ ଓ ଆମେରିକା, ଉଭୟତ୍ର କାଗଜ ପ୍ରକାଶ କରିବାକୁ ଇଚ୍ଛା କରୁଛି, ସୁତରାଂ ତୁମମାନଙ୍କ କାଗଜ ପାଇଁ ସମ୍ପୂର୍ଣ୍ଣରୂପେ ମୋ ଉପରେ ନିର୍ଭର କଲେ ଚାଲିବ ନାହିଁ । ତୁମମାନଙ୍କ ଛଡ଼ା ଆହୁରି ଅନେକ ଜିନିଷ ପ୍ରତି ମୋର ଦୃଷ୍ଟି ଦେବାର ଅଛି ।

—ବି.

୨୨୨ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

ଇ. ଟି. ଷ୍ଟର୍ଡିଙ୍କ ଘର, ହାଇଭିଉ, କେଭାର୍ଶ୍ୟାମ୍, ରିଡ଼ିଂ, ଇଂଲଣ୍ଡ, ୧୮୯୫

ପ୍ରେମାସ୍ପଦେଷୁ,

ଇତିପୂର୍ବେ ପତ୍ର ପାଇଥିବ । ବର୍ତ୍ତମାନ ଇଂଲଣ୍ଡରେ ମୋର ଯାବତୀୟ ପତ୍ରାଦି ଉପରୋକ୍ତ ଠିକଣାରେ ପଠାଇବ । ମିଃ ଷ୍ଟର୍ଡି ତାରକଦାଦାଙ୍କର ପରିଚିତ । ସେ ହିଁ ମୋତେ ଏଠାକୁ ଅଣାଇଛନ୍ତି ଏବଂ ଆମେ ଉଭୟେ ଏକତ୍ର ଇଂଲଣ୍ଡରେ ଆନ୍ଦୋଳନ କରିବା ଚେଷ୍ଟାରେ ଅଛୁ । ଏଥର ମୁଁ ନଭେମ୍ବର ମାସରେ ପୁନରାୟ ଆମେରିକା ଯାତ୍ରା କରିବି । ଅତଏବ ଏଠାରେ ଜଣେ ଉତ୍ତମ ସଂସ୍କୃତ ଓ ଇଂରେଜୀ, ବିଶେଷତଃ ଇଂରେଜୀ ଜାଣିବା ଲୋକ ଆବଶ୍ୟକ—ଶରୀ ବା ତୁମେ ବା ସାରଦା । ତାହା ମଧ୍ୟରେ ତୁମ ଶରୀର ଯଦି ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଥାଏ ତ ବେଶ୍ ଭଲ । ତୁମେ ଆସିବ ନତୁବା ଶରତକୁ ପଠାଇବ । କାମ ଏତିକି ଯେ, ମୁଁ ଯେଉଁସବୁ ଚେଲା-ପତ୍ର ଏଠାରେ ରଖିଯିବି, ସେମାନଙ୍କୁ ଶିକ୍ଷା ଦେବା ଓ ବେଦାନ୍ତ ଆଦି ପଢ଼ାଇବା ଏବଂ କିଛିଏ ଅଧେ ଇଂରେଜୀରେ ତର୍ଜମା କରିବା, ମଝେ ମଝେ ଲେକ୍‌ଚର୍ ଦେବା । 'କର୍ମଣା ବାଧ୍ୟତେ ବୁଦ୍ଧିଃ ।' '—'ର ଆସିବାକୁ ଖୁବ୍ ଇଚ୍ଛା, କିନ୍ତୁ ମୂଳ ଟାଣକରି ନ ଗଢ଼ିଲେ ଭୁଷୁଡ଼ିପଡ଼ିବ । ଏହି ପତ୍ରସହ ଏକ ଚେକ୍ ପଠାଇଲି, ସେଥିରେ ଲୁଗାପଟା କିଣିବ (ଅର୍ଥାତ୍ ଯେ ଆସିବେ) । ଚେକ୍ ମହେନ୍ଦ୍ରବାବୁ ମାଷ୍ଟର ମହାଶୟଙ୍କ ନାମରେ ପଠାଇଲି । ଗଙ୍ଗାଧରର ତିବ୍ବତୀ ଚୋଗା ମଠରେ ଅଛି; ସେହି ଢଙ୍ଗର ଏକ ଚୋଗା ଗେରୁଆ ରଙ୍ଗରେ କରିଇନେବ । କଲର୍‌ଟା ଯେପରି କିଛିଏ ଉପରେ ହୁଏ, ଅର୍ଥାତ୍ ବେକ ପର୍ଯ୍ୟନ୍ତ ଢାଙ୍କିପାରେ;

…ପ୍ରଥମେ ଗୋଟାଏ ଗରମ ଓଭର୍‌କୋଟ୍; ଶୀତ ଖୁବ୍ ପ୍ରବଳ । ଜାହାଜ ଉପରେ ଓଭର-କୋଟ୍ ଘୋଡ଼ାଇ ନ ହେଲେ ଖୁବ୍ କଷ୍ଟ ହେବ ।… ସେକେଣ୍ଡ କ୍ଲାସର ଟିକେଟ ପଠାଉଛି; ଅର୍ଥାତ୍ ଫାଷ୍ଟକ୍ଲାସ ସେକେଣ୍ଡକ୍ଲାସରେ ବିଶେଷ ପ୍ରଭେଦ ନାହିଁ ।… ଯଦି ଶଶୀର ଆସିବା ସ୍ଥିର ହୁଏ, ତାହାହେଲେ ପୂର୍ବରୁ ନିରାମିଷ ଖାଇବାର ବନ୍ଦୋବସ୍ତ କରିନେବ ।

ବମ୍ବେକୁ ଯାଇ—ମେସର୍ସ କିଙ୍ଗ୍ କିଙ୍ଗ୍ ଏଣ୍ଡ କୋ, ଫୋର୍ଟ, ବମ୍ବେ ଅଫିସରେ ଯାଇ କହିବ ଯେ, 'ମୁଁ ଷ୍ଟର୍ଡି ସାହେବଙ୍କ ଲୋକ'; ତାହାହେଲେ ସେମାନେ ତୁମକୁ ଖଣ୍ଡିଏ ଟିକେଟ ଇଂଲଣ୍ଡ ଯାଏ ଦେବେ । ଏଠାରୁ ଖଣ୍ଡିଏ ଚିଠି ଉକ୍ତ କମ୍ପାନୀକୁ ଯାଉଛି । ଖେତଡ଼ିର ରାଜାଙ୍କୁ ଖଣ୍ଡିଏ ଚିଠି ଲେଖୁଛି ଯେ, ତାଙ୍କର ବମ୍ବେର ଏଜେଣ୍ଟ ଯେପରି ତୁମକୁ ଦେଖିଶୁଣି ବୁକ୍ କରିଦିଏ । ଯଦି ଏହି ୧୫୦ ଟଙ୍କାରେ ଲୁଗାପଟା ନ ହୁଏ, ରାଖାଲ ଯେପରି ତୁମକୁ ବାକି ଟଙ୍କା ଦିଏ; ମୁଁ ପରେ ତାହାକୁ ପଠାଇଦେବି । ତା'ଛଡ଼ା ୫୦ ଟଙ୍କା ହାତଖରଚ ପାଇଁ ରଖିବ—ରାଖାଲକୁ ଦେବାକୁ କହିବ; ତା'ପରେ ମୁଁ ପଠାଇଦେବି । ଚୁନିବାବୁଙ୍କ ପାଇଁ ଯେଉଁ ଟଙ୍କା ପଠାଇଛି, ତାହାର ଖବର ଆଜଯାଏ ବି ପାଇ ନାହିଁ । ପତ୍ରପାଠ ଚାଲିଆସିବ । ମହେନ୍ଦ୍ର ବାବୁଙ୍କୁ କହିବ, ସେ ମୋର କଲିକତାର ଏଜେଣ୍ଟ । ସେ ଯେପରି ପତ୍ରପାଠ ମାତ୍ରେ ମିଃ ଷ୍ଟର୍ଡିଙ୍କୁ ଏକ ଚିଠି ଲେଖିବେ ଯେ, ଯାହାକିଛି କଲିକତା ସମ୍ବନ୍ଧରେ ଲେଖାପଢ଼ି busines (ବୈଷୟିକ କାର୍ଯ୍ୟ) ଇତ୍ୟାଦି ଆମକୁ କରିବାକୁ ହେବ, ତାହା ସେ କରିବାକୁ ରାଜି ଅଛନ୍ତି । ଅର୍ଥାତ୍ ମିଃ ଷ୍ଟର୍ଡି ମୋର ଇଂଲଣ୍ଡର ସେକ୍ରେଟରୀ, ମହେନ୍ଦ୍ରବାବୁ କଲିକତାର, ଆଲାସିଙ୍ଗା ମାନ୍ଦ୍ରାଜର ଇତ୍ୟାଦି ଇତ୍ୟାଦି । ମାନ୍ଦ୍ରାଜକୁ ଏ ଖବର ପଠାଇବ । ସମସ୍ତେ ଉଠିପଡ଼ି ନ ଲାଗିଲେ କଅଣ କାର୍ଯ୍ୟ ହୁଏ ? 'ଉଦ୍ୟୋଗିନଂ ପୁରୁଷସିଂହମୁପୈତି ଲକ୍ଷ୍ମୀଃ' (ଉଦ୍ୟୋଗୀ ପୁରୁଷ-ସିଂହର ହିଁ ଲକ୍ଷ୍ମୀ ଲାଭ ହୁଏ) ଇତ୍ୟାଦି । ପଛକୁ ଚାହିଁବାକୁ ହେବ ନାହିଁ—forward (ଆଗେଇ ଚାଲ) । ଅନନ୍ତ ବୀର୍ଯ୍ୟ, ଅନନ୍ତ ଉତ୍ସାହ; ଅନନ୍ତ ସାହସ ଓ ଅନନ୍ତ ଧୈର୍ଯ୍ୟ ଦରକାର, ତେବେ ମହାକାର୍ଯ୍ୟ ସାଧନ ହେବ । ଦୁନିଆରେ ନିଆଁ ଲଗାଇ ଦେବାକୁ ହେବ ।

ଆଉ ଯେଉଁଦିନ ଷ୍ଟିମର୍ ଠିକ୍ ହେବ, ତତ୍କ୍ଷଣାତ୍ ମିଃ ଷ୍ଟର୍ଡିଙ୍କୁ ଏକ ପତ୍ର ଲେଖିବ ଯେ, 'ଅମୁକ ଷ୍ଟିମର୍‌ରେ ମୁଁ ଯାଉଛି ।' ନଚେତ୍ ଲଣ୍ଡନରେ ପହଞ୍ଚି ଯେପରି ହଜି ନ ଯାଅ । ଯେଉଁ ଷ୍ଟିମର୍ ଏକଦମ୍ ଲଣ୍ଡନ ଆସେ, ସେଥିରେ ଆସିବ; କାରଣ ସେଥିରେ ଯଦିଓ ଦି ଚାରି ଦିନ ଅଧିକ ଲାଗିବ, ଭଡ଼ା କମ୍ ପଡ଼ିବ । ବର୍ତ୍ତମାନ ଆମର ଅଧିକ ପଇସା ନାହିଁ । କ୍ରମେ ଦଳ ଦଳ କରି ଚତୁର୍ଦ୍ଦିଗକୁ ପଠାଇବ । କିମଧିକମିତି ।

—ବିବେକାନନ୍ଦ

ପୁଃ—ପତ୍ରପାଠ ଖେତଡ଼ିର ରାଜାଙ୍କୁ ଲେଖିବ ଯେ, ତୁମେ ବମ୍ବେ ଯାଉଛ ଇତ୍ୟାଦି, ଏବଂ ତାଙ୍କର ଲୋକ ଯେପରି ତୁମକୁ ଜାହାଜରେ ଚଢ଼ାଇଦିଏ ।

ବି.

ଏହି ଠିକଣା ଗୋଟିଏ ପକେଟ୍‌ବୁକ୍‌ରେ ଲେଖି ସଙ୍ଗରେ ରଖିବ—ଯେପରି ହଜି ନ ଯାଏ ।

୨୨୩ (ସ୍ୱାମୀ ଅଖଣ୍ଡାନନ୍ଦଙ୍କୁ ଲିଖିତ)

ଇ. ଟି. ଷ୍ଟର୍ଡିଙ୍କ ଘର, ରଡ଼ିଂ, ଇଂଲଣ୍ଡ, ୧୮୯୫

କଲ୍ୟାଣବରେଷୁ,

ତୁମ ପତ୍ରରୁ ସବିଶେଷ ଅବଗତ ହେଲି । ତୁମର ସଂକଳ୍ପ ଅତି ଉତ୍ତମ । କିନ୍ତୁ ତୁମ ଜାତି ଭିତରେ organization (ସଂଘବଦ୍ଧ ହୋଇ କାର୍ଯ୍ୟ କରିବା) ଶକ୍ତିର ସମ୍ପୂର୍ଣ୍ଣ ଅଭାବ । ସେହି ଗୋଟିଏ ଅଭାବ ହିଁ ସକଳ ଅନର୍ଥର କାରଣ । ପାଞ୍ଚଜଣ ମିଶି ଗୋଟାଏ କାମ କରିବାକୁ ଏକଦମ୍ ନାରାଜ । Organizationର ପ୍ରଥମ ଆବଶ୍ୟକତା ଏହି ଯେ, obedience (ଆଜ୍ଞାବହତା), ଯେତେବେଳେ ଇଚ୍ଛା ହେଲା କିଛି ଗୋଟିଏ କରିଦେଲି, ତା'ପରେ ଘୋଡ଼ାଡିମ୍ବ, ସେଥିରେ କାମ ହୁଏ ନାହିଁ—plodding industry and perseverance (ନିରବଚ୍ଛିନ୍ନ ପରିଶ୍ରମ ଓ ଅଧ୍ୟବସାୟ) ଦରକାର । Regular correspondence (ନିୟମିତ ପତ୍ର ବ୍ୟବହାର) ଅର୍ଥାତ୍ କ'ଣ କାର୍ଯ୍ୟ କରୁଛ, କ'ଣ ଫଳ ହେଲା, ପ୍ରତିମାସରେ ବା ମାସରେ ଦୁଇଥର ସବିସ୍ତାର ଲେଖି ପଠାଇବ । ଜଣେ ଉତ୍ତମ ଇଂରେଜୀ ଓ ସଂସ୍କୃତ ଜାଣିଥିବା ସନ୍ନ୍ୟାସୀ ଏଠାରେ (ଇଂଲଣ୍ଡରେ) ଆବଶ୍ୟକ । ମୁଁ ଏଠାରୁ ଶୀଘ୍ର ପୁଣି ଆମେରିକା ଯିବି; ମୋର ଅବର୍ତ୍ତମାନରେ ସେ ଏଠାରେ କାମ କରିବେ । ଶରତ୍ ଓ ଶଶୀ ଏହି ଦୁଇଜଣଙ୍କ ଛଡ଼ା ମୁଁ ଆଉ କାହାକୁ ତ ଦେଖୁନାହିଁ । ଶରତ୍ ପାଖକୁ ଟଙ୍କା ପଠାଇଛି ଓ ପତ୍ରପାଠ ମାତ୍ରେ ଚାଲିଆସିବାକୁ ଲେଖିଛି । ରାଜାଙ୍କୁ* ଲେଖିଛି ଯେ, ତାଙ୍କର ବମ୍ବେର agent (ଭାରପ୍ରାପ୍ତ କର୍ମଚାରୀ) ଯେପରି ଶରତ୍‌କୁ ଦେଖିଶୁଣି ଜାହାଜରେ ବସାଇ ଦିଅନ୍ତି । ମୁଁ ଲେଖିବାକୁ ଭୁଲିଯାଇଛି, ତୁମେ ଯଦି ମନେ କରିପାର; ଶରତ୍ ସହିତ ବସ୍ତାଏ ମୁଗଡାଲି, ବୁଟଡାଲି, ହରଡ଼ଡାଲି ଓ କିଞ୍ଚିତ୍ ମେଥି ପଠାଇଦେବ ।** ପଣ୍ଡିତ ନାରାୟଣ ଦାସ, ଶ୍ରୀଶଙ୍କର ଲାଲ, ଓଟାଜୀ, ଡାକ୍ତର ଓ ସମସ୍ତଙ୍କୁ ମୋର ସ୍ନେହ ଜଣାଇବ । ଗୋପୀର ଆଖି ପାଇଁ ଔଷଧ ଏଠାରେ କ'ଣ ଅଛି ? ପେଟେଣ୍ଟ ଔଷଧ ସବୁ ଜୁଆଚୋରି ସର୍ବସ୍ୱ । ତାକୁ ମୋର ଆଶୀର୍ବାଦ ଦେବ ଏବଂ ଅନ୍ୟାନ୍ୟ ସବୁ ଚେଲାମାନଙ୍କୁ । ଯଜ୍ଞେଶ୍ୱର ବାବୁ ମିରଟରେ ଗୋଟାଏ କ'ଣ କି ସଭା କରିଛନ୍ତି ଏବଂ ଆମମାନଙ୍କ ସହିତ ଯୋଗ ଦେଇ କାର୍ଯ୍ୟ କରିବାକୁ ଚାହାଁନ୍ତି । ଭଲ । ତାଙ୍କର ଗୋଟାଏ କ'ଣ କାଗଜ ମଧ୍ୟ ରହିଛି; କାଳୀକୁ ସେଠାକୁ ପଠାଇଦିଅ, କାଳୀ ଯଦି ପାରିବ ତ ମିରଟରେ ଗୋଟିଏ centre (କେନ୍ଦ୍ର) କରୁ ଏବଂ ସେହି କାଗଜଟା ଯେପରି ହିନ୍ଦୀ ଭାଷାରେ ହୁଏ, ସେଥିପାଇଁ ଚେଷ୍ଟା କରୁ—ମୁଁ କିଛି କିଛି ଟଙ୍କା ପଠାଇଦେବି । କାଳୀ ମିରଟକୁ ଯାଇ ମୋ ପାଖକୁ ଯଥାଯଥ ରିପୋର୍ଟ କଲେ ମୁଁ ଟଙ୍କା ପଠାଇଦେବି । ଆଜମୀରରେ ଗୋଟିଏ centre (କେନ୍ଦ୍ର) କରିବାକୁ ଚେଷ୍ଟା କର ।··· ସାହାରାଣପୁରରେ ପଣ୍ଡିତ ଅଗ୍ନିହୋତ୍ରୀ କ'ଣ ଗୋଟାଏ ସଭା କରିଛନ୍ତି । ସେମାନେ ମୋତେ ଏକ ପତ୍ର

* ଖେତଡ଼ିର ମହାରାଜା

** ସ୍ୱାମୀଜୀ ଏ ସମୟରେ ପୁରାପୁରି ନିରାମିଷାଶୀ ଥିଲେ ।

ଲେଖିଛନ୍ତି । ତାଙ୍କ ସହିତ correspondence (ପତ୍ର ବ୍ୟବହାର) ରଖିବ । ସମସ୍ତଙ୍କ ସହିତ ମିଳାମିଶା etc.; work, work (କାର୍ଯ୍ୟ, କାର୍ଯ୍ୟ) । ଏହିପରି centre (କେନ୍ଦ୍ର) କରି ଚାଲ—କଲିକତାରେ—ମାନ୍ଦ୍ରାଜରେ already (ପୂର୍ବରୁ ହିଁ) ଅଛି, ଯଦି ମିରଟ୍ ଓ ଆଜମୀରରେ ପାରିବ ତ ଖୁବ୍ ଭଲ ହେବ । ଏହିପ୍ରକାର ଧୀରେ ଧୀରେ ସ୍ଥାନେ ସ୍ଥାନେ centre (କେନ୍ଦ୍ର) କରି ଚାଲ । ଏଠାରେ ମୋର ସମସ୍ତ ଚିଠିପତ୍ର ମିଃ ଇ. ଟି. ଷ୍ଟର୍ଡିଙ୍କ ଘର, ହାଇଭ୍ୟୁ, କେଭର୍ଶ୍ୟାମ, ରିଡ଼ିଂ, ଇଂଲଣ୍ଡ । ଆମେରିକାରେ C/o ମିସ୍ ଫିଲିପ୍‌ସ, ୧୯ ଡବ୍ଲ୍ୟୁ ୩୮ ଷ୍ଟ୍ରୀଟ୍, ନ୍ୟୁୟର୍କ । କ୍ରମେ ଦୁନିଆ ସାରା ବ୍ୟାପିଯିବାକୁ ହେବ । Obedience (ଆଜ୍ଞାବହତା) ପ୍ରଥମ ଦରକାର । କାହାଁରେ ଝାମ୍ପ ଦେବା ପାଇଁ ତିଆରି ହେବାକୁ ପଡ଼ିବ—ତେବେଯାଇ କାମ ହେବ ।··· ଏପରି ଭାବରେ ରାଜପୁତାନାରେ ଗ୍ରାମେ ଗ୍ରାମେ ସଭା କର ଇତ୍ୟାଦି ।

କାମଧିକମିତ, ବିବେକାନନ୍ଦ

**୨୨୪ ଇଂ**

ଇ. ଟି. ଷ୍ଟର୍ଡିଙ୍କ ଘର, ରିଡ଼ିଂ, ଇଂଲଣ୍ଡ
୧୭ ସେପ୍‌ଟେମ୍ବର ୧୮୯୫

ପ୍ରିୟ ମିସେସ୍ ବୁଲ୍,

ମିଃ ଷ୍ଟର୍ଡି ଓ ମୁଁ ଇଂଲଣ୍ଡରେ ସମିତି ଗଠନ କରିବା ପାଇଁ ଅନ୍ତତଃ ଦୁଇ ଚାରିଜଣ ଦୃଢ଼ଚେତା ଓ ମେଧାବୀ ଲୋକ ଲୋଡ଼ା ଏବଂ ସେଥିପାଇଁ ଆମମାନଙ୍କୁ ଧୀରେ ଧୀରେ ଅଗ୍ରସର ହେବାକୁ ପଡ଼ିବ । ଆମମାନଙ୍କୁ ପ୍ରଥମରୁ ହିଁ ସତର୍କ ରହିବାକୁ ପଡ଼ିବ—ଯେପରି କେତେକ 'ଖିଆଲି' ଲୋକଙ୍କ ପାଲରେ ନ ପଡ଼ୁ । ଆପଣ ବୋଧହୁଏ ଜାଣନ୍ତି, ଆମେରିକାରେ ମଧ୍ୟ ମୋର ଉଦ୍ଦେଶ୍ୟ ଏଭଳି ଥିଲା । ମିଃ ଷ୍ଟର୍ଡି କିଛିଦିନ ଭାରତବର୍ଷରେ ଆମମାନଙ୍କ ସହିତ ସନ୍ନ୍ୟାସୀ-ସମ୍ପ୍ରଦାୟର ରୀତିନୀତି ମାନି ବାସ କରିଥିଲେ । ସେ ଜଣେ ଶିକ୍ଷିତ, ସଂସ୍କୃତ ଭାଷାରେ ଅଭିଜ୍ଞ ଏବଂ ଅତୀବ ଉଦ୍ୟମଶୀଳ ବ୍ୟକ୍ତି । ଏପର୍ଯ୍ୟନ୍ତ ଉତ୍ତମ ।···

ପବିତ୍ରତା, ଅଧ୍ୟବସାୟ ଓ ଉଦ୍ୟମ ଏହି ତିନୋଟି ଗୁଣ ମୁଁ ଏକସାଙ୍ଗରେ ଚାହେଁ । ଯଦି ଏ ପ୍ରକାର ଛଅଜଣ ଲୋକଙ୍କୁ ଏଠାରେ ପାଇବି, ତା'ହେଲେ ମୋ କାମ ଚାଲୁ ରହିବ । ଏପରି ଦୁଇ ଚାରିଜଣ ଲୋକଙ୍କୁ ପାଇବାର ସମ୍ଭାବନା ମଧ୍ୟ ଅଛି । ଇତି

ବିବେକାନନ୍ଦ

**୨୨୫ ଇଂ** (ମିସ୍ ଜୋସେଫାଇନ୍ ମ୍ୟାକ୍‌ଲଉଡ୍‌ଙ୍କୁ ଲିଖିତ)

ଇ. ଟି. ଷ୍ଟର୍ଡିଙ୍କ ଘର, ରିଡ଼ିଂ, ଇଂଲଣ୍ଡ
ସେପ୍‌ଟେମ୍ବର ୧୮୯୫

ପ୍ରିୟ ଜୋ ଜୋ,

ତୁମକୁ ଶୀଘ୍ର ଚିଠି ଦେଇନଥିବା ହେତୁ ଅଶେଷ କ୍ଷମା ଚାହୁଁଛି । ଲଣ୍ଡନରେ ନିର୍ବିଘ୍ନରେ ପହଞ୍ଚିଛି । ବନ୍ଧୁଙ୍କ ସନ୍ଧାନ ପାଇଛି; ତାଙ୍କ ଘରେ ବେଶ୍ ଅଛି । ଚମତ୍କାର

ପରିବାର । ତାଙ୍କ ସ୍ତ୍ରୀ ବାସ୍ତବିକ୍ ଦେବୀତୁଲ୍ୟା ଏବଂ ସେ ନିଜେ ଯଥାର୍ଥ ଭାରତ-ପ୍ରେମିକ । ସାଧୁ-ମାନଙ୍କ ସହିତ ଘନିଷ୍ଠ ଭାବେ ମିଳାମିଶା କରନ୍ତି, ସେହିମାନଙ୍କ ପରି ଖିଆପିଆ କରି ସେ ଭାରତରେ ଦୀର୍ଘକାଳ କଟାଇଛନ୍ତି । କାର୍ଯ୍ୟତଃ ତାଙ୍କ ପାଖରେ ମୁଁ ଖୁବ୍ ଆନନ୍ଦରେ ଅଛି । ଏହାମଧ୍ୟରେ ଭାରତରୁ ପ୍ରତ୍ୟାଗତ ଅବସରପ୍ରାପ୍ତ କେତେଜଣ ଉଚ୍ଚପଦସ୍ଥ ସୈନିକଙ୍କୁ ଦେଖିଲି; ସେମାନେ ମୋ ସହିତ ବେଶ୍ ଭଦ୍ର ବ୍ୟବହାର କଲେ । 'ଶ୍ୟାମବର୍ଣ୍ଣର ବ୍ୟକ୍ତି ମାନେ ହିଁ ନିଗ୍ରୋ'—ଆମେରିକାନ୍‌ମାନଙ୍କର ଏହି ଅଦ୍ଭୁତ ଧାରଣା ଏଠାରେ ଆଦୌ ଦେଖାଯାଏ ନାହିଁ । ରାସ୍ତାରେ କେହି ମୋ ଆଡ଼କୁ ମଧ୍ୟ ଆଁ କରି ଅନାଇଁ ରହେ ନାହିଁ । ଭାରତ ବାହାରେ ଆଉ କେଉଁଠାରେ ଏ ପ୍ରକାର ସ୍ୱଚ୍ଛିନ୍ଦତା ଅନୁଭବ କରିନାହିଁ । ଇଂରେଜମାନେ ଆମକୁ ବୁଝନ୍ତି, ଆମେ ମଧ୍ୟ ତାଙ୍କୁ ବୁଝୁ । ଏ ଦେଶର ଶିକ୍ଷା, ସଭ୍ୟତା ବେଶ୍ ଉଚ୍ଚସ୍ତରର; ସେହି କାରଣରୁ, ଏବଂ ବହୁଦିନର ଶିକ୍ଷା ଫଳରେ ଏତେଟା ପାର୍ଥକ୍ୟ ।

ଟାର୍ଟଲ୍‌ଡାଭ୍ ପ୍ରକୃତି ଫେରିଲେଣି କି ? ତାଙ୍କ ଉପରେ ଏବଂ ତାଙ୍କ ସ୍ୱଜନଙ୍କ ଉପରେ ଭଗବାନଙ୍କ କୃପା ସଦା ବର୍ଷିତ ହେଉ । 'ବେବି'ମାନେ କିପରି ଅଛନ୍ତି ? ଆଉ ଅଲବର୍ଟ ଓ ହଲିଷ୍ଟାର୍ ? ସେମାନଙ୍କୁ ମୋର ଅନେକ ଅନେକ ପ୍ରୀତି ଜଣାଇବ ଓ ତୁମେ ନିଜେ ଜାଣିବ ।

ବନ୍ଧୁ ଜଣକ ସଂସ୍କୃତ ଭାଷାରେ ସୁପଣ୍ଡିତ । ସୁତରାଂ ଶଙ୍କର ପ୍ରଭୃତି ଆଚାର୍ଯ୍ୟମାନଙ୍କ ଭାଷ୍ୟ ପାଠ କରିବାରେ ଆମେ ସର୍ବଦା ନିଯୁକ୍ତ ଅଛୁ । ଏଠାରେ ଏବେ କେବଳ ଧର୍ମ ଓ ଦର୍ଶନ ଚାଲିଛି । ଜୋ ଜୋ ! ଅକ୍ଟୋବର ମାସରେ ଲଣ୍ଡନ୍‌ରେ କ୍ଲାସ୍ ଖୋଲିବା ଚେଷ୍ଟାରେ ଅଛି ।

ଚିର ପ୍ରୀତି ସ୍ନେହ ଶୁଭେଚ୍ଛା ସହ, ବିବେକାନନ୍ଦ

**୨୨୭ଇଂ**

ରିଡ଼ିଂ, ୨୪ ସେପ୍ଟେମ୍ବର ୧୮୯୫

ପ୍ରିୟ ମିସେସ୍ ବୁଲ୍,

ସଂସ୍କୃତ ଶିଖିବାରେ ମିଃ ଷ୍ଟର୍ଡିଙ୍କୁ ସାହାଯ୍ୟ କରିବା ଛଡ଼ା ଏପର୍ଯ୍ୟନ୍ତ ମୁଁ ଉଲ୍ଲେଖ-ଯୋଗ୍ୟ କୌଣସି କାର୍ଯ୍ୟ କରିନାହିଁ । ମୁଁ ଆମେରିକା ଚାଲିଗଲେ ତାଙ୍କୁ ସାହାଯ୍ୟ କରିପାରିବା ଭଳି ମୋର ଗୁରୁଭ୍ରାତାମାନଙ୍କ ମଧ୍ୟରୁ ଜଣଙ୍କୁ ସେଠାକୁ ଭାରତରୁ ଅଣାଇବା ପାଇଁ ସେ ମୋତେ କହିଛନ୍ତି । ମୁଁ ଜଣଙ୍କ ପାଇଁ ଭାରତବର୍ଷକୁ ଲେଖିଛି । ଏପର୍ଯ୍ୟନ୍ତ ସବୁ ଭଲଭାବରେ ଚାଲିଛି । ବର୍ତ୍ତମାନ ପରବର୍ତ୍ତୀ ଢେଉ ପାଇଁ ଅପେକ୍ଷା କରୁଛି । 'ପାଇଲେ ଛାଡ଼ ନାହିଁ, ପାଇବା ପାଇଁ ମଧ୍ୟ ବ୍ୟସ୍ତ ହୁଅ ନାହିଁ—ଭଗବାନ ସ୍ୱେଚ୍ଛାରେ ଯାହା ପଠାନ୍ତି, ତାହା ଲାଗି ଅପେକ୍ଷା କର'—ଏହା ହିଁ ମୋର ମୂଳମନ୍ତ୍ର । ମୁଁ ଖୁବ୍ କମ୍ ଚିଠି ଲେଖେ ସିନା, ମୋ ହୃଦୟ କୃତଜ୍ଞତାରେ ପୂର୍ଣ୍ଣ । ଇତି

ବିବେକାନନ୍ଦ

୨୨୭ଇଂ (ନିବେଦିତାଙ୍କୁ ଲିଖିତ)

ରିଡ଼ିଂ, ଇଂଲଣ୍ଡ, ୪ ଅକ୍ଟୋବର ୧୮୯୫

ସ୍ନେହର ମାର୍ଗାରେଟ୍,

···ଜୀବନଟା କେତେଗୁଡ଼ିଏ ଯୁଦ୍ଧ ଓ ଭ୍ରମଭଙ୍ଗର ସମଷ୍ଟି ମାତ୍ର।··· ଜୀବନର ରହସ୍ୟ ହେଉଛି—ନାନାପ୍ରକାର ଅଭିଜ୍ଞତା ମଧ୍ୟରେ ଶିକ୍ଷା ଲାଭ—ଭୋଗ ନୁହେଁ। କିନ୍ତୁ ହାୟ, ଯେଉଁ ମୁହୂର୍ତ୍ତରେ ଆମେ ଯଥାର୍ଥ ଶିକ୍ଷାଲାଭ କରିବାକୁ ଆରମ୍ଭ କରୁ, ସେହି ମୁହୂର୍ତ୍ତରେ ହିଁ ଆମମାନଙ୍କୁ ସେପାରିର ଡାକ ପଡ଼େ। ଅନେକଙ୍କ ମତରେ, ଆମର ମୃତ୍ୟୁ-ପରବର୍ତ୍ତୀ ଅସ୍ତିତ୍ୱ ପକ୍ଷରେ ଏହା ଗୋଟିଏ ପ୍ରବଳ ଯୁକ୍ତି।··· ସବୁ ସ୍ଥାନରେ କାର୍ଯ୍ୟ ଉପରେ ଗୋଟିଏ ଝଡ଼ ବୋହିଯିବା ଖୁବ୍ ଭଲ। ସେଥିରେ ହାଓ୍ୱାଟା ପରିଷ୍କାର ହୋଇଯାଏ ଏବଂ ଆମମାନଙ୍କୁ ସବୁ ଜିନିଷର ସ୍ୱରୂପ ସମ୍ବନ୍ଧରେ ଯଥାର୍ଥ ଅନ୍ତର୍ଦୃଷ୍ଟି ମିଳିଥାଏ। କାମ ନୂଆ କରି ଆରମ୍ଭ ହୁଏ, ଏବଂ ସେତେବେଳେ ବଜ୍ରଦୃଢ଼ ଭିତ୍ତି ଉପରେ ତାହା ପ୍ରତିଷ୍ଠିତ ହୁଏ।···

ମୋର ଶୁଭେଚ୍ଛାଦି ଜାଣିବ। ଇତି

ବିବେକାନନ୍ଦ

୨୨୮ଇଂ (ନିବେଦିତାଙ୍କୁ ଲିଖିତ)

ରିଡ଼ିଂ, ଇଂଲଣ୍ଡ, ୪ ଅକ୍ଟୋବର ୧୮୯୫

ସ୍ନେହର ମାର୍ଗାରେଟ୍,

ପବିତ୍ରତା, ଧୈର୍ଯ୍ୟ ଓ ଅଧ୍ୟବସାୟ ଦ୍ୱାରା ସକଳ ବିଘ୍ନ ଦୂର ହୁଏ। ସବୁ ବଡ଼ ବଡ଼ କଥା ଅବଶ୍ୟ ଧୀରେ ଧୀରେ ହୋଇଥାଏ।··· ମୋର ପ୍ରୀତି ଜାଣିବ। ଇତି

ବିବେକାନନ୍ଦ

୨୨୯ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

C/o E. T. Sturdy, ହାଇଭ୍ୟୁ, ରିଡ଼ିଂ
୪ ଅକ୍ଟୋବର ୧୮୯୫

ଅଭିନ୍ନହୃଦୟେଷୁ,

ତୁମେ ଅବଗତ ଅଛ ଯେ, ମୁଁ ବର୍ତ୍ତମାନ ଇଂଲଣ୍ଡରେ। ପ୍ରାୟ ଏକମାସ ଯାବତ୍ ଏଠାରେ ରହି ପୁଣି ଆମେରିକାକୁ ଯାତ୍ରା କରିବି। ଆଗାମୀ ଗ୍ରୀଷ୍ମକାଳରେ ପୁନର୍ବାର ଇଂଲଣ୍ଡ ଆସିବି। ବର୍ତ୍ତମାନ ଇଂଲଣ୍ଡରେ ବିଶେଷ କିଛି ହେବାର ଆଶା ନାହିଁ। ତେବେ ପ୍ରଭୁ ସର୍ବ-ଶକ୍ତିମାନ୍। ଧୀରେ ଧୀରେ ଦେଖାଯାଉ।

ଇତିପୂର୍ବରୁ ଶରତ୍ ନିକଟକୁ ଏଠାକୁ ଆସିବା ଲାଗି ଟଙ୍କା ପଠାଇଛି ଓ ଚିଠି ଲେଖିଛି ଶରତ୍ ବା ଶଶୀ—ଦୁଇଜଣଙ୍କ ମଧ୍ୟରୁ ଜଣେ ଯେପରି ଆସେ, ସେଥିର ବ୍ୟବସ୍ଥା କରିବ। ଶଶୀର ରୋଗ ଯଦି ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଥାଏ, ଅର୍ଥାତ୍ ନିଶ୍ଚିହ୍ନ ହୋଇଯାଇଥାଏ,

* ମିସ୍ ମାର୍ଗାରେଟ୍ ନୋବଲ୍ (ପରେ ଭଗିନୀ ନିବେଦିତା)

ତା'ହେଲେ ପଠାଇବ । ଚର୍ମରୋଗ ଶୀତପ୍ରଧାନ ଦେଶରେ ପ୍ରବଳ ହୋଇପାରେ ନାହିଁ—ତାହା ଏହି ଦାରୁଣ ଶୀତରେ ଏକଦମ୍ ଭଲ ହୋଇଯାଇପାରେ । ନତୁବା ଶରତକୁ ।··· Sturdy (ଷ୍ଟର୍ଡି) ସାହେବଙ୍କ ଟଙ୍କା; ସେ ଯେଉଁଭଳି ଲୋକ ଚାହାଁନ୍ତି, ସେପରି ଲୋକଙ୍କୁ ଅଣାଇବାକୁ ହେବ । ଉକ୍ତ ମିଃ Sturdy (ଷ୍ଟର୍ଡି) ମୋଠାରୁ ଦୀକ୍ଷା ଗ୍ରହଣ କରିଛନ୍ତି ଏବଂ ଅତି ଉଦ୍ୟମୀ ଓ ସଜ୍ଜନ । ଥିଓସଫିର ଗୋଲମାଲରେ ପଡ଼ି ବୃଥା ସମୟ ନଷ୍ଟ କରିଛନ୍ତି ବୋଲି ସ୍ୱଳ୍ପ ଅବଶୋଷ ।

ପ୍ରଥମତଃ ଏଭଳି ଲୋକ ଦରକାର, ଯାହାର ଇଂରେଜୀ ଓ ସଂସ୍କୃତରେ ବିଶେଷ ଜ୍ଞାନ ।—ଏ ସ୍ଥାନକୁ ଆସିଲେ ଶୀଘ୍ର ଇଂରେଜୀ ଶିଖିପାରିବେ, ସତ କଥା; କିନ୍ତୁ ଏ ଦେଶରେ ଶିଖିବା ପାଇଁ ଲୋକ ବର୍ତ୍ତମାନ ଆଣିପାରିବି ନାହିଁ, ଯେଉଁମାନେ ଶିଖାଇପାରିବେ, ପ୍ରଥମେ ସେହିମାନଙ୍କୁ ଦରକାର । ଦ୍ୱିତୀୟ କଥା ଏହି ଯେ, ଯେଉଁମାନେ ସମ୍ପଦେ ବିପଦେ ମୋତେ ତ୍ୟାଗ କରିବେ ନାହିଁ, ସେମାନଙ୍କୁ ମୁଁ ବିଶ୍ୱାସ କରେ ।··· ଅତ୍ୟନ୍ତ ବିଶ୍ୱାସୀ ଲୋକ ଆବଶ୍ୟକ; ତା'ପରେ ମୂଳଦୁଆ ପଡ଼ିଗଲେ ଯାହା ଇଚ୍ଛା ଗୋଲମାଲ କର, ଭୟ ନାହିଁ ।

···ଭାଇ, ରାମକୃଷ୍ଣ ପରମହଂସ ନ ହେଲେବା ଗୋଟାଏ ମିଛ ବସ୍ତୁ ଥିଲେ, ତାଙ୍କ ଆଶ୍ରିତ ହେବାଟା ଗୋଟାଏ ଭାରି ଭୁଲ କାମ ହୋଇଯାଇଛି, କିନ୍ତୁ ବର୍ତ୍ତମାନ ଉପାୟ କ'ଣ ? ଗୋଟାଏ ଜନ୍ମ ହୁଏତ ବା ବ୍ୟର୍ଥ ହୋଇଗଲା; ମରଦର ବାତ୍ କ'ଣ ଫେରେ ? ଦଶଟା ସ୍ୱାମୀ କଅଣ ହୋଇପାରେ ? ତୁମେସବୁ ଯେ ଯାହାର ଦଳକୁ ଯାଅ, ମୋର କୌଣସି ଆପତ୍ତି ନାହିଁ, କିଛିମାତ୍ର ନାହିଁ, ତେବେ ଏହି ଦୁନିଆ ଘୁରିଦେଖୁଛି ଯେ, ତାଙ୍କ ଘର ଛଡ଼ା ଆଉ ସମସ୍ତଙ୍କ ଘରେ 'ଭାବ-ଘରେ ଚୋରି' । ତାଙ୍କର ଲୋକଙ୍କ ଉପରେ ମୋର ଏକାନ୍ତ ପ୍ରୀତି, ଏକାନ୍ତ ବିଶ୍ୱାସ । କ'ଣ କରିବି ? ଏକବାଗିଆ କହିଲେ କହ, କିନ୍ତୁ ତାହା ହିଁ ମୋର ଅସଲ କଥା । ଯେ ତାଙ୍କୁ ଆତ୍ମସମର୍ପଣ କରିଛି, ତା' ପାଦରେ କଣ୍ଟାଟିଏ ଲାଗିଲେ ମୋ ହାଡ଼ରେ ବାଜେ; ଅନ୍ୟ ସମସ୍ତଙ୍କୁ ମୁଁ ଭଲପାଏ । ମୋପରି ଅସାମ୍ପ୍ରଦାୟିକ ଜଗତରେ ବିରଳ, କିନ୍ତୁ ଏହି ଟିକକ ହିଁ ମୋର ଅନ୍ଧଭକ୍ତି, କ୍ଷମା କରିବ । ତାଙ୍କର ଦୋହାଇ ଛଡ଼ା ଆଉ-କାହାର ଦୋହାଇ ଦେବି ? ଆଗାମୀ ଜନ୍ମରେ ପଛକେ ବଡ଼ ଗୁରୁ ଦେଖାଯିବ, ହେଲେ ଏ ଜନ୍ମରେ ଏ ଶରୀରକୁ, ସେହି ମୂର୍ଖ ବ୍ରାହ୍ମଣ କିଣି ନେଇଛି ।

ପେଟର କଥା ଖୋଲି କହିଲି ଭାଇ, ରାଗିବ ନାହିଁ । ମୁଁ ତୁମମାନଙ୍କର ଗୋଲାମ୍, ଯେପର୍ଯ୍ୟନ୍ତ ତୁମେ ତାଙ୍କର ଗୋଲାମ୍—ସେଥିରୁ ତିଳେମାତ୍ର ବାହାରକୁ ଗଲେ ତୁମେ ଓ ମୁଁ ସମସ୍ତେ ସମାନ ।··· ସମାଜ ଫମାଜ ଯେତେ ଦେଖୁଛି ଦେଶ-ବିଦେଶରେ, ସବୁ ଯେ ସେ ଗିଳି ରଖିଛନ୍ତି ଭାଇ—'ମୟୈବୈତେ ନିହତାଃ ପୂର୍ବମେବ, ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍ ।' ଆଜି ବା କାଲି ସେସବୁ ତୁମମାନଙ୍କ ସହିତ ମିଶିଯିବ ଯେ । ହାୟରେ ଅଳ୍ପ-ବିଶ୍ୱାସ ! ତାଙ୍କ କୃପାରେ 'ବ୍ରହ୍ମାଣ୍ଡମ୍ ଗୋଷ୍ପଦାୟତେ ।' ନମକହାରମ୍ ହୁଅ ନାହିଁ, ସେ ପାପର ପ୍ରାୟଶ୍ଚିତ୍ତ ନାହିଁ । ନାମ ଯଶ ସୁକାର୍ଯ୍ୟ—ଯଜ୍ଜୁହୋଷି ଯତ୍ତପସ୍ୟସି ଯଦଶ୍ନାସି &c. (ଇତ୍ୟାଦି) ସବୁ ତାଙ୍କ ପାଦରେ ସମର୍ପିଦିଅ । ଆମର ଆଉ କ'ଣ ଦରକାର ? ସେ ତ ଶରଣ ଦେଇଛନ୍ତି, ଆଉ

କ'ଣ ଲୋଡ଼ା ? ଭକ୍ତି ନିଜେ ତ ଫଳସ୍ୱରୂପ—ଅଉ କ'ଣ ଲୋଡ଼ା ? ହେ ଭାଇ, ଯେ ଖୁଆଇ ପିଆଇ, ବିଦ୍ୟାବୁଦ୍ଧି ଦେଇ ମଣିଷ କଲେ, ଯେ ଅମ୍ଭର ଚକ୍ଷୁ ଖୋଲିଦେଲେ, ଯାହାଙ୍କୁ ଦିବାରାତ୍ର ଦେଖିଲ, ଯେ ଜୀବନ୍ତ ଈଶ୍ୱର, ଯାହାଙ୍କର ପବିତ୍ରତା ଓ ପ୍ରେମ ଏବଂ ଐଶ୍ୱର୍ଯ୍ୟ ରାମ, କୃଷ୍ଣ, ବୁଦ୍ଧ, ଯୀଶୁ, ଚୈତନ୍ୟ ପ୍ରଭୃତିଙ୍କ ମଧ୍ୟରେ କଣାଏ ମାତ୍ର ପ୍ରକାଶ, ତାଙ୍କ ନିକଟରେ ନିମକ୍‌ହାରାମୀ ! ! ! ତୁମର ବୁଦ୍ଧ, କୃଷ୍ଣ ପ୍ରଭୃତି ଉପକଥା ଗଳ୍ପ ଛଡ଼ା ତ ଆଉ କିଛି ନୁହେଁ, ...ଏପରି ଠାକୁରଙ୍କ ଦୟା ଭୁଲିଯାଉଛ ! ବୁଦ୍ଧ, କୃଷ୍ଣ, ଯୀଶୁ ଜନ୍ମଲାଭ କରିଥିଲେ କି ନାହିଁ, ସେଥିର କୌଣସି ପ୍ରମାଣ ନାହିଁ; ଅଥଚ ସାକ୍ଷାତ୍ ଠାକୁରଙ୍କୁ ଦେଖି ମଧ୍ୟ ମଝିରେ ମଝିରେ ତୁମମାନଙ୍କର ମତିଭ୍ରମ ହେଉଛି ! ଧିକ୍ ତୁମମାନଙ୍କର ଜୀବନ !! ଅଉ ମୁଁ କ'ଣ କହିବି ? ଦେଶବିଦେଶରେ ନାସ୍ତିକ ପାଷଣ୍ଡମାନେ ତାଙ୍କର ଛବିକୁ ପୂଜା କରୁଛନ୍ତି, ଆଉ ତୁମମାନଙ୍କର ମତିଭ୍ରମ ହଉଛି ବେଳେ ବେଳେ !!! ତୁମମାନଙ୍କ ପରି ଲକ୍ଷ ଲକ୍ଷ ଲୋକଙ୍କୁ ସେ ନିଃଶ୍ୱାସରେ ତିଆରି କରିନେବେ । ତୁମମାନଙ୍କ ଜନ୍ମ ଧନ୍ୟ, କୁଳ ଧନ୍ୟ, ଦେଶ ଧନ୍ୟ ଯେ ତାଙ୍କ ପଦଧୂଳି ପାଇଛ । ମୁଁ କ'ଣ କରିବି ? ମୋତେ କାର୍ଯ୍ୟତଃ ଅନ୍ଧଭକ୍ତି ପାଳିଚିବାକୁ ପଡ଼ୁଛି । ମୁଁ ସେ ତାଙ୍କର ଲୋକ ଛଡ଼ା ଆଉ କାହା ପାଖରେ ପବିତ୍ରତା ଓ ନିଃସ୍ୱାର୍ଥତା ଦେଖିପାରୁ ନାହିଁ । ସବୁ-ସ୍ଥାନରେ ଯେ ଭାବ-ଘରେ ଚୋରି, କେବଳ ତାଙ୍କରି ଘର ଛଡ଼ା । ସେ ମୋ ରକ୍ଷା କରୁଛନ୍ତି, ଦେଖିପାରୁଛ ଯେ । ଆରେ ପାଗଳ, ପରୀ ପରି ସ୍ତ୍ରୀଅଛନ୍ତି, ଲକ୍ଷ ଲକ୍ଷ ଟଙ୍କା—ଏସବୁ ଯେ ତୁଚ୍ଛ ହୋଇଯାଉଛି, ତାହା କ'ଣ ମୋ ବଳରେ ? ନା, ସେ ରକ୍ଷା କରୁଛନ୍ତି ? ତାଙ୍କ ଲୋକ ଛଡ଼ା ଯେ ମୁଁ ଅଉ କାହାକୁ ଗୋଟାଏ ଟଙ୍କା କି ଜଣେ ସ୍ତ୍ରୀଲୋକ ପାଖରେ ବିଶ୍ୱାସ କରେ ନାହିଁ । ଯାହାର ତାଙ୍କ ପ୍ରତି ବିଶ୍ୱାସ ନାହିଁ ଓ ମା ଠାକୁରାଣୀଙ୍କ ପ୍ରତି ଭକ୍ତି ନାହିଁ, ସେ ଲୋକର ପୋଡ଼ାଡମ୍ବ କିଛି ହେବ ନାହିଁ, ସିଧା କଥାରେ କହିଲି, ମନେରଖ ।

...ହରମୋହନ ଦୁରବସ୍ଥା ଜଣାଇଛନ୍ତି ଓ ଶୀଘ୍ର ସ୍ଥାନାନ୍ତର ହେବାକୁ ପଡ଼ିବ ବୋଲି ଲେଖିଛନ୍ତି । ଲେକ୍‌ଚର୍ ଗୁଡ଼ିକ—ଲେକ୍‌ଚର୍ ଫେକ୍‌ଚର ବର୍ତ୍ତମାନ କିଛି ନାହିଁ, ତେବେ କିଛି ଟଙ୍କା ଏପର୍ଯ୍ୟନ୍ତ ଗଣ୍ଠିରେ ଅଛି—ତା'ପାଖକୁ ପଠାଇଦେବି, ଭୟ ନାହିଁ, । ପତ୍ର-ପାଠ ମାତ୍ରେ ପଠାଇ ଦିଅନ୍ତି, କିନ୍ତୁ ସନ୍ଦେହ ହେଉଛି ଯେ, ମୋ ଟଙ୍କା ଗାଏବ ହୋଇଛି—ତେଣୁ ପଠାଇ ନାହିଁ । ଦ୍ୱିତୀୟତଃ କେଉଁ ଠିକଣାରେ ପଠାଇବି, ତାହା ତ ଜାଣେ ନାହିଁ । ମାନ୍ଦ୍ରାଜମାନେ ଦେଖୁଛି, କାଗଜ ବାହାର କରିପାରିଲେ ନାହିଁ । ବଙ୍ଗଦେଶୀୟବୁଦ୍ଧି ହିନ୍ଦୁଜାତିର ଯେ ଆଦୌ ନାହିଁ । ଯେଉଁ ସମୟରେ ଯେଉଁ କାର୍ଯ୍ୟ ପାଇଁ ପ୍ରତିଶ୍ରୁତି ହୁଅ, ଠିକ୍ ସେହି ସମୟରେ ତାହା କରିବା ଉଚିତ, ନଚେତ୍ ଲୋକଙ୍କ ବିଶ୍ୱାସ ତୁଟିଯିବ । ଟଙ୍କା ପଇସାର କଥା, ପତ୍ରପାଠମାତ୍ରେ ଜବାବ୍ ଦେବାକୁ ହେବ ।... ମାଷ୍ଟର ମହାଶୟ ଯଦି ରାଜି ହୁଅନ୍ତି, ତା'ହେଲେ ତାଙ୍କୁ କଲିକତାର ଏଜେଣ୍ଟ ହେବା ପାଇଁ କହିବ, କାରଣ ତାଙ୍କ ଉପରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଏବଂ ସେ ଏସବୁ ବିଷୟ ଅନେକ ବୁଝନ୍ତି, ପିଲାଳିଆ ହୁମଦୁମ୍‌ର କାମ ନୁହେଁ । ଗୋଟାଏ Centre (କେନ୍ଦ୍ର)—ଠିକଣା କରିବା ପାଇଁ ତାଙ୍କୁ କହିବ, ଯେଉଁ ଠିକଣା—

ଘଡ଼ିଘଡ଼ି ବଦଳାଇ ନାହିଁ ଓ ଯେଉଁ ଠିକଣାରେ ମୁଁ କଲିକତାର ସମସ୍ତ ଚିଠିପତ୍ର ପଠାଇଦେବ ।

କମ୍ପଧିକମିତ, ନରେନ୍ଦ୍ର

**୨୩୦ଇଂ** (ମିସ୍ ଜୋସେଫାଇନ୍ ମ୍ୟାକଲଉଡ୍‌ଙ୍କୁ ଲିଖିତ)

ହାଇଭ୍ୟୁ, କ୍ୟାଭରସ୍ୟାମ୍, ରିଡ଼ିଂ, ଅକ୍ଟୋବର ୧୮୯୫

ପ୍ରିୟ ଜୋ ଜୋ,

ତୁମ ପତ୍ର ପାଇ ଖୁସୀ ହେଲି । ମନେହେଉଥିଲା, ହୁଏତ ବା ମୋତେ ଭୁଲିଗଲଣି । ଲଣ୍ଡନ୍ ଓ ଲଣ୍ଡନ ଅଞ୍ଚଳରେ କେତୋଟି ବକ୍ତୃତା ଦେବି; ୨୨ତାରିଖ ଦିନ ସାଢ଼େ ଆଠଟା ସମୟରେ ପ୍ରିନ୍‌ସେସ୍ ହଲରେ ଦେବ ସାଧାରଣଙ୍କ ପାଇଁ ଗୋଟିଏ ।

ଏଠାକୁ ଚାଲିଆସି ଗୋଟାଏ କ୍ଲାସ ଗଢ଼ନାଅ ନା ! କହିବାକୁ ଗଲେ, ଏଠାରେ ଏପର୍ଯ୍ୟନ୍ତ କିଛି କରିପାରି ନାହିଁ । କାମ ଠିକ୍ ଚାଲୁ କରିବା ପାଇଁ ବେଶ୍ ସମୟ ଲାଗେ । ଆମେରିକାର ନ୍ୟୁୟର୍କରେ ଯାହା ସାମାନ୍ୟ ହୋଇଛି, ସେଥିରେ ତ ମୋର ଦୁଇବର୍ଷ ଲାଗିଗଲା । ସମସ୍ତଙ୍କୁ ପ୍ରୀତି ଜଣାଉଛି ।

ତୁମମାନଙ୍କର, ବିବେକାନନ୍ଦ

**୨୩୧ଇଂ** ରିଡ଼ିଂ, ୬ ଅକ୍ଟୋବର ୧୮୯୫

ପ୍ରିୟ ମିସେସ୍ ବୁଲ୍ ,

...ମୁଁ ମିଃ ଷ୍ଟର୍ଡିଙ୍କ ସହିତ ଭକ୍ତି ସମ୍ପର୍କୀୟ ଖଣ୍ଡିଏ ପୁସ୍ତକର ଅନୁବାଦ କରୁଛି, ପ୍ରଚୁର ଟୀକା ସହିତ ଏହା ଶୀଘ୍ର ପ୍ରକାଶିତ ହେବ । ଏ ମାସରେ ମୋତେ ଲଣ୍ଡନ୍‌ରେ ଦୁଇଟି ଏବଂ ମେଡନହେଡ୍‌ଠାରେ ଗୋଟିଏ ବକ୍ତୃତା ଦେବାକୁ ହେବ । ଏହାଦ୍ୱାରା କେତୋଟି କ୍ଲାସ କରିବା ପାଇଁ ସୁବିଧା ହୋଇପାରିବ । ଆମେ ଗୁଡ଼ାଏ ହୈ ଚୈ ନ କରି, ଚୁପ୍‌ଚାପ୍ କାମ କରିବାକୁ ଚାହୁଁ ।... ମୋର ଶୁଭେଚ୍ଛାଦି ଜାଣିବ ।

ଆପଣଙ୍କର, ବିବେକାନନ୍ଦ

**୨୩୨ଇଂ** (ମିସେସ୍ ଲେଗେଟ୍‌ଙ୍କୁ ଲିଖିତ)

C/o E. T. Sturdy, Esq ,
ହାଇଭିଉ, କ୍ୟାଭର୍ଶ୍ୟାମ, ରିଡ଼ିଂ, ଇଂଲଣ୍ଡ୍
ଅକ୍ଟୋବର ୧୮୯୫

ମା,

ପୁଅକୁ ଭୁଲି ନାହାନ୍ତି ତ ? ଆପଣ ବର୍ତ୍ତମାନ କେଉଁଠାରେ ? ମାଉସୀ ଓ ଝିଅମାନେ ? ଆପଣଙ୍କ ମନ୍ଦିରର ତୃପ୍ତିପ୍ରିୟତମ ପୂଜକଙ୍କର ଖବର କଣ ? 'ଜୋ ଜୋ' ଏତେ ଶୀଘ୍ର 'ନିର୍ବାଣ' ଲାଭ କରୁ ନାହିଁ, କିନ୍ତୁ ତା'ର ଗଭୀର ନୀରବତା ଦେଖି ମନେହୁଏ ଗଭୀର 'ସମାଧି' ।

ଆପଣ କଅଣ ଘର ବୁଲୁଛନ୍ତି ? ମୁଁ ଇଂଲଣ୍ଡ ଖୁବ୍ ଉପଭୋଗ କରୁଛି । ବନ୍ଧୁ ସହ ଦର୍ଶନଶାସ୍ତ୍ର ଆଲୋଚନା କରି କଟାଉଛି—ଖାଇବା ଓ ଧୂମ୍ରପାନ କରିବା ପାଇଁ ଅଳ୍ପ କିଛିଏ ସମୟ ରଖି । ଦ୍ୱୈତବାଦ ଓ ଅଦ୍ୱୈତବାଦ ଏବଂ ତତ୍ସମ୍ବନ୍ଧୀୟ ଯାବତୀୟ ବିଷୟ ଛଡ଼ା ଆମର ଆଉ କିଛି ଆଲୋଚ୍ୟ ନାହିଁ ।

ମନେହୁଏ ଲମ୍ବା ଟ୍ରାଉଜର ପିନ୍ଧି ହଲିଷ୍ଟର ଅତ୍ୟନ୍ତ ମର୍ଯ୍ୟାଦାସମ୍ପନ୍ନ ହୋଇଛି, ଏବଂ ଏଲବାର୍ଟା ଜର୍ମନ୍ ଭାଷା ଶିଖୁଛି ।

ଏଠାରେ ଇଂରାଜମାନେ ଅତି ବନ୍ଧୁଭାବାପନ୍ନ । କେତୋଟି ଆଂଗ୍ଲୋ-ଇଣ୍ଡିଆନଙ୍କ ଛଡ଼ା କେହି କଳା ମନୁଷ୍ୟଙ୍କୁ ଘୃଣା କରନ୍ତି ନାହିଁ । ଏପରିକି ରାସ୍ତାରେ ମୋତେ ଲକ୍ଷ୍ୟ କରି କେହି ଥଟ୍ଟା ପରିହାସ କରନ୍ତି ନାହିଁ । ମଝିରେ ମଝିରେ ମୁଁ ଆଶ୍ଚର୍ଯ୍ୟ ହୋଇ ଭାବେ, ତା' ହେଲେ କଣ ମୋ ମୁହଁର ରଙ୍ଗ ଗୋରା ହୋଇଯାଇଛି, କିନ୍ତୁ ଦର୍ପଣରେ ସତ୍ୟ ଧରାପଡ଼େ । ତଥାପି ଏଠାରେ ସମସ୍ତେ ଅତି ବନ୍ଧୁଭାବାପନ୍ନ ।

ପୁଣି ଯେଉଁସବୁ ଇଂରେଜ୍ ପୁରୁଷ ଓ ନାରୀ ଭାରତକୁ ଭଲ ପାଆନ୍ତି, ସେମାନେ ହିନ୍ଦୁମାନଙ୍କ ଅପେକ୍ଷା ବେଶୀ 'ହିନ୍ଦୁ' । ଆପଣ ଶୁଣି ବିସ୍ମିତ ହେବେ ଯେ, ଏଠାରେ ମୁଁ ଖାଣ୍ଟି ଭାରତୀୟ ପଦ୍ଧତିରେ ପ୍ରସ୍ତୁତ ପ୍ରଚୁର ତରକାରି ଆଦି ପାଉଛି । ଯେତେବେଳେ ଜଣେ ଇଂରାଜ୍ ଗୋଟିଏ ଜିନିଷ ଧରେ, ସେ ସେତେବେଳେ ତା'ର ଗଭୀରତମ ପ୍ରଦେଶରେ ପ୍ରବେଶ କରେ । ଗତକାଲି ଜଣେ ଅଧ୍ୟାପକ ମି: ଫ୍ରେଜରଙ୍କ ସଙ୍ଗେ ମୋର ଦେଖା ହୋଇଛି—ସେ ଏଠାର ଜଣେ ଉର୍ଦ୍ଧ୍ୱତନ କର୍ମଚାରୀ । ସେ ତାଙ୍କର ଅଧେ ଜୀବନ ଭାରତରେ କଟାଇଛନ୍ତି; ପ୍ରାଚୀନ ଚିନ୍ତା ଓ ଜ୍ଞାନ ଦ୍ୱାରା ସେ ଏତେଟା ପୁଷ୍ଟ ହୋଇଛନ୍ତି ଯେ, ଭାରତ ବାହାରେ କୌଣସି ଜିନିଷ ପାଇଁ ଆଦୌ ଖାତିର୍ କରନ୍ତି ନାହିଁ । ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ଅନେକ ଚିନ୍ତାଶୀଳ ଇଂରେଜ ନରନାରୀ ମନେକରନ୍ତି ଯେ, ହିନ୍ଦୁମାନଙ୍କର ଜାତିବିଭାଗ ହିଁ ସାମାଜିକ ସମସ୍ୟାର ଏକମାତ୍ର ସମାଧାନ । ଆପଣ ହୁଏତ କଳ୍ପନା କରିପାରିବେ, ସେହି ଧାରଣା ମୁଣ୍ଡରେ ଧରି ସେମାନେ ସମାଜତନ୍ତ୍ରୀ ଓ ଅନ୍ୟାନ୍ୟ ସମାଜତାନ୍ତ୍ରିକ ଗଣତନ୍ତ୍ରୀମାନଙ୍କୁ କେତେଟା ଘୃଣା କରନ୍ତି । ପୁନଶ୍ଚ ଏଠାରେ ପୁରୁଷମାନେ—ଅତି ଉଚ୍ଚ ଶିକ୍ଷିତ ସବୁ—ଭାରତୀୟ ଚିନ୍ତାଧାରା ସମ୍ପର୍କରେ ଅତ୍ୟନ୍ତ ଆଗ୍ରହଶୀଳ, ସେ ତୁଳନାରେ ମହିଳାମାନଙ୍କ ସଂଖ୍ୟା ଖୁବ୍ କମ୍ । ଆମେରିକା ଅପେକ୍ଷା ଏଠାରେ ମହିଳାମାନଙ୍କର ଜୀବନ-ପରିଧି ମଧ୍ୟ ସଙ୍କୀର୍ଣ୍ଣତର । ଏପର୍ଯ୍ୟନ୍ତ ମୋର ସବୁ ଭଲରେ ଭଲରେ ସମ୍ପନ୍ନ ହେଉଛି । ପରବର୍ତ୍ତୀ ଘଟଣାବଳୀ ଜଣାଇବି । ଗୃହସ୍ୱାମୀ, ରାଣୀମାତା, ଜୋ ଜୋ ଏବଂ ଶିଶୁମାନଙ୍କୁ ପ୍ରୀତି ।

ଆପଣଙ୍କର ଚିରନ୍ତନ, ବିବେକାନନ୍ଦ

**୨୩୩ଇଂ** (ମିସ୍ ଜୋସେଫାଇନ୍ ମ୍ୟାକ୍‌ଲଉଡ୍‌ଙ୍କୁ ଲିଖିତ)

ରିଡ଼ିଂ, ଇଂଲଣ୍ଡ, ୨୦ ଅକ୍ଟୋବର ୧୮୯୫

ପ୍ରିୟ ଜୋ ଜୋ,

ଏହି ପତ୍ରଦ୍ୱାରା ଲେଗେଟ୍‌ମାନଙ୍କୁ ଲଣ୍ଡନକୁ ସ୍ୱାଗତ ଜଣାଉଛି । ଏକ ହିସାବରେ

ଏ ଦେଶ ମୋର ମାତୃଭୂମି, ତେଣୁ ପୂର୍ବରୁ ହିଁ ତୁମମାନଙ୍କୁ ଅଭ୍ୟର୍ଥନା ଜଣାଉଛୁ । ପରେ ଆଗାମୀ ମଙ୍ଗଳବାର, ୨୨ ତାରିଖ ସନ୍ଧ୍ୟା ସାଢ଼େ ଆଠଟା ବେଳେ ପ୍ରିନ୍‌ସେସ୍ ହଲ୍‌ଠାରେ ମୁଁ ତୁମମାନଙ୍କର ସମ୍ବର୍ଦ୍ଧନା ଗ୍ରହଣ କରିବି ।

ମଙ୍ଗଳବାର ପର୍ଯ୍ୟନ୍ତ ମୁଁ ଏତେ ବ୍ୟସ୍ତ ରହିବି ଯେ, ଏ ମଧ୍ୟରେ କୌଣସି ମତେ ତୁମ ସହିତ ଦେଖା କରିପାରିବି ନାହିଁ । ତା'ପରେ ଯେକୌଣସି ଦିନ ଦେଖା କରିବି । ହୁଏତ ମଙ୍ଗଳବାର ଦିନ ମଧ୍ୟ ଯାଇ ପହଞ୍ଚିପାରେ । ଚିରସ୍ନେହ ଓ ଆଶୀର୍ବାଦ ଜାଣିବ ।

ତୁମମାନଙ୍କର, ବିବେକାନନ୍ଦ

୨୩୪ଛ.

C/o E. T. Sturdy, ରିଡ୍ଡିଂ, ଲଣ୍ଡନ

୨୪ ଅକ୍ଟୋବର ୧୮୯୫

ପ୍ରିୟ ଆଲସିଙ୍ଗା,

'ବ୍ରହ୍ମବାଦିନ୍'ର ଦୁଇଟି ସଂଖ୍ୟା ପାଇଲି—ବେଶ୍ ହୋଇଛି—ଏପରି କାମ କରିଯାଅ । କାଗଜର କଭରଟା (ପ୍ରଚ୍ଛଦପଟ) ଟିକିଏ ଭଲ କରିବା ପାଇଁ ଚେଷ୍ଟା କର, ଆଉ ସଂକ୍ଷିପ୍ତ ସମ୍ପାଦକୀୟ ମନ୍ତବ୍ୟଗୁଡ଼ିକର ଭାଷା ଆଉଟିକିଏ ହାଲୁକା, ଅଥଚ ଭାବଗୁଡ଼ିକ ଟିକିଏ ଚଟକ୍‌ଦାର କରିବାକୁ ଯତ୍ନ କର । ଗୁରୁଗମ୍ଭୀର ଭାଷା ଓ ଛନ୍ଦ କେବଳ ପ୍ରଧାନ ପ୍ରଧାନ ପ୍ରବନ୍ଧଗୁଡ଼ିକ ପାଇଁ ରଖିଦିଅ । ମିଃ ଷ୍ଟର୍ଡି କେତୋଟି ପ୍ରବନ୍ଧ ଲେଖିବେ । ମୁଁ ତୁମ ନିକଟକୁ କେତୋଟି କାଗଜ ମଧ୍ୟ ପଠାଉଛି—ସେଥିରୁ ଦୁଇଟି ଯଥାକ୍ରମେ ଧର୍ମମହାସଭା ଓ ମିଶନାରିମାନଙ୍କ ସମ୍ପର୍କରେ । କାଗଜଟି ଇଂଲଣ୍ଡ ଚର୍ଚ୍ଚର ଉନ୍ନତିଶୀଳ ସମ୍ପ୍ରଦାୟର ଅନ୍ୟତମ ମୁଖପତ୍ର । ମୋର ଅନୁମାନ, ସମ୍ପାଦକ-ପତ୍ନୀ ଏଗୁଡ଼ିକ ମୋ ପାଖକୁ ପଠାଇ ଦେଇଛନ୍ତି, କାରଣ ତାଙ୍କ ବୈଠକଖାନାରେ ମୁଁ ଶୀଘ୍ର ବକ୍ତୃତା ଦେବି । ସମ୍ପାଦକଙ୍କ ନାମ ମିଃ ହାଉଇସ୍—ସେ ଇଂଲଣ୍ଡ ଚର୍ଚ୍ଚର ଜଣେ ବିଖ୍ୟାତ ପୁରୋହିତ ।

ଇତିମଧ୍ୟରେ ଏଠାରେ ମୋର ପ୍ରଥମ ବକ୍ତୃତା ହୋଇଯାଇଛି ଏବଂ 'ଷ୍ଟାଣ୍ଡାର୍ଡ' ପତ୍ରିକାର ମନ୍ତବ୍ୟ ପଢ଼ିଲେ ଜାଣିପାରିବ, ଲୋକେ ତାହାକୁ କିପରି ଭଲଭାବରେ ଗ୍ରହଣ କରିଛନ୍ତି । 'ଷ୍ଟାଣ୍ଡାର୍ଡ' ହେଉଛି ରକ୍ଷଣଶୀଳ ସମ୍ପ୍ରଦାୟର ବିଶେଷ ଶକ୍ତିଶାଳୀ କାଗଜମାନଙ୍କ ଭିତରେ ଅନ୍ୟତମ । ଆଗାମୀ ମଙ୍ଗଳବାରଠାରୁ ମୁଁ ଲଣ୍ଡନ ଯାଇ ସେଠାରେ ୮୦ ଓକ୍‌ଲି ଷ୍ଟ୍ରୀଟ, (Chelsea, London S.W.) ଠିକଣାରେ ମାସେ ରହିବି । ତା'ପରେ ମୁଁ ଆମେରିକାକୁ ଫେରିଯାଇ ପୁଣି ଆଗାମୀ ଗ୍ରୀଷ୍ମଋତୁରେ ଏଠାକୁ ଆସିବି । ଏପର୍ଯ୍ୟନ୍ତ ଦେଖୁଛି, ଇଂଲଣ୍ଡରେ ଭଲଭାବରେ ବୀଜ ବପନ କରାଯାଇଛି । ମୋର ଅନୁପସ୍ଥିତିରେ ମି: ଷ୍ଟର୍ଡି ଏଠାକୁ ଅନତିଶୀଘ୍ର ଆସୁଥିବା ମୋର ଜଣେ ସନ୍ନ୍ୟାସୀ ଗୁରୁଭ୍ରାତାଙ୍କ ସହିତ ମିଶି କ୍ଲାସ୍‌ଗୁଡ଼ିକ ଚଳାଇବେ ।

ସାହସ ଅବଲମ୍ବନ କର ଓ କାର୍ଯ୍ୟ କରିଯାଅ । ଧୈର୍ଯ୍ୟ ଓ ଦୃଢ଼ତାର ସହିତ କାର୍ଯ୍ୟ କରିଯିବା—ଏହା ହିଁ ଏକମାତ୍ର ଉପାୟ । ମୁଁ ଆମେରିକାରୁ ଦ୍ୱିତୀୟ ଥର ତୁମମାନଙ୍କ ନିକଟକୁ

ଯେଉଁ ଟଙ୍କା ପଠାଇଥିଲି, ସମ୍ଭବତଃ ତାହା ନିରାପଦରେ ପହଞ୍ଚିଛି । ତାହାର ପ୍ରାପ୍ତିସ୍ୱୀକାର ଅଭେଦାନନ୍ଦଙ୍କୁ ପଠାଇବ, କାରଣ ଏ ପତ୍ର ତୁମମାନଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ମୁଁ ଆମେରିକା ଫେରିଯାଇଥିବି । ତୁମମାନଙ୍କର ଅବଗତି ମୋର ୧୯ ନଂ ପଶ୍ଚିମ, ୩୮ ସଂଖ୍ୟକ ରାସ୍ତା, ନ୍ୟୁୟର୍କ, ଆମେରିକା, ଏ ଠିକଣାଟି ସ୍ମରଣ ଥିବ । ତୁମେମାନେ ଅବଶ୍ୟ କ୍ୟାଭରସ୍ୟାମ୍ ଇତ୍ୟାଦି ଠିକଣାରେ ମିଃ ଷ୍ଟର୍ଡିଙ୍କୁ ପତ୍ର ଲେଖିବ ଏବଂ ତାଙ୍କ ସହିତ ପ୍ରତ୍ୟକ୍ଷ ପତ୍ରବ୍ୟବହାର କରିବ । ମଠରୁ ଜଣେ ସହିତ ପତ୍ରବ୍ୟବହାରର ପ୍ରତିନିଧି ହେବ ତୁମେ, କଲିକତାରେ ମହେନ୍ଦ୍ରନାଥ ଗୁପ୍ତ, ଆମେରିକାରେ ମିସ୍ ମେରି ଫିଲିପ୍ସ, ୧୯ ନଂ ପଶ୍ଚିମ, ୩୮ ସଂଖ୍ୟକ ରାସ୍ତା, ନ୍ୟୁୟର୍କ—ଏ ଭାବରେ ଚାଲୁ । ବର୍ତ୍ତମାନ କାଗଜଟାପ୍ରତି ସମ୍ପୂର୍ଣ୍ଣ ମନଯୋଗ ଦିଅ । ତାହା ଯେପରି ଦୃଢ଼ପ୍ରତିଷ୍ଠିତ ହେବ, ସେଥିପାଇଁ ଚେଷ୍ଟା କର । ମିଃ ଷ୍ଟର୍ଡି ଧର୍ମ ସମ୍ବନ୍ଧରେ ସେଥିରେ ଲେଖାଲେଖି କରିବେ, ମୁଁ ମଧ୍ୟ ଲେଖିବି । ଏବେ ମୁଁ ଆଉ ଟଙ୍କା ପଠାଇ ପାରିବି ନାହିଁ—ଇଂଲଣ୍ଡରେ ବକ୍ତୃତା ଦେଇ ପଇସା ଯୋଗାଡ଼ କରିହୁଏ ନାହିଁ, ସୁତରାଂ ଏଠାରେ ମୋତେ ହିଁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଲା, ପଇସାଟିଏ ମଧ୍ୟ ଲାଭ ହୋଇ ନାହିଁ । କ୍ରମେ କ୍ରମେ ଏଠାରେ ଏପରି ବନ୍ଧୁ ପାଇବି, ଯେଉଁମାନେ ସାମୟିକ ପତ୍ର ପ୍ରଭୃତି ପାଇଁ ଟଙ୍କା ଖର୍ଚ୍ଚ କରିବେ, କାମ କରିଚାଲ—ଧୈର୍ଯ୍ୟ, ପବିତ୍ରତା, ସାହସ ଓ ଦୃଢ଼ତା ସହକାରେ କାମ କରିଚାଲ—ଏହି କେତୋଟି ବିଷୟ ମନେରଖ । ଲଣ୍ଡନରେ ମୋ ସହିତ ସେନନଙ୍କର କେତେଥର ଦେଖା ହୋଇଥିଲା । ବର୍ତ୍ତମାନ କାଗଜଟି ସ୍ଥାୟୀ କରିବା ପାଇଁ ସମଗ୍ର ଶକ୍ତି ପ୍ରୟୋଗ କର । ଯେତେଦିନଯାଏଁ ତୁମେ ଅକପଟ ଓ ପବିତ୍ର ଥିବ, ସେତେଦିନ ପର୍ଯ୍ୟନ୍ତ କଦାପି ଅକୃତକାର୍ଯ୍ୟ ହେବ ନାହିଁ—ମା ତୁମକୁ ତ୍ୟାଗ କରିବେ ନାହିଁ, ତୁମ ଉପରେ ତାଙ୍କର ସବୁପ୍ରକାର ଶୁଭାଶିଷ ବର୍ଷିତ ହେବ । ଇତି

ତୁମର, ବିବେକାନନ୍ଦ

୨୩୫ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

C/o E. T. Sturdy, ରିଡ଼ିଂ, ଇଂଲଣ୍ଡ, ୧୮୯୫

ପ୍ରିୟ ଶଶୀ,

ତୁମର ଚିଠି, ଚୂନିବାବୁଙ୍କ ଚିଠି, ସାଣ୍ଡେଲର ଚିଠି ସବୁ ଆଗରୁ ପାଇଛି । ରାଖାଲର ଚିଠି ଆଜି ପାଇଲି । ରାଖାଲ gravel (ପଥୁରି) ରୋଗିଛି ଶୁଣି ଦୁଃଖିତ ହେଲି । ବୋଧହୁଏ ବଦ୍‌ହଜମ ହେତୁରୁ ହୋଇଥାଇପାରେ ।··· ମଠର Business (କାମଦାମ) ମାଷ୍ଟର ମହାଶୟ ଯଦି ରାଜି ହୁଅନ୍ତି, ତାଙ୍କଦ୍ୱାରା କରାଇବ, ଅଥବା ହୁଟ୍‌କୋ ହାତରେ କରାଇବ । ସାଣ୍ଡେଲକୁ ତା' ସଂସାର ଦେଖିବାକୁ କହିବ, ମଠର କାମଧନ୍ଦାରେ ବୃଥା ସମୟ ସେ ବ୍ୟସ୍ତ ନ କରୁ । ହୁଟ୍‌କୋର ପେଶା ଶୋଧ ହୋଇଯାଇଛି, ବର୍ତ୍ତମାନ ମୁଣ୍ଡ ଲଣ୍ଡା କରିଦେବାକୁ କହିବ । ଜଳରେ ଅଛି, ସ୍ଥଳରେ ଅଛି—ଏପରି ଲୋକଙ୍କୁ ମୁଁ ଚାହେଁ ନାହିଁ । ହରମୋହନକୁ କହିବ, ଲେକ୍‌ଚର ଫୋକ୍‌ଚର ବର୍ତ୍ତମାନ ମୋର କିଛି ନାହିଁ । ସୁରେଶ ଦତ୍ତଙ୍କର ଏକ 'ନାରଦସୂତ୍ର'

ତୁମେମାନେ ପଠାଇଥିଲ । କାହିଁକି ଦୁନିଆରେ କ'ଣ ଆଉ 'ନାରଦପଞ୍ଚରାତ୍ର'— ଛପାହୋଇ ନ ଥିଲା ?··· ହରମୋହନ ଗୋଟାଏ କ'ଣ—Lord ରାମକୃଷ୍ଣ ପରମହଂସ ଲେଖିଛି ! Lordଟା ପୁଣି କ'ଣ—English Lord ନା Duke ?

ରାଖାଲକୁ କହିବ, ଲୋକେ ଯାହା ହେଉ କୁହନ୍ତୁ । ଲୋକ ନା ପୋକ । ଭାବ-ଘରେ ତୁମମାନଙ୍କର ଚୋରି ନ ରହୁ ଏବଂ Jesuitism (କପଟତା) ପାଖ ମାଡ଼ିବ ନାହିଁ । Orthodox (ଆନୁଷ୍ଠାନିକ) ପୌରାଣିକ ହିନ୍ଦୁ ମୁଁ କେବେ ହେଲି, ଆଉ ବା ଆଗ୍ରହୀ ହିନ୍ଦୁ କେବେ ? I do not pose as one ।* ବଙ୍ଗାଳିମାନେ ହିଁ ମୋତେ ମଣିଷ କଲେ, ଟଙ୍କା ପଇସା ଦେଇ ପଠାଇଲେ ଓ ବର୍ତ୍ତମାନ ମଧ୍ୟ ସେଠାରେ ମୋତେ ପରିପୋଷଣ କରୁଛନ୍ତି—ଆହା ହା ! ! ! ତାଙ୍କର ମନ ଜଗି କଥା କହିବାକୁ ହେବ—ନା ? ବଙ୍ଗାଳିମାନେ କ'ଣ କହୁଛନ୍ତି ବା ନ କହୁଛନ୍ତି, ସେ ସବୁ କ'ଣ ଗ୍ରାହ୍ୟ ମଧ୍ୟରେ ନେବାକୁ ହେବ ? ତାଙ୍କ ଦେଶରେ ଭାରତବର୍ଷର ଜ୍ଞାନର ପିଲା ହୁଏ । ଯାହାଙ୍କ ଜନ୍ମରେ ତାଙ୍କ ଦେଶ ପବିତ୍ର ହୋଇଗଲା, ତାଙ୍କ ପାଇଁ ପାହୁଲାକର କିଛି କରିପାରିଲେ ନାହିଁ, ଅଥଚ ଏଣେ ପୁଣି ଲମ୍ବା କଥା ! ବଙ୍ଗଳା ଦେଶକୁ ଆଉ ଯିବ ବୋଲି କଅଣ ଭାବୁଛ ? ସେମାନେ ଭାରତବର୍ଷର ନାଁ ଖରାପ କରିଛନ୍ତି ।··· ମଠ କରିବାକୁ ହେଲେ, ପଶ୍ଚିମରେ ରାଜପୁତାନାରେ, ପଞ୍ଜାବରେ even (ଏପରିକି) ବମ୍ବେରେ । ବଙ୍ଗାଳୀ !··· ଲଣ୍ଡନରେ କେତେଜଣ କାର୍ଯ୍ୟ ପରି, ପୁଣି ଟୋପି-ଟୋପା ମୁଣ୍ଡରେ ପିନ୍ଧି ବୁଲିବାର ଦେଖିଛୁ । କଳା ହାତରେ ଖାଦ୍ୟ ଛୁଇଁଲେ ଇଂରେଜମାନେ ଖାଆନ୍ତି ନାହିଁ—ଏହିପରି ଆଦର ! ୧ଠି ଗୃହରକ୍ଷକଙ୍କ ଦଳରେ ଫାଜିଲମି କରି, ଦେଶକୁ ଫେରି ପୁଣି ବଡ଼ଲୋକ ହୁଅନ୍ତି ! ! ରାମ ! ରାମ ! ଆହାର ଗେଣ୍ଡା, କୋଚଆ, ପାନ ପ୍ରସ୍ରାବ-ସୁବାସିତ ପୋଖରୀପାଣି, ଭୋଜନପାତ୍ର ଛିଣ୍ଡା କଦଳୀପତ୍ର ଏବଂ ଶଯ୍ୟା ପିଲମାନଙ୍କ ବିଷ୍ଠା-ମିଶ୍ରିତ ଓଦା ମାଟିର ଭୂଇଁ ଉପରେ, ବିହାର ପେତନୀ ଶାଙ୍ଖଚୁର୍ଣ୍ଣୀ ସହିତ, ବେଶ ଦିଗମ୍ବର କୌପୀନ ଇତ୍ୟାଦି, ହେଲେ ମୁହଁରେ ଯେତେ ଜୋର୍ ! ଏମାନଙ୍କ ମତାମତରେ କି ଯାଏ ଆସେରେ ଭାଇ ? ତୁମେ ସବୁ ନିଜ ନିଜ କାମ କରିଯାଅ । ମଣିଷର ମୁହଁ ଦେଖୁଛ କ'ଣ, ଭଗବାନଙ୍କ ମୁହଁ ଦେଖ ।

ଶରତ୍ ଭାଷ୍ୟମାନଙ୍କଗୁଡ଼ାକ Dictionary (ଅଭିଧାନ) ଦେଖି ଏମାନଙ୍କୁ ଏକପ୍ରକାର ପଢ଼ାଇ ଦେଇପାରିବ ତ, ଗୀତା ଉପନିଷଦ୍ ?—ନା ଖାଲି ବୈରାଗ୍ୟ ? ଖାଲି ବୈରାଗ୍ୟର ଆଉ କ'ଣ ସମସ୍ତ ଅଛି ? ନାଧିପେଲି ସମସ୍ତେ କଅଣ ରାମକୃଷ୍ଣ ପରମହଂସ ହୋଇଯାଆନ୍ତି ରେ ଭାଇ ? ଶରତ୍ ବୋଧହୁଏ ଏହାଭିତରେ ଯାତ୍ରା କରିଛି । ଖଣ୍ଡିଏ ପଞ୍ଚଦଶୀ, ଖଣ୍ଡିଏ ଗୀତା (ଯେତେଗୁଡ଼ାଏ ଭାଷ୍ୟ ପାଇବ, ତା' ସହିତ), କାଶୀ ଛପାଇଥିବା ଖଣ୍ଡିଏ 'ନାରଦ ଓ ଶାଣ୍ଡିଲ୍ୟ-ସୂତ୍ର' (ସୁରେଶ ଦତ୍ତଙ୍କ ଛାପା ଏକ ଛନ୍ଦରେ ଅଠରଟା ଭୁଲ୍, ଅର୍ଥ ହୁଏ ନାହିଁ), ପଞ୍ଚଦଶୀର ଯଦି ତର୍ଜମା (ଭଲ, ବାଜେ ନୁହେଁ) ଥାଏ ଓ କାଳୀବର ବେଦାନ୍ତବାଗୀଶଙ୍କ

---

* ମୁଁ ନିଜକୁ ଏପରି ଜଣେ ଲୋକ ବୋଲି ଜାହିର୍ କରେ ନାହିଁ ।

ଦ୍ୱାରା ଶଙ୍କରଭାଷ୍ୟର ତର୍ଜମା ଓ ପାଣିନି-ସୂତ୍ର ବା କାଶିକା-ବୃତ୍ତି ବା ଫଣି-ଭାଷ୍ୟର କୌଣସି ବଙ୍ଗଳା ବା ଇଂରେଜୀ (ଏଲାହାବାଦର ଶ୍ରୀଶ ବସୁଙ୍କର) ତର୍ଜମା ଥାଏ ତ ପଠାଇବ ।

—ଗୁଡ଼ାକ୍ଙ୍କ ଟଙ୍କା ପଇସା କାରବାରରେ ଆଦୌ ବିଶ୍ୱାସ କରିବ ନାହିଁ; ଏଣେ କାଞ୍ଚନ ତ୍ୟାଗ କରିବାକୁ ହେବ ନାହିଁ । ନିଜେ ନିଜେ ଟଙ୍କା କଉଡ଼ିର ଖରଚ-ଆଦାୟ ସବୁ କରିବ । ମଠିରେ, ଯାହା କହୁଛି କରିଯିବ, ଓସ୍ତାଦି ଚଳିଇବ ନାହିଁ ଆଉ ମୋ ଉପରେ । ବର୍ତ୍ତମାନ ତୁମ ବଙ୍ଗାଳୀମାନଙ୍କୁ କହ ଦେଖି, ମୋ ପାଖରେ ଖଣ୍ଡିଏ ବାଚସ୍ପତ୍ୟ ଅଭିଧାନ ପଠାଇ ଦେବାକୁ—ଦେଖିବି ବଚନ-ବାଗୀଶଦଳଙ୍କୁ ! ଇଂରେଜମାନଙ୍କ ଦେଶରେ ଧର୍ମକର୍ମର କାମ ଖୁବ୍ ଧୀରେ ଧୀରେ । ଏମାନେ ହୁଏତ ରକ୍ଷଣଶୀଳ, ନ ହେଲେ ନାସ୍ତିକ । ରକ୍ଷଣଶୀଳ-ମାନେ ପୁଣି ଏପରି 'ନମୋ ନମୋ' ଧର୍ମ କରନ୍ତି, 'Patriotism (ସ୍ୱଦେଶସେବା) ଆମମାନଙ୍କର ଧର୍ମ'—ଏତିକମାତ୍ର ।

ବହି ଆମେରିକାକୁ ପଠାଇବ । C/o Miss Mary Philips, 19 W. 38th Street, New York, U.S., America—ଏହି ହେଲା ମୋର ଆମେରିକା address (ଠିକଣା) । ନଭେମ୍ବର ମାସ ଶେଷ ଆଡ଼କୁ ଆମେରିକା ଯିବି, ଅତଏବ ବହିପତ୍ର ସେହିଠାକୁ ପଠାଇବ । ଶରତ୍ତ ଯଦି ପତ୍ରପାଠ ମାତ୍ରେ ବାହାରିଥାଏ, ତା'ହେଲେ ମୋ ସହିତ ଦେଖା ହେବ, ନଚେତ୍ ନୁହେଁ । Business is business* —ପିଲାଖେଳ ନୁହେଁ । Sturdy ( ଷ୍ଟର୍ଡି ) ସାହେବ ତାକୁ ନେଇଆସି ଘରେ ରଖିବେ ଇତ୍ୟାଦି । ମୁଁ ଏଥର ଇଂଲଣ୍ଡକୁ ଖାଲି ଟିକିଏ ଖବର ନେବା ପାଇଁ ଆସିଛି । ଆସନ୍ତା ଗ୍ରୀଷ୍ମରେ କିଛି ଅଧିକା ଧରଣର ହୋ ହା କରିବା ପାଇଁ ଚେଷ୍ଟା କରାଯିବ । ତା ପରେ next winter India (ଆଗାମୀ ଶୀତ ଋତୁରେ ଭାରତକୁ) ।

ତୁମ ଉପରେ ମୋର ବର୍ତ୍ତମାନ ପୁରା ବିଶ୍ୱାସ ରହିଛି । ଖେତଡ଼ିର ରାଜା ଯାହା କିଛି ଖବର ବୁଝିବାକୁ, ତୁମେ ନିଜେ ଲେଖିବ, ଆଉ କାହାକୁ ଜାଣିବାକୁ ମଧ୍ୟ ଦେବ ନାହିଁ । ଯେଉଁସବୁ ଲୋକେ ଆମମାନଙ୍କ ପ୍ରତି interested (ଆଗ୍ରହାନ୍ୱିତ) ସେମାନଙ୍କୁ regularly (ନିୟମିତଭାବେ) ଚିଠିପତ୍ର ଲେଖିବ । Interest (ଆଗ୍ରହ) ଜଗାଇ ରଖିବ । ସାରା ବଙ୍ଗଦେଶରେ ସ୍ଥାନେ ସ୍ଥାନେ centre (କେନ୍ଦ୍ର) କରିବା ପାଇଁ ଚେଷ୍ଟା କରିବ । ତୁମେସବୁ ତ କେହି କିଛି ଏପର୍ଯ୍ୟନ୍ତ କରି ଉଠିପାରିଲ ନାହିଁ ଦେଖୁଛି; ଖାଲି ବଚନ ଝାଡ଼ୁଛ ! ତୁମର ଯେପରି ଦେହ ଖରାପ, ବାକିସବୁ କରୁଛନ୍ତି କ'ଣ ? ଖାଲି ଆମେ ଲର୍ଡ ରାମକୃଷ୍ଣଙ୍କ ଶିଷ୍ୟ ! ପଚାରୁଛି, ଏ ଲର୍ଡ ରାମକୃଷ୍ଣ ବ୍ୟାପାରଟା କ'ଣ ହେ ? ହରମୋହନଟା ତ ଅଧାପାଗଳା—ସେ ଗୋଟାଏ କ'ଣ ଲର୍ଡ ରାମକୃଷ୍ଣ ବୋଲି ଲେଖୁଛି କୁହ ତ ? ଲର୍ଡ, ଡମ୍ବୁର୍ ପୁଣି କ'ଣ ହେ ? ପାଗଳାଗୁଡ଼ାକର ଜ୍ୱାଳାରେ ଅସ୍ଥିର ! ବର୍ତ୍ତମାନ ଏତିକି । ପର ଚିଠିରେ ହାଲ୍‌ଚାଲ୍ ଲେଖିବି । Sturdy ( ଷ୍ଟର୍ଡି ) ସାହେବ ଜଣକ ଭାରି ଭଲ, ଖୁବ୍ ଏକ-ନିଷ୍ଠ ବୈଦାନ୍ତିକ, ସଂସ୍କୃତ ଟିକିଏ ଅଧେ ବୁଝନ୍ତି । ବହୁ ପରିଶ୍ରମ କଲେ ଯାଇଁ ଏ

* କାମଦାମ ତତ୍ପରତାର ସହିତ କରିବା ଦରକାର ।

ଦେଶରେ ଟିକିଏ ଅଧେ କାମ ହୁଏ—ଖୁବ୍ କଠିନ କାମ, ଏବଂ ଶୀତ ଓ ବର୍ଷାରେ । ତା'ପରେ ପୁଣି ଏଠାରେ ହାତରୁ ଖାଇ ଘୋଡ଼ା ଆଗରେ ନାଚବା କଥା । ଇଂରେଜମାନେ ଲେକ୍‌ଚର ଫେକ୍‌ଚର ଶୁଣିବାକୁ ପଇସାଟିଏ ମଧ୍ୟ ଦିଅନ୍ତି ନାହିଁ । ଯଦି ଶୁଣିବାକୁ ଆସନ୍ତି ତ ତୁମ ଭାଗ୍ୟ, ଯେପରି ଆମ ଦେଶରେ । ତା'ପରେ ପୁଣି, ଏ ଦେଶର ଜନସାଧାରଣ ମୋତେ ଏଯାଏଁ ଜାଣି ନାହାନ୍ତି । ତା' ଛଡ଼ା, ଭଗବାନ ଭଗବାନ କହିଲେ ସେମାନେ ପଳାଇ ଯାଆନ୍ତି, କହନ୍ତି—ଆରେ ପାଦ୍ରୀଟାଏରେ ! ତୁମେ ବସି ବସି ଗୋଟାଏ କାମ କର—ଋଗ୍‌ବେଦରୁ ଆରମ୍ଭ କରି, ସାମାନ୍ୟ ପୁରାଣ ତନ୍ତ୍ର ପର୍ଯ୍ୟନ୍ତ ସୃଷ୍ଟି ପ୍ରଳୟ ସମ୍ବନ୍ଧରେ, ଜାତି ସମ୍ବନ୍ଧରେ, ସ୍ୱର୍ଗ, ନରକ, ଆତ୍ମା, ମନ, ବୁଦ୍ଧି ଇତ୍ୟାଦି, ଇନ୍ଦ୍ରିୟ, ମୁକ୍ତି, ସଂସାର (ପୁନର୍ଜନ୍ମ) ସମ୍ବନ୍ଧରେ କିଏ କ'ଣ ସବୁ କହିଛନ୍ତି, ତାହା ସବୁ ଏକତ୍ରିତ କରି । ପିଲ-ଖେଳ କଲେ କ'ଣ ହେବ ? Real scholarly work (ପ୍ରକୃତ ପାଣ୍ଡିତ୍ୟପୂର୍ଣ୍ଣ କାମ) ଦରକାର । Material (ଉପାଦାନ) ସଂଗ୍ରହ ହେଉଛି ଅସଲ କାମ । ସମସ୍ତଙ୍କୁ ମୋର ସ୍ନେହ । ଇତି

ନରେନ୍ଦ୍ର

**୨୦୩ଇ୦** (ମି: ଇ. ଟି. ଷ୍ଟର୍ଡିଙ୍କୁ ଲିଖିତ)

୮୦ ଓକ୍‌ଲି ଷ୍ଟ୍ରୀଟ, ଲଣ୍ଡନ
୩୧ ଅକ୍ଟୋବର ୧୮୯୫, ଅପରାହ୍ଣ ୫ଟା

ପ୍ରିୟ ବନ୍ଧୁ,

ଏହି ମାତ୍ର ଦୁଇଜଣ ଯୁବକ ଭଦ୍ରଲୋକ, ମି: ସିଲ୍‌ଭର୍ ଲକ୍ ଓ ତାଙ୍କ ବନ୍ଧୁ ଚାଲିଗଲେ । ମିସ୍ ମୁଲର୍ ତ ଆଜି ଅପରାହ୍ଣରେ ଆସିଥିଲେ ଏବଂ ଏମାନେ ଆସିବା ସଙ୍ଗେ ସଙ୍ଗେ ଚାଲି ଯାଇଥିଲେ ।

ଏ ଦୁହିଁଙ୍କ ଭିତରୁ ଜଣେ ଇଞ୍ଜିନିୟର୍ ଓ ଅନ୍ୟଜଣକ ଶସ୍ୟ ବ୍ୟବସାୟ କରନ୍ତି । ଦର୍ଶନ ଓ ବିଜ୍ଞାନ ସମ୍ପର୍କୀୟ ବହୁ ଗ୍ରନ୍ଥ ଏମାନେ ପଢ଼ିଛନ୍ତି ଏବଂ ଉଭୟେ ଶାସ୍ତ୍ରର ଆଧୁନିକତମ ସିଦ୍ଧାନ୍ତଗୁଡ଼ିକ ସହିତ ହିନ୍ଦୁମାନଙ୍କ ପ୍ରାଚୀନ ଚିନ୍ତାଧାରାର ଅପୂର୍ବ ସାମଞ୍ଜସ୍ୟ ଦେଖି ବିସ୍ମିତ ହୋଇଛନ୍ତି । ଉଭୟେ ଚମତ୍କାର ଲୋକ—ବେଶ ବୁଦ୍ଧିମାନ୍ ଓ ପଣ୍ଡିତ । ଜଣେ ଗୀର୍ଜା ସହିତ ସମ୍ପର୍କ ତ୍ୟାଗ କରିଛନ୍ତି ଏବଂ ଅନ୍ୟ ଜଣକ ଏପରି କରିବେ କି ନାହିଁ, ସେ କଥା ମୋତେ ପଚାରିଲେ ।

ଏମାନଙ୍କ ସହିତ ଆଳାପ ହେବାପରେ ଦୁଇଟି କଥା ମୋ ମନରେ ଉଠିଛି । ପ୍ରଥମତଃ, ସେ ବହିଟିକୁ ଯଥାଶୀଘ୍ର ସମାପ୍ତ କରିବାକୁ ପଡ଼ିବ । ତା' ସାହାଯ୍ୟରେ ଆମେ ଏପରି ଦଳେ ଲୋକଙ୍କ ସଂସ୍ପର୍ଶରେ ଆସିପାରିବା, ଯେଉଁମାନେ ଦାର୍ଶନିକ ଭିତ୍ତିରେ ଧର୍ମକୁ ଗ୍ରହଣ କରନ୍ତି ଏବଂ ଅଲୌକିକତା ଆଦୌ ପସନ୍ଦ କରନ୍ତି ନାହିଁ । ଦ୍ୱିତୀୟତଃ, ଏମାନେ ଉଭୟେ ଆମ ଧର୍ମର ଆନୁଷ୍ଠାନିକ ଦିଗଟା ଜାଣିବାକୁ ଚାହାଁନ୍ତି । ଏହାଫଳରେ ମୋ ଆଖି ଖୋଲି-

ଯାଇଛୁ । ଜଗତର ସାଧାରଣ ଲୋକ ଚାହିଁ କୌଣସି ପ୍ରକାରର ଅବଲମ୍ବନ । ବସ୍ତୁତଃ ସାଧାରଣ ଭାବରେ କହିବାକୁ ଗଲେ ଅନୁଷ୍ଠାନ ମଧ୍ୟରେ ଯେତେବେଳେ ଦର୍ଶନ (Philosophy) ରୂପ ପରିଗ୍ରହ କରେ ସେତେବେଳେ ତାହାକୁ ଧର୍ମ କୁହାଯାଏ । ତେଣୁ ଧର୍ମମନ୍ଦିର ଓ କିଛି କ୍ରିୟାକଳାପ ରହିବା ନିତାନ୍ତ ଆବଶ୍ୟକ, ଅର୍ଥାତ୍ ଆମମାନଙ୍କୁ ଯଥାସମ୍ଭବ ଅତିଶୀଘ୍ର କିଛି କ୍ରିୟାକଳାପ ଠିକ୍ କରିନେବାକୁ ହେବ ।

ଯଦି ଆପଣ ଶନିବାର ସକାଳେ ବା ତତ୍ପୂର୍ବରୁ ଆସିପାରନ୍ତି, ତେବେ ଆମେ 'ଏସିଆଟିକ୍ ସୋସାଇଟି'କୁ ଯିବା, କିମ୍ବା ଆପଣ ମୋ ଲାଗି 'ହେମାଦ୍ରି କୋଷ' ନାମକ ଗ୍ରନ୍ଥଟି ସଂଗ୍ରହ କରିପାରନ୍ତି; ଆମେ ଯାହା ଚାହୁଁ, ଏ ପୁସ୍ତକରେ ତାହା ପାଇବା । ଉପନିଷଦ୍‌ଗୁଡ଼ିକ ମଧ୍ୟ ନେଇ ଆସିବେ । ମନୁଷ୍ୟର ଜନ୍ମଠାରୁ ମୃତ୍ୟୁକାଳ ମଧ୍ୟରେ ଆମେ ଗୋଟାଏ କିଛି ଅପୂର୍ବ ସିଦ୍ଧାନ୍ତ ସୁଦୃଢ଼ କରି ଧରିପାରିବା, ଅସମ୍ବଦ୍ଧ ଦାର୍ଶନିକ ମତବାଦ ମାନବଜୀବନ ଉପରେ କୌଣସି ପ୍ରଭାବ ବିସ୍ତାର କରିପାରେ ନାହିଁ ।

ଆମେ ଯଦି ଆମ କ୍ଲାସଗୁଡ଼ିକ ସମାପ୍ତ ହେବା ପୂର୍ବରୁ ପୁସ୍ତକଟି ଶେଷ କରିଦେଇ-ପାରିବା, ଏବଂ ଗୋଟାଏ ଦୃଢ଼ଭିତ୍ତି ଅନୁଷ୍ଠାନ ମାଧ୍ୟମରେ ତାହା ସର୍ବସାଧାରଣଙ୍କ ଭିତରେ ପ୍ରକାଶ କରିପାରିବା, ତା'ହେଲେ ପୁସ୍ତକଟି ଚାଲୁ ହୋଇଯିବ । ଏମାନେ ଚାହାଁନ୍ତି ସଙ୍ଘବଦ୍ଧ ହେବାକୁ ଓ ଚାହାଁନ୍ତି କ୍ରିୟାକଳାପ । ଆଉ ଠିକ ଏହା ହିଁ ଗୋଟିଏ କାରଣ ଯେଉଁଥିପାଇଁ '—' ମାନେ ପାଶ୍ଚାତ୍ୟ ଜନସାଧାରଣଙ୍କ ଉପରେ କେବେହେଲେ ପ୍ରଭାବ ବିସ୍ତାର କରିପାରିବେ ନାହିଁ ।

'ନୈତିକ ସମିତି'ର ପ୍ରସ୍ତାବରେ ସମ୍ମତ ହେବା ଫଳରେ ସେମାନେ ମୋତେ ଧନ୍ୟବାଦ ଜଣାଇ ପତ୍ର ଲେଖିଛନ୍ତି ଏବଂ ସେମାନଙ୍କର ଗୋଟିଏ ଫର୍ମ ମଧ୍ୟ ପଠାଇଛନ୍ତି । ତାଙ୍କର ଇଚ୍ଛା ଯେ, ମୁଁ ଖଣ୍ଡିଏ ବହି ସାଙ୍ଗରେ ନେଇ ଯିବି ଏବଂ ସେଥିରୁ ଦଶମିନିଟ ପାଇଁ ପାଠ କରିବି । ଆପଣ ଦୟାକରି ଗୀତାର ଅନୁବାଦ ଓ ବୌଦ୍ଧଜାତକର ଅନୁବାଦ ନେଇଆସି ପାରିବେ କି ? ଆପଣଙ୍କ ସହିତ ଦେଖା ନ କରି, ମୁଁ ଏ ବିଷୟରେ କିଛି କରିବି ନାହିଁ । ମୋର ସ୍ନେହ ଓ ଶୁଭେଚ୍ଛା ଜାଣିବେ । ଇତି ।

ବିବେକାନନ୍ଦ

**୨୩୭**ଇଂ (ମିସ୍ ଜୋସେଫାଇନ ମ୍ୟାକ୍‌ଲାଉଡ୍‌ଙ୍କୁ ଲିଖିତ)

୮୦ ଓକ୍‌ଲି ଷ୍ଟ୍ରିଟ, ଲଣ୍ଡନ, ୩୧ ଅକ୍ଟୋବର ୧୮୯୬

ପ୍ରିୟ ଜୋ ଜୋ,

ଶୁକ୍ରବାର ଦିନ ଆନନ୍ଦରେ ତୁମର ସେଠାରେ ମଧ୍ୟାହ୍ନଭୋଜନ ଓ ଏଲ୍‌ବେମାର୍ଲରେ ମିଷ୍ଟର କଷ୍ଟେନ୍‌ଙ୍କ ସହିତ ଆଳାପ କରିବି ।

ମିସେସ୍ ଓ ମିସ୍ ନେଟାର୍ ନାମକ ଦୁଇଜଣ ଆମେରିକାନ୍ ମହିଳା—ମାତା ଓ କନ୍ୟା—ଗତ ରାତିର କ୍ଲାସ୍‌ରେ ଯୋଗ ଦେଇଥିଲେ । ସେମାନେ ଯଥାର୍ଥ ଅନୁରକ୍ତ ବୋଲି ମନେହେଉଛି । ମିସ୍ ରେମିଙ୍ଗ୍‌ଟନ୍‌ଙ୍କର ସେଠାରେ ଯେଉଁ କ୍ଲାସ୍ ହେଉଥିଲା, ତାହା ସମାପ୍ତ

ହୋଇଛୁ । ଆଗାମୀ ଶନିବାର ରାତିଠାରୁ ମୋ ଘରେ ହିଁ କ୍ଲାସ୍ ହେବ । ମୋ କ୍ଲାସ୍‌ଗୁଡ଼ିକ ପାଇଁ କାମ ଚଳିଯିବା ଭଳି ଗୋଟିଏ ଦୁଇଟି ବଡ଼ ଘର ପାଇବି ବୋଲି ଆଶା କରୁଛି । ମନ୍‌କଓର କନ୍‌ୱେଙ୍କ ନୈତିକ ସମିତିରେ (Moncure Conway's Ethical Society) ନିମନ୍ତ୍ରଣକ୍ରମେ ୧୦ ତାରିଖ ଦିନ ତାଙ୍କର ଘରେଠାରେ ବକ୍ତୃତା ଦେବି । ଆଗାମୀ ମଙ୍ଗଳବାର ବାଲବୋଆ ସମିତିରେ (Balboa Society) ବକ୍ତୃତା । ପ୍ରଭୁ ସାହାଯ୍ୟ କରିବେ । ଶନିବାର ଦିନ ତୁମ ସହିତ ବାର୍ତ୍ତାଳାପ କରିବି କି ନାହିଁ ଠିକ୍ ନାହିଁ । ତଥାପି ନିହର ବାହାରେ ତୁମକୁ ଖୁବ୍ ଭଲ ଲାଗିବ, ତା' ଛଡ଼ା ମିଷ୍ଟର ଓ ମିସେସ୍ ଷ୍ଟର୍ଡି ଅତି ଚମତ୍କାର ଲୋକ । ସ୍ନେହ-ପ୍ରୀତି ଆଶୀର୍ବାଦ ଜାଣିବ । ଇତି

ବିବେକାନନ୍ଦ

ପୁଃ—ମୋ ପାଇଁ କିଛି ନିରାମିଷ ତରକାରିର ବ୍ୟବସ୍ଥା ରଖ । ଭାତର ସେପରି ପକ୍ଷପାତୀ ନୁହେଁ, ରୁଟି ହେଲେ ମଧ୍ୟ ବେଶ୍ ଚଳିବ । ଆଜିକାଲି ସେପରି ନିରାମିଷାଶୀ ହୋଇଛୁ, କହିବାର ନୁହେଁ ।

**୨୩୮** (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

C/o E. T. Sturdy, ଇଂଲଣ୍ଡ, ୧୮୯୫

ଅଭିନ୍ନହୃଦୟେଷୁ

ତୁମର ଓ ସାନ୍ୟାଲର ପତ୍ରରୁ ସବିଶେଷ ଅବଗତ ହେଲି । ତୁମମାନଙ୍କର ଚିଠି ଲେଖିବାର ଦୁଇଟି ଦୋଷ—ବିଶେଷ ଭାବରେ ତୁମର । ପ୍ରଥମ, ଯେଉଁସବୁ କାମର କଥା ମୁଁ ପଚାରେ, ତାହାର ପ୍ରାୟ କୌଣସିଟିର ଉତ୍ତର ମିଳେ ନାହିଁ । ଦ୍ୱିତୀୟ, ଉତ୍ତର ଦେବାରେ ଅତ୍ୟନ୍ତ ବିଳମ୍ବ । ତୁମେମାନେ ତ ଘରେ ବସିରହିଛ ଭାଇ ! ମୋତେ ଏ ବିଦେଶରେ ପେଟ ପାଇଁ ଚେଷ୍ଟା କରିବାକୁ ପଡ଼େ, ପୁଣି ଦିନରାତି ଖଟିବାକୁ ହୁଏ; ତାହା ଉପରେ ଲକ୍ଷ ପତ୍ର ଘୂରି ବୁଲିବା ।··· ମୁଁ ଏବେ ବେଶ୍ ବୁଝିପାରୁଛି ଯେ, ମୋତେ ଏକା କାମ କରିବାକୁ ହେବ ।···

ଅବଶ୍ୟ ଶଶୀ ସବୁଠାରୁ ଉପଯୁକ୍ତ; କିନ୍ତୁ ତୁମେମାନେ ଖାଲି ଶଶୀର ଆସିବା ସମ୍ଭବ କି ନୁହେଁ ସେହି କଥା ବିଚାର କରୁଛ ।··· ଏସବୁ ହେଲା ମହାବାଲାର୍ଥୀ ବାବୁମାନଙ୍କର ଦେଶ, ନଖକଣରେ ଟିକିଏ ମଇଳା ରହିଲେ ତାଙ୍କୁ ସ୍ପର୍ଶ କରନ୍ତି ନାହିଁ । ଶରତ୍ ଆସିବାକୁ ନ ମଙ୍ଗିଲେ ସାରଦାକୁ ପଠାଇବ । ନଚେତ୍ ମାନ୍ଦ୍ରାଜକୁ ଲେଖି କୌଣସି ଲୋକକୁ ପଠାଇବ । ପ୍ରାୟ ଦୁଇମାସ ପୂର୍ବେ ମୁଁ ଏ ବିଷୟରେ ଲେଖିଛି । ତାରକଦା ଶେଷ ଚିଠିରେ ଲେଖିଥିଲେ ଯେ, ପର ଡାକରେ ଏ ବିଷୟରେ ସବିଶେଷ ଜାଣିବ । କିନ୍ତୁ ଏବେ ସୁଦ୍ଧା ଦେଖୁଛି ଯେ, ତାହାର କିଛି ହେଲେ ଠିକଣା ହୋଇ ନାହିଁ । ଆଶା ଥିଲା ମୁଁ ଆଉ ଆଉ କେହି ଆସିବେ; କିନ୍ତୁ ଏପର୍ଯ୍ୟନ୍ତ ତ କିଛି ଠିକଣା ହୋଇ ନାହିଁ, ଏବଂ ଦୁଇ ବର୍ଷରେ ଖେତ୍ରି ଅଟଖ ସମ୍ବାଦ ଆସେ । Business is business—ଅର୍ଥାତ୍ କାମ କାରବାର ତତ୍ପରତାର ସହିତ

କରିବାକୁ ହୁଏ, ହେଳାଦରିର କାମ ନୁହେଁ । ଆସନ୍ତା ସପ୍ତାହ ଶେଷରେ ମୁଁ ଆମେରିକା ଯିବି । ଏଣୁ ଯିଏ ଆସିବ ତାହା ସଙ୍ଗରେ ସାକ୍ଷାତ୍‌ର କୌଣସି ଆଶା ନାହିଁ ।

ଗିରିଶବାବୁ ମୋ କାମରେ ସହାୟତା କରିପାରିବେ କିପରି ? ମୁଁ ଗୁହେଁ ସଂସ୍କୃତ ଜାଣିବା ଲୋକ, ଅର୍ଥାତ୍ ବହି ଆଦି ତର୍ଜମା କରିବାରେ ସହାୟତା କରିବ ଷ୍ଟର୍ଡିକୁ—ମୋର ଅନୁପସ୍ଥିତିରେ ଷ୍ଟର୍ଡି ସହିତ ବହିପତ୍ର ତର୍ଜମା କରିବ—ଏତିକି ମାତ୍ର । ଅଧିକ ମୁଁ ଆଶାକରେ ନାହିଁ ।··· କେବଳ ଏତିକି ଦରକାର, ମୋ ଅବର୍ତ୍ତମାନରେ ଟିକିଏ ଅଧେ ସଂସ୍କୃତ ପଢ଼ାଇବ ବା ତର୍ଜମା କରିବ—ଏତିକି ବାସ୍, ଆଉ କ'ଣ କରିବ ? ଗିରିଶବାବୁ ଏ ଦେଶ ବୁଲିଯାଆନ୍ତୁ ନା, ଭଲ କଥା । ଇଂଲଣ୍ଡ ଓ ଆମେରିକା ବୁଲିଯିବାକୁ ୩ ହଜାର ଟଙ୍କା ମାତ୍ର ଖରଚ ହେବ । ଯେତେ ଲୋକ ଏସବୁ ଦେଶକୁ ଆସନ୍ତି, ସେତେ ଭଲ । ତେବେ ସେହି ଟୋପିପିନ୍ଧା ହତଭଗାଗୁଡ଼ାଙ୍କୁ ଦେଖିଲେ ଦେହ ଜଳିଯାଏ । କଳା ଭୂତ—ପୁଣି ସାହେବ ! ଭଦ୍ରଲୋକଙ୍କ ଭଳି ଦେଶୀ ଲୁଗାପଟା ପିନ୍ଧ ବାବା, ତା' ନ କରି ଏଥି ଜାନୁଅର ରୂପ ।

ଆଉ କାହିଁକି, ହରିବୋଲ ! ଏଠି ସବୁଯାକ ବ୍ୟୟ, ଆୟ ପଇସାଟିଏ ନାହିଁ । ଷ୍ଟର୍ଡି ମୋ ପାଇଁ ବହୁତ ଟଙ୍କା ଖରଚ କରିଛି । ଏଠି ଲେକ୍‌ଚର୍ ଦେବାକୁ ଗଲେ ଅମ ଦେଶଭଳି ଓଲଟା ଘରୁ ଖରଚ କରିବାକୁ ପଡ଼େ । ତେବେ ଅନେକ ଦିନ ଧରି କଲେ ଓ ଖାତିର ଜମିଗଲେ ଖରଚଟା ମେଣ୍ଟିଯାଏ । ଟଙ୍କା ପଇସା ସେହି ଯାହା ପ୍ରଥମ ବର୍ଷ ଆମେରିକାରେ କରିଥିଲି (ତା'ପରେ ହାତରେ ଗୋଟିଏ ପଇସା ବି ନାଏ ନାହିଁ), ତାହା ପ୍ରାୟ ଶେଷ ହୋଇ-ଗଲାଣି; ଆମେରିକାରେ ପହଞ୍ଚିପାରିବା ଭଳି ମାତ୍ର ଅଛି । ମୋର ଏହି ବୁଲିବୁଲି ଲେକ୍‌ଚର ଦେଇ ଦେହ ଅତ୍ୟନ୍ତ ନର୍ଭସ (ସ୍ନାୟୁପ୍ରଧାନ) ହୋଇପଡ଼ିଛି—ପ୍ରାୟ ନିଦ ହେଉ ନାହିଁ, ଇତ୍ୟାଦି । ତା'ପରେ ଏକୁଟିଆ । ଦେଶର ଲୋକଙ୍କ କଥା କଅଣ କହୁଛ ? କେହି ଭଲ ପଇସାଟିଏ ଦେଇ ଏପର୍ଯ୍ୟନ୍ତ ସହାୟତା କରିଛି, ବା କେହି ଜଣେ ହେଲେ ସାହାଯ୍ୟ କରିବା ଲାଗି ଅଗେଇ ଆସିଛି ! ଏ ସଂସାରରେ ସମସ୍ତେ ସାହାଯ୍ୟ ଗୁହାଁନ୍ତି—ଏବଂ ଯେତେ କର ସେତେ ଗୁହିଁବେ । ତା'ପରେ ଯଦି ଆଉ ନ ପାର ତେବେ ତୁମେ ଚୋର !

ଯାହା ଲେଖିବାର ଷ୍ଟର୍ଡିକୁ ଲେଖିବ, ଲୋକ ପଠାଇବାର ମତାମତ—ଯେତେବେଳେ ଆଗାମୀ ଯୁଗରେ ତୁମେମାନେ ସିଦ୍ଧାନ୍ତରେ ଉପନୀତ ହେବ ।··· ଶଶୀକୁ ମୁଁ ବିଶ୍ୱାସ କରେ, ଭଲପାଏ । He is the only faithful and true man there (ସେଠି ସେ ଏକମାତ୍ର ବିଶ୍ୱସ୍ତ ଓ ଖାଣ୍ଟି ଲୋକ) । ତାର ରୋଗବୈରାଗ ସବୁ ପ୍ରଭୁଙ୍କ କୃପାରେ ଭଲ ହୋଇଯିବ । ତା'ର ସବୁ ଭାର ମୋର । ଇତି

ବିବେକାନନ୍ଦ

୨୩୯ଇଂ (ମି: ଷ୍ଟର୍ଡିଙ୍କୁ ଲିଖିତ)

୮୦ ଓକ୍‌ଲି ଷ୍ଟ୍ରିଟ୍, ଚେଲସୀ, ୯ ନଭେମ୍ବର ୧୮୯୫

ପ୍ରିୟ ବନ୍ଧୁ,

ବ୍ୟାଲେରେନ୍ (Balleren) ଯୋଯାଇଟିର ଟିକଟ ସଂଖ୍ୟା ୩୬ । ବିଷୟ ହେଲା —'ଭାରତୀୟ ଦର୍ଶନ ଓ ପାଶ୍ଚାତ୍ୟ ସମାଜ', ସଭାପତିର ସ୍ଥାନ ଶୂନ୍ୟ ।

ଆପଣ ସେଗୁଡ଼ିକ ପଠାଇ ଦେବାକୁ ମୋତେ କହୁ ନାହାନ୍ତି, ତେଣୁ ପଠାଇଲି ନାହିଁ ।

ଆପଣଙ୍କ ଚିଠିଗୁଡ଼ିକ ଠିକ୍ ଭାବରେ ପାଇଛୁ ।

ବିବେକାନନ୍ଦ

୨୪୦ଇଂ (ମି: ଷ୍ଟର୍ଡିଙ୍କୁ ଲିଖିତ)

୨ ନଭେମ୍ବର ୧୮୯୫

ପ୍ରିୟ ବନ୍ଧୁ,

ମୋର ମନେହୁଏ, ଆପଣ ହିଁ ଠିକ୍; ଆମେ ଆମ ନିଜ ପଥରେ କାମ କରିଯିବା ଏବଂ ଆଉ ଯାହା ଘଟିବାର ଥିବ, ଘଟୁ ।

ଆପଣଙ୍କୁ ବକ୍ତୃତାଟିର ସାଂକ୍ଷିପ୍ତ ପଠାଉଛି ।

ରବିବାର ଦିନ ଆସିବି, ଯଦି ବିଶେଷ କିଛି ବିଘ୍ନ ନ ଘଟେ ।

ପ୍ରୀତି ସହିତ ଆପଣଙ୍କର, ବିବେକାନନ୍ଦ

୨୪୧ (ସ୍ୱାମୀ ଅଖଣ୍ଡାନନ୍ଦଙ୍କୁ ଲିଖିତ)

ଲଣ୍ଡନ, ୧୩ ନଭେମ୍ବର ୧୮୯୫

କଲ୍ୟାଣବରେଷୁ,

ତୁମର ପତ୍ର ପାଇ ବିଶେଷ ସୁଖୀ ହେଲି । ଯେଉଁପରି କାମ କରୁଅଛ, ତାହା ଅତି ଉତ୍ତମ । ବି—ଅତି ଉଦାର ଓ ମୁକ୍ତହସ୍ତ, କିନ୍ତୁ ସେଥିପାଇଁ ଯେମିତି ତାଙ୍କ ଉପରେ ଅତ୍ୟାଗ୍ରହ ନ ହୁଏ । ଶ୍ରୀମାନ୍ '—'ର ଅର୍ଥ ସଂଗ୍ରହ ସଂକଳ୍ପ ଉତ୍ତମ, କିନ୍ତୁ ଭାଇ, ଏ ସଂସାର ବଡ଼ ବିଚିତ୍ର, କାମ-କାଞ୍ଚନ ହାତରୁ ରକ୍ଷା ପାଇବା ବ୍ରହ୍ମା-ବିଷ୍ଣୁଙ୍କ ପକ୍ଷରେ ମଧ୍ୟ ଦୁଷ୍କର । ଟଙ୍କା ପଇସାର ସମ୍ବନ୍ଧ ମାତ୍ରେ ହିଁ ଗୋଳମାଳର ସମ୍ଭାବନା । ଅତଏବ ମଠ ପାଇଁ ଅର୍ଥ ସଂଗ୍ରହ କରିବା ଇତ୍ୟାଦି କାହାକୁ କରିବାକୁ ଦେବ ନାହିଁ । ବି— ଛଡ଼ା ଭାରତବର୍ଷର କୌଣସି ଗୃହସ୍ଥଙ୍କୁ ମୁଁ ଏପର୍ଯ୍ୟନ୍ତ ନିଃସନ୍ଦେହ ମିତ୍ର ବୋଲି ଜାଣେ ନାହିଁ । ମୋର କିମ୍ବା ଆମ ନାମରେ କୌଣସି ଗୃହସ୍ଥ ମଠ ବା ଅନ୍ୟ କୌଣସି ଉପଲକ୍ଷ୍ୟରେ ଅର୍ଥ ସଂଗ୍ରହ କରୁଛନ୍ତି ବୋଲି ଶୁଣିଲେ ସନ୍ଦେହ କରିବ··· । ବିଶେଷତଃ ଦରିଦ୍ର ଗୃହସ୍ଥ ଲୋକମାନେ ଅଭାବ ପୂରଣ ପାଇଁ ବହୁ ପ୍ରକାର ଛଳନା କରନ୍ତି । ଅତଏବ ଯଦି କେବେ କୌଣସି ଧନୀ ବିଶ୍ୱାସୀ ଭକ୍ତ ଓ ହୃଦୟବାନ୍ ଗୃହସ୍ଥ ମଠାଦି ନିର୍ମାଣ ପାଇଁ ଉଦ୍ୟୋଗ କରନ୍ତି, ଅଥବା ସଂଗୃହୀତ ଅର୍ଥ କୌଣସି ଧନୀ ଏବଂ ବିଶ୍ୱାସୀ ଗୃହସ୍ଥ ନିକଟରେ ଜମା ହୁଏ—ଉତ୍ତମ କଥା, ନଚେତ୍ ହସ୍ତକ୍ଷେପ କରିବ ନାହିଁ—(ଜଡ଼ିତ ହୁଅ

ନାହିଁ), ଉପରନ୍ତୁ, ଅନ୍ୟଙ୍କୁ ଏ କାର୍ଯ୍ୟରୁ ବିରତ କରିବ । ତୁମେ ବାଳକ, କାଞ୍ଚନର ମାୟା ବୁଝ ନାହିଁ । ସୁଯୋଗ ମିଳିଲେ ମହାନୀତିପରାୟଣ ଲୋକ ମଧ୍ୟ ପ୍ରତାରକ ହୁଏ । ଏହି ହେଲା ସଂସାର । ସ—ଙ୍କୁ ଟଙ୍କାପଇସା ସମ୍ବନ୍ଧରେ କୌଣସି କଥା କହିବ ନାହିଁ ।

ପାଞ୍ଚଜଣ ମିଳିମିଶି କୌଣସି କାମ କରିବା ଆମର ସ୍ୱଭାବରେ ଆଦୌ ନାହିଁ, ଏଇଥିପାଇଁ ହିଁ ଆମମାନଙ୍କର ଦୁର୍ଦ୍ଦଶା । ଯେ ମାନିବାକୁ ଶିଖିଛି, ସେ ଆଦେଶ ଦେବା ଜାଣିଛି । ପ୍ରଥମେ ବାଧ୍ୟତା ଶିଖ । ଏହିସବୁ ମହା ସ୍ୱାଧୀନ ଭାବପୂର୍ଣ୍ଣ ପାଶ୍ଚାତ୍ୟ ଜାତିମାନଙ୍କ ମଧ୍ୟରେ ଆଜ୍ଞାବହତାର ଭାବ ସେହିପରି ବଳବାନ୍ । ଆମେ ସମସ୍ତେ ହାମ୍ବଡ଼ା, ସେଥିରେ କେବେ କାମ ହୁଏ ନାହିଁ । ମହା ଉଦ୍ୟମ, ମହା ସାହସ, ମହା ବୀର୍ଯ୍ୟ ଏବଂ ସବୁଠାରୁ ପ୍ରଥମେ ମହତି ଆଜ୍ଞାବହତା—ଏହି ସମସ୍ତ ଗୁଣ ବ୍ୟକ୍ତିଗତ ଓ ଜାତିଗତ ଉନ୍ନତିର ଏକମାତ୍ର ଉପାୟ । ଏହି ସମସ୍ତ ଗୁଣ ଆମମାନଙ୍କର ଆଦୌ ନାହିଁ ।

ତୁମେ ଯେଉଁ ପ୍ରକାର କାମ କରୁଛ କରିଯାଅ । ତେବେ ପଢ଼ାପଢ଼ି ଉପରେ ବିଶେଷ ଦୃଷ୍ଟି ରଖିବ—ଇତି । ସ—ବାବୁ ହିନ୍ଦୀ ଭାଷାରେ ଗୋଟିଏ ପତ୍ରିକା ପଠାଇଛନ୍ତି । ସେଥିରେ ମୋର ଚିକାଗୋ ବକ୍ତୃତାର ଅନୁବାଦ ଅଲୱାରର ସ—ପଣ୍ଡିତ କରିଛନ୍ତି । ଉଭୟଙ୍କୁ ବିଶେଷ କୃତଜ୍ଞତା ଓ ଧନ୍ୟବାଦ ଜଣାଇବ ।

ତୁମ ପାଇଁ ବର୍ତ୍ତମାନ ଲେଖେ, ରାଜପୁତାନାରେ ଗୋଟିଏ କେନ୍ଦ୍ର ଖୋଲିବାର ବିଶେଷ ଯତ୍ନ କରିବ । ଜୟପୁର ବା ଆଜମୀର ପ୍ରଭୃତି କୌଣସି କେନ୍ଦ୍ରୀୟ ସ୍ଥାନରେ ହେବା ଉଚିତ—ତା'ପରେ ଅଲୱାର, ଖେତଡ଼ି ପ୍ରଭୃତି ସହରରେ ଶାଖା ସ୍ଥାପନ କରିବ । ସମସ୍ତଙ୍କ ସହିତ ମିଶିବ, କାହା ସହିତ ବିରୋଧ ଦରକାର ନାହିଁ । ପଣ୍ଡିତ ନା—ଙ୍କୁ ମୋର ପ୍ରେମାଲିଙ୍ଗନ ଦେବ, ଏହି ଲୋକଟି ଭାରି ଉଦ୍ୟମୀ—ସମୟରେ ବିଶେଷ କାର୍ଯ୍ୟକ୍ଷମ ହେବ । ମା—ସାହେବ ଓ —ଙ୍କୁ ମଧ୍ୟ ମୋର ଯଥାଯୋଗ୍ୟ ପ୍ରେମ-ସମ୍ଭାଷଣ ଦେବ । 'ଧର୍ମମଣ୍ଡଳୀ' ନାମରେ କ'ଣ ଗୋଟାଏ ଆଡ଼ମ୍ବରରେ ହୋଇଛି—ତା କଥା କ'ଣ ? ସବୁ ବିସ୍ତୃତ ଲେଖିବ । —ବାବୁ ଲେଖନ୍ତି ଯେ, ସେମାନେ ମୋ ପାଖକୁ ଚିଠିପତ୍ର ଲେଖିଥିଲେ, ଏପର୍ଯ୍ୟନ୍ତ ପାଇ ନାହିଁ ।… ମଠ ଫଠ କଲିକତାରେ କ'ଣ କରିବ ? କାଶୀରେ ଆଡ୍ଡା କରିବାକୁ ହେବ । ସେହିସବୁ ବହୁ ମତଲବ ଅଛି, କିନ୍ତୁ ଅର୍ଥସାପେକ୍ଷ । ଧୀରେ ଧୀରେ ପ୍ରକାଶ ପାଇବ, ଖବରକାଗଜରେ ଦେଖିଥିବ ଯେ, ଇଂଲଣ୍ଡରେ ଆନ୍ଦୋଳନ ଧୀରେ ଧୀରେ ବଢ଼ୁଛି । ଏ ଦେଶରେ ସମସ୍ତ କାମ ଧୀରେ ଧୀରେ ହୁଏ । କିନ୍ତୁ ଇଂରେଜ ଜୁଆ କୌଣସି କାମରେ ଥରେ ହାତ ଦେଲେ ଆଉ ଛାଡ଼େ ନାହିଁ । ଆମେରିକାନ୍‌ମାନେ ଖୁବ୍ ଚଞ୍ଚଳ, କିନ୍ତୁ ପ୍ରାୟ କୁଟାରେ ଲାଗିବା ନିଆଁ ପରି । ରାମକୃଷ୍ଣ ପରମହଂସ ଅବତାର ଇତ୍ୟାଦି ସାଧାରଣରେ ପ୍ରଚାର କରିବ ନାହିଁ । ଅଲୱାରରେ ମୋର କେତେଜଣ ଚେଲା ଅଛନ୍ତି, ସେମାନଙ୍କର ଖବର ନେବ, …ମହାଶକ୍ତି ତୁମଠାରେ ଆସିବ, ଭୟ ନାହିଁ—ପବିତ୍ର ହୁଅ, ବିଶ୍ୱାସ ରଖ, ବାଧ୍ୟ ହୁଅ ।

ବାଲ୍ୟ-ବିବାହ ବିପକ୍ଷରେ ଶିକ୍ଷା ଦେବ ! ବାଳକର ବିବାହ କୌଣସି ଶାସ୍ତ୍ରରେ ନାହିଁ । ତେବେ ଛୋଟ ଛୋଟ ଝିଅଙ୍କ ବିବାହ ବିପକ୍ଷରେ ବର୍ତ୍ତମାନ କିଛି କୁହ ନାହିଁ । ବାଳକ

ବିବାହ ବନ୍ଦ କରିପାରିଲେ ବାଳିକା-ବିବାହ ଧୀରେ ଧୀରେ ବନ୍ଦ ହୋଇଯିବ । ହିଅକୁ ତ ଆଉ ହିଅ ବିବାହ କରିବ ନାହିଁ । ଲାହୋର୍ ଆର୍ଯ୍ୟ-ସମାଜର ସେକ୍ରେଟେରିଙ୍କୁ ଲେଖିବ ଯେ, ଅ— ନାମକ ଯେ ଜଣେ ସନ୍ନ୍ୟାସୀ ତାଙ୍କ ପାଖରେ ଥିଲେ, ସେ ବର୍ତ୍ତମାନ କେଉଁଠାରେ ? ତାଙ୍କର ବିଶେଷ ସନ୍ଧାନ କରିବ ।··· ଭୟ କଣ ?

ବିବେକାନନ୍ଦ

୨୪୨ଇଂ

ଲଣ୍ଡନ, ୮ ନଭେମ୍ବର ୧୮୯୬

ପ୍ରିୟ ଆଲସିଙ୍ଗା,

'ବ୍ରହ୍ମବାଦିନ୍' ସମ୍ବନ୍ଧରେ ମୋର କେତୋଟି ପ୍ରସ୍ତାବ ଅଛି । ମୁଁ ଇତିମଧ୍ୟରେ ଖବର ପାଇଛି ଯେ, ଆମେରିକାରେ ତା'ର ଅନେକଗୁଡ଼ିଏ ଗ୍ରାହକ ହୋଇଛନ୍ତି । ଇଂଲଣ୍ଡରେ ମଧ୍ୟ ତୁମକୁ କେତେଗୁଡ଼ିଏ ଗ୍ରାହକ ଯୋଗାଡ଼ କରିଦେବି । ଇଂଲଣ୍ଡରେ ମୋର କାମ ବାସ୍ତବିକ୍ ଖୁବ୍ ଚମତ୍କାର ହୋଇଛି, ମୁଁ ନିଜେ ବି ଆଶ୍ଚର୍ଯ୍ୟ ହୋଇଯାଇଛି । ଇଂରେଜମାନେ ଖବର କାଗଜରେ ବେଶୀ କହନ୍ତି ନାହିଁ; କିନ୍ତୁ ସେମାନେ ନୀରବରେ କାମ କରନ୍ତି । ଆମେରିକା ଅପେକ୍ଷା ଇଂଲଣ୍ଡରେ ଅନେକ ବେଶୀ କାମ ହେବା ନିଶ୍ଚିତ ବୋଲି ମୋର ସ୍ଥିର ବିଶ୍ୱାସ । ଦଳଦଳ ହୋଇ ଲୋକ ଆସୁଛନ୍ତି, କିନ୍ତୁ ଏତେ ଲୋକଙ୍କ ପାଇଁ ତ ମୋର ଜାଗା ନାହିଁ । ସୁତରାଂ ବଡ଼ବଡ଼ ସମ୍ଭ୍ରାନ୍ତ ମହିଳା ଓ ଅଭିଜାତମାନେ ଘର ମେଜିଆ ଉପରେ ଠକାମୁଣ୍ଡି ପକାଇ ବସନ୍ତି । ମୁଁ ସେମାନଙ୍କୁ କଳ୍ପନା କରିବାକୁ କହେ ଯେ, ସେମାନେ ଯେପରି ଭାରତର ଆକାଶ ତଳେ ଶାଖା-ପ୍ରଶାଖାସମନ୍ୱିତ ବିସ୍ତୀର୍ଣ୍ଣ ବଟବୃକ୍ଷ ତଳେ ବସିଛନ୍ତି—ଆଉ ସେମାନେ ଅବଶ୍ୟ ଏହି ଭାବକୁ ପସନ୍ଦ କରନ୍ତି । ମୋତେ ଆଗାମୀ ସପ୍ତାହରେ ଏଠାରୁ ଚାଲିଯିବାକୁ ହେବ— ସେଥିପାଇଁ ଏମାନେ ଭାରି ଦୁଃଖିତ । କେହି କେହି ଭାବୁଛନ୍ତି, ମୁଁ ଯଦି ଏତେ ଶୀଘ୍ର ଚାଲିଯାଏ, ମୋର ଏଠା କାମରେ କ୍ଷତି ହେବ । ମୁଁ କିନ୍ତୁ ତାହା ଭାବୁ ନାହିଁ । ମୁଁ କୌଣସି ଲୋକ ବା ଜିନିଷ ଉପରେ ନିର୍ଭର କରେ ନାହିଁ—ଏକମାତ୍ର ପ୍ରଭୁ ହିଁ ମୋର ଭରସା ଏବଂ ସେ ମୋ ଭିତରେ ଥାଇ କାର୍ଯ୍ୟ କରୁଛନ୍ତି ।

'ବ୍ରହ୍ମବାଦିନ୍'ର ପ୍ରତ୍ୟେକ ସଂଖ୍ୟାରେ ଭକ୍ତି, ଯୋଗ ଓ ଜ୍ଞାନ ସମ୍ବନ୍ଧରେ କିଛି ଲେଖା ବାହାରିବା ଦରକାର । ଦ୍ୱିତୀୟତଃ, ତାହାର ରଚନାର ଧାରଣା ଭାରି ବର୍ଣ୍ଣନାତ୍ମକ—ଯଦ୍ଦ୍ୱାରେ ଟିକିଏ ସ୍ୱଚ୍ଛ, ସରସ ଓ ତେଜସ୍ୱୀ ହୁଏ, ତା'ର ଚେଷ୍ଟା କର । ଗତ ସଂଖ୍ୟାରେ କ୍ଷତ୍ରିୟମାନଙ୍କୁ ଖୁବ୍ ଉଠାଇ ଦିଆଯାଇଛି, ପର ସଂଖ୍ୟାରେ ବ୍ରାହ୍ମଣମାନଙ୍କୁ ଖୁବ୍ ପ୍ରଶଂସା କର, ତା'ପର ସଂଖ୍ୟାରେ ବୈଶ୍ୟମାନଙ୍କର । କପଟୀ ଓ କାପୁରୁଷ ନ ହୋଇ ସମସ୍ତଙ୍କୁ ଖୁସି କର । ଦୃଢ଼ତା ଓ ପବିତ୍ରତା ସହିତ ତୁମମାନଙ୍କର ନିଜର ଭାବଗୁଡ଼ିକୁ ଜାବୁଡ଼ି ଧରିଥାଅ; ଆଉ ବର୍ତ୍ତମାନ ଯେ ପ୍ରକାର ବାଧା ଅସୁବିଧା ଥାଉନା କାହିଁକି, ଜଗତ ଶେଷରେ ତୁମମାନଙ୍କ କଥା ଶୁଣିବ ହିଁ ଶୁଣିବ । ଆଉ କେତେଗୁଡ଼ିଏ ବିଜ୍ଞାପନ ଯୋଗାଡ଼ କରିବାକୁ ଚେଷ୍ଟା କର—ବିଜ୍ଞାପନ ଦ୍ୱାରା କାଗଜ ଚଳେ । ମୁଁ ତୁମ ପାଇଁ 'ଭକ୍ତି' ସମ୍ବନ୍ଧରେ ବିସ୍ତୃତରୂପେ ମୋଟାମୋଟି କିଛି ଲେଖିବି; କିନ୍ତୁ ଏଥିକୋ ମନେରଖ ଯେ, ବଙ୍ଗାଳୀମାନଙ୍କ ଭାଷାରେ, 'ମୋର ମରିବା ପାଇଁ ବି ସମୟ ନାହିଁ' । ହିନ୍ଦୁ-

ହିଁ କାମ, କାମ, କାମ ! ନିଜର ରୁଟିର ଯୋଗାଡ଼ କରିବାକୁ ପଡ଼ୁଛି ଏବଂ ମୋ ଦେଶକୁ ସାହାଯ୍ୟ କରିବାକୁ ପଡ଼ୁଛି—ସବୁ ଏକୁଟିଆ; ଆଉ ସେଥିପାଇଁ ଶତ୍ରୁ ମିତ୍ର ସମସ୍ତଙ୍କ ପାଖରୁ କେବଳ ଗାଳି ଶୁଣୁଛି ! ଯାହା ହେଉ, ତୁମେମାନେ ଶିଶୁ ମାତ୍ର— ମୋତେ ସବୁ ସହ୍ୟ କରିବାକୁ ହେବ ।

ମୁଁ କଲିକତାରୁ ଜଣେ ସନ୍ନ୍ୟାସୀଙ୍କୁ ଡାକି ପଠାଇଛି, ତାଙ୍କୁ ଲଣ୍ଡନରେ କାର୍ଯ୍ୟ ପାଇଁ ରଖିଯିବି । ଆମେରିକା ପାଇଁ ମୋର ଆଉ ଜଣେ ଆବଶ୍ୟକ । ତୁମେମାନେ କଅଣ ମାନ୍ଦ୍ରାଜରୁ ଉପଯୁକ୍ତ ଜଣେ କାହାକୁ ପଠାଇ ପାରିବ ନାହିଁ ? ଅବଶ୍ୟ ତା'ର ଖରଚପତ୍ର ସବୁ ମୁଁ ଦେବି । ତାଙ୍କୁ ଇଂରେଜି ସଂସ୍କୃତ ଦୁଇଟି ଯାକ ଭଲ ଭାବରେ ଜଣାଥିବା ଦରକାର—ଇଂରେଜୀଟା ଟିକିଏ ବେଶୀ । ପୁଣି ସେ ଖୁବ୍ ଟାଣୁଆ ଲୋକ ହେବା ଦରକାର—ସ୍ତ୍ରୀଲୋକ ପ୍ରଭୃତିର ଖାପରରେ ପଡ଼ି ଯେପରି ବିଗିଡ଼ି ନ ଯାଏ । ଅଧିକନ୍ତୁ ତା'ର ସମ୍ପୂର୍ଣ୍ଣରୂପେ ବିଶ୍ୱସ୍ତ ଓ ଅଜ୍ଞାବହ ହେବା ଦରକାର—ତୁମକୁ କଅଣ ସଂସ୍କୃତ କାମ ଚଳିଲା ଭଳି ଜଣାଅଛି ? ଜି. ଜି. କିଛି ଜାଣେ । ମୁଁ ମୋର ନିଜ ଲୋକ ଚାହେଁ । ଗୁରୁଭକ୍ତି ହିଁ ସର୍ବପ୍ରକାର ଆଧ୍ୟାତ୍ମିକ ଉନ୍ନତିର ମୂଳ । ମୋର ଆଶଙ୍କା ହୁଏ, ତୁମେ ତୁମର କାଗଜ ଛାଡ଼ି ଆସିପାରିବ ନାହିଁ । ଜି. ଜି. କଅଣ ଆସିପାରିବ ? ମୁଁ ଦୁଇଜଣ ଲୋକଙ୍କୁ ଏହି ଦୁଇ କେନ୍ଦ୍ରରେ ରଖିଯିବାକୁ ଚାହେଁ; ତା'ପରେ ଭାରତ ଫେରିଯାଇ ସେମାନଙ୍କୁ ଅବସର ଦେବା ଲାଗି ନୂଆ ନୂଆ ଲୋକ ପଠାଇବି । ବାସ୍ତବିକ ମୁଁ ଅବିରାମ କାର୍ଯ୍ୟ କରି କରି କ୍ଳାନ୍ତ ହୋଇପଡ଼ିଛି । ମୁଁ ଯେଉଁଭଳି କଠୋର ପରିଶ୍ରମ କରିଛି, ଆଉ ଯେକୌଣସି ହିନ୍ଦୁକୁ ଏଭଳି କରିବାକୁ ପଡ଼ିଲେ ସେ ଏହି ସମୟ ଭିତରେ ରକ୍ତବାନ୍ତି କରି ମରିଯାଇଥାନ୍ତା । ମେନନ ପୂର୍ବଭଳି ବିଶ୍ୱସ୍ତ ଓ ଅନୁଗତ ଅଛନ୍ତି । ସେ ପ୍ରାୟ ଆସି ମୋତେ ଯଥେଷ୍ଟ ସାହାଯ୍ୟ କରନ୍ତି । ମୋତେ C/o ମିସ୍ ମେରି ଫିଲିପ୍‌ସ୍, ୧୯ ପଶ୍ଚିମ ୩୮ ନମ୍ବର ରାସ୍ତା, ନିଉୟର୍କ ଠିକଣାରେ ପତ୍ର ଲେଖିବ । ମୁଁ ଆଗାମୀ ସପ୍ତାହରେ (ଆମେରିକାକୁ) ଯାଉଛି ଏବଂ ଆଗାମୀ ଗ୍ରୀଷ୍ମକାଳରେ (ଏଠାକୁ) ପୁଣି ଫେରିବି । ଏଥି ମଧ୍ୟରେ କାହାକୁ ପଠାଇବ ଚେଷ୍ଟା କରୁଥାଅ । ମୁଁ ଦୀର୍ଘ କାଳ ବିଶ୍ରାମ ପାଇଁ ଭାରତକୁ ଯିବାକୁ ଚାହେଁ । କିଡ଼ି, ଡାକ୍ତର, ସେନ୍ଦେଟାରୀ ସାହେବ, ବାଲାଜୀ ଏବଂ ବାକି ସମସ୍ତଙ୍କୁ ମୋର ସ୍ନେହ ଶ୍ରଦ୍ଧା ଜଣାଇବ । ସଦାବେଳେ ମୋର ସ୍ନେହ ଓ ଆଶୀର୍ବାଦ ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

ପୁଃ—'ବ୍ରହ୍ମବାଦନ୍'ରେ ବିବିଧ ସମ୍ବାଦର ଗୋଟିଏ ସ୍ତମ୍ଭ ରଖିବା ଉଚିତ । ଗୋଟିଏ ଭକ୍ତ ବୈରାଗୀ shuffled off his mortal coil (ନଶ୍ୱର ବନ୍ଧନ ଝାଡ଼ି ପକାଇ ଦେଇଛନ୍ତି)—ଏହିପରି ଖବର ଭାଷା ଲେଖିବ ନାହିଁ । ଭକ୍ତ ବୈରାଗୀର ମୃତ୍ୟୁ ସଙ୍ଗରେ ଏହି ଭଳି ବାକ୍ୟଯୋଜନା ଟିକିଏ ହାସ୍ୟୋଦ୍ଦୀପକ ।

ଲଣ୍ଡନ, ୨୧ ନଭେମ୍ବର ୧୮୯୫

**୨୪୩ଇଂ**

ପ୍ରିୟ ମିସେସ୍ ବୁଲ୍,

ମୁଁ ବ୍ରିଟାନିକା ଜାହାଜରେ ଚଢ଼ି ଆଗାମୀ ୨୭ ତାରିଖ ବୁଧବାର (ଆମେରିକା)

ଯାଉଛୁ । ଏଠାରେ ଏପର୍ଯ୍ୟନ୍ତ ମୋର ଯେତେଗୁଡ଼ିଏ କାମ ହୋଇଛି, ତାହା ବେଶ୍ ସନ୍ତୋଷ-ଜନକ ହୋଇଛି ଏବଂ ଆଗାମୀ ଗ୍ରୀଷ୍ମକାଳରେ ଚମତ୍କାର କାମ କରିପାରିବ ବୋଲି ମୋର ବିଶ୍ୱାସ ।—ସ୍ନେହ ପ୍ରୀତି ଜାଣିବ । ଇତି

ତୁମମାନଙ୍କର ପ୍ରୀତିବଦ୍ଧ, ବିବେକାନନ୍ଦ

୨୪୪ଇଂ (ମିଷ୍ଟର ଷ୍ଟର୍ଡିଙ୍କୁ ଲିଖିତ)

R. M. S. 'Britanic'

ଆଶୀର୍ବାଦଭାଜନ ଓ ପ୍ରିୟ,

ଏପର୍ଯ୍ୟନ୍ତ ଭ୍ରମଣ ଖୁବ୍ ମନୋରମ ହୋଇଛି । ଜାହାଜର ଖାଜାଞ୍ଚି ମୋ ପ୍ରତି ଖୁବ୍ ସଦୟ ଏବଂ ଗୋଟିଏ କେବିନ ମୋ ଲାଗି ଛାଡ଼ିଦେଇଛନ୍ତି । ଏକମାତ୍ର ଅସୁବିଧା ହେଲା ଖାଦ୍ୟ —ମାଂସ, ମାଂସ, ମାଂସ । ଆଜି ମୋତେ କିଛି ତରକାରି ଦେବେ ବୋଲି କହିଛନ୍ତି ।

ଆମେ ଏବେ ଲଙ୍ଗର୍ ପକାଇ ଠିଆ ହୋଇଛୁ । କୁହୁଡ଼ି ଏତେ ଘନ ଯେ ଜାହାଜ ଆଗେଇପାରୁ ନାହିଁ । ଏଣୁ ଏହି ସୁଯୋଗରେ କେତୋଟି ଚିଠି ଲେଖୁଛି ।

ଏହା ଏକ ଅଦ୍ଭୁତ କୁହୁଡ଼ି; ପ୍ରାୟ ଅଭେଦ୍ୟ, ଯଦିଓ ସୂର୍ଯ୍ୟ ଉଜ୍ଜ୍ୱଳଭାବେ ଓ ସହାସ୍ୟରେ କିରଣ ଦେଉଛନ୍ତି । ମୋ ପକ୍ଷରୁ ଶିଶୁକୁ ଚୁମ୍ବନ ଦେବେ । ଆପଣଙ୍କୁ ଓ ମିସେସ୍ ଷ୍ଟର୍ଡିଙ୍କ ଲାଗି ଆଶୀର୍ବାଦ ଜାଣିବେ । ଇତି

ବିବେକାନନ୍ଦ

ପୁଃ—ଦୟାକରି ମିସ୍ ମୁଲର୍‌ଙ୍କୁ ମୋର ପ୍ରୀତି ଜଣାଇବେ । ମୁଁ ଏଭିନ୍ୟୁ ରୋଡ୍‌ରେ ରାତ୍ରିକାଳୀନ କାମିଜ୍‌ଟାକୁ ଛାଡ଼ି ଆସିଛି । ଅତଏବ ଟ୍ରଙ୍କଟି ନ ଆସିବା ପର୍ଯ୍ୟନ୍ତ ମୋତେ ବିନା କାମିଜ୍‌ରେ ଚଳାଇବାକୁ ହେବ ।

—ବି.

୨୪୪ଇଂ R. M. S. Britanic ୫ ଡିସେମ୍ବର ୧୮୯୫, ଗୁରୁବାର ପ୍ରଭାତ

ପ୍ରିୟ ଏଲ୍‌ବାର୍ଟା,

କାଲି ସନ୍ଧ୍ୟାରେ ତୁମର ସୁନ୍ଦର ଚିଠିଟି ପାଇଛି । ମୋତେ ଯେ ମନେରଖିଛ ଏହା ତୁମର ସହୃଦୟତା । ମୁଁ ଶୀଘ୍ର ଧର୍ମନିଷ୍ଠ ଦମ୍ପତିଙ୍କୁ ଦେଖିବାକୁ ଯାଉଛି । ମିଷ୍ଟର ଲେଗେଟ୍ ଜଣେ ଋଷି । ମୁଁ ଏକଥା ଆଗରୁ ତୁମକୁ କହିଛି ଏବଂ ତୁମର ମା' ହେଉଛନ୍ତି ଜଣେ ଆଜନ୍ମ ସାମ୍ରାଜ୍ଞୀ, ତାଙ୍କ ଭିତରେ କିନ୍ତୁ ଋଷିର ହୃଦୟ ।

ତୁମେ ଆଲପ୍‌ସ୍ ପର୍ବତ ଖୁବ୍ ଉପଭୋଗ କରୁଛ ଜାଣି ଆନନ୍ଦିତ । ଆଲପ୍‌ସ୍ ନିଶ୍ଚୟ ବିସ୍ମୟକର । ଏଭଳି ସ୍ଥାନରେ ମଣିଷର ଆତ୍ମା ମୁକ୍ତିର ଆକାଙ୍‌କ୍ଷା କରେ । ଲଣ୍ଡନରେ ଜଣେ ସୁଇସ୍ ଯୁବକଙ୍କ ସହିତ ଦେଖାହୋଇଥିଲା । ସେ ମୋ କ୍ଲାସ୍‌କୁ ଆସୁଥିଲେ । ଲଣ୍ଡନରେ ମୁଁ ଖୁବ କୃତକାର୍ଯ୍ୟ ହୋଇଥିଲି, ଯଦିଓ କୋଳାହଳପୂର୍ଣ୍ଣ ନଗରଟା ମୋତେ ଭଲ ଲାଗୁ ନଥିଲା । ମୁଁ ମଣିଷମାନଙ୍କୁ ପାଇ ଖୁବ୍ ସନ୍ତୁଷ୍ଟ ହୋଇଥିଲି । ଏଲ୍‌ବାର୍ଟା, ତୁମ ଦେଶରେ ବୈଦାନ୍ତିକ ଚିନ୍ତାଧାରା ପ୍ରଥମେ ଅଳ୍ପ 'ବାତଗ୍ରସ୍ତ' ବ୍ୟକ୍ତିଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇଥିଲା । ସେହି ପ୍ରବର୍ତ୍ତନ

ଫଳରେ ସୃଷ୍ଟ ନାନା ଅସୁବିଧା ମଧ୍ୟଦେଇ କାମର ବାଟ ତିଆରି କରିନେବାକୁ ପଡ଼ୁଛି । ତୁମେ ହୁଏତ ଲକ୍ଷ୍ୟ କରିଛ, ଆମେରିକାର ମୋ କ୍ଲାସ୍‌ରେ ଉଚ୍ଚଶ୍ରେଣୀର ନରନାରୀ କେବେ କେବେ ଯୋଗ ଦେଉଥିଲେ, ସେମାନଙ୍କ ସଂଖ୍ୟା ମୁଷ୍ଟିମେୟ ।ପୁଣି ଆମେରିକାର ଉଚ୍ଚଶ୍ରେଣୀର ଲୋକମାନେ ଧନୀ ହେବା ଫଳରେ ସେମାନଙ୍କର ସମସ୍ତ ସମୟ ସମ୍ଭୋଗ କରିବାରେ ଓ ୟୁରୋପୀୟମାନଙ୍କୁ ଅନୁକରଣ (ବୋକାଭଳି ?) କରିବାରେ କଟେ । ଅନ୍ୟ ପକ୍ଷରେ ଇଂଲଣ୍ଡରେ ବୈଦାନ୍ତିକ ମତବାଦ ଦେଶର ଶ୍ରେଷ୍ଠ ଜ୍ଞାନୀ ବ୍ୟକ୍ତିଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇଛି ଏବଂ ଇଂଲଣ୍ଡର ଉଚ୍ଚ ଶ୍ରେଣୀ ମଧ୍ୟରେ ବହୁଲୋକ ଅଛନ୍ତି, ଯେଉଁମାନେ ବିଶେଷ ଚିନ୍ତାଶୀଳ । ତୁମେ ଶୁଣି ଆଶ୍ଚର୍ଯ୍ୟ ହେବ, ଏଠାରେ କ୍ଷେତ୍ର ମୁଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅବସ୍ଥାରେ ପାଇଛି, ଏବଂ ବିଶ୍ୱାସ କରୁଛି ଯେ, ମୋ କାମ ଇଂଲଣ୍ଡ ଅପେକ୍ଷା ଆମେରିକାରେ ବେଶୀ ସଫଳ ହେବ । ଏହା ସହିତ ଇଂରେଜ ଚରିତ୍ରର ପ୍ରଚଣ୍ଡ ଏକଜିଦିଆ ଗୁଣକୁ ଯୋଗକର ଏବଂ ନିଜେ ବିଚାର କର । ଏଥିରୁ ତୁମେ ଦେଖିପାରିବ ଯେ, ଇଂଲଣ୍ଡ ସମ୍ବନ୍ଧରେ ମୋର ମତ ବହୁ ପରିମାଣରେ ବଦଳି ଯାଇଛି ଏବଂ ମୁଁ ଆନନ୍ଦରେ ତାହା ସ୍ୱୀକାର କରୁଛି । ମୁଁ ସମ୍ପୂର୍ଣ୍ଣ ଭାବରେ ନିଶ୍ଚିତ ଯେ, ଆମେ ଜର୍ମାନୀରେ ଆହୁରି ଭଲ କରିବୁ । ପରବର୍ତ୍ତୀ ଗ୍ରୀଷ୍ମ କାଳରେ ଇଂଲଣ୍ଡକୁ ଫେରିଯାଉଛି । ଇତି ମଧ୍ୟରେ ମୋର କାମ ଖୁବ୍ ଉପଯୁକ୍ତ ଲୋକଙ୍କ ହାତରେ ଅଛି । ଜୋ ଜୋ ଆମେରିକାରେ ଯେମିତି ଥିଲେ ସେହିପରି ମୋର ସଦସ୍ୟ ମହତ୍ତ୍ୱ ପରିବାର ବନ୍ଧୁ ହୋଇ ରହିଛନ୍ତି । ତୁମ ପରିବାର ନିକଟରେ ମୋର ଅଶେଷ ଋଣ । ହଲ୍‌ଷ୍ଟାର୍ ଓ ତୁମକୁ ମୋର ପ୍ରୀତି ଓ ଆଶୀର୍ବାଦ ।

ଷ୍ଟିମର୍‌ଟି କୁହୁଡ଼ି ଯୋଗୁଁ ଲଙ୍ଗର ପକାଇ ଠିଆହୋଇ ରହିଛି । ଖାଜାଞ୍ଚି ଖୁବ୍ ସଦୟ ହୋଇ ମୋ ପାଇଁ ଗୋଟିଏ କେବିନ୍ ଦେଇଛି । ଏମାନେ ମନେକରନ୍ତି, ପ୍ରତ୍ୟେକ ହିନ୍ଦୁ ଜଣେ ରାଜା ଓ ଖୁବ୍ ନମ୍ର—ଅବଶ୍ୟ ଏହି ମୋହ ଭାଙ୍ଗିଯିବ ଯେତେବେଳେ ସେମାନେ ଜାଣିବେ ଯେ 'ରାଜା' କପର୍ଦ୍ଦକଶୂନ୍ୟ । ପ୍ରୀତି ଓ ଆଶୀର୍ବାଦ ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

୨୪୭ନଂ (ମିସେସ୍ ଓଲବୁଲଙ୍କୁ ଲିଖିତ)

୨୨୮, ପଶ୍ଚିମ ୩୯ ନମ୍ବର ରାସ୍ତା, ନିଉୟର୍କ
୮ ଡିସେମ୍ବର ୧୮୯୫

ପ୍ରିୟ ମିସେସ୍ ବୁଲ୍,

ଆପଣଙ୍କ ପତ୍ରରେ ମୋତେ ଯେଉଁ ଅହ୍ୱାନ ଜଣାଇଛନ୍ତି ସେଥିପାଇଁ ଅଜସ୍ର ଧନ୍ୟବାଦ । ଦଶଦିନ ଅତି ବିରକ୍ତିକର ଦୀର୍ଘ ସମୁଦ୍ର-ଯାତ୍ରା ପରେ ମୁଁ ଗତ ଶୁକ୍ରବାର ଦିନ ଏଠାରେ ପହଞ୍ଚିଛି । ସମୁଦ୍ର ଭୟଙ୍କର ବିକ୍ଷୁବ୍ଧ ଥିଲା ଏବଂ ଜୀବନରେ ଏହି ସର୍ବପ୍ରଥମ ମୁଁ 'ସମୁଦ୍ର-ପୀଡ଼ା'ରେ ଅତ୍ୟଧିକ କଷ୍ଟ ପାଇଛି । ଆପଣ ଗୋଟିଏ ପୌତ୍ର ଲାଭ କରିଛନ୍ତି ଜାଣି ମୁଁ ଆପଣଙ୍କୁ ଅଭିନନ୍ଦନ ଜଣାଉଛି; ଶିଶୁଟିର ମଙ୍ଗଳ ହେଉ । ଦୟାକରି ମିସେସ୍ ଆଡାମ୍‌ସନ୍ ଓ ମିସ୍ ଥର୍ସବିଙ୍କୁ ମୋର ଆନ୍ତରିକ ସ୍ନେହ ଜଣାଇବେ ।

ଇଂଲଣ୍ଡରେ ମୁଁ କେତେଜଣ ବିଶିଷ୍ଟ ବନ୍ଧୁ କରି ଆସିଛି । ଆଗାମୀ ଗ୍ରୀଷ୍ମକାଳରେ ମୁଁ ପୁଣି ଫେରିଯିବି, ଏହି ଆଶାରେ ଯେ ସେମାନେ ମୋର ଏହି ଅନୁପସ୍ଥିତି ସମୟରେ ସେଠାରେ କାମ କରିବେ । ଏଠାରେ ମୁଁ କି ପ୍ରଣାଳୀରେ କାର୍ଯ୍ୟ କରିବି ତାହା ଏପର୍ଯ୍ୟନ୍ତ ସ୍ଥିର କରି ନାହିଁ । ଏଥିମଧ୍ୟରେ ଥରେ ଡେଟ୍ରଏଟ୍ ଓ ଚିକାଗୋ ବୁଲି ଆସିବାର ଇଚ୍ଛା ଅଛି—ତା'ପରେ ନିଉୟର୍କ ଫେରିବି । ସାଧାରଣ ଲୋକଙ୍କ ପାଖରେ ପ୍ରକାଶ୍ୟ ଭାବରେ ବକ୍ତୃତା ଦେବାଟା ମୁଁ ଏକାବେଳକେ ଛାଡ଼ିଦେବି ସ୍ଥିର କରିଛି; କାରଣ, ମୁଁ ଦେଖୁଛି, ମୋ ପକ୍ଷରେ ସର୍ବୋତ୍କୃଷ୍ଟ କାର୍ଯ୍ୟ ହେଉଛି—ପ୍ରକାଶ୍ୟ ବକ୍ତୃତାରେ କିମ୍ବା ଘରୋଇ କ୍ଲାସ୍‌ରେ—ଏକଦମ୍ ଟଙ୍କାପଇସାର ସମ୍ପର୍କ ନ ରଖିବା । ପରିଣାମରେ ସେଥିରେ କାର୍ଯ୍ୟର କ୍ଷତି ହେବ ଏବଂ ଏହାଦ୍ୱାରା ଅସତ୍ ଦୃଷ୍ଟାନ୍ତ ପ୍ରଦର୍ଶିତ ହେବ ।

ଇଂଲଣ୍ଡରେ ମୁଁ ଏହି ରୀତିରେ କାର୍ଯ୍ୟ କରିଛି ଏବଂ ଲୋକେ ସ୍ୱେଚ୍ଛାରେ ଯେଉଁ ଟଙ୍କା ପଇସା ଦେବାକୁ ଆସିଥିଲେ ତାହା ମଧ୍ୟ ଫେରାଇ ଦେଇଛି । ମିଷ୍ଟର ଷ୍ଟର୍ଡିଙ୍କ ଟଙ୍କା ଥିବାରୁ ବଡ଼ବଡ଼ ହଲ୍‌ରେ ବକ୍ତୃତା ଦେବାର ଅଧିକାଂଶ ଖରଚ ସେ ବହନ କରୁଥିଲେ ଏବଂ ବାକି ମୁଁ କରୁଥିଲି । ଏଥିରେ କାମ ବେଶ୍ ଚାଲିଥିଲା । ଆଉ ଗୋଟିଏ ନ୍ୟୂନ ଧରଣର ଦୃଷ୍ଟାନ୍ତ ଦେଲେ ଯଦି ଦୋଷ ନ ହୁଏ ତେବେ କହୁଛି, ଧର୍ମର ହାଟରେ ମଧ୍ୟ ଚାହିଦା ଅପେକ୍ଷା ବେଶୀ ମାଲ ସରବରାହ କରିବା ଠିକ୍ ନୁହେଁ । ଚାହିଦା ଅନୁଯାୟୀ ହିଁ ସରବରାହ ହେବା ଉଚିତ । ଯଦି ଲୋକେ ମୋତେ ଦରକାର କରନ୍ତି, ତେବେ ସେମାନେ ହିଁ ବକ୍ତୃତାର ସବୁ ବନ୍ଦୋବସ୍ତ କରିବେ । ଏସବୁ ନେଇ ମୋର ମୁଣ୍ଡ ଖେଳାଇବାର ଦରକାର ନାହିଁ । ଯଦି ଆପଣ ମିସେସ୍ ଆଡାମ୍‌ସନ୍ ଓ ମିସ୍ ଲକଙ୍କ ସହିତ ପରାମର୍ଶ କରି ମନେକରନ୍ତି ଯେ, ମୋର ଚିକାଗୋ ଯାଇ ଧାରାବାହିକ ଭାବରେ କେତେଗୁଡ଼ିଏ ବକ୍ତୃତା ଦେବା ସମ୍ଭବ ହେବ, ତେବେ ମୋତେ ଲେଖିବେ; ଅବଶ୍ୟ ଟଙ୍କା ପଇସାର କଥା ଏକଦମ୍ ବାଦ୍ ଦେବାକୁ ହେବ ।

ମୁଁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଓ ସ୍ୱାବଲମ୍ବୀ ଗୋଷ୍ଠୀର ପକ୍ଷପାତୀ । ସେମାନେ ନିଜର କାମ ନିଜଭଳି କରନ୍ତୁ । ସେମାନେ ଯାହା ଖୁସି କରନ୍ତୁ । ମୋ ନିଜ ସମ୍ବନ୍ଧରେ ମୋର ଏତିକି ବକ୍ତବ୍ୟ ଯେ, ମୁଁ ନିଜକୁ କୌଣସି ପ୍ରତିଷ୍ଠାନ ସହିତ ଜଡ଼ିତ କରିବାକୁ ଚାହେଁ ନାହିଁ । ଆଶା କରେ, ଆପଣଙ୍କର ଶରୀର ଓ ମନ ଭଲ ଅଛି । ଇତି

ସଦାପ୍ରଭୁପଦାଶ୍ରିତ ଆପଣଙ୍କର, ବିବେକାନନ୍ଦ

୨୪୭ନଂ (ମିସ୍ ମାକ୍‌ଲାଉଡ଼ଙ୍କୁ ଲିଖିତ)

୨୨୮, ପଶ୍ଚିମ ୩୯ ନମ୍ବର ରାସ୍ତା, ନ୍ୟୁୟର୍କ

୮ ଡିସେମ୍ବର ୧୮୯୫

ପ୍ରିୟ ଜୋ ଜୋ,

ଏତେଦିନ ପର୍ଯ୍ୟନ୍ତ ସମୁଦ୍ର-ଯାତ୍ରା କରିଛି, ତାହା ମଧ୍ୟରେ ଏହି ସର୍ବାପେକ୍ଷା ମାରାତ୍ମକ ଦଶଦିନ ବ୍ୟାପୀ ସମୁଦ୍ର-ଯାତ୍ରା ପରେ ନିଉୟର୍କରେ ପହଞ୍ଚିଛି । ଏକାଦିକ୍ରମେ କିଛିଦିନ ଅତି ଅସୁସ୍ଥ ହୋଇପଡ଼ିଥିଲି ।

ଇଣ୍ଡଷ୍ଟ୍ରିପର ଚକମକିଆ ସଫାସୁତୁରା ସହରଗୁଡ଼ିକ ଆଗରେ ନିଉୟର୍କଟା ଅତ୍ୟନ୍ତ ଅପରିଷ୍କାର ଓ ଶ୍ରୀହୀନ ମନେହୁଏ । ଆଗାମୀ ସୋମବାରରୁ କାମ ଆରମ୍ଭ କରିବି । ଆଲବାର୍ଟା ଯେଉଁମାନଙ୍କୁ 'ସ୍ୱର୍ଗୀୟ ଦମ୍ପତି' ବୋଲି କହେ, ସେମାନଙ୍କ ପାଖରେ ତୁମର ବଣ୍ଡିଲଗୁଡ଼ିକ ପହଞ୍ଚାଇ ଦିଆଯାଇଛି । ସେମାନେ ବଡ଼ିବର ଅତି ହୃଦ୍ୟ । ମିଷ୍ଟର ଓ ମିସେସ୍ ହ୍ୟାଲମନ୍ ଓ ଅନ୍ୟାନ୍ୟ ବନ୍ଧୁମାନଙ୍କ ସହିତ ଦେଖାହୋଇଛି । ଘଟଣାକ୍ରମେ ମିସେସ୍ ଗାର୍ଣ୍ଣସିଙ୍କର ସେଠି ମିସେସ୍ ପୀକ୍‌ଙ୍କ ସହିତ ଦେଖା ହୋଇଥିଲା; କିନ୍ତୁ ଏପର୍ଯ୍ୟନ୍ତ ମିସେସ୍ ରଥନ୍‌ବାର୍ଗାରଙ୍କ କୌଣସି ସମ୍ବାଦ ନାହିଁ । 'ସ୍ୱର୍ଗର ପକ୍ଷୀମାନଙ୍କ' ସହିତ ଏହି ବଡ଼ଦିନରେ ଜଙ୍ଗଲକୁ ଯାଉଛି; ତୁମେ ମଧ୍ୟ ସେଠାରେ ଥିଲେ କେତେ ଆନନ୍ଦ ବା ନ ହୋଇଥାନ୍ତା !

ଲେଡ଼ି ଇସାବେଲ୍‌ଙ୍କ ସଙ୍ଗରେ ତୁମର ବେଶ୍ ଆଳାପ ପରିଚୟ ହୋଇଯାଇଛି ବୋଧ ହୁଏ ? ସମସ୍ତଙ୍କୁ ମୋର ସ୍ନେହ ଜଣାଇବ ଏବଂ ନିଜେ ମଧ୍ୟ ସାଗର-ପ୍ରମାଣ ବହୁତ ସ୍ନେହ ଗ୍ରହଣ କରିବ । ଚିଠି ଛୋଟିଆ ହେଲା ବୋଲି ମନରେ କିଛି ଭାବିବ ନାହିଁ । ଆସନ୍ତା ଥରଠାରୁ ବଡ଼ ବଡ଼ ସବୁ ଲେଖିବି । ଇତି

ସଦାପ୍ରଭୁପଦାଶ୍ରିତ ତୁମମାନଙ୍କର, ବିବେକାନନ୍ଦ

୨୪୮ଇଂ (ମି: ଷ୍ଟର୍ଡିଙ୍କୁ ଲିଖିତ)

228, W. 39th St., ନ୍ୟୁୟର୍କ
୮ ଡିସେମ୍ବର ୧୮୯୫

ପ୍ରିୟ ବନ୍ଧୁ,

ଦଶ ଦିନର ଅତ୍ୟନ୍ତ ବିରକ୍ତିକର ଏବଂ ବିକ୍ଷୁବ୍ଧ ସମୁଦ୍ର-ଯାତ୍ରା ପରେ ମୁଁ ନିରାପଦରେ ନ୍ୟୁୟର୍କରେ ଆସି ପହଞ୍ଚିଛି । ମୋର ବନ୍ଧୁଗଣ ଇତିମଧ୍ୟରେ ଉପର ଠିକଣାରେ କେତୋଟି ଘର ଠିକ୍ କରି ରଖିଛନ୍ତି । ସେଠାରେ ମୁଁ ବର୍ତ୍ତମାନ ଅବସ୍ଥାନ କରୁଛି ଏବଂ ଶୀଘ୍ର କ୍ଲାସ୍ ନେବାର ଇଚ୍ଛା ଅଛି । ଏହା ଭିତରେ '—' ଅତ୍ୟନ୍ତ ଶଙ୍କିତ ହୋଇ ଉଠିଛି ଏବଂ ମୋତେ ଆଘାତ କରିବା ପାଇଁ ଯଥାସାଧ୍ୟ ଚେଷ୍ଟା କରୁଛି ।

ମିସେସ୍ ଲେଗେଟ୍ ଓ ଅନ୍ୟ ବନ୍ଧୁମାନଙ୍କୁ ଦେଖା କରିବାକୁ ଯାଇଥିଲି, ସେମାନେ ସବୁଦିନ ପରି ସଦୟ ଓ ଅନୁରକ୍ତ ।

ଯେଉଁ ସନ୍ନ୍ୟାସୀ ଜଣକ ଆସୁଛନ୍ତି, ତାଙ୍କ ସମ୍ବନ୍ଧରେ ଭାରତରୁ କୌଣସି ସମ୍ବାଦ ପାଇଛନ୍ତି କି ? ମୁଁ ଏଠା କାମର ସମ୍ପୂର୍ଣ୍ଣ ବିବରଣୀ ପରେ ଲେଖିବି ।

ଦୟାକରି ମିସ୍ ମୁଲର୍‌ଙ୍କୁ, ମିସେସ୍ ଷ୍ଟର୍ଡିଙ୍କୁ ଏବଂ ଅନ୍ୟ ବନ୍ଧୁମାନଙ୍କୁ ମୋର ପ୍ରୀତି ଜଣାଇବେ ଏବଂ ଶିଶୁକୁ ମୋର ହୋଇ ଚୁମ୍ବନ ଦେବେ । ଇତି

ବିବେକାନନ୍ଦ

୨୪୯ଇଂ

୨୨୮, ପଶ୍ଚିମ ୩୯ ନମ୍ବର ରାସ୍ତା, ନଉୟର୍କ
୧୦ ଡିସେମ୍ବର ୧୮୯୫

ପ୍ରିୟ—,

ମୁଁ ସେଡେନ୍‌ଷ୍ଟରଙ୍କ ପତ୍ର ପାଇଛି ଏବଂ ତାଙ୍କର ଅନୁରୋଧମତେ ହାର୍ଭାର୍ଡ ଦାର୍ଶନିକ କ୍ଲବରେ ଆନନ୍ଦର ସହିତ ବକ୍ତୃତା ଦେବି । ତେବେ ଅସୁବିଧା ଏତିକି ଯେ, ମୁଁ ବର୍ତ୍ତମାନ ଏକମନ ହୋଇ ଲେଖିବାକୁ ଆରମ୍ଭ କରିଛି; କାରଣ ମୁଁ ଏଭଳି କେତେଗୁଡ଼ିଏ ପାଠ୍ୟପୁସ୍ତକ ଲେଖି ପକାଇବାକୁ ଚାହେଁ, ଯେଉଁଗୁଡ଼ିକ ମୁଁ ଚାଲିଗଲେ ମଧ୍ୟ ମୋ କାର୍ଯ୍ୟର ଭିତ୍ତିସ୍ୱରୂପ ହେବ । ତା' ପୂର୍ବରୁ ମୋତେ ଚାରିଖଣ୍ଡି ଛୋଟ ଛୋଟ ବହି ଶୀଘ୍ର ଶୀଘ୍ର ଶେଷ କରିବାକୁ ହେବ ।

ଏ ମାସରେ ଚାରିଟି ରବିବାସରୀୟ ବକ୍ତୃତା ପାଇଁ ବିଜ୍ଞାପନ ସବୁ ବାହାରିଛି । ଫେବ୍ରୁଆରି ପ୍ରଥମ ସପ୍ତାହରେ ବ୍ରୁକ୍‌ଲିନ୍‌ରେ ଯେଉଁ ବକ୍ତୃତାଗୁଡ଼ିକ ଦେବାକୁ ହେବ, ଡାକ୍ତର ଜେନସ୍ ପ୍ରଭୃତି ତାହାର ବନ୍ଦୋବସ୍ତ କରୁଛନ୍ତି । ମୋର ଆନ୍ତରିକ ଶୁଭେଚ୍ଛା ଜାଣିବ । ଇତି

ତୁମମାନଙ୍କର ଶୁଭାର୍ଥୀ ବିବେକାନନ୍ଦ

୨୫୦ଇଂ (ମିଷ୍ଟର ଇ. ଟି. ଷ୍ଟର୍ଡିଙ୍କୁ ଲିଖିତ)

228, W. 39th St., ନଉୟର୍କ
୧୬ (?) ଡିସେମ୍ବର ୧୮୯୫

ସ୍ନେହାଶୀର୍ବାଦଭାଜନେଷୁ,

ତୁମର ସବୁ ଚିଠିଗୁଡ଼ିକ ଏକା ଡାକରେ ଆଜି ଆସି ପହଞ୍ଚିଛି । ମିସ୍ ମୁଲର୍ ମଧ୍ୟ ମୋତେ ଖଣ୍ଡିଏ ପତ୍ର ଲେଖିଛନ୍ତି । ସେ 'ଇଣ୍ଡିୟାନ ମିରର୍' ପତ୍ରିକାରେ ପଢ଼ିଛନ୍ତି ଯେ, ସ୍ୱାମୀ କୃଷ୍ଣାନନ୍ଦ ଇଂଲଣ୍ଡ ଆସୁଛନ୍ତି । ତାହା ହିଁ ଯଦି ହୁଏ, ତାହାହେଲେ ଯେଉଁମାନଙ୍କୁ ମୁଁ ପାଇ-ପାରିବି ସେମାନଙ୍କ ମଧ୍ୟରେ ଏଇ ହେବେ ସର୍ବାପେକ୍ଷା ଶକ୍ତିଶାଳୀ ।

ଏଠାରେ ସପ୍ତାହକରେ ମୋର ଛଅଟି ଲେଖାଏଁ କ୍ଲାସ ହେଉଛି, ତାହାଛଡ଼ା ପ୍ରଶ୍ନୋତ୍ତର କ୍ଲାସ୍ ମଧ୍ୟ ଗୋଟିଏ ଅଛି । ଶ୍ରୋତାଙ୍କ ସଂଖ୍ୟା ୭୦ ରୁ ୧୨୦ ଯାଏ ହୁଏ । ଏହାଛଡ଼ା ପ୍ରତି ରବିବାରରେ ମୁଁ ସର୍ବସାଧାରଣଙ୍କ ପାଇଁ ଗୋଟିଏ ବକ୍ତୃତା ଦିଏ । ଗତ ମାସରେ ଯେଉଁ ସଭାଗୃହରେ ମୋର ବକ୍ତୃତାଗୁଡ଼ିକ ହୋଇଥିଲା, ସେଥିରେ ୬ଶହ ଜଣଙ୍କ ବସିଲାଭଳି ସ୍ଥାନ ଅଛି । କିନ୍ତୁ ସାଧାରଣତଃ ୯ ଶହ ଜଣ ଆସୁଥିଲେ—୩ ଶହ ଜଣ ଠିଆ-ହୋଇ ରହୁଥିଲେ, ଆଉ ୩ଶହ ଜଣଙ୍କୁ ଜାଗା ନ ପାଇବାରୁ ଫେରିଯିବାକୁ ପଡ଼ୁଥିଲା । ସୁତରାଂ ଏ ସପ୍ତାହରେ ଏକ ବୃହତ୍ତର ହଲ୍ ନେଇଛି, ଯହିଁରେ ୧ ହଜାର ୨ ଶହ ଜଣ ବସିପାରିବେ ।

ଏହି ବକ୍ତୃତାଗୁଡ଼ିକରେ ଯୋଗ ଦେବା ଲାଗି କୌଣସି ଅର୍ଥଆଦି ମଗାଯାଏ ନାହିଁ; କିନ୍ତୁ ସଭାରେ ଯାହା ଚାନ୍ଦା ମିଳେ ସେଥିରେ ଘରର ଭଡ଼ାଟା ଉଠିଯାଏ । ଏ ସପ୍ତାହରେ ଖବର-

କାଗଜଗୁଡ଼ିକର ଦୃଷ୍ଟି ମୋ ଉପରେ ପଡ଼ିଛି ଏବଂ ଏ ବର୍ଷ ମୁଁ ନିଉୟର୍କକୁ ଅନେକ ପରିମାଣରେ ସରଗରମ କରିପକାଇଛି । ମୁଁ ଯଦି ଏହି ଗ୍ରୀଷ୍ମକାଳରେ ଏଠି ରହିପାରନ୍ତି ଏବଂ ଗ୍ରୀଷ୍ମକାଳୀନ ଗୋଟାଏ ବାସସ୍ଥାନ କରିପାରନ୍ତି, ତେବେ ଏଠାରେ କାମଟା ସୁଦୃଢ଼ ଭିତ୍ତିରେ ପ୍ରତିଷ୍ଠିତ ହୋଇ ଚାଲିପାରନ୍ତା । କିନ୍ତୁ ମଇମାସରେ ମୁଁ ଇଂଲଣ୍ଡ ଯିବାର ସଂକଳ୍ପ କରିଛି ବୋଲି ମୋତେ ଏଇଟି ଅସମ୍ପୂର୍ଣ୍ଣ ହିଁ ରଖିଯିବାକୁ ହେବ । ଅବଶ୍ୟ କୃପାନନ୍ଦ ଯଦି ଇଂଲଣ୍ଡ ଆସନ୍ତି ଏବଂ ତାଙ୍କୁ ଯଦି ତୁମର ସୁଯୋଗ୍ୟ ଓ ସୁଦକ୍ଷ ବୋଲି ମନେହୁଏ ଏବଂ ତୁମେ ଯଦି ବୁଝିପାର ଯେ, ଏହି ଗ୍ରୀଷ୍ମକାଳରେ ମୋର ଅନୁପସ୍ଥିତିରେ କାମଟିର କ୍ଷତି ହେବ ନାହିଁ, ତେବେ ମୁଁ ବରଂ ଗ୍ରୀଷ୍ମକାଳଟା ଏଠାରେ ରହିଯିବି ।

ଅଧିକନ୍ତୁ ମୋର ଭୟ ହେଉଛି, ଅବିରାମ କାମର ଚାପରେ ମୋର ସ୍ୱାସ୍ଥ୍ୟ ଭାଙ୍ଗିପଡ଼ୁଛି । ମୋର କିଛିଟା ବିଶ୍ରାମ ଆବଶ୍ୟକ । ଆମେ ଏସବୁ ପାଶ୍ଚାତ୍ୟ ରୀତିରେ ଅନଭ୍ୟସ୍ତ—ବିଶେଷତଃ ଘଣ୍ଟାକଣ୍ଟାରେ ଚାଲିବା ବିଷୟ ନେଇ । 'ବ୍ରହ୍ମବାଦିନ୍' ପତ୍ରିକା ଖଣ୍ଡିକ ଏଠାରେ ସୁନ୍ଦର ଚାଲିଛି । ମୁଁ ଭକ୍ତି ସମ୍ବନ୍ଧରେ ପ୍ରବନ୍ଧ ଲେଖିବାକୁ ଆରମ୍ଭ କରିଛି; ତାହା ଛଡ଼ା ମାସିକ କାମର ଗୋଟିଏ ବିବରଣୀ ମଧ୍ୟ ସେମାନଙ୍କୁ ପଠାଉଛି । ମିସ୍ ମୁଲର୍ ଆମେରିକାକୁ ଆସିବାକୁ ଚାହାଁନ୍ତି; ଆସିବେ କି ନାହିଁ ଜାଣେ ନାହିଁ । ଏଠାରେ କେତେଜଣ ବନ୍ଧୁ ମୋର ରବିବାସରୀୟ ବକ୍ତୃତାଗୁଡ଼ିକ ଛାପୁଛନ୍ତି । ପ୍ରଥମଟିର କେତୋଟି କପି ମୁଁ ତୁମ ପାଖକୁ ପଠାଇଛି । ଆସନ୍ତା ଡାକରେ ପରବର୍ତ୍ତୀ ଯୋଡ଼ାଏ ବକ୍ତୃତାର କେତୋଟି କପି ତୁମ ପାଖକୁ ପଠାଇବି ଏବଂ ତୁମର ପସନ୍ଦ ହେଲେ ଅନେକଗୁଡ଼ାଏ ପଠାଇଦେବି । ଇଂଲଣ୍ଡରେ କେତେକେହି କପି ବିକ୍ରୀର ବ୍ୟବସ୍ଥା କରିପାରିବ କି ?—ସେଥିରେ ସେମାନେ ପରବର୍ତ୍ତୀ ବକ୍ତୃତାଗୁଡ଼ିକ ଛାପିବାକୁ ଉତ୍ସାହିତ ହେବେ ।

ଆସନ୍ତା ମାସରେ ମୁଁ ଡେଟ୍ରଏଟ ଯିବି, ତା'ପରେ ବୋଷ୍ଟନ୍ ଓ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ । ଏହାପରେ ମୁଁ ଟିକିଏ ବିଶ୍ରାମ ନେବି; ଏବଂ ତା'ପରେ ଇଂଲଣ୍ଡ ଯିବି—ଯଦି ତୁମେ ମନରେ ନ ଭାବ ଯେ, ମୋତେ ବାଦ୍ ଦେଇ ମଧ୍ୟ କୃପାନନ୍ଦଙ୍କ ସାହାଯ୍ୟରେ ସବୁ କାମ ହୋଇଯିବ । ଇତି

ସତତ ସ୍ନେହାଶୀର୍ବାଦକ, ବିବେକାନନ୍ଦ

୨୫୧ ଇଂ

228, W 39th. St., ନ୍ୟୁୟର୍କ
୨୦ ଡିସେମ୍ବର ୧୮୯୫

ପ୍ରିୟ ଆଲାସିଙ୍ଗା,

ଏଥି ସହିତ 'ଭକ୍ତିଯୋଗ'ର କପି କିଛିଟା ପୂର୍ବରୁ ପଠାଇଲି—ସଙ୍ଗେ ସଙ୍ଗେ 'କର୍ମ' ସମ୍ବନ୍ଧରେ ମଧ୍ୟ ଗୋଟିଏ ବକ୍ତୃତା ପଠାଇଲି । ଏମାନେ ବର୍ତ୍ତମାନ ଜଣେ ସାଙ୍କେତିକ ଲିପିକାର ନିଯୁକ୍ତ କରିଛନ୍ତି, ଏବଂ ମୁଁ କ୍ଲାସ୍‌ରେ ଯାହାସବୁ କହେ, ସେ ସବୁ ଟିପିନିଏ । ସୁତରାଂ ବର୍ତ୍ତମାନ ତୁମେ କାଗଜ ପାଇଁ ଯଥେଷ୍ଟ ଲେଖା ପାଇବ । ଆଗେଇ ଚାଲ । ଷ୍ଟର୍ଡି ପରେ ଆହୁରି

ଲେଖିବ । ଇଂଲଣ୍ଡରେ ଏମାନେ ନିଜର ଗୋଟିଏ କାଗଜ ବାହାର କରିବେ ବୋଲି ଭାବୁଛନ୍ତି—ସେଥିପାଇଁ ମୁଁ 'ବ୍ରହ୍ମବାଦିନ୍' ପାଇଁ ବେଶୀ କିଛି କରିପାରି ନାହିଁ । କାଗଜ-ଖଣ୍ଡିକର ବାହାରେ ଗୋଟିଏ ମନକୁ ପାଇଲାଭଳି ମଲାଟ ନ ହେବାର ମାନେ କିଅଣ କୁହ ତ ଦେଖି ? ବର୍ତ୍ତମାନ କାଗଜ ଖଣ୍ଡିକ ଉପରେ ତୁମମାନଙ୍କର ସମୁଦାୟ ଶକ୍ତି ପ୍ରୟୋଗ କର, କାଗଜଟା ପ୍ରତିଷ୍ଠିତ ହୋଇଯାଉ—ମୁଁ ଏହା ଦେଖିବାକୁ ଦୃଢ଼ସଂକଳ୍ପ । ଧୈର୍ଯ୍ୟ ଧରି ରହି ଏବଂ ମୃତ୍ୟୁ ପର୍ଯ୍ୟନ୍ତ ବିଶ୍ୱସ୍ତ ହୋଇ ଥାଅ । ନିଜ ନିଜ ଭିତରେ ବିବାଦ କର ନାହିଁ, ଟଙ୍କା-ପଇସା ନେଣ-ଦେଣ ବିଷୟରେ ସମ୍ପୂର୍ଣ୍ଣ ଖାଣ୍ଟି ହୁଅ । ତରବର ହୋଇ ଟଙ୍କା ରୋଜଗାରର ଚେଷ୍ଟା କର ନାହିଁ—ସେସବୁ କ୍ରମେ ହେବ । ଆମେ ଏବେ ପୁଣି ବଡ଼ ବଡ଼ କାମ କରିବା ଜାଣିଥାଅ । ପ୍ରତି ସପ୍ତାହରେ ଏଠାରୁ କାର୍ଯ୍ୟର ଗୋଟାଏ ରିପୋର୍ଟ ପଠାଯିବ । ଯେତେଦିନ ତୁମମାନଙ୍କର ବିଶ୍ୱାସ, ସାଧୁତା ଓ ନିଷ୍ଠା ରହିଥିବ, ସେତେଦିନଯାଏ ସବୁ ବିଷୟରେ ଉନ୍ନତି ହେବ । ଆସନ୍ତା ଡାକରେ କାଗଜଟା ସମ୍ବନ୍ଧରେ ସବୁ ବିଷୟ ମୋତେ ଲେଖିବ ।

ବୈଦିକ ସୂକ୍ତଗୁଡ଼ିକର ଅନୁବାଦ ବେଳେ ଭାଷ୍ୟକାରମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦେଉଥିବ, ପ୍ରାଚ୍ୟତତ୍ତ୍ୱବିତ୍‌ମାନଙ୍କ ପ୍ରତି ମୋଟେ ମନୋଯୋଗ ଦେବ ନାହିଁ । ସେମାନେ ଆମ ଶାସ୍ତ୍ରଗୁଡ଼ିକ ବିଷୟରେ କିଛି ବୁଝନ୍ତି ନାହିଁ । ଯେଉଁମାନେ କେବଳ ନୀରସ ଭାଷାତତ୍ତ୍ୱବିତ୍, ସେମାନେ ଧର୍ମ ବା ଦର୍ଶନ ବୁଝିପାରନ୍ତି ନାହିଁ ।

'ଭକ୍ତିଯୋଗ' ସମ୍ବନ୍ଧରେ ରଚନାଗୁଡ଼ିକ ଅନେକ ପରିମାଣରେ ପ୍ରଣାଳୀବଦ୍ଧ ଆକାରରେ ରହିଛି; କିନ୍ତୁ କ୍ଲାସ୍‌ରେ ଯାହା ସବୁ କୁହାଯାଇଛି ସେଗୁଡ଼ିକ ତରବର ହୋଇ ଖାପଛଡ଼ା ଭାବରେ କୁହାଯାଇଛି—ସୁତରାଂ ସେଗୁଡ଼ିକ ଟିକିଏ ଭଲକରି ଦେଖି ବୁଝି ଛପାଇବାକୁ ହେବ । ତେବେ ମୋର ଭାବଗୁଡ଼ିକ ଉପରେ ବେଶୀ କଲମ ଚଳାଇବ ନାହିଁ । ସାହସୀ ଓ ନିର୍ଭୀକ ହୁଅ—ତାହା ହେଲେ ଯାଇ ରାସ୍ତା ସଫା ହୋଇଯିବ । 'ଭକ୍ତିଯୋଗ' ବହୁଦିନ ଧରି ତୁମମାନଙ୍କ କାଗଜର ଖୋରାକ ଯୋଗାଇବ । ତା'ପରେ ତାକୁ ଗ୍ରନ୍ଥାକାରରେ ଛପାଇବ । ଭାରତ, ଆମେରିକା ଓ ଇଂଲଣ୍ଡରେ ଏହା ଖୁବ୍ ବିକ୍ରୀ ହେବ । ମନେରଖ, ଥିଓସଫିଷ୍ଟମାନଙ୍କ ସଙ୍ଗରେ ଯେପରି କୌଣସି ପ୍ରକାର ସମ୍ବନ୍ଧ ରଖା ନ ଯାଏ । ତୁମେମାନେ ଯଦି ସମସ୍ତେ ମୋତେ ତ୍ୟାଗ ନ କର, ମୋ ପଛରେ ଠିକ୍ ମୁଣ୍ଡ ଟେକି ଠିଆ ହୋଇପାର ଏବଂ ଧୈର୍ଯ୍ୟ ନ ହରାଅ, ତେବେ ମୁଁ ତୁମମାନଙ୍କୁ ନିଶ୍ଚିତ ଭାବରେ କହିପାରେ, ଆମେ ଅହୁରି ଖୁବ୍ ବଡ଼ ବଡ଼ କାମ କରିପାରିବୁ ! ହେ ବତ୍ସ, ଇଂଲଣ୍ଡରେ ଧୀରେ ଧୀରେ ଖୁବ ବଡ଼ କାମ ହେବ । ମୁଁ ବୁଝିପାରୁଛି, ତୁମେ ମଝିରେ ମଝିରେ ନିରୁତ୍ସାହ ହୋଇପଡ଼ୁଛ । ଏତିକି ମନେରଖ, ଇତିହାସର ଏହା ଏକମାତ୍ର ସାକ୍ଷ୍ୟ ଯେ, ଗୁରୁଭକ୍ତି ଜଗତ୍ ଜୟ କରିବ । ମୁଁ ଜି. ଜି.ର ଚିଠି ପାଇ ଭାରି ଖୁସୀ ହୋଇଛି । ବିଶ୍ୱାସ ହିଁ ମନୁଷ୍ୟକୁ ସିଂହତୁଲ୍ୟ ବୀର୍ଯ୍ୟବାନ୍ କରେ । ତୁମେ ସଦାବେଳେ ମନେରଖ, ମୋତେ କେତେ କାମ କରିବାକୁ ପଡ଼ୁଛି । ବେଳେବେଳେ ଦିନକରେ ଦୁଇ ତିନିଟା ବକ୍ତୃତା ଦେବାକୁ ପଡ଼େ । ଏହିପରି ସବୁପ୍ରକାର ପ୍ରତିକୂଳତା ଏଡ଼ାଇ ବାଟ ତିଆରି କରିବାକୁ ପଡ଼େ—କଠିନ କାମ ! ମୋଠାରୁ ନରମ ପ୍ରକୃତିର ଲୋକ ହେଲେ

ଏଥିରେ ହିଁ ତା'ର ମୃତ୍ୟୁ ଘଟନ୍ତା । ଷ୍ଟର୍ଡିର ପ୍ରବନ୍ଧଟି ଛପାଇଛ କି ? ମିଃ କୃଷ୍ଣ ମେନନ୍ ମୋତେ ସବୁବେଳେ କହିଆସୁଛି—ସେ ଲେଖିବ; କିନ୍ତୁ ମୋର ଆଶଙ୍କା ହେଉଛି, ଯେ ଏବେ ସୁଦ୍ଧା କିଛି ଲେଖି ନାହିଁ । ଇଂଲଣ୍ଡରେ ସେ ଦୁରବସ୍ଥାରେ ପଡ଼ିଛି, ମୁଁ ତାକୁ ୮ ପାଉଣ୍ଡ ଦେଇ ସାହାଯ୍ୟ କରିଛି—ଏଥିରୁ ବେଶୀ ସାହାଯ୍ୟ କରିବାର କ୍ଷମତା ମୋର ନ ଥିଲି । ମୁଁ ବୁଝିପାରୁ ନାହିଁ, ସେ ଦେଶକୁ ଫେରିଯାଉ ନାହିଁ କାହିଁକି । ତାହା ପାଖରୁ କିଛି ଆଶା କରିବ ନାହିଁ । ବିଶ୍ୱାସ ଓ ଦୃଢ଼ତାସହ ଲାଗିଥାଅ । ସତ୍ୟନିଷ୍ଠ, ସାଧୁ ଓ ପବିତ୍ର ହୁଅ—ଆଉ ନିଜ ନିଜ ମଧ୍ୟରେ କଳି କର ନାହିଁ । ଈର୍ଷା ହିଁ ଆମ ଜାତିର ଧ୍ୱଂସର କାରଣ ।

ଡାକ ଚାଲି ଯାଉଛି—ତରତର ହୋଇ ଚିଠି ଖଣ୍ଡିକ ଶେଷ କରିବାକୁ ପଡ଼ୁଛି । ତୁମକୁ ଓ ଆମର ସବୁ ବନ୍ଧୁବାନ୍ଧବଙ୍କୁ ମୋର ସ୍ନେହ ଶ୍ରଦ୍ଧା ଜଣାଉଛି । ଇତି

ବିବେକାନନ୍ଦ

୨୫୨ଇଂ (ସ୍ୱାମୀ ସାରଦାନନ୍ଦଙ୍କୁ ଲିଖିତ)

୨୨୮, ପଶ୍ଚିମ ୩୯ ନମ୍ବର ରାସ୍ତା, ନିଉୟର୍କ
୨୩ ଡିସେମ୍ବର ୧୮୯୫

ପ୍ରିୟ ଶରତ୍,

ତୁମ ପତ୍ର ପାଠ କରି ମୁଁ ଅତ୍ୟନ୍ତ ଦୁଃଖିତ ହୋଇଛି । ମୁଁ ଦେଖୁଛି, ତୁମେ ପୁରାପୁରି ନିରୁତ୍ସାହ ହୋଇପଡ଼ିଛ । ମୁଁ ତୁମ ସମସ୍ତଙ୍କୁ—ତୁମମାନଙ୍କର କ୍ଷମତା ଓ ଅକ୍ଷମତା ଜାଣେ । ତୁମେ କୌଣସି କାର୍ଯ୍ୟରେ ଅପାରଗ ହେଲେ ମୁଁ ସେଥିପାଇଁ ତୁମକୁ ଡାକି ନ ଥାନ୍ତି; ମୁଁ ତୁମକୁ କେବଳ ସଂସ୍କୃତର ପ୍ରାଥମିକ ବିଷୟଗୁଡ଼ିକ ଶିଖାଇବାକୁ କହିଥାନ୍ତି ଏବଂ ଅଭିଧାନ ପ୍ରଭୃତିର ସାହାଯ୍ୟରେ ଅନୁବାଦ ଓ ଅଧ୍ୟାପନା କାର୍ଯ୍ୟରେ ଷ୍ଟର୍ଡିଙ୍କ ସହାୟତା କରିବାକୁ କହିଥାନ୍ତି । ମୁଁ ତୁମକୁ ଏହି କାର୍ଯ୍ୟ ଲାଗି ଗଢ଼ିନେଇଥାନ୍ତି । ବସ୍ତୁତଃ ଆଉ ଯେ କେହି ଏ କାର୍ଯ୍ୟ ଚଳାଇ ପାରନ୍ତା—ଏକାନ୍ତ ପ୍ରୟୋଜନ ଥିଲା ସଂସ୍କୃତରେ ଚଳାଇ ପାରିଲା ଭଳି ସାମାନ୍ୟ ଜ୍ଞାନର । ଯାଉ, ଯାହା ହୁଏ ସବୁ ଭଲ ପାଇଁ ! ଏଇଟି ଯଦି ଠାକୁରଙ୍କ କାମ ହୁଏ, ତେବେ ଠିକ୍ ଜାଗା ପାଇଁ ଠିକ୍ ଲୋକ ଯଥା ସମୟରେ ଆସି ପହଞ୍ଚିବେ । ତୁମେମାନେ କେହି ନିଜକୁ ଉତ୍ୟକ୍ତ ମନେକରିବାର ପ୍ରୟୋଜନ ନାହିଁ । ହାଇଭିଉ, କ୍ୟାଭର୍ଶ୍ୟାମ, ରିଡ଼ିଂ, ଇଂଲଣ୍ଡ—ଏହି ଠିକଣାରେ ଷ୍ଟର୍ଡି ନିକଟକୁ ଟଙ୍କା ପଠାଇବ ।

'ସା—' ସମ୍ବନ୍ଧରେ ବକ୍ତବ୍ୟ ଏହି—ଟଙ୍କା କିଏ ନେଉଛି ବା ନ ନେଉଛି ତାହା ମୁଁ ଗ୍ରାହ୍ୟ କରେ ନାହିଁ; କିନ୍ତୁ ବାଲ୍ୟ-ବିବାହକୁ ମୁଁ ଅତ୍ୟନ୍ତ ଘୃଣା କରେ । ଏଥିପାଇଁ ଆମେ ଭୟଙ୍କର ଭାବରେ ଦୁଃଖ ଭୋଗ କରିଛୁ, ପୁଣି ଏହି ମହାପାପରେ ଆମର ଜାତିକୁ ଦୁଃଖଭୋଗ କରିବାକୁ ପଡ଼ୁଛି । ଅତଏବ ଏଭଳି ପୈଶାଚିକ ପ୍ରଥାକୁ ଯଦି ମୁଁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସମର୍ଥନ କରେ, ନିଜେ ତେବେ ନିଜ ପାଖରେ ଘୃଣ୍ୟ ହେବି । ମୁଁ ତୁମକୁ ଏ ବିଷୟରେ ସ୍ପଷ୍ଟ ଲେଖିଥିଲି; ...ବାଲ୍ୟବିବାହ ଭଳି ଏହି ଆସୁରିକ ପ୍ରଥା ଉପରେ ମୋତେ ଯଥାଶକ୍ତି ଦୃଢ଼ଭାବରେ ପଦାଘାତ କରିବାକୁ ହେବ—ସେଥିପାଇଁ ତୁମ ଉପରେ କୌଣସି

ଦୋଷ ଆସିବ ନାହିଁ । ତୁମର ଯଦି ଭୟ ହୁଏ ତେବେ ତୁମେ ଦୂରରେ ରହି ନିଜକୁ ବିପଦରୁ ରକ୍ଷା କର । ମୋ ସହିତ ତୁମର କୌଣସି ସମ୍ବନ୍ଧ ଅଛି—ଏହା ଅସ୍ୱୀକାର କଲେ ହିଁ ହେଲା; ଆଉ ମୁଁ ମଧ୍ୟ ତାହା ଦାବି କରିବା ପାଇଁ ଅତିମାତ୍ରାରେ ଆଗ୍ରହାନ୍ୱିତ ନୁହେଁ । ମୁଁ ଦୁଃଖିତ—ଅତି ଦୁଃଖିତ ଯେ ଶ୍ରେଷ୍ଠ ଶ୍ରେଷ୍ଠ ସ୍ତ୍ରୀଅମାନଙ୍କ ପାଇଁ ବର ଯୋଗାଡ଼ କରିବା ବ୍ୟାପାର ସହିତ ମୁଁ ମୋଟେ ନିଜକୁ ଜଡ଼ିତ କରିପାରିବି ନାହିଁ, ଭଗବାନ ମୋର ସହାୟ ହୁଅନ୍ତୁ ! ମୁଁ ଏ ସବୁରେ କେବେହେଲେ ନ ଥିଲି ଏବଂ କେବେ ହେଲେ ରହିବି ନାହିଁ । ମ—ବାବୁଙ୍କ କଥା ଭାବିଲ ଦେଖି ! ସ୍ତ୍ରୀଙ୍କଠାରୁ ବେଶୀ କାପୁରୁଷ ବା ପଶୁ-ପ୍ରକୃତିର ଲୋକ କେବେ ଦେଖିଛ କି ! ମୋଟ କଥା ଏହି—ମୋତେ ସାହାଯ୍ୟ କରିବା ପାଇଁ ଏଭଳି ଲୋକ ଦରକାର, ଯେଉଁମାନେ ସାହସୀ, ଅଦମନୀୟ ଓ ବିପଦରେ ଅପରାଙ୍ମୁଖ—ମୁଁ ପିଲାଙ୍କୁ ଓ ଭୀରୁମାନଙ୍କୁ ଚାହେଁ ନାହିଁ । ପକ୍ଷାନ୍ତରେ ଏକା ହିଁ କାର୍ଯ୍ୟ କରିବି । ମୋତେ ଗୋଟିଏ ବ୍ରତ ଉଦ୍‌ଯାପନ କରିବାକୁ ହେବ । ମୁଁ ଏକା ହିଁ ତାହା ସମ୍ପନ୍ନ କରିବି । କିଏ ଆସୁଛି ବା କିଏ ଯାଉଛି, ତାହାକୁ ଭ୍ରୂକ୍ଷେପ କରେ ନାହିଁ । 'ସା—' ଏଥିମଧ୍ୟରେ ସଂସାରରେ ବୁଡ଼ିଗଲାଣି, ଆଉ ତୁମଠି ଦେଖୁଛି ତା'ର ଗନ୍ଧ ଲାଗିଲାଣି ! ବାବା, ସାବଧାନ ! ଏବେ ବି ସମୟ ଅଛି । ତୁମକୁ ଏତିକି ମାତ୍ର ଉପଦେଶ ଦେବା ମୋର କର୍ତ୍ତବ୍ୟ ବୋଲି ମନେକରିଥିଲି । ଅବଶ୍ୟ ବର୍ତ୍ତମାନ ତୁମେମାନେ ପ୍ରଧାନ ବଡ଼ ଲୋକ—ତୁମମାନଙ୍କ ପାଖରେ ମୋ କଥାର ମୋଟେ ଦାମ୍ ନାହିଁ । କିନ୍ତୁ ମୁଁ ଆଶା କରେ ଯେ, ଏଭଳି ସମୟ ଆସିବ, ଯେତେବେଳେ ତୁମେମାନେ ସ୍ପଷ୍ଟତର ଭାବରେ ଦେଖିପାରିବ, ଜାଣିପାରିବ ଏବଂ ସମ୍ପ୍ରତି ଯେପରି ଭାବୁଛ ତା'ଠାରୁ ଅନ୍ୟ ପ୍ରକାର ଭାବିବ ।

ମୁଁ ଯୋଗେନ ପାଇଁ ଅତ୍ୟନ୍ତ ଦୁଃଖିତ । ମୋର ମନେହେଉ ନାହିଁ ଯେ କଲିକତା ତାହା ପକ୍ଷରେ ଅନୁକୂଳ । ଥଣ୍ଡା ପାଣିପାଗ ଭିତରେ ହଜମର ଅପୂର୍ବ ଉପକାର ହୁଏ ।...

ଏଥର ଆସୁଛି ! ଆଉ ତୁମମାନଙ୍କୁ ବିରକ୍ତ କରିବି ନାହିଁ; ତୁମମାନଙ୍କର ସମସ୍ତଙ୍କର ସର୍ବପ୍ରକାର କଲ୍ୟାଣ ହେଉ; ମୁଁ ଅତି ଆନନ୍ଦିତ ଯେ, କେତେବେଳେ ହେଲେ ମୁଁ ତୁମ-ମାନଙ୍କ କାମରେ ଲାଗିଛି—ଅବଶ୍ୟ ତୁମେମାନେ ଯଦି ତାହା ହିଁ ମନେକର । ଅନ୍ତତଃ ଗୁରୁ ମହାରାଜ ମୋ ଉପରେ ଯେଉଁ କର୍ତ୍ତବ୍ୟ ଅର୍ପଣ କରିଥିଲେ, ତାହା ସମ୍ପନ୍ନ କରିବା ଲାଗି ଯଥା-ସାଧ୍ୟ ଚେଷ୍ଟା କରିଛି—ଏହା ଭାବି ମୁଁ ଆତ୍ମପ୍ରସାଦ ଲାଭ କରୁଛି; ତାହା ସୁସମ୍ପନ୍ନ ହେଉ କି ନ ହେଉ ମୁଁ ଚେଷ୍ଟା କରୁଛି ଜାଣି ଖୁସି ଅଛି । ସୁତରାଂ ତୁମମାନଙ୍କଠାରୁ ବିଦାୟ ! ତୁମ-ମାନଙ୍କର ଯଥେଷ୍ଟ ଶକ୍ତି ରହିଛି; ଆଉ ମୋ ପକ୍ଷରେ ଯେତେଟା ହେବା ସମ୍ଭବ ତୁମେମାନେ ତାହା ଅପେକ୍ଷା ମଧ୍ୟ ଉଚ୍ଚରେ; ସୁତରାଂ ତୁମେମାନେ ନିଜ ବାଟରେ ଚାଲ । 'ସା—'କୁ କହିବ ଯେ, ମୁଁ ତା' ଉପରେ ମୋଟେ ରାଗି ନାହିଁ—ପରନ୍ତୁ ମୁଁ ଦୁଃଖିତ, ପରମ ଦୁଃଖିତ ହୋଇଛି । ଏହା ଟଙ୍କା ପାଇଁ ନୁହେଁ—ଟଙ୍କାରେ ପୁଣି ଯାଏ କେତେ ଆସେ କେତେ ! କିନ୍ତୁ ସେ ଗୋଟାଏ ନୀତି ଲଙ୍ଘନ କରିଛି ଏବଂ ମୋ ସହିତ ଧପ୍‌ପାବାଜି କରିଛି ବୋଲି ମୁଁ ଦୁଃଖିତ ହୋଇଛି । ତା'ଠାରୁ ବିଦାୟ ନେଉଛି, ଆଉ ତୁମ ସମସ୍ତଙ୍କ ପାଖରୁ । ମୋ

ଜୀବନରେ ଗୋଟିଏ ଅଧ୍ୟାୟ ଶେଷ ହୋଇଗଲା । ଅନ୍ୟମାନେ ସେମାନଙ୍କ ପାଳି ଅନୁସାରେ ଆସନ୍ତୁ—ସେମାନେ ମୋତେ ପ୍ରସ୍ତୁତ ଦେଖିବେ । ତୁମେ ମୋ ପାଇଁ ମୋଟେ ବ୍ୟତିବ୍ୟସ୍ତ ହେବ ନାହିଁ । ମୁଁ କୌଣସି ଦେଶର କୌଣସି ମନୁଷ୍ୟଙ୍କୁ ପରବାୟ କରେ ନାହିଁ । ସୁତରାଂ ବିଦାୟ ! ଠାକୁର ତୁମମାନଙ୍କୁ ଚିରକାଳ ଆଶୀର୍ବାଦ କରନ୍ତୁ । ଇତି

ତୁମମାନଙ୍କର, ବିବେକାନନ୍ଦ

୨୫୩ଇଂ (ମିଃ ଷ୍ଟର୍ଡିଙ୍କୁ ଲିଖିତ)

ନିଉୟର୍କ, ଡିସେମ୍ବର ୧୮୯୫

ଏଠିକାର କାମ ଚମତ୍କାର ଚାଲିଛି । ଏଠାକୁ ଆସିବା ପରଠାରୁ ମୁଁ ଦୈନିକ ଦୁଇଟି କ୍ଲାସ୍ ପାଇଁ ଅବିରାମ ଖଟୁଅଛି । ଆସନ୍ତା କାଲିଠାରୁ ଗୋଟିଏ ସପ୍ତାହ ଛୁଟି ନେଇ ମିଃ ଲେଗେଟ୍‌ଙ୍କ ସହିତ ସହର ବାହାରକୁ ଯାଉଛି । ଆପଣଙ୍କ ଦେଶର ଜଣେ ପ୍ରସିଦ୍ଧ ଗାୟିକା ମାଡ଼ାମ୍ ଷ୍ଟାର୍ଲିଂଙ୍କୁ ଆପଣ ଜାଣନ୍ତି କି ? ସେ ମୋ କାମରେ ବିଶେଷ ଆଗ୍ରହାନ୍ୱିତା ।

ମୁଁ ମୋ କାମର ବୈଷୟିକ ଦିଗଟି ସମ୍ପୂର୍ଣ୍ଣ ଭାବରେ ଗୋଟିଏ କମିଟି ହାତରେ ଦେଇ ଏସବୁ ଝଞ୍ଜଟରୁ ମୁକ୍ତ ହୋଇଛି । ବୈଷୟିକ ବ୍ୟବସ୍ଥା କରିବାର କ୍ଷମତା ମୋର ନାହିଁ—ଏହି ଜାତୀୟ କାମ ମୋତେ ଯେପରି ଛିଡ଼ାଧରି ଖଣ୍ଡ ଖଣ୍ଡ କରିଦିଏ ।

'ନାରଦସୂତ୍ର'ର କ'ଣ ହେଲା ? ମୋର ବିଶ୍ୱାସ ଏ ବହିଟି ଏଠାରେ ପ୍ରଚୁର ବିକ୍ରୀ ହେବ । ମୁଁ ବର୍ତ୍ତମାନ 'ଯୋଗସୂତ୍ର' ଧରିଛି ଏବଂ ଗୋଟିଏ ଗୋଟିଏ ସୂତ୍ର ନେଇ ସବୁ ଭାଷ୍ୟକାରଙ୍କ ମତ ଆଲୋଚନା କରୁଛି । ଏଗୁଡ଼ିକ ଲେଖିସାରିଛି ଏବଂ ଲେଖା ଶେଷ ହେଲେ ଏହା ହିଁ ଇଂରାଜୀରେ ପତଞ୍ଜଳିଙ୍କର ପୂର୍ଣ୍ଣାଙ୍ଗ ସଠିକ ଅନୁବାଦ ହେବ । ଅବଶ୍ୟ ଗ୍ରନ୍ଥଟି ବିରାଟ ବଡ଼ ହୋଇଯିବ ।

ମୋର ମନେହୁଏ, ଟ୍ରୁବ୍‌ନାର୍‌ଙ୍କ ଦୋକାନରେ 'କୂର୍ମପୁରାଣ'ର ଗୋଟିଏ ସଂସ୍କରଣ ଅଛି । ଭାଷ୍ୟକାର ବିଜ୍ଞାନଭିକ୍ଷୁ ବାରମ୍ବାର ଏହି ଗ୍ରନ୍ଥର ଉକ୍ତି ଉଦ୍ଧୃତ କରିଛନ୍ତି । ମୁଁ ଏହି ଗ୍ରନ୍ଥଟି ନିଜେ କେବେ ଦେଖି ନାହିଁ । ଆପଣ କ'ଣ ଥରେ ଟିକେ ସମୟ କରି ଦେଖି ଆସିପାରିବେ ଯେ, ଏହି ଗ୍ରନ୍ଥରେ ଯୋଗ ସମ୍ବନ୍ଧରେ କେତୋଟି ପରିଚ୍ଛେଦ ଅଛି କି ନାହିଁ ? ଯଦି ଥାଏ, ତେବେ ଦୟା କରି ମୋ ନିକଟକୁ ଖଣ୍ଡେ ବହି ପଠାଇବେ କି ? 'ହଠଯୋଗପ୍ରଦୀପିକା', 'ଶିବସଂହିତା' ଏବଂ 'ଯୋଗ' ସଂପର୍କରେ ଅନ୍ୟ କେଉଁ ଗ୍ରନ୍ଥ ଥିଲେ, ସେଥିରୁ ମଧ୍ୟ ଖଣ୍ଡେ ଲେଖାଏଁ ମୋର ଦରକାର । ଅବଶ୍ୟ ମୂଳ ଗ୍ରନ୍ଥଗୁଡ଼ିକ ଆବଶ୍ୟକ । ପୁସ୍ତକଗୁଡ଼ିକ ଆସିଲେ ମୁଁ ଆପଣଙ୍କ ପାଖକୁ ମୂଲ୍ୟ ପଠାଇଦେବି । ଜନ୍ ଡେଭିସ୍‌ଙ୍କ ସମ୍ପାଦିତ ଈଶ୍ୱରକୃଷ୍ଣଙ୍କ 'ସାଂଖ୍ୟକାରିକା' ମଧ୍ୟ ଗୋଟିଏ ପଠାଇବେ ।

ବର୍ତ୍ତମାନ ଭାରତୀୟ ଚିଠିଗୁଡ଼ିକ ସହିତ ଆପଣଙ୍କର ଚିଠି ପାଇଲି । ଆସିବା ଲାଗି ସେ ପ୍ରସ୍ତୁତ, ସେ ଅସୁସ୍ଥ । ଅନ୍ୟମାନେ କହୁଛନ୍ତି ଯେ, ସେମାନେ ତାଙ୍କବା ସଙ୍ଗେ ସଙ୍ଗେ ଆସିପାରିବେ ନାହିଁ । ଏପର୍ଯ୍ୟନ୍ତ ସବୁ ଦୁରଦୃଷ୍ଟ ମନେହୁଏ । ସେମାନେ ନ ଆସି ପାରିଲେ ମୁଁ ଦୁଃଖିତ । କ'ଣ ଆଉ କହିବି ? ଭାରତରେ ସବୁ ମନ୍ଥର ଗତିରେ ଚାଲେ ।

ବଦ୍ଧ ଆତ୍ମାରେ ତାଙ୍କର ପୂର୍ଣ୍ଣତ୍ୱ ଅବ୍ୟକ୍ତ ବା ସୂକ୍ଷ୍ମ ଭାବରେ ବିରାଜିତ; ଏବଂ ଯେତେବେଳେ ସେହି ପୂର୍ଣ୍ଣତ୍ୱର ବିକାଶ ସାଧିତ ହୁଏ, ସେତେବେଳେ ହିଁ ଜୀବ ମୁକ୍ତ ହୁଏ । ଏହା ରାମାନୁଜଙ୍କର ମତ । କିନ୍ତୁ ଅଦ୍ୱୈତବାଦୀ କହନ୍ତି ଯେ, ବ୍ୟକ୍ତ ବା ଅବ୍ୟକ୍ତ କୌଣସିଟା ପ୍ରକୃତ ଅବସ୍ଥା ନୁହେଁ, ଏଭଳି କେବଳ ପ୍ରତୀତ ହୋଇଥାଏ । ଉଭୟ ପ୍ରଣାଳୀ ହେଉଛି ମାୟା—ପରିଦୃଶ୍ୟମାନ ଅବସ୍ଥା ମାତ୍ର ।

ପ୍ରଥମତଃ ଆତ୍ମା ସ୍ୱଭାବତଃ ଜ୍ଞାତ ନୁହେଁ । 'ସଚ୍ଚିଦାନନ୍ଦ' ଶବ୍ଦଦ୍ୱାରା ତାଙ୍କୁ ଆଂଶିକ ଭାବରେ ପ୍ରକାଶ କରାଯାଇଥାଏ ମାତ୍ର । 'ନେତି ନେତି' ଶବ୍ଦ ହିଁ ତାହାଙ୍କର ସ୍ୱରୂପକୁ ଯଥାଯଥ ଭାବରେ ବର୍ଣ୍ଣନା କରିଥାଏ । ସୋପେନହାଉଆର୍ ତାଙ୍କର 'ଇଚ୍ଛାବାଦ' ବୌଦ୍ଧମାନଙ୍କଠାରୁ ଗ୍ରହଣ କରିଅଛନ୍ତି । ବାସନା, ତୃଷ୍ଣା ବା ତଣ୍ହା (ପାଲି) ପ୍ରଭୃତି ଶବ୍ଦମାନଙ୍କ ମାଧ୍ୟମରେ ଏହି ଭାବଟି ପ୍ରକାଶିତ ହୋଇଅଛି । ଆମେ ମଧ୍ୟ ଏହା ସ୍ୱୀକାର କରୁଛୁ ଯେ, ବାସନା ହିଁ ସର୍ବବିଧ ଅଭିବ୍ୟକ୍ତିର କାରଣ ଏବଂ ଏହା ହିଁ କାର୍ଯ୍ୟ ରୂପେ ପରିଣତ ହୁଏ । କିନ୍ତୁ ଯାହା 'ହେତୁ' ବା 'କାରଣ' ତାହା ହିଁ ସେହି (ସଗୁଣ) ବ୍ରହ୍ମ ଏବଂ ମାୟା—ଏହି ଦୁହିଁଙ୍କର ସମ୍ମିଶ୍ରଣରୁ ଉଦ୍ଭୂତ । ଏପରିକି (ଜ୍ଞାନ) ମଧ୍ୟ ଏକ ଯୌଗିକ ପଦାର୍ଥ ବୋଲି ଅଦ୍ୱୈତ ବସ୍ତୁଠାରୁ ସ୍ୱତନ୍ତ୍ର । ତେବେ ଜ୍ଞାତ ବା ଅଜ୍ଞାତ ସବୁ ପ୍ରକାର ବାସନାରୁ ଏହା ନିଃସଂଶୟରେ ଶ୍ରେଷ୍ଠ ଏବଂ ଅଦ୍ୱିତୀୟର ନିକଟତମ ବସ୍ତୁ । ସେହି ଅଦ୍ୱୈତ ତତ୍ତ୍ୱ ପ୍ରଥମେ ଜ୍ଞାନ ଓ ତାହା ପରେ ଇଚ୍ଛାର ସମଷ୍ଟି ରୂପେ ପ୍ରତିଭାତ ହୁଅନ୍ତି ।

ଉଦ୍ଭିଦ ମାନେ ହିଁ 'ଅଚେତନ' ଅଥବା ଅତି ବେଶୀ ହେଲେ ଚୈତନ୍ୟ-ବିବର୍ଜିତ କ୍ରିୟା-ଶକ୍ତି ମାତ୍ର ବୋଲି ଯଦି ଆପତ୍ତି ଉତ୍ଥାପିତ ହୁଏ, ତେବେ ଉତ୍ତର ସ୍ୱରୂପ କୁହାଯାଇପାରେ ଯେ, ଏହି ଅଚେତନ ଉଦ୍ଭିଦ-ଶକ୍ତି ମଧ୍ୟ ସେହି ବିରାଟ ବିଶ୍ୱବ୍ୟାପୀ ବୁଦ୍ଧି-ଶକ୍ତି, ଯାହାକୁ ସାଂଖ୍ୟକାର 'ମହତ୍' ବୋଲି ଅଭିହିତ କରିଅଛନ୍ତି—ସେହି ଏକ ଚେତନ ଇଚ୍ଛାର ହିଁ ଅଭିବ୍ୟକ୍ତି ।

ବସ୍ତୁଜଗତରେ ସବୁ କିଛି ସେହି 'ଏଷଣା' ବା 'ସଂକଳ୍ପ' ରୂପକ ଆଦି ବସ୍ତୁରୁ ଉଦ୍ଭୂତ—ବୌଦ୍ଧମାନଙ୍କର ଏହି ମତବାଦ ଅସମ୍ପୂର୍ଣ୍ଣ । କାରଣ ପ୍ରଥମତଃ ଇଚ୍ଛା ଗୋଟିଏ ଯୌଗିକ ପଦାର୍ଥ ଏବଂ ଦ୍ୱିତୀୟତଃ ଜ୍ଞାନ ବା ଚେତନା ରୂପକ ଯେଉଁ ପ୍ରାଥମିକ ଯୌଗିକ ପଦାର୍ଥ, ତାହା ଇଚ୍ଛା ପୂର୍ବରୁ ବିରାଜିତ ରହିଥାଏ । ଜ୍ଞାନ ହିଁ କ୍ରିୟାରେ ପରିଣତ ହୁଏ । ପ୍ରଥମେ କ୍ରିୟା, ତା'ପରେ ପ୍ରତିକ୍ରିୟା । ମନ ପ୍ରଥମେ ଅନୁଭବ କରେ ଏବଂ ତା'ପରେ ପ୍ରତିକ୍ରିୟା ରୂପେ ଏଥିରେ ସଂକଳ୍ପର ଉଦୟ ହୁଏ । ମନରେ ହିଁ ସଂକଳ୍ପର ସ୍ଥିତି, ସୁତରାଂ ସଂକଳ୍ପକୁ ମୂଳବସ୍ତୁ କହିବା ଭୁଲ୍ ।

ଡାଏସନ୍ ଡାରଉଇନ୍-ମତାବଲମ୍ବୀମାନଙ୍କ ହାତରେ କ୍ରୀଡ଼ାପୁତ୍ତଳିକା ସ୍ୱରୂପ । ବସ୍ତୁତଃ କ୍ରମବିକାଶବାଦକୁ ଉଚ୍ଚତର ପଦାର୍ଥବିଜ୍ଞାନ ସହିତ ସାମଞ୍ଜସ୍ୟ ରଖି ପ୍ରତିଷ୍ଠା କରିବାକୁ ହେବ । 'ବ୍ୟକ୍ତ' ଏବଂ 'ଅବ୍ୟକ୍ତ' ଭାବ ଯେ ପରସ୍ପରକୁ ସର୍ବଦା ଅନୁବର୍ତ୍ତନ କରିଥାଏ—ଏହି ତତ୍ତ୍ୱ ପଦାର୍ଥବିଜ୍ଞାନ ହିଁ ପ୍ରମାଣ କରିପାରେ । ଏଣୁ 'ବାସନା' ବା 'ସଂକଳ୍ପ'ର ଯେଉଁ

ଅଭିବ୍ୟକ୍ତ, ତାହାର ପୂର୍ବାବସ୍ଥାରେ 'ମହତ୍ତ୍ୱ' ବା 'ବିଶ୍ୱଚେତନା' ଗୁପ୍ତ ଅଥବା ସୂକ୍ଷ୍ମ ଭାବରେ ବିରାଜମାନ କରେ । ଜ୍ଞାନ ବ୍ୟତୀତ ସଂକଳ୍ପ ଅସମ୍ଭବ । କାରଣ ଆକାଙ୍କ୍ଷିତ ବସ୍ତୁ ସମ୍ବନ୍ଧରେ ଯଦି କୌଣସି ଜ୍ଞାନ ନ ଥାଏ, ତେବେ ଆକାଙ୍କ୍ଷାର ଉଦୟ ହେବ କିପରି ?

ବିଶ୍ୱଚେତନା ବା ମହତ୍ (Universal Consciousness)

| | | |
|---|---|---|
| ଅବଚେତନ (Sub-conscious) | ସଜ୍ଞାନ (Conscious) | ଅତିଚେତନ (Superconscious) |
| ଚୈତନ୍ୟ-ବିବର୍ଜିତ ସଂକଳ୍ପ ବା କ୍ରିୟା (Unconscious Will) | ଯଥାର୍ଥ ସଜ୍ଞାନ ସଂକଳ୍ପ (Conscious Will Proper) | ଅତୀନ୍ଦ୍ରିୟ-ଜ୍ଞାନ ସଂକଳ୍ପ (Superconscious Will) |

ଏହି ତତ୍ତ୍ୱ ଆପାତଦୃଷ୍ଟିରୁ ଯେତେ ଦୁର୍ବୋଧ ବୋଲି ମନେହୁଏ, ଜ୍ଞାନକୁ 'ଚେତନ' ଓ 'ଅବଚେତନ' ଏ ଦୁଇ ଅବସ୍ଥାରେ ବିଭକ୍ତ କଲେ ଏ ଦୁର୍ବୋଧତା ଅନ୍ତର୍ହିତ ହୋଇଯାଏ । ଏବଂ ତାହା ନ ହେବାର ବା କାରଣ କ'ଣ ? ଯଦି 'ସଂକଳ୍ପ' ବସ୍ତୁଟିକୁ ଆମେ ଏଭଳି ବିଶ୍ଳେଷଣ କରି ଦେଖିପାରୁ, ତେବେ ତାହାର ଜନକ ବସ୍ତୁଟିକୁ ବା ବିଶ୍ଳେଷଣ କରି ନ ଯିବ କାହିଁକି ?

ବିବେକାନନ୍ଦ

୨୪୪ଇଂ (ମିସ୍ ଫାର୍ମର୍‌ଙ୍କୁ ଲିଖିତ)

ନିଉୟର୍କ, ୨୯ ଡିସେମ୍ବର ୧୮୯୫

ପ୍ରିୟ ଭଗିନି,

ଏହି ଯେ ଜଗତ, ଯେଉଁଠାରେ କିଛି ମାତ୍ର ନଷ୍ଟ ହୁଏ ନାହିଁ, ଯେଉଁଠାରେ ଆମେ ଜୀବନରେ ମୃତ୍ୟୁ ମଧ୍ୟରେ ବାସକରୁ, ସେଠାରେ ପ୍ରକାଶ୍ୟରେ ଅଥବା ଅପ୍ରକାଶ୍ୟରେ, ସହର ଗଳିର ଗହଳ ମଧ୍ୟରେ ଅଥବା ପ୍ରାଚୀନ କାଳର ନିବିଡ଼ ନିଭୃତ ଅରଣ୍ୟ ମଧ୍ୟରେ, ଯାହାକିଛି ଚିନ୍ତା କରାଯାଉଛି ତାହା ହିଁ ରହିଯାଏ । ଏଗୁଡ଼ିକ କ୍ରମାଗତ ରୂପ ପରିଗ୍ରହ କରିବା ଲାଗି ଚେଷ୍ଟା କରୁଛନ୍ତି, ଏବଂ ଯେତେଦିନ କରି ନ ପାରୁଛନ୍ତି, ସେତେଦିନ ଅଭିବ୍ୟକ୍ତ ହେବା ଲାଗି ଅବଶ୍ୟ ଚେଷ୍ଟା କରୁଥିବେ ଏବଂ ଏମାନଙ୍କୁ ଯେତେ ଚାପି ଦେବାର ଚେଷ୍ଟା କରାଗଲେ ମଧ୍ୟ, ଏଗୁଡ଼ିକ କୌଣସି ପ୍ରକାରେ ନଷ୍ଟ ହେବେ ନାହିଁ । କୌଣସି ବିଷୟର ବିନାଶ ନାହିଁ—ଯେଉଁସବୁ ଚିନ୍ତା ଅତୀତରେ ଅନିଷ୍ଟ ସାଧନ କରିଥିଲେ, ସେମାନେ ମଧ୍ୟ ଶରୀର ପରିଗ୍ରହ ଲାଗି ଉଦ୍ୟମ କରୁଛନ୍ତି । ସେମାନେ ବି ପୁନଃ ପୁନଃ ପ୍ରକାଶ ଦ୍ୱାରା ଶୁଦ୍ଧ ହୋଇ ଅବଶେଷରେ ସମ୍ପୂର୍ଣ୍ଣ ସତ୍ ଚିନ୍ତାରେ ପରିଣତ ହେବାର ଚେଷ୍ଟା କରୁଛନ୍ତି ।

ସୁତରାଂ ବର୍ତ୍ତମାନ କାଳରେ ମଧ୍ୟ ଏପରି କେତେଗୁଡ଼ିଏ ଭାବରାଶି ବିଦ୍ୟମାନ ଅଛନ୍ତି, ଯେଉଁମାନେ ଆତ୍ମପ୍ରକାଶ ପାଇଁ ସଚେଷ୍ଟ । ଏହି ଅଭିନବ ଭାବରାଶି ଆମମାନଙ୍କୁ କହୁଛନ୍ତି ଯେ, ଆମର ଅନ୍ତରରେ ଯେଉଁ ଦ୍ୱୈତବାଦର କଳ୍ପନା ରହିଛି—କୌଣସି ବସ୍ତୁ ସ୍ୱରୂପତଃ ଭଲ

ବା ମନ୍ଦ ଏବଂବିଧ ଯେଉଁ କଳ୍ପନା ଅଛି ଏବଂ ସେଗୁଡ଼ିକୁ ଦବାଇ ଦେବା ଲାଗି ଯେ ତତୋଽଧିକ ଉତ୍କଟ ବୃଥା ଆଶା ରହିଛି—ଏ ସମସ୍ତକୁ ପରିହାର କରିବାକୁ ହେବ । ଏସବୁ ଆମମାନଙ୍କୁ ଏହା ହିଁ ଶିଖାଉଛି ଯେ, ଜଗତରେ ଉନ୍ନତିର ରହସ୍ୟ ପ୍ରବୃତ୍ତିର ଉଚ୍ଛେଦ ନୁହେଁ, ପରନ୍ତୁ ଉଚ୍ଚତର ପଥକୁ ତାହାର ଗତି ଫେରାଇ ଦେବା । ଏସବୁ ଶିଖାଉଛି ଯେ, ଏହି ଜଗତ ଭଲ ବା ମନ୍ଦ ଦ୍ୱାରା ପ୍ରସ୍ତୁତ ନୁହେଁ; ପ୍ରତ୍ୟୁତ ଏହାର ଉପାଦାନ ହେଉଛି ଭଲ ଓ ତାହା ଅପେକ୍ଷା ଭଲ ଏବଂ ତାହା ଅପେକ୍ଷା ଅଧିକ ଭଲ । ସମସ୍ତେ ଗ୍ରହଣ କରି ନ ନେବାଯାଏ ଏହି ଭାବ ତୃପ୍ତ ହୁଏ ନାହିଁ । ଏହା ଶିକ୍ଷା ଦେଉଛି ଯେ, ଯେକୌଣସି ଅବସ୍ଥାରେ ସୁଦ୍ଧା ଅଦୌ ହତାଶ ହେବାର କାରଣ ନାହିଁ । ସୁତରାଂ ଯେକୌଣସି ମନୋବୃତ୍ତି, ମତ ବା ଧର୍ମକୁ ସେ ଯେଉଁ ଅବସ୍ଥାରେ ପାଏ ସେହି ଅବସ୍ଥାରେ ହିଁ ଆଦରପୂର୍ବକ ଗ୍ରହଣ କରେ, ଏବଂ ତାହା ଉପରେ ବିନ୍ଦୁମାତ୍ର ଦୋଷାରୋପ ନ କରି ତାହାକୁ କହେ, 'ଏପର୍ଯ୍ୟନ୍ତ ଭଲ ହିଁ କରିଛ; ଏଣିକି ଅଧିକ ଭଲ କରିବାର ସମୟ ଆସିଛି ।' ପ୍ରାଚୀନ କାଳରେ ଯାହାକୁ 'ମନ୍ଦ'ର ପରିବର୍ଜିତ ରୂପରେ କଳ୍ପନା କରାଯାଉଥିଲା, ଏହି ନୂତନ ଶିକ୍ଷାନୁସାରେ ତାହାକୁ କୁହାଯାଏ ମନ୍ଦର ରୂପାନ୍ତର-ପରିଗ୍ରହ—ଭଲରୁ ଅଧିକ ଭଲ କରିବାର ଚେଷ୍ଟା । ସର୍ବୋପରି ଏହା ଏହି ଶିକ୍ଷା ଦିଏ ଯେ, ଆମର ଯଦି ପାଇବାର ଆକାଂକ୍ଷା ଥାଏ, ତେବେ ଦେଖିବ ଯେ, ସ୍ୱର୍ଗରାଜ୍ୟ ପୂର୍ବରୁ ହିଁ ବିଦ୍ୟମାନ; ମନୁଷ୍ୟର ଯଦି ଦେଖିବାର ଆଗ୍ରହ ଥାଏ, ତେବେ ସେ ଦେଖିବ ଯେ, ସେ ପୂର୍ବରୁ ହିଁ ପୂର୍ଣ୍ଣ ।

ବିଗତ ଗ୍ରୀଷ୍ମଋତୁରେ ଗ୍ରୀନ୍ ଏକର୍‌ରେ ଯେଉଁସବୁ ସଭା ହୋଇଥିଲା, ସେଗୁଡ଼ିକ ଏତେ ଚମତ୍କାର ହେବାର ଏକମାତ୍ର କାରଣ ଏହି ଯେ, ତୁମେ ପୂର୍ବୋକ୍ତ ଭାବପ୍ରକାଶର ଉପଯୁକ୍ତ ଯନ୍ତ୍ରସ୍ୱରୂପ ହୋଇ ତାହାର ଅବାଧ ପ୍ରବେଶ ପାଇଁ ଆପଣା ଅନ୍ତରକୁ ସମ୍ପୂର୍ଣ୍ଣ ଉନ୍ମୁକ୍ତ କରି ରଖିଥିଲ ଏବଂ ସ୍ୱର୍ଗରାଜ୍ୟ ପୂର୍ବରୁ ହିଁ ବିଦ୍ୟମାନ ରହିଛି—ନୂତନ ଚିନ୍ତାପ୍ରଣାଳୀର ଏହି ସର୍ବୋଚ୍ଚ ଶିକ୍ଷାରୂପ ଭିତ୍ତି ଉପରେ ତୁମେ ଦଣ୍ଡାୟମାନ ଥିଲ ।

ତୁମେ ଏହି ଭାବକୁ ଜୀବନରେ ପରିଣତ କରି ଦୃଷ୍ଟାନ୍ତସ୍ୱରୂପ ଦେଖାଇବାର ଉପଯୁକ୍ତ ଆଧାରରୂପେ ପ୍ରଭୁଙ୍କଦ୍ୱାରା ମନୋନୀତ ଓ ଆଦିଷ୍ଟ ହୋଇଛ, ଏବଂ ଯେ ତୁମକୁ ଏହି ଅଦ୍ଭୁତ କାର୍ଯ୍ୟରେ ସହାୟତା କରିବେ, ସେ ପ୍ରଭୁଙ୍କର ହିଁ ସେବା କରିବେ ।

ଆମର ଗୀତାରେ ଅଛି—'ମଦ୍ଭକ୍ତାନାଞ୍ଚ ଯେ ଭକ୍ତାସ୍ତେ ମେ ଭକ୍ତତମା ମତାଃ ।' ଅର୍ଥାତ୍ ଯେଉଁମାନେ ମୋର ଭକ୍ତମାନଙ୍କ ଭକ୍ତ, ସେହିମାନେ ହିଁ ମୋର ଶ୍ରେଷ୍ଠ ଭକ୍ତ । ତୁମେ ପ୍ରଭୁଙ୍କର ସେବିକା; ସୁତରାଂ ମୁଁ ଯେଉଁଠାରେ ଥାଏନା କାହିଁକି, ଭଗବତ୍-ପ୍ରେରଣାରେ ତୁମେ ଯେଉଁ ମହୋଚ୍ଚ ବ୍ରତରେ ଦୀକ୍ଷିତା ହୋଇଛ, ତହିଁର ଉଦ୍‌ଯାପନ ଲାଗି ଯଦି ଯେକୌଣସି ପ୍ରକାରେ ସହାୟତା କରିପାରିବି, ଶ୍ରୀକୃଷ୍ଣଙ୍କ ବାକ୍ୟାନୁସାରେ ମୁଁ ତାହାର ସାଧନଦ୍ୱାରା ଆପଣାକୁ କୃତାର୍ଥ ଜ୍ଞାନ କରିବି ଓ ତାହା ସାକ୍ଷାତ୍ ପ୍ରଭୁଙ୍କର ହିଁ ସେବା ବୋଲି ମନେକରିବି । ଇତି

ତୁମର ଚିରସ୍ନେହାବଦ୍ଧ ଭ୍ରାତା, ବିବେକାନନ୍ଦ

୨୫୫ଇଂ (ମିଃ ଷ୍ଟର୍ଡିଙ୍କୁ ଲିଖିତ)

ରିଜ୍ଲି ମ୍ୟାନର୍, ୨୯ ଡିସେମ୍ବର ୧୮୯୫

ପ୍ରିୟ ବନ୍ଧୁ,

ବକ୍ତୃତାର ନକଲଗୁଡ଼ିକ ନିଶ୍ଚୟ ଆପଣଙ୍କ ପାଖରେ ଏହା ଭିତରେ ଯାଇ ପହଞ୍ଚିଛି । ଆଶା କରେ, ସେଗୁଡ଼ିକ କୌଣସି କାମରେ ଆସିପାରେ ।

ମୋର ମନେହୁଏ, ପ୍ରଥମତଃ ଅନେକ ଅସୁବିଧା ଅତିକ୍ରମ କରିବାକୁ ହେବ; ଦ୍ୱିତୀୟତଃ ସେମାନେ ନିଜକୁ କୌଣସି କାମ ଲାଗି ଉପଯୁକ୍ତ ବୋଲି ମନେକରନ୍ତି ନାହିଁ—ଏହା ସେଦେଶର ଜାତୀୟ ବ୍ୟାଧି; ତୃତୀୟତଃ ସେମାନେ ବର୍ତ୍ତମାନ ଶୀତର ସମ୍ମୁଖୀନ ହେବାକୁ ସାହସ କରୁ ନାହାନ୍ତି । ଭିଜଟର ଲୋକଟିକୁ ଇଂଲଣ୍ଡରେ କାମ କରିପାରିବା ଭଳି ଖିବ୍ ସମର୍ଥ ବୋଲି ସେମାନେ ମନେକରନ୍ତି ନାହିଁ । ଶୀଘ୍ର ହେଉ ବା ଡେରିରେ ହେଉ, କେହି ନା କେହି ଆସିବ ।

ବିବେକାନନ୍ଦ

ପୁଃ—ଆମର ବନ୍ଧୁଗଣଙ୍କୁ ମୋର ବଡ଼ଦିନର ଅଭିନନ୍ଦନ ଜଣାଇବେ—ମିସେସ୍ ଓ ମିଷ୍ଟର ଜନ୍‌ସନ୍, ଲେଡି ମାର୍ଗେସନ୍, ମିସେସ୍ କ୍ଲାର୍କ, ଜସ୍ ହଟ୍ସ୍‌ନ୍, ମିସ୍ ମୁଲର୍, ମିସ୍ ଷ୍ଟିଲ୍, ଏବଂ ବାକି ସମସ୍ତଙ୍କୁ—

ଶିଶୁକୁ ମୋର ସ୍ନେହ ଚୁମ୍ବନ ଓ ଆଶୀର୍ବାଦ ଦେବେ । ମିସେସ୍ ଷ୍ଟର୍ଡିଙ୍କୁ ମୋର ନମସ୍କାର । ଆମେ କାମ କରିବୁ ହିଁ କରିବୁ । 'ଓୟା ଗୁରୁଜୀ କା ଫତେ !'

—ବି.

୨୫୬ଇଂ (ମଠର ସମସ୍ତଙ୍କୁ ଲକ୍ଷ୍ୟ କରି ଲିଖିତ) ୧୮୯୫

ପ୍ରିୟବରେଷୁ,

ସାନ୍ୟାଲ ଯେଉଁସବୁ ପୁସ୍ତକ ପଠାଇଥିଲା ତାହା ପହଞ୍ଚିଛି—ଏହା ଲେଖିବାକୁ ଭୁଲିଯାଏ । ତାହାକୁ ଜଣାଇଦେବ । ତୁମମାନଙ୍କ ପାଇଁ ଲେଖୁଛି—

୧ । ପକ୍ଷପାତ ହିଁ ସକଳ ଅନିଷ୍ଟର ମୂଳ କାରଣ ଜାଣିବ । ଅର୍ଥାତ୍ ଯଦ୍ୟପି ତୁମେ କାହାରିପ୍ରତି ଅନ୍ୟାପେକ୍ଷା ଅଧିକ ସ୍ନେହ ଦେଖାଅ, ତାହା ହେଲେ ହିଁ ଭବିଷ୍ୟତ ବିବାଦର ମୂଳପତ୍ତନ ହେଲା ବୋଲି ଜାଣିବ ।

୨ । କେହି ତୁମ ନିକଟକୁ ଅନ୍ୟ କୌଣସି ଭାଇଙ୍କ ନିନ୍ଦା କରିବାକୁ ଆସିଲେ ତାହା ବିଲ୍‌କୁଲ୍ ଶୁଣିବ ନାହିଁ—ଶୁଣିବା ବି ମହାପାପ, ସେଥିରେ ଭବିଷ୍ୟତ ବିବାଦର ସୂତ୍ରପାତ ।

୩ । ଅଧିକନ୍ତୁ ସମସ୍ତଙ୍କର ଦୋଷ ସହ୍ୟ କରିବ, ଲକ୍ଷ ଅପରାଧ କ୍ଷମା କରିବ ଏବଂ ସମସ୍ତଙ୍କୁ ତୁମେ ଯଦି ନିଃସ୍ୱାର୍ଥ ଭାବରେ ଭଲପାଅ, ସମସ୍ତେ ଧୀରେ ଧୀରେ ପରସ୍ପରକୁ ଭଲପାଇବେ । ଜଣକର ସ୍ୱାର୍ଥ ଅନ୍ୟ ଉପରେ ନିର୍ଭର କରେ, ଏକଥା ବିଶେଷଭାବରେ ବୁଝିପାରିଲେ ହିଁ ସମସ୍ତେ ଈର୍ଷା ପୂରାପୂରି ତ୍ୟାଗ କରିବେ; ଦଶଜଣ ମିଶି ଗୋଟିଏ କାମ କରିବା ଆମର ଜାତୀୟ ଚରିତ୍ରରେ ନାହିଁ, ଏଥିପାଇଁ ଏ ଭାବ ଆଣିବାକୁ ହେଲେ ବହୁତ ଯତ୍ନ-ଚେଷ୍ଟା

ଓ ବିଳମ୍ବ ସହ୍ୟ କରିବାକୁ ହେବ । ମୁଁ ତୁମମାନଙ୍କ ମଧ୍ୟରେ ତ ସାନବଡ଼ ଦେଖେ ନାହିଁ; ମୁଁ ଦେଖିପାରୁଛି କାର୍ଯ୍ୟବେଳେ ସମସ୍ତେ ମହାଶକ୍ତି ପ୍ରକାଶ କରିପାରନ୍ତି । ଶଶୀ କିପରି ସ୍ଥାନ ଜଗି ବସିଥାଏ, ତା'ର ଦୃଢ଼ ନିଷ୍ଠା ଗୋଟିଏ ମହାଭକ୍ତିସ୍ୱରୂପ । କାଲୀ ଓ ଯୋଗେନ୍ ଟାଉନହଲ ମିଟିଂ କିପରି ଉତ୍ତମରୂପେ ସମ୍ପନ୍ନ କରିପାରିଲେ—କେଡ଼େ ଗୁରୁତର କାର୍ଯ୍ୟ ! ନିରଞ୍ଜନ ସିଲୋନ୍ (ସିଂହଳ) ପ୍ରଭୃତି ସ୍ଥାନରେ ବହୁ କାର୍ଯ୍ୟ କରିଛି । ସାରଦା କେତେଦେଶ ପର୍ଯ୍ୟଟନ କରି ବଡ଼ ବଡ଼ କାର୍ଯ୍ୟର ବୀଜ ବପନ କରିଛି । ହରିର ବିଚିତ୍ର ତ୍ୟାଗ, ସ୍ଥିରବୁଦ୍ଧି ଓ ଓ ତିତିକ୍ଷା ମୁଁ ଯେତେବେଳେ ମନରେ ଭାବେ ସେତେବେଳେ ନୂତନ ବଳ ପାଏ । ତୁଳସୀ, ଗୁପ୍ତ, ବାବୁରାମ, ଶରତ୍ ପ୍ରଭୃତି ସମସ୍ତଙ୍କ ମଧ୍ୟରେ ହିଁ ଏକ ଏକ ମହାଶକ୍ତି ରହିଛି । ସେ ଯେ ଫେକ୍‌କା ଜହୁରୀ ଥିଲେ, ଏବେସୁଦ୍ଧା ଯଦି ଏଥିରେ ସନ୍ଦେହ ହୁଏ, ତେବେ ପାଗଳ ଆଉ ତୁମ ଭିତରେ ତଫାତ୍ କ'ଣ ? ଦେଖ, ଏ ଦେଶରେ ଶହ ଶହ ନରନାରୀ ପ୍ରଭୁଙ୍କୁ ସକଳ ଅବତାରଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ପୂଜା କରିବାକୁ ଆରମ୍ଭ କରୁଛନ୍ତି । ଧୀରେ ଧୀରେ, ମହାକାର୍ଯ୍ୟ ଧୀରେ ଧୀରେ ହୁଏ । ଧୀରେ ଧୀରେ ବାରୁଦର ସ୍ତର ଠୁଳା ଯାଏ; ତା'ପରେ ଦିନେ ଟିକିଏ ମାତ୍ର ଅଗ୍ନି—ବାସ୍ ସମସ୍ତ ଉଚ୍ଛ୍ୱସିତ ହୋଇଉଠେ !

ସେ ହେଉଛନ୍ତି କାଣ୍ଡାରୀ, ଭୟ କାହିଁକି ? ତୁମେମାନେ ଅନନ୍ତ ଶକ୍ତିମାନ୍—ସାମାନ୍ୟ ଈର୍ଷାବୁଦ୍ଧି ଓ ଅହଂପୂର୍ଣ୍ଣ ବୁଦ୍ଧିକୁ ଦମନ କରିବା ଲାଗି ତୁମମାନଙ୍କୁ କେତେଦିନ ବା ଲାଗିବ ? ଯେଉଁ ମୁହୂର୍ତ୍ତରେ ସେହି ବୁଦ୍ଧି ଆସିବ, ପ୍ରଭୁଙ୍କ ପାଖରେ ଶରଣ ନିଅ । ଶରୀର ମନ ତାଙ୍କରି ପାଖରେ ସମର୍ପିଦିଅ ଦେଖି, ସବୁ ଗୋଳମାଳ ଏକାବେଳକେ ତୁଟିଯିବ ।

ଯେଉଁ ଘରେ ତୁମେମାନେ ଅପାତତଃ ରହୁଛ, ତହିଁରେ ସ୍ଥାନ ପୂରି ହେବ ନାହିଁ, ଦେଖିପାରୁଛି । ଗୋଟିଏ ପ୍ରଶସ୍ତ ଘର ଦରକାର, ଅର୍ଥାତ୍ ସମସ୍ତେ ଗୁଣ୍ଡାଗୁଣ୍ଡି ହୋଇ ଗୋଟିଏ ଘରେ ଶୋଇବା ଦରକାର ନାହିଁ । ହୋଇପାରିଲେ ଗୋଟିଏ ଘରେ ଦୁଇଜଣରୁ ବେଶୀ ଲୋକ ରହିବା ଉଚିତ ନୁହେଁ । ଗୋଟିଏ ବଡ଼ ହଲ୍, ସେଠାରେ ପୋଥିପତ୍ର ରଖିବ ।

ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ କାଲୀ, ହରି, ତୁଳସୀ, ଶଶୀ ପ୍ରଭୃତି ଅଦଳ ବଦଳ କରି ଯେପରି କିଞ୍ଚିତ୍ ଶାସ୍ତ୍ର ପାଠ କରନ୍ତି ଓ ପରେ ସନ୍ଧ୍ୟାବେଳେ ପୁଣିଥରେ ପାଠ, ଧ୍ୟାନଧାରଣା ଓ ସଙ୍କୀର୍ତ୍ତନ ଆଦି ଯେପରି ହୁଏ । ଦିନେ ଯୋଗ, ଦିନେ ଭକ୍ତି, ଦିନେ ଜ୍ଞାନ ଇତ୍ୟାଦି ବିଭାଗ କରିନେଲେ ହିଁ ଚଳିବ । ଏହିଭଳି ଗୋଟିଏ ରୁଟିନ୍ ପାଠ୍ୟକ୍ରମ କରିଦେଲେ ମଙ୍ଗଳର ବିଷୟ—ସନ୍ଧ୍ୟାରେ ପାଠ ଆଦି ବେଳେ ସାଧାରଣ ଲୋକେ ଯେପରି ଆସିପାରନ୍ତି, ଏବଂ ପ୍ରତି ରବିବାରରେ ଦଶଟାଠାରୁ ରାତିଯାଏ କ୍ରମାନ୍ୱୟରେ ପାଠ-କୀର୍ତ୍ତନାଦି ହେବା ଉଚିତ । ତାହା ପବ୍ଲିକ (ସାଧାରଣ)ଙ୍କ ପାଇଁ । ଏହିପରି ନିୟମ କରି କିଛିଦିନ କଷ୍ଟ କରି ଚଳାଇଦେଲେ ପରେ ଆପେ ଆପେ ଗଡ଼ଗଡ଼ ହୋଇ ଚାଲିବ । ସେହି ହଲ୍‌ରେ ଯେପରି ଧୂମପାନ କରି ନ ଯାଏ । ଧୂମପାନ ଲାଗି ଯେପରି ଗୋଟିଏ ସ୍ୱତନ୍ତ୍ର ଜାଗା ରହେ । ଏହି ଭାବଟି ତୁମେ ଯଦି ପରିଶ୍ରମ କରି ଧୀରେ ଧୀରେ ଆଣିପାର, ତେବେ ବୁଝିବ ବହୁତ କାମ ଆଗେଇଗଲା । କିମଧିକମିତି ।

ବିବେକାନନ୍ଦ

ପୁଃ—ହରମୋହନ ଗୋଟିଏ କାଗଜ ବାହାର କରିବାର ଯୋଗାଡ଼ କରୁଥିଲା ନା କଅଣ—ତା'ର କଅଣ ହେଲା ? କାଳୀ, ଶରତ୍, ହରି, ମାଷ୍ଟର, ଜି. ସି. ଘୋଷ ଯୋଗାଡ଼ କରି ଗୋଟାଏ ଯଦି ବାହାର କରିପାରନ୍ତି ତ ଭଲ କଥା ।

**୨୫୭** (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ) ୧୮୯୬

ଅଭିନ୍ନହୃଦୟେଷୁ,

ଏଇ ମାତ୍ର ତୁମ ପତ୍ରରୁ ସବୁ ସମାଚାର ଜ୍ଞାତ ହେଲି । ଭାରତବର୍ଷରେ କାର୍ଯ୍ୟ ହେଉ କି ନ ହେଉ, କାର୍ଯ୍ୟ ଏ ଦେଶରେ । କାହାର ବର୍ତ୍ତମାନ ଆସିବାର ଦରକାର ନାହିଁ । ମୁଁ ଦେଶକୁ ଫେରିଯାଇ କେତେ ଜଣଙ୍କୁ ତିଆରି କରିବି, ତା'ପରେ ପାଶ୍ଚାତ୍ୟ ଦେଶରେ କୌଣସି ଭୟ ରହିବ ନାହିଁ । ଗୁଣନିଧିର ବିଷୟ ହିଁ ଲେଖିଥିଲି । ହରିସିଂ ପ୍ରଭୃତି ସମସ୍ତଙ୍କୁ ବିଶେଷ ପ୍ରେମ ଆଶୀର୍ବାଦ ଦେବ । କଳିତକରାଳ ମଧ୍ୟରେ ରହିବ ନାହିଁ । କାହା ବାପର ସାଧ କ୍ଷେତଡ଼ିର ରାଜାଙ୍କୁ ଦବାଇବ ? ମା ଜଗଦମ୍ବା ତାଙ୍କ ମୁଣ୍ଡ ଉପରେ । କାଳୀର ଚିଠି ମଧ୍ୟ ପାଇଛି—କାଶ୍ମୀରରେ ଯଦି ସେଣ୍ଟର (କେନ୍ଦ୍ର) କରିପାର ତ ଖୁବ୍ ଭଲ ହେବ । ଯେଉଁଠି ପାରିବ ଗୋଟିଏ ସେଣ୍ଟର କର । ବର୍ତ୍ତମାନ ଏ ଦେଶରେ ଓ ବିଲାତରେ ମୋର ଚେର ଲାଗିଗଲାଣି; ତାକୁ ଟଳାଇବାର ସାଧ କାହାର ଅଛି ? ଏଥର ନିଉୟର୍କ ଓଲଟପାଲଟ ! ଆଗାମୀ ଗରମ ଦିନରେ ଲଣ୍ଡନ ଓଲଟପାଲଟ ! ବଡ଼ ବଡ଼ ହାତୀ ଦିଗ୍‌ଗଜ ଭାସିଯିବେ । ତୁମା କେବଣ୍ଡିର ଖବର କିଏ ରଖୁଛି ରେ ଭାଇ ? ତୁମେ ସବୁ ଅଣ୍ଟା ଭିଡ଼ି ଲାଗିପଡ଼ ଦେଖି, ହୁହୁଙ୍କାରରେ ଦୁନିଆ ଓଲଟପାଲଟ କରିଦେବି । ଆରେ ଭାଇ, ଇଏତ ମାତ୍ର ସନ୍ଧ୍ୟାବେଳ !

ଦେଶରେ କଅଣ ମଣିଷ ଅଛନ୍ତି ? ସେ ତ ଶ୍ମଶାନପୁରୀ । ଯଦି lower classମାନଙ୍କୁ education (ନିମ୍ନଶ୍ରେଣୀ ଲୋକମାନଙ୍କୁ ଶିକ୍ଷା) ଦେଇପାର, ତା'ହେଲେ ଉପାୟ ହୋଇପାରେ । ଜ୍ଞାନବଳ ଅପେକ୍ଷା ଅଧିକ ଆଉ କି ବଳ ଅଛି—ବିଦ୍ୟାଶିକ୍ଷା ଦେଇପାରିବ ? ଧନୀ ବଡ଼ଲୋକ କେଉଁ କାଳରେ କୌଣସି ଦେଶରେ କେବେ କାହାର କି ଉପକାର କରିଛନ୍ତି ? ସବୁ ଦେଶରେ ବଡ଼ ବଡ଼ କାମ ଗରିବମାନେ ହିଁ କରନ୍ତି । ଟଙ୍କା ମିଳିବାକୁ କେତେବେଳ ? କିନ୍ତୁ ମଣିଷ କାହାନ୍ତି ? ଦେଶରେ କଅଣ ମନୁଷ୍ୟ ଅଛନ୍ତି ? ଦେଶର ଲୋକମାନେ ବାଳକ, ସେମାନଙ୍କ ସଙ୍ଗରେ ବାଳକ ଭଳି ବ୍ୟବହାର କରିବାକୁ ହେବ । ସେମାନଙ୍କର ବୁଦ୍ଧି ଜ୍ଞାନ ଦଶବର୍ଷର ବାଳକାକୁ ବଳି ହୋଇ ହୋଇ ଝରିତ ହୋଇଯାଇଛି ।···

କାହାର ସହିତ ଝଗଡ଼ା ନ କରି ମିଳିମିଶି ଚାଲିଯାଅ—ଏ ଦୁନିଆ ବଡ଼ ଭୟଙ୍କର, କାହାରିକି ବିଶ୍ୱାସ ନାହିଁ । ଭୟ ନାହିଁ, ମା ମୋର ସହାୟ—ଏମିତି କାମ ଏଥର ହେବ ଯେ, ତୁମେ ସବୁ ଅବାକ୍ ହୋଇଯିବ ।

ଭୟ କାହିଁକି ? କାହାକୁ ଡର ? ଛାତି ବଜ୍ର କରି ଲାଗିଯାଅ । କିମଧିକମିତି ।

ବିବେକାନନ୍ଦ

ପୁଃ—ସାରଦା କଅଣ ବଙ୍ଗଳା କାଗଜ ବାହାର କରିବ କହୁଛି । ସେଥିରେ ବିଶେଷ

ସାହାଯ୍ୟ କରିବ, ମତଲବଟି ମନ୍ଦ ନୁହେଁ । କାହାର ଉତ୍ସାହ ଭଙ୍ଗ କରିବା ଠିକ୍ ନୁହେଁ । Criticism (ବିରୁଦ୍ଧ ସମାଲୋଚନା) ଏକାବେଳକେ ତ୍ୟାଗ କରିବ । ଯେତେଦୂର ଭଲ ମନେହୁଏ, ସମସ୍ତଙ୍କୁ ସାହାଯ୍ୟ କରିବ, ଯେଉଁଟା ଭଲ ବୋଲି ମନକୁ ନ ପାଇବ ସେଇଟା ଧୀରେ ବୁଝାଇଦେବ । ପରସ୍ପରକୁ criticise (ବିରୁଦ୍ଧ ଭାବରେ ସମାଲୋଚନା) କରିବା ହିଁ ସକଳ ସର୍ବନାଶର ମୂଳ ! ଦଳ ଭାଙ୍ଗିବାର ଏଇଟି ମୂଳମନ୍ତ୍ର ।—'ସେ କଅଣ ଜାଣେ', 'ଇଏ କଅଣ ଜାଣେ,' 'ତୁ ପୁଣି କ'ଣ କରିପାରିବୁ'—ଘୃଣା ତା'ସହିତ ଏଇ ଟିକିଏ ମୁରୁବିହସ, ଏଗୁଡ଼ାକ ହେଉଛି ଝଗଡ଼ା-ବିବାଦର ମୂଳ ସୂତ୍ର ।

୨୫୮ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

୮ ୯୫

କଲ୍ୟାଣବରେଷୁ,

ତୁମର ଏକ ପତ୍ର କାଲି ପାଇଲି, ସେଥିରେ କେତେଟା ସମାଚାର ପାଇଲି । ସବିଶେଷ କିଛି ନାହିଁ, ମୋ ଦେହ ବର୍ତ୍ତମାନ ବହୁତ ଭଲ । ଏବର୍ଷ ପ୍ରଚଣ୍ଡ ଶୀତ ପ୍ରଭୁଙ୍କ କୃପାରେ କିଛି କଷ୍ଟ ଦେଇ ନାହିଁ; କି ଦୁର୍ଦ୍ଦଣ୍ଡ ଶୀତ ! ତେବେ ଏମାନଙ୍କର ବିଦ୍ୟାର ଜୋର୍‌ରେ ସବୁ ଦବାଇ ରଖେ । ପ୍ରତି ଘରର ତଳ ମହଲ ମାଟି ତଳେ, ତା'ଭିତରେ ବୃହତ୍ ବଏଲର୍—ସେ ସ୍ଥାନରୁ ଗରମ ହାଓ୍ୱା ବା ଷ୍ଟୀମ୍ ଘରେ ଘରେ ନଳ ବାଟେ ଛୁଟୁଛି । ଏଥିରେ ସବୁ ଘର ଗରମ; କିନ୍ତୁ ଏହାର ଏକ ଦୋଷ ଯେ, ଘର ଭିତରେ ଗରମ ସମସ୍ତ ଅଉ ବାହାରେ ଜିରୋ (ଶୂନ୍ୟ) ତଳେ ୩୦।୪୦ ଡିଗ୍ରୀ ! ଏ ଦେଶର ବଡ଼ ଲୋକମାନେ ଅନେକେ ଶୀତକାଳରେ ଇଉରୋପକୁ ପଳାନ୍ତି—ଇଉରୋପ ଅପେକ୍ଷାକୃତ ଗରମ ଦେଶ ।

ଆଉ, ଏକ୍ଷଣି ତୁମକୁ ଗୋଟାଏ ଦୁଇଟା ଉପଦେଶ ଦିଏ । ଏହି ଚିଠି ତୁମ ପାଇଁ ଲେଖା ହେଉଛି । ତୁମେ ଏ ଉପଦେଶଗୁଡ଼ିକ ପ୍ରତ୍ୟହ ଥରେ ଲେଖାଏଁ ପଢ଼ିବ ଏବଂ ସେହି ପ୍ରକାର କାର୍ଯ୍ୟ କରିବ । ସାରଦାର ଚିଠି ପାଇଛି—ସେ ଉତ୍ତମ କାର୍ଯ୍ୟ କରୁଛି—କିନ୍ତୁ ଏକ୍ଷଣି organization (ସଂଘବଦ୍ଧ ହୋଇ କାର୍ଯ୍ୟ କରିବା) ଦରକାର । ତାହାକୁ ମୋର ବିଶେଷ ପ୍ରେମାଲିଙ୍ଗନ, ଆଶୀର୍ବାଦ—ତାରକଦାଦା ପ୍ରଭୃତି ସମସ୍ତଙ୍କୁ ଦେବ । ତୁମକୁ ମୋର ଏହି କେତୋଟି ଉପଦେଶ ଦେବାର କାରଣ ଏହି ଯେ, ତୁମଠାରେ organizing power (ସଙ୍ଗଠନ ଓ ପରିଚାଳନାଶକ୍ତି) ଅଛି—ଏକଥା ଠାକୁର ମୋତେ କହିଥିଲେ, କିନ୍ତୁ ଏବେ ବି ଫୁଟି ଉଠି ନାହିଁ । ଅତି ଶୀଘ୍ର ତାଙ୍କ ଆଶୀର୍ବାଦରେ ଫୁଟିଉଠିବ । ତୁମେ ଯେକୌଣସି ପ୍ରକାରେ centre of gravity (ଭାରକେନ୍ଦ୍ର) ଛାଡ଼ିବାକୁ ଚାହଁ ନାହିଁ,* ଏହା ହିଁ ତା'ର ନିଦର୍ଶନ, ତେବେ intensive and extensive (ଗଭୀର ଓ ଉଦାର) ଦୁଇଟା ଯାକ ଦରକାର ।

* ଅର୍ଥାତ୍ 'ଏଦିଗ ସେଦିଗ ନ ବୁଲି ଏକ ସ୍ଥାନରେ ଥାଅ ।'

୧। ଜଗତରେ ଯେଉଁ ତ୍ରିବିଧ ଦୁଃଖ ଅଛି, ସର୍ବଶାସ୍ତ୍ରର ସିଦ୍ଧାନ୍ତ ଏହି ଯେ, ତାହା ନୈସର୍ଗିକ (natural) ନୁହେଁ, ଅତଏବ ଅପନେୟ।

୨। ବୁଦ୍ଧାବତାରରେ ପ୍ରଭୁ କହୁଛନ୍ତି ଯେ, ଏହି ଆଧିଭୌତିକ ଦୁଃଖର କାରଣ 'ଜାତି' ଅର୍ଥାତ୍ ଜନ୍ମଗତ ବା ଗୁଣଗତ ବା ଧନଗତ ସର୍ବପ୍ରକାର ଜାତି ହିଁ ଏହି ଦୁଃଖର କାରଣ। ଆତ୍ମାରେ ସ୍ତ୍ରୀ ପୁରୁଷ ବର୍ଣ୍ଣାଶ୍ରମାଦି ଭାବ ନାହିଁ ଏବଂ ଯେପରି ପଙ୍କ ଦ୍ୱାରା ପଙ୍କ ଧୌତ ହୁଏ ନାହିଁ, ସେହିପରି ଭେଦବୁଦ୍ଧି ଦ୍ୱାରା ଅଭେଦସାଧନ ହେବା ସମ୍ଭବ ନୁହେଁ।

୩। କୃଷ୍ଣାବତାରରେ କହୁଛନ୍ତି ଯେ, ସର୍ବପ୍ରକାର ଦୁଃଖର କାରଣ 'ଅବିଦ୍ୟା'। ନିଷ୍କାମ କର୍ମ ଦ୍ୱାରା ଚିତ୍ତଶୁଦ୍ଧି ହୁଏ; କିନ୍ତୁ 'କିଂ କର୍ମ କିମକର୍ମେତି' ଇତ୍ୟାଦି (କେଉଁଟି କର୍ମ କେଉଁଟି ଅକର୍ମ)—ଏ ବିଷୟରେ ଜ୍ଞାନୀମାନେ ମଧ୍ୟ ମୋହିତ ହୁଅନ୍ତି।

୪। ଯେଉଁ କର୍ମଦ୍ୱାରା ଆତ୍ମଭାବର ବିକାଶ ହୁଏ, ତାହା ହିଁ କର୍ମ ଏବଂ ଯେଉଁଥିରେ ଅନାତ୍ମଭାବର ବିକାଶ ହୁଏ, ତାହା ଅକର୍ମ।

୫। ଅତଏବ ବ୍ୟକ୍ତିଗତ, ଦେଶଗତ, ଓ କାଳଗତ କର୍ମାକର୍ମର ସାଧନ।

୬। ଯଜ୍ଞାଦି ପ୍ରାଚୀନ କାଳରେ ଉପଯୁକ୍ତ ଥିଲା, ତଥା ଜାତ୍ୟାଦି କର୍ମ; ଆଧୁନିକ ସମୟ ପାଇଁ ତାହା ନୁହେଁ।

୭। ରାମକୃଷ୍ଣାବତାରର ଜନ୍ମଦିନଠାରୁ ସତ୍ୟଯୁଗୋତ୍ପତ୍ତି ହୋଇଛି।

୮। ରାମକୃଷ୍ଣାବତାରରେ ଜ୍ଞାନରୂପ ଅସିଦ୍ୱାରା ନାସ୍ତିକତାରୂପକ ମ୍ଳେଚ୍ଛନିବହ ଧ୍ୱଂସ ହେବ ଏବଂ ଭକ୍ତି ଓ ପ୍ରେମ ଦ୍ୱାରା ସମସ୍ତ ଜଗତ୍ ଏକୀଭୂତ ହେବ। ଅଧିକନ୍ତୁ ଏ ଅବତାରରେ ରଜୋଗୁଣ ଅର୍ଥାତ୍ ନାମଯଶ ଆଦିର ଆକାଙ୍କ୍ଷା ଆଦୌ ନାହିଁ; ଅର୍ଥାତ୍ ଯେ ତାଙ୍କର ଉପଦେଶ ଗ୍ରହଣ କରେ, ସେ ଧନ୍ୟ; ସେ ତାଙ୍କୁ ମାନୁ ଅବା ନ ମାନୁ, କ୍ଷତି ନାହିଁ।

୯। ପ୍ରାଚୀନ କାଳରେ ବା ଆଧୁନିକ କାଳରେ ସାମ୍ପ୍ରଦାୟିକବାଦୀମାନେ ଭୁଲ କରି ନାହାନ୍ତି। They have done well but they must do better (ସେମାନେ ଭଲ କରିଛନ୍ତି, ତେବେ ସେମାନଙ୍କୁ ଆହୁରି ଭଲ କରିବାକୁ ହେବ)। କଲ୍ୟାଣ—ତର—ତମ।

୧୦। ଅତଏବ ସମସ୍ତଙ୍କୁ—ଯେଉଁଠାରେ ସେମାନେ ଅଛନ୍ତି ସେହିଠାରେ ହିଁ ଗ୍ରହଣ କରିବାକୁ ହେବ, ଅର୍ଥାତ୍ କାହାରି ଭାବରେ ବ୍ୟାଘାତ ନ କରି ଉଚ୍ଚତର ଭାବକୁ ନେଇଯିବାକୁ ହେବ। ତଥା ସାମାଜିକ ଅବସ୍ଥା ମଧ୍ୟରେ ଯାହା ଅଛି, ତାହା ଉତ୍ତମ, କିନ୍ତୁ ଉତ୍କୃଷ୍ଟ—ତର—ତମ କରିବାକୁ ହେବ।

୧୧। ଜଗତର କଲ୍ୟାଣ ସ୍ତ୍ରୀ-ଜାତିର ଅଭ୍ୟୁଦୟ ନ ହେଲେ ସମ୍ଭାବନା ନାହିଁ, ଏକ ପକ୍ଷରେ ପକ୍ଷୀର ଉତ୍ଥାନ ସମ୍ଭବ ନୁହେଁ।

୧୨। ସେଥିପାଇଁ ରାମକୃଷ୍ଣାବତାରରେ 'ସ୍ତ୍ରୀ ଗୁରୁ' ଗ୍ରହଣ, ସେଥିପାଇଁ ନାରୀଭାବ ସାଧନ, ସେଇଥିପାଇଁ ମାତୃଭାବ-ପ୍ରଚାର।

୧୩ । ସେଇଥିପାଇଁ ମୋର ସ୍ତ୍ରୀ-ମଠ ସ୍ଥାପନ ପାଇଁ ପ୍ରଥମ ଉଦ୍ୟୋଗ । ଉକ୍ତ ମଠ ଗାର୍ଗୀ, ମୈତ୍ରେୟୀ ଏବଂ ତଦପେକ୍ଷା ଆହୁରି ଉଚ୍ଚତର ଭାବାପନ୍ନା ନାରୀକୁଳର ଆକରସ୍ୱରୂପ ହେବ ।

୧୪ । ଚାଲାକି ଦ୍ୱାରା କୌଣସି ମହତ୍ତ୍ କାର୍ଯ୍ୟ ହୁଏ ନାହିଁ । ପ୍ରେମ, ସତ୍ୟାନୁରାଗ ଓ ମହାବୀର୍ଯ୍ୟର ସହାୟତାରେ ସକଳ କାର୍ଯ୍ୟ ସମ୍ପନ୍ନ ହୁଏ । 'ତତ୍ କୁରୁ ପୌରୁଷମ୍' (ସୁତରାଂ ପୌରୁଷ ପ୍ରକାଶ କର) ।

୧୫ । କାହାରି ସହିତ ବିବାଦ-ବିତର୍କର ଆବଶ୍ୟକତା ନାହିଁ । ତୁମର ଯାହା ଶିଖାଇବାର ଅଛି ଶିଖାଅ—ଅନ୍ୟର ଖବରର ଆବଶ୍ୟକତା ନାହିଁ । Give your message, leave others to their own thoughts (ତୁମର ଯାହା ଶିଖାଇବାର ଅଛି ଶିଖାଅ, ଅନ୍ୟମାନେ ନିଜ ନିଜର ଭାବ ନେଇ ରହନ୍ତୁ) । 'ସତ୍ୟମେବ ଜୟତେ ନାନୃତଂ', ତଦା କିଂ ବିବାଦେନ ? (ସତ୍ୟର ହିଁ ଜୟ ହୁଏ, ମିଥ୍ୟାର ଜୟ କେବେ-ହେଲେ ହୁଏ ନାହିଁ; ତେବେ ବିବାଦର ପ୍ରୟୋଜନ କଅଣ ?)

ବର୍ତ୍ତମାନ ତୁମକୁ କିଛି କାର୍ଯ୍ୟ ଶିଖାଏ । ପ୍ରଥମତଃ ଯେତେବେଳେ ମୋତେ ବା ଅନ୍ୟ କାହାକୁ ପତ୍ର ଲେଖିବ, ସେମାନଙ୍କର ପୂର୍ବପତ୍ର ପାଠ କରି ସବୁ ପ୍ରଶ୍ନର ଉତ୍ତର ଦେବ । ବାଜେ ଖବର ଦେବ ନାହିଁ । ଗମ୍ଭୀର ଭାବ ରଖିବାକୁ ହେବ । ବାଲ୍ୟ-ଗାମ୍ଭୀର୍ଯ୍ୟ ଭାବ ମିଶ୍ରିତ କରିବ । ସମସ୍ତଙ୍କ ସହିତ ମିଶି ଚଳିବ । ଅହଂଭାବ ଦୂର କରିବ, ସାମ୍ପ୍ରଦାୟିକ-ବୁଦ୍ଧିବିହୀନ ହେବ । ବୃଥା ତର୍କ ମହାପାପ ।

ମ୍ୟାକ୍ସମୂଲର୍ ତୁମମାନଙ୍କୁ ଏକ ପୁସ୍ତକ ପଠାଇଛନ୍ତି । ତାହାଙ୍କୁ ବିନୟପୂର୍ଣ୍ଣ ଉତ୍ତର ଦେଇଛ କି ନାହିଁ ଏକଥା ଲେଖି ନାହଁ । ମୁଁ କାହାକୁ ଟଙ୍କା ପଠାଇବି ତାହା ଲେଖି ନାହଁ, କେମିତି ବା ପଠାଇବି ?··· ପ୍ରାୟ ଦେଢ଼ମାସରେ ଖଣ୍ଡିଏ ଲେଖାଏଁ ପତ୍ର ଆସେ, ଗୋଟିଏ ଭୁଲ ସୁଧାରିବାକୁ ତିନିମାସ ଲାଗେ । ଏକଥା ସର୍ବଦା ମନେରଖିବ । ସାରଦାର ପତ୍ରରୁ ଅବଗତ ହେଲି ନ— ଘୋଷ ମୋତେ ଯୀଶୁଖ୍ରୀଷ୍ଟାଦିଙ୍କ ସହିତ ତୁଳନା କରିଛନ୍ତି । ସେସବୁ ଆମମାନଙ୍କ ଦେଶରେ ଭଲ ସିନା; କିନ୍ତୁ ଏ ଦେଶକୁ ଛପାଇ ପଠାଇଲେ ମୋର ଅପମାନର ସମ୍ଭାବନା । ଅର୍ଥାତ୍ ମୁଁ କାହାରି ଭାବରେ ବ୍ୟାଘାତ କରେ ନାହିଁ, ମୁଁ କଅଣ ମିଶନାରି ? ଯଦି କାଲୀ ଏସବୁ କାଗଜ ଏତଦ୍ଦେଶକୁ ନ ପଠାଇଥାଏ, ତାହା ହେଲେ ପଠାଇବାକୁ ନିଷେଧ କରିବ । କେବଳ Address (ଅଭିନନ୍ଦନ) ପଠାଇଲେ ହିଁ ଯଥେଷ୍ଟ; Proceedings (କାର୍ଯ୍ୟ-ବିବରଣୀର) କୌଣସି ଆବଶ୍ୟକତା ନାହିଁ । ଏହିକ୍ଷଣି ଏତଦ୍ଦେଶର ଅନେକ ଗଣ୍ୟମାନ୍ୟ ନରନାରୀ ମୋତେ ଶ୍ରଦ୍ଧା କରନ୍ତି । ମିଶନାରି ପ୍ରଭୃତି ବହୁ ଚେଷ୍ଟା କରି ଏବେ ହାରି ମାନି ଶାନ୍ତ ଅବଲମ୍ବନ କରିଛନ୍ତି । ସକଳ କାର୍ଯ୍ୟ ହିଁ ନାନା ବିଘ୍ନ ମଧ୍ୟରେ ସମାଧାନ ହୁଏ । ଶାନ୍ତଭାବ ଅବଲମ୍ବନ କଲେ ହିଁ ସତ୍ୟର ଜୟ ହୁଏ । ହଡ୍‌ସନ ନାମକ କିଏ କଅଣ ଗାଳି ଦେଇଛି, ତାକୁ ମୋର ଜବାବ୍ ଦେବାର କୌଣସି ଆବଶ୍ୟକତା ନାହିଁ । ପ୍ରଥମତଃ ଅନାବଶ୍ୟକ, ଦ୍ୱିତୀୟତଃ ତାହା ହେଲେ ମୁଁ ହଡ୍‌ସନ ପ୍ରଭୃତି ଫିରଙ୍ଗିମାନଙ୍କର ସମଶ୍ରେଣୀ-

ବର୍ତ୍ତୀ ହେବ । ତୁମେ ଉନ୍ମାଦ ନା କଅଣ ? ମୁଁ ଏ ସ୍ଥାନରୁ କେଉଁ ଗୋଟାଏ ହଡ୍‌ସନ ସହିତ ଲଢ଼େଇ କରିବି ? ପ୍ରଭୁଙ୍କ କୃପାରୁ ହଡ୍‌ସନ ଫଡ୍‌ସନର ଗୁରୁର ଗୁରୁମାନେ ମୋ କଥା ଭକ୍ତିଭାବରେ ଗ୍ରହଣ କରନ୍ତି । ତୁମେ ପାଗଳ ନା କଅଣ ? ଖବରକାଗଜ ପ୍ରବୁଦ୍ଧ ଆଉ ପଠାଅ ନାହିଁ । ସେସବୁ ଦେଶରେ ଚୁଲ୍ଲୁ, ସ୍ଥାନ ନାହିଁ । ସେସବୁ କାଗଜରେ ନାମର ପ୍ରୟୋଜନ ଥିଲା, ପ୍ରଭୁଙ୍କ କାର୍ଯ୍ୟ ପାଇଁ । ଯେତେବେଳେ ତାହା ସମାହିତ ହୋଇଛି, ସେତେବେଳେ ଆଉ ଆବଶ୍ୟକତା ନାହିଁ । ମୋର ପ୍ରତ୍ୟେକ ପଦାର୍ଥ ଗୋପନ ରଖିବ, ଝଟ୍‌କରି କାଗଜରେ ଛପାଇବ ନାହିଁ । ନାମଯଶର ସେହି ଦାୟ—କିଛି ଗୋପନ ରଖିବା ଚଳେ ନାହିଁ । ମୋର ଚିଠି ପୂର୍ବପରି ହାଟ ମଝିରେ ପଢ଼ିବ ନାହିଁ । କଥା କାନକୁ ପାଞ୍ଚକାନ ହୁଏ, ମନେରଖିବ । ପଦପାଠ ମାନେ ମା-ଠାକୁରାଣୀଙ୍କ ପାଇଁ ଜାଗାର ଅନୁସନ୍ଧାନ କରିବ ।

ଠାକୁରଙ୍କ ପାଖରେ ସକଳ କାର୍ଯ୍ୟର ପ୍ରାରମ୍ଭରେ ପ୍ରାର୍ଥନା କରିବ । ସେ ସତ୍ ପନ୍ଥା ଦେଖାଇବେ । ଝଟ୍ରେ ବଡ଼ ଜମି ପ୍ରଥମେ ଦରକାର, ତା'ପରେ ଘରଦ୍ୱାର ସବୁ ହେବ । ଆମର ମଠ ଧୀରେ ଧୀରେ ହେବ, ଭାବନା ନାହିଁ । ଯେତେବେଳେ ମୋତେ ଚିଠି ଲେଖିବ, ବିଶେଷ ଚିନ୍ତା କରି ଆବଶ୍ୟକ ସମାଚାର ବିସ୍ତାରିତ ଭାବରେ ଦେବ—ଅନାବଶ୍ୟକ ଅର୍ଥାତ୍ ଜଲଗୋଲ ମୋର ଶୁଣିବାର ସମୟ ନାହିଁ ।

କାଳୀ ପ୍ରଭୃତ ସମସ୍ତେ ଉତ୍ତମ କାର୍ଯ୍ୟ କରୁଛନ୍ତି । ସମସ୍ତଙ୍କୁ ମୋର ପ୍ରେମାଲିଙ୍ଗନ ଦେବ । ମାନ୍ଦ୍ରାଜମାନଙ୍କ ସହିତ ମିଳିମିଶି କାର୍ଯ୍ୟ କରିବ ଏବଂ ମଧ୍ୟେ ମଧ୍ୟେ ଜଣେ ସେଠାକୁ ଯିବ । ନାମ-ଯଶ-କର୍ତ୍ତୃତ୍ୱର ବାସନା ଏ ଜନ୍ମ ପାଇଁ ତ୍ୟାଗ କରିବ । ମୁଁ ଯେତେଦିନ ପୃଥିବୀରେ ଅଛି, ସେ ମୋ ମଧ୍ୟରେ କାର୍ଯ୍ୟ କରୁଛନ୍ତି—ଏଥିରେ ତୁମମାନଙ୍କର ଯେତେଦିନ ବିଶ୍ୱାସ ରହିଥିବ, ସେତେଦିନ କୌଣସି ଅମଙ୍ଗଳର ସମ୍ଭାବନା ନାହିଁ ।

(ଶାଁକ୍‌ଚନ୍ଦ୍ରୀ) ଅକ୍ଷୟ ଠାକୁରଙ୍କର ଯେଉଁ ପୋଥି ପଠାଇଛି, ତାହା ପରମ ସୁନ୍ଦର । କିନ୍ତୁ ପ୍ରଥମେ ଶକ୍ତିର ବର୍ଣ୍ଣନା ନାହିଁ, ଏହି ମହାଦୋଷ । ଦ୍ୱିତୀୟ ସଂସ୍କରଣରେ ଶୁଦ୍ଧ କରିବାକୁ କହିବ । ସର୍ବଦା ଏକଥା ମନରେ ରଖିବ ଯେ, ଆମେ ଏକ୍ଷଣି ଜଗତ ସମକ୍ଷରେ ଦଣ୍ଡାୟମାନ । ଆମର ପ୍ରତ୍ୟେକ କାର୍ଯ୍ୟ, ପ୍ରତ୍ୟେକ କଥା ଲୋକେ ଦେଖୁଛନ୍ତି—ଏହିଭାବ ମନରେ ରଖି ସକଳ କାର୍ଯ୍ୟ କରିବ ।

ଯଦି ତୁମେ କାହାକୁ ଟଙ୍କା ପଠାଇବ ଅର୍ଥାତ୍ କାହା ନାମରେ, ଲେଖିଥାନ୍ତ, ତାହାହେଲେ ଆଜି ମୁଁ ଟଙ୍କା ପଠାଇଥାନ୍ତି । ଟଙ୍କା ପଠାଇବା ମାନେ ଜମି ଖରିଦ କରିବ । ଆପାତତଃ ମୋ ନାମରେ ଖରିଦ କରିବ । ପରେ ଆମର ମଠ ପାଇଁ ଗୋଟିଏ ଜମି ଦେଖୁଥାଅ । ପାଖାପାଖି ହେବା ଦରକାର, ଅର୍ଥାତ୍ ଦୁଇଟି ଜମି ଯେପରି ଅତି ନିକଟରେ ହୁଏ ଏପରି ଚେଷ୍ଟା କରିବ । କଲିକତାଠାରୁ କିଛି ଦୂରରେ ହେଉ, ଚିନ୍ତା ନାହିଁ; ଯେଉଁଠି ଆମେ ମଠ ଗଢ଼ିବା, ସେଇଠି ଧୂମ୍‌ଧାମ୍ ଲାଗିଯିବ ।

ମହିମ ଚକ୍ରବର୍ତ୍ତୀର କଥାରେ ମୁଁ ପରମ ଆନନ୍ଦିତ ହେଲି—ଅଣ୍ଡିଜ ପର୍ବତ ଏବେ ଗସ୍ଥାକ୍ଷେତ ହୋଇଗଲା ଯେ ! ସେ କାହିଁ ? ତାହାକୁ, ବ୍ରଜସ୍ଥ ଗୋସ୍ୱାମୀଙ୍କୁ ଓ ଆମମାନଙ୍କର

ସକଳ ବନ୍ଧୁବର୍ଗଙ୍କୁ ମୋର ବିଶେଷ ପ୍ରଣୟ-ସମ୍ଭାଷଣ ··· ଅନ୍ୟକୁ ମାରିବାକୁ ଗଲେ ଢାଲ ଖଣ୍ଡା ଦରକାର । ଅତଏବ ଇଂରେଜୀ ଓ ସଂସ୍କୃତ ଉତ୍ତମ ରୂପେ ଅଧ୍ୟୟନ କରିବ । କାଳୀର ଇଂରେଜୀ ଦିନକୁ ଦିନ ବେଶ୍ ପରିଷ୍କାର ହେଉଛି । ସାରଦାର ଇଂରେଜୀର ଅଧୋଗତି ହେଉଛି; ତାହାକୁ flowery style (ଆଳଙ୍କାରିକ ଭାଷା) ପରିତ୍ୟାଗ କରିବାକୁ କହିବ । ବିଜାତୀୟ ଭାଷାରେ flowery style ଲେଖିବା ଅତି ଦୁଷ୍କର । ତାହାକୁ ମୋର ଲକ୍ଷ 'ସାବାସ୍'—'ଓହି ମରଦ୍‌କା କାମ' । ତାରକଦାଦାଙ୍କୁ ମଧ୍ୟ grammar (ବ୍ୟାକରଣ)ଟା ଥରେ ଓଲଟାଇ ନେବାକୁ କହିବ । ତାରକଦାଦାଙ୍କ ଇଂରେଜୀ କ୍ରମଶଃ ଦୋରସ୍ତ ହୋଇଆସୁଛି । ସମସ୍ତେ well done, 'ସାବାସ୍, ବାହାଦୁରେଁ' । ଆରମ୍ଭ ଅତି ସୁନ୍ଦର ହୋଇଛି । ଏହି ଧାରାରେ ଚାଲ । ଈର୍ଷା-ସର୍ପିଣୀ ଯଦି ନ ଆସେ ତ କୌଣସି ଭୟ ନାହିଁ, ମାଭୈଃ । 'ମଦ୍‌ଭକ୍ତାନାଞ୍ଚ ଯେ ଭକ୍ତାସ୍ତେ ମେ ଭକ୍ତତମା ମତାଃ' ।* ସମସ୍ତେ ଟିକିଏ ଗମ୍ଭୀର ଭାବ ଧାରଣ କରିବ । ମୁଁ ହିନ୍ଦୁଧର୍ମ ଉପରେ କୌଣସି ପୁସ୍ତକ ଏକ୍ଷଣି ଲେଖୁ ନାହିଁ । ତେବେ ମୋର ମନର ଭାବ କ୍ଳିପିବଦ୍ଧ କରୁଛି । Every religion is an expression, a language to express the same truth, and we must speak to each in his own language.** ସାରଦା ଏକଥା ବେଶ୍ ବୁଝିଛି । ହିନ୍ଦୁଧର୍ମ କଥା ପରେ ଦେଖାଯିବ । ହିନ୍ଦୁଧର୍ମ କହିଲେ କି ଏ ଦେଶର ଲୋକେ ଆସନ୍ତି—ସଙ୍କୀର୍ଣ୍ଣ ବୁଦ୍ଧି ନାମରେ ସମସ୍ତେ ପଳାନ୍ତି । ଅସଲ କଥା, ତାଙ୍କର ଧର୍ମ; ହିନ୍ଦୁମାନେ କହନ୍ତି ହିନ୍ଦୁଧର୍ମ—ତଦ୍‌ବତ୍ ସର୍ବେ (ସେହିପରି ସମସ୍ତେ) । ତେବେ ଧୀରେ ଧୀରେ—ଶନୈଃ ପନ୍ଥାଃ । ନବାଗନ୍ତୁକ ଦୀନନାଥକୁ ମୋର ଆଶୀର୍ବାଦ ଦେବ । ଲେଖିବା ପାଇଁ ସମୟ ଖୁବ୍ ଅଳ୍ପ । ସର୍ବଦା ଲେକ୍‌ଚର, ଲେକ୍‌ଚର, ଲେକ୍‌ଚର । Purity—patience—perseverance (ପବିତ୍ରତା, ଧୈର୍ଯ୍ୟ, ଅଧ୍ୟବସାୟ) ! ମହେନ୍ଦ୍ର, ମାଷ୍ଟର ପ୍ରଭୃତି ସମସ୍ତଙ୍କୁ ମୋର ପ୍ରେମାଳିଙ୍ଗନ ଦେବ । ମା-ଠାକୁରାଣୀଙ୍କୁ ମୋର କୋଟି ସାଷ୍ଟାଙ୍ଗ । ଗୋଲାପ-ମା, ଯୋଗୀନ-ମା ପ୍ରଭୃତି ସମସ୍ତଙ୍କୁ ମୋର ନମସ୍କାର । ଯେଉଁମାନେ ତାଙ୍କର କଥା ବର୍ତ୍ତମାନ ଶୁଣୁଛନ୍ତି, ସେମାନଙ୍କୁ କିଞ୍ଚିତ୍ କିଞ୍ଚିତ୍ ଅର୍ଥ ସାହାଯ୍ୟ କରିବାକୁ କହିବ । କିଛି କିଛି ଟୋକା ନ ମିଳିଲେ ମଠ ଚାଲିବ କିପରି ? ଏକଥା ସମସ୍ତଙ୍କୁ ଅବଶ୍ୟ ଖୋଲି କହିବାକୁ ହେବ ତ !

ବିଦେଶରୁ ଯଦି କେହି କିଛି ମୋ ନାମରେ ପଠାନ୍ତି, ସେମାନଙ୍କର ଚିଠିର ଜବାବ ଦେବ । ସେଇଟା ଗୋଟାଏ ସାଧାରଣ ଭଦ୍ରତା । ଭବନାଥ, କାଳୀକୃଷ୍ଣ ବାବୁ ପ୍ରଭୃତିଙ୍କୁ

---

* ମୋର ଭକ୍ତଗଣଙ୍କର ଯେଉଁମାନେ ଭକ୍ତ ସେମାନେ ହିଁ ମୋର ଶ୍ରେଷ୍ଠ ଭକ୍ତ ।

—ଗୀତା

** ପ୍ରତ୍ୟେକ ଧର୍ମ ସତ୍ୟର ଗୋଟିଏ ଗୋଟିଏ ପ୍ରକାଶ, ସେହି ଏକ ସତ୍ୟକୁ ପ୍ରକାଶ କରିବାର ଗୋଟିଏ ଗୋଟିଏ ଭାଷା, ଏବଂ ଆମମାନଙ୍କୁ ପ୍ରତ୍ୟେକ ନରନାରୀଙ୍କ ସହିତ ତାଙ୍କର ଭାଷାରେ କଥା କହିବାକୁ ହେବ ।

ସଙ୍ଗରେ ନେଇ କାର୍ଯ୍ୟ କରିବ । ସାଣ୍ଡେଲ ଅର୍ଥାଭାବ ଲେଖିଛନ୍ତି, ସେହିପରି ତାରକଦାଦା ମଧ୍ୟ ! କହେ, ଏତେଗୁଡ଼ାଏ ଲୋକ ତାଙ୍କୁ ଜାଣନ୍ତି, ଆଉ ଗୋଟାଏ ମଠ ଚଳିବ ନାହିଁ ? ତୁମମାନଙ୍କର କାହାରି କାହାରି ଭିତରେ ଗୋଟାଏ ଗୁଜୁଗୁଜିଆ ଭାବ ଏବେ ବି ଅଛି; ତାହା ଯେଉଁଦିନ ଏକାବେଳକେ ଅପସୃତ ହେବ, ସେହିଦିନଠାରୁ ହିଁ ସର୍ବବିଧ କଲ୍ୟାଣ ହେବ ।

ଏ ଦେଶରୁ ଶୀଘ୍ର ଦେଶକୁ ଫେରିବାରେ କୌଣସି ଲାଭ ନାହିଁ । କହୁଛି ଶୁଣ, ପ୍ରଥମତଃ ଏ ଦେଶରେ ଟିକିଏ ବାଜି ଉଠିଲେ ଦେଶରେ ମହାଧ୍ୱନି ହୁଏ । ତା'ପରେ ଏ ଦେଶର ଲୋକମାନେ ମହାଧନୀ ଓ ଛାତିବାଲା ! ଦେଶର ଲୋକଙ୍କଠାରେ ପଇସା ବି ନାହିଁ ଏବଂ ଛାତି ଏକଦମ୍ ନାହିଁ ।

କ୍ରମଶଃ ପ୍ରକାଶ୍ୟ । ସେ କିଅଣ ଖାଲି ଭାରତର ଠାକୁର ? ଏହି ସଙ୍କୀର୍ଣ୍ଣ ଭାବଦ୍ୱାରା ହିଁ ଭାରତର ଅଧଃପତନ ହୋଇଛି । ତା'ର ବିନାଶ ନ ହେଲେ କଲ୍ୟାଣ ଅସମ୍ଭବ । ମୋର ଯଦି ଟଙ୍କା ଥାଆନ୍ତା ତୁମମାନଙ୍କ ପ୍ରତ୍ୟେକଙ୍କୁ ପୃଥିବୀ-ପର୍ଯ୍ୟଟନରେ ପଠାନ୍ତି । କୋଣ ଭିତରୁ ନ ବାହାରିଲେ କୌଣସି ବଡ଼ ଭାବ ହୃଦୟକୁ ଆସେ ନାହିଁ । କ୍ରମେ ଦେଖାଯିବ । ପ୍ରଭୁଙ୍କ ଇଚ୍ଛା । ସକଳ ବଡ଼ କାର୍ଯ୍ୟ ଧୀରେ ଧୀରେ ହୁଏ । ଦକ୍ଷିଣ ଜମିର କଥା ଭୁଲିବ ନାହିଁ ଏବଂ ତୁମ-ମାନଙ୍କ ଭିତରେ କିଏ ଏ କାର୍ଯ୍ୟର ଭାର ନେବ ତାହା ଲେଖିବ । ଅଚିର ଗିରିଶ ଘୋଷ ଓ ଅତୁଲ ସହିତ ପରାମର୍ଶ କରିବ । ଜମି ମୋ ନାମରେ ଖରିଦ୍ କରିବ, ଅର୍ଥାତ୍ ମୋଟ କଥା ଏହି—ଅର୍ଥଂ ଅନର୍ଥଂ; ଯାହାର ହାତରେ ରହିଲେ କାହାରି ଈର୍ଷା ହେବ ନାହିଁ, ତାହାରି ହାତରେ ରହିବା ଭଲ । ସାଣ୍ଡେଲକୁ, ଲାଟୁକୁ ଗରମ ଲୁଗା (ତା' ମନ ମୁତାବକ) କିଣି ଦେବାକୁ କହୁଛି ଏବଂ ଗୋପାଳଦାଦାଙ୍କୁ ଟଙ୍କା ପଠାଇବାକୁ କହୁଛି ଏବଂ ହୁଟ୍କୋକୁ ଟଙ୍କା ଦେବାକୁ କହୁଛି ତା'ର ଋଣ-ପରିଶୋଧ ପାଇଁ ।

ଦକ୍ଷ ଓ ହରିଶର କଥା କେହି ଲେଖୁନାହଁ କାହିଁକି ? ତୁମେମାନେ ସେମାନଙ୍କ ଖବର ନେଉଛ ନା ନାହିଁ ? ସାନ୍ୟାଲ ଦୁଃଖକଷ୍ଟ ପାଉଛି, ତା'ର କାରଣ ତା'ର ମନ ଏବେବି ଗଙ୍ଗାଜଳ ଭଳି ହୋଇ ନାହିଁ, ନିଷ୍କାମ ଏବେ ବି ହୋଇ ନାହିଁ, କ୍ରମେ ହେବ । ଯଦି ବାଙ୍କ ଟିକକ ଏକଦମ୍ ସିଧା କରେ ତ ଆଉ କୌଣସି ଦୁଃଖ ରହିବ ନାହିଁ । କାଳୀକୁ, ହରିକୁ ମୋର ବିଶେଷ ଆଲିଙ୍ଗନ ପ୍ରଣାମ ଜଣାଇବ । ସେମାନଙ୍କର ବିଶେଷ ଯତ୍ନ କରିବ । ତୁମେମାନେ ରାଖାଲକୁ ଦୁଇ ଦିନ ଜବରଦସ୍ତ ବ୍ରତ କରାଇ ଦେଇଛ ନା କଅଣ ? କାମଟା ଭଲ କଲ ନାହିଁ । ଯାଉ, ଚର୍ବି କମିଯିବ । ରାଖାଲ ଠାକୁରଙ୍କର ଭଲ ପାଇବା ଜିନିଷ—ଏକଥା ଭୁଲିବ ନାହିଁ ।

କୌଣସିଥିରେ ଡରିବ ନାହିଁ । ଯେତେଦିନ ସେ ମୋର ମୁଣ୍ଡରେ ହାତ ରଖିଛନ୍ତି, ସେତେଦିନ କିଅଣ କାହାରି ଦବାଇଦେବାର ଜୁ ଅଛି ? ଭବେୟୁଃ କଣ୍ଠାଗତାଃ ପ୍ରାଣାଃ (ପ୍ରାଣ କଣ୍ଠାଗତ ହେଉ), ତଥାପି ଡରିବ ନାହିଁ । ସିଂହବିକ୍ରମର ସହିତ ଅଥଚ କୁସୁମମିବ କୋମଳତାର ସହିତ କାର୍ଯ୍ୟ କରିବ । ଏଥରକର ଉତ୍ସବରେ ଖୁବ ଆଡ଼ମ୍ବର କରିବ ।

ଖିଆପିଆ ଅତି ସାଧାରଣ—ମହାପ୍ରସାଦ, ଦ୍ବାରଭୋଗ, ଠିଆପ୍ରସାଦ ଇତ୍ୟାଦି । ପରମହଂସ ଦେବଙ୍କ ଜୀବନ-ଚରିତ-ପାଠ । ବେଦ ବେଦାନ୍ତ ପୋଥି ଏକତ୍ର କରି ଆରତି କରିବ, ଏବଂ କିଛି ପଇସା (ପ୍ରଣାମୀ) ଆଦାୟ କରିବ । ପୁରୁଣା ଢଙ୍ଗରେ ନିମନ୍ତ୍ରଣ ତ୍ୟାଗ କରିବ । "ଆମନ୍ତ୍ରୟେ ଭବନ୍ତଂ ସାଶୀର୍ବାଦଂ ଭଗବତୋ ରାମକୃଷ୍ଣସ୍ୟ ବର୍ଦ୍ଧମାନପୁରଃସରଞ୍ଚ" ଇତ୍ୟାଦିର କେତୋଟି ଲାଇନ୍ ଲେଖି ତା'ପରେ ଲେଖିବ ଯେ, ଠାକୁରଙ୍କର ଜନ୍ମତିଥି ମହୋତ୍ସବ ଏବଂ ମଠ ଚଳାଇବାର ଖରଚ ପାଇଁ ଆପଣଙ୍କର ସହାୟତା ପ୍ରୟୋଜନ । ଯଦି ଆପଣଙ୍କର ଅଭିମତ ହୁଏ ତେବେ ଅମୁକ ସ୍ଥାନରେ ଅମୁକଙ୍କ ନିକଟକୁ ଟଙ୍କା ପଠାଇବେ, ଇତ୍ୟାଦି । ଯଦି ମନେକର ଯେ, ମୋର ନାମ ରହିଲେ ଲୋକେ ଟଙ୍କା ଦେବେ, ତା'ହେଲେ ମୋର ନାମ ଛପାଇ ଦେବ । ଯଦି ନ ହୁଏ ଯେମିତି ordinarily (ସାଧାରଣତଃ) "ରାମକୃଷ୍ଣ ସେବକାଃ ସନ୍ନ୍ୟାସିନଃ," ଅଥବା ଏହିପରି କିଛି । ଆଉ ଏକ ପାଖ ଇଂରେଜୀରେ ଲେଖିବ । 'ଲର୍ଡ (ପ୍ରଭୁ) ରାମକୃଷ୍ଣ' ଶବ୍ଦର କୌଣସି ଅର୍ଥ ନାହିଁ; ଉକ୍ତ ନାମ ତ୍ୟାଗ କରିବ, ଇଂରାଜୀ ଅକ୍ଷରରେ 'ଭଗବାନ' ଲେଖିବ । ତା'ପରେ ଗୋଟିଏ ଅଧେ ଲାଇନ ଇଂରେଜୀ ଲେଖିଦେବ ।

The anniversary of Bhagavan Sri Ramakrishna

Sir,

We have great pleasure in inviting you to join us in celebrating the—th anniversary of Bhagavan Ramakrishna Paramahansa. For the celebration of this great occasion and for the maintenance of the Alambazar Math, funds are absolutely necessary. If you think that the cause is worthy of your sympathy, we shall be very grateful to receive your contribution to the great work.

(Date) (place) Yours obediently

( name )

ଭଗବାନ ଶ୍ରୀରାମକୃଷ୍ଣଙ୍କ ଜନ୍ମୋତ୍ସବ

ମହାଶୟ,

ଆମେମାନେ ଆପଣଙ୍କୁ ଭଗବାନ ରାମକୃଷ୍ଣଦେବଙ୍କ —ତମ ଜନ୍ମୋତ୍ସବରେ ଆମମାନଙ୍କ ସହିତ ଯୋଗଦାନ ପାଇଁ ସାନନ୍ଦ ଆମନ୍ତ୍ରଣ କରୁଛୁ । ଏହି ପୁଣ୍ୟ ଦିନର ଅନୁଷ୍ଠାନ ପାଇଁ ଏବଂ ଆଲମ୍ ବଜାରର ମଠ ପରିଚାଳନା ନିମିତ୍ତ ଅର୍ଥର ଏକାନ୍ତ ଆବଶ୍ୟକ । ଆପଣ ଯଦି ମନେକରନ୍ତି ଯେ, ଏହି ଉଦ୍ଦେଶ୍ୟଟି ଆପଣଙ୍କର ସହାନୁଭୂତିର ଯୋଗ୍ୟ, ତେବେ

ଏହି ମହତ୍ କାର୍ଯ୍ୟରେ ଆପଣଙ୍କ ସାହାଯ୍ୟ ପାଇଲେ ଆମେମାନେ ବିଶେଷ କୃତାର୍ଥ ହେବୁ ।

(ତାରିଖ) (ସ୍ଥାନ)

ଭବଦୀୟ ବିନୟାବନତ,
( ନାମ )

ଯଦି ଯଥେଷ୍ଟ ଅର୍ଥ ସଂଗୃହୀତ ହୁଏ, କିୟଦଂଶ ଖରଚ କରି ବାକି ଗୋଟିଏ ଫଣ୍ଡ କରି ରଖିବ ଏବଂ ତୁମମାନଙ୍କ ଖରଚ ସେଥିରୁ ଚଳାଇବ ।

ପ୍ଲେଗ ନାମ ଦେଇ ସମସ୍ତଙ୍କୁ ପିଣ୍ଡି ପକାଇ ବାସି କଡ଼କଡ଼ିଆ ଶୁଖିଲା ଭାତ ଖୁଆଇବ ନାହିଁ ! ଦି'ଟା ଫିଲଟର୍ ତିଆରି କରିବ । ସେହି ପାଣିରେ ରାନ୍ଧଣା ଓ ପିଆ ଦୁଇଟା ହେବ । ଫିଲଟର୍ କରିବା ପୂର୍ବେ ପାଣିକୁ ଫୁଟାଇ ନେବ, ତା' ହେଲେ ମ୍ୟାଲେରିଆ ଆଦିର ଆଶଙ୍କା ରହିବ ନାହିଁ । ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ ସର୍ବପ୍ରଥମ ଦୃଷ୍ଟି ରଖିବ । ତଳେ ମାଟି ଉପରେ ଶୋଇବା ତ୍ୟାଗ କରିବ, ଯଦି ପାରି ଅର୍ଥାତ୍ ଯଦି ପଇସା ଜୁଟେ ତ ଖୁବ୍ ଭଲ । ମଇଳା ଲୁଗା ବେମାରିର ପ୍ରଧାନ କାରଣ । ସେସବୁ ଟଙ୍କାର କାମ । ସାରଦା ତା'ର ବନ୍ଧୁମାନଙ୍କୁ ପତ୍ର ଲେଖୁ, ସେହିଭଳି ସମସ୍ତେ ଚେଷ୍ଟା କର । ମୁଁ ଏଠାରେ ଅବଶ୍ୟ ଚେଷ୍ଟା କରୁଛି । କିନ୍ତୁ ଖାଲି ମୋ ଉପରେ କୌଣସି କାମରେ ନିର୍ଭର କରିବ ନାହିଁ । ଭୋଗ ବିଷୟ ତୁମକୁ ଲେଖୁଛି —କେବଳ ମାତ୍ର କିଛିତ୍ ପାୟସାନ୍ନ ଚଢ଼ାଇବ; ସେ ତାହା ହିଁ ଭଲପାଉଥିଲେ । ଠାକୁରଘର ଅନେକଙ୍କୁ ଅବଶ୍ୟ ସହାୟତା କରେ; କିନ୍ତୁ ରାଜସିକ ତାମସିକ ଖାଦ୍ୟ ଖାଇବାରେ ବିଶେଷ ଲାଭ ନାହିଁ । ଆଙ୍ଗୁଠି ବଙ୍କାଇବା ଏବଂ ଘଣ୍ଟାର ବିକଟ ଆବାଜ କିଛିତ୍ କମାଇ, କିଛିତ୍ ଗୀତା ଉପନିଷଦାଦି ପାଠ କରିବ । ଅର୍ଥାତ୍ Materialism (ଜଡ଼ୋପାସନା) ଯେତେ କମ୍ ହୁଏ ଏବଂ Spirituality (ଆଧ୍ୟାତ୍ମିକତା) ଯେତେ ବଢ଼େ । ଏହା ହିଁ ଅସଲ କଥା ଆଉ କଅଣ ? ସାଣ୍ଡେଲ ଲେଖୁଛନ୍ତି ଯେ, ହଜାର ହଜାର ଲୋକ ଖାଲି ଘଣ୍ଟା ହଲାଇବା ଦେଖିବାକୁ ଆସନ୍ତି । ଯଦି ଏକଥା ସତ୍ୟ ହୁଏ; ତେବେ ସେ ପ୍ରକାର ଲୋକ ନ ଆସିବା ହିଁ ଭଲ । ସେମାନେ ପିଠେଇ ଖାଇବାକୁ ଆସନ୍ତି; ଏପଟେ ମଠର ଲୋକେ ଖାଇବାକୁ ନ ପାଇ ମରନ୍ତି, ସେତେବେଳେ ହଜାର ହଜାର ଲୋକ କାହାନ୍ତି ? ଆଉ ଅମେ କଅଣ ସର୍ବତ୍ୟାଗ କରି ସାଣ୍ଡେଲଙ୍କ ପାଇଁ ଘଣ୍ଟା ବଜାଇବାକୁ ଆସିଛୁ ? ସାଣ୍ଡେଲ କଂସାରି ପଡ଼ାରେ ଯାଇ ବାସକରୁ, ଯଦି ଘଣ୍ଟା ହଲାଇବା ତାକୁ ଏତେ ଭଲ ଲାଗୁଛି । ପ୍ରଭୁ ତାଙ୍କର ପିଲାଙ୍କ ତୁଣ୍ଡରେ ଖାଉଛନ୍ତି—ତୁମର ଘଣ୍ଟା-ହଲା ମଧ୍ୟରେ ନୁହେଁ । ସେମାନଙ୍କୁ ଟିକିଏ ମାତ୍ର କଷ୍ଟ ଦେଲେ ତୁମର ଘଣ୍ଟା ହଲାଇବା ସମସ୍ତ ବିଫଳ ହୁଏ, ଅଧିକନ୍ତୁ ଅମଙ୍ଗଳ ହୁଏ ତୁମ ନିଜର । ଏକଥାଟି ବେଳେ ଥରେ ମନେ ପକାଇବ । ସେ ତୁମ ପାଇଁ ବା ସାଣ୍ଡେଲଙ୍କ ପାଇଁ ଆସିଥିଲେ ନା ଜଗତ ପାଇଁ ? ଯଦି ଜଗତ ପାଇଁ, ତା'ହେଲେ ସାରା ଜଗତର ଲୋକେ ଯଦ୍ଦ୍ୱାରା ତାଙ୍କୁ ବୁଝିପାରିବେ, ସେହି ଭାବରେ ତାଙ୍କୁ present (ଲୋକଙ୍କ ଆଗରେ ଉପସ୍ଥାପିତ) କରିବାକୁ ହେବ । ସେଥିପାଇଁ ସୁରେଶ ଦତ୍ତର ପୋଥିରେ ଯେଉଁ ଅବୋଲ-ତାବୋଲଗୁଡ଼ାକ ଅଛି, ସେଗୁଡ଼ାକୁ ଦୂର କରିଦେବାକୁ ହେବ—ବୁଝିପାରୁଛ ତ ? ସେଗୁଡ଼ାକ ମ—ବାବୁଙ୍କ ବୁଦ୍ଧିରେ ବୋଧହୁଏ

ସୁରେଶ ଦତ୍ତ ଲେଖିଛି—ହରିବୋଲ ହରି ! ଯାହାହେଉ, ତା'ର ଉଦ୍ଦେଶ୍ୟ ଭଲ, କିନ୍ତୁ ସେହି ସ୍ଲେଟ ବୁଝି । ଦକ୍ଷିଣେଶ୍ୱରର ଭଟ୍ଟାଚାର୍ଯ୍ୟଙ୍କ ଜୀବନ-ଚରିତ—ମାଷ୍ଟର ମହାଶୟ ଜାଣନ୍ତି, ସୁରେଶ ବାବୁ ଲେଖନ୍ତି—'ରାମକୃଷ୍ଣ ପରମହଂସ'ଙ୍କୁ ସେମାନେ ଏପର୍ଯ୍ୟନ୍ତ ଦେଖିବାକୁ ପାଆନ୍ତି ନାହିଁ । ଦୁନିଆଁ ସେମାନଙ୍କର ଦକ୍ଷିଣେଶ୍ୱରର ସେହି ସ୍ଲେଟ ଘରଟି । ହେ ପ୍ରଭୁ ହେ ପ୍ରଭୁ ! ତେବେ **You must not identify yourself with any life of Him written by anybody, nor give your sanction to any.*** ଯେପର୍ଯ୍ୟନ୍ତ ଆମ ନାମ ସହିତ ନ ମିଶେ, ସେପର୍ଯ୍ୟନ୍ତ କୌଣସି ଭୟ ନାହିଁ । ଏସବୁ କଥା ତୁମେମାନେ କାହାକୁ କହି ନାହିଁ—ଅର୍ଥାତ୍ ସୁରେଶ ଦତ୍ତର ଉଦ୍ଦେଶ୍ୟ ଭଲ, ବହି ବି ବେଶ୍ ଲେଖିଛି—ଗ୍ଲଲ୍, କିଛି କାମ ହେବ । ତେବେ ସେମାନେ ତାଙ୍କୁ କ ଘୋଡ଼ାଡମ୍ବୁ ବୁଝିଛନ୍ତି ? ସାଣ୍ଡେଲ ମୋତେ ତିନି ପୃଷ୍ଠା ଲେକ୍‌ଚର ଦେଇଛି ଯେ, ମା' ଠାକୁରାଣୀଙ୍କୁ ଭକ୍ତି କରିବାକୁ ହେବ ଏବଂ ସେ ମୋତେ କେତେ ଦୟା କରନ୍ତି । ସାଣ୍ଡେଲର ଏହି ମହା ଆବିଷ୍କ୍ରିୟା ପାଇଁ ଧନ୍ୟବାଦ ! ତାଙ୍କ (ବିଷୟରେ) ଗୋଟାଏ କିଛି ଲେଖିବି ମନେକରୁଛି; କିନ୍ତୁ ଭୟରେ ପଛେଇ ଯାଉଛି । ଯା' ହେଉ, ତାଙ୍କର ଯଦି ଇଚ୍ଛା ହୁଏ ତେବେ ଠିକ୍ ସମୟରେ ହେବ । ମହେନ୍ଦ୍ରବାବୁ ମଠ ଏକପ୍ରକାର ଚଳାଉଛନ୍ତି, ତାଙ୍କୁ ଶତ ଶତ ଧନ୍ୟବାଦ, ସେ ଅତି ମହତ୍ । ସାଣ୍ଡେଲଙ୍କୁ କହିବ, ଯଦି ପ୍ରଭୁଙ୍କ ଇଚ୍ଛା ହୁଏ, ତେବେ ତା'ର ସାଢ଼େ ପାଞ୍ଚସୁଙ୍କା ଗୁଜରି ଅତି ଘନ-କଡ଼ାର ବୁଦ୍ଧି ଅତି ଶୀଘ୍ର ଦୂର ହେବ । ତେବେ ତା'ର କର୍ମ ବଜାରହାଟ ଇତ୍ୟାଦି କରିବା; ସେହି କର୍ମ ମନ ଦେଇ କଲେ—ଅର୍ଥାତ୍ ତାଙ୍କ ପିଲାପିଲାଙ୍କର ସେବା କଲେ ହିଁ ତା'ର ପରମ କଲ୍ୟାଣ ହେବ । ଲେକ୍‌ଚର୍ ଫେକ୍‌ଚର୍ ସେ ଏ ଜନ୍ମ ପାଇଁ ଶିକାରେ ରଖି, ଆସନ୍ତା ଥରକୁ ଦେଖାଯିବ । ତାକୁ ନିଜ ବୁଦ୍ଧି ଖରଚ କରିବାକୁ ମନାକର । ଯେମିତି କହିବ ଗାର ବୁଲେଇଯାଉ, ନ ହେଲେ ଓଲଟା ଉତ୍ପାତ କରି ବସିବ । 'ହାଁଜି ହାଁଜି କରତେ ରହିଓ ବୈଠି ଅପନା ଠାମ୍' ।

ଯୋଗେନ୍ କେମିତି ଅଛି ? ହୁଟ୍‌କୋ କଅଣ ଗୁଜରି କରିବାକୁ ଯାଉଛି—କଅଣ କରୁଛି ? ହୁଟ୍‌କୋକୁ ଟିକିଏ ଲେଖାପଢ଼ା ଶିଖାଇବ—ଏବେ ବି ବୟସ ଅଛି । ସବୁ ଖବର ଖୋଲି ଲେଖିବାକୁ ହୁଏ—ଏକଥା ଭଲକରି ମନେ ରଖିବ । ଗୁପ୍ତ କେମିତି ପଢ଼ାଶୁଣା କରୁଛି ? ତୁଳସୀ, ଲେଟୋକୁ ଶୋଇବାକୁ ଦେବ, ଯା ଖାଇବାକୁ ଚାହାଁନ୍ତି ଦେବ, ଆଦୌ ତଡ଼ି ଦେବ ନାହିଁ । ବାବୁରାମ କଅଣ କରୁଛି, ହରି, ରାଖାଲ କେମିତି ଅଛନ୍ତି, ଇତ୍ୟାଦି ସବୁ ଲେଖିବ । ସବୁକଥା ଖୋଲଖୋଲ ଶୁଣିବ—ସ୍ୱାଡ଼ୁ ହାଡ଼ୁ କିଏ କଅଣ କହିଲା ହରମୋହନୀ ଢଙ୍ଗରେ ଲେଖିବା ଦରକାର ନାହିଁ । ହରମୋହନର ସାଂସାରିକ ଅବସ୍ଥା କିପରି ? ତାରକ ଦାଦା ଖୁବ୍ କାମ କରୁଛି, ବାଃ ! ବାଃ ! ସାବାସ୍ ! ଏହିପରି ଦରକାର । ଗୋଟିଏ ଗୋଟିଏ

---

* ତାଙ୍କର ଜୀବନଚରିତ ଯେ କେହି ଲେଖୁନା କାହିଁକି, ତୁମେମାନେ ତାହା ମଧ୍ୟରେ ରହି ନାହିଁ, ଅଥବା ତାକୁ ପ୍ରାମାଣ୍ୟ ବୋଲି ମତ ପ୍ରକାଶ କରି ନାହିଁ ।

ନକ୍ଷତ୍ର ଭଳି ଛୁଟିଯାଅ ଦେଖି ! ଗଙ୍ଗା କଅଣ କରୁଛି ? ରାଜପୁତାନାର କେତେଗୁଡ଼ିଏ ଜମିଦାର ତାକୁ ଜାଣନ୍ତି; ସେମାନଙ୍କ ପାଖରୁ ଭିକ୍ଷା କରି ମଠ ପାଇଁ ଟଙ୍କା ପଠାଇବାକୁ କହି ।...

'ଶାଁକଚୂନ୍ନୀ'ର ବହି ଏଇମାତ୍ର ପଢ଼ିଲି । ତାକୁ ମୋର ଲକ୍ଷ-ଲକ୍ଷାଧିକ ପ୍ରେମାଲିଙ୍ଗନ ଦେବ । ତା'ର କଣ୍ଠରେ ସେ ଆବିର୍ଭାବ ହେଉଛନ୍ତି । ଧନ୍ୟ 'ଶାଁକଚୂନ୍ନୀ' ! 'ଶାଁକଚୂନ୍ନୀ' ସେହି ପୋଥି ସମସ୍ତଙ୍କୁ ଶୁଣାଉ । ମହୋତ୍ସବରେ 'ଶାଁକଚୂନ୍ନୀ'ର ପୋଥି ସମସ୍ତଙ୍କ ଆଗରେ ଯେପରି ପଢ଼ାଯାଏ । ପୋଥି ଅତି ବଡ଼ ଯଦି ହୁଏ, ତେବେ ଅଳ୍ପ ଅଳ୍ପ କରି ଯେପରି ପଢ଼ାଯାଏ । 'ଶାଁକଚୂନ୍ନୀ' ଆଦୌ ଆବୁରୁ ଜାବୁରୁ ଲେଖି ନାହିଁ । ମୁଁ ତା'ର ପୋଥି ପଢ଼ି ଯେ କି ଆନନ୍ଦ ପାଇଛି ତା' ଅଉ କଅଣ କହିବ ! 'ଶାଁକଚୂନ୍ନୀ'ର ପୋଥି ଯେମିତି ଖୁବ୍ ବିକ୍ରୀ ହୁଏ, ସମସ୍ତେ ମିଳିମିଶି ଚେଷ୍ଟା କରିବ । ତା'ପରେ 'ଶାଁକଚୂନ୍ନୀ'କୁ ଗ୍ରାମେ ଗ୍ରାମେ ପ୍ରଚାର କରିବାକୁ ଯିବାକୁ କହି । ବାହ୍ ବା, ସାବାସ୍ 'ଶାଁକଚୂନ୍ନୀ' ! ସେ ତାଙ୍କର କାମ କରୁଛି । ଗାଁ ଗାଁକୁ ଯାଉ, ଲୋକଙ୍କୁ ତାଙ୍କ କଥା ଶୁଣାଉ—ଏହାଠାରୁ ବଳି ତା'ର ଆଉ କି ଭାଗ୍ୟ ହେବ ?—ଶଶୀ, 'ଶାଁକଚୂନ୍ନୀ'ର ପୋଥି ଏବଂ 'ଶାଁକଚୂନ୍ନୀ' himself (ନିଜେ) must electrify the masses (ଜନସାଧାରଣଙ୍କ ମଧ୍ୟରେ ଶକ୍ତିର ସଞ୍ଚାର କରିବ) । ଆରେ ମୋର 'ଶାଁକଚୂନ୍ନୀ', ତୋତେ ପ୍ରାଣ ଖୋଲି ଆଶୀର୍ବାଦ କରୁଛି ଭାଇ ! ପ୍ରଭୁ ତୋ କଣ୍ଠରେ ବସନ୍ତୁ, ଦ୍ୱାରେ ଦ୍ୱାରେ ତାଙ୍କ ନାମ ଶୁଣାଅ । ସନ୍ନ୍ୟାସୀ ହେବାର ଆବଶ୍ୟକତା କିଛି ନାହିଁ । ଶଶୀ, mass (ଜନସାଧାରଣ) ଭିତରେ ସନ୍ନ୍ୟାସୀ ହେବା ଉଚିତ ନୁହେଁ । 'ଶାଁକଚୂନ୍ନୀ' is the future apostle for the masses of Bengal (ବଙ୍ଗଳାର ଜନସାଧାରଣଙ୍କର ଭାବୀ ବାର୍ତ୍ତାବହ) । 'ଶାଁକଚୂନ୍ନୀ'କୁ ଖୁବ୍ ଯତ୍ନ କରିବ ! ତା'ର ବିଶ୍ୱାସ-ଭକ୍ତିର ଫଳ ଫଳିଛି । 'ଶାଁକଚୂନ୍ନୀ'କୁ ଏହି କେତୋଟି କଥା ଲେଖିବାକୁ କହିବ—ତା'ର ଦ୍ୱିତୀୟ ଖଣ୍ଡରେ, ପ୍ରଚାର ଖଣ୍ଡରେ—

ବେଦବେଦାନ୍ତ, ଏବଂ ଅନ୍ୟ ସବୁ ଅବତାର ଯାହାକିଛି କରିଯାଇଛନ୍ତି, ସେ ଏକା ନିଜ ଜୀବନରେ ତାହା କରି ଦେଖାଇ ଯାଇଛନ୍ତି । ତାଙ୍କର ଜୀବନ ନ ବୁଝିଲେ ବେଦବେଦାନ୍ତ ଅବତାର ପ୍ରଭୃତି ବୁଝାଯିବ ନାହିଁ—କାରଣ, He was the explanation (ସେ ବ୍ୟାଖ୍ୟାସ୍ୱରୂପ ଥିଲେ) । ସେ ଯେଉଁ ଦିନଠାରୁ ଜନ୍ମିଛନ୍ତି, ସେହି ଦିନରୁ ସତ୍ୟଯୁଗ ଆସିଛି । ଏବେ ସବୁ ଭେଦାଭେଦ ଉଠିଗଲା, ଆଚଣ୍ଡାଳ ପ୍ରେମ ପାଇବେ । ସ୍ତ୍ରୀ-ପୁରୁଷ-ଭେଦ, ଧନୀ-ନିର୍ଦ୍ଧନ-ଭେଦ, ପଣ୍ଡିତ-ବିଦ୍ୱାନ୍-ଭେଦ, ବ୍ରାହ୍ମଣ-ଚଣ୍ଡାଳ-ଭେଦ, ସବୁ ସେ ଦୂର କରିଦେଇଗଲେ । ଆଉ ସେ ବିବାଦଭଞ୍ଜନ—ହିନ୍ଦୁ-ମୁସଲମାନ-ଭେଦ, ଖ୍ରୀଷ୍ଟାନ-ହିନ୍ଦୁ ଭେଦ ଇତ୍ୟାଦି ସବୁ ଚାଲିଗଲା । ସେ ଯେଉଁ ଦେବାଦେବର ଲଢ଼େଇ ଥିଲା, ତାହା ଅନ୍ୟ ଯୁଗର; ଏହି ସତ୍ୟଯୁଗରେ ତାଙ୍କର ପ୍ରେମର ବନ୍ୟାରେ ସବୁ ଏକାକାର ।

ଏହି ଭାବସବୁକୁ ତା' ଭାଷାରେ ବିସ୍ତାର କରି ଲେଖିବାକୁ କହିବ । ଯେ ତାଙ୍କର ପୂଜା କରିବ, ସେ ଅତି ନୀଚ ହେଲେ ସୁଦ୍ଧା ମୁହୂର୍ତ୍ତି ମଧ୍ୟରେ ଅତି ମହାନ୍ ହେବ—ସ୍ତ୍ରୀ ବା

ପୁରୁଷ । ଆଉ ଏଥର ମାତୃଭାବ—ସେ ନାରୀ ରାଜ ରହୁଥିଲେ—ସେ ଯେପରି ଆମମାନଙ୍କ ମା—ସେମିତି ସବୁ ନାରୀଙ୍କୁ ମା'ଙ୍କର ଛାୟା ବୋଲି ଦେଖିବାକୁ ହେବ । ଭାରତରେ ଦୁଇ ମହାପାପ—ସ୍ତ୍ରୀଲୋକମାନଙ୍କୁ ପାଦରେ ଦଳିବା, ଆଉ ଜାତି ଜାତି କରି ଗରିବଗୁଡ଼ାଙ୍କୁ ପେଷି ପକାଇବା । He was the Saviour of women, Saviour of the masses, Saviour of all high and low.* ଆଉ 'ଶାଁକଚୁନ୍ନୀ' ମଧ୍ୟ ଘରେ ଘରେ ତାଙ୍କର ପୂଜା କରାଉ । ବ୍ରାହ୍ମଣ, ଚଣ୍ଡାଳ, ସ୍ତ୍ରୀ ବା ପୁରୁଷ—ତାଙ୍କ ପୂଜାରେ ସମସ୍ତଙ୍କର ଅଧିକାର । ଯେ ଘଟ ବା ପ୍ରତିମା ସ୍ଥାପନ କରି ତାଙ୍କର ପୂଜା କରିବ—ମନ୍ତ୍ର ହେଉ ବା ନ ହେଉ—ଯେମିତି କରି ଯେଉଁ ଭାଷାରେ ଯା'ର ହାତ ଦେଇ ହେଉ—ଖାଲି ଭକ୍ତି କରି ଯେ ପୂଜା କରିବ, ସେ ଧନ୍ୟ ହୋଇଯିବ । ଏହି ଭାବରେ ଲେଖିବାକୁ କୁହ । କୁଛ ପରୱାଏ ନାହିଁ; ପ୍ରଭୁ ତା'ର ସହାୟ ହେବେ । କିମଧିକମିତି । ନରେନ୍ଦ୍ର

ପୁଃ—ମାକ୍ସମୂଲର୍ଙ୍କୁ—ସେ ଭାରତର ପରମ ସହାୟ—ଏହିପରି ଭାବରେ ପତ୍ର ଲେଖିବ । ବୋଧହୁଏ ଲେଖିଛ । ... ସେହି ବହି ମୁଁ ଅନେକଗୁଡ଼ିଏ ଦେଖିଛି, ସେଥିରେ ମୋର ଭାବର ଆଭାସ ମଧ୍ୟ ଅଛି ।

ଯେଉଁ ଅଭିଧାନର ବିଜ୍ଞାପନ ପଠାଇ ଦେଇଥିଲ ତାହା ଦୁଇଚାରିଜଣ ବନ୍ଧୁଙ୍କୁ ପଠାଇଛି—କି ଫଳ ହେବ ତାହା ଜାଣେ ନାହିଁ । ତୁମେ ଖଣ୍ଡିଏ 'ନାରଦ' ଓ 'ଶାଣ୍ଡିଲ୍ୟସୂତ୍ର' ଏବଂ ଖଣ୍ଡିଏ 'ଯୋଗବାଶିଷ୍ଠ'—ଯାହା କଲିକତାରେ ତର୍ଜମା ହୋଇଛି—ତାହା ପଠାଇ ଦେବାକୁ ସାଣ୍ଡେଲକୁ କହିବ । 'ଯୋଗବାଶିଷ୍ଠ'ର ଇଂରେଜୀ ତର୍ଜମା, ବଙ୍ଗଳା ନୁହେଁ । ଇତି

'ଶାଁକଚୁନ୍ନୀ' ଯେପରି ମୋର opinion (ମତ) in his book (ତା'ର ପୋଥିରେ) ନ ଛାପେ । ତାକୁ ମୁହଁରେ ତୁମେ କହିବ, ଅଥବା ପଢ଼ି ଶୁଣାଇବ । ଯାହାକୁ ତାହାକୁ ମୋର correspondence (ଚିଠିପତ୍ର) ପଢ଼ିବାକୁ ଦେବ ନାହିଁ । ଏ ସମସ୍ତ private (ବ୍ୟକ୍ତିଗତ) । କଥା କାନକୁ ପାଞ୍ଚକାନ ହୁଏ । ଇତି

ନରେନ୍ଦ୍ର

ଆମେରିକା, ୧୮୯୫

୨୫୯ଇଂ

ପ୍ରିୟ ଆଲସିଙ୍ଗା,

ଆମମାନଙ୍କର କୌଣସି ସଙ୍ଘ ନାହିଁ—ଆମେ କୌଣସି ସଙ୍ଘ ଗଢ଼ିବାକୁ ବି ଚାହୁଁ ନାହିଁ । ସ୍ତ୍ରୀ ବା ପୁରୁଷ ଯେ କେହି ଯାହା କିଛି ଶିକ୍ଷା ଦେବାକୁ, ଯାହା କିଛି ପ୍ରଚାର କରିବାକୁ ଚାହେଁ, ତଦ୍‌ବିଷୟରେ ତାହାର ସମ୍ପୂର୍ଣ୍ଣ ସ୍ୱାଧୀନତା ଅଛି ।

* ସେ ସ୍ତ୍ରୀଜାତିର ଉଦ୍ଧାରକର୍ତ୍ତା, ଇତର ସାଧାରଣଙ୍କ ଉଦ୍ଧାରକର୍ତ୍ତା, ଉଚ୍ଚ-ନୀଚ ସମସ୍ତଙ୍କର ଉଦ୍ଧାର-କର୍ତ୍ତା ।

ଯଦି ତୁମ ଭିତରେ ଭାବ ଥାଏ, ତେବେ ତୁମେ କେବେହେଲେ ଅପର ପାଞ୍ଚ ଜଣଙ୍କୁ ଆକର୍ଷଣ କରିବାକୁ ଅସମର୍ଥ ହେବ ନାହିଁ । ଥିଓସଫିଷ୍ଟମାନଙ୍କର କାର୍ଯ୍ୟପ୍ରଣାଳୀର ଅନୁସରଣ ଆମେ କଦାପି କରିପାରିବୁ ନାହିଁ—ତା'ର ସିଧାସଳଖ କାରଣ ଏହି ଯେ, ସେମାନେ ଗୋଟିଏ ସଙ୍ଗବଦ୍ଧ ସମ୍ପ୍ରଦାୟ, ଆଉ ଆମେ ତାହା ନୋହୁ ।

ମୋର ମୂଳ ମନ୍ତ୍ର ହେଉଛି—ବ୍ୟକ୍ତିତ୍ୱର ବିକାଶ । ଗୋଟିଏ ଗୋଟିଏ ବ୍ୟକ୍ତିକୁ ଶିକ୍ଷା ଦେଇ ଗଢ଼ି ତୋଳିବା ଛଡ଼ା ମୋର ଅନ୍ୟ ଉଚ୍ଚାକାଙ୍କ୍ଷା ଆଉ ନାହିଁ । ମୁଁ ଅତି ଅଳ୍ପ ଜାଣେ—ସେହି ଅଳ୍ପସ୍ୱଳ୍ପ ଯାହା ଜାଣେ, ତା'ର କିଛି ଗୁପ୍ତି ନ ରଖି ଶିକ୍ଷା ଦେଇଯାଏ । ଯେଉଁ ବିଷୟ ଜାଣେ ନାହିଁ ତାହା ବରଂ ସ୍ପଷ୍ଟ ସ୍ୱୀକାର କରେ ଯେ, ତାହା ମୋର ଜଣା ନାହିଁ । ଆଉ ଥିଓସଫିଷ୍ଟ, ଖ୍ରୀଷ୍ଟିଆନ, ମୁସଲମାନ ବା ଜଗତର ଅପର ଯାହା ପାଖରୁ ହେଉ, ଲୋକେ କିଛି ମାତ୍ର ସାହାଯ୍ୟ ପାଉଛନ୍ତି ଜାଣିଲେ ମୋର ଏତେ ଆନନ୍ଦ ହୁଏ ଯେ, ତାହା କଅଣ କହିବି । ମୁଁ ତ ଜଣେ ସନ୍ନ୍ୟାସୀ—ସୁତରାଂ ଏ ଜଗତରେ ମୁଁ ତ କାହାର ଗୁରୁ ବା ପ୍ରଭୁ ନୁହେଁ, ମୁଁ ନିଜକୁ ସମସ୍ତଙ୍କର ଦାସ ବୋଲି ଭାବେ ।... ଯଦି ଲୋକେ ମୋତେ ଭଲ ପାଇବେ ପାଅନ୍ତୁ—ସେମାନଙ୍କ ଖୁସି, ଘୃଣା କରିବେ କରନ୍ତୁ—ସେମାନଙ୍କ ଖୁସି ।

ପ୍ରତ୍ୟେକଙ୍କୁ ନିଜର ଉଦ୍ଧାର-ସାଧନ ନିଜକୁ ହିଁ କରିବାକୁ ହେବ—ପ୍ରତ୍ୟେକଙ୍କୁ ନିଜର କାର୍ଯ୍ୟ ନିଜେ କରିବାକୁ ହେବ । ମୁଁ କୌଣସି ସାହାଯ୍ୟ ଖୋଜେ ନାହିଁ, ପାଇଲେ ତ୍ୟାଗ ବି କରେ ନାହିଁ; ଆଉ ଜଗତରେ କୌଣସି ସାହାଯ୍ୟ ଦାବି କରିବାର ମଧ୍ୟ ମୋର ଅଧିକାର ନାହିଁ । ଯେ କେହି ମୋତେ ସାହାଯ୍ୟ କରିଛି ବା କରିବ, ତାହା ମୋ ପ୍ରତି ତାହାର ଦୟା—ଏଥିରେ ମୋର ଦାବି ବୋଲି କିଛି ନାହିଁ; ସୁତରାଂ ତାହା ପ୍ରତି ମୁଁ ଚିର କାଳ ଲାଗି କୃତଜ୍ଞ ।

ଯେତେବେଳେ ମୁଁ ସନ୍ନ୍ୟାସୀ ହେଲି, ସେତେବେଳେ ମୁଁ ବୁଝି ବିଚାରି ସେହି ପଥ ନେଇଥିଲି; ବୁଝିଥିଲି ଅନାହାରରେ ମରିବାକୁ ହେବ; ସେଥିରେ କଅଣ ଯାଏଆସେ ? ମୁଁ ତ ଭିକାରି । ମୋ ବନ୍ଧୁମାନେ ସବୁ ଗରିବ । ମୁଁ ଗରିବମାନଙ୍କୁ ଭଲପାଏ । ମୁଁ ଦାରିଦ୍ର୍ୟକୁ ସାଦରେ ବରଣ କରେ । ବେଳେବେଳେ ଯେ ମୋତେ ଉପବାସରେ ଦିନ କଟାଇବାକୁ ହୁଏ, ସେଥିରେ ମୁଁ ଖୁସି । ମୁଁ କାହାର ସାହାଯ୍ୟ ଚାହେଁ ନାହିଁ—ଦରକାର ବା କଅଣ ? ସତ୍ୟ ନିଜର ପ୍ରଚାର ନିଜେ ହିଁ କରିବ; ମୋର ସାହାଯ୍ୟର ଅଭାବରେ ସେ ନଷ୍ଟ ହୋଇଯିବ ନାହିଁ । 'ସୁଖ-ଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ । ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ'—ସୁଖ-ଦୁଃଖ, ଲାଭ-ଅଲାଭ, ଜୟ-ଅଜୟ, ସବୁ ସମାନ କରି ଯୁଦ୍ଧରେ ପ୍ରବୃତ୍ତ ହୁଅ (ଗୀତା) ।

ଏହିପରି ଅନନ୍ତ ପ୍ରୀତି, ସର୍ବାବସ୍ଥାରେ ଏହିପରି ଅବିଚଳିତ ସାମ୍ୟଭାବ ରହିଲେ ଏବଂ ଈର୍ଷାଦ୍ୱେଷରୁ ସମ୍ପୂର୍ଣ୍ଣ ମୁକ୍ତ ହେଲେ ତେବେ କାମ ହେବ । ସେଥିରେ ହିଁ କେବଳ କାର୍ଯ୍ୟ ହେବ, ଅନ୍ୟ କୌଣସିଥିରେ ନୁହେଁ । ଇତି

ତୁମମାନଙ୍କର, ବିବେକାନନ୍ଦ

୨୭୦ (ସ୍ୱାମୀ ତ୍ରିଗୁଣାତୀତାନନ୍ଦଙ୍କୁ ଲିଖିତ)

ଜାନୁଆରି ୧୮୯୭

ପ୍ରିୟ ସାରଦା,

…ତୋ କାଗଜର idea (ସଂକଳ୍ପ) ଅବଶ୍ୟ ଅତି ଉତ୍ତମ ଏବଂ ପଡ଼ି ଉଠି ଲାଗିଯା, ପରୱା ନାହିଁ । ୫୦୦ ଟଙ୍କା ପତ୍ରପାଠ ପଠାଇ ଦେବ, ଭାବନା ନାହିଁ ଟଙ୍କା ପାଇଁ । ଆପାତତଃ ଏହି ଚିଠି ଦେଖାଇ କାହାରି ପାଖରୁ ଧାର କରନେ । ଏହି ଚିଠିର ଜବାବ—ଚିଠିର ଉତ୍ତରରେ ମୁଁ ୫୦୦ ଟଙ୍କା ପଠାଇଦେବି । ୫୦୦ ଟଙ୍କାରେ କିଛି ଯାଏ ଆସେ କି ? ଖ୍ରୀଷ୍ଟିଆନ୍, ମୁସଲମାନ ଧର୍ମ ପ୍ରଚାର ପାଇଁ ଢେର ଲୋକ ଅଛନ୍ତି, ତୁ ନିଜ ଦେଶୀ ଧର୍ମର ପ୍ରଚାର ବର୍ତ୍ତମାନ କରଯାଆ ତ ଦେଖି । ତେବେ କୌଣସି ଆରବୀ ଜାଣିଥିବା ମୁସଲମାନ ଭାଇଙ୍କୁ ଧରି ଯଦି ପୁରୁଣା ଆରବୀ ଗ୍ରନ୍ଥର ତର୍ଜମା କରାଇପାରୁ, ଭଲ ହେବ । ପାର୍ସୀ ଭାଷାରେ ବହୁ Indian History (ଭାରତୀୟ ଇତିହାସ) ଅଛି । ଯଦି ସେଗୁଡ଼ିକ କ୍ରମେ କ୍ରମେ ତର୍ଜମା କରାଇପାରୁ, ଗୋଟିଏ ବେଶ୍ regular item (ବାରମାସି ବିଷୟ) ହେବ । ବହୁସଂଖ୍ୟକ ଲେଖକ ଦରକାର । ତା'ପରେ ଗ୍ରାହକ ଯୋଗାଡ଼ ମଧ୍ୟ ମୁସ୍କିଲ । ଉପାୟ—ତୁମେ ସବୁ ବିଭିନ୍ନ ସ୍ଥାନରେ ଘୁରି ବୁଲୁଛ, ବଙ୍ଗଳା ଭାଷା ଯେଉଁଠି ଯେଉଁଠି ଅଛି, ଲୋକଙ୍କୁ ଧରି କାଗଜ ବିକେଇ ଦେବ ।…ଚଳାଅ କାଗଜ, କିଛି ପରୱା ନାହିଁ । ଶଶୀ, ଶରତ୍, କାଳୀ ପ୍ରଭୃତି ସମସ୍ତେ ମିଳି ଲେଖିବାକୁ ଆରମ୍ଭ କର । ଘରେ ବସି ଭାତ ଖାଇଲେ କଅଣ ହେବ ? ତୁ ଖୁବ୍ ବାହାଦୁରୀ କରିଛୁ । ବାହାବା, ସାବାସ୍ ! ଖୁଁ ତୁଖୁଁ ତିଆଗୁଡ଼ାକ ପଛରେ ପଡ଼ିଥିବେ ହାଁ କରି, ଆଉ ତୁ ଲମ୍ଫ ଦେଇ ସମସ୍ତଙ୍କ ମୁଣ୍ଡ ଉପରେ ଉଠିଯିବୁ । ସେମାନେ ନିଜ ନିଜର ଉଦ୍ଧାର କରୁଛନ୍ତି—ନ ହେବ ତାଙ୍କର ଉଦ୍ଧାର, ନ ହେବ ଆଉ କାହାର । ଏମିତି ମଉଛବ ଚଳେଇବୁ ଯେ, ଦୁନିଆମୟ ତା'ର ଆବାଜ୍ ଯିବ । ଅନେକେ ଅଛନ୍ତି, ଯେଉଁମାନେ କେବଳ ଦୋଷ କାଢ଼ିପାରନ୍ତି; କିନ୍ତୁ କାମବେଳେ ତ 'ଖୋଜ ଖବର ନମିଳେ ପାଉଁସ୍ତେ ।' ଲାଗି ଯା, ଯେତେ ପାରୁ । ପରେ ମୁଁ ଭାରତକୁ ଆସି ଓଲଟ ପାଲଟ କରିଦେବି । ଭୟ କଅଣ ? 'ନାହିଁ ନାହିଁ କହିଲେ ସାପର ବିଷ ଉଡ଼ିଯାଏ ।'—ନାହିଁ ନାହିଁ କହିଲେ ଯେ, 'ନାହିଁ' ହୋଇ ଯିବାକୁ ପଡ଼ିବ !…

ଗଙ୍ଗାଧର ଖୁବ୍ ବାହାଦୁରୀ କରୁଛି । ସାବାସ୍ ! କାଳୀ ତା' ସାଙ୍ଗେ ସାଙ୍ଗେ କାମରେ ଲାଗିଛି । ଖୁବ ସାବାସ୍ ! ଜଣେ ମାନ୍ଦ୍ରାଜକୁ ଯାଉ, ଜଣେ ବମ୍ବେ ଯାଉ । ଓଲଟ ପାଲଟ କର—ଦୁନିଆକୁ ଓଲଟ ପାଲଟ କର । କିଏ କହିବ ଅବଶୋଷ୍—ଯଦି ମୋ ଭଳି ଦୁଇ-ତିନଟା ତୁମମାନଙ୍କ ଭିତରେ ଥାଆନ୍ତେ—ଧରି କମ୍ପାଇ ଦେଇ ଚାଲିଯାନ୍ତି । କ'ଣ କରିବ, ଧୀରେ ଧୀରେ ଯିବାକୁ ହେଉଛି । ଓଲଟ ପାଲଟ କର—ଓଲଟ ପାଲଟ କର୍ । ଜଣକୁ ଚୀନ ଦେଶକୁ ପଠେଇ ଦେ, ଜଣକୁ ଜାପାନକୁ ପଠା । ଗୃହସ୍ଥମାନଙ୍କର କାମ ନୁହେଁ ।… ସନ୍ନ୍ୟାସୀମାନଙ୍କୁ ହୁଙ୍କାର ଦେବାକୁ ପଡ଼ିବ । ହ—ର୍, ହଂ—ର୍, ଶମ୍ଭୋ ! ଇତି

ବିବେକାନନ୍ଦ

୨୭୧ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ନ୍ୟୁୟର୍କ, ୬ ଜାନୁଆରି ୧୮୯୬

ପ୍ରିୟ ଭଗିନୀ,

ନବବର୍ଷରେ ତୁମର ପ୍ରୀତି ସମ୍ଭାଷଣ ଲାଗି ବହୁତ ଧନ୍ୟବାଦ । ବୃଶିଷ୍ଟ ଭଦ୍ରମହୋଦୟଙ୍କ ଘରେ ଛଅ ସପ୍ତାହ ତୁମର ଅତି ଆନନ୍ଦରେ କଟିଛି ଜାଣି ସୁଖୀ ହେଲି; ଯଦି ବା ସେମାନେ କେବଳ ଗଲ୍‌ଫ ଖେଳୁଥିଲେ । ଇଂଲଣ୍ଡରେ ଦେଖିଲି—ମୁଁ ପ୍ରକୃତ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପରିବେଷ୍ଟିତ । ଇଂରେଜମାନେ ଆନ୍ତରିକ ଅଭ୍ୟର୍ଥନା କରିଛନ୍ତି; ଏହି ଇଂରେଜ ଜାତି ସମ୍ବନ୍ଧରେ ମୋର ଧାରଣା ମଧ୍ୟ ବହୁତ ବଦଳିଯାଇଛି । ପ୍ରଥମେ ଦେଖିଲି ଲଣ୍ଡ (Lund) ପ୍ରଭୃତି ଯେଉଁମାନେ ମୋର ବିରୋଧ କରିବା ଲାଗି ଇଂଲଣ୍ଡରୁ ଏଠାକୁ ଆସିଥିଲେ, ସେଠାରେ ସେମାନଙ୍କର ପତ୍ତା ବି ନାହିଁ । ଇଂରେଜମାନେ ସେମାନଙ୍କର ଅସ୍ତିତ୍ୱ ପର୍ଯ୍ୟନ୍ତ ଉପେକ୍ଷା କରନ୍ତି । ଯେଉଁମାନେ ଇଂଲଣ୍ଡ ଚର୍ଚ୍ଚର ଅନ୍ତର୍ଭୁକ୍ତ ନୁହନ୍ତି, ସେମାନଙ୍କୁ ଭଦ୍ରରୂପେ ଗଣା ହୁଏ ନାହିଁ । ଏହି ଚର୍ଚ୍ଚର ଅନ୍ତର୍ଭୁକ୍ତ କେତେଜଣ ଯଥାର୍ଥ ଶ୍ରେଷ୍ଠ ବ୍ୟକ୍ତି ଏବଂ ପ୍ରତିଷ୍ଠା ଓ ପଦମର୍ଯ୍ୟାଦାରେ ଅଗ୍ରଣୀମାନଙ୍କ ମଧ୍ୟରୁ କେତେଜଣ ମୋର ଅକୃତ୍ରିମ ବନ୍ଧୁ ହୋଇଛନ୍ତି । ମୋର ଇଂଲଣ୍ଡର ଅଭିଜ୍ଞତା ଆମେରିକା ତୁଳନାରେ ଏକଦମ୍ ଅନ୍ୟ ପ୍ରକାରର ।

ଏଠାରେ ପ୍ରେସ୍‌ବିଟେରିଆନ୍ ପ୍ରଭୃତି ଅତି ନୈଷ୍ଠିକମାନଙ୍କ ସହିତ ହୋଟେଲ୍‌ରେ ମୋର ଅଭିଜ୍ଞତା କଥା ଶୁଣି ଇଂରେଜମାନେ ତ ହସି ହସି ଅସ୍ଥିର । ଉଭୟ ଦେଶ ଭିତରେ ଶିକ୍ଷା-ଦୀକ୍ଷା ଓ ଆଚାର-ବ୍ୟବହାରରେ ପ୍ରଭେଦ ଲକ୍ଷ୍ୟ କରିବାକୁ ଡେରି ହେଲା ନାହିଁ । ବୁଝିଲି, କାହିଁକି ଆମେରିକାର ଝିଅମାନେ ଦଳ ଦଳ ହୋଇ ୟୁରୋପୀୟଙ୍କୁ ବିବାହ କରିବା ପାଇଁ ଯାଆନ୍ତି । ସମସ୍ତଙ୍କ ନିକଟରୁ ସଦୟ ବ୍ୟବହାର ପାଇଛି । ସ୍ତ୍ରୀ-ପୁରୁଷ-ନିର୍ବିଶେଷରେ ବହୁ ଉଦାରହୃଦୟ ବନ୍ଧୁ ବର୍ତ୍ତମାନ ସେଠାରେ ବସନ୍ତକାଳରେ ମୋର ପ୍ରତ୍ୟାବର୍ତ୍ତନ ପ୍ରତୀକ୍ଷାରେ ଅଛନ୍ତି ।

ସେଠାକାର କାମ ସମ୍ବନ୍ଧରେ କୁହେ—ବେଦାନ୍ତର ଭାବଧାରା ଇଂରେଜ ସମାଜର ଉଚ୍ଚ ସ୍ତରରେ ପ୍ରବେଶ କରିଛି । ବହୁ ଶିକ୍ଷିତ ଓ ଉଚ୍ଚପଦସ୍ଥ ବ୍ୟକ୍ତି, ଯେଉଁମାନଙ୍କ ମଧ୍ୟରେ ଧର୍ମଯାଜକଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ, ମୋତେ କହନ୍ତି ଯେ, ଇଂଲଣ୍ଡରେ ଏହା ଯେପରି ଗ୍ରୀସ୍ ଦ୍ୱାରା ରୋମ୍-ବିଜୟର ପୁନରାଭିନୟ ।

ଭାରତରେ ବାସ କରିଥିବା ଇଂରେଜମାନଙ୍କ ମଧ୍ୟରେ ଦୁଇଟି ଶ୍ରେଣୀ—ଗୋଟିଏ ଶ୍ରେଣୀର ଆଖିରେ ଯାହା କିଛି ଭାରତୀୟ ସମସ୍ତ ହେୟ, ଏମାନେ କିନ୍ତୁ ଅଶିକ୍ଷିତ । ଅନ୍ୟ ଶ୍ରେଣୀ ନିକଟରେ ଭାରତ ପୁଣ୍ୟଭୂମି, ଭାରତର ବାୟୁ ସୁଦ୍ଧା ପବିତ୍ର; ଏମାନଙ୍କର ହିନ୍ଦୁପଣିଆ ହିନ୍ଦୁମାନଙ୍କୁ ମଧ୍ୟ ବଳାଇଯାଏ; ଏମାନେ କଠୋର ନିରାମିଷାଶୀ; ଏପରିକି ଏଠାରେ ଜାତି-ଭେଦର ପ୍ରବର୍ତ୍ତନ ଲାଗି ମଧ୍ୟ ଉଦ୍ୟତ । ଇଂଲଣ୍ଡର ଅଧିକାଂଶ ଲୋକ ଜାତିଭେଦର ଅତ୍ୟନ୍ତ ପକ୍ଷପାତୀ । ସାଧାରଣ ବକ୍ତୃତା ଛଡ଼ା ସପ୍ତାହରେ ଆହୁରି ଆଠଟି ଲେଖାଏଁ କ୍ଲାସ୍ ନେଉଥିଲି । ଏତେ ଲୋକଙ୍କର ସମାଗମ ହେଉଥିଲା ଯେ, ଅନେକେ—ଏପରିକି ଅଭିଜାତ ମହିଳାଗଣ

ମଧ୍ୟ ନିଃସଙ୍କୋଚରେ ଚଟାଣରେ ବସୁଥିଲେ । ଇଂଲଣ୍ଡରେ ଦୃଢ଼ସଙ୍କଳ୍ପ ନରନାରୀ ଦେଖିବାକୁ ପାଇଲି, ସେମାନେ ଦାୟିତ୍ୱ ଗ୍ରହଣ କରି ଜାତିସୁଲଭ ଉଦ୍ୟମ ଓ ଅଧ୍ୟବସାୟ ସହକାରେ କାମ କରିଯିବେ । ଏବର୍ଷ ନ୍ୟୁୟର୍କରେ ମୋର କାମ ଖୁବ୍ ଭଲଭାବରେ ଚାଲୁଛି । ମିଷ୍ଟର୍ ଲେଗେଟ୍ ନ୍ୟୁୟର୍କର ଜଣେ ଶ୍ରେଷ୍ଠ ଧନୀ ବ୍ୟକ୍ତି, ସେ ମୋର ଏକାନ୍ତ ଅନୁରାଗୀ । ଏଦେଶରେ ନ୍ୟୁୟର୍କ-ବାସୀଗଣ ଅଧିକତର ଦୃଢ଼ଚିତ୍ତ, ଏବଂ ତେଣୁ ଏଠାରେ ହିଁ ମୋର କେନ୍ଦ୍ରସ୍ଥାପନର ସଙ୍କଳ୍ପ କରିଛି । ଏଠାକାର ମେଥଡ଼ିଷ୍ଟ ଓ ପ୍ରେସବିଟେରିଆନ୍ ସମ୍ପ୍ରଦାୟର ଗଣ୍ୟମାନ୍ୟ ବ୍ୟକ୍ତିଗଣ ମୋର ଉପଦେଶକୁ ଅସଙ୍ଗତ ମନେକରନ୍ତି । ଇଂଲଣ୍ଡର ଧାର୍ମିକ ସମ୍ଭ୍ରାନ୍ତ ବ୍ୟକ୍ତି-ମାନଙ୍କ ନିକଟରେ ଏଗୁଡ଼ିକ ଉଚ୍ଚତମ ଦାର୍ଶନିକ ତତ୍ତ୍ୱରୂପେ ପରିଗଣିତ ।

ଏହାଛଡ଼ା ମାର୍କିନ ନାରୀର ସ୍ୱଭାବ-ସୁଲଭ ପରଚର୍ଚ୍ଚା ଇଂଲଣ୍ଡରେ ଅଜ୍ଞାତ । ଇଂରେଜ ମହିଳାଗଣ ବିଳମ୍ବରେ ଭାବ ଗ୍ରହଣ କରନ୍ତି, ତେବେ ଥରେ ଠିକ୍‌ଭାବରେ ଗ୍ରହଣ କରିପାରିଲେ, ତାହା ଆୟତ୍ତ କରିନେବେ ନିଶ୍ଚୟ । ସେଠାରେ ସେମାନେ ଯଥାରୀତି କାମ ଚଳାଉଛନ୍ତି ଓ ପ୍ରତି ସପ୍ତାହରେ ମୋତେ କାମର ବିବରଣ ପଠାଉଛନ୍ତି । ଭାବି ଦେଖ ! ଏଠାରେ କିଛି ସପ୍ତାହକ ପାଇଁ ଯଦି ଅନୁପସ୍ଥିତ ରହେ, ତେବେ ସବୁକାମ ପଣ୍ଡ ହୋଇଯିବ । ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଅ—ଶ୍ୟାମ ଏବଂ ତୁମେ ଜାଣ । ଭଗବାନ ତୁମକୁ ଚିରସୁଖୀ କରନ୍ତୁ । ଇତି

ତୁମମାନଙ୍କର ସ୍ନେହଶୀଳ ଭ୍ରାତା, ବିବେକାନନ୍ଦ

**୨୭୨ଇଂ** (ମିଃ ଇ. ଟି. ଷ୍ଟାର୍ଡିଙ୍କୁ ଲିଖିତ)

୨୨୮, ପଶ୍ଚିମ ୩୯ ରାସ୍ତା, ନ୍ୟୁୟର୍କ
୧୬ ଜାନୁଆରି ୧୮୯୬

ସ୍ନେହାଶୀର୍ବାଦଭାଜନେଷୁ,

ବହି କେତେଖଣ୍ଡ ପାଇଁ ଅଶେଷ ଧନ୍ୟବାଦ । 'ସାଂଖ୍ୟକାରିକା' ଅତି ସୁନ୍ଦର ଗ୍ରନ୍ଥ, ଏବଂ 'କୂର୍ମପୁରାଣ'ରେ ଆଶାନୁରୂପ ସବୁ ନ ମିଳିଲେ ମଧ୍ୟ ସେଥିରେ ଯୋଗ ସମ୍ବନ୍ଧରେ କେତୋଟି ଶ୍ଲୋକ ଅଛି । ମୋର ପୂର୍ବର ଚିଠିରେ 'ଯୋଗସୂତ୍ର' ଏହି ଶବ୍ଦଟି ଛାଡ଼ି ଦେଇଥିଲି । ବହୁ ପ୍ରାମାଣିକ ଗ୍ରନ୍ଥରୁ ପାଦଟୀକା ସଂଯୁକ୍ତ କରି ମୁଁ ସେହି ଗ୍ରନ୍ଥ ଖଣ୍ଡିକର ଅନୁବାଦ କରୁଛି । 'କୂର୍ମପୁରାଣ'ର ପରିଚ୍ଛେଦଟି ମୋ ଟୀକା ମଧ୍ୟରେ ଦେବାକୁ ଚାହେଁ । ମୁଁ ମିସ୍ ମ୍ୟାକଲଉଡ୍‌ଙ୍କ ପାଖରୁ ତୁମର କ୍ଲାସ୍‌ଗୁଡ଼ିକର ଖୁବ ଉତ୍ସାହପୂର୍ଣ୍ଣ ବିବରଣ ପାଇଛି । ମିଃ ଗଲସ୍‌ଓ୍ୱାର୍ଦ୍ଦି ବର୍ତ୍ତମାନ ଖୁବ୍ ଆକୃଷ୍ଟ ହୋଇଛନ୍ତି ବୋଲି ମନେହୁଏ ।

ଏଠି ମୋର କ୍ଲାସ୍‌ଗୁଡ଼ିକ ଓ ରବିବାସରୀୟ ବକ୍ତୃତାଗୁଡ଼ିକ ଆରମ୍ଭ କରିଛି । ଏ ଦୁଇଟି କାମ ଖୁବ ଉତ୍ସାହ ଜନ୍ମାଇଛି । ଏହି ଦୁଇ କାମ ପାଇଁ ମୁଁ ଟଙ୍କା ନିଏ ନାହିଁ; ତେବେ ହଲ୍‌ର ଖରଚ ଚଳାଇବା ପାଇଁ (ସଭା ଅନ୍ତରେ) କିଛି ଚାନ୍ଦା ଉଠାଏ । ଗତ ରବିବାରର ବକ୍ତୃତାଟି ଖୁବ ପ୍ରଶଂସା ଅର୍ଜନ କରିଛି, ଏବଂ ତାହା ଖବରକାଗଜରେ ବାହାରିଛି । ଆଗାମୀ

ସପ୍ତାହରେ ମୁଁ ତୁମକୁ ସେଥିରୁ କେତେଖଣ୍ଡ ପଠାଇଦେବି । ସେଥିରେ ଆମର କାର୍ଯ୍ୟର ଗୋଟାଏ ସାଧାରଣ ପରିକଳ୍ପନା ଥିଲା ।

ମୋର ବନ୍ଧୁମାନେ ଜଣେ ସାଙ୍କେତିକ ଲେଖକ (ଗୁଡ୍‌ୱିନ୍)କୁ ନିଯୁକ୍ତ କରିବାରୁ ଏହି ସମସ୍ତ କ୍ଲାସ୍‌ର ପାଠଗୁଡ଼ିକ ଓ ବକ୍ତୃତାଗୁଡ଼ିକ ଲିପିବଦ୍ଧ ହେଉଛି । ପ୍ରତ୍ୟେକଟିର ଗୋଟିଏ ଗୋଟିଏ କପି ତୁମକୁ ପଠାଇ ଦେବାର ଇଚ୍ଛା ଅଛି । ସେସବୁରୁ ତୁମେ ହୁଏତ କିଛି ଚିନ୍ତାର ଖୋରାକ ପାଇପାର । ଏଠାରେ ମୁଁ ତୁମ ଭଳି ଏପରି ଜଣେ ଶକ୍ତିଶାଳୀ ଲୋକ ଚାହେଁ, ଯାହାର ବୁଦ୍ଧି, କାର୍ଯ୍ୟରେ ଦକ୍ଷତା ଓ ଲୋକଙ୍କ ପ୍ରତି ଅନୁରାଗ ଅଛି । ଏହି ସାର୍ବଜନୀନ ଶିକ୍ଷାର ଦେଶରେ ସମସ୍ତଙ୍କୁ ସତେ ଯେପରି ଗୋଟାଏ ସାଧାରଣ ମଧ୍ୟଭଲ ସ୍ତରକୁ ଖସାଇ ଅଣାଯାଇ-ପାରିଛି, ଯେଉଁ କେତେଜଣ ଯୋଗ୍ୟ ବ୍ୟକ୍ତି ଅଛନ୍ତି, ସେମାନେ ଯେପରି ଗତାନୁଗତିକ ଅର୍ଥାର୍ଜ୍ଜନର ଗୁରୁଭାରରେ ପୀଡ଼ିତ ।

ପଲ୍ଲୀ ଅଞ୍ଚଳରେ ମୋର ଖଣ୍ଡିଏ ଜମି ପାଇବାର ସମ୍ଭାବନା ଅଛି; ସେଥିରେ କେତୋଟି ଘର, ବହୁତ ଗଛ ଓ ଗୋଟିଏ ନଦୀ ଅଛି । ତାହାକୁ ଗ୍ରୀଷ୍ମକାଳରେ ଧ୍ୟାନସ୍ଥଳୀ ରୂପେ ବ୍ୟବହାର କଲେ ଚଳିବ । ଅବଶ୍ୟ ମୋର ଅନୁପସ୍ଥିତିରେ ତାହା ଦେଖାଶୁଣା କରିବା ପାଇଁ ଏବଂ ଟଙ୍କା-କଉଡ଼ି ନେଣ-ଦେଣ, ଛପା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଗୋଟିଏ କମିଟିର ପ୍ରୟୋଜନ ହେବ ।

ମୁଁ ନିଜକୁ ଟଙ୍କା-କଉଡ଼ି ବ୍ୟାପାରରୁ ପୂରାପୂରି ଅଲଗା କରିଦେଇଛି; ଅଥଚ ଟଙ୍କା-କଉଡ଼ି ନ ହେଲେ କୌଣସି ଆନ୍ଦୋଳନ ଚଳିପାରେ ନାହିଁ । ସୁତରାଂ ବାଧ୍ୟ ହୋଇ କାର୍ଯ୍ୟ-ପରିଚାଳନାର ସମସ୍ତ ଦାୟିତ୍ୱ ଗୋଟିଏ କମିଟି ହାତରେ ଦେବାକୁ ପଡ଼ୁଛି; ସେମାନେ ମୋ ଅନୁପସ୍ଥିତିରେ ଏସବୁ ଚଳାଇ ନେବେ । ସ୍ଥିରଭାବରେ କାର୍ଯ୍ୟ କରିଯିବା ଆମେରିକାନ୍‌ମାନଙ୍କ ଧାତୁରେ ନାହିଁ । କେବଳ ଦଳ ବାନ୍ଧି କାମ କରିବାକୁ ସେମାନେ ଜାଣନ୍ତି । ସୁତରାଂ ସେମାନଙ୍କୁ ତାହା ହିଁ କରିବାକୁ ଦିଆଯିବ । ପ୍ରଚାର ଦିଗରେ ବ୍ୟବସ୍ଥା ହୋଇଛି ଯେ, ମୋର ବନ୍ଧୁମାନେ ପ୍ରତ୍ୟେକେ ସ୍ୱାଧୀନ ଭାବରେ ଏ ଦେଶର ଜାଗାକୁ ଜାଗା ବୁଲି ବୁଲିବେ; ଏବଂ ସେମାନେ ସ୍ୱତନ୍ତ୍ର ଦଳ ଗଠନ କରିପାରିବେ । ତାହା ହେଉଛି ବିସ୍ତାରର ସବୁଠାରୁ ସହଜ ଉପାୟ । ଏହାପରେ ଯେତେବେଳେ ଆମେ ଯଥେଷ୍ଟ ବଳଶାଳୀ ହେବା, ସେତେବେଳେ ଆମର ଶକ୍ତିରାଶିକୁ କେନ୍ଦ୍ରୀଭୂତ କରିବା ପାଇଁ ଆମେ ବାର୍ଷିକ ସମ୍ମେଳନ କରିବା ।

କେବଳ କାର୍ଯ୍ୟ ଚଳାଇବା ପାଇଁ କମିଟି ଗଠିତ ହୋଇଛି ଏବଂ ତାହା ନିଉୟର୍କରେ ସୀମାବଦ୍ଧ ।

ସତତସ୍ନେହପରାୟଣ ଓ ଆଶୀର୍ବାଦକ ତୁମର
ବିବେକାନନ୍ଦ

୨୭୩ (ମଠକୁ ଲିଖିତ, ଶେଷାଂଶ ସ୍ୱାମୀ ତ୍ରିଗୁଣାତୀତାନନ୍ଦଙ୍କୁ)।

228, W. 39th St., ନିଉୟର୍କ
୧୭ ଜାନୁଆରୀ ୧୮୯୬

ଅଭିନ୍ନହୃଦୟେଷୁ—

ତୁମର ଦୁଇଖଣ୍ଡ ପତ୍ର ଆସିଛି ଓ ରାମଦୟାଲ୍ ବାବୁଙ୍କର ଦୁଇଖଣ୍ଡ ପତ୍ର ପାଇଛି । Bill of Lading (ବିଲ୍) ପହଞ୍ଚିଛି । ପରନ୍ତୁ ମାଲ୍ ଆସିବା ପାଇଁ ଅନେକ ଡେରି । ଶୀଘ୍ର ବନ୍ଦୋବସ୍ତ କରି ନ ପଠାଇଲେ ମାଲ୍ ଆସିବାକୁ ଛଅମାସ ଲାଗିଯାଏ । ହରମୋହନ ୪ ମାସ ତଳେ ଲେଖିଥିଲା ଯେ, ରୁଦ୍ରାକ୍ଷ ଓ କୁଶାସନ ପଠାଯାଇଛି; ତାହାର ଖୋଜ୍ ଖବର ଏପର୍ଯ୍ୟନ୍ତ ମିଳି ନାହିଁ । ଅର୍ଥାତ୍ ମାଲ୍ ଇଂଲଣ୍ଡରେ ପହଞ୍ଚିଲେ ଏଠିକାର କମ୍ପାନୀର ଏଜେଣ୍ଟ ମୋତେ ଖବର ଦିଏ । ତା'ପରେ ପ୍ରାୟ ମାସେ ଖଣ୍ଡେ ପରେ ମାଲ୍ ପହଞ୍ଚେ । ତୁମମାନଙ୍କର Bill of Lading ପ୍ରାୟ ତିନି ସପ୍ତାହ ହେବ ଆସିଛି । ଏବେ ମଧ୍ୟ ନୋଟିସ୍‌ର ଦେଖା ନାହିଁ । କେବଳ ଖେତଡ଼ି ରାଜାଙ୍କ ମାଲ୍ ଶୀଘ୍ର ପହଞ୍ଚେ । ବୋଧହୁଏ ସେ ଅନେକ ଖରଚ କରି ପଠାନ୍ତି । ଯାହାହେଉ, ଏ ଦୁନିଆରେ ଅନ୍ୟ ଦିଗରେ ପାତାଳ ପୁରୀରେ ଯେ ମାଲ୍ ଠିକ୍ ପହଞ୍ଚିଯାଏ ଏହା ପରମ ସୌଭାଗ୍ୟ । ମାଲ୍ ପହଞ୍ଚିଲେ ତୁମକୁ ଖବର ଦେବି । ଏବେ ଅନ୍ତତଃ ତିନି ମାସ ଚୁପ୍ କରି ରହିଯାଅ ।

ତୁମେ ବର୍ତ୍ତମାନ ଖବର କାଗଜ ବାହାର କରିବାକୁ ଲାଗିଯାଅ । ରାମଦୟାଲ ବାବୁଙ୍କୁ କହିବ, ସେ ଯେଉଁ ଲୋକଙ୍କ କଥା ଲେଖିଛନ୍ତି ସେ ଉପଯୁକ୍ତ ହେଲେ ମଧ୍ୟ ବର୍ତ୍ତମାନ ଆମେରିକାକୁ କାହାରିକୁ ଆଣିବା ପାଇଁ ମୋର ଶକ୍ତି ନାହିଁ । ଟଙ୍କା, ବନ୍ଧୁ, ଟଙ୍କା କେଉଁଠି ?

...ତୋର ତିବ୍ବତର ଖବର କ'ଣ ? 'ମିରର୍'ରେ ଛପା ହେଲେ ମୋ ପାଖକୁ ଖଣ୍ଡେ ପଠାଇ ଦେବ । ନରମ ହେଲେ କ'ଣ କାମ ହେବ ?... ଲୁହାର ହୃଦୟ ଦରକାର । ତେବେ ଲଙ୍କା ଡେଇଁବୁ । ବଜ୍ରବାଟୁଲି ଭଳି ହେବାକୁ ପଡ଼ିବ । ତାହାହେଲେ ପାହାଡ଼ ପର୍ବତ ଭେଦ କରି ଯାଇପାରିବ । ଅଦୟା ଶୀତ ବେଳେ ମୁଁ ଯାଉଛି । ଦୁନିଆଁରେ ନିଆଁ ଲଗାଇଦେବ ।... ଯିଏ ସାଙ୍ଗରେ ଆସିବ ଆସୁ, ତା'ର ଭାଗ୍ୟ ଭଲ; ଯେ ନ ଆସିବ ତା'ର ଇହକାଳ, ପରକାଳ ପଡ଼ିରହିବ, ରହୁ । ତୁ ଅଣ୍ଟା ଭିଡ଼ି ପ୍ରସ୍ତୁତ ହୋଇଥା' । ତୁ, ଶଶୀ, ଗଙ୍ଗାଧର—ଏହି ତିନିଜଣଙ୍କୁ ଦେଖୁଛି faithful । ତୁମମାନଙ୍କ ମୁହଁରେ ହାତରେ ବାଗ୍‌ଦେବୀ ବସିବେ—ଛାତିରେ ଅନନ୍ତବୀର୍ଯ୍ୟ ଭଗବାନ ବସିବେ—ତୁମେ ଏମିତି କାମ କରିବ ଯେ ଦୁନିଆଁ ଅବାକ୍ ହୋଇ ଦେଖିବ । ତୋ ନାଆଁଟା ଟିକେ ଚେଞ୍ଜ୍ କରି ତ ଦେଖି । କି ନାଆଁରେ ବାବା ! ଗୋଟେ ବହି ଯେମିତି ହୋଇଯିବ ଗୋଟେ ନାଆଁର ଠେଲରେ । ହରିନାମ ଭୟରେ ଯମ ପଳାଏ ବୋଲି ଯାହା କହନ୍ତି ତାହା 'ହରି'—ଏହି ନାମରେ ନୁହେଁ । ଏହି ଯେଉଁ ଗମ୍ଭୀର ଗମ୍ଭୀର ନାମ—'ଅଘଭଗନରକବିନାଶନ, ତ୍ରିପୁରମଦଭଞ୍ଜନ, ଅଶେଷନିଃଶେଷକଲ୍ୟାଣକର' ପ୍ରଭୃତି ନାଆଁର ଠେଲରେ ଯମର ଚଉଦପୁରୁଷ ପଳାଇବେ—ନାଆଁଟା ଟିକିଏ ସରଳ କଲେ ଭଲ ହୁଅନ୍ତା ନାହିଁ କି ? ଏବେ ବୋଧହୁଏ ଆଉ ହୋଇପାରିବ ନାହିଁ । ଢୋଲ ବାଜିଗଲାଣି;

କିନ୍ତୁ ଯମକୁ ଡରାଇବା ଭଳି କି ଜୋର୍‌ଦାର୍‌ ନାଆଁଟେ କରିଛ ! କିମଧିକମିତି

ବିବେକାନନ୍ଦ

ପୁଃ—ବଙ୍ଗଳାଦେଶ ଓ ଭାରତବର୍ଷଟାକୁ କର୍ମଭୂମି କର । ସ୍ଥାନେ ସ୍ଥାନେ କେନ୍ଦ୍ର ସ୍ଥାପନ କର ।

ଭାଗବତ ଆସି ପହଞ୍ଚିଛି । ସଂସ୍କରଣଟି ବଡ଼ ସୁନ୍ଦର । କିନ୍ତୁ ଏ ଦେଶର ଲୋକଙ୍କର ସଂସ୍କୃତ ପଢ଼ିବାକୁ ଆଦୌ ଇଚ୍ଛା ନାହିଁ । ସେଥିପାଇଁ ବିକ୍ରି ହେବା ଆଶା ଖୁବ୍ କମ୍ । ଇଂଲଣ୍ଡରେ ହୋଇପାରେ, କାରଣ ସେଠାରେ ଅନେକ ଲୋକ ସଂସ୍କୃତ ଆଲୋଚନା କରନ୍ତି । ପ୍ରଣେତାଙ୍କୁ ମୋର ବିଶେଷ ଧନ୍ୟବାଦ ଜଣାଇଦେବ । ଆଶା କରୁଛି ତାଙ୍କର ମହତ୍ ଉଦ୍ୟମ ସୁସମ୍ପନ୍ନ ହେବ । ଆମେ ଯଥାସାଧ୍ୟ ଯତ୍ନ କରିବୁ, ତାଙ୍କର ବହି ଯେପରି ଏଠାରେ ବିକ୍ରି ହୁଏ । ତାଙ୍କ Prospectus (ଗ୍ରନ୍ଥାଭାସ) ସବୁ ସ୍ଥାନକୁ ପଠାଇ ଦେଇଛି । ଦୟାଲ୍ ବାବୁଙ୍କୁ କହିବ ଯେ, ମୁଗଡାଲି, ହରଡ଼ଡାଲି ପ୍ରଭୃତିରେ ବ୍ୟବସାୟ ଇଂଲଣ୍ଡ ଓ ଆମେରିକାରେ ଖୁବ୍ ଭଲ ଚାଲିପାରିବ । ଠିକ୍ ଭାବରେ ଚଳାଇପାରିଲେ ଡାଲି ସୁପ୍‌ଟା ବେଶ୍ ଆଦର ପାଇବ । ଯଦି ଛୋଟ ଛୋଟ ପ୍ୟାକେଟ୍ କରି ତା' ଉପରେ ରାନ୍ଧିବାର ପ୍ରଣାଳୀ ଲେଖି ଘରକୁ ଘର ପଠାଇ ଦିଆଯାଏ ଓ ଗୋଟିଏ ଡିପୋ କରି କେତେଗୁଡ଼ାଏ ମାଲ୍ ପଠାଯାଏ, ତା'ହେଲେ ଖୁବ୍ ଭଲ ଚାଲିବ । ଏହି ଭଳି ଭାବରେ ବଡ଼ି ମଧ୍ୟ ଠିକ୍ ଚାଲିବ । ଉଦ୍ୟମ ଦରକାର—ଘରେ ବସିଲେ ଘୋଡ଼ାଡିମ୍ବ ହେବ । ଯଦି କିଏ ଗୋଟେ କମ୍ପାନୀ ଗଢ଼େ ଭାରତର ମାଲ୍‌ପତ୍ର ଏ ଦେଶକୁ ଓ ଇଂଲଣ୍ଡକୁ ଆଣେ, ତାହାହେଲେ ଖୁବ୍ ଭଲ ବ୍ୟବସାୟ ଚାଲିବ । ନିରୁଦ୍ୟମ ହତଭାଗାମାନେ କେବଳ ଜାଣନ୍ତି ଦଶବର୍ଷ ଝିଅର ଗର୍ଭାଧାନ କରିବା, ଆଉ ତା' ଛଡ଼ା ଜାଣନ୍ତି କ'ଣ ?

୨୭୪ଇଂ

ଆମେରିକା, ୨୩ ଜାନୁଆରି ୧୮୯୬

ପ୍ରିୟ ଆଲସିଙ୍ଗା,

ଏବେ ତୁମେ ମୋର ପ୍ରେରିତ 'ଭକ୍ତିଯୋଗର' କପି (ଛପାଇବା ଭଳି) ଯଥେଷ୍ଟ ପରିମାଣରେ ନିଶ୍ଚିତ ପାଇଛ, ମୁଁ 'ବ୍ରହ୍ମବାଦିନ୍' କାଗଜର ୨୧ ତାରିଖ ଡିସେମ୍ବରର ଶେଷ ସଂଖ୍ୟାଟି ପାଇଛି ।

'ବ୍ରହ୍ମବାଦିନ୍'ର ବିଗତ କେତୋଟି ସଂଖ୍ୟା ପଢ଼ି ମୋର ଟିକିଏ ସନ୍ଦେହ ହେଉଥିଲା—ତୁମେମାନେ ଥିଓସଫିଷ୍ଟମାନଙ୍କ ଦଳରେ ଯୋଗ ଦେବ ନା କଅଣ ? ଏଥର ତୁମେମାନେ ସେମାନଙ୍କ ପାଖରେ ପୁରାପୁରି ଆତ୍ମସମର୍ପଣ କରିଛ । ତୁମମାନଙ୍କର ମନ୍ତବ୍ୟର ସ୍ତମ୍ଭରେ ଥିଓସଫିଷ୍ଟମାନଙ୍କ ବକ୍ତୃତାର ଗୋଟାଏ ବିଜ୍ଞାପନ ପ୍ରକାଶ କଲ କାହିଁକି ? ଥିଓସଫିଷ୍ଟମାନଙ୍କ ସଙ୍ଗରେ ମୋର କୌଣସି ପ୍ରକାର ଯୋଗ ରହିଥିବା ସନ୍ଦେହ ହେଲେ ଇଂଲଣ୍ଡ ଓ ଆମେରିକା ଉଭୟତ୍ର ମୋର କାର୍ଯ୍ୟରେ କ୍ଷତି ହେବ, ଆଉ ତାହା ହୋଇପାରେ ମଧ୍ୟ । ସୁସ୍ଥମସ୍ତିଷ୍କ ବ୍ୟକ୍ତି ମାତ୍ରେ ସେମାନଙ୍କୁ ଭ୍ରାନ୍ତ ମନେକରନ୍ତି; ଆଉ ସେମାନେ ଯେ ଏପରି ମନେକରନ୍ତି, ତାହା

ଠିକ୍ । ତୁମେମାନେ ତ ତାହା ଭଲରୂପେ ଜାଣ । ମୋର ଆଶଙ୍କା ହେଉଛି, ତୁମେମାନେ ମୋ ଉପରେ ଟେକ୍କର ଦେବାକୁ ଚେଷ୍ଟା କରୁଛ । ତୁମେମାନେ ମନେକରୁଛ, ଥିଓସଫିଷ୍ଟ-ମାନଙ୍କ ନାମରେ ବିଜ୍ଞାପନ ଦେଲେ ଇଂଲଣ୍ଡରେ ଅନେକ ଗ୍ରାହକ ପାଇବ । ତୁମେମାନେ ଯେମିତି ମୂର୍ଖ !

ମୁଁ ଥିଓସଫିଷ୍ଟମାନଙ୍କ ସହିତ ବିବାଦ କରିବାକୁ ଚାହେଁ ନାହିଁ; କିନ୍ତୁ ମୋର ଭାବ ହେଉଛି, ସେମାନଙ୍କୁ ଆଦୌ ପୂରାପୂରି ପାଖରେ ନ ପୂରାଇବା । ସେମାନେ କଅଣ ବିଜ୍ଞାପନ ପାଇଁ ତୁମମାନଙ୍କୁ ଟଙ୍କା ଦେଇଥିଲେ ? ତୁମେମାନେ ଆଗଚାଲି ହୋଇ ବିଜ୍ଞାପନ ଦେବାକୁ ଗଲ କାହିଁକି ? ମୁଁ ପୁଣି ଯେତେବେଳେ ଇଂଲଣ୍ଡ ଯିବି, ତୁମମାନଙ୍କ ପାଇଁ ଯଥେଷ୍ଟ ଗ୍ରାହକ ଯୋଗାଡ଼ କରିବି ।

ମୁଁ କୌଣସି ବିଶ୍ୱାସଘାତକକୁ ଚାହେଁ ନାହିଁ । ମୁଁ ତୁମମାନଙ୍କୁ ସ୍ପଷ୍ଟ କହି ରଖୁଛି, କୌଣସି ବଦମାସ୍‌ର ପାଲରେ ଆଦୌ ମୁଁ ପଡ଼ିବି ନାହିଁ । ମୋ ସଙ୍ଗରେ କପଟତା ଚାଲିବ ନାହିଁ ।··· ମୁଁ ତୁମମାନଙ୍କୁ ଖୁବ୍ ସ୍ପଷ୍ଟ କଥା ହିଁ କହୁଛି । ଜଣେ, ମାତ୍ର ଜଣେ ଯଦି ମୋର ଅନୁସରଣ କରେ, ସେ ବରଂ ଭଲ; କିନ୍ତୁ ସେ ଯେପରି ମୃତ୍ୟୁ ପର୍ଯ୍ୟନ୍ତ ବିଶ୍ୱାସୀ ରହେ । ସଫଳତା ବା ବିଫଳତା ମୁଁ ଗ୍ରାହ୍ୟ କରେ ନାହିଁ । ସମଗ୍ର ଜଗତରେ ପ୍ରଚାରକାର୍ଯ୍ୟରେ ମୁଁ କ୍ଳାନ୍ତ ହୋଇପଡ଼ିଛି । ମୁଁ ଯେତେବେଳେ ଇଂଲଣ୍ଡରେ ଥିଲି, ସେତେବେଳେ କ'ଣ ସେମାନଙ୍କର କେହି ମୋର ସାହାଯ୍ୟାର୍ଥେ ଆସିଥିଲେ ? ପାଗଳ ଆଉ କଣ ! ମୁଁ ନିଶ୍ଚିତ ମୋର ଆନ୍ଦୋଳନଟିକୁ ସମ୍ପୂର୍ଣ୍ଣ ନିର୍ମଳ ରଖିବି, ତାହା ନ ହେଲେ, ଆନ୍ଦୋଳନ ଆଦୌ ଚଳାଇବି ନାହିଁ । ଇତି

ତୁମର, ବିବେକାନନ୍ଦ

ପୁଃ—ତୁମେମାନେ କଅଣ ଠିକ୍ କଲ, ତାହା ପତ୍ରପାଠ ମୋତେ ଲେଖିବ । ମୋର ଏ ବିଷୟରେ ମତାମତ ତିଳେମାତ୍ର ବଦଳିବାର ନୁହେଁ । ଇତି —ବି.

ପୁଃ—'ବ୍ରହ୍ମବାଦନ୍' ବେଦାନ୍ତ ପ୍ରଚାର ପାଇଁ, ଥିଓସଫି ପ୍ରଚାର ପାଇଁ ନୁହେଁ । ତୁମ-ମାନଙ୍କର ଉଦ୍ଦେଶ୍ୟ ଯଦି ଅନ୍ୟ ପ୍ରକାର ଥିଲା, ତେବେ ମୂଳରୁ ମୋତେ ତାହା କହିବା ଉଚିତ ଥିଲା । ପରିଷ୍କାର ଭାବରେ ନିଜର ଅଭିପ୍ରାୟ ନ ଜଣାଇ କାର୍ଯ୍ୟକାଳରେ ଅନ୍ୟ ପ୍ରକାର କରିବା ଦେଖିଲେ ମୁଁ ପ୍ରାୟ ଧୈର୍ଯ୍ୟ ହରାଇପକାଏ । —ବି.

ପୁଃ—ଜଗନ୍ମାତା ଏଇୟା । ଯେଉଁମାନଙ୍କୁ ତୁମେ ସବୁଠାରୁ ଭଲପାଅ ଏବଂ ସର୍ବାପେକ୍ଷା ବେଶୀ ସାହାଯ୍ୟ କର, ସେହିମାନେ ହିଁ ତୁମକୁ ଠକାଇବାକୁ ଚାହାନ୍ତି । ଧନ୍ୟରେ ସଂସାର ! ! ! —ବି.

୨୭୫ (ସ୍ୱାମୀ ଯୋଗାନନ୍ଦଙ୍କୁ ଲିଖିତ)

୨୨୮, ପଶ୍ଚିମ ୩୯ ନଂ ରାସ୍ତା, ନ୍ୟୁୟର୍କ, ୨୪ ଜାନୁଆରି ୧୮୯୬

ଯୋଗେନ୍ ଭାଇ,

ହରଡ଼ ଡାଲି, ମୁଗ ଡାଲି, ଅମ୍ବସଢ଼ା, ଅମ୍ବୁଲ, ଅମ୍ବତେଲ, ଆମ୍ବର ମୁରବ୍ବା, ବଡ଼ି, ମସଲା ସମସ୍ତ ଠିକ୍ ଠିକଣାରେ ପହଞ୍ଚିଛି । ବାଲ୍ ଅବ୍ ଲେଡିଙ୍ଗ୍‌ରେ (ମାଲ୍ ଚାଲାଣର ବିଲ୍‌ରେ,)

ନାମ ଦସ୍ତଖତ କରିବାରେ ଭୁଲ ହୋଇଥିଲା ଓ ଇନ୍‌ଭଏସ୍ (ଚାଲାଣ) ନ ଥିଲା; ସେଥିପାଇଁ କିଛିଟା ଗୋଳମାଳ ହେଲା । ପରେ, ଯାହାହେଉ, ଭଲେ ଭଲେ ସମସ୍ତ ଦ୍ରବ୍ୟ ପହଞ୍ଚିଛି । ବହୁତ ଧନ୍ୟବାଦ ! ବର୍ତ୍ତମାନ ଯଦି ଇଂଲଣ୍ଡରେ ଷ୍ଟର୍ଡିର ଠିକଣାରେ—ଅର୍ଥାତ୍ ହାଇଭିଉ, କ୍ୟାଭର୍ଶ୍ୟାମ, ରିଡ଼ିଂ-କୁ—ଏହିପରି ଡାଲି ଓ କିଛିଟା ଆମ୍ବତେଲ ପଠାଇବ, ମୁଁ ଇଂଲଣ୍ଡରେ ପହଞ୍ଚିବା ମାତ୍ରେ ପାଇବି । ଭଜା ମୁଗଡାଲି ପଠାଇବାର ଆବଶ୍ୟକତା ନାହିଁ । ଭଜା ଡାଲି କିଛି ଅଧିକ ଦିନ ରହିଲେ ବୋଧହୁଏ ଖରାପ ହୋଇଯାଇପାରେ । କିଛିଟା ବୁଟଡାଲି ପଠାଇବ । ଇଂଲଣ୍ଡରେ ଡ୍ୟୁଟି (ଶୁଳ୍କ) ନାହିଁ—ମାଲ ପହଞ୍ଚିବାରେ କୌଣସି ଗୋଳମାଳ ନାହିଁ । ଷ୍ଟର୍ଡିକୁ ଚିଠି ଲେଖିଦେବା ମାତ୍ରେ ସେ ମାଲ ନେବ । ଇତି

ବଡ଼ ଦୁଃଖର ବିଷୟ ଯେ, ତୁମର ଦେହ ଏପର୍ଯ୍ୟନ୍ତ ଭଲ ହୋଇ ନାହିଁ । ଖୁବ୍ ଥଣ୍ଡା ଦେଶକୁ ଯାଇପାରି, ଶୀତ କାଳରେ ଯେଉଁଠି ବହୁତ ବରଫ ପଡ଼େ—ଯଥା ଦାର୍ଜିଲିଂ ? ଶୀତ ଜୋର୍‌ରେ ପେଟ ଦୋରସ୍ତ ହୋଇଯିବ, ଯେମିତି ମୋର ହୋଇଛି । ଆଉ ଘିଅ ଓ ମସଲା ଖାଇବା ଏକଦମ୍ ଛାଡ଼ିଦେଇ ପାରିବ ? ଲହୁଣୀ ଘିଅ ଅପେକ୍ଷା ଶୀଘ୍ର ହଜମ ହୁଏ । ଅଭୟାନନ୍ଦ ପହଞ୍ଚିଲେ ଖବର ଦେବ । ମୋର ବିଶେଷ ପ୍ରୀତି ଜାଣିବ ଓ ସମସ୍ତଙ୍କୁ ଜଣାଇବ । ନିରଞ୍ଜନର ଖବର ଏପର୍ଯ୍ୟନ୍ତ ଜାଣିପାରି ନାହିଁ ? ଗୋଲପ-ମା, ଯୋଗୀନ-ମା, ରାମକୃଷ୍ଣର ମା, ବାବୁରାମର ମା, ଗୌରି-ମା ପ୍ରଭୃତି ସମସ୍ତଙ୍କୁ ମୋର ପ୍ରଣାମାଦି ଜଣାଇବ । ମହେନ୍ଦ୍ରବାବୁଙ୍କ ସ୍ତ୍ରୀଙ୍କୁ ମୋର ପ୍ରଣାମ ଦେବ ।

ତିନିମାସ ପରେ ମୁଁ ଇଂଲଣ୍ଡ ଯାଉଛି, ପୁନରାୟ ଆନ୍ଦୋଳନର ବିଶେଷ ଚେଷ୍ଟା କରିବା ପାଇଁ । ତା'ପରେ ଆସନ୍ତା ଶୀତବେଳେ ଭାରତବର୍ଷକୁ ଗମନ । ପରେ ବିଧାତାଙ୍କ ଇଚ୍ଛା । ସାରଦା ଯେଉଁ କାଗଜ ବାହାର କରିବାକୁ ଚାହୁଁଛି, ସେଥିପାଇଁ ବିଶେଷ ଯତ୍ନ କରିବ । ଶଶୀକୁ ଯତ୍ନ କରିବାକୁ କହିବ ଓ କାଳୀ ପ୍ରଭୃତିଙ୍କୁ ମଧ୍ୟ । ଏବେ କାହାରି ଇଂଲଣ୍ଡ ଆସିବା ଦରକାର ନାହିଁ । ମୁଁ ଭାରତକୁ ଯାଇ ସେମାନଙ୍କୁ ତିଆରି କରିବି । ତା'ପରେ ଯେଉଁଠିକି ଇଚ୍ଛା ଯିବେ । କିମଧିକମିତି—

ବିବେକାନନ୍ଦ

ପୁଃ—ନିଜେ କିଛି କରିବେ ନାହିଁ ଏବଂ ଅନ୍ୟମାନେ କିଛି କଲେ ଥଟ୍ଟାରେ ଉଡ଼ାଇ ଦେବେ, ଏହି ଦୋଷରୁ ହିଁ ଆମର ଜାତିର ସର୍ବନାଶ ହୋଇଛି । ହୃଦୟହୀନତା, ଉଦ୍ୟମ-ହୀନତା ସକଳ ଦୁଃଖର କାରଣ । ଅତଏବ ଏ ଦୁଇଟି ପରିତ୍ୟାଗ କରିବ । କାହା ଭିତରେ କ'ଣ ଅଛି, କିଏ ଜାଣେ ପ୍ରଭୁଙ୍କ ବିନା ? ସମସ୍ତଙ୍କୁ opportunity (ସୁଯୋଗ) ଦିଅ । ପରେ ପ୍ରଭୁଙ୍କ ଇଚ୍ଛା । ସମସ୍ତଙ୍କ ଉପରେ ସମାନ ପ୍ରୀତି ଅତି କଠିନ; କିନ୍ତୁ ତାହା ନ ହେଲେ ମୁକ୍ତି ହେବ ନାହିଁ । ଇତି

—ବି.

୨୭୭ଇଂ (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

228, W. 39th St., New York
୧୦ ଫେବୃଆରି ୮୯୬

ପ୍ରିୟ ଭଗିନି,

ତୁମେ ଏପର୍ଯ୍ୟନ୍ତ ମୋର ଚିଠି ପାଇ ନାହଁ ଜାଣି ଆଶ୍ଚର୍ଯ୍ୟ ହେଲି । ତୁମର ଚିଠି ପାଇବା ଠିକ୍ ପରେ ପରେ ମୁଁ ଚିଠି ଲେଖିଥିଲି ଏବଂ ନ୍ୟୁୟର୍କରେ ମୋର ତିନୋଟି ବକ୍ତୃତା ବିଷୟରେ କେତେ ଖଣ୍ଡ ପୁସ୍ତିକା ପଠାଇଥିଲି । ଏହି ସପ୍ତାହରେ ରବିବାର ଦିନ ଦିଆଯାଉଥିବା ଭାଷଣଗୁଡ଼ିକ ଆଜିକାଲି ସାଙ୍କେତିକ ଲିପିରେ ନିଆଯାଉଛି; ପରେ ଛପା ହେବ । ତିନୋଟି ବକ୍ତୃତାକୁ ନେଇ ଦୁଇଟି ପୁସ୍ତିକା ହୋଇଛି, ଯାହାର ଅଧିକାଂଶ ଅନୁଲିପି ମୁଁ ତୁମ ପାଖକୁ ପଠାଇଥିଲି । ନ୍ୟୁୟର୍କରେ ଆହୁରି ଦୁଇ ସପ୍ତାହ ରହିବି, ତା'ପରେ ଡେଟ୍ରଏଟ୍ ଯିବି । ସେଠାରୁ ଦୁଇ ଏକ ସପ୍ତାହ ଲାଗି ପୁଣି ବୋଷ୍ଟନ୍ ଫେରି ଆସିବି ।

ନିରନ୍ତର କାମ କରିବାଦ୍ୱାରା ଏବର୍ଷ ମୋର ସ୍ୱାସ୍ଥ୍ୟ ଖୁବ୍ ଭାଙ୍ଗିପଡ଼ିଛି; ସ୍ନାୟୁଗୁଡ଼ିକ ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି । ଏପରି ଶୀତରେ ମୁଁ ଗୋଟିଏ ରାତି ମଧ୍ୟ ଭଲଭାବରେ ଶୋଇ ନାହିଁ । ମୁଁ ନିଶ୍ଚିତ ରୂପେ ଜାଣେ ଯେ, ମୋର ପରିଶ୍ରମ ଖୁବ୍ ବେଶୀ ହେଉଛି, ଏବେ ମଧ୍ୟ ଇଂଲଣ୍ଡରେ ଗୋଟିଏ ବଡ଼ କାମ ବାକି ଅଛି ।

ମୋତେ ତାହା ସମ୍ପୂର୍ଣ୍ଣ କରିବାକୁ ହେବ ଏବଂ ତାହାପରେ ଆଶାକରେ, ଭାରତକୁ ଫେରି ବାକି ଜୀବନ ବିଶ୍ରାମ କରି କଟାଇପାରିବି ।

ବର୍ତ୍ତମାନ ମୁଁ ବିଶ୍ରାମ ଇଚ୍ଛା କରୁଛି । ଆଶାକରେ, ତାହା କିଛି ପରିମାଣରେ ପାଇବି ଏବଂ ଭାରତର ଲୋକମାନେ ମୋତେ ଛୁଟୀ ଦେବେ । ଖୁବ୍ ଇଚ୍ଛା ହୁଏ, କେତେଟା ବର୍ଷ ପାଇଁ ମୂକ ହୋଇଯାଏ ଏବଂ ଏକଦମ୍ କଥା ନ କହେ ।

ଏହି ସମସ୍ତ ପାର୍ଥିବ ସଂଗ୍ରାମ ଓ ଦ୍ୱନ୍ଦ୍ୱ ପାଇଁ ମୁଁ ଜନ୍ମ ନେଇ ନାହିଁ । ସ୍ୱଭାବତଃ ମୁଁ ସ୍ୱପ୍ନଦ୍ରଷ୍ଟା ଏବଂ ଶାନ୍ତିପ୍ରିୟ । ମୁଁ ଆଜନ୍ମ ଆଦର୍ଶବାଦୀ, ସ୍ୱପ୍ନଜଗତରେ ମୋର ବାସ, ବାସ୍ତବତାର ସଂସ୍ପର୍ଶ ମୋ ସ୍ୱପ୍ନରେ ବାଧା ଜନ୍ମାଏ ଏବଂ ମୋତେ ଅସୁଖୀ କରାଏ । ଈଶ୍ୱରଙ୍କର ଇଚ୍ଛା ହିଁ ପୂର୍ଣ୍ଣ ହେଉ !

ତୁମ ଘରର ଭଉଣୀଙ୍କ ପାଖରେ ମୁଁ ଚିରଦିନ କୃତଜ୍ଞ; ଏ ଦେଶରେ ମୁଁ ଯାହାକିଛି ପାଇଛି ତା' ପାଇଁ ତୁମ ପାଖରେ ଋଣୀ । ତୁମେ ନିରନ୍ତର ପବିତ୍ର ଓ ସୁଖୀ ହୁଅ । ମୁଁ ଯେଉଁ-ଠାରେ ଥାଏନା କାହିଁକି, ତୁମମାନଙ୍କୁ ସର୍ବଦା ଗଭୀରତମ କୃତଜ୍ଞତା ଓ ଆନ୍ତରିକ ପ୍ରୀତି ସହ ସ୍ମରଣ କରିବି । ମୋର ସମଗ୍ର ଜୀବନଟା ସ୍ୱପ୍ନ ପରେ ସ୍ୱପ୍ନର ସମାବେଶ । ସଚେତନ ସ୍ୱପ୍ନଦ୍ରଷ୍ଟା ହେବା ମୋର ଉଚ୍ଚାଭିଳାଷ, ବାସ୍ । ସମସ୍ତଙ୍କୁ ମୋର ପ୍ରୀତି—ଭଗିନୀ ଜୋସେଫାଇନ୍‌ଙ୍କୁ ।

ସତତ ତୁମର ସ୍ନେହାବଦ୍ଧଭ୍ରାତା, ବିବେକାନନ୍ଦ

୨୭୭ଇଂ (ମିଃ ଇ. ଟି: ଷ୍ଟର୍ଡିଙ୍କୁ ଲିଖିତ)

୨୨୮, ପଶ୍ଚିମ ୩୯ ନମ୍ବର ରାସ୍ତା, ନ୍ୟୁୟର୍କ
୦୩ ଫେବୃଆରି ୧୮୯୬

ସ୍ନେହାଶୀର୍ବାଦଭାଜନେଷୁ,

ଭାରତବର୍ଷରୁ ଯେଉଁ ସନ୍ନ୍ୟାସୀ ଆସିବେ, ସେ ତୁମକୁ ଅନୁବାଦ କାର୍ଯ୍ୟରେ ଏବଂ ଅନ୍ୟ କାର୍ଯ୍ୟରେ ମଧ୍ୟ ସାହାଯ୍ୟ କରିବେ ନିଶ୍ଚୟ । ଏହାପରେ ମୁଁ ଯେତେବେଳେ (ସେଠାକୁ) ଯିବି, ସେତେବେଳେ ତାଙ୍କୁ ଆମେରିକାକୁ ପଠାଇଦେବି । ଆଜି ଆଉଜଣେ ସନ୍ନ୍ୟାସୀଙ୍କୁ ତାଲିକାଭୁକ୍ତ କରାଗଲା । ଏଥିରେ ଆମେରିକାର ଜଣେ ପୁରୁଷ; ସେ ଖାଣ୍ଟି ଆମେରିକାନ୍ ଏବଂ ଧର୍ମପ୍ରଚାରକ ହିସାବରେ ଏ ଦେଶରେ ତାଙ୍କର କିଛି ଖ୍ୟାତି ଅଛି । ତାଙ୍କ ନାମ ଥିଲା ଡାଃ ଷ୍ଟ୍ରୀଟ୍ । ବର୍ତ୍ତମାନ ସେ ଯୋଗାନନ୍ଦ, କାରଣ 'ଯୋଗ' ଆଡ଼କୁ ହିଁ ତାଙ୍କର ସବୁ ଆଗ୍ରହ ।

ମୁଁ ଏଠାରୁ 'ବ୍ରହ୍ମବାଦିନ୍'କୁ ନିୟମିତ ଭାବରେ କାର୍ଯ୍ୟ-ବିବରଣ ପଠାଉଛି । ସେସବୁ ଶୀଘ୍ର ପ୍ରକାଶିତ ହେବ । ଭାରତରେ କିଛି ପଠାଇବାକୁ କି ଦୀର୍ଘ ସମୟ ନ ଲାଗୁଛି ! ଆମେରିକାରେ ସୁନ୍ଦର ଭାବରେ କାର୍ଯ୍ୟ ବଢ଼ି ଉଠିଛି । ଆରମ୍ଭରୁ କୌଣସି ଭେଳକିବାଜି ନ ଥିବାରୁ ଆମେରିକା-ସମାଜର ଶ୍ରେଷ୍ଠ ଲୋକଙ୍କ ଦୃଷ୍ଟି ବେଦାନ୍ତ ଆଡ଼କୁ ଆକୃଷ୍ଟ ହେଉଛି । ଫରାସୀ ଅଭିନେତ୍ରୀ ସାରା ବାର୍ଣ୍ଣହାର୍ଡ଼ ଏଠାରେ 'ଇଜ୍ରୀଲ' (Iziel) ଅଭିନୟ କରୁଛନ୍ତି । ଏହା କେତେକଟା ଫରାସୀ ଢାଞ୍ଚାରେ ଉପସ୍ଥାପିତ ବୁଦ୍ଧଜୀବନ । ଏଥିରେ ରାଜନର୍ତ୍ତକୀ ଇଜ୍ରୀଲ ବୋଧିଦ୍ରୁମ-ମୂଳରେ ବୁଦ୍ଧଙ୍କୁ ପ୍ରଲୁବ୍ଧ କରିବା ପାଇଁ ସଚେଷ୍ଟ, ଆଉ ବୁଦ୍ଧ ତାହାକୁ ସଂସାରର ଅସାରତା ଉପଦେଶ ଦେଉଛନ୍ତି । ସେ କିନ୍ତୁ ସର୍ବଦା ବୁଦ୍ଧଙ୍କ କୋଳରେ ବସିରହିଛି । ଯାହା ହେଉ, ଶେଷ ରକ୍ଷା ହିଁ ରକ୍ଷା—ନର୍ତ୍ତକୀ ବିଫଳକାମ ହେଲା ! ମ୍ୟାଡାମ୍ ବାର୍ଣ୍ଣହାର୍ଡ଼ ଇଜ୍ରୀଲର ଅଭିନୟ କରିଥିଲେ ।

ମୁଁ ଏହି ବୁଦ୍ଧ-ବିଷୟକ ଦେଖିବାକୁ ଯାଇଥିଲି । ମ୍ୟାଡାମ୍ କିନ୍ତୁ ଶ୍ରୋତୃବୃନ୍ଦଙ୍କ ମଧ୍ୟରେ ମୋତେ ଦେଖି ଆଲାପ କରିବାକୁ ଚାହିଁଲେ । ମୋର ପରିଚିତ ଏକ ସମ୍ଭ୍ରାନ୍ତ ପରିବାର ଏହି ସାକ୍ଷାତ୍କାର ବ୍ୟବସ୍ଥା କରିଦେଲେ । ଏହି ସାକ୍ଷାତ୍କାରରେ ମ୍ୟାଡାମ୍‌ଙ୍କ ବ୍ୟତୀତ ସୁଖ୍ୟାତ ଗାୟିକା ମ୍ୟାଡାମ ମେ, ମୋରେଲ ଏବଂ ଶ୍ରେଷ୍ଠ ବୈଦ୍ୟୁତିକ ଟେସ୍‌ଲା ଥିଲେ । ମ୍ୟାଡାମ୍ (ବାର୍ଣ୍ଣହାର୍ଡ଼) ଖୁବ୍ ସୁଶିକ୍ଷିତା ମହିଳା ଏବଂ ବହୁ ଦର୍ଶନଶାସ୍ତ୍ର ପଢ଼ି ଶେଷ କରିଛନ୍ତି । ମୋରେଲ ଔତ୍ସୁକ୍ୟ ଦେଖାଉଥିଲେ; କିନ୍ତୁ ମିଃ ଟେସ୍‌ଲା ବୈଦାନ୍ତିକ ପ୍ରାଣ ଓ ଆକାଶ ଏବଂ କଳ୍ପର ତତ୍ତ୍ୱ ଶୁଣି ମୁଗ୍ଧ ହେଲେ । ତାଙ୍କ ମତରେ ଆଧୁନିକ ବିଜ୍ଞାନର ଦୃଷ୍ଟିରୁ କେବଳ ଏହି ତତ୍ତ୍ୱଗୁଡ଼ିକ ହିଁ ଗ୍ରହଣୀୟ । ଆକାଶ ଓ ପ୍ରାଣ ପୁଣି ଜଗଦ୍‌ବ୍ୟାପୀ ମହତ୍, ସମଷ୍ଟି-ମନ ବ୍ରହ୍ମ ବା ଈଶ୍ୱରଙ୍କଠାରୁ ଉତ୍ପନ୍ନ ହୁଏ । ମିଃ ଟେସ୍‌ଲା ମନେକରନ୍ତି, ସେ ଗଣିତ ସାହାଯ୍ୟରେ ଦେଖାଇଦେଇପାରିବେ ଯେ, ଜଡ଼ ଓ ଶକ୍ତି ଉଭୟକୁ ଅବ୍ୟକ୍ତ ଶକ୍ତିରେ ପରିଣତ କରାଯାଇପାରେ । ଆଗାମୀ ସପ୍ତାହରେ ଏହି ନୂତନ ପରୀକ୍ଷାମୂଳକ ପ୍ରତ୍ୟକ୍ଷ ପ୍ରମାଣ ଦେଖିବା ପାଇଁ

ତାଙ୍କ ନିକଟକୁ ମୋର ଯିବାର କଥା ଅଛି ।

ତାହା ଯଦି ପ୍ରମାଣିତ ହୋଇଯାଏ, ତେବେ ବୈଦାନ୍ତିକ ସୃଷ୍ଟିତତ୍ତ୍ୱ ଦୃଢ଼ତମ ଭିତ୍ତି ଉପରେ ସ୍ଥାପିତ ହେବ । ମୁଁ ବର୍ତ୍ତମାନ ବେଦାନ୍ତର ସୃଷ୍ଟି-ତତ୍ତ୍ୱ ଓ ପରଲୋକ-ତତ୍ତ୍ୱ ଦେନି ଖୁବ୍ ପରିଶ୍ରମ କରୁଛି । ମୁଁ ସ୍ପଷ୍ଟ ଭାବରେ ଆଧୁନିକ ବିଜ୍ଞାନ ସହିତ ବେଦାନ୍ତର ସେହି ତତ୍ତ୍ୱଗୁଡ଼ିକର ସମ୍ପୂର୍ଣ୍ଣ ଐକ୍ୟ ଦେଖୁଛି; ଏମାନଙ୍କ ଭିତରୁ ଗୋଟିଏ ପରିଷ୍କାର ହୋଇଗଲେ ହିଁ ସଙ୍ଗେ ସଙ୍ଗେ ଅନ୍ୟଟି ମଧ୍ୟ ପରିଷ୍କାର ହୋଇଯିବ । ମୁଁ ପରେ ପ୍ରଶ୍ନୋତ୍ତର ଆକାରରେ ଏହି ବିଷୟରେ ଖଣ୍ଡିଏ ବହି ଲେଖିବି, ଭାବୁଛି । ତାହାର ପ୍ରଥମ ଅଧ୍ୟାୟରେ ଥିବ ସୃଷ୍ଟିତତ୍ତ୍ୱ—ସେଥିରେ ବେଦାନ୍ତ ମତ ସହିତ ଆଧୁନିକ ବିଜ୍ଞାନର ସାମଞ୍ଜସ୍ୟ ପ୍ରଦର୍ଶନ କରିବାକୁ ହେବ ।

ବ୍ରହ୍ମ = ନିରପେକ୍ଷ ପୂର୍ଣ୍ଣସତ୍ତା

ମହତ୍ ବା ଈଶ୍ୱର = ଆଦ୍ୟା ସୃଷ୍ଟିଶକ୍ତି

ପ୍ରାଣ ଓ ଆକାଶ = ଶକ୍ତି ଓ ଜଡ଼

ପରଲୋକ-ତତ୍ତ୍ୱ କେବଳ ଅଦ୍ୱୈତବାଦ ଦିଗରୁ ଦର୍ଶାଯିବ । ଅର୍ଥାତ୍ ଦ୍ୱୈତବାଦ କହନ୍ତି—ମୃତ୍ୟୁ ପରେ ଆତ୍ମା ପ୍ରଥମେ ଆଦିତ୍ୟଲୋକ, ପରେ ଚନ୍ଦ୍ରଲୋକ ଓ ସେଠାରୁ ବିଦ୍ୟୁ‌ଲ୍ଲୋକକୁ ଯାନ୍ତି; ସେଠାରୁ ଜଣେ ପୁରୁଷ ଆସି ତାଙ୍କୁ ବ୍ରହ୍ମଲୋକକୁ ନେଇଯାନ୍ତି । ଅଦ୍ୱୈତବାଦୀ କହନ୍ତି, ତା'ପରେ ସେ ନିର୍ବାଣପ୍ରାପ୍ତ ହୁଅନ୍ତି ।

କିନ୍ତୁ ଅଦ୍ୱୈତବାଦୀଙ୍କ ମତରେ ଆତ୍ମାର ଯିବା ଆସିବା ନାହିଁ, ଆଉ ଏହିସବୁ ଯେ ବିଭିନ୍ନ ଲୋକ ବା ଜଗତର ସ୍ତରସମୂହ—ଏଗୁଡ଼ିକ ଆକାଶ ଓ ପ୍ରାଣର ନାନାବିଧ ମିଶ୍ରଣରେ ଉତ୍ପନ୍ନ ମାତ୍ର । ଅର୍ଥାତ୍ ସର୍ବନିମ୍ନ ବା ଅତି ସ୍ଥୂଳ ସ୍ତର ହେଉଛି ଆଦିତ୍ୟଲୋକ ବା ଏହି ପରିଦୃଶ୍ୟମାନ ଜଗତ୍—ଏଠାରେ ପ୍ରାଣ ଜଡ଼-ଶକ୍ତି ରୂପରେ ଓ ଆକାଶ ସ୍ଥୂଳଭୂତ ରୂପରେ ପ୍ରକାଶ ପାଉଛି । ଏହାପରେ ହେଉଛି ଚନ୍ଦ୍ରଲୋକ—ଏହା ଆଦିତ୍ୟଲୋକକୁ ଘେରି ରହିଛି । ଏହା ଆଦୌ ଆମର ଏ ଚନ୍ଦ୍ର ନୁହେଁ, ଏହା ଦେବଗଣଙ୍କ ଆବାସ-ଭୂମି—ଅର୍ଥାତ୍ ଏଠାରେ ପ୍ରାଣ ମନଃଶକ୍ତିରୂପେ ଏବଂ ଆକାଶ ତନ୍ମାତ୍ର ବା ସୂକ୍ଷ୍ମଭୂତ ରୂପେ ପ୍ରକାଶ ପାଉଛି । ଏହା ଉପରେ ପୁଣି ବିଦ୍ୟୁ‌ଲ୍ଲୋକ—ଅର୍ଥାତ୍ ଏପରି ଏକ ଅବସ୍ଥା, ଯେଉଁଠାରେ ପ୍ରାଣ ଆକାଶ ସଙ୍ଗରେ ପ୍ରାୟ ଅଭିନ୍ନ କହିଲେ ଚଳେ, ଆଉ ସେତେବେଳେ କହିବା କଠିନ ଯେ, ବିଦ୍ୟୁତ୍ ଜିନିଷଟି ଜଡ଼ବିଶେଷ ବା ଶକ୍ତିବିଶେଷ । ତା'ପରେ ବ୍ରହ୍ମଲୋକ—ସେଠାରେ ପ୍ରାଣ ବି ନାହିଁ କି ଆକାଶ ବି ନାହିଁ; ସେଠାରେ ଏହି ଉଭୟ ହିଁ ମୂଳ ମନ ବା ଆଦ୍ୟାଶକ୍ତିରେ ସମ୍ମିଳିତ ହୋଇଛି । ଆଉ ଏଠାରେ ପ୍ରାଣ ବା ଆକାଶ ନ ଥିବାରୁ (ବ୍ୟଷ୍ଟି) ଜୀବ ସମସ୍ତ ବିଶ୍ୱକୁ ସମଷ୍ଟିରୂପେ ଅଥବା ମହତ୍ତ୍ୱର ବା ବୁଦ୍ଧିର ସଂହତିରୂପେ କଳ୍ପନା କରିଥାଏ । ଏହାଙ୍କୁ ହିଁ ପୁରୁଷ ବୋଲି ମନେହୁଏ—ଏ ହେଉଛନ୍ତି ସମଷ୍ଟି-ଆତ୍ମାସ୍ୱରୂପ, କିନ୍ତୁ ଏ ମଧ୍ୟ ସେହି ସର୍ବାତୀତ ନିରପେକ୍ଷ

ସତ୍ତ୍ୱ ନୁହନ୍ତି—କାରଣ ଏଠାରେ ମଧ୍ୟ ବହୁତ୍ୱ ରହିଛି । ଏହିଠାରୁ ହିଁ ଜୀବ ଶେଷରେ ତା'ର ଚରମ ଲକ୍ଷ୍ୟସ୍ୱରୂପ ଏକତ୍ୱକୁ ଅନୁଭବ କରେ । ଅଦ୍ୱୈତ ମତରେ ଜୀବର ଯିବା-ଆସିବା ନାହିଁ —ଏହି ଦୃଶ୍ୟଗୁଡ଼ିକ କ୍ରମାନ୍ୱୟରେ ଜୀବର ସମ୍ମୁଖରେ ଆବିର୍ଭୂତ ହୁଏ ହୁଉଥାଏ; ଆଉ ଏହି ଯେ ବର୍ତ୍ତମାନ ଦୃଶ୍ୟ ଜଗତ୍ ଦେଖାଯାଉଛି, ତାହା ମଧ୍ୟ ଏହି ରୂପେ ହିଁ ସୃଷ୍ଟ ହୋଇଛି । ସୃଷ୍ଟି ଓ ପ୍ରଳୟ ଅବଶ୍ୟ ଏହି କ୍ରମରେ ହିଁ ହୋଇଥାଏ—ତେବେ ପ୍ରଳୟର ଅର୍ଥ ପୂର୍ବାବସ୍ଥାକୁ ଫେରିଯିବା ଏବଂ ସୃଷ୍ଟିର ଅର୍ଥ ବାହାରକୁ ନିକ୍ଷିପ୍ତ ହୋଇ ଆସିବା ।

ପୁନଶ୍ଚ ଯେତେବେଳେ ପ୍ରତ୍ୟେକ ଜୀବ କେବଳ ନିଜ ନିଜର ଜଗତ୍-ମାତ୍ର ଦେଖିପାରେ, ସେତେବେଳେ ସେହି ଜଗତ୍ ତାହାର ବନ୍ଧନ ଅବସ୍ଥାର ସଙ୍ଗେ ସଙ୍ଗେ ସୃଷ୍ଟ ହୁଏ, ଏବଂ ତା'ର ମୁକ୍ତ ହେବା ସଙ୍ଗେ ସଙ୍ଗେ ଚାଲିଯାଏ—ଯଦିଓ ଅନ୍ୟାନ୍ୟ ବଦ୍ଧ ଜୀବଙ୍କ ପକ୍ଷରେ ସେହି ଜଗତ୍ ରହିଯାଏ । ନାମ-ରୂପ ହେଉଛି ଜଗତର ଉପାଦାନ । ସମୁଦ୍ରର ଗୋଟିଏ ତରଙ୍ଗକୁ ସେତେବେଳଯାଏ ତରଙ୍ଗ କୁହାଯାଏ, ଯେତେବେଳ ଯାଏ ତାହା ନାମ-ରୂପଦ୍ୱାରା ସୀମାବଦ୍ଧ । ତରଙ୍ଗର ବିଦମ ହେଲେ ତାହା ସମୁଦ୍ର ହୋଇଯାଏ, ଆଉ ସେହି ନାମ ଓ ରୂପ ସେହିଠାରୁ ଚିରକାଳ ଲାଗି ଅନ୍ତର୍ହିତ ହୁଏ । ସୁତରାଂ ଯେଉଁ ଜଳ ନାମ-ରୂପ ଦ୍ୱାରା ତରଙ୍ଗାକାରରେ ପରିଣତ ହୋଇଥିଲା, ସେହି ଜଳ ବ୍ୟତୀତ ତରଙ୍ଗର ନାମ-ରୂପର କୌଣସି ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ, ଅଥଚ ନାମ-ରୂପକୁ ମଧ୍ୟ ତରଙ୍ଗ ବୋଲି କହିବା ଚଳିବ ନାହିଁ । ତରଙ୍ଗ ଜଳରେ ପରିଣତ ହେବାମାତ୍ରେ ନାମ-ରୂପ ଧ୍ୱଂସ ପାଇଯାଏ । ତେବେ ଅନ୍ୟାନ୍ୟ ତରଙ୍ଗଗୁଡ଼ିକର ଅନ୍ୟାନ୍ୟ ନାମ-ରୂପ ଅବଶ୍ୟ ଥାଏ । ଏହି ନାମ-ରୂପକୁ ହିଁ କୁହାଯାଏ ମାୟା, ଆଉ ଜଳ ହିଁ ବ୍ରହ୍ମ । ତରଙ୍ଗ ଜଳ ବ୍ୟତୀତ ଆଉ କିଛି ନୁହେଁ, ଅଥଚ ତରଙ୍ଗରୂପରେ ହିଁ ତାହାର ନାମ-ରୂପ । ପୁଣି ଏହି ନାମ-ରୂପ ଏକ ମୁହୂର୍ତ୍ତ ପାଇଁ ମଧ୍ୟ ତରଙ୍ଗଠାରୁ ପୃଥକ୍ ଭାବରେ ରହିପାରେ ନାହିଁ, ଯଦିଓ ଜଳରୂପରେ ସେହି ତରଙ୍ଗଟି ଚିରକାଳ ହିଁ ନାମ-ରୂପଠାରୁ ପୃଥକ୍ ଥାଇପାରେ । କିନ୍ତୁ ଯେହେତୁ ତରଙ୍ଗରୁ ନାମ-ରୂପକୁ କେବେହେଲେ ପୃଥକ୍ କରାଯାଇ ନ ପାରେ, ସେହିହେତୁରୁ ସେମାନେ ଯେ 'ଅଛନ୍ତି' ତାହା କୁହାଯାଇପାରେ ନାହିଁ । କିନ୍ତୁ ସେମାନେ ଯେ ସମ୍ପୂର୍ଣ୍ଣ ଶୂନ୍ୟ ତାହା ମଧ୍ୟ ନୁହେଁ—ଏହାକୁ ହିଁ କହନ୍ତି ମାୟା ।

ମୁଁ ଏହି ସମସ୍ତ ଭାବକୁ ସାବଧାନରେ ରୂପ ଦେବାକୁ ଚାହେଁ; ତେବେ ଯାହା କହିଲି ସେଥିରୁ ନିଶ୍ଚୟ ଅତି ସହଜରେ ବୁଝିନେବ, ମୁଁ ଠିକ୍ ପଥ ଧରିଛି । ମନ, ଚିତ୍ତ, ବୁଦ୍ଧି ଇତ୍ୟାଦିର ତତ୍ତ୍ୱ ଆହୁରି ଭଲ କରି ଦେଖାଇବାକୁ ଗଲେ ଶାରୀର-ବିଜ୍ଞାନ-ଶାସ୍ତ୍ର ଆହୁରି ଭଲକରି ଆଲୋଚନା କରିବାକୁ ହେବ । ଉଚ୍ଚତର ଓ ନିମ୍ନତର କେନ୍ଦ୍ରଗୁଡ଼ିକ ସମ୍ବନ୍ଧରେ ଆଲୋଚନା କରିବାକୁ ହେବ । ତେବେ ମୁଁ ବର୍ତ୍ତମାନ ଏ ବିଷୟରେ ଏଭଳି ସ୍ପଷ୍ଟ ଆଲୋକ ଦେଖିପାରୁଛି, ଯାହା ସମସ୍ତ ଇନ୍ଦ୍ରଜାଲରୁ ମୁକ୍ତ । ମୁଁ ଶୁଷ୍କ ସୁକଠିନ ଯୁକ୍ତିକୁ ପ୍ରେମର ମଧୁରତମ ରସରେ କୋମଳ କରି, ତୀବ୍ର କର୍ମର ମସଲାରେ ସୁସ୍ୱାଦୁ କରି ଏବଂ ଯୋଗର ରୋଷେଇଘରେ ରାନ୍ଧି ପରିବେଷଣ କରିବାକୁ ଚାହେଁ, ଯଦ୍ଦ୍ୱାରା ଶିଶୁମାନେ ମଧ୍ୟ ତାହା ହଜମ କରିପାରିବେ ।

ମୋର ଆଶୀର୍ବାଦ ଓ ପ୍ରୀତି ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

**୨୭୮**ଇଂ

୧୭ ଫେବ୍ରୁଆରି ୧୮୯୬

ପ୍ରିୟ ଆଲସିଙ୍ଗା,

ଏହି ମାତ୍ର ତୁମର ପତ୍ର ପାଇ ଏବଂ ତୁମେମାନେ ସମସ୍ତେ ସଂକଳ୍ପରେ ଦୃଢ଼ବ୍ରତ ଅଛ ଜାଣି ଖୁବ୍ ଖୁସି ହେଲି । ମୋର ଚିଠିଗୁଡ଼ିକରେ ମୁଁ ଖୁବ୍ କଡ଼ା କଥା ବ୍ୟବହାର କରିଛି; ସେଥିପାଇଁ ତୁମେ କିଛି ମନେକରିବ ନାହିଁ; କାରଣ ତୁମେ ତ ଭଲକରି ଜାଣ ଯେ, ମଝେ ମଝେ ମୋର ମିଜାଜ୍ ଖରାପ ହୋଇଯାଏ । କାମଟି ଅତ୍ୟନ୍ତ କଠିନ, ଆଉ ଯେତେ ତାହା ବଢ଼ୁଛି, ସେତେ କଠିନତର ହୋଇ ଉଠୁଛି । ମୋର ଦୀର୍ଘକାଳ ବିଶ୍ରାମର ଖୁବ୍ ପ୍ରୟୋଜନ ହୋଇଉଠିଛି । ଅଥଚ ବର୍ତ୍ତମାନ ମୋ ସମ୍ମୁଖରେ ଇଂଲଣ୍ଡରେ ବିସ୍ତୃତ କାମ ପଡ଼ିରହିଛି । ତୁମକୁ ଅତ୍ୟନ୍ତ ପରିଶ୍ରମ କରିବାକୁ ହେଉଛି ଜାଣି ମୁଁ ଅତ୍ୟନ୍ତ ଦୁଃଖିତ ହେଲି ।

ଧୈର୍ଯ୍ୟ ଧରି ଥାଅ ବତ୍ସ ! କାମ ଏତେ ବଢ଼ିବ ଯେ, ତୁମେ ଚିନ୍ତା କରିପାରିବ ନାହିଁ । ଆମେ ଆଶା କରୁଛୁ, ଏଠାରେ ଅତିଶୀଘ୍ର କିଛି ସହସ୍ର ଗ୍ରାହକ ସଂଗ୍ରହ କରିପାରିବୁ, ଆଉ ମୁଁ ଇଂଲଣ୍ଡ ଗଲେ ସେଠାରେ ମଧ୍ୟ ଅନେକ ପାଇବି । ଷ୍ଟର୍ଡି 'ବ୍ରହ୍ମବାଦିନ୍' ପାଇଁ ତୋଡ଼ ଦେଖାଉଛି । ସବୁ ସୁନ୍ଦର, ଖୁବ୍ ସୁନ୍ଦର ଚାଲିଛି । ତୁମେ ପତ୍ରିକା ଖଣ୍ଡିକୁ ଗୋଟିଏ କମିଟି ହାତରେ ଦେବାକୁ ଯେ ସଂକଳ୍ପ କରିଛ, ମୁଁ ତାହା ମୋଟେ ଅନୁମୋଦନ କରୁନାହିଁ । ସେପରି କିଛି କର ନାହିଁ । ପତ୍ରିକାର ସମସ୍ତ ପରିଚାଳନା ନିଜ ହାତରେ ରଖ ଏବଂ ତୁମେ ହିଁ ସ୍ୱତ୍ୱାଧିକାରୀ ରହ । ପରେ କଅଣ କରାଯିବ, ଦେଖାଯିବ । ତୁମେ ଭୟ କର ନାହିଁ । ମୁଁ ତୁମକୁ କଥା ଦେଉଛି—ଯେମିତି ହେଉ, ମୁଁ ବ୍ୟୟ ନିର୍ବାହ କରିବି । କମିଟି କରିବା ମାନେ —ନାନାରୁଚିର ଲୋକ ଆସିବେ ସେମାନଙ୍କର ବିଭିନ୍ନ ଖିଆଲ ପ୍ରଚାର କରିବା ପାଇଁ, ଅଉ ଶେଷରେ ସବୁ ପଣ୍ଡ କରିଦେବେ । ତୁମର ଉକ୍ତ ଇଂରାଜୀ ପତ୍ରିକା ଖଣ୍ଡିକ ସୁନ୍ଦର ଭାବରେ ସମ୍ପାଦନା କରୁଛନ୍ତି, ସେ ଯୁବକ ପଣ୍ଡିତ ଓ ଅଦମ୍ୟ କର୍ମୀ । ତାଙ୍କୁ ମୋର ଅଶେଷ ଶ୍ରଦ୍ଧା ଜଣାଇବ ଏବଂ ଆଉସବୁ ବନ୍ଧୁମାନଙ୍କୁ ମଧ୍ୟ ଜଣାଇବ । ସବୁ କାର୍ଯ୍ୟରେ କୃତକାର୍ଯ୍ୟ ହେବା ପୂର୍ବରୁ ଶତ ଶତ ବାଧାବିଘ୍ନ ମଧ୍ୟ ଦେଇ ଅଗ୍ରସର ହେବାକୁ ହୁଏ । ଯେଉଁମାନେ ଲାଗି ରହିବେ, ସେମାନେ ଶୀଘ୍ର ହେଉ ବା ବିଳମ୍ବରେ ହେଉ ଆଲୋକ ଦେଖିବାକୁ ପାଇବେ ।

ଏହି ଯେଉଁ ଚିଠି ମୁଁ ତୁମକୁ ଲେଖିଛି, ଏହାରି ସଙ୍ଗେ ସଙ୍ଗେ ଗତ ରବିବାରର ବକ୍ତୃତା ଫଳରେ ମୋର ସବୁଯାକ ହାଡ଼ରେ କଷ୍ଟ ହେଉଛି । ମୁଁ ଏତେଦିନ ପରେ ମାର୍କିନ ସଭ୍ୟତାର କେନ୍ଦ୍ରସ୍ୱରୂପ ନ୍ୟୁୟର୍କକୁ ଉଦ୍‌ବୁଦ୍ଧ କରିବାକୁ ସମର୍ଥ ହୋଇଛି; କିନ୍ତୁ ଏଥିପାଇଁ ମୋତେ ଭୟଙ୍କର ସଂଗ୍ରାମ କରିବାକୁ ପଡ଼ିଛି । ଗତ ଦୁଇ ବର୍ଷରେ ଗୋଟିଏ ପଇସା ମଧ୍ୟ ଆସି ନାହିଁ । ହାତରେ ଯାହା କିଛି ଥିଲା ତାହା ପ୍ରାୟ ସମସ୍ତ ଏହି ନ୍ୟୁୟର୍କ ଓ ଇଂଲଣ୍ଡର କାମରେ ବ୍ୟୟ କରିଛି । ବର୍ତ୍ତମାନ ଏପରି ଅବସ୍ଥା ହୋଇଛି ଯେ, କାମ ଚାଲିଯିବ ।

ତା'ପରେ ଭାବିଲି ଦେଖି—ହିନ୍ଦୁ ଭାବଗୁଡ଼ିକୁ ଇଂରାଜୀ ଭାଷାରେ ଅନୁବାଦ କରିବା, ଆଉ ଶୁଷ୍କ ଦର୍ଶନ, ଜଟିଳ ପୁରାଣ ଓ ଅଦ୍ଭୁତ ମନୋବିଜ୍ଞାନ ମଧ୍ୟରୁ ଏପରି ଧର୍ମ ବାହାର କରିବା ଯାହା ଗୋଟିଏ ପକ୍ଷରେ ସହଜ, ସରଳ ଓ ସାଧାରଣଙ୍କର ହୃଦୟଗ୍ରାହୀ ହେବ, ପୁଣି ଅନ୍ୟ ପକ୍ଷରେ ବଡ଼ ବଡ଼ ମନୀଷୀମାନଙ୍କ ଉପଯୋଗୀ ହେବ—ଏଥିପାଇଁ ଯେଉଁମାନେ ଚେଷ୍ଟା କରିଛନ୍ତି ସେହିମାନେ ହିଁ କରିପାରିବେ, ଏହା କେଡ଼େ କଷ୍ଟସାଧ୍ୟ । ସୂକ୍ଷ୍ମ ଅଦ୍ୱୈତତତ୍ତ୍ୱକୁ ପ୍ରାତ୍ୟହିକ ଜୀବନର ଉପଯୋଗୀ, ଜୀବନ୍ତ ଓ କବିତ୍ୱମୟ କରିବାକୁ ହେବ; ଅସମ୍ଭବ ପ୍ରକାରର ଜଟିଳ ପୌରାଣିକ ତତ୍ତ୍ୱଗୁଡ଼ିକ ମଧ୍ୟରୁ ଜୀବନ୍ତ ପ୍ରକୃତ ଚରିତ୍ରର ଦୃଷ୍ଟାନ୍ତ ସକଳ ବାହାର କରିବାକୁ ହେବ; ଆଉ ବୁଦ୍ଧିବିଭ୍ରମକାରୀ ଯୋଗଶାସ୍ତ୍ର ମଧ୍ୟରୁ ବୈଜ୍ଞାନିକ ଓ କାର୍ଯ୍ୟରେ ପରିଣତ କରିବା ଉପଯୋଗୀ ମନସ୍ତତ୍ତ୍ୱ ବାହାର କରିବାକୁ ହେବ—ପୁଣି ଏଗୁଡ଼ିକୁ ଏପରି ଭାବରେ ପ୍ରକାଶ କରିବାକୁ ହେବ ଯେ, ଗୋଟିଏ ଶିଶୁ ମଧ୍ୟ ତାହା ବୁଝିପାରିବ । ଏହା ହିଁ ମୋର ଜୀବନବ୍ରତ । ପ୍ରଭୁ ହିଁ କେବଳ ଜାଣନ୍ତି, ମୁଁ କେତେଦୂର କୃତକାର୍ଯ୍ୟ ହେବି । କର୍ମରେ ଆମର ଅଧିକାର, ଫଳରେ ନୁହେଁ । ଅତ୍ୟନ୍ତ କଠିନ କାର୍ଯ୍ୟ, ବତ୍ସ, ଅତି କଠିନ । ଯେତେଦିନ ପର୍ଯ୍ୟନ୍ତ ଅପରୋକ୍ଷାନୁଭୂତି ଓ ପୂର୍ଣ୍ଣ ତ୍ୟାଗଭାବ ଧାରଣା କରିବାର ଉପଯୁକ୍ତ ଦଳେ ଶିଷ୍ୟ ତିଆରି ନ ହୋଇଛନ୍ତି, ସେତେଦିନ ଏହି କାମକାଞ୍ଚନର ଘୂର୍ଣ୍ଣିବାତ୍ୟା ମଧ୍ୟରେ ଆପଣାକୁ ସ୍ଥିର ରଖି ନିଜ ଆଦର୍ଶକୁ ଧରି ରହିବା ବାସ୍ତବିକ ଅତ୍ୟନ୍ତ କଠିନ । ଈଶ୍ୱରଙ୍କୁ ଧନ୍ୟବାଦ, ଏହାରି ଭିତରେ ଅନେକ ପରିମାଣରେ କୃତକାର୍ଯ୍ୟ ହୋଇଛି । ମୋତେ ବୁଝିପାରୁ ନ ଥିବାରୁ ମୁଁ ମିଶନାରିମାନଙ୍କୁ ବା ଥିଓସଫିଷ୍ଟମାନଙ୍କୁ ଆଉ ଦୋଷ ଦେଉ ନାହିଁ; ସେମାନେ ଏହାଛଡ଼ା ଆଉ କଅଣ କରିପାରିଥାନ୍ତେ ? ସେମାନେ ତ ଜୀବନରେ ପୂର୍ବେ କେବେହେଲେ ଏପରି ଲୋକ ଦେଖି ନାହାନ୍ତି, ଯିଏ କାମିନୀ-କାଞ୍ଚନର ମୋଟେ ଧାରି ଧାରେ ନାହିଁ । ପ୍ରଥମେ ଯେତେବେଳେ ସେମାନେ ଦେଖିଲେ, ସେମାନେ ବିଶ୍ୱାସ କରିପାରିଲେ ନାହିଁ—ପାରିବେ ବା କିପରି ? ତୁମେ ଯଦି କେବେହେଲେ ଭାବିଥାଅ ଯେ, ବ୍ରହ୍ମଚର୍ଯ୍ୟ ଓ ପବିତ୍ରତା ସମ୍ବନ୍ଧରେ ପାଶ୍ଚାତ୍ୟବାସୀମାନଙ୍କର ଧାରଣା ଭାରତୀୟମାନଙ୍କର ଅନୁରୂପ, ତେବେ ତୁମେ ଏକାନ୍ତ ଭ୍ରାନ୍ତ । ତାଙ୍କର ଅନୁରୂପ ଶବ୍ଦ ହେଉଛି ବୀର୍ଯ୍ୟ ଓ ସାହସ (virtue and courage) । ସେମାନଙ୍କର ସାଧୁତା ସେତିକି ଦୂର । ସେମାନଙ୍କର ମତରେ ବିବାହ ଆଦି ସ୍ୱାଭାବିକ ଧର୍ମ—ଏହା ନ ଥିଲେ ମନୁଷ୍ୟ ଅସାଧୁ; ଅଉ ଯେଉଁ ବ୍ୟକ୍ତି ସମ୍ଭ୍ରାନ୍ତ ମହିଳାମାନଙ୍କୁ ସମ୍ମାନ ନ କରେ ସେ ତ ଅସତ୍ ।··· ବର୍ତ୍ତମାନ ଦଳଦଳ ହୋଇ ଲୋକେ ମୋ ନିକଟକୁ ଆସୁଛନ୍ତି । ବର୍ତ୍ତମାନ ଶହଶହ ଲୋକ ବୁଝିଛନ୍ତି ଯେ, ଏପରି ଲୋକ ଅଛନ୍ତି, ଯେଉଁମାନେ ନିଜର କାମପ୍ରବୃତ୍ତିକୁ ସତକୁ ସତ ସଂଯତ କରିପାରନ୍ତି; ଆଉ ସାଧୁତା ଓ ସଂଯମ ପ୍ରତି ତାଙ୍କର ଭକ୍ତିଶ୍ରଦ୍ଧା ମଧ୍ୟ ବଢ଼ୁଛି । ଯେଉଁମାନେ ଧୈର୍ଯ୍ୟ ଧରି ରହନ୍ତି, ତାଙ୍କ ନିକଟରେ ସବୁ ଆସି ପହଞ୍ଚେ । ତୁମେ ମୋର ଅସରନ୍ତି ଆଶୀର୍ବାଦ ଜାଣିବ । ଇତି

ତୁମର, ବିବେକାନନ୍ଦ

୨୬୯ଇଂ (ମିଷ୍ଟର୍ ଷ୍ଟର୍ଡିଙ୍କୁ ଲିଖିତ)

228, W. 39 St., N. Y., ୨୯ ଫେବୃଆରି ୧୮୯୬

ସ୍ନେହାଶୀର୍ବାଦଭାଜନେଷୁ,

ସମ୍ଭବ ହେଲେ ମେ ମାସ ପୂର୍ବରୁ ମୁଁ ଯିବି । ଏଥିପାଇଁ ତୁମେ ଉଦ୍‌ବିଗ୍ନ ହେବ ନାହିଁ । ପୁସ୍ତିକାଟି ସୁନ୍ଦର ହୋଇଛି । ଖବରକାଗଜର ଅଂଶଗୁଡ଼ିକ ପାଇଲେ ପଠାଇଦେବି ।

ପୁସ୍ତକ ପୁସ୍ତିକାଗୁଡ଼ିକ ଏଠାରେ ଏହି ଭାବରେ ହିଁ ପ୍ରକାଶିତ ହେଉଛି । ନିଉୟର୍କରେ ଗୋଟିଏ ସମିତି ଗଢ଼ା ହୋଇଛି । ସେମାନେ ସାଙ୍କେତିକ ଲେଖାର ଓ ତାହାକୁ ଛାପିବାର ଯାବତୀୟ ଖର୍ଚ୍ଚ ଦେଉଛନ୍ତି ଏହି ସର୍ତ୍ତରେ ଯେ, ବହିଗୁଡ଼ିକର ସ୍ୱତ୍ୱାଧିକାର ସେମାନଙ୍କର ରହିବ । ସୁତରାଂ ଏହି ପୁସ୍ତକ ଓ ପୁସ୍ତିକାଗୁଡ଼ିକ ସେମାନଙ୍କର । 'କର୍ମଯୋଗ' ବହିଟି ଇତି-ମଧ୍ୟରେ ପ୍ରକାଶିତ ହୋଇଛି । ତାହାଠାରୁ ଆକାରରେ ଅନେକ ବଡ଼ 'ରାଜଯୋଗ' ଛପା ଚାଲିଛି; 'ଜ୍ଞାନଯୋଗ' ପରେ ପ୍ରକାଶିତ ହୋଇପାରେ । କଥିତ ଭାଷାରେ ଲେଖା ହୋଇଥିବା ଯୋଗୁଁ ବହିଗୁଡ଼ିକ ଜନପ୍ରିୟ ହୋଇପାରିବ, ତୁମେ ପୂର୍ବରୁ ତାହା ଲକ୍ଷ୍ୟ କରିଛ । ଯାହା କିଛି ଆପତ୍ତିଜନକ ଥିଲା ସବୁ ବାଦ୍ ଦେଇଛି ! ଏବଂ ଏମାନେ ବହିଗୁଡ଼ିକୁ ବାହାର କରିବାକୁ ସାହାଯ୍ୟ କରିଛନ୍ତି । ବହିଗୁଡ଼ିକ ସମିତିର ସମ୍ପଦ; ମିସେସ୍ ଓଲିବୁଲ୍ ଏହାର ପ୍ରଧାନ ପୃଷ୍ଠପୋଷକ, ମିସେସ୍ ଲେଗେଟ୍ ମଧ୍ୟ ଅଛନ୍ତି ।

ବର୍ତ୍ତମାନ ବହିଗୁଡ଼ିକ ଯେ ସେମାନଙ୍କର ହେବ ଏହା ନ୍ୟାୟସଙ୍ଗତ । ସେମାନେ ପ୍ରକାଶକ ହୋଇଥିବା ଯୋଗୁଁ ଅନ୍ୟ ପ୍ରକାଶକଙ୍କ ହସ୍ତକ୍ଷେପର କୌଣସି ଭୟ ନାହିଁ । ଯଦି ଭାରତରୁ ବହି ଆସେ, ତେବେ ସେଗୁଡ଼ିକ ରଖିଦେବ ।

ସାଙ୍କେତିକ ଲେଖକ 'ଗୁଡ଼ୱିନ୍' ଜଣେ ଇଂରେଜ । ସେ ମୋ କାମରେ ଏତେ ଆଗ୍ରହାନ୍ୱିତ ହୋଇପଡ଼ିଛନ୍ତି ଯେ, ମୁଁ ତାଙ୍କୁ ବ୍ରହ୍ମଚାରୀ କରିଦେଇଛି । ସେ ମୋ ସାଙ୍ଗରେ ବୁଲୁଛନ୍ତି । ସେ ସବୁଦିନ ପାଇଁ ମୋର ବହି କାମରେ ଲାଗିବେ ।

ଆଶୀର୍ବାଦ ସହ ତୁମମାନଙ୍କର, ବିବେକାନନ୍ଦ

୨୭୦ଇଂ (ଗିରଧାରୀ ଦାସ ମଙ୍ଗଲ ଦାସ ବିହାରୀ ଦାସ ଦେଶାଇଙ୍କୁ ଲିଖିତ)

୨୨୮, ୱେଷ୍ଟ ୩୯ ଷ୍ଟ୍ରିଟ୍, ନ୍ୟୁୟର୍କ, ୨ ମାର୍ଚ୍ଚ ୧୮୯୬

ପ୍ରିୟ ବନ୍ଧୁ,

ଆପଣଙ୍କର ସୁନ୍ଦର ପତ୍ରଟିର ଉତ୍ତର ଦେବାରେ ଡେରି ହେବା ଲାଗି କ୍ଷମା ଦେବେ ।

ଆପଣଙ୍କ ପିତୃବ୍ୟ ମହାତ୍ମା ଥିଲେ । ତାଙ୍କର ସମଗ୍ର ଜୀବନ ଥିଲା ଦେଶର କଲ୍ୟାଣ ଲାଗି ଉତ୍ସର୍ଗୀକୃତ । ଆଶାକରେ ଆପଣମାନେ ତାଙ୍କର ପଦାଙ୍କ ଅନୁସରଣ କରିବେ ।

ଏହି ଶୀତ ଋତୁରେ ଭାରତକୁ ଫେରୁଛି । ହରିଦାସ ଭାଇଙ୍କୁ ଆଉ ଦେଖିବାକୁ ପାଇବି ନାହିଁ, ଏହା ଭାବି ଯେଉଁ ଦୁଃଖ ହେଉଛି ତାହା ପ୍ରକାଶ କରିବାକୁ ମୁଁ ଅପାରଗ ।

ସେ ଜଣେ ଦୃଢ଼ନିଷ୍ଠ ଉନ୍ନତଚରିତ୍ର ବନ୍ଧୁ ଥିଲେ । ତାଙ୍କ ବିୟୋଗରେ ଭାରତର ଗୁରୁତର କ୍ଷତି ହେଲା ।

ଶୀଘ୍ର ଲଣ୍ଡନ ଯାଉଛି । ଗ୍ରୀଷ୍ମକାଳଟା ସେଠି ରହିବା ପାଇଁ ଇଚ୍ଛା । ତା' ପରେ ଶୀତ ଋତୁରେ ଭାରତକୁ ଯିବି । ଆପଣଙ୍କ ପିତୃବ୍ୟ ଓ ବନ୍ଧୁମାନଙ୍କୁ ମୋ କଥା ଜଣାଇବେ ।

ଆପଣଙ୍କ ପରିବାରବର୍ଗଙ୍କ ଚିରଶୁଭାନୁଧ୍ୟାୟୀ, ବିବେକାନନ୍ଦ

ପୁଃ—ମୋର ଇଂଲଣ୍ଡର ଠିକଣା କେୟାର୍ ଅଫ୍ ଇ. ଟି. ଷ୍ଟର୍ଡି, ଏସ୍କୋୟାର୍, ହାଇ ଭିଉ, କ୍ୟାଭର୍‌ଶାମ, ରିଡ଼ିଂ, ଇଂଲଣ୍ଡ ।

୨୭୧ (ସ୍ୱାମୀ ତ୍ରିଗୁଣାତୀତାନନ୍ଦଙ୍କୁ ଲିଖିତ)

ବୋଷ୍ଟନ୍, ୧ମ ସପ୍ତାହ ମାର୍ଚ୍ଚ ୮୯୬

ପ୍ରିୟ ସାରଦା,

ତୁମ ପତ୍ରରୁ ସବିଶେଷ ଅବଗତ ହେଲି । ମହୋତ୍ସବ ଉପଲକ୍ଷେ ମୁଁ ଏକ cable (ତାର) ପଠାଇଥିଲି, ତହିଁର କୌଣସି ସମ୍ବାଦ ଲେଖି ନାହିଁ ଦେଖୁଛି । କେତେମାସ ପୂର୍ବେ ଶଶୀ ଯେଉଁ ସଂସ୍କୃତ ଅଭିଧାନ ପଠାଇଥିଲା, ତାହା ତ ଏବେ ସୁଦ୍ଧା ପହଞ୍ଚି ନାହିଁ !··· ମୁଁ ଶୀଘ୍ର ଇଂଲଣ୍ଡ ଯାଉଛି । ଶରତ୍ର ବର୍ତ୍ତମାନ ଆସିବାର କୌଣସି ଆବଶ୍ୟକତା ନାହିଁ; କାରଣ ମୁଁ ନିଜେ ଇଂଲଣ୍ଡ ଯାଉଛି । ଯେଉଁମାନଙ୍କ ମନ ଠିକଣା କରିବାକୁ ଛଅମାସ ଲାଗେ, ସେମାନଙ୍କୁ ମୁଁ ଦରକାର କରେ ନାହିଁ । ତାକୁ ୟୁରୋପ ବୁଲିବା ଲାଗି ମୁଁ କେବେ ଡାକି ନାହିଁ ଏବଂ ଟଙ୍କା ବି ମୋର ନାହିଁ । ଅତଏବ ତାକୁ ଆସିବାକୁ ମନା କରିବ, କାହାରିକି ଆସିବାକୁ ହେବ ନାହିଁ ।

ତିବ୍ବତ ସମ୍ବନ୍ଧରେ ତୁମର ପତ୍ର ପାଠ କରି ତୁମ ବୁଦ୍ଧି ଉପରେ ହତଶ୍ରଦ୍ଧା ଆସିଲା । ପ୍ରଥମ—ନୋଟୋଭିଚ୍‌ର ବହି ସତ୍ୟ—nonsense (ବାଜେକଥା) ! ତୁମେ କଅଣ original (ମୂଳଗ୍ରନ୍ଥ) ଦେଖିଛ ବା ଭାରତକୁ ଆଣିଛ ? ଦ୍ୱିତୀୟ—Jesus ଏବଂ Samaritan womanର (ଯୀଶୁ ଓ ସାମାରିଆ ଦେଶୀୟ ନାରୀର) ଛବି କୈଲାସର ମଠରେ ଦେଖିଛ—କେମିତି ବୁଝିଲ ଯେ ତାହା ଯୀଶୁଙ୍କ ଛବି, ଡିଷ୍ଣୁଙ୍କର ନୁହେଁ ? ଯଦି ତାହା ହିଁ ହୁଏ, କପରି ବୁଝିଲ ଯେ, କୌଣସି ଖ୍ରୀଷ୍ଟାନ ଲୋକଦ୍ୱାରା ତାହା ଉକ୍ତ ମଠରେ ସ୍ଥାପିତ ହୋଇ ନାହିଁ ? ତିବ୍ବତୀୟମାନଙ୍କ ସମ୍ବନ୍ଧରେ ତୁମର ମତାମତ ମଧ୍ୟ ଅଯଥାର୍ଥ । ତୁମେ heart of Tibet (ତିବ୍ବତର ଭିତରଟା) ତ ଦେଖି ନାହଁ—only a fringe of the trade-route (କେବଳ ବାଣିଜ୍ୟ-ପଥର ଟିକିଏ ମାତ୍ର) ଦେଖିଛ । ସେହିସବୁ ସ୍ଥାନରେ କେବଳ dregs of a nation (ଜାତିର ନିକୃଷ୍ଟ ଅଂଶଟି) ହିଁ ଦେଖିବାକୁ ମିଳେ । କଲିକତାର ଚୀନାବଜାର ଓ ବଡ଼ବଜାର ଦେଖି ଯଦି କେହି ପ୍ରତି ବଙ୍ଗାଳୀକୁ ଚୋର କହନ୍ତି, ତାହା କଅଣ ଯଥାର୍ଥ ?

ଶଶୀ ସହିତ ବିଶେଷ ପରାମର୍ଶ କରି article (ପ୍ରବନ୍ଧ) ପ୍ରଭୃତି ଲେଖିବ··· । ଇତି

ନରେନ୍ଦ୍ର

୨୭୨ଇଂ (ମିଃ ଷ୍ଟର୍ଡିଙ୍କୁ ଲିଖିତ)

ନ୍ୟୁୟର୍କ, ୧୭ ମାର୍ଚ୍ଚ ୧୮୯୬

ପ୍ରେମାସ୍ପଦେଷୁ,

ଏହିକ୍ଷଣି ତୁମର ଶେଷ ଚିଠିଟି ପାଇଲି, ଖୁବ୍ ଭୟ ପାଇଯାଇଛି ।

ବକ୍ତୃତାଗୁଡ଼ିକ କେତେଜଣ ବନ୍ଧୁଙ୍କ ଉଦ୍ୟୋଗରେ ହୋଇଥିଲା; ସେମାନେ ସାଙ୍କେତିକ ଲିପିର୍ ଏବଂ ଅନ୍ୟ କିଛିର ଖରଚ ଦେଇଥିଲେ—ଏହି ସର୍ତ୍ତରେ ଯେ, ଏକମାତ୍ର ସେମାନଙ୍କର ହିଁ ସେଗୁଡ଼ିକ ପ୍ରକାଶ କରିବାର ଅଧିକାର ରହିବ । ସେହି ଅନୁସାରେ ସେମାନେ ଇତିମଧ୍ୟରେ ରବିବାରର ବକ୍ତୃତାଗୁଡ଼ି ଏବଂ ରାଜଯୋଗ, କର୍ମଯୋଗ ଓ ଜ୍ଞାନଯୋଗ-ବିଷୟରେ ତିନୋଟି ବହି ଛପାଇଛନ୍ତି । ବିଶେଷତଃ 'ରାଜଯୋଗ'ର ଅଧିକାଂଶ ପରିବର୍ତ୍ତନ କରିଯାଇଛି ଏବଂ ପତଞ୍ଜଳିଙ୍କ 'ଯୋଗସୂତ୍ର'ର ଅନୁବାଦ ସହ ନୂଆ କରି ଲେଖା ହୋଇଛି । ରାଜଯୋଗ ଲଙ୍ଗମ୍ୟାନଙ୍କ ହାତରେ । ବହିଗୁଡ଼ିକ ଇଂଲଣ୍ଡରେ ଛପାଇବା କଥାରେ ଏଠାକାର ବନ୍ଧୁଗଣ ଖୁବ୍ ରାଗି ଯାଇଛନ୍ତି; ଯେହେତୁ ଆଇନତଃ ମୁଁ ସେଗୁଡ଼ିକ ସେମାନଙ୍କୁ ଦେଇ ଦେଇଛି । ବର୍ତ୍ତମାନ କ'ଣ କରାଯାଇପାରେ—ବୁଝିପାରୁ ନାହିଁ । ପୁସ୍ତିକାଗୁଡ଼ିକର ପ୍ରକାଶ ବିଷୟ ସେତେ ଗୁରୁତର ନୁହେଁ, କିନ୍ତୁ ପୁସ୍ତକଗୁଡ଼ିକର ଏତେ ପୁନର୍ବିନ୍ୟାସ ଓ ପରିବର୍ତ୍ତନ କରିଯାଇଛି ଯେ, ଆମେରିକାନ୍ ସଂସ୍କରଣ ଦେଖି ଇଂରାଜୀ ସଂସ୍କରଣ ଚିହ୍ନି ହେବ ନାହିଁ । ବର୍ତ୍ତମାନ ଅନୁରୋଧ କରୁଛି—ଏହି ବହିଗୁଡ଼ିକ ପ୍ରକାଶ କର ନାହିଁ, ଅନ୍ୟଥା ମୁଁ ଅପ୍ରସ୍ତୁତ ହୋଇଯିବି ଏବଂ ବିଶେଷ କଳହର ସୃଷ୍ଟି ହୋଇ ମୋର ଆମେରିକାର କାମ ପଣ୍ଡ ହୋଇଯିବ ।

ଭାରତର ଶେଷ ଚିଠିରୁ ଜାଣିଛି ଯେ, ଜଣେ ସନ୍ନ୍ୟାସୀ ଭାରତରୁ ବାହାରିଛନ୍ତି । ମୁଁ ମିସ୍ ମୁଲର୍ଙ୍କଠାରୁ ଖଣ୍ଡିଏ ସୁନ୍ଦର ଚିଠି ପାଇଛି, ମିସ୍ ମ୍ୟାକ୍‌ଲାଉଡ୍‌ଙ୍କଠାରୁ ମଧ୍ୟ ଖଣ୍ଡିଏ; ଲେଗେଟ୍ ପରିବାର ମୋ ପ୍ରତି ଖୁବ୍ ଅନୁରକ୍ତ ହୋଇପଡ଼ିଛନ୍ତି ।

ମୁଁ ମିଃ ଗୁଡ୍‌ଉଇନ୍ଙ୍କ ସମ୍ପର୍କରେ କିଛି ଜାଣି ନାହିଁ । ଅନ୍ୟ ସୂତ୍ରରୁ ଶୁଣିବାକୁ ପାଇଲି ଯେ, ତାଙ୍କର ଅର୍ଥକଷ୍ଟ—ଥିଓସଫିଷ୍ଟମାନେ ତାଙ୍କୁ ଟଙ୍କା ଦେଇପାରୁ ନାହାନ୍ତି । ତା' ବ୍ୟତୀତ ଭାରତରୁ ଜଣେ ଅପେକ୍ଷାକୃତ ଶକ୍ତିମାନ୍ ଲୋକ ଆସୁଛନ୍ତି; ତାଙ୍କ ତୁଳନାରେ ସେ ମୋତେ ଯାହା ସାହାଯ୍ୟ କରିପାରିବେ ତାହା ଯତ୍‌ସାମାନ୍ୟ । ତାଙ୍କ ସଙ୍ଗରେ ଏହି ପର୍ଯ୍ୟନ୍ତ । ଆମର ଅଯଥା ବ୍ୟଗ୍ର ହେବାର ପ୍ରୟୋଜନ ନାହିଁ ।

ତୁମକୁ ଆଉ ଥରେ ଅନୁରୋଧ କରୁଛି, ଏହି ପୁସ୍ତକ ପ୍ରକାଶ ବିଷୟଟି ଭାବି ଦେଖ, ଏବଂ ମିସେସ୍ ବୁଲ୍‌ଙ୍କୁ କେତେଖଣ୍ଡି ଚିଠି ଲେଖ ଓ ତାଙ୍କ ମାଧ୍ୟମରେ ଆମେରିକାର ବେଦାନ୍ତୀ ବନ୍ଧୁମାନଙ୍କ ମତାମତ ପଚାରି ବୁଝ । ମନେରଖ ଆମମାନଙ୍କର ପ୍ରଚାରିତ ନୀତି 'ସକଳ ପ୍ରାଣୀଙ୍କର ଏକତ୍ୱ', ଏବଂ ଜାତୀୟତାମୂଳକ ସମସ୍ତ ଭାବ ହିଁ ଦୁଷ୍ଟ କୁସଂସ୍କାର ମାତ୍ର । ଅଧିକନ୍ତୁ ମୋର ନିଶ୍ଚିତ ଧାରଣା ଯେ, ଯେ ଅନ୍ୟର ମତରେ 'ହଁ' କହିବାକୁ ପ୍ରସ୍ତୁତ, ଶେଷରେ ସେ ନିଜ ମତର ଜୟ ପ୍ରତ୍ୟକ୍ଷ କରନ୍ତି । ସର୍ବଦା ନତି ସ୍ୱୀକାର ହିଁ ଶେଷ ପର୍ଯ୍ୟନ୍ତ ଜୟଲାଭ କରେ । ଆମର ସମସ୍ତ ବନ୍ଧୁଙ୍କୁ ପ୍ରୀତି । ପ୍ରୀତି ଓ ଆଶୀର୍ବାଦସହ ତୁମମାନଙ୍କର, ବିବେକାନନ୍ଦ

ପୁଃ—ମୁଁ ମାର୍ଚ୍ଚ ମାସରେ ଯେତେ ଶୀଘ୍ର ପାରେ ନଷ୍ଟସ୍ ଯାଉଛି ।

**୨୭୩ଇଂ** (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ପ୍ରିୟ ଭଗିନି,

ମୋର ଭୟ ହେଉଛି—ତୁମେ କ୍ଷୁଣ୍ଣ ହୋଇଛ, ତେଣୁ ମୋର ଗୋଟିଏ ଚିଠିର ମଧ୍ୟ ଉତ୍ତର ଦେଇ ନାହିଁ । ବର୍ତ୍ତମାନ ହଜାର ଥର କ୍ଷମା ମାଗୁଛି । ସୌଭାଗ୍ୟକ୍ରମେ କମଳା ରଙ୍ଗର ଜନା ପାଇଯାଇଛି ଏବଂ ଯେତେଶୀଘ୍ର ପାରେ ଗୋଟିଏ କୋଟ ତିଆରି କରିନେଉଛି । ଶୁଣି ଆନନ୍ଦିତ ହେଲି ଯେ, ମିସେସ୍ ବୁଲ୍‌ଙ୍କ ସହିତ ତୁମର ଦେଖା ହୋଇଥିଲା । ସେ ବାସ୍ତବିକ ମହାପ୍ରାଣୀ ନାରୀ ଓ ସହୃଦୟ ବନ୍ଧୁ । ଗୋଟିଏ କଥା, ଭଉଣି ! ଘରେ ଦୁଇଟି ଅତି ପତଳା ସଂସ୍କୃତ ବହି ଅଛି । ଯଦି ଅସୁବିଧା ନ ହୁଏ, ସେଗୁଡ଼ିକ ଦୟାକରି ପଠାଇଦିଅ । ଭାରତରୁ ବହିଗୁଡ଼ିକ ନିରାପଦରେ ଆସି ପହଞ୍ଚିଛି ଏବଂ ସେଥିପାଇଁ ମୋତେ କୌଣସି ଶୁଳ୍କ ଦେବାକୁ ପଡ଼ି ନାହିଁ । କମ୍ବଳଗୁଡ଼ିକ ଓ ଶାଲ୍‌ଟି ଏପର୍ଯ୍ୟନ୍ତ ସୁଦ୍ଧା ଆସି ପହଞ୍ଚି ନାହିଁ ଜାଣି ଆଶ୍ଚର୍ଯ୍ୟ ହେଉଛି । ମଦର୍ ଟେମ୍ପଲଙ୍କ ସହିତ ଆଉ ଦେଖା କରିବାକୁ ଯାଇପାରି ନାହିଁ; ସମୟ ପାଇ ନାହିଁ । ଯେତେବେଳେ ଟିକିଏ ସମୟ ପାଏ, ଗ୍ରନ୍ଥାଗାରରେ କଟାଏ ।

ତୁମ ସମସ୍ତଙ୍କୁ ମୋର ଚିରଦିନର ପ୍ରୀତି ଓ କୃତଜ୍ଞତା ।

ତୁମମାନଙ୍କର ସତତ ସ୍ନେହଶୀଳଭ୍ରାତା, ବିବେକାନନ୍ଦ

ପୁଃ—ମିଃ ହାଉ ନିୟମିତ କ୍ଲାସ୍‌କୁ ଆସୁଛନ୍ତି, ଏହି ଶେଷ କେତେଦିନ ଆସିନାହାନ୍ତି । ମିସ୍ ହାଉଙ୍କୁ ମୋର ପ୍ରୀତି ଜଣାଇବ ।

—ବି.

ବୋଷ୍ଟନ୍, ୨୩ ମାର୍ଚ୍ଚ ୧୮୯୬

**୨୭୪ଇଂ**

ପ୍ରିୟ ଆଲସିଙ୍ଗା,

ତୁମ ଚିଠିର ଉତ୍ତର ପୂର୍ବରୁ ଦେଇପାରିନାହିଁ; ଆଉ ବର୍ତ୍ତମାନ ମୋତେ ଅତ୍ୟନ୍ତ ତରବର କରିବାକୁ ହେଉଛି । ସମ୍ପ୍ରତି ଯେଉଁମାନଙ୍କୁ ମୁଁ ସନ୍ନ୍ୟାସ ଦେଇଛି, ସେମାନଙ୍କ ମଧ୍ୟରେ ସତରେ ଜଣେ ସ୍ତ୍ରୀଲୋକ; ସେ ମଜୁରିଆମାନଙ୍କ ନେତ୍ରୀ ଥିଲେ ! ବାକି ସମସ୍ତେ ପୁରୁଷ । ଇଂଲଣ୍ଡରେ ମଧ୍ୟ ମୁଁ ଆହୁରି କେତେଜଣଙ୍କୁ ସନ୍ନ୍ୟାସ ଦେବି; ତା'ପରେ ସେମାନଙ୍କୁ ମୋ ସଙ୍ଗରେ ଭାରତକୁ ନେଇଯିବାର ଚେଷ୍ଟା କରିବି । ହିନ୍ଦୁମାନଙ୍କ ଅପେକ୍ଷା ଏହିସବୁ 'ଧଳା ମୁହଁ' ସେଠାରେ ବେଶୀ ପ୍ରଭାବ ବିସ୍ତାର କରିବେ; ତାହା ବ୍ୟତୀତ ସେମାନଙ୍କର କାମ କରିବାର ଶକ୍ତି ମଧ୍ୟ ବେଶୀ । ହିନ୍ଦୁମାନେ ତ ମରିଯାଇଛନ୍ତି । ଭାରତରେ ଏକମାତ୍ର ଭରସାର ସ୍ଥଳ ଜନସାଧାରଣ—ଅଭିଜାତ ସମ୍ପ୍ରଦାୟ ତ ଶାରୀରିକ ଓ ନୈତିକ ହିସାବରେ ମରିଯାଇଛନ୍ତି ।

ହରମୋହନ ସମ୍ବନ୍ଧରେ ବକ୍ତବ୍ୟ ଏହି ଯେ, ମୁଁ ଦୀର୍ଘକାଳ ପୂର୍ବେ ତାହାକୁ ମୋର ବକ୍ତୃତାଗୁଡ଼ିକ ଛାପିବାର ସ୍ୱାଧୀନତା ଦେଇଥିଲି, କାରଣ ସେ ମୋର ପୁରୁଣା ବନ୍ଧୁ, ସଚ୍ଚା ଭକ୍ତ ଓ ଅତ୍ୟନ୍ତ ଗରିବ ।

‘ବ୍ରହ୍ମବାଦିନ୍’ରେ ଲମ୍ବା ଲମ୍ବା ସଂସ୍କୃତ ପ୍ରବନ୍ଧ ଥିବାରୁ ଇଉରୋପ ଓ ଆମେରିକାରେ ତାହା ଚଳିବାର ସମ୍ଭାବନା ଖୁବ୍ ଅଳ୍ପ । ତୁମେ ଏଇଟିକୁ ସଂସ୍କୃତରେ ଛପାଇ ପାରିବ ତ ! ସଂସ୍କୃତ ପାରିଭାଷିକ ଶବ୍ଦ ଏବଂ ଅସରନ୍ତି ସଂସ୍କୃତ ଶ୍ଳୋକାଦି ଉଦ୍ଧୃତ କଲେ ହିନ୍ଦୁମାନଙ୍କର ଓ ସଂସ୍କୃତଜ୍ଞ ପାଶ୍ଚାତ୍ୟ ପଣ୍ଡିତମାନଙ୍କର ହୁଏତ ବେଶି ସାହାଯ୍ୟରେ ଆସିପାରେ; କିନ୍ତୁ ସାଧାରଣ ପାଶ୍ଚାତ୍ୟବାସୀ ତ ଆଉ ତୁମର ହିନ୍ଦୁ ଦର୍ଶନର ଧାର ଧାରନ୍ତି ନାହିଁ ! ଏକାନ୍ତ ଯଦି ରଖିବାକୁ ଚାହଁ ତ, ତେବେ ଗୋଟିଏ ପ୍ରବନ୍ଧ ପାଣ୍ଡିତ୍ୟପୂର୍ଣ୍ଣ କର—ବାକିଗୁଡ଼ିକରେ ସଂସ୍କୃତ ଶବ୍ଦ ନ ରହିବା ହିଁ ଉଚିତ ଏବଂ ଲେଖା ହାଲୁକା ହେବା ଉଚିତ । ମୋର ଯେ ସଫଳ ହେଉଛି, ତା’ର କାରଣ ମୋର ଭାଷା ସହଜ । ଆଚାର୍ଯ୍ୟଙ୍କର ମହତ୍ତ୍ୱ ତାଙ୍କର ଭାଷାର ସରଳତା ଉପରେ ନିର୍ଭର କରେ । ତୁମେ ଯଦି ଜନସାଧାରଣଙ୍କର ଉପଯୁକ୍ତ କରି ବେଦାନ୍ତ ସମ୍ବନ୍ଧରେ ଲେଖିପାର, ତେବେ ‘ବ୍ରହ୍ମବାଦିନ୍’ ଏଠାରେ ଜନପ୍ରିୟ ହେବ—ନଚେତ୍ ନୁହେଁ । ଯେଉଁ କେତେଜଣ ଗ୍ରାହକ ହୋଇଛନ୍ତି, ସେମାନେ କେବଳ ମୋ ପ୍ରତି ବ୍ୟକ୍ତିଗତ ଶ୍ରଦ୍ଧା ଫଳରେ ।

ଶ୍ରୀ ଗୁରୁ ମହାରାଜଙ୍କ ଜନ୍ମତିଥିରେ ମୁଁ ଭାରତକୁ ଯେଉଁ ତାର ପଠାଇଥିଲି, ତାହା ସେମାନେ ପାଇଛନ୍ତି କି ନାହିଁ, ଟିକିଏ ସନ୍ଧାନ କରି ଦେଖିବ ତ ।

ଆଗାମୀ ମାସରେ ଇଂଲଣ୍ଡ ଯାଉଛି । ମୋର ଭୟ ହୁଏ—ମୋର ଖଟଣି ଅତ୍ୟଧିକ ହୋଇପଡ଼ୁଛି; ଏହି ଦୀର୍ଘ ଅପ୍ରତିହତ ପରିଶ୍ରମରେ ମୋର ସ୍ନାୟୁମଣ୍ଡଳୀ ଯେପରି ଛିଣ୍ଡିଯାଉଛି । ତୁମମାନଙ୍କ ପାଖରୁ ସହାନୁଭୂତି ମୁଁ କିଛି ମାତ୍ର ଚାହେଁ ନାହିଁ; ମୁଁ କେବଳ ଏଥିପାଇଁ ଲେଖୁଛି ଯେ, ତୁମେମାନେ ମୋ ପାଖରୁ ବେଶୀ କିଛି ଆଶା କର ନାହିଁ । ଯେତେଦୂର ସମ୍ଭବ ଭଲକରି କାମ କରିଯାଅ । ମୋଦ୍ୱାରା ସମ୍ପ୍ରତି କୌଣସି ବୃହତ୍ କାର୍ଯ୍ୟ ହେବ, ଏପରି ଆଶା ନାହିଁ ବୋଲି ମନେ ହେଉଛି । ତଥାପି ସାଙ୍କେତିକ ପ୍ରଣାଳୀରେ ମୋର ବକ୍ତୃତାଗୁଡ଼ିକ ଲେଖିନେବା ଫଳରେ ଅନେକ ପରିମାଣରେ ସାହିତ୍ୟ ସୃଷ୍ଟି ହୋଇଉଠୁଛି ଦେଖି ମୁଁ ଖୁସି ଅଛି । ଚାରିଖଣ୍ଡି ବହି ପ୍ରସ୍ତୁତ ହୋଇଯାଇଛି । ଖଣ୍ଡିଏ ବାହାରି ଯାଇଛି; ‘ପାତଞ୍ଜଳସୂତ୍ର’ର ଅନୁବାଦ ସହ ‘ରାଜଯୋଗ’ର ବହିଖଣ୍ଡିକ ଛପା ହେଉଛି, ‘ଭକ୍ତିଯୋଗ’ର ବହିଟି ତୁମ ପାଖରେ ଅଛି, ଆଉ ‘ଜ୍ଞାନଯୋଗ’ଟା ସଜାଡ଼ି ନେଇ ଛପା ପାଇଁ ତିଆରି ହେଉଛି । ତାହା ଛଡ଼ା ରବିବାସରୀୟ ବକ୍ତୃତାଗୁଡ଼ିକ ମଧ୍ୟ ଛପା ହୋଇଯାଇଛି । ଷ୍ଟାର୍ଡି ବଡ଼ କର୍ମୀ, ସବୁ କାର୍ଯ୍ୟ ସେ ଖୁବ୍ ଆଗେଇ ନେଇପାରେ । ଯାହା ହେଉ, ଲୋକକଲ୍ୟାଣ ପାଇଁ ମୁଁ ଯଥାସାଧ୍ୟ ଚେଷ୍ଟା କରିଛି—ଏହା ମନେକରି ମୁଁ ସନ୍ତୁଷ୍ଟ ଅଛି; ଆଉ କାର୍ଯ୍ୟରୁ ଅବସର ନେଇ ମୁଁ ଯେତେବେଳେ ଗିରିଗୁହାରେ ଧ୍ୟାନରେ ମଗ୍ନ ହେବି, ସେତେବେଳେ ଏ ବିଷୟରେ ମୋର ବିବେକ ପରିଷ୍କାର ରହିବ ।

ସମସ୍ତେ ମୋର ପ୍ରୀତି ଓ ଆଶୀର୍ବାଦ ଜାଣିବ । ଇତି

ବିବେକାନନ୍ଦ

ଆମେରିକା, ମାର୍ଚ୍ଚ ୧୮୯୬

୨୭୫ଇଂ

ପ୍ରିୟ ଆଲସିଙ୍ଗା,

ଏଥି ସହିତ ପତ୍ରିକା ପାଇଁ ତୁମକୁ ୧୬୦ ଡଲାର୍ ପଠାଇଲି । ମୁଁ ମୋର ଶିଷ୍ୟମାନଙ୍କୁ
କହିଆସିଛି, ଯଦ୍ଵାରା ସେମାନେ ତୁମ ପାଇଁ କିଛି ଗ୍ରାହକ ସଂଗ୍ରହ କରନ୍ତି । କେତେଜଣ ଇତି-
ମଧ୍ୟରେ ମିଳିଛନ୍ତି । କାର୍ଯ୍ୟ ଚଳାଇଯାଅ । କିନ୍ତୁ ତୁମେ ମନେରଖ ଯେ, ମୋତେ ଲଣ୍ଡନ,
ନ୍ୟୁୟର୍କ, କଲିକତା ଓ ମାନ୍ଦ୍ରାଜରେ କାମ ଚଳାଇବାକୁ ହେଉଛି । ବର୍ତ୍ତମାନ ମୁଁ ଲଣ୍ଡନ
କାମରେ ଯାଉଛି । ପ୍ରଭୁଙ୍କ ଇଚ୍ଛା ହେଲେ ଏଠାରେ ଓ ଇଂଲଣ୍ଡରେ ଗେରୁଆଧାରୀ ସନ୍ନ୍ୟାସୀ
ପୂରିଯିବେ । ବନ୍ଧୁଗଣ, କାମ କରିଯାଅ ।

ମନେରଖ—ଯେତେଦିନ ଯାଏ ତୁମମାନଙ୍କର ଗୁରୁଙ୍କ ଉପରେ ଶ୍ରଦ୍ଧା ରହିଥିବ,
ସେପର୍ଯ୍ୟନ୍ତ କେହି ତୁମମାନଙ୍କୁ ବାଧା ଦେଇପାରିବ ନାହିଁ । ଖ୍ରୀଷ୍ଟ ଉନଖଣ୍ଡିର ସେହି
ଅନୁବାଦଟି ପାଶ୍ଚାତ୍ୟବାସୀମାନଙ୍କ ଦୃଷ୍ଟିରେ ଗୋଟିଏ ମସ୍ତବଡ଼ କାର୍ଯ୍ୟ ହେବ ।

ସେହି 'ସାର୍ବଜନୀନ ଈଶ୍ବର ମନ୍ଦିର'ଟି ମୁଁ ଛାଡ଼ି ଦେଇଛି—ବର୍ତ୍ତମାନ ଗୋଟିଏ
ନୂତନ ନାମ ଦେଇଛି 'ମୁମୁକ୍ଷୁ' । ଇତି ମଧ୍ୟରେ ମୋର ଦୁଇଜଣ ସନ୍ନ୍ୟାସୀ ଶିଷ୍ୟ ଓ କେତେ
ଶହ ଗୃହସ୍ଥ ଶିଷ୍ୟ ହୋଇଛନ୍ତି; କିନ୍ତୁ ବନ୍ଧୁ, କେତେଜଣଙ୍କୁ ଛାଡ଼ିଦେଲେ ସେମାନଙ୍କର
ଅଧିକାଂଶ ହିଁ ଗରିବ । ତେବେ ଅଳ୍ପ କେତେଜଣ ଖୁବ୍ ଧନୀ ମଧ୍ୟ ଅଛନ୍ତି । ଏ ସମ୍ବାଦଟି
ବର୍ତ୍ତମାନ ଯେପରି ପ୍ରକାଶ କରି ନ ଦିଅ । ଠିକ୍ ସମୟରେ ମୁଁ ଜନମଣ୍ଡଳୀର ସମ୍ମୁଖରେ
ପ୍ରଚଣ୍ଡ ବେଗରେ ଆତ୍ମପ୍ରକାଶ କରିବି । ସ୍ଥିର ହୋଇ ଥାଅ, ବନ୍ଧୁ ! ସ୍ଥିର ହୁଅ, ଆଉ କାର୍ଯ୍ୟ
କରିଯାଅ । ଧୈର୍ଯ୍ୟ, ଧୈର୍ଯ୍ୟ ! ଆଗାମୀ ବର୍ଷ ମୁଁ ନ୍ୟୁୟର୍କରେ ଗୋଟିଏ ମନ୍ଦିର କରିବାର
ଆଶା ରଖିଛି; ତା'ପରେ ଠାକୁର ଜାଣନ୍ତି ।

ମୁଁ ଏଠାରେ ଖଣ୍ଡିଏ ପତ୍ରିକା ଚଳାଇବି । ମୁଁ ଲଣ୍ଡନ ଯାଉଛି ଏବଂ ଯଦି ପ୍ରଭୁଙ୍କ
କୃପା ହୁଏ, ତେବେ ସେଠାରେ ମଧ୍ୟ ସେଇଆ କରିବି । ମୋର ପ୍ରୀତି ଆଦି ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

ଆମେରିକା, ୧୮୯୬

୨୭୬ଇଂ

ପ୍ରିୟ ଆଲସିଙ୍ଗା,

ଗତ ସପ୍ତାହରେ ମୁଁ ତୁମକୁ 'ବ୍ରହ୍ମବାଦିନ୍' ସମ୍ବନ୍ଧରେ ଲେଖିଥିଲି । ସେଥିରେ
'ଭକ୍ତି' ସମ୍ବନ୍ଧରେ ବକ୍ତୃତାଗୁଡ଼ିକର କଥା ଲେଖିବାକୁ ଭୁଲି ଯାଇଥିଲି । ଏଗୁଡ଼ିକ ସବୁ ଏକା
ସଙ୍ଗେ ଖଣ୍ଡିଏ ପୁସ୍ତକ ଆକାରରେ ବାହାର କରିବା ଉଚିତ । କେତେଶହ ପୁସ୍ତକ
ଆମେରିକାକୁ ନ୍ୟୁୟର୍କରେ ଥିବା ଗୁଡ଼ଇୟର୍‌ଙ୍କ ନାମରେ ପଠାଇପାରେ । ମୁଁ କୋଡ଼ିଏଦିନ
ଭିତରେ ଜାହାଜରେ ଇଂଲଣ୍ଡ ଯାତ୍ରା କରୁଛି । ମୋର କର୍ମଯୋଗ, ଜ୍ଞାନଯୋଗ ଓ
ରାଜଯୋଗ ସମ୍ବନ୍ଧରେ ଆହୁରି ବଡ଼ ବଡ଼ ବହି ଅଛି । 'କର୍ମଯୋଗ' ଏଥିମଧ୍ୟରେ ପ୍ରକାଶିତ
ହୋଇଯାଇଛି । 'ରାଜଯୋଗ' ଖଣ୍ଡିକ ଖୁବ୍ ବଡ଼ ହେବ—ତାହା ଏଥିମଧ୍ୟରେ ହିଁ ଯନ୍ତ୍ରସ୍ଥ
ହୋଇଛି । 'ଜ୍ଞାନଯୋଗ' ଖଣ୍ଡିକ ବୋଧହୁଏ ଇଂଲଣ୍ଡରୁ ଛପାଇବାକୁ ହେବ ।

ତୁମେମାନେ 'ବ୍ରହ୍ମବାଦିନ୍'ରେ କୃ—ର ଖଣ୍ଡିଏ ପତ୍ର ଛାପିଛ, ସେଇଟା ଭଲ ହୋଇ ନାହିଁ ।…'ବ୍ରହ୍ମବାଦିନ୍'ର ସ୍ୱର ସହିତ ଏହା ଖାପ ଖାଏ ନାହିଁ ।…କୌଣସି ସମ୍ପ୍ରଦାୟ ଭଲ ହେଉ, ବା ମନ୍ଦ ହେଉ, ସେମାନଙ୍କ ବିରୋଧରେ 'ବ୍ରହ୍ମବାଦିନ୍'ରେ କିଛି ଯେପରି ଛପା ନ ଯାଏ । ଅବଶ୍ୟ ଭଣ୍ଡଲୋକଙ୍କ ସଙ୍ଗରେ ଆବୁଡ଼ା ପଡ଼ି ସହାନୁଭୂତି ଦେଖାଇବାର ମଧ୍ୟ କୌଣସି ଆବଶ୍ୟକତା ନାହିଁ । ପୁଣି ତୁମମାନଙ୍କୁ ଜଣାଇ ରଖୁଛି, କାଗଜଟା ଏତେ ପାରିଭାଷିକ ହୋଇ-ପଡ଼ୁଛି ଯେ, ଏଠାରେ ଗ୍ରାହକ ବିଶେଷ କିଛି ହେବେ ନାହିଁ । ସାଧାରଣ ପାଶ୍ଚାତ୍ତ୍ୟ ଦେଶ-ବାସୀ ସେହିସବୁ ଦାନ୍ତଭଙ୍ଗା କଟମିଟିଆ ସଂସ୍କୃତ କଥା ବା ପରିଭାଷା ଜାଣନ୍ତି ତ ନାହିଁ, ଜାଣିବା ପାଇଁ ବିଶେଷ ଆଗ୍ରହ ବି କରନ୍ତି ନାହିଁ । ମୁଁ ଏତିକି ଦେଖୁଛି ଯେ, କାଗଜଟି ଭାରତ ପକ୍ଷରେ ବେଶ୍ ଉପଯୋଗୀ ହୋଇଛି । କୌଣସି ଗୋଟିଏ ମତବିଶେଷର ଓକିଲତି କରାଯାଉଛି, ଏପରି ଗୋଟିଏ ସୁଦ୍ଧା କଥା ଯେପରି ସମ୍ପାଦକୀୟ ପ୍ରବନ୍ଧରେ ନ ଥାଏ । ଆଉ ସର୍ବଦା ମନେରଖିବ ଯେ, ତୁମେମାନେ କେବଳ ଭାରତ ନୁହେଁ, ସମଗ୍ର ଜଗତ୍‌କୁ ସମ୍ବୋଧନ କରି କଥା କହୁଛ; ଆଉ ତୁମେମାନେ ଯାହା କହିବାକୁ ଚାହୁଁଛ, ଜଗତ୍ ସେ ସମ୍ବନ୍ଧରେ ଏକାବେଳକେ ଅଜ୍ଞ । ପ୍ରତ୍ୟେକ ସଂସ୍କୃତ ଶବ୍ଦର ତର୍ଜମା ଖୁବ୍ ସାବଧାନରେ କରିବ, ଆଉ ଭାଷା ଯେତେଦୂର ସମ୍ଭବ ସହଜ କରିବାର ଚେଷ୍ଟା କରିବ ।

ତୁମେମାନେ ଏହି ପତ୍ର ପାଇବା ପୂର୍ବରୁ ମୁଁ ଇଂଲଣ୍ଡରେ ପହଞ୍ଚିଥିବି । ସୁତରାଂ ମୋତେ ଇ. ଟି. ଷ୍ଟର୍ଡିଙ୍କ ଠିକଣାରେ—ହାଇଭିଉ, କ୍ୟାଭର୍ସ୍ୟାମ, ଇଂଲଣ୍ଡ—ଲେଖି ପତ୍ର ଦେବ । ଇତି

ତୁମମାନଙ୍କର, ବିବେକାନନ୍ଦ

୨୭୭ଇଂ (ମିସେସ ଓଲିବୁଲ୍‌ଙ୍କୁ ଲିଖିତ)

ଚିକାଗୋ, ୬ ଅପ୍ରେଲ ୧୮୯୬

ପ୍ରିୟ ମିସେସ୍ ବୁଲ,

ଆପଣଙ୍କର ସହୃଦୟ ପତ୍ରଖଣ୍ଡିକ ଯଥା ସମୟରେ ପାଇଛି । ବନ୍ଧୁଗଣଙ୍କ ସମ୍ଭାବ୍ୟ-ହାରରେ ମୁଁ ଏଥିମଧ୍ୟରେ ବହୁ ସୁନ୍ଦର ସ୍ଥାନ ଦେଖିଛି ଏବଂ ଅନେକଗୁଡ଼ିଏ କ୍ଲାସ୍ କରିଛି । ଆହୁରି କେତୋଟି କ୍ଲାସ୍ କରିବାକୁ ହେବ; ତା'ପରେ ଆଗାମୀ ଗୁରୁବାର ମୁଁ ବାହାରିବି ।

ମିସ୍ ଏଡାମସ୍‌ଙ୍କ ଅନୁଗ୍ରହରୁ ଏଠାକାର ସବୁ ବ୍ୟବସ୍ଥା ସୁନ୍ଦର ହୋଇଛି । ସେ ଅତି ଚମତ୍କାର ଏବଂ ଅତି ଦରଦୀ । ଗତ ଦୁଇଦିନ ଯାବତ୍ ସାମାନ୍ୟ ଟିକିଏ ଜ୍ୱର ଭୋଗ କରୁଛି ବୋଲି ଦୀର୍ଘ ପତ୍ର ଲେଖିପାରିଲି ନାହିଁ । ବୋଷ୍ଟନ୍‌ର ସମସ୍ତଙ୍କୁ ମୋର ପ୍ରୀତି ଜଣାଇବେ । ଇତି

ବିବେକାନନ୍ଦ

୨୭୮ ଇଂ

୧୨୫, ପୂର୍ବ ୪୪ ନମ୍ବର ରାସ୍ତା, ନ୍ୟୁୟର୍କ
୧୪ ଅପ୍ରେଲ ୧୮୯୭

ପ୍ରିୟ—,

…ଏହି ଅନୁସନ୍ଧାୟୀ ଭଦ୍ରଲୋକଟି ବମ୍ବେରୁ ଖଣ୍ଡିଏ ଚିଠି ନେଇ ଏଠାକୁ ମୋ ପାଖକୁ ଆସିଛନ୍ତି । ସେ ନିଜ ହାତରେ ଶିଳ୍ପକାର୍ଯ୍ୟ କରିବାରେ ଦକ୍ଷ (practical mechanic), ଏବଂ ତାଙ୍କର ଏକମାତ୍ର ଇଚ୍ଛା ଏହି ଯେ, ସେ ଏ ଦେଶର ଛୁରି, କଇଞ୍ଚି ଓ ଅନ୍ୟାନ୍ୟ ଲୌହନିର୍ମିତ ଦ୍ରବ୍ୟସବୁର କାରଖାନା ବୁଲି ଦେଖିବେ ।… ମୁଁ ତାଙ୍କ ସମ୍ବନ୍ଧରେ କିଛି ଜାଣେ ନାହିଁ, କିନ୍ତୁ ସେ ଯଦି ମନ୍ଦ ଲୋକ ବି ହୁଅନ୍ତି, ତା'ହେଲେ ମଧ୍ୟ ମୋର ସ୍ୱଦେଶବାସୀଙ୍କ ମଧ୍ୟରେ ଏପରି ବେ-ପରୁଆ ସାହସର ଭାବ ଦେଖିଲେ ସେଥିରେ ଉତ୍ସାହ ଦେବାକୁ ମୁଁ ଇଚ୍ଛା କରେ । ତାଙ୍କର ନିଜର ଖର୍ଚ୍ଚ ଚଳାଇବା ଭଳି ଯଥେଷ୍ଟ ଟଙ୍କା ଅଛି ।

ଲୋକଟି କେତେ ଦୂର ସଚ୍ଚା ଏ ସମ୍ବନ୍ଧରେ ପରୀକ୍ଷା କରି ଆପଣ ଯଦି ସନ୍ତୁଷ୍ଟ ହୁଅନ୍ତି, ତା'ହେଲେ ତାକୁ ସୁବିଧା ଦେବେ । ଏହି ବ୍ୟକ୍ତି ସେହି କାରଖାନାଗୁଡ଼ିକ ଦେଖିବାର ଗୋଟାଏ ସୁଯୋଗ ଖୋଜିବ ମାତ୍ର । ଆଶାକରେ, ତାଙ୍କ ମଧ୍ୟରେ କୌଣସି ଭେଜାଲ ନାହିଁ, ଆଉ ଆପଣ ତାଙ୍କୁ ଏ ବିଷୟରେ ସାହାଯ୍ୟ କରିପାରିବେ । ମୋର ଆନ୍ତରିକ ଶ୍ରଦ୍ଧା ଜାଣିବେ । ଇତି

ଭବଦୀୟ, ବିବେକାନନ୍ଦ

୨୭୯ ଇଂ (ଡାକ୍ତର ନଞ୍ଜୁଣ୍ଡ ରାଓଙ୍କୁ ଲିଖିତ)

ନ୍ୟୁୟର୍କ, ୧୪ ଅପ୍ରେଲ ୧୮୯୭

ପ୍ରିୟ ଡାକ୍ତର,

ଆଜି ସକାଳେ ଆପଣଙ୍କ ଚିଠି ପାଇଲି । କାଲି ମୁଁ ଇଂଲଣ୍ଡ ଯାଉଛି, ସେଥିପାଇଁ ଆପଣଙ୍କୁ ମାତ୍ର ଦୁଇଚାରିଟି କଥା ଲେଖିପାରିବି । ଆପଣଙ୍କ ପ୍ରସ୍ତାବିତ ପିଲାଙ୍କ କାଗଜ ବିଷୟରେ ମୋର ସମ୍ପୂର୍ଣ୍ଣ ସହାନୁଭୂତି ରହିଛି, ଏବଂ ତାକୁ ଚଳାଇବା ପାଇଁ ମୁଁ ଯଥାସାଧ୍ୟ ସାହାଯ୍ୟ ମଧ୍ୟ କରିବି । ଆପଣଙ୍କର ଉଚିତ, 'ବ୍ରହ୍ମବାଦିନ୍'ର ଧାରା ଅବଲମ୍ବନ କରି କାଗଜଟିକୁ ସ୍ୱାଧୀନ ମତାବଲମ୍ବୀ କରିବା; କେବଳ ଭାଷା ଓ ଲେଖାଗୁଡ଼ିକ ଯେପରି ସୁବୋଧ ହୁଏ ସେ ଦିଗକୁ ବିଶେଷ ନଜର ରଖିବେ । ଧରନ୍ତୁ, ଆମର ସଂସ୍କୃତ ସାହିତ୍ୟରେ ଯେଉଁସବୁ ଅପୂର୍ବ ଗଳ୍ପ ବିସ୍ତୃତ ଭାବରେ ରହିଛି, ତାହା ସୁବୋଧ ଭାଷାରେ ପୁଣି ଲେଖିବା ଓ ଜନପ୍ରିୟ କରିବା ଦରକାର; ଏହା ଗୋଟିଏ ବିଶିଷ୍ଟ ସୁଯୋଗ, ଯାହା ହୁଏତ ଆପଣମାନେ ସ୍ୱପ୍ନରେ ବି ଭାବିନାହାନ୍ତି । ଏହି ଜିନିଷଟି ହିଁ ଆପଣମାନଙ୍କ କାଗଜର ଗୋଟିଏ ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ ହେବ । ଯେତେବେଳେ ସମୟ ପାଇବି, ସେତେବେଳେ ଆପଣମାନଙ୍କ ପାଇଁ ମୁଁ ଯେତେ ବେଶୀ ପାରେ ଗଳ୍ପ ଲେଖିବି । କାଗଜଟିକୁ ଖୁବ ପାଣ୍ଡିତ୍ୟପୂର୍ଣ୍ଣ କରିବାର ଚେଷ୍ଟା ପୂରାପୂରି ତ୍ୟାଗ କରନ୍ତୁ, ସେଥିପାଇଁ 'ବ୍ରହ୍ମବାଦିନ୍' ଅଛି । ଏହି ଭାବରେ ଚାଲିଲେ କାଗଜ

ଖଣ୍ଡିକ ଧୀରେ ଧୀରେ ସମସ୍ତ ପୃଥିବୀରେ ବିସ୍ତାରିତ ହୋଇପାରିବ ନିଶ୍ଚିତ । ଭାଷା ଯେତେଦୂର ସମ୍ଭବ ସହଜ କରିବେ, ତା'ହେଲେ ଯାଇ ଆପଣମାନେ ସଫଳକାମ ହେବେ । ଗଳ୍ପ ଭିତର ଦେଇ ଭାବ ଦେବା ହିଁ ହେବ ପ୍ରଧାନ ବୈଶିଷ୍ଟ୍ୟ । କାଗଜଟିକୁ ଜଟିଳ ଦାର୍ଶନିକ ତତ୍ତ୍ୱବହୁଳ ମୋଟେ କରିବେ ନାହିଁ । ନେଣ-ଦେଣର ହିସାବଟା ସମ୍ପୂର୍ଣ୍ଣ ରୂପେ ନିଜ ହାତରେ ରଖିବେ—ବେଶୀ ମଣିଷରେ ମୂଷା ମାରିହୁଏ ନାହିଁ । ଭାରତରେ ଗୋଟାଏ ଜିନିଷର ଘୋର ଅଭାବ—ଏକତା ବା ସଂହତିଶକ୍ତି; ତାହା ଲାଭ କରିବାର ପ୍ରଧାନ ରହସ୍ୟ ହେଉଛି ଆଜ୍ଞାନୁବର୍ତ୍ତିତା ।

କଲିକତାରେ ବଙ୍ଗଳା ଭାଷାରେ ଖଣ୍ଡିଏ ପତ୍ରିକା ଆରମ୍ଭ କରିବାକୁ ସାହାଯ୍ୟ କରିବି ବୋଲି ମୁଁ ଜବାବ ଦେଇଛି । କିନ୍ତୁ ବ୍ୟାପାରଟା ଏହି ଯେ ପ୍ରଥମ ଦୁଇବର୍ଷ ମାତ୍ର ମୁଁ ବକ୍ତୃତା ପାଇଁ ଟଙ୍କା ଆଦାୟ କରିଛି; ଗତ ଦୁଇବର୍ଷ ମୋ କାର୍ଯ୍ୟ ସଙ୍ଗରେ ଦେଣା-ପାଉଣାର କୌଣସି ସମ୍ପର୍କ ନ ଥିଲା । ଏହା ଫଳରେ ଆପଣଙ୍କୁ ବା କଲିକତାର ଲୋକଙ୍କୁ ପଠାଇବା ଭଳି ଟଙ୍କା ମୋର ମୋଟେ ନାହିଁ । ତଥାପି ଆପଣଙ୍କୁ ସାହାଯ୍ୟ କରିପାରିବେ, ଏଭଳି ଲୋକ ମୁଁ ଶୀଘ୍ର ଜୁଟାଇଦେବି । ବୀର ଭଳି ଆଗେଇ ଚାଲନ୍ତୁ । ଦିନକରେ ବା ବର୍ଷକରେ ସଫଳତାର ଆଶା ରଖିବେ ନାହିଁ । ସର୍ବଦା ସର୍ବଶ୍ରେଷ୍ଠ ଆଦର୍ଶକୁ ଧରି ରହନ୍ତୁ । ଦୃଢ଼ ହୁଅନ୍ତୁ, ହିଂସା ଓ ସ୍ୱାର୍ଥପରତା ବିସର୍ଜନ ଦିଅନ୍ତୁ । ନେତାଙ୍କ ଆଦେଶ ମାନି ଚାଲନ୍ତୁ ଏବଂ ସତ୍ୟ, ସ୍ୱଦେଶ ଓ ସମଗ୍ର ମାନବଜାତି ନିକଟରେ ଚିରବିଶ୍ୱସ୍ତ ହୁଅନ୍ତୁ; ତା'ହେଲେ ଆପଣ ଜଗତ କମ୍ପାଇ ଦେଇ ପାରିବେ । ମନେରଖିବେ—ବ୍ୟକ୍ତିଗତ 'ଚରିତ୍ର' ଏବଂ 'ଜୀବନ' ହିଁ ଶକ୍ତିର ଉତ୍ସ, ଆଉ କିଛି ନୁହେଁ । ଏହି ଚିଠିଖଣ୍ଡିକ ରଖିଥିବେ ଏବଂ ଯେତେବେଳେ ଉଦ୍‌ବେଗ ଓ ଈର୍ଷାର ଭାବ ମନରେ ଉଠିବ, ସେତିକିବେଳେ ଏହି ଶେଷର କେତୋଟି ଲାଇନ୍ ପଢ଼ିବେ । ଈର୍ଷା ହିଁ ସମସ୍ତ ଦାସ-ଜାତିର ଧ୍ୱଂସର କାରଣ । ଏଇଥିରୁ ହିଁ ଆମ ଜାତିର ସର୍ବନାଶ । ଏହା ସର୍ବତୋଭାବରେ ପରିତ୍ୟାଜ୍ୟ । ଆପଣଙ୍କର ସର୍ବାଙ୍ଗୀନ ମଙ୍ଗଳ ହେଉ ଏବଂ ଆପଣଙ୍କର ସାଫଲ୍ୟ କାମନା କରେ । ଇତି

ଆପଣଙ୍କର ସ୍ନେହପରାୟଣ, ବିବେକାନନ୍ଦ

୨୮୦ଇଂ (ହେଲ୍ ଭଗିନୀଗଣଙ୍କୁ ଲିଖିତ)

6 West, 43rd St., ନ୍ୟୁୟର୍କ
୧୪ ଏପ୍ରିଲ୍ ୧୮୯୬

ସ୍ନେହର ଭଗିନୀଗଣ,

ରବିବାର ଦିନ ନିରାପଦରେ ଆସି ପହଞ୍ଚିଛି ଏବଂ ଅସୁସ୍ଥତା ଲାଗି ଆଗରୁ ଚିଠି ଦେଇ ପାରି ନାହିଁ । ହ୍ୱାଇଟ୍‌ଷ୍ଟାର ଲାଇନ୍‌ର 'ଜର୍ମାନିକ' ଜାହାଜରେ ଆସନ୍ତା କାଲି ବାରଟା ବେଳେ ଯାତ୍ରା କରୁଛି । ପ୍ରୀତି, କୃତଜ୍ଞତା ଓ ଆଶୀର୍ବାଦର ଚିରସ୍ଥାୟୀ ସ୍ମୃତି ଧରି—

ତୁମମାନଙ୍କର ଚିରସ୍ନେହର ଭ୍ରାତା, ବିବେକାନନ୍ଦ

୨୮୧ (ସ୍ୱାମୀ ତ୍ରିଗୁଣାତୀତାନନ୍ଦଙ୍କୁ ଲିଖିତ)

ନ୍ୟୁୟର୍କ, ୧୪ ଅପ୍ରେଲ ୧୮୯୬

କଲ୍ୟାଣବରେଷୁ,

ତୁମ ପତ୍ରରୁ ସବିଶେଷ ଅବଗତ ହେଲି । ଶରତ୍ ପହଞ୍ଚିଛି ସମ୍ବାଦ ପାଇଲି । ତୁମ ପ୍ରେରିତ 'ଇଣ୍ଡିଆନ ମିରର୍' ଓ ପତ୍ର ପାଇଲି । ଲେଖା ଉତ୍ତମ ହେଉଛି, ବରାବର ଲେଖି ଯାଅ । ଦୋଷ ଦେଖିବା ବଡ଼ ସହଜ, ଗୁଣ ଦେଖିବା ମହାପୁରୁଷର ଧର୍ମ, ଏକଥା ଭୁଲିବ ନାହିଁ । 'ମୁଗଡାଲି ତିଆରି ହୋଇନାହିଁ' ମାନେ କଅଣ ? ଭଜା ମୁଗଡାଲି ପଠାଇବାକୁ ମୁଁ ପୂର୍ବେ ନିଷେଧ କରିଛି; ବୁଟଡାଲି ଓ କଞ୍ଚା ମୁଗଡାଲି ପଠାଇବାକୁ କହୁଛି । ଭଜା ମୁଗ ଏତେ ଦୂରକୁ ଆସିଲେ ଖରାପ ଓ ସ୍ୱାଦହୀନ ହୋଇଯାଏ ଓ ସିଝି ହୁଏ ନାହିଁ । ଯଦି ଏଥର ବି ଭଜା ମୁଗ ପଠାଅ, ତେବେ ଟେମସ୍ ନଦୀକୁ ଯିବ ଓ ତୁମମାନଙ୍କର ଶ୍ରମ ପଣ୍ଡ ହେବ । ମୋ ଚିଠି ନ ପଢ଼ି କାହିଁକି କାର୍ଯ୍ୟ କର ? ଚିଠି ହଜାଅ ବା କାହିଁକି ? ଯେତେବେଳେ ଚିଠି ଲେଖିବ, ପୂର୍ବର ପତ୍ର ସମ୍ମୁଖରେ ରଖି ଲେଖିବ । ତୁମମାନଙ୍କର ଟିକିଏ business (କାମ ଚଳାଇବାର) ବୁଦ୍ଧି ଆବଶ୍ୟକ । ଯେଉଁସବୁ କଥା ମୁଁ ପଚାରିଥାଏ ତାହାର ଉତ୍ତର ପ୍ରାୟ ପାଏ ନାହିଁ—କେବଳ ଏଆଡ଼୍-ସେଆଡ଼୍ !... ଚିଠି ହଜାଅ କାହିଁକି ? ଫାଇଲ ହୁଏ ନାହିଁ କାହିଁକି ? ସବୁ କାର୍ଯ୍ୟରେ ପିଲାଳିଆ କଥା ! ମୋ ଚିଠି ହାଟ ମଝିରେ ପଡ଼ାହୁଏ ବୋଧହୁଏ ? ଆଉ ଯିଏ ଆସେ, ସେ ଫାଇଲରୁ ଚିଠି ପଢ଼େ ବୋଧହୁଏ ?... You need a little business faculty,... Now what you want is organisation—that requires strict obedience and division of labour. I will write out every thing in every particular from England, for which I start to-morrow. I am determined to make you decent workers thorouhgly organised.* ...

Friend (ଫ୍ରେଣ୍ଡ୍-ବନ୍ଧୁ) ଶବ୍ଦ ସମସ୍ତଙ୍କ ପ୍ରତି ବ୍ୟବହୃତ ହୁଏ । ଇଂରାଜୀ ଭାଷାରେ ସେସବୁ cringing politeness (ହୀନସ୍ୱାନ ଭଦ୍ରତା) ନାହିଁ; ସେସବୁ ବଙ୍ଗଳା ଶବ୍ଦର ତର୍ଜମା ହାସ୍ୟାସ୍ପଦ ହୁଏ । ରାମକୃଷ୍ଣ ପରମହଂସ, ଈଶ୍ୱର, ଭଗବାନ—ସେସବୁ ଏ ଦେଶରେ କଅଣ ଚଳେ ? M.—has a tendency to put that stuff down everybody's throat, but that will make our movement a little sect. You keep separate from such attempts. At the

* ତୁମମାନଙ୍କର ଟିକିଏ କାମ-ଚଳାଇବାର ବୁଦ୍ଧି ଥିବା ଆବଶ୍ୟକ । ବର୍ତ୍ତମାନ ତୁମମାନଙ୍କର ଦରକାର ସଙ୍ଘବଦ୍ଧ ହେବା । ସେଥିପାଇଁ ସମ୍ପୂର୍ଣ୍ଣ ଆଜ୍ଞାବହତା ଏବଂ ଶ୍ରମ-ବିଭାଗ ପ୍ରୟୋଜନ । ମୁଁ ସମସ୍ତ ଭିନ୍ନ ଭିନ୍ନ କରି ଇଂଲଣ୍ଡରୁ ଲେଖି ପଠାଇବି । କାଲି ମୁଁ ସେଠାକୁ ଯିବି । ମୁଁ ତୁମମାନଙ୍କୁ ସଙ୍ଘବଦ୍ଧ ସୁନ୍ଦର କର୍ମୀ ରୂପେ ପରିଣତ କରିବି ।

same time, if people worship him as God, no harm. Neither encourage nor discourage. The masses will always have the *person;* the higher ones, the *principle;* we want both. But principles are universal, not *persons*. Therefore stick to the principles he taught; let people think whatever they like of this person.... Truce to all quarrels and jealousy and bigotry These will spoil everything. The first should be last and the last first. * 'ମଦ୍‌ଭକ୍ତାନାଞ୍ଚ ଯେ ଭକ୍ତାସ୍ତେ ମେ ଭକ୍ତତମା ମତାଃ ।' (ମୋର ଭକ୍ତଗଣଙ୍କର ଯେଉଁମାନେ ଭକ୍ତ ସେହିମାନେ ହିଁ ମୋର ଶ୍ରେଷ୍ଠ ଭକ୍ତ) । ଇତି

ବିବେକାନନ୍ଦ

୨୮୨ଇଂ

Waveney Mansions, Fairhazel Gardens, London

ଅପ୍ରେଲ ୧୮୯୭, ଗୁରୁବାର ଅପରାହ୍ନ

ପ୍ରିୟ ଷ୍ଟର୍ଡି,

ମୁଁ ସକାଳଓଳି ତୁମକୁ କହିବାକୁ ଭୁଲିଯାଇଥିଲି ଯେ, ଅଧ୍ୟାପକ ମ୍ୟାକ୍‌ସମୂଲର୍ ପତ୍ରଦ୍ୱାରା ଜଣାଇଛନ୍ତି—ଯଦି ମୁଁ ଅକ୍‌ସଫୋର୍ଡରେ ଭାଷଣ ଦେବାକୁ ଯାଏ, ସେ ଯଥାସାଧ୍ୟ ସାହାଯ୍ୟ କରିବେ ।

ତୁମର ସ୍ନେହବଦ୍ଧ, ବିବେକାନନ୍ଦ

ପୁଃ—ଶଙ୍କର ପାଣ୍ଡୁରଙ୍ଗଙ୍କ ଦ୍ୱାରା ସମ୍ପାଦିତ ଅଥର୍ବବେଦ-ସଂହିତା ପାଇଁ ତୁମେ କ'ଣ ଚିଠି ଲେଖିଛ ?

---

* ସମସ୍ତଙ୍କୁ ଜୋର୍ କରି ସେହି ଭାବଟି ଗଳାଧଃକରଣ କରାଇବାର ଗୋଟାଏ ଝୁଙ୍କ ମ—ର ଅଛି । କିନ୍ତୁ ତାହା ଆମମାନଙ୍କୁ ଗୋଟିଏ କ୍ଷୁଦ୍ର ସମ୍ପ୍ରଦାୟରେ ପରିଣତ କରିବ ମାତ୍ର । ତୁମେମାନେ ଏବଂବିଧ ସବୁ ପ୍ରସ୍ତାବରୁ ପୃଥକ୍ ରହିବ । ଅଥଚ ଯଦି ଲୋକେ ତାହାଙ୍କୁ ଈଶ୍ୱର ବୋଲି ପୂଜା କରନ୍ତି, କ୍ଷତି ନାହିଁ । ସେମାନଙ୍କୁ ଉତ୍ସାହ ଦେବ ନାହିଁ କି ନିରୁତ୍ସାହିତ କରିବ ନାହିଁ । ସାଧାରଣ ତ ଚିରକାଳ ବ୍ୟକ୍ତି ହିଁ ଚାହିଁବେ; ଉଚ୍ଚ ଶ୍ରେଣୀର ଲୋକମାନେ ଭାବଟି ଗ୍ରହଣ କରିବେ । ଆମେ ଦୁଇଟିଯାକ ଚାହୁଁ, କିନ୍ତୁ ଭାବଗୁଡ଼ିକ ହିଁ ସାର୍ବଭୌମ, ବ୍ୟକ୍ତିମାନେ ନୁହନ୍ତି । ସୁତରାଂ ତାଙ୍କର ପ୍ରଚାରିତ ଭାବଗୁଡ଼ିକୁ ଦୃଢ଼ ଭାବରେ ଧରିଥାଅ; ଏବେ ଲୋକେ ତାଙ୍କର ବ୍ୟକ୍ତିତ୍ୱ ସମ୍ବନ୍ଧରେ ଯାହା ଖୁସି ଭାବନ୍ତୁ ନା କାହିଁକି । ସର୍ବପ୍ରକାର ବିବାଦ, ବିଦ୍ୱେଷ ଓ ଅନ୍ଧ-ବିଶ୍ୱାସର ବିରାମ ହେଉ; ଏସବୁ ରହିଲେ ସବୁ ପଣ୍ଡ ହୋଇଯିବ । ଯେ ପ୍ରଥମରେ ଅଛି, ସେ ସର୍ବଶେଷରେ ଯିବ, ଯେ ସର୍ବଶେଷରେ ଅଛି ସେ ପ୍ରଥମ ହେବ ।

୨୮୩ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

ହାଇଭିଉ, କ୍ୟାଭର୍ସାମ, ରିଡିଂ, ଇଂଲଣ୍ଡ
୨୭ ଅପ୍ରେଲ ୧୮୯୬

କଲ୍ୟାଣବରେଷୁ,

ଶରତ୍ ମୁଖରୁ ସବିଶେଷ ଅବଗତ ହେଲି । 'ଦୁଷ୍ଟ ଗୋରୁ ଅପେକ୍ଷା ଶୂନ୍ୟ ଗୁହାଳ ଭଲ'—ଏକଥା ସର୍ବଦା ମନେରଖିବ ।... ମୁଁ ନିଜର କୌଣସି ଲାଭ ଆଶାରେ ନୁହେଁ, କିନ୍ତୁ ତୁମମାନଙ୍କ କଲ୍ୟାଣ ଓ ପ୍ରଭୁଙ୍କ ଅବତୀର୍ଣ୍ଣ ହେବାର ଉଦ୍ଦେଶ୍ୟ ସଫଳ ହେବା ପାଇଁ ଲେଖୁଛି । ସେ ତୁମମାନଙ୍କର ଭାର ମୋ ଉପରେ ଦେଇଥିଲେ ଏବଂ ତୁମମାନଙ୍କ ଦ୍ୱାରା ଜଗତର ମହା-କଲ୍ୟାଣ ହେବ, ଯଦିଓ ଅନେକେ ବର୍ତ୍ତମାନ ତାହା ଅବଗତ ନୁହନ୍ତି, ଏଥିପାଇଁ କେବଳ ବିଶେଷକରି ଲେଖୁଛି, ମନେରଖିବ । ତୁମମାନଙ୍କ ମଧ୍ୟରେ ଦ୍ୱେଷଭାବ ଓ ଅହମିକା ପ୍ରବଳ ହେଲେ ଘୋର ଦୁଃଖର ବିଷୟ । ଯେଉଁମାନେ ଦଶ ଜଣ ମିଳି ଦଶ ଦିନ ପ୍ରୀତିର ସହିତ ବାସ କରିବାକୁ ସକ୍ଷମ ନୁହନ୍ତି, ସେମାନଙ୍କ ଦ୍ୱାରା ଜଗତରେ ପ୍ରୀତି-ସ୍ଥାପନ କଅଣ ସମ୍ଭବ ? ନିୟମ-ବଦ୍ଧ ହେବା ଅବଶ୍ୟ ଭଲ ନୁହେଁ, କିନ୍ତୁ ଅପକ୍ୱ ଅବସ୍ଥାରେ ନିୟମ ବଶରେ ଚଳିବା ଆବଶ୍ୟକ—ଅର୍ଥାତ୍ ପ୍ରଭୁ ଯେଉଁ ପ୍ରକାର ଆଦେଶ କରୁଥିଲେ ଯେ, କଅଁଳିଆ ଗଛ ଗଛର ଚାରିଆଡ଼େ ବାଡ଼ ଦେବାକୁ ହୁଏ ଇତ୍ୟାଦି । ଦ୍ୱିତୀୟତଃ, ଅଳସ ମନରେ ଅନେକ ପରଚର୍ଚ୍ଚା, ଦଳାଦଳି ପ୍ରଭୃତି ଭାବ ସହଜରେ ହିଁ ଆସେ । ସେଥିପାଇଁ ନିମ୍ନଲିଖିତ ନିର୍ଦ୍ଦେଶଗୁଡ଼ିକ ଲେଖୁଛି । ତଦନୁଯାୟୀ ଯଦି କାର୍ଯ୍ୟ କର, ପରମ ମଙ୍ଗଳ ହେବ, ସେଥିରେ ଆଉ ସନ୍ଦେହ ନାହିଁ । ଯଦି ନ କର ଶୀଘ୍ର ସମସ୍ତ ପରିଶ୍ରମ ବିଫଳ ହେବାର ସମ୍ଭାବନା ।

ପ୍ରଥମତଃ ମଠ ଚଳାଇବା ସମ୍ବନ୍ଧରେ ଲେଖୁଛି—

୧ । ମଠ ପାଇଁ ଯଥେଷ୍ଟ ସ୍ଥାନ ସହିତ ଗୋଟିଏ ଘର ଭଡ଼ା ନେବ ଅଥବା ବଗିଚା, ଯହିଁରେ ପ୍ରତ୍ୟେକଙ୍କ ପାଇଁ ଗୋଟିଏ ଗୋଟିଏ ଛୋଟ ଘର ହୁଏ । ଗୋଟିଏ ବଡ଼ ହଲ ପୁସ୍ତକାଦି ରଖିବା ପାଇଁ ଏବଂ ଗୋଟିଏ ଅପେକ୍ଷାକୃତ ଛୋଟ ଘର, ସେଠାରେ ଲୋକଙ୍କ ସହିତ ଦେଖାଶୁଣା କରିବା ପାଇଁ । ଯଦି ସମ୍ଭବ ହୁଏ ଆହୁରି ଗୋଟିଏ ବଡ଼ ହଲ୍ ସେହି ଘରେ ରହିବା ଆବଶ୍ୟକ, ଯେଉଁଠି ପ୍ରତ୍ୟହ ଶାସ୍ତ୍ର ଓ ଧର୍ମ-ଚର୍ଚ୍ଚା ସାଧାରଣଙ୍କ ପାଇଁ ହେବ ।

୨ । କୌଣସି ଲୋକ ମଠକୁ ଆସିଲେ ସେ ଯାହାଙ୍କ ସହିତ ଦେଖା କରିବାକୁ ଚାହିଁବେ, ତାଙ୍କର ସଙ୍ଗରେ ଦେଖା କରି ଚାଲିଯିବେ, ଯେପରି ଅପରକୁ ବିରକ୍ତ ନ କରନ୍ତି ।

୩ । ଜଣଙ୍କ ପରେ ଜଣେ ପରିବର୍ତ୍ତିତ କରି ପ୍ରତ୍ୟହ କେତେ ଘଣ୍ଟା ଉକ୍ତ ହଲ୍‌ରେ ସର୍ବସାଧାରଣଙ୍କ ନିମିତ୍ତ ଉପସ୍ଥିତ ରହିବେ—ଯହିଁରେ ସାଧାରଣ ଲୋକେ ଯାହା ପଚାରିବାକୁ ଆସିବେ, ତାହାର ସଦୁତ୍ତର ପାଇବେ ।

୪ । ଯେ ଯାହାର ନିଜ ଘରେ ବାସ କରିବେ—ବିଶେଷ କାର୍ଯ୍ୟ ନ ପଡ଼ିଲେ ଆଉ

ଜଣଙ୍କ ଘରକୁ କୌଣସି ପ୍ରକାରରେ ଯିବେ ନାହିଁ । ପୁସ୍ତକାଗାରରେ ଯାହାର ପଢ଼ିବାର ଇଚ୍ଛା ହେବ, ଯାଇ ପଢ଼ିପାରିବ । କିନ୍ତୁ ସେଠାରେ ଧୂମପାନ କରିବା ବା ଅପର ସହିତ କଥାବାର୍ତ୍ତା ପୂରାପୂରି ନିଷେଧ କରିବ । ନିଃଶବ୍ଦରେ ପଢ଼ାପଢ଼ି କରିବାକୁ ହେବ ।

୫ । ଗାଲ୍‌ଗପ ସମସ୍ତେ ଜୁଟି ଗୋଟିଏ ଘରେ ବାଜେ କଥା କହିବା ଓ ବାହାର ଲୋକ ଯିଏ ଆସିବ, ସେହି ଗୋଲମାଲରେ ଯୋଗ ଦେବା, ତାହା ଏକାବେଳକେ ନିଷେଧ ।

୬ । କେବଳ ଯେଉଁମାନେ ଧର୍ମଜିଜ୍ଞାସୁ, ସେମାନେ ଶାନ୍ତ ଭାବରେ ଆସି ସାଧାରଣ ହଲରେ ବସି ରହିବେ ଓ ଯାହାଙ୍କୁ ଚାହାଁନ୍ତି ତାଙ୍କ ସହିତ ଦେଖା କରି ଚାଲିଯିବେ । ଅଥବା କୌଣସି ସାଧାରଣ ପରିଦର୍ଶନ ଥିଲେ, ସେଦିନଟି ପାଇଁ ଯେ ସେହି କାର୍ଯ୍ୟର ଭାର ପାଇଛନ୍ତି, ତାଙ୍କୁ ପଚାରିକରି ଚାଲିଯିବେ ।

୭ । ଜଣଙ୍କ କଥା ଆଉ ଜଣଙ୍କୁ କହିବା ବା ଫୁସୁରଫାସର, ପରନିନ୍ଦା ଏକବାରେ ତ୍ୟାଗ କରିବ ।

୮ । ଗୋଟିଏ ଛୋଟ ଘରେ ଅଫିସ୍ ହେବ । ଯେ ସେକ୍ରେଟେରୀ, ସେ ସେହି ଘରେ ଥିବେ ଓ ସେହି ଘରେ କାଳି, କାଗଜ, ଚିଠି ଲେଖିବାର ସରଞ୍ଜାମ ଇତ୍ୟାଦି ସମସ୍ତ ଥିବ । ସେ ସମସ୍ତ ଆୟବ୍ୟୟର ହିସାବ ରଖିବେ ଓ ଯେଉଁ ସମସ୍ତ ଚିଠିପତ୍ର ଇତ୍ୟାଦି ଆସିବ, ତାହା ତାଙ୍କରି ନିକଟକୁ ଆସିବ ଓ ସେ ପତ୍ର ଆଦି ନ ଖୋଲି ଯାହା ଯାହା ନାମରେ ଅଛି ତାହାଙ୍କୁ ତାହାଙ୍କୁ ବାଣ୍ଟିଦେବେ । ପୁସ୍ତକ ଓ ପତ୍ରିକାଦି ପୁସ୍ତକାଗାରକୁ ଯିବ ।

୯ । ଗୋଟିଏ ଛୋଟ ଘର ଥିବ ତମାଖୁ ଖାଇବା ପାଇଁ । ତା'ଛଡ଼ା ଅପର କୌଣସି ସ୍ଥାନରେ ତମାଖୁ ଖାଇବା ଆବଶ୍ୟକ ନାହିଁ ।

୧୦ । ଯିଏ ଗାଳିମନ୍ଦ ବା କ୍ରୋଧାଦି କରିବାକୁ ଚାହିଁବେ, ତାଙ୍କୁ ସେ ସକଳ କାର୍ଯ୍ୟ ମଠ ବାହାରେ ଯାଇ କରିବାକୁ ହେବ । ଏହାର ଅନ୍ୟଥା ତିଳେମାତ୍ର ଯେପରି ନ ହୁଏ ।

## ଶାସନ-ସମିତି

୧ । ଜଣେ ମହନ୍ତଙ୍କୁ ପ୍ରତିବର୍ଷ ନିର୍ବାଚନ କରିବ ଅଧିକ ଲୋକଙ୍କ ମତ ନେଇ । ଦ୍ୱିତୀୟ ବର୍ଷ ଆଉ ଜଣେ ଇତ୍ୟାଦି ।

୨ । ଏବର୍ଷ ରାଖାଲକୁ ମହନ୍ତ କର, ତା'ପରେ ଅଉ ଜଣଙ୍କୁ ସେକ୍ରେଟେରୀ କର । ଏହାଛଡ଼ା ଆଉ ଜଣଙ୍କୁ ପୂଜାପତ୍ର ଓ ରନ୍ଧାବଢ଼ାର ତଦାରଖ କରିବା ପାଇଁ ନିର୍ବାଚନ କର ।

୩ । ସେକ୍ରେଟେରୀର ଆଉ ଏକ କାର୍ଯ୍ୟ—ସେ ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବେ । ଏହି ବିଷୟରେ ତିନୋଟି ଉପଦେଶ ଅଛି :—

(୧ମ) ପ୍ରତି ଘରେ ପ୍ରତ୍ୟେକ ଲୋକଙ୍କ ପାଇଁ ଗୋଟିଏ ଗୋଟିଏ ଖଟିଆ ଓ ଗେଡେଇ ଇତ୍ୟାଦି (ଥିବ) । ପ୍ରତ୍ୟେକଙ୍କୁ ଆପଣା ଆପଣା ଘର ପରିଷ୍କାର କରିବାକୁ ହେବ ।

(୨ୟ) ରନ୍ଧା ଓ ପିଇବା ପାଇଁ ପାଣି ଯେପରି ପରିଷ୍କାର ଓ ଦୋଷହୀନ ହୁଏ, ତାହା ଅବଶ୍ୟ କରିବ, କାରଣ ଦୂଷିତ ବା ଅପରିଷ୍କୃତ ଜଳରେ ଭୋଗ ରାନ୍ଧିଲେ ମହାପାପ ହୁଏ ।

(୩ୟ) ଶରତ୍‌କୁ ଯେପରି କୋଠ କରିଦେଇଛ, ସେହିପରି ଗେରୁଆ ଆଲଖାଲ୍ଲା— ପ୍ରତ୍ୟେକଙ୍କୁ ଦୁଇଟି କରି ଦେବ ଏବଂ ଲୁଗାପଟା ଯେପରି ପରିଷ୍କାର ରହେ ତାହା ଦେଖିବା ।··· ଘର ଅତ୍ୟନ୍ତ ପରିଷ୍କାର ଯେପରି ରହେ—ତଳ ଉପରର ସମସ୍ତ ଘର, ସେ ଦିଗକୁ ନଜର ରଖିବ ।

୪ । ଯେ କେହି ସନ୍ନ୍ୟାସୀ ହେବାକୁ ଚାହିଁବେ, ପ୍ରଥମେ ତାଙ୍କୁ ବ୍ରହ୍ମଚାରୀ କରିବ— ଏକବର୍ଷ ମଠରେ, ଏକବର୍ଷ ବାହାରେ, ତା'ପରେ ସନ୍ନ୍ୟାସୀ କରିଦେବ ।

୫ । ଠାକୁରପୂଜାର ଭାର ଉକ୍ତ ବ୍ରହ୍ମଚାରୀଙ୍କ ମଧ୍ୟରୁ ଜଣକୁ ଦେବ ଏବଂ ମଝିରେ ମଝିରେ ବଦଳାଇ ଦେବ ।

### ବିଭାଗ

ମଠରେ ଏହି କେତୋଟି ବିଭାଗ ରହିବ, ଯଥା :—(୧) ବିଦ୍ୟା-ବିଭାଗ, (୨) ପ୍ରଚାର-ବିଭାଗ, (୩) ସାଧନ-ବିଭାଗ ।

ବିଦ୍ୟା-ବିଭାଗ—ଯେଉଁମାନେ ପଢ଼ିବାକୁ ଚାହାଁନ୍ତି ସେମାନଙ୍କ ପାଇଁ ପୁସ୍ତକାଦି ଓ ଅଧ୍ୟାପକ ସଂଗ୍ରହ ଏହି ବିଭାଗର ଉଦ୍ଦେଶ୍ୟ । ପ୍ରତ୍ୟହ ପ୍ରାତଃକାଳରେ ଏବଂ ସାୟଂକାଳରେ ସେମାନଙ୍କ ପାଇଁ ଅଧ୍ୟାପକ ଉପସ୍ଥିତ ଥିବେ ।

ପ୍ରଚାର-ବିଭାଗ—ମଠବାସୀ ଓ ପ୍ରବାସୀ । ମଠବାସୀ ପ୍ରଚାରକମାନେ ପ୍ରତ୍ୟହ ଶାସ୍ତ୍ରାଦି ପାଠ ଓ ପ୍ରଶ୍ନ-ଉତ୍ତରାଦି ଦ୍ୱାରା ଜିଜ୍ଞାସୁମାନଙ୍କୁ ଶିକ୍ଷା ଦେବେ । ପ୍ରବାସୀମାନେ ଗ୍ରାମେ ଗ୍ରାମେ ପ୍ରଚାର କରିବେ ଓ ସ୍ଥାନେ ସ୍ଥାନେ ସେହି ମଠ ଭଳି ମଠ ସ୍ଥାପନ ଲାଗି ଚେଷ୍ଟା କରିବେ ।

ସାଧନ-ବିଭାଗ—ଯେଉଁମାନେ ସାଧନ-ଭଜନ କରିବାକୁ ଚାହାଁନ୍ତି, ସେମାନଙ୍କର ନିଜ ନିଜ ଘରେ ସାଧନ-ଭଜନରେ ଯାହା ଆବଶ୍ୟକ ତାହିଁରେ ସହାୟତା କରିବା ଇତ୍ୟାଦି । କିନ୍ତୁ ଜଣେ ସାଧନ କରନ୍ତି ବୋଲି ଅନ୍ୟ କାହାକୁ ଯେ ପଢ଼ିବାକୁ ଦେବେ ନାହିଁ, ଅଥବା ପ୍ରଚାର କରିବାକୁ ଦେବେ ନାହିଁ, ଏ ପ୍ରକାର ଯେପରି ନ ହୁଏ । ଯିଏ ଉତ୍ପାତ କରିବେ, ତାହାଙ୍କୁ ଅନ୍ତର ହେବାକୁ ତତ୍‌କ୍ଷଣାତ୍ କହିବ—ଏଥିରେ ଯେପରି ଅନ୍ୟଥା ନ ହୁଏ ।

ମଠବାସୀ ପ୍ରଚାରକମାନେ ପର୍ଯ୍ୟାୟକ୍ରମରେ ଭକ୍ତି, ଜ୍ଞାନ, ଯୋଗ ଓ କର୍ମ ସମ୍ବନ୍ଧରେ ଉପଦେଶ ଦେବେ ଏବଂ ତତ୍ ସମ୍ବନ୍ଧରେ ଦିବସ ଓ ସମୟ ନିର୍ଦ୍ଦିଷ୍ଟ କରି ଉକ୍ତ ଶିକ୍ଷାଗୃହର ଦ୍ୱାରରେ ଲଟକାଇ ଦେବେ—ଅର୍ଥାତ୍ ଯେପରି ଭକ୍ତିଜିଜ୍ଞାସୁ ଜ୍ଞାନଶିକ୍ଷା ସମୟରେ ଆସି ଆଘାତ ନ ପାଆନ୍ତି ଇତ୍ୟାଦି । ବାମାଚାର-ସାଧନର ଉପଯୁକ୍ତ ତୁମେମାନେ କେହି ନୁହଁ; ଅତଏବ ବାମ-ମାର୍ଗର ନାମ ଗନ୍ଧ ବି ମଠରେ ଯେପରି ନ ହୁଏ । ଯେ ଏକଥା ନ ଶୁଣିବେ, ତାଙ୍କର ସ୍ଥାନ ବାହାରେ । ସେ ସାଧନର ନାମ ପର୍ଯ୍ୟନ୍ତ ଯେପରି ମଠରେ ନ ହୁଏ । 'ତାଙ୍କ' ଘରେ ଯେଉଁ ଦୁର୍ବୃତ୍ତ ବିକଟ ବାମାଚାର ଭର୍ତ୍ତି କରିବ, ତା'ର ଇହପରକାଳ ଉତ୍ସନ୍ନ ହେବ ।

## କେତୋଟି ସାଧାରଣ ନିର୍ଦ୍ଦେଶ

୧ । କୌଣସି ସ୍ତ୍ରୀ-ଲୋକ ଯଦି କୌଣସି ସନ୍ନ୍ୟାସୀଙ୍କ ସହିତ ଦେଖା କରିବାକୁ ଆସନ୍ତି, ତାହାହେଲେ ସାଧାରଣ ଗୃହରେ ଯାଇ କଥାବାର୍ତ୍ତା କରିବେ । କୌଣସି ସ୍ତ୍ରୀ-ଲୋକ ଅନ୍ୟ କୌଣସି ଘରେ ପ୍ରବେଶ କରିପାରିବେ ନାହିଁ, ଠାକୁର-ଘର ଛଡ଼ା ।

୨ । କୌଣସି ସନ୍ନ୍ୟାସୀ ସ୍ତ୍ରୀ-ଲୋକଙ୍କ ମଠରେ ଯାଇ ବାସ କରିପାରିବେ ନାହିଁ । ଯଦି ନ ଶୁଣନ୍ତି ମଠରୁ ଦୂର କରିଦେବ । ଦୁଷ୍ଟ ଗୋରୁ ଅପେକ୍ଷା ଶୂନ୍ୟ ଗୁହାଳ (ଭଲ) ।

୩ । ଦୁଷ୍ଟଚରିତ୍ର ଲୋକର ପୂରାପୂରି ପ୍ରବେଶ ନିଷେଧ । କୌଣସି ଆଳ କରି ସେମାନଙ୍କର ଛୁଇଁ ଯେପରି ଆମ ଘରେ ନ ପଡ଼େ । ଯଦି ତୁମମାନଙ୍କ ମଧ୍ୟରୁ କେହି ଦୁଷ୍ଟଚରିତ୍ର ହୁଏ, ସେ କେହି ହେଉ ପଛକେ, ତତ୍‌କ୍ଷଣାତ୍ ବିଦାୟ କର । ଦୁଷ୍ଟ ଗୋରୁ ଦରକାର ନାହିଁ । ପ୍ରଭୁ ଅନେକ ଭଲ ଭଲ ଲୋକ ଆଣିବେ ।

୪ । ଶିକ୍ଷା ଦେବା ଗୃହରେ ଓ ସମୟରେ ଏବଂ ପ୍ରଚାର ଗୃହରେ ଓ ସମୟରେ ଯେ କୌଣସି ସ୍ତ୍ରୀ-ଲୋକ ଆସିପାରନ୍ତି; କିନ୍ତୁ ଉକ୍ତ ସମୟ ଅତୀତ ହେବାମାତ୍ରେ ଚାଲିଯିବାକୁ ହେବ ।

୫ । କୌଣସି କ୍ରୋଧ ବା ଈର୍ଷାର ପ୍ରକାଶ ବା ଗୋପନରେ ଜଣକର ନିନ୍ଦା ଆଉ ଜଣକ ନିକଟରେ କଦାଚ କରିବ ନାହିଁ ।··· ଜଣେ ଅଉ ଜଣକର ଦୋଷ ଦେଖିବାରେ ଖୁବ୍ ମଜଭୁତ—କିନ୍ତୁ ଆପଣାର ଦୋଷଗୁଡ଼ିକ କେହି ସୁଧାରିବେ ନାହିଁ ।

୬ । ଆହାରର ନିର୍ଦ୍ଦିଷ୍ଟ ସମୟ ଯେପରି ଠିକ୍ ରହେ । ପ୍ରତ୍ୟେକଙ୍କ ବସିବା ଲାଗି ଖଣ୍ଡିଏ ଆସନ ଓ ଖାଇବା ଲାଗି ଗୋଟିଏ ଛୋଟ ଚୌକି ରହିବ—ଆସନରେ ବସି ଚୌକି ଉପରେ ଥାଳ ରଖି ଖାଇବେ—ଯେପରି ରାଜପୁତାନାରେ ।

## କାର୍ଯ୍ୟକାରୀ ସଭ୍ୟ (Office-bearers)

ସମସ୍ତ ଅଫିସର୍‌ଙ୍କୁ ତୁମେମାନେ ଭୋଟ ଦ୍ୱାରା ବାଛିନେବ, ଯେ ପ୍ରକାର 'ବୁଦ୍ଧ ମହାରାଜ'ଙ୍କର ଆଜ୍ଞା—ଅର୍ଥାତ୍ ଜଣେ ପ୍ରପୋଜ୍ (ପ୍ରସ୍ତାବ) କଲେ, 'ଅମୁକ ଏକବର୍ଷ ପାଇଁ ମହନ୍ତ ହେଉ ।' ସମସ୍ତେ 'ହଁ' କି 'ନାହିଁ' କାଗଜରେ ଲେଖି ଗୋଟିଏ କୁମ୍ଭରେ ନିକ୍ଷେପ କରିବେ । ଯଦି 'ହଁ' ଅଧିକ ହୁଏ, ସେ ମହନ୍ତ ହେବେ ଇତ୍ୟାଦି ।

ଯଦିବା ତୁମେମାନେ ଉକ୍ତ ଭାବରେ ଅଫିସର୍ ବାଛିନେବ, ତଥାପି ମୁଁ suggest (ପ୍ରସ୍ତାବ) କରୁଛି ଯେ, ଏବର୍ଷ ରାଖାଲ ମହନ୍ତ, ତୁଳସୀ ସେକ୍ରେଟେରୀ ଓ ଟ୍ରେଜରର୍, ଗୁପ୍ତ ଲାଇବ୍ରେରିୟାନ୍, ଶଶୀ, କାଳୀ, ହରି ଓ ସାରଦା ପର୍ଯ୍ୟାୟକ୍ରମରେ ପଢାଇବାର ଓ ଉପଦେଶ ଦେବାର ଭାର ନିଅନ୍ତୁ ଇତ୍ୟାଦି । ସାରଦା ଯେଉଁ କାଗଜ ବାହାର କରିବାକୁ ଇଚ୍ଛା କରୁଛି, ତାହା ଅବଶ୍ୟ ଉତ୍ତମ କଥା; କିନ୍ତୁ ସମସ୍ତେ ଯଦି ମିଳିମିଶି କରିପାର ତ, ମୋର ସମ୍ମତି ଅଛି ।

ମତାମତ ସମ୍ବନ୍ଧରେ ଏହି ଯେ, ଯଦି କେହି ପରମହଂସ ଦେବଙ୍କୁ ଅବତାର ଇତ୍ୟାଦି

ବୋଲି ମାନନ୍ତି ଉତ୍ତମ କଥା, ନ ମାନନ୍ତି, ଉତ୍ତମ କଥା । ସାର କଥା ଏହି ଯେ, ପରମହଂସ-ଦେବ ଚରିତ୍ର ବିଷୟରେ ପୁରାତନ ଠାକୁରମାନଙ୍କର ଉପରେ ଅଛନ୍ତି ଏବଂ ଶିକ୍ଷା ସମ୍ବନ୍ଧରେ ସମସ୍ତଙ୍କ ଅପେକ୍ଷା ଉଦାର ଓ ନୂତନ ଏବଂ progressive (ପ୍ରଗତିଶୀଳ)—ଅର୍ଥାତ୍ ପୁରୁଣାମାନେ ସମସ୍ତେ ଏକ ପ୍ରକାରର । ଏହି ନୂତନ ଅବତାର ବା ଶିକ୍ଷକଙ୍କର ଏହି ଶିକ୍ଷା ଯେ, ବର୍ତ୍ତମାନ ଯୋଗ, ଭକ୍ତି, ଜ୍ଞାନ ଓ କର୍ମର ଉତ୍କୃଷ୍ଟ ଭାବକୁ ଏକାଠି କରି ନୂତନ ସମାଜ ତିଆରି କରିବାକୁ ହେବ ।··· ପୁରୁଣାମାନେ ଅବଶ୍ୟ ବେଶ୍ ଥିଲେ, କିନ୍ତୁ ଏ ଯୁଗର ଏହି ଧର୍ମ—ଏକାଧାରରେ ଯୋଗ, ଜ୍ଞାନ, ଭକ୍ତି ଓ କର୍ମ—ଆଚଣ୍ଡାଳକୁ ଜ୍ଞାନ-ଭକ୍ତି-ଦାନ—ଆବାଳ-ବୃଦ୍ଧବନିତା । ସେସବୁ କୃଷ୍ଣ-ବିଷ୍ଣୁ ବେଶ୍ ଠାକୁର ଥିଲେ; କିନ୍ତୁ ରାମକୃଷ୍ଣଙ୍କ ଭିତରେ ଏକାଧାରରେ ସମସ୍ତେ ପଶିଯାଇଛନ୍ତି । ସାଧାରଣ ଲୋକ ପକ୍ଷରେ ଏବଂ ପ୍ରଥମ ଉଦ୍ୟୋଗୀ ପକ୍ଷରେ ନିଷ୍ଠା ଅତ୍ୟନ୍ତ ଆବଶ୍ୟକ—ଅର୍ଥାତ୍ ଶିକ୍ଷା ଦିଅ ଯେ, ଅନ୍ୟ ସକଳ ଦେବଙ୍କୁ ନମସ୍କାର, କିନ୍ତୁ ପୂଜା ରାମକୃଷ୍ଣଙ୍କର । ବିନା ନିଷ୍ଠାରେ ତେଜ ହୁଏ ନାହିଁ—ତାହା ନ ହେଲେ ମହାବୀରଙ୍କ ଭଳି ପ୍ରଚାର ହୁଏ ନାହିଁ । ଆଉ ସେସବୁ ପୁରୁଣା ଠାକୁର ଦେବତା ବୁଢ଼ା ହୋଇ ଯାଇଛନ୍ତି—ବର୍ତ୍ତମାନ ନୂତନ ଭାରତ, ନୂତନ ଠାକୁର, ନୂତନ ଧର୍ମ, ନୂତନ ବେଦ । ହେ ପ୍ରଭୋ ! କେବେ ଏହି ପୁରୁଣାଙ୍କ ହାତରୁ ଉଦ୍ଧାର ପାଇବ ଆମର ଦେଶ ! ନିଷ୍ଠା ନ ହେଲେ କଲ୍ୟାଣ କାହିଁ ? ତେବେ ଅନ୍ୟ ପ୍ରତି ଦ୍ୱେଷ ତ୍ୟାଗ କରିବାକୁ ହେବ ।

ଯଦି ମୋ ବୁଦ୍ଧିରେ ଚଳିବା ତୁମମାନଙ୍କର ଉଚିତ ବୋଲି ବିଚାର ଏବଂ ଏହି ସକଳ ନିୟମ ପାଳନ କର, ତାହାହେଲେ ମୁଁ ମଠଭଡ଼ା ଏବଂ ସମସ୍ତ ଖରଚ-ପତ୍ର ପଠାଇଦେବି । ନଚେତ୍ ତୁମମାନଙ୍କ ସଙ୍ଗତ୍ୟାଗ ଏକଦମ୍ । ଅପିଚ ଗୌର-ମା, ଯୋଗୀନ୍-ମା ପ୍ରଭୃତିଙ୍କୁ ଏହି ଚିଠି ଦେଖାଇ ତାଙ୍କ ଦ୍ୱାରା ଏହିପ୍ରକାର ଗୋଟିଏ ମହିଳାମାନଙ୍କ ପାଇଁ ସ୍ଥାପନ କରାଇବ । ସେଠାରେ ଗୌରମାଙ୍କୁ ଏକବର୍ଷ ଲାଗି ମହନ୍ତ କରିବ, ଇତ୍ୟାଦି ଇତ୍ୟାଦି । କିନ୍ତୁ ତୁମମାନଙ୍କ ମଧ୍ୟରୁ କେହି ସେଠାକୁ ଯାଇପାରିବ ନାହିଁ । ସେମାନେ ନିଜେ ନିଜେ ସମସ୍ତ କରିବେ, ତୁମମାନଙ୍କ ହୁକୁମରେ କାହାରିକି ଚଳିବାକୁ ହେବ ନାହିଁ । ତାହାର ମଧ୍ୟ ସମସ୍ତ ଖରଚପତ୍ର ମୁଁ ପଠାଇଦେବି ।

ପ୍ରଭୁ ତୁମମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ! ଦୁଇଜଣ ଜଗନ୍ନାଥ ଦେଖିବାକୁ ଗଲେ—ଜଣେ ଦେଖିଲେ ଠାକୁର, ଆଉ ଜଣେ ଦେଖିଲେ ପୋଇଗଛ ! ! ! ବାବୁ ହେ, ତୁମେମାନେ ସମସ୍ତେ ତାଙ୍କ ସେବାରେ ଅବଶ୍ୟ ଥିଲ; କିନ୍ତୁ ଯେତେବେଳେ ମନ ଫୁଲିଉଠି ଆମ୍ବଡ଼ା ଗଛ ହେବ, ସେତିକିବେଳେ ଭାବିବ ଯେ, ତାଙ୍କ ସଙ୍ଗରେ ରହିଲେ କ'ଣ ହୁଏ ?—ଦେଖିଛ କେବଳ ପୋଇଗଛ ! ଯଦି ତାହା ନ ହୁଅନ୍ତା ତ ଏତେ ଦିନରେ ପ୍ରକାଶ ପାଇଥାନ୍ତା । ସେ ନିଜେ ହିଁ କହୁଥିଲେ, 'ନାଚ ଗାଇ ସେମାନେ ନରକକୁ ଯିବେ'—ସେହି ନରକର ମୂଳ 'ଅହଙ୍କାର' । 'ମୁଁ ବି ଯାହା ସେ ମଧ୍ୟ ତାହା'—ଭଲରେ ମାଧିଆ ? 'ମୋତେ ମଧ୍ୟ ସେ ଭଲ ପାଉଥିଲେ'—ହାସ୍ୟ ମଧୁରାମ, ତାହାହେଲେ କ'ଣ ତୁମର ଏ ଦୁର୍ଗତି ହୁଏ ?··· ଏବେ ବି ଉପାୟ ଅଛି—ସାବଧାନ ! ମନେରଖ ଯେ, ତାଙ୍କ କୃପାରେ ବଡ଼ ବଡ଼ ଦେବତାଙ୍କ ଭଳି

ମଣିଷ ତିଆରି ହୋଇଯିବେ, ଯେଉଁଠାରେ ତାଙ୍କର ଦୟା ପଡ଼ିବ ।... ଏବେ ବି ସମୟ ଅଛି, ସାବଧାନ ! Obedience is the first duty (ଆଜ୍ଞାବହତା ହିଁ ପ୍ରଥମ କର୍ତ୍ତବ୍ୟ)—ଯାହା କହୁଛି, କରିପକାଅ ଦେଖି ! ଏହି କେତୋଟି ଶ୍ରେଷ୍ଠ ଶ୍ରେଷ୍ଠ କାମ ପ୍ରଥମେ କରି ଦେଖି—ତା' ପରେ ବଡ଼ ବଡ଼ କାମ କ୍ରମେ ହେବ । ଅଲମିତି

ନରେନ୍ଦ୍ର

ପୁଃ—ଏହି ଚିଠି ସମସ୍ତଙ୍କୁ ପଢ଼ାଇବ ଏବଂ ତଦନୁଯାୟୀ କାର୍ଯ୍ୟ କରିବା ଯଦି ଉଚିତ ବୋଧହୁଏ, ମୋତେ ଲେଖିବ । ରାଖାଲକୁ କହିବ—ଯେ ସମସ୍ତଙ୍କର ଦାସ, ସେ ହିଁ ସମସ୍ତଙ୍କର ପ୍ରଭୁ । ଯାହାର ଭଲ ପାଇବାରେ ଶ୍ରେଷ୍ଠ ବଡ଼ ଅଛି, ସେ କେବେହେଲେ ଅଗ୍ରଣୀ ହୁଏ ନାହିଁ । ଯାହାର ପ୍ରେମର ବିରାମ ନାହିଁ, ଉଚ୍ଚ-ନୀଚ ନାହିଁ, ତା'ର ପ୍ରେମ ଜଗତ ଜୟ କରେ ।

ନରେନ୍ଦ୍ର

୨୮୪ Highview, Caversham, Reading,
C/o E. T, Sturdy, Esq., 1896

ପ୍ରିୟ,

...ପ୍ରତ୍ୟେକେ ପୂର୍ଣ୍ଣ ଉଦ୍ୟମ ପ୍ରକାଶ ନ କଲେ କ'ଣ କୌଣସି କାମ ସମ୍ପୂର୍ଣ୍ଣ ହୁଏ ? 'ଉଦ୍ୟୋଗିନମ୍ ପୁରୁଷସିଂହମୁପୈତି ଲକ୍ଷ୍ମୀଃ'—ସିଂହହୃଦୟ କାମିକା ମଣିଷ ପାଖକୁ ଲକ୍ଷ୍ମୀ ଦେବୀ ଆସିଥାନ୍ତି ।

ପଛକୁ ଫେରି ଅନାଇଁବାର ଆବଶ୍ୟକତା ନାହିଁ । ଆମର ଆବଶ୍ୟକ ଅନନ୍ତ ଶକ୍ତି, ଅସୀମ ଉତ୍ସାହ, ସୀମାହୀନ ସାହସ, ଅସୀମ ଧୈର୍ଯ୍ୟ; ତାହାହେଲେ ଆମେମାନେ ବଡ଼ ବଡ଼ କାମ କରିପାରିବୁ ।... ଇତି

ତୁମମାନଙ୍କର ସ୍ନେହଶୀଳ, ବିବେକାନନ୍ଦ

୨୮୫ଇଂ (ହେଲ୍ ଭଗିନୀଗଣଙ୍କୁ ଲିଖିତ)

ହାଇଭ୍ୟୁ, ରିଡ଼ିଂ, ୨୦ ଅପ୍ରେଲ୍ ୧୮୯୬

ସ୍ନେହର ଭଗିନୀଗଣ,

ସମୁଦ୍ରର ଅପର ପାର୍ଶ୍ୱରୁ ତୁମମାନଙ୍କୁ ଅଭିନନ୍ଦନ ଜଣାଏ । ଏଥରକ ସମୁଦ୍ରଯାତ୍ରା ଆନନ୍ଦଦାୟକ ହୋଇଛି ଏବଂ କୌଣସି ପୀଡ଼ା ହୋଇ ନାହିଁ । ସମୁଦ୍ରପୀଡ଼ାରୁ ରକ୍ଷା ପାଇବା ପାଇଁ ମୁଁ ନିଜେ କିଛି ଚିକିତ୍ସା କରିଥିଲି । ଆୟର୍ଲାଣ୍ଡ ମଧ୍ୟ ଦେଇ ଏବଂ ଇଂଲଣ୍ଡର କେତୋଟି ପୁରୁଣା ସହର ଦେଖି ଏକାଥରକେ ବୁଲି ଆସିଲି, ବର୍ତ୍ତମାନ ପୁଣି ରିଡ଼ିଂରେ 'ବ୍ରହ୍ମ, ମାୟା, ଜୀବ, ଜୀବାତ୍ମା, ଓ ପରମାତ୍ମା' ପ୍ରଭୃତି ନେଇ ରହିଛି । ଅନ୍ୟ ସନ୍ନ୍ୟାସୀ ଜଣକ ଏଠାରେ ରହିଛନ୍ତି; ମୁଁ ଯେତେ ଲୋକ ଦେଖିଛି, ସେମାନଙ୍କ ମଧ୍ୟରେ ସେ ଜଣେ ଚମତ୍କାର ଲୋକ, ବେଶ୍ ପଣ୍ଡିତ ମଧ୍ୟ । ଆମେ ବର୍ତ୍ତମାନ ଗ୍ରନ୍ଥଗୁଡ଼ିକର ସମ୍ପାଦନା କାର୍ଯ୍ୟରେ ବ୍ୟସ୍ତ । ପଥମଧ୍ୟରେ ଉଲ୍ଲେଖଯୋଗ୍ୟ କିଛି ଘଟିନାହିଁ—ନିତାନ୍ତ ନୀରସ, ବୈଚିତ୍ର୍ୟହୀନ ଏବଂ ଗଦ୍ୟମୟ;

ମୋ ଜୀବନ ପରି । ମୁଁ ଯେତେବେଳେ ଆମେରିକାର ବାହାରକୁ ଯାଏ, ସେତେବେଳେ ଆମେରିକାକୁ ବେଶୀ ଭଲପାଏ । ଯାହା ହେଉ, ଏପର୍ଯ୍ୟନ୍ତ ଯାହା ଦେଖିଛି, ତା' ଭିତରେ ସେଠାର କେତୋଟି ବର୍ଷ ସର୍ବୋତ୍କୃଷ୍ଟ ।

ତୁମେମାନେ କଣ 'ବ୍ରହ୍ମବାଦିନ୍' ପାଇଁ କିଛି ଗ୍ରାହକ ସଂଗ୍ରହର ଚେଷ୍ଟା କରୁଛ ? ମିସେସ୍ ଆଡାମସ୍ ଓ ମିସେସ୍ କଂଗରଙ୍କୁ ମୋର ପ୍ରୀତି ଜଣାଇବ । ଯେତେଶୀଘ୍ର ପାର ତୁମ ସମସ୍ତଙ୍କ କଥା ମୋ ପାଖକୁ ଲେଖିବ—ଆଉ ତୁମେମାନେ କଣ କରୁଛ, ତୁମର ଖିଆପିଆ ଓ ଘୁରିବୁଲିବାର ବୈଚିତ୍ର୍ୟହୀନତା କିପରି ଭାଙ୍ଗୁଛ ? ବର୍ତ୍ତମାନ ଟିକିଏ ବ୍ୟସ୍ତ ଅଛି, ପରେ ଏହା ଅପେକ୍ଷା ବଡ଼ ଚିଠି ଦେବି, ସୁତରାଂ ବିଦାୟ ଏବଂ ତୁମେମାନେ ସର୍ବଦା ସୁଖୀ ହୁଅ ।

ତୁମମାନଙ୍କର ସତତ ସ୍ନେହର ଭାଇ, ବିବେକାନନ୍ଦ

ପୁଃ—ମୁଁ ସମୟ ପାଇଲେ ମଦର୍ ଚର୍ଚ୍ଚଙ୍କ ପାଖକୁ ଲେଖିବି । ଶ୍ୟାମ ଏବଂ ଭଉଣୀ ଲକ୍‌କୁ ମୋର ପ୍ରୀତି ।

—ବି.

୨୮୭ଇଂ

୬୩ ନମ୍ବର ସେଣ୍ଟ ଜର୍ଜେସ ରୋଡ଼, ଲଣ୍ଡନ
ମେ ୧୮୯୬

ପ୍ରିୟ ଭଗିନି,

ପୁଣି ଲଣ୍ଡନରେ । ବର୍ତ୍ତମାନ ଇଂଲଣ୍ଡର ପାଗ ବେଶ ଚମତ୍କାର ଓ ଥଣ୍ଡା; ଘରେ ଅଗ୍ନିକୁଣ୍ଡରେ ନିଆଁ ରଖିବାକୁ ପଡ଼େ । ତୁମେ ଜାଣିବ, ଆମମାନଙ୍କ ବ୍ୟବହାର ପାଇଁ ଏଥର ଗୋଟିଏ ପୁରା ଘର ମିଳିଛି । ଘରଟି ଛୋଟ ହେଲେ ମଧ୍ୟ ବେଶ୍ ସୁବିଧାଜନକ । ଲଣ୍ଡନରେ ଘରଭଡ଼ା ଆମେରିକା ଭଳି ଏତେ ବେଶୀ ନୁହେଁ, ତାହା ବୋଧହୁଏ ତୁମେ ଜାଣ । ଏବେ ତୁମର ମାଆଙ୍କ କଥା ହିଁ ଭାବୁଥିଲି । ବର୍ତ୍ତମାନ ତାଙ୍କୁ ଖଣ୍ଡିଏ ପତ୍ର ଲେଖିବା ଶେଷ କରି ତାହା ମନ୍‌ରୋ ଏଣ୍ଡ କମ୍ପାନୀର ହେପାଜତରେ ୭ ନମ୍ବର ରୁସ୍କ୍ରିବ୍, ପ୍ୟାରିସ୍, ଏହି ଠିକଣାରେ ପଠାଇଛି । ଏଠାରେ କେତେଜଣ ପୁରୁଣା ବନ୍ଧୁ ମଧ୍ୟ ଅଛନ୍ତି । ମିସ୍ ମାକଲାଉଡ୍ ସମ୍ପ୍ରତି ଇଉରୋପ ଭ୍ରମଣ କରି ଲଣ୍ଡନକୁ ପ୍ରତ୍ୟାଗମନ କରିଛନ୍ତି । ତାଙ୍କ ସ୍ୱଭାବଟି ସୁନାଭଳି ଖାଣ୍ଟି ଏବଂ ତାଙ୍କର ସ୍ନେହପ୍ରବଣ ହୃଦୟଟିର କୌଣସି ପରିବର୍ତ୍ତନ ହୋଇନାହିଁ । ଆମେ ଏହି ଘରେ ଗୋଟିଏ ବେଶ୍ ଛୋଟିଆ ପରିବାର ହୋଇଛୁ; ଆଉ ଅଛନ୍ତି ଭାରତବର୍ଷରୁ ଆଗତ ଜଣେ ସନ୍ନ୍ୟାସୀ । 'ବିଚରା ହିନ୍ଦୁ' କହିଲେ ଯାହା ବୁଝାଏ, ତାହା ଏହାଙ୍କୁ ଦେଖିଲେ ହିଁ ବେଶ୍ ବୁଝିପାରିବ । ସବୁବେଳେ ସେପରି ଧ୍ୟାନସ୍ଥ ରହିଛନ୍ତି; ଅତି ନମ୍ର ଏବଂ ମଧୁରସ୍ୱଭାବ । ମୋର ଯେପରି ଗୋଟାଏ ଅଦମ୍ୟ ସାହସ ଏବଂ ଘୋର କର୍ମତତ୍ପରତା ଅଛି, ତାଙ୍କଠାରେ ତାହାର କିଛି ମଧ୍ୟ ନାହିଁ । ସେଥିରେ ଚଳିବ ନାହିଁ । ମୁଁ ତାଙ୍କ ଭିତରେ ଟିକିଏ କର୍ମଶୀଳତା ପ୍ରବେଶ କରାଇ ଦେବାର ଚେଷ୍ଟା କରିବି । ବର୍ତ୍ତମାନ ମୋର ଦୁଇଟି କରି କ୍ଲାସ୍‌ର ଅଧିବେଶନ ହେଉଛି । ଚାରି-ପାଞ୍ଚମାସ ଏହିଭଳି ଚାଲିବ—ତା'ପରେ ଭାରତକୁ ଯାଉଛି; କିନ୍ତୁ ଆମେରିକାରେ ହିଁ ମୋର ହୃଦୟ ପଡ଼ିରହିଛି—ମୁଁ ଇୟାଙ୍କି ଦେଶକୁ ଭଲ ପାଏ । ମୁଁ ନୂତନ

ସବୁ ଦେଖିବାକୁ ଚାହେଁ । ମୁଁ ପୁରାତନ ଧ୍ୱଂସାବଶେଷର ଚାରିଦଗରେ ଅଳସ ଭାବରେ ଘୁରି ବୁଲି, ସାରାଜୀବନ ପ୍ରାଚୀନ ଇତିହାସ-ସମୂହ ନେଇ ହା-ହୁତାଶ କରି, ଆଉ ପ୍ରାଚୀନ କାଳର ଲୋକମାନଙ୍କ କଥା ଭାବି ଭାବି ଦୀର୍ଘନିଃଶ୍ୱାସ ପକାଇବାକୁ ରାଜି ନୁହେଁ । ମୋର ରକ୍ତର ଯାହା ଜୋର୍ ଅଛି, ସେଥିରେ ଏପରି କରିବା ଚଳେ ନାହିଁ । ସମସ୍ତ ଭାବ ପ୍ରକାଶର ଉପଯୁକ୍ତ ସ୍ଥାନ, ପାତ୍ର ଓ ସୁଯୋଗ କେବଳ ଆମେରିକାରେ ହିଁ ଅଛି । ଆଉ ମୁଁ ଆମୂଳ ପରିବର୍ତ୍ତନର ଘୋରତର ପକ୍ଷପାତୀ ହୋଇପଡ଼ିଛି । ମୁଁ ଶୀଘ୍ର ଭାରତବର୍ଷକୁ ଫେରିବି, ପରିବର୍ତ୍ତନ-ବିରୋଧୀ ଖସଖସିଆ ଜେଲିମାଛଭଳି ସେହି ବିରାଟ ପିଣ୍ଡଟାର କିଛି କରିପାରେ କି ନାହିଁ ଦେଖିବାକୁ । ତା'ପରେ ପ୍ରାଚୀନ ସଂସ୍କାରଗୁଡ଼ାକୁ ଫିଙ୍ଗି ଫୋପାଡ଼ିଦେଇ ନୂଆ କରି ଆରମ୍ଭ କରିବି— ଏକାବେଳକେ ସମ୍ପୂର୍ଣ୍ଣ ନୂତନ, ସରଳ ଅଥଚ ସବଳ—ସଦ୍ୟଜାତ ଶିଶୁଭଳି ନବୀନ ଓ ସତେଜ । ପ୍ରାଚୀନ ଯାହାକିଛି ଦୂରକରି ଫିଙ୍ଗିଦିଅ— ନୂତନ କରି ଆରମ୍ଭ କର । ଯିଏ ସନାତନ, ଅସୀମ, ସର୍ବବ୍ୟାପୀ ଏବଂ ସର୍ବଜ୍ଞ ସେ କୌଣସି ବ୍ୟକ୍ତି ବିଶେଷ ନୁହନ୍ତି—ତତ୍ତ୍ୱ ମାତ୍ର । ତୁମେ, ମୁଁ ସମସ୍ତେ ହିଁ ସେହି ତତ୍ତ୍ୱର ବାହ୍ୟ ପ୍ରତିରୂପ ମାତ୍ର । ଏହି ଅନନ୍ତ ତତ୍ତ୍ୱର ଯେତେ ବେଶୀ କୌଣସି ବ୍ୟକ୍ତିଙ୍କ ଭିତରେ ପ୍ରକାଶିତ ହୋଇଛି, ସେ ସେତେ ମହତ୍; ଶେଷରେ ସମସ୍ତଙ୍କୁ ହିଁ ତାହାର ପୂର୍ଣ୍ଣ ପ୍ରତିମୂର୍ତ୍ତି ହେବାକୁ ହେବ; ଏହିରୂପେ ବର୍ତ୍ତମାନ ଯଦିଓ ସମସ୍ତେ ହିଁ ସ୍ୱରୂପତଃ ଏକ, ତଥାପି ସେତେବେଳେ ହିଁ ପ୍ରକୃତ ପକ୍ଷରେ ଏକ ହୋଇଯିବେ । ଧର୍ମ ଏହାଛଡ଼ା ଅନ୍ୟ କିଛି ନୁହେଁ । ଏହି ଏକତ୍ୱାନୁଭବ ବା ପ୍ରେମ ହିଁ ତାହାର ସାଧନ । ପୁରୁଣାକାଳିଆ ନିର୍ଜୀବ ଅନୁଷ୍ଠାନ ଏବଂ ଈଶ୍ୱର-ସମ୍ବନ୍ଧୀୟ ଧାରଣାସକଳ ପ୍ରାଚୀନ କୁସଂସ୍କାର ମାତ୍ର । ବର୍ତ୍ତମାନ ଯୁଗରେ ବି ସେଗୁଡ଼ିକୁ ବଞ୍ଚାଇ ରଖିବାର ଚେଷ୍ଟା ଆଉ କାହିଁକି ? ପାଖରେ ହିଁ ଯେତେବେଳେ ଜୀବନ ଏବଂ ସତ୍ୟର ନଦୀ ବହିଯାଉଛି, ସେତେବେଳେ ପୁଣି ତୃଷ୍ଣାର୍ତ୍ତ ଲୋକଗୁଡ଼ିକୁ ନର୍ଦ୍ଦମାର ପଚା ପାଣି ପିଆଇବାର ପ୍ରଚେଷ୍ଟା କାହିଁକି ? ଏହା ମନୁଷ୍ୟର ସ୍ୱାର୍ଥପରତା ବ୍ୟତୀତ ଅନ୍ୟ କିଛି ନୁହେଁ । ପୁରାତନ ସଂସ୍କାରଗୁଡ଼ିକୁ ସମର୍ଥନ କରି କରି ମୁଁ ବିରକ୍ତ ହୋଇପଡ଼ିଛି । ମୁଁ ବର୍ତ୍ତମାନ ସ୍ପଷ୍ଟ ଦେଖିପାରୁଛି ଯେ, ପୂତିଗନ୍ଧମୟ ଓ ଗତାୟୁ ଭାବରାଶିର ସମର୍ଥନ କରିବାକୁ ଯାଇ ଆଜି ପର୍ଯ୍ୟନ୍ତ ମୋର ଅନେକ ଶକ୍ତି ବୃଥା କ୍ଷୟ ହୋଇଛି । ଜୀବନ କ୍ଷଣସ୍ଥାୟୀ, ସମୟ ମଧ୍ୟ କ୍ଷିପ୍ରଗତିରେ ଚାଲିଯାଉଛି । ଯେଉଁ ସ୍ଥାନ ଓ ପାତ୍ରରେ ଭାବରାଶି ସହଜରେ କାର୍ଯ୍ୟରେ ପରିଣତ ହୋଇପାରେ, ସେହି ସ୍ଥାନ ଓ ପାତ୍ରକୁ ହିଁ ପ୍ରତ୍ୟେକର ବାଛିନେବା ଉଚିତ । ହାୟ ! ଯଦି ଦ୍ୱାଦଶଜଣ ମାତ୍ର ସାହସୀ, ଉଦାର, ମହତ୍ ଓ ଅକପଟ-ହୃଦୟ ଲୋକ ପାଆନ୍ତି !

ମୁଁ ନିଜେ ବେଶ୍ ଅଛି ଏବଂ ଜୀବନଟାକୁ ଖୁବ ଉପଭୋଗ କରୁଛି । ମୋର ପ୍ରୀତି ଜାଣିବ । ଇତି

ତୁମର, ବିବେକାନନ୍ଦ

୨୮୭ଇଂ (ମିସେସ୍ ଓଲବୁଲ୍‌ଙ୍କୁ ଲିଖିତ)

ଲଣ୍ଡନ, ୩୦ ମେ ୧୮୯୬

ପ୍ରିୟ ମିସେସ୍ ବୁଲ୍,

...ଗତ ପରର ଦିନ ଅଧ୍ୟାପକ ମ୍ୟାକ୍ସମୁଲରଙ୍କ ସହିତ ମୋର ବେଶ୍ ଆଳାପ ହୋଇଗଲା । ସେ ଜଣେ ଋଷିକଳ୍ପ ଲୋକ; ତାଙ୍କ ବୟସ ୭୦ ବର୍ଷ ହେଲେ ମଧ୍ୟ ସେ ଯୁବକ ଭଳି ଦିଶନ୍ତି; ଏପରିକି ତାଙ୍କ ମୁଖରେ ଗୋଟିଏ ହେଲେ ବାର୍ଦ୍ଧକ୍ୟର ରେଖା ନାହିଁ । ହାୟ ! ଭାରତବର୍ଷ ଓ ବେଦାନ୍ତ ପ୍ରତି ତାଙ୍କର ଯେପରି ପ୍ରୀତି ତା'ର ଅର୍ଦ୍ଧେକ ଯଦି ମୋର ଥାଆନ୍ତା ! ତା' ଉପରେ ସେ ଯୋଗଶାସ୍ତ୍ର ପ୍ରତି ବି ଅନୁକୂଳ ଭାବ ପୋଷଣ କରନ୍ତି ଏବଂ ସେଥିରେ ବିଶ୍ୱାସ କରନ୍ତି । ତେବେ ଠକମାନଙ୍କୁ ସେ ଏକଦମ୍ ଦେଖିପାରନ୍ତି ନାହିଁ ।

ସର୍ବୋପରି ରାମକୃଷ୍ଣ ପରମହଂସଙ୍କ ଉପରେ ତାଙ୍କର ଶ୍ରଦ୍ଧା-ଭକ୍ତି ଅଗାଧ ଏବଂ ସେ 'ନାଇଣ୍ଟିନ୍ଥ୍ ସେଞ୍ଚୁରି'ରେ ତାଙ୍କ ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ଲେଖିଛନ୍ତି । ସେ ମୋତେ ପଚାରିଲେ, 'ଆପଣ ତାହାଙ୍କୁ ଜଗତ ସମକ୍ଷରେ ପ୍ରଚାର କରିବା ଲାଗି କଅଣ କରୁଛନ୍ତି ?' ରାମକୃଷ୍ଣ ତାଙ୍କୁ ଅନେକ ବର୍ଷ ଧରି ମୁଗ୍ଧ କରିରଖିଛନ୍ତି । ଏହା କଅଣ ଗୋଟିଏ ସୁସମ୍ବାଦ ନୁହେଁ ?...

ଏଠାରେ କାମଦାମ ଧୀରେ ଧୀରେ କିନ୍ତୁ ଦୃଢ଼ ଭାବରେ ଅଗ୍ରସର ହେଉଛି । ଆଗାମୀ ରବିବାରଠାରୁ ମୋର ସାଧାରଣ ବକ୍ତୃତା ଆରମ୍ଭ ହେବ ବୋଲି ଠିକ୍ ହୋଇଛି । ଇତି

ଆପଣଙ୍କର ଚିରକୃତଜ୍ଞ ଓ ସ୍ନେହପାଶ, ବିବେକାନନ୍ଦ

୨୮୮ଇଂ (ମିସ୍ ମେରି ହେଲ୍‌ଙ୍କୁ ଲିଖିତ)

୬୩, ସେଣ୍ଟ୍ ଜର୍ଜେସ ରୋଡ଼, ଲଣ୍ଡନ, ୩୦ ମେ ୧୮୯୬

ପ୍ରିୟ ମେରି,

ତୁମର ଚିଠି ବର୍ତ୍ତମାନ ପାଇଲି । ତୁମେ ଅବଶ୍ୟ ଈର୍ଷାପରବଶ ହୋଇନାହଁ, କିନ୍ତୁ ଦୀନ-ଦରିଦ୍ର ଭାରତବର୍ଷ ପ୍ରତି ସହସା ଯେପରି ତୁମର କରୁଣା ଉଚ୍ଛୁଳି ଉଠିଥିଲା । ଯାହାହେଉ, ଭୟ କରିବାର କାରଣ ନାହିଁ ।... କେତେକ ସପ୍ତାହ ଆଗେ 'ମଦର୍ ଚର୍ଚ୍ଚ'ଙ୍କ (Mother Church) ନିକଟକୁ ପତ୍ର ଲେଖିଥିଲି; ଆଜି ପର୍ଯ୍ୟନ୍ତ ଧାଡ଼ିଏ ମଧ୍ୟ ଜବାବ ଆଦାୟ କରିପାରି ନାହିଁ । ଭୟ ହୁଏ, ସେ ଦଳବଳ ସହ ସନ୍ନ୍ୟାସ ଗ୍ରହଣ କରି କୌଣସି କ୍ୟାଥଲିକ୍ ମଠରେ ପ୍ରବେଶ କରିଛନ୍ତି; ଘରେ ଚାରି ଚାରିଟି ଅଭିଆଡ଼ି ଝିଅ ଥିଲେ ବୁଢ଼ୀ ମାଆ ପକ୍ଷରେ ସନ୍ନ୍ୟାସ ଗ୍ରହଣ ନ କରି ଆଉ ଉପାୟ କ'ଣ ?

ଅଧ୍ୟାପକ ମ୍ୟାକ୍ସମୁଲର୍‌ଙ୍କ ସହିତ ବେଶ୍ ପରିଚୟ ହୋଇଗଲା । ସେ ଋଷିକଳ୍ପ ଲୋକ—ବେଦାନ୍ତର ଭାବରେ ଭରପୂର । ତୁମର କ'ଣ ମନେହୁଏ ? ଅନେକ ବର୍ଷ ଯାବତ୍ ସେ ମୋର ଗୁରୁଦେବଙ୍କ ପ୍ରତି ଗଭୀର ଶ୍ରଦ୍ଧାସମ୍ପନ୍ନ । ସେ 'ନାଇଣ୍ଟିନ୍ଥ୍ ସେଞ୍ଚୁରି' ରେ ଗୁରୁଦେବଙ୍କ ସମ୍ପର୍କରେ ଗୋଟିଏ ପ୍ରବନ୍ଧ ଲେଖିଛନ୍ତି—ତାହା ଶୀଘ୍ର ପ୍ରକାଶିତ ହେବ ।

ଭାରତ ସମ୍ବନ୍ଧରେ ନାନା ବିଷୟରେ ତାଙ୍କ ସଙ୍ଗେ ଦୀର୍ଘ ସମୟ କଥାବାର୍ତ୍ତା ହେଲା । ହାୟ, ହାୟ ! ଭାରତ ପ୍ରତି ତାଙ୍କ ପ୍ରେମର ଅର୍ଦ୍ଧେକ ଯଦି ମୋର ଥାଆନ୍ତା !

ଏଠାରେ ଆମେ ଆଉ ଗୋଟିଏ କ୍ଷୁଦ୍ର ପତ୍ରିକା ବାହାର କରିବୁ । 'ବ୍ରହ୍ମବାଦିନ୍'ର ଖବର କ'ଣ ? ତାହାର ପ୍ରଚ୍ଚାର ବଢ଼ାଉଛ ତ ? ଯଦି ମାଡ୍ରାଜର ଉତ୍ସାହୀ ଅଭିଆଡ଼ୀ ମିଶି ଖଣ୍ଡିଏ ପତ୍ରିକା ଭଲ ଭାବରେ ଚାଲୁ କରି ନ ପାରି, ତେବେ ମୋର ସକଳ ଆଶାରେ ଜଳାଞ୍ଜଳି ! ତୁମେ ମଝେ ମଝେ ମୋର ଚିଠି ପାଇବ । ମୁଁ ତ ଚୁଞ୍ଚି ନୁହେଁ ଯେ, ଯେଉଁଠି ସେଇଠି ହଜିଯିବି ! ବର୍ତ୍ତମାନ ଏଠାରେ କ୍ଲାସ୍ ଖୋଲିଛି । ଆଗାମୀ ସପ୍ତାହରୁ ପ୍ରତି ରବିବାରରେ ବକ୍ତୃତା ଆରମ୍ଭ କରିବି । କ୍ଲାସ୍‌ଗୁଡ଼ିକ ଖୁବ୍ ବଡ଼ ହେଉଛି; ଯେଉଁ ଘରଟି ସାରା ସମୟ ପାଇଁ ଭଡ଼ା ନେଇଛି, ସେହି ଘରେ ହିଁ କ୍ଲାସ୍ ହେଉଛି । କାଲି ରାତିରେ ମୁଁ ନିଜେ ରନ୍ଧାବଢ଼ା କରିଥିଲି । ଜାଫ୍ରାନ୍, ଲଭେଣ୍ଡର, ଜାୟତ୍ରୀ, ଯାଇଫଳ, କବାବ୍‌ଚିନି, ଦାରୁଚିନି, ଲବଙ୍ଗ, ଅଲେଇଚ, ଲହୁଣୀ, ଲେମ୍ବୁରସ, ପିଆଜ, କିସ୍‌ମିସ୍, ବାଦାମ, ଗୋଲମରିଚ ଏବଂ ଚାଉଳ—ଏହି ସବୁଗୁଡ଼ିକ ମିଶାଇ ଏପରି ସୁସ୍ୱାଦୁ ଖେଚଡ଼ି ତିଆରି କରିଥିଲି ଯେ, ନିଜେ ହିଁ ଗଳାଧଃକରଣ କରିପାରି ନାହିଁ ! ଘରେ ହେଙ୍ଗୁ ନ ଥିଲା ନତୁବା ସେଥିରୁ ଟୋଡ଼ାଏ ମିଶାଇ ଥିଲେ ଗିଳିବା ପକ୍ଷରେ ସୁବିଧା ହୋଇଥାଆନ୍ତା ।

କାଲି ହାଲ୍ ଫେସନ୍‌ର ଗୋଟିଏ ବିଭାଘରକୁ ଯାଇଥିଲି । ମୋର ବନ୍ଧୁ ମିସ୍ ମୁଲାର୍ ନାମ୍ନୀ ଜନୈକା ଧନୀ ମହିଳା ଗୋଟିଏ ହିନ୍ଦୁ ପିଲାକୁ ଦତ୍ତକ ଗ୍ରହଣ କରିଛନ୍ତି ଏବଂ ମୋ କାର୍ଯ୍ୟରେ ସାହାଯ୍ୟ କରିବା ଲାଗି ମୁଁ ଯେଉଁ ଘରେ ଅଛି, ସେହି ଘରେ କୋଠା ଭଡ଼ା ନେଇଛନ୍ତି, ସେ ତାହା ଦେଖାଇବା ଲାଗି ଆମମାନଙ୍କୁ ନେଇଯାଇଥିଲେ । ସ୍ୱାଙ୍କର ଗୋଟିଏ ଝିଆରି କମ୍ବା ଭଣଜୀ ଥିଲା ବିବାହର ପାତ୍ରୀ, ଆଉ ବର ମଧ୍ୟ ଥିଲା ଅବଶ୍ୟ କାହାରି ନା କାହାରି ପୁତୁରା ଅଥବା ଭଣଜା । ବିବାହର ଅନୁଷ୍ଠାନ ଯେପରି ଆଉ ଶେଷ ହେଉ ନ ଥାଏ—କି ବିପଦ ! ତୁମେ ଯେ ବିବାହ କରିବାକୁ ରାଜି ନୁହଁ—ଏଥିରେ ମୁଁ ଖୁସି ଅଛି । ତେବେ ବର୍ତ୍ତମାନ ବିଦାୟ ! ତୁମେମାନେ ସମସ୍ତେ ମୋର ପ୍ରୀତି ଜାଣିବ । ଆଉ ଲେଖିବାର ସମୟ ନାହିଁ; ଏହିକ୍ଷଣି ମିସ୍ ମାକ୍‌ଲାଉଡ୍‌ଙ୍କ ଘରକୁ ମଧ୍ୟାହ୍ନ-ଭୋଜନରେ ଯାଉଛି । ଇତି

ତୁମମାନଙ୍କର ଚିରଶୁଭାକାଙ୍କ୍ଷୀ, ବିବେକାନନ୍ଦ

୨୮୯ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ) ଓଁ ତତ୍ ସତ୍

ଇ. ଟି. ଷ୍ଟର୍ଡିଙ୍କ ଘର, ଲଣ୍ଡନ, ମେ ୯୮୯୬

ପ୍ରିୟ ଶଶୀ,

ପୂର୍ବ ପତ୍ରରେ ଯଦି ଭୁଲ ହୋଇଥାଏ, ତେବେ ଏହି ପତ୍ରରେ ଲେଖୁଛି ଯେ, କାଳୀ ଯେଉଁଦିନ start (ଯାତ୍ରା) କରିବ, ଯେପରି ସେଦିନ କମ୍ବା ତା' ଆଗରୁ ଇ. ଟି. ଷ୍ଟର୍ଡିଙ୍କୁ ଚିଠି ଲେଖିବ—ଯହିଁରେ ସେ ଯାଇ ତାହାକୁ ଜାହାଜରୁ ନେଇ ଆସିବେ । ଏ ଲଣ୍ଡନ ସହର ମନୁଷ୍ୟର ଜଙ୍ଗଲ—ଦଶ ପନ୍ଦରଟି କଲିକତା ଏକତ୍ର । ଅତଏବ ସେହି ପ୍ରକାର ନ କଲେ

ଗୋଳମାଳ ହୋଇଯିବ । ଆସିବାକୁ ଯେପରି ଡେରି ନ ହୁଏ, ପତ୍ରପାଠ ମାତ୍ରେ ଚାଲିଆସିବାକୁ କହିବ । ଶରତ୍‌ ବେଳକୁ ଯେପରି ହୋଇଥିଲା ତାହା ଯେପରି ନ ହୁଏ । ବାକି ବୁଝିଶୁଝି ଠିକ କରିନେବ ।···

ଯା ହେଉ କାଲୀକୁ ସତ୍ୱର ପଠାଇବ । ଯଦି ଶରତ୍‌ ବେଳ ଭଳି ଡେରି ହୁଏ ତ କାହାରି ଆସିବା ଦରକାର ନାହିଁ; ଏହା କିଛି କୁଣ୍ଠମାରି କାମ ନୁହେଁ; ମହା ରଜୋଗୁଣର କାର୍ଯ୍ୟ ! ତମୋଗୁଣଟା ଆମର ଦେଶମୟ—ଖାଲି ତମସ୍‌; ଆମ ଦେଶରେ ରଜସ୍‌ ଦରକାର, ତା'ପରେ ସତ୍ତ୍ୱ; ସେ ଅତି ଦୂରର କଥା । ଇତି

ନରେନ୍ଦ୍ର

୨୯୦ଇଂ

୬୩, ସେଣ୍ଟ ଜର୍ଜେସ ରୋଡ଼, ଲଣ୍ଡନ
୫ ଜୁନ୍‌ ୧୮୯୬

ପ୍ରିୟ—,

'ରାଜଯୋଗ' ବହି ଖଣ୍ଡିକର ଖୁବ୍‌ କାଟ୍ତି ହେଉଛି । ସାରଦାନନ୍ଦ ଶୀଘ୍ର ଯୁକ୍ତରାଷ୍ଟ୍ରକୁ ଯିବ ।

ମୋର ପିତା ଯଦି ବା ଓକିଲ ଥିଲେ ତଥାପି ମୁଁ ଇଚ୍ଛା କରୁନାହିଁ ଯେ, ମୋ ବଂଶରେ କେହି ଓକିଲ ହୁଅନ୍ତୁ । ମୋର ଗୁରୁଦେବ ଏହାର ବିରୋଧରେ ଥିଲେ ଏବଂ ମୋର ବିଶ୍ୱାସ, ଯେଉଁ ପରିବାରରେ କେତେଗୁଡ଼ାଏ ଓକିଲ ଅଛନ୍ତି, ସେ ପରିବାର ନିଶ୍ଚୟ ହିଁ ଗୋଟାଏ ଗୋଳମାଳରେ ପଡ଼ିବ । ଆମ ଦେଶରେ ଓକିଲ ମାଡ଼ି ଯାଇଛନ୍ତି; ପ୍ରତିବର୍ଷ ବିଶ୍ୱବିଦ୍ୟାଳୟରୁ ଶହ ଶହ ଓକିଲ୍‌ ବାହାରୁଛନ୍ତି । ଆମର ଜାତି ପାଇଁ ବର୍ତ୍ତମାନ ଦରକାର ସାହସ ଓ ବୈଜ୍ଞାନିକ ପ୍ରତିଭା । ସୁତରାଂ ମୋର ଇଚ୍ଛା ମ—ତଡ଼ିତ୍‌ତତ୍ତ୍ୱବିତ୍‌ ହେଉ । ସିଦ୍ଧିଲାଭ କରି ନ ପାରିଲେ ମଧ୍ୟ ସେ ଯେ ବଡ଼ ହେବା ଲାଗି ଏବଂ ଦେଶର ଯଥାର୍ଥ ଉପକାରରେ ଲାଗିବା ପାଇଁ ଚେଷ୍ଟା କରିଥିଲା—ଏତିକି ଭାବି ମୁଁ ସନ୍ତୋଷ ଲାଭ କରିବି ।··· କେବଳ ଆମେରିକାର ବାୟୁମଣ୍ଡଳରେ ଏଭଳି ଗୋଟିଏ ଗୁଣ ଅଛି ଯେ, ସେଠାରେ ପ୍ରତ୍ୟେକଙ୍କ ଭିତରେ ଯାହା କିଛି ଭଲ ତାହାକୁ ଫୁଟାଇ ଦିଏ । ମୁଁ ଚାହେଁ ସେ ଅକୁତୋଭୟ ଓ ସାହସୀ ହେଉ ଏବଂ ତା'ର ନିଜ ପାଇଁ ଓ ସ୍ୱଜାତି ପାଇଁ ଗୋଟିଏ ନୂତନ ପଥ ବାହାର କରିବାକୁ ଯଥାସାଧ୍ୟ ଚେଷ୍ଟା କରୁ । ଜଣେ ତଡ଼ିତ୍‌ତତ୍ତ୍ୱବିତ୍‌ ଇଞ୍ଜିନିୟର ଭାରତରେ ଅନାୟାସରେ ରୋଜଗାର କରି ଚଳିପାରେ ।

ପୁଃ—ଗୁଡ଼ଉଇନ୍‌ ଆମେରିକାରେ ଖଣ୍ଡିଏ ମାସିକ ପତ୍ର ବାହାର କରିବା ସମ୍ବନ୍ଧରେ ତୁମକୁ ଏହି ଡାକରେ ଖଣ୍ଡିଏ ପତ୍ର ଲେଖୁଛି । ମୋର ମନେହୁଏ କାମଟି ବଜାୟ ରଖିବାକୁ ହେଲେ ଏହିପରି ଗୋଟିଏ କିଛି ଦରକାର । ଆଉ ସେ ଯେଉଁ ଭାବରେ କାର୍ଯ୍ୟ କରିବା ପ୍ରସ୍ତାବ କରୁଛି, ତାକୁ ସେହି ଭାବରେ ସେହି ବିଷୟରେ ସାହାଯ୍ୟ କରିବାକୁ ମୁଁ ଯଥାସାଧ୍ୟ ଚେଷ୍ଟା କରିବି ।··· ମୋର ବୋଧହୁଏ, ସେ ଖୁବ୍‌ ସମ୍ଭବ ସାରଦାନନ୍ଦଙ୍କ ସଙ୍ଗରେ ଯିବ ।

ତୁମମାନଙ୍କର ପ୍ରେମବଦ୍ଧ, ବିବେକାନନ୍ଦ

୨୯୧ନଂ (ଭଗିନୀ ନିବେଦିତାଙ୍କୁ ଲିଖିତ)

୬୩, ସେଣ୍ଟ ଜର୍ଜେସ ରୋଡ଼, ଲଣ୍ଡନ
୭ ଜୁନ ୧୮୯୬

କଲ୍ୟାଣୀୟା ମିସ୍ ନୋବଲ୍,

ମୋର ଆଦର୍ଶକୁ ବସ୍ତୁତଃ ଅତି ସଂକ୍ଷେପରେ ପ୍ରକାଶ କରିଯାଇପାରେ, ଆଉ ତାହା ଏହି—ମନୁଷ୍ୟ ନିକଟରେ ତାହାର ଅନ୍ତର୍ନିହିତ ଦେବତ୍ୱର ବାଣୀ ପ୍ରଚାର କରିବାକୁ ହେବ ଏବଂ ସବୁକାର୍ଯ୍ୟରେ ସେହି ଦେବତ୍ୱ-ବିକାଶର ପନ୍ଥା ନିର୍ଦ୍ଧାରଣ କରିଦେବାକୁ ହେବ । କୁସଂସ୍କାରର ଶିକୁଳିରେ ଏହି ସଂସାର ଆବଦ୍ଧ । ଯେ ଉତ୍ପୀଡ଼ିତ—ସେ ନର ବା ନାରୀ ହେଉ—ତାକୁ ମୁଁ କରୁଣା କରେ; ଆଉ ଯେ ଉତ୍ପୀଡ଼କ ସେ ମୋର ଅଧିକତର କରୁଣାର ପାତ୍ର ।

ଏହି ଗୋଟିଏ ଧାରଣା ମୋ ନିକଟରେ ଦିବାଲୋକପରି ସ୍ପଷ୍ଟ ହୋଇଯାଇଛି ଯେ, ସକଳ ଦୁଃଖ ମୂଳରେ ଅଛି ଅଜ୍ଞତା; ତା'ଛଡ଼ା ଆଉ କିଛି ନୁହେଁ । ଜଗତକୁ ଆଲୋକ ଦେବ କିଏ ? ଆତ୍ମବିସର୍ଜ୍ଜନ ହିଁ ଥିଲା ଅତୀତରେ କର୍ମରହସ୍ୟ ଏବଂ ହାୟ ! ଯୁଗ ଯୁଗ ଧରି ତାହା ହିଁ ରହିଥିବ । ଯେଉଁମାନେ ଜଗତରେ ସର୍ବାଧିକ ସାହସୀ ଓ ବରେଣ୍ୟ, ସେମାନଙ୍କୁ ଚିରଦିନ 'ବହୁଜନ-ହିତାୟ ବହୁଜନ-ସୁଖାୟ' ଆତ୍ମ-ବିସର୍ଜ୍ଜନ କରିବାକୁ ହେବ । ଅନନ୍ତ ପ୍ରେମ ଓ କରୁଣା ହୃଦୟରେ ଘେନି ଶତ ଶତ ବୁଦ୍ଧଙ୍କର ଆବିର୍ଭାବର ପ୍ରୟୋଜନ ହେଉଛି ।

ଜଗତର ଧର୍ମଗୁଡ଼ିକ ବର୍ତ୍ତମାନ ପ୍ରାଣହୀନ ମିଥ୍ୟା ଅଭିନୟରେ ପର୍ଯ୍ୟବସିତ ହୋଇଛି । ଜଗତର ବର୍ତ୍ତମାନ ଯାହା ଏକାନ୍ତ ପ୍ରୟୋଜନ, ତାହା ହେଉଛି ଚରିତ୍ର । ଜଗତ ବର୍ତ୍ତମାନ ସେହିମାନଙ୍କୁ ଚାହେଁ, ଯେଉଁମାନଙ୍କ ଜୀବନ ପ୍ରେମଦୀପ୍ତ ଏବଂ ଯେଉଁମାନେ ସ୍ୱାର୍ଥହୀନ । ସେହି ପ୍ରେମ ପ୍ରତ୍ୟେକଟି ବାକ୍ୟକୁ ବଜ୍ରଭଳି ଶକ୍ତିଶାଳୀ କରି ତୋଳିବ ।

ଏହା ଆଉ ତୁମ ନିକଟରେ କୁସଂସ୍କାର ନୁହେଁ ନିଶ୍ଚିତ । ତୁମ ମଧ୍ୟରେ ଗୋଟିଏ ଜଗତ୍-ଆଲୋଡ଼ନକାରୀ ଶକ୍ତି ଅଛି, ଆଉ ଧୀରେ ଧୀରେ ଅତିରି ଅନେକ ଶକ୍ତି ଆସିବ । ଆମେ ଚାହୁଁ—ଜ୍ୱାଳାମୟୀ ବାଣୀ ଏବଂ ତଦପେକ୍ଷା ଜ୍ୱଳନ୍ତ କର୍ମ । ହେ ମହାପ୍ରାଣ, ଉତ୍ତିଷ୍ଠତ, ଜାଗ୍ରତ ! ଜଗତ ଦୁଃଖରେ ପୋଡ଼ି ପାଉଁଶ ହୋଇଯାଉଛି—ଏତେବେଳେ ନିଦ୍ରା କଅଣ ତୁମକୁ ଶୋଭା ପାଏ ? ଆସ, ଆମେ ଡାକୁଥିବା, ଯେତେବେଳଯାଏ ନିଦ୍ରିତ ଦେବତା ଜାଗ୍ରତ ନ ହୁଅନ୍ତି, ଯେତେବେଳଯାଏ ଅନ୍ତରର ଦେବତା ବାହାରର ଆହ୍ୱାନରେ ଉତ୍ତର ନ ଦିଅନ୍ତି । ଜୀବନରେ ଏହା ଅପେକ୍ଷା ଆଉ ବଡ଼ କ'ଣ ଅଛି, ଏହା ଅପେକ୍ଷା ମହତ୍ତର କେଉଁ କାର୍ଯ୍ୟ ଅଛି ? ମୋର ଆଗେଇ ଯିବା ସଙ୍ଗେ ସଙ୍ଗେ ହିଁ ଆନୁଷଙ୍ଗିକ ଜିନିଷଗୁଡ଼ିକ ଆସି ପହଞ୍ଚିବ । ମୁଁ ଗୁଣଆଡ଼କୁ ଦେଖି ଚାହିଁ କୌଣସି କାମ କରେ ନାହିଁ । କାର୍ଯ୍ୟ-ପ୍ରଣାଳୀ ଆପଣା ଛୁଏଁ ଗଢ଼ିଉଠେ ଓ ନିଜର କାର୍ଯ୍ୟ ସାଧନ କରେ । ମୁଁ କେବଳ କହେ—ଉଠ, ଜାଗ ।

ତୁମେ ଚିରକାଳ ମୋର ଅସୀମ ଆଶୀର୍ବାଦ ଗ୍ରହଣ କରିବ । ଇତି

ଶୁଭାଶୀର୍ବାଦକ, ବିବେକାନନ୍ଦ

୨୯୨ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

୬୩, ସେଣ୍ଟ ଜର୍ଜେସ ରୋଡ୍, ଲଣ୍ଡନ
୨୪ ଜୁନ ୧୮୯୬

ପ୍ରିୟ ଶଶୀ,

ଶ୍ରୀଙ୍କ*ଙ୍କ ସମ୍ବନ୍ଧରେ ମାକ୍ସମୂଲରଙ୍କ ଲିଖିତ ପ୍ରବନ୍ଧ ଆଗାମୀ ମାସରେ ପ୍ରକାଶିତ ହେବ । ସେ ତାଙ୍କର ଖଣ୍ଡିଏ ଜୀବନୀ ଲେଖିବାକୁ ରାଜି ହୋଇଛନ୍ତି । ସେ ଶ୍ରୀଙ୍କ ସମସ୍ତ ବାଣୀ ଚାହାଁନ୍ତି । ସବୁ ଉକ୍ତିଗୁଡ଼ିକୁ ସଜାଇ ତାହାଙ୍କୁ ପଠାଅ—ଅର୍ଥାତ୍ କର୍ମ ସମ୍ବନ୍ଧରେ ସବୁ ଗୋଟିଏ ଜାଗାରେ, ବୈରାଗ୍ୟ ସମ୍ବନ୍ଧରେ ଅନ୍ୟତ୍ର; ସେହିଭଳି ଭକ୍ତି, ଜ୍ଞାନ ଇତ୍ୟାଦି ଇତ୍ୟାଦି ସମ୍ବନ୍ଧରେ । ତୁମକୁ ଏ କାର୍ଯ୍ୟ ବର୍ତ୍ତମାନ ଆରମ୍ଭ କରିବାକୁ ହେବ । କେବଳ ଯେଉଁ ସବୁକଥା ଇଂରାଜରେ ଅଚଳ, ସେଗୁଡ଼ିକ ବାଦ୍ ଦେବ ।** ବୁଦ୍ଧି ଖଟାଇ ସେସବୁ ସ୍ଥାନରେ ଯଥାସମ୍ଭବ ଅନ୍ୟ କଥା ଦେବ···। 'କାମିନୀ-କାଞ୍ଚନକୁ' 'କାମ-କାଞ୍ଚନ' କରିବ—lust and gold etc.—ଅର୍ଥାତ୍ ତାଙ୍କ ଉପଦେଶରେ ସାର୍ବଜନୀନ ଭାବଟି ପ୍ରକାଶ କରିବା ଦରକାର । ଏହି ଚଠି କାହାରିକୁ ଦେଖାଇବା ଦରକାର ନାହିଁ । ତୁମେ ଉକ୍ତ କାର୍ଯ୍ୟ ସମାଧାନ କରି ସମସ୍ତ ଉକ୍ତିର ଇଂରେଜୀ ତର୍ଜମା ଓ classification (ଶ୍ରେଣୀ-ବିଭାଗ) କରି 'ପ୍ରଫେସର ମାକ୍ସମୂଲର୍, ଅକ୍ସଫୋର୍ଡ ୟୁନିଭର୍ସିଟି' ଠିକଣାରେ ପଠାଇବ ।

ଶରତ୍ କାଲି ଆମେରିକାକୁ ଚାଲିଯାଉଛି । ଏଠାରେ କାର୍ଯ୍ୟ ଯାହା ଉଠିଛି । ଲଣ୍ଡନରେ ଗୋଟିଏ centre (କେନ୍ଦ୍ର) ପାଇଁ ଟଙ୍କା already (ଇତିପୂର୍ବେ) ସଂଗୃହୀତ ହୋଇଯାଇଛି । ମୁଁ next (ଆଗାମୀ) ମାସରେ Switzerland (ସୁଇଜରଲାଣ୍ଡ) ଯାଇ ମାସେ ଦୁଇମାସ ରହିବି । ତା'ପରେ ପୁଣି ଲଣ୍ଡନ । ଏବେ ଖାଲି ଦେଶକୁ ଯାଇ କ'ଣ ହେବ ? ଏହି ଲଣ୍ଡନ ହେଲା ଦୁନିଆର centre (କେନ୍ଦ୍ର) । Indiaର heart (ଭାରତର ହୃତ୍‌ପିଣ୍ଡ) ଏଠାରେ । ଏଠାରେ ଗୋଟାଏ ଦୃଢ଼ କରି ନ ବସାଇ କ'ଣ ଯାଇହୁଏ ? ତୁମେସବୁ କ'ଣ ପାଗଳ ହେଲ ? ସମ୍ପ୍ରତି କାଳୀକୁ ଅଣାଇବ, ତାକୁ ତିଆରି ହୋଇ ରହିବାକୁ କୁହ । ପଥପାଠ ମାନେ ଯେପରି ଚାଲିଆସେ । ଦୁଇ ଚାରିଦିନ ଭିତରେ ତା' ପାଇଁ ଟଙ୍କା ପଠାଇବି ଓ ଲୁଗାପଟା ପ୍ରଭୃତି ଯାହା ଯାହା ଦରକାର ସମସ୍ତ ଲେଖିଦେବି । ସେହି ଅନୁସାରେ ସବୁ ଯେପରି ଠିକ୍ କରାହୁଏ ।

ମାତାଠାକୁରାଣୀ ପ୍ରଭୃତି ସମସ୍ତଙ୍କୁ ମୋର ଅସଂଖ୍ୟ ପ୍ରଣାମ ଦେବ । ମାନ୍ଦ୍ରାଜକୁ ତାରକଦାଦା ଯାଉଛନ୍ତି—ଉତ୍ତମ କଥା । ମହାତେଜ, ମହାବୀର୍ଯ୍ୟ, ମହାଉତ୍ସାହ ଦରକାର । ମାଇଚିଆ ଲୋକର କଅଣ କାର୍ଯ୍ୟ ? ଯେପରି ଲେଖିଥିଲି ପୂର୍ବ ପତ୍ରରେ ସେହି ଭାବରେ ଠିକ୍ ଚାଲିବାକୁ ଚେଷ୍ଟା କରିବ । Organisation (ସଙ୍ଘବଦ୍ଧ ହେବା) ଦରକାର ।

---

* ଶ୍ରୀ ରାମକୃଷ୍ଣ

** ଏହି ପର୍ଯ୍ୟନ୍ତ ଇଂରାଜୀର ଅନୁବାଦ ।

Organisation is power and the secret of that is obedience (ସଙ୍ଘବଦ୍ଧ ହେଲେ ହିଁ ଶକ୍ତି ଲାଭ ହୁଏ; ଆଉ ଆଜ୍ଞାବହତା ହିଁ ହେଲା ତାହାର ମୂଳ ରହସ୍ୟ) ।

ଶୁଭାଶୀର୍ବାଦ, ନରେନ୍ଦ୍ର

୨୯୩ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

ରିଡ୍‌ଂ, ଲଣ୍ଡନ, ୩ ଜୁଲାଇ ୧୮୯୬

ପ୍ରିୟ ଶଶୀ,

ଏହି ପତ୍ରପାଠ ମାତ୍ରେ କାଳୀକୁ ଇଂଲଣ୍ଡକୁ ପଠାଇଦେବ । ସ୍ଟର୍ଡି ପତ୍ରରେ ସମ୍ବାଦ ପାଇଛ । କଲିକତାର ମେସର୍ସ ଗ୍ରିଣ୍ଡଲେ କମ୍ପାନୀ ନିକଟକୁ ତାହାର 2nd class passage (ଦ୍ୱିତୀୟ ଶ୍ରେଣୀର ପାଥେୟ ଖର୍ଚ୍ଚ) ଯାଇଛି ଓ ଲୁଗାପଟା କିଣିବାକୁ ଯାହା କିଛି ଲାଗିବ ତାହା ମଧ୍ୟ ଯାଇଛି । ଲୁଗାପଟା ଅଧିକ କିଛି ଆବଶ୍ୟକ ନାହିଁ ।···

କାଳୀକୁ କେତେଗୁଡ଼ିଏ ବହି ଆଣିବାକୁ ହେବ । ମୋ ପାଖରେ କେବଳ ଋଗ୍‌ବେଦ-ସଂହିତା ଅଛି । କାଳୀକୁ ଯଜୁର୍ବେଦ ଓ ସାମବେଦ ଓ ଅଥର୍ବ-ସଂହିତା ଓ ଶତପଥାଦି ଯେତେ-ଗୁଡ଼ିଏ ବ୍ରାହ୍ମଣ ମିଳିବ ଓ କେତେଗୁଡ଼ିଏ ସୂତ୍ର ଓ ଯାସ୍କଙ୍କର ନିରୁକ୍ତ ସଙ୍ଗ ପାଏ, ସାଙ୍ଗରେ ଯେପରି ଆଣିବ । ଅର୍ଥାତ୍‌ ସେହି ବହିଗୁଡ଼ିକ ମୁଁ ଚାହେଁ ।··· ସେହି ବହି ଗୋଟିଏ କାଠ ବାକ୍ସ ଭିତରେ ପୂରାଇ ଆଣିଲେ ଚଳିବ ।

ଶରତ୍‌ ବେଳକୁ ଯେପରି ହେଳା ହୋଇଥିଲା—ତାହା ଯେପରି ନ ହୁଏ; ପତ୍ରପାଠ ମାତ୍ରେ ଚାଲିଆସିବ । ଶରତ୍‌ ଆମେରିକାକୁ ଚାଲିଯାଇଛି । ତା'ର ଏଠାରେ କୌଣସି କାର୍ଯ୍ୟ ନ ଥିଲା—ଅର୍ଥାତ୍‌ ଛଅମାସ ପରେ ଆସିଲା, ସେତେବେଳେ ମୁଁ ଏଠି । ସେପରି ଯେମିତି ନ ହୁଏ । ଚିଠି ଯେପରି ହଜି ନ ଯାଏ—ଶରତ୍‌ ବେଳକୁ ଯେପରି ହୋଇଥିଲା । ତା'ପରେ ପଠାଇଦେବ । ଇତି

ବିବେକାନନ୍ଦ

୨୯୪ଇଂ (ମିଃ ଫ୍ରାନସିସ୍‌ ଲେଗେଟ୍‌ଙ୍କୁ ଲିଖିତ)

୬୩, ସେଣ୍ଟ ଜର୍ଜେସ୍‌ ରୋଡ଼୍‌, ଲଣ୍ଡନ, ୬ ଜୁଲାଇ ୧୮୯୬

ପ୍ରିୟ ଫ୍ରାଙ୍କିନ୍‌ସେନ୍‌ସ,*

···ଆଟଲାଣ୍ଟିକର ଏପାରିକୁ ଆସି ମୁଁ ବେଶ୍‌ ଅଛି ଏବଂ ମୋର କାର୍ଯ୍ୟାଦି ବେଶ୍‌ ସୁନ୍ଦର ଭାବରେ ଚାଲୁଛି ।

ମୋର ରବିବାସରୀୟ ବକ୍ତୃତାଗୁଡ଼ିକ ଲୋକଙ୍କର ଖୁବ୍‌ ହୃଦୟସ୍ପର୍ଶୀ ହୋଇଥିଲା; କ୍ଲାସଗୁଡ଼ିକ ମଧ୍ୟ ବେଶ୍‌ ଚାଲିଥିଲା । ବର୍ତ୍ତମାନ କାର୍ଯ୍ୟର ସମସ୍ତ ଶେଷ ହୋଇଯାଇଛି—ମୁଁ

* ସୁଗନ୍ଧଦ୍ରବ୍ୟ ବିଶେଷ । ମିଃ ଫ୍ରାନ୍‌ସିସ ଲେଗେଟ୍‌ଙ୍କୁ ସ୍ୱାମୀଜୀ ବନ୍ଧୁ ଭାବରେ ଏହି ଶବ୍ଦରେ ସମ୍ବୋଧନ କରୁଥିଲେ ।

ମଧ୍ୟ ସମ୍ପୂର୍ଣ୍ଣ କ୍ଳାନ୍ତ ହୋଇପଡ଼ୁଛି । ବର୍ତ୍ତମାନ ମୁଁ ମିସ୍ ମୁଲର୍‌ଙ୍କ ସଙ୍ଗରେ ସୁଇଜର୍‌ଲାଣ୍ଡକୁ ବୁଲିବାକୁ ଯାଉଛି । ଗଲସ୍‌ଓ୍ୱାର୍ଦ୍ଦିମାନେ ମୋ ପ୍ରତି ସଦୟ ବ୍ୟବହାର କରିଛନ୍ତି । ଜୋ ବଡ଼ ଅଦ୍ଭୁତ ଭାବରେ ସେମାନଙ୍କୁ ଏଆଡ଼କୁ ଫେରାଇଛନ୍ତି । ମୁଁ ଜୋ-ର ବୁଦ୍ଧିମତ୍ତା ଓ ନୀରବ କାର୍ଯ୍ୟପ୍ରଣାଳୀର ଶତମୁଖରେ ପ୍ରଶଂସା ନ କରି ରହିପାରୁ ନାହିଁ । ତାଙ୍କୁ ଜଣେ ସୁଚତୁର ରାଜନୀତିବିଶାରଦା ମହିଳା ବୋଲି କୁହାଯାଇପାରେ । ସେ ପ୍ରୟୋଜନ ହେଲେ ଗୋଟାଏ ରାଜ୍ୟ ଚଳାଇପାରନ୍ତି । ମଣିଷ ଭିତରେ ଏପରି ତୀକ୍ଷ୍ଣ ଅଥଚ କଲ୍ୟାଣକର ସହଜ ବୁଦ୍ଧି, ମୁଁ ଖୁବ୍ କମ ଦେଖିଛି । ଗତ ପଅରଦିନ ସନ୍ଧ୍ୟାରେ ମୁଁ ମିସେସ୍ ମାର୍ଟନଙ୍କ ଘରେ ଗୋଟିଏ ପାର୍ଟିକୁ ନିମନ୍ତ୍ରିତ ହୋଇଥିଲି । ଉକ୍ତ ମହିଳାଙ୍କ ସମ୍ବନ୍ଧରେ ତୁମେ ନିଶ୍ଚୟ ଇତମଧ୍ୟରେ ଜୋ-ର ପତ୍ରରେ ଅନେକ ଖବର ପାଇଥିବ ।

ଯାହା ହେଉ, ଇଂଲଣ୍ଡରେ କାର୍ଯ୍ୟ ଖୁବ୍ ଆସ୍ତେ ଆସ୍ତେ ଅଥଚ ସୁନିଶ୍ଚିତ ଭାବରେ ବଢ଼ିଚାଲିଛି । ଏଠାକାର ଅନ୍ତତଃ ଅଧେ ନରନାରୀ ମୋ ସଙ୍ଗରେ ଦେଖାକରି ମୋର କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିଛନ୍ତି । ଏହି ବ୍ରିଟିଶସାମ୍ରାଜ୍ୟର ଯେତେ ତ୍ରୁଟି ଥାଉନା କାହିଁକି, ଏହା ଯେ ଚିନ୍ତାଧାରା ଭାବ ବିସ୍ତାର କରିବାର ସର୍ବଶ୍ରେଷ୍ଠ ଯନ୍ତ୍ର, ସେଥିରେ ଆଉ କୌଣସି ସନ୍ଦେହ ନାହିଁ । ମୋର ସଂକଳ୍ପ—ଏହି ଯନ୍ତ୍ରର କେନ୍ଦ୍ରସ୍ଥଳରେ ମୋର ଭାବରାଶି ସ୍ଥାପିତ କରିବା—ତାହା ହେଲେ ହିଁ ସେଗୁଡ଼ିକ ସମଗ୍ର ଜଗତରେ ମଧ୍ୟ ବିସ୍ତାରିତ ହୋଇଯିବ । ଅବଶ୍ୟ ସବୁ ବଡ଼ ବଡ଼ କାର୍ଯ୍ୟ ହିଁ ଖୁବ୍ ଆସ୍ତେ ଆସ୍ତେ ହୋଇଥାଏ । ବିଶେଷତଃ ଆମ ହିନ୍ଦୁମାନଙ୍କର—ବିଜିତ ଜାତି ବୋଲି କାର୍ଯ୍ୟରେ ବାଧାବିଘ୍ନ ମଧ୍ୟ ଅନେକ । କିନ୍ତୁ ଏହା ମଧ୍ୟ କହେ, ଯେହେତୁ ଆମେମାନେ ବିଜିତ, ସେହି ହେତୁ ଆମମାନଙ୍କର ଭାବ ଚିନ୍ତାଧାରାରେ ବିସ୍ତାରିତ କରିବାକୁ ବାଧ୍ୟ; କାରଣ ଦେଖାଯାଏ, ଆଧ୍ୟାତ୍ମିକ ଆଦର୍ଶ ଚିରକାଳ ହିଁ ବିଜିତ, ପଦଦଳିତ ଜାତି ଭିତରୁ ଉଦ୍ଭୂତ ହୋଇଛି । ଦେଖୁନାହିଁ, ଇହୁଦୀମାନେ ସେମାନଙ୍କର ଆଧ୍ୟାତ୍ମିକ ଆଦର୍ଶରେ ରୋମ୍ ସାମ୍ରାଜ୍ୟକୁ ଆଚ୍ଛନ୍ନ କରି ପକାଇଥିଲେ ।

ତୁମେ ଜାଣି ଖୁସୀ ହେବ ଯେ, ମୁଁ ମଧ୍ୟ ଦିନକୁ ଦିନ ସହିଷ୍ଣୁତା ଓ ସର୍ବୋପରି ସହାନୁଭୂତିର ଶିକ୍ଷା ଆୟତ୍ତ କରୁଛି । ମନେହୁଏ, ପ୍ରବଳ ପ୍ରତାପଶାଳୀ ଆଙ୍ଗ୍ଲୋ-ଇଣ୍ଡିଆନମାନଙ୍କ ମଧ୍ୟରେ ଯେ ଭଗବାନ ରହିଛନ୍ତି, ମୁଁ ତାହା ଉପଲବ୍ଧି କରିବାକୁ ଆରମ୍ଭ କରିଛି । ମନେହୁଏ, ମୁଁ ଧୀରେ ଧୀରେ ସେହି ଅବସ୍ଥା ଆଡ଼କୁ ଅଗ୍ରସର ହେଉଛି, ଯେଉଁଠାରେ ସଇତାନ ବୋଲି ଯଦି କେହି ଥାଏ, ତାହାକୁ ପର୍ଯ୍ୟନ୍ତ ଭଲ ପାଇପାରିବି ।

କୋଡ଼ିଏବର୍ଷ ବୟସ ହେଲେ ମୁଁ ଏପରି ଗୋଁଡ଼ିଷ୍ଟିକ ଓ ସଂକୀର୍ଣ୍ଣ ଥିଲି ଯେ, କାହାରି ପ୍ରତି ସହାନୁଭୂତି ଦେଖାଉ ନ ଥିଲି—ମୋ ଭାବର ବିରୋଧୀ ହେଲେ କାହାରି ସହିତ ମିଳି ଚଳିପାରୁ ନ ଥିଲି—କଲିକତାର ଯେଉଁ ଫୁଟପାଥ୍‌ରେ ଥିଏଟର ସେହି ଫୁଟ୍‌ପାଥ୍ ଉପର ଦେଇ ମଧ୍ୟ ଚାଲୁ ନ ଥିଲି । ବର୍ତ୍ତମାନ ଏହି ତେତିଶିବର୍ଷ ବୟସରେ ବେଶ୍ୟାମାନଙ୍କ ସଙ୍ଗରେ ଅନାୟାସରେ ଏକାଘରେ ବାସ କରିପାରେ—ସେମାନଙ୍କୁ ତିରସ୍କାର କରିବା କଥା ଥରେମାତ୍ର ମନକୁ ଆସେ ନାହିଁ ! ଏ କଅଣ ମୁଁ କ୍ରମଶଃ ଖରାପ ହୋଇଯାଉଛି—ନା, ମୋର

ହୃଦୟ କ୍ରମଶଃ ଉଦାର ହୋଇ ହୋଇ ଅନନ୍ତ ପ୍ରେମ ବା ସାକ୍ଷାତ୍ ସେହି ଭଗବାନଙ୍କ ଆଡ଼କୁ ଅଗ୍ରସର ହେଉଛି ? ପୁଣି ଲୋକେ କହୁଛନ୍ତି, ଶୁଣୁଛି—ଯେଉଁ ବ୍ୟକ୍ତି ତା'ର ଚାରିପଟେ ମନ୍ଦ, ଅମଙ୍ଗଳ ଦେଖିବାକୁ ପାଏ ନାହିଁ, ସେ ଭଲ କାମ କରିପାରେ ନାହିଁ—ସେ ଏକପ୍ରକାର ଅଦୃଷ୍ଟବାଦୀ ହୋଇ ନଷ୍ଟଶ୍ରେଷ୍ଠ ହୋଇଯାଏ । ମୁଁ ତ ତାହା ଦେଖୁନାହିଁ । ବରଂ ମୋର କାର୍ଯ୍ୟଶକ୍ତି ପ୍ରବଳଭାବରେ ବଢ଼ିଯାଉଛି—ସଙ୍ଗେ ସଙ୍ଗେ କାର୍ଯ୍ୟର ସଫଳତା ମଧ୍ୟ ଖୁବ୍ ଅଧିକ ହେଉଛି । ବେଳେବେଳେ ମୋର ଏକପ୍ରକାର ଭାବାବେଶ ହୁଏ—ମୋର ମନେହୁଏ, ଜଗତର ସମସ୍ତଙ୍କୁ—ସବୁ ଜିନିଷକୁ ଆଶୀର୍ବାଦ କରେ—ସବୁ ଜିନିଷକୁ ଭଲପାଏଁ—ଆଲିଙ୍ଗନ କରେ । ସେତେବେଳେ ଦେଖେ—ଯାହାକୁ ମନ୍ଦ କୁହାଯାଏ, ତାହା ଗୋଟାଏ ଭ୍ରାନ୍ତି ମାତ୍ର ! ପ୍ରିୟ ଫ୍ରାନ୍‌ସିସ୍, ବର୍ତ୍ତମାନ ମୁଁ ସେହିଭଳି ଭାବଘୋରରେ ରହିଛି, ଆଉ ତୁମେ ଓ ମିସେସ୍ ଲେଗେଟ୍ ମୋତେ କେତେ ଭଲପାଅ ଓ ମୋ ପ୍ରତି ତୁମମାନଙ୍କର କେତେ ଦୟା ସେକଥା ଭାବି ବାସ୍ତବିକ ଆନନ୍ଦାଶ୍ରୁ ବିସର୍ଜନ କରୁଛି । ମୁଁ ଯେଉଁଦିନ ଏହି ପୃଥିବୀରେ ଜନ୍ମ ଗ୍ରହଣ କରିଥିଲି, ସେହି ଦିନଟିକୁ ଧନ୍ୟବାଦ । ମୁଁ ଏଠାକୁ ଆସି କେତେ ଦୟା, କେତେ ସ୍ନେହ ପାଇଛି । ଆଉ ଯେଉଁ ଅନନ୍ତ ପ୍ରେମସ୍ୱରୂପରୁ ମୋର ଆବିର୍ଭାବ, ସେ ମୋର ଭଲମନ୍ଦ ('ମନ୍ଦ' କଥାଟିରେ ଡରି ଯାଅ ନାହିଁ) ପ୍ରତ୍ୟେକ କାର୍ଯ୍ୟକୁ ଲକ୍ଷ୍ୟ କରିଆସୁଛନ୍ତି । କାରଣ ମୁଁ ତାଙ୍କ ହାତର ଗୋଟିଏ ଯନ୍ତ୍ର ଛଡ଼ା ଆଉ କଅଣ—କୌଣସି କାଳରେ ତା' ଛଡ଼ା ଅନ୍ୟ କ'ଣ କିଛି ଥିଲି ? ତାଙ୍କ ସେବା ଲାଗି ମୁଁ ମୋର ସର୍ବସ୍ୱ ତ୍ୟାଗ କରିଛି, ମୋର ପ୍ରେମାସ୍ପଦମାନଙ୍କୁ ତ୍ୟାଗ କରିଛି, ସବୁ ସୁଖର ଆଶା ଛାଡ଼ିଛି, ଜୀବନ ପର୍ଯ୍ୟନ୍ତ ବିସର୍ଜନ ଦେଇଛି । ସେ ମୋର ସଦା-ଲୀଳାମୟ ଆଦରର ଧନ, ମୁଁ ତାଙ୍କର ଖେଳସାଥୀ । ଏହି ଜଗତର କାଣ୍ଡକାରଖାନାର କୌଣସିଠାରେ କୌଣସି କାରଣ ଖୋଜି ମିଳେ ନାହିଁ—ସବୁ ତାଙ୍କର ଖେଳ, ସବୁ ତାଙ୍କର ଖିଆଲ । କେଉଁ କାରଣରୁ ସେ ପୁଣି ଯୁକ୍ତି ଦ୍ୱାରା ଚାଳିତ ହେବେ ? ସେ ଲୀଳାମୟ—ଏହି ଜଗତ୍‌ନାଟ୍ୟର ସକଳ ଅଂଶରେ ହିଁ ସେ ଏସବୁ ହସକାନ୍ଦର ଅଭିନୟ କରୁଛନ୍ତି । ଜୋ ଯେପରି କହେ—'ଭାରି ମଜା, ଭାରି ମଜା !'

ଏ ତ ଅତି ମଜାର ଜଗତ ! ଆଉ ସବାପେକ୍ଷା ମଜାର ଲୋକ ସେ—ସେହି ଅନନ୍ତ ପ୍ରେମାସ୍ପଦ ପ୍ରଭୁ ! ସମସ୍ତ ଜଗତଟା ଖୁବ୍ ମଜାର ନୁହେଁ କି ? ଆମମାନଙ୍କର ପରସ୍ପର ପରସ୍ପର ଭିତରେ ଭ୍ରାତୃଭାବ କୁହ ଆଉ ଖେଳସାଥୀପଣିଆ କୁହ, ଏ ଯେପରି ଜଗତର କ୍ରୀଡ଼ା-କ୍ଷେତ୍ରରେ ଦଳେ ସ୍କୁଲପିଲାଙ୍କୁ ଖେଳିବାକୁ ଛାଡ଼ି ଦିଆଯାଇଛି—ଆଉ ସମସ୍ତେ ହଇଚୋଳ କରି ଖେଳୁଛନ୍ତି ! ସେଇୟା ନୁହେଁ କି ? କାହାକୁ ସୁଖ୍ୟାତି କରିବି, କାହାକୁ ନିନ୍ଦା କରିବି ? ଏସବୁ ସେ ତାଙ୍କର ଖେଳ । ଲୋକେ ଜଗତର ବ୍ୟାଖ୍ୟା ଖୋଜନ୍ତି—କିନ୍ତୁ ତାଙ୍କର ବ୍ୟାଖ୍ୟା କରିବ କିପରି ? ତାଙ୍କର ତ ମୁଣ୍ଡଗଣ୍ଡି କିଛି ନାହିଁ—ସେ ଯୁକ୍ତିବିଚାରର କୌଣସି ଧାର ଧାରନ୍ତି ନାହିଁ । ସେ ଆମମାନଙ୍କୁ ଛୋଟ ଛୋଟ ବୁଦ୍ଧି ଦେଇ ବୋକା କରି ରଖିଛନ୍ତି; କିନ୍ତୁ ଏଥର ଆଉ ମୋତେ ଠକାଇପାରିବେ ନାହିଁ, ମୁଁ ଏଥର ଖୁବ୍ ହୁସିଆର ଓ ସଜାଗ ରହିଛି ।

ମୁଁ ଏତେଦିନ ପରେ ଗୋଟିଏ ଦୁଇଟି ବିଷୟ ଶିଖିଛୁ । ଶିଖିଛୁ—ଭାବ ପ୍ରେମ ପ୍ରେମାସ୍ପଦ ସବୁ ସୁଭଦ୍ରୟର ବିଦ୍ୟା-ବୁଦ୍ଧି ବାକ୍ୟାଡ଼ମ୍ବରର ବାହାରେ, ସେସବୁଠାରୁ ଅନେକ ଦୂରରେ । 'ସାକି'* ପିଆଲା ପୂର୍ଣ୍ଣ କର—ଆମେ ପ୍ରେମମଦିରା ପାନ କରି ପାଗଳ ହୋଇଯାଉ । ଇତି

ତୁମର ସଦାପାଗଳ, ବିବେକାନନ୍ଦ

୨୯୫ଇଂ (ହେଲ୍ ଭଗିନୀଗଣଙ୍କୁ ଲିଖିତ)

ଲଣ୍ଡନ, ୭ ଜୁଲାଇ ୧୮୯୬

ସ୍ନେହର କୁନି ଭଉଣୀମାନେ,

ଏଠିକାର କାମ ଆଶ୍ଚର୍ଯ୍ୟ ଭାବରେ ଆଗେଇ ଚାଲିଛି । ଏଠାକୁ ଭାରତରୁ ଜଣେ ସନ୍ନ୍ୟାସୀ ଆସିଛନ୍ତି । ତାଙ୍କୁ ଆମେରିକାକୁ ପଠାଇଛି ଏବଂ ଭାରତରୁ ଆଉ ଜଣକୁ ପଠାଇବାକୁ ଲେଖିଛି । ଏଠିକାର ମୌସୁମୀ ଶେଷ ହୋଇଛି । ଏଣୁ କ୍ଲାସ୍ ଏବଂ ରବିବାରର ବକ୍ତୃତାଗୁଡ଼ିକ ଆଗାମୀ ୧୬ ତାରିଖଠାରୁ ବନ୍ଦ ହୋଇଯିବ । ୧୯ ତାରିଖରେ ମୁଁ ମାସକ ପାଇଁ ସୁଇଜର-ଲ୍ୟାଣ୍ଡର ପାହାଡ଼କୁ ଶାନ୍ତି ଓ ବିଶ୍ରାମ ଲାଗି ଯିବି । ପୁଣି ଶରତ୍ କାଳରେ ଲଣ୍ଡନକୁ ଫେରିଲେ କାମ ଆରମ୍ଭ ହେବ । ଏଠାରେ କାମ ଖୁବ୍ ଆଶାଜନକ ହୋଇଛି । ମୁଁ ପ୍ରକୃତରେ ଏଠାରେ ଆଗ୍ରହ ସୃଷ୍ଟି କରି ଭାରତରେ ରହି ଯାହା କରି ପାରିଥା'ନ୍ତି, ତା'ଠାରୁ ବେଶୀ ଭାରତ ପାଇଁ କରୁଛି । ମା' (ମିସେସ୍ ହେଲ୍) ମୋତେ ଲେଖିଛନ୍ତି ଯେ, ତୁମେମାନେ ଯଦି ଫ୍ଲାଟ୍ ଘରଟା ଭଡ଼ା ଦେଇପାରିବ, ତାହାହେଲେ ସେ ଆନନ୍ଦରେ ତୁମମାନଙ୍କୁ ମିଶର ଦେଖାଇବାକୁ ନେଇ ଯାଇପାରିବେ । ମୁଁ ତିନିଜଣ ଇଂରେଜ ବନ୍ଧୁଙ୍କ ସହିତ ସୁଇଜରଲାଣ୍ଡ ପାହାଡ଼କୁ ଯାଉଛି । ପରେ ଶୀତ ଶେଷରେ କେତେଜଣ ଇଂରେଜ ବନ୍ଧୁଙ୍କୁ ନେଇ ଭାରତକୁ ଯିବି ବୋଲି ଆଶା କରିଛି । ସେମାନେ ମଧ୍ୟ ମୋ ମଠରେ ରହିବାକୁ ଯାଉଛନ୍ତି, ମଠ ହେବାର ପରିକଳ୍ପନା ମାତ୍ର ଚାଲିଛି । ହିମାଳୟର କେଉଁଠାରେ ତାହା ବାସ୍ତବ ରୂପ ନେବାର ଚେଷ୍ଟା କରୁଛି ।

ତୁମେମାନେ କେଉଁଠାରେ ଅଛ ? ଏବେ ତ ପୂରାପୂରି ଗରମ କାଳ । ଏପରିକି ଲଣ୍ଡନ ମଧ୍ୟ ଖୁବ୍ ତାତି ଉଠିଛି । ଦୟାକରି ମିସେସ୍ ଆଡାମ୍‌ସ, ମିସେସ୍ କଙ୍ଗାର୍ ଏବଂ ଚିକାଗୋର ଅନ୍ୟ ବନ୍ଧୁମାନଙ୍କୁ ମୋର ଗଭୀର ସ୍ନେହ ଜଣାଇବ ।

ତୁମମାନଙ୍କର ସ୍ନେହଶୀଳଭ୍ରାତା, ବିବେକାନନ୍ଦ

---

* ପ୍ରାଚୀନ ପାରସିକମାନଙ୍କ ମଧ୍ୟରେ ଯେଉଁ ବ୍ୟକ୍ତି ଅଭ୍ୟାଗତମାନଙ୍କର ପାନପାତ୍ରରେ ସୁରା ଢାଳି ଦେଉଥିଲେ, ତାହାଙ୍କୁ ସାକି କୁହାଯାଉଥିଲା । ହାଫେଜ୍ ପ୍ରଭୃତିଙ୍କ କବିତାରେ ଏହି ସାକି ଶବ୍ଦର ବହୁଳ ପ୍ରୟୋଗ ଦେଖାଯାଏ ।

୨୯୬ଇଂ

୬୩, ସେଣ୍ଟ ଜର୍ଜେସ ରୋଡ଼, ଲଣ୍ଡନ
୮ ଜୁଲାଇ, ୧୮୯୬

ପ୍ରିୟ—,

ଇଂରେଜ ଜାତିଟା ଖୁବ୍ ଉଦାର । ସେଦିନ ମାତ୍ର ତିନିମିନିଟ ମଧ୍ୟରେ ମୋ କ୍ଲାସ୍‌ରୁ ଆଗାମୀ ଶରତ୍‌କାଳରେ କାର୍ଯ୍ୟର ନୂତନ ଘର ପାଇଁ ୧୫୦ ପାଉଣ୍ଡ (ପ୍ରାୟ ୨୨୫୦ ଟଙ୍କା) ଚାନ୍ଦା ଉଠିଛି । ଏପରିକି ମାଗିଲେ ସେମାନେ ତତକ୍ଷଣାତ୍ ୫୦୦ ପାଉଣ୍ଡ ଦେଇଥାଆନ୍ତେ । କିନ୍ତୁ ଆମେ ଧୀରେ ଧୀରେ କାର୍ଯ୍ୟ କରିବାକୁ ଚାହୁଁ—ହଠାତ୍ ଗୁଡ଼ାଏ ଖରଚପତ୍ର କରିବାକୁ ଚାହୁଁ ନାହିଁ । ଏଠାରେ ଏ କାର୍ଯ୍ୟଟି ଚଳାଇବାକୁ ଅନେକ ଲୋକ ମିଳିବେ, ଯେଉଁମାନେ ତ୍ୟାଗର ଭାବ କେତେକ ପରିମାଣରେ ବୁଝନ୍ତି—ଇଂରେଜ-ଚରିତ୍ରର ଗମ୍ଭୀରତା ଏଇଠି (ଯେଉଁ ଭାବଟି ତାଙ୍କ ମୁଣ୍ଡ ଭିତରେ ପଶେ, ତାହା ଆଉ କୌଣସିମତେ ଛାଡ଼ିଦିବାକୁ ଚାହିଁ ନାହିଁ) । ଇତି

ବିବେକାନନ୍ଦ

୨୯୭ଇଂ (ଡାକ୍ତର ନଞ୍ଜୁଣ୍ଡରାଓ, ଏମ୍. ଡି.ଙ୍କୁ ଲିଖିତ)

ଇଂଲଣ୍ଡ, ୧୪ ଜୁଲାଇ ୧୮୯୬

ପ୍ରିୟ ନଞ୍ଜୁଣ୍ଡରାଓ,

'ପ୍ରବୁଦ୍ଧ ଭାରତ'-ଗୁଡ଼ିକ ପହଞ୍ଚିଛି ଏବଂ କ୍ଲାସ୍‌ରେ ବିତରଣ ମଧ୍ୟ କରାଯାଇଛି । ପତ୍ରିକାଟି ଖୁବ୍ ସନ୍ତୋଷଜନକ ହୋଇଛି; ଭାରତରେ ଏହାର ଯଥେଷ୍ଟ ପ୍ରଚଳନ ହେବ ନିଶ୍ଚୟ । ଆମେରିକାରେ ମଧ୍ୟ ଏହାର କିଛି ଗ୍ରାହକ ହୋଇପାରନ୍ତି । ଏଥିମଧ୍ୟରେ ହିଁ ମୁଁ ଆମେରିକାରେ ଏହି କାଗଜଟିର ବିଜ୍ଞାପନ ଦେବାର ବ୍ୟବସ୍ଥା କରିଛି ଏବଂ ଗୁଡ୍‌ଇୟାର ଏଥି ମଧ୍ୟରେ ହିଁ ତାହା କରି ପକାଇଛନ୍ତି । କିନ୍ତୁ ଏଠାରେ (ଇଂଲଣ୍ଡରେ) କାର୍ଯ୍ୟ ଅପେକ୍ଷାକୃତ ଧୀରେ ଅଗ୍ରସର ହେବ । ଏଠାରେ ମୁସ୍କିଲ ଏହି ଯେ, ଏମାନେ ସମସ୍ତେ ନିଜର କାଗଜ ବାହାର କରିବାକୁ ଚାହାନ୍ତି । ଆଉ ଏଭଳି ହେବା ମଧ୍ୟ ଉଚିତ; କାରଣ ସତ୍ୟ କହିବାକୁ ଗଲେ କୌଣସି ବିଦେଶୀ ଲୋକ ଖାଣ୍ଟି ଇଂରେଜଙ୍କ ଭଳି ସେପରି ଭଲ ଇଂରେଜୀ ଲେଖି ପାରନ୍ତି ନାହିଁ, ଏବଂ ଖାଣ୍ଟି ଇଂରେଜୀରେ ଲେଖିଲେ ଭାବର ଯାହା ବିସ୍ତାର ହେବ, ହିନ୍ଦୁ-ଇଂରେଜୀରେ ତାହା ହୋଇ ନ ପାରେ । ତା'ପରେ ବିଦେଶୀ ଭାଷାରେ ପ୍ରବନ୍ଧ ଲେଖିବା ଅପେକ୍ଷା ଗଳ୍ପ ଲେଖିବା ଆହୁରି କଠିନ ।

ମୁଁ ଆପଣଙ୍କ ପାଇଁ ଏଠାରେ ଗ୍ରାହକ-ସଂଗ୍ରହର ଚେଷ୍ଟା କରୁଛି; କିନ୍ତୁ ଆପଣ ବିଦେଶୀ ସାହାଯ୍ୟ ଉପରେ ମୋଟେ ନିର୍ଭର କରିବେ ନାହିଁ । ବ୍ୟକ୍ତି ଭଳି ଜାତିକୁ ମଧ୍ୟ ଆପଣାର ସାହାଯ୍ୟ ଆପଣାକୁ କରିବାକୁ ହେବ । ଏହା ହିଁ ହେଉଛି ଠିକ୍ ଠିକ୍ ସ୍ୱଦେଶପ୍ରେମ । ଯଦି କୌଣସି ଜାତି ତାହା କରି ନ ପାରେ, ତେବେ କହିବାକୁ ହେବ, ତାହାର ଏବେ ମଧ୍ୟ ସମୟ ହୋଇ ନାହିଁ. ତାହାକୁ ଅପେକ୍ଷା କରିବାକୁ ହେବ । ମାନ୍ଦ୍ରାଜରୁ ହିଁ ଏହି ନୂତନ ଆଲୋକ ଭାରତର ସର୍ବତ୍ର ବିସ୍ତୃତ ହେବା ଦରକାର—ଏହି ଉଦ୍ଦେଶ୍ୟ ନେଇ ଆପଣଙ୍କୁ କାର୍ଯ୍ୟ

କରିବାକୁ ହେବ । ଗୋଟିଏ ବିଷୟରେ କିନ୍ତୁ ମୋତେ ଟିକିଏ ମନ୍ତବ୍ୟ କରିବାକୁ ପଡ଼ୁଛି—ମଲାଟଟା ଏକଦମ୍ ରୁଚିହୀନ—ଅତି କଦର୍ଯ୍ୟ । ସମ୍ଭବ ହେଲେ ଏହାକୁ ବଦଳେଇ ପକାନ୍ତୁ । ଏହାକୁ ଭାବବ୍ୟଞ୍ଜକ ଓ ସରଳ କରନ୍ତୁ—ଆଉ ଏଥିରେ ମନୁଷ୍ୟର ମୂର୍ତ୍ତି ମୋଟେ ରଖିବେ ନାହିଁ । ବଟବୃକ୍ଷ ମୋଟେ ପ୍ରବୁଦ୍ଧ ହେବାର ଚିହ୍ନ ନୁହେଁ, ପାହାଡ଼-ମଧ୍ୟ ତାହା ନୁହେଁ, ଋଷିମାନେ ମଧ୍ୟ ନୁହନ୍ତି, ଇଉରୋପୀୟ ଦମ୍ପତିମାନେ ମଧ୍ୟ ନୁହନ୍ତି । ପଦ୍ମଫୁଲ ହେଉଛି ପୁନରଭ୍ୟୁତ୍ଥାନର ପ୍ରତୀକ । ଶୃଙ୍ଖଳାରେ ଆମେ ବହୁ ପଛରେ ରହିଛୁ—ବିଶେଷତଃ ଚିତ୍ର-ଶିଳ୍ପରେ । ବଣରେ ବସନ୍ତ ଆସିଛି, ବୃକ୍ଷଲତାରେ ନବକିଶଳୟ ଓ ମୁକୁଳ ଦେଖାଦେଇଛି—ଏହି ଭାବର ଗୋଟିଏ କାନନଚିତ୍ର ଆଙ୍କନ୍ତୁ ଦେଖି—କେତେ ଭାବ ତ ରହିଛି—ଧୀରେ ଧୀରେ ତାହା ଚିତ୍ରଶିଳ୍ପରେ ଫୁଟାଇ ତୋଳନ୍ତୁ । ଲଣ୍ଡନର ଗ୍ରୀନ୍‌ମ୍ୟାନ୍ କମ୍ପାନୀ ଯେଉଁ 'ରାଜଯୋଗ' ଛାପିଛନ୍ତି, ସେଥିରେ ମୋର ତିଆରି ପ୍ରତୀକଟି ଦେଖନ୍ତୁ—ଆପଣ ବମ୍ବେରେ ତାହା ପାଇବେ । ମୁଁ ନ୍ୟୁୟର୍କରେ 'ରାଜଯୋଗ' ସମ୍ବନ୍ଧରେ ଯେଉଁସବୁ ବକ୍ତୃତା ଦେଇଥିଲି, ଏ ପୁସ୍ତକରେ ତାହା ଅଛି ।

ମୁଁ ଆଗାମୀ ରବିବାର ଦିନ ସୁଇଜର୍‌ଲଣ୍ଡ ଯାଉଛି, ଏବଂ ଶରତ୍‌କାଳରେ ଇଂଲଣ୍ଡ ଫେରିଆସି ପୁଣି କାମ ଆରମ୍ଭ କରିବି । ସମ୍ଭବ ହେଲେ ମୁଁ ସୁଇଜରଲଣ୍ଡରୁ ଆପଣଙ୍କୁ ଧାରାବାହିକ ଭାବରେ କେତେଗୁଡ଼ିଏ ପ୍ରବନ୍ଧ ପଠାଇବି । ଆପଣ ଜାଣନ୍ତି, ମୋର ବିଶ୍ରାମ ଅତ୍ୟାବଶ୍ୟକ ହୋଇପଡ଼ିଛି ।

ଏକାନ୍ତ ଆଶୀର୍ବାଦକ ଓ ଶୁଭାନୁଧ୍ୟାୟୀ, ବିବେକାନନ୍ଦ

୨୯୮ଇଂ (ମିସେସ୍ ଓଲବୁଲ୍‌ଙ୍କୁ ଲିଖିତ)

ସ୍ୟାନ୍‌ସ ଗ୍ରାଣ୍ଡ, ସୁଇଜରଲଣ୍ଡ, ୨୫ ଜୁଲାଇ ୧୮୯୬

ମୁଁ ଜଗତଟାକୁ ଏକଦମ୍ ଭୁଲିଯିବାକୁ ଚାହେଁ, ଅନ୍ତତଃ ଆସନ୍ତା ଦୁଇମାସ ପାଇଁ, ଏବଂ କଠୋର ସାଧନା କରିବାକୁ ଚାହେଁ । ତାହା ହିଁ ମୋର ବିଶ୍ରାମ ।··· ପାହାଡ଼ ଓ ବରଫ ଦେଖିଲେ ମୋ ମନରେ ଏକ ଅପୂର୍ବ ଶାନ୍ତିର ଭାବ ଆସେ । ଏଠାରେ ମୋର ଯେପରି ସୁନିଦ୍ରା ହେଉଛି ଏପରି ଅନେକ ଦିନ ହେଲା ହୋଇ ନ ଥିଲା ।

ବନ୍ଧୁବର୍ଗଙ୍କୁ ମୋର ସ୍ନେହ ପ୍ରୀତି ଜଣାଇବେ ।

ଆପଣମାନଙ୍କର, ବିବେକାନନ୍ଦ

୨୯୯ଇଂ (ମିଃ ଇ. ଟି. ଷ୍ଟର୍ଡିଙ୍କୁ ଲିଖିତ)

ଗ୍ରାଣ୍ଡ ହୋଟେଲ, ଭ୍ୟାଲେ, ସୁଇଜରଲଣ୍ଡ

ମୁଁ ଅଳ୍ପ ପଢ଼ାପଢ଼ି କରୁଛି—ଉପବାସ କରୁଛି ଅନେକ ଏବଂ ସାଧନା କରୁଛି ତା' ଅପେକ୍ଷା ଅଧିକ । ଜଙ୍ଗଲ ଭିତରେ ବୁଲିବାଟା ଅତି ଆରାମପ୍ରଦ । ଆମର ବାସସ୍ଥାନଟି ତିନୋଟି ବିରାଟ ତୁଷାର-ପ୍ରବାହ ତଳେ ଏବଂ ପ୍ରାକୃତିକ ଦୃଶ୍ୟ ଅତି ମନୋରମ ।

ଭଲ କଥା, ସୁଇଜରଲଣ୍ଡର ହ୍ରଦରେ ଆର୍ଯ୍ୟମାନଙ୍କର ଆଦି ବାସ-ଭୂମି ସମ୍ବନ୍ଧରେ

ମୋ ମନରେ ଯାହା ବା ଟିକିଏ ସନ୍ଦେହର ଭାବ ଥିଲା, ତାହା ଏକାବେଳକେ ଅପସରି ଯାଇଛି; ତାଙ୍କ ମାନଙ୍କ ମୁଣ୍ଡରୁ ଲମ୍ବା ଚୁଟିଟା ଅଲଗା କରିଦେଲେ ଯାହା ଦେଖାଯା'ନ୍ତା ସୁଇଜରଲାଣ୍ଡର ଅଧିବାସୀମାନେ ହେଉଛନ୍ତି ସେଇଆ ।

ସ୍ନେହାଶୀର୍ବାଦକ, ବିବେକାନନ୍ଦ

**୩୦୦ଇଂ** (ଲାଲ ବଦ୍ରୀ ଶାହଙ୍କୁ ଲିଖିତ)

ରିଡ୍‌ଂ, ଲଣ୍ଡନ, ୫ ଅଗଷ୍ଟ ୧୮୯୬*

ପ୍ରିୟ ଶାହଜୀ,

ଆପଣଙ୍କର ସହୃଦୟ ଅଭିନନ୍ଦନ ଲାଗି ଅଶେଷ ଧନ୍ୟବାଦ । ଆପଣଙ୍କ ନିକଟରୁ ଗୋଟିଏ ବିଷୟ ଜାଣିବାର ଅଛି । ଦୟାକରି ସମ୍ବାଦଟି ଜଣାଇଲେ ବିଶେଷ ବାଧିତ ହେବି । ମୁଁ ଗୋଟିଏ ମଠ ସ୍ଥାପନ କରିବାକୁ ଚାହେଁ—ଆଲମୋଡ଼ାରେ ବା ଆଲମୋଡ଼ା ନିକଟରେ ହେଲେ ଭଲ । ମୁଁ ଶୁଣିଛି ମିଃ ରାମଜେ ନାମରେ ଜଣେ ଭଦ୍ରଲୋକ ଆଲମୋଡ଼ା ନିକଟରେ ଗୋଟିଏ ବଙ୍ଗଳାରେ ବାସ କରୁଥିଲେ, ସେହି ବଙ୍ଗଳାର ଚତୁର୍ଦ୍ଦିଗରେ ଗୋଟିଏ ବଗିଚା ଅଛି । ସେହି ବଙ୍ଗଳାଟି କ୍ରୟ କରିବା ସମ୍ଭବ ହେବ କି ? ଦାମ୍ କେତେ ? ଯଦି କ୍ରୟ କରିବା ସମ୍ଭବ ନ ହୁଏ, ତେବେ ତାହା ଭଡ଼ାରେ ମିଳିବ କି ?

ଆଲମୋଡ଼ା **ନିକଟରେ** କୌଣସି ସୁବିଧାଜନକ ସ୍ଥାନ ଆପଣ ଜାଣିଛନ୍ତି କି, ଯେଉଁଠାରେ ବାଗବଗିଚା ସହ ଆମର ମଠ ପ୍ରତିଷ୍ଠିତ ହୋଇପାରେ ? ତାହାର ବଗିଚା ପ୍ରଭୃତି ଅବଶ୍ୟ ଥିବା ଦରକାର । ଗୋଟିଏ ଗୋଟିକିଆ ଗୋଟେ ପାହାଡ଼ ହେଲେ ହିଁ ଠିକ୍ ମୋର ମନ ମୁତାବକ ହେବ ।

ଆଶା କରେ, ଶୀଘ୍ର ଆପଣଙ୍କ ଉତ୍ତର ପାଇବି, ଆପଣ ଏବଂ ଆଲମୋଡ଼ାର ଅନ୍ୟାନ୍ୟ ସବୁ ବନ୍ଧୁ ମୋର ଆଶୀର୍ବାଦ ଓ ପ୍ରୀତି ଜାଣିବେ । ଇତି

ଆପଣମାନଙ୍କର, ବିବେକାନନ୍ଦ

**୩୦୧ଇଂ** (ମିଃ ଇ. ଟି. ଷ୍ଟାର୍ଡିଙ୍କୁ ଲିଖିତ)

ସୁଇଜରଲାଣ୍ଡ, ୫ ଅଗଷ୍ଟ ୧୮୯୬

ଆଜି ସକାଳେ ଅଧ୍ୟାପକ ମାକ୍ସମୁଲର୍‌ଙ୍କର ଖଣ୍ଡିଏ ପତ୍ର ଆସିଛି; ସେଥିରୁ ଖବର ପାଇଲି ଯେ, ଶ୍ରୀରାମକୃଷ୍ଣ ସମ୍ବନ୍ଧୀୟ ପ୍ରବନ୍ଧଟି 'ନାଇଣ୍ଟିନ୍ଥ ସେଞ୍ଚୁରି' ପତ୍ରିକାର ଅଗଷ୍ଟ ସଂଖ୍ୟାରେ ପ୍ରକାଶିତ ହୋଇଛି । ତୁମେ କଅଣ ତାହା ପଢ଼ିଛ ? ସେ ସେହି ବିଷୟରେ ମୋର ମତ ଚାହିଁଛନ୍ତି । ଏପର୍ଯ୍ୟନ୍ତ ମୁଁ ତାହା ଦେଖିନାହିଁ ବୋଲି ତାଙ୍କୁ କିଛି ଲେଖିପାରୁ ନାହିଁ । ତୁମେ ଯଦି ତାହା ପାଇଥାଅ ତ ଦୟାକରି ମୋ ପାଖକୁ ପଠାଇଦେବ । 'ବ୍ରହ୍ମବାଦିନ୍'ର

* ସ୍ୱାମୀଜୀ ସେତେବେଳେ ସୁଇଜରଲାଣ୍ଡରେ ଥିଲେ ମଧ୍ୟ ଏଇଟି ତାଙ୍କର ସ୍ଥାୟୀ ଠିକଣା ।

କୌଣସି ସଂଖ୍ୟା ଆସିଥିଲେ ତାହା ମଧ୍ୟ ପଠାଇଦେବ । ମାକ୍ସମୁଲର୍ ଆମର କାର୍ଯ୍ୟଧାରା ଜାଣିବାକୁ ଚାହାଁନ୍ତି···ଏବଂ ମାସିକ ପତ୍ରିକା ସମ୍ବନ୍ଧରେ ମଧ୍ୟ ଖବର ଚାହାଁନ୍ତି । ସେ ପ୍ରଚୁର ସାହାଯ୍ୟର ଆଶ୍ୱାସ ଦେଇଛନ୍ତି ଏବଂ ଶ୍ରୀରାମକୃଷ୍ଣ ପରମହଂସ ଦେବଙ୍କ ସମ୍ବନ୍ଧରେ ଖଣ୍ଡିଏ ଗ୍ରନ୍ଥ ଲେଖିବାକୁ ପ୍ରସ୍ତୁତ ଅଛନ୍ତି ।

ମୋର ମନେହୁଏ, ପତ୍ରିକାଦି ସମ୍ବନ୍ଧରେ ତାଙ୍କ ସହିତ ତୁମର ସିଧାସଳଖ ପତ୍ରାଳାପ କରିବା ଉଚିତ । 'ନାଇଣ୍ଟିନ୍ଥ ସେଞ୍ଚୁରି' ପଢ଼ିବା ପରେ ତାଙ୍କ ପତ୍ରର ଉତ୍ତର ଦେଇ ଯେତେବେଳେ ତୁମକୁ ତାଙ୍କର ଚିଠି ଖଣ୍ଡିକ ପଠାଇ ଦେବି, ସେତେବେଳେ ତୁମେ ବୁଝି-ପାରିବ ଯେ, ସେ ଆମର ପ୍ରଚେଷ୍ଟାରେ କେତେ ଖୁସୀ ହୋଇଛନ୍ତି ଏବଂ ଯଥାସାଧ୍ୟ ସାହାଯ୍ୟ କରିବାକୁ ରାଜି ଅଛନ୍ତି ।

ପୁଃ—ଆଶା କରେ, ବଡ଼ ପତ୍ରିକା ଖଣ୍ଡିକ ସମ୍ବନ୍ଧରେ ଭଲକରି ଭାବି ଦେଖିବ । ଆମେରିକାରେ କିଛି ଟଙ୍କା ଉଠାଇହେବ ଏବଂ ତାହାଦ୍ୱାରା କାଗଜ ଖଣ୍ଡିକ ନିଜ ହାତରେ ହିଁ ରଖି ହେବ । ତୁମେ ଓ ମାକ୍ସମୁଲର୍ କି ଧରଣର କାର୍ଯ୍ୟଧାରା ଠିକ୍ କରୁଛ ତାହା ଜାଣି ମୁଁ ଆମେରିକାକୁ ପତ୍ର ଲେଖିବି ଭାବୁଛି ।

ଯେଉଁ ଗଛର ଫଳ ଓ ଛାୟା ଅଛି, ତାହାର ହିଁ ଆଶ୍ରୟ ନେବାକୁ ହୁଏ; ଫଳ ଯଦିବା ନ ମିଳେ, ଛାୟାରୁ ତ କେହି ବଞ୍ଚିତ କରିପାରିବ ନାହିଁ ? ସୁତରାଂ ଶିକ୍ଷଣୀୟ ଏହି —ବଡ଼ ବଡ଼ କାମ ଏହି ଭାବରେ ହିଁ କରିବା ଉଚିତ ।

**୩୦୨ଇଂ** (ଶ୍ରୀଯୁକ୍ତ ଆଲସିଙ୍ଗା ପେରୁମଲଙ୍କୁ ଲିଖିତ)

ସୁଇଜରଲଣ୍ଡ, ୭ ଅଗଷ୍ଟ ୧୮୯୬

ପ୍ରିୟ ଆଲସିଙ୍ଗା,

'ବ୍ରହ୍ମବାଦିନ' କିପରି ଆର୍ଥିକ ଦୁରବସ୍ଥାରେ ପଡ଼ିଛି, ତାହା ତୁମ ପତ୍ରରୁ ଜାଣିଲି । ଲଣ୍ଡନକୁ ଯେତେବେଳେ ଫେରିଯିବି, ସେତେବେଳେ ତୁମକୁ ସାହାଯ୍ୟ କରିବାକୁ ଚେଷ୍ଟା କରିବି । ତୁମେ ସ୍ୱର କମାଇବ ନାହିଁ—କାଗଜଖଣ୍ଡିକ ଚଳାଇଯାଅ; ଅତିଶୀଘ୍ର ମୁଁ ତୁମକୁ ଏପରି ସାହାଯ୍ୟ କରିପାରିବି ଯେ, ଏହି ବିରକ୍ତିକର ଶିକ୍ଷକତା କାର୍ଯ୍ୟରୁ ତୁମେ ଅବ୍ୟାହତି ପାଇବ, ଭୟ କର ନାହିଁ; ବହୁ ବଡ଼ ବଡ଼ କାର୍ଯ୍ୟ ହେବ, ବତ୍ସ ! ସାହସ ଅବଲମ୍ବନ କର । 'ବ୍ରହ୍ମବାଦିନ୍' ଗୋଟିଏ ରତ୍ନବିଶେଷ, ଏହାକୁ ନଷ୍ଟ ହେବାକୁ ଦିଆଯିବ ନାହିଁ । ଅବଶ୍ୟ ଏହି ଜାତୀୟ ପତ୍ରିକାକୁ ସର୍ବଦା ବ୍ୟକ୍ତିଗତ ବଦାନ୍ୟତାଦ୍ୱାରା ବଞ୍ଚାଇ ରଖିବାକୁ ପଡ଼େ, ଆଉ ଆମେ ତାହା ହିଁ କରିବା । ଆଉ ଗୋଟିଏ ମାସ କେଇଟା କାମୁଡ଼ି ପଡ଼ିଥାଅ ।

ମ୍ୟାକ୍ସମୁଲର୍ଙ୍କ ଶ୍ରୀରାମକୃଷ୍ଣ-ସମ୍ବନ୍ଧୀୟ ପ୍ରବନ୍ଧଟି 'ନାଇଣ୍ଟିନ୍ଥ ସେଞ୍ଚୁରି'ରେ ବାହାରିଛି । ତାହା ପାଇବାମାତ୍ରେ ମୁଁ ତୁମକୁ ପଠାଇଦେବି । ସେ ମୋତେ ଚମତ୍କାର ଚିଠି ସବୁ ଲେଖନ୍ତି ଏବଂ ଶ୍ରୀରାମକୃଷ୍ଣଙ୍କର ଖଣ୍ଡିଏ ବଡ଼ ଜୀବନୀ ଲେଖିବା ପାଇଁ ଉପାଦାନ ଚାହାଁନ୍ତି । କଲିକତାକୁ ଲେଖିଦିଅ, ଯେପରି ସେମାନେ ଯେତେଟା ସମ୍ଭବ ଉପାଦାନ ଯୋଗାଡ଼ କରି

ତାଙ୍କୁ ପଠାନ୍ତୁ ।

ଆମେରିକାର କାଗଜକୁ ପ୍ରେରିତ ସମ୍ବାଦଟି ମୁଁ ପୂର୍ବରୁ ପାଇଛୁ । ତାହା ଭାରତରେ ପ୍ରକାଶ କରିବ ନାହିଁ । ସମ୍ବାଦପତ୍ରରେ ଏସବୁ ହୋହା ଢେର୍ ହୋଇଯାଇଛି; ମୋର ଅନ୍ତତଃ ଏସବୁରେ ବିରକ୍ତ ଆସିଯାଇଛି । ମୂର୍ଖମାନେ ଯାହା କହନ୍ତୁ ନା କାହିଁକି, ଆମେ ଆମର କାମ କରିଯିବା । ସତ୍ୟକୁ କେହି ଗୁପ୍ତ ରଖିପାରିବ ନାହିଁ ।

ଦେଖି ପାରୁଛ ତ, ମୁଁ ବର୍ତ୍ତମାନ ସୁଇଜରଲାଣ୍ଡରେ ରହିଛି, ଆଉ କ୍ରମାଗତ ଘୁରି ବୁଲୁଛି । ପଢ଼ିବା ବା କୌଣସି ଲେଖିବା କାମ ମୁଁ କରିପାରୁ ନାହିଁ, କରିବା ମଧ୍ୟ ଉଚିତ ନୁହେଁ । ଲଣ୍ଡନରେ ମୋର ଗୋଟିଏ ବଡ଼ କାମ ପଡ଼ିରହିଛି, ଯାହା ଆଗାମୀ ମାସରୁ ଆରମ୍ଭ କରିବାକୁ ହେବ । ଆଗାମୀ ଶୀତକାଳରେ ମୁଁ ଭାରତକୁ ଫେରିବି ଏବଂ ସେଠାକାର କାମଟିକୁ ଠିଆ କରାଇବି ।

ସମସ୍ତେ ମୋର ପ୍ରୀତି ଜାଣିବ । ସାହସରେ ହୃଦୟସ୍ପର୍ଶୀ କାମ କରିଯାଅ, ପଶ୍ଚାତ୍ପଦ ହୁଅ ନାହିଁ—'ନା' କୁହ ନାହିଁ । କାମ କର—ପ୍ରଭୁ ପଛରେ ରହିଛନ୍ତି । ମହାଶକ୍ତି ତୁମମାନଙ୍କ ସଙ୍ଗେ ସଙ୍ଗେ ରହିଛନ୍ତି । ମୋର ପ୍ରୀତି ଓ ଆଶୀର୍ବାଦ ଜାଣିବ । ଇତି

ବିବେକାନନ୍ଦ

ପୁଃ—ଡରିଯାଅ ନାହିଁ ! ଟଙ୍କା ଓ ଆଉସବୁ ଶୀଘ୍ର ଆସିବ ।

**୩୦୩ଇଂ** (ପାଶ୍ଚାତ୍ୟ ଶିଷ୍ୟ ସ୍ୱାମୀ କୃପାନନ୍ଦଙ୍କୁ ଲିଖିତ)

ସୁଇଜରଲାଣ୍ଡ, ଅଗଷ୍ଟ ୧୮୯୬

ତୁମେ ପବିତ୍ର ଏବଂ ସର୍ବୋପରି ଅକପଟ ହୁଅ, ମୁହୂର୍ତ୍ତିକ ପାଇଁ ମଧ୍ୟ ଭଗବାନଙ୍କଠାରେ ବିଶ୍ୱାସ ହରାଅ ନାହିଁ—ତା' ହେଲେ ହିଁ ତୁମେ ଆଲୋକ ଦେଖିପାରିବ । ଯାହା କିଛି ସତ୍ୟ, ତାହା ହିଁ ଚିରସ୍ଥାୟୀ; କିନ୍ତୁ ଯାହା ସତ୍ୟ ନୁହେଁ, ତାହାକୁ କେହି ବଞ୍ଚାଇପାରିବ ନାହିଁ । ବର୍ତ୍ତମାନ କ୍ଷିପ୍ର ଅନୁସନ୍ଧିତ୍ସାର ଯୁଗରେ ଜନ୍ମଗ୍ରହଣ କରି ଆମେ ଅନେକ ସୁବିଧା ପାଇଛୁ । ଅନ୍ୟମାନେ ଯାହା ଭାବନ୍ତୁ ଆଉ କରନ୍ତୁ, ତୁମେ କେବେହେଲେ ତୁମର ପବିତ୍ରତା, ନୀତି ଓ ଭଗବତ୍-ପ୍ରେମର ଉଚ୍ଚ ଆଦର୍ଶ ଖର୍ବ କର ନାହିଁ । ସର୍ବୋପରି ସର୍ବପ୍ରକାର ଗୁପ୍ତ ସମିତି ସମ୍ବନ୍ଧରେ ସତର୍କ ଥାଅ । ଭଗବତ୍-ପ୍ରେମିକ ପକ୍ଷରେ ଚାଲାକିରେ ଭୀତ ହେବାର କିଛି ନାହିଁ । ସ୍ୱର୍ଗରେ ଏବଂ ମର୍ତ୍ତ୍ୟରେ ଏକମାତ୍ର ପବିତ୍ରତା ହିଁ ସର୍ବୋତ୍ତମ ଏବଂ ସର୍ବଶ୍ରେଷ୍ଠ ଶକ୍ତି । 'ସତ୍ୟମେବ ଜୟତେ ନାନୃତଂ, ସତ୍ୟେନ ପନ୍ଥା ବିତତୋ ଦେବଯାନଃ ।'—ସତ୍ୟର ହିଁ ଜୟ ହୁଏ, ମିଥ୍ୟାର ନୁହେଁ; ସତ୍ୟ ମଧ୍ୟ ଦେଇ ଦେବଯାନମାର୍ଗ ଗ୍ଳାଲିଛି । କିଏ ତୁମର ସହଗାମୀ ହେଲା ବା ନ ହେଲା, ସେ ବିଷୟରେ ଆଦୌ ମୁଣ୍ଡ ଘୂରାଅ ନାହିଁ; କେବଳ ପ୍ରଭୁଙ୍କ ହାତ ଧରି ରହିବାକୁ ଯେପରି କେବେହେଲେ ଭୁଲ୍ ନ ହୁଏ; ତା'ହେଲେ ହିଁ ଯଥେଷ୍ଟ ।...

ଗତକାଲି ମୁଁ 'ମଣ୍ଟି ରୋଜା'ର ତୁଷାରପ୍ରବାହ ପାଖକୁ ଯାଇଥିଲି ଏବଂ ସେହି ଚିର-ତୁଷାରର ପ୍ରାୟ ମଧ୍ୟସ୍ଥଳରେ ଜାତ କେତୋଟି ଟାଣ ପାଖୁଡ଼ାବିଶିଷ୍ଟ ଫୁଲ୍ ତୋଳି ଆଣିଥିଲି ।

ସେଥିରୁ ଗୋଟିଏ ଏହି ଚିଠି ଭିତରେ ତୁମକୁ ପଠାଇଲି—ଆଶା କରେ, ଜାଗତିକ ଜୀବନରେ ସର୍ବପ୍ରକାର ବାଧାବିପତ୍ତିସ୍ୱରୂପକ ହିମବର୍ଷା ଓ ତୁଷାରପାତ ମଧ୍ୟରେ ତୁମେ ମଧ୍ୟ ସେହିଭଳି ଆଧ୍ୟାତ୍ମିକ ଦୃଢ଼ତା ଲାଭ କରିବ ।...

ତୁମର ସ୍ୱପ୍ନଟି ଖୁବ୍ ସୁନ୍ଦର । ସ୍ୱପ୍ନରେ ଆମେ ଆମ ମନର ଏପରି ଗୋଟିଏ ସ୍ତରର ପରିଚୟ ପାଉ, ଯାହା ଜାଗ୍ରତ ଅବସ୍ଥାରେ କେବେହେଲେ ମିଳେ ନାହିଁ, ଏବଂ କଳ୍ପନା ଯେତେ ଅବାସ୍ତବ ହେଉନା କାହିଁକି—ଦୁର୍ଜ୍ଞେୟ ଆଧ୍ୟାତ୍ମିକ ସତ୍ୟସମୂହ ଚିରକାଳ ତାହାର ପଶ୍ଚାତ୍ତରେ ରହିଯାଏ । ସାହସ ଅବଲମ୍ବନ କର । ମାନବଜାତିର କଲ୍ୟାଣ ପାଇଁ ଆମେ ଯଥାସାଧ୍ୟ ଚେଷ୍ଟା କରିବା—ବାକି ସବୁ ପ୍ରଭୁ ହିଁ ଜାଣନ୍ତି ।...

ଅଧୀର ହୁଅ ନାହିଁ, ତରବର ହୁଅ ନାହିଁ; ଧୀର, ଏକନିଷ୍ଠ ଏବଂ ନୀରବ କର୍ମରେ ହିଁ ସାଫଲ୍ୟଲାଭ ସମ୍ଭବ ହୁଏ । ପ୍ରଭୁ ଅତି ମହାନ୍ । ବତ୍ସ, ଆମେ ସଫଳ ହେବୁ ହିଁ ହେବୁ—ସଫଳ ହେବାକୁ ପଡ଼ିବ । ତାଙ୍କର ନାମ ଧନ୍ୟ ହେଉ ।...

ଏଠାରେ...କୌଣସି ଆଶ୍ରମ ନାହିଁ । ଗୋଟିଏ ଥିଲେ କେଡ଼େ ସୁନ୍ଦର ନ ହୁଅନ୍ତା ! ମୁଁ ସେଥିରେ କେତେ ଆନନ୍ଦିତ ନ ହୁଅନ୍ତି ଏବଂ ସେଥିରେ ଏ ଦେଶର କେତେ କଲ୍ୟାଣ ନ ହୁଅନ୍ତା !

୩୦୪ଇଂ ସୁଇଜରଲଣ୍ଡ, ୮ ଅଗଷ୍ଟ ୧୮୯୬

ପ୍ରିୟ ଆଲସିଙ୍ଗା,

ତୁମକୁ କିଛିଦିନ ପୂର୍ବେ ଖଣ୍ଡିଏ ପତ୍ର ଲେଖିଥିଲି । ସମ୍ପ୍ରତି ମୋ ପକ୍ଷରେ ତୁମକୁ ଜଣାଇବା ସମ୍ଭବପର ହୋଇଛି ଯେ, ମୁଁ 'ବ୍ରହ୍ମବାଦିନ୍' ପାଇଁ ଏହି ଠିକିକି କରିପାରିବି—ମୁଁ ତୁମକୁ ଦୁଇ ଏକ ବର୍ଷ ଲାଗି ମାସକୁ ୧୦୦ ଟଙ୍କା ହିସାବରେ ଅର୍ଥାତ୍ ବର୍ଷରେ ୬୦ ବା ୭୦ ପାଉଣ୍ଡ ହିସାବରେ, ଯହିଁରେ ମାସକୁ ୧୦୦ ଟଙ୍କା ପୂରି ହୁଏ—ଏହିଭଳି ସାହାଯ୍ୟ କରିପାରିବି; ସେଥିରେ ତୁମେ ନିଜେ ସ୍ୱାଧୀନ ହୋଇ 'ବ୍ରହ୍ମବାଦିନ୍' ପାଇଁ କାର୍ଯ୍ୟ କରିପାରିବ ଓ ତାହାକୁ ଭଲ କରି ଠିଆ କରାଇପାରିବ । ମଣି ଆୟ୍ୟାର୍ ଏବଂ ଅନ୍ୟ କେତେକ ବନ୍ଧୁ କିଛି ଟଙ୍କା ଉଠାଇ ପତ୍ରିକାର ମୁଦ୍ରଣ ପ୍ରଭୃତି ବ୍ୟୟ ନିର୍ବାହ କରିପାରନ୍ତି । ଗ୍ରାହକମାନଙ୍କ ଚାନ୍ଦାରୁ କେତେ ଆୟ ହୁଏ ? ତାହା ଖରଚ କରି ଭଲ ଭଲ ଲେଖକମାନଙ୍କଠାରୁ ଉତ୍ତମ ପ୍ରବନ୍ଧ ସଂଗ୍ରହ କରିବା ଚଳିବ ନାହିଁ କି ? 'ବ୍ରହ୍ମବାଦିନ୍'ରେ ଯାହାକିଛି ବାହାରିବ, ତାହାର ସବୁଟି ସମସ୍ତଙ୍କୁ ବୁଝିବାକୁ ହେବ, ଏପରି କୌଣସି ମାନେ ନାହିଁ; କିନ୍ତୁ ସ୍ୱଦେଶହିତୈଷିତା-ପ୍ରଣୋଦିତ ହୋଇ ଓ ପୁଣ୍ୟ ସଞ୍ଚୟ ପାଇଁ ସମସ୍ତଙ୍କର ଏହି ପତ୍ରିକାର ଗ୍ରାହକ ହେବା ଉଚିତ—ଅବଶ୍ୟ ମୁଁ ହିନ୍ଦୁଗଣଙ୍କୁ ହିଁ ଲକ୍ଷ୍ୟ କରି ଏକଥା କହୁଛି ।

[ତୁମମାନଙ୍କର] କେତୋଟି ଗୁଣ ରହିବା ଆବଶ୍ୟକ :

ପ୍ରଥମତଃ ହିସାବପତ୍ର ସମ୍ବନ୍ଧରେ ବିଶେଷ ସତତା ଅବଲମ୍ବନୀୟ । ଏକଥା କହିବାକୁ ଯାଇ ମୁଁ ଏପରି ଟିକିଏ ସୂଚ୍ୟା ଆଭାସ ଦେଉ ନାହିଁ ଯେ, ତୁମମାନଙ୍କ ମଧ୍ୟରେ କାହାର

ପଦସ୍ଖଳନ ହେବ, ପରନ୍ତୁ କାମଦାମରେ ହିନ୍ଦୁମାନଙ୍କର ଗୋଟିଏ ଅଦ୍ଭୁତ ଅସଜଡ଼ା ଭାବ ଅଛି —ହିସାବପତ୍ର ରଖିବା ବିଷୟରେ ସେମାନଙ୍କର ସେପରି ସୁଶୃଙ୍ଖଳା ବା ଜ୍ଞାନ ନାହିଁ; ହୁଏତ କୌଣସି ବିଶେଷ ଫଣ୍ଡର ଟଙ୍କା ନିଜ କାମରେ ଲଗାଇ ପକାନ୍ତି ଏବଂ ଭାବନ୍ତି ଶୀଘ୍ର ତାହା ଫେରାଇ ଦେବେ—ଇତ୍ୟାଦି ।

ଦ୍ୱିତୀୟତଃ 'ବ୍ରହ୍ମବାଦିନ୍'ଟିକୁ ଉତ୍ତମରୂପେ ପରିଚାଳନା କରିବା ଉପରେ ତୁମର ମୁକ୍ତି ନିର୍ଭର କରେ, ଏହା ମନେକରି ଉଦ୍ଦେଶ୍ୟସିଦ୍ଧି ପାଇଁ ସମ୍ପୂର୍ଣ୍ଣ ଦୃଢ଼ ନିଷ୍ଠା ଦରକାର । ଏହି ପତ୍ରିକା ହିଁ ତୁମର ଇଷ୍ଟଦେବତା-ସ୍ୱରୂପ ହୁଅନ୍ତୁ, ତା'ହେଲେ ଦେଖିବ ସାଫଲ୍ୟ କିପରି ଆସିବ । ମୁଁ ଏଥିପୂର୍ବେ ଅଭେଦାନନ୍ଦଙ୍କୁ ଭାରତବର୍ଷରୁ ଡାକି ପଠାଇଛି । ମୁଁ ଆଶା କରେ, ଅନ୍ୟ ସ୍ୱାମୀଙ୍କୁ ପଠାଇବା ସମୟରେ ଯେପରି ଡେରି ହୋଇଥିଲା, ଏଥର ସେପରି ହେବ ନାହିଁ । ଏହି ଚିଠି ପାଇ ତୁମେ ମୋର 'ବ୍ରହ୍ମବାଦିନ୍'ର ସମସ୍ତ ଆୟବ୍ୟୟର ଗୋଟିଏ ପରିଷ୍କାର ହିସାବ ପଠାଅ—ଯଦ୍ଦ୍ୱାରା ମୁଁ ବୁଝିପାରିବି, କଅଣ କରିବା ଉଚିତ । ମନେରଖ—ସମ୍ପୂର୍ଣ୍ଣ ପବିତ୍ରତା ଓ ଗୁରୁଙ୍କ ପ୍ରତି ସ୍ୱାର୍ଥହୀନ ଏକାନ୍ତ ଆଜ୍ଞାବହତା ହିଁ ସକଳ ସିଦ୍ଧିର ମୂଳ ।

ଦୁଇବର୍ଷ ମଧ୍ୟରେ ଆମେ 'ବ୍ରହ୍ମବାଦିନ୍'କୁ ଏପରି ଠିଆ କରାଇବୁ ଯେ, ତାହାର ଆୟରୁ କେବଳ ଯେ ତାହାର ଖରଚ ଚଳିଯିବ ସେତିକି ନୁହେଁ, ସ୍ୱତନ୍ତ୍ର ଆୟ ମଧ୍ୟ ହେବ । ବିଦେଶରେ ଧର୍ମପତ୍ରିକାର ବେଶୀ କାଟତି ହେବା ଅସମ୍ଭବ; ସୁତରାଂ ହିନ୍ଦୁମାନଙ୍କ ମଧ୍ୟରେ ଯଦି ଏବେ ସୁଦ୍ଧା କିଛିମାତ୍ର ଧର୍ମଜ୍ଞାନ ବା କୃତଜ୍ଞତା ଅବଶିଷ୍ଟ ଥାଏ, ତେବେ ଏ ପତ୍ରିକାର ପୃଷ୍ଠପୋଷକତା ସେହିମାନଙ୍କୁ ହିଁ କରିବାକୁ ହେବ ।

ଭଲ କଥା, ଆଜି ବେଶାନ୍ତ ଦଳେ ମୋତେ ସେମାନଙ୍କ ସମିତିରେ ଭକ୍ତି ସମ୍ବନ୍ଧରେ ବକ୍ତୃତା ଦେବା ପାଇଁ ନିମନ୍ତ୍ରଣ କରିଥିଲେ । ମୁଁ ଗୋଟିଏ ରାତିରେ ବକ୍ତୃତା ଦେଇଥିଲି—କର୍ଣ୍ଣେଲ ଅଲକଟ୍ ମଧ୍ୟ ଉପସ୍ଥିତ ଥିଲେ । ସକଳ ସମ୍ପ୍ରଦାୟ ପ୍ରତି ମୋର ସହାନୁଭୂତି ଅଛି, ଏହା ଦେଖାଇବା ଲାଗି ମୁଁ ଏପରି କରିଥିଲି; କିନ୍ତୁ ମୁଁ କୌଣସି ଠକାମିରେ ଯୋଗ ଦେବି ନାହିଁ । ଆମ ଦେଶର ନିର୍ବୋଧମାନଙ୍କୁ କୁହ, ଆଧ୍ୟାତ୍ମିକ ବିଷୟରେ ଆମେ ହିଁ ଶିକ୍ଷକ—ଫିରିଙ୍ଗିମାନେ ନୁହନ୍ତି । ଇହଲୌକିକ ବିଷୟରେ ଅବଶ୍ୟ ସେମାନଙ୍କରୁ ନିକଟ ଆମମାନଙ୍କୁ ଶିଖିବାକୁ ହେବ ।

ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧରେ ମାକ୍ସମୁଲରଙ୍କ ପ୍ରବନ୍ଧ ମୁଁ ପଢ଼ିଛି । ଛଅମାସ ପୂର୍ବେ ଯେତେବେଳେ ସେ ଏହା ଲେଖିଥିଲେ ସେତେବେଳେ ତାଙ୍କ ନିକଟରେ ପ୍ରତାପ ମଜୁମଦାରଙ୍କ କ୍ଷୁଦ୍ର ପୁସ୍ତିକା ଛଡ଼ା ଲେଖିବାର ଆଉ କୌଣସି ଉପାଦାନ ନ ଥିଲା; ସୁତରାଂ ସେ ହିସାବରେ ତାଙ୍କ ପ୍ରବନ୍ଧଟି ଖୁବ୍ ଭଲ ହୋଇଛି କହିବାକୁ ହେବ । ସମ୍ପ୍ରତି ସେ ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧରେ ଖଣ୍ଡିଏ ବୃହତ୍ତର ପୁସ୍ତକ ଲେଖିବାର ସଂକଳ୍ପ ପ୍ରକାଶ କରି ମୋତେ ଖଣ୍ଡିଏ ସୁନ୍ଦର ସୁଦୀର୍ଘ ପତ୍ର ଲେଖିଛନ୍ତି । ମୁଁ ଏଥିମଧ୍ୟରେ ତାଙ୍କୁ ଅନେକ ପରିମାଣରେ ଉପାଦାନ ଦେଇଛି; କିନ୍ତୁ ଭାରତରୁ ଆହୁରି ଉପାଦାନ ପଠାଇବାକୁ ହେବ । କାର୍ଯ୍ୟ କରିଯାଅ । ଲାଗିଥାଅ, ସାହସୀ

ହୁଅ, ଭରସା ରଖି ସବୁ ବିଷୟରେ ଲାଗ । ବ୍ରହ୍ମଚର୍ଯ୍ୟ ଦିଗରେ ବିଶେଷ ଲକ୍ଷ୍ୟ ରଖିବ; ତୁମର ତ ଯଥେଷ୍ଟ ପିଲାପିଲି ଅଛନ୍ତି, ଆଉ କାହିଁକି ? ଏ ସଂସାରଟା କେବଳ ଦୁଃଖମୟ । କଅଣ କହୁଛ ? ମୋର ସ୍ନେହାଶୀର୍ବାଦ ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

୩୦୪ଇଂ (ମିଃ ଜେ. ଜେ. ଗୁଡ୍‌ଉଇନ୍‌ଙ୍କୁ ଲିଖିତ)

ସୁଇଜରଲାଣ୍ଡ, ୮ ଅଗଷ୍ଟ ୧୮୯୬

ମୁଁ ବର୍ତ୍ତମାନ ବିଶ୍ରାମ ଭୋଗ କରୁଛି । ବିଭିନ୍ନ ପତ୍ରରେ କୃପାନନ୍ଦ* ସମ୍ବନ୍ଧରେ ଅନେକ କଥା ପଢ଼ୁଛି । ମୁଁ ତା' ପାଇଁ ଦୁଃଖିତ । ତା' ମୁଣ୍ଡରେ ନିଶ୍ଚୟ କିଛି ଗୋଳମାଲ ଅଛି । ତା' ଭାବରେ ତାକୁ ଚାଲିବାକୁ ଦିଅ, ତା' ପାଇଁ ତୁମମାନଙ୍କର କାହାରି ଉଦ୍‌ବେଗ ଅନାବଶ୍ୟକ ।

ମୋତେ ଦୁଃଖ ଦେବା କଥା କହୁଛ ?—ତାହା ଦେବଦାନବର ସାଧ୍ୟାତୀତ । ସୁତରାଂ ନିଶ୍ଚିନ୍ତ ରହ । ଅଟଳ ପ୍ରୀତି ଓ ଏକାନ୍ତ ନିଃସ୍ୱାର୍ଥତା ହିଁ ସର୍ବତ୍ର ଜୟଲାଭ କରେ । ପ୍ରତ୍ୟେକ ପ୍ରତିକୂଳ ଅବସ୍ଥାରେ ବେଦାନ୍ତୀମାନଙ୍କର ଉଚିତ୍ ନିଜ ନିଜର ମନକୁ ପଚାରିବା, ମୁଁ ଏପରି କାହିଁକି ଦେଖେ ? ମୁଁ କାହିଁକି ସ୍ନେହପ୍ରୀତି ଦ୍ୱାରା ଏହାର ପ୍ରତିକାର କରିପାରେ ନାହିଁ ?

ସ୍ୱାମୀ ସାରଦାନନ୍ଦ ଯେଉଁ ଅଭ୍ୟର୍ଥନା ପାଇଛନ୍ତି, ଏବଂ ସେ ଯେଉଁ ଉତ୍ତମ କାର୍ଯ୍ୟ କରିଛନ୍ତି, ମୁଁ ସେଥିରେ ଖୁସୀ ହୋଇଛି । ବଡ଼ କାମ କରିବାକୁ ହେଲେ ଦୀର୍ଘକାଳ ଧରି ଲାଗିପଡ଼ି ରହିବାକୁ ହୁଏ । କେତେଜଣ ବିଫଳ ହେଲେ ମଧ୍ୟ ଆମମାନଙ୍କର ଚିନ୍ତିତ ହେବା ନିଷ୍ପ୍ରୟୋଜନ । ଜଗତର ଧାରା ହିଁ ଏହିପରି ଯେ, ଅନେକଙ୍କର ପତନ ହେବ, ବହୁ ବାଧା ଆସିବ, ଦୁର୍ଲଙ୍ଘ୍ୟ ବିପଦ ଉପସ୍ଥିତ ହେବ ଏବଂ ଆଧ୍ୟାତ୍ମିକତାର ଅଗ୍ନିରେ ଭସ୍ମୀଭୂତ ହେବା ସମୟରେ ମଧ୍ୟ ମନୁଷ୍ୟର ଭିତରର ସ୍ୱାର୍ଥପରତା ଓ ଅନ୍ୟାନ୍ୟ ଦାନବୀୟ ଭାବ ପ୍ରାଣପଣେ ଲଢ଼େଇ କରନ୍ତି । ଭଲ ଆଡ଼କୁ ଯିବାର ରାସ୍ତାଟି ସର୍ବାଧିକ ଦୁର୍ଗମ ଓ ବନ୍ଧୁର । ଏହା ହିଁ ଆଶ୍ଚର୍ଯ୍ୟର କଥା ଯେ, ଏତେ ଲୋକ ସଫଳକାମ ହୁଅନ୍ତି; ବହୁ ଲୋକ ଯେ ପଡ଼ିଯାନ୍ତି, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ସହସ୍ର ପଦସ୍ଖଳନ ଭିତର ଦେଇ ଚରିତ୍ର ଗଠନ କରିବାକୁ ହେବ ।

ବର୍ତ୍ତମାନ ମୁଁ ଅନେକ ପରିମାଣରେ ତେଙ୍ଗା ହୋଇ ଉଠିଛି । ମୁଁ ଝରକା ଦେଇ ବାହାରକୁ ଅନାଇଁ ଠିକ୍ ସମ୍ମୁଖରେ ହିଁ ବିରାଟ ତୁଷାରପ୍ରବାହଗୁଡ଼ିକ ଦେଖେ ଏବଂ ଭାବେ ଯେ ମୁଁ ହିମାଳୟରେ ଅଛି । ବର୍ତ୍ତମାନ ମୁଁ ସମ୍ପୂର୍ଣ୍ଣ ଶାନ୍ତ । ମୋର ସ୍ନାୟୁଗୁଡ଼ିକର ସ୍ୱାଭାବିକ ଶକ୍ତି ଫେରିଆସିଛି; ଏବଂ ତୁମେ ଯେଉଁ ଜାତୀୟ ବିରକ୍ତିକର ଘଟଣାର କଥା ଲେଖିଛ, ତାହା

* Mr. Landsberg

ମୋତେ ଆଦୌ ସ୍ପର୍ଶ କରେ ନାହିଁ । ଏହି ପିଲଖେଳ ମୋତେ ଉଦ୍‌ବିଗ୍ନ କରିବ କିପରି ? ସାରା ଦୁନିଆଁଟା ଗୋଟାଏ ନିଛକ ପିଲାଖେଳ—ପ୍ରଭୁର, ଶିକ୍ଷା ଦେବା ସକୁ । 'ଜ୍ଞେୟଃ ସ ନିତ୍ୟସନ୍ନ୍ୟାସୀ ଯୋ ନ ଦ୍ୱେଷ୍ଟି ନ କାଙ୍‌କ୍ଷତି'—ଯେ ଦ୍ୱେଷ ଓ ଆକାଙ୍‌କ୍ଷା କରନ୍ତି ନାହିଁ, ତାଙ୍କୁ ହିଁ ନିତ୍ୟ ସନ୍ନ୍ୟାସୀ ବୋଲି ଜାଣିବ । ଆଉ ରୋଗ ଶୋକ ଓ ମୃତ୍ୟୁର ଚରନ୍ଲୀଳାଭୂମି ଏହି ସଂସାରରୂପକ ପଙ୍କ ଗଡ଼ିଆରେ କଅଣ କାମ୍ୟବସ୍ତୁ ଥାଇପାରେ ? 'ତ୍ୟାଗାଚ୍ଛାନ୍ତିରନନ୍ତରମ୍'—'ଯେ ସବୁ ବାସନା ତ୍ୟାଗ କରିଛନ୍ତି, ସେ ହିଁ ସୁଖୀ ।'

ସେହି ଶାନ୍ତି, ସେହି ଅନନ୍ତ ଅନାବିଲ ଶାନ୍ତିର କିଛି ଆଭାସ ମୁଁ ଏଠାରେ ଏହି ମନୋରମ ସ୍ଥାନରେ ପାଉଛି । 'ଆତ୍ମାନଂ ଚେଦ୍ ବିଜାନୀୟାଦୟମସ୍ମୀତି ପୂରୁଷଃ । କିମିଚ୍ଛନ୍ କସ୍ୟ କାମାୟ ଶରୀରମନୁସଂଜ୍ୱରେତ୍'—ଅରେ ଯଦି ମନୁଷ୍ୟ ଜାଣେ ଯେ, ସେ ଆତ୍ମସ୍ୱରୂପ, ତଦ୍‌ଭିନ୍ନ କିଛି ନୁହେଁ, ତେବେ କେଉଁ ଅଭିଳାଷରେ ଏବଂ କେଉଁ କାମନା ବଳରେ ସେ ଦେହ-ଜ୍ୱାଳାରେ ଜଳିପୋଡ଼ି ମରିବ ?

ମୋର ମନେହୁଏ, ଲୋକେ ଯାହାକୁ 'କାର୍ଯ୍ୟ' କହନ୍ତି, ସେଥିରେ ମୋର ଯେଉଁ ଟିକିକ ଅଭିଜ୍ଞତା ହେବାର କଥା ତାହା ହୋଇଯାଇଛି । ମୋର କାର୍ଯ୍ୟ ଶେଷ ହୋଇଯାଇଛି, ବର୍ତ୍ତମାନ ମୁଁ ବାହାରି ଯିବା ଲାଗି ଅଣନିଃଶ୍ୱାସୀ ହୋଇଉଠିଛି । 'ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍-ଯତତି ସିଦ୍ଧୟେ । ଯତତାମପି ସିଦ୍ଧାନାଂ କଶ୍ଚିନ୍ମାଂ ବେତ୍ତି ତତ୍ତ୍ୱତଃ'—'ସହସ୍ର ଲୋକଙ୍କ ମଧ୍ୟରେ କ୍ୱଚିତ୍ କେହି ସିଦ୍ଧିଲାଭ ପାଇଁ ଚେଷ୍ଟା କରେ; ପୁଣି ଯତ୍ନପରାୟଣ ବହୁଲୋକ ମଧ୍ୟରେ ବିରଳ କେହି କେହି ମାତ୍ର ମୋତେ ଯଥାର୍ଥ ଭାବରେ ଜାଣନ୍ତି । କାରଣ ଇନ୍ଦ୍ରିୟଗୁଡ଼ିକ ବଳବାନ୍, ସେମାନେ ସାଧକର ମନକୁ ଜୋର୍ କରି ତଳକୁ ଖସାଇପକାନ୍ତି ।

'ମନୋରମ ଜଗତ୍', 'ମଜାର ସଂସାର', 'ସାମାଜିକ ଉନ୍ନତି'—ଏସବୁ କଥା 'ତପ୍ତ ବରଫ', 'ଅନ୍ଧକାର-ଆଲୋକ' ପ୍ରଭୃତି କଥା ଭଳି । ଭଲ ଯଦି ହୁଅନ୍ତା, ତେବେ ଏହା ଆଉ ସଂସାର ହୁଅନ୍ତା ନାହିଁ । ଅଜ୍ଞାନବଶତଃ ଜୀବ ଅସୀମକୁ ସସୀମ ବିଷୟ ମଧ୍ୟରେ ଏବଂ ଚୈତନ୍ୟକୁ ଜଡ଼ ଅଣୁ ମଧ୍ୟରେ ପ୍ରକାଶ ଲାଗି ଲାଳାୟିତ; କିନ୍ତୁ ପରିଶେଷରେ ସେ ନିଜର ଭୁଲ ଧରିପାରେ ଏବଂ ମୁକ୍ତ ହେବାକୁ ଚାହେଁ । ଏହି ଯେ ପ୍ରତ୍ୟାବର୍ତ୍ତନ, ଏହା ହିଁ ହେଲା ଧର୍ମର ଆରମ୍ଭ; ଆଉ ଏହାର ସାଧନା ହେଉଛି ଅହଂ-ର ନାଶ ଅର୍ଥାତ୍ ପ୍ରେମ । ସ୍ତ୍ରୀ, ପୁତ୍ର ବା ଆଉ କାହାରି ପାଇଁ ପ୍ରେମ ନୁହେଁ; ପରନ୍ତୁ ନିଜର କ୍ଷୁଦ୍ର 'ଅହଂ' ଛଡ଼ା ଅନ୍ୟ ସମସ୍ତଙ୍କ ପାଇଁ ପ୍ରେମ । ଆମେରିକାରେ 'ମାନବଜାତିର ଉନ୍ନତି' ଇତ୍ୟାଦି ଯେଉଁସବୁ ବଡ଼ବଡ଼ କଥା ତୁମେ ଅହରହ ଶୁଣିବାକୁ ପାଇବ, ସେସବୁ ବାଜେ କଥାରେ ଭୁଲ ନାହିଁ । ଗୋଟିଏ ଦିଗରେ ଅବନତି ନ ହେଲେ ଅନ୍ୟ ଦିଗରେ ଉନ୍ନତି ହୋଇ ନ ପାରେ । ଗୋଟିଏ ସମାଜରେ ଗୋଟିଏ ପ୍ରକାର ତ୍ରୁଟି ଅଛି, ଅନ୍ୟ ସମାଜରେ ଅନ୍ୟ ପ୍ରକାରର । ଇତିହାସର ବିଭିନ୍ନ ଯୁଗ ସମ୍ବନ୍ଧରେ ମଧ୍ୟ ତାହା କୁହାଯାଇପାରେ । ମଧ୍ୟଯୁଗରେ ଡକାଏତଙ୍କ ପ୍ରାଧାନ୍ୟ ଥିଲା, ବର୍ତ୍ତମାନ ଜୁଆଚୋରମାନଙ୍କ ଦଳ ବେଶୀ; କୌଣସି ଯୁଗରେ ଦାମ୍ପତ୍ୟ-ଜୀବନର ଆଦର୍ଶର ଧାରଣା କମ୍ ଥାଏ ତ ଅନ୍ୟ କୌଣସି ଯୁଗରେ ବେଶ୍ୟାବୃତ୍ତିର ଆଧିକ୍ୟ ଦେଖାଯାଏ ।

କୌଣସି ସମୟରେ ଶାରୀରିକ ଦୁଃଖର ଆଧିକ୍ୟ, ପୁଣି କେଉଁ ସମୟରେ ମାନସିକ ଦୁଃଖ ତାହାର ସହସ୍ର ଗୁଣ । ଜ୍ଞାନ ସମ୍ବନ୍ଧରେ ମଧ୍ୟ ସେହି ଏକା କଥା । ମାଧ୍ୟାକର୍ଷଣର ଆବିଷ୍କାର ଓ ନାମକରଣ ପୂର୍ବରୁ ତାହା କ'ଣ ପ୍ରକୃତିରେ ନ ଥିଲା ? ଯଦି ଥିଲା, ତେବେ ତାହାର ଅସ୍ତିତ୍ୱ ଜଣାଇବାରେ ପ୍ରଚେଷ୍ଟା କଅଣ ହେଲା ? ଆମେରିକାର ଆଦିମ ଅଧିବାସୀଙ୍କ ଅପେକ୍ଷା ତୁମେମାନେ କଅଣ ଅଧିକ ସୁଖୀ ?

ସବୁ କିଛି ପ୍ରତାରଣା, ଛଳନା—ଏଇଟି ଜାଣିବା ହେଲା ଏକମାତ୍ର ମୂଲ୍ୟବାନ ଜ୍ଞାନ; କିନ୍ତୁ କମ୍—ଖୁବ୍ କମ୍ ଲୋକେ ହିଁ ତାହା କଦାଚିତ୍ ଜାଣିପାରନ୍ତି । 'ସେହି ଏକମାତ୍ର ଆତ୍ମାଙ୍କୁ ହିଁ ଜାଣ, ଆଉ ଅନ୍ୟ ସବୁ ବାକ୍ୟ ତ୍ୟାଗ କର ।'* ଜଗତର ଦ୍ୱାରଅଡ଼େ ଦୂର ବୁଲି ଶେଷରେ ଆମର ଏଇଟିକିକ ହିଁ ଶିକ୍ଷାଲାଭ ହୁଏ । ଆମର ଏକମାତ୍ର କାର୍ଯ୍ୟ ହେଉଛି, ସମଗ୍ର ମାନବଜାତିକୁ ଏହା କହି ଡାକିବା—'ଉଠ, ଜାଗ, ଯେତେଦିନ ପର୍ଯ୍ୟନ୍ତ ଲକ୍ଷ୍ୟସ୍ଥଳରେ ନ ପହଞ୍ଚିଛ, ସେପର୍ଯ୍ୟନ୍ତ ଅଟକି ଯାଅ ନାହିଁ ।' ଧର୍ମର ଅର୍ଥ ତ୍ୟାଗ—ତା'ଛଡ଼ା ଆଉ କିଛି ନୁହେଁ ।

ଜୀବସମଷ୍ଟିଙ୍କୁ ଘେନି ଈଶ୍ୱର; ମାନବଦେହର ପ୍ରତ୍ୟେକ କୋଷ (cell)-ର ଗୋଟିଏ ସ୍ୱାତନ୍ତ୍ର୍ୟ ଥିଲେ ସୁଦ୍ଧା ଦେହ ଯେପରି ଗୋଟିଏ ଅଖଣ୍ଡ ବସ୍ତୁ, ଠିକ୍ ସେହିପରି ଈଶ୍ୱର ମଧ୍ୟ ଜଣେ ବ୍ୟକ୍ତି । ସମଷ୍ଟି ହିଁ ଈଶ୍ୱର ଏବଂ ବ୍ୟଷ୍ଟି ବା ଅଂଶ ଜୀବ ବା ଆତ୍ମା । ଈଶ୍ୱରଙ୍କର ଅସ୍ତିତ୍ୱ ଜୀବ-ସାପେକ୍ଷ—ଠିକ୍ ଯେପରି ଦେହଟି କୋଷସାପେକ୍ଷ; ବିପରୀତ ମଧ୍ୟ ସତ୍ୟ । ଜୀବ ଓ ଈଶ୍ୱରଙ୍କର ସତ୍ତା ପରସ୍ପର-ସାପେକ୍ଷ; ଯେପର୍ଯ୍ୟନ୍ତ ଜଣେ ଅଛନ୍ତି, ସେପର୍ଯ୍ୟନ୍ତ ଅନ୍ୟ ଜଣଙ୍କୁ ମଧ୍ୟ ରହିବାକୁ ପଡ଼ିବ । ପୁଣି, ଏହି ପୃଥିବୀ ଛଡ଼ା ସବୁ ଉଚ୍ଚତର ଲୋକରେ ଯେହେତୁ ମନ୍ଦ ଅପେକ୍ଷା ଭଲର ଭାଗ ଅନେକ ଗୁଣ ଅଧିକ, ସୁତରାଂ ସମଷ୍ଟି-ପୁରୁଷ ବା ଈଶ୍ୱରଙ୍କୁ ସର୍ବଗୁଣଶାଳୀ, ସର୍ବଶକ୍ତିମାନ୍ ଓ ସର୍ବଜ୍ଞ କହିବା ଚଳେ । ଈଶ୍ୱରଙ୍କ ପୂର୍ଣ୍ଣତ୍ୱକୁ ମାନିଲେ ହିଁ ଏହିସବୁ ଗୁଣ ସ୍ୱତଃସିଦ୍ଧ ହୋଇଯାଏ, ସେଥିପାଇଁ ଆଉ ଯୁକ୍ତିର ପ୍ରୟୋଜନ ହୁଏ ନାହିଁ ।

ବ୍ରହ୍ମ ଏହି ଉଭୟର ଅତୀତ, କିନ୍ତୁ କୌଣସି ଅବସ୍ଥା ବିଶେଷ ନୁହନ୍ତି । ବ୍ରହ୍ମ ହିଁ ଏକମାତ୍ର ଅଦ୍ୱୈତ ବସ୍ତୁ; ସେ ବହୁବସ୍ତୁ-ସମ୍ଭୂତ ନୁହନ୍ତି । ଏହି ସର୍ବବ୍ୟାପୀ ତତ୍ତ୍ୱ ହିଁ ଦେହକୋଷରୁ ଈଶ୍ୱର ପର୍ଯ୍ୟନ୍ତ ସର୍ବତ୍ର ଅନୁସ୍ୟୂତ, ଏବଂ ଏହାଙ୍କୁ ବାଦ୍ ଦେଇ କେହି ରହି ନ ପାରେ । ଯାହା କିଛି ସତ୍ୟ, ତାହା ଏହି ବ୍ରହ୍ମତତ୍ତ୍ୱ ଭିନ୍ନ ଆଉ କିଛି ନୁହେଁ । ମୁଁ ଯେତେବେଳେ ଭାବେ, 'ମୁଁ ବ୍ରହ୍ମ', ସେତେବେଳେ କେବଳ ମୁଁ ହିଁ ଥାଏ । ତୁମେ ଯେତେବେଳେ ଏପରି ଭାବ, ସେତେବେଳେ ତୁମ ପକ୍ଷରେ ବି ତାହା; ଏହିପରି ସର୍ବତ୍ର । ପ୍ରତ୍ୟେକେ ହିଁ ଏହି ପୂର୍ଣ୍ଣତତ୍ତ୍ୱ ।...

କେତେଦିନ ଆଗେ ହଠାତ୍ କୃପାନନ୍ଦଙ୍କୁ ପତ୍ର ଲେଖିବାର ଗୋଟାଏ ଅଦମ୍ୟ ଇଚ୍ଛା ଆସିଥିଲା । ହୁଏତ ସେ ଆନନ୍ଦ ପାଉନଥିଲା ଏବଂ ମୋତେ ସ୍ମରଣ କରୁଥିଲା । ସୁତରାଂ ମୁଁ ତାକୁ ଖୁବ୍ ସ୍ନେହବୋଳା ଖଣ୍ଡିଏ ଚିଠି ଲେଖିଥିଲି । ଆଜି ଆମେରିକାର ସମ୍ବାଦ ପାଇ

---

* ତମେବୈକଂ ଜାନଥ ଆତ୍ମାନମ୍, ଅନ୍ୟା ବାଚୋ ବିମୁଞ୍ଚଥ ।—ମୁଣ୍ଡକ ଉପ., ୨।୨।୫

ତା'ର କାରଣ ବୁଝିପାରଲି । ମୁଁ ତୁଷାରପ୍ରବାହ ନିକଟରୁ ତୋଳି ଆଣିଥିବା କେତୋଟି ଫୁଲ ତାହାକୁ ପଠାଇଛି । ମିସ୍ ଓ୍ୱାଲ୍‌ଡୋଙ୍କୁ କହିବ, ତାକୁ ଯେପରି ପ୍ରଚୁର ସ୍ନେହ ଜଣାଇ କିଛି ଟଙ୍କା ପଠାଇଦଅନ୍ତି ।

ପ୍ରେମ କେବେହେଲେ ମରେ ନାହିଁ । ସନ୍ତାନମାନେ ଯାହା କରନ୍ତୁ ବା ଯେପରି ହୁଅନ୍ତୁ ନା କାହିଁକି, ପିତୃସ୍ନେହର କେବେ ମରଣ ନାହିଁ । ସେ ମୋର ସନ୍ତାନ—ସେ ଆଜି ଦୁଃଖରେ ପଡ଼ିବାରୁ ମୋର ସ୍ନେହ ଓ ସାହାଯ୍ୟ ଉପରେ ତା'ର ଦାବି ଠିକ୍ ସେହିଭଳି ବା ଅଧିକ ବେଶୀ । ଇତି

ଆଶୀର୍ବାଦକ, ବିବେକାନନ୍ଦ

୩୦୭ଇଂ (ମିଷ୍ଟର ଷ୍ଟର୍ଡିଙ୍କୁ ଲିଖିତ)

Grand Hotel, Saas Fee, Valais, Switzerland

୮ ଅଗଷ୍ଟ ୧୮୯୭

ସ୍ନେହାଶୀର୍ବାଦଭାଜନେଷୁ,

ତୁମ ଚିଠି ସହିତ ଗୋଟିଏ ଚିଠିର ଭାଡ଼ା ଆସିଛି । ଏହା ସହ ମ୍ୟାକ୍ସ୍‌ମୁଲର୍‌ଙ୍କ ଚିଠିଟି ତୁମ ପାଖକୁ ପଠାଇ ଦେଉଛି । ଏହା ତାଙ୍କର ସହୃଦୟତା ଓ ସୌଜନ୍ୟ ।

ମିସ୍ ମୁଲର୍ ଖୁବ୍ ଶୀଘ୍ର ଇଂଲଣ୍ଡକୁ ଫେରଯିବା ଲାଗି ଭାବୁଛନ୍ତି । ଏଣୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ସେହି 'ପିଉରିଟି କଂଗ୍ରେସ୍' (Purit Congress) ଉପଲକ୍ଷରେ ବାର୍ଲିନ୍‌କୁ ଯାଇପାରିବି ନାହିଁ । ଯଦି ସେଭିୟର୍-ମାନେ ମୋତେ ସାଙ୍ଗରେ ନେବାକୁ ରାଜି ହୁଅନ୍ତି, ତେବେ ମୁଁ କିଏଲ୍ (Kiel) ଯିବି ଏବଂ ଯିବା ପୂର୍ବରୁ ତୁମକୁ ଲେଖିବି । ସେଭିୟର୍-ମାନେ ମହତ୍ ଏବଂ ସହୃଦୟ, କିନ୍ତୁ ସେମାନଙ୍କ ବଦାନ୍ୟତାର ଅଯଥା ସୁଯୋଗ ନେବାର ଅଧିକାର ମୋର ନାହିଁ । ମିସ୍ ମୁଲର୍‌ଙ୍କ ଉପରେ ମଧ୍ୟ ସେ ଦାବି କରିପାରିବି ନାହିଁ, କାରଣ ସେଠିକାର ଖର୍ଚ୍ଚର ପରିମାଣ ଭୟାବହ; ଏଣୁ ବାର୍ଲିନ୍ କଂଗ୍ରେସର ଆଶା ତ୍ୟାଗ କରିବା ଶ୍ରେୟଃ ମନେକଲି; କାରଣ ତାହା ସେପ୍‌ଟେମ୍ବର ମାସ ମଝିରେ ଆରମ୍ଭ ହେବ, ଏବଂ ତାହା ଅନେକ ଡେରି ।

ତେଣୁ ଭାବୁଛି ଜର୍ମାନୀ ଅଡ଼କୁ ଯିବି, କିଏଲ୍‌ରେ ଯାତ୍ରା ଶେଷ କରିବି ଏବଂ ସେଠାରୁ ଇଂଲଣ୍ଡ ଫେରିଯିବି ।...

ତାଙ୍କର ନାମ ହେଉଛି ବାଲ୍‌ଗଙ୍ଗାଧର ତିଲକ ଏବଂ ବହିର ନାମ 'ଓରିଅନ୍' (Orion) ।

ତୁମମାନଙ୍କର, ବିବେକାନନ୍ଦ

ପୁଃ—ଜାକୋବି (Jacobi)-ଙ୍କର ଲେଖାଟି ମଧ୍ୟ ଅଛି—ସମ୍ଭବତଃ ଗୋଟିଏ ଧାରାରେ, ଗୋଟିଏ ସିଦ୍ଧାନ୍ତ ସହ ଏହା ଅନୁଦିତ ।

ପୁଃ—ଆଶା କରୁଛି ରହିବା ଘର ଏବଂ ହଲ୍‌ଘର ସମ୍ବନ୍ଧରେ ତୁମେ ମିସ୍ ମୁଲର୍‌ଙ୍କ ଅଭିମତ ପଚାରିବ, ତାଙ୍କ ସଙ୍ଗେ ଏବଂ ଅନ୍ୟାନ୍ୟମାନଙ୍କ ସଙ୍ଗେ ପରାମର୍ଶ କରା ନ ହେଲେ ସେ ଖୁବ୍ ଅସନ୍ତୁଷ୍ଟ ହେବେ ।

—ବି.

ଗତ ପତ୍ରରେ ମିସ୍ ମୁଲର୍ ଅଧ୍ୟାପକ ଡସ୍ସନଙ୍କୁ ତାର କରିଥିଲେ, ଆଜି ୯ ଅଗଷ୍ଟ, ସକାଳେ ଉତ୍ତର ଆସିଛି—ମୋତେ 'ସ୍ୱାଗତ' ଜଣାଇ; ୧୦ ସେପ୍ଟେମ୍ବରରେ ମୁଁ କିଏଲ୍‌ରେ ଡସ୍ସନଙ୍କ ଘରେ ପହଞ୍ଚିବି। ତାହାହେଲେ ତୁମେ ମୋ ସଙ୍ଗେ କେଉଁଠି ଦେଖା କରିବ ? କିଏଲ୍‌ରେ ? ମିସ୍ ମୁଲର୍ ଇଂଲଣ୍ଡରୁ ସୁଇଜରଲଣ୍ଡକୁ ଯାଉଛନ୍ତି। ମୁଁ ସେଭିୟର୍-ମାନଙ୍କ ସହିତ କିଏଲ୍‌କୁ ଯାଉଛି, ସେପ୍ଟେମ୍ବର ୧୦ ତାରିଖରେ ସେଠାରେ ପହଞ୍ଚିବି।

ପୁଃ—ବକ୍ତୃତା ବିଷୟରେ ଏପର୍ଯ୍ୟନ୍ତ କିଛି ସ୍ଥିର କରି ନାହିଁ। ମୋର ଲେଖାପଢ଼ା କରିବା ପାଇଁ ଆଦୌ ସମୟ ନାହିଁ। ସାଲେମ୍ ସୋସାଇଟି (Salem Society) ସମ୍ଭବତଃ ଗୋଟିଏ ହିନ୍ଦୁ ସମ୍ପ୍ରଦାୟ—କୌଣସି ଖିଆଲି ଦଳ ନୁହେଁ। —ବି.

୩୦୭ଇଂ (ମିଃ ଷ୍ଟର୍ଡିଙ୍କୁ ଲିଖିତ)

ସୁଇଜର୍‌ଲାଣ୍ଡ, ୧୨ ଅଗଷ୍ଟ ୧୮୯୬

ପ୍ରେମାସ୍ପଦେଷୁ,

ଆଜି ଆମେରିକାରୁ ଖଣ୍ଡିଏ ଚିଠି ପାଇଛି, ତାହା ତୁମ ପାଖକୁ ପଠାଇଦେଉଛି। ସେମାନଙ୍କୁ ମୁଁ ଲେଖିଛି, ମୋର ଅଭିପ୍ରାୟ ଏକକେନ୍ଦ୍ରୀକରଣ—ବର୍ତ୍ତମାନ କାର୍ଯ୍ୟକ୍ରମରେ ତ ନିଶ୍ଚୟ। ମୁଁ ସେମାନଙ୍କୁ ଏ ପରାମର୍ଶ ମଧ୍ୟ ଦେଇଛି ଯେ, ଅନେକଗୁଡ଼ିଏ କାଗଜ ଛପାଇବା ବଦଳରେ ସେମାନେ 'ବ୍ରହ୍ମବାଦିନ୍' ସହିତ ଆମେରିକାରେ ଲେଖା କେତେକ ପତ୍ର ଯୋଡ଼ି ଆରମ୍ଭ କରନ୍ତୁ ଏବଂ କିଛି ଚାନ୍ଦା ଆଦାୟ କରି ଆମେରିକାର ଖର୍ଚ୍ଚ ତୁଲେଇ ନିଅନ୍ତୁ। ଜାଣେ ନା, ସେମାନେ କଅଣ କରିବେ।

ଆଗାମୀ ସପ୍ତାହରେ ଆମେ ଏଠାରୁ ଜର୍ମାନି ଉଦ୍ଦେଶ୍ୟରେ ଯାତ୍ରା କରିବୁ। ଆମେ ସୀମାନ୍ତ ପାର ହୋଇ ଜର୍ମାନିରେ ଗୋଡ଼ ଦେଉ ନ ଦେଉଣୁ ମିସ୍ ମୁଲର୍ ଇଂଲଣ୍ଡକୁ ଚାଲିଯିବେ। କ୍ୟାପ୍ଟେନ୍ ଓ ମିସେସ୍ ସେଭିୟର୍ ଏବଂ ମୁଁ ତୁମକୁ କିଏଲ୍‌ଠାରେ ଆଶା କରିବୁ।

ମୁଁ ଏପର୍ଯ୍ୟନ୍ତ କିଛି ଲେଖି ନାହିଁ, କି ପଢ଼ି ନାହିଁ। ବସ୍ତୁତଃ ମୁଁ କେବଳ ବିଶ୍ରାମ ନେଉଛି। ଭାବନାର କାରଣ ନାହିଁ, ତୁମେ ଶୀଘ୍ର ପ୍ରବନ୍ଧଟି ପାଇଯିବ। ମୁଁ ମଠରୁ ଖଣ୍ଡିଏ ଚିଠି ପାଇ ଜାଣିଲି ଯେ, ଅପର ସ୍ୱାମୀ (ସନ୍ନ୍ୟାସୀ) ଜଣକ ଯାତ୍ରା ପାଇଁ ପ୍ରସ୍ତୁତ। ମୁଁ ନିଶ୍ଚିତ ଯେ, ତୁମେମାନେ ଯେଉଁ ଧରଣର ଲୋକ ଚାହଁ, ସେ ସେହି ଧରଣର ଉପଯୁକ୍ତ ହେବେ। ଆମମାନଙ୍କ ମଧ୍ୟରେ ଯେଉଁ କେତେଜଣଙ୍କର ସଂସ୍କୃତରେ ବିଶେଷ ଅଧିକାର ଅଛି, ସେ ସେମାନଙ୍କ ମଧ୍ୟରେ ଅନ୍ୟତମ···ଏବଂ ଶୁଣିଲି ସେ ଇଂରାଜୀରେ ବେଶ୍ ଦଖଲ୍ ଲାଭ କରିଛନ୍ତି। ଆମେରିକାରେ ସାରଦାନନ୍ଦଙ୍କ ସମ୍ବନ୍ଧରେ ଅନେକଗୁଡ଼ିଏ ଖବର-କାଗଜର ଅଂଶ ପାଇଛି—ସେଥିରୁ ଜାଣିଲି ଯେ, ସେ ସେଠାରେ ଖୁବ୍ ସାଫଲ୍ୟ ଅର୍ଜନ କରିଛନ୍ତି। ମନୁଷ୍ୟ ମଧ୍ୟରେ ଯାହା କିଛି ଅଛି, ତାହା ଫୁଟାଇ ତୋଳିବା ପକ୍ଷରେ ଆମେରିକା ଗୋଟିଏ ସୁନ୍ଦର ଶିକ୍ଷା-କ୍ଷେତ୍ର। ସେଠିକାର ପରିମଣ୍ଡଳ କି ସହାନୁଭୂତିରେ ପୂର୍ଣ୍ଣ ! ଗୁଡ୍‌ଉଇନ୍ ଏବଂ ସାରଦାନନ୍ଦଙ୍କ

ପାଖରୁ ମୁଁ ଚିଠି ପାଇଛି ।

ଚିରନ୍ତନ ପ୍ରୀତି ଓ ଆଶୀର୍ବାଦସହ, ବିବେକାନନ୍ଦ

**୩୦୮ଇଂ** (ମିଃ ଷ୍ଟର୍ଡିଙ୍କୁ ଲିଖିତ)

ଲୁସାର୍ଣ୍ଣ, ୨୩ ଅଗଷ୍ଟ ୧୮୯୬

ସ୍ନେହାଶୀର୍ବାଦଭାଜନେଷୁ,

ଆଜି ଭାରତରୁ ଲିଖିତ ଅଭେଦାନନ୍ଦଙ୍କର ଖଣ୍ଡିଏ ଚିଠି ପାଇଲି; ଖୁବ୍ ସମ୍ଭବତଃ ସେ ୧୧ ଅଗଷ୍ଟ B. I. S. N.-ର 'S. S. Mombasa'-ରେ ଯାତ୍ରା କରିଛନ୍ତି । ଏହା ପୂର୍ବରୁ ସେ କୌଣସି ଜାହାଜ ପାଇନାହାନ୍ତି, ତାହା ନ ହେଲେ ଆହୁରି ଆଗରୁ ଯାତ୍ରା କରିପାରିଥାଆନ୍ତେ । ଖୁବ୍ ସମ୍ଭବ ସେ 'ମୋମ୍ବାସା' ଜାହାଜରେ ସ୍ଥାନ ପାଇଥିବେ । 'ମୋମ୍ବାସା' ୧୫ ସେପ୍ଟେମ୍ବର ବେଳକୁ ଲଣ୍ଡନରେ ପହଞ୍ଚିବ । ତୁମେ ଜାଣିଛ ଯେ, ମୋର ଓଲ୍ଡ୍‌ମେନ୍‌ଙ୍କ ନିକଟକୁ ଯିବାର ଦିନଟିକୁ ମିସ୍ ମୁଲର୍ ପରିବର୍ତ୍ତିତ କରି ୧୯ ସେପ୍ଟେମ୍ବର କରିଛନ୍ତି । ଅଭେଦାନନ୍ଦଙ୍କୁ ଅଭ୍ୟର୍ଥନା କରିବା ଲାଗି ମୁଁ ଲଣ୍ଡନରେ ରହିପାରିବି ନାହିଁ । ସେ କୌଣସି ଗରମ ପୋଷାକ ନ ନେଇ ଆସୁଛନ୍ତି; ମନେ ହେଉଛି, ସେତେବେଳକୁ ଇଂଲଣ୍ଡରେ ଥଣ୍ଡା ପଡ଼ିଯିବ ଏବଂ ତାଙ୍କର ଅନ୍ତତଃ କେତୋଟି ଅନ୍ତର୍ବାସ ଓ ଗୋଟିଏ ଓଭରକୋଟ୍ ଦରକାର ହେବ । ଏସବୁ ବିଷୟ ତୁମେ ମୋ ଅପେକ୍ଷା ବେଶୀ ଭଲ ଜାଣ । ସୁତରାଂ ଦୟାକରି ଏହି 'ମୋମ୍ବାସା' ପ୍ରତି ଟିକିଏ ନଜର ରଖ । ମୁଁ ତାଙ୍କ ପାଖରୁ ଆଉ ଗୋଟିଏ ଚିଠି ଆଶା କରୁଛି ।

ବସ୍ତୁତଃ ମୁଁ କଦର୍ଯ୍ୟ ସର୍ଦ୍ଦିରେ ଭୋଗୁଅଛି । ଆଶା କରେ, ରାଜାଙ୍କ ନିକଟରୁ ମହିମ୍‌ର ଟଙ୍କା ଇତିମଧ୍ୟରେ ତୁମ ମାର୍ଫତରେ ଆସିଛି । ଆସିଥିଲେ ମୁଁ ତାକୁ ଯେଉଁ ଟଙ୍କା ଦେଇଥିଲି ଫେରସ୍ତ ଚାହେଁ ନାହିଁ । ତୁମେ ସବୁ ଟଙ୍କା ତାକୁ ଦେଇପାର ।

ଗୁଡ୍‌ଉଇନ୍ ଓ ସାରଦାନନ୍ଦଙ୍କ ପାଖରୁ ମୁଁ କେତେଖଣ୍ଡି ଚିଠି ପାଇଛି । ସେମାନେ ଭଲ ଅଛନ୍ତି । ମିସେସ୍ ବୁଲ୍‌ଙ୍କ ପାଖରୁ ମଧ୍ୟ ଖଣ୍ଡିଏ ଚିଠି ପାଇଛି; ସେ କେମ୍ବ୍ରିଜରେ ଯେଉଁ ସମିତିଟି ଗଠନ କରିଛନ୍ତି, ମୁଁ ଓ ତୁମେ ତାକ ମାଧ୍ୟମରେ ତା'ର ସଭ୍ୟ ହୋଇନାହୁଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି । ମୋର ବେଶ୍ ମନେ ଅଛି ଯେ, ମୁଁ ତାଙ୍କୁ ଲେଖିଥିଲି, ତୁମ ଓ ମୋ ପକ୍ଷରେ ତାହାର ସଭ୍ୟପଦ ଗ୍ରହଣ କରିବାକୁ ସମ୍ମତି ଦେବା ସମ୍ଭବ ନୁହେଁ । ମୁଁ ଏପର୍ଯ୍ୟନ୍ତ ଗୋଟିଏ ଧାଡ଼ି ମଧ୍ୟ ଲେଖିବାକୁ ସମର୍ଥ ହୋଇ ନାହିଁ । ଏପରି କି ପଢ଼ିବା ପାଇଁ ମଧ୍ୟ ଗୋଟିଏ ମୁହୂର୍ତ୍ତ ସମୟ ପାଇ ନାହିଁ; ପାହାଡ଼, ଉପତ୍ୟକାରେ ଚଢ଼ିବା ଓ ଓହ୍ଲାଇବାରେ ସମସ୍ତ ସମୟ କଟୁଛି । କେତେଦିନ ମଧ୍ୟରେ ପୁଣି ଆମର ଯାତ୍ରା ଆରମ୍ଭ ହେବ । ମହିମ୍ ଓ ଫକିର ସହିତ ଏହାପରେ ଯେତେବେଳେ ଦେଖାହେବ, ଦୟା କରି ସେମାନଙ୍କୁ ମୋର ପ୍ରୀତି ଜଣାଇବ ।

ଆମର ସମସ୍ତ ବନ୍ଧୁଙ୍କୁ ପ୍ରୀତି ।

ତୁମର ଚିରନ୍ତନ, ବିବେକାନନ୍ଦ

୩୦୯ଇଂ (ମିସେସ୍ ଓଲି ବୁଲଙ୍କୁ ଲିଖିତ)

ଲୁସାର୍ଣ୍ଣ, ୨୩ ଅଗଷ୍ଟ ୧୮୯୬

ପ୍ରିୟ ମିସେସ୍ ବୁଲ୍,

ଆପଣଙ୍କର ଶେଷ ଚଠି ଖଣ୍ଡିକ ଆଜି ପାଇଛୁ; ଇତିମଧ୍ୟରେ ଆପଣଙ୍କ ପ୍ରେରିତ ୫ ପାଉଣ୍ଡର ରସିଦ୍ ପାଇଥିବେ । ସଭ୍ୟ ହେବାର କଥା ଆପଣ କଅଣ ଲେଖିଛନ୍ତି, ତାହା ବୁଝିପାରିଲି ନାହିଁ; ତେବେ କୌଣସି ସମିତିର ତାଲିକାରେ ମୋର ନାମ ଯୁକ୍ତ କରିବା ବିଷୟରେ ମୋର ଆପତ୍ତି ନାହିଁ । ଷ୍ଟର୍ଡିଙ୍କ ନିଜର ଏ ବିଷୟରେ କି ମତାମତ, ତାହା କିନ୍ତୁ ମୁଁ ଜାଣେ ନାହିଁ । ମୁଁ ବର୍ତ୍ତମାନ ସୁଇଜରଲଣ୍ଡରେ ବୁଲି ବୁଲୁଛି । ଏଠାରୁ ମୁଁ ଜର୍ମାନୀ ଯିବି, ତା'ପରେ ଇଂଲଣ୍ଡ ଓ ପରବର୍ତ୍ତୀ ଶୀତକାଳରେ ଭାରତ ଯିବି । ସାରଦାନନ୍ଦ ଓ ଗୁଡ୍‌ଉଇନ୍ ଆମେରିକାର ଯୁକ୍ତରାଜ୍ୟରେ ପ୍ରଚାର-କାର୍ଯ୍ୟ ସୁନ୍ଦର ଭାବରେ କରୁଛନ୍ତି ଶୁଣି ବହୁତ ଖୁସି ହେଲି । ମୋ ନିଜ କଥା ହେଉଛି, ମୁଁ କୌଣସି କାର୍ଯ୍ୟର ପ୍ରତିଦାନରେ ସେହି ୫୦୦ ପାଉଣ୍ଡ ଉପରେ କୌଣସି ଦାବି ରଖେ ନାହିଁ । ମୋର ମନେହୁଏ, ମୁଁ ଢେର ଖଟିଛି । ବର୍ତ୍ତମାନ ମୁଁ ଅବସର ନେବି । ମୁଁ ଭାରତରୁ ଆଉ ଜଣେ ଲୋକ ପଠାଇବାକୁ କହିଛି; ସେ ଆଗାମୀ ମାସରେ ମୋ ସଙ୍ଗରେ ଯୋଗଦାନ କରିବେ । ମୁଁ କାର୍ଯ୍ୟ ଆରମ୍ଭ କରିଦେଇଛି, ବର୍ତ୍ତମାନ ଅନ୍ୟମାନେ ଏହାକୁ ଚଳାନ୍ତୁ । ଦେଖି ପାରୁଛନ୍ତି ତ, କାର୍ଯ୍ୟଟି ଚାଲୁକରି ଦେବା ଲାଗି କିଛିଦିନ ଟଙ୍କାପଇସା ଓ ବିଷୟ-ସମ୍ପତ୍ତି ସମ୍ପର୍କରେ ଆସି ମୋତେ ମଳିନ ହେବାକୁ ପଡ଼ିଛି । ବର୍ତ୍ତମାନ ମୋର ସ୍ଥିର ବିଶ୍ୱାସ ଯେ, ମୋର କର୍ତ୍ତବ୍ୟ ଶେଷ ହୋଇଛି; ବର୍ତ୍ତମାନ ମୋର ଆଉ ବେଦାନ୍ତ ବା ଜଗତର ଅନ୍ୟ କୌଣସି ଦର୍ଶନ, ଏପରି କି, କାର୍ଯ୍ୟଟି ଉପରେ ପର୍ଯ୍ୟନ୍ତ ମୋର କୌଣସି ମମତା ନାହିଁ । ମୁଁ ଚାଲିଯିବା ଲାଗି ପ୍ରସ୍ତୁତ ହେଉଛି—ଆଉ ଏହି ଜଗତକୁ, ଏହି ନରକକୁ ଫେରି ଆସୁନାହିଁ । ଏପରି କି ଏହି କାର୍ଯ୍ୟର ଆଧ୍ୟାତ୍ମିକ ପ୍ରୟୋଜନୀୟତା ସମ୍ବନ୍ଧରେ ମଧ୍ୟ ମୋର ଅରୁଚି ହୋଇ ଆସୁଛି । ମା ଶୀଘ୍ର ମୋତେ ତାଙ୍କ ପାଖକୁ ଟାଣିନିଅନ୍ତୁ ! ଆଉ ଯେପରି କେବେହେଲେ ଫେରି ଆସିବାକୁ ନ ପଡ଼େ ।

ଏହିସବୁ କାର୍ଯ୍ୟ କରିବା ଏବଂ ଉପକାର କରିବା ଇତ୍ୟାଦି କେବଳ ଚିତ୍ତଶୁଦ୍ଧିର ସାଧନମାତ୍ର ! ମୋର ତାହା ଯଥେଷ୍ଟ ହୋଇଯାଇଛି । ଜଗତ୍ ଚିରକାଳ ଅନନ୍ତ କାଳ ଧରି ଜଗତ ହିଁ ରହିବ । ଆମେ ଯେ ଯେପରି, ସେହିପରି ଭାବରେ ତାହାକୁ ଦେଖୁ । କିଏ କାର୍ଯ୍ୟ କରେ, ଆଉ କାହାର ବା କାର୍ଯ୍ୟ ? ଜଗତ ବୋଲି କିଛି ନାହିଁ—ଏସବୁ ତ ସ୍ୱୟଂ ଭଗବାନ । ଭ୍ରମରେ ଆମେ ଏହାକୁ ଜଗତ୍ ବୋଲି କହୁଁ । ଏଠାରେ ମୁଁ ନାହିଁ, ତୁମେ ନାହିଁ, ଆପଣ ନାହାନ୍ତି—ଅଛନ୍ତି କେବଳ ସେ, ଅଛନ୍ତି ପ୍ରଭୁ—'ଏକମେବାଦ୍ୱିତୀୟମ୍' ।

ସୁତରାଂ ବର୍ତ୍ତମାନଠାରୁ ଟଙ୍କା ପଇସା ସମ୍ବନ୍ଧରେ ମୁଁ ଆଉକିଛି ଜାଣେ ନାହିଁ । ଏହା ଆପଣମାନଙ୍କର ଅର୍ଥ, ଆପଣମାନେ ଇଚ୍ଛାନୁଯାୟୀ ଖରଚ କରିବେ । ଆପଣମାନଙ୍କର କଲ୍ୟାଣ ହେଉ । ଇତି

ଶୁଭାନୁଧ୍ୟାୟୀ ସଦାପ୍ରଭୁପଦାଶ୍ରିତ, ବିବେକାନନ୍ଦ

ପୁଃ—ଡାକ୍ତର ଜେନସଙ୍କର କାର୍ଯ୍ୟ ପ୍ରତି ମୋର ପୂର୍ଣ୍ଣ ସହାନୁଭୂତି ଅଛି ଏବଂ ମୁଁ ତାଙ୍କୁ ତାହା ଜଣାଇଛି । ଗୁଡ଼ଉଇନ୍ ଓ ସାରଦାନନ୍ଦ ଯଦି ଆମେରିକାରେ କାର୍ଯ୍ୟର ପ୍ରସାର କରିପାରନ୍ତି ତ ଭଗବତ୍-କୃପାରେ ସେମାନେ ତାହା ହିଁ କରୁଥାଆନ୍ତୁ । ଷ୍ଟର୍ଡି, ମୁଁ ବା ଅନ୍ୟ କାହାରି ପାଖରେ ତ ସେମାନେ ଆଉ ନିଜକୁ ବନ୍ଧା ପକାଇ ନାହାନ୍ତି ! ଗ୍ରୀନ୍‌ଏକରର ପ୍ରୋଗ୍ରାମ୍‌ରେ ଏହି ଗୋଟାଏ ଭୟଙ୍କର ଭୁଲ ହୋଇଛି—ଦେଖିରେ ଛପାଯାଇଛି, ଷ୍ଟର୍ଡି କୃପା କରି (ଇଂଲଣ୍ଡରୁ ଛୁଟିନେଇ ସେଠାରେ ରହିବାର) ଅନୁମତି ଦେବାରୁ ସାରଦାନନ୍ଦ ସେଠାରେ ରହିଛନ୍ତି । ଷ୍ଟର୍ଡି ବା ଅଉ ଯେ କେହି ହୁଅନ୍ତୁ ନା କାହିଁକି—ଜଣେ ସନ୍ନ୍ୟାସୀଙ୍କୁ ଅନୁମତି ଦେବାକୁ ସେ କିଏ ? ଷ୍ଟର୍ଡି ନିଜେ ଏହାକୁ ହସି ଉଡ଼ାଇ ଦେଇଛି ଏବଂ ସେଥିପାଇଁ ସେ ମଧ୍ୟ ଦୁଃଖ କରିଛି ।... ଏଥିରେ ଷ୍ଟର୍ଡିକୁ ଅପମାନିତ କରାଯାଇଛି; ଅଉ ଏହା ଯଦି ଭାରତରେ ପହଞ୍ଚିଥାଆନ୍ତା, ତେବେ ମୋ କାର୍ଯ୍ୟ ପକ୍ଷରେ ସାଙ୍ଘାତିକ ହୋଇଥାଆନ୍ତା । ସୌଭାଗ୍ୟବଶତଃ ମୁଁ ବିଜ୍ଞାପନଗୁଡ଼ିକୁ ଚିରି ଚିରି କରି ଛିଣ୍ଡାଇ ନର୍ଦ୍ଦମାରେ ପକାଇ ଦେଇଛି । ମୁଁ ଜଗତର କୌଣସି ସନ୍ନ୍ୟାସୀଙ୍କର ପ୍ରଭୁ ବା ଗୁରୁ ନୁହେଁ । ସେମାନଙ୍କୁ ଯେଉଁ କାର୍ଯ୍ୟଟି ଭଲ ଲଗେ ସେମାନେ ତାହା ହିଁ କରନ୍ତୁ ଏବଂ ମୁଁ ଯଦି ସେମାନଙ୍କୁ କୌଣସି ସାହାଯ୍ୟ କରିପାରେ—ବାସ୍, ଏତିକିମାତ୍ର ସେମାନଙ୍କ ସହିତ ମୋର ସମ୍ବନ୍ଧ । ମୁଁ ପାରିବାରିକ ବନ୍ଧନରୂପକ ଲୁହା-ଶିକୁଳି ଭାଙ୍ଗିଛି—ଅଉ ଧର୍ମସଂଘ ସହିତ ସମ୍ବନ୍ଧରୂପକ ସୁନାର ଶିକୁଳି ପିନ୍ଧିବାକୁ ଚାହେଁ ନାହିଁ । ମୁଁ ମୁକ୍ତ, ସର୍ବଦା ମୁକ୍ତ ରହିବି । ମୋର ଇଚ୍ଛା, ସମସ୍ତେ ମୁକ୍ତ ହୋଇଯାଆନ୍ତୁ—ବାୟୁ ଭଳି ମୁକ୍ତ । ଯଦି ନ୍ୟୁୟର୍କ, ବୋଷ୍ଟନ୍ ଅଥବା ଯୁକ୍ତରାଜ୍ୟର ଅନ୍ୟ କୌଣସି ସ୍ଥାନ ବେଦାନ୍ତଚର୍ଚ୍ଚା ଚାହାଁନ୍ତି, ତେବେ ତାଙ୍କର ଉଚିତ ବେଦାନ୍ତର ଆଚାର୍ଯ୍ୟମାନଙ୍କୁ ସାଦରେ ଗ୍ରହଣ କରିବା, ସେମାନଙ୍କର ରହିବା ଓ ଭରଣ-ପୋଷଣର ବନ୍ଦୋବସ୍ତ କରିଦେବା । ଆଉ ମୋର କଥା—ମୁଁ ତ ଅବସର ଗ୍ରହଣ କରିଛି କହିଲେ ଚଳେ । ଜଗତ୍-ରଙ୍ଗମଞ୍ଚରେ ମୋର ଯେତିକି ଅଭିନୟ କରିବାର ଥିଲା, ତାହା ଶେଷ ହୋଇଛି । ଇତି

ଆପଣମାନଙ୍କର, ବି.

## ୩୧୦ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

ଲେକ୍ ଲୁସାର୍ଣ୍ଣ, ସୁଇଜରଲାଣ୍ଡ, ୨୩ ଅଗଷ୍ଟ ୧୮୯୬

କଲ୍ୟାଣବରେଷୁ,

ଆଜି ରାମଦୟାଲ ବାବୁଙ୍କର ଗୋଟିଏ ପତ୍ର ପାଇଲି । ସେଥିରେ ସେ ଲେଖିଛନ୍ତି ଯେ, ଦକ୍ଷିଣେଶ୍ୱର ମହୋତ୍ସବରେ ଅନେକ ବେଶ୍ୟା ଯାଇଥାନ୍ତି ଏବଂ ସେଥିପାଇଁ ଅନେକ ଭଦ୍ରଲୋକଙ୍କର ସେଠାକୁ ଯିବାର ଇଚ୍ଛା କମ୍ ହେଉଛି । ପୁନଶ୍ଚ—ତାଙ୍କ ମତରେ ପୁରୁଷ-ମାନଙ୍କ ପାଇଁ ଦିନେ ଏବଂ ସ୍ତ୍ରୀଲୋକମାନଙ୍କ ପାଇଁ ଆଉଦିନେ ହେବା ଉଚିତ । ତଦ୍‌ବିଷୟରେ ମୋର ବିଚାର ଏହି :

୧ । ବେଶ୍ୟାମାନେ ଯଦି ଦକ୍ଷିଣେଶ୍ୱରର ମହାତୀର୍ଥକୁ ଯାଇ ନ ପାରନ୍ତି, ତେବେ

କେଉଁଠାକୁ ଯିବେ ? ପାପୀମାନଙ୍କ ପାଇଁ ପ୍ରଭୁଙ୍କର ବିଶେଷ ପ୍ରକାଶ, ପୁଣ୍ୟବାନମାନଙ୍କ ପାଇଁ ସେତେ ନୁହେଁ ।

୨ । ସ୍ତ୍ରୀ-ପୁରୁଷ-ଭେଦାଭେଦ, ଜାତିଭେଦ, ଧନଭେଦ, ବିଦ୍ୟାଭେଦ ଇତ୍ୟାଦି ନରକ-ଦ୍ୱାରରୂପ ବହୁଭେଦ ସଂସାର ମଧ୍ୟରେ ଥାଉ । ପବିତ୍ର ତୀର୍ଥ-ସ୍ଥଳରେ ଏପରି ଭେଦ ଯଦି ହୁଏ, ତାହାହେଲେ ତୀର୍ଥ ଏବଂ ନରକ ମଧ୍ୟରେ ପ୍ରଭେଦ କଅଣ ?

୩ । ଆମର ମହାତୀର୍ଥ ଜଗନ୍ନାଥପୁରୀ—ଯେଉଁଠାରେ ପାପୀ-ଅପାପୀ, ସାଧୁ-ଅସାଧୁ, ଆବାଳବୃଦ୍ଧବନିତା ନରନାରୀ ସମସ୍ତଙ୍କର ସମାନ ଅଧିକାର । ବର୍ଷକ ଭିତରେ ଦିନେ ଅନ୍ତତଃ ସହସ୍ର ସହସ୍ର ନରନାରୀ ପାପବୁଦ୍ଧି ଓ ଭେଦବୁଦ୍ଧି ହସ୍ତରୁ ନିସ୍ତାର ପାଇଁ ହରିନାମ କରନ୍ତି ଓ ଶୁଣନ୍ତି, ଏହା ହିଁ ପରମ ମଙ୍ଗଳ ।

୪ । ଯଦି ତୀର୍ଥସ୍ଥଳରେ ମଧ୍ୟ ଲୋକଙ୍କର ପାପବୃତ୍ତି ଦିନକ ପାଇଁ ସଙ୍କୁଚିତ ନ ହୁଏ, ତେବେ ତାହା ତୁମମାନଙ୍କର ଦୋଷ, ସେମାନଙ୍କର ନୁହେଁ । ଏପରି ମହାଧର୍ମସ୍ରୋତ ଉଠାଅ ଯେ, ଯେଉଁ ଜୀବ ତାହା ନିକଟକୁ ଆସିବ, ସେ ଭାସିଯିବ ।

୫ । ଯେଉଁମାନେ ଠାକୁରଘରକୁ ଯାଇ ମଧ୍ୟ ସେ ବେଶ୍ୟା, ସେ ନୀଚ ଜାତି, ସେ ଗରିବ, ସେ ଛୋଟଲୋକ ବୋଲି ଭାବନ୍ତି, ସେମାନଙ୍କର (ଅର୍ଥାତ୍ ଯେଉଁମାନଙ୍କୁ ତୁମେମାନେ ଭଦ୍ରଲୋକ ବୋଲି କୁହ) ସଂଖ୍ୟା ଯେତେ କମ୍ ହୁଏ, ସେତେ ମଙ୍ଗଳ । ଯେଉଁମାନେ ଭକ୍ତର ଜାତି ବା ଯୋନି ବା ବ୍ୟବସାୟ ଦେଖନ୍ତି, ସେମାନେ ଆମର ଠାକୁରଙ୍କୁ କଅଣ ବୁଝିବେ ? ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରେ ଯେ, ଶତ ଶତ ବେଶ୍ୟା ଆସନ୍ତୁ ତାଙ୍କ ଚରଣରେ ମୁଣ୍ଡ ନୁଆଁଇବା ପାଇଁ, ବରଂ ଜଣେ ହେଲେ ଭଦ୍ରଲୋକ ଯଦି ନ ଆସନ୍ତି ତେବେ ନ ଆସନ୍ତୁ । ବେଶ୍ୟା ଆସୁ, ମାତାଲ ଆସୁ, ଚୋର, ଡକାଏତ, ସମସ୍ତେ ଆସନ୍ତୁ—ତାଙ୍କର ଅବାରିତ ଦ୍ୱାର । 'It is easier for a camel to pass through the eye of a needle than for a rich man to enter the kingdom of God.'* ଏସବୁ ନିଷ୍ଠୁର ରାକ୍ଷସୀବୃତ୍ତିକୁ ମନରେ ସ୍ଥାନ ଦେବ ନାହିଁ ।

୬ । ତେବେ କେତେକ ପରିମାଣରେ ସାମାଜିକ ସାବଧାନତା ଦରକାର—ସେଇଟା କିପ୍ରକାରରେ କରିବାକୁ ହେବ ? କେତେଜଣ ଲୋକ (ବୃଦ୍ଧ ହେଲେ ଭଲ) ଛଡ଼ିଦାର୍-କାର୍ଯ୍ୟ ସେହିଦିନ ପାଇଁ ନେବେ । ସେମାନେ ମହୋତ୍ସବ ସ୍ଥଳରେ ଘୂରି ବୁଲିବେ ଓ କୌଣସି ପୁରୁଷ ବା ସ୍ତ୍ରୀଲୋକଙ୍କୁ କଦାଚାର ବା କୁକଥା ଇତ୍ୟାଦିରେ ନିଯୁକ୍ତ ଦେଖିଲେ ସେମାନଙ୍କୁ ଉଦ୍ୟାନରୁ ତତ୍କ୍ଷଣାତ୍ ବାହାର କରିଦେବେ । କିନ୍ତୁ ଯେତେବେଳଯାଏ ସେମାନେ ଭଲ ଲୋକଭଳି ବ୍ୟବହାର କରିବେ, ସେତେବେଳଯାଏ ସେମାନେ ଭକ୍ତ ଓ ପୂଜାର୍ହ—ସ୍ତ୍ରୀ ହେଉ ବା ପୁରୁଷ ହେଉ—ଗୃହସ୍ଥ ହେଉ ବା ଅସତୀ ହେଉ ।

* ଧନୀ ବ୍ୟକ୍ତିର ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ ଅପେକ୍ଷା ଗୋଟିଏ ଓଟ ପକ୍ଷରେ ସୂଚୀ-ଛିଦ୍ର ପଥରେ ପ୍ରବେଶ ଅପେକ୍ଷାକୃତ ସହଜ ।—ବାଇବେଲ୍

ମୁଁ ବର୍ତ୍ତମାନ ସୁଇଜରଲାଣ୍ଡରେ ଭ୍ରମଣ କରୁଛି—ଶୀଘ୍ର ଜର୍ମାନୀ ଯିବି ଅଧ୍ୟାପକ ଡୟସନ୍‌ଙ୍କ ସହିତ ଦେଖା କରିବା ପାଇଁ । ସେଠାରୁ ଇଂଲଣ୍ଡକୁ ପ୍ରତ୍ୟାଗମନ ୨୩।୨୪ ସେପ୍‌ଟେମ୍ବର ଆଡ଼କୁ ଏବଂ ଆଗାମୀ ଶୀତଋତୁ ବେଳକୁ ଦେଶକୁ ପ୍ରତ୍ୟାବର୍ତ୍ତନ ।

ମୋର ପ୍ରୀତି ଜାଣିବ ଓ ସମସ୍ତଙ୍କୁ ଜଣାଇବ । ଇତି

ବିବେକାନନ୍ଦ

୩୧୧ନଂ (ଡାକ୍ତର ନଞ୍ଜୁଣ୍ଡରାଓ ଏମ୍. ଡ଼ି.ଙ୍କୁ ଲିଖିତ)

ସୁଇଜର୍‌ଲଣ୍ଡ, ୨୬ ଅଗଷ୍ଟ ୧୮୯୬

ପ୍ରିୟ ନଞ୍ଜୁଣ୍ଡରାଓ,

ଏହି ମାତ୍ର ଆପଣଙ୍କ ଚିଠି ପାଇଲି, ମୁଁ ଘୁରିବୁଲୁଛି । ଆଲ୍‌ପ୍‌ସ୍ ପାହାଡ଼ରେ ଖୁବ୍ ଚଢ଼ୁଛି ଓ ତୁଷାର-ପ୍ରବାହ ପାରହେଉଛି । ବର୍ତ୍ତମାନ ଜର୍ମାନୀକୁ ଯାଉଛି । ଅଧ୍ୟାପକ ଡୟସନ୍ କିଏଲ୍‌ରେ ତାଙ୍କ ସଙ୍ଗେ ଦେଖା କରିବାକୁ ମୋତେ ନିମନ୍ତ୍ରଣ କରିଛନ୍ତି । ସେଠାରୁ ଇଂଲଣ୍ଡ ଫେରିବି । ସମ୍ଭବତଃ ଏହି ଶୀତକାଳରେ ଭାରତ ଫେରିବି ।

ମଲାଟର ପରିକଳ୍ପନା ସମ୍ବନ୍ଧରେ ମୁଁ ଯେଉଁ ଆପତ୍ତି କରିଥିଲି, ତା'ର କାରଣ ଏହି ଯେ, ତାହା ଅତି ଟିଲିକିଆ ଭାବରେ ରଙ୍ଗ ଢଙ୍ଗ; ଆଉ ସେଥିରେ ଅନାବଶ୍ୟକ ଗଦାଏ ମୂର୍ତ୍ତିର ସମାବେଶ । ପ୍ରତ୍ୟେକ ନକ୍‌ସା ସାଦାସିଧା ହେବା ଦରକାର, ଭାବଦ୍ୟୋତକ ଅଥଚ ସଂକ୍ଷିପ୍ତ (condensed) ।

ମୁଁ ସାନନ୍ଦରେ ଜଣାଉଛି ଯେ, କାର୍ଯ୍ୟ ସୁନ୍ଦର ଚାଲିଛି ।··· ଯାହା ହେଉ, ଗୋଟିଏ ପରାମର୍ଶ ଆପଣଙ୍କୁ ଦେଉଛି—ଭାରତରେ ସଂଘବଦ୍ଧ ଭାବରେ ଆମେ ଯେତେ କାମ କରୁ, ସେସବୁ ଗୋଟିଏ ଦୋଷରୁ ପଣ୍ଡ ହୋଇଯାଏ । ଆମେ ଏବେସୁଦ୍ଧା କାର୍ଯ୍ୟର ଧାରା ଠିକ୍ ଠିକ୍ ଶିଖିନାହୁଁ । କାର୍ଯ୍ୟକୁ ଠିକ୍ ଠିକ୍ କାର୍ଯ୍ୟ ବୋଲି ଧରିବାକୁ ହେବ—ସେଥିରେ ବନ୍ଧୁତ୍ୱର ବା ଚକ୍ଷୁଲଜ୍ଜାର ସ୍ଥାନ ନାହିଁ । ଯାହା ଉପରେ ଭାର ଥିବ ସେ ସମସ୍ତ ଟଙ୍କା ପଇସାର ପକ୍କା ହିସାବ ରଖିବ; ଏପରିକି ଯଦି କାହାକୁ ପର ମୁହୂର୍ତ୍ତରେ ଖାଇବା ବିନା ମରିବାକୁ ପଡ଼େ, ତଥାପି 'ଶାଗର କଉଡ଼ି ମାଛରେ' କଦାପି ମିଶାଇବ ନାହିଁ । ଏହାକୁ କୁହାଯାଏ ବୈଷୟିକ ସତତା । ଏହାଛଡ଼ା ଦରକାର—ଅଦମ୍ୟ ଉତ୍ସାହ । ଯେତେବେଳେ ଯାହା କରିବ, ସେହି ବେଳ ପାଇଁ ତାହା ହିଁ ହେବ ଭଗବତ୍-ସେବା । ଏହି ପତ୍ରିକାଟି* ବର୍ତ୍ତମାନ ପାଇଁ ଆପଣଙ୍କର ଆରାଧ୍ୟ ଦେବତା ହେଉ, ତା'ହେଲେ ହିଁ ଆପଣ ସଫଳକାମ ହେବେ ।

ଯେତେବେଳେ ଏହି ପତ୍ରିକାଟିକୁ ଛିଡ଼ା କରାଇଦେଇପାରିବେ, ସେତେବେଳେ ତାମିଲ, ତେଲୁଗୁ, କନ୍ନଡ଼ ପ୍ରଭୃତି ଦେଶୀୟ ଭାଷାରେ ଠିକ୍ ଏହି ଧରଣର କାଗଜ ବାହାର କରନ୍ତୁ । ମାନ୍ଦ୍ରାଜୀମାନେ ଖୁବ ସତ୍, ଉତ୍ସାହୀ ଇତ୍ୟାଦି; ତେବେ ମୋର ମନେହୁଏ ଶଙ୍କରଙ୍କ ଜନ୍ମଭୂମି ତ୍ୟାଗର ଭାବ ହରାଇ ଦେଲାଣି । ନାନା ବାଧାବିଘ୍ନ ମଧ୍ୟରେ, ଅନ୍ୟମାନେ

---

* ପ୍ରବୁଦ୍ଧ ଭାରତ·

ସେଉଁଠାରୁ ହଟିଆସିବେ, ମୋ ପିଲମାନେ ସେଠାରେ ଡେଇଁପଡ଼ିବେ ଏବଂ ସଂସାର ତ୍ୟାଗ କରିବେ; ତେବେ ଯିନା କାର୍ଯ୍ୟ ଶକ୍ତ ମୂଳଦୁଆ ଉପରେ ଠିଆହେବ ।

ବୀରଭଳି କାର୍ଯ୍ୟ କରିଯାଆନ୍ତୁ; ପ୍ରଚ୍ଛଦପଟର ନକ୍ସାର ଚିନ୍ତା ବର୍ତ୍ତମାନ ଥାଉ; ଘୋଡ଼ା ହେଲେ ଲଗାମ୍ ପାଇଁ ଅଟକିଯିବ ନାହିଁ । ଆମରଣ କାର୍ଯ୍ୟ କରିଯାଆନ୍ତୁ—ମୁଁ ଆପଣମାନଙ୍କ ସଙ୍ଗେ ସଙ୍ଗେ ଅଛି, ଆଉ ଦେହ ଚାଲିଗଲେ ମଧ୍ୟ ମୋର ଶକ୍ତି ଆପଣମାନଙ୍କ ଭିତରେ କାର୍ଯ୍ୟ କରିବ । ଜୀବନ ତ ଆସେ ଯାଏ—ଧନ, ମାନ, ଇନ୍ଦ୍ରିୟଭୋଗ ସବୁ ଦୁଇଦିନ ପାଇଁ । କ୍ଷୁଦ୍ର ସଂସାରୀ କୀଟଭଳି ମରିବା ଅପେକ୍ଷା କର୍ମକ୍ଷେତ୍ରରେ ସତ୍ୟ ପ୍ରଚାର କରି ମରିବା ଭଲ—ତେର୍ ଭଲ । ଚାଲନ୍ତୁ—ଆଗେଇ ଚାଲନ୍ତୁ । ମୋର ପ୍ରୀତି ଓ ଆଶୀର୍ବାଦ ଗ୍ରହଣ କରନ୍ତୁ । ଇତି

ଆପଣମାନଙ୍କର, ବିବେକାନନ୍ଦ

୩୧୨ଇଂ (ମିଃ ଇ. ଟି. ଷ୍ଟର୍ଡିଙ୍କୁ ଲିଖିତ)

Kiel, ୧୦ ସେପ୍ଟେମ୍ବର ୧୮୯୬

...ଅବଶେଷରେ ଅଧ୍ୟାପକ ଡଏସନ୍‌ଙ୍କ ସହିତ ମୋର ସାକ୍ଷାତ୍ ହୋଇଛି ।... ଅଧ୍ୟାପକଙ୍କ ସଙ୍ଗରେ ଦ୍ରଷ୍ଟବ୍ୟ ସ୍ଥାନାଦି ଦେଖି ଓ ବେଦାନ୍ତ ଆଲୋଚନା କରି କାଲିଦିନଟି ଖୁବ୍ ଚମତ୍କାର କଟିଯାଇଛି !

ମୋ ମତରେ ସେ ସତେ ଯେପରି ଜଣେ 'ରଣମୁଖୀ (warring) ଅଦ୍ୱୈତବାଦୀ' । ଅନ୍ୟ କୌଣସି ବିଷୟ ସହିତ ସେ ଆପୋଷ କରିବାକୁ ନାରାଜ । 'ଈଶ୍ୱର' ଶବ୍ଦରେ ସେ ଆତଙ୍କିତ ହୋଇ ଉଠନ୍ତି । କ୍ଷମତା ଥିଲେ ସେ ଏସବୁ କିଛି ରଖନ୍ତେ ନାହିଁ । ତୁମର ମାସିକ ପତ୍ରିକାର ପରିକଳ୍ପନାରେ ସେ ଖୁବ୍ ଆହ୍ଲାଦିତ ଏବଂ ଏସବୁ ବିଷୟରେ ଲଣ୍ଡନରେ ତୁମ ସଙ୍ଗରେ ଆଲୋଚନା କରିବାକୁ ଚାହାଁନ୍ତି, ସେ ସେଠାକୁ ଶୀଘ୍ର ଯାଉଛନ୍ତି ।...

୩୧୩ଇଂ (ମିସ୍ ହାରିଏଟ୍ ହେଲ୍‌ଙ୍କୁ ଲିଖିତ)

ଉଇମ୍ବଲଡନ୍, ଇଂଲଣ୍ଡ, ୧୭ ସେପ୍ଟେମ୍ବର ୧୮୯୬

ସ୍ନେହର ଭଗିନୀ,

ସୁଇଜରଲାଣ୍ଡରୁ ଫେରିଆସି ଏହି ମାତ୍ର ତୁମର ଅତି ମନୋଜ୍ଞ ଖବରଟି ପାଇଲି । 'Old Maids' Home' (ଚିରକୁମାରୀମାନଙ୍କ ଆଶ୍ରମ)-ରେ ଲଭ୍ୟ ଆରାମ ସମ୍ବନ୍ଧରେ ତୁମେ ଯେ ଅବଶେଷରେ ମତ ପରିବର୍ତ୍ତନ କରିଛ, ସେଥିରେ ମୁଁ ଅତ୍ୟନ୍ତ ଖୁସି ହୋଇଛି । ତୁମେ ବର୍ତ୍ତମାନ ଠିକ୍ ଧରିପାରିଛ—ମନୁଷ୍ୟର ଶତକଡ଼ା ଅନେଶତ ଜଣଙ୍କ ପକ୍ଷରେ ବିବାହ ହିଁ ଜୀବନର ସର୍ବୋତ୍ତମ ଲକ୍ଷ୍ୟ । ଆଉ ଯେଉଁ ମୁହୂର୍ତ୍ତରେ ଏହି ଚିରନ୍ତନ ସତ୍ୟଟି ମନୁଷ୍ୟ ଶିଖିପାରିବ ଓ ତାହା ମାନି ଚଳିବାକୁ ପ୍ରସ୍ତୁତ ହେବ ଯେ, ପରସ୍ପରର ଦୋଷତ୍ରୁଟି ସହ୍ୟ କରିବା ଅବଶ୍ୟ କର୍ତ୍ତବ୍ୟ ଏବଂ ଜୀବନକ୍ଷେତ୍ରରେ ଆପୋଷ ସାଲିସ୍ କରି ଚଳିବା ହିଁ ସ୍ଥିତି, ସେତିକି ବେଳେ ସେ ପ୍ରକୃଷ୍ଟ ସୁନ୍ଦର ଜୀବନ ଯାପନ କରିପାରିବ ।

ସ୍ନେହର ହାରିଏଟ୍, ତୁମେ ଠିକ୍ ଜାଣ—'ସର୍ବାଙ୍ଗସୁନ୍ଦର ଜୀବନ' ଗୋଟିଏ

ସ୍ୱବିରୋଧୀ କଥା । ସୁତରାଂ ଏହା ଦେଖିବା ପାଇଁ ଆମକୁ ସର୍ବଦା ପ୍ରସ୍ତୁତ ରହିବାକୁ ହେବ ଯେ, ସଂସାରର ସମସ୍ତ କିଛି ଆମର ଚରମ ଆଦର୍ଶର ବହିର୍ଭୂତ ତଳେ, ଏବଂ ଏହା ଜାଣି ସର୍ବକ୍ଷେତ୍ରରେ ସବୁ ଜିନିଷର ଯଥାସମ୍ଭବ ସଦ୍‌ବ୍ୟବହାର କରିବାକୁ ହେବ ।

ବର୍ତ୍ତମାନ ଅବସ୍ଥାରେ ଆମର ଖଣ୍ଡିଏ ପୁସ୍ତକରୁ କିଛି ଉଦ୍ଧୃତ କରିବା ହିଁ ମୋ ପକ୍ଷରେ ସବୁଠାରୁ ଭଲ ବୋଲି ମନେ ହେଉଛି :

'ସ୍ୱାମୀଙ୍କୁ ଇହଜୀବନରେ ସମସ୍ତ କାମ୍ୟବିଷୟରେ ସହାୟତା କରି ତୁମେ ସର୍ବଦା ତୁମ ସ୍ୱାମୀଙ୍କର ଐକାନ୍ତିକ ପ୍ରେମର ଅଧିକାରିଣୀ ହୁଅ; ଅତଃପର ପୌତ୍ରପୌତ୍ରୀ ପ୍ରଭୃତିଙ୍କର ମୁଖ ଦର୍ଶନ ପରେ ଯେତେବେଳେ ଜୀବନ-ନାଟ୍ୟ ଶେଷ ହୋଇ ଆସିବ, ସେତେବେଳେ ଯେଉଁ ସଚ୍ଚିଦାନନ୍ଦ-ସାଗରର ଜଳସ୍ପର୍ଶରେ ସର୍ବପ୍ରକାର ବିଭେଦ ଦୂର ହୋଇଯାଏ ଏବଂ ଆମେ ଏକ ହୋଇଯାଉଁ, ସେହି ସଚ୍ଚିଦାନନ୍ଦ-ଲାଭରେ ଯେପରି ତୁମେମାନେ ପରସ୍ପରର ସହାୟ ହୁଅ ।'*

ମୁଁ ତୁମକୁ ଯେତିକି ଜାଣେ, ସେଥିରୁ ମନେହୁଏ, ତୁମ ଭିତରେ ଏପରି ପ୍ରଭୂତ ଓ ସୁସଂଯତ ଶକ୍ତି ଅଛି, ଯାହା କ୍ଷମା ଓ ସହନଶୀଳତାରେ ପୂର୍ଣ୍ଣ । ସୁତରାଂ ମୁଁ ନିଶ୍ଚିତ ଭାବରେ ଭବିଷ୍ୟତବାଣୀ କରିପାରେ ଯେ, ତୁମର ଦାମ୍ପତ୍ୟ-ଜୀବନ ଖୁବ୍ ସୁଖମୟ ହେବ ।

ତୁମକୁ ଓ ତୁମର ବାଗ୍‌ଦତ୍ତ ବରଙ୍କୁ ମୋର ଅନନ୍ତ ଆଶୀର୍ବାଦ । ଭଗବାନ ଯେପରି ତାଙ୍କୁ ସର୍ବଦା ଏକଥା ସ୍ମରଣ କରାଇ ଦିଅନ୍ତି ଯେ, ତୁମଭଳି ପବିତ୍ର, ସୁଚରିତ୍ରା, ବୁଦ୍ଧିମତୀ, ସ୍ନେହମୟୀ ଓ ସୁନ୍ଦରୀ ସହଧର୍ମିଣୀ ଲାଭକରି ସେ ଅତୀବ କୃତାର୍ଥ ହୋଇଛନ୍ତି ।

ମୁଁ ଏତେ ଶୀଘ୍ର ଆଟଲାଣ୍ଟିକ ପାରହେବାର ଭରସା ରଖୁନାହିଁ, ଯଦିଓ ତୁମର ବିବାହରେ ଉପସ୍ଥିତ ରହିବାକୁ ମୋର ଖୁବ୍ ଇଚ୍ଛା ହେଉଛି ।

ତୁମେ ସାବିତ୍ରୀବନ ଉମାଙ୍କ ଭଳି ପବିତ୍ର ଓ ନିଷ୍କଳୁଷ ହୁଅ, ଆଉ ତୁମ ସ୍ୱାମୀଙ୍କର ଜୀବନ ଯେପରି ଉମାଗତପ୍ରାଣ ଶିବଙ୍କ ଭଳି ହୁଏ । ଇତି

ତୁମର ସ୍ନେହର ଭାଇ, ବିବେକାନନ୍ଦ

**୩୧୪ଇ°** (ମିସ୍ ମେରି ହେଲ୍‌ଙ୍କୁ ଲିଖିତ)

Wimbledon, England, ୧୭ ସେପ୍‌ଟେମ୍ବର ୧୮୯୬

ସ୍ନେହର ଭଗିନୀ,

ସୁଇଜରଲାଣ୍ଡରେ ଦୁଇମାସ ପାହାଡ଼ ଚଢ଼ି, ପର୍ଯ୍ୟଟନ କରି ଓ ହିମବାହ ଦେଖି ଆଜି ଲଣ୍ଡନରେ ଆସି ପହଞ୍ଚିଛି । ଏଥିରେ ମୋର ଗୋଟିଏ ଉପକାର ହୋଇଛି—କେତେ ପାଉଣ୍ଡ ଅପ୍ରୟୋଜନୀୟ ମେଦ ବାଷ୍ପୀୟ ଅବସ୍ଥାକୁ ଫେରିଯାଇଛି, ତଥାପି ସେଥିରେ କୌଣସି ନିରାପତ୍ତା ନାହିଁ, କାରଣ ଏ ଜନ୍ମର ସ୍ଥୂଳ ଦେହଟିର ଖିଆଲ ହୋଇଛି ଯେ, ସେ ମନକୁ ଅତିକ୍ରମ କରି

* କାଳିଦାସରଚିତ 'ଅଭିଜ୍ଞାନଶକୁନ୍ତଳମ୍' ନାଟକରେ ଶକୁନ୍ତଳାଙ୍କୁ କଣ୍ୱମୁନିଙ୍କର ଆଶୀର୍ବାଦ ।

ଅନନ୍ତ ମଧ୍ୟରେ ପ୍ରସାରିତ ହେବ । ଏ ଭାବରେ ଚାଲିଲେ ମୋତେ ଅଚିରେ ସମସ୍ତ ବ୍ୟକ୍ତିଗତ ସତ୍ତା ହରାଇବାକୁ ହେବ—ଏ ରକ୍ତମାଂସର ଦେହ ଥିଲେ ମଧ୍ୟ—ଅନ୍ତତଃ ବହିର୍ଜଗତ ନିକଟରେ ।

ହାରିଏଟ୍‌ଙ୍କ ଚିଠିରେ ଯେଉଁ ଶୁଭ ସମ୍ବାଦ ଆସିଛି, ସେଥିରେ ଯେଉଁ ଆନନ୍ଦ ହେଲା ତାହା ଭାଷାରେ ପ୍ରକାଶ କରିବା ଅସମ୍ଭବ । ଆଜି ତା' ପାଖକୁ ଚିଠି ଦେଲି । ଦୁଃଖ ଏହି ଯେ, ତାହାର ବିବାହ ସମୟରେ ଯାଇପାରୁ ନାହିଁ, ତେବେ ସର୍ବବିଧ ଶୁଭେଚ୍ଛା ଓ ଆଶୀର୍ବାଦ ନେଇ ମୁଁ 'ସୂକ୍ଷ୍ମ ଶରୀରରେ' ଉପସ୍ଥିତ ରହିବି । ଭଲକଥା, ମୋର ଆନନ୍ଦ ପୂର୍ଣ୍ଣାଙ୍ଗ କରିବା ପାଇଁ ମୁଁ ତୁମଠାରୁ ଓ ଅନ୍ୟ ଭଗିନୀମାନଙ୍କ ପାଖରୁ ଅନୁରୂପ ସମ୍ବାଦ ଆଶା କରୁଛି । ଏଥର ସ୍ନେହର ମେରି, ମୁଁ ଜୀବନରେ ଯେଉଁ ଏକ ମହତ୍ତ୍ୱ ଶିକ୍ଷା ଲାଭ କରିଛି, ସେ କଥା ତୁମକୁ କହିବି । ତାହା ହେଲା : ତୁମର ଆଦର୍ଶ ଯେତେ ଉଚ୍ଚ ହେବ, ତୁମେ ସେତେ ଦୁଃଖୀ, କାରଣ 'ଆଦର୍ଶ'ରେ ପହଞ୍ଚିବା ଏ ସଂସାରରେ ସମ୍ଭବ ନୁହେଁ, ଅଥବା ଏହି ଜୀବନରେ ମଧ୍ୟ ନୁହେଁ । ଏ ଜଗତରେ ପରିପୂର୍ଣ୍ଣତାର ଆକାଙ୍‌କ୍ଷା ଯେ କରେ, ସେ ଉନ୍ମାଦ ମାତ୍ର, କାରଣ ତାହା ହେବାର ନୁହେଁ ।

ସସୀମ ଜଗତରେ ତୁମେ କିପରି ଅନନ୍ତର ସନ୍ଧାନ ପାଇବ ? ସୁତରାଂ ମୁଁ ତୁମକୁ କହୁଛି, ହାରିଏଟ୍ ବେଶ୍ ସୁଖ ଓ ଶାନ୍ତିର ଜୀବନ ଲାଭ କରିବ, କାରଣ କଳ୍ପନାବିଳାସ ଓ ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଚଳିବାଭଳି ବୋକା ସେ ଆଦୌ ନୁହେଁ । ଯେତିକି ଭାବାବେଶ ଥିଲେ ଜୀବନ ମଧୁର ହୁଏ ଓ ଯେତିକି ସାଧାରଣ ବୁଦ୍ଧି ଓ କୋମଳତା ଥିଲେ ଜୀବନର ଅବଶ୍ୟମ୍ଭାବୀ କର୍କଶତାଗୁଡ଼ିକ ନରମ ହୋଇଯାଏ—ସେତିକି ତା'ର ଅଛି । ହ୍ୟାରିଏଟ୍ ମ୍ୟାକ୍‌କିଣ୍ଡଲିର ମଧ୍ୟ ଏହି ଗୁଣଟି ଆହୁରି ବେଶୀ ପରିମାଣରେ ଅଛି । ସେ ଜଣେ ପକ୍‌କା ଗୃହିଣୀ ହେବାଭଳି ଝିଅ, ମାତ୍ର ଏ ଜଗତଟା ନିର୍ବୋଧ ଲୋକମାନଙ୍କ ଦ୍ୱାରା ଏତେ ପରିପୂର୍ଣ୍ଣ ଯେ, ଖୁବ୍ କମ୍ ଲୋକ ରକ୍ତମାଂସର ଦେହକୁ ଅତିକ୍ରମ କରି ଆହୁରି ଗଭୀରତାରେ ପ୍ରବେଶ କରିପାରନ୍ତି । ତୁମ ସମ୍ବନ୍ଧରେ ଓ ଇସାବେଲ୍ ସମ୍ବନ୍ଧରେ କହିବାକୁ ଯାଇ ମୁଁ ତୁମକୁ ସତ କଥା କହିବି ଏବଂ ମୋର 'ଭାଷା ସହଜ—ସ୍ପଷ୍ଟ' ।

ମେରି, ତୁମେ ହେଲ ଗୋଟିଏ ତେଜୀ ଆରବୀ ଘୋଡ଼ାପରି—ମହିମମୟୀ ଓ ଦୀପ୍ତିମୟୀ । ତୁମକୁ ରାଣୀ ଭଳିରେ ଚମତ୍କାର ମାନିବ—ଚେହେରାରେ ଓ ମିଜାଜ୍‌ରେ । ତୁମେ ଜଣେ ତେଜସ୍ୱୀ, ବୀର, ଦୁଃସାହସୀ, ନିର୍ଭୀକ ସ୍ୱାମୀ ପାଖରେ ଉଜ୍ଜ୍ୱଳ ଦୀପ୍ତିରେ ଶୋଭା ପାଇବ; କିନ୍ତୁ ସ୍ନେହର ଭଗିନି, ଗୃହିଣୀ ହିସାବରେ ତୁମେ ଏକଦମ୍ ନିକୃଷ୍ଟ ହେବ । ତୁମେ ଆମମାନଙ୍କର ଦୈନନ୍ଦିନ ଜଗତର ସ୍ୱଚ୍ଛନ୍ଦପ୍ରିୟ, ସାହସିକ, ପରିଶ୍ରମୀ ଅଥଚ ହୁଗୁଲା ସ୍ୱାମୀ ବିଚରାମାନଙ୍କର ଜୀବନକୁ ଅତିଷ୍ଠ କରିଦେବ । ଭଗିନି, ମନେରଖ, ଯଦିବା ଏକଥା ସତ୍ୟ ଯେ, ବାସ୍ତବ ଜୀବନ ଉପନ୍ୟାସ ଅପେକ୍ଷା ବେଶୀ ରୋମାଞ୍ଚକର, କିନ୍ତୁ ସେପରି କ୍ୱଚିତ୍ କେବେ ଘଟେ । ତେଣୁ ତୁମପ୍ରତି ମୋର ଉପଦେଶ, ଯେପର୍ଯ୍ୟନ୍ତ ତୁମର ଆଦର୍ଶକୁ ତୁମେ ବାସ୍ତବଭୂମିକୁ ନ ଆଣିପାରିଛ, ସେପର୍ଯ୍ୟନ୍ତ ତୁମର ବିବାହ କରିବା ଠିକ୍ ହେବ ନାହିଁ । ଯଦି କର, ତେବେ

ତାହା ଉଭୟଙ୍କ ପାଇଁ ଅଶାନ୍ତି ଡାକି ଆଣିବ । କେତେମାସ ମଧ୍ୟରେ ତୁମେ ଜଣେ ସାଧାରଣ ଭଲ ମଣିଷ ମାର୍ଜିତରୁଚି ଯୁବାପୁରୁଷ ପ୍ରତି ତୁମର ଶ୍ରଦ୍ଧା ହରାଇବ ଏବଂ ସେତେବେଳେ ତୁମ ନିକଟରେ ଜୀବନ ନୀରସ ବୋଲି ବୋଧ ହେବ । ଭଗିନୀ ଇସାବେଲଙ୍କ ମିଜାଜଟା ମଧ୍ୟ ତୁମ ପରି; ମାତ୍ର କିଣ୍ଡରଗାର୍ଟେନ୍‌ଟି ତାଙ୍କୁ ବେଶ୍ କିଛି ଧୈର୍ଯ୍ୟ ଓ ସହନଶୀଳତା ଶିକ୍ଷା ଦେଇଛି । ସମ୍ଭବତଃ ସେ ଭଲ ଗୃହିଣୀ ହୋଇପାରିବ ।

ଜଗତରେ ଦୁଇଧରଣର୍ ଲୋକ ଅଛନ୍ତି । ଏକ ପ୍ରକାର ହେଲେ—ବଳିଷ୍ଠ, ଶାନ୍ତିପ୍ରିୟ, ପ୍ରକୃତି ପାଖରେ ନତ ସ୍ୱୀକାର କରନ୍ତି, ବେଶୀ କଳ୍ପନାପ୍ରିୟ ନୁହନ୍ତି, କିନ୍ତୁ ସତ୍, ସହୃଦୟ ଓ ମଧୁରସ୍ୱଭାବ ଇତ୍ୟାଦି । ସେମାନଙ୍କ ପାଇଁ ଏହି ପୃଥିବୀ, ସେମାନେ ହିଁ ସୁଖୀ ହେବାକୁ ଜନ୍ମିଛନ୍ତି । ପୁଣି ଅନ୍ୟ ଧରଣର ଲୋକ ଅଛନ୍ତି, ଯେଉଁମାନଙ୍କର ସ୍ନାୟୁଗୁଡ଼ିକ ଉତ୍ତେଜନା-ପ୍ରବଣ, ଯେଉଁମାନେ ଅତି କଳ୍ପନାପ୍ରିୟ, ତୀବ୍ର ଅନୁଭୂତିସମ୍ପନ୍ନ ଏବଂ ସର୍ବଦା ଗୋଟିଏ ମୁହୂର୍ତ୍ତରେ ଉପରକୁ ଉଠୁଛନ୍ତି, ପରମୁହୂର୍ତ୍ତରେ ତଳକୁ ଖସୁଛନ୍ତି । ସେମାନଙ୍କ ଭାଗ୍ୟରେ ସୁଖ ନାହିଁ । ପ୍ରଥମ ଶ୍ରେଣୀର ଲୋକମାନେ ମଝାମଝି ଗୋଟିଏ ସୁଖସ୍ୱରରେ ଭାସିଯାଆନ୍ତି । ଶେଷୋକ୍ତମାନେ ଆନନ୍ଦ ଓ ବେଦନା ମଧ୍ୟରେ ଧାଁ-ଧପଡ଼ କରନ୍ତି । କିନ୍ତୁ ଏହିମାନେ ହେଲେ ପ୍ରତିଭାର ଉପାଦାନ । 'ପ୍ରତିଭା ଏକପ୍ରକାରର ପାଗଳାମି'—ଆଧୁନିକ ଏହି ମତବାଦ ମଧ୍ୟରେ କିଛି ସତ୍ୟ ଅନ୍ତତଃ ନିହିତ ଅଛି ।

ଏବେ ଏହି ଶ୍ରେଣୀର ଲୋକମାନେ ଯଦି ବଡ଼ ହେବାକୁ ଚାହାଁନ୍ତି; ତେବେ ସେମାନଙ୍କର ତାହା ଚରିତାର୍ଥ କରିବା ପାଇଁ ଲଢ଼େଇ କରିବାକୁ ହେବ—ଲଢ଼େଇ ପାଇଁ ଲଢ଼େଇ, ଅନ୍ୟ ବାହାରକୁ ବାହାରି ଆସି । ସେମାନଙ୍କର କୌଣସି ଦାୟିତ୍ୱ ରହିବ ନାହିଁ—ବିବାହ ନୁହେଁ, ସନ୍ତାନ ନୁହେଁ, ସେହି ଗୋଟିଏ ଚିନ୍ତା ଛଡ଼ା ଆଉ କୌଣସି ଅନାବଶ୍ୟକ ଆସକ୍ତି ନୁହେଁ, ସେହି ଆଦର୍ଶ ପାଇଁ ଜୀବନ-ଧାରଣ ଏବଂ ସେହି ଆଦର୍ଶ ପାଇଁ ମୃତ୍ୟୁବରଣ । ମୁଁ ଏହି ଶ୍ରେଣୀର ଲୋକ । ମୋର ଏକମାତ୍ର ଭାବାଦର୍ଶ ହେଲା 'ବେଦାନ୍ତ' ଏବଂ ମୁଁ 'ଲଢ଼ାଇ ପାଇଁ ପ୍ରସ୍ତୁତ' । ତୁମେ ଓ ଇସାବେଲ୍ ଏହି ଧାତୁରେ ଗଢ଼ା; କିନ୍ତୁ ମୁଁ ତୁମମାନଙ୍କୁ କହୁଛି, ଯଦିବା କଥାଟି କର୍କଶ, ତୁମେମାନେ ତୁମମାନଙ୍କ ଜୀବନର ବୃଥା ଅପଚୟ କରୁଛ । ହୁଏତ ଗୋଟିଏ ଆଦର୍ଶକୁ ଧର, ତାହାରିକୁ ଡେଇଁପଡ଼ ଏବଂ ତା' ପାଇଁ ଜୀବନକୁ ଉତ୍ସର୍ଗ କର; କିମ୍ବା ଅଳ୍ପରେ ସନ୍ତୁଷ୍ଟ ରୁହ ଓ ବାସ୍ତବବାଦୀ ହୁଅ; ଆଦର୍ଶକୁ ଶ୍ରେଷ୍ଠ କରି ବିବାହ କର ଓ ସୁଖରେ ଜୀବନ ଯାପନ କର । ହୁଏତ 'ଭୋଗ' ନୋହିଲେ 'ଯୋଗ'—ହୁଏତ, ଏହି ଜୀବନଟାକୁ ଉପଭୋଗ କର ଅଥବା ସବୁକିଛି ଛାଡ଼ିଛୁଡ଼ି ଦେଇ ଯୋଗୀ ହୁଅ; ଦୁଇଟି ଏକ-ସଙ୍ଗରେ ଲାଭ କରିବାର ସାଧ କାହାରି ନାହିଁ । ଏଡିକିବେଳେ ନ ହେଲେ କେବେ ହେବ ନାହିଁ; ଶୀଘ୍ର ଗୋଟିକୁ ବାଛିନିଅ । କଥାରେ କହନ୍ତି, 'ଯେ ଖୁବ୍ ଟିକିନିଖି ବିଚାର କରେ, ତା' ଭାଗ୍ୟରେ କିଛି ଜୁଟେ ନାହିଁ ।' ସେଥିପାଇଁ ଆନ୍ତରିକ ଭାବରେ, ଖାଣ୍ଟି ଭାବରେ ଆମରଣ ସଙ୍କଳ୍ପ ନେଇ 'ଲଢ଼ାଇ ପାଇଁ ପ୍ରସ୍ତୁତ ହୁଅ', ଦର୍ଶନ ବା ବିଜ୍ଞାନ, ଧର୍ମ ବା ସାହିତ୍ୟ—ଯେ କୌଣସି ଗୋଟିକୁ ଅବଲମ୍ବନ କର ଏବଂ ଅବଶିଷ୍ଟ ଜୀବନରେ ତାହା ହିଁ ତୁମର ଉପାସ୍ୟ

ଦେବତା ହେଉ । ହୁଏତ ସୁଖୀ ହୁଅ ନଚେତ୍ ମହତ୍ ହୁଅ । ତୁମ ପ୍ରତି ଓ ଇସାବେଲ୍ ପ୍ରତି ମୋର ଟିକିଏ ହେଲେ ସହାନୁଭୂତି ନାହିଁ; ତୁମେମାନେ ଏଥିରେ ନାହଁ କି ସେଥିରେ ନାହଁ । ତୁମେମାନେ ମଧ୍ୟ ହାରିଏଟ୍‌ ପରି ଠିକ୍ ପଥଟି ବାଛି ନେଇ ସୁଖୀ ହୁଅ, କିମ୍ବା ମହାଯଶସ୍ୱୀ ହୁଅ—ଏହା ମୁଁ ଦେଖିବାକୁ ଚାହେଁ । କେବଳ ପାନ ଭୋଜନ ସଜ୍ଜା ଓ ସେତେ ବାଜେ ସାମାଜିକ ଚାଲିଚଳନ ପିଲାଳିଆଙ୍କ ଭିତରେ ଗୋଟିଏ ଜୀବନକୁ ବିତାଇ ଦେବା ଚଳେ ନାହିଁ—ବିଶେଷତଃ ମେରି, ତୁମର । ଅଦ୍ଭୁତ ମସ୍ତିଷ୍କ ଓ କର୍ମକୁଶଳତାକୁ ତୁମେ କାମରେ ନ ଲଗାଇ ନଷ୍ଟ କରି ପକାଉଛ, ଯାହାର କି କୌଣସି ସଙ୍ଗତ କାରଣ ନାହିଁ । ବଡ଼ ହେବାର ଉଚ୍ଚାଶା ତୁମକୁ ରଖିବାକୁ ହେବ । ମୁଁ ଜାଣେ ମୋର ଏହି ରୂଢ଼ ମନ୍ତବ୍ୟଗୁଡ଼ିକୁ ତୁମେ ଠିକ୍ ଭାବରେ ବୁଝିବ, କାରଣ ତୁମେ ଜାଣ ଯେ, ମୁଁ ତୁମମାନଙ୍କୁ 'ଭଉଣୀ' ବୋଲି ଡାକେ—ତା' ଅପେକ୍ଷା ବେଶୀ ତୁମମାନଙ୍କୁ ମନେକରେ । ମୋର ଅନେକଦିନରୁ ଏହି କଥା ତୁମକୁ କହିବାର ଇଚ୍ଛା ଥିଲା, ଏବଂ ଅଭିଜ୍ଞତା ଜମୁଛି, ତେଣୁ କହିବାର ଆବେଗରେ କହି-ପକାଇଲି । ହାରିଏଟ୍‌ର ଆନନ୍ଦ-ସମ୍ବାଦ ମୋତେ ଏକଥା କହିବାକୁ ଉତ୍ସାହିତ କରିଛି । ତୁମେ ବିବାହ କରିଛ ଏବଂ ସଂସାରରେ ଯେତେଟା ସୁଖୀ ହେବାର କଥା ସେତେଟା ସୁଖୀ ହୋଇଛ, ଏକଥା ଶୁଣିଲେ ମୁଁ ଖୁବ ଆନନ୍ଦିତ ହେବି, ଅଥବା ଏକଥା ମୁଁ ଶୁଣିବାକୁ ଚାହେଁ ଯେ ତୁମେ ବଡ଼ ବଡ଼ କାର୍ଯ୍ୟ କରୁଛ ।

ଜର୍ମାନୀରେ ଅଧ୍ୟାପକ ଡଏସନ୍‌ଙ୍କ ପାଖକୁ ଯାଇ ବେଶ୍ ଆନନ୍ଦ ପାଇଲି । ତୁମେ ନିଶ୍ଚୟ ଏହି ଶ୍ରେଷ୍ଠ ଜର୍ମନ୍ ଦାର୍ଶନିକଙ୍କର ନାମ ଶୁଣିଛ । ସେ ଓ ମୁଁ ଏକ ସଙ୍ଗରେ ଇଂଲଣ୍ଡ ଭ୍ରମଣ କରିଛୁ ଓ ଆଜି ଉଭୟେ ଏଠାରେ ମୋର ଏକ ବନ୍ଧୁଙ୍କ ସହିତ ଦେଖା କରିବାକୁ ଆସିଛୁଁ—ମୋର ଇଂଲଣ୍ଡରେ ରହିବାର ଅବଶିଷ୍ଟ କେତେକ ଦିନ ତାଙ୍କ ପାଖରେ କଟାଇବି । ଡଏସନ୍ ସଂସ୍କୃତ କହିବାକୁ ଖୁବ୍ ଭଲପାଆନ୍ତି ଏବଂ ପାଶ୍ଚାତ୍ୟ ଦେଶରେ ସଂସ୍କୃତ ପଣ୍ଡିତମାନଙ୍କ ମଧ୍ୟରେ ଏକମାତ୍ର ସେ ହିଁ ସଂସ୍କୃତରେ କଥା କହିପାରନ୍ତି । ସେ ତାହା ଅଭ୍ୟାସ କରିବାକୁ ଚାହାଁନ୍ତି ବୋଲି ମୋ ସଙ୍ଗେ ସଂସ୍କୃତ ଛଡ଼ା ଅନ୍ୟ କୌଣସି ଭାଷାରେ କଥା କହନ୍ତି ନାହିଁ ।

ମୁଁ ଏଠାରେ ବନ୍ଧୁମାନଙ୍କ ମେଳରେ ଆସି ପହଞ୍ଚିଛି, କେତେକ ସପ୍ତାହ ଏଠାରେ କାର୍ଯ୍ୟ କରିବି ଏବଂ ତା'ପରେ ଶୀତକାଳରେ ଭାରତବର୍ଷକୁ ଫେରିଯିବି ।

ସତତ ତୁମର ସ୍ନେହଶୀଳଭ୍ରାତା, ବିବେକାନନ୍ଦ

**୩୧୫ନଂ** (ଶ୍ରୀଯୁକ୍ତ ଆଲାସିଙ୍ଗା ପେରୁମଲଙ୍କୁ ଲିଖିତ)

ମାର୍ଫତ୍ ମିସ୍ ମୁଲର୍, ଏୟାର୍ଲି ଲଜ୍, ରିଜଓ୍ୱେ ଗାର୍ଡେନସ
ଉଇମ୍ବଲଡନ୍, ଇଂଲଣ୍ଡ, ୨୨ ସେପ୍ଟେମ୍ବର ୧୮୯୬

ପ୍ରିୟ ଆଲାସିଙ୍ଗା,

ମ୍ୟାକ୍ସମୁଲର୍‌ଙ୍କ ଲିଖିତ ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧୀୟ ଯେଉଁ ପ୍ରବନ୍ଧଟି ପଠାଇଥିଲି ତାହା ତୁମେ ନିଶ୍ଚୟ ପାଇଛ । ସେ ସେହି ପ୍ରବନ୍ଧରେ ମୋ ନାମ ଉଲ୍ଲେଖ କରିନଥିବାରୁ ତୁମେ

ଦୁଃଖିତ ହୁଅ ନାହିଁ, କାରଣ ମୋ ସହିତ ପରିଚିତ ହେବାର ଛଅମାସ ଆଗରୁ ସେ ଏହି ପ୍ରବନ୍ଧଟି ଲେଖିଥିଲେ । ତା' ଛଡ଼ା ମୂଳ ବିଷୟରେ ସେ ଯଦି ଠିକ୍ ଥାଆନ୍ତି, ତେବେ କାହାର ନାମ କଲେ ବା ନ କଲେ, ଏଥିପାଇଁ କାହିଁକି କାହାର ମୁଣ୍ଡ ବଥାଇବ !

ଜର୍ମାନୀରେ ପ୍ରଫେସର୍ ଡୟସନ୍‌ଙ୍କ ସଙ୍ଗରେ ମୋର କାଳ୍ଛେଦନ ଖୁବ୍ ସୁନ୍ଦର ଭାବରେ କଟିଛି । ତା'ପରେ ଆମେ ଦୁଇଜଣ ଲଣ୍ଡନ ଆସିଲୁ । ଏଥିମଧ୍ୟରେ ଆମ ଦୁଇଜଣଙ୍କ ମଧ୍ୟରେ ଖୁବ୍ ସୌହାର୍ଦ୍ଦ୍ୟ ଜନ୍ମିଛି । ମୁଁ ଶୀଘ୍ର ତାଙ୍କ ସମ୍ବନ୍ଧରେ ତୁମକୁ ଗୋଟିଏ ପ୍ରବନ୍ଧ ପଠାଉଛି । ଏତକ କେବଳ ଦୟାକରି ମନେରଖ—ମୋର ପ୍ରବନ୍ଧର ପ୍ରାରମ୍ଭରେ ପୁରୁଣା ଢଙ୍ଗରେ 'ପ୍ରିୟ ମହାଶୟ' ଯେପରି ଛାପା ନ ହୁଏ । ରାଜଯୋଗର ବହିଖଣ୍ଡିକ ତୁମର ଦେଖିବା ସରିଛି କି ? ଆଗାମୀ ବର୍ଷ ପାଇଁ ତୁମ ପାଖକୁ ଗୋଟିଏ ନକ୍ସା ପଠାଇବି । ରୁଷିଆର ଜାର୍‌ଙ୍କ ଲେଖା ଖଣ୍ଡିଏ ଭ୍ରମଣବୃତ୍ତାନ୍ତ ବିଷୟକ ପୁସ୍ତକ ଉପରେ 'ଡେଲି କ୍ରନିକ୍‌ଲରେ' ଯେଉଁ ପ୍ରବନ୍ଧ ବାହାରିଥିଲା, ତାହା ତୁମ ନିକଟକୁ ପଠାଇଲି । ଯେଉଁ ପାରାଗ୍ରାଫ୍‌ରେ ସେ ଭାରତବର୍ଷକୁ ଧର୍ମଭୂମି ଓ ଜ୍ଞାନଭୂମି କହିଛନ୍ତି, ତାହା ତୁମ କାଗଜରେ ଉଦ୍ଧୃତ କରିବା ଉଚିତ; ତାହାପରେ ତାହା 'ଇଣ୍ଡିଆନ୍ ମିରର୍'କୁ ପଠାଇଦେବ ।

ଜ୍ଞାନଯୋଗର ବକ୍ତୃତାଗୁଡ଼ିକ ତୁମେ ଅନାୟାସରେ ଛାପିପାର, ଅଉ ଡାକ୍ତର ନଞ୍ଜୁଣ୍ଡରାଓ ମଧ୍ୟ ସହଜ ବକ୍ତୃତାଗୁଡ଼ିକୁ ତାଙ୍କର 'ପ୍ରବୁଦ୍ଧ ଭାରତ'ରେ ଛାପିପାରନ୍ତି । ତେବେ ସେଗୁଡ଼ିକ ଖୁବ୍ ଭଲ କରି ଦେଖିନେଇ ଛାପିବ ।··· ମୋର ବିଶ୍ୱାସ, ମୁଁ ପରେ ଲେଖିବା ପାଇଁ ଅଧିକ ସମୟ ପାଇବି । ଉତ୍ସାହରେ କାର୍ଯ୍ୟରେ ଲାଗିଯାଅ । ସମସ୍ତେ ମୋର ପ୍ରୀତି ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

ପୁଃ—ଯେଉଁ ଅଂଶଟି ଛାପିବାକୁ ହେବ, ତାହା ଚିହ୍ନଟ କରିଦେଇଛି—ବାକିଟା ଅବଶ୍ୟ ପତ୍ରିକା ପକ୍ଷରେ ଉପଯୁକ୍ତ ନୁହେଁ ।

ଯଥେଷ୍ଟ ପ୍ରବନ୍ଧ ଦେଇ କାଗଜଖଣ୍ଡିକୁ ବଡ଼ କରିପାରିବ, ଏପରି ଭରସା ଯଦି ନ ଥାଏ, ତେବେ ବର୍ତ୍ତମାନ ତାହାକୁ ମାସିକ ପତ୍ରିକାରେ ରୂପାନ୍ତର କରିବା ମୋର ଭଲ ମନେ ହେଉନାହିଁ । ଏପର୍ଯ୍ୟନ୍ତ ତ ପତ୍ରିକାର ଆକାର ଓ ପ୍ରବନ୍ଧଗୁଡ଼ିକ ଆଶାନୁରୂପ ନୁହେଁ । ଏବେ ସୁଦ୍ଧା ଅନେକ ବିଶାଳ କ୍ଷେତ୍ର ପଡ଼ିରହିଛି, ଯେଉଁଠାରେ ଆମେ ପ୍ରବେଶ କରିନାହୁଁ ; ଯଥା—ତୁଳସୀଦାସ, କବୀର, ନାନକ ଓ ଦକ୍ଷିଣ ଭାରତୀୟ ସାଧୁମାନଙ୍କ ଜୀବନ ଓ ବାଣୀ । ଏସବୁ ଅସାବଧାନ ଓ ଅସଙ୍ଗଠିତ ଭାବରେ ନ ଲେଖି ସଠିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଭାବରେ ଲେଖିବା ଉଚିତ । ପ୍ରକୃତ ପକ୍ଷରେ ଏହି ପତ୍ରିକାର ଆଦର୍ଶ ବେଦାନ୍ତ-ପ୍ରଚାର ତ ହେବ, ତା' ଛଡ଼ା ଏହା ଭାରତୀୟ ଗବେଷଣା ଓ ପାଣ୍ଡିତ୍ୟର ମୁଖପତ୍ର ହେବ—ଅବଶ୍ୟ ସେହି ଗବେଷଣାଦି ହେବ ଧର୍ମ ସମ୍ବନ୍ଧରେ । ତୁମର ଉଚିତ କଲିକତା ଓ ବମ୍ବେର ଶ୍ରେଷ୍ଠ ଲେଖକମାନଙ୍କ ସଂସ୍ପର୍ଶରେ ଆସିବା ଏବଂ ସେମାନଙ୍କ ନିକଟରୁ ଯତ୍ନ ସହକାରେ ଉଚିତ ପ୍ରବନ୍ଧ ସଂଗ୍ରହ କରିବା । ପୂର୍ଣ୍ଣ ଉଦ୍ୟମରେ କାର୍ଯ୍ୟରେ ଲାଗିପଡ଼ । ଇତି

—ବି.

୩୧୭ ସଂ

୧୪, ଗ୍ରେକୋଟ୍ ଗାର୍ଡେନ୍ସ,
ଓ୍ୱେଷ୍ଟମିନିଷ୍ଟର୍, ଲଣ୍ଡନ, ୧୮୯୬

ପ୍ରିୟ ଆଲାସିଙ୍ଗା,

ମୁଁ ପ୍ରାୟ ତିନିସପ୍ତାହ ହେଲା ସୁଇଜରଲାଣ୍ଡରୁ ଫେରିଛି; କିନ୍ତୁ ତୁମକୁ ଏପର୍ଯ୍ୟନ୍ତ ବିସ୍ତାରିତ ପତ୍ର ଲେଖିପାରି ନାହିଁ । ମୁଁ ଗତ ମେଲ୍‌ରେ (ଡାକରେ) କିଏଲ-ନିବାସୀ ପଲ୍ ଡୟସନ୍‌ଙ୍କ ସମ୍ବନ୍ଧରେ ଏକ ପ୍ରବନ୍ଧ ପଠାଇଛି । ଷ୍ଟର୍ଡିର କାଗଜ ବାହାର କରିବାର ମତଲବ ଏପର୍ଯ୍ୟନ୍ତ ମଧ୍ୟ କିଛି କାର୍ଯ୍ୟରେ ପରିଣତ ହୋଇ ନାହିଁ । ତୁମେ ତ ଦେଖିପାରୁଛ, ମୁଁ ହେଣ୍ଡ କର୍ଲେସ ରୋଡ୍‌ର ବସା ଛାଡ଼ି ଆସିଛି । ମୋର ଗୋଟିଏ ବକ୍ତୃତା ଦେବାର ସ୍ଥଳ ହୋଇଛି । ୩୯ ଭିକ୍ଟୋରିଆ ଷ୍ଟ୍ରୀଟ, ଇ. ଟି. ଷ୍ଟର୍ଡିଙ୍କ ଘର—ଏହି ଠିକଣାରେ ଏକବର୍ଷ ପର୍ଯ୍ୟନ୍ତ ପତ୍ରାଦି ଆସିଲେ ମୋ ନିକଟରେ ପହଞ୍ଚିବ । ଗ୍ରେକୋଟ୍ ଗାର୍ଡନ୍‌ରେ ଯେଉଁ ଘରଗୁଡ଼ିକ ଅଛି ତାହା ମୋର ଓ ଅନ୍ୟ ସନ୍ନ୍ୟାସୀମାନଙ୍କ ରହିବା ଉଦ୍ଦେଶ୍ୟରେ ମାତ୍ର ତିନିମାସ ଲାଗି ଭଡ଼ା ନିଆହୋଇଛି । ଲଣ୍ଡନର କାର୍ଯ୍ୟ ଦିନକୁଦିନ ବଢ଼ିଚାଲିଛି । ଯେତେଦିନ ଯାଉଛି, କ୍ଲାସ୍‌ରେ ସେତେ ଅଧିକ ଲୋକସମାଗମ ହେଉଛି । ଶ୍ରୋତୃ-ସଂଖ୍ୟା ଯେ ଏହି ହାରରେ କ୍ରମଶଃ ବଢ଼ୁଥିବ, ସେଥିରେ ମୋର କୌଣସି ସନ୍ଦେହ ନାହିଁ । ଆଉ ଇଂରେଜ ଜାତି ଖୁବ୍ ଦୃଢ଼ପ୍ରକୃତି ଓ ନିଷ୍ଠାବାନ୍ । ଅବଶ୍ୟ ମୁଁ ଚାଲିଗଲେ ଯେତେଟା ଗଢ଼ାଯାଇଛି, ତାହାର ଅଧିକାଂଶ ପଡ଼ିଯିବ । କିନ୍ତୁ ତା'ପରେ ହୁଏତ କୌଣସି ଅପ୍ରତ୍ୟାଶିତ ଘଟଣା ହେବ, ହୁଏତ କୌଣସି ଦୃଢ଼ଚେତା ବ୍ୟକ୍ତି ଆସି ଏହି କାର୍ଯ୍ୟର ଭାର ଗ୍ରହଣ କରିବେ—ପ୍ରଭୁ ଜାଣନ୍ତି, କେଉଁଥିରେ ଭଲ ହେବ ।

ଆମେରିକାରେ ବେଦାନ୍ତ ଓ ଯୋଗଶିକ୍ଷା ଦେବା ଲାଗି ୨୦ଜଣ ପ୍ରଚାରକଙ୍କର ସ୍ଥାନ ହୋଇପାରେ; କିନ୍ତୁ କେଉଁଠାରେ ବା ପ୍ରଚାରକ ମିଳିବେ, ଆଉ ସେମାନଙ୍କୁ ଆଣିବା ଲାଗି ଟଙ୍କା ବା କାହିଁ ? ଯଦି କେତେଜଣ ଦୃଢ଼ଚେତା ଖାଣ୍ଟି ଲୋକ ମିଳନ୍ତି, ତେବେ ଦଶବର୍ଷ ମଧ୍ୟରେ ଯୁକ୍ତରାଜ୍ୟର ଅର୍ଦ୍ଧେକ ଜୟକରି ହେବ । କେଉଁଠି ସେପରି ଲୋକ ? ଆମେ ଯେ ସମସ୍ତେ ବୃଥାଭିମାନୀମାନଙ୍କର ଦଳ—ସ୍ୱାର୍ଥପର, କାପୁରୁଷ—ମୁହଁରେ ସ୍ୱଦେଶହିତୈଷିତାର କେତେ ଗୁଡ଼ିଏ ବାଜେ ବୋଲି ଅଭଡ଼ାଉଛୁ, ଆଉ ଆମେମାନେ 'ମହାଧାର୍ମିକ' ଏହି ଅଭିମାନରେ ଫୁଲି ରହିଛୁ ! ମାନ୍ଦ୍ରାଜୀମାନେ ଅପେକ୍ଷାକୃତ ତତ୍ପର ଓ ଏକନିଷ୍ଠ; କିନ୍ତୁ ହତଭାଗାଗୁଡ଼ାକ ସମସ୍ତେ ହିଁ ବିବାହିତ ! ବିବାହ, ବିବାହ, ବିବାହ ! ପାଷଣ୍ଡଗୁଡ଼ାକ ଯେପରି ସେହି ଗୋଟିଏ କର୍ମେନ୍ଦ୍ରିୟ ନେଇ ଜନ୍ମିଛନ୍ତି !… ମୁଁ ଖୁବ୍ କଡ଼ା କଥା କହିଲି; କିନ୍ତୁ ବତ୍ସ, ମୁଁ ଚାହେଁ ଏଭଳି ଲୋକ—ଯେଉଁମାନଙ୍କର ପେଶୀସମୂହ ଲୌହପରି ଦୃଢ଼ ଓ ସ୍ନାୟୁ ଇସ୍ପାତନିର୍ମିତ, ଆଉ ତା' ମଧ୍ୟରେ ଥିବ ଏଭଳି ଗୋଟିଏ ମନ, ଯାହା ବଜ୍ରର ଉପାଦାନରେ ଗଠିତ । ବୀର୍ଯ୍ୟ, ମନୁଷ୍ୟତ୍ୱ—କ୍ଷାତ୍ରବୀର୍ଯ୍ୟ, ବ୍ରହ୍ମତେଜ ! ଆମର ସୁନ୍ଦର ସୁନ୍ଦର ପିଲାମାନେ—ଯେଉଁମାନଙ୍କ ଉପରେ ସବୁ ଆଶା କରିଯାଏ, ସେମାନଙ୍କର ସବୁ ଗୁଣ, ସବୁ ଶକ୍ତି ଅଛି—କେବଳ ଯଦି ଏହିଭଳି ଲକ୍ଷ ଲକ୍ଷ ପିଲାଙ୍କୁ ବିବାହ ନାମରେ କଥିତ ଏହି ପଶୁତ୍ୱର ଯୂପକାଠରେ ହତ୍ୟା

କଖି ନ ଯାଆନ୍ତୁ ! ହେ ପ୍ରଭୋ, ମୋର କାତର କ୍ରନ୍ଦନପ୍ରତି କର୍ଣ୍ଣପାତ କର । ମାନ୍ଦ୍ରାଜ ସେତେବେଳେ ଜାଗିବ, ଯେତେବେଳେ ତା'ର ହୃଦୟର ଶୋଣିତସ୍ୱରୂପ ଅନ୍ତତଃ ଏକଶତ ଶିକ୍ଷିତ ଯୁବକ ସଂସାରରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ହୋଇ ଅଣ୍ଟା ଭିଡ଼ିବେ ଏବଂ ଦେଶଦେଶାନ୍ତରରେ ସତ୍ୟ ଲାଗି ଯୁଦ୍ଧ କରିବାକୁ ପ୍ରସ୍ତୁତ ହେବେ । ଭାରତର ବାହାରେ ଏକ ଆଘାତ ଦେଇ-ପାରିଲେ ତାହା ଭାରତ ଭିତରେ ଲକ୍ଷ ଆଘାତତୁଲ୍ୟ ହୁଏ । ଯାହା ହେଉ, ଯଦି ପ୍ରଭୁଙ୍କର ଇଚ୍ଛା ହୁଏ, ସବୁ ହେବ ।

ମୁଁ ତୁମମାନଙ୍କୁ ଯେଉଁ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲି, ମିସ୍ ମୁଲର୍ ସେହି ଟଙ୍କା ଦେବେ ବୋଲି କହିଥିଲେ । ମୁଁ ତାଙ୍କୁ ତୁମର ନୂତନ ପ୍ରସ୍ତାବ ବିଷୟ କହିଛି । ସେ ତାହା ଭାବି ଦେଖୁଛନ୍ତି । ଇତିମଧ୍ୟରେ ମୋ ବିବେଚନାରେ ତାଙ୍କୁ କିଛି କାର୍ଯ୍ୟ ଦେବା ଭଲ । ସେ 'ବ୍ରହ୍ମବାଦିନ୍' ଓ 'ପ୍ରବୁଦ୍ଧ ଭାରତ'ର ଏଜେଣ୍ଟ ହେବାକୁ ସ୍ୱୀକୃତ ଦେଇଛନ୍ତି । ତୁମେ ତାହାଙ୍କୁ ସେ ସମ୍ବନ୍ଧରେ ଯେପରି ଲେଖିବ । ତାଙ୍କର ଠିକଣା—ଏୟାର୍ଲି ଲଜ୍, ରିଜ୍‌ୱେ ଗାର୍ଡନ୍ସ, ଉଇମ୍ବଲ୍‌ଡନ୍, ଇଂଲଣ୍ଡ । ମୁଁ ଗତ ସପ୍ତାହ ତାଙ୍କର ଘରେ ବାସ କରୁଥିଲି । କିନ୍ତୁ ମୁଁ ଲଣ୍ଡନରେ ବାସ ନ କଲେ ଲଣ୍ଡନର କାର୍ଯ୍ୟ ଚାଲି ନ ପାରେ; ସୁତରାଂ ମୁଁ ବସା ବଦଳାଇଛି । ମିସ୍ ମୁଲର ଏଥିରେ କିଛିଏ ବିରକ୍ତ ହୋଇଛନ୍ତି—ସେଥିପାଇଁ ମୁଁ ମଧ୍ୟ ଦୁଃଖିତ । କିନ୍ତୁ କଅଣ କରିବ ! ଏହାଙ୍କ ପୂରାନାମ ମିସ୍ ହେନେରିଏଟା ମୁଲର୍ । ମ୍ୟାକ୍‌ସମୁଲର୍ ଭଦ୍ରଲୋକ ଅଧିକତର ମିତ୍ରଭାବାପନ୍ନ ହୋଇଛନ୍ତି । ମୋତେ ଅକ୍‌ସଫୋର୍ଡରେ ଶୀଘ୍ର ଦୁଇଟି ବକ୍ତୃତା ଦେବାକୁ ହେବ ।

ମୁଁ ବେଦାନ୍ତଦର୍ଶନ ସମ୍ବନ୍ଧରେ ବଡ଼ ଧରଣର ଗୋଟିଏ କିଛି ଲେଖିବାରେ ବ୍ୟସ୍ତ ଅଛି । ବେଦାନ୍ତର ବିବିଧ ଭାବ ପୋଷକ ଭିନ୍ନ ଭିନ୍ନ ବେଦରେ ଯେଉଁସବୁ ବାକ୍ୟ ଅଛି, ସେ ସମୁଦାୟ ମୁଁ ସଂଗ୍ରହ କରୁଛି । ତୁମେ ଯଦି ଏଭଳି ଗୋଟିଏ ଲୋକ ଯୋଗାଡ଼ କରିପାର, ଯେ ସଂହିତା, ବ୍ରାହ୍ମଣ, ଉପନିଷଦ୍ ଓ ପୁରାଣ ସକଳରୁ ପ୍ରଥମତଃ ଦ୍ୱୈତ, ପରେ ବିଶିଷ୍ଟାଦ୍ୱୈତ ଏବଂ ତତ୍ପରେ ସମ୍ପୂର୍ଣ୍ଣ ଅଦ୍ୱୈତବାଦାତ୍ମକ ଯଥାସମ୍ଭବ ଅଧିକ ଶ୍ଳୋକ ସଂଗ୍ରହ କରିଦେଇପାରେ, ତେବେ ମୋ ପାଇଁ ତାହା ଖୁବ୍ ସାହାଯ୍ୟପ୍ରଦ ହେବ । ସେହିଗୁଡ଼ିକୁ ବିଭିନ୍ନ ଶ୍ରେଣୀରେ ପୃଥକ୍ ରୂପେ ସନ୍ନିବେଶିତ କରିବାକୁ ହେବ ଏବଂ ପ୍ରତ୍ୟେକ ଶ୍ଳୋକଟି କେଉଁ ଗ୍ରନ୍ଥର କେଉଁ ଅଧ୍ୟାୟରୁ ଗୃହୀତ, ତାହା ଲେଖିବାକୁ ହେବ । ଲେଖାଗୁଡ଼ିକ ଯେପରି ଖୁବ୍ ପରିଷ୍କାର ହୁଏ । ବେଦାନ୍ତଦର୍ଶନର କିୟଦଂଶ ଅନ୍ତତଃ ପୁସ୍ତକାକାରରେ ଲିପିବଦ୍ଧ କରି ନ ରଖି ପାଶ୍ଚାତ୍ୟ ଦେଶରୁ ଚାଲିଯିବା ଭଲ ବୋଧ ହେଉନାହିଁ ।

ମହୀଶୂରରେ ତାମିଲ ଅକ୍ଷରରେ ସମଗ୍ର ୧୦୮-ଉପନିଷଦ୍-ସମନ୍ୱିତ ଖଣ୍ଡିଏ ଗ୍ରନ୍ଥ ପ୍ରକାଶିତ ହୋଇଥିଲା । ଅଧ୍ୟାପକ ଡଏସନ୍‌ଙ୍କ ପୁସ୍ତକାଗାରରେ ମୁଁ ତାହା ଦେଖିଲି । ତାହାର କଅଣ କୌଣସି ଦେବନାଗରୀ ସଂସ୍କରଣ ଅଛି ? ଯଦି ଥାଏ ତ ମୋତେ ଖଣ୍ଡିଏ ପଠାଇବ । ଯଦି ନ ଥାଏ, ମୋତେ ତାମିଲ-ସଂସ୍କରଣଟି ହିଁ ପଠାଇବ ଏବଂ ଖଣ୍ଡିଏ କାଗଜରେ ତାମିଲ ଅକ୍ଷରଗୁଡ଼ିକ (ସଂଯୁକ୍ତ ଅକ୍ଷରଗୁଡ଼ିକ ସହ) ପାଖରେ ଦେବନାଗରୀରେ ଲେଖି ପଠାଇବ—

ଯହିଁରେ ମୁଁ ତାମିଲ ଅକ୍ଷର ଶିଖିନେଇପାରିବି ।

ସେଦିନ ମୋ ସହିତ ସତ୍ୟେନାଥନ୍ ମହାଶୟଙ୍କର ଲଣ୍ଡନରେ ସାକ୍ଷାତ ହେଲା । ସେ ମୋତେ ବେଦାନ୍ତ ଉପରେ ତାଙ୍କର ଗୋଟିଏ ବକ୍ତୃତା ଏବଂ ତାଙ୍କର ମୃତା ସହଧର୍ମିଣୀକୃତ ଖଣ୍ଡିଏ ଉପନ୍ୟାସ ଉପହାର ପ୍ରଦାନ କଲେ । ସେ କହିଲେ, ମାନ୍ଦ୍ରାଜର ପ୍ରଧାନ ଆଂଗ୍ଲୋଇଣ୍ଡିଆନ୍ ପତ୍ର 'ମାନ୍ଦ୍ରାଜ ମେଲ୍'ରେ 'ରାଜଯୋଗ' ପୁସ୍ତକଖଣ୍ଡିକର ଗୋଟିଏ ଅନୁକୂଳ-ସମାଲୋଚନା ବାହାରିଛି । ମୁଁ ଶୁଣିଲି, ଆମେରିକାର ପ୍ରଧାନ ଶରୀରତତ୍ତ୍ୱବିତ୍ ଉକ୍ତ ପୁସ୍ତକରେ ପ୍ରକାଶିତ ମୋର ମତ ଓ ସିଦ୍ଧାନ୍ତସମୂହ ପାଠ କରି ମୁଗ୍ଧ ହୋଇଛନ୍ତି । ଏଥିସଙ୍ଗେ ପୁଣି ଇଂଲଣ୍ଡରେ କେତେଜଣ ବ୍ୟକ୍ତି ମୋର ମତଗୁଡ଼ିକ ସେହି ଉପହାସ କରିଛନ୍ତି । ଭଲ କଥା ! ମୋର ମତଗୁଡ଼ିକ ଅତି ସାହସପୂର୍ଣ୍ଣ, ପୁଣି ତାହାର ଅନେକାଂଶ ଲୋକଙ୍କ ନିକଟରେ ଚିରକାଳ ଅର୍ଥହୀନ ହୋଇ ରହିଯିବ । କିନ୍ତୁ ସେଥିରେ ଏପରି ସବୁ ବିଷୟର ଆଭାସ ଦିଆଯାଇଛି, ଯାହା ଶରୀରତତ୍ତ୍ୱବିଦ୍‌ଗଣ ଆହୁରି ଆଗରୁ ଗ୍ରହଣ କରିଥିଲେ ଭଲ କରିଥାନ୍ତେ । ଯାହା ହେଉ, ସେଉଁଠିକିକ ଫଳ ହୋଇଛି, ମୁଁ ସେଥିରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ । ମୋର ଭାବ ଏହି—ଲୋକେ ମୋ ବିରୋଧରେ କିଛି କହନ୍ତୁ, ସେଥିରେ କ୍ଷତି ନାହିଁ—କିନ୍ତୁ କିଛି କହନ୍ତୁ ।

ଅବଶ୍ୟ ଇଂଲଣ୍ଡର ସମାଲୋଚକଗଣ ଭଦ୍ର—ଆମେରିକାର ସମାଲୋଚକମାନଙ୍କ ଭଳି ବାଜେ କଥା କହନ୍ତି ନାହିଁ । ତା'ପରେ ଇଂଲଣ୍ଡର ସେଉଁସବୁ ମିଶନାରୀଙ୍କୁ ସେ ଦେଶରେ ଦେଖୁଛ, ସେମାନଙ୍କ ମଧ୍ୟରେ ପ୍ରାୟ ସମସ୍ତେ 'ଡିସେଣ୍ଟର' (ପ୍ରତିଷ୍ଠିତ ଚର୍ଚ୍ଚର ବିରୋଧୀ) । ସେମାନେ ଇଂଲଣ୍ଡର ଭଦ୍ରସମ୍ପ୍ରଦାୟଭୁକ୍ତ ନୁହନ୍ତି, ଏଠାକାର ଭଦ୍ରଲୋକଗଣଙ୍କ ମଧ୍ୟରେ ଯେଉଁମାନେ ଧାର୍ମିକ ସେମାନେ ସମସ୍ତେ 'ଚର୍ଚ୍ଚ ଅଫ ଇଂଲଣ୍ଡ'ର ଅନ୍ତର୍ଭୁକ୍ତ । ଇଂଲଣ୍ଡରେ ଡିସେଣ୍ଟରଗଣଙ୍କର ଅତି ସାମାନ୍ୟ ପ୍ରତିପତ୍ତି, ପୁଣି ସେମାନଙ୍କର ଶିକ୍ଷା ମଧ୍ୟ ନାହିଁ । ତୁମେ ମୋତେ ମଝେ ମଝେ ଯେଉଁମାନଙ୍କ ବିଷୟରେ ସାବଧାନ କରିଦେଉଛ, ମୁଁ ଏଠାରେ ସେମାନଙ୍କ କଥା ଆଦୌ ଶୁଣିବାକୁ ପାଉନାହିଁ । ସେମାନେ ଏଠାରେ ଅଜ୍ଞାତ ଓ ଅପରିଚିତ ଏବଂ ସେମାନେ ବାଜେ କଥା ବକିବାକୁ ସାହସ ମଧ୍ୟ ପାଆନ୍ତି ନାହିଁ । ଆଶା କରେ, ରାମକୃଷ୍ଣ ନାଇଡୁ ଏହା ମଧ୍ୟରେ ମାନ୍ଦ୍ରାଜରେ ପହଞ୍ଚିଛନ୍ତି ଏବଂ ତୁମମାନଙ୍କର ମଧ୍ୟ ସର୍ବାଙ୍ଗୀନ କୁଶଳ ।

ହେ ବୀରହୃଦୟ ବାଳକଗଣ, ଅଧ୍ୟବସାୟସମ୍ପନ୍ନ ହୁଅ । ଆମର କାର୍ଯ୍ୟ ଏବେ ମାତ୍ର ଆରମ୍ଭ ହୋଇଛି । କେବେହେଲେ ନିରାଶ ହୁଅ ନାହିଁ, କେବେହେଲେ କୁହ ନାହିଁ, 'ଆଉ ନୁହେଁ, ଯଥେଷ୍ଟ ହୋଇଛି ।' ମୁଁ ଟିକିଏ ସମୟ ପାଇଲେ ହିଁ 'ପ୍ରବୁଦ୍ଧ ଭାରତ' ପାଇଁ ଗୋଟା-କେତେ ଗଳ୍ପ ଲେଖିବି । ଅଭେଦାନନ୍ଦଙ୍କ ହାତରେ ମାନନୀୟ ସୁବ୍ରହ୍ମଣ୍ୟ ଆୟାର୍ ଦୟାକରି ଯେଉଁ ସମାଚାର ପଠାଇଛନ୍ତି, ସେଥିପାଇଁ ତାଙ୍କୁ ମୋ ହୃଦୟର କୃତଜ୍ଞତା ଜଣାଇବ ।

ତୁମର ଚିରପ୍ରେମାବଦ୍ଧ, ବିବେକାନନ୍ଦ

**ପୁଃ—ପାଶ୍ଚାତ୍ୟ ଦେଶକୁ ଯେତେବେଳେ କେହି ଆସନ୍ତି ଏବଂ ବିଭିନ୍ନ ଜାତିଙ୍କ**

ଦେଖନ୍ତି, ସେତେବେଳେ ତାଙ୍କର ଅଖି ଖୋଲିଯାଏ । କେବଳ ଅନର୍ଥକ କଥା କହି ନୁହେଁ, ପରନ୍ତୁ ଭାରତରେ ଅମର କଅଣ ଅଛି, ଆଉ କଅଣ ନାହିଁ, ତାହା ସେମାନଙ୍କୁ ସ୍ପଷ୍ଟ ଦେଖାଇ ଦେଇ—ଏହି ଭାବରେ ହିଁ ମୁଁ ଦୃଢ଼ଚେତା କର୍ମୀଙ୍କର ଯୋଗାଡ଼ କରିଥାଏ । ମୋର ଇଚ୍ଛା ହୁଏ, ଅନ୍ତତଃ ଦଶଲକ୍ଷ ହିନ୍ଦୁ ସମଗ୍ର ଜଗତରେ ଭ୍ରମଣ କରନ୍ତୁ । ଇତି —ବି.

ପୁଃ—ତୁମ ପାଇଁ ଓ 'ପ୍ରବୁଦ୍ଧ ଭାରତ' ପାଇଁ ଲୁହାର ବ୍ଲକ୍ ସମେତ ନକ୍ସା ପଠାଇବ । ଇତି —ବି.

**୩୯୭ଇଂ** (ମିସ୍ ମାକ୍‌ଲଉଡ୍‌ଙ୍କୁ ଲିଖିତ)

C/o Miss Muller, ଉଇମ୍ବଲଡନ୍, ଇଂଲଣ୍ଡ
୭ ଅକ୍ଟୋବର ୧୮୯୬

ପ୍ରିୟ ଜୋ,

ପୁଣି ସେହି ଲଣ୍ଡନରେ ! ଆଉ କ୍ଲାସ୍‌ଗୁଡ଼ିକ ମଧ୍ୟ ଯଥାରୀତି ଆରମ୍ଭ ହୋଇଛି । ସଂସ୍କାରବଶତଃ ମୋର ମନ ସ୍ୱଭାବତଃ ସେହି ଚେନ୍ଦା ମୁହଁଟିକୁ ଖୋଜି ବୁଲୁଥିଲା, ଯେଉଁ ମୁଖମଣ୍ଡଳରେ କେବେ ନିରୁତ୍ସାହର ରେଖାପାତ ମଧ୍ୟ ହୁଏ ନାହିଁ, ଯାହା କେବେହେଲେ ପରିବର୍ତ୍ତିତ ହୁଏ ନାହିଁ, ପୁଣି ଯାହା ମୋତେ ସର୍ବଦା ସହାୟତା କରୁଥିଲା ଓ ଶକ୍ତି ଏବଂ ଉତ୍ସାହ ଦେଉଥିଲା । ଆଜି ଲଣ୍ଡନକୁ ଅସି କେତେ ସହସ୍ର ମାଇଲ ବ୍ୟବଧାନ ସତ୍ତ୍ୱେ ସେହି ମୁହଁଟି ମୋର ମନଶ୍ଚକ୍ଷୁ ସମ୍ମୁଖରେ ଭାସିଉଠିଲା; କାରଣ ସେହି ଅତୀନ୍ଦ୍ରିୟ ଭୂମିରେ ଦୂରତ୍ୱ ପୁଣି କେଉଁଠି ? ଯା ହେଉ, ତୁମେ ହିଁ ତୁମର ଶାନ୍ତିମୟ ଓ ବିଶ୍ରାମବହୁଳ ଘରକୁ ଫେରିଯାଇଛ—ଆଉ ମୋ ଭାଗ୍ୟରେ ଅଛି ସଦାବର୍ଦ୍ଧମାନ କର୍ମର ତାଣ୍ଡବ ! ତଥାପି ତୁମର ଶୁଭେଚ୍ଛା ସର୍ବଦା ମୋ ସଙ୍ଗରେ ବୁଲୁଛି—ନୁହେଁ କି ?

କୌଣସି ଏକ ନିର୍ଜନ ଗୁହାରେ ଯାଇ ଚୁପ୍‌କରି ବସି ରହିବା ହେଉଛି ମୋର ସ୍ୱାଭାବିକ ସଂସ୍କାର, କିନ୍ତୁ ପଛଆଡ଼ୁ ନିୟତି ମୋତେ ସମ୍ମୁଖକୁ ଠେଲିଦେଉଛି, ଅଉ ମୁଁ ଅଗେଇ ଚାଲିଛି ! ଅଦୃଷ୍ଟର ଗତି କିଏ ରୋଧ କରିବ ?

ଯୀଶୁଖ୍ରୀଷ୍ଟ ତାଙ୍କର Sermon on the Mount (ଶୈଳୋପଦେଶ)-ରେ ଏଭଳି କୌଣସି ଉକ୍ତି କାହିଁକି କରିନାହାନ୍ତି—'ଯେଉଁମାନେ ସଦା-ଆନନ୍ଦମୟ ଓ ସଦା-ଆଶାବାଦୀ ସେହିମାନେ ହିଁ ଧନ୍ୟ, କାରଣ ସ୍ୱର୍ଗରାଜ୍ୟଲାଭ ତ ତାଙ୍କର ହୋଇସାରିଛି' ? ମୋର ବିଶ୍ୱାସ ସେ ନିଶ୍ଚୟ ଏଭଳି କହିଥିଲେ, ଯଦିଓ ତାହା ଲିପିବଦ୍ଧ ହୋଇନାହିଁ; କାରଣ ସେ ବିଶାଳ ବିଶ୍ୱର ଅନନ୍ତ ଦୁଃଖ ଅନ୍ତରରେ ବହନ କରିଥିଲେ, ଏବଂ ସେ କହିଥିଲେ ଯେ, ସାଧୁର ମନ ଶିଶୁର ଅନ୍ତଃକରଣ ଭଳି । ତାଙ୍କର ସହସ୍ର ବାଣୀ ମଧ୍ୟରୁ ହୁଏତ ଗୋଟିଏ ବାଣୀ ଲିପିବଦ୍ଧ ହୋଇଛି, ଅର୍ଥାତ୍ ମନରେ ରଖାଯାଇଛି ।

ବର୍ତ୍ତମାନ ଫଳ ବାଦାମ ପ୍ରଭୃତି ମୋହର ପ୍ରଧାନ ଆହାର; ଏବଂ ସେଥିରେ ମୁଁ ଯେପରି ଭଲ ଅଛି । ଯଦି କେତେବେଳେ ସେହି ଅଜଣା 'ଉଚ୍ଚ ଦେଶର' ପୁରାତନ ଚିକିତ୍ସକଙ୍କ

ସହିତ ତୁମର ସାକ୍ଷାତ୍ ହୁଏ, ତେବେ ଏହି ରହସ୍ୟଟି ତାଙ୍କୁ କହିବ । ମୋର ଚର୍ବି ଅନେକ ପରିମାଣରେ କମିଯାଇଛି; ତେବେ ଯେଉଁଦିନ ବକ୍ତୃତା ଥାଏ ସେଦିନ ପେଟପୂରି କିଛି ଖାଇବାକୁ ପଡ଼େ । ହାଲିଷ୍ଟାର୍ କିପରି ଅଛି ? ତା' ଅପେକ୍ଷା ମଧୁରପ୍ରକୃତିର ବାଳକ ମୁଁ ଦେଖିନାହିଁ । ତା'ର ସାରାଜୀବନ ସବୁ ପ୍ରକାର ମଙ୍ଗଳରେ ମଣ୍ଡିତ ହେଉ !

ତୁମର ବନ୍ଧୁ କୋଲ୍ ପରି କଅଣ ଜରଥୁଷ୍ଟ୍ରଙ୍କ ମତବାଦ ସମ୍ବନ୍ଧରେ ବକ୍ତୃତା ଦେଉଛନ୍ତି ? ଅଦୃଷ୍ଟ ନିଶ୍ଚୟ ତାଙ୍କର ଖୁବ୍ ଅନୁକୂଳ ନୁହେଁ । ତୁମମାନଙ୍କର ମିସ୍ '—' ଏବଂ ଆମର '—'ର ଖବର କଅଣ ? ... ଆଉ ଆମର ମିସ୍ (ନାମ ଭୁଲିଯାଇଛି) କିପରି ? ଶୁଣିଲି ସମ୍ପ୍ରତି ଅର୍ଦ୍ଧଜାହାଜ ବୋଝେଇ—ହିନ୍ଦୁ, ବୌଦ୍ଧ, ମୁସଲମାନ ଏବଂ ଅଧିକର କେତେ କଅଣ ସମ୍ପ୍ରଦାୟର ସବୁ ଲୋକ ଆମେରିକାରେ ଉପସ୍ଥିତ ହୋଇଛନ୍ତି; ଆଉ ଦଳେ ଲୋକ ଯାଇ ଭାରତବର୍ଷରେ ଜୁଟିଛନ୍ତି—ଯେଉଁମାନେ ମହାତ୍ମା ଖୋଜି ବୁଲନ୍ତି, ଧର୍ମ ପ୍ରଚାର କରନ୍ତି, ଇତ୍ୟାଦି । ଚମତ୍କାର ! ଭାରତବର୍ଷ ଏବଂ ଆମେରିକା—ଏହି ଦୁଇଟି ଦେଶ ଯେପରି ଧର୍ମ ବିଷୟକ ଉତ୍ସାହ-ଉଦ୍ଦୀପନାର ଲୀଳାଭୂମି ବୋଲି ମନେହୁଏ । କିନ୍ତୁ କୋ, ସାବଧାନ ! ଏହି ବିଧର୍ମୀମାନଙ୍କ କୃତ କଳୁଷ ଅତି ମାରାତ୍ମକ ! ଆଜି ବାଟରେ ମାଦାମ୍ '—'ଙ୍କ ସହିତ ସାକ୍ଷାତ୍ ହେଲା । ସେ ଆଉ ଆଜିକାଲି ମୋ ବକ୍ତୃତାକୁ ଆସୁନାହାନ୍ତି । ତାହା ତାଙ୍କ ପକ୍ଷରେ ଭଲ; କାରଣ ଅତ୍ୟଧିକ ଦାର୍ଶନିକତା ଭଲ ନୁହେଁ ।

ସେହି ମହିଳାଙ୍କ କଥା କଅଣ ତୁମର ମନେଅଛି—ଯେ ମୋର ପ୍ରତି ବକ୍ତୃତାଶେଷରେ ଏପରି ସମୟରେ ଆସି ଉପସ୍ଥିତ ହେଉଥିଲେ, ଯେତେବେଳେ କିଛି ଶୁଣିପାରୁ ନ ଥିଲେ, କିନ୍ତୁ ବକ୍ତୃତା ଶେଷ ହେବା ସଙ୍ଗେ ସଙ୍ଗେ ଏପରି ଭାବରେ ମୋତେ ଅଟକାଇ ରଖୁଥିଲେ ଓ ଅନର୍ଗଳ ବକାଉଥିଲେ ଯେ, କ୍ଷୁଧାଜ୍ୱାଳାରେ ମୋର ପାକସ୍ଥଳୀରେ 'ୱାଟର୍ଲୁ'ର ମହାସମର ଉପସ୍ଥିତ ହେଉଥିଲା ? ସେ ଆସିଥିଲେ, ଅପର ସମସ୍ତେ ଆସୁଛନ୍ତି ଏବଂ ଅଧିକ ଆସିବେ । ଏସବୁ ଆନନ୍ଦର ବିଷୟ । ଆମର ବନ୍ଧୁମାନଙ୍କ ମଧ୍ୟରେ ପ୍ରାୟ ସମସ୍ତେ ଆସିଥିଲେ ଏବଂ ଗାଲସ୍‌ୱାର୍ଦିଙ୍କ ପରିବାରର ବିବାହିତା କନ୍ୟାମାନଙ୍କ ମଧ୍ୟରୁ ଜଣେ ମଧ୍ୟ ଆସିଥିଲେ । ମିସେସ୍ ଗାଲସ୍‌ୱାର୍ଦି ଆଜି ଆସିପାରି ନାହାନ୍ତି, କାରଣ ଯଥେଷ୍ଟ ପୂର୍ବରୁ ଖବର ପାଇନଥିଲେ । ବର୍ତ୍ତମାନ ଆମେ ଗୋଟିଏ 'ହଲ୍'—ବେଶ ବଡ଼ 'ହଲ୍' ପାଇଛୁ; ସେଥିରେ ଦୁଇଶତ କିମ୍ବା ତଦପେକ୍ଷା ଅଧିକ ଲୋକଙ୍କ ପାଇଁ ସ୍ଥାନ ହୋଇପାରେ । ଗୋଟିଏ ବଡ଼ କୋଣ ରହିଛି, ସେଠାରେ ଲାଇବ୍ରେରୀ ପ୍ରତିଷ୍ଠା କରିଦିବି । ସମ୍ପ୍ରତି ମୋତେ ସାହାଯ୍ୟ କରିବା ପାଇଁ ଭାରତବର୍ଷରୁ ଆଉ ଜଣେ ସନ୍ନ୍ୟାସୀ ଆସିଛନ୍ତି ।

ସୁଇଜରଲାଣ୍ଡ ଓ ଜର୍ମାନୀ ଉଭୟ ସ୍ଥାନ ମୋତେ ଭଲ ଲାଗିଥିଲା । ପ୍ରଫେସର୍ ଡୟସନ୍ ଖୁବ୍ ସଦୟ ବ୍ୟବହାର କରିଥିଲେ । ଆମେ ଉଭୟେ ଏକାସଙ୍ଗରେ ଲଣ୍ଡନ ଆସିଥିଲୁ ଏବଂ ଖୁବ ଆନନ୍ଦ ଅନୁଭବ କରିଥିଲୁ । ପ୍ରଫେସର୍ ମାକସ୍‌ମୁଲର୍ ମଧ୍ୟ ବେଶ୍ ବନ୍ଧୁଭାବାପନ୍ନ । ମୋଟ ଉପରେ ଇଂଲଣ୍ଡର କାର୍ଯ୍ୟ ବେଶ ପକ୍କା ହେଉଛି, ଏବଂ ଖ୍ୟାତନାମା ପଣ୍ଡିତମାନଙ୍କର ଆନୁକୂଲ୍ୟ ଦର୍ଶନରେ ମନେହୁଏ ଯେ, ତାହା ନିନ୍ଦା ବି ଅର୍ଜନ କରିଛି । ସମ୍ଭବତଃ ଏହି ଶୀତ

କାଳରେ କେତେକଣ ଇଂରେଜ ବନ୍ଧୁଙ୍କ ସହ ମୁଁ ଭାରତବର୍ଷକୁ ଯିବି । ମୋ ନିଜ ସମ୍ବନ୍ଧରେ ଆଜି ଏତିକି ।

ବର୍ତ୍ତମାନ ସେହି ନୈଷ୍ଠିକ ପରିବାରଟିର ସମ୍ବାଦ କଅଣ ? ସବୁ ବେଶ୍ ଚମତ୍କାର ଭାବରେ ଚାଲିଛି ବୋଲି ଆଶା କରେ । ଏହା ଭିତରେ ସକ୍ଦର ସମ୍ବାଦ ତୁମେ ପାଇଥିବ । ଯଥେଷ୍ଟ ଅର୍ଥ ଉପାର୍ଜନ ଆରମ୍ଭ କରି ନ ପାରିଲେ ସେ ମ୍ୟାବେଲ୍‌କୁ ବିବାହ କରିପାରିବ ନାହିଁ, ଏକଥା ଯାହାର ସ୍ପନ୍ଦନ ତାକୁ କହିପକାଇ ମୁଁ ହୁଏତ ତାକୁ ଖୁବ ବିରସମନ କରିଦେଇଛି । ମ୍ୟାବେଲ୍ କଅଣ ବର୍ତ୍ତମାନ ତୁମ ପାଖରେ ଅଛି ? ତାକୁ ମୋର ସ୍ନେହ ଜଣାଇବ ଆଉ ମୋତେ ତୁମର ବର୍ତ୍ତମାନର ଠିକଣା ଲେଖିବ । ମା କିପରି ଅଛନ୍ତି ? ଫ୍ରାନ୍‌ସିସ୍ ପୂର୍ବଭଳି ଠିକ୍ ସେହି ଖାଣ୍ଟି ଅମୂଲ୍ୟ ସୁନାଟି ଅଛନ୍ତି ନିଶ୍ଚୟ । ଅଲବାର୍ଟା ବୋଧହୁଏ ତା'ର ନିୟମାନୁଯାୟୀ ତାହାର ଗୀଆଣବଜାଣ, କାବ୍ୟଚର୍ଚ୍ଚା, ହସଖେଳ ଯେନ ରହିଛି ଏବଂ ଖୁବ୍ ପର୍ଯ୍ୟାପ୍ତ ଆପେଲ୍ ଖାଉଛି ?

ରାତି ଅନେକ ହୋଇଯାଉଛି; ସୁତରାଂ ଜୋ, ଆଜି ପାଇଁ ବିଦାୟ । (ନ୍ୟୁୟର୍କରେ କଅଣ ଆଦବ୍‌କାଇଦା ଠିକ୍ ଠିକ୍ ପାଳନ କରିବା ଦରକାର ? ) ପ୍ରଭୁ ନିରନ୍ତର ତୁମର କଲ୍ୟାଣ କରନ୍ତୁ ।··· ମୋର ଚିରସ୍ନେହ ଓ ଆଶୀର୍ବାଦ ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

ପୁଃ—ସେଭିଅର୍‌-ଦମ୍ପତି ତୁମକୁ ସେମାନଙ୍କର ଶୁଭେଚ୍ଛା ଜଣାଉଛନ୍ତି । ତାଙ୍କର ଘର (ଫ୍ଲାଟ)ରୁ ଏହି ଚିଠି ଲେଖୁଛି । ଇତି

—ବି.

**୩୯୮ଇଂ** (ମିସ୍ ଏଲେନ୍ ଓ୍ୱାଲ୍‌ଡୋ ବା ହରିଦାସୀ ନାମ୍ନୀ ଶିଷ୍ୟାଙ୍କୁ ଲିଖିତ)

ଉଇମ୍ବଲ୍‌ଡନ୍, ଇଂଲଣ୍ଡ, ୮ ଅକ୍ଟୋବର ୧୮୯୬

ପ୍ରିୟ ଓ୍ୱାଲ୍‌ଡୋ,

···ସୁଇଜରଲ୍ୟାଣ୍ଡରେ ମୁଁ ବେଶ୍ ବିଶ୍ରାମଲାଭ କରିଥିଲି ଏବଂ ଅଧ୍ୟାପକ ପଲ୍ ଡୟସନ୍‌ଙ୍କ ସଙ୍ଗରେ ମୋର ବିଶେଷ ବନ୍ଧୁତ୍ୱ ହୋଇଥିଲା । ବାସ୍ତବିକ ଅନ୍ୟାନ୍ୟ ସ୍ଥାନ ଅପେକ୍ଷା ଇଉରୋପରେ ମୋର କାର୍ଯ୍ୟ ଅଧିକତର ସନ୍ତୋଷଜନକ ହେଉଛି ଏବଂ ଭାରତବର୍ଷରେ ଏହାର ଗୋଟାଏ ଖୁବ୍ ପ୍ରତିଧ୍ୱନି ଉଠୁଛି । ଲଣ୍ଡନର କ୍ଲାସ୍ ପୁଣି ଆରମ୍ଭ ହୋଇଛି—ଆଜି ତାହାର ପ୍ରଥମ ବକ୍ତୃତା । ବର୍ତ୍ତମାନ ମୋର ନିଜର ଗୋଟିଏ 'ହଲ୍' ହୋଇଛି—ସେଥିରେ ଦୁଇଶତ ବା ତତୋଧିକ ଲୋକ ବସିବେ ।··· ତୁମେ ଅବଶ୍ୟ ଜାଣ, ଇଂରେଜମାନେ ଗୋଟିଏ ଜିନିଷକୁ କିପରି କାମୁଡ଼ିଧରି ରହିପାରନ୍ତି ଏବଂ ସବୁ ଜାତିଙ୍କ ମଧ୍ୟରେ ସେମାନେ ପରସ୍ପର ପ୍ରତି ସର୍ବାପେକ୍ଷା କମ୍ ଈର୍ଷାପରାୟଣ—ଏହି କାରଣରୁ ହିଁ ସେମାନେ ଜଗତ ଉପରେ ପ୍ରଭୁତ୍ୱ କରୁଛନ୍ତି । ଦାସସୁଲଭ ଖୋସାମଦ ଭାବ ଏକଦମ୍ ନ ରଖି ଆଜ୍ଞାନୁବର୍ତ୍ତୀ କିପରି ହେବାକୁ ପଡ଼େ—ଅପରିସୀମ ସ୍ୱାଧୀନତା ସଙ୍ଗରେ କିପରି କଠୋର ନିୟମ ମାନି ଚଳିହୁଏ—ସେମାନେ ତାହାର ରହସ୍ୟ ବୁଝିଛନ୍ତି ।

ଅଧ୍ୟାପକ ମାକ୍ସମୁଲର୍ ବର୍ତ୍ତମାନ ମୋର ବନ୍ଧୁ । ମୁଁ ଲଣ୍ଡନରେ ମାର୍କାମର୍ ହୋଇ- ଯାଇଛି । ର— ନାମକ ଯୁବକଟି ସମ୍ବନ୍ଧରେ ମୁଁ ଖୁବ୍ କମ୍ ଜାଣେ । ସେ ବଙ୍ଗାଳୀ ଏବଂ ଅଳ୍ପ ସଂସ୍କୃତ ପଢ଼ାଇପାରିବ । ତୁମେ ମୋର ଦୃଢ଼ ଧାରଣା ତ ଜାଣ—କାମ-କାଞ୍ଚନ ଯିଏ ଜୟ କରିପାରି ନାହିଁ, ତାକୁ ମୁଁ ବିଶ୍ୱାସ କରେ ନାହିଁ । ତୁମେ ତାକୁ ତତ୍ତ୍ୱମୂଳକ (theoretical) ବିଷୟ ଶିଖାଇବାକୁ ଦେଇ ଦେଖିପାର; କିନ୍ତୁ ସେ ଯେପରି ରାଜଯୋଗ ଶିଖାଇବାକୁ ନ ଯାଏ—ଯେଉଁମାନେ ଯଥାମତ ଶିକ୍ଷା ନ କରିଛନ୍ତି, ସେମାନଙ୍କ ପକ୍ଷରେ ତାହା ଯେମିତି ଖେଳ ଖେଳିବା ମହା ବିପଜ୍ଜନକ । ସାରଦାନନ୍ଦ ସମ୍ବନ୍ଧରେ କୌଣସି ଭୟ ନାହିଁ—ବର୍ତ୍ତମାନ ଭାରତର ସର୍ବଶ୍ରେଷ୍ଠ ଯୋଗୀ ତା' ଉପରେ ଆଶୀର୍ବାଣୀ ବର୍ଷଣ କରିଛନ୍ତି । ତୁମେ ଶିକ୍ଷା ଦେବାକୁ ଆରମ୍ଭ କରୁନାହଁ କାହିଁକି ?… ଏହି ର— ବାଳକଟି ଅପେକ୍ଷା ତୁମର ବହୁତ ବେଶୀ ଦର୍ଶନର ଜ୍ଞାନ ଅଛି । କ୍ଲାସ୍‌ର ନୋଟିସ୍ ବାହାର କର ଏବଂ ନିୟମିତ ଭାବରେ ଧର୍ମ- ଚର୍ଚ୍ଚା କର ଓ ବକ୍ତୃତା ଦେଉଥାଅ । ଶହେ ହିନ୍ଦୁ, ଏପରିକି, ମୋର ଜଣେ ଗୁରୁଭାଇ ଆମେରିକାରେ ଖୁବ ସଫଳତା ଲାଭ କରିଛନ୍ତି ଶୁଣିଲେ ଯେଉଁ ଆନନ୍ଦ ହୁଏ, ତୁମମାନଙ୍କ ଭିତରୁ ଜଣେ ସେଥିରେ ହାତ ଦେଇଛନ୍ତି ଦେଖିଲେ ମୁଁ ତାହାର ସହସ୍ରଗୁଣ ଆନନ୍ଦଲାଭ କରିବି । 'ମନୁଷ୍ୟ ଦୁନିଆ ଜୟ କରିବାକୁ ଚାହେଁ; କିନ୍ତୁ ନିଜ ସନ୍ତାନମାନଙ୍କ ନିକଟରେ ପରାଜୟ-ଇଚ୍ଛା କରେ ।' ଜଳାଅ, ଜଳାଅ—ଚାରିଆଡ଼େ ଜ୍ଞାନାଗ୍ନି ଜଳାଅ ।

ମୋର ଆନ୍ତରିକ ପ୍ରୀତି ଓ ଆଶୀର୍ବାଦ ଜାଣିବ । ଇତି ବିବେକାନନ୍ଦ

**୩୧୯ଇଂ** (ମିସେସ୍ ବୁଲ୍‌ଙ୍କୁ ଲିଖିତ)

ଉଇମ୍ବଲ୍‌ଡନ୍, ଇଂଲଣ୍ଡ, ୮ ଅକ୍ଟୋବର ୧୮୯୬

ପ୍ରିୟ—,

ଜର୍ମାନୀରେ ଅଧ୍ୟାପକ ଡୟସନ୍‌ଙ୍କ ସହିତ ମୋର ସାକ୍ଷାତ୍ ହୋଇଥିଲା । କିଏଲ୍ (Kiel)-ରେ ତାଙ୍କର ଅତିଥି ହୋଇଥିଲି । ଦୁହେଁ ସାଥୀ ହୋଇ ଲଣ୍ଡନ ଆସିଥିଲୁ ଏବଂ ଏଠାରେ ବି କେତେଥର ଦେଖାସାକ୍ଷାତ୍ ହୋଇ ଖୁବ୍ ଆନନ୍ଦଲାଭ ହୋଇଥିଲା ।… ଧର୍ମ ଓ ସମାଜ-ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଯଦିଓ ମୋର ସମ୍ପୂର୍ଣ୍ଣ ସହାନୁଭୂତି ଅଛି, ତଥାପି ମୁଁ ଦେଖିପାରୁଛି ଯେ, ପ୍ରତ୍ୟେକର କାର୍ଯ୍ୟର ବିଭିନ୍ନ ବିଭିନ୍ନ ବିଭାଗ ରଖିବା ଖୁବ୍ ଦରକାର । ଆମର ବିଶେଷ କାର୍ଯ୍ୟ ବେଦାନ୍ତପ୍ରଚାର । ଅନ୍ୟାନ୍ୟ କାର୍ଯ୍ୟରେ ସାହାଯ୍ୟ କରିବା ମଧ୍ୟ ଏହି ଏକ ଆଦର୍ଶର ଅନୁକୂଳ ହେବା ଦରକାର । ଆଶାକରେ, ଆପଣ ଏଇଟି ସାରଦାନନ୍ଦଙ୍କ ମନରେ ବଦ୍ଧମୂଳ କରିଦେବେ ।

ଆପଣ ଅଧ୍ୟାପକ ମ୍ୟାକ୍ସମୁଲର୍‌ଙ୍କର ଶ୍ରୀରାମକୃଷ୍ଣଙ୍କ ସମ୍ବନ୍ଧରେ ପ୍ରବନ୍ଧଟି ପାଠ କରିଛନ୍ତି କି ?… ଏଠାରେ ଇଂଲଣ୍ଡରେ ସବୁ ଯେପରି ଆମର ସହାୟକ ହୋଇଉଠୁଛି । କାର୍ଯ୍ୟର ଯେ କେବଳ ବିସ୍ତାର ହେଉଛି ସେତିକି ନୁହେଁ, ପରନ୍ତୁ ତାହା ସମ୍ମାନ ମଧ୍ୟ ପାଉଛି ।

ଆପଣମାନଙ୍କର ସ୍ନେହାଧୀନ, ବିବେକାନନ୍ଦ

୩୨୦ଇ*

'ଲଣ୍ଡନ, ୨୮ ଅକ୍ଟୋବର ୧୮୯୬

[ ୧୮୯୬ ଖ୍ରୀଷ୍ଟାବ୍ଦର ଶେଷଭାଗରେ ଡକ୍ଟର ବ୍ୟାରୋଜ୍‌ଙ୍କ ଭାରତବ୍ୟାପୀ ବକ୍ତୃତାବଳୀର ପ୍ରାକ୍‌କାଳରେ 'ଇଣ୍ଡିଆନ ମିରର୍' ନାମକ କାଗଜରେ ସ୍ୱାମୀଜୀ ତାଙ୍କର ଦେଶବାସୀଙ୍କ ନିକଟରେ ଡକ୍ଟର ବ୍ୟାରୋଜ୍‌ଙ୍କ ପରିଚୟ ଦେଇଥିଲେ ଏବଂ ତାଙ୍କୁ ଅଭିନନ୍ଦନ କରିବା ପାଇଁ ଅନୁରୋଧ କରି ଏକ ପତ୍ର ଦେଇଥିଲେ, ନିମ୍ନରେ ତହିଁର କିୟଦଂଶ ]

ଶିକାଗୋ ମହାମେଳାର ଅଙ୍ଗସ୍ୱରୂପ ମହାସଭାର ଧାରଣା କଳ୍ପନାକୁ ସାଫଲ୍ୟମଣ୍ଡିତ କରିବା ପାଇଁ ମିଷ୍ଟର ସି. ବନି ଡକ୍ଟର ବ୍ୟାରୋଜ୍‌ଙ୍କୁ ସହକାରୀ ନିଯୁକ୍ତ କରିବାଦ୍ୱାରା ଦକ୍ଷତମ ବ୍ୟକ୍ତିଙ୍କ ହସ୍ତରେ ହିଁ କାର୍ଯ୍ୟଭାର ଅର୍ପିତ ହୋଇଥିଲା ଏବଂ ଡକ୍ଟର ବ୍ୟାରୋଜ୍‌ଙ୍କ ନେତୃତ୍ୱରେ ସେହି ମହାସଭାଗୁଡ଼ିକର ଅନ୍ୟତମ ମହାସଭା (ଧର୍ମମହାସଭା) କିରୂପ ବୈଶିଷ୍ଟ୍ୟ ଲାଭ କରିଥିଲା, ତାହା ଆଜି ଇତିହାସପ୍ରସିଦ୍ଧ ।

ଡକ୍ଟର ବ୍ୟାରୋଜ୍‌ଙ୍କ ଅଭୂତ ସାହସିକତା, ଅଦମ୍ୟ ଉଦ୍ୟମ, ଅବିଚଳ ସହନଶୀଳତା ଓ ସହଜ ଭଦ୍ରତା ହିଁ ଏହି ମହାସଭାକୁ ଅପୂର୍ବ ସାଫଲ୍ୟମଣ୍ଡିତ କରିଥିଲା ।

ନିସ୍ସନ୍ଦେହ ଶିକାଗୋ ମହାସଭାକୁ ଅବଲମ୍ବନ କରି ଭାରତ, ଭାରତବାସୀ ଓ ଭାରତୀୟ ଚିନ୍ତା ଜଗତ୍ ସମକ୍ଷରେ ପୂର୍ବାପେକ୍ଷା ମଧ୍ୟ ଅଧିକତର ଉଜ୍ଜ୍ୱଳ ଭାବରେ ପ୍ରକଟିତ ହୋଇଛି ଏବଂ ଏହି ସ୍ୱଜାତୀୟ କଲ୍ୟାଣ ଲାଗି ସେହି ସଭାର ସମସ୍ତଙ୍କ ଅପେକ୍ଷା ଡକ୍ଟର ବ୍ୟାରୋଜ୍‌ଙ୍କ ନିକଟରେ ହିଁ ଆମେ ବେଶୀ ଋଣୀ ।

ତାହାଛଡ଼ା, ସେ ଆମମାନଙ୍କ ନିକଟରେ ଧର୍ମର ପବିତ୍ର ନାମ, ମାନବଜାତିର ଅନ୍ୟତମ ଶ୍ରେଷ୍ଠ ଆଚାର୍ଯ୍ୟଙ୍କ ନାମ ଗ୍ରହଣ କରି ଆସୁଛନ୍ତି ଏବଂ ମୋର ବିଶ୍ୱାସ—ନାଜାରେଥ୍‌ର ମହାପୁରୁଷଙ୍କ ପ୍ରବର୍ତ୍ତିତ ଧର୍ମ ସମ୍ବନ୍ଧରେ ତାଙ୍କର ବ୍ୟାଖ୍ୟା ଅତିଶୟ ଉଦାର ହେବ ଏବଂ ଆମମାନଙ୍କ ମନକୁ ଉନ୍ନତ କରିବ । ଈଶାଙ୍କ ଶକ୍ତିର ସେଉଁ ପରିଚୟ ସେ ଭାରତକୁ ଦେବାକୁ ଚାହାଁନ୍ତି, ତାହା ପରମତ-ଅସହିଷ୍ଣୁ ପ୍ରଭୁତ୍ୱବ୍ୟଞ୍ଜକ ଓ ଅନ୍ୟପ୍ରତି ଘୃଣାପୂର୍ଣ୍ଣ ମନୋବୃତ୍ତିରୁ ପ୍ରସୂତ ନୁହେଁ । ପରନ୍ତୁ ଭ୍ରାତୃରୂପେ—ଭାରତର ଉନ୍ନତକାମୀ ବିଭିନ୍ନ ଦଳର ସହକର୍ମୀ ଭ୍ରାତୃବର୍ଗଙ୍କ ଅନ୍ୟତମରୂପେ ଗଣ୍ୟ ହେବାର ଆକାଙ୍କ୍ଷା ନେଇ—ସେ ଯାଉଛନ୍ତି । ସର୍ବୋପରି ଆମମାନଙ୍କୁ ସ୍ମରଣ ରଖିବାକୁ ହେବ ଯେ, କୃତଜ୍ଞତା ଓ ଅତିଥେୟତା ହିଁ ଭାରତୀୟ ଜୀବନର ବୈଶିଷ୍ଟ୍ୟ; ତେଣୁ ମୋର ଦେଶବାସୀଙ୍କ ନିକଟରେ ଏହା ହିଁ ବିନୀତ ଅନୁରୋଧ—ପୃଥିବୀର ଅନ୍ୟ ପ୍ରାନ୍ତରୁ ଆଗତ ଏହି ବିଦେଶୀ ଭଦ୍ରବ୍ୟକ୍ତିଙ୍କ ପ୍ରତି ସେମାନେ ଏପରି ଆଚରଣ କରନ୍ତୁ, ଯେପରି ସେ ଦେଖିପାରିବେ ଯେ, ଆମର ଏହି ଦୁଃଖ, ଦାରିଦ୍ର୍ୟ ଓ ଅଧଃପତନ ମଧ୍ୟରେ ସୁଦ୍ଧା ଆମର ହୃଦୟ ସେହି ଅତୀତଭଳି ବନ୍ଧୁତ୍ୱପୂର୍ଣ୍ଣ ରହିଛି, ଯେତେବେଳେ ଭାରତ ଆର୍ଯ୍ୟଭୂମି ବୋଲି ପରିଚିତ ଥିଲା ଏବଂ ଯେତେବେଳେ ତାହାର ଐଶ୍ୱର୍ଯ୍ୟର ବିଷୟ ଜଗତର ସବୁ ଜାତିର ମୁହେଁ ମୁହେଁ ଉଚ୍ଚାରିତ ହେଉଥିଲା ।

୩୬୧ଇଂ (ଶ୍ରୀଯୁକ୍ତ ଆଲସିଙ୍ଗା ପେରୁମଲଙ୍କୁ ଲିଖିତ)

ଇ. ଟି. ଷ୍ଟର୍ଡିଙ୍କ ଘର, ଭିକ୍ଟୋରିଆ ଷ୍ଟ୍ରୀଟ, ଲଣ୍ଡନ
୨୮ ଅକ୍ଟୋବର ୧୮୯୬

ପ୍ରିୟ ଆଲସିଙ୍ଗା,

ମୁଁ ତୁମ 'ଭକ୍ତିଯୋଗ' ଓ 'ସାର୍ବଜନୀନ ଧର୍ମ' ପାଇଛି । ଆମେରିକାରେ 'ଭକ୍ତିଯୋଗ'ର ନିଶ୍ଚୟ ଖୁବ୍ କାଟତି ହେବ । କିନ୍ତୁ ଇଂଲଣ୍ଡରେ ଷ୍ଟର୍ଡିଙ୍କ ସଂସ୍କରଣ ଆଗରୁ ବାହାରି ଯାଇଥିବାରୁ ତୁମର ବିକ୍ରିର ରାସ୍ତା ବନ୍ଦ ହୋଇଯାଇଛି ବୋଲି ଆଶଙ୍କା ହୁଏ ।

ମୁଁ 'ବ୍ରହ୍ମବାଦିନ୍' ଓ 'ପ୍ରବୁଦ୍ଧ ଭାରତ' ସମ୍ବନ୍ଧରେ ତୁମକୁ ପୂର୍ବରୁ ସବିଶେଷ ଲେଖିଛି । 'ପ୍ରବୁଦ୍ଧ ଭାରତ' ପାଇଁ ଗୋଟିଏ ଗଳ୍ପ ଆରମ୍ଭ କରିଛି, ଶେଷ ହେଲେ ହିଁ ତୁମ ନିକଟକୁ ପଠାଇଦେବି ।

କେଉଁ ମାସରେ ଭାରତରେ ପହଞ୍ଚିବି ତାହା ଏବେ ମଧ୍ୟ ଠିକ୍ ହୋଇ ନାହିଁ । ପରେ ଏ ସମ୍ବନ୍ଧରେ ଲେଖିବି । ଗତକାଲି ଏକ ବନ୍ଧୁଭାବାପନ୍ନ ସମିତିର ସଭାରେ ନୂତନ ସ୍ୱାମୀ (ସ୍ୱାମୀ ଅଭେଦାନନ୍ଦ) ତାଙ୍କର ପ୍ରଥମ ବକ୍ତୃତା ଦେଲେ । ବେଶ୍ ହୋଇଥିଲି ଏବଂ ମୋତେ ଭଲ ଲାଗିଲା । ତାଙ୍କ ଭିତରେ ଭଲ ବକ୍ତା ହେବାର ଶକ୍ତି ରହିଛି—ଏହା ମୁଁ ନିଶ୍ଚୟ କରି କହିପାରେ ।

'ଭକ୍ତିଯୋଗ'ଟି 'ସାର୍ବଜନୀନ ଧର୍ମ' ଭଳି ସେପରି ସୁନ୍ଦର ଭାବରେ ଛପାଯାଇ ନାହିଁ । ମଲାଟରେ ବୋର୍ଡ ଦେଇଥିଲେ ବହିଖଣ୍ଡିକ ଦେଖିବାକୁ ମୋଟା ହୋଇଥାଆନ୍ତା, ଆଉ କ୍ରେତାମାନଙ୍କୁ ଖୁସି କରିବା ପାଇଁ ଅକ୍ଷରଗୁଡ଼ିକୁ ମୋଟା କରି ହୋଇଥାନ୍ତା ।

ଭଲ କଥା, ମୋର 'କର୍ମଯୋଗ' ଖଣ୍ଡିକ ଯେ ପ୍ରକାଶ କରିନାହିଁ—ଏହା ଲଜ୍ଜାର କଥା—ଅଥଚ ମୋର ପରାମର୍ଶ ନ ନେଇ ବହି ଖଣ୍ଡିକର ଗୋଟିଏ ଅଧ୍ୟାୟ ଛାପିଦେଇ ମୋତେ ବେକାଇଦାରେ ପକାଇଛ । ଆହୁରି ଦେଖ, ଭାରତରେ ବେଶୀ କାଟତି ପାଇଁ ବହିଗୁଡ଼ିକ ଶସ୍ତା ହେବା ଦରକାର । ଇଚ୍ଛା କଲେ ତୁମେ 'ରାଜଯୋଗ' ଖଣ୍ଡିକ ଛାପିପାର, ମୁଁ ଇଚ୍ଛା କରି ସେ ଖଣ୍ଡିକର କପିରାଇଟ୍ ନେଇ ନାହିଁ । ଯେତେବେଳେ ଇଚ୍ଛା ହେବ ସେତେବେଳେ ତାହାର ଗୋଟିଏ ଶସ୍ତା ସଂସ୍କରଣ ବାହାର କରିପାର । କିନ୍ତୁ ଆମେ ହିନ୍ଦୁମାନେ ଏପରି ମଠୁଆ ଯେ, ଆମ କାମ ଶେଷ ହେଉଣୁ ନ ହେଉଣୁ ସୁଯୋଗ ଚାଲିଯାଏ, ଆଉ ସେଥିରେ ଆମର କ୍ଷତି ହିଁ ସାର ହୁଏ । ତୁମର ଛପା ଇତ୍ୟାଦି କାମରେ ତତ୍ପର ହେବାକୁ ହେବ । ତୁମର 'ଭକ୍ତିଯୋଗ' ବାହାରିଲା ବର୍ଷେଖଣ୍ଡେ କଥାବାର୍ତ୍ତା ଚଳାଇବା ପରେ । ତୁମେ କଅଣ କହିବାକୁ ଚାହଁ ଯେ, ପାଶ୍ଚାତ୍ୟବାସୀମାନେ ମହାପ୍ରଳୟ ପର୍ଯ୍ୟନ୍ତ ସେଇଟା ପାଇଁ ଅପେକ୍ଷା କରି ରହିବେ ? ଏହି ହେଲା ଫଳରେ ତୁମର ସେହି ବହିର କାଟତି ଆମେରିକା ଓ ଇଂଲଣ୍ଡରେ ତିନି-ଚତୁର୍ଥାଂଶ କମିଯାଇଛି । ତା' ହେଲେ ତୁମେ 'କର୍ମଯୋଗ' ଛାପୁନାହଁ ଦେଖୁଛି; ଅଥଚ ତୁମ ମୁଣ୍ଡରେ କଅଣ ଭୂତ ପଶିଥିଲା ଯେ, ତୁମେ ଗୋଟିଏ ବକ୍ତୃତା ଛାପି ବସିରହିଛ ? ସେହି ହରମୋହନଟା ଗୋଟାଏ ମୂର୍ଖ; ବହି ଛପାଇବା ବିଷୟରେ ସେ ତୁମ

ମାନ୍ଦ୍ରାଜୀମାନଙ୍କଠାରୁ ମଧ୍ୟ ଖରାପ, ଆଉ ତାହାର ଛପା ଏକଦମ୍ କଦର୍ଯ୍ୟ । ବହିଗୁଡ଼ାକର ଏ ଭାବରେ ପ୍ରକାଶ କରିବାର ମାନେ କଅଣ ? ଦୁଃଖର ବିଷୟ ଯେ, ସେ ଗରିବ । ମୋର ଟଙ୍କା ଥିଲେ ତାହାକୁ ଦେଇଥାନ୍ତି; କିନ୍ତୁ ଏ ଭାବରେ ଛପାଇବା ଅର୍ଥ ତ ଲୋକମାନଙ୍କୁ ଠକିବା—ଯାହା କରିବା ଉଚିତ ନୁହେଁ ।

ଖୁବ୍ ସମ୍ଭବତଃ ମିଷ୍ଟର୍ ଓ ମିସେସ୍ ସେଭିଅର୍ ଏବଂ ମିସ୍ ମୁଲର୍ ଓ ମିଷ୍ଟର୍ ଗୁଡ଼ୱିନ୍‌ଙ୍କ ସଙ୍ଗରେ ଯେବେ ମୁଁ ଭାରତକୁ ଫେରିବି । ମିସ୍ ମୁଲର୍‌ଙ୍କୁ ତ ତୁମେ ଜାଣିଛ; କାପ୍ଟେନ୍ ଓ ମିସେସ୍ ସେଭିଅର୍ ସମ୍ଭବତଃ ଅନ୍ତତଃ କିଛିଦିନ ଆଲମୋଡ଼ାରେ ବାସ କରିବା ଲାଗି ଯାଉଛନ୍ତି; ଏବଂ ଗୁଡ଼ୱିନ୍ ସନ୍ନ୍ୟାସୀ ହେବେ । ସେ ଅବଶ୍ୟ ମୋ ସଙ୍ଗରେ ହିଁ ଭ୍ରମଣ କରିବେ । ଆମର ସବୁ ବହି ଲାଗି ଆମେ ତାଙ୍କର ପାଖରେ ଋଣୀ । ମୋର ବକ୍ତୃତାଗୁଡ଼ିକ ସେ ସାଙ୍କେତିକ ପ୍ରଣାଳୀରେ ଲେଖିରଖିଥିଲେ, ସେଥିରୁ ବହି ହୋଇଛି । ଅନ୍ୟମାନେ ହୋଟେଲରେ ବାସ କରିବାକୁ ଚାଲିଯିବେ; କିନ୍ତୁ ଗୁଡ଼ୱିନ୍ ମୋ ସଙ୍ଗରେ ବାସ କରିବେ । ତୁମର କଅଣ ମନେହୁଏ ଯେ, ଦେଶର ଲୋକେ ଏ ବିଷୟରେ ଅତି ବେଶୀ ଆପତ୍ତି କରିବେ ? ସେ ଖାଣ୍ଟି ନିରାମିଷାଶୀ ।

ତୁମେ ଇଚ୍ଛା କଲେ ମୋର 'ଜ୍ଞାନଯୋଗ'ର ବକ୍ତୃତାଗୁଡ଼ିକ ଛପାଇପାର । ତେବେ ଟିକିଏ ଭଲକରି ଦେଖିଦେବ ।··· ଏସବୁ ବକ୍ତୃତା ଯେମିତି ଯେମିତି ମନକୁ ଆସିଥିଲା କହି ଯାଇଥିଲି—ବିନ୍ଦୁମାତ୍ର ତିଆରି କରି କହିନାହିଁ,··· ତେଣୁ ଭଲକରି ଦେଖି ଛପାଇବା ଉଚିତ । ସାରଦାନନ୍ଦ ଓ କୃଷ୍ଣାନନ୍ଦଙ୍କୁ ମୋର ପ୍ରୀତି ଜଣାଇବ । ଇତି

ତୁମମାନଙ୍କର, ବିବେକାନନ୍ଦ

ପୁଃ—ଏଠାକାର ସମସ୍ତେ ପ୍ରୀତି ଜଣାଉଛନ୍ତି । ଡକ୍ଟର ବ୍ୟାରୋଜ୍‌ଙ୍କ ସମ୍ବନ୍ଧରେ ଓ ତାଙ୍କୁ କି ଭାବରେ ଅଭ୍ୟର୍ଥନା କରିବା ଉଚିତ ଏହି ବିଷୟରେ ଗୋଟିଏ ଛୋଟ ଲେଖା ମୁଁ ଆଜି 'ଇଣ୍ଡିଆନ୍ ମିରର୍'କୁ ପଠାଇଛି । ତୁମେ ମଧ୍ୟ ତାଙ୍କୁ ସ୍ୱାଗତ ଜଣାଇ 'ବ୍ରହ୍ମବାଦିନ୍'ରେ ଦୁଇଚାରିଟି ମିଠା କଥା ଲେଖିବ । ଇତି

—ବି.

**୩୨୨ଇଂ** (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

୧୪, ଗ୍ରେକୋର୍ଟ ଗାର୍ଡେନ୍‌ସ, ୱେଷ୍ଟ ମିନଷ୍ଟର, ଲଣ୍ଡନ
୧ ନଭେମ୍ବର ୧୮୯୬

ପ୍ରିୟ ମେରୀ,

'ସୁନା, ରୂପା ଏସବୁ କିଛି ମୋର ନାହିଁ, ତେବେ ଯାହା ମୋର ଅଛି, ତାହା ମୁକ୍ତ ହସ୍ତରେ ତୁମକୁ ଦେଉଛି'—ତାହା ଏହି ଜ୍ଞାନ ଯେ, ସ୍ୱର୍ଣ୍ଣର ସ୍ୱର୍ଣ୍ଣତ୍ୱ, ରୌପ୍ୟର ରୌପ୍ୟତ୍ୱ, ପୁରୁଷର ପୁରୁଷତ୍ୱ, ସ୍ତ୍ରୀର ସ୍ତ୍ରୀତ୍ୱ—ଏକ କଥାରେ ପ୍ରତ୍ୟେକ ବସ୍ତୁର ଯଥାର୍ଥ ସ୍ୱରୂପ ବ୍ରହ୍ମ । ଏହି ବ୍ରହ୍ମଙ୍କୁ ହିଁ ଆମେ ଅନାଦି କାଳରୁ ବହିର୍ଜଗତ ଭିତରେ ଉପଲବ୍ଧି କରିବାକୁ ଚେଷ୍ଟା କରୁଛୁ; ଆଉ ଏହି ଚେଷ୍ଟା ଫଳରେ ଆମ ମନରୁ ଏହି ସକଳ ଅଦ୍ଭୁତ ସୃଷ୍ଟି ବାହାରି ଆସୁଛି, ଯଥା—ପୁରୁଷ, ସ୍ତ୍ରୀ, ଶିଶୁ, ଦେହ, ମନ, ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରରାଜି, ଜଗତ୍, ପ୍ରୀତି,

ଘୃଣା, ଧନ, ସମ୍ପତ୍ତି, ଏବଂ ଭୂତ, ପ୍ରେତ, ଗନ୍ଧର୍ବ, କିନ୍ନର, ଦେବତା, ଈଶ୍ୱର ଇତ୍ୟାଦି ।

ପ୍ରକୃତ କଥା ଏହି ଯେ, ବ୍ରହ୍ମ ଆମ ଭିତରେ ହିଁ ରହିଛନ୍ତି ଏବଂ ଆମେ ହିଁ ସେ (ସୋଽହଂ), ସେହି ଶାଶ୍ୱତ ଦ୍ରଷ୍ଟା, ସେହି ଯଥାର୍ଥ 'ଅହମ୍', ଯେ କେବେହେଲେ ଇନ୍ଦ୍ରିୟଗୋଚର ନୁହନ୍ତି, ଏବଂ ଯାହାଙ୍କୁ ଅନ୍ୟାନ୍ୟ ଦ୍ରବ୍ୟଭଳି ଇନ୍ଦ୍ରିୟଗୋଚର କରିବାର ଏହି ଯେ ଚେଷ୍ଟା, ଏସବୁ ସମସ୍ତ ଓ ଧୀଶକ୍ତିର ବୃଥା ଅପବ୍ୟବହାର ମାତ୍ର ।

ଯେତେବେଳେ ଜୀବାତ୍ମା ଏହା ବୁଝିପାରେ, ସେତିକବେଳେ ସେ ଏହି ଜଗତ୍-ପରିକଳ୍ପନା-କ୍ରିୟାରୁ ନିବୃତ୍ତ ହୁଏ, ଏବଂ କ୍ରମଶଃ ଅଧିକତର ଭାବରେ ସ୍ୱୀୟ ଅନ୍ତଃସତ୍ତା ଉପରେ ପ୍ରତିଷ୍ଠିତ ହୋଇଥାଏ । ଏହାର ନାମ କ୍ରମବିକାଶ—ଏଥିରେ ଯେପରି ଶାରୀର ବିବର୍ତ୍ତନ କ୍ରମଶଃ କମି ଆସୁଥାଏ, ସେହିପରି ଅନ୍ୟଦିଗରେ ମନ ଉଚ୍ଚରୁ ଉଚ୍ଚତର ସୋପାନକୁ ଉଠୁଥାଏ; ମନୁଷ୍ୟ ହିଁ ପୃଥିବୀ ମଧ୍ୟରେ ଶ୍ରେଷ୍ଠତମ ବିକାଶ । 'ମନୁଷ୍ୟ' ଶବ୍ଦଟି ସଂସ୍କୃତ 'ମନ୍' ଧାତୁରୁ ସିଦ୍ଧ—ସୁତରାଂ ଏହାର ଅର୍ଥ ମନନଶୀଳ ପ୍ରାଣୀ—କେବଳ ଇନ୍ଦ୍ରିୟଦ୍ୱାରା ବିଷୟଗ୍ରହଣଶୀଳ ପ୍ରାଣୀ ନୁହେଁ । ଧର୍ମତତ୍ତ୍ୱରେ ଏହି କ୍ରମବିକାଶକୁ 'ତ୍ୟାଗ' ଆଖ୍ୟା ଦିଆଯାଇଛି । ସମାଜ-ଗଠନ, ବିବାହ-ପ୍ରଥାର ପ୍ରବର୍ତ୍ତନ, ସନ୍ତାନପ୍ରତି ପ୍ରୀତି, ସତ୍କାର୍ଯ୍ୟ, ସଂଯମ ଏବଂ ନୀତି—ଏସବୁ ବିଭିନ୍ନ ପ୍ରକାରର ତ୍ୟାଗାନୁଷ୍ଠାନ । ସାମାଜିକ ଜୀବନର ଅର୍ଥ ତୃଷ୍ଣା ବା ବାସନାନିଚୟର ସଂଯମ । ଜଗତରେ ଯେତେ ସମାଜ ବା ସାମାଜିକ ପ୍ରଥା ଦେଖାଯାଏ, ସେହିସବୁ ଗୋଟିଏ ବ୍ୟାପାରର ବିଭିନ୍ନ ଧାରା ଓ ସ୍ତରମାତ୍ର । ତାହା ହେଲା—ବାସନା ବା ଅଧିକନ୍ତୁ 'ମୁଁ'ର ବିସର୍ଜନ; ଏହି ଯେ ନିଜ ଭିତରୁ ବାହାରକୁ ଯେପରି ଡେଇଁ ପଡ଼ିବାର ଭାବ ରହିଛି, ଜ୍ଞାତା (Subject)-କୁ ଯେ ବିଷୟ ବା ଜ୍ଞେୟ (Object) ରୂପେ ପରିଣତ କରିବାର ଗୋଟିଏ ଚେଷ୍ଟା ରହିଛି, ତାହାକୁ ସମ୍ପୂର୍ଣ୍ଣ ଭାବରେ ପରିତ୍ୟାଗ କରିବା । ପ୍ରେମ ଏହି ଆତ୍ମ-ସମର୍ପଣ ବା ଇଚ୍ଛାଶକ୍ତି-ରୋଧର ସର୍ବାପେକ୍ଷା ସହଜ ଏବଂ ଅନାୟାସ-ସାଧ୍ୟ ପଥ, ଘୃଣା ତାହାର ବିପରୀତ ।

ଜନସାଧାରଣଙ୍କୁ ନାନା ପ୍ରକାର ସ୍ୱର୍ଗ, ନରକ ଓ ଆକାଶରେ ଊର୍ଦ୍ଧ୍ୱଦେଶନିବାସୀ ଶାସନକର୍ତ୍ତାଙ୍କ ଗଳ୍ପ ବା କୁସଂସ୍କାର ଦ୍ୱାରା ଭୁଲାଇ ଏହି ଏକମାତ୍ର ଲକ୍ଷ୍ୟ ଆତ୍ମସମର୍ପଣର ପଥରେ ପରିଚାଳିତ କରାଯାଇଛି । କିନ୍ତୁ ଜ୍ଞାନୀମାନେ କୁସଂସ୍କାରର ବଶବର୍ତ୍ତୀ ନ ହୋଇ ବାସନା-ବର୍ଜନ ଦ୍ୱାରା ଜ୍ଞାତସାରରେ ଏହି ପନ୍ଥାର ଅନୁବର୍ତ୍ତନ କରନ୍ତି ।

ଅତଏବ ଦେଖାଯାଉଛି ଯେ, ବାସ୍ତବ (objective) ସ୍ୱର୍ଗ ଅଥବା ଖ୍ରୀଷ୍ଟାନ୍ ପୁରାଣୋକ୍ତ 'ସୁଖର ସହସ୍ରବର୍ଷ'(millennium)-ର ଅସ୍ତିତ୍ୱ କେବଳ କଳ୍ପନାରେ ହିଁ ଅଛି । କିନ୍ତୁ ଆଧ୍ୟାତ୍ମିକ ସ୍ୱର୍ଗ ଆମ ହୃଦୟରେ ପୂର୍ବରୁ ହିଁ ବିଦ୍ୟମାନ । କସ୍ତୁରୀମୃଗ ମୃଗନାଭିର ଗନ୍ଧର କାରଣ ଅନୁସନ୍ଧାନ ପାଇଁ ଅନେକ ବୃଥା ଦୌଡ଼ାଦୌଡ଼ିର ଶେଷରେ ନିଜ ଦେହରେ ତାହାର ଅସ୍ତିତ୍ୱ ଜାଣିପାରିବ ।

ବାସ୍ତବ ଜଗତ—ସର୍ବଦା ଭଲମନ୍ଦର ମିଶ୍ରଣରୂପେ ବିଦ୍ୟମାନ ରହିବ, ଆଉ ମୃତ୍ୟୁରୂପ ଛାୟା ମଧ୍ୟ ଚିରଦିନ ଏହି ପାର୍ଥିବ ଜୀବନର ଅନୁସରଣ କରିବ; ପୁଣି ଜୀବନ ଯେତେ ଦୀର୍ଘ ହେବ, ଏହି ଛାୟା ମଧ୍ୟ ସେତେ ଦୀର୍ଘାୟିତ ହେବ । ସୂର୍ଯ୍ୟ ଯେତେବେଳେ ଠିକ୍ ଆମର ମୁଣ୍ଡ

ଉପରେ ଥାଏ, କେବଳ ସେତେବେଳେ ଆମର ଗ୍ଲାସ୍ଟା ପଡ଼େ ନାହିଁ—ସେହିଭଳି ଯେତେବେଳେ ଈଶ୍ୱର ଏବଂ ଶୁଭ ଓ ଅନ୍ୟାନ୍ୟ ସବୁ ମୋ ଭିତରେ ରହିଛନ୍ତି ବୋଲି ବୋଧହୁଏ, ସେତେବେଳେ ଆଉ ଅମଙ୍ଗଳ ରହେ ନାହିଁ । ବସ୍ତୁ-ଜଗତରେ ପ୍ରତ୍ୟେକ ଡିଗ୍ରୀ ସହିତ ପ୍ରତି-ଡିଗ୍ରୀ ଜଡ଼ିତ—ପ୍ରତ୍ୟେକ ଭଲଟି ସଙ୍ଗରେ ମନ୍ଦଟି ମଧ୍ୟ ଛାୟାଭଳି ରହିଛି । ପ୍ରତ୍ୟେକ ଉନ୍ନତି ସହିତ ଠିକ୍ ସମସ୍ତରର ଅବନତି ମଧ୍ୟ ସଂଯୁକ୍ତ ହୋଇ ରହିଛି । ତା'ର କାରଣ ଏହି ଯେ, ଭଲମନ୍ଦ ଦୁଇଟି ପୃଥକ୍ ବସ୍ତୁ ନୁହେଁ, ବସ୍ତୁତଃ ଏକ; ପରସ୍ପର ମଧ୍ୟରେ ପ୍ରକାରଗତ କୌଣସି ପ୍ରଭେଦ ନାହିଁ, ପ୍ରଭେଦ କେବଳ ପରିମାଣଗତ ।

ଆମର ଜୀବନ ନିର୍ଭର କରେ ଅପର ଉଦ୍ଭିଦ, ପ୍ରାଣୀ ବା ଜୀବାଣୁର ମୃତ୍ୟୁ ଉପରେ । ଆଉ ଗୋଟିଏ ଭୁଲ ଆମେ ପ୍ରତି ନିୟତ କରିଥାଉ—ତାହା ଏହି ଯେ, ଭଲ ଜିନିଷଟିକୁ ଆମେ କ୍ରମବର୍ଦ୍ଧମାନ ବୋଲି ମନେକରୁ, କିନ୍ତୁ ମନ୍ଦ ଜିନିଷଟାର ପରିମାଣ ନିର୍ଦ୍ଦିଷ୍ଟ ବୋଲି ଭାବୁ । ସେଥିରୁ ଆମେ ଏହି ସିଦ୍ଧାନ୍ତ କରୁ ଯେ, ପ୍ରତ୍ୟହ କିଛି କିଛି କରି ମନ୍ଦର କ୍ଷୟ ହୋଇ ଏକ ସମୟ ଆସିବ ଯେତେବେଳେ କେବଳମାତ୍ର ଭଲଟି ହିଁ ଅବଶିଷ୍ଟ ରହିବ । କିନ୍ତୁ ଏହି ଅପସିଦ୍ଧାନ୍ତଟି ଭ୍ରମାତ୍ମକ, କାରଣ ଏହା ଏକ ମିଥ୍ୟା ଯୁକ୍ତି ଉପରେ ପ୍ରତିଷ୍ଠିତ ।

ଜଗତରେ ଯଦି ଭଲଟି ବଢ଼ିଚାଲିଛି, ତାହାହେଲେ ମନ୍ଦଟି ମଧ୍ୟ ବଢ଼ୁଛି । ମୋର ସ୍ୱଜାତୀୟ ଜନସାଧାରଣଙ୍କ ବାସନା ଅପେକ୍ଷା ମୋର ନିଜର ବାସନା ଅନେକ ବଢ଼ିଯାଇଛି । ସେମାନଙ୍କ ଅପେକ୍ଷା ମୋର ଆନନ୍ଦବି ଅନେକ ବେଶୀ—କିନ୍ତୁ ମୋର ଦୁଃଖ ମଧ୍ୟ ଲକ୍ଷଗୁଣ ତୀବ୍ରତର ହୋଇଯାଇଛି । ଯେଉଁ ଶକ୍ତିର ସାହାଯ୍ୟରେ ତୁମେ ଭଲର ସାମାନ୍ୟମାତ୍ର ସ୍ପର୍ଶ ଅନୁଭବ କରିପାରୁଛ, ତାହା ହିଁ ପୁଣି ତୁମକୁ ମନ୍ଦର ଅତି କ୍ଷୁଦ୍ରାଂଶ ଟିକକ ପର୍ଯ୍ୟନ୍ତ ଅନୁଭବ କରାଉଛି । ଏକ ସ୍ନାୟୁମଣ୍ଡଳୀ ହିଁ ସୁଖଦୁଃଖ ଉଭୟର ଅନୁଭୂତି ବହନ କରେ ଏବଂ ଗୋଟିଏ ମନ ଉଭୟଙ୍କୁ ଅନୁଭବ କରେ । ଜଗତର ଉନ୍ନତି କହିଲେ ଯେପରି ଅଧିକ ସୁଖଭୋଗ ବୁଝାଏ, ସେହିପରି ଅଧିକ ଦୁଃଖଭୋଗ ମଧ୍ୟ ବୁଝାଏ । ଏହି ଯେ ଜୀବନ-ମୃତ୍ୟୁ, ଭଲ-ମନ୍ଦ, ଜ୍ଞାନ-ଅଜ୍ଞାନର ସମିଶ୍ରଣ, ଏହା ହିଁ ମାୟା ବା ପ୍ରକୃତି । ଅନନ୍ତକାଳ ଧରି ତୁମେ ଏହି ଜଗତ୍‌ଜାଲ ଭିତରେ ସୁଖର ଅନ୍ୱେଷଣ କରି ବୁଲିପାର; ସେଥିରେ ଅନେକ ସୁଖ ମିଳିବ, କିନ୍ତୁ ବହୁତ ଦୁଃଖ ମଧ୍ୟ ପାଇବ । କେବଳ ଭଲଟି ପାଇବ, ମନ୍ଦଟି ପାଇବ ନାହିଁ—ଏ ଆଶା ବାଳସୁଲଭ ବୁଦ୍ଧିହୀନତା ମାତ୍ର ।

ଦୁଇଟି ପଥ ଖୋଲି ରହିଛି—ଗୋଟିଏ (ଜଗତର ଉନ୍ନତିର) ସମସ୍ତ ଆଶାଭରସା ତ୍ୟାଗ କରି ଏ ଜଗତ୍ ଯେପରି ଚାଲିଛି ସେହି ଭାବରେ ହିଁ ଏହାକୁ ଗ୍ରହଣ କରିବା, ଅର୍ଥାତ୍ ମଝିରେ ମଝିରେ ଟିକିଏ ଅଧିକ ସୁଖ ଆଶାରେ ଜଗତର ସମସ୍ତ ଦୁଃଖକଷ୍ଟକୁ ସହ୍ୟ କରିଯିବା; ଅପରଟି—ସୁଖକୁ ଦୁଃଖର ଅପର ମୂର୍ତ୍ତି ବୋଲି ଜାଣି ତାହାର ଅନ୍ୱେଷଣ ସମ୍ପୂର୍ଣ୍ଣ ପରିହାର କରି ସତ୍ୟର ଅନୁସନ୍ଧାନ କରିବା । ଯେଉଁମାନେ ଏହି ଭାବରେ ସତ୍ୟର ଅନୁସନ୍ଧାନ କରିବାକୁ ସାହସୀ, ସେମାନେ ସେହି ସତ୍ୟକୁ ସଦା ବିଦ୍ୟମାନ ଏବଂ ନିଜ ନିଜ ଭିତରେ ହିଁ ଅବସ୍ଥିତ ବୋଲି ଦେଖିବାକୁ ସମର୍ଥ ହୁଅନ୍ତି । ସେତେବେଳେ ଆମେ ଏହା ମଧ୍ୟ ବୁଝିପାରୁଁ ଯେ—

ସେହି ଏକମାତ୍ର ସତ୍ୟ କିପରି ଆମର ବିଦ୍ୟା ଓ ଅବିଦ୍ୟାରୂପକ ଦୁଇ ଆପେକ୍ଷିକ ଜ୍ଞାନର ଭିତର ଦେଇ ଆତ୍ମପ୍ରକାଶ କରୁଛି । ଆମେ ଏହା ମଧ୍ୟ ବୁଝିଁ, ଯେ, ସେହି ସତ୍ୟ ଆନନ୍ଦସ୍ୱରୂପ ଏବଂ ତାହା ଭଲ ମନ୍ଦ ଏହି ଦୁଇ ରୂପରେ ଜଗତରେ ପ୍ରକାଶିତ—ଆଉ ତତ୍‌ସଙ୍ଗରେ ସେହି ଯଥାର୍ଥ ସତ୍ୟକୁ ମଧ୍ୟ ଜାଣୁ, ଯାହା ଜଗତରେ ଜୀବନ ଓ ମୃତ୍ୟୁ ଉଭୟ ରୂପରେ ହିଁ ଆତ୍ମ-ପ୍ରକାଶ କରୁଛି ।

ଏହିରୂପେ ଆମେ ଅନୁଭବ କରିବା ଯେ, ଜଗତର ବିଭିନ୍ନ ଘଟଣାପରମ୍ପରା ଗୋଟିଏ ଅଦ୍ୱିତୀୟ ସତ୍-ଚିତ୍-ଆନନ୍ଦ ସତ୍ତାର ଦୁଇ ବା ବହୁଭାଗରେ ବିଭକ୍ତ ପ୍ରତିଚ୍ଛାୟା ମାତ୍ର—ତାହା ମୋର ଏବଂ ଅନ୍ୟାନ୍ୟ ଯାବତୀୟ ପଦାର୍ଥର ଯଥାର୍ଥ ସ୍ୱରୂପ । କେବଳ ସେତେବେଳେ ମାତ୍ର ମନ୍ଦ ନ କରି ମଧ୍ୟ ଭଲ କାର୍ଯ୍ୟ କରିବା ସମ୍ଭବପର; କାରଣ ଏପରି ଆତ୍ମା ଜାଣିପାରନ୍ତି ଯେ, ଭଲ ମନ୍ଦ କେଉଁ ଉପାଦାନରେ ଗଠିତ, ସୁତରାଂ ସେତେବେଳେ ଏ ଦୁଇଟି ତାଙ୍କର ଆୟତ୍ତାଧୀନ । ଏହି ମୁକ୍ତ ଆତ୍ମା ସେତେବେଳେ ଭଲମନ୍ଦ ଯାହା ଖୁସି ତାହାର ବିକାଶ କରିପାରନ୍ତି; ତେବେ ଆମେ ଜାଣୁ ଯେ ସେ ସେତେବେଳେ କେବଳ ଭଲ କାର୍ଯ୍ୟ ହିଁ ସମ୍ପାଦନ କରନ୍ତି । ଏହାର ନାମ 'ଜୀବନ୍ମୁକ୍ତି'—ଅର୍ଥାତ୍ ଶରୀର ରହିଛି, ଅଥଚ ମୁକ୍ତ—ଏହା ହିଁ ବେଦାନ୍ତ ଏବଂ ଅପର ସମସ୍ତ ଦର୍ଶନର ଏକମାତ୍ର ଲକ୍ଷ୍ୟ । ଇତି

ମାନବସମାଜ କ୍ରମାନ୍ୱୟରେ ଚାରିଟି ବର୍ଣ୍ଣଦ୍ୱାରା ଶାସିତ ହୁଏ—ପୁରୋହିତ (ବ୍ରାହ୍ମଣ) ସୈନିକ (କ୍ଷତ୍ରିୟ), ବ୍ୟବସାୟୀ (ବୈଶ୍ୟ) ଏବଂ ମଜୁରିଆ (ଶୂଦ୍ର) । ପ୍ରତ୍ୟେକ ଅବସ୍ଥାରେ (state)-ରେ ଦୋଷଗୁଣ ଉଭୟ ବିଦ୍ୟମାନ । ପୁରୋହିତଶାସନରେ ବଂଶଜାତ ଭିତ୍ତିରେ ଘୋର ସଙ୍କୀର୍ଣ୍ଣତା ରାଜତ୍ୱ କରେ—ତାଙ୍କର ଓ ସେମାନଙ୍କ ବଂଶଧରଗଣଙ୍କ ଅଧିକାର ରକ୍ଷା ପାଇଁ ଚାରିଦିଗରେ ବାଡ଼ ଦେଇଥାଏ—ସେମାନଙ୍କ ଛଡ଼ା ବିଦ୍ୟା ଶିଖିବାର କାହାରି ଅଧିକାର ନାହିଁ, ବିଦ୍ୟାଦାନର ମଧ୍ୟ କାହାରି ଅଧିକାର ନାହିଁ । ଏ ଯୁଗର ମାହାତ୍ମ୍ୟ ଏହି ଯେ, ଏ ସମୟରେ ବିଭିନ୍ନ ବିଜ୍ଞାନର ଭିତ୍ତି ସ୍ଥାପିତ ହୁଏ—କାରଣ ବୁଦ୍ଧିବଳରେ ଅପରକୁ ଶାସନ କରିବାକୁ ହୁଏ ବୋଲି ପୁରୋହିତଗଣ ମନର ଉତ୍କର୍ଷ ସାଧନ କରିଥାଆନ୍ତି ।

କ୍ଷତ୍ରିୟ-ଶାସନ ଅତ୍ୟନ୍ତ ନିଷ୍ଠୁର ଓ ଅତ୍ୟାଚାରପୂର୍ଣ୍ଣ, କିନ୍ତୁ କ୍ଷତ୍ରିୟମାନେ ଏତେ ଅନୁଦାରମନା ନୁହନ୍ତି । ଏ ଯୁଗରେ ଶିଳ୍ପର ଓ ସାମାଜିକ ସଭ୍ୟତା (culture)-ର ଚରମୋତ୍କର୍ଷ ସାଧିତ ହୋଇଥାଏ ।

ତାହାପରେ ବୈଶ୍ୟର ଶାସନ-ଯୁଗ । ଏହାର ଭିତରେ ଶରୀରନିଷ୍ପେଷଣ ଓ ରକ୍ତ ଶୋଷଣକାରୀ କ୍ଷମତା, ଅଥଚ ବାହାରେ ପ୍ରଶାନ୍ତଭାବ—ଅତ୍ୟନ୍ତ ଭୟାବହ ! ଏ ଯୁଗର ସୁବିଧା ଏହି ଯେ, ବୈଶ୍ୟକୁଳର ସର୍ବତ୍ର ଗମନାଗମନ ଫଳରେ ପୂର୍ବୋକ୍ତ ଦୁଇଯୁଗର ପୁଞ୍ଜୀଭୂତ ଭାବରାଶି ଚତୁର୍ଦ୍ଦିଗରେ ବିସ୍ତୃତ ଲାଭ କରେ । କ୍ଷତ୍ରିୟଯୁଗ ଅପେକ୍ଷା ବୈଶ୍ୟଯୁଗ ଆହୁରି ଉଦାର, କିନ୍ତୁ ଏହି ସମୟରୁ ହିଁ ସଭ୍ୟତାର ଅଧୋଗତି ଆରମ୍ଭ ହୁଏ ।

ସର୍ବଶେଷରେ ଶୂଦ୍ର-ଶାସନ-ଯୁଗର ଆବିର୍ଭାବ ହେବ—ଏ ଯୁଗର ସୁବିଧା ଏହି ଯେ, ଏ ସମୟରେ ଶାରୀରିକ ସୁଖସ୍ୱାଚ୍ଛନ୍ଦ୍ୟର ବିସ୍ତାର ହେବ, କିନ୍ତୁ ଅସୁବିଧା ଏହି ଯେ, ହୁଏତ

ସଂସ୍କୃତିର ଅବନତି ଘଟିବ । ସାଧାରଣ ଶିକ୍ଷାର ପରିସର ଖୁବ୍ ବଢ଼ିବ ଅବଶ୍ୟ, କିନ୍ତୁ ସମାଜରେ ଅସାଧାରଣ ପ୍ରତିଭାଶାଳୀ ବ୍ୟକ୍ତିଙ୍କର ସଂଖ୍ୟା କ୍ରମଶଃ କମିଯିବ ।

ଯଦି ଏପରି ଗୋଟିଏ ରାଷ୍ଟ୍ର ଗଠନ କରାଯାଇପାରନ୍ତା, ଯହିଁରେ ବ୍ରାହ୍ମଣଯୁଗର ଜ୍ଞାନ, କ୍ଷତ୍ରିୟର ସଭ୍ୟତା, ବୈଶ୍ୟର ସମ୍ପ୍ରସାରଣ-ଶକ୍ତି ଏବଂ ଶୂଦ୍ରର ସାମ୍ୟାଦର୍ଶ—ଏହି ସବୁଗୁଡ଼ିକ ଠିକ୍ ଠିକ୍ ବଜାୟ ରହିବ ଅଥଚ ଏମାନଙ୍କର ଦୋଷଗୁଡ଼ିକ ରହିବ ନାହିଁ, ତା'ହେଲେ ଏହା ଗୋଟିଏ ଆଦର୍ଶ ରାଷ୍ଟ୍ର ହୁଅନ୍ତା, କିନ୍ତୁ ଏହା କଅଣ ସମ୍ଭବପର ?

ଇତି ମଧ୍ୟରେ ପ୍ରଥମ ତିନୋଟିର ପାଳି ଶେଷ ହୋଇଛି—ଏଥର ଶେଷଟିର ସମୟ । ଶୂଦ୍ରଯୁଗ ନିଶ୍ଚୟ ଆସିବ—ଏହାକୁ କେହି ପ୍ରତିରୋଧ କରିପାରିବେ ନାହିଁ । ସ୍ୱର୍ଣ୍ଣ ଅଥବା ରଜତ କୌଣସିଟିର ଭିତ୍ତିରେ ଦେଶର ମୁଦ୍ରା ପ୍ରଚଳିତ ହେଲେ କି କି ଅସୁବିଧା ଘଟେ, ତାହା ମୁଁ ବିଶେଷ ଜାଣେ ନାହିଁ (ଆଉ ବିଶେଷ ଭାବରେ କେହି ଜାଣନ୍ତି ବୋଲି ମୁଁ ଭାବୁନାହିଁ ), କିନ୍ତୁ ଏତିକିକି ମୁଁ ବେଶ୍ ବୁଝିପାରେ ଯେ, ସ୍ୱର୍ଣ୍ଣର ଭିତ୍ତିରେ ସମସ୍ତ ମୂଲ୍ୟ ଧାର୍ଯ୍ୟ କରିବା ଫଳରେ ଗରିବମାନେ ଆହୁରି ଗରିବ ଏବଂ ଧନୀମାନେ ଆହୁରି ଧନୀ ହେଉଛନ୍ତି । ବ୍ରାୟାନ୍ ଯଥାର୍ଥ କହିଛନ୍ତି, 'ଆମେ ଏହି ସୁନାର କ୍ରୁଶରେ ବିଦ୍ଧ ହେବାକୁ ନାରାଜ ।' ରୁପାଦରରେ ସବୁ ଦର ଧାର୍ଯ୍ୟ ହେଲେ ଗରିବମାନେ ଏହି ଅସମାନ ଜୀବନ-ସଂଗ୍ରାମରେ ଅନେକ ପରିମାଣରେ ସୁବିଧା ପାଇବେ । ମୁଁ ଯେ ଜଣେ ସମାଜତନ୍ତ୍ରୀ (Socialist)* ତାହାର କାରଣ ଏହା ନୁହେଁ ଯେ, ମୁଁ ସେହି ମତକୁ ସମ୍ପୂର୍ଣ୍ଣ ନିର୍ଭୁଲ ବୋଲି ମନେକରେ, କେବଳ 'ନାହିଁ ମାମୁଁଠାରୁ କଣା ମାମୁଁ ଭଲ'—ଏହି ହିସାବରେ ।

ଅପର କେତୋଟି ପ୍ରଥା ଜଗତରେ ଚାଲିଛି ଏବଂ ପରିଶେଷରେ ସେଗୁଡ଼ିକର ତ୍ରୁଟି ଧରାପଡ଼ିଛି । ଅନ୍ତତଃ ଆଉ କିଛି ପାଇଁ ନ ହେଲେବି ଜିନିଷଟିର ଅଭିନବତ୍ୱର ଦିଗରୁ ଏଇଟିକୁ ମଧ୍ୟ ଥରେ ପରୀକ୍ଷା କରାଯାଉ । ଏକାଲୋକ ଚିରକାଳ ସୁଖ ବା ଦୁଃଖ ଭୋଗ କରିବ, ତାହା ଅପେକ୍ଷା ସୁଖଦୁଃଖ ଯହିଁରେ ପର୍ଯ୍ୟାୟକ୍ରମେ ସମସ୍ତଙ୍କ ମଧ୍ୟରେ ବିଭକ୍ତ ହୋଇପାରେ, ତାହା ହିଁ ଭଲ । ଜଗତରେ ଭଲମନ୍ଦର ସମଷ୍ଟି ଚିରକାଳ ସମାନ ରହିବ, ତେବେ ନୂତନ ନୂତନ ପ୍ରଣାଳୀରେ ଏହି ଜୁଆଳିଟି (yoke) ଗୋଟିଏ କାନ୍ଧରୁ କାଢ଼ି ଆଉ ଗୋଟିଏ କାନ୍ଧରେ ଯାହା ଲଦାହେବ ।

ଏହି ଦୁଃଖମୟ ଜଗତରେ ସବୁ ହତଭାଗ୍ୟଙ୍କୁ ଦିନେ ଦିନେ ଆରାମ କରିବାକୁ ଦିଅ—ତେବେ ଯାଇ ସେମାନେ ଉପଯୁକ୍ତ ସମୟରେ ଏହି ତଥାକଥିତ ସୁଖ-ଭୋଗଟିକକ ପରେ ଏହି ଅସାର ଜଗତ୍-ପ୍ରପଞ୍ଚ, ଶାସନତନ୍ତ୍ରାଦି ଓ ଅନ୍ୟାନ୍ୟ ବିରକ୍ତିକର ବିଷୟ ସବୁ ପରିହାର କରି ବ୍ରହ୍ମସ୍ୱରୂପକୁ ପ୍ରତ୍ୟାବର୍ତ୍ତନ କରିପାରିବେ । ତୁମେମାନେ ସମସ୍ତେ ମୋର ପ୍ରୀତି ଜାଣିବ । ଇତି

ତୁମମାନଙ୍କର ଚିରବିଶ୍ୱସ୍ତ ଭ୍ରାତା, ବିବେକାନନ୍ଦ

---

* Socialist—ସମାଜବାଦୀ । ଏମାନେ ରାଷ୍ଟ୍ରହାତରେ ଭୂମି ଓ ବୃହତ୍ ଶିଳ୍ପ-ପ୍ରତିଷ୍ଠାନଗୁଡ଼ିକର ସ୍ୱତ୍ୱ ଅର୍ପଣ କରି ସମାଜରେ ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ଯେଉଁ ବିଷମ ବୈଷମ୍ୟ ରହିଛି ତାହା ଯଥାସମ୍ଭବ ଦୂରକରି ସମାଜର ଆମୂଳ ପୁନର୍ଗଠନର ପକ୍ଷପାତୀ ।

୩୨୩ଇଂ

୧୪, ଗ୍ରେକୋର୍ଟ ଗାର୍ଡେନ୍‌ସ, ଓଏଷ୍ଟ ମିନ୍‌ଷ୍ଟର
୧୧ ନଭେମ୍ବର ୧୮୯୬

ପ୍ରିୟ ଆଳାସିଙ୍ଗା,

ସମ୍ଭବତଃ ମୁଁ ଡିସେମ୍ବର ୧୬ ତାରିଖରେ ଯାତ୍ରା କରିବି; ଦିନେ ବା ଦୁଇ ଦିନ ଡେରି ମଧ୍ୟ ହୋଇପାରେ । ଏଠାରୁ ଇଟାଲି ଯିବି ଏବଂ ସେଠାରେ କେତୋଟି ଜାଗା ଦେଖି ନେପ୍‌ଲ୍‌ସରୁ ଜାହାଜରେ ଚଢ଼ିବି । ମିସ୍ ମୁଲର୍, ମିଷ୍ଟର୍ ଓ ମିସେସ୍ ସେଭିଅର୍ ଏବଂ ଗୁଡ଼ଉଇନ୍ ନାମକ ଜଣେ ଯୁବକ ମୋ ସାଙ୍ଗରେ ଯାଉଛନ୍ତି । ସେଭିଅର୍-ଦମ୍ପତି ଆଲମୋଡ଼ାରେ ବସବାସ କରିବାକୁ ଯାଉଛନ୍ତି । ମିସ୍ ମୁଲର୍ ମଧ୍ୟ ତାହା ହିଁ କରିବେ । ମିଷ୍ଟର୍ ସେଭିଅର୍ ଭାରତୀୟ ସୈନ୍ୟବାହିନୀରେ ପାଞ୍ଚବର୍ଷ ଅଫିସର୍ ଥିଲେ; ସୁତରାଂ ସେ ଭାରତ ସମ୍ବନ୍ଧରେ ଅନେକ ପରିମାଣରେ ପରିଚିତ । ମିସ୍ ମୁଲର, ଥିଓସଫିଷ୍ଟ ସମ୍ପ୍ରଦାୟଭୁକ୍ତ ଥିଲେ ଏବଂ ଅକ୍ଷୟଙ୍କୁ ପୁତ୍ରରୂପେ ଗ୍ରହଣ କରିଥିଲେ । ଗୁଡ୍‌ଉଇନ୍ ଜଣେ ଇଂରେଜ ଯୁବକ, ଏହାଙ୍କ ସାଙ୍କେତିକ ଲେଖାରୁ ପୁସ୍ତିକାଗୁଡ଼ିକ ବାହାର କରିବା ସମ୍ଭବପର ହୋଇଛି ।

କଲମ୍ବୋରୁ ମୁଁ ପ୍ରଥମେ ମାନ୍ଦ୍ରାଜକୁ ଯିବି । ଅନ୍ୟମାନେ ସ୍ୱତନ୍ତ୍ର ଭାବରେ ଆଲମୋଡ଼ା ଚାଲିଯିବେ । ସେଠାରୁ ମୁଁ ସିଧା କଲିକତା ଯିବି । ଯାତ୍ରା ଆରମ୍ଭରେ ମୁଁ ତୁମକୁ ସଠିକ୍ ସମ୍ବାଦ ଦେବି । ଇତି

ତୁମମାନଙ୍କର ସ୍ନେହାବଦ୍ଧ, ବିବେକାନନ୍ଦ

ପୁଃ—'ରାଜଯୋଗ'ର ପ୍ରଥମ ସଂସ୍କରଣ ନିଃଶେଷ ହୋଇଯାଇଛି ଏବଂ ଦ୍ୱିତୀୟ ସଂସ୍କରଣ ଛପା ହେଉଛି । ଭାରତ ଓ ଆମେରିକାରେ ହିଁ ଏହାର ସବୁଠାରୁ ଅଧିକ କାଟତି ।

୩୨୪ଇଂ (ମିସେସ୍ ବୁଲ୍‌ଙ୍କୁ ଲିଖିତ)

ଗ୍ରେକୋର୍ଟ ଗାର୍ଡେନସ, ଓଏଷ୍ଟମିନ୍‌ଷ୍ଟର, ୧୩ ନଭେମ୍ବର ୧୮୯୬

ପ୍ରିୟ ବୁଲ୍,

...ମୁଁ ଅତିଶୀଘ୍ର, ଟିକ୍ ସମ୍ଭବତଃ ୧୬ ତାରିଖ ଡିସେମ୍ବର ଦିନ ଭାରତବର୍ଷକୁ ଯାତ୍ରା କରୁଛି । ପୁନର୍ବାର ଆମେରିକାକୁ ଯିବା ପୂର୍ବରୁ ମୋର ଥରେ ଭାରତବର୍ଷ ଦେଖିବାର ବିଶେଷ ଇଚ୍ଛା ଅଛି ଏବଂ ମୁଁ କେତେଜଣ ଇଂରେଜ ବନ୍ଧୁଙ୍କୁ ମୋ ସଙ୍ଗରେ ଭାରତବର୍ଷ ନେଇଯିବାର ବନ୍ଦୋବସ୍ତ ମଧ୍ୟ କରିଛି; ତେଣୁ ଏକାନ୍ତ ଇଚ୍ଛା ସତ୍ତ୍ୱେ ଆମେରିକା ହୋଇ ଯିବା ମୋ ପକ୍ଷରେ ଅସମ୍ଭବ ।

ଡାକ୍ତର ଜେନ୍‌ସ୍ ବାସ୍ତବିକ ଅତି ଚମତ୍କାର କାର୍ଯ୍ୟ କରୁଛନ୍ତି । ସେ ମୋତେ ଏବଂ ମୋ କାର୍ଯ୍ୟ ପାଇଁ ବାରମ୍ବାର ଯେପରି ସହୃଦୟତା ଦେଖାଇଛନ୍ତି ଓ ସାହାଯ୍ୟ କରିଛନ୍ତି, ସେଥିପାଇଁ ମୁଁ ଯେ କେତେଦୂର କୃତଜ୍ଞ ତାହା ବାକ୍ୟରେ ପ୍ରକାଶ କରିବାକୁ ଅକ୍ଷମ ।... ଏଠାରେ ପ୍ରଚାରକାର୍ଯ୍ୟ ବେଶ୍ ସୁନ୍ଦର ଭାବରେ ଚାଲିଛି । ତୁମେ ଶୁଣି ଖୁସି ହେବ ଯେ,

'ରାଜଯୋଗ'ର ପ୍ରଥମ ସଂସ୍କରଣ ସବୁ ବିକ୍ରି ହୋଇଯାଇଛି ଏବଂ ଅନେକ କେତେଣିହି ପାଇଁ ଅର୍ଡର ଆସି ପଡ଼ିରହିଛି । ଇତି

ତୁମମାନଙ୍କର, ବିବେକାନନ୍ଦ

**୩୨୫ଇଂ**

୩୯, ଭିକ୍ଟୋରିଆ ଷ୍ଟ୍ରୀଟ୍, ଲଣ୍ଡନ
୨୦ ନଭେମ୍ବର ୧୮୯୬

ପ୍ରିୟ ଆଲସିଙ୍ଗା,

ଆଗାମୀ ଡିସେମ୍ବର ୧୬ ତାରିଖ ଦିନ ମୁଁ ଇଂଲଣ୍ଡରୁ ଯାତ୍ରା କରୁଛି । ଇଟାଲିରେ କେତୋଟି ଜାଗା ଦେଖି ନେପଲସ୍‌ରେ ଜର୍ମାନ ଦେଶୀୟ ଲଏଡ୍ ଲାଇନର୍ 'ଏସ୍. ଏସ୍. ପ୍ରିନସ୍ ରିଜେଣ୍ଟ ଲିଓ ପୋଲ୍ଡ' ନାମକ ଜାହାଜରେ ଚଢ଼ିବି । ଆଗାମୀ ୧୪ ତାରିଖ ଜାନୁଆରି ଷ୍ଟୀମର୍ କଲମ୍ବୋରେ ଲାଗିବାର କଥା । ସିଂହଳରେ ଅଳ୍ପ କିଛି ଦେଖିବାର ଇଚ୍ଛା ଅଛି; ତା'ପରେ ମାନ୍ଦ୍ରାଜ ଯିବି ।

ମୋ ସଙ୍ଗରେ ଯାଉଛନ୍ତି ମୋର ଇଂରେଜ ବନ୍ଧୁ ସେଭିଅର୍-ଦମ୍ପତି ଓ ଗୁଡ଼ଉଇନ୍ । ମିଷ୍ଟର୍ ସେଭିଅର୍ ଓ ତାଙ୍କର ସ୍ତ୍ରୀ ହିମାଳୟରେ ଆଲମୋଡ଼ା ନିକଟରେ ଆଶ୍ରମ ତିଆରି କରିବାକୁ ଯାଉଛନ୍ତି । ତାହା ହିଁ ହେବ ମୋର ହିମାଳୟର କେନ୍ଦ୍ର, ଏବଂ ପାଶ୍ଚାତ୍ୟବାସୀ ଶିଷ୍ୟମାନେ ସେଠାରେ ବ୍ରହ୍ମଚାରୀ ଓ ସନ୍ନ୍ୟାସୀ ରୂପେ ଇଚ୍ଛାନୁସାରେ ଆସି ବାସ କରି ପାରିବେ । ଗୁଡ଼ଉଇନ୍ ଜଣେ ଅବିବାହିତ ଯୁବକ; ସେ ମୋ ସଙ୍ଗରେ ରହିବ ଓ ବୁଲାବୁଲି କରିବ । ସେ ଠିକ୍ ସନ୍ନ୍ୟାସୀ ଭଳି ।

ଶ୍ରୀରାମକୃଷ୍ଣଙ୍କ ଜନ୍ମୋତ୍ସବ ସମୟରେ କଲିକତାରେ ରହିବା ପାଇଁ ମୋର ଭାରି ଇଚ୍ଛା । ସୁତରାଂ ଖବର ନେଇ ଉତ୍ସବର ତାରିଖଟି ଜାଣିରଖିବ, ଯହିଁରେ ମୋତେ ମାନ୍ଦ୍ରାଜରେ ଜାଣିପାରିବ । କଲିକତା ଓ ମାନ୍ଦ୍ରାଜରେ ଦୁଇଟି କେନ୍ଦ୍ର ଖୋଲିଯିବ—ଏହା ହିଁ ହେଉଛି ମୋର ବର୍ତ୍ତମାନ ପରିକଳ୍ପନା; ସେଠାରେ ଯୁବକ ପ୍ରଚାରକ ତିଆରି କରାଯିବେ । କଲିକତାରେ କେନ୍ଦ୍ର ଖୋଲିବା ଭଳି ଅର୍ଥ ମୋ ହାତରେ ଅଛି । ଶ୍ରୀରାମକୃଷ୍ଣ ସେଠାରେ ଆଜୀବନ କାର୍ଯ୍ୟ କରି ଯାଇଛନ୍ତି, ସୁତରାଂ ମୋତେ କଲିକତା ଉପରେ ପ୍ରଥମ ନଜର ଦେବାକୁ ହେବ । ମାନ୍ଦ୍ରାଜରେ କେନ୍ଦ୍ର ଖୋଲିବାଭଳି ଟଙ୍କା ପଇସା, ଆଶା କରେ, ଭାରତବର୍ଷରୁ ହିଁ ଉଠିବ ।

ଏହି ତିନୋଟି କେନ୍ଦ୍ର ନେଇ ଆମେ କାର୍ଯ୍ୟ ଆରମ୍ଭ କରିବୁ; ପରେ ବୋମ୍ବାଇ ଓ ଆହ୍ଲାବାଦ ଯିବି । ପ୍ରଭୁଙ୍କ ଇଚ୍ଛା ହେଲେ ଏସବୁ କେନ୍ଦ୍ରରୁ ଆମେ ଯେ କେବଳ ଭାରତକୁ ଆକ୍ରମଣ କରିବୁ, ତାହା ନୁହେଁ, ଆମେ ପୃଥିବୀର ସମସ୍ତ ଦେଶକୁ ଦଳେ ଦଳେ ପ୍ରଚାରକ ପଠାଇବୁ । ପ୍ରାଣ ଦେଇ କାର୍ଯ୍ୟ କରିଯାଅ । ମନେରଖ, ଆମମାନଙ୍କୁ ଏକ ସମୟରେ ଗୋଟିଏ ମାତ୍ର କାର୍ଯ୍ୟ ନେଇ ପଡ଼ିରହିବାକୁ ହେବ । କିଛିଦିନ ପାଇଁ ୩୯ ଭିକ୍ଟୋରିଆ ଷ୍ଟ୍ରୀଟ୍ ମୋର ପ୍ରଧାନ ଠିକଣା, କାରଣ ସେଠାରୁ ହିଁ କାର୍ଯ୍ୟ ଚଳାଇବାକୁ ହେବ । ଷ୍ଟାର୍ଡି ପ୍ରକାଣ୍ଡ ଗୋଟିଏ ବାକ୍ସ 'ବ୍ରହ୍ମବାଦିନ୍' ପତ୍ରିକା ପାଇଛି । ମୁଁ ପୂର୍ବେ ଏହା ଜାଣି ନ ଥିଲି । ସେ ବର୍ତ୍ତମାନ

ସେଥିଲାଗି ଗ୍ରାହକ ସଂଗ୍ରହ କରୁଛି ।

ବର୍ତ୍ତମାନ ତ ଆମର ଇଂରେଜୀ ପତ୍ରିକାଖଣ୍ଡିକ ଠିଆ ହୋଇଯାଇଛି । ଏହାପରେ ଭାରତୀୟ ବିଭିନ୍ନ ଭାଷାରେ ଆରମ୍ଭ କରିପାରେ । ଉଇମ୍ବଲଡନ୍‌ର ମିସ୍ ନୋବଲ୍ ଜଣେ ଭଲ କର୍ମୀ । ସେ ମଧ୍ୟ ମାନ୍ଦ୍ରାଜର ଉଭୟ ପତ୍ରିକା ପାଇଁ ଗ୍ରାହକ-ସଂଗ୍ରହର ଚେଷ୍ଟା କରିବେ । ସେ ତୁମକୁ ପତ୍ର ଲେଖିବେ । ଏହିସବୁ କାର୍ଯ୍ୟ ଧୀରେ ଧୀରେ—କିନ୍ତୁ ସୁନିଶ୍ଚିତ ଭାବରେ ଗଢ଼ି ଉଠିବ । ଅଳ୍ପସଂଖ୍ୟକ ଅନୁଗାମୀମାନେ ହିଁ ଏହି ଜାତୀୟ କାଗଜର ପୃଷ୍ଠପୋଷକ ହୁଅନ୍ତି । ବର୍ତ୍ତମାନ କଥା ହେଉଛି—ଏଭଳି ଆଶା କରାଯାଇ ନ ପାରେ ଯେ, ସେମାନେ ଏକାସଙ୍ଗେ ଅତ୍ୟଧିକ କାର୍ଯ୍ୟର ଭାର ନେବେ । ଇଂଲଣ୍ଡର କାର୍ଯ୍ୟ ପାଇଁ ସେମାନଙ୍କୁ ଅର୍ଥସଂଗ୍ରହ କରିବାକୁ ହେବ, ବହି କିଣିବାକୁ ପଡ଼ିବ, ଏଠାରେ ପତ୍ରିକା ପାଇଁ ଗ୍ରାହକ ଯୋଗାଡ଼ କରିବାକୁ ହେବ ଏବଂ ସବଶେଷରେ ଭାରତର ପତ୍ରିକାର ଚାନ୍ଦା ଦେବାକୁ ହେବ ! ଏତେଗୁଡ଼ିଏ କରିବା ସମ୍ଭବ ନୁହେଁ । ଏହିପରି କଲେ ତାହା ଧର୍ମପ୍ରଚାର ନ ହୋଇ ବରଂ ବ୍ୟବସାୟ ଭଳି ଦିଶିବ । ସୁତରାଂ ତୁମମାନଙ୍କୁ ଅପେକ୍ଷା କରିବାକୁ ହେବ । ତେବେ ମୋର ମନେହୁଏ, ଏଠାରେ କେତେଜଣ ଗ୍ରାହକ ମିଳିବେ । ଭାରତର ଲୋକେ ହିଁ ଭାରତର କାଗଜଗୁଡ଼ିକର ପୃଷ୍ଠପୋଷକ ହେବେ । ସବୁ ଜାତି ନିକଟରେ ସମାନ ଭାବରେ ଗ୍ରହଣୀୟ କୌଣସି କାଗଜ ବାହାର କରିବାକୁ ହେଲେ ସବୁ ଜାତିରୁ ହିଁ ଲେଖକ ସଂଗ୍ରହ କରିବାକୁ ହେବ; ଆଉ ତା'ର ଅର୍ଥ—ପ୍ରତିବର୍ଷ ଅନ୍ତତଃ ଲକ୍ଷେ ଟଙ୍କା ଖର୍ଚ୍ଚ କରିବାକୁ ହେବ । ତାହା ଛଡ଼ା ମୋ ଅନୁପସ୍ଥିତିରେ ମଧ୍ୟ ଏଠାର ଲୋକମାନଙ୍କର କାର୍ଯ୍ୟ ରହିବା ଦରକାର, ତାହା ନ ହେଲେ ସବୁ ଭାଙ୍ଗିରୁଜି ଯିବ । ଅତଏବ ଏଠାରେ ଖଣ୍ଡିଏ ପତ୍ରିକା ଦରକାର; କ୍ରମେ ଆମେରିକାରେ ମଧ୍ୟ ଆବଶ୍ୟକ ।

ଏକଥା ଭୁଲିଯିବ ନାହିଁ ଯେ, ସବୁ ଦେଶର ଲୋକଙ୍କ ପ୍ରତି ମୋର ଆକର୍ଷଣ ରହିଛି, କେବଳ ଭାରତ ପ୍ରତି ନୁହେଁ । ମୋ ଦେହ ଭଲ ଅଛି, ଅଭେଦାନନ୍ଦଙ୍କର ମଧ୍ୟ ସବୁ ଭଲ । ତୁମେମାନେ ସମସ୍ତେ ମୋର ପ୍ରୀତି ଓ ଆଶୀର୍ବାଦ ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

୩୨୭ଇଂ (ଶ୍ରୀଯୁକ୍ତ ଲାଲା ବଦ୍ରୀ ଶାହାଙ୍କୁ ଲିଖିତ)

୩୯, ଭିକ୍ଟୋରିଆ ଷ୍ଟ୍ରୀଟ୍, ଲଣ୍ଡନ, ୨୧ ନଭେମ୍ବର ୧୮୯୬

ପ୍ରିୟ ଲାଲାଜୀ,

୭ ତାରିଖ ଜାନୁଆରି ବେଳକୁ ମୁଁ ମାନ୍ଦ୍ରାଜରେ ପହଞ୍ଚିବି, କିଛିଦିନ ସମତଳ ଭୂମିରେ ରହି ମୋର ଆଲମୋଡ଼ା ଯିବାର ଇଚ୍ଛା ଅଛି ।

ମୋ ସଙ୍ଗରେ ତିନିଜଣ ଇଂରେଜ ବନ୍ଧୁ ଅଛନ୍ତି; ସେମାନଙ୍କ ମଧ୍ୟରେ ଦୁଇଜଣ—ସେଭିଅର୍-ଦମ୍ପତି—ଆଲମୋଡ଼ାରେ ବସବାସ କରିବେ । ଆପଣ ହୁଏତ ଜାଣନ୍ତି, ସେମାନେ ମୋର ଶିଷ୍ୟ ଏବଂ ମୋ ପକ୍ଷରୁ ହିମାଳୟରେ ଆଶ୍ରମ ତିଆରି କରିବେ । ଏହି କାରଣରୁ ହିଁ ଗୋଟିଏ ଉପଯୁକ୍ତ ସ୍ଥାନର ସନ୍ଧାନ କରିବାକୁ ମୁଁ ଆପଣଙ୍କୁ କହିଥିଲି । ଗୋଟିଏ ସମଗ୍ର

ପାହାଡ଼ ଆମ ନିଜ ପାଇଁ ଦରକାର—ଯେଉଁଠାରୁ ହିମାଳୟର ତୁଷାର-ଶ୍ରେଣୀ ଦେଖି ହେବ । ଅବଶ୍ୟ ଉପଯୁକ୍ତ ସ୍ଥାନ ସ୍ଥିର କରି ଆଶ୍ରମ ତିଆରି କରିବାକୁ ସମୟ ଲାଗିବ । ଇତିମଧ୍ୟରେ ଅନୁଗ୍ରହ-ପୂର୍ବକ ମୋର ବନ୍ଧୁମାନଙ୍କ ପାଇଁ ଗୋଟିଏ ଘର ଭଡ଼ା ନେବେ । ବଙ୍ଗଳାଟିରେ ତିନିଜଣଙ୍କ ପାଇଁ ସ୍ଥାନ ହେବା ଦରକାର । ବଡ଼ ଘରର ପ୍ରୟୋଜନ ନାହିଁ, ଆପାତତଃ ଗୋଟିଏ ଶ୍ରେଷ୍ଠ ଘର ହେଲେ ଚଳିବ । ମୋର ବନ୍ଧୁମାନେ ସେହି ଘରେ ରହି ଆଶ୍ରମ ପାଇଁ ଉପଯୁକ୍ତ ସ୍ଥାନ ଓ ଘରର ଅନ୍ୱେଷଣ କରିବେ ।

ଏହି ଚିଠିର ଉତ୍ତର ଦେବା ଦରକାର ନାହିଁ । କାରଣ ଉତ୍ତର ମୋ ହାତକୁ ଆସିବା ପୂର୍ବରୁ ହିଁ ମୁଁ ଭାରତବର୍ଷ ଅଭିମୁଖରେ ଯାତ୍ରା କରିଥିବି । ମାନ୍ଦ୍ରାଜରେ ପହଞ୍ଚି ଆପଣଙ୍କୁ ତାର କରି ଜଣାଇବି ।

ଆପଣମାନେ ସମସ୍ତେ ମୋର ପ୍ରୀତି ଓ ଶୁଭେଚ୍ଛା ଜାଣିବେ । ଇତି

ଅପଣମାନଙ୍କର, ବିବେକାନନ୍ଦ

**୩୨୭ଇଂ (ମିସ୍ ମେରି ଓ ମିସ୍ ହାରିଏଟ୍ ହେଲଙ୍କୁ ଲିଖିତ)**

୩୯, ଭିକ୍ଟୋରିଆ ଷ୍ଟ୍ରୀଟ୍, ଲଣ୍ଡନ, ୨୮ ନଭେମ୍ବର ୧୮୯୬

ପ୍ରିୟ ଭଗିନୀଗଣ,

ମୋର ମନେହୁଏ, ଯେକୌଣସି କାରଣରୁ ହେଉ, ତୁମ ଚାରିଜଣଙ୍କୁ ମୁଁ ସର୍ବାପେକ୍ଷା ଅଧିକ ଭଲପାଏ, ଏବଂ ମୁଁ ଗର୍ବର ସହିତ ବିଶ୍ୱାସ କରେ ଯେ, ତୁମେ ଚାରିଜଣଯାକ ମୋତେ ସେହିଭଳି ଭଲପାଅ । ଏଥିପାଇଁ ଭାରତବର୍ଷକୁ ଯିବା ପୂର୍ବରୁ ତୁମମାନଙ୍କୁ କେଇଧାଡ଼ି ସ୍ୱତଃ-ପ୍ରଣୋଦିତ ହୋଇ ଲେଖୁଛି । ଲଣ୍ଡନର ପ୍ରଚାର-କାର୍ଯ୍ୟରେ ଖୁବ୍ ସାଫଲ୍ୟ ମିଳିଛି । ଇଂରେଜ ଜାତି ଆମେରିକାନ୍‌ମାନଙ୍କ ଭଳି ଏତେ ତୀକ୍ଷ୍ଣ ନୁହନ୍ତି; କିନ୍ତୁ ଥରେ ଯଦି କେହି ସେମାନଙ୍କର ହୃଦୟ ଅଧିକାର କରିପାରେ, ତେବେ ଚିରକାଳ ପାଇଁ ସେମାନେ ତାହାର ହୋଇଯିବେ । ଧୀରେ ଧୀରେ ମୁଁ ସେମାନଙ୍କର ହୃଦୟ ଅଧିକାର କରିଛି । ଆଶ୍ଚର୍ଯ୍ୟର ବିଷୟ, ଏହି ଛଅ ମାସର କାର୍ଯ୍ୟ ଫଳରେ, ସାଧାରଣ ବକ୍ତୃତାକୁ ଛାଡ଼ିଦେଲେ ମୋ କ୍ଲାସ୍‌ରେ ବରାବର ୧୨୦ ଜଣ ଉପସ୍ଥିତ ହେଉଛନ୍ତି । ଇଂରେଜ ଜାତିଟା କାମିକା ଲୋକ, ସୁତରାଂ ଏଠାକାର ସମସ୍ତେ କାମରେ କିଛି କରିବାକୁ ଚାହାଁନ୍ତି । କାପ୍‌ଟେନ ଓ ମିସେସ୍ ସେଭିଅର୍ ଏବଂ ମିଷ୍ଟର୍ ଗୁଡ଼ଉଇନ୍ କାର୍ଯ୍ୟ କରିବା ପାଇଁ ମୋ ସଙ୍ଗରେ ଭାରତକୁ ଯାଉଛନ୍ତି ଏବଂ ଏହି କାର୍ଯ୍ୟରେ ସେମାନେ ନିଜ ନିଜର ଅର୍ଥ ବ୍ୟୟ କରିବେ । ଏଠାରେ ଆହୁରି ଅନେକ ଲୋକ ଏହିପରି କରିବାକୁ ପ୍ରସ୍ତୁତ । ସମ୍ଭ୍ରାନ୍ତ ବଂଶର ସ୍ତ୍ରୀ-ପୁରୁଷମାନଙ୍କ ମୁଣ୍ଡରେ ଥରେ ଗୋଟିଏ ଭାବ ପୂରାଇଦେଇପାରିଲେ, ତାହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଯଥାସର୍ବସ୍ୱ ତ୍ୟାଗ କରିବା ଲାଗି ମଧ୍ୟ ସେମାନେ ବଦ୍ଧପରିକର । ଆନନ୍ଦର ସମ୍ବାଦ ଏହି (ଏହା କିଛି କମ୍ କଥା ନୁହେଁ) ଯେ, ଭାରତରେ କାର୍ଯ୍ୟ ଆରମ୍ଭ କରିବା ଲାଗି ଅର୍ଥ ସାହାଯ୍ୟ ମିଳିଛି ଏବଂ ପରେ ଆହୁରି ମିଳିବ । ଇଂରେଜ ଜାତି ସମ୍ବନ୍ଧରେ ମୋର ଧାରଣା ସବୁ ଓଲଟ ପାଲଟ ହୋଇଯାଇଛି । ବର୍ତ୍ତମାନ ମୁଁ ବୁଝିପାରୁଛି,

ପ୍ରଭୁ କାହିଁକି ସେମାନଙ୍କୁ ଅନ୍ୟ ସବୁଜାତି ଅପେକ୍ଷା ଅଧିକ କୃପା କରୁଛନ୍ତି । ସେମାନେ ଅଟଳ; ଅକପଟତା ସେମାନଙ୍କର ଅସ୍ଥିମଜ୍ଜାଗତ; ସେମାନଙ୍କର ଅନ୍ତର ଗଭୀର ଅନୁଭୂତିରେ ପୂର୍ଣ୍ଣ—କେବଳ ବାହାରେ ଗୋଟାଏ କଠୋରତାର ଆବରଣ ମାତ୍ର ରହିଛି । ତାହାକୁ ଭାଙ୍ଗି ଦେଇପାରିଲେ ହେଲା—ବାସ୍, ତୁମ ମନଲାଖି ମଣିଷ ଖୋଜିପାଇବ ।

ସମ୍ପ୍ରତି ମୁଁ କଲିକତାରେ ଗୋଟିଏ ଓ ହିମାଚଳରେ ଆଉ ଗୋଟିଏ କେନ୍ଦ୍ର ସ୍ଥାପନ କରିବାକୁ ଯାଉଛି । ପ୍ରାୟ ୭ହଜାର ଫୁଟ ଉଚ୍ଚ ଗୋଟିଏ ଗୋଟିକିଆ ପାହାଡ଼ ଉପରେ ହିମାଚଳ-କେନ୍ଦ୍ରଟି ସ୍ଥାପିତ ହେବ । ଏହି ପାହାଡ଼ଟି ଗ୍ରୀଷ୍ମକାଳରେ ବି ବେଶ୍ ଶୀତଳ ରହିବ ଏବଂ ଶୀତକାଳରେ ଖୁବ୍ ଥଣ୍ଡା ରହିବ । କ୍ୟାପ୍‌ଟେନ୍ ଓ ମିସେସ୍ ସେଭିଅର୍ ସେହିଠାରେ ରହିବେ ଏବଂ ସେଇଟି ଇଉରୋପୀୟ କର୍ମୀମାନଙ୍କର କେନ୍ଦ୍ର ହେବ । କାରଣ ମୁଁ ସେମାନଙ୍କୁ ଜୋର୍‌କରି ଭାରତୀୟ ଜୀବନପ୍ରଣାଳୀ ଅନୁସାରେ ଚଳାଇ ଏବଂ ଭାରତର ଅଗ୍ନିମୟ ସମତଳ-ଭୂମିରେ ବାସ କରାଇ ମାରିପକାଇବାକୁ ଚାହେଁ ନାହିଁ । ମୋର କାର୍ଯ୍ୟ-ଯୋଜନା ହେଉଛି—ଶତ ଶତ ହିନ୍ଦୁ ଯୁବକ ପ୍ରତ୍ୟେକ ସଭ୍ୟ ଦେଶକୁ ଯାଇ ବେଦାନ୍ତ ପ୍ରଚାର କରନ୍ତୁ, ଆଉ ସେଠାରୁ ନରନାରୀ ଯୋଗାଡ଼ କରି ଭାରତବର୍ଷରେ କାମ କରିବାକୁ ପଠାନ୍ତୁ । ଏଥିରେ ପରସ୍ପର ମଧ୍ୟରେ ବେଶ୍ ଉତ୍ତମ ଆଦାନ-ପ୍ରଦାନ ହେବ । କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା କରି ମୁଁ 'ଜବ୍‌ଙ୍କ ଗ୍ରନ୍ଥୋକ୍ତ' ଭଦ୍ରଲୋକଟି ଭଳି* ଉପରତଳ ଚାରିଆଡ଼େ ଘୂରି ବୁଲିବି ।

ଆଜି ଏହିଠାରେ ହିଁ ଶେଷ—ତାହା ନ ହେଲେ ଚିଠି ଡାକରେ ଯିବ ନାହିଁ । ସବୁ ଦିଗରେ ମୋର କାର୍ଯ୍ୟର ସୁବିଧା ହୋଇ ଆସୁଛି—ଏଥିରେ ମୁଁ ଖୁସି ଏବଂ ଏହା ଜାଣେ, ତୁମେମାନେ ମଧ୍ୟ ମୋ ଭଳି ଖୁସି ହେବ । ତୁମେମାନେ ଅଶେଷ କଲ୍ୟାଣ ଓ ସୁଖଶାନ୍ତି ଲଭ କର । ଇତି

ତୁମମାନଙ୍କର ଚିର-ସ୍ନେହାବଦ୍ଧ, ବିବେକାନନ୍ଦ

ପୁଃ—ଧର୍ମପାଳଙ୍କର ଖବର କଅଣ ? ସେ କଅଣ କରୁଛନ୍ତି ? ତାଙ୍କ ସଙ୍ଗରେ ଦେଖା ହେଲେ ମୋର ପ୍ରୀତି ଜଣାଇବ ।

—ବି.

୩୨୮ଇଂ

୧୪, ଗ୍ରେକୋଟ୍ ଗାର୍ଡେନ୍‌ସ୍, ଓ୍ୱେଷ୍ଟ ମିନ୍‌ଷ୍ଟର, ଲଣ୍ଡନ
୩ ଡିସେମ୍ବର ୧୮୯୬

ସ୍ନେହର ଆଲବର୍ଟା,

'ଜୋ ଜୋ'କୁ ଲିଖିତ ମ୍ୟାବେଲ୍‌ଙ୍କର ଖଣ୍ଡିଏ ଚିଠି ଏହା ସହିତ ତୁମ ପାଖକୁ

---

* 'Book of Job' (ଜବ୍‌ଙ୍କ ଗ୍ରନ୍ଥ) ବାଇବେଲ୍‌ର ପ୍ରାଚୀନ ସାହିତ୍ୟର ଅଂଶ-ବିଶେଷ । ସେଥିରେ ବର୍ଣ୍ଣିତ ଅଛି, ଈଶ୍ୱରଙ୍କ ସହିତ ସଇତାନ ଥରେ ସାକ୍ଷାତ୍ କରିବାକୁ ଯିବାରୁ, 'ତୁମେ କେଉଁଠୁ ଆସୁଛ ?'—ଈଶ୍ୱରଙ୍କ ଏହି ପ୍ରଶ୍ନର ଉତ୍ତରରେ ସେ କହିଥିଲା, 'ଏହି ପୃଥିବୀର ଏପଟ ସେପଟ ବୁଲି ଏବଂ ଏହାର ଉପର ତଳ ଭ୍ରମଣ କରି ଆସୁଛି ।'

ପଠାଇ ଦେଉଛି । ମୁଁ ଏହା ଭିତରେ ଥିବା ସମ୍ବାଦଟିକୁ ଖୁବ୍ ଉପଭୋଗ କରିଛି ଏବଂ ତୁମେ ମଧ୍ୟ ନିଶ୍ଚୟ କରିବ ।

ଏଠାରୁ ୧୬ ତାରିଖ ଦିନ ଯାତ୍ରା କରି ନେପଲ୍‌ସ ଯାଇ ମୋତେ ଷ୍ଟିମର୍ ଧରିବାକୁ ହେବ । କେତୋଟି ଦିନ ମୁଁ ଇଟାଲିରେ ରହିବି—ତିନି ଚାରି ଦିନ ରୋମ୍‌ରେ । ବିଦାୟ ନେବା ଆଗରୁ ତୁମ ସଙ୍ଗେ ଥରେ ଦେଖା ହେଲେ ଖୁବ୍ ଖୁସି ହେବି ।

ଇଂଲଣ୍ଡରୁ କ୍ୟାପ୍ଟେନ୍ ଓ ମିସେସ୍ ସେଭିୟର୍ ମୋ ସହିତ ଭାରତକୁ ଯାଉଛନ୍ତି; ସେମାନେ ଅବଶ୍ୟ ମୋ ସହିତ ଇଟାଲିରେ ମଧ୍ୟ ରହିବେ । ଗତ ଗ୍ରୀଷ୍ମରେ ତୁମେ ସେମାନଙ୍କୁ ଦେଖିଛ । ବର୍ଷକ ଭିତରେ ଆମେରିକା, ତା'ପରେ ୟୁରୋପକୁ ଫେରି ଆସିବି, ଇଚ୍ଛା କରେ ।

ପ୍ରୀତି ଓ ଆଶୀର୍ବାଦସହ, ବିବେକାନନ୍ଦ

୩୬୯ଇଂ (ମିସ୍ ମ୍ୟାକ୍‌ଲଉଡ୍‌ଙ୍କୁ ଲିଖିତ)

ଦି ଗ୍ରେକୋଟ୍ ଗାର୍ଡ଼େନ୍‌ସ, ଲଣ୍ଡନ, ୩ ଡିସେମ୍ବର ୧୮୯୬

ପ୍ରିୟ ଜୋ,

ତୁମର ସହୃଦୟ ଆମନ୍ତ୍ରଣ ପାଇଁ ଅନେକ ଅନେକ ଧନ୍ୟବାଦ; ପ୍ରିୟ ଜୋ ଜୋ, କିନ୍ତୁ ବିଧି ବାମ । କ୍ୟାପ୍ଟେନ ଓ ମିସେସ୍ ସେଭିୟର୍ ଏବଂ ମିଃ ଗୁଡ୍‌ଉଇନ୍‌ଙ୍କ ସଙ୍ଗରେ ୧୬ ତାରିଖ ଦିନ ଭାରତ ଅଭିମୁଖରେ ଯାତ୍ରା କରୁଛୁ । ସେଭିୟର୍-ଦମ୍ପତି ଓ ମୁଁ ନେପଲ୍‌ସ-ଠାରେ ଜାହାଜରେ ଚଢ଼ିବୁ । ରୋମ୍‌ରେ ଚାରିଦିନ ସମୟ ମିଳିବ, ସେହି ସମୟ ମଧ୍ୟରେ ଆଲ୍‌ବାର୍ଟା ସହି ଦେଖା କରି ବିଦାୟ ନେବି ।

ଏହିକ୍ଷଣି ପରିସ୍ଥିତି ଖୁବ୍ ସରଗରମ୍; ୩୯ ନଂ ଭିକ୍ଟୋରିଆ ଷ୍ଟ୍ରୀଟ୍‌ରେ ବଡ଼ ହଲ୍‌ଘରଟି ଲୋକରେ ପରିପୂର୍ଣ୍ଣ ଏବଂ ଏବେ ମଧ୍ୟ ଆହୁରି ଲୋକ ଆସୁଛନ୍ତି ।

ହଁ, ମୋର ସେହି ପୁରାତନ ପ୍ରିୟ ଦେଶଟି ମୋତେ ବର୍ତ୍ତମାନ ଡାକୁଛି; ମୋତେ ଯିବାକୁ ହିଁ ହେବ । ସୁତରାଂ ଏହି ଅପ୍ରେଲରେ ରୁଷିଆକୁ ଯିବାର ସମସ୍ତ ପରିକଳ୍ପନା ବିଦାୟ । ଭାରତରେ କାମଦାମ କେତେକ ପରିମାଣରେ ସଜାଡ଼ିଦେଇ ମୁଁ ଚିରସୁନ୍ଦର ଆମେରିକା, ଇଂଲଣ୍ଡ ପ୍ରଭୃତି ସ୍ଥାନକୁ ପୁଣି ଫେରି ଆସୁଛି ।

ମ୍ୟାବେଲ୍‌ର ଚିଠିଟି ପଠାଇଛ, ତୁମର ସହୃଦୟତା—ବାସ୍ତବିକ ସୁସମ୍ବାଦ । ବିଚାରୀ ଫକ୍‌ସ ଲାଗି ମୋର ଟିକିଏ ଦୁଃଖ ହୁଏ । ଯାହା ହେଉ, ମ୍ୟାବେଲ୍ ଯେ ତା'ର କବଳରୁ ମୁକ୍ତି ଲାଭ କରିଛି, ଏହା ଭଲ ହୋଇଛି ।

ନିଉୟର୍କରେ କାମ କିପରି ଚାଲିଛି—କିଛି ଲେଖି ନାହିଁ । ଆଶା କରେ, ସେଠାକାର ଖବର ସବୁ ଭଲ । ବିଚାରୀ କୋଲା ! ସେ କଅଣ ବର୍ତ୍ତମାନ କିଛି ରୋଜଗାରର ବ୍ୟବସ୍ଥା କରିପାରିଛି ?

ଗୁଡ୍‌ଉଇନ୍‌ଙ୍କ ଆଗମନ ଗୋଟିଏ ସୌଭାଗ୍ୟ, କାରଣ ତାହା ଫଳରେ ଏଠାକାର ବକ୍ତୃତାଗୁଡ଼ିକ ଲିପିବଦ୍ଧ ହୋଇ ପର୍ଯ୍ୟାୟକ୍ରମେ ପ୍ରକାଶିତ ହେଉଛି । ଇତିମଧ୍ୟରେ ଖର୍

ଯୋଗାଇବା ଭଳି ଯଥେଷ୍ଟ ଗ୍ରାହକ ମିଳି ଯାଇଛନ୍ତି ।

ଆଗାମୀ ସପ୍ତାହରେ ତିନୋଟି ବକ୍ତୃତା; ତା'ପରେ ଏଥରକ ପାଇଁ ମୋର ଲଣ୍ଡନର କାମ ଶେଷ । ଅବଶ୍ୟ ଏଠାକାର ସମସ୍ତେ ଭାବୁଛନ୍ତି, ଏହି ସାଫଲ୍ୟର ପ୍ରାରମ୍ଭରେ କାମଟା ଛାଡ଼ି ଚାଲିଯିବା ମୂର୍ଖତା; କିନ୍ତୁ ମୋର ପ୍ରିୟ ପ୍ରଭୁ କହୁଛନ୍ତି, 'ପ୍ରାଚୀନ ଭାରତ ଅଭିମୁଖରେ ଯାତ୍ରା କର ।' ମୁଁ ତାଙ୍କର ଆଦେଶ ପାଳନ କରିବି ।

ଫ୍ରାଙ୍କିନ୍‌ସେନ୍‌ସ, ମା, ହଲିଷ୍ଟର୍ ଏବଂ ପ୍ରତ୍ୟେକଙ୍କୁ ମୋର ଚିରନ୍ତନ ପ୍ରୀତି ଓ ଆଶୀର୍ବାଦ ଜଣାଇବ ଏବଂ ତୁମ ପାଇଁ ମଧ୍ୟ ତାହା ।

ଚିର ଆନ୍ତରିକଭାବରେ ତୁମର, ବିବେକାନନ୍ଦ

୩୩୦ଇଂ

୩୯, ଭିକ୍ଟୋରିଆ ଷ୍ଟ୍ରୀଟ, ଲଣ୍ଡନ
୯ ଡିସେମ୍ବର ୧୮୯୬

ପ୍ରିୟ ମିସେସ୍ ବୁଲ୍,

ଆପଣଙ୍କର ଅତି ସହୃଦୟ ଦାନର ପ୍ରତିଶ୍ରୁତି ଲାଗି କୃତଜ୍ଞତା ପ୍ରକାଶ କରିବା ନିଷ୍ପ୍ରୟୋଜନ ।

କାର୍ଯ୍ୟାରମ୍ଭରେ ହିଁ ଅନେକ ଅର୍ଥ ହାତରେ ନେଇ ମୁଁ ନିଜକୁ ବିବ୍ରତ କରିବାକୁ ଚାହେଁ ନାହିଁ; ତେବେ କାର୍ଯ୍ୟପ୍ରସାର ସଙ୍ଗେ ସଙ୍ଗେ ସେହି ଅର୍ଥକୁ ଖଟାଇ ପାରିଲେ ମୁଁ ସୁଖୀ ହେବି । ଖୁବ୍ ସାମାନ୍ୟ ଭାବରେ କାର୍ଯ୍ୟାରମ୍ଭ କରିବାକୁ ମୋର ଇଚ୍ଛା । ଏବେ ସୁଦ୍ଧା ମୋର କୌଣସି ସଠିକ୍ ପରିକଳ୍ପନା ନାହିଁ । ଭାରତବର୍ଷରେ କାର୍ଯ୍ୟକ୍ଷେତ୍ରକୁ ଗଲେ ପ୍ରକୃତ ଅବସ୍ଥାର ପରିଚୟ ପାଇବି । ଭାରତରେ ପହଞ୍ଚି ମୋର ପରିକଳ୍ପନା ଏବଂ ତାହା କାର୍ଯ୍ୟରେ ପରିଣତ କରିବାର ଉପାୟ ଆହୁରି ବିଶଦ ଭାବରେ ଜଣାଇବି ।

ମୁଁ ୧୬ ତାରିଖରେ ଯାତ୍ରା କରିବି ଏବଂ ଇଟାଲିରେ କେତୋଟି ଦିନ କଟାଇ ନେପଲ୍‌ସରେ ଜାହାଜରେ ଚଢ଼ିବି ।

ଅନୁଗ୍ରହ କରି ମିସେସ୍ ଭୋଗାନ୍, ସାରଦାନନ୍ଦ ଏବଂ ସେଠାକାର ଅନ୍ୟାନ୍ୟ ବନ୍ଧୁବାନ୍ଧବଙ୍କୁ ମୋର ପ୍ରୀତି ଜଣାଇବେ । ଆପଣଙ୍କ ସମ୍ବନ୍ଧରେ ଏତିକି କହିପାରେ ଯେ, ମୁଁ ଆପଣଙ୍କୁ ସର୍ବଦା ମୋର ସର୍ବୋତ୍ତମ ବନ୍ଧୁ ବୋଲି ମନେକରି ଆସିଛି ଏବଂ ଆଜୀବନ ତାହା ହିଁ କରିବି । ମୋର ଆନ୍ତରିକ ପ୍ରୀତି ଓ ଶୁଭେଚ୍ଛାଦି ଜାଣିବେ । ଇତି

ଭବଦୀୟ, ବିବେକାନନ୍ଦ

୩୩୧ଇଂ (ଜନୈକ ଆମେରିକାନ୍ ମହିଳାଙ୍କୁ ଲିଖିତ)

ଲଣ୍ଡନ, ୧୩ ଡିସେମ୍ବର ୧୮୯୬

ପ୍ରିୟ ମହାଶୟା,

ନୀତି-ତତ୍ତ୍ୱରେ କ୍ରମବିଭାଗ ଅଛି, କେବଳ ଏଇ କଥାଟି ହୃଦୟଙ୍ଗମ କଲେ ହିଁ ଅଭେଦବୁ ସ୍ପଷ୍ଟ ହୋଇଯିବ । ଟିକିଏ କମ୍ ସଂସାରବୃଦ୍ଧି, ଟିକିଏ କମ୍ ପ୍ରତିକାର, ଟିକିଏ କମ୍ ହିଂସା ମଧ୍ୟଦେଇ ଆମମାନଙ୍କୁ କ୍ରମେ କ୍ରମେ ବୈରାଗ୍ୟ, ଅପ୍ରତିକାର ଓ ଅହିଂସା ପ୍ରଭୃତି ଆଦର୍ଶରେ

ଉପନୀତ ହେବାକୁ ହେବ । ଏହି ଆଦର୍ଶକୁ ସବୁବେଳେ ଆଖି ଆଗରେ ରଖି ତାହା ଆଡ଼କୁ କ୍ରମେ କ୍ରମେ ଅଗ୍ରେଇଯାଆନ୍ତୁ । ପ୍ରତିକାର ବ୍ୟତୀତ, ବାସନା ବ୍ୟତୀତ କେହି ସଂସାରରେ ବାସ କରିପାରେ ନାହିଁ । ଜଗତ ଏବେ ସୁଦ୍ଧା ସେ ଅବସ୍ଥାରେ ପହଞ୍ଚି ନାହିଁ, ଯେତେବେଳେ ଏହି ଆଦର୍ଶକୁ ସମାଜରେ ରୂପାୟିତ କରିହେବ । ସବୁ ଅଶୁଭ ଭିତର ଦେଇ ଜଗତର ଅଗ୍ରଗତି, ଧୀରେ ଧୀରେ କିନ୍ତୁ ନିଶ୍ଚିତ ଭାବରେ ତାହାକୁ ଆଦର୍ଶାନୁରୂପ କରି ଗଢ଼ୁଛି । ଅଧିକାଂଶ ଲୋକଙ୍କୁ ଏହି ମନ୍ଥର ଉନ୍ନତିର ପଥ ଅବଲମ୍ବନ କରିବାକୁ ହେବ । ବିଶେଷ ଶକ୍ତିମାନ୍ ପୁରୁଷଗଣଙ୍କୁ ବର୍ତ୍ତମାନ ପରିସ୍ଥିତି ମଧ୍ୟରେ ଆଦର୍ଶଲାଭ କରିବାକୁ ହେଲେ ଏହି ପରିବେଶ ଭିତରୁ ବାହାରି ଆସିବାକୁ ହେବ । କାଳୋଚିତ କର୍ତ୍ତବ୍ୟ ସାଧନ ହିଁ ଶ୍ରେଷ୍ଠ ପନ୍ଥା ଏବଂ କେବଳ କର୍ତ୍ତବ୍ୟବୋଧରେ ଅନୁଷ୍ଠିତ ହେଲେ ସେଥିରେ ବନ୍ଧନ ଆସେ ନାହିଁ ।

ସଙ୍ଗୀତ ସର୍ବଶ୍ରେଷ୍ଠ ଲଳିତକଳା, ଏବଂ ଯେଉଁମାନେ ତାହା ବୁଝନ୍ତି, ସେମାନଙ୍କ ନିକଟରେ ତାହା ସର୍ବୋଚ୍ଚ ଉପାସନା ।

ଅଜ୍ଞାନ ଓ ଅଶୁଭକୁ ନାଶ କରିବା ପାଇଁ ଆମମାନଙ୍କୁ ଯଥାସାଧ୍ୟ ଚେଷ୍ଟା କରିବାକୁ ହେବ । କେବଳ ଆମମାନଙ୍କୁ ଶିଖିବାକୁ ହେବ ଯେ, ଶୁଭର ଅଭିବୃଦ୍ଧିଦ୍ୱାରା ହିଁ ଅଶୁଭର ବିନାଶ ହୁଏ ।

ଆପଣଙ୍କର ବିଶ୍ୱସ୍ତ, ବିବେକାନନ୍ଦ

**୩୩୨**ଇଂ

୧୩ ଡିସେମ୍ବର ୧୮୯୬

ପ୍ରିୟ ଫ୍ରାଙ୍କିନ୍‌ସେନ୍‌ସ,

ତାହାହେଲେ ଗୋପାଳ* ଝିଅର ରୂପ ଗ୍ରହଣ କରିଛି ! ଏହା ସଙ୍ଗତ ହୋଇଛି—ସ୍ଥାନ କାଳ ବିବେଚନାରେ । ତା'ର ଜୀବନ ସକଳ ଆଶୀର୍ବାଦଦ୍ୱାରା ବର୍ଦ୍ଧିତ ହେଉ । ସେ ଗଭୀର ଆକାଙ୍‌କ୍ଷା ଓ ପ୍ରାର୍ଥନାର ଧନ; ଆପଣ ଓ ଆପଣଙ୍କ ଗୃହିଣୀଙ୍କର ସମଗ୍ର ଜୀବନର ଆଶୀର୍ବାଦରୂପେ ସେ ଆପଣଙ୍କ ପାଖକୁ ଆସିଛି—ଏଥିରେ ମୋର ବିନ୍ଦୁମାତ୍ର ସନ୍ଦେହ ନାହିଁ ।

'ପ୍ରାଚ୍ୟଦେଶର ଜ୍ଞାନୀ ପୁରୁଷଗଣ ପାଶ୍ଚାତ୍ୟ ଶିଶୁ ପାଇଁ ପ୍ରୀତି-ଉପହାର ନେଇ ଆସୁଛନ୍ତି'—ସେହି ପ୍ରଚଳିତ ପ୍ରଥାଟି ପାଳନ କରିବା ପାଇଁ ଯଦି ମୁଁ ବର୍ତ୍ତମାନ ଆମେରିକା ଯାଇପାରନ୍ତି ! ତେବେ ମୋର ଅନ୍ତରାତ୍ମା ସମସ୍ତ ପ୍ରାର୍ଥନା ଓ ଆଶୀର୍ବାଦ ନେଇ ସେଠାରେ ବିରାଜ କରୁଛି; ଦେହ ଅପେକ୍ଷା ମନର ଶକ୍ତି ଯଥେଷ୍ଟ ବେଶୀ ।

ମୁଁ ଏ ମାସର ୧୬ ତାରିଖ ଦିନ ଯାତ୍ରା କରିବି ଏବଂ ନେପଲ୍‌ସ୍‌ରେ ଯାଇ ଜାହାଜ ଧରିବି । ରୋମ୍‌ରେ ଅଲ୍‌ବାର୍ଟା ସହିତ ନିଶ୍ଚୟ ଦେଖା କରିବି । ପବିତ୍ର ପରିବାରଟି ଲାଗି ସର୍ବବିଧ ପ୍ରୀତି । ଇତି

ଆପଣମାନଙ୍କର ସଦାପ୍ରଭୁପଦାଶ୍ରିତ, ବିବେକାନନ୍ଦ

---

* ପ୍ରତ୍ୟାଶିତ ପୁତ୍ର ପରିବର୍ତ୍ତିରେ କନ୍ୟା ଜନ୍ମଗ୍ରହଣ କରିଛି, ତେଣୁ ସ୍ୱାମୀଜୀ ଏକଥା ଉଲ୍ଲେଖ କରିଛନ୍ତି ।

୩୩୩ଈ	ହୋଟେଲ୍ ମିନର୍ଭା, ଫ୍ଲୋରେନ୍ସ
୨୦ ଡିସେମ୍ବର ୧୮୯୬

ପ୍ରିୟ ଆଲବାର୍ଟା,

ଆସନ୍ତାକାଲି ଆମେ ରୋମ୍‌ରେ ପହଞ୍ଚିବୁ । ଖୁବ୍ ସମ୍ଭବ ମୁଁ ଆଗାମୀ ପଅରଦିନ ତୁମ ସଙ୍ଗରେ ଦେଖା କରିବାକୁ ଯିବି, କାରଣ ରୋମ୍‌ରେ ଯେତେବେଳେ ପହଞ୍ଚିବି, ସେତେବେଳେ ରାତି ହୋଇଯିବ । ଆମେ ହୋଟେଲ୍ କଣ୍ଟିନେଣ୍ଟାଲ୍‌ରେ ଉଠିବୁ ।

ସର୍ବଦା ପ୍ରୀତି ଓ ଆଶୀର୍ବାଦ ସହ, ବିବେକାନନ୍ଦ

୩୩୪ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ହୋଟେଲ ମିନର୍ଭା, ଫ୍ଲୋରେନ୍ସ, ୨୦ ଡିସେମ୍ବର ୧୮୯୬

ପ୍ରିୟ ରାଖାଲ,

ଏହି ପତ୍ର ଦେଖି ବୁଝିପାରୁଛ ଯେ, ମୁଁ ଏବେସୁଦ୍ଧା ବାଟରେ ଅଛି । ଲଣ୍ଡନ ତ୍ୟାଗ କରିବା ପୂର୍ବେ ମୁଁ ତୁମର ପତ୍ର ଓ ପୁସ୍ତିକାଖଣ୍ଡିକ ପାଇଥିଲି । ମଜୁମଦାର୍‌ଙ୍କ ପାଗଳାମି ଆଡ଼କୁ ଧ୍ୟାନ ଦିଅ ନାହିଁ । ଈର୍ଷାବଶତଃ ତାଙ୍କର ନିଶ୍ଚିତ ମୁଣ୍ଡ ଖରାପ ହୋଇଯାଇଛି । ସେ ଯେପରି ଅଭଦ୍ର ଭାଷା ବ୍ୟବହାର କରିଛନ୍ତି, ତାହା ଶୁଣିଲେ ସଭ୍ୟ ଦେଶର ଲୋକେ ତାଙ୍କୁ ବିଦ୍ରୂପ କରିବେ । ଏଭଳି ଅସଭ୍ୟ ଭାଷା ପ୍ରୟୋଗ କରି ସେ ନିଜର ଉଦ୍ଦେଶ୍ୟକୁ ନିଜେ ହିଁ ବିଫଳ କରିଛନ୍ତି ।

ସେ ଯାହା ହେଉ, ଆମେ କେବେହେଲେ ଆମର ନାମ ନେଇ ହରମୋହନ ବା ଅନ୍ୟ କାହାକୁ ବି ବ୍ରାହ୍ମମାନଙ୍କ ସହିତ ଲଢ଼େଇ କରିବାକୁ ଦେଇପାରିବା ନାହିଁ । ଜନସାଧାରଣ ଜାଣନ୍ତୁ ଯେ, କୌଣସି ସମ୍ପ୍ରଦାୟ ସହିତ ଆମର ବିବାଦ ନାହିଁ; ଯଦି କେହି କଳହ ସୃଷ୍ଟି କରେ, ସେଥିପାଇଁ ସେ ନିଜେ ଦାୟୀ । ପରସ୍ପର ସହିତ ବିବାଦ କରିବା ଓ ପରସ୍ପରକୁ ନିନ୍ଦା କରିବା ହେଲା ଆମ ଜାତିର ମଜ୍ଜାଗତ ! ଅଳସ, ଅକର୍ମଣ୍ୟ, ମନ୍ଦଭାଷୀ, ଈର୍ଷାପରାୟଣ, ଭୀରୁ ଓ କଳହପ୍ରିୟ—ଏଇ ତ ଆମେ ବଙ୍ଗାଳୀ ଜାତି ! ମୋର ବନ୍ଧୁ ବୋଲି ପରିଚୟ ଦେବାକୁ ଗଲେ ଏଗୁଡ଼ିକ ତ୍ୟାଗ କରିବାକୁ ହେବ । ତା' ଛଡ଼ା ହରମୋହନଙ୍କୁ ମୋ ବହି ଛାପିବାକୁ ଦେବ ନାହିଁ । ସେ ଯେଉଁ ଭାବରେ ଛାପେ, ତାହା ଲୋକଙ୍କୁ ଠକାଇବା ହେବ ।

କଲିକତାରେ କମଳା ଲେମ୍ବୁ ଥିଲେ ଆଲସିଙ୍ଗାର ଠିକଣାରେ ମାନ୍ଦ୍ରାଜକୁ ଏକଶହଟି ପଠାଇଦେବ, ଯହିଁରେ ମୁଁ ମାନ୍ଦ୍ରାଜରେ ପହଞ୍ଚି ପାଇପାରେ ।

ମଜୁମଦାର୍ କ'ଣ ଲେଖିଛନ୍ତି କି 'ବ୍ରହ୍ମବାଦିନ୍' ପତ୍ରିକାରେ ପ୍ରକାଶିତ ଶ୍ରୀରାମକୃଷ୍ଣ-ଉପଦେଶ ଖାଣ୍ଟି ନୁହେଁ, ମିଥ୍ୟା ? ତାହା ଯଦି ହୁଏ ତ ସୁରେଶ ଦତ୍ତ ଓ ରାମବାବୁଙ୍କୁ 'ଇଣ୍ଡିଆନ୍ ମିରର୍'ରେ ଏହାର ପ୍ରତିବାଦ କରିବାକୁ କହିବ । ସେହି ଉପଦେଶ କି ଭାବରେ ସଂଗୃହୀତ ହୋଇଛି ତାହା ତ ମୁଁ ଜାଣେ ନାହିଁ; ସେଥିପାଇଁ ଏ ବିଷୟରେ କିଛି କହିପାରୁ ନାହିଁ । ଇତି

ତୁମର ପ୍ରେମାବଦ୍ଧ, ବିବେକାନନ୍ଦ

ପୁଃ—ଏସବୁ ବେକୁବ୍‌ମାନଙ୍କ କଥା ମୋଟେ ଭାବିବ ନାହିଁ; କଥାରେ କହନ୍ତି 'ବୁଢ଼ା ବେକୁବ୍‌ଙ୍କ ଭଳି ଆଉ ବେକୁବ୍ ନାହିଁ ।' ସେମାନେ ଟିକିଏ ପାଟି କରନ୍ତୁ ନା । ସେମାନଙ୍କ ପେଶା ମରିଯାଇଛି । ଆହା ବିଚରା ! ଟିକିଏ ପାଟି କରି ହେଲେ ସନ୍ତୁଷ୍ଟ ହୁଅନ୍ତୁ ।

**୩୩୫ଇଂ** ('ଲାଇଟ୍ ଅଫ୍ ଦ ଇଷ୍ଟ' ପତ୍ରିକାର ସମ୍ପାଦକଙ୍କୁ ଲିଖିତ)

ପ୍ରିୟ ମହାଶୟ,

'ଲାଇଟ୍ ଅଫ୍ ଦ ଇଷ୍ଟ'ର କେତୋଟି ସଂଖ୍ୟା ଅନୁଗ୍ରହ କରି ମୋ ନିକଟକୁ ପଠାଇ-ଥିବାରୁ ଅଶେଷ ଧନ୍ୟବାଦ । ପତ୍ରିକାଟିର ସମ୍ପୂର୍ଣ୍ଣ ସାଫଲ୍ୟ କାମନା କରୁଛି ।

ଯେହେତୁ ପତ୍ରିକାଟିର ଉନ୍ନତି କଳ୍ପେ ଆପଣ ମୋର ପରାମର୍ଶ ଚାହିଁଛନ୍ତି, ମୁଁ ସ୍ପଷ୍ଟ କହୁଛି, ଏହି କାମରେ ମୋର ଆଜୀବନ ଅଭିଜ୍ଞତାରୁ ମୁଁ ସବୁବେଳେ ଦେଖିଛି ଯେ, ଅଲୌକିକର ଚର୍ଚ୍ଚା କ୍ଷତିକାରକ । ତାହା ମନୁଷ୍ୟକୁ ଦୁର୍ବଳ କରେ । ଆମର ଯାହା ଦରକାର ତାହା ହେଉଛି ଶକ୍ତି । ଅନ୍ୟାନ୍ୟ ଜାତିଙ୍କ ଅପେକ୍ଷା ଭାରତବାସୀ—ଆମମାନଙ୍କ ପାଇଁ ବେଶୀ ଦରକାର ବଳିଷ୍ଠ ତେଜସ୍ୱୀ ଚିନ୍ତା । ସବୁ ବିଷୟରେ ସୂକ୍ଷ୍ମାତିସୂକ୍ଷ୍ମର ଅନୁଶୀଳନ ଆମମାନଙ୍କର ଯଥେଷ୍ଟ ହୋଇଛି । ଯୁଗ ଯୁଗ ଧରି ଆମ ଭିତରେ ରହସ୍ୟମୟ ବସ୍ତୁକୁ ଠେଲି ପୂରାଇ ଦିଆ-ହୋଇଛି । ତାହା ଫଳରେ ଆମର ବୌଦ୍ଧିକ ଓ ଆଧ୍ୟାତ୍ମିକ ପରିପାକ-ଶକ୍ତି ଏପରି ନଷ୍ଟ ହୋଇଯାଇଛି ଯେ, ତାହା ପ୍ରାୟ ଚିକିତ୍ସାର ଅସାଧ୍ୟ । ଏହା ଜାତିକୁ ଅକର୍ମଣ୍ୟ ମାନସିକ ଜଡ଼ତାର ଏପରି ଏକ ନିମ୍ନସ୍ତରକୁ ଟାଣି ନେଇଛି, ଯାହାର ଅଭିଜ୍ଞତା ଅନ୍ୟ କୌଣସି ସଭ୍ୟ ସମାଜ ଏହା ଆଗରୁ ବା ପରେ ଲାଭ କରି ନାହାନ୍ତି । ଗୋଟିଏ ବଳଶାଳୀ ଜାତି ଗଢ଼ି ତୋଳିବାକୁ ହେଲେ ତା' ପଛରେ ସତେଜ ଓ ବଳିଷ୍ଠ ଚିନ୍ତା ରହିବା ଦରକାର । ଏହା ତ୍ରୟୋଦଶରୁ ଅତିରିକ୍ତ ଭାବରେ ଉପନିଷଦ୍ ମଧ୍ୟରେ ରହିଛି । ଏହା ସାରା ପୃଥିବୀକୁ ମଧ୍ୟ ବଳଶାଳୀ କରିପାରେ । ଅଦ୍ୱୈତବାଦ ହେଉଛି ଶକ୍ତିର ଶାଶ୍ୱତ ଆକର । କିନ୍ତୁ ତାକୁ କାମରେ ଲଗାଇବା ଦରକାର । ପ୍ରଥମେ ବେଦାନ୍ତକୁ ପାଣ୍ଡିତ୍ୟର କଠିନ ଆବରଣରୁ ମୁକ୍ତ କରିବାକୁ ପଡ଼ିବ । ତା'ପରେ ତା'ର ସମସ୍ତ ସରଳତା, ସୌନ୍ଦର୍ଯ୍ୟ ଓ ଭାବଗାମ୍ଭୀର୍ଯ୍ୟକୁ ନେଇ ଦୈନନ୍ଦିନ ଜୀବନର ଟିକିନିଖି ବିଷୟରେ ପ୍ରୟୋଗ କରି ଦେଶର ସର୍ବତ୍ର ଶିକ୍ଷା ଦେବାକୁ ହେବ । ଏହା ଏକ ବିରାଟ କାମର ଯୋଜନା, ତଥାପି ଆସନ୍ତା କାଲି ଯେପରି ଏହା ନିଷ୍ପନ୍ନ ହେବ ଏହି ଉଦ୍ଦେଶ୍ୟରେ ଆମକୁ କାମ କରିବାକୁ ହେବ । ଗୋଟିଏ ବିଷୟରେ ମୁଁ ସୁନିଶ୍ଚିତ, ଯେ କେହି ଅକପଟ ଭଲ ପାଇବା ଦେଇ, ନିଃସ୍ୱାର୍ଥପର ହୋଇ ମନୁଷ୍ୟର ସେବା କରିବାକୁ ଚାହେଁ, ସେ ଅସାଧ୍ୟ ସାଧନ କରିପାରିବ । ଇତି

ଆପଣଙ୍କର ବିଶ୍ୱସ୍ତ, ବିବେକାନନ୍ଦ

**୩୩୬ଇଂ**

ଡ୍ୟାମ୍ପିୟାର, 'ପ୍ରିନ୍ସ-ରିଜେଣ୍ଟ ଲିଓପୋଲ୍ଡ'
୩.ଜାନୁଆରି ୧୮୯୭

ସ୍ନେହର ମେରି

ତୁମ ଚିଠି ଲଣ୍ଡନରୁ ଠିକଣା ବଦଳି ହୋଇ ରୋମ୍‌ରେ ମୋ ପାଖେ ଆସି ପହଞ୍ଚିଛି ।

ତୁମର ଅଶେଷ ସୌଜନ୍ୟ ଯେ, [illegible] ଦେଖିଛ; ଏହାର ପ୍ରତିଟି ଧାଡ଼ି ମୁଁ ଉପଭୋଗ କରୁଛି । ୟୁରୋପରେ ଅର୍କେଷ୍ଟ୍ରାର [illegible] ସମ୍ବନ୍ଧରେ ମୁଁ କିଛି ଜାଣି ନାହିଁ । ନେପଲ୍‌ସ୍‌ରୁ ଚଉଦିନ ଭୟାବହ ସମୁଦ୍ରଯାତ୍ରା ପରେ ପୋର୍ଟ ସୟିଦ୍ ପାଖରେ ଆସି ପହଞ୍ଚିଛି । ଜାହାଜ ଖୁବ୍ ହଲୁଛି । ଏଣୁ ଏହି ଅବସ୍ଥାରେ ମୋର ଏହି ଆଲୁରବାଲୁର ଲେଖାକୁ ତୁମେ କ୍ଷମା କରିବ ।

ସୁଏଜ୍‌ରୁ ଏସିଆ । ପୁଣି ଏସିଆରେ ! ମୁଁ କଅଣ ଏସିଆବାସୀ, ୟୁରୋପୀୟ ନା ଆମେରିକାନ୍ ? ମୋ' ଭିତରେ ବିଭିନ୍ନ ବ୍ୟକ୍ତିତ୍ୱର ଏକ ସମ୍ମିଶ୍ରଣ ମୁଁ ଅନୁଭବ କରୁଛି । ଧର୍ମପାଳଙ୍କର ଗତିବିଧି ବା କାର୍ଯ୍ୟକଳାପ ସମ୍ବନ୍ଧରେ କିଛି ଲେଖି ନାହିଁ । ଗାନ୍ଧୀଙ୍କ ଅପେକ୍ଷା ତାଙ୍କ ସମ୍ବନ୍ଧରେ ମୋର ବେଶୀ ଆଗ୍ରହ ।

କେତେଦିନ ପରେ କଲମ୍ବୋରେ ଓହ୍ଲାଇବି ଏବଂ ସିଂହଳରେ କଅଣ ଗୋଟିଏ କରିବି ଭାବିଛି । ଏକଦା ସିଂହଳରେ ଦୁଇକୋଟି ଅଧିବାସୀ ଥିଲେ । ସେମାନଙ୍କ ବିରାଟ ରାଜଧାନୀର ଧ୍ୱଂସାବଶେଷ ପ୍ରାୟ ଶହେ ବର୍ଗ ମାଇଲ୍ ବ୍ୟାପୀ ପଡ଼ିରହିଛି ।

ସିଂହଳୀମାନେ ଦ୍ରାବିଡ଼ ଜାତି ନୁହନ୍ତି—ଖାଣ୍ଟି ଆର୍ଯ୍ୟ । ପ୍ରାୟ ଖ୍ରୀଷ୍ଟପୂର୍ବ ଆଠଶହ ବର୍ଷ ତଳେ ବଙ୍ଗଳାରୁ ଯାଇ ସିଂହଳରେ ଉପନିବେଶ ସ୍ଥାପିତ ହୋଇଥିଲା ଏବଂ ସେହି ସମୟରୁ ସେମାନଙ୍କ ଇତିହାସକୁ ସେମାନେ ବଜାୟ ରଖିଛନ୍ତି । ଏହା ଥିଲା ପ୍ରାଚୀନ ପୃଥିବୀର ସବୁଠାରୁ ବଡ଼ ବ୍ୟବସାୟ-କେନ୍ଦ୍ର ଓ ଅନୁରାଧାପୁର ଥିଲା ସେକାଳର ଲଣ୍ଡନ ।

ପାଶ୍ଚାତ୍ୟର ସବୁକିଛି ମଧ୍ୟରେ ମୁଁ ରୋମ୍‌କୁ ବେଶୀ ଉପଭୋଗ କରିଛି । ପମ୍ପିଅଇ ଦେଖିବା ପରେ ତଥାକଥିତ 'ଆଧୁନିକ ସଭ୍ୟତା' ଉପରୁ ମୁଁ ସମ୍ପୂର୍ଣ୍ଣ ଶ୍ରଦ୍ଧା ହରାଇଛି । ବାଷ୍ପ ଓ ବିଦ୍ୟୁତ୍‌କୁ ବାଦ୍ ଦେଲେ ସେମାନଙ୍କର ଆଉ ସବୁ ଥିଲା । ସ୍ଥାପତ୍ୟକଳାର ଧାରଣା ଏବଂ ରୂପାୟନ-ଶକ୍ତି ମଧ୍ୟ ଆଧୁନିକମାନଙ୍କଠାରୁ ଅନନ୍ତଗୁଣ ବେଶୀ ଥିଲା । ମିସ୍ ଲକ୍‌ଙ୍କୁ କହିବ, 'ମାନବ-ମୂର୍ତ୍ତିର ଭାସ୍କର୍ଯ୍ୟ ଗ୍ରୀସ୍‌ରେ ଯେତେ ଉନ୍ନତ ହୋଇଥିଲା ଭାରତରେ ସେତେ ହୋଇ ନାହିଁ' ଏହି କଥା ଯାହା ମୁଁ ତାଙ୍କୁ କହିଥିଲି—ମୋର ଏହି ମତ ଭୁଲ୍ ।

ଫର୍ଗୁସନ୍ ପ୍ରଭୃତି ପ୍ରାମାଣିକ ଗ୍ରନ୍ଥରେ ପଢ଼ିଛି ଯେ, ଓଡ଼ିଶାରେ ଅଥବା ଜଗନ୍ନାଥଙ୍କ ପୀଠରେ—ଯେଉଁଠାକୁ ଏପର୍ଯ୍ୟନ୍ତ ମୁଁ ଯାଇ ନାହିଁ, ସେହି ସ୍ଥାନର ଧ୍ୱଂସସ୍ତୂପ ମଧ୍ୟରେ ଯେଉଁସବୁ ମାନବ-ମୂର୍ତ୍ତି ରହିଛି, ସେଗୁଡ଼ିକ ସୌନ୍ଦର୍ଯ୍ୟ ଓ ଅବୟବ-ସଂସ୍ଥାନର ଚାତୁର୍ଯ୍ୟ ଦୃଷ୍ଟିରୁ ଗ୍ରୀକ୍‌ର ଯେକୌଣସି ଶିଳ୍ପ-ସୃଷ୍ଟି ସଙ୍ଗେ ତୁଳନୀୟ । ସେଠାରେ ମୃତ୍ୟୁର ଗୋଟିଏ ବିଶାଳ ମୂର୍ତ୍ତି ଅଛି—ପ୍ରକାଣ୍ଡ ଏକ ଲୋଳଚର୍ମ ନାରୀକଙ୍କାଳ—ତା'ର ପ୍ରତ୍ୟେକଟି ଅବୟବର ନିଖୁଣ ସଂସ୍ଥାନ ଭୟଙ୍କର ଓ ବୀଭତ୍ସ । ଗ୍ରନ୍ଥକାର କହିଛନ୍ତି—ଅଳନ୍ଦରେ ଥିବା ଗୋଟିଏ ନାରୀମୂର୍ତ୍ତି ଠିକ୍ 'ମେଡ଼ିଚି'ର 'ଭେନସ୍'ଙ୍କ ଭଳି । ଏମିତି ଆହୁରି କେତେ କଅଣ ।

ମନେରଖ ମୂର୍ତ୍ତିବିଦ୍ୱେଷୀ ମୁସଲମାନମାନେ ପ୍ରାୟ ସବୁ ଧ୍ୱଂସ କରିଛନ୍ତି; ତଥାପି ଯାହା ଅଛି ତାହା ସମଗ୍ର ୟୁରୋପୀୟ ଧ୍ୱଂସସ୍ତୂପଠାରୁ ବେଶୀ । ଆଠବର୍ଷ ବୁଲିଛି, ତଥାପି ଅନେକଗୁଡ଼ିଏ ଶ୍ରେଷ୍ଠ ଭାସ୍କର୍ଯ୍ୟ ଦେଖି ନାହିଁ ।

ଭଗିନୀ ଲକ୍ସ୍କଙ୍କୁ, କହିବ—ଭାରତର ଅରଣ୍ୟରେ ଗୋଟିଏ ବିଧ୍ୱସ୍ତ ମନ୍ଦିର ରହିଛି; ଫର୍ଗୁସନ୍ ମନେକରନ୍ତି, ସେହିଟି ଓ ଗ୍ରୀସ୍‌ର ପାର୍ଥିନନ୍‌ର ସ୍ଥାପତ୍ୟଶିଳ୍ପ, ଯେ ଯାହାର ନିଜ ଆଦର୍ଶର ଶିଖରସୀମା; ଗୋଟିଏ ହେଲା ଭାବର ଓ ଅନ୍ୟଟି ହେଲା ଭାବ ଓ ଖୁଣ୍ଟିନାଖିର । ପରବର୍ତ୍ତୀ ମୋଗଲ ସୌଧାବଳୀ ପ୍ରଭୃତି ଇଣ୍ଡୋ-ସାରାସେନ୍ ସ୍ଥାପତ୍ୟଶିଳ୍ପ ପ୍ରାଚୀନକାଳର ଉତ୍କୃଷ୍ଟ ନିଦର୍ଶନଗୁଡ଼ିକ ସହି ତୁଳନାରେ ସମକକ୍ଷ ହୋଇପାରିବ ନାହିଁ ।...ସ୍ନେହ ଓ ପ୍ରୀତି ଜାଣିବ । ଇତି

ବିବେକାନନ୍ଦ

ପୁଃ—ଫ୍ଲୋରେନ୍‌ସରେ ହଠାତ୍ ମଦର୍ ଚର୍ଚ୍ଚ ଓ ଫାଦର୍ ପୋପ୍‌ଙ୍କ ସଙ୍ଗେ ଦେଖା । ସେକଥା ତ ତୁମେ ଜାଣିଛ ।

—ବି.

**୩୩୬ଇଂ** (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ରାମନାଦ, ଶନିବାର, ୩୦ ଜାନୁଆରି ୧୮୯୭

ପ୍ରିୟ ମେରୀ,

ସବୁଆଡ଼ର ଅବସ୍ଥା ଅତି ଆଶ୍ଚର୍ଯ୍ୟ ଭାବରେ ମୋର ଅନୁକୂଳ ହୋଇ ଆସୁଛି । ସିଂହଳର କଲମ୍ବୋରେ ମୁଁ ଜାହାଜରୁ ଓହ୍ଲାଇଛି ଏବଂ ବର୍ତ୍ତମାନ ଭାରତବର୍ଷର ପ୍ରାୟ ଶେଷ ଦକ୍ଷିଣତମ ଭୂଖଣ୍ଡ ରାମନାଦରେ ସେଠାର ରାଜାଙ୍କ ଅତିଥି ଭାବରେ ରହିଛି । ଏହି କଲମ୍ବୋରୁ ରାମନାଦ ପର୍ଯ୍ୟନ୍ତ ମୋର ଅଭିଗମନ ଯେପରି ଗୋଟିଏ ବିରାଟ ଶୋଭାଯାତ୍ରା—ହଜାର ହଜାର ଲୋକଙ୍କ ଭିଡ଼, ଆଲୋକସଜ୍ଜା, ଅଭିନନ୍ଦନ ଇତ୍ୟାଦି ! ଭାରତଭୂମିରେ ଯେଉଁଠାରେ ମୁଁ ପ୍ରଥମେ ପଦାର୍ପଣ କଲି, ସେହି ସ୍ଥାନରେ ୪୦ ଫୁଟ ଉଚ୍ଚ ଗୋଟିଏ ସ୍ମୃତିସ୍ତମ୍ଭ ତିଆରି ହେଉଛି । ରାମନାଦର ରାଜା ତାଙ୍କର ଅଭିନନ୍ଦନ-ପତ୍ର ଗୋଟିଏ ସୁନ୍ଦର କାରୁକାର୍ଯ୍ୟ-ଖଚିତ ପ୍ରକାଣ୍ଡ ଖଣ୍ଡି ସ୍ୱର୍ଣ୍ଣନିର୍ମିତ ପେଟିକାରେ ମୋତେ ପ୍ରଦାନ କରିଛନ୍ତି; ସେଥିରେ ମୋତେ 'ମହାପବିତ୍ରତା ସ୍ୱରୂପ' (His most Holiness) ବୋଲି ସମ୍ବୋଧନ କରାଯାଇଛି । ମାନ୍ଦ୍ରାଜ ଓ କଲିକତା ମୋ ଲାଗି ଉଦ୍‌ଗ୍ରୀବ ହୋଇ ରହିଁ ରହିଛନ୍ତି—ଯେପରି ସମଗ୍ର ଦେଶ ମୋତେ ସମ୍ମାନ କରିବା ଲାଗି ଉଠି ଠିଆ ହୋଇଛି । ସୁତରାଂ ତୁମେ ଦେଖିପାରୁଛ ମେରୀ, ମୁଁ ମୋର ଅଦୃଷ୍ଟର ଉଚ୍ଚତମ ଶିଖରକୁ ଉଠିଛି । ତଥାପି ମୋର ମନ ଶିକାଗୋର ସେହି ନିସ୍ତବ୍ଧ, ପ୍ରଶାନ୍ତ ଦିନଗୁଡ଼ିକ ଆଡ଼କୁ ଛୁଟୁଛି—କି ବିଶ୍ରାମ, ଶାନ୍ତି ଓ ପ୍ରେମପୂର୍ଣ୍ଣ ଦିନ ! ତେଣୁ ବର୍ତ୍ତମାନ ତୁମକୁ ଚିଠି ଲେଖିବାକୁ ବସିଛି । ଆଶା କରେ, ତୁମେମାନେ ସମସ୍ତେ ବେଶ୍ ଭଲ ଅଛ ଓ ଆନନ୍ଦରେ ଅଛ । ଡାକ୍ତର ବ୍ୟାରୋଜ୍‌ଙ୍କୁ ଆଦର ଅଭ୍ୟର୍ଥନା କରିବା ଲାଗି ମୁଁ ଲଣ୍ଡନରୁ ମୋ ଦେଶର ଲୋକମାନଙ୍କ ନିକଟକୁ ଚିଠି ଲେଖିଥିଲି । ସେମାନେ ତାଙ୍କୁ ଖୁବ ଆଡ଼ମ୍ବରପୂର୍ଣ୍ଣ ଅଭ୍ୟର୍ଥନା କରିଥିଲେ । କିନ୍ତୁ ସେ ଯେ ସେଠାରେ ଲୋକଙ୍କ ମନକୁ ଜିଣିପାରି ନାହାନ୍ତି, ସେଥିପାଇଁ ମୁଁ ଦୋଷୀ ନୁହେଁ । କଲିକତାର ଲୋକଙ୍କ ଭିତରେ କିଛି ନୂତନ ଭାବ ଭର୍ତ୍ତି କରିବା ଅତ୍ୟନ୍ତ କଠିନ । ଡାକ୍ତର୍ ବ୍ୟାରୋଜ୍ ମୋ ସମ୍ବନ୍ଧରେ ନାନାପ୍ରକାର ଭାବୁଛନ୍ତି, ମୁଁ ଶୁଣିବାକୁ ପାଉଛି—ଏଇ ତ ସଂସାର ! ମା, ବାପା ଓ ତୁମେମାନେ ସମସ୍ତେ ମୋର ପ୍ରୀତି ଜାଣିବ । ଇତି

ତୁମର ସ୍ନେହାବଦ୍ଧ, ବିବେକାନନ୍ଦ

୩୩୮ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ମାନ୍ଦ୍ରାଜ, ୧୨ ଫେବୃଆରି ୧୮୯୭

ପ୍ରିୟ ରାଖାଲ,

ଆଗାମୀ ରବିବାର 'ମୋମ୍ବାସା' ଜାହାଜରେ ମୋର ଯାତ୍ରା କରିବାର କଥା । ସ୍ୱାସ୍ଥ୍ୟ ଖରାପ ହେବାରୁ ପୁନାରୁ ଏବଂ ଆହୁରି ଅନେକ ସ୍ଥାନରୁ ନିମନ୍ତ୍ରଣ ମୋତେ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ୁଛି । ଅତିରିକ୍ତ ପରିଶ୍ରମ ଓ ଗରମରେ ମୋ ଦେହ ଅତ୍ୟନ୍ତ ଖରାପ ହୋଇଛି ।

ଥିଓସଫିଷ୍ଟମାନେ ଓ ଅନ୍ୟାନ୍ୟ ସମସ୍ତେ ମୋତେ ସନ୍ତ୍ରସ୍ତ କରିବା ଉଦ୍ଦେଶ୍ୟରେ ଥିଲେ; ସୁତରାଂ ମୋତେ ମଧ୍ୟ ଖୋଲଖୋଲି ଭାବରେ ଦୁଇଚାରିଟି କଥା ସେମାନଙ୍କୁ ଶୁଣାଇବାକୁ ହୋଇଥିଲା । ତୁମେ ଜାଣ, ସେମାନଙ୍କ ଦଳରେ ଯୋଗ ଦେବାକୁ ଅସ୍ୱୀକାର କରିବାରୁ ସେମାନେ ମୋତେ ଆମେରିକାରେ ବରାବର ନିର୍ଯ୍ୟାତିତ କରିଛନ୍ତି । ଏଠାରେ ମଧ୍ୟ ସେମାନେ ତାହା ଆରମ୍ଭ କରିବାକୁ ଇଚ୍ଛା କରିଥିଲେ । ତେଣୁ ମୋର ମତ ପରିଷ୍କାର କରି କହିବାକୁ ପଡ଼ିଲା । ଏଥିରେ ମୋର କଲିକତାର ବନ୍ଧୁମାନଙ୍କ ଭିତରୁ କେହି ଯଦି ଅସନ୍ତୁଷ୍ଟ ହୋଇଥାନ୍ତି, ତେବେ ଭଗବାନ ସେମାନଙ୍କୁ କୃପା କରନ୍ତୁ । ତୁମର ଭୟ କରିବାର କାରଣ ନାହିଁ; ମୁଁ ନିଃସଙ୍ଗ ନୁହେଁ—ପ୍ରଭୁ ସର୍ବଦା ମୋ ସଙ୍ଗରେ ଅଛନ୍ତି । ଆଉ କଅଣ ବା କରିପାରିଥାଆନ୍ତି । ଇତି

ତୁମମାନଙ୍କର, ବିବେକାନନ୍ଦ

ପୁଃ—ଉପଯୁକ୍ତ ଆସବାବ ଥିଲେ ଘରଖଣ୍ଡିକ ନେବ । —ବି.

୩୩୯ଇଂ

ଆଲମ୍‌ବଜାର ମଠ, କଲିକତା
୨୫ ଫେବୃଆରି ୧୮୯୭

ପ୍ରିୟ ମିସେସ୍ ବୁଲ,

ସାରଦାନନ୍ଦ ଭାରତର ଦୁର୍ଭିକ୍ଷ ନିବାରଣ କଳ୍ପେ ୨୦ ପାଉଣ୍ଡ ପଠାଇଛି । କିନ୍ତୁ କଥାରେ କହନ୍ତି, 'ଆଗେ ନିଜ ଘର ସମ୍ଭାଳ'; ସୁତରାଂ ପ୍ରଥମେ ନିଜ ଘରେ ଦୁର୍ଭିକ୍ଷ ଦୂର କରିବାକୁ ମୁଁ ଶ୍ରେଷ୍ଠ କର୍ତ୍ତବ୍ୟ ବୋଲି ମନେ କଲି । ଏଣୁ ସେହି ଅର୍ଥ ଯଥାଯଥ ଭାବରେ ନିୟୋଜିତ ହୋଇଛି ।

ଶୋଭାଯାତ୍ରା, ବାଦ୍ୟଭାଣ୍ଡ ଏବଂ ସମ୍ବର୍ଦ୍ଧନାର ବହୁପ୍ରକାର ଆୟୋଜନ ଆଡ଼ମ୍ବରର ଚାପରେ ମୁଁ ବର୍ତ୍ତମାନ ମୃତପ୍ରାୟ । ମୋର ଏବେ ଲୋକେ ଯେପରି କହନ୍ତି, 'ମରିବାକୁ ବି ସମୟ ନାହିଁ'; ଜନ୍ମୋତ୍ସବ ଶେଷ ହେବା ସଙ୍ଗେ ସଙ୍ଗେ ମୁଁ ପାହାଡ଼କୁ ପଳାଇଯିବି । ମୁଁ 'କେମ୍ବ୍ରିଜ ସମ୍ମେଳନ'ରୁ ଗୋଟିଏ ଏବଂ 'ବ୍ରୁକଲିନ୍ ଏଥିକାଲ ଆସୋସିଏସନ୍'ରୁ ଆଉ ଗୋଟିଏ ମାନପତ୍ର ପାଇଛି । 'ନ୍ୟୁୟର୍କ ବେଦାନ୍ତ ଆସୋସିଏସନ୍'ର ଯେଉଁ ମାନପତ୍ରର କଥା ଡକ୍ଟର୍ ଜେନ୍‌ସ ଲେଖିଛନ୍ତି, ତାହା ଏପର୍ଯ୍ୟନ୍ତ ପହଞ୍ଚି ନାହିଁ ।

ଡକ୍ଟର ଜେନ୍‌ସଙ୍କର ଆଉ ଖଣ୍ଡିଏ ଚିଠି ମଧ୍ୟ ଆସିଛି, ସେଥିରେ ଭାରତବର୍ଷରେ ସମ୍ମେଳନର ଅନୁରୂପ କାର୍ଯ୍ୟ କରିବା ପାଇଁ ଆପଣମାନଙ୍କୁ ପରାମର୍ଶ ଦିଆଯାଇଛି । କିନ୍ତୁ ଏସବୁ ବିଷୟରେ ମନୋଯୋଗ ଦେବା ମୋ ପକ୍ଷରେ ପ୍ରାୟ ଅସମ୍ଭବ । ମୁଁ କ୍ଲାନ୍ତ—ଏତେ କ୍ଲାନ୍ତ ଯେ, ଯଦି ବିଶ୍ରାମ ନ ପାଏ, ତେବେ ଆଉ ଛଅମାସ ମଧ୍ୟ ବଞ୍ଚିବି କି ନାହିଁ ସନ୍ଦେହ ।

ବର୍ତ୍ତମାନ ମୋତେ ଦୁଇଟି କେନ୍ଦ୍ର ଖୋଲିବାକୁ ହେବ—ଗୋଟିଏ କଲିକତାରେ, ଆଉ ଗୋଟିଏ ମାନ୍ଦ୍ରାଜରେ । ମାନ୍ଦ୍ରାଜୀମାନଙ୍କର ଗାମ୍ଭୀର୍ଯ୍ୟ ବେଶୀ, ଆଉ ସେମାନେ ଅଧିକତର ଅକପଟ ଏବଂ ମୋର ବିଶ୍ୱାସ ସେମାନେ ମାନ୍ଦ୍ରାଜରୁ ହିଁ ଉପଯୁକ୍ତ ଅର୍ଥ ସଂଗ୍ରହ କରିପାରିବେ । କଲିକତାର ଲୋକେ, ବିଶେଷତଃ କଲିକତାର ଅଭିଜାତ ସମ୍ପ୍ରଦାୟ, ଦେଶ-ପ୍ରେମର ହୋ-ହଲ୍ଲାରେ ଉତ୍ସାହୀ; କିନ୍ତୁ ସେମାନଙ୍କର ସହାନୁଭୂତି କେବେହେଲେ ବାସ୍ତବରେ ପରିଣତ ହେବ ନାହିଁ । ବରଂ ଏ ଦେଶରେ ହିଂସୁକ ଓ ନିଷ୍ଠୁର ପ୍ରକୃତିର ଲୋକଙ୍କ ସଂଖ୍ୟା ଖୁବ୍ ବେଶୀ—ସେମାନେ ମୋର ସବୁ କାମକୁ ଲଣ୍ଡଭଣ୍ଡ କରି ଧୂଳିସାତ୍ କରିବାକୁ କୌଣସି ପ୍ରକାରେ ପଶ୍ଚାତ୍ପଦ ହେବେ ନାହିଁ ।

ତେବେ ଆପଣ ତ ଭଲଭାବରେ ଜାଣନ୍ତି, ବାଧା ଯେତେ ବଢ଼େ, ମୋ ଭିତରର ଦୈତ୍ୟଟା ମଧ୍ୟ ସେତେ ବେଶୀ ଜାଗିଉଠେ । ସନ୍ନ୍ୟାସୀମାନଙ୍କ ପାଇଁ ଗୋଟିଏ ଏବଂ ନାରୀ-ମାନଙ୍କ ପାଇଁ ଗୋଟିଏ କେନ୍ଦ୍ର ପ୍ରତିଷ୍ଠା ପୂର୍ବରୁ ମୋର ମୃତ୍ୟୁ ଘଟିଲେ ମୋର ଜୀବନବ୍ରତ ଅସମ୍ପୂର୍ଣ୍ଣ ରହିଯିବ ।

ମୁଁ ଇଂଲଣ୍ଡରୁ ୫ଶହ ପାଉଣ୍ଡ ଏବଂ ମିଷ୍ଟର ଷ୍ଟର୍ଡିଙ୍କ ପାଖରୁ ୫ଶହ ପାଉଣ୍ଡ ପୂର୍ବରୁ ପାଇଛି । ତା' ସହିତ ଆପଣଙ୍କ ପ୍ରଦତ୍ତ ଅର୍ଥ ଯୋଗ କଲେ ଦୁଇଟିଯାକ କେନ୍ଦ୍ର ନିଶ୍ଚୟ ଆରମ୍ଭ କରିପାରିବି । ସୁତରାଂ ଯଥାସମ୍ଭବ ଶୀଘ୍ର ଆପଣ ଟଙ୍କା ପଠାଇଦେଲେ ଭଲ ହେବ । ସବୁଠାରୁ ନିରାପଦ ଉପାୟ ବୋଲି ମୁଁ ଭାବୁଛି ଆମେରିକାର କେଉଁ ବ୍ୟାଙ୍କରେ ଆପଣଙ୍କର ଓ ମୋର ଉଭୟଙ୍କ ନାମରେ ଟଙ୍କାଟା ଜମା ରଖାଯାଇପାରେ, ଯହିଁରେ ଆମ ଭିତରୁ ଯେ କେହି ଟଙ୍କା ଉଠାଇପାରିବ । ଯଦି ଟଙ୍କା ଉଠାଇବା ପୂର୍ବରୁ ମୋର ମୃତ୍ୟୁ ହୁଏ, ତାହାହେଲେ ଆପଣ ସେହି ଟଙ୍କା ସବୁଯାକ ଉଠାଇ ମୋର ଅଭିପ୍ରାୟ ଅନୁସାରେ ବ୍ୟୟ କରିପାରିବେ । ତା'ହେଲେ ମୋର ମୃତ୍ୟୁପରେ ମୋର ବନ୍ଧୁବାନ୍ଧବମାନଙ୍କ ଭିତରୁ କେହି ଆଉ ସେହି ଟଙ୍କା ଯେପରି ଗୋଲମାଲ କରିପାରିବେ ନାହିଁ । ଇଂଲଣ୍ଡର ଟଙ୍କା ମଧ୍ୟ ସେହି ଭାବରେ ମୋର ଓ ମିଷ୍ଟର ଷ୍ଟର୍ଡିଙ୍କ ନାମରେ ବ୍ୟାଙ୍କରେ ରଖାଯାଇଛି ।

ସାରଦାନନ୍ଦଙ୍କୁ ମୋର ପ୍ରୀତି ଜଣାଇବେ ଏବଂ ଆପଣ ମଧ୍ୟ ମୋର ଅସୀମ ପ୍ରୀତି ଓ ଚିରକୃତଜ୍ଞତା ଜାଣିବେ । ଇତି

ଆପଣମାନଙ୍କର, ବିବେକାନନ୍ଦ

୩୪୦ (ଶ୍ରୀଶରଚ୍ଚନ୍ଦ୍ର ଚକ୍ରବର୍ତ୍ତୀଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

ଦାର୍ଜିଲିଂ, ୧୯ ମାର୍ଚ୍ଚ ୧୮୯୭

ଶୁଭମସ୍ତୁ ! ଆଶୀର୍ବାଦପ୍ରେମାଲିଙ୍ଗନପୂର୍ବକମିଦଂ ଭବତୁ ତବ ପ୍ରୀତୟେ ।

ପାଞ୍ଚଭୌତିକଂ ମେ ପିଞ୍ଜରମଧୁନା କିଞ୍ଚିତ୍ ସୁସ୍ଥତରମ୍ । ଅଚଳଗୁରୋର୍ହିମ-ନିମଣ୍ଡିତ-ଶିଖରାଣି ପୁନରୁଜ୍ଜୀବୟନ୍ତି ମୃତପ୍ରାୟାନପି ଜନାନ୍ ଇତି ମନ୍ୟେ । ଶ୍ରମବାଧାପି କଥଞ୍ଚିତ୍ ଦୂରୀଭୂତେତ୍ୟନୁଭବାମି । ଯତ୍ତେହୃଦୟୋଦ୍‌ବେଗକରଂ ମୁମୁକ୍ଷୁତ୍ୱଂ ଲିପିଭଙ୍ଗ୍ୟା ବ୍ୟଞ୍ଜିତଂ, ତନ୍ମୟା ଅନୁଭୂତଂ ପୂର୍ବମ୍ । ତଦେବ ଶାଶ୍ୱତେ ବ୍ରହ୍ମଣି ମନଃ ସମାଧାତୁଂ ପ୍ରସରତି । 'ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।' ଜ୍ୱଳତୁ ସା ଭାବନା ଅଧିକମଧିକଂ ଯାବନ୍ନାଧିଗତାନାମେକାନ୍ତକ୍ଷୟଃ କୃତାକୃତାନାମ୍ । ତଦନୁ ସହସୈବ ବ୍ରହ୍ମପ୍ରକାଶଃ ସହ ସମସ୍ତବିଷୟପ୍ରଧ୍ୱଂସୈଃ । ଆଗାମିନୀ ସା ଜୀବନ୍ମୁକ୍ତିରପି ତବାନୁରାଗଦାର୍ଢ୍ୟେନୈବାନୁମେୟା । ଯାଚେ ପୁନସ୍ତଂ ଲୋକଗୁରୁଂ ମହାସମନ୍ୱୟାଚାର୍ଯ୍ୟ-ଶ୍ରୀ ୧ ୦୮ ରାମକୃଷ୍ଣଂ ଆବିର୍ଭବିତୁଂ ତବ ହୃଦୟୋଦ୍ଦେଶଂ ଯେନ ବୈ କୃତକୃତାର୍ଥସ୍ତ୍ୱମ୍ ଆବିଷ୍କୃତମହାଶୌର୍ଯ୍ୟଃ ଲୋକାନ୍ ସମୁଦ୍ଧର୍ତ୍ତୁଂ ମହାମୋହସାଗରାତ୍ ସମ୍ୟଗ୍ ଯତିଷ୍ୟସେ । ଭବ ଚିରାଧିଷ୍ଠିତ ଓଜସି । ବୀରାଣାମେବ କରତଳଗତା ମୁକ୍ତିର୍ନ କାପୁରୁଷାଣାମ୍ । ହେ ବୀରାଃ, ବଦ୍ଧପରିକରାଃ ଭବତ; ସମ୍ମୁଖେ ଶତ୍ରବଃ ମହାମୋହରୂପାଃ । 'ଶ୍ରେୟାଂସି ବହୁବିଘ୍ନାନି' ଇତି ନିଶ୍ଚିତେଽପି ସମଧିକତରଂ କୁରୁତ ଯତ୍ନମ୍ । ପଶ୍ୟତ ଇମାନ୍ ଲୋକାନ୍ ମୋହଗ୍ରାହଗ୍ରସ୍ତାନ୍ । ଶୃଣୁତ ଅହୋ ତେଷାଂ ହୃଦୟଭେଦକରଂ କାରୁଣ୍ୟପୂର୍ଣ୍ଣଂ ଶୋକନାଦମ୍ । ଅଗ୍ରଗାଃ ଭବତ, ଅଗ୍ରଗାଃ ହେ ବୀରାଃ, ମୋଚୟିତୁଂ ପାଶଂ ବଦ୍ଧାନାଂ, ଶ୍ଳଥୟିତୁଂ କ୍ଳେଶଭାରଂ ଦୀନାନାଂ, ଦ୍ୟୋତୟିତୁଂ ହୃଦୟାନ୍ଧକୂପଂ ଅଜ୍ଞାନାମ୍ । ଅଭୀରଭୀରିତି ଘୋଷୟତି ବେଦାନ୍ତଡିଣ୍ଡିମଃ । ଭୂୟାତ୍ ସ ଭେଦାୟ ହୃଦୟଗ୍ରନ୍ଥୀନାଂ ସର୍ବେଷାଂ ଜଗନ୍ନିବାସିନାମିତି ।

ତବୈକାନ୍ତଶୁଭଭାବୁକଃ ବିବେକାନନ୍ଦଃ

[ ଓଡ଼ିଆ ଅନୁବାଦ ]

ଶୁଭ ହେଉ । ଆଶୀର୍ବାଦ ଓ ପ୍ରେମାଲିଙ୍ଗନପୂର୍ଣ୍ଣ ପତ୍ରଖଣ୍ଡିକ ତୁମକୁ ସୁଖୀ କରୁ । ଅଧୁନା ମୋର ପାଞ୍ଚଭୌତିକ ଦେହପିଞ୍ଜର ପୂର୍ବାପେକ୍ଷା ଟିକିଏ ସୁସ୍ଥ ଅଛି । ମୋର ମନେହୁଏ, ପର୍ବତରାଜ ହିମାଳୟର ହିମାନୀମଣ୍ଡିତ ଶିଖରଗୁଡ଼ିକ ମୃତପ୍ରାୟ ମାନବମାନଙ୍କୁ ମଧ୍ୟ ସଜୀବ କରି ତୋଳେ । ପଥଶ୍ରମ ମଧ୍ୟ କଥଞ୍ଚିତ୍ ଲାଘବ ହୋଇଛି ବୋଲି ବୋଧ ହେଉଛି । ଲିଖନଭଙ୍ଗୀରେ ତୁମର ହୃଦୟୋଦ୍‌ବେଗକର ଯେଉଁ ମୁମୁକ୍ଷୁତ୍ୱ ପ୍ରକଟିତ ହୋଇଛି, ତାହା ମୁଁ ପୂର୍ବରୁ ଅନୁଭବ କରିଛି । ସେହି ମୁମୁକ୍ଷୁତ୍ୱ ହିଁ କ୍ରମଶଃ ନିତ୍ୟସ୍ୱରୂପ ବ୍ରହ୍ମଙ୍କଠାରେ ମନର ଏକାଗ୍ରତା ଆଣିଦିଏ । ମୁକ୍ତିଲାଭର ଆଉ ଅନ୍ୟ ପନ୍ଥା ନାହିଁ । ସେହି ଭାବନା ତୁମର ଉତ୍ତରୋତ୍ତର ବର୍ଦ୍ଧିତ ହେଉ, ଯେତେଦିନଯାଏ ସମୁଦାୟ କର୍ମ ସମ୍ପୂର୍ଣ୍ଣରୂପେ କ୍ଷୟପ୍ରାପ୍ତ ନ ହୋଇଛି । ସେତେବେଳେ ତୁମ ହୃଦୟରେ ସହସା ବ୍ରହ୍ମଙ୍କର ପ୍ରକାଶ ହେବ ଓ ସଙ୍ଗେ ସଙ୍ଗେ ସମୁଦାୟ ବିଷୟବାସନା ନଷ୍ଟ ହୋଇଯିବ । ତୁମ ଅନୁରାଗର ଦୃଢ଼ତା ଦ୍ୱାରା ଜଣାଯାଉଛି, ତୁମର ପରମକଲ୍ୟାଣସାଧିକା ସେହି ଜୀବନ୍ମୁକ୍ତ ଅବସ୍ଥା ତୁମେ ଶୀଘ୍ର ଲାଭ କରିବ । ଏବେ ସେହି ଲୋକଗୁରୁ ମହାସମନ୍ୱୟାଚାର୍ଯ୍ୟ ଶ୍ରୀ ୧ ୦୮ ରାମକୃଷ୍ଣଦେବଙ୍କ ନିକଟରେ ପ୍ରାର୍ଥନା କରେଁ, ଯେପରି ସେ ତୁମ ହୃଦୟରେ ଆବିର୍ଭୂତ ହୁଅନ୍ତି, ଯହିଁରେ ତୁମେ କୃତକୃତାର୍ଥ ଓ ମହାଶୌର୍ଯ୍ୟଶାଳୀ ହୋଇ ମହାମୋହସାଗରରୁ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ସମ୍ୟକ୍

ଯତ୍ନ କରିପାରିବ । ଚିରତେଜସ୍ୱୀ ହୁଅ । ମୁକ୍ତି ବୀରମାନଙ୍କର ହିଁ କରତଳଗତ, କାପୁରୁଷ-ମାନଙ୍କର ନୁହେଁ । ହେ ବୀରଗଣ ! ବଦ୍ଧପରିକର ହୁଅ, ସମ୍ମୁଖରେ ମହାମୋହରୂପକ ଶତ୍ରୁଗଣ । ଶ୍ରେୟୋଲାଭରେ ବହୁ ବିଘ୍ନ ଘଟେ; ଏହା ନିଶ୍ଚିତ ହେଲେ ସୁଦ୍ଧା ସେଥିପାଇଁ ସମଧିକ ଯତ୍ନ କର । ଦେଖ ଦେଖ, ମୋହରୂପକ କୁମ୍ଭୀରର କବଳରେ ପଡ଼ି ଜୀବଗଣ କି କଷ୍ଟ ପାଉଛନ୍ତି ! ଆହା ! ସେମାନଙ୍କର ହୃଦୟ-ବିଦାରକ କରୁଣ ଆର୍ତ୍ତନାଦ ଶ୍ରବଣ କର । ହେ ବୀରଗଣ, ବଦ୍ଧମାନଙ୍କର ପାଶ ମୋଚନ କରିବାକୁ, ଦରିଦ୍ରମାନଙ୍କର କ୍ଲେଶଭାର କମାଇବାକୁ ଓ ଅଜ୍ଞ ଜନଗଣଙ୍କର ହୃଦୟାନ୍ଧକାର ଦୂର କରିବାକୁ ଅଗ୍ରସର ହୁଅ—ଅଗ୍ରସର ହୁଅ । କାନ ଡେରି ଶୁଣ, ବେଦାନ୍ତଦୁନ୍ଦୁଭି ଘୋଷଣା କରୁଛି—'ଭୟ ନାହିଁ, ଭୟ ନାହିଁ' । ସେହି ଦୁନ୍ଦୁଭିଧ୍ୱନି ନିଖିଳ ଜଗତ୍‌ବାସୀଙ୍କ ହୃଦୟଗ୍ରନ୍ଥି ଭେଦ କରିବାକୁ ସମର୍ଥ ହେଉ ।

ତୁମର ପରମଶୁଭାକାଙ୍କ୍ଷୀ, ବିବେକାନନ୍ଦ

**୩୪୧** (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

C/o ଏମ୍. ଏନ୍. ବାନାର୍ଜୀ, ଦାର୍ଜିଲିଂ, ୨୦ ମାର୍ଚ୍ଚ ୧୮୯୭

ପ୍ରିୟ ଶଶୀ,

ତୁମେମାନେ ଅବଶ୍ୟ ଏବେ ମାନ୍ଦ୍ରାଜରେ ପହଞ୍ଚିଛ । ବିଲିଗିରି ଅବଶ୍ୟ ଅତି ଯତ୍ନ କରୁଛନ୍ତି । ପୂଜା-ଅର୍ଚ୍ଚନା ପୂର୍ଣ୍ଣ ସାତ୍ତ୍ୱିକଭାବରେ ମାନ୍ଦ୍ରାଜରେ କରିବାକୁ ହେବ । ରଜୋଗୁଣର ଲେଶମାତ୍ର ଯେପରି ନ ଥାଏ । ଆଲାସିଙ୍ଗା ବୋଧହୁଏ ଏବେ ମାନ୍ଦ୍ରାଜରେ ପହଞ୍ଚିଛନ୍ତି । କାହାରି ସହିତ ବାଦ-ବିବାଦ କରିବ ନାହିଁ—ସଦାଶାନ୍ତଭାବ ଅବଲମ୍ବନ କରିବ । ଆପାତତଃ ବିଲିଗିରିଙ୍କ ଘରେ ହିଁ ଠାକୁର ସ୍ଥାପନ କରି ପୂଜାଦି ହେଉ, ତେବେ ପୂଜାର ଆଡ଼ମ୍ବର ଟିକିଏ କମାଇ ସେହି ସମୟରେ ପାଠ ଓ ଲେକ୍‌ଚର ପ୍ରଭୃତି କିଛି କିଛି ଯେପରି ହୁଏ । କାନଫୁଙ୍କା ଯେତେ ପାରିବ ସେତେ ମଙ୍ଗଳ ଜାଣିବ । କାଗଜ ଦୁଇଟାର ତତ୍ତ୍ୱାବଧାନ କରିବ ଓ ଯେତେ ଦୂର ପାରିବ ସହାୟତା କରିବ । ବିଲିଗିରିଙ୍କର ଦୁଇଟି ବିଧବା କନ୍ୟା ଅଛନ୍ତି । ତାଙ୍କୁ ଶିକ୍ଷା ଦେବ ଓ ସେମାନଙ୍କ ଦ୍ୱାରା ଏହିପ୍ରକାର ଅନ୍ୟ ବିଧବାମାନେ ଯେପରି ସ୍ୱଧର୍ମରେ ରହି ସଂସ୍କୃତ ଏବଂ ଇଂରେଜୀ ଶିକ୍ଷା ପାଆନ୍ତି, ଏ ବିଷୟରେ ସବିଶେଷ ଯତ୍ନ କରିବ । କିନ୍ତୁ ଏସବୁ କାର୍ଯ୍ୟ ତଫାତ୍‌ରେ ରହି । ଯୁବତୀର ସାକ୍ଷାତ୍‌ରେ ଅତି ସାବଧାନ । ଥରେ ପଡ଼ିଲେ ଆଉ ଗତି ନାହିଁ ଏବଂ ସେ ଅପରାଧର କ୍ଷମା ନାହିଁ ।

ଗୁପ୍ତକୁ କୁକୁର କାମୁଡ଼ିଛି ଶୁଣି ବଡ଼ ଦୁଃଖିତ ହେଲି; କିନ୍ତୁ ଶୁଣିଛି ଯେ, କୁକୁରଟି ପାଗଳ ନୁହେଁ—ତାହାହେଲେ ଭୟର କାରଣ ନାହିଁ । ଯାହା ହେଉ ଗଙ୍ଗାଧରର ପ୍ରେରିତ ଔଷଧ ଯେପରି ସେବନ କରିହୁଏ । ପ୍ରାତଃକାଳରେ ପୂଜାଦି ଅଳ୍ପରେ ସାରି ସପରିବାର ବିଲିଗିରିଙ୍କୁ ଡକାଇ କିଛିଟା ଗୀତାଦି ପାଠ କରିବ । ରାଧାକୃଷ୍ଣ-ପ୍ରେମ-ଶିକ୍ଷାର କିଛିମାତ୍ର ଆବଶ୍ୟକତା ନାହିଁ । ଶୁଦ୍ଧ ସୀତାରାମ ଓ ହରପାର୍ବତୀଙ୍କଠାରେ ଭକ୍ତି ଶିଖାଇବ । ଏ ବିଷୟରେ କୌଣସି ଭୁଲ ଯେପରି ନ ହୁଏ । ଯୁବକ-ଯୁବତୀମାନଙ୍କ ପକ୍ଷରେ ରାଧାକୃଷ୍ଣଲୀଳା ବିଷ

ବୋଲି ଜାଣିବ । ବିଶେଷତଃ କାଲିଗିରି ପ୍ରଭୃତି ସ୍ୱାମୀନୁଙ୍ଗମାନେ ସ୍ୱମୋପାସକ, ସେମାନଙ୍କର ଶୁଦ୍ଧଭାବ ଯେପରି କଦାଚ ବିନଷ୍ଟ ନ ହୁଏ ।

ଉପରଓଳି ସାଧାରଣ ଲୋକଙ୍କ ପାଇଁ ସେହିପରି କିଛି ଶିକ୍ଷା ଦେବ । ଏହି ଭାବରେ ଧୀରେ ଧୀରେ 'ପର୍ବତମପି ଲଙ୍ଘୟେତ୍' ।

ପରମଶୁଦ୍ଧଭାବ ଯେପରି ସର୍ବଦା ରକ୍ଷିତ ହୁଏ । ଘୃଣାକ୍ଷରେ ମଧ୍ୟ ଯେପରି ବାମାଚାର ନ ଆସେ । ବାକି ପ୍ରଭୁ ସକଳ ବୁଦ୍ଧି ଦେବେ, ଭୟ ନାହିଁ । କାଲିଗିରିଙ୍କୁ ମୋର ବିଶେଷ ଦଣ୍ଡବତ୍ ଓ ଆଲିଙ୍ଗନାଦି ଦେବ । ଏହି ଭାବରେ ସକଳ ଭକ୍ତଙ୍କୁ ମୋର ପ୍ରଣାମାଦି ଦେବ । ମୋର ରୋଗ ଅନେକ ପରିମାଣରେ ବର୍ତ୍ତମାନ ଶାନ୍ତ ହୋଇଛି—ସମ୍ପୂର୍ଣ୍ଣ ଭଲ ହୋଇଯାଇପାରେ ମଧ୍ୟ—ପ୍ରଭୁଙ୍କ ଇଚ୍ଛା । ମୋର ପ୍ରୀତି, ନମସ୍କାର, ଆଶୀର୍ବାଦାଦି ଜାଣିବ । କିମଧିକମିତି

ବିବେକାନନ୍ଦ

ପୁଃ—ଡାକ୍ତର ନଞ୍ଜୁଣ୍ଡରାଓଙ୍କୁ ମୋର ବିଶେଷ ପ୍ରେମାଲିଙ୍ଗନ ଓ ଆଶୀର୍ବାଦ ଦେବ ଓ ତାହାଙ୍କୁ ଯେତେଦୂର ପାର ସହାୟତା କରିବ । ତାମିଲ୍ ଅର୍ଥାତ୍ ବ୍ରାହ୍ମଣେତର ଜାତି ମଧ୍ୟରେ ଯେପରି ସଂସ୍କୃତ-ବିଦ୍ୟାର ବିଶେଷ ଚର୍ଚ୍ଚା ହୁଏ, ତାହା କରିବ । ଇତି —ବି.

**୩୪୨**ଇଂ (ଦାର୍ଜିଲିଂରୁ ଲିଖିତ)

ଆଲମ୍ବଜାର ମଠ, କଲିକତା
୨୬ ମାର୍ଚ୍ଚ ୧୮୯୭

ପ୍ରିୟ ମିସେସ୍ ବୁଲ୍,

ମୋତେ ନେଇ ଜାତୀୟ ଉଲ୍ଲାସ ଉଦ୍ଦୀପନା ଶେଷ ହୋଇଛି । ଅନ୍ତତଃ ମୋତେ ସଂକ୍ଷେପରେ ସାରିବାକୁ ପଡ଼ିଛି, ଯେହେତୁ ମୋର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲା । ପଶ୍ଚିମରେ ଅବିରାମ ଖଟଣି ଓ ଭାରତରେ ପ୍ରଚଣ୍ଡ ପରିଶ୍ରମର ପରିଣାମ ବଙ୍ଗାଳୀ ଧାତୁରେ—ବହୁମୂତ୍ର ରୋଗ । ଏହା ଗୋଟିଏ ବଂଶଗତ ଶତ୍ରୁ ଏବଂ ଅଳ୍ପ କେତୋଟି ବର୍ଷ ମଧ୍ୟରେ ଏହି ରୋଗରେ ମୋର ଦେହାବସାନ ପୂର୍ବନିର୍ଦ୍ଦିଷ୍ଟ । ଖାଲି ମାଂସ ଖାଇବା, ପାଣି ଆଦୌ ନ ପିଇବା ଏବଂ ସର୍ବୋପରି ମସ୍ତିଷ୍କର ସମ୍ପୂର୍ଣ୍ଣ ବିଶ୍ରାମ ହିଁ ବୋଧହୁଏ ଜୀବନର ମିଆଦି ବଢ଼ାଇବାର ଏକମାତ୍ର ଉପାୟ । ମସ୍ତିଷ୍କକୁ ପ୍ରୟୋଜନୀୟ ବିଶ୍ରାମ ମୁଁ ଦେଉଛି ଦାର୍ଜିଲିଂରେ, ଯେଉଁଠାରୁ ମୁଁ ଆପଣଙ୍କୁ ବର୍ତ୍ତମାନ ଚିଠି ଲେଖୁଛି ।

ସାରଦାନନ୍ଦର ସାଫଲ୍ୟର ଖବର ପାଇ ମୁଁ ଖୁବ୍ ଖୁସି ହୋଇଛି । ତାକୁ ମୋର ଆନ୍ତରିକ ପ୍ରୀତି ଜଣାଇବେ । ତାକୁ ଅତ୍ୟଧିକ କାମ କରିବାକୁ ଦେବେ ନାହିଁ । ବଙ୍ଗାଳୀର ଦେହ ମାର୍କିନ୍‌ମାନଙ୍କ ଭଳି ନୁହେଁ ।

ଶ୍ରୀଯୁକ୍ତ ଚଟ୍ଟୋପାଧ୍ୟାୟ (ମୋହିନୀ) ମୋ ସଙ୍ଗେ ଦେଖା କରିବାକୁ କଲିକତା ଆସିଥିଲେ ଏବଂ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କଲେ । ଆପଣଙ୍କ ପ୍ରେରିତ ବାର୍ତ୍ତା ତାଙ୍କୁ ଦେଇଥିଲି । ସେ ମୋ ସଙ୍ଗେ କାମ କରିବାକୁ ବେଶୀ ଆଗ୍ରହୀ । ଆଉ ବେଶୀ କିଛି ଲେଖିବାକୁ ନାହିଁ । ମୁଁ

କେବଳ ମଠଟି ଖୋଲି କରିବାକୁ ଦୃଢ଼ସଂକଳ୍ପ ଏବଂ ସେହି କାମଟି ହୋଇଗଲା ମାତ୍ରେ ମୁଁ ପୁଣି ଆମେରିକା ଯିବି ।

ପ୍ରସଙ୍ଗତଃ, ଗର୍‌ଟ୍ରୁଡ୍ ଅର୍ଚ୍ଚାର୍ଡ୍ (Gertrude Orchard)ନାମକ ଇଂଲଣ୍ଡର ଜଣେ ମହିଳାଙ୍କୁ ଆପଣଙ୍କ ପାଖକୁ ପଠାଇବି । ସେ ଗୃହ-ଶିକ୍ଷୟିତ୍ରୀ କାମ କରିଛନ୍ତି । କିନ୍ତୁ ଲଳିତ-କଳାରେ ତାଙ୍କର ବ୍ୟୁତ୍ପତ୍ତି ଅଛି ଏବଂ ମୋର ଇଚ୍ଛା ସେ ଆମେରିକା ଯାଇ ଭାଗ୍ୟ ପରୀକ୍ଷା କରନ୍ତୁ । ଆପଣଙ୍କୁ ଓ ମିସେସ୍ ଆଡାମ୍‌ସଙ୍କୁ ଲେଖିଥିବା ଚିଠି ତାଙ୍କୁ ଦେବି ।

ମିସେସ୍ ଆଡାମ୍‌ସ, ମିସ୍ ଆର୍ଥର, ମିସ୍ ଫାର୍ମର୍ (ମହୀୟସୀ ଭଗିନୀ) ଏବଂ ଅନ୍ୟାନ୍ୟ ସୁହୃଦ୍‌ମାନଙ୍କୁ ମୋର ପ୍ରୀତି ଜଣାଇବ ।

ଆପଣ ମୋର ଅସୀମ ପ୍ରୀତି ଓ କୃତଜ୍ଞତା ଗ୍ରହଣ କରନ୍ତୁ ।

ଆପଣଙ୍କ ସ୍ନେହର, ବିବେକାନନ୍ଦ

**୩୪୩** (‘ଭାରତୀ’ ସମ୍ପାଦିକାଙ୍କୁ* ଲିଖିତ) ଓଁ ତତ୍‌ସତ୍

ରୋଜ ବ୍ୟାଙ୍କ, ବର୍ଦ୍ଧମାନ ରାଜଭବନ, ଦାର୍ଜିଲିଂ

୬ ଅପ୍ରେଲ ୧୮୯୭

ମାନ୍ୟବରାସୁ,

ମହାଶୟାଙ୍କ ପ୍ରେରିତ ‘ଭାରତୀ’ ପାଇ ବିଶେଷ ଅନୁଗୃହୀତ ବୋଧ କରୁଛି ଏବଂ ଯେଉଁ ଉଦ୍ଦେଶ୍ୟରେ ମୋର କ୍ଷୁଦ୍ର ଜୀବନ ନ୍ୟସ୍ତ ହୋଇଛି, ତାହା ଯେ ଭବଦୀୟାଙ୍କ ଭଳି ମହାନୁଭବା-ମାନଙ୍କର ସାଧୁବାଦ ସଂଗ୍ରହ କରିବାକୁ ସକ୍ଷମ ହୋଇଛି, ସେଥିରେ ନିଜକୁ ଧନ୍ୟ ମନେ-କରୁଛି ।

ଏହି ଜୀବନ-ସଂଗ୍ରାମରେ ନବୀନ ଭାବର ସମୁଦ୍‌ଘାତାର ସମର୍ଥକ ଅତି ବିରଳ, ଉତ୍ସାହୟିତ୍ରୀଙ୍କ କଥା ଦୂରେ ଥାଉ, ବିଶେଷତଃ ଆମର ହତଭାଗ୍ୟ ଦେଶରେ । ଏଥିପାଇଁ ବଙ୍ଗ-ବିଦୁଷୀ ନାରୀଙ୍କ ସାଧୁବାଦ ସମଗ୍ର ଭାରତୀୟ ପୁରୁଷଙ୍କ ଉଚ୍ଚକଣ୍ଠ ଧନ୍ୟବାଦ ଅପେକ୍ଷା ମଧ୍ୟ ଅଧିକ ଶ୍ଲାଘ୍ୟ ।

ପ୍ରଭୁ କରନ୍ତୁ, ଯେପରି ଆପଣଙ୍କ ଭଳି ଅନେକ ରମଣୀ ଏ ଦେଶରେ ଜନ୍ମଗ୍ରହଣ କରନ୍ତୁ ଓ ସ୍ୱଦେଶର ଉନ୍ନତି କଳ୍ପେ ଜୀବନକୁ ଉତ୍ସର୍ଗ କରନ୍ତୁ ।

ଆପଣଙ୍କ ଲିଖିତ ‘ଭାରତୀ’ ପତ୍ରିକାରେ ମତ୍‌ସମ୍ବନ୍ଧୀୟ ପ୍ରବନ୍ଧ ବିଷୟରେ ମୋର କିଛିତ୍ ମନ୍ତବ୍ୟ ଅଛି; ତାହା ଏହି—

ପାଶ୍ଚାତ୍ୟ ଦେଶରେ ଧର୍ମପ୍ରଚାର ଭାରତର ମଙ୍ଗଳ ପାଇଁ କରାଯାଇଛି ଓ କରାଯିବ । ପାଶ୍ଚାତ୍ୟମାନେ ସହାୟତା ନ କଲେ ଯେ ଆମେ ଉଠିପାରିବୁ ନାହିଁ, ଏହା ଚିର ଧାରଣା । ଏ ଦେଶରେ ଏବେସୁଦ୍ଧା ଗୁଣର ଆଦର ନାହିଁ, ଅର୍ଥବଳ ନାହିଁ, ଏବଂ ସବାପେକ୍ଷା ଶୋଚନୀୟ ଏହି ଯେ, କୃତକର୍ମତା (practicality) ଆଦୌ ନାହିଁ ।

* ଶ୍ରୀମତୀ ସରଳା ଘୋଷାଲ

ଉଦ୍ଦେଶ୍ୟ ଅନେକ ଅଛି, ଉପାୟ ଏ ଦେଶରେ ନାହିଁ । ଆମମାନଙ୍କର ମସ୍ତକ ଅଛି, ହସ୍ତ ନାହିଁ । ଆମମାନଙ୍କର ବେଦାନ୍ତ-ମତ ଅଛି, କାର୍ଯ୍ୟରେ ପରିଣତ କରିବାର କ୍ଷମତା ନାହିଁ । ଆମମାନଙ୍କ ପୁସ୍ତକରେ ମହା ସାମ୍ୟବାଦ ଅଛି, ଆମମାନଙ୍କ କାର୍ଯ୍ୟରେ ମହାଭେଦ-ବୁଦ୍ଧି । ମହାନିଃସ୍ୱାର୍ଥ ନିଷ୍କାମ କର୍ମ ଭାରତରେ ହିଁ ପ୍ରଚାରିତ ହୋଇଛି, କିନ୍ତୁ କାର୍ଯ୍ୟରେ ଆମେ ଅତି ନିର୍ଦ୍ଦୟ, ଅତି ହୃଦୟହୀନ, ନିଜର ମାଂସପିଣ୍ଡ-ଶରୀର ଛଡ଼ା ଅନ୍ୟ କିଛିମାତ୍ର ଭାବିପାରୁ ନାହିଁ ।

ତଥାପି ଉପସ୍ଥିତ ଅବସ୍ଥା ମଧ୍ୟଦେଇ ହିଁ କାର୍ଯ୍ୟରେ ଅଗ୍ରସର ହେବାକୁ ପଡ଼ିବ; ଅନ୍ୟ ଉପାୟ ନାହିଁ । ଭଲ-ମନ୍ଦ-ବିଚାରର ଶକ୍ତି ସମସ୍ତଙ୍କର ଅଛି; କିନ୍ତୁ ସେ ହେଉଛନ୍ତି ବୀର, ଯେ ଏହି ସମସ୍ତ ଭ୍ରମ-ପ୍ରମାଦ ଓ ଦୁଃଖପୂର୍ଣ୍ଣ ସଂସାର-ତରଙ୍ଗରେ ପଶ୍ଚାତ୍‌ପଦ ନ ହୋଇ, ଏକ ହସ୍ତରେ ଅଶ୍ରୁ ବାରି ମୋଚନ କରନ୍ତି ଓ ଅପର ଅକମ୍ପିତ ହସ୍ତରେ ଉଦ୍ଧାରର ପଥ ପ୍ରଦର୍ଶନ କରନ୍ତି ! ଏକେଆଡ଼େ ଗତାନୁଗତିକ ଜଡ଼ପିଣ୍ଡବତ୍ ସମାଜ, ଅନ୍ୟଆଡ଼େ ଅସ୍ଥିର ଧୈର୍ଯ୍ୟହୀନ ଅଗ୍ନି-ବର୍ଷଣକାରୀ ସଂସ୍କାରକ; କଲ୍ୟାଣର ପଥ ଏହି ଦୁହିଁଙ୍କ ମଧ୍ୟବର୍ତ୍ତୀ । ଜାପାନରେ ଶୁଣିଥିଲି ଯେ, ସେ ଦେଶର ବାଳିକାମାନଙ୍କର ବିଶ୍ୱାସ ଏହି ଯେ, ଯଦି କ୍ରୀଡ଼ା-ପୁତ୍ତଳିକାକୁ ହୃଦୟର ସହିତ ପ୍ରୀତି କରାଯାଏ, ସେ ଜୀବନ୍ତ ହୋଇ ଉଠିବ । ଜାପାନୀ ବାଳିକା କେବେହେଲେ କଣ୍ଢେଇ ଭାଙ୍ଗେ ନାହିଁ । ହେ ମହାଭାଗେ ! ମୋର ମଧ୍ୟ ବିଶ୍ୱାସ ଯେ, ଯଦି କେହି ଏହି ହତଶ୍ରୀ, ବିଗତଭାଗ୍ୟ, ଲୁପ୍ତବୁଦ୍ଧି, ପରପଦ-ବିଦଳିତ, ଚିରବୁଭୁକ୍ଷିତ, କଳହଶୀଳ ଓ ପରଶ୍ରୀକାତର ଭାରତବାସୀଙ୍କୁ ପ୍ରାଣର ସହିତ ଭଲପାଏ, ତେବେ ଭାରତ ପୁଣି ଜାଗିଉଠିବ । ଯେତେବେଳେ ଶତଶତ ମହାପ୍ରାଣ ନରନାରୀ ସକଳ ବିଳାସଭୋଗ-ସୁଖେଚ୍ଛା ବିସର୍ଜନ କରି କାୟ-ମନୋ-ବାକ୍ୟରେ ଦାରିଦ୍ର୍ୟ ଓ ମୂର୍ଖତାର ଘନାବର୍ତ୍ତରେ କ୍ରମଶଃ ଉତ୍ତରୋତ୍ତର ନିମଜ୍ଜମାନ କୋଟି କୋଟି ସ୍ୱଦେଶୀୟ ନରନାରୀଙ୍କ କଲ୍ୟାଣ କାମନା କରିବେ, ସେତେବେଳେ ଭାରତ ଜାଗିବ । ମୋଭଳି କ୍ଷୁଦ୍ର ଜୀବନରେ ମଧ୍ୟ ଏହା ପ୍ରତ୍ୟକ୍ଷ କରିଛି ଯେ, ସଦୁଦ୍ଦେଶ୍ୟ, ଅକପଟତା ଓ ଅନନ୍ତ ପ୍ରେମ ବିଶ୍ୱବିଜୟ କରିବାକୁ ସକ୍ଷମ । ଉକ୍ତ ଗୁଣଶାଳୀ ଜଣେମାତ୍ର କୋଟି କୋଟି କପଟ ଓ ନିଷ୍ଠୁରଙ୍କ ଦୁର୍ବୁଦ୍ଧି ନାଶ କରିବାକୁ ସକ୍ଷମ ।

ମୋର ପୁନର୍ବାର ପାଶ୍ଚାତ୍ୟଦେଶକୁ ଗମନ ଅନିଶ୍ଚିତ; ଯଦି ଯାଏ, ତାହା ମଧ୍ୟ ଜାଣିବେ ଭାରତ ପାଇଁ । ଏ ଦେଶରେ ଲୋକବଳ କାହିଁ ? ଅର୍ଥବଳ କେଉଁଠି ? ଅନେକ ପାଶ୍ଚାତ୍ୟ ନରନାରୀ ଭାରତର କଲ୍ୟାଣ ଲାଗି ଭାରତୀୟ ଭାବରେ ଭାରତୀୟ ଧର୍ମ ମଧ୍ୟଦେଇ ଅତି ନୀଚ ଚଣ୍ଡାଳ ଆଦିଙ୍କର ମଧ୍ୟ ସେବା କରିବାକୁ ପ୍ରସ୍ତୁତ ଅଛନ୍ତି । ଦେଶରେ କେତେଜଣ ? ଆଉ ଅର୍ଥବଳ ! ! ମୋତେ ଅଭ୍ୟର୍ଥନା କରିବାର ବ୍ୟୟ-ନିର୍ବାହ ପାଇଁ କଲିକତାବାସୀମାନେ ଟିକଟ ବିକ୍ରୟ କରି ଲେକଚର୍ ଦିଆଇଲେ ଏବଂ ସେଥିରେ ମଧ୍ୟ ସଙ୍କୁଳାନ ନ ହେବାରୁ ୩୦୦ ଟଙ୍କାର ଏକ ବିଲ୍ ମୋ ନିକଟକୁ ପ୍ରେରଣ କଲେ !!! ଏଥିରେ କାହାରିକୁ ଦୋଷ ଦେଉ ନାହିଁ ବା କୁସମାଲୋଚନା ମଧ୍ୟ କରୁ ନାହିଁ; କିନ୍ତୁ ପାଶ୍ଚାତ୍ୟର ଅର୍ଥବଳ ଓ ଲୋକବଳ ନ ହେଲେ ଯେ ଆମର କଲ୍ୟାଣ ଅସମ୍ଭବ, ଏହା ହିଁ ପୋଷଣ କରୁଛି । ଇତି

**ଚିରକୃତଜ୍ଞ ଓ ସଦାପ୍ରଭୁ ସନ୍ନିଧାନେ ଭବଦୀୟ-କଲ୍ୟାଣ-କାମନାକାରୀ, ବିବେକାନନ୍ଦ**

୩୪୪ଙ୍ଗ (ଲାଲ ବଦ୍ରୀ ଶାହଙ୍କୁ ଲିଖିତ)

ଦାର୍ଜିଲିଂ, ୭ ଏପ୍ରିଲ୍ ୧୮୯୭

ପ୍ରିୟ ଲାଲଜୀ,

ଏହି କ୍ଷଣି ତାର ଯୋଗେ ଆପଣଙ୍କ ସହୃଦୟ ଆମନ୍ତ୍ରଣ ପାଇଲି । ବୋଧହୁଏ ଆପଣ ଇତମଧ୍ୟରେ ଶୁଣିଛନ୍ତି ଯେ, ମୁଁ ମାରାତ୍ମକ ବହୁମୂତ୍ର ରୋଗରେ ଆକ୍ରାନ୍ତ ହୋଇଛି ।

ଏଥିପାଇଁ ଆମର ସବୁ ପରିକଳ୍ପନା ଭଣ୍ଡୁର ହୋଇଗଲା ଏବଂ ମୋତେ ଦାର୍ଜିଲିଂକୁ ଶୀଘ୍ର ଆସିବାକୁ ପଡ଼ିଲା—ଜାଗାଟି ଖୁବ୍ ଥଣ୍ଡା ଏବଂ ହିତକର ହୋଇଥିବା ଯୋଗୁଁ ।

ଏଠି ମୁଁ ବହୁ ପରିମାଣରେ ସୁସ୍ଥ ବୋଧ କରୁଛି; କିନ୍ତୁ ମୁଁ ବୁଲାବୁଲି କରିବାକୁ ଡାକ୍ତରମାନେ ଚାହାଁନ୍ତି ନାହିଁ । କାରଣ ତା' ଫଳରେ ରୋଗ ପୁଣି ବଢ଼ିଯିବ । ମୋ ସ୍ୱାସ୍ଥ୍ୟର ବର୍ତ୍ତମାନ ଅବସ୍ଥା ଯଦି ଏହିପରି ଦୁଇ ମାସ ରହେ, ତାହା ହେଲେ ମନେହୁଏ ମୁଁ ସମତଳ ଭୂମିକୁ ଆସିବାକୁ ସମର୍ଥ ହେବି ଏବଂ ଆପଣମାନଙ୍କ ସହିତ ଦେଖା କରିବାକୁ ଆଲ୍‌ମୋଡ଼ାକୁ ଯାଇପାରିବି । ଆପଣମାନଙ୍କୁ ମୁଁ ଅନେକ କଷ୍ଟ ଦେଇଛି ବୋଲି ମୁଁ ବିଶେଷ ଦୁଃଖିତ । କିନ୍ତୁ ଆପଣ ଜାଣନ୍ତି, ଏହାଛଡ଼ା ମୋର ଗତ୍ୟନ୍ତର ନ ଥିଲା; ଦେହଟା ମୋ ଆୟତ୍ତରେ ନ ଥିଲା ।

ଆପଣ ଓ ଆଲ୍‌ମୋଡ଼ାର ଅନ୍ୟ ବନ୍ଧୁମାନଙ୍କୁ ମୋର ପ୍ରୀତି ଜଣାଇବେ । ଇତି

ଆପଣଙ୍କର ବିଶ୍ୱସ୍ତ, ବିବେକାନନ୍ଦ

୩୪୫ ('ଭାରତୀ' ସମ୍ପାଦିକାଙ୍କୁ ଲିଖିତ)

ଦାର୍ଜିଲିଂ, C/o ଏମ୍. ଏନ୍. ବାନାର୍ଜି
୨୪ ଅପ୍ରେଲ ୧୮୯୭

ମହାଶୟାସୁ,

ଆପଣଙ୍କ ସହାନୁଭୂତି ଲାଗି ହୃଦୟର ସହିତ ଆପଣଙ୍କୁ ଧନ୍ୟବାଦ ଦେଉଛି, କିନ୍ତୁ ନାନାକାରଣବଶତଃ ଏ ସମ୍ବନ୍ଧରେ ଆପାତତଃ ପ୍ରକାଶ୍ୟ ଆଲୋଚନା ଯୁକ୍ତିଯୁକ୍ତ ମନେକରୁ ନାହିଁ । ତନ୍ମଧ୍ୟରେ ପ୍ରଧାନ କାରଣ ଏହି ଯେ, ଯେଉଁ ଟଙ୍କା ମୋ ନିକଟରୁ ମଗାଯାଇଥିଲା, ତାହାର ଅଧିକାଂଶ ଇଂଲଣ୍ଡରୁ ମୋର ସମଭିବ୍ୟାହାରୀ ଇଂରେଜ ବନ୍ଧୁମାନଙ୍କୁ ଆହ୍ୱାନ ନିମିତ୍ତ ଖର୍ଚ୍ଚ ହୋଇଥିଲା । ଅତଏବ ଏକଥା ପ୍ରକାଶ କଲେ ଯେଉଁ ଅପଯଶର ଆଶଙ୍କା ଆପଣ କରନ୍ତି, ତାହା ହିଁ ହେବ । ଦ୍ୱିତୀୟତଃ, ମୁଁ ଉକ୍ତ ଟଙ୍କା ଦେବାକୁ ଅପାରଗ ହେବାରୁ, ସେମାନେ ନିଜ ନିଜ ମଧ୍ୟରେ ତାହା ବୁଝାବୁଝି କରି ନେଇଛନ୍ତି, ଶୁଣୁଛି ।

ଆପଣ କାର୍ଯ୍ୟପ୍ରଣାଳୀ ସମ୍ବନ୍ଧରେ ଯାହା ପଚାରିଛନ୍ତି—ତଦ୍‌ବିଷୟରେ ପ୍ରଥମ ବକ୍ତବ୍ୟ ଏହି ଯେ, 'ଫଳାନୁମେୟାଃ ପ୍ରାରମ୍ଭାଃ' ହେବା ଉଚିତ; ତେବେ ମୋର ଅତି ପ୍ରିୟ ବନ୍ଧୁ ମିସ୍ ମୂଲର୍ ପ୍ରମୁଖଙ୍କଠାରୁ ଆପଣଙ୍କର ଉଦାର ବୁଦ୍ଧି ସ୍ୱଦେଶବାତ୍ସଲ୍ୟ ଓ ଦୃଢ଼ ଅଧ୍ୟବସାୟର ଅନେକ କଥା ଶୁଣିଛି ଏବଂ ଆପଣଙ୍କର ବିଦୁଷୀତ୍ୱର ପ୍ରମାଣ ପ୍ରତ୍ୟକ୍ଷ । ଅତଏବ ଆପଣ ଯେ

ମୋର କ୍ଷୁଦ୍ର ଜୀବନର ଅତି କ୍ଷୁଦ୍ର ଚେଷ୍ଟାର କଥା ଜାଣିବାକୁ ଇଚ୍ଛା କରନ୍ତି, ତାହା ପରମ ସୌଭାଗ୍ୟ ମନେକରି, ଅତି କ୍ଷୁଦ୍ର ପତ୍ରରେ ଯଥାସମ୍ଭବ ନିବେଦନ କଲି । କିନ୍ତୁ ପ୍ରଥମତଃ ଆପଣଙ୍କ ବିଗ୍ଭର ପାଇଁ ମୋର ଅନୁଭବସିଦ୍ଧ ସିଦ୍ଧାନ୍ତ ଭବତ୍ସନ୍ନିଧାନରେ ଉପସ୍ଥିତ କରୁଛି: ଆମେମାନେ ଚିରକାଳ ପରାଧୀନ, ଅର୍ଥାତ୍ ଏ ଭାରତଭୂମିରେ ସାଧାରଣ ମାନବର ଆତ୍ମସ୍ୱତ୍ୱ-ବୁଦ୍ଧି କେବେହେଲେ ଉଦ୍ଦୀପିତ ହେବାକୁ ଦିଆଯାଇ ନାହିଁ । ପାଶ୍ଚାତ୍ୟଭୂମି ଆଜି କେତେ ଶତାବ୍ଦୀ ଧରି ଦ୍ରୁତପଦରେ ସ୍ୱାଧୀନତା ଆଡ଼କୁ ଅଗ୍ରସର ହେଉଛି । ଏହି ଭାରତରେ କୌଳୀନ୍ୟ ପ୍ରଥାରୁ ଭୋଜ୍ୟାଭୋଜ୍ୟ ପର୍ଯ୍ୟନ୍ତ ସକଳ ବିଷୟ ରାଜା ହିଁ ନିର୍ଦ୍ଧାରଣ କରୁଥିଲେ । ପାଶ୍ଚାତ୍ୟ ଦେଶରେ ସମସ୍ତ ହିଁ ପ୍ରଜାମାନେ ନିଜେ କରନ୍ତି ।

ବର୍ତ୍ତମାନ ରାଜା ସାମାଜିକ କୌଣସି ବିଷୟରେ ହାତ ଦିଅନ୍ତି ନାହିଁ, ଅଥଚ ଭାରତୀୟ ଜନମାନବଙ୍କର ଆତ୍ମନିର୍ଭରତା ଦୂରରେ ଥାଉ, ଆତ୍ମପ୍ରତ୍ୟୟ ମଧ୍ୟ ଏପର୍ଯ୍ୟନ୍ତ ଅଣୁମାତ୍ର ବିକଶିତ ହୋଇ ନାହିଁ । ଯେଉଁ ଆତ୍ମପ୍ରତ୍ୟୟ ବେଦାନ୍ତର ଭିତ୍ତି, ତାହା ଏବେ ମଧ୍ୟ ବ୍ୟାବହାରିକ ଅବସ୍ଥାରେ କିଛିମାତ୍ର ପରିଣତ ହୋଇ ନାହିଁ । ତେଣୁ ପାଶ୍ଚାତ୍ୟ ପ୍ରଣାଳୀ ଅର୍ଥାତ୍ ପ୍ରଥମତଃ ଉଦ୍ଦିଷ୍ଟ ବିଷୟର ଆନ୍ଦୋଳନ, ପରେ ସମସ୍ତେ ମିଶି କର୍ତ୍ତବ୍ୟ ସାଧନ, ଏ ଦେଶରେ ଏବେସୁଦ୍ଧା ଫଳଦାୟକ ହେଉ ନାହିଁ; ଏଥିପାଇଁ ଆମେ ବିଜାତୀୟ ରାଜାର ଅଧୀନରେ ଏତେ ଅଧିକ ସ୍ଥିତିଶୀଳ ବୋଲି ପ୍ରତୀତ ହେଉଛୁ । ଏକଥା ଯଦି ସତ୍ୟ ହୁଏ, ତାହାହେଲେ ସାଧାରଣରେ ଆନ୍ଦୋଳନ ଦ୍ୱାରା କୌଣସି ମହତ୍ କାର୍ଯ୍ୟ ସାଧନ କରିବାର ଚେଷ୍ଟା ବୃଥା; 'ମୁଣ୍ଡ ନାହିଁ ପୁଣି ମୁଣ୍ଡବ୍ୟଥା'—ସାଧାରଣ କେଉଁଠି ଅଛି ? ତାହା ଉପରେ ପୁଣି ଆମେ ଏତେ ବୀର୍ଯ୍ୟହୀନ ଯେ, କୌଣସି ବିଷୟରେ ଆନ୍ଦୋଳନ କରିବାକୁ ଗଲେ ସେଥିରେ ହିଁ ଆମର ବଳ ନିଃଶେଷିତ ହୋଇଯାଏ, କାର୍ଯ୍ୟ ପାଇଁ କିଛିମାତ୍ର ବାକି ରହେ ନାହିଁ, ଏଥିପାଇଁ ବୋଧହୁଏ ଆମେମାନେ ପ୍ରାୟ୍ ବଙ୍ଗଭୂମିରେ 'ବହ୍ୱାରମ୍ଭେ ଲଘୁକ୍ରିୟା' ସତତ ପ୍ରତ୍ୟକ୍ଷ କରୁଁ । ଦ୍ୱିତୀୟତଃ, ମୁଁ ପୂର୍ବେ ଯେପରି ଲେଖିଛି—ଭାରତବର୍ଷର ଧନୀମାନଙ୍କ ନିକଟରୁ କୌଣସି ଆଶା କରେ ନାହିଁ । ଯେଉଁମାନଙ୍କ ଉପରେ ଆଶା, ଅର୍ଥାତ୍ ଯୁବକ-ସମ୍ପ୍ରଦାୟ—ଧୀର, ସ୍ଥିର ଅଥଚ ନିଃଶବ୍ଦରେ ସେମାନଙ୍କ ମଧ୍ୟରେ କାର୍ଯ୍ୟ କରିବା ଭଲ । ବର୍ତ୍ତମାନ କାର୍ଯ୍ୟ : ପାଶ୍ଚାତ୍ୟ ଦେଶର 'ଆଧୁନିକ ସଭ୍ୟତା' ଓ ଭାରତ, ମିସର, ରୋମାଦି ଦେଶର 'ପ୍ରାଚୀନ ସଭ୍ୟତା' ମଧ୍ୟରେ ଯେଉଁଦିନଠୁ ହିଁ ପ୍ରଭେଦ ଆରମ୍ଭ ହେଲା, ଯେଉଁଦିନରୁ ଶିକ୍ଷା ସଭ୍ୟତା ପ୍ରଭୃତି ଉଚ୍ଚଜାତିରୁ କ୍ରମଶଃ ନିମ୍ନଜାତି-ମାନଙ୍କ ମଧ୍ୟରେ ପ୍ରସାରିତ ହେବାକୁ ଲାଗିଲା । ପ୍ରତ୍ୟକ୍ଷ ଦେଖୁଛୁ, ଯେଉଁ ଜାତି ମଧ୍ୟରେ ଜନସାଧାରଣଙ୍କ ଭିତରେ ବିଦ୍ୟାବୁଦ୍ଧି ଯେଉଁ ପରିମାଣରେ ପ୍ରଚାରିତ, ସେହି ଜାତି ସେହି ପରିମାଣରେ ଉନ୍ନତ । ଭାରତବର୍ଷର ଯେଉଁ ସର୍ବନାଶ ହୋଇଛି, ତାହାର ମୂଳକାରଣ ଏହା ହିଁ—ଦେଶର ସମସ୍ତ ବିଦ୍ୟାବୁଦ୍ଧିକୁ ମୁଷ୍ଟିମେୟ ଲୋକଙ୍କ ମଧ୍ୟରେ ରାଜଶାସନ ଓ ଦମ୍ଭବଳରେ ଆବଦ୍ଧ କରିବା । ଯଦି ପୁନର୍ବାର ଆମମାନଙ୍କୁ ଉଠିବାକୁ ହୁଏ, ତେବେ ସେହି ପଥ ଧରି ଅର୍ଥାତ୍ ସାଧାରଣ ଜନଗଣଙ୍କ ମଧ୍ୟରେ ବିଦ୍ୟାର ପ୍ରଚାର କରି । ଆଜି ଅର୍ଦ୍ଧଶତାବ୍ଦୀ ଧରି ସମାଜସଂସ୍କାରର ଧ୍ୱନି ଉଠିଛି । ଦଶବର୍ଷ ଯାବତ୍ ଭାରତର ନାନାସ୍ଥଳ ବିଚରଣ କରି ଦେଖିଲି,

ସମାଜସମ୍ରାଟ୍-ସଭରେ ଦେଶ ପରିପୂର୍ଣ୍ଣ । କିନ୍ତୁ ଯେଉଁମାନଙ୍କର ରୁଧିରଶୋଷଣଦ୍ୱାରା 'ଭଦ୍ର-ଲୋକ' ନାମରେ ପ୍ରଥିତ ବ୍ୟକ୍ତିମାନେ 'ଭଦ୍ରଲୋକ' ହୋଇଛନ୍ତି ଓ ରହିଛନ୍ତି, ସେମାନଙ୍କ ପାଇଁ ଗୋଟିଏ ହେଲେ ସଭା ଦେଖିଲି ନାହିଁ । ମୁସଲମାନମାନେ କେତେଜଣ ବା ସିପାହୀ ଆଣିଥିଲେ ? ଇଂରେଜ କେତେଜଣ ଅଛନ୍ତି ? ଛଅଟଙ୍କା ପାଇଁ ନିଜର ପିତା, ଭ୍ରାତାର ତଣ୍ଟି ଚିପି କାଟିପାରେ, ଏପରି ଲକ୍ଷ ଲକ୍ଷ ଲୋକ ଭାରତ ଛଡ଼ା ଆଉ କେଉଁଠି ମିଳିବେ ? ସାତଶହ ବର୍ଷ ମୁସଲମାନ ରାଜତ୍ୱରେ ଛଅକୋଟି ମୁସଲମାନ, ଏକଶହ ବର୍ଷର ଖ୍ରୀଷ୍ଟାନ ରାଜତ୍ୱରେ କୋଡ଼ିଏଲକ୍ଷ ଖ୍ରୀଷ୍ଟାନ—କାହିଁକି ଏପରି ହୁଏ ? ଦେଶକୁ କାହିଁକି originality (ମୌଳିକତା) ସମ୍ପୂର୍ଣ୍ଣ ତ୍ୟାଗ କରିଛି ? ଆମର ଦକ୍ଷ ହସ୍ତଶିଳ୍ପୀ କାହିଁକି ଇଉରୋପୀୟମାନଙ୍କ ସହିତ ସମକକ୍ଷତା କରି ନ ପାରି ଦିନକୁ ଦିନ ଉଚ୍ଛନ୍ନ ହୋଇଯାଉଛନ୍ତି ? ଜର୍ମାନ୍ ଶ୍ରମଜୀବୀ କାହା ବଳରେ ଇଂରେଜ ଶ୍ରମଜୀବୀର ବହୁଶତାବ୍ଦୀପ୍ରୋଥିତ ଦୃଢ଼ ଆସନକୁ ଟଳମଳ କରି-ଦେଇଛି ?

କେବଳ ଶିକ୍ଷା, ଶିକ୍ଷା, ଶିକ୍ଷା ! ଇଉରୋପର ବହୁ ନଗର ପର୍ଯ୍ୟଟନ କରି ସେମାନଙ୍କ ଦରିଦ୍ରଗଣଙ୍କର ସୁଖସ୍ୱାଚ୍ଛନ୍ଦ୍ୟ ଓ ବିଦ୍ୟା ଦେଖି ଆମର ଗରିବମାନଙ୍କ କଥା ମନେପକାଇ ଅଶ୍ରୁଜଳ ବିସର୍ଜନ କରୁଥିଲି । କାହିଁକି ଏ ପାର୍ଥକ୍ୟ ହେଲା ? ଜବାବ ପାଇଲି—ଶିକ୍ଷା । ଶିକ୍ଷାବଳରେ ଆତ୍ମପ୍ରତ୍ୟୟ, ଆତ୍ମପ୍ରତ୍ୟୟବଳରେ ଅନ୍ତର୍ନିହିତ ବ୍ରହ୍ମ ଜାଗି ଉଠୁଛନ୍ତି; ଆଉ ଆମର—କ୍ରମେ ସେ ସଙ୍କୁଚିତ ହେଉଛନ୍ତି । ନ୍ୟୁୟର୍କରେ ଦେଖିଥିଲି, Irish colonists (ଆଇରିଶ ଔପନିବେଶିକମାନେ) ଆସୁଛନ୍ତି—ଇଂରେଜ-ପଦ-ନିପୀଡ଼ିତ, ବିଗତଶ୍ରୀ, ହୃତସର୍ବସ୍ୱ ମହାଦରିଦ୍ର, ମହାମୂର୍ଖ—ସମ୍ବଳ ଖଣ୍ଡିଏ ବାଡ଼ି ଓ ତାହାର ଅଗ୍ରବଲମ୍ବିତ ଗୋଟାଏ ଛିଣ୍ଡା ଲୁଗାର ବୁଜୁଳି । ତାହାର ଚାଲି ସଭୟ, ତାହାର ଚାହାଣି ସଭୟ । ଛଅମାସ ପରେ ଆଉ ଏକ ଦୃଶ୍ୟ—ସେ ସିଧା ହୋଇ ଚାଲୁଛି, ତା'ର ବେଶଭୂଷା ବଦଳିଯାଇଛି; ତା'ର ଚାହାଣିରେ ତା'ର ଚାଲିରେ ଆଉ ସେ 'ଭୟଭୟ' ଭାବ ନାହିଁ । କାହିଁକି ଏପରି ହେଲା ? ମୋର ବେଦାନ୍ତ କହୁଛନ୍ତି ଯେ, ସେହି Irishmanଙ୍କୁ ତାହାର ସ୍ୱଦେଶର ଚାରିଆଡ଼େ ଘୃଣା ମଧ୍ୟରେ ରଖାଯାଇଥିଲା—ସମସ୍ତ ପ୍ରକୃତି ଏକାବାକ୍ୟରେ କହୁଥିଲା, 'ପ୍ୟାଟ୍ (Pat)*, ତୋର ଆଉ ଆଶା ନାହିଁ, ତୁ ଜନ୍ମିଛୁ ଗୋଲାମ୍ ହୋଇ, ଗୋଲାମ୍ ହୋଇ ରହିବୁ ।' ଆଜନ୍ମ ଏହା ଶୁଣିଶୁଣି Patର ତାହା ହିଁ ବିଶ୍ୱାସ ହେଲା ନିଜକୁ ପ୍ୟାଟ୍ ସମ୍ମୋହିତ କଲା ଯେ, ସେ ଅତି ନୀଚ; ତା'ର ବ୍ରହ୍ମ ସଙ୍କୁଚିତ ହୋଇଗଲା । ଆଉ ଆମେରିକାରେ ପହଞ୍ଚିବା ମାତ୍ରେ, ଚାରିଆଡ଼ୁ ଧ୍ୱନି ଉଠିଲା—'ପ୍ୟାଟ୍, ତୁ ମଧ୍ୟ ଆମର ପରି ମଣିଷ, ମଣିଷ ହିଁ ତ ସବୁ କରିଛି, ତୋ ମୋ ଭଳି ମଣିଷ ସବୁ କରିପାରେ, ହୃଦୟରେ ସାହସ ବାନ୍ଧ !' ପ୍ୟାଟ୍ ମୁଣ୍ଡ ଟେକିଲା, ଦେଖିଲା ଠିକ୍ କଥା ତ, ଭିତରର ବ୍ରହ୍ମ ଜାଗି ଉଠିଲେ, ସ୍ୱୟଂ ପ୍ରକୃତି ଯେପରି କହିଲେ, 'ଉତ୍ତିଷ୍ଠତ, ଜାଗ୍ରତ' ଇତ୍ୟାଦି ।

ସେହିପରି ଆମର ପିଲାମାନଙ୍କର ଯେଉଁ ବିଦ୍ୟାଶିକ୍ଷା ହେଉଛି, ତାହା ମଧ୍ୟ ଏକାନ୍ତ

* Patrick, ପ୍ୟାଟ୍ରିକ—ଆଇରିସ୍ ମ୍ୟାନ୍ (ଚଳିତ ଭାଷାରେ)

negative (ନେତିଭାବପୂର୍ଣ୍ଣ)—ସ୍କୁଲ-ବାଳକ କିଛିମାତ୍ର ଶିଖେ ନାହିଁ, କେବଳ ସବୁ ଭାଙ୍ଗିଚୁରିଯାଏ—ଫଳ 'ଶ୍ରଦ୍ଧାହୀନତ୍ୱ' । ଯେଉଁ ଶ୍ରଦ୍ଧା ବେଦବେଦାନ୍ତର ମୂଳମନ୍ତ୍ର, ଯେଉଁ ଶ୍ରଦ୍ଧା ନଚିକେତାଙ୍କୁ ଯମ-ମୁହଁକୁ ଯାଇ ପ୍ରଶ୍ନ କରିବାକୁ ସାହସୀ କରିଥିଲା, ଯେଉଁ ଶ୍ରଦ୍ଧାବଳରେ ଏ ଜଗତ ଚାଲିଛି, ସେ 'ଶ୍ରଦ୍ଧା'ର ଲୋପ । 'ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି'—ଗୀତା । ସେଥିପାଇଁ ଆମେ ବିନାଶର ଏତେ ନିକଟରେ । ବର୍ତ୍ତମାନ ଉପାୟ—ଶିକ୍ଷାର ପ୍ରସାର । ପ୍ରଥମ ଆତ୍ମବିଦ୍ୟା—ଏକଥା କହିବା ମାତ୍ରେ ଯେ ଜଟାଜୁଟ, ଦଣ୍ଡ, କମଣ୍ଡଳୁ ଓ ଗିରିଗୁହା ମନକୁ ଆସେ, ମୋର ମନ୍ତବ୍ୟ ତାହା ନୁହେଁ । ତେବେ କ'ଣ ? ଯେଉଁ ଜ୍ଞାନରେ ଭବବନ୍ଧନରୁ ମୁକ୍ତି ମିଳିପାରେ, ସେଥିରେ ଏହି ସାମାନ୍ୟ ବୈଷୟିକ ଉନ୍ନତି କ'ଣ ହେବ ନାହିଁ ? ଅବଶ୍ୟ ହେବ । ମୁକ୍ତି, ବୈରାଗ୍ୟ, ତ୍ୟାଗ—ଏସବୁ ତ ମହାଶ୍ରେଷ୍ଠ ଆଦର୍ଶ; କିନ୍ତୁ 'ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍' । ଦ୍ୱୈତ, ବିଶିଷ୍ଟାଦ୍ୱୈତ, ଅଦ୍ୱୈତ, ଶୈବସିଦ୍ଧାନ୍ତ, ବୈଷ୍ଣବ, ଶାକ୍ତ, ଏପରିକି ବୌଦ୍ଧ ଓ ଜୈନ ପ୍ରଭୃତି ଯେକୌଣସି ସମ୍ପ୍ରଦାୟ ଏ ଭାରତରେ ଉଠିଛି, ସମସ୍ତେ ଏ ବିଷୟରେ ଏକବାକ୍ୟ ଯେ, ଏହି 'ଜୀବାତ୍ମାରେ ହିଁ ଅନନ୍ତ ଶକ୍ତି ନିହିତ ଅଛି, ପିପୀଲିକାଠାରୁ ଉଚ୍ଚତମ ସିଦ୍ଧପୁରୁଷ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ସେହି ଆତ୍ମା'—ତଫାତ୍ କେବଳ ପ୍ରକାଶର ତାରତମ୍ୟରେ, 'ବରଣଭେଦସ୍ତୁ ତତଃ କ୍ଷେତ୍ରିକବତ୍'—(ପାତଞ୍ଜଳଯୋଗସୂତ୍ର) । ଅବକାଶ ଓ ଉପଯୁକ୍ତ ଦେଶ କାଳ ପାଇଲେ ହିଁ ସେହି ଶକ୍ତିର ବିକାଶ ହୁଏ । କିନ୍ତୁ ବିକାଶ ହେଉ ବା ନ ହେଉ, ସେହି ଶକ୍ତି ପ୍ରତ୍ୟେକ ଜୀବରେ ବିଦ୍ୟମାନ—ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ । ଏହି ଶକ୍ତିର ଉଦ୍‌ବୋଧନ କରିବାକୁ ହେବ ଦ୍ୱାରେ ଦ୍ୱାରେ ଯାଇ । ଦ୍ୱିତୀୟ, ଏହା ସଙ୍ଗେ ସଙ୍ଗେ ବିଦ୍ୟାଶିକ୍ଷା ଦେବାକୁ ହେବ ।

କଥାଟା ତ ଭାରି ସହଜ, କିନ୍ତୁ କାର୍ଯ୍ୟରେ ପରିଣତ ହେବ କିପରି ? ଆମ ଦେଶରେ ସହସ୍ର ସହସ୍ର ନିଃସ୍ୱାର୍ଥ, ଦୟାବାନ୍, ତ୍ୟାଗୀ ପୁରୁଷ ଅଛନ୍ତି; ଏମାନଙ୍କ ମଧ୍ୟରୁ ଅନ୍ତତଃ (ଏକ) ଅର୍ଦ୍ଧେକ ଭାଗକୁ—ଯେପରି ସେମାନେ ବିନା ବେତନରେ ପର୍ଯ୍ୟଟନ କରି ଧର୍ମଶିକ୍ଷା ଦେଉଛନ୍ତି—ସେହି ଭାବରେ ବିଦ୍ୟାଶିକ୍ଷକ କରାଯାଇପାରେ । ସେଥିପାଇଁ ଦରକାର, ପ୍ରଥମତଃ ଗୋଟିଏ ଗୋଟିଏ ରାଜଧାନୀରେ ଗୋଟିଏ ଗୋଟିଏ କେନ୍ଦ୍ର ଓ ସେଠାରୁ ଧୀରେ ଧୀରେ ଭାରତର ସର୍ବସ୍ଥାନରେ ବ୍ୟାପ୍ତ ହେବା । ମାଡ୍ରାଜ ଓ କଲିକତାରେ ସମ୍ପ୍ରତି ଦୁଇଟି କେନ୍ଦ୍ର ହୋଇଛି; ଆହୁରି ଅଧିକ କେନ୍ଦ୍ର ଶୀଘ୍ର ହେବାର ଆଶା ଅଛି । ତା'ପରେ ଦରିଦ୍ରମାନଙ୍କ ଶିକ୍ଷା ଅଧିକାଂଶ ଶ୍ରୁତିଦ୍ୱାରା ହେବା ଦରକାର । ସ୍କୁଲ ଇତ୍ୟାଦି ପାଇଁ ବର୍ତ୍ତମାନ ସମୟ ଆସି ନାହିଁ । କ୍ରମଶଃ ସେହିସବୁ ପ୍ରଧାନ କେନ୍ଦ୍ରରେ କୃଷି, ବାଣିଜ୍ୟ ପ୍ରଭୃତି ଶିକ୍ଷା ଦେବାକୁ ହେବ ଏବଂ ଏ ଦେଶରେ ଯେପରି ଶିଳ୍ପାଦିର ମଧ୍ୟ ଉନ୍ନତି ହୁଏ, ସେଥିପାଇଁ କର୍ମଶାଳା ଖୋଲାଯିବ । ସେହି କର୍ମଶାଳାର ମାଲବିକ୍ରି ଯେପରି ୟୁରୋପ ଓ ଆମେରିକାରେ ହୁଏ, ସେଥିପାଇଁ ଉକ୍ତ ଦେଶସମୂହରେ ମଧ୍ୟ ସଭା ସ୍ଥାପନା ହୋଇଛି ଓ ହେବ । କେବଳ ଗୋଟିଏ ଅସୁବିଧା ଯେ, ଯେପରି ପୁରୁଷମାନଙ୍କ ପାଇଁ ହେବ, ଠିକ୍ ସେହି ଭାବରେ ସ୍ତ୍ରୀଲୋକମାନଙ୍କ ପାଇଁ ଦରକାର; କିନ୍ତୁ ଏ ଦେଶରେ ତାହା ଅତୀବ କଠିନ, ଆପଣ ବିଦିତ ଅଛନ୍ତି । ପୁନଶ୍ଚ

ଏହି ସମସ୍ତ କାର୍ଯ୍ୟ ପାଇଁ ଯେଉଁ ଅର୍ଥ ଦରକାର ତାହା ମଧ୍ୟ ଇଂଲଣ୍ଡରୁ ଆସିବ । ଯେଉଁ ସାପ କାମୁଡ଼େ, ସେ ନିଜର ବିଷ ଶୋଷିନେବ, ଏହା ମୋର ଦୃଢ଼ ବିଶ୍ୱାସ ଏବଂ ସେଥିପାଇଁ ଆମର ଧର୍ମ ଇଉରୋପ ଓ ଆମେରିକାରେ ପ୍ରଚାର ହେବା ଦରକାର । ଆଧୁନିକ ବିଜ୍ଞାନ ଖ୍ରୀଷ୍ଟୀୟ ଧର୍ମର ଭିତ୍ତି ସମ୍ପୂର୍ଣ୍ଣ ଚୂର୍ଣ୍ଣ କରି ପକାଇଛି । ତାହା ଉପରେ ବିଳାସ—ଧର୍ମବୃତ୍ତିକୁ ପ୍ରାୟ ନଷ୍ଟ କରି ପକାଇଛି । ଇଉରୋପ ଓ ଆମେରିକା ଆଶାପୂର୍ଣ୍ଣ ନେତ୍ରରେ ଭାରତ ଆଡ଼କୁ ଚାହିଁଛନ୍ତି—ଏହି ସମୟ ପରୋପକାରର, ଏହି ସମୟ ଶତ୍ରୁର ଦୁର୍ଗ ଅଧିକାର କରିବାର ।

ପାଶ୍ଚାତ୍ୟ ଦେଶରେ ନାରୀର ରାଜ୍ୟ, ନାରୀର ବଳ, ନାରୀର ପ୍ରଭୁତ୍ୱ । ଯଦି ଆପଣଙ୍କ ଭଳି ତେଜସ୍ୱିନୀ ବିଦୁଷୀ ବେଦାନ୍ତଜ୍ଞ କେହି ଏହି ସମୟରେ ଇଂଲଣ୍ଡକୁ ଯାଆନ୍ତି, ମୁଁ ନିଶ୍ଚିତ କହୁଛି, ଏକ ଏକ ବର୍ଷରେ ଅନ୍ତତଃ ଦଶହଜାର ନରନାରୀ ଭାରତର ଧର୍ମ ଗ୍ରହଣ କରି କୃତାର୍ଥ ହେବେ । ଜଣେ ରମାବାଈ ଆମ ଦେଶରୁ ଯାଇଥିଲେ । ତାଙ୍କର ଇଂରାଜୀ ଭାଷା ବା ପାଶ୍ଚାତ୍ୟ ବିଜ୍ଞାନ ଶିଳ୍ପାଦିବୋଧ ଖୁବ୍ ଅଳ୍ପ ଥିଲା, ତଥାପି ସେ ସମସ୍ତଙ୍କୁ ସ୍ତମ୍ଭିତ କରିଦେଇଥିଲେ । ଯଦି ଆପଣଙ୍କ ଭଳି କେହି ଯାଆନ୍ତି, ତା' ହେଲେ ଇଂଲଣ୍ଡ ଓଲଟପାଲଟ ହୋଇଯାଇପାରେ, ଆମେରିକା ବା କି ଛାର ! ଦେଶୀୟ ନାରୀ ଦେଶୀୟ ପରିଚ୍ଛଦରେ ଭାରତର ଋଷିମୁଖାଗତ ଧର୍ମ ପ୍ରଚାର କଲେ, ଦିବ୍ୟ ଚକ୍ଷୁରେ ଦେଖୁଛି, ଏକ ମହାନ୍ ତରଙ୍ଗ ଉଠିବ, ଯାହା ସମଗ୍ର ପାଶ୍ଚାତ୍ୟ ଭୂମିକୁ ପ୍ଳାବିତ କରି ପକାଇବ । ଏହି ମୈତ୍ରେୟୀ, ଖନା, ଲୀଳାବତୀ, ସାବିତ୍ରୀ ଓ ଉଭୟଭାରତୀଙ୍କର ଜନ୍ମଭୂମିରେ କଅଣ ଆଉ କୌଣସି ନାରୀଙ୍କର ଏ ସାହସ ହେବ ନାହିଁ ? ପ୍ରଭୁ ଜାଣନ୍ତି । ଇଂଲଣ୍ଡ, ଇଂଲଣ୍ଡ, ଇଂଲଣ୍ଡ—ଆମେ ଧର୍ମବଳରେ ଅଧିକାର କରିବା, ଜୟ କରିବା, 'ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ' । ଏ ଦୁର୍ଦ୍ଧାନ୍ତ ଅସୁର ହାତରୁ କଅଣ ସଭାସମିତିଦ୍ୱାରା ଉଦ୍ଧାର ହୋଇପାରେ ? ଅସୁରକୁ ଦେବତା କରିବାକୁ ହେବ । ମୁଁ ଦୀନ ଭିକ୍ଷୁକ ପରିବ୍ରାଜକ କଅଣ କରିପାରେ ? ମୁଁ ଏକା, ଅସହାୟ ! ଆପଣମାନଙ୍କର ଧନବଳ, ବୁଦ୍ଧିବଳ, ବିଦ୍ୟାବଳ—ଆପଣମାନେ କଅଣ ଏ ସୁଯୋଗ ତ୍ୟାଗ କରିବେ ? ଏହା ହିଁ ବର୍ତ୍ତମାନର ମହାମନ୍ତ୍ର—ଇଂଲଣ୍ଡ-ବିଜୟ, ଇଉରୋପ-ବିଜୟ, ଆମେରିକା-ବିଜୟ ! ସେଥିରେ ହିଁ ଦେଶର କଲ୍ୟାଣ । Expansion is the sign of life and we must spread the world over with our spiritual ideals.* ହାୟ ହାୟ ! ଶରୀର କ୍ଷୁଦ୍ର ଜିନିଷ, ସେଥିରେ ବଙ୍ଗାଳୀର ଦେହ; ଏହି ପରିଶ୍ରମରେ ହିଁ ଅତି କଠିନ ପ୍ରାଣହର ବ୍ୟାଧି ଆକ୍ରମଣ କଲା ! କିନ୍ତୁ ଆଶା ଏତିକି—'ଉତ୍ପତ୍ସ୍ୟତେଽସ୍ତି ମମ କୋଽପି ସମାନଧର୍ମା, କାଲୋହ୍ୟୟଂ ନିରବଧିର୍ବିପୁଳା ଚ ପୃଥ୍ୱୀ ।'**

ନିବେଦିତା ଭୋଜନ ସମ୍ବନ୍ଧରେ ମୋର ବକ୍ତବ୍ୟ ଏତିକି—ପ୍ରଥମତଃ ମୋର ଗୁରୁ

---

* ବିସ୍ତାର ହିଁ ଜୀବନର ଚିହ୍ନ, ଆମମାନଙ୍କୁ ସମଗ୍ର ପୃଥିବୀରେ ଆମର ଧର୍ମାଦର୍ଶକୁ ପ୍ରଚାର କରିବାକୁ ହେବ ।

** ମୋର ସମାନଧର୍ମା ଅନ୍ୟ କୌଣସି ବ୍ୟକ୍ତି ଅଛନ୍ତି ବା ଉତ୍ପନ୍ନ ହେବେ; କାରଣ, **କାଳର ଅନ୍ତ ନାହିଁ ଏବଂ ପୃଥିବୀ ମଧ୍ୟ ବିପୁଳା ।—ଭବଭୂତି-ପ୍ରଣୀତ 'ମାଳତୀ-ମାଧବ' ।**

ନିରାମିଷାଶୀ ଥିଲେ; ତେବେ ଦେବୀଙ୍କ ପ୍ରସାଦ ମାଂସ କେହି ଦେଲେ ଅଙ୍ଗୁଳିଦ୍ୱାରା ମସ୍ତକରେ ସ୍ପର୍ଶ କରୁଥିଲେ । ଜୀବହତ୍ୟା ପାପ, ସେଥିରେ ସନ୍ଦେହ ନାହିଁ; ତେବେ ଯେପର୍ଯ୍ୟନ୍ତ ରାସାୟନିକ ଉନ୍ନତିଦ୍ୱାରା ଉଦ୍ଭିଜ୍ଜାଦି ମନୁଷ୍ୟଶରୀରର ଉପଯୋଗୀ ଖାଦ୍ୟ ନ ହୋଇଛି, ସେପର୍ଯ୍ୟନ୍ତ ମାଂସଭୋଜନ ଛଡ଼ା ଉପାୟ ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟଙ୍କୁ ଆଧୁନିକ ଅବସ୍ଥା ମଧ୍ୟରେ ରହି ରଜୋଗୁଣର କ୍ରିୟା କରିବାକୁ ହେବ, ସେପର୍ଯ୍ୟନ୍ତ ମାଂସାଦନ ବିନା ଉପାୟ ନାହିଁ । ମହାତ୍ମା ଅଶୋକ ତରବାରି ଦ୍ୱାରା ଦଶ କୋଡ଼ିଏ ଲକ୍ଷ ଜାନୁଆରର ପ୍ରାଣ ବଞ୍ଚାଇଲେ ସିନା, କିନ୍ତୁ ଶହେ ବର୍ଷର ଦାସତ୍ୱ କ'ଣ ତଦପେକ୍ଷା ଅଧିକ ଭୟଙ୍କର ନୁହେଁ ? ଦୁଇଚାରିଟା ଛେଳିର ପ୍ରାଣନାଶ ନା ମୋର ସ୍ତ୍ରୀ-କନ୍ୟାଙ୍କ ମର୍ଯ୍ୟାଦା ରକ୍ଷା ଲାଗି ଅକ୍ଷମତା ଓ ମୋର ବାଳକବାଳିକାମାନଙ୍କ ମୁହଁର ଗ୍ରାସ ଅନ୍ୟହାତରୁ ରକ୍ଷା କରିବାର ଅକ୍ଷମତା—ଏ ଦୁଇଟି ଭିତରୁ କେଉଁ ଗୋଟିକ ଅଧିକତର ପାପ ? ଯେଉଁମାନେ ଉଚ୍ଚଶ୍ରେଣୀର, ଏବଂ ଶାରୀରିକ ପରିଶ୍ରମ କରି ଅନ୍ନ ସଂଗ୍ରହ କରନ୍ତି ନାହିଁ, ସେମାନେ ବରଂ (ମାଂସାଦି) ନ ଖାନ୍ତୁ; କିନ୍ତୁ ଯେଉଁମାନଙ୍କୁ ଦିବାରାତ୍ର ପରିଶ୍ରମ କରି ଅନ୍ନବସ୍ତ୍ରର ସଂସ୍ଥାନ କରିବାକୁ ହେବ, ସେମାନଙ୍କୁ ବଳପୂର୍ବକ ନିରାମିଷାଶୀ କରିବା ଆମର ଜାତୀୟ ସ୍ୱାଧୀନତାବିଲୁପ୍ତିର ଅନ୍ୟତମ କାରଣ । ଉତ୍ତମ ପୁଷ୍ଟିକର ଖାଦ୍ୟ କ'ଣ କରିପାରେ, ଜାପାନ ତାହାର ନିଦର୍ଶନ । ସର୍ବଶକ୍ତିମତୀ ବିଶ୍ୱେଶ୍ୱରୀ ଆପଣଙ୍କ ହୃଦୟରେ ଅବତୀର୍ଣ୍ଣା ହୁଅନ୍ତୁ । ଇତି

ବିବେକାନନ୍ଦ

**୩୪୭ଇଂ** (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ଦାର୍ଜିଲିଂ*, ୨୮ ଅପ୍ରେଲ ୧୮୯୭

ପ୍ରିୟ ମେରୀ,

କିଛିଦିନ ପୂର୍ବେ ମୁଁ ତୁମର ସୁନ୍ଦର ପତ୍ରଖଣ୍ଡିକ ପାଇଛି । ଗତକାଲି ହ୍ୟାରିୟେଟ୍‌ର ବିବାହର ସମ୍ବାଦଜ୍ଞାପକ ପତ୍ର ଆସିଛି । ପ୍ରଭୁ ନବଦମ୍ପତିଙ୍କୁ ସୁଖରେ ରଖନ୍ତୁ ।

ଏଠାରେ ସମସ୍ତ ଦେଶବାସୀ ଯେପରି ଏକପ୍ରାଣ ହୋଇ ମୋତେ ଅଭ୍ୟର୍ଥନା କରିବା ପାଇଁ ସମବେତ ହୋଇଥିଲେ, ଶତ ସହସ୍ର ଲୋକ ଯେଉଁଆଡ଼େ ଯାଉଥିଲି ସେଆଡ଼େ ଉତ୍ସାହସୂଚକ ଆନନ୍ଦଧ୍ୱନି କରୁଥିଲେ, ରାଜା-ରାଜୁଡ଼ାମାନେ ମୋ ଗାଡ଼ି ଟାଣୁଥିଲେ, ବଡ଼ ବଡ଼ ସହରର ସୁନ୍ଦର ରାସ୍ତା ଉପରେ ତୋରଣ ନିର୍ମାଣ କରାଯାଇଥିଲା, ଏବଂ ସେଥିରେ ନାନା ପ୍ରକାର 'ସଂକ୍ଷିପ୍ତ ମଙ୍ଗଳ ବାକ୍ୟ' (motto) ଜଳ ଜଳ କରୁଥିଲା । ଏସମସ୍ତ ବିଷୟ ଶୀଘ୍ର ପୁସ୍ତକାକାରରେ ବାହାରିବ ଏବଂ ତୁମେ ମଧ୍ୟ ଖଣ୍ଡିଏ ପାଇବ । କିନ୍ତୁ ଦୁର୍ଭାଗ୍ୟକ୍ରମେ ମୁଁ ଏହା ପୂର୍ବରୁ ଇଂଲଣ୍ଡରେ କଠୋର ପରିଶ୍ରମ କରି କ୍ଲାନ୍ତ ହୋଇଥିଲି, ପୁଣି ଏଠାରେ ଦାକ୍ଷିଣାତ୍ୟର ଭୀଷଣ ଗରମରେ ଅତିରିକ୍ତ ପରିଶ୍ରମ କରିବାରୁ ସମ୍ପୂର୍ଣ୍ଣ ଅବସନ୍ନ ହୋଇପଡ଼ିଛି । ଫଳରେ ମୋତେ ଭାରତର ଅନ୍ୟାନ୍ୟ ସ୍ଥାନ ପରିଦର୍ଶନର ପରିକଳ୍ପନା ପରିତ୍ୟାଗ କରି

* ମୂଳପତ୍ରରେ ସ୍ଥାୟୀ ଠିକଣା ହିସାବରେ 'ମଠ, ଆଲମ୍ବଜାର' ଲିଖିତ ଅଛି ।

ନିକଟତମ ଶୈଳନିବାସ ଦାର୍ଜିଲିଂକୁ ନାକସଲଖା ଦୌଡ଼ିବାକୁ ପଡ଼ିଲା । ସମ୍ପ୍ରତି ମୁଁ ଅନେକ ପରିମାଣରେ ଭଲ ଅଛି ଏବଂ ଦୁଇମାସଖଣ୍ଡେ ଆଲମୋଡ଼ାରେ ରହିଲେ ହିଁ ସମ୍ପୂର୍ଣ୍ଣ ଭଲ ହୋଇଯିବି । ଭଲ କଥା, ସମ୍ପ୍ରତି ମୋର ଇଉରୋପ ଯିବାର ଗୋଟାଏ ସୁବିଧା ଚାଲିଗଲା । ରାଜା ଅଜିତ୍ ସିଂହ ଏବଂ ଆଉ କେତେଜଣ ରାଜା ଆଗାମୀ ଶନିବାର ଇଂଲଣ୍ଡ ଯାତ୍ରା କରୁଛନ୍ତି । ସେମାନେ ଅବଶ୍ୟ ମୋତେ ସେମାନଙ୍କ ସଙ୍ଗରେ ନେଇଯିବା ପାଇଁ ବିଶେଷ ଚେଷ୍ଟା କରିଥିଲେ । କିନ୍ତୁ ମୁଁ ବର୍ତ୍ତମାନ କୌଣସି ପ୍ରକାର ଶାରୀରିକ ବା ମାନସିକ ପରିଶ୍ରମ କରେ, ଏକଥା ଦୁର୍ଭାଗ୍ୟକ୍ରମେ ଡାକ୍ତରମାନେ ଆଦୌ ଚାହୁଁ ନାହାନ୍ତି; ସୁତରାଂ ଅତ୍ୟନ୍ତ ଅନିଚ୍ଛା ସହକାରେ ମୋତେ ଏହି ସୁଯୋଗ ଛାଡ଼ିଦେବାକୁ ପଡ଼ୁଛି; ତେବେ ଯେତେଶୀଘ୍ର ପାରେ ଯିବା ପାଇଁ ଚେଷ୍ଟା କରିବି ।

ଆଶା କରେ, ଡକ୍ଟର ବ୍ୟାରୋଜ୍ ଏବେ ଆମେରିକାରେ ପହଞ୍ଚିଛନ୍ତି । ଆହା ବିଚାରା ! ସେ ଏଠାରେ ଖ୍ରୀଷ୍ଟାନ୍ ଧର୍ମର ଅତ୍ୟନ୍ତ ଧର୍ମାନ୍ଧ ଭାବ ପ୍ରଚାର କରିବାକୁ ଆସିଥିଲେ; ସୁତରାଂ ଯାହା ସାଧାରଣତଃ ହୋଇଥାଏ—କେହି ତାଙ୍କ କଥା ଶୁଣିଲେ ନାହିଁ । ଅବଶ୍ୟ ଲୋକେ ତାଙ୍କୁ ଖୁବ୍ ଆଦର ସହିତ ଅଭ୍ୟର୍ଥନା କରିଥିଲେ; କିନ୍ତୁ ତାହା ମୁଁ ଚିଠି ଲେଖିଥିଲି ବୋଲି । କିନ୍ତୁ ମୁଁ ତ ଆଉ ତାଙ୍କ ଭିତରେ ବୁଦ୍ଧି ପୂରାଇ ଦେଇପାରିବି ନାହିଁ । ପୁଣି ସେ ଯେପରି ଏକ ଅଦ୍ଭୁତ ଧରଣର ଲୋକ । ଶୁଣିଲି, ମୁଁ ଦେଶକୁ ଫେରିଆସିବାରୁ ସମଗ୍ର ଜାତି ଆନନ୍ଦରେ ମାତି ଉଠିଥିଲା ଜାଣି ସେ ମହା ଖପ୍ପା ହୋଇଉଠିଥିଲେ । ତୁମମାନଙ୍କର ଆଉ ଜଣେ ବେଶୀ ବୁଦ୍ଧିମାନ ଲୋକଙ୍କୁ ପଠାଇବା ଉଚିତ ଥିଲା; କାରଣ ଡକ୍ଟର୍ ବ୍ୟାରୋଜ୍ ଧର୍ମମହାସଭାଟିକୁ ହିନ୍ଦୁମାନଙ୍କ ଦୃଷ୍ଟିରେ ଗୋଟିଏ ତାମସାର ବ୍ୟାପାର (farce) କରିଯାଇଛନ୍ତି । ଦାର୍ଶନିକ ବିଷୟରେ ଜଗତର କୌଣସି ଜାତି ହିନ୍ଦୁମାନଙ୍କର ପଥପ୍ରଦର୍ଶକ ହୋଇପାରିବେ ନାହିଁ ।

ଆଉ ଗୋଟିଏ ମଜାର କଥା ଏହି ଯେ, ଖ୍ରୀଷ୍ଟାନ୍ ଦେଶରୁ ଯେତେଗୁଡ଼ିଏ ଲୋକ ଏ ଦେଶକୁ ଆସିଛନ୍ତି, ସେସମସ୍ତଙ୍କର ସେହି ଗୋଟିଏ ମାନ୍ଧାତା ଅମଳର ନିର୍ବୋଧ ଯୁକ୍ତି ରହିଛି ଯେ, ଯେହେତୁ ଖ୍ରୀଷ୍ଟାନ୍‌ମାନେ ଶକ୍ତିଶାଳୀ ଓ ଧନବାନ୍ ଏବଂ ହିନ୍ଦୁମାନେ ତାହା ନୁହନ୍ତି, ସେହେତୁ ଖ୍ରୀଷ୍ଟଧର୍ମ ହିନ୍ଦୁଧର୍ମ ଅପେକ୍ଷା ଭଲ । ଏହାର ଉତ୍ତରରେ ହିନ୍ଦୁମାନେ ଠିକ୍ ଜବାବ୍ ଦିଅନ୍ତି ଯେ, ସେଥିପାଇଁ ତ ହିନ୍ଦୁଧର୍ମ ହେଉଛି ଧର୍ମ, ଆଉ ଖ୍ରୀଷ୍ଟାନ୍ ଧର୍ମ ଧର୍ମ ହିଁ ନୁହେଁ । କାରଣ ଏହି ପଶୁଭାବାପନ୍ନ ଜଗତରେ ପାପର କେବଳ ଜୟଜୟକାର ଆଉ ପୁଣ୍ୟର ସର୍ବଦା ନିର୍ଯାତନ ! ଏହା ଦେଖାଯାଉଛି ଯେ, ପାଶ୍ଚାତ୍ୟଜାତି ଜଡ଼ବିଜ୍ଞାନର ଚର୍ଚ୍ଚାରେ ଯେତେ ଉନ୍ନତ ହେଉନା କାହିଁକି, ଦାର୍ଶନିକ ବା ଆଧ୍ୟାତ୍ମିକ ଜ୍ଞାନରେ ସେମାନେ ଶିଶୁ ମାତ୍ର । ଜଡ଼ ବିଜ୍ଞାନ କେବଳ ଐହିକ ଉନ୍ନତି ବିଧାନ କରିପାରେ; କିନ୍ତୁ ଅଧ୍ୟାତ୍ମ-ବିଜ୍ଞାନରୁ ଆସେ ଅନନ୍ତ ଜୀବନ । ଯଦି ଅନନ୍ତ ଜୀବନ ନାହିଁ ବା ଥାଏ, ତା'ହେଲେ ମଧ୍ୟ ଆଦର୍ଶ ହିସାବରେ ଆଧ୍ୟାତ୍ମିକ ଚିନ୍ତାପ୍ରସୂତ ଆନନ୍ଦ ଅଧିକତର ତୀବ୍ର ଏବଂ ଏହା ମଣିଷକୁ ଅଧିକତର ସୁଖୀ କରେ, ଏବଂ ଜଡ଼ବାଦପ୍ରସୂତ ନିର୍ବୁଦ୍ଧିତାରୁ ଆସେ ପ୍ରତିଯୋଗିତା, ଅଯଥା ଉଚ୍ଚାକାଙ୍କ୍ଷା ଏବଂ ପରିଣାମରେ ବ୍ୟକ୍ତିଗତ ଓ ଜାତିଗତ ମୃତ୍ୟୁ ।

ଏହି ଡାର୍ଜିଲିଂ ଅତି ସୁନ୍ଦର ଜାଗା । ଏଠାରୁ ମଝେ ମଝେ ଯେତେବେଳେ ମେଘ ଆଡ଼େଇଯାଏ, ସେତେବେଳେ ୨୮,୧୪୬ ଫୁଟ ଉଚ୍ଚ ମହିମାମଣ୍ଡିତ କାଞ୍ଚନଜଙ୍ଘା ଦେଖାଯାଏ ଏବଂ ନିକଟରେ ଗୋଟିଏ ପାହାଡ଼ର ଚୂଡ଼ାରୁ ମଝିରେ ମଝିରେ ୨୯,୦୦୨ ଫୁଟ ଉଚ୍ଚ ଗୌରୀଶଙ୍କରର ଚକିତ ଦର୍ଶନ ମିଳେ । ଆଉ ଏଠାକାର ଅଧିବାସୀମାନେ—ତିବ୍ବତୀମାନେ, ନେପାଳୀମାନେ ଏବଂ ସର୍ବୋପରି ସୁନ୍ଦରୀ ଲେପ୍‌ଚା ସ୍ତ୍ରୀ-ଲୋକମାନେ—ଯେପରି ଛବିପରି ।

ତୁମେ ଚିକାଗୋର କଲ୍‌ଷ୍ଟନ ଟର୍ଣ୍ଣବୁଲ୍ ନାମରେ କାହାରିକି ଚିହ୍ନିଛ କି ? ମୁଁ ଭାରତବର୍ଷରେ ପହଞ୍ଚିବା ପୂର୍ବେ କେତୋଟି ସପ୍ତାହ ସେ ଏଠାରେ ଥିଲେ । ଦେଖୁଛୁ ସେ ମୋତେ ଖୁବ୍ ପସନ୍ଦ କରୁଥିଲେ, ଏବଂ ତା' ଫଳରେ ହିନ୍ଦୁମାନେ ସମସ୍ତେ ତାଙ୍କୁ ଅତ୍ୟନ୍ତ ପସନ୍ଦ କରୁଥିଲେ ! ଜୋ, ମିସେସ୍ ଆଡାମସ୍, ସିଷ୍ଟର୍ ଜୋସେଫିନ୍ ଏବଂ ଆମର ଅନ୍ୟାନ୍ୟ ବନ୍ଧୁଙ୍କ ଖବର କଅଣ ? ଆମର ପ୍ରିୟ ମିଲ୍‌ମାନେ (Mill) କେଉଁଠି ? ସେମାନେ ଧୀରେ ଧୀରେ ନିଶ୍ଚିତ ଭାବରେ ଗୁଣ୍ଡ କରିଯାଉଛନ୍ତି* ବୋଧହୁଏ ? ମୁଁ ହ୍ୟାରିଏଟ୍‌କୁ ତା'ର ବିବାହରେ କେତୋଟି ପ୍ରୀତି-ଉପହାର ପଠାଇବି ବୋଲି ଭାବିଥିଲି; କିନ୍ତୁ ତୁମମାନଙ୍କର ଯେଉଁ ଭୀଷଣ ଜାହାଜର ମହାସୁଲ୍‌ ସେଥିପାଇଁ ବର୍ତ୍ତମାନ ପଠାଇବା ସ୍ଥଗିତ ରଖିବାକୁ ପଡ଼ୁଛି ! ହୁଏତ ସେମାନଙ୍କ ସଙ୍ଗରେ ମୋର ଶୀଘ୍ର ଇଉରୋପରେ ଦେଖାହେବ । ତୁମର ମଧ୍ୟ ବିବାହର କଥାବାର୍ତ୍ତା ଚାଲିଛି ବୋଲି ଏହି ଚିଠିରେ ଯଦି ଲେଖିଥାଆନ୍ତ, ତେବେ ମୁଁ ଅବଶ୍ୟ ଅତ୍ୟନ୍ତ ଆହ୍ଲାଦିତ ହୋଇଥାନ୍ତି ଏବଂ ଅଧଡଜନ୍ କାଗଜର ଖଣ୍ଡିଏ ଚିଠି ଲେଖି ମୋର ପ୍ରତିଜ୍ଞା ରକ୍ଷା କରିଥାନ୍ତି ।...

ମୋର କେଶ ଗୋଛଗୋଛ ହୋଇ ପାଚିବାକୁ ଆରମ୍ଭ କରିଛି ଏବଂ ମୋ ମୁହଁର ଚମଡ଼ା କୁଞ୍ଚିଯାଇଛି—ଦେହର ଏହି ମାଂସ ଝଡ଼ିଯିବାରୁ ମୋର ବୟସ ଯେପରି ଆହୁରି କୋଡ଼ିଏ ବର୍ଷ ବଢ଼ିଯାଇଛି । ବର୍ତ୍ତମାନ ମୁଁ ଦିନକୁଦିନ ଭୟଙ୍କର କ୍ଷୀଣ ହୋଇଯାଉଛି, ତା'ର କାରଣ ମୋତେ କେବଳ ମାଂସ ଖାଇ ରହିବାକୁ ପଡ଼ୁଛି—ରୁଟି ନାହିଁ, ଭାତ ନାହିଁ, ଆଳୁ ନାହିଁ, ଏପରିକି ମୋ କଫିରେ ଟିକିଏ ଚିନି ମଧ୍ୟ ନାହିଁ ! ମୁଁ ଗୋଟିଏ ବ୍ରାହ୍ମଣ ପରିବାରରେ ବାସ କରୁଛି—ସେମାନେ ସମସ୍ତେ ନିକାର୍-ବୋକାର୍ ପିନ୍ଧନ୍ତି, ଅବଶ୍ୟ ସ୍ତ୍ରୀଲୋକମାନେ ନୁହନ୍ତି । ମୁଁ ମଧ୍ୟ ନିକାର୍-ବୋକାର୍ ପିନ୍ଧିଛି । ତୁମେ ଯଦି ମୋତେ ପାର୍ବତ୍ୟ ହରିଣ ଭଳି ପାହାଡ଼ରୁ ପାହାଡ଼କୁ ଡେଇଁବୁଲିବା ଦେଖନ୍ତ କିମ୍ବା ଊର୍ଦ୍ଧ୍ୱଶ୍ୱାସରେ ଘୋଡ଼ା ଛୁଟାଇ ପାହାଡ଼ିଆ ରାସ୍ତାରେ ଚଢ଼ିବା ଓହ୍ଲାଇବା ଦେଖନ୍ତ, ତା'ହେଲେ ଖୁବ୍ ଆଶ୍ଚର୍ଯ୍ୟ ହୋଇ-ଯାଆନ୍ତ ।

ମୁଁ ଏଠାରେ ବେଶ୍ ଭଲ ଅଛି । କାରଣ ସମତଳଭୂମିରେ ବାସ କରିବା ମୋ

---

* ସ୍ୱାମୀଜୀ Mill ନାମଟିର ଆକ୍ଷରିକାର୍ଥ ପେଷିବା ଉପରେ ଶ୍ଳେଷ କରି ଇଂରାଜୀରେ ଏହି କଥା କହିଛନ୍ତି—ଅର୍ଥାତ୍ ସେମାନେ ଧୀରସ୍ଥିର ଭାବରେ ଆପଣା କାର୍ଯ୍ୟ ସମାଧା କରୁଛନ୍ତି ।

ପକ୍ଷରେ ଯନ୍ତ୍ରଣାଦାୟକ ହୋଇପଡ଼ୁଛି; ସେଠାରେ ରାସ୍ତାକୁ ପାଦ ବଢ଼ାଇବାର ଉପାୟ ନାହିଁ —ହଠାତ୍ ଦଳେ ଲୋକ ମୋତେ ଦେଖିବେ ବୋଲି ଭିଡ଼ କରି ଠିଆ ହୋଇଯିବେ !! ନାମଯଶଟା ସବୁବେଳେ ସୁଖକର ନୁହେଁ । ମୁଁ ବର୍ତ୍ତମାନ ବଡ଼ଛ ଦାଢ଼ି ରଖୁଛି; ଅଉ ତାହା ପାଚି ଧଳା ହେବାକୁ ଆରମ୍ଭ କରିଛି—ଏଥିରେ ବେଶ୍ ଗଣ୍ୟମାନ୍ୟ ଦେଖାଯାଏ ଏବଂ ଲୋକଙ୍କୁ ଆମେରିକାବାସୀ କୁତ୍ସାରଟନାକାରୀମାନଙ୍କ ହାତରୁ ରକ୍ଷା କରେ ! ହେ ଶ୍ୱେତଶ୍ମଶ୍ରୁ, ତୁମେ କେତେ ଜିନିଷ ଢାଙ୍କି ରଖିପାର ! ତୁମର ଜୟଜୟକାର ।

ଡାକ ଯିବାବେଳ ହୋଇ ଆସିଲାଣି, ତେଣୁ ଶେଷ କଲି । ତୁମର ସ୍ୱପ୍ନ ସୁଖକର ହେଉ, ତୁମର ସ୍ୱାସ୍ଥ୍ୟ ସୁନ୍ଦର ହେଉ ଏବଂ ତୁମର ଅଶେଷ କଲ୍ୟାଣ ହେଉ । ବାପା, ମା ଓ ତୁମେମାନେ ସମସ୍ତେ ମୋର ପ୍ରୀତି ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

୩୪୭ ନଂ

ଆଲମ୍ବଜାର ମଠ, କଲିକତା
୫ ମଇ ୧୮୯୭

ପ୍ରିୟ ମିସେସ୍ ବୁଲ୍,

ଭଗ୍ନ ସ୍ୱାସ୍ଥ୍ୟ ଫେରିପାଇବା ଲାଗି ମାସେକାଳ ଦାର୍ଜିଲିଂରେ ଥିଲି । ମୁଁ ବର୍ତ୍ତମାନ ବେଶ୍ ଭଲ ହୋଇଗଲିଣି । ସବୁ ବେମାରି ଦାର୍ଜିଲିଂରେ ପଳେଇଛି । ମୁଁ କାଲି ଆଲମୋଡ଼ା ନାମକ ଆଉ ଗୋଟିଏ ଶୈଳାବାସକୁ ଯାଉଛି, ସମ୍ପୂର୍ଣ୍ଣରୂପେ ନିରୋଗ ହେବା ଲାଗି ।

ମୁଁ ପୂର୍ବରୁ ତୁମକୁ ଲେଖିଛି ଯେ, ଏଠାକାର ଅବସ୍ଥା ବେଶ୍ ଆଶାଜନକ ବୋଲି ବୋଧ ହେଉ ନାହିଁ—ଯଦିଓ ସମଗ୍ର ଜାତିଟା ଏକାଠି ହୋଇ ମୋତେ ସମ୍ମାନିତ କରିଛି ଏବଂ ମୋତେ ଯେମିତି ପ୍ରାୟ ପାଗଳ ହୋଇଯିବା ଭଳି ହୋଇଥିଲି ! କୌଣସି ବିଷୟରେ କାର୍ଯ୍ୟକାରୀ ଦକ୍ଷତା ଭାରତବର୍ଷରେ ଆଦୌ ଦେଖିବ ନାହିଁ । କଲିକତାର ପାଖାପାଖି ଜମିର ଦାମ୍ ପୁଣି ଖୁବ୍ ବଢ଼ିଯାଇଛି । ମୋର ବର୍ତ୍ତମାନ ମତଲବ ହେଉଛି, ପ୍ରଧାନ ତିନୋଟି ରାଜଧାନୀରେ ତିନୋଟି କେନ୍ଦ୍ର ସ୍ଥାପନ କରିବା । ସେଗୁଡ଼ିକ ମୋର ପ୍ରାଥମିକ ବିଦ୍ୟାଳୟ-ସ୍ୱରୂପ ହେବ । ସେସବୁ ସ୍ଥାନରୁ ହିଁ ମୁଁ ଭାରତବର୍ଷ ଆକ୍ରମଣ କରିବାକୁ ଚାହେଁ ।

ମୁଁ ଆଉ କେଇଟା ବର୍ଷ ବଞ୍ଚେ ବା ନ ବଞ୍ଚେ, ଭାରତବର୍ଷ ଏଥିମଧ୍ୟରେ ହିଁ ଶ୍ରୀରାମକୃଷ୍ଣଙ୍କର ହୋଇଯାଇଛି ।

ଅଧ୍ୟାପକ ଜେମ୍‌ସଙ୍କର ଖଣ୍ଡିଏ ସୁନ୍ଦର ପତ୍ର ପାଇଥିଲି; ସେଥିରେ ସେ ଅବନତ ବୌଦ୍ଧଧର୍ମ ସମ୍ବନ୍ଧରେ ମୋର ମନ୍ତବ୍ୟଗୁଡ଼ିକ ଉପରେ ବିଶେଷ ନଜର ଦେଇଥିଲେ । ତୁମେ ମଧ୍ୟ ଲେଖିଛ ଯେ, ଧର୍ମପାଳ ଏଥିରେ ଖୁବ୍ ରାଗିଯାଇଛନ୍ତି । ଧର୍ମପାଳ ଅତି ସଜ୍ଜନ ଏବଂ ମୁଁ ତାଙ୍କୁ ଖୁବ୍ ଭଲପାଏ । କିନ୍ତୁ ଭାରତୀୟ ହୋଇ କୌଣସି ବ୍ୟାପାର ଯେମିତି ଅଗ୍ନିଶର୍ମା ହୋଇ ଉଠିବା ତାଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଅନ୍ୟାୟ ହେବ ।

ମୋର ଦୃଢ଼ ବିଶ୍ୱାସ ଯେ, ଯେଉଁଟାକୁ ନାନାବିଧ କୁରୁଚିପୂର୍ଣ୍ଣ ଆଧୁନିକ ହିନ୍ଦୁଧର୍ମ

କୁହାଯାଏ, ତାହା ହେଉଛି ଅଚଳ ଅବସ୍ଥାରେ ପତିତ ବୌଦ୍ଧଧର୍ମ ମାତ୍ର । ସ୍ପଷ୍ଟରୂପେ ଏହାକୁ ବୁଝିପାରିଲେ ହିନ୍ଦୁମାନଙ୍କ ପକ୍ଷରେ ତାହା ବିନା ଆପତ୍ତିରେ ତ୍ୟାଗ କରିବା ସହଜ ହେବ । ବୌଦ୍ଧଧର୍ମର ସେଉଁଟି ପ୍ରାଚୀନ ଭାବ—ଯାହା ଶ୍ରୀବୁଦ୍ଧ ନିଜେ ପ୍ରଚାର କରିଯାଇଛନ୍ତି, ତାହା ପ୍ରତି ଏବଂ ଶ୍ରୀବୁଦ୍ଧଙ୍କ ପ୍ରତି ମୁଁ ପ୍ରଗାଢ଼ ଶ୍ରଦ୍ଧାପରାୟଣ । ଆଉ ଆପଣ ଭଲ ଭାବରେ ଜାଣନ୍ତି ଯେ, ଆମେ ହିନ୍ଦୁମାନେ ତାଙ୍କୁ ଅବତାର ବୋଲି ପୂଜା କରୁ । ସିଂହଳର ବୌଦ୍ଧଧର୍ମ ମଧ୍ୟ ସେତେ ସୁବିଧାର ନୁହେଁ । ସିଂହଳ ଭ୍ରମଣକାଳରେ ମୋର ଭୁଲ ଧାରଣା ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ସିଂହଳରେ ଯଦି କେହି ପ୍ରାଣବନ୍ତ ଥାଆନ୍ତି ତେବେ ଏହି ହିନ୍ଦୁମାନେ । ବୌଦ୍ଧମାନେ ଅନେକ ପରିମାଣରେ ପାଶ୍ଚାତ୍ୟ-ଭାବାପନ୍ନ ହୋଇପଡ଼ିଛନ୍ତି—ଏପରିକି ଧର୍ମପାଳ ଓ ତାଙ୍କ ପିତାଙ୍କର ଇଉରୋପୀୟ ନାମ ଥିଲା, କିନ୍ତୁ ବର୍ତ୍ତମାନ ସେମାନେ ସେଇଟା ବଦଳାଇଛନ୍ତି । ଆଜିକାଲି ବୌଦ୍ଧମାନେ 'ଅହିଂସା ପରମୋଧର୍ମଃ'—ଏହି ଶ୍ରେଷ୍ଠ ଉପଦେଶର ଏତିକିମାତ୍ର ଖାତିର କରନ୍ତି ଯେ, ସେମାନେ ବର୍ତ୍ତମାନ ଯେକୌଣସି ସ୍ଥାନରେ କଂସେଇ ଦୋକାନ ଖୋଲନ୍ତି ! ଏପରିକି ପୁରୋହିତମାନେ ମଧ୍ୟ ଏ କାର୍ଯ୍ୟରେ ଉତ୍ସାହ ଦିଅନ୍ତି । ମୁଁ ଏକ ସମୟରେ ଭାବୁଥିଲି, ଆଦର୍ଶ ବୌଦ୍ଧଧର୍ମ ବର୍ତ୍ତମାନ କାଳରେ ମଧ୍ୟ ବହୁତ ଉପକାର କରିବ । କିନ୍ତୁ ମୁଁ ମୋର ସେହି ମତ ସମ୍ପୂର୍ଣ୍ଣ ତ୍ୟାଗ କରିଛି ଏବଂ ସ୍ପଷ୍ଟ ଦେଖିପାରୁଛି, କେଉଁ କାରଣରୁ ବୌଦ୍ଧଧର୍ମ ଭାରତବର୍ଷରୁ ବିତାଡ଼ିତ ହୋଇଥିଲା ।···

ଥିଓସଫିଷ୍ଟମାନଙ୍କ ସମ୍ବନ୍ଧରେ ତୁମର ପ୍ରଥମ ସ୍ମରଣ ରଖିବା ଉଚିତ୍ ଯେ, ଭାରତବର୍ଷରେ ଥିଓସଫିଷ୍ଟ ଓ ବୌଦ୍ଧମାନଙ୍କ ସଂଖ୍ୟା ନାମ ମାତ୍ର ଅଛି—ନାହିଁ କହିଲେ ଚଳେ । ସେମାନେ ଦୁଇଚାରିଖଣ୍ଡ କାଗଜ ବାହାର କରି ଖୁବ୍ ଗୋଟାଏ ପାଟିତୁଣ୍ଡ କରି ଦୁଇଚାରିଜଣ ପାଶ୍ଚାତ୍ୟ ଦେଶବାସୀଙ୍କୁ ନିଜର ମତ ଶୁଣାଇପାରନ୍ତି; କିନ୍ତୁ ହିନ୍ଦୁମାନଙ୍କ ଘରେ ଜନ୍ମଗ୍ରହଣ କରିଛନ୍ତି ଏପରି ଦୁଇଜଣ ବୌଦ୍ଧ ବା ଦଶଜଣ ଥିଓସଫିଷ୍ଟ ତ ମୁଁ ଦେଖୁ ନାହିଁ ।

ମୁଁ ଆମେରିକାରେ ଏକପ୍ରକାର ଲୋକ ଥିଲି, ଏଠାରେ ଆଉ ଏକପ୍ରକାର ଲୋକ ହୋଇଯାଇଛି । ଏଠାରେ ସମଗ୍ର (ହିନ୍ଦୁ) ଜାତି ମୋତେ ସେପରି ତାଙ୍କର ଜଣେ ପ୍ରାମାଣିକ ବ୍ୟକ୍ତି (authority) ବୋଲି ମନେକରୁଛି—ଆଉ ସେଠାରେ ଥିଲି ଜଣେ ଅଜ୍ଞାନ୍ଧ ପ୍ରଚାରକ ମାତ୍ର । ଏଠାରେ ରାଜାମାନେ ମୋଟର ଗାଡ଼ି ଟାଣନ୍ତି—ଆଉ ସେଠାରେ ମୋତେ ଗୋଟାଏ ଭଲ ହୋଟେଲରେ ମଧ୍ୟ ପଶିବାକୁ ଦେଉ ନ ଥିଲେ । ସେଥିପାଇଁ ଏଠାରେ ଯାହାକିଛି କହିବ, ସେଥିରେ ସମସ୍ତ ଜାତିଟିର—ମୋର ସମସ୍ତ ସ୍ୱଦେଶବାସୀଙ୍କର—ମଙ୍ଗଳ ହେବା ଆବଶ୍ୟକ, ପୁଣି ସେଗୁଡ଼ିକ ଦୁଇଚାରିଜଣଙ୍କର ଯେତେ ଅପ୍ରୀତିକର ହେଉ ନା କାହିଁକି । ଯାହାକିଛି ଖାଣ୍ଟି ଏବଂ ସତ୍, ସେଗୁଡ଼ିକୁ ଗ୍ରହଣ କରିବାକୁ ହେବ ଏବଂ ସେମାନଙ୍କ ପ୍ରତି ପ୍ରୀତି ଓ ଉଦାରଭାବ ପୋଷଣ କରିବାକୁ ହେବ, କିନ୍ତୁ କପଟତା ପ୍ରତି କଦାପି ନୁହେଁ । ଥିଓସଫିଷ୍ଟମାନେ ମୋତେ ଖାତିର୍ ଓ ଖୋସାମଦ୍ କରିବାକୁ ଚେଷ୍ଟା କରିଥିଲେ, କାରଣ ବର୍ତ୍ତମାନ ମୁଁ ଭାରତର ଜଣେ ପ୍ରାମାଣ୍ୟ ବ୍ୟକ୍ତି ରୂପେ ପରିଚିତ ହୋଇଛି । ଆଉ ସେଥିପାଇଁ ମୋର କାର୍ଯ୍ୟଦ୍ୱାରା ଯଦିରେ ସେମାନଙ୍କର ଅବାସ୍ତବତାଗୁଡ଼ିକର ସମର୍ଥନ ନ ହୁଏ,

ସେହି ଉଦ୍ଦେଶ୍ୟରେ ହ'ଗୃଇଟା କଡ଼ା ସ୍ପଷ୍ଟ କଥା କହିବାକୁ ପଡ଼ୁଛି, ଆଉ ସେ କାର୍ଯ୍ୟ ହୋଇଯାଇଛି । ମୁଁ ଏଥିରେ ଖୁବ୍ ଖୁସି । ମୁଁ ଯେତେଦୂର ଯାହା ଦେଖିଛି, ସେଥିରେ ଭାରତରେ ଇଂଲଣ୍ଡ ଚର୍ଚ୍ଚର ଯେଉଁସବୁ ପାଦ୍ରୀ ଅଛନ୍ତି, ସେମାନଙ୍କ ଉପରେ ବରଂ ମୋର ସହାନୁଭୂତି ଅଛି, କିନ୍ତୁ ଥିଓସଫିଷ୍ଟ ଓ ବୌଦ୍ଧମାନଙ୍କ ଉପରେ ଆଦୌ ନାହିଁ । ମୁଁ ପୁନରାୟ ତୁମକୁ କହୁଛି, ଭାରତବର୍ଷ ଇତଃପୂର୍ବରୁ ହିଁ ଶ୍ରୀରାମକୃଷ୍ଣଙ୍କର ହୋଇଯାଇଛି, ଏବଂ ବିଶୁଦ୍ଧ ହିନ୍ଦୁଧର୍ମ ଲାଗି ମୁଁ ଏଠାକାର କାର୍ଯ୍ୟକୁ ଟିକିଏ ସଜାଡ଼ିସୁଜାଡ଼ି ନେଉଛି । ଇତି

ତୁମମାନଙ୍କର, ବିବେକାନନ୍ଦ

**୩୪୮ାଇଂ** (ଭଗିନୀ ନିବେଦିତାଙ୍କୁ ଲିଖିତ)

ଆଲମ୍ବଜାର ମଠ, କଲିକତା ୫ ମଇ ୧୮୯୭

ସ୍ନେହର ମିସ୍ ନୋବଲ୍ ,

ତୁମର ପ୍ରୀତିସିକ୍ତ ଓ ଉତ୍ସାହପୂର୍ଣ୍ଣ ପତ୍ରଖଣ୍ଡିକ ମୋ ହୃଦୟରେ କେତେ ଯେ ବଳ ସଞ୍ଚାର କରିଛି ତାହା ତୁମେ ନିଜେ ମଧ୍ୟ ଜାଣ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଜୀବନରେ ଏପରି ଅନେକ ମୂହୂର୍ତ୍ତ ଆସେ, ଯେତେବେଳେ ମନ ଏକାବେଳକେ ନୈରାଶ୍ୟରେ ବୁଡ଼ିଯାଏ—ବିଶେଷତଃ କୌଣସି ଆଦର୍ଶକୁ ରୂପଦେବା ଲାଗି ଜୀବନବ୍ୟାପୀ ଉଦ୍ୟମ ପରେ ଯେତେବେଳେ ସାଫଲ୍ୟର କ୍ଷୀଣ ଆଲୋକରଶ୍ମି ଦୃଷ୍ଟିଗୋଚର ହୁଏ, ଠିକ୍ ସେହି ସମୟରେ ଯଦି ଆସେ ଏକ ପ୍ରଚଣ୍ଡ ସର୍ବନାଶକାରୀ ଆଘାତ । ଦୈହିକ ଅସୁସ୍ଥତାକୁ ମୁଁ ଗ୍ରାହ୍ୟ କରେ ନାହିଁ; ଦୁଃଖ ହୁଏ ଏଇଥିପାଇଁ ଯେ, ମୋର ପରିକଳ୍ପନାଗୁଡ଼ିକ କାର୍ଯ୍ୟରେ ପରିଣତ ହେବାର କିଛିମାତ୍ର ସୁଯୋଗ ପାଇଲି ନାହିଁ । ଅଉ ତୁମେ ତ ଜାଣ ଯେ, ଏକମାତ୍ର ଅନ୍ତରାୟ ହେଉଛି ଅର୍ଥାଭାବ ।

ହିନ୍ଦୁମାନେ ଶୋଭାଯାତ୍ରା ଏବଂ ଆଉର କେତେ କଅଣ କରୁଛନ୍ତି; କିନ୍ତୁ ସେମାନେ ଟଙ୍କା ଦେଇପାରନ୍ତି ନାହିଁ । ଦୁନିଆରେ ଆର୍ଥିକ ସାହାଯ୍ୟ କହିବାକୁ ଗଲେ ମୁଁ ପାଇଛି କେବଳ ଇଂଲଣ୍ଡରେ ମିସ୍— ଏବଂ ମିଷ୍ଟର୍ —ଙ୍କ ନିକଟରୁ ।··· ସେଠାରେ ଥିଲବେଳେ ମୋର ଧାରଣା ଥିଲି ଯେ, ଏକ ହଜାର ପାଉଣ୍ଡ ମିଳିଗଲେ ଅନ୍ତତଃ କଲିକତାର ପ୍ରଧାନ କେନ୍ଦ୍ରଟି ସ୍ଥାପନ କରିପାରିବି; କିନ୍ତୁ ମୁଁ ଏହି ଅନୁମାନ କରିଥିଲି ଦଶ ବାର ବର୍ଷ ଆଗର କଲିକତାର ଅଭିଜ୍ଞତାରୁ । କିନ୍ତୁ ଇତିମଧ୍ୟରେ ଜିନିଷର ଦାମ ତିନିଚାରିଗୁଣ ବଢ଼ିଯାଇଛି ।

ଯାହା ହେଉ, କାର୍ଯ୍ୟ ଆରମ୍ଭ କରାଯାଇଛି । ଗୋଟିଏ ପୁରାତନ ଜରାଜୀର୍ଣ୍ଣ ଘର ଛଅ ସାତ ଶିଲିଂ ଭଡ଼ାରେ ନିଆଯାଇଛି ଏବଂ ସେଥିରେ ହିଁ ପ୍ରାୟ ୨୪ ଜଣ ଯୁବକ ଶିକ୍ଷାଲାଭ କରୁଛନ୍ତି । ସ୍ୱାସ୍ଥ୍ୟଲାଭ ପାଇଁ ମୋତେ ଏକମାସ କାଳ ଦାର୍ଜିଲିଂରେ ରହିବାକୁ ପଡ଼ିଥିଲା । ତୁମେ ଜାଣି ଖୁସୀ ହେବ ଯେ, ମୁଁ ପୂର୍ବାପେକ୍ଷା ଅନେକ ଭଲ ଅଛି । ଆଉ ତୁମେ କଅଣ ବିଶ୍ୱାସ କରିବ ଯେ, କୌଣସି ଔଷଧ ବ୍ୟବହାର ନ କରି ମଧ୍ୟ କେବଳ ଇଚ୍ଛାଶକ୍ତିର ପ୍ରୟୋଗ ଦ୍ୱାରା ହିଁ ଏପରି ଫଳ ପାଇଛି ! ! ଆଗାମୀ କାଲି ପୁଣି ଆଉ ଗୋଟିଏ ଶୈଳନିବାସକୁ ଯାଉଛି,

କାରଣ ଜନ୍ମଭୂମିରେ ବର୍ତ୍ତମାନ ଖୁବ ଗରମ । ମୋର ଦୃଢ଼ ବିଶ୍ୱାସ, ତୁମମାନଙ୍କର 'ସମିତି' ଏବେ ସୁଦ୍ଧା ବଞ୍ଚିରହିଛି । ଏଠାକାର କାର୍ଯ୍ୟବିବରଣୀ ତୁମକୁ ମାସକେ ଅନ୍ତତଃ ଥରେ କରି ପଠାଇବି । ଶୁଣିବାକୁ ପାଇଲି, ଲଣ୍ଡନର କାର୍ଯ୍ୟ ଆଦୌ ଭଲ ଚାଲୁ ନାହିଁ । ପ୍ରଧାନତଃ ଏହି କାରଣରୁ ହିଁ ମୁଁ ବର୍ତ୍ତମାନ ଲଣ୍ଡନକୁ ଯିବାକୁ ଚାହୁଁ ନାହିଁ, ଯଦିଓ ଜୁବିଲି ଉତ୍ସବ ଉପଲକ୍ଷେ ଇଂଲଣ୍ଡଯାତ୍ରୀ ଆମର କେଇଜଣ ରାଜା ମୋତେ ସେମାନଙ୍କ ଦଳରେ ଟାଣିବା ପାଇଁ ଚେଷ୍ଟା କରିଥିଲେ; ସେଠାକୁ ଗଲେ ହିଁ ବେଦାନ୍ତ ବିଷୟରେ ଲୋକଙ୍କର ଆଗ୍ରହ ପୁନରୁଜ୍ଜୀବିତ କରିବା ଲାଗି ଅତ୍ୟଧିକ ଖଟିବାକୁ ପଡ଼ିଥାନ୍ତା, ଏବଂ ତା' ଫଳରେ ଶାରୀରିକ କଷ୍ଟ ବଢ଼ି ଯାଇ-ଥାଆନ୍ତା ।

ଯାହା ହେଉ, ଅଦୂର ଭବିଷ୍ୟତରେ ମୁଁ ମାସେଖଣ୍ଡେ ପାଇଁ (ସେ ଦେଶକୁ) ଯାଉଛି । କେବଳ ଯଦି ଏଠାକାର କାର୍ଯ୍ୟର ଦୃଢ଼ ମୂଳପତ୍ତନ ହୋଇଯାଆନ୍ତା, ତେବେ ମୁଁ କେତେ ଆନନ୍ଦରେ ଓ ସ୍ୱାଧୀନ ଭାବରେ ନା ବୁଲିପାରନ୍ତି !

ଏପର୍ଯ୍ୟନ୍ତ ତ କେବଳ କାମର କଥା ହେଲା । ବର୍ତ୍ତମାନ ତୁମର ନିଜର କଥା ପକାଉଛି । ପ୍ରିୟ ମିସ୍ ନୋବଲ୍, ତୁମର ଯେଉଁ ଅନୁରାଗ, ଭକ୍ତି, ବିଶ୍ୱାସ ଓ ଗୁଣଗ୍ରାହିତା ଅଛି, ତାହା ଯଦି କେହି ପାଏ, ତେବେ ସେ ଜୀବନରେ ଯେତେ ପରିଶ୍ରମ କରୁ ନା କାହିଁକି, ସେଥିରେ ହିଁ ତା'ର ଶତଗୁଣ ପ୍ରତିଦାନ ହୋଇଯିବ । ତୁମର ସର୍ବାଙ୍ଗୀନ କୁଶଳ ହେଉ । ମୋ ମାତୃଭାଷାରେ କହିବାକୁ ଗଲେ,. ତୁମର କାର୍ଯ୍ୟ ପାଇଁ ମୁଁ ମୋର ସାରାଜୀବନ ଦେଇପାରେ ।

ତୁମର ଏବଂ ଇଂଲଣ୍ଡସ୍ଥିତ ଅନ୍ୟ ବନ୍ଧୁମାନଙ୍କର ଚିଠିପତ୍ର ମୋ ନିକଟରେ ସର୍ବଦା ଖୁବ୍ ଆନନ୍ଦଦାୟକ ଥିଲା ଏବଂ ଭବିଷ୍ୟତରେ ମଧ୍ୟ ଅନ୍ୟ ପ୍ରକାର ହେବ ନାହିଁ । ମିଷ୍ଟର୍ ଓ ମିସେସ୍ ହାମଣ୍ଡ ଦୁଇଖଣ୍ଡି ଅତି ସୁନ୍ଦର ଓ ପ୍ରୀତିପୂର୍ଣ୍ଣ ଚିଠି ଲେଖିଛନ୍ତି । ଅଧିକନ୍ତୁ ମିଷ୍ଟର୍ ହାମଣ୍ଡ 'ବ୍ରହ୍ମବାଦିନ୍' ପତ୍ରିକାରେ ଗୋଟିଏ ଚମତ୍କାର କବିତା ପଠାଇଛନ୍ତି—ଯଦିଓ ମୁଁ ଏ ପ୍ରଶସ୍ତିର ଯୋଗ୍ୟ ଆଦୌ ନୁହେଁ । ପୁଣି ତୁମକୁ ହିମାଳୟରୁ ପତ୍ର ଲେଖିବି; ଉତ୍ତପ୍ତ ସମଭୂମି ଅପେକ୍ଷା ସେଠାରେ ତୁଷାରଶ୍ରେଣୀ ସମ୍ମୁଖରେ ଚିନ୍ତା ଆହୁରି ପରିଷ୍କାର ହୋଇଯିବ ଏବଂ ସ୍ନାୟୁ-ଗୁଡ଼ିକ ଆହୁରି ଶାନ୍ତ ହୋଇଯିବେ । ମିସ୍ ମୁଲର୍ ଏଥିମଧ୍ୟରେ ଆଲମୋଡ଼ାରେ ପହଞ୍ଚିଛନ୍ତି । ମିଷ୍ଟର୍ ଓ ମିସେସ୍ ସେଭିଅର୍ ସିମଲା ଯାଉଛନ୍ତି । ସେମାନେ ଏତେଦିନଯାଏ ଦାର୍ଜିଲିଂରେ ଥିଲେ । ଦେଖ ବନ୍ଧୁ, ଏହି ଭାବରେ ହିଁ ଜାଗତିକ ବିଷୟର ପରିବର୍ତ୍ତନ ଘଟୁଛି—ଏକମାତ୍ର ପ୍ରଭୁ ହିଁ ନିର୍ବିକାର ଏବଂ ସେ ପ୍ରେମସ୍ୱରୂପ । ସେ ତୁମର ହୃଦୟ-ସିଂହାସନରେ ଚିରଅଧିଷ୍ଠିତ ହୁଅନ୍ତୁ—ଏହା ହିଁ ବିବେକାନନ୍ଦର ନିରନ୍ତର ପ୍ରାର୍ଥନା । ଇତି

ତୁମମାନଙ୍କର, ବିବେକାନନ୍ଦ

୩୪୯ଇଂ ଆଲମୋଡ଼ା, ୨୦ ମଇ ୧୮୯୭

ପ୍ରିୟ ସୁଧୀର,

ତୁମର ଚିଠି ପାଇ ବିଶେଷ ଆନନ୍ଦିତ ହେଲି । ଗୋଟିଏ ଜିନିଷ ବୋଧହୁଏ ତୁମକୁ କହିବାକୁ ଭୁଲିଯାଇଛି—ମୋତେ ଯେଉଁସବୁ ଚିଠି ଲେଖିବ, ତାହାର ନକଲ ରଖିବ । ତାହାଛଡ଼ା ଅନ୍ୟମାନେ ମଠରେ ଯେଉଁସବୁ ଦରକାରି ଚିଠି ଲେଖନ୍ତି ବା ମଠରୁ ବିଭିନ୍ନ ଲୋକଙ୍କ ପାଖକୁ ଯେଉଁସବୁ ପତ୍ର ଆଦି ଯାଏ, ତାହା ମଧ୍ୟ ନକଲ କରି ରଖିବା ଉଚିତ ।

ସବୁ ଜିନିଷ ସୁରୁଖୁରୁ ଭାବରେ ଚାଲିଛି, ସେଠାକାର କାର୍ଯ୍ୟର କ୍ରମେ ଉନ୍ନତି ହେଉଛି ଏବଂ କଲିକତାରେ ମଧ୍ୟ ତାହା ହିଁ—ଏହା ଜାଣି ମୁଁ ଖୁବ୍ ଖୁସି ହୋଇଛି ।

ମୁଁ ବର୍ତ୍ତମାନ ବେଶ୍ ଭଲ ଅଛି; କେବଳ ପଥଶ୍ରମଟି ରହିଛି—ଏହା ମଧ୍ୟ ଦିନ କେଇଟାରେ ଚାଲିଯିବ । ସମସ୍ତେ ମୋର ପ୍ରୀତି ଓ ଆଶୀର୍ବାଦ ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

୩୫୦ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଆଲମୋଡ଼ା, ୨୦ ମଇ ୧୮୯୭

ଅଭିନ୍ନହୃଦୟେଷୁ,

ତୁମ ପତ୍ରରୁ ବିଶେଷ ସମାଚାର ଅବଗତ ହେଲି । ସୁଧୀରର ମଧ୍ୟ ଖଣ୍ଡିଏ ପତ୍ର ପାଇଲି ଏବଂ ମାଷ୍ଟର ମହାଶୟଙ୍କର ମଧ୍ୟ ଖଣ୍ଡିଏ ପତ୍ର ପାଇଛି । ନିତ୍ୟାନନ୍ଦ (ଯୋଗେନ୍ ଚାଟୁର୍ଯ୍ୟେ)ର ଦୁଇଟି ପତ୍ର ଦୁର୍ଭିକ୍ଷ ଅଞ୍ଚଳରୁ ପାଇଛି ।

ଟଙ୍କା ପଇସା ଏପର୍ଯ୍ୟନ୍ତ ଯେପରି ପାଣିରେ ଭାସୁଛି···ତେବେ ନିଶ୍ଚିତ ମିଳିବ । ହଲ୍, ବିଲ୍ଡିଂ, ଜମି ଓ ଫଣ୍ଡ୍ ସବୁ ଠିକ୍ ହୋଇଯିବ । କିନ୍ତୁ ନ ଆସିଲାଯାଏ ତ ବିଶ୍ୱାସ ନାହିଁ ଏବଂ ଏବେ ଦୁଇ ତିନିମାସ ମୁଁ ତ ଆଉ ଗରମ ଅଞ୍ଚଳକୁ ଯାଉ ନାହିଁ । ତା'ପରେ ଥରେ tour (ଭ୍ରମଣ) କରି ଟଙ୍କା ନିଶ୍ଚିତ ଯୋଗାଡ଼ କରିବି । ଏ ସମ୍ପର୍କରେ ଯଦି ତୁମେ ଠିକ୍ ମନେକର ଯେ, ସେହି ଆଠ କାଠା (ପ୍ରାୟ ୪ ଗୁଣ୍ଠ) frontage (ସମ୍ମୁଖର ଖୋଲା ଜମି) ନ ମିଳେ··· ତା'ହେଲେ ଦଲାଲର ବାହାନା ପାଣିରେ ପକାଇଲା ଭଳି ଦେଲେ କ୍ଷତି ନାହିଁ । ଏସବୁ ବିଷୟ ନିଜେ ବୁଝିବିଚାରି କରିଦ, ମୁଁ ଆଉ ଅଧିକ କଅଣ ଲେଖିବି ? ତରବରରେ ଭୁଲ୍ ହେବାର ବିଶେଷ ସମ୍ଭାବନା ।··· ମାଷ୍ଟର ମହାଶୟଙ୍କୁ କହିବ, ସେ ଯେଉଁ ବିଷୟ କହିଛନ୍ତି, ତାହା ମୋର ଖୁବ୍ ଅଭିମତ ।

ଗଙ୍ଗାଧରକୁ ଲେଖିବ ଯେ, ଯଦି ଭିକ୍ଷା ଆଦି ସେଠାରେ (ଦୁର୍ଭିକ୍ଷ ସ୍ଥାନରେ) ଦୁଷ୍ପ୍ରାପ୍ୟ ହୁଏ, ତା'ହେଲେ ଅଣ୍ଟାରୁ ପଇସା ଖର୍ଚ୍ଚ କରି ଖାଇବ ଏବଂ ପ୍ରତି ସପ୍ତାହରେ ଖଣ୍ଡିଏ ଖଣ୍ଡିଏ ପତ୍ର ଉପେନ୍‌ର କାଗଜରେ (ବସୁମତୀରେ) ପ୍ରକାଶ କରିବ । ସେଥିରେ ଅନ୍ୟ ଲୋକେ ମଧ୍ୟ ସହାୟତା କରିପାରନ୍ତି ।

ଶଶୀର ଖଣ୍ଡିଏ ପତ୍ରରୁ ବୁଝୁଛି,…ସେ ନିର୍ଭୟାନନ୍ଦକୁ ଚାହେଁ । ଯଦି ଉତ୍ତମ ବିବେଚନା କର, ନିର୍ଭୟାନନ୍ଦକୁ ମାନ୍ଦ୍ରାଜ ପଠାଇ ଗୁପ୍ତକୁ ଅଣାଇବ । ମଠର Rules Regulations (ନିୟମାବଳୀ)ର ଇଂରେଜୀ ଅନୁବାଦ ବା ବଙ୍ଗଳା କପି ଶଶୀ ନିକଟକୁ ପଠାଇବ ଏବଂ ସେଠାରେ ଯେପରି ଯେଉଁପ୍ରକାରେ କାର୍ଯ୍ୟ ହୁଏ, ତାହା ଲେଖିବ ।

କଲିକତାରେ ସଭା ବେଶ୍ ଚାଲୁଛି ଶୁଣି ସୁଖୀ ହେଲି । ଯଦି ଜଣେ ଦୁଇଜଣ ନ ଆସନ୍ତି କିଛି ଦରକାର ନାହିଁ । କ୍ରମେ ସମସ୍ତେ ହିଁ ଆସିବେ । ସମସ୍ତଙ୍କ ସଙ୍ଗରେ ସହୃଦୟତା ପ୍ରଭୃତି ରଖିବ । ମିଠା କଥା ବହୁତଦୂର ଯାଏ । ନୂଆ ଲୋକ ଯହିଁରେ ଆସନ୍ତି, ତାହାର ଚେଷ୍ଟା କରିବା ବିଶେଷ ପ୍ରୟୋଜନ । ନୂତନ ନୂତନ ମେମ୍ବର୍ ଦରକାର ।

ଯୋଗେନ୍ ଭଲ ଅଛି । ଆଲମୋଡ଼ାରେ ଅତ୍ୟନ୍ତ ଗରମ ହେବାରୁ ମୁଁ ୨୦ ମାଇଲ ଦୂରରେ ଏକ ଉତ୍ତମ ଉଦ୍ୟାନରେ ଅଛି; ଅପେକ୍ଷାକୃତ ଥଣ୍ଡା, କିନ୍ତୁ ଗରମ । ଗରମ କଲିକତାଠାରୁ ବିଶେଷ ପ୍ରଭେଦ କିଅଣ ?…

ଜ୍ୱର ପୂରା ଭଲ ହୋଇଯାଇଛି । ଆହୁରି ଥଣ୍ଡା ଦେଶକୁ ଯିବାର ଯୋଗାଡ଼ କରୁଛି । ଗରମ ବା ପଥଶ୍ରମ ହେଲେ ହିଁ ଦେଖୁଛି ଲିଭର୍‌ର ଗୋଳମାଳ ହୁଏ । ଏଠାର ବାୟୁ ଏତେ ଶୁଷ୍କ ଯେ, ଦିନରାତି ନାକ ପୋଡ଼ୁଛି ଓ ଜିଭ ଯେପରି ଶୁଖିଲା କାଠର ଛେଲି । ତୁମେମାନେ ଆଉ criticise (ସମାଲୋଚନା) କର ନାହିଁ; ନ ହେଲେ ଏତେବେଳେ ମୁଁ ମଜାରେ ଥଣ୍ଡା ଦେଶରେ ଯାଇ ରହନ୍ତି !… ତୁମେ ସେସବୁ ମୂର୍ଖ-ଫୁର୍ଖମାନଙ୍କର କଥା କାହିଁକି ଶୁଣୁଛ ? ଯେମିତି ତୁମେ ମୋତେ ବିଉଡାଲି ଖାଇବାକୁ ଦେଉ ନ ଥିଲ କି—starch (ଶ୍ୱେତସାର) ବୋଲି ! ! ଆଉ କିଅଣ ଖବର—ନା, ଭାତ ଆଉ ରୁଟି ଖାଇଲେ ଆଉ starch (ଶ୍ୱେତସାର) ରହେ ନାହିଁ !!! ଅଦ୍ଭୁତ ବିଦ୍ୟା ବାବା !! ଅସଲ କଥା ମୋର ପୁରୁଣା ଢଙ୍ଗ ଆସୁଛନ୍ତି ।… ଏହା ବେଶ୍ ଦେଖିପାରୁଛି । ଏଦେଶରେ ଏବେ ଏ ଦେଶୀ ରଙ୍ଗଢଙ୍ଗର ବେମାରି । ସେ-ଦେଶରେ ସେ-ଦେଶୀ ରଙ୍ଗଢଙ୍ଗ ! ରାତିର ଖାଇବାଟା ଭାବୁଛି ଖୁବ୍ light (ଲଘୁ) କରିବି; ସକାଳେ ଆଉ ଦୁଇପ୍ରହର ବେଳେ ଖୁବ୍ ଖାଇବି, ରାତିରେ ଦୁଧ ଫଳ ଇତ୍ୟାଦି । ସେଥିପାଇଁ ତ ଏଇ ଉଣ୍ଡି ଫଳବଗିଚାରେ ପଡ଼ି ରହିଛି; ହେ କର୍ତ୍ତା !!

ତୁମେ ଡରୁଛ କାହିଁକି ? ଝଟ୍ କରି କିଅଣ ଦାନା ମରେ ? ଏବେ ତ ମାତ୍ର ବତୀ ଜଳିଲା, ଆହୁରି ସାରାରାତି ଗାଉଣା ଅଛି । ଆଜିକାଲି ମିଜାଜ୍‌ଟା ଆଉ ସେତେ ଖିଟ୍‌ଖିଟା ନାହିଁ ଓ ଜ୍ୱରଭାବର ମୂଳ ସେହି ଲିଭର୍—ମୁଁ ବେଶ୍ ଦେଖୁଛି । ଅଚ୍ଛା, ତାକୁ ବି ଦୋରସ୍ତ କରୁଛି—ଭୟ କିଅଣ ?… ଖୁବ୍ ଦମ୍ଭରେ ସାହସ ବାନ୍ଧି କାମ କରି ଦେଖି, ଥରେ ଓଲଟପାଲଟ କରିଯାଉ । କିମଧିକମିତି ।

ମଠର ସମସ୍ତଙ୍କୁ ମୋର ପ୍ରୀତି ଦେବ ଓ next meeting (ଆଗାମୀ ସଭାକୁ) ମୋର greeting (ସାଦର ସମ୍ଭାଷଣ) ଦେବ ଓ କହିବ ଯେ, ଯଦିଓ ମୁଁ ସଶରୀରେ ଉପସ୍ଥିତ ନାହିଁ, ତଥାପି ମୋର ଆତ୍ମା ସେଇଠି, ଯେଉଁଠାରେ ପ୍ରଭୁଙ୍କ ନାମକୀର୍ତ୍ତନ ହୁଏ ।

'ଯାବତ୍ ତବ କଥା ରାମ ସଞ୍ଚରିଷ୍ୟତି ମେଦିନୀମ୍' ଇତ୍ୟାଦି ହନୁମାନ—ହେ ରାମ, ଯେଉଁଠାରେ ତୁମର କଥା ହୁଏ, ସେଠାରେ ମୁଁ ହାଜର । ଆତ୍ମା ସର୍ବବ୍ୟାପୀ ତ ! ଇତି

ବିବେକାନନ୍ଦ

୩୫୧ଇଂ

ଆଲମୋଡ଼ା, ୨୯ ମଇ ୧୮୯୭

ପ୍ରିୟ ଶଶୀ ଡାକ୍ତର,

ତୁମର ପତ୍ର ଏବଂ ଦୁଇ ବୋତଲ୍ ଔଷଧ ଯଥାସମୟରେ ପାଇଛି । କାଲି ସନ୍ଧ୍ୟାରୁ ତୁମର ଔଷଧ ପରୀକ୍ଷା କରି ଦେଖୁଛି । ଆଶା କରେ, ଗୋଟିଏ ଔଷଧ ଅପେକ୍ଷା ଦୁଇଟିର ମିଶ୍ରଣରେ ଅଧିକ ଫଳ ମିଳିବ ।

ମୁଁ ସକାଳେ ଓ ଅପରାହ୍ଣରେ ଘୋଡ଼ାରେ ଚଢ଼ି ଯଥେଷ୍ଟ ବ୍ୟାୟାମ କରିବାକୁ ଆରମ୍ଭ କରିଛି ଏବଂ ତାହା ଫଳରେ ଯଥାର୍ଥତଃ ମୁଁ ଅନେକ ପରିମାଣରେ ଭଲ ବୋଧକରୁଛି । ବ୍ୟାୟାମ ଆରମ୍ଭ କରିବାର ପ୍ରଥମ ସପ୍ତାହରେ ଏତେ ଭଲ ଲାଗିଲା ଯେ, ପିଲାଦିନେ ଯେତେବେଳେ କୁସ୍ତି କରୁଥିଲି, ସେତେବେଳେ ଛଡ଼ା ଆଉ କେବେହେଲେ ଏପରି ବୋଧ କରି ନାହିଁ । ମୋର ସେତେବେଳେ ବାସ୍ତବିକ୍ ବୋଧ ହେଲା ଯେ, ଦେହ ରହିବା ଆନନ୍ଦର ବିଷୟ । ସେତେବେଳେ ଦେହର ପ୍ରତିଟି କ୍ରିୟାରେ ମୁଁ ଶକ୍ତିର ପରିଚୟ ପାଉଥିଲି ଏବଂ ପ୍ରତ୍ୟେକ ପେଶୀର ଚଳାଚଳ ଆନନ୍ଦ ଦେଉଥିଲା । ସେ ଉତ୍‌ଫୁଲ୍ଲଭାବ ବର୍ତ୍ତମାନ ଅନେକ ପରିମାଣରେ କମିଯାଇଛି, ତଥାପି ମୁଁ ନିଜକୁ ବେଶ୍ ଶକ୍ତିମାନ୍ ବୋଧକରୁଛି । ଶକ୍ତି-ପରୀକ୍ଷାରେ ମୁଁ ଜି. ଜି. ଏବଂ ନିରଞ୍ଜନ ଉଭୟଙ୍କୁ ହିଁ ମୁହୂର୍ତ୍ତକରେ ଭୂମିସାତ୍ କରିପାରିଥାଆନ୍ତି । ଦାର୍ଜିଲିଂରେ ମୋର ସବୁବେଳେ ମନେହେଉଥିଲା, ମୁଁ ଯେପରି ଆଉ ଜଣେ ହୋଇଯାଇଛି । ଆଉ ଏଠାରେ ମୋର ମନେହୁଏ, ଯେପରି ମୋର କୌଣସି ବ୍ୟାଧି ନାହିଁ । କେବଳ ଗୋଟିଏ ମାତ୍ର ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଘଟିଛି । ମୁଁ ଆଜୀବନ ବିଛଣାରେ ଶୋଇ ଅନ୍ତତଃ ଦୁଇଘଣ୍ଟା ଏକଡ଼ ସେକଡ଼ ହେଉଥିଲି—ସଙ୍ଗେ ସଙ୍ଗେ ନିଦ ହେଉ ନ ଥିଲା । କେବଳମାତ୍ର ମାନ୍ଦ୍ରାଜରୁ ଦାର୍ଜିଲିଂ ପର୍ଯ୍ୟନ୍ତ (ଦାର୍ଜିଲିଂର ପ୍ରଥମ ମାସ ପର୍ଯ୍ୟନ୍ତ) ତକିଆରେ ମୁଣ୍ଡ ରଖିବା ସଙ୍ଗେ ସଙ୍ଗେ ନିଦ ଆସୁଥିଲା । ସେହି ସୁଲଭ ନିଦ୍ରାର ଭାବ ବର୍ତ୍ତମାନ ଏକାବେଳକେ ଚାଲିଯାଇଛି, ଏବଂ ମୋର ସେହି ପୁରାତନ ଏକଡ଼-ସେକଡ଼ ହେବା ଏବଂ ରାତ୍ରି-ଆହାର ପରେ ଗରମ ଲାଗିବା ପୁଣି ଫେରିଆସିଛି । ଦିନ-ଭୋଜନ ପରେ ଅବଶ୍ୟ ଗରମ ବୋଧ କରେ ନାହିଁ ।

ଏଠାରେ ଗୋଟିଏ ଫଳବଗିଚା ଥିବାରୁ ଏଠାକୁ ଆସି ମୁଁ ନିୟମିତ ଅପେକ୍ଷା ବେଶୀ ଫଳ ଖାଇବାକୁ ଆରମ୍ଭ କରିଛି । କିନ୍ତୁ ଏଠାରେ ବର୍ତ୍ତମାନ ଖୋବାନି* ଛଡ଼ା ଅନ୍ୟ କୌଣସି ଫଳ ମିଳୁ ନାହିଁ । ନୈନିତାଲରୁ ଅନ୍ୟାନ୍ୟ ଫଳ ଅଣାଇବାର ଚେଷ୍ଟା କରୁଛି । ଏଠାରେ ଦିନଗୁଡ଼ିକ ଯଦିଓ ତୀବ୍ର ଗରମ ତଥାପି ଶୋଷ ଲଗେ ନାହିଁ ।... ମୋଟ ଉପରେ, ଏଠାରେ ମୋର ଶକ୍ତି, ସ୍ଫୂର୍ତ୍ତି ଏବଂ ସ୍ୱାସ୍ଥ୍ୟର ପ୍ରାଚୁର୍ଯ୍ୟ ପୁଣି ଫେରି ଆସୁଛି ବୋଲି ଅନୁଭବ କରୁଛି ।

* 'ଖୋବାନି'—ଗୋଟିଏ ସୁସ୍ୱାଦୁ ଫଳର ନାମ ।

ତେବେ ଖୁବ୍ ବେଶୀ ଦୁଗ୍ଧପାନ ଫଳରେ ବୋଧହୁଏ ଅତ୍ୟନ୍ତ ଚର୍ବି ଜମିବା ଆରମ୍ଭ ହୋଇଛି । ଯୋଗେନ୍ କଅଣ ଲେଖୁଛି, ତାକୁ ଭ୍ରୂକ୍ଷେପ କରିବ ନାହିଁ । ସେ ନିଜେ ଯେପରି ଗ୍ଭନଆଁ, ଅନ୍ୟକୁ ମଧ୍ୟ ସେପରି କରିବାକୁ ଗ୍ଭହେଁ । ମୁଁ ଲକ୍ଷ୍ନୌରେ ଖଣ୍ଡିଏ ବର୍‌ଫିର ଷୋଳ ଭାଗରୁ ଭାଗେ ଖାଇଥିଲି; ଆଉ ଯୋଗେନ୍‌ର ମତରେ ତାହା ହିଁ ମୋର ଆଲ୍‌ମୋଡ଼ାରେ ଅସୁସ୍ଥତାର କାରଣ ! ଯୋଗେନ୍ ବୋଧହୁଏ ଦୁଇଗ୍ଭରିଦିନ ମଧ୍ୟରେ ଏଠାକୁ ଆସିବ । ମୁଁ ତା'ର ଭାର ନେବି । ଭଲ କଥା, ମୁଁ ସହଜରେ ମ୍ୟାଲେରିଆଗ୍ରସ୍ତ ହୋଇପଡ଼େ—ଆଲ୍‌ମୋଡ଼ାକୁ ଆସି ପ୍ରଥମ ସପ୍ତାହରେ ଯେଉଁ ଅସୁସ୍ଥ ହେଲି, ତାହା ହୁଏତ ତରାଇ ଅଞ୍ଚଳ ଦେଇ ଆସିବା ଫଳରେ ହୋଇଥିବ ! ଯାହା ହେଉ, ବର୍ତ୍ତମାନ ମୁଁ ନିଜକୁ ଖୁବ୍ ବଳବାନ୍ ବୋଧ କରୁଛି । ଡାକ୍ତର, ମୁଁ ଯେତେବେଳେ ଆଜିକାଲି ତୁଷାରାବୃତ ପର୍ବତଶୃଙ୍ଗ ସମ୍ମୁଖରେ ଧ୍ୟାନରେ ବସି ଉପନିଷଦ୍‌ରୁ ଆବୃତ୍ତି କରେ—'ନ ତସ୍ୟ ରୋଗୋ ନ ଜରା ନ ମୃତ୍ୟୁଃ ପ୍ରାପ୍ତସ୍ୟ ହି ଯୋଗାଗ୍ନିମୟଂ ଶରୀରଂ'*—ସେହି ସମୟରେ ଯଦି ତୁମେ ମୋତେ ଥରେ ଦେଖନ୍ତ !

ରାମକୃଷ୍ଣ ମିଶନର କଲିକତାର ସଭାଗୁଡ଼ିକ ବେଶ୍ ସାଫଲ୍ୟ ଲାଭ କରୁଛି ଜାଣି ଖୁବ୍ ସୁଖୀ ହୋଇଛି । ଏହି ମହତ୍ କାର୍ଯ୍ୟର ସହାୟକ ଯେଉଁମାନେ ସେମାନଙ୍କର ସର୍ବପ୍ରକାର କଲ୍ୟାଣ ହେଉ ।··· ଅସୀମ ପ୍ରୀତି ଜାଣିବ । ଇତି

ପ୍ରଭୁପଦାଶ୍ରିତ ତୁମମାନଙ୍କର, ବିବେକାନନ୍ଦ

୩୬୨ (ଶ୍ରୀଯୁକ୍ତ ପ୍ରମଦାଦାସ ମିତ୍ରଙ୍କୁ ଲିଖିତ)

ଆଲ୍‌ମୋଡ଼ା, ୩୦ ମଇ ୧୮୯୭

ସୁହୃଦ୍‌ବରେଷୁ,

ଶୁଣୁଛି, ଅପରିହାର୍ଯ୍ୟ ସାଂସାରିକ ଦୁଃଖ ଆପଣଙ୍କ ଉପରେ ପଡ଼ିଛି । ଆପଣ ଜ୍ଞାନବାନ୍, ଦୁଃଖ କଅଣ କରିପାରେ ? ତଥାପି ବ୍ୟାବହାରିକଭାବରେ, ବନ୍ଧୁ-ଜନ-କର୍ତ୍ତବ୍ୟବୋଧରେ ଏ କଥାର ଉଲ୍ଲେଖ । ଅଧିକ, ଏସବୁ ମୁହୂର୍ତ୍ତ ଅନେକ ସମୟରେ ସମଧିକ ଅନୁଭବ ଆନୟନ କରେ । କିଛିକାଳ ପାଇଁ ଯେପରି ମେଘ ଆଡ଼େଇ ହୋଇଯାଏ ଏବଂ ସତ୍ୟ-ସୂର୍ଯ୍ୟର ପ୍ରକାଶ ହୁଏ । କାହାରି କାହାରି ବା ଅର୍ଦ୍ଧେକ ବନ୍ଧନ ଖୋଲିଯାଏ । ସକଳ ବନ୍ଧନ ଅପେକ୍ଷା ମାନର ବନ୍ଧନ ବଡ଼ ଦୃଢ଼—ଲୋକ-ଭୟ ଯମ-ଭୟ ଅପେକ୍ଷା ମଧ୍ୟ ଅଧିକ; ତାହା ମଧ୍ୟ ଯେପରି ଟିକିଏ ଶ୍ଳଥ ହୋଇପଡ଼େ; ମନ ଯେପରି ଅନ୍ତତଃ ମୁହୂର୍ତ୍ତିକ ପାଇଁ ଦେଖିବାକୁ ପାଏ ଯେ, ଲୋକଙ୍କ କଥା ମତାମତ ଅପେକ୍ଷା ଅନ୍ତର୍ଯ୍ୟାମୀ ପ୍ରଭୁଙ୍କ କଥା ଶୁଣିବା ହିଁ ଭଲ । ପୁଣି ମେଘ ଢାଙ୍କିଦିଏ, ଏଇ ତ ମାୟା ! ଯଦିଓ ବହୁ ଦିବସ ଯାବତ୍ ମହାଶୟଙ୍କ ସହିତ ସାକ୍ଷାତ୍ ସମ୍ବନ୍ଧରେ ପତ୍ରାଦି ବ୍ୟବହାର ହୋଇ ନାହିଁ, ତଥାପି ଅନ୍ୟ ନିକଟରୁ ମହାଶୟଙ୍କର ପ୍ରାୟ ସକଳ ସମ୍ବାଦ ପ୍ରାପ୍ତ ହୁଏ । ମଝିରେ ମହାଶୟ କୃପାପୂର୍ବକ ଗୀତାର ଖଣ୍ଡିଏ ଅନୁବାଦ ଇଂଲଣ୍ଡକୁ ମୋ ନିକଟକୁ

* ଯେ ଯୋଗାଗ୍ନିମୟ ଦେହଲାଭ କରିଛନ୍ତି, ତାଙ୍କର ରୋଗ ଜରାମୃତ୍ୟୁ କିଛି ହିଁ ନାହିଁ ।—ଶ୍ୱେ. ଉପ., ୨ । ୧୨

ପ୍ରେରଣ କରିଥିଲେ । ତାହାର ମଲାଟରେ ଭବତ୍-ହସ୍ତଲିପି ଧାଡ଼ିଏ ମାତ୍ର ଥିଲା । ଶୁଣିଲି, ତାହାର ଉତ୍ତର-ପତ୍ରରେ ଅତି ଅଳ୍ପ କଥା ଥିବାରୁ ମହାଶୟଙ୍କ ମନରେ—ଆପଣଙ୍କ ପ୍ରତି ମୋର ଅନୁରାଗ ସମ୍ବନ୍ଧରେ କିଞ୍ଚିତ୍ ସନ୍ଦେହ ହୋଇଛି ।

ଉକ୍ତ ସନ୍ଦେହ ଅମୂଳକ ବୋଲି ଜାଣିବେ । ଅଳ୍ପ କଥା ଲେଖିବାର କାରଣ ଏହି ଯେ, ଗତ ପାଞ୍ଚବର୍ଷ ମଧ୍ୟରେ ଇଂରେଜୀ ଗୀତାର ମଲାଟରେ ଏହି ଧାଡ଼ିଏ ମାତ୍ର ଆପଣଙ୍କ ହସ୍ତଲିପି ଦେଖିଲି । ସେଥିରୁ ବୋଧହେଲା ଯେ, ଆପଣଙ୍କର ଯେତେବେଳେ ଅଧିକ ଲେଖିବାର ଅବକାଶ ନାହିଁ, ସେତେବେଳେ ପଢ଼ିବାର ଅବକାଶ ହେବ କିପରି ?

ଦ୍ୱିତୀୟତଃ, ଶୁଣିଲି ଗୌରଚର୍ମବିଶିଷ୍ଟ ହିନ୍ଦୁ-ଧର୍ମ-ପ୍ରଚାରକଙ୍କର ହିଁ ଆପଣ ବନ୍ଧୁ; ଦେଶୀ, କଳା କାଳି ଆଦ୍‌ମୀ ଆପଣଙ୍କ ନିକଟରେ ହେୟ, ସେ ଭୟ ମଧ୍ୟ ଥିଲା । ତୃତୀୟତଃ, ମୁଁ ମ୍ଲେଚ୍ଛ ଶୂଦ୍ର ଇତ୍ୟାଦି, ଯାହା ଇଚ୍ଛା ତାହା ଖାଏ, ଯେକୌଣସି ଲୋକ ସାଙ୍ଗରେ ଖାଏ—ପ୍ରକାଶ୍ୟରେ ସେଠାରେ ଏବଂ ଏଠାରେ । ତା' ଛଡ଼ା ମତର ମଧ୍ୟ ବହୁ ବିକୃତ ଉପସ୍ଥିତ—ଏକ ନିର୍ଗୁଣ ବ୍ରହ୍ମ ବେଶ୍ ବୁଝିପାରେ, ଅଉ ତାଙ୍କର ହିଁ ବ୍ୟକ୍ତି-ବିଶେଷରେ ବିଶେଷ ପ୍ରକାଶ ଦେଖିବାକୁ ପାଉଛି—ଏହି ସକଳ ବ୍ୟକ୍ତି-ବିଶେଷଙ୍କ ନାମ ଯଦି 'ଈଶ୍ୱର' ହୁଏ, ତାହାହେଲେ ବେଶ ବୁଝିପାରୁଛି—ତଦ୍ଭିନ୍ନ କାଳ୍ପନିକ ଜଗତ୍‌କର୍ତ୍ତା ଇତ୍ୟାଦି ହାସ୍ୟକର ପ୍ରବନ୍ଧରେ ବୁଦ୍ଧି ପଶେ ନାହିଁ ।

ଏହି ପ୍ରକାର 'ଈଶ୍ୱର' ଜୀବନରେ ଦେଖିଛି ଏବଂ ତାଙ୍କର ଆଦେଶରେ ଚାଲୁଛି । ସ୍ମୃତି-ପୁରାଣାଦି ସାମାନ୍ୟବୁଦ୍ଧି ମନୁଷ୍ୟର ରଚନା—ଭ୍ରମ ବା ପ୍ରମାଦ, ଭେଦ-ବୁଦ୍ଧି ଓ ଦ୍ୱେଷ-ବୁଦ୍ଧିରେ ପରିପୂର୍ଣ୍ଣ । ତହିଁର ଯେତେଟିକିକ ଉଦାର ଓ ପ୍ରୀତିପୂର୍ଣ୍ଣ, ତାହା ହିଁ ଗ୍ରାହ୍ୟ, ଅପରାଂଶ ତ୍ୟାଜ୍ୟ । ଉପନିଷଦ୍ ଓ ଗୀତା ଯଥାର୍ଥ ଶାସ୍ତ୍ର—ରାମ, କୃଷ୍ଣ, ବୁଦ୍ଧ, ଚୈତନ୍ୟ, ନାନକ, କବୀର ହିଁ ଯଥାର୍ଥ ଅବତାର; କାରଣ, ଏମାନଙ୍କର ହୃଦୟ ଆକାଶ ଭଳି ଅନନ୍ତ ଥିଲା—ସମସ୍ତଙ୍କ ଉପରେ ରାମକୃଷ୍ଣ; ରାମାନୁଜ-ଶଙ୍କରାଦି ସଙ୍କୀର୍ଣ୍ଣ-ହୃଦୟ ପଣ୍ଡିତ ମାତ୍ର । ସେ ପ୍ରୀତି ନାହିଁ, ପରଦୁଃଖରେ ସେମାନଙ୍କର ହୃଦୟ କାନ୍ଦେ ନାହିଁ—ଶୁଷ୍କ ପାଣ୍ଡିତ୍ୟ—ଅଉ ନିଜେ ଚଞ୍ଚଳ ମୁକ୍ତ ହେବ !!! ତାହା କଅଣ ହୁଏ, ମହାଶୟ ? କେବେ ହୋଇଛି, ନା ହେବ ? 'ମୁଁ'ତ୍ୱର ଲେଶମାତ୍ର ରହିବା ଯାଏ କଅଣ କିଛି ହେବ ?

ଆଉ ଏକ ମହା ବିପ୍ରତିପତ୍ତି—ମୋର ଦିନକୁ ଦିନ ଦୃଢ଼ ଧାରଣା [ହେଉଛି] ଯେ, ଜାତି-ବୁଦ୍ଧି ହିଁ ମହାଭେଦକାରୀ ଓ ମାୟାର ମୂଳ—ଜନ୍ମଗତ ବା ଗୁଣଗତ ସର୍ବପ୍ରକାର ଜାତି ହିଁ ବନ୍ଧନ । କୌଣସି କୌଣସି ବନ୍ଧୁ କହନ୍ତି—ତାହା ମନ ଭିତରେ ଥାଉ—ବାହାରେ, ବ୍ୟବହାରିକତାରେ, ଜାତି ଆଦି ଅବଶ୍ୟ ରଖିବାକୁ ହେବ ।···ମନରେ ମନରେ ଅଭେଦବୁଦ୍ଧି (ପେଟ ଭିତରେ ବୋଲି ଯାହା କୁହାଯାଏ), ଅଉ ବାହାରେ ପିଶାଚ-ନୃତ୍ୟ, ଅତ୍ୟାଚାର, ଉତ୍ପୀଡ଼ନ—ଗରିବର ଯମ; ଅଉ ଚଣ୍ଡାଳ ବି ଯଦି ବଡ଼ ମଣିଷ ହୁଏ, ସେ ଧର୍ମର ରକ୍ଷକ !!!

ସେଥିରୁ ମୁଁ ପରୀକ୍ଷା କରି ଦେଖୁଛି ଯେ, ଧର୍ମକର୍ମ ଶୂଦ୍ର ପାଇଁ ନୁହେଁ, ସେ ଯଦି ଖାଇବାପିଇବାର ବିଚାର ବା ବିଦେଶଗମନାଦିର ବିଚାର କରେ ତ, ସେଥିରେ କିଛି ଫଳ

ନାହିଁ, ବୃଥା ପରିଶ୍ରମ ମାତ୍ର । ମୁଁ ଶୂଦ୍ର ଓ ମ୍ଲେଚ୍ଛ—ମୋର ସେସବୁ ହେଙ୍ଗାମାରେ କ'ଣ କାମ ? ମୋର ମ୍ଲେଚ୍ଛର ଅନ୍ନରେ କ'ଣ, ଅଉ ହାଡ଼ିର ଅନ୍ନରେ ବା କ'ଣ ? ଅଉ ଜାତି ଇତ୍ୟାଦି ଉନ୍ମତ୍ତତା—ଯାଜକମାନଙ୍କର ଲିଖିତ ଗ୍ରନ୍ଥରେ ମିଳେ—ଈଶ୍ୱର-ପ୍ରଣୀତ ଗ୍ରନ୍ଥରେ ନାହିଁ । ଯାଜକମାନଙ୍କର ପୂର୍ବପୁରୁଷଙ୍କର କୀର୍ତ୍ତି ସେମାନେ ହିଁ ଭୋଗ କରନ୍ତୁ, ଈଶ୍ୱରଙ୍କ ବାଣୀ ମୁଁ ଅନୁସରଣ କରେ, ସେଥିରେ ହିଁ ମୋର କଲ୍ୟାଣ ହେବ ।

ଅଉ ଗୋଟିଏ କଥା ବୁଝିଛି ଯେ, ପରୋପକାର ହିଁ ଧର୍ମ, ବାକି ଯାଗ-ଯଜ୍ଞ ସବୁ ପାଗଳାମି—ନିଜର ମୁକ୍ତି-ଇଚ୍ଛା ମଧ୍ୟ ଅନ୍ୟାୟ । ଯେ ପର ପାଇଁ ସବୁ ଦେଇଛି, ସେ ହିଁ ମୁକ୍ତ ହୁଏ, ଅଉ ଯେଉଁମାନେ 'ମୋର ମୁକ୍ତି, ମୋର ମୁକ୍ତି' କହି ଦିନରାତି ମୁଣ୍ଡ ଭାଙ୍ଗି କରନ୍ତି, ସେମାନେ 'ଇତୋ ନଷ୍ଟସ୍ତତୋ ଭ୍ରଷ୍ଟଃ' ହୋଇ ବୁଲୁଥାନ୍ତି, ଏହା ମଧ୍ୟ ବହୁବାର ପ୍ରତ୍ୟକ୍ଷ କରିଛି । ଏହିଭଳି ପାଞ୍ଚପ୍ରକାର ଭାବି ମହାଶୟଙ୍କୁ ପତ୍ର ଲେଖିବାକୁ ମୋର ଭରସା ହୋଇ ନାହିଁ ।

ଏହିସବୁ ସତ୍ତ୍ୱେ ଯଦି ଆପଣଙ୍କର ପ୍ରୀତି ମୋ ଉପରେ ଥାଏ, ତେବେ ଅତି ଆନନ୍ଦର ବିଷୟ ବୋଲି ବୋଧ କରିବି । ଇତି

ଦାସ, ବିବେକାନନ୍ଦ

ଅଲମୋଡ଼ା, ୯ ଜୁନ୍ ୧୮୯୭

**୩୪୩ଇଂ**

ପ୍ରିୟ—,

ତୁମେ ବେଦ ସମ୍ବନ୍ଧରେ ଯେଉଁ ଆପତ୍ତିଗୁଡ଼ିକ ପ୍ରଦର୍ଶନ କରିଛ, ସେଗୁଡ଼ିକ ଯଥାର୍ଥ ବୋଲି ସ୍ୱୀକାର କରିହୁଅନ୍ତା, ଯଦି 'ବେଦ' ରେ କେବଳ ସଂହିତାକୁ ବୁଝାନ୍ତା । କିନ୍ତୁ ପ୍ରକୃତ ପକ୍ଷରେ ଭାରତର ସର୍ବବାଦୀସମ୍ମତ ମତାନୁସାରେ ସଂହିତା, ବ୍ରାହ୍ମଣ ଓ ଉପନିଷଦ୍ ଏହି ତିନୋଟିର ସମଷ୍ଟି ହିଁ ବେଦ । ଏଗୁଡ଼ିକ ମଧ୍ୟରୁ ପ୍ରଥମ ଦୁଇଟିକୁ କର୍ମକାଣ୍ଡ ବୋଲି ବର୍ତ୍ତମାନ ଏକପ୍ରକାର ବାଦ୍ ଦିଆଯାଇଛି । କେବଳ ଉପନିଷଦ୍‌କୁ ହିଁ ଆମର ସକଳ ଦାର୍ଶନିକ ଓ ବିଭିନ୍ନ ସମ୍ପ୍ରଦାୟର ପ୍ରତିଷ୍ଠାତାମାନେ ଗ୍ରହଣ କରିଛନ୍ତି ।

କେବଳ ସଂହିତା-ଅଂଶଟି ବେଦ—ଏ ମତ ଅତି ଅଧୁନାତନ ଏବଂ ସ୍ୱର୍ଗୀୟ ସ୍ୱାମୀ ଦୟାନନ୍ଦ ହିଁ ଏହି ମତର ପ୍ରଥମ ପ୍ରବର୍ତ୍ତକ ! ପ୍ରାଚୀନ ହିନ୍ଦୁସମାଜ ଭିତରେ ଏହି ମତର ପ୍ରଭାବ ଟିକିଏ ହେଲେ ହୋଇ ନାହିଁ ।

ସ୍ୱାମୀ ଦୟାନନ୍ଦ ଏହି ମତ ଅବଲମ୍ବନ କରିବାର କାରଣ ଏହି ଯେ, ସେ ଭାବିଥିଲେ, ସଂହିତାର ନୂତନ ଧରଣର ବ୍ୟାଖ୍ୟା କରି ସେ ଗୋଟିଏ ପୂର୍ବାପର-ସଙ୍ଗତ ମତବାଦର ସୃଷ୍ଟି କରିବେ, କିନ୍ତୁ ତାଙ୍କର ବ୍ୟାଖ୍ୟା-ପ୍ରଣାଳୀରେ ଗୋଳମାଳ ସମଭାବରେ ହିଁ ରହିଗଲା; କେବଳ ଏତିକି ହେଲା ଯେ, ସେ ସଂହିତା ଭିତରେ ଯେଉଁ ଅସାମଞ୍ଜସ୍ୟ-ନିବାରଣର ଚେଷ୍ଟା କଲେ, ସେହି ଅସାମଞ୍ଜସ୍ୟ—ସେହି ଗୋଳମାଳ 'ବ୍ରାହ୍ମଣ'ର ଉପରେ ଯାଇ ପଡ଼ିଲା । ଅଉ ତାଙ୍କର ପ୍ରକ୍ଷିପ୍ତବାଦ ଓ ଅନ୍ୟାନ୍ୟ ବ୍ୟାଖ୍ୟାପ୍ରଣାଳୀ ସତ୍ତ୍ୱେ ଏବେ ମଧ୍ୟ ଏପରି ଅନେକ ସ୍ଥଳ ଅଛି, ଯାହା ଭିତରେ ଗୋଳମାଳ ସେତେବେଳେ ଯେପରି ଏବେ ମଧ୍ୟ ସେହିପରି ରହିଛି ।

ବର୍ତ୍ତମାନ ଯଦି ଏହା ସମ୍ଭବ ହୁଏ ଯେ, ସଂହିତା ଉପରେ ଭିତ୍ତି କରି ପୂର୍ବାପର-ସାମଞ୍ଜସ୍ୟପୂର୍ଣ୍ଣ ଗୋଟିଏ ଧର୍ମପ୍ରଣାଳୀ ଗଠିତ ହୋଇପାରେ, ତେବେ ଉପନିଷଦ୍‌କୁ ଭିତ୍ତି କରି ଯେ ଆହୁରି ଅଧିକ ପରିମାଣରେ ସାମଞ୍ଜସ୍ୟପୂର୍ଣ୍ଣ ଧର୍ମ ସ୍ଥାପନ କରାଯାଇପାରିବ, ଏହା ସହସ୍ର ଗୁଣରେ ଅଧିକ ନିଶ୍ଚିତ। ଅଧିକନ୍ତୁ ଏଥିରେ ସମଗ୍ର ଜାତିର ପୂର୍ବପ୍ରଚଳିତ ମତ ବିରୋଧରେ ଯିବାକୁ ପଡ଼ିବ ନାହିଁ ଏବଂ ପ୍ରାଚୀନ ସକଳ ଆଚାର୍ଯ୍ୟ ତୁମ ସପକ୍ଷରେ ରହିବେ, ଆଉ ନୂତନ ନୂତନ ପଥରେ ଅଗ୍ରଗତିର ଯଥେଷ୍ଟ ଅବକାଶ ମଧ୍ୟ ରହିବ।

ଗୀତା ନିଃସନ୍ଦେହରେ ଏବେ କାଳଧର୍ମ ହିନ୍ଦୁଧର୍ମର ବାଇବେଲ ସ୍ୱରୂପ ହୋଇଯାଇଛି ଏବଂ ତାହା ସମ୍ପୂର୍ଣ୍ଣରୂପରେ ସେହି ସମ୍ମାନର ଉପଯୁକ୍ତ; କିନ୍ତୁ ଶ୍ରୀକୃଷ୍ଣଙ୍କ ମୂଳଚରିତ୍ର ବର୍ତ୍ତମାନ ଏପରି କୁଜ୍‌ଝଟିକାବୃତ ହୋଇ ରହିଛି ଯେ, ସେଥିରୁ ଜୀବନପ୍ରଦ ଉଦ୍ଦୀପନା ଲାଭ କରିବା ବର୍ତ୍ତମାନ କାଳରେ ଅସମ୍ଭବ। ବିଶେଷତଃ ବର୍ତ୍ତମାନ ଯୁଗରେ ନୂତନ ନୂତନ ଚିନ୍ତାପ୍ରଣାଳୀ ଓ ନୂତନ ଭାବରେ ଜୀବନ-ଯାତ୍ରା-ନିର୍ବାହର ପ୍ରୟୋଜନ ଆସିଛି। ଆଶା କରେ, ମୋର ଏହି କ୍ଷୁଦ୍ର ପତ୍ର ତୁମକୁ ମତ୍‌ପ୍ରଦର୍ଶିତ ପଥରେ ଚିନ୍ତାରେ ସାହାଯ୍ୟ କରିବ। ମୋର ଶୁଭାଶୀର୍ବାଦ ଜାଣିବ। ଇତି

ତୁମର, ବିବେକାନନ୍ଦ

୩୫୪ (ସ୍ୱାମୀ ଶୁଦ୍ଧାନନ୍ଦଙ୍କୁ ଲିଖିତ) (ମୂଳ ସଂସ୍କୃତରେ ଲିଖିତ)

ଆଲମୋଡ଼ା, ୧ ଜୁନ ୧୮୯୭

କଲ୍ୟାଣବରେଷୁ,

ତୁମ ଚିଠିରେ ମଠର ସବିଶେଷ ବାର୍ତ୍ତା ଓ ତନ୍ଦତ୍ୟ ସମସ୍ତଙ୍କର କୁଶଳ ଅବଗତ ହେଲି। ମୋ ସ୍ୱାସ୍ଥ୍ୟର କିଛିଟା ଉନ୍ନତି ହୋଇଛି। ଭିଷଗ୍‌ପ୍ରବର ଶଶିଭୂଷଣଙ୍କ ନିକଟରୁ ସବିଶେଷ ଜାଣିବ। ବ୍ରହ୍ମାନନ୍ଦ ବର୍ତ୍ତମାନ ସଂଶୋଧିତ ପ୍ରସ୍ତାବମତେ ଶିକ୍ଷାକାର୍ଯ୍ୟ ଚଳାଉ; ପରେ ପରିବର୍ତ୍ତନ ପ୍ରୟୋଜନ ହେଲେ, ତାହା ଯେପରି କରେ। କିନ୍ତୁ ଏ କଥାରେ ଯେପରି ଭୁଲ ନ ହୁଏ ଯେ, ସମସ୍ତଙ୍କର ସମ୍ମତି ନେଇ ତାହା କରିବାକୁ ହେବ।

ମୁଁ ବର୍ତ୍ତମାନ ଅଲମୋଡ଼ାର କିଛି ଉତ୍ତରରେ ଜଣେ ବ୍ୟବସାୟୀଙ୍କର ଗୋଟିଏ ଉଦ୍ୟାନବାଟିରେ ବାସ କରୁଛି। ମୋ ସମ୍ମୁଖରେ ତୁଷାରାଚ୍ଛନ୍ନ ହିମାଳୟର ଚୂଡ଼ାଗୁଡ଼ିକ ପ୍ରତିଫଳିତ ସୂର୍ଯ୍ୟାଲୋକରେ ରଜତସ୍ତୂପଭଳି ଦିଶୁଛି ଏବଂ ଆନନ୍ଦ ପ୍ରଦାନ କରୁଛି। ମୁକ୍ତବାୟୁ-ସେବନ, ମିତାହାର ଏବଂ ଯଥେଷ୍ଟ ବ୍ୟାୟାମ ଫଳରେ ମୋର ଦେହ ବିଶେଷ ସୁଦୃଢ଼ ଓ ସୁଦୃଶ୍ୟ ହୋଇଛି। କିନ୍ତୁ ଶୁଣିବାକୁ ପାଇଲି ଯେ, ଯୋଗାନନ୍ଦ ଖୁବ୍ ଅସୁସ୍ଥ। ତାହାକୁ ଏଠାକୁ ଆସିବା ଲାଗି ଆମନ୍ତ୍ରଣ କରିଛି। ସେ ଅବଶ୍ୟ ପାହାଡ଼ର ଜଳବାୟୁକୁ ଡରେ। ମୁଁ ଆଜି ତାକୁ ଲେଖିଲି, 'ଏହି ଉଦ୍ୟାନରେ କିଛିଦିନ ରହି ଦେଖ—ଯଦି ଅସୁସ୍ଥତାର କୌଣସି ଉପଶମ ବୋଧ ନ କର ତେବେ ପୁଣି କଲିକତା ଫେରିଯିବ।'—ବର୍ତ୍ତମାନ ସେ ଯାହା ଭଲ ଭାବିବ ତାହା କରିବ। ଆଲମୋଡ଼ା ସହରରେ ଅଚ୍ୟୁତାନନ୍ଦ ପ୍ରତିସନ୍ଧ୍ୟାରେ ବହୁଲୋକଙ୍କୁ

ଏକାଠି ବସି ସେମାନଙ୍କ ସମ୍ମୁଖରେ ଗୀତା ଓ ଅନ୍ୟାନ୍ୟ ଶାସ୍ତ୍ରଗ୍ରନ୍ଥ ପାଠ କରେ । ସହରର ଅନେକ ଅଧିବାସୀ, ଏପରିକି ସୈନ୍ୟାବାସରୁ ସୈନ୍ୟମାନେ ମଧ୍ୟ ପ୍ରତିଦିନ ଆସନ୍ତି, ଆଉ ଶୁଣୁଛି ସେମାନେ ଆଲୋଚନା ବିଶେଷ ଉପଭୋଗ କରନ୍ତି ।

'ଯାବାନର୍ଥ ଉଦପାନେ ସର୍ବତଃ ସଂପ୍ଲୁତୋଦକେ' (ଗୀତା, ୨।୪୬)—ଇତ୍ୟାଦି ଶ୍ଳୋକର ତୁମେ ଯେଉଁ ବଙ୍ଗାର୍ଥ ଲେଖିଛ, ତାହା ମୋ ମତରେ ସମୀଚୀନ ନୁହେଁ । ତୁମେ ଏହି ଅର୍ଥ କରିଛ—'ଯେତେବେଳେ ଦେଶ ଜଳପ୍ଲାବିତ ହୁଏ ସେତେବେଳେ ଜଳପାନ ଲାଗି ପୁଷ୍କରିଣୀ ଆଦିର ପ୍ରୟୋଜନ ନାହିଁ'—ଏହା ଅଦ୍ଭୁତ କଳ୍ପନା । ଜଳପ୍ଲାବନ ହେଲେ ଲୋକର ତୃଷା କ'ଣ ବିଲୁପ୍ତ ହୋଇଯାଏ ? ପ୍ରାକୃତିକ ନିୟମ ଯଦି ଏପରି ହୁଏ ଯେ, କୌଣସି ସ୍ଥାନ ଜଳପ୍ଲାବିତ ହେବାପରେ ଜଳପାନ ନିରର୍ଥକ ହୋଇଯାଏ, ଅଉ ବାୟୁ ଅଥବା କୌଣସି ଅଦୃଶ୍ୟ ଉପାୟରେ ସ୍ୱତଃ ହିଁ ତୃଷ୍ଣା ଦୂରୀଭୂତ ହୋଇଯାଏ—ତେବେ ସେହି ଅଦ୍ଭୁତ ବ୍ୟାଖ୍ୟା ସମୀଚୀନ ହୋଇପାରେ, ନଚେତ୍ ନୁହେଁ ।

ବସ୍ତୁତଃ, ଶଙ୍କରଙ୍କର ବ୍ୟାଖ୍ୟା ହିଁ ଆମମାନଙ୍କର ଅନୁସରଣୀୟ ଅଥବା ଏହି ଭାବରେ ମଧ୍ୟ ଏହାର ବ୍ୟାଖ୍ୟା ହୋଇପାରେ—ସମସ୍ତ ଦେଶ ବନ୍ୟାପ୍ଲାବିତ ହେଲେ ତୃଷ୍ଣାତୁର ପାଇଁ ନିକଟବର୍ତ୍ତୀ କ୍ଷୁଦ୍ର ଜଳାଶୟର ଯେତିକି ପ୍ରୟୋଜନ (ଅର୍ଥାତ୍ ସାମାନ୍ୟ ପରିମାଣର ପାନୀୟ ଜଳ ହିଁ ତୃଷ୍ଣାର୍ତ୍ତି ପାଇଁ ଯଥେଷ୍ଟ)—ସେ ଯେପରି କହେ, 'ବିରାଟ ଜଳରାଶି ଥାଉ ବା ନ ଥାଉ —ସାମାନ୍ୟ ଟିକିଏ ପାନୀୟ ଜଳ ହିଁ ମୋ ପକ୍ଷରେ ଯଥେଷ୍ଟ'—ଜ୍ଞାନୀ ବ୍ରାହ୍ମଣ ପକ୍ଷରେ ସମଗ୍ର ବେଦଗ୍ରନ୍ଥର ମଧ୍ୟ ସେତିକି ପ୍ରୟୋଜନ । ସର୍ବବ୍ୟାପୀ ବନ୍ୟାର ପ୍ରୟୋଜନ ଯେପରି ତୃଷ୍ଣା-ନିବାରଣ ମାତ୍ର, ସେହିପରି ସମଗ୍ର ବେଦର ପ୍ରୟୋଜନ କେବଳ ଜ୍ଞାନ ।

ଏହି ବ୍ୟାଖ୍ୟାଟି ମଧ୍ୟ ଅଧିକତର ସ୍ପଷ୍ଟ ଓ ଗ୍ରନ୍ଥକାରଙ୍କର ଅଭିପ୍ରାୟାନୁରୂପ—ସମସ୍ତ ସ୍ଥାନ ଜଳପ୍ଲାବିତ ହେଲେ ମନୁଷ୍ୟ କେବଳ ପାନ ଲାଗି ଆହରଣୀୟ, ପାନୀୟ ଜଳର ହିଁ ଅନୁସନ୍ଧାନ କରେ, ଅନ୍ୟ ଜଳର ନୁହେଁ । (କାରଣ) ଜଳପ୍ଲାବନ ହେଲେ ମଧ୍ୟ ମୃତ୍ତିକାର ତାରତମ୍ୟାନୁସାରେ ବିଭିନ୍ନ ଗୁଣର ଓ ବିଭିନ୍ନ ଧର୍ମର ଜଳ ଦେଖିବାକୁ ମିଳେ । କୌଶଳୀ ବ୍ରାହ୍ମଣ ମଧ୍ୟ ସେହିପରି ଜ୍ଞାନର ଶତଧାରପ୍ଲାବିତ, 'ବେଦ' ନାମରେ ଖ୍ୟାତ ବିରାଟ ଶବ୍ଦ-ସମୁଦ୍ରରୁ ସେହି ଅଂଶଟିକୁ ଆହରଣ କରିବେ, ଯହିଁରେ ସଂସାରର ଦାରୁଣ ତୃଷ୍ଣା ଦୂର ହୁଏ ଏବଂ ଯାହା ମୁକ୍ତିଦାନ କରିବାର ଶକ୍ତିଧାରଣ କରେ । କେବଳ ବ୍ରହ୍ମଜ୍ଞାନ ହିଁ ତାହା କରିବାକୁ ସକ୍ଷମ । ଆଶୀର୍ବାଦ ଓ ଶୁଭେଚ୍ଛା ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

୩୫୫ଇଂ (ମେରି ହେଲ୍ ବିସ୍ଟରଙ୍କୁ ଲିଖିତ)

ଆଲମୋଡ଼ା, ୨ ଜୁନ ୧୮୯୭

ସ୍ନେହର ମେରି,

ମୋର ପ୍ରତିଶ୍ରୁତି ଖୁସିଗଲାଭଳି ବଡ଼ ଚିଠି ଖଣ୍ଡିଏ ଲେଖିବାକୁ ଆରମ୍ଭ କରୁଛି— ଆକାରରେ ତାହା ବାସ୍ତବିକ୍ ବଡ଼ ହୋଇ ଉଠୁ, ଏହି ସଦିଚ୍ଛା ନେଇ । ତାହା ଯଦି ନ ହୁଏ,

ତେବେ ତାହା ତୁମର କର୍ମଫଳ । ତୁମର ସ୍ୱାସ୍ଥ୍ୟ ନିଶ୍ଚୟ ଖୁବ୍ ଭଲ ଅଛି । ମୋର ଦେହ ଖୁବ୍ ଖରାପ; ଏବେ ଅବଶ୍ୟ କିଛିଟା ଉନ୍ନତ ବୋଧ କରୁଛି—ଆଶା କରେ ଖୁବ୍ ଶୀଘ୍ର ଭଲ ହୋଇଯିବ ।

ଲଣ୍ଡନରେ କାର୍ଯ୍ୟକର୍ମ କିପରି ଚାଲୁଛି ? ମୋର ଭୟ ହେଉଛି, ହୁଏତ ତାହା ଏକାବେଳକେ ଭାଙ୍ଗିଚୁରି ଯିବ । ତୁମେ ମଝିରେ ମଝିରେ ଲଣ୍ଡନ ଯାଉଛ ତ ? ଷ୍ଟର୍ଡିର ଗୋଟିଏ ଶିଶୁ ସନ୍ତାନ ହୋଇଛି, ନୁହେଁ କି ?

ଭାରତର ସମତଳ ଭୂମି ଏବେ ଭୀଷଣ ଗରମ । ତାହା ସହ୍ୟ କରି ନ ପାରି ଏଠାରେ ଏହି ପାହାଡ଼କୁ ଆସିଛି—ଜାଗାଟା ସମତଳ ଅପେକ୍ଷା କିଛି ଥଣ୍ଡା ।

ଆଲମୋଡ଼ାର ଜଣେ ବ୍ୟବସାୟୀଙ୍କର ଗୋଟିଏ ଚମତ୍କାର ବଗିଚାରେ ଅଛି—ଏହାର ଚାରିଦିଗରେ ବହୁ କୋଶ ପର୍ଯ୍ୟନ୍ତ ପର୍ବତ ଓ ଅରଣ୍ୟ । ପଅରଦିନ ରାତିରେ ଗୋଟିଏ ଚିତାବାଘ ଏହି ବଗିଚାକୁ ଆସି ପଲରୁ ଗୋଟିଏ ଛେଳି ନେଇଯାଇଛି । ଚାକରମାନଙ୍କର ପ୍ରାଣପଣ ପାଟିତୁଣ୍ଡ ଓ ପହରା ଦେଉଥିବା ତିବ୍ବତୀ କୁକୁରମାନଙ୍କର ଭେଉ ଭେଉ ଶବ୍ଦ ମିଶି ଭୟରେ ପ୍ରାଣ ଥଣ୍ଡା ହେବାପରି ଅବସ୍ଥା ଘଟିଥିଲା । ମୁଁ ଏଠାକୁ ଆସିବାଦିନରୁ ପ୍ରତି ରାତିରେ ଏହି କୁକୁରଗୁଡ଼ାକୁ ବେଶ୍ କିଛି ଦୂରରେ ଶିକୁଳି ଦେଇ ବାନ୍ଧି ରଖାହେଉଛି, ଯେପରି କି ସେମାନଙ୍କର ଭୁକିବା ଶବ୍ଦରେ ମୋର ନିଦ୍ରାରେ ବ୍ୟାଘାତ ନ ଘଟେ । ଚିତାବାଘଟି ସୁଯୋଗ ବୁଝି ଗୋଟିଏ ଭଲ ଆହାର ଯୋଗାଡ଼ କରିନେଲା, ସମ୍ଭବତଃ ଅନେକ ସପ୍ତାହ ଏପରି ଜୁଟି ନାହିଁ । ଏଥିରେ ତାହାର ପ୍ରଭୂତ କଲ୍ୟାଣ ହେଉ !

ମିସ୍ ମୁଲାର୍‌ଙ୍କୁ ତୁମର ମନେପଡ଼େ କି ? କିଛି ଦିନ ରହିବା ପାଇଁ ସେ ଏଠାକୁ ଆସିଛନ୍ତି, କିନ୍ତୁ ଚିତାବାଘର ବୃତ୍ତାନ୍ତଟି ଶୁଣି ଡରିଯାଇଛନ୍ତି । ଦେଖାଯାଉଛି ଯେ, ଲଣ୍ଡନରେ କଷାଚମଡ଼ାର ଚାହିଦା ଖୁବ୍ ବେଶୀ, ଆଉ ଅନ୍ୟକିଛି ଅପେକ୍ଷା ଏହି ଚାହିଦା ଆମମାନଙ୍କର ଚିତା ଓ ବାଘଗୁଡ଼ାକର ବ୍ୟାପକ ଧ୍ୱଂସ ସାଧନ କରୁଛି ।

ତୁମକୁ ଲେଖୁ ଲେଖୁ ମୋ ସାମନାରେ ଧାଡ଼ି ଧାଡ଼ି ଦିଗନ୍ତବିସ୍ତୃତ ବରଫର ଚୂଡ଼ା-ଗୁଡ଼ିକ ଉପରେ ଅପରାହ୍ଣର ରକ୍ତିମାଭା ଉଦ୍‌ଭାସିତ ହୋଇଉଠୁଛି । ସେଗୁଡ଼ିକ ଏଠାରୁ ସିଧାସଳଖ ପ୍ରାୟ କୋଡ଼ିଏ ମାଇଲ—ଆଉ ବୁଲଣିଆ ପର୍ବତ ରାସ୍ତାରେ ଚାଳିଶ ମାଇଲ ।

ଆଶା କରେ କାଉଣ୍ଟେସ୍‌ଙ୍କର କାଗଜରେ ତୁମର ତର୍ଜମାଗୁଡ଼ିକ ସମାଦରରେ ମୁଦ୍ରିତ ହୋଇଛି । ଏହି ଜୁବିଲି-ଉତ୍ସବର ଅବସରରେ ଆମର କେତେକ ଦେଶୀୟ ରାଜାଙ୍କ ସଙ୍ଗେ ଇଂଲଣ୍ଡ ଯିବାର ଖୁବ୍ ଇଚ୍ଛା ଥିଲା ଏବଂ ସୁଯୋଗ ମଧ୍ୟ ଘଟିଥିଲା; କିନ୍ତୁ ମୋର ଚିକିତ୍ସକମାନେ ଏତେ ଶୀଘ୍ର ମୋତେ କାର୍ଯ୍ୟରେ ଲାଗିବାକୁ ଦେବା ପାଇଁ ନାରାଜ । କାରଣ ଇଉରୋପକୁ ଯିବା ମାନେ କାର୍ଯ୍ୟରେ ଲାଗିବା, ତା'ନୁହେଁ କି ? ସେଠାରେ ଛୁଟି ମିଳେ, ରୁଟି ମିଳେ ନାହିଁ । ଏଠାରେ ଗେରୁଆ-ଲୁଗା ଖଣ୍ଡିକ ଯଥେଷ୍ଟ, ପ୍ରଚୁର ଖାଇବାକୁ ମିଳିବ । ଯାହା ହେଉ, ମୁଁ ବର୍ତ୍ତମାନ ବହୁପ୍ରତ୍ୟାଶିତ ବିଶ୍ରାମ ଉପଭୋଗ କରୁଛି; ଆଶା କରେ ଏଥିରେ ମୋର ଭଲ ହେବ ।

ତୁମର କାର୍ଯ୍ୟ କପରି ଚାଲୁଛି ? ଆନନ୍ଦରେ ନା ଦୁଃଖରେ ? ତୁମର କଅଣ ଇଚ୍ଛା ହୁଏ ନା ଯେ, ବେଶ୍ କେତେକ ବର୍ଷ କୌଣସି କାର୍ଯ୍ୟ ନ କରି ପରିପୂର୍ଣ୍ଣ ବିଶ୍ରାମ ନେବାକୁ ? ନିଦ୍ରା ଆହାର ବ୍ୟାୟାମ ଏବଂ ବ୍ୟାୟାମ ଆହାର ନିଦ୍ରା—ଆଉ କେତେମାସ ମୁଁ ଏହିପରି କଟାଇବାକୁ ଯାଉଛି । ମିଃ ଗୁଡ୍‌ଉଇନ୍ ମୋ ସଙ୍ଗରେ ଅଛନ୍ତି । ଭାରତୀୟ ପୋଷାକରେ ତୁମେ ଯଦି ତାଙ୍କୁ ଦେଖନ୍ତ ! ଖୁବ୍ ଶୀଘ୍ର ମସ୍ତକ ମୁଣ୍ଡନ କରି ତାଙ୍କୁ ଜଣେ ପୂର୍ଣ୍ଣ-ବିକଶିତ ସନ୍ନ୍ୟାସୀରେ ପରିଣତ କରିବାକୁ ଯାଉଛି ।

ତୁମେ ଏବେ ବି କିଛି କିଛି ଯୋଗାଭ୍ୟାସ କରୁଛ ନା, କଅଣ ? ସେଥିରେ କିଛି ଉପକାର ପାଇଛ କି ? ଖବର ପାଇଲି ମିଃ ମାର୍ଟିନ୍ ମରିଯାଇଛନ୍ତି । ମିସେସ୍ ମାର୍ଟିନ୍ କପରି ଅଛନ୍ତି—ତାଙ୍କୁ ମଝିରେ ମଝିରେ ଦେଖିବାକୁ ଯାଉଛ ତ ?

ମିସ୍ ନୋବଲ୍‌ଙ୍କୁ ତୁମେ ଚିହ୍ନ କି ? ତାଙ୍କୁ ତୁମେ କେବେ ଦେଖିଛ ? ଏଠାରେ ମୋର ଚିଠି ଶେଷ କରିବାକୁ ହେଉଛି, କାରଣ ବିରକ୍ତ ଗୋଟିଏ ଧୂଳି ଝଡ଼ ମୋ ଉପର ଦେଇ ବହିଯାଉଛି, ଲେଖିବା ଆଉ ସମ୍ଭବ ହେଉ ନାହିଁ । ଏ ସମସ୍ତ ତୁମର କର୍ମଫଳ, ସ୍ନେହର ମେରି, କାରଣ ମୋର ତ ଇଚ୍ଛା ଥିଲା—ତୁମକୁ କେତେ ଅଦ୍ଭୁତ ଘଟଣା ଲେଖିବି ଓ ମଜାର ଗଳ୍ପ କହିବି; ବର୍ତ୍ତମାନ ସେଗୁଡ଼ିକୁ ଭବିଷ୍ୟତ ପାଇଁ ଜମା ରଖିବାକୁ ହେବ, ଆଉ ତୁମକୁ ଅପେକ୍ଷା କରି ରହିବାକୁ ପଡ଼ିବ ।

ସତତ ପ୍ରଭୁସମୀପେ ତୁମମାନଙ୍କର, ବିବେକାନନ୍ଦ

**୩୫୭ଇଂ (ଭଗିନୀ ନିବେଦିତାଙ୍କୁ ଲିଖିତ)**

ଆଲମୋଡ଼ା, ୩ ଜୁନ ୧୮୯୭

କଲ୍ୟାଣୀୟା ମିସ୍ ନୋବଲ୍,

...ମୁଁ ନିଜେ ତ ବେଶ୍ ସନ୍ତୁଷ୍ଟ ଅଛି । ମୁଁ ଆମର ଅନେକ ସ୍ୱଦେଶବାସୀଙ୍କୁ ଜାଗ୍ରତ କରିଛି; ଆଉ ମୁଁ ତାହା ହିଁ ଚାହିଁଥିଲି । ଜଗତ୍ ଆପଣା ଧାରାରେ ଚାଲୁ ଏବଂ କର୍ମର ଗତି ଅପ୍ରତିରୁଦ୍ଧ ହେଉ । ଜଗତରେ ମୋର ଆଉ କୌଣସି ବନ୍ଧନ ନାହିଁ । ସଂସାର ସହିତ ମୋର ଯଥେଷ୍ଟ ପରିଚୟ ହୋଇଛି, ଏହାର ସବୁଟା ହିଁ ସ୍ୱାର୍ଥ-ପ୍ରଣୋଦିତ, ସ୍ୱାର୍ଥ ପାଇଁ ଜୀବନ, ସ୍ୱାର୍ଥ ପାଇଁ ପ୍ରେମ, ସ୍ୱାର୍ଥ ଲାଗି ମାନ, ସବୁକିଛି ସ୍ୱାର୍ଥ ପାଇଁ । ଅତୀତ ଆଡ଼କୁ ମୁଁ ଦୃଷ୍ଟିପାତ କରେ ଏବଂ ଦେଖିପାରେ, ମୁଁ ଏପରି କୌଣସି କାର୍ଯ୍ୟ କରି ନାହିଁ ଯାହା ସ୍ୱାର୍ଥ ପାଇଁ—ଏପରିକି ମୋର କୌଣସି ଅପକର୍ମ ମଧ୍ୟ ସ୍ୱାର୍ଥପ୍ରଣୋଦିତ ନୁହେଁ, ସୁତରାଂ ମୁଁ ସନ୍ତୁଷ୍ଟ ଅଛି । ଅବଶ୍ୟ ମୋର ଏପରି କିଛି ମନେହୁଏ ନାହିଁ ଯେ, ମୁଁ କୌଣସି ବିଶେଷ ଭଲ ବା ମହତ୍ କାର୍ଯ୍ୟ କରିଛି; କିନ୍ତୁ ଜଗତ୍‌ଟା ଅତି ତୁଚ୍ଛ, ସଂସାର ଅତି ଜଘନ୍ୟ ଏବଂ ଜୀବନଟା ଏତେ ହୀନ ଯେ, ଏହା ଭାବି ମୁଁ ଅବାକ୍ ହୋଇଯାଏ ଓ ହସ ମାଡ଼େ ଯେ, ଯୁକ୍ତିତ୍ରବଣ ମନ ଥିବା ସତ୍ତ୍ୱେ ମନୁଷ୍ୟ କପରି ଏହି ସ୍ୱାର୍ଥର, ଏହି ହୀନ ଓ ଜଘନ୍ୟ ପୁରସ୍କାରର ପଶ୍ଚାତ୍‌ରେ ଦଉଡ଼ିପାରେ ।

ଏହା ହିଁ ହେଲା ଖାଣ୍ଟି କଥା । ଆମ୍ଭେ ଗୋଟାଏ ଫାନ୍ଦଜାଲରେ ପଡ଼ିଯାଇଛୁ ଏବଂ

ଯେତେ ଶୀଘ୍ର କେହି ବାହାରି ଯାଇପାରେ, ସେତେ ମଙ୍ଗଳ । ମୁଁ ସତ୍ୟର ସାକ୍ଷାତ୍ ପାଇଛି; ବର୍ତ୍ତମାନ ଦେହଟା ଜୁଆର-ଭଟ୍ଟାରେ ଭାସିଚାଲୁ—କିଏ ମୁଣ୍ଡ ଖେଳାଏ ?

ମୁଁ ବର୍ତ୍ତମାନ ଯେଉଁଠି ଅଛି, ତାହା ଗୋଟିଏ ସୁନ୍ଦର ପର୍ବତୋଦ୍ୟାନ । ଉତ୍ତରରେ ପ୍ରାୟ ସମସ୍ତ ଦିଗ୍‌ଚକ୍ରବାଳକୁ ବେଷ୍ଟନ କରି ସ୍ତର ସ୍ତର ହୋଇ ଠିଆ ହୋଇଛି ତୁଷାର-ଶୃଙ୍ଗାବଳୀ ଆଉ ନିବିଡ଼ ବନରାଜି । ଏଠାରେ ସେପରି ଶୀତ ନାହିଁ, ଗରମ ମଧ୍ୟ ବେଶୀ ନୁହେଁ । ସକାଳ ଓ ସନ୍ଧ୍ୟାଗୁଡ଼ିକ ଅତ୍ୟନ୍ତ ମନୋରମ । ସାରା ଗ୍ରୀଷ୍ମକାଳଟା ଏଠାରେ ରହିବା ଉଚିତ୍ ଏବଂ ବର୍ଷା ଆରମ୍ଭ ହେଲେ ସମତଳ ଭୂମିକୁ ଯାଇ କାର୍ଯ୍ୟ କରିବାର ଇଚ୍ଛା ଅଛି ।

ଲୋକାଳୟଠାରୁ ଦୂରରେ—ନିଭୃତ ନୀରବରେ ପୋଥିପତ୍ର ନେଇ ପଢ଼ି ରହିବା ଭଳି ସଂସ୍କାର ଯେମିତି ମୁଁ ଜନ୍ମିଛି । କିନ୍ତୁ ମା'ଙ୍କର ଇଚ୍ଛା ଅନ୍ୟ ପ୍ରକାର; ତଥାପି ସଂସ୍କାରର ଅନୁବୃତ୍ତି ଚାଲିଛି । ଇତି

ତୁମମାନଙ୍କର, ବିବେକାନନ୍ଦ

**୩୫୭ଇ°** (ଜନୈକ ଆମେରିକାନ୍ ଭକ୍ତଙ୍କୁ ଲିଖିତ)

ଆଲମୋଡ଼ା, ୩ ଜୁନ ୧୮୯୭

ମୋ ପାଇଁ ତୁମମାନଙ୍କର ଚିନ୍ତିତ ହେବାର କିଛି ନାହିଁ । ମୋର ଦେହ ନାନା ପ୍ରକାର ରୋଗରେ ପୁନଃ-ପୁନଃ ଆକ୍ରାନ୍ତ ହେଉଛି ଏବଂ ସେହି କାଳ୍ପନିକ ପକ୍ଷୀବିଶେଷ (phoenix) ପରି ମୁଁ ପୁଣି ପୁନଃ-ପୁନଃ ଆରୋଗ୍ୟ ଲାଭ ମଧ୍ୟ କରୁଛି । ମୋର ଦେହ ଦୃଢ଼-ବଦ୍ଧ ବୋଲି ମୁଁ ଯେପରି ଶୀଘ୍ର ଆରୋଗ୍ୟ ଲାଭ କରିପାରେ, ସେହିଭଳି ପୁଣି ଅତିରିକ୍ତ ଶକ୍ତି ମୋ ଦେହରେ ରୋଗ ଆନୟନ କରେ । ସବୁବିଷୟରେ ହିଁ ମୁଁ ଚରମପନ୍ଥୀ—ଏପରିକି ମୋର ସ୍ୱାସ୍ଥ୍ୟ ସମ୍ପର୍କରେ ମଧ୍ୟ; ହୁଏତ ମୁଁ ଲୌହଦୃଢ଼ ବୃଷ ଭଳି ଅଦମ୍ୟ ବଳଶାଳୀ, ନଚେତ୍ ସମ୍ପୂର୍ଣ୍ଣ ଭଗ୍ନଦେହ···

ଅତିରିକ୍ତ ପରିଶ୍ରମ ଲାଗି ଏହି ରୋଗର ସୃଷ୍ଟି ହୋଇଥିଲା—ବିଶ୍ରାମ ନେବାରୁ ତାହା ପ୍ରାୟ ଦୂର ହୋଇଛି । ଦାର୍ଜିଲିଂରେ ଥିଲାବେଳେ ମୁଁ ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇଥିଲି; କିନ୍ତୁ ବର୍ତ୍ତମାନ ଆଲମୋଡ଼ାକୁ ଆସି ଆଉସବୁ ବିଷୟରେ ସୁସ୍ଥ ବୋଧ କରୁଥିଲେ ସୁଦ୍ଧା ମଝିରେ ମଝିରେ ଅଜୀର୍ଣ୍ଣ ରୋଗ ଭୋଗୁଛି ଏବଂ ତାହା ଆରୋଗ୍ୟ କରିବା ପାଇଁ 'Christian science' (ନିଜ ବିଶ୍ୱାସବଳରେ ରୋଗ ଆରୋଗ୍ୟ)-ର ମତାନୁଯାୟୀ ବିଶେଷ ଚେଷ୍ଟା ମଧ୍ୟ କରୁଛି । ଦାର୍ଜିଲିଂରେ କେବଳ ମାନସିକ ଚିକିତ୍ସା-ସହାୟତାରେ ହିଁ ମୁଁ ନିରୋଗ ହୋଇଥିଲି । ଆଉ ଏଠାରେ ମୋର ନିତ୍ୟକର୍ମ ହେଉଛି—ଯଥେଷ୍ଟ ପରିମାଣରେ ବ୍ୟାୟାମ କରିବା, ପାହାଡ଼ରେ ଉଠିବା, ବହୁଦୂରଯାଏ ଘୋଡ଼ାରେ ଚଢ଼ି ଦୌଡ଼ିବା ଏବଂ ତାହାପରେ ଆହାର ଓ ବିଶ୍ରାମ । ବର୍ତ୍ତମାନ ମୁଁ ପୂର୍ବାପେକ୍ଷା ଅନେକ ପରିମାଣରେ ସୁସ୍ଥ ବୋଧ କରୁଛି ଏବଂ ବେଶ୍ ଶକ୍ତି ମଧ୍ୟ ପାଉଛି । ଏହାପରେ ଯେତେବେଳେ ମୋ ସହିତ ଦେଖା ହେବ, ସେତେବେଳେ ମୋର ଚେହେରା ପହିଲମାନ୍‌ଭଳି ଦେଖିବାକୁ ପାଇବ ।

ତୁମେ କିପରି ଅଛ ଏବଂ କଅଣ କରୁଛ ଓ ମିସେସ୍ ଏଫ୍—ଙ୍କ ସମସ୍ତ କିପରି କହୁଛି ଜଣାଇବ । ବ୍ୟାଙ୍କର ଜମା କିଛି କିଛି ବଢ଼ାଉଛ ତ ? ମୋ ପାଇଁ ହେଲେ ସୁଦ୍ଧା ତାହା ତୁମକୁ କରିବାକୁ ହେବ । ଯଦି ଶେଷ ଯାଏ ମୋ ସ୍ୱାସ୍ଥ୍ୟ ଭାଙ୍ଗିପଡ଼େ, ତା'ହେଲେ ଏଠାରେ କାର୍ଯ୍ୟ ଏକଦମ୍ ବନ୍ଦ କରିଦେଇ ମୁଁ ଆମେରିକା ଚାଲିଯିବି । ସେତେବେଳେ ମୋତେ ଆହାର ଓ ଆଶ୍ରୟ ତୁମକୁ ଦେବାକୁ ହେବ—କଅଣ ପାରିବ ତ ? ଇତି

ବିବେକାନନ୍ଦ

**୩୬୮** (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଆଲମୋଡ଼ା, ୧୪ ଜୁନ ୧୮୯୭

ଅଭିନ୍ନହୃଦୟେଷୁ,

ଗୁଡ଼ୁର ଯେଉଁ ପତ୍ର ତୁମେ ପଠାଇଛ, ସେ ବିଷୟରେ ମୋର ସମ୍ପୂର୍ଣ୍ଣ ସହାନୁଭୂତି ଅଛି । ମହାରାଣୀଙ୍କୁ ଯେଉଁ address (ମାନପତ୍ର) ଦିଆଯିବ, ସେଥିରେ ଏହି କଥାଗୁଡ଼ିକ ରହିବା ଉଚିତ :

୧—ଯେପରି ଅତିରଞ୍ଜନ ନ ହୁଏ ଅର୍ଥାତ୍ 'ତୁମେ ଈଶ୍ୱରଙ୍କ ପ୍ରତିନିଧି' ଇତ୍ୟାଦି nonsense (ବାଜେ କଥା) ଯାହା ଆମ native (ନେଟିଭ)-ମାନଙ୍କର ସ୍ୱଭାବ ।

୨—ତାଙ୍କର ରାଜତ୍ୱକାଳରେ ସକଳ ଧର୍ମର ପ୍ରତିପାଳନ ହେଉଥିବାରୁ ଭାରତ-ବର୍ଷରେ ଓ ଇଂଲଣ୍ଡରେ ଆମେ ନିର୍ଭୟରେ ଆମର ବେଦାନ୍ତମତ ପ୍ରଚାର କରିବାକୁ ସକ୍ଷମ ହୋଇଛୁ ।

୩—ତାଙ୍କର ଦରିଦ୍ର ଭାରତବାସୀଙ୍କ ପ୍ରତି ଦୟା, ଯଥା—ଦୁର୍ଭିକ୍ଷରେ ସ୍ୱୟଂ ଦାନ ଦ୍ୱାରା ଇଂରେଜମାନଙ୍କୁ ଅପୂର୍ବ ଦାନରେ ଉତ୍ସାହିତ କରିବା ।

୪—ତାଙ୍କର ଦୀର୍ଘଜୀବନ ପ୍ରାର୍ଥନା ଓ ତାଙ୍କ ରାଜ୍ୟରେ ଉତ୍ତରୋତ୍ତର ପ୍ରଜାମାନଙ୍କର ସୁଖ-ସମୃଦ୍ଧି ପ୍ରାର୍ଥନା ।

ଶୁଦ୍ଧ ଇଂରାଜୀରେ ଲେଖି ମୋର ଆଲମୋଡ଼ାର ଠିକଣାରେ ପଠାଇବ । ମୁଁ ଦସ୍ତଖତ କରି ସିମଲାକୁ ପଠାଇବି । ସିମଲାକୁ କାହାକୁ ପଠାଇବାକୁ ହେବ, ଲେଖିବ । ଇତି

ବିବେକାନନ୍ଦ

ପୁଃ—ମଠରୁ ଶୁଦ୍ଧାନନ୍ଦ ମୋତେ ଯେଉଁ ସାପ୍ତାହିକ ପତ୍ର ଲେଖେ, ତହିଁର ଖଣ୍ଡିଏ ନକଲ୍ ଯେପରି ମଠରେ ରହେ । ଇତି —ବି.

**୩୬୯** (ସ୍ୱାମୀ ଅଖଣ୍ଡାନନ୍ଦଙ୍କୁ ଲିଖିତ)

ଆଲମୋଡ଼ା, ୧୫ ଜୁନ ୧୮୯୭

କଲ୍ୟାଣବରେଷୁ,

ତୁମର ସବିଶେଷ ସମ୍ବାଦ ପାଉଛି ଓ ଉତ୍ତରୋତ୍ତର ଆନନ୍ଦିତ ହେଉଛି । ଏହିଭଳି

କାର୍ଯ୍ୟଦ୍ୱାରା ହିଁ ଜଗତ୍‌କୁ ଜିଣି ହୁଏ । ମତମତାନ୍ତରରେ କ'ଣ ବା ଯାଏ ଆସେ ? ସାବାସ୍— ତୁମେ ମୋର ଲକ୍ଷ ଲକ୍ଷ ଆଲିଙ୍ଗନ ଆଶୀର୍ବାଦାଦି ଜାଣିବ । କର୍ମ, କର୍ମ, କର୍ମ, ହାମ୍ ଔର କୁଛ ନହି ମାଙ୍ଗତେ ହେଁ—କର୍ମ, କର୍ମ, କର୍ମ, even unto death (ମୃତ୍ୟୁ ପର୍ଯ୍ୟନ୍ତ) । ଦୁର୍ବଳଗୁଡ଼ାକ କର୍ମବୀର, ମହାବୀର ହେବାକୁ ପଡ଼ିବ—ଟଙ୍କା ଲାଗି ଭୟ ନାହିଁ, ଟଙ୍କା ଉଡ଼ି ଆସିବ । ଯେଉଁମାନଙ୍କର ଟଙ୍କା ନେବ, ସେମାନେ ନିଜ ନାମରେ ଦିଅନ୍ତୁ, କ୍ଷତି କ'ଣ ? କାହାର ନାମ—କି ବା ନାମ ? କିଏ ନାମ ଚାହେଁ ? ଦୂର କର ସେ ନାମକୁ । କ୍ଷୁଧିତର ପେଟରେ ଅନ୍ନ ପହଞ୍ଚାଇବା ପାଇଁ ଯଦି ନାମଧାମ ସବୁ ରସାତଳକୁ ବି ଯାଏ, ଅହୋଭାଗ୍ୟ-ମହୋଭାଗ୍ୟମ୍ ।··· ଭଲ ମୋର ଭାଇରେ, ଏହିପରି ଚାଲ । It is the heart, the heart that conquers, not the brain (ହୃଦୟ, କେବଳ ହୃଦୟ ହିଁ ଜୟୀ ହୋଇଥାଏ—ମସ୍ତିଷ୍କ ନୁହେଁ) । ପୋଥି-ପତ୍ର, ବିଦ୍ୟାସିଧ୍ୟା, ଯୋଗ ଧ୍ୟାନ ଜ୍ଞାନ—ପ୍ରେମ ନିକଟରେ ସବୁ ଧୂଳି ସମାନ—ପ୍ରେମରେ ହିଁ ଅଣିମାଦି ସିଦ୍ଧି, ପ୍ରେମରେ ଭକ୍ତି, ପ୍ରେମରେ ଜ୍ଞାନ, ପ୍ରେମରେ ହିଁ ମୁକ୍ତି । ଏହି ତ ପୂଜା, ନରନାରୀ-ଶରୀରଧାରୀ ପ୍ରଭୁଙ୍କର ପୂଜା, ଆଉ ଯାହା କିଛି 'ନେଦଂ ଯଦିଦମୁପାସତେ' । ଏହି ତ ଆରମ୍ଭ, ଏହିରୂପେ ଆମେ ଭାରତବର୍ଷ—ସାରା ପୃଥିବୀକୁ ଆଚ୍ଛନ୍ନ କରିଦେବା । ତା' ନ ହେଲେ କ'ଣ ପ୍ରଭୁଙ୍କ ମାହାତ୍ମ୍ୟ !

ଲୋକେ ଦେଖନ୍ତୁ, ଆମ ପ୍ରଭୁଙ୍କ ପାଦସ୍ପର୍ଶରେ ଲୋକେ ଦେବତ୍ୱ ପାଆନ୍ତି କି ନାହିଁ ! ଏହାର ନାମ ଜୀବନ୍ମୁକ୍ତି, ଯେତେବେଳେ ସମସ୍ତ 'ମୁଁ'— ସ୍ୱାର୍ଥ ଚାଲିଯାଇଛି ।

ବାହ୍ ବାହାଦୁର୍, ଗୁରୁଜୀଙ୍କ ଫତେ ! କ୍ରମେ ବିସ୍ତାରର ଚେଷ୍ଟା କର । ତୁମେ ଯଦି ଯାଉଛ କଲିକତାକୁ ଆସି ଆହୁରି କେତେଗୁଡ଼ିଏ ପିଲାଙ୍କୁ ନେଇ ଗୋଟିଏ ଫଣ୍ଡ ଉଠାଇ ସେମାନଙ୍କ ଭିତରୁ ଜଣେ ଦୁଇଜଣଙ୍କୁ ନେଇ କାମରେ ଲଗାଅ ଗୋଟିଏ ସ୍ଥାନରେ— ପୁଣି ଆଉ ଗୋଟିଏ ସ୍ଥାନକୁ ଯାଅ । ଏହିପରି ଭାବରେ ବିସ୍ତାର କର ଆଉ ସେମାନଙ୍କୁ ତୁମେ inspect (ତତ୍ତ୍ୱାବଧାନ) କରି ବୁଲ—କ୍ରମେ ଦେଖିବ ଯେ, ଏହି କାର୍ଯ୍ୟଟି permanent (ସ୍ଥାୟୀ) ହେବ—ସଙ୍ଗେ ସଙ୍ଗେ ଧର୍ମ ଓ ବିଦ୍ୟାପ୍ରଚାର ଆପଣା ଛାଏଁ ହେବ । ମୁଁ କଲିକତାକୁ ବିଶେଷ ଭାବରେ ଲେଖିଛି । ଏହିଭଳି କାର୍ଯ୍ୟ କଲେ ମୁଁ ମୁଣ୍ଡରେ ଥୋଇ ନାଚିବି—ବାହ୍ ବାହାଦୁର୍ ! କ୍ରମେ ଦେଖିବ ଗୋଟାଏ ଗୋଟାଏ ଡିଷ୍ଟ୍ରିକ୍ଟ (ଜିଲ୍ଲା) ଗୋଟିଏ ଗୋଟିଏ centre (କେନ୍ଦ୍ର) ହେବ—permanent (ସ୍ଥାୟୀ) । ମୁଁ ଶୀଘ୍ର plain (ସମଭୂମି)-କୁ ଯାଉଛି । ବୀର ମୁଁ, ଯୁଦ୍ଧ-କ୍ଷେତ୍ରରେ ମରିବି, ଏଠାରେ ସ୍ତ୍ରୀଲୋକଙ୍କ ଭଳି ବସିରହିବା କ'ଣ ଶୋଭା ପାଏ । ଇତି

ତୁମମାନଙ୍କର ଚିରପ୍ରେମାବଦ୍ଧ, ବିବେକାନନ୍ଦ

**୩୬୦ଇଂ** (ଭଗିନୀ ନିବେଦିତାଙ୍କୁ ଲିଖିତ)

ଆଲମୋଡ଼ା, ୨୦ ଜୁନ୍ ୧୮୯୭

ସ୍ନେହର ମିସ୍ ନୋବଲ୍ ,

…ତୁମକୁ ଅକପଟ ଭାବରେ ଜଣାଉଛି ଯେ, ତୁମର ପ୍ରତ୍ୟେକଟି କଥା ମୋ ନିକଟରେ

ମୂଲ୍ୟବାନ୍ ଏବଂ ପ୍ରତ୍ୟେକଟି ଶଠି ମୋତେ ବହୁ ଆନନ୍ଦ ଦିଏ । ଯେତେବେଳେ ଇଚ୍ଛା ଓ ସୁଯୋଗ ହେବ, ସେତେବେଳେ ହିଁ ତୁମେ ନିଃସଙ୍କୋଚରେ ଲେଖିବ ଏବଂ ଜାଣିରଖ ଯେ, ତୁମର ଗୋଟିଏ ହେଲେ କଥା ମୁଁ ଭୁଲ୍ ବୁଝିବି ନାହିଁ, ଗୋଟିଏ କଥାକୁ ମଧ୍ୟ ଉପେକ୍ଷା କରିବି ନାହିଁ । ମୁଁ ଦୀର୍ଘକାଳ ଧରି କାର୍ଯ୍ୟର କୌଣସି ଖବର ପାଇ ନାହିଁ । ତୁମେ ମୋତେ କିଛି ଜଣାଇପାର କି ? ଭାରତରେ ମୋତେ କେନ୍ଦ୍ର କରି ଯେତେ ମତାମତ କରନ୍ତୁ ନା କାହିଁକି, ମୁଁ ଏଠାରେ କୌଣସି ସାହାଯ୍ୟର ଆଶା ରଖେ ନାହିଁ । ଏମାନେ ଏତେ ଦରିଦ୍ର !

ତେବେ ମୁଁ ନିଜେ ମଧ୍ୟ ଯେଉଁ ଭାବରେ ଶିକ୍ଷାଲାଭ କରିଥିଲି, ଠିକ୍ ସେହି ଭାବରେ ହିଁ ଗଛତଳ ଆଶ୍ରୟ କରି ଏବଂ କୌଣସି ପ୍ରକାରେ ଅନ୍ନବସ୍ତ୍ରର ବ୍ୟବସ୍ଥା କରି କାମ ଆରମ୍ଭ କରିଦେଇଛି । କାର୍ଯ୍ୟର ଧାରା ମଧ୍ୟ କିଛିଟା ବଦଳିଛି । ମୋର କେତୋଟି ପିଲାଙ୍କୁ ଦୁର୍ଭିକ୍ଷ-ପୀଡ଼ିତ ଅଞ୍ଚଳକୁ ପଠାଇଛି । ଏଥିରେ କାଉଁରିମନ୍ତ୍ର ଭଳି କାର୍ଯ୍ୟ ହୋଇଛି । ମୁଁ ଦେଖିପାରୁଛି—ଅଉ ମୋର ଚିରକାଳ ଏହି ଧାରଣା ଥିଲା ଯେ—ହୃଦୟ, କେବଳ ହୃଦୟ ମଧ୍ୟ ଦେଇ ସମସ୍ତଙ୍କର ମର୍ମସ୍ଥଳ ସ୍ପର୍ଶ କରାଯାଇପାରେ । ସୁତରାଂ ବର୍ତ୍ତମାନ ପରିକଳ୍ପନା ଏହି ଯେ, ବହୁସଂଖ୍ୟକ ଯୁବକଙ୍କୁ ଗଢ଼ିବାକୁ ହେବ—(ଉଚ୍ଚଶ୍ରେଣୀକୁ ନେଇ ଆରମ୍ଭ କରିବି, ନିମ୍ନଶ୍ରେଣୀକୁ ନେଇ ନୁହେଁ; ସେମାନଙ୍କ ଲାଗି ମୋତେ କିଛିଦିନ ଅପେକ୍ଷା କରିବାକୁ ହେବ)—ଏବଂ କୌଣସି ଗୋଟିଏ ଜିଲାକୁ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ପଠାଇଦେଇ ମୋର ପ୍ରଥମ ଅଭିଯାନ ଆରମ୍ଭ କରିବି । ଧର୍ମରାଜ୍ୟର ଏହି ଅଗ୍ରଗାମୀ କର୍ମୀଗଣ ଯେତେବେଳେ ପଥ ପରିଷ୍କାର କରିଦେବେ, ସେତେବେଳେ ତତ୍ତ୍ୱ ଓ ଦର୍ଶନ କହିବାର ସମୟ ଆସିବ ।

କେତେଜଣ ପିଲା ଏଥିମଧ୍ୟରେ ଶିକ୍ଷା ପାଉଛନ୍ତି; କିନ୍ତୁ କାର୍ଯ୍ୟ ପାଇଁ ଯେଉଁ ଜୀର୍ଣ୍ଣ ଆଶ୍ରୟଟି* ଆମେ ପାଇଥିଲୁ, ତାହା ବିଗତ ଭୂମିକମ୍ପରେ ଭାଙ୍ଗିଯାଇଛି; ତେବେ ରକ୍ଷା ଏତିକି ଯେ ସେଇଟା ଭଡ଼ାଘର ଥିଲା । ଯାହା ହେଉ, ଭାବିବାର କିଛି ନାହିଁ; ବିପତ୍ତି ଓ ନିରାଶ୍ରୟତା ମଧ୍ୟରେ କାର୍ଯ୍ୟ ଚଳାଇ ନେବାକୁ ହେବ । ଏପର୍ଯ୍ୟନ୍ତ ଆମର ସମ୍ବଳ କେବଳ ମୁଣ୍ଡିତ ମସ୍ତକ, ଛିଣ୍ଡାଲୁଗା ଓ ଅନିଶ୍ଚିତ ଆହାର । କିନ୍ତୁ ଏହି ପରିସ୍ଥିତିର ପରିବର୍ତ୍ତନ ଆବଶ୍ୟକ ଏବଂ ପରିବର୍ତ୍ତନ ମଧ୍ୟ ନିଶ୍ଚୟ ହେବ; କାରଣ ଆମେ ମନ-ପ୍ରାଣ ଦେଇ ଏହି କାର୍ଯ୍ୟରେ ଲାଗିଥାଉଁ ।...

ଏହା ଅବଶ୍ୟ ସତ୍ୟ ଯେ, ଏ ଦେଶର ଲୋକଙ୍କର କିଛି ତ୍ୟାଗ କରିବାର ନାହିଁ କହିଲେ ଚଳେ, ତଥାପି ତ୍ୟାଗ ଆମର ମଜ୍ଜାଗତ । ଯେଉଁସବୁ ପିଲା ଏ ଶିକ୍ଷା ପାଉଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ଗୋଟିଏ ଜିଲାର ଭାରପ୍ରାପ୍ତ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର୍ ଥିଲା । ଭାରତରେ ଏହା ଗୋଟିଏ ଉଚ୍ଚପଦ । ସେ କୁଟାଭଳି ତାହାକୁ ତ୍ୟାଗ କରିଛି ।... ମୋର ଅସୀମ ପ୍ରୀତି ଜାଣିବ । ଇତି

ତୁମମାନଙ୍କର ସତତ୍ୟାବଦ୍ଧ, ବିବେକାନନ୍ଦ

---

* ଆଲମ୍‌ବଜାର ମଠ

୩୭୧ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଆଲମୋଡ଼ା, ୨୦ ଜୁନ, ୧୮୯୭

ଅଭିନ୍ନହୃଦୟେଷୁ,

ତୁମ ଶରୀର ପୂର୍ବାପେକ୍ଷା ଭଲ ଅଛି ଶୁଣି ଖୁସୀ ହେଲି । ଯୋଗେନ୍ ଭାଇଙ୍କର କଥାବାର୍ତ୍ତା ! ସେ ତ ସଠିକ୍ କିଛି କହନ୍ତି ନାହିଁ; ଏଣୁ ସେସବୁ ଶୁଣି ମୁଁ କୌଣସି ଚିନ୍ତା କରେ ନାହିଁ । ମୁଁ ଭଲ ହୋଇ ଉଠିଲିଣି । ଦେହରେ ଜୋର୍ ମଧ୍ୟ ଖୁବ୍; ଶୋଷ ନାହିଁ, ଆଉ ରାତିରେ ଉଠି ପ୍ରସ୍ରାବ କରିବା ବନ୍ଦ ।··· ଅଣ୍ଟା ବିନ୍ଧିବା ନାହିଁ; ଲିଭର୍ ମଧ୍ୟ ଭଲ । ଶଶୀର ଔଷଧରେ କଅଣ ଫଳ ହେଲି ବୁଝିପାରିଲି ନାହିଁ—କାର୍ଯ୍ୟତଃ ବନ୍ଦ । ଅମ୍ବ ଖୁବ୍ ଖିଆଯାଉଛି । ଘୋଡ଼ାଚଢ଼ାରେ ବେଶ୍ ଅଭ୍ୟସ୍ତ ହୋଇଛି—କୋଡ଼ିଏ ତିରିଶ ମାଇଲ୍ ଏକା ଦୌଡ଼ିକେ ଯାଇ ମଧ୍ୟ କିଛିମାତ୍ର କଷ୍ଟ ବା exhaustion (ଅବସାଦ) ହୁଏ ନାହିଁ । ଦୁଧ ଏକଦମ୍ ବନ୍ଦ କରିଛି—ପେଟ ବଡ଼ ହେବା ଭୟରେ । କାଲି ଆଲମୋଡ଼ାକୁ ଆସିଛି । ଆଉ ବଗିଚାକୁ ଯିବି ନାହିଁ ।··· ଘର ଭଡ଼ା ଯାହା କରିବା କଥା କରିବ; ଏଥିରେ ଆଉ ଏତେ ପଚରା ପଚରି କଅଣ କରୁଛ !

ଶୁଦ୍ଧାନନ୍ଦ ଲେଖୁଛି—କଅଣ ଗୋଟାଏ Ruddock's Practice of Medicine ପାଠ ହେଉଛି । ସେସବୁ କଅଣ nonsense (ଅସାର ଜିନିଷ) କ୍ଲାସ୍‌ରେ ପଢ଼ାଯାଉଛି ? ଗୋଟିଏ ସେଟ୍ Physics (ପଦାର୍ଥବିଦ୍ୟା) ଆଉ Chemistry (ରସାୟନ)-ର ସାଧାରଣ ଯନ୍ତ୍ର ଓ ଗୋଟିଏ telescope (ଦୂରବୀକ୍ଷଣ) ଓ ଗୋଟିଏ microscope (ଅଣୁବୀକ୍ଷଣ) ୧୫୦ । ୨୦୦ ଟଙ୍କା ମଧ୍ୟରେ ସବୁ ହେବ । ଶଶୀବାବୁ ସପ୍ତାହରେ ଦିନେ ଆସି Chemistry practical (ଫଳିତ ରସାୟନ) ଉପରେ ଲେକଚର ଦେଇପାରନ୍ତି ଓ ହରିପ୍ରସନ୍ନ Physics ଇତ୍ୟାଦି ଉପରେ । ଆଉ ବଙ୍ଗଳା ଭାଷାରେ ଯେଉଁସବୁ ଉତ୍ତମ Scientific (ବିଜ୍ଞାନ-ସମ୍ବନ୍ଧୀୟ) ପୁସ୍ତକ ଅଛି ସେସବୁ କିଣିବ ଓ ପାଠ କରାଇବ । କିମଧିକମିତି

ବିବେକାନନ୍ଦ

୩୭୨ଇଂ (କଲମ୍ବୋର ମିଷ୍ଟର୍ ଟି. ଶୋକନାଥଙ୍କୁ ଲିଖିତ)*

ଆଲମୋଡ଼ା, ୩୦ ଜୁନ ୧୮୯୭

ପ୍ରିୟ ବନ୍ଧୁ,

ସିଂହଳରେ (ଅଧୁନା ଶ୍ରୀଲଙ୍କା) ଥିବାବେଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲି, ସେହି ଅନୁସାରେ ପତ୍ରବାହକ ସ୍ୱାମୀ ଶିବାନନ୍ଦଙ୍କୁ ସେଠାକୁ ପଠାହେଲା । ଯେଉଁ କାମ ତାଙ୍କ ତତ୍ତ୍ୱାବଧାନରେ ନ୍ୟସ୍ତ ହେବ ସେ ତା'ର ବିଶେଷ ଉପଯୁକ୍ତ, ଅବଶ୍ୟ ଆପଣଙ୍କର ସହୃଦୟ ସହାୟତା ପାଇଲେ ।

* କଲମ୍ବୋର ରାମକୃଷ୍ଣ ମିଶନ୍ କର୍ତ୍ତୃକ ପ୍ରକାଶିତ 'ବିବେକାନନ୍ଦ : ଦି ପ୍ରଫେଟ୍ ଅଫ୍ ଦି ନିଉ ଏଜ୍'-ର ଅନ୍ତର୍ଭୁକ୍ତ ପ୍ରତିଲିପିରୁ ଗୃହୀତ ।

ଆଶା କରୁଛି, ଆପଣ ତାଙ୍କୁ ସିଂହଳର ଅନ୍ୟାନ୍ୟ ବନ୍ଧୁମାନଙ୍କ ସହିତ ପରିଚିତ କରାଇଦେବେ । ଇତି

ସତତ ପ୍ରଭୁଙ୍କ ସମୀପରେ ଆପଣଙ୍କର, ବିବେକାନନ୍ଦ

**୩୬୩** (ଶ୍ରୀଶରଚ୍ଚନ୍ଦ୍ର ଚକ୍ରବର୍ତ୍ତୀଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ
[ ମୂଳ ସଂସ୍କୃତରେ ଲିଖିତ ]

ଆଲମୋଡ଼ା, ୩ ଜୁଲାଇ ୧୮୯୭

ଯସ୍ୟ ବୀର୍ଯେଣ କୃତିନୋ ବୟଂ ଚ ଭୁବନାନି ଚ ।
ରାମକୃଷ୍ଣଂ ସଦା ବନ୍ଦେ ଶର୍ବଂ ସ୍ୱତନ୍ତ୍ରମୀଶ୍ୱରମ ॥

—'ଯାହାଙ୍କ ଶକ୍ତିରେ ଆମେମାନେ ଏବଂ ସମୁଦାୟ ଜଗତ୍ କୃତାର୍ଥ, ସେହି ଶିବସ୍ୱରୂପ ସ୍ୱାଧୀନ ଈଶ୍ୱର ଶ୍ରୀରାମକୃଷ୍ଣଙ୍କୁ ମୁଁ ସଦା ବନ୍ଦନା କରେ ।'

ହେ ଆୟୁଷ୍ମାନ୍ ଶରଚ୍ଚନ୍ଦ୍ର, ଯେଉଁ ସବୁ ଶାସ୍ତ୍ରକାର ଉଦ୍ୟୋଗଶୀଳ ନୁହନ୍ତି, ସେମାନେ କହନ୍ତି ଭଗବତ୍-ଇଚ୍ଛା ହିଁ ପ୍ରବଳ, ସେ ଯାହା କରନ୍ତି ତାହା ହିଁ ହୁଏ; ଆଉ ଯେଉଁମାନେ ଉଦ୍ୟୋଗୀ ଓ କର୍ମକୁଶଳ, ସେମାନେ ପୁରୁଷକାରକୁ ହିଁ ଶ୍ରେଷ୍ଠ ମନେକରନ୍ତି । ଏହି ଯେ କେହି ପୁରୁଷକାରକୁ ଦୁଃଖ-ପ୍ରତିକାରର ଉପାୟ ବୋଲି ମନେକରି ସେହି ବଳ ଉପରେ ନିର୍ଭର କରନ୍ତି, ପୁଣି କେହି କେହି ବା ଦୈବବଳ ଉପରେ ନିର୍ଭର କରନ୍ତି, ସେମାନଙ୍କର ବିବାଦ କେବଳ ଅଜ୍ଞାନଜନିତ, ଏହା ଜାଣି ତୁମେ ଜ୍ଞାନରୂପକ ଗିରିବରର ସର୍ବୋଚ୍ଚ ଶିଖରରେ ଆରୋହଣ ଲାଗି ଯତ୍ନ କର ।

'ବିପଦ ହିଁ ତତ୍ତ୍ୱଜ୍ଞାନର କଷଟିପଥର-ସ୍ୱରୂପ'—ଏତଦ୍ଦେଶୀୟ ଶାସ୍ତ୍ରରେ ଏହି ଯେଉଁ ବାକ୍ୟ କଥିତ ହୋଇଛି, 'ତତ୍ତ୍ୱମସି'-ଜ୍ଞାନ ସମ୍ବନ୍ଧରେ ମଧ୍ୟ ସେହି କଥା ଶହ ଶହ ବାର କୁହାଯାଇପାରେ । ଏହା ହିଁ (ଅର୍ଥାତ୍, ବିପଦରେ ଅବିଚଳିତ ଭାବ ହିଁ) ବୈରାଗ୍ୟର ଲକ୍ଷଣ ।

ସେ ଧନ୍ୟ, ଯାହାଙ୍କ ଜୀବନରେ ଏହାର ଲକ୍ଷଣସମୂହ ପ୍ରକାଶ ପାଇଛି । ତୁମକୁ ଭଲ ନ ଲାଗିଲେ ମଧ୍ୟ ମୁଁ ସେହି ପ୍ରାଚୀନ ଉକ୍ତି ତୁମକୁ କହୁଛି, 'କିଛି ସମୟ ଅପେକ୍ଷା କର ।' ଅନେକ ମାରି ମାରି ଶ୍ରମ ହୋଇଛି, ଏକ୍ଷଣି ତାହା ଉପରେ ନିର୍ଭର କରି କିଛିକ୍ଷଣ ବିଶ୍ରାମ କର; ସ୍ରୋତର ବେଗ ହିଁ ନୌକାକୁ କୂଳକୁ ନେଇଯିବ । ଏଥିପାଇଁ କୁହାଯାଇଛି, 'ଯୋଗରେ ସିଦ୍ଧି ହେଲେ କ୍ରମେ ଅନ୍ତରରେ ଆପଣା ଛଡ଼ା ସେହି ଜ୍ଞାନର ପ୍ରକାଶ ହୋଇଥାଏ ।' ଆଉ ଏହି ଯେ କଥିତ ହୋଇଛି, 'ଧନ ବା ସନ୍ତାନ ଦ୍ୱାରା ଅମରତ୍ୱ ଲାଭ ହୁଏ ନାହିଁ, କିନ୍ତୁ ଏକମାତ୍ର ତ୍ୟାଗ ଦ୍ୱାରା ହିଁ ଅମରତ୍ୱ ଲାଭ ହୁଏ'; ଏଠାରେ 'ତ୍ୟାଗ' ଶବ୍ଦ ଦ୍ୱାରା ବୈରାଗ୍ୟକୁ ଲକ୍ଷ୍ୟ କରାଯାଇଛି । ସେହି ବୈରାଗ୍ୟ ଦୁଇପ୍ରକାର ହୋଇପାରେ—ହୁଏତ ବସ୍ତୁଶୂନ୍ୟ ବା ଅଭାବାତ୍ମକ, ନୋହିଲେ ବସ୍ତୁଭୂତ ବା ଭାବାତ୍ମକ । ଯଦି ବୈରାଗ୍ୟ ଅଭାବାତ୍ମକ ହୁଏ, ତେବେ ଜୀର୍ଣ୍ଣ-ମସ୍ତିଷ୍କ ବ୍ୟକ୍ତି ଭିନ୍ନ କେହିହେଲେ ତାହା ଲାଭ କରିବା ପାଇଁ ଯତ୍ନ କରିବେ ନାହିଁ । ଆଉ ଯଦି ବୈରାଗ୍ୟ ଭାବାତ୍ମକ ହୁଏ, ତେବେ ତ୍ୟାଗର ଅର୍ଥ ଅନ୍ୟବସ୍ତୁସମୂହରୁ ମନକୁ ଟାଣିଆଣି ଈଶ୍ୱର ବା

ଆତ୍ମାରେ ସଂଲଗ୍ନ କରିବା । ଯେ ସର୍ବେଶ୍ୱର, ସେ ବ୍ୟକ୍ତିବିଶେଷ ହୋଇ ନ ପାରନ୍ତି, ସେ ସକଳର ସମଷ୍ଟିସ୍ୱରୂପ । ବୈରାଗ୍ୟବାନ୍ ବ୍ୟକ୍ତିଙ୍କ ନିକଟରେ ଆତ୍ମା କହିଲେ ଜୀବାତ୍ମା ବୁଝାଏ ନାହିଁ, କିନ୍ତୁ ସର୍ବବ୍ୟାପୀ, ସର୍ବାନ୍ତର୍ଯ୍ୟାମୀ—ସମସ୍ତଙ୍କ ଅନ୍ତରାତ୍ମାରୂପେ ଅବସ୍ଥିତ ସର୍ବେଶ୍ୱର ହିଁ ବୁଝିବାକୁ ହେବ । ସେ ସମଷ୍ଟିରୂପରେ ସମସ୍ତଙ୍କର ପ୍ରତ୍ୟକ୍ଷ । ଅତଏବ ଯେତେବେଳେ ଜୀବ ଓ ଈଶ୍ୱର ସ୍ୱରୂପତଃ ଅଭିନ୍ନ, ସେତେବେଳେ ଜୀବର ସେବା ଓ ଈଶ୍ୱରଙ୍କଠାରେ ପ୍ରେମ ଉଭୟ ଏକ । ବିଶେଷତଃ, ଜୀବକୁ ଜୀବବୁଦ୍ଧିରେ ଯେଉଁ ସେବା କରାଯାଏ ତାହା ଦୟା, ପ୍ରେମ ନୁହେଁ; ଏବଂ ଆତ୍ମବୁଦ୍ଧିରେ ଜୀବର ଯେଉଁ ସେବା କରାଯାଏ ତାହା ପ୍ରେମ । ଆତ୍ମା ଯେ ସକଳଙ୍କର ପ୍ରେମାସ୍ପଦ ତାହା ଶ୍ରୁତି, ସ୍ମୃତି, ପ୍ରତ୍ୟକ୍ଷ, ସର୍ବପ୍ରକାର ପ୍ରମାଣ ଦ୍ୱାରା ହିଁ ଜଣାଯାଉଛି । ··· ଏଥିପାଇଁ ଭଗବାନ ଶ୍ରୀଚୈତନ୍ୟ ଯେ ଈଶ୍ୱରଙ୍କଠାରେ ପ୍ରେମ ଓ ଜୀବପ୍ରତି ଦୟା କରିବାକୁ ଉପଦେଶ ଦେଇଥିଲେ, ତାହା ଯୁକ୍ତିଯୁକ୍ତ । ସେ ଦ୍ୱୈତବାଦୀ ଥିଲେ; ଅତଏବ ତାଙ୍କର ଏହି ସିଦ୍ଧାନ୍ତ—ଯାହା ଜୀବ ଓ ଈଶ୍ୱରଙ୍କ ମଧ୍ୟରେ ଭେଦ ସୂଚନା କରେ—ତାହା ସମୀଚୀନ ହିଁ ହୋଇଛି । ଅଦ୍ୱୈତନିଷ୍ଠ ଆମମାନଙ୍କର କିନ୍ତୁ ଜୀବବୁଦ୍ଧି ବନ୍ଧନର କାରଣ । ଅତଏବ ଆମର ଅବଲମ୍ବନ—ପ୍ରେମ, ଦୟା ନୁହେଁ । ଜୀବରେ ପ୍ରଯୁକ୍ତ 'ଦୟା' ଶବ୍ଦ ମଧ୍ୟ ଆମର ବୋଧହୁଏ ଜୋର୍ କରି କୁହାଯାଏ । ଆମେ ଦୟା କରୁ ନାହିଁ, ସେବା କରୁ । କାହାରିକୁ ଦୟା କରୁଛୁ, ଏହି ଅନୁଭବ ଆମର ନାହିଁ, ତତ୍ପରିବର୍ତ୍ତେ ଆମେ ସମସ୍ତଙ୍କ ଭିତରେ ପ୍ରେମାନୁଭୂତି ଓ ଆତ୍ମାନୁଭବ କରିଥାଉଁ ।

ହେ ଶର୍ମନ୍ (ବ୍ରାହ୍ମଣ), ସେହି ବୈରାଗ୍ୟରୂପକ ପ୍ରେମାନୁଭବ, ଯହିଁରେ ସମସ୍ତ ବୈଷମ୍ୟର ସମତା ସାଧିତ ହୁଏ, ଯାହାଦ୍ୱାରା ଭବରୋଗ ଆରୋଗ୍ୟ ହୁଏ, ଯାହାଦ୍ୱାରା—ଏହି ଜଗତରେ (ମାନବ ଜୀବନରେ)ଅବଶ୍ୟମ୍ଭାବୀ ତ୍ରିତାପ ନାଶ ହୁଏ, ଯାହାଦ୍ୱାରା ସମୁଦାୟ ବସ୍ତୁର ପ୍ରକୃତ ସ୍ୱରୂପ ବୁଝିହୁଏ, ଯାହାଦ୍ୱାରା ମାୟାରୂପକ ଅନ୍ଧକାର ଏକାବେଳକେ ନାଶ ହୋଇଯାଏ, ଯାହାଦ୍ୱାରା ଆବ୍ରହ୍ମସ୍ତମ୍ବ ସମୁଦାୟ ଜଗତ୍‌କୁ ହିଁ ଆତ୍ମସ୍ୱରୂପ ବୋଲି ବୋଧହୁଏ, ତାହା ହିଁ ତୁମର କଲ୍ୟାଣ ଲାଗି ତୁମ ହୃଦୟରେ ଉଦିତ ହେଉ । ଏହା ହିଁ ତୁମପ୍ରତି ଚିର-ପ୍ରେମରେ ଆବଦ୍ଧ ବିବେକାନନ୍ଦ ଈଶ୍ୱରଙ୍କ ପ୍ରାର୍ଥନା କରୁଛି ।

**୩୭୪ଇଂ** (ଭଗିନୀ ନିବେଦିତାଙ୍କୁ ଲିଖିତ)

ଅଲମୋଡ଼ା, ୪ ଜୁଲାଇ ୧୮୯୭

ପ୍ରିୟ ମିସ୍ ନୋବଲ୍,

ଆଶ୍ଚର୍ଯ୍ୟର କଥା, ଆଜିକାଲି ଇଂଲଣ୍ଡରୁ ମୋ ଉପରେ ଭଲ ଓ ମନ୍ଦ ଦୁଇପ୍ରକାର ପ୍ରଭାବର କ୍ରିୟା ଚାଲିଛି; ମାତ୍ର ତୁମର ଚିଠିଗୁଡ଼ିକ ଉତ୍ସାହର ଆଲୋକରେ ପୂର୍ଣ୍ଣ ଏବଂ ସେଗୁଡ଼ିକ ମୋ ହୃଦୟରେ ବଳ ଓ ଆଶାର ସଞ୍ଚାର କରେ ଏବଂ ମୋର ବର୍ତ୍ତମାନ ଏହା ଅତ୍ୟନ୍ତ ଆବଶ୍ୟକ । ପ୍ରଭୁ ହିଁ ଜାଣନ୍ତି ।

ମୁଁ ଯଦିଓ ବର୍ତ୍ତମାନ ହିମାଳୟରେ ଅଛି ଏବଂ ଅନ୍ତତଃ ଆଉ ମାସେ ରହିବି, ମୁଁ ଆସିବା ଆଗରୁ ହିଁ କଲିକତାରେ କାର୍ଯ୍ୟ ଆରମ୍ଭ କରିଦେଇ ଆସିଛି ଏବଂ ପ୍ରତି ସପ୍ତାହରେ

କାର୍ଯ୍ୟର ବିବରଣ ପାଉଛୁ ।

ବର୍ତ୍ତମାନ ମୁଁ ଦୁର୍ଭିକ୍ଷର କାର୍ଯ୍ୟରେ ବ୍ୟସ୍ତ ଅଛି ଏବଂ କେତେଜଣ ଯୁବକଙ୍କୁ ଭବିଷ୍ୟ କାର୍ଯ୍ୟ ଲାଗି ଗଢ଼ିନେବା ଛଡ଼ା ଶିକ୍ଷାକାର୍ଯ୍ୟରେ ଅଧିକ ଶକ୍ତି ପ୍ରୟୋଗ କରିପାରି ନାହିଁ । ଅନ୍ନ-ସଂସ୍ଥାନ ଦିଗରେ ମୋର ସମସ୍ତ ଶକ୍ତି ଓ ସମ୍ବଳ ନିଃଶେଷ ହୋଇଯାଇଛି । ଆଉ ଯଦିଓ ଏପର୍ଯ୍ୟନ୍ତ ଅତି ସାମାନ୍ୟ ଭାବରେ କାର୍ଯ୍ୟ କରିପାରିଛି, ତଥାପି ଅପ୍ରତ୍ୟାଶିତ ଫଳ ଦେଖା-ଯାଉଛି । ବୁଦ୍ଧଙ୍କ ପରେ ପୁଣି ଏହି ପ୍ରଥମ ଦେଖାଯାଉଛି ଯେ, ବ୍ରାହ୍ମଣ-ସନ୍ତାନମାନେ ଅନ୍ତ୍ୟଜ ବିସୂଚିକା-ରୋଗୀର ଶଯ୍ୟା ପାର୍ଶ୍ୱରେ ସେବାରେ ନିରତ ରହିଛନ୍ତି ।

ଭାରତରେ ବକ୍ତୃତା ଓ ଅଧ୍ୟାପନାରେ ବେଶୀ କାର୍ଯ୍ୟ ହେବ ନାହିଁ । ବର୍ତ୍ତମାନ ପ୍ରୟୋଜନ ଦକ୍ରିୟ ଧର୍ମର । ଆଉ ମୁସଲମାନମାନଙ୍କ କଥାରେ କହିବାକୁ ଗଲେ 'ଖୋଦାଙ୍କ ମର୍ଜି ହେଲେ'—ମୁଁ ତାହା ହିଁ ଦେଖାଇବାକୁ ବଦ୍ଧପରିକର ।··· ମୁଁ ତୁମମାନଙ୍କ ସମିତିର କାର୍ଯ୍ୟପ୍ରଣାଳୀ ସହିତ ସମ୍ପୂର୍ଣ୍ଣ ଏକମତ ଏବଂ ଭବିଷ୍ୟତରେ ତୁମେ ଯାହା କରନା କାହିଁକି ତୁମେ ଧରିନେଇପାର ଯେ, ସେଥିରେ ମୋର ସମ୍ମତି ରହିବ । ତୁମର କ୍ଷମତା ଓ ସହାନୁଭୂତି ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଅଛି । ଇତିମଧ୍ୟରେ ମୁଁ ତୁମ ନିକଟରେ ଅଶେଷ ଋଣରେ ଋଣୀ ଏବଂ ପ୍ରତିଦିନ ତୁମେ ମୋର ଋଣ-ଭାର ବଢ଼ାଇ ଚାଲିଛ । ଏଇଟିକିକ ମୋର ସାନ୍ତ୍ୱନା ଯେ, ଏ ସମସ୍ତ ପର ପାଇଁ । ନବୁବା ଉଇମ୍ବଲ୍‌ଡନ୍‌ର ବନ୍ଧୁମାନେ ମୋ ପ୍ରତି ଯେଉଁ ଅପୂର୍ବ ଅନୁଗ୍ରହ ପ୍ରକାଶ କରିଛନ୍ତି, ମୁଁ ଆଦୌ ତାହାର ଉପଯୁକ୍ତ ନୁହେଁ । ତୁମେ ଇଂରେଜମାନେ ଭାରି ଭଲ, ଧୀରସ୍ଥିର ଓ ସମ୍ପୂର୍ଣ୍ଣ ଖାଣ୍ଟି—ଭଗବାନ ତୁମମାନଙ୍କୁ ସର୍ବଦା ଆଶୀର୍ବାଦ କରନ୍ତୁ । ମୁଁ ଦୂରରୁ ପ୍ରତିଦିନ ତୁମର ଅଧିକତର ଗୁଣଗ୍ରାହୀ ହେଉଛି । ଦୟାକରି '—'କୁ ମୋର ଚିରସ୍ନେହ ଜଣାଇବ ଏବଂ ସେଠାକାର ସବୁ ବନ୍ଧୁମାନଙ୍କୁ ଜଣାଇବ । ମୋର ଅସୀମ ପ୍ରୀତି ଜାଣିବ । ଇତି

ତୁମମାନଙ୍କର ଚିରସତ୍ୟାବଦ୍ଧ, ବିବେକାନନ୍ଦ

**୩୭୪ଇଂ** (ମିସ୍ ମେରୀ ହେଲ୍‌ଙ୍କୁ ଲିଖିତ)

ଆଲମୋଡ଼ା, ୯ ଜୁଲାଇ ୧୮୯୭

ପ୍ରିୟ ଭଗିନୀ,

ତୁମର ପତ୍ରଖଣ୍ଡିକ ପଢ଼ି ତାହାର ଅନ୍ତରାଳରେ ଗୋଟିଏ ନୈରାଶ୍ୟବ୍ୟଞ୍ଜକ ଭାବ ଫଲ୍‌ଗୁନଦୀ ଭଳି ବହୁଛି ଦେଖି ଅତ୍ୟନ୍ତ ଦୁଃଖିତ ହେଲି, ଏବଂ ତାହାର କାରଣଟି କଅଣ ତାହା ମଧ୍ୟ ମୁଁ ବୁଝିପାରୁଛି । ତୁମେ ଯେ ମୋତେ ସାବଧାନ କରିଦେଇଛ, ସେଥିପାଇଁ ପ୍ରଥମେ ତୁମକୁ ବିଶେଷ ଧନ୍ୟବାଦ; ତୁମର ସେପରି ଲେଖିବାର ଉଦ୍ଦେଶ୍ୟ ମୁଁ ବେଶ୍ ବୁଝି-ପାରୁଛି । ମୁଁ ରାଜା ଅଜିତ୍ ସିଂହଙ୍କ ସଙ୍ଗରେ ଇଂଲଣ୍ଡ ଯିବାର ବନ୍ଦୋବସ୍ତ କରିଥିଲି, କିନ୍ତୁ ଡାକ୍ତରମାନେ ଅନୁମତି ଦେଲେ ନାହିଁ; ତେଣୁ ଯିବା ହେଲା ନାହିଁ । ହାରିଏହ୍ ସଙ୍ଗରେ ତାଙ୍କର ଦେଖା ହୋଇଛି ଜାଣିପାରିଲେ ମୁଁ ଖୁବ୍ ଖୁସି ହେବି । ସେ ମଧ୍ୟ ତୁମମାନଙ୍କ ଭିତରୁ

ଯାହା ସଙ୍ଗରେ ହେଉନା କାହିଁକି ଦେଖା ହେଲେ, ଖୁବ୍ ଆନନ୍ଦିତ ହେବେ ।

ମୁଁ ଅନେକଗୁଡ଼ିଏ ଆମେରିକାନ୍ କାଗଜର ଖଣ୍ଡିତାଂଶ (cuttings) ପାଇଛି; ସେଥିରେ ଦେଖିଲି ମାର୍କିନ୍ ରମଣୀଗଣଙ୍କ ସମ୍ବନ୍ଧରେ ମୋର ଉକ୍ତିସମୂହର କଠୋର ସମାଲୋଚନା କରାଯାଇଛି—ଆହୁରି ସେଥିରେ ଏକ ଅଦ୍ଭୁତ ଖବର ପାଇଲି ଯେ, ମୋତେ ଏଠାରେ ଜାତିଚ୍ୟୁତ କରାଯାଇଛି ! ମୋର ପୁଣି ଜାତିଯିବାର ଭୟ—ମୁଁ ଯେ ସନ୍ନ୍ୟାସୀ !

ଜାତି ତ କୌଣସି ପ୍ରକାରେ ଯାଇ ନାହିଁ, ବରଂ ସମୁଦ୍ରଯାତ୍ରା ଉପରେ ସମାଜର ଯେଉଁ ବିରୁଦ୍ଧ ଭାବ ଥିଲା, ମୋର ପାଶ୍ଚାତ୍ୟ ଦେଶକୁ ଯିବା ଫଳରେ ତାହା ଅନେକ ପରିମାଣରେ ନଷ୍ଟ ହୋଇଯାଇଛି । ମୋତେ ଯଦି ଜାତିଚ୍ୟୁତ କରିବାକୁ ହୁଏ, ତା' ହେଲେ ଭାରତର ଅର୍ଦ୍ଧେକ ରାଜନ୍ୟବର୍ଗ ଓ ସମୁଦାୟ ଶିକ୍ଷିତ ଲୋକଙ୍କ ସଙ୍ଗରେ ମୋତେ ଜାତିଚ୍ୟୁତ କରିବାକୁ ହେବ । ତାହା ତ ହୋଇ ନାହିଁ, ବରଂ ମୁଁ ସନ୍ନ୍ୟାସ ନେବା ପୂର୍ବେ ଯେଉଁ ଜାତି ଥିଲି, ସେହି ଜାତିଭୁକ୍ତ ଏକ ପ୍ରଧାନ ରାଜା ମୋତେ ସମ୍ମାନ ପ୍ରଦର୍ଶନ ପାଇଁ ଗୋଟିଏ ସାମାଜିକ ଭୋଜିର ଆୟୋଜନ କରିଥିଲେ; ସେଥିରେ ଏହି ଜାତିର ଅଧିକାଂଶ ବଡ଼ ବଡ଼ ଲୋକ ଯୋଗ ଦେଇଥିଲେ । ଅନ୍ୟ ଦିଗରୁ ଧରିଲେ ଆମେ ସନ୍ନ୍ୟାସୀମାନେ ତ ନାରାୟଣ—ଦେବତାମାନେ ସାମାନ୍ୟ ନରଲୋକ ସଙ୍ଗରେ ଏକତ୍ର ଖାଇଲେ ସେମାନଙ୍କର ମର୍ଯ୍ୟାଦାହାନି ହୁଏ । ଆଉ ପ୍ରିୟ ମେରି, ଶତ ଶତ ରାଜାଙ୍କର ବଂଶଧରମାନେ ଏହି ପାଦ ଧୋଇ ପୋଛି ଦେଇଛନ୍ତି, ପୂଜା କରିଛନ୍ତି—ଆଉ ସମଗ୍ର ଦେଶରେ ଯେପରି ଆଦର-ଅଭ୍ୟର୍ଥନା-ଅଭିନନ୍ଦନର ହୁରି ପଡ଼ିଯାଇଛି, ଭାରତରେ ଏପରି ଆଉ କାହାରି ହୋଇ ନାହିଁ ।

ଏତିକି କହିଲେ ଯଥେଷ୍ଟ ହେବ ଯେ, ରାସ୍ତାରେ ବାହାରି ପଡ଼ିଲେ ହିଁ ଏତେ ଲୋକ ଭିଡ଼ ହେଉଥିଲେ ଯେ, ଶାନ୍ତିରକ୍ଷା ଲାଗି ପୁଲିସ୍‌ର ଦରକାର ପଡ଼ୁଥିଲା—ଏଇଟା କ'ଣ ଜାତିଚ୍ୟୁତ କରିବା ? ଅବଶ୍ୟ ମୋତେ ଏପରି ଅଭ୍ୟର୍ଥନା ମିଶନାରି ଭାଇମାନଙ୍କର ପ୍ରଭାବକୁ ବେଶ୍ କ୍ଷୟ କରିଦେଇଛି । ଆଉ ସେମାନେ ବା ଏଠାରେ କିଏ ? ସେମାନଙ୍କର ଯେ ଅସ୍ତିତ୍ୱ ଅଛି, ଏ ବିଷୟରେ ଆମମାନଙ୍କର ଖିଆଲ ବି ନାହିଁ !

ମୁଁ ଗୋଟିଏ ବକ୍ତୃତାରେ ଏହି ମିଶନାରି ଭାଇମାନଙ୍କ ସମ୍ବନ୍ଧରେ ଏବଂ ଇଂଲଣ୍ଡ ଚର୍ଚ୍ଚର ଅନ୍ତର୍ଭୁକ୍ତ ଭଦ୍ର ମିଶନାରିଗଣଙ୍କୁ ବାଦ୍ ଦେଇ—ସାଧାରଣ ମିଶନାରିଙ୍କ ଦଳ କେଉଁ ଶ୍ରେଣୀର ଲୋକଙ୍କ ଭିତରୁ ସଂଗୃହୀତ, ସେ ସମ୍ବନ୍ଧରେ କିଛି କହିଥିଲି । ସେହି ସଙ୍ଗରେ ଆମେରିକାର ସେହି ଚର୍ଚ୍ଚର ଅନୁରକ୍ତ ଧର୍ମାନ୍ଧ ସ୍ତ୍ରୀଲୋକମାନଙ୍କ ସମ୍ବନ୍ଧରେ ଏବଂ ସେମାନଙ୍କର କୁତ୍ସା ସୃଷ୍ଟି କରିବାର ଶକ୍ତି ସମ୍ବନ୍ଧରେ ମଧ୍ୟ ମୋତେ କିଛି କହିବାକୁ ପଡ଼ିଥିଲା । ମିଶନାରି ଭାଇମାନେ ମୋର ଆମେରିକାର କାର୍ଯ୍ୟଟିକୁ ନଷ୍ଟ କରିବା ପାଇଁ ଏଇଟିକୁ ସମଗ୍ର ମାର୍କିନ୍ ରମଣୀଗଣଙ୍କ ଉପରେ ଆକ୍ରମଣ ବୋଲି ଢେଙ୍ଗୁରା ପିଟୁଛନ୍ତି—କାରଣ ସେମାନେ ଭଲ ଭାବରେ ଜାଣନ୍ତି, କେବଳ ମିଶନାରିଙ୍କ ବିରୋଧରେ କେହି କିଛି କହିଲେ ଯୁକ୍ତରାଷ୍ଟ୍ରର ଲୋକେ ଖୁସି ହେବେ । ପ୍ରିୟ ମେରି, ଧର ଯଦି ଇୟାଙ୍କିମାନଙ୍କ ବିରୋଧରେ ମୁଁ ଖୁବ୍ ଭୟଙ୍କର କଥା

କହି ବି ଥାଏ--ସେମାନେ ଆମର ମା-ଭଉଣୀମାନଙ୍କ ବିରୁଦ୍ଧରେ ଯେଉଁସବୁ କଥା କହନ୍ତି, ସେଥିରେ କ'ଣ ତାହାର ଲକ୍ଷଭାଗର ଭାଗେ ମାତ୍ର ପ୍ରତିଶୋଧ ହୁଏ ? ଭାରତବାସୀ 'ହିଦେନ୍' (ବିଧର୍ମୀ) ବୋଲି ଆମମାନଙ୍କର ଉପରେ ଖ୍ରୀଷ୍ଟାନ୍ ଇୟାଙ୍କି ନରନାରୀ ଯେଉଁ ଘୃଣା ପୋଷଣ କରନ୍ତି, ତାହା ଧୌତ କରିବା ପାଇଁ ବରୁଣଦେବତାଙ୍କର ସମସ୍ତ ଜଳ ମଧ୍ୟ ଅଣ୍ଟିବ ନାହିଁ । ଆଉ ଆମେ ବା ତାଙ୍କର କି ଅନିଷ୍ଟ କରିଛୁ ? ଅନ୍ୟମାନେ ସମାଲୋଚନା କଲେ ଇୟାଙ୍କିମାନେ ଧୈର୍ଯ୍ୟର ସହିତ ତାହା ସହ୍ୟ କରିବାକୁ ଶିଖନ୍ତୁ, ତା'ପରେ ସେମାନେ ଅପରର ସମାଲୋଚନା କରନ୍ତୁ । ଏଇଟି ଗୋଟିଏ ମନୋବିଜ୍ଞାନସମ୍ମତ ସର୍ବଜନବିଦିତ ସତ୍ୟ ଯେ, ଯେଉଁମାନେ ସର୍ବଦା ଅନ୍ୟକୁ ଗାଳିଗୁଲଜ କରିବାକୁ ପ୍ରସ୍ତୁତ, ସେମାନେ ଅନ୍ୟର ଟିକିଏ ମାତ୍ର ସମାଲୋଚନା ସହ୍ୟ କରିପାରନ୍ତି ନାହିଁ । ଆଉ ତା' ପରେ ସେମାନଙ୍କର ବା ମୁଁ କ'ଣ ଧାରିଛି ! ତୁମମାନଙ୍କର ପରିବାର, ମିସେସ୍ ବୁଲ୍, ଲେଗେଟ୍‌ମାନେ ଏବଂ ଆଉ କେତେଜଣ ସହୃଦୟ ବ୍ୟକ୍ତିଙ୍କ ବ୍ୟତୀତ ଆଉ କିଏ ମୋପ୍ରତି ସଦୟ ବ୍ୟବହାର କରିଛି ? କିଏ ମୋର ଭାବଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବାରେ ସାହାଯ୍ୟ କରିବାକୁ ଆସିଥିଲା ? ମୋତେ କିନ୍ତୁ କ୍ରମାଗତ ଖଟିବାକୁ ହୋଇଛି, ଯଦ୍ଦ୍ୱାରା ମାର୍କିନ୍‌ମାନେ ଅପେକ୍ଷାକୃତ ଉଦାର ଓ ଧର୍ମପ୍ରାଣ ହୁଅନ୍ତି—ସେଥିପାଇଁ ଆମେରିକାରେ ମୋର ସମୁଦାୟ ଶକ୍ତି କ୍ଷୟ କରି ବର୍ତ୍ତମାନ ମୁଁ ମୃତ୍ୟୁ-ଦ୍ୱାରରେ ଅତିଥି !

ଇଂଲଣ୍ଡରେ ମୁଁ କେବଳ ଛଅମାସ କାର୍ଯ୍ୟ କରିଛି—ଥରେ ଛଡ଼ା କେତେବେଳେ ହେଲେ କୌଣସି ନିନ୍ଦାର ରବ ଉଠି ନାହିଁ—ସେ ନିନ୍ଦାରଟନା ମଧ୍ୟ ଜଣେ ମାର୍କିନ୍ ରମଣୀର କାର୍ଯ୍ୟ—ଏହି କଥା ଜାଣିପାରି ମୋର ଇଂରେଜ ବନ୍ଧୁମାନେ ବିଶେଷ ଆଶ୍ୱସ୍ତ ହୋଇଥିଲେ । ମୋ ଉପରେ କୌଣସି ପ୍ରକାରର ଆକ୍ରମଣ ତ ହୋଇ ନାହିଁ, ବରଂ ଅନେକଗୁଡ଼ିଏ ଭଲ ଭଲ ଇଂଲଣ୍ଡ ଚର୍ଚ୍ଚର ପାଦ୍ରୀ ମୋର ଘନିଷ୍ଠ ବନ୍ଧୁ ହୋଇଥିଲେ—ଆଉ ନ ମାଗି ସୁଦ୍ଧା ମୁଁ ମୋର କାର୍ଯ୍ୟ ପାଇଁ ଯଥେଷ୍ଟ ସାହାଯ୍ୟ ପାଇଥିଲି ଏବଂ ନିଶ୍ଚିତ ଆହୁରି ପାଇବି । ସେଠାକାର ଗୋଟାଏ ସମିତି ମୋ କାର୍ଯ୍ୟର ପ୍ରସାର ଲକ୍ଷ୍ୟ କରି ଆସୁଛି ଏବଂ ସେଥିପାଇଁ ସାହାଯ୍ୟର ଯୋଗାଡ଼ କରୁଛି । ସେଠାକାର ଚାରିଜଣ ସମ୍ଭ୍ରାନ୍ତ ବ୍ୟକ୍ତି ମୋ କାର୍ଯ୍ୟରେ ସାହାଯ୍ୟ ଲାଗି ସବୁ ପ୍ରକାରର ଅସୁବିଧା ସହ୍ୟ କରି ମୋ ସଙ୍ଗେ ସଙ୍ଗେ ଭାରତକୁ ଆସିଛନ୍ତି । ଆହୁରି ଅନେକେ ଆସିବାକୁ ପ୍ରସ୍ତୁତ ଥିଲେ ଏବଂ ଏହାପରେ ଯେତେବେଳେ ଯିବି ସେତେବେଳେ ଆହୁରି ଶତ ଶତ ଲୋକ ପ୍ରସ୍ତୁତ ହେବେ ।

ପ୍ରିୟ ମେରି, ମୋ ପାଇଁ କିଛି ଭୟ କର ନାହିଁ । ମାର୍କିନ୍‌ମାନେ ବଡ଼ କେବଳ ଇଉରୋପର ହୋଟେଲ୍‌ବାଲା ଓ କୋଟିପତିମାନଙ୍କ ଆଖିରେ ଏବଂ ନିଜ ପାଖରେ । ପୃଥିବୀରେ ଯଥେଷ୍ଟ ଜାଗା ରହିଛି—ଇୟାଙ୍କିମାନେ ଚିଡ଼ିଗଲେ ବି ମୋର ସ୍ଥାନର ଅଭାବ ହେବ ନାହିଁ । ଯାହା ହେଉନା କାହିଁକି, ମୁଁ ଯେତେଟିକିଏ କାର୍ଯ୍ୟ କରିଛି ସେଥିରେ ମୁଁ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ଅଛି । ମୁଁ କେବେହେଲେ କୌଣସି କାମ ମତଲବ ରଖି କରି ନାହିଁ । ଆପେ ଆପେ ଯେତେବେଳେ ସୁଯୋଗ ଆସିଛି, ମୁଁ ତାହାର ସଦ୍ବ୍ୟବହାର ନେଇଛି । କେବଳ ଗୋଟିଏ ଭାବ ମୋ ମସ୍ତିଷ୍କ

ଭିତରେ ଖେଳୁଥିଲା—ଭାରତବାସୀ ଜନସାଧାରଣଙ୍କର ଉନ୍ନତି ପାଇଁ ଗୋଟିଏ ଯନ୍ତ୍ର ପ୍ରସ୍ତୁତ କରି ଚଳାଇଦେବା । ମୁଁ ସେ ବିଷୟରେ କେତେକ ପରିମାଣରେ କୃତକାର୍ଯ୍ୟ ହୋଇଛି । ତୁମର ହୃଦୟ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇଉଠନ୍ତା, ଯଦି ତୁମେ ଦେଖନ୍ତ ଯେ, ମୋ ପିଲାମାନେ ଦୁର୍ଭିକ୍ଷ, ବ୍ୟାଧି ଓ ଦୁଃଖକଷ୍ଟ ଭିତରେ କିପରି କାର୍ଯ୍ୟ କରୁଛନ୍ତି, କଲେରା-ଆକ୍ରାନ୍ତ 'ପାରିୟା'ର ସଉପବିଛଣା ପାଖରେ ବସି କିପରି ତାହାର ସେବାଶୁଶ୍ରୂଷା କରୁଛନ୍ତି ଏବଂ ଅନଶନକ୍ଳିଷ୍ଟ ଚଣ୍ଡାଳ ମୁହଁରେ କିପରି ଅନ୍ନ ନେଇ ଦେଉଛନ୍ତି—ଆଉ ପ୍ରଭୁ ମୋର ଏବଂ ତାଙ୍କ ପାଇଁ ସାହାଯ୍ୟ ପଠାଉଛନ୍ତି ! ମନୁଷ୍ୟର କଥାକୁ ମୁଁ କ'ଣ ଗ୍ରାହ୍ୟ କରେ ? ସେହି ପ୍ରେମାସ୍ପଦ ପ୍ରଭୁ ମୋ ସଙ୍ଗେ ସଙ୍ଗେ ରହିଛନ୍ତି, ଯେପରି ଆମେରିକାରେ, ଯେପରି ଇଂଲଣ୍ଡରେ, ଯେପରି ଭାରତର ରାସ୍ତାରେ ରାସ୍ତାରେ ଯେତେବେଳେ ଘୂରି ବୁଲୁଥିଲି—କେହି ମୋତେ ଚିହ୍ନି ନ ଥିଲେ—ସେତେବେଳେ ସେ ସଙ୍ଗେ ସଙ୍ଗେ ଥିଲେ । ଲୋକେ କ'ଣ କହନ୍ତି ନ କହନ୍ତି ମୋର ସେଥିରେ କିଛି ଯାଏ ଆସେ ନାହିଁ—ସେମାନେ ତ ପିଲା ! ସେମାନେ ଆଉ ତା' ଅପେକ୍ଷା ବେଶୀ ବୁଝିବେ କିପରି ? କ'ଣ ! ମୁଁ ପରମାତ୍ମାଙ୍କୁ ସାକ୍ଷାତ୍ କରିଛି, ସମୁଦାୟ ପାର୍ଥିବ ବସ୍ତୁ ଯେ ଅସାର, ତାହା ପ୍ରାଣେ ପ୍ରାଣେ ଅନୁଭବ କରିଛି—ମୁଁ ସାମାନ୍ୟ ବାଳକମାନଙ୍କ କଥାରେ ମୋର ନିର୍ଦ୍ଦିଷ୍ଟ ପଥରୁ ବିଚ୍ୟୁତ ହେବି ?—ମୋତେ ଦେଖିଲେ କ'ଣ ସେହିଭଳି ମନେହେଉଛି ?

ମୋତେ ମୋ ନିଜ ସମ୍ବନ୍ଧରେ ଅନେକ କଥା କହିବାକୁ ହେଲା—କାରଣ ତୁମମାନଙ୍କ ପାଖରେ ନ କହିଲେ ଯେପରି ମୋର କର୍ତ୍ତବ୍ୟ ଶେଷ ହୋଇ ନ ଥାନ୍ତା । ମୁଁ ବୁଝିପାରୁଛି ମୋର କାର୍ଯ୍ୟ ଶେଷ ହୋଇଛି । ଖୁବ୍ ବେଶୀ ତିନି ଚାରିବର୍ଷ ଜୀବନ ଅବଶିଷ୍ଟ ଅଛି । ମୋ ନିଜର ମୁକ୍ତିର ଇଚ୍ଛା ସମ୍ପୂର୍ଣ୍ଣ ଚାଲିଯାଇଛି । ମୁଁ ସାଂସାରିକ ସୁଖ ଲାଗି କେବେହେଲେ ପ୍ରାର୍ଥନା କରି ନାହିଁ । ମୁଁ ଦେଖିବାକୁ ଚାହେଁ ଯେ, ମୋର ଯନ୍ତ୍ରଟା ବେଶ୍ ଦୃଢ଼ ଭାବରେ ଚାଲୁ ହୋଇଯାଇଛି; ଆଉ ଯେତେବେଳେ ନିଶ୍ଚିତ ଭାବରେ ବୁଝିବି ଯେ, ଲୋକକଲ୍ୟାଣକଳ୍ପେ ଅନ୍ତତଃ ଭାରତରେ ଏପରି ଗୋଟାଏ ଯନ୍ତ୍ର ଚାଳିତ କରିଗଲି, ଯାହାକୁ କୌଣସି ଶକ୍ତି ଦବାଇ ପାରିବ ନାହିଁ, ସେତେବେଳେ ଭବିଷ୍ୟତର ଚିନ୍ତା ଛାଡ଼ି ମୁଁ ଶୋଇଯିବି । ଆଉ ନିଖିଳ ଆତ୍ମାର ସମଷ୍ଟିରୂପେ ଯେଉଁ ଭଗବାନ ବିଦ୍ୟମାନ ଅଛନ୍ତି ଏବଂ ଯେଉଁ ଏକମାତ୍ର ଭଗବାନଙ୍କ ଅସ୍ତିତ୍ୱରେ ମୁଁ ବିଶ୍ୱାସୀ, ସେହି ଭଗବାନଙ୍କର ପୂଜା ଲାଗି ମୁଁ ଯେପରି ଥରକୁଥର ଜନ୍ମଗ୍ରହଣ କରେଁ ଏବଂ ସହସ୍ର ଯନ୍ତ୍ରଣା ଭୋଗ କରେ; ଆଉ ସର୍ବୋପରି ମୋର ସର୍ବାଧିକ ଆରାଧ୍ୟ ହେବେ ମୋର ପାପୀ-ନାରାୟଣ, ମୋର ତାପୀ-ନାରାୟଣ, ମୋର ସର୍ବଜାତିର ଦରିଦ୍ର-ନାରାୟଣ !

'ଯେ ତୁମର ଅନ୍ତରରେ ଓ ବାହାରେ, ସେ ସବୁ ହାତଦ୍ୱାରା କାର୍ଯ୍ୟ କରନ୍ତି ଓ ସବୁପାଦରେ ଚାଲନ୍ତି, ତୁମେ ଯାହାଙ୍କର ଏକାଙ୍ଗ, ତାଙ୍କରି ହିଁ ଉପାସନା କର ଏବଂ ଅନ୍ୟ ସବୁ ପ୍ରତିମା ଭାଙ୍ଗିପକାଅ ।

'ଯେ ଉଚ୍ଚ ଓ ନୀଚ, ସାଧୁ ଓ ପାପୀ, ଦେବ ଓ କୀଟ ସର୍ବରୂପୀ, ସେହି ପ୍ରତ୍ୟକ୍ଷ

ଜ୍ଞେୟ, ସତ୍ୟ ଓ ସର୍ବବ୍ୟାପୀଙ୍କର ଉପାସନା କର ଏବଂ ଅନ୍ୟ ସବୁ ପ୍ରତିମା ଭାଙ୍ଗିପକାଅ ।

'ଯାହାଙ୍କଠାରେ ପୂର୍ବଜନ୍ମ ନାହିଁ, ପରଜନ୍ମ ନାହିଁ, ବିନାଶ ନାହିଁ, ଗମନାଗମନ ନାହିଁ, ଯାହାଙ୍କଠାରେ ଅବସ୍ଥିତ ଥାଇ ଆମେମାନେ ସର୍ବଦା ଅଖଣ୍ଡତ୍ୱ ଲାଭ କରୁଛୁ ଏବଂ ଭବିଷ୍ୟତରେ ମଧ୍ୟ କରିବୁ, ତାଙ୍କର ଉପାସନା କର ଏବଂ ଅନ୍ୟ ସବୁ ପ୍ରତିମା ଭାଙ୍ଗି ପକାଅ ।

'ହେ ମୂର୍ଖଗଣ, ଯେଉଁ ସକଳ ଜୀବନ୍ତ ନାରାୟଣ ଓ ତାଙ୍କର ଅନନ୍ତ ପ୍ରତିବିମ୍ବରେ ଜଗତ ପରିବ୍ୟାପ୍ତ, ତାଙ୍କୁ ଛାଡ଼ି ତୁମେମାନେ କାଳ୍ପନିକ ଛାୟା ପଛରେ ଛୁଟିଛ । ତାଙ୍କର— ସେହି ପ୍ରତ୍ୟକ୍ଷ ଦେବତାଙ୍କର ହିଁ ଉପାସନା କର ଏବଂ ଅନ୍ୟ ସବୁ ପ୍ରତିମା ଭାଙ୍ଗିପକାଅ ।'

ମୋର ସମୟ ଅଳ୍ପ । ବର୍ତ୍ତମାନ ମୋର ଯାହାକିଛି କହିବାର ଅଛି, ନ ଲୁଚାଇ କହିଦେବାକୁ ହେବ; ସେଥିରେ କାହାର ହୃଦୟରେ ଆଘାତ ଲାଗିବ ବା କେହି ବିରକ୍ତ ହେବ, ଏ ବିଷୟ ଲକ୍ଷ୍ୟ କଲେ ଚଳିବ ନାହିଁ । ଅତଏବ ପ୍ରିୟ ମେରି, ମୋ ମୁଖରୁ ଯାହା ବାହାରୁ ନା କାହିଁକି, ଆଦୌ ଭୟ କର ନାହିଁ । କାରଣ ଯେଉଁ ଶକ୍ତି ମୋର ପଶ୍ଚାତ୍ତରେ ରହି କାର୍ଯ୍ୟ କରୁଛନ୍ତି, ତାହା ବିବେକାନନ୍ଦ ନୁହେଁ, ତାହା ସ୍ୱୟଂ ପ୍ରଭୁ; କେଉଁଥିରେ ଭଲ ହେବ, ସେ ହିଁ ବେଶୀ ବୁଝନ୍ତି । ଯଦି ମୋତେ ଜଗତକୁ ସନ୍ତୁଷ୍ଟ କରିବାକୁ ପଡ଼େ, ତା' ହେଲେ ସେଥିରେ ଜଗତର ଅନିଷ୍ଟ ହିଁ ହେବ । ଅଧିକାଂଶ ଲୋକେ ଯାହା କହନ୍ତି ତାହା ଭୁଲ, କାରଣ ଦେଖିବାକୁ ମିଳୁଛି ଯେ, ସେହିମାନେ ହିଁ ଜଗତ ଶାସନ କରୁଛନ୍ତି, ଅଥଚ ଜଗତର ଅବସ୍ଥା ଅତି ଶୋଚନୀୟ । ଯେକୌଣସି ନୂତନ ଭାବ ପ୍ରଚାରିତ ହେବ, ତା' ବିରୋଧରେ ଲୋକେ ଲାଗିଯିବେ; ସଭ୍ୟ ଯେଉଁମାନେ ସେମାନେ ଶିଷ୍ଟାଚାରର ସୀମା ଲଙ୍ଘନ ନ କରି ଉପହାସର ହସ ହସିବେ; ଆଉ ଯେଉଁମାନେ ସଭ୍ୟ ନୁହନ୍ତି, ସେମାନେ ଶିଷ୍ଟାଚାର-ବିରୁଦ୍ଧ ଚିତ୍କାର କରିବେ ଓ କୁତ୍ସିତ ନିନ୍ଦା ରଟନା କରିବେ ।

ସଂସାରର ଏସବୁ କୀଟମାନଙ୍କୁ ମଧ୍ୟ ଦିନେ ସିଧା ହୋଇ ଠିଆ ହେବାକୁ ପଡ଼ିବ— ଜ୍ଞାନହୀନ ବାଳକମାନଙ୍କୁ ମଧ୍ୟ ଦିନେ ଜ୍ଞାନାଲୋକ ପାଇବାକୁ ହେବ । ମାର୍କିନ୍‌ମାନେ ଅଭ୍ୟୁଦୟର ନୂତନ ସୁରାପାନରେ ବର୍ତ୍ତମାନ ମତ୍ତ । ଅଭ୍ୟୁଦୟର ଶତଶତ ବନ୍ୟା ଆମ ଦେଶ ଉପରେ ଆସିଛି ଓ ଚାଲିଯାଇଛି । ସେଥିରେ ଆମେ ଏପରି ଶିକ୍ଷା ପାଇଛୁ, ଯାହା ବାଳକ-ପ୍ରକୃତିର ଜାତିମାନେ ବୁଝିବାକୁ ବର୍ତ୍ତମାନ ଅସମର୍ଥ । ଆମେ ଜାଣିଛୁ, ଏସବୁ ମିଥ୍ୟା; ଏହି ବୀଭତ୍ସ ଜଗତଟା ମାୟା ମାତ୍ର । ତ୍ୟାଗ କର ଏବଂ ସୁଖୀ ହୁଅ । କାମ-କାଞ୍ଚନ ତ୍ୟାଗ କର; ଏହାଛଡ଼ା ଅନ୍ୟ କୌଣସି ବନ୍ଧନ ନାହିଁ । ବିବାହ, ସ୍ତ୍ରୀ-ପୁରୁଷ ସମ୍ବନ୍ଧ, ଟଙ୍କା-ପଇସା— ଏଗୁଡ଼ିକ ମୂର୍ତ୍ତିମାନ ପିଶାଚ ସ୍ୱରୂପ । ପାର୍ଥିବ ପ୍ରେମ ଦେହରୁ ହିଁ ପ୍ରସୂତ ! କାମ-କାଞ୍ଚନ ସମ୍ବନ୍ଧ ସବୁ ଛାଡ଼ିଦିଅ; ସେଗୁଡ଼ିକ ଚାଲିଯିବା ମାତ୍ରେ ଦିବ୍ୟ-ଦୃଷ୍ଟି ଖୋଲିଯିବ—ସେତେବେଳେ ଆତ୍ମା ତାଙ୍କର ଅନନ୍ତଶକ୍ତି ପୁନଃପ୍ରାପ୍ତ ହେବେ ।

ମୋର ଭାରି ଇଚ୍ଛା ଥିଲା ହାରିଏଟ୍ ସଙ୍ଗରେ ଦେଖା କରିବା ଲାଗି ଇଂଲଣ୍ଡ ଯିବି ।— ମୋର ଆଉ ଗୋଟିଏ ମାତ୍ର ଇଚ୍ଛା ଅଛି, ମୃତ୍ୟୁ ପୂର୍ବରୁ ତୁମ ଚାରିଭଉଣୀଙ୍କ ସଙ୍ଗରେ ଥରେ

ଦେଖା କରିବା; ମୋର ସେ ଇଚ୍ଛା ପୂର୍ଣ୍ଣ ହେବ ହିଁ ହେବ । ଇତି

ତୁମମାନଙ୍କର ଚିରସ୍ନେହାବଦ୍ଧ, ବିବେକାନନ୍ଦ

**୩୭୭** (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

ଅଲମୋଡ଼ା, ୧୦ ଜୁଲାଇ ୧୮୯୭

ଅଭିନ୍ନହୃଦୟେଷୁ,

ସଭାର ଉଦ୍ଦେଶ୍ୟର ଯେଉଁ ପ୍ରୁଫ (proof) ପଠାଇଥିଲ, ଆଜି ଏଠାରୁ ତାହା ସଂଶୋଧନ କରି ପଠାଇଲି । Rules and regulations (ନିୟମାବଳୀ) ଯାହା ଆମର meeting hall-ରେ (ସଭାରେ) ମହାଶୟମାନେ ପଢ଼ିଥିଲେ—ଭ୍ରମପୂର୍ଣ୍ଣ । ବିଶେଷ ଯତ୍ନ ସହକାରେ ସଂଶୋଧିତ କରି ପୁନର୍ମୁଦ୍ରିତ କରିବ, ନ ହେଲେ ଲୋକେ ହସିବେ ।

ବହରମ୍ପୁରରେ ଯେଉଁ ପ୍ରକାର କାର୍ଯ୍ୟ * ହେଉଛି, ତାହା ଅତୀବ ସୁନ୍ଦର । ସେହିପରି କାର୍ଯ୍ୟଦ୍ୱାରା ହିଁ ଜୟ ହେବ—ମତାମତ କଅଣ ଅନ୍ତର ସ୍ପର୍ଶ କରେ ? କାର୍ଯ୍ୟ-କାର୍ଯ୍ୟ—ଜୀବନ ଜୀବନ—ମତ-ମତରେ କଅଣ ଯାଏ ଆସେ ? ଫିଲସଫି, ଯୋଗ, ତପ, ଠାକୁରଘର, ଅରୁଆ ଚାଉଳ, ମୂଳା, କଦଳୀ—ଏସବୁ ବ୍ୟକ୍ତିଗତ ଧର୍ମ, ଦେଶଗତ ଧର୍ମ—ପରୋପକାର ହିଁ ସାର୍ବଜନୀନ ମହାବ୍ରତ । ଆବାଳବୃଦ୍ଧ-ବନିତା, ଆଚଣ୍ଡାଳ, ଆପଶୁ ସକଳେ ହିଁ ଏହି ଧର୍ମ ବୁଝି ପାରନ୍ତି । କେବଳ negative (ନିଷେଧାତ୍ମକ) ଧର୍ମରେ କଅଣ କାର୍ଯ୍ୟ ହୁଏ ? ପଥର କେବେ ବ୍ୟଭିଚାର କରେ ନାହିଁ, ଗୋରୁ ମିଥ୍ୟା କଥା କୁହେ ନାହିଁ, ବୃକ୍ଷମାନେ ଚୋରି ଡକାୟତି କରନ୍ତି ନାହିଁ, ସେଥିରେ କଅଣ ଯାଏ ଆସେ ? ତୁମେ ଚୋରି କର ନାହିଁ, ମିଥ୍ୟା କଥା କହ ନାହିଁ, ବ୍ୟଭିଚାର କର ନାହିଁ, ଚାରିଘଣ୍ଟା ଧ୍ୟାନ କର, ଆଠଘଣ୍ଟା ଘଣ୍ଟା ବଜାଅ—'ମଧୁ ସେଥିରେ କାହାର କଅଣ ଯାଏ ଆସେ ?' ସେହି ଯେ କାର୍ଯ୍ୟ ଅତି ଅଳ୍ପ ହେଲା, ସେଥିରେ ବହରମ୍ପୁର ଏକାବେଳକେ କିଣା ହୋଇଗଲା—ବର୍ତ୍ତମାନ ଯାହା କହିବ, ଲୋକେ ତାହା ଶୁଣିବେ । ବର୍ତ୍ତମାନ 'ରାମକୃଷ୍ଣ ଭଗବାନ' ଲୋକଙ୍କୁ ଆଉ ବୁଝାଇବାକୁ ହେବ ନାହିଁ । ତା' ନ ହେଲେ କି ଲେକ୍‌ଚରର କାମ—କଥାରେ କଅଣ ଚୁଡ଼ା ବତୁରିବ ? ସେହିପରି ଯଦି ଦଶଟା ଜିଲାରେ ପାରନ୍ତ, ତାହାହେଲେ ଦଶଟିଯାକ କିଣା ହୋଇ ରହନ୍ତା । ଅତଏବ ବୁଦ୍ଧିମାନ୍, ସେହି କର୍ମ-ବିଭାଗଟି ଉପରେ ଖୁବ୍ ଜୋର୍ ଦିଅ, ଅଉ ତାହାର ଉପକାରିତା ବଢ଼ାଇବାକୁ ପ୍ରାଣପଣେ ଚେଷ୍ଟା କର । ଅଲେଖ ସାଧୁଙ୍କ ଭଳି କେତେଗୁଡ଼ିଏ ପିଲାଙ୍କୁ ଘରକୁ ଘର ପଠାଅ—ସେମାନେ ଟଙ୍କାପଇସା, ଛିଣ୍ଡା ଲୁଗା, ଚାଉଳ-ଡାଲି ଯାହା ମିଳୁଛି ନେଇ ଆସନ୍ତୁ, ତା'ପରେ ସେଗୁଡ଼ିକ ଡିଷ୍ଟ୍ରିବ୍ୟୁଟ୍ (ବିତରଣ) କରିବ । ଏହା ହିଁ କାମ, ଏହା ହିଁ କାମ । ତା'ପରେ ଲୋକଙ୍କର ବିଶ୍ୱାସ ହେବ, ତା'ପରେ ତୁମେ ଯାହା କହିବ ସେମାନେ

* ସ୍ୱାମୀ ଅଖଣ୍ଡାନନ୍ଦଙ୍କ ଉଦ୍ୟମରେ ସମ୍ପାଦିତ ରାମକୃଷ୍ଣ ମିଶନର ପ୍ରଥମ ଦୁର୍ଭିକ୍ଷ-ସେବା କାର୍ଯ୍ୟ ।

ଶୁଣିବେ ।

କଲିକତାରେ ମିଟିଂର ଖର୍ଚ୍ଚ ବାଦ୍ ଯାହା ବଳିବ ସେହି ଦୁର୍ଭିକ୍ଷ ପାଇଁ ପଠାଇବ ବା କଲିକତାର ଡମଯାତ୍ରି, ହାଡ଼ିଯାଦି ବା ଗଳି-କନ୍ଦରେ ଅନେକ ଗରିବ ଅଛନ୍ତି— ସେମାନଙ୍କୁ ସାହାଯ୍ୟ କର—ହଲ୍ ଫଲ୍—ଘୋଡ଼ାଡିମ୍ବ ଆଉ, ପ୍ରଭୁ ଯାହା କରିବାର ତାହା କରିବେ । ମୋର ଶରୀର ବର୍ତ୍ତମାନ ବେଶ୍ ଭଲ ହୋଇଯାଇଛି ।···

ମେଟିରିଆଲ (ମାଲ ମସଲା) ଯୋଗାଡ କରୁ ନାହଁ କାହିଁକି ? ମୁଁ ଯାଇ ନିଜେ ହିଁ କାଗଜ start (ଆରମ୍ଭ) କରିବି । ଦୟା ଓ ପ୍ରୀତିରେ ଜଗତ କିଣାଯାଏ; ଲେକ୍‌ଚର୍, ବହି, ଫିଲସଫି—ସବୁ ତା' ତଳେ । ଶଶୀକୁ ସେହିଭଳି ଗୋଟିଏ କର୍ମବିଭାଗ ଗରିବମାନଙ୍କ ସାହାଯ୍ୟ ପାଇଁ କରିବାକୁ ଲେଖିବ । ଆଉ ଧୂଅଁ ପୂଜାରେ ଯେପରି ସେ ବେଶୀ ଟଙ୍କା ପଇସା ବ୍ୟୟ ନ କରେ । ତୁମେ ମଠର ଠାକୁରପୂଜାର ଖରଚ ଦୁଇ ଏକ ଟଙ୍କା ମାସକୁ କରି ପକାଉଥିବ । ଠାକୁରଙ୍କ ପିଲପିଲ ଖାଇବା ବିନା ମରିଯାଉଛନ୍ତି ।··· କେବଳ ଜଳ-ତୁଳସୀର ପୂଜା କରି ଭୋଗର ପଇସାଟା ଦରିଦ୍ରମାନଙ୍କ ଶରୀରସ୍ଥିତ ଜୀବନ୍ତ ଠାକୁରଙ୍କୁ ଭୋଗ ଦେବ—ତା'ହେଲେ ସବୁ କଲ୍ୟାଣ ହେବ । ଯୋଗେନ୍‌ର ଦେହ ଏଠାରେ ଖରାପ ହୋଇଥିଲା, ସେ ଆଜି ଯାତ୍ରା କଲା—କଲିକତା । ମୁଁ କାଲି ପୁନଶ୍ଚ ଦେଉଳଧାର ଯାତ୍ରା କରିବି । ମୋର ପ୍ରୀତି ଜାଣିବ ଓ ସମସ୍ତଙ୍କୁ ଜଣାଇବ । ଇତି

ବିବେକାନନ୍ଦ

**୩୭୭ଇଂ (ମିସ୍ ମାକଲଉଡ୍‌ଙ୍କୁ ଲିଖିତ)**

ଆଲମୋଡ଼ା, ୧୦ ଜୁଲାଇ ୧୮୯୭

ପ୍ରିୟ ଜୋ ଜୋ,

ତୁମର ଚିଠିଗୁଡ଼ିକୁ ପଢ଼ିବା ପାଇଁ ମୋର ଫୁର୍‌ସତ୍ ଅଛି, ଏକଥା ଯେ ତୁମେ ଆବିଷ୍କାର କରିପକାଇଛ, ଏଥିରେ ମୁଁ ଖୁସୀ ।

ବକ୍ତୃତା ଓ ବାଗ୍ମିତା କରି କରି ସ୍ୱାସ୍ଥ୍ୟ ହାନି ହୋଇପଡ଼ିବାରୁ ମୁଁ ହିମାଳୟରେ ଆଶ୍ରୟ ନେଇଛି । ଡାକ୍ତରମାନେ ମୋତେ ଖେତଡ଼ିର ରାଜାଙ୍କ ସହିତ ଇଂଲଣ୍ଡକୁ ଯିବାକୁ ନ ଦେବାରୁ ମୁଁ ଅତ୍ୟନ୍ତ ଦୁଃଖିତ; ଆଉ ଷ୍ଟାର୍ଡି ଏଥିରେ ରାଗିଯାଇଛି !

ସେଭିଅର୍ ଦମ୍ପତି ସିମଲାରେ ଅଛନ୍ତି, ଆଉ ମିସ୍ ମୁଲର୍ ଏଠାରେ ଅଲମୋଡ଼ାରେ । ପ୍ଲେଗ୍ କମିଛି; କିନ୍ତୁ ଦୁର୍ଭିକ୍ଷ ଏବେସୁଦ୍ଧା ଏଠାରେ ଚାଲିଛି, ଅଧିକନ୍ତୁ ଏପର୍ଯ୍ୟନ୍ତ ବୃଷ୍ଟି ନ ହେବାରୁ ଏହା ଆହୁରି କରାଳରୂପ ଧାରଣ କରିବ ବୋଲି ମନେହେଉଛି ।

ଆମର କର୍ମୀମାନେ ଦୁର୍ଭିକ୍ଷଗ୍ରସ୍ତ ବିଭିନ୍ନ ଜିଲାରେ ଯେଉଁ କାର୍ଯ୍ୟରେ ଯୋଗ ଦେଇଛନ୍ତି, ଏଠାରୁ ତାହାର ପରିଚାଳନାରେ ମୁଁ ଖୁବ୍ ବ୍ୟସ୍ତ ଅଛି ।

ଯେମିତିକରି ହେଉ ତୁମେ ଏଠାରେ ଆସି ପହଞ୍ଚ ଯାଅ; କେବଳ ଏତିକି ମନେରଖ—ଇଉରୋପୀୟମାନଙ୍କର ଓ ହିନ୍ଦୁମାନଙ୍କର (ଅର୍ଥାତ୍ ଇଉରୋପୀୟମାନେ ଯେଉଁମାନଙ୍କୁ 'ନେଟିଭ୍' କହନ୍ତି, ସେମାନଙ୍କର) ବସବାସର ବ୍ୟବସ୍ଥା ଯେପରି ପାଣି-

ଚଳିଲଭଳି । ନେଟିଭ୍‌ମାନଙ୍କ ସହିତ ମିଳା-ମିଶା କରିବା ଇଉରୋପୀୟମାନଙ୍କ ପକ୍ଷରେ ସର୍ବନାଶିଆ କଥା । (ପ୍ରାଦେଶିକ) ରାଜଧାନୀଗୁଡ଼ିକରେ ମଧ୍ୟ ରହିବାଭଳି କୌଣସି ହୋଟେଲ୍ ନାହିଁ, ତୁମକୁ ଅନେକ ଚାକରବାକର ସଙ୍ଗରେ ନେଇ ଚଳବୁଲ କରିବାକୁ ହେବ (ଖରଚ ହୋଟେଲ ଅପେକ୍ଷା କମ୍) । କଟିମାତ୍ର ବସ୍ତ୍ରାବୃତ ଲୋକଙ୍କ ଚିତ୍ର ତୁମକୁ ସହିଯିବାକୁ ପଡ଼ିବ; ମୋତେ ମଧ୍ୟ ତୁମେ ସେହିରୂପରେ ହିଁ ଦେଖିବାକୁ ପାଇବ । ସର୍ବତ୍ର ମଇଳା ଓ ଅଳିଆ, ଅଉସବୁ 'କାଲା ଆଦ୍‌ମୀ' । କିନ୍ତୁ ତୁମ ସହିତ ଦାର୍ଶନିକ ଆଲୋଚନା କଲାଭଳି ଲୋକ ଢେର ପାଇବ । ସେଠାରେ ଯଦି ଇଂରେଜମାନଙ୍କ ସଙ୍ଗରେ ବେଶୀ ମିଳା-ମିଶା କର, ତେବେ ତୁମେ ବେଶୀ ଆରାମ ପାଇବ; କିନ୍ତୁ ହିନ୍ଦୁମାନଙ୍କର ଠିକ୍ ଠିକ୍ ପରିଚୟ ପାଇବ ନାହିଁ । ହୁଏତ ମୁଁ ତୁମ ସଙ୍ଗରେ ବସି ଖାଇପାରିବି ନାହିଁ; କିନ୍ତୁ ମୁଁ ତୁମକୁ କଥା ଦେଉଛି ଯେ, ମୁଁ ତୁମ ସଙ୍ଗରେ ବହୁସ୍ଥାନ ଭ୍ରମଣ କରିବି ଏବଂ ତୁମର ଭ୍ରମଣକୁ ସୁଖମୟ କରିବାର ଯଥାସାଧ୍ୟ ଚେଷ୍ଟା କରିବି । ଏସବୁ ତୁମର ଭାଗ୍ୟରେ ଜୁଟିବ— ଯଦି ଆଉ କିଛି ଭଲ ଜୁଟିଯାଏ ତ ସେ ଅଧିକା କଥା । ହୁଏତ ମେରି ହେଲ୍ ତୁମ ସଙ୍ଗରେ ଆସିପାରେ । ଅର୍ଚ୍ଚାର୍ଡ ଲେକ୍, ଅର୍ଚ୍ଚାର୍ଡ ଦ୍ୱୀପ, ମିସିଗାନ୍—ଏହି ଠିକଣାରେ ମିସ୍ କାମ୍ପବେଲ୍ ନାମ୍ନୀ ଜଣେ ସମ୍ଭ୍ରାନ୍ତବଂଶୀୟା କୁମାରୀ ବାସ କରନ୍ତି, ସେ ଶ୍ରୀରାମକୃଷ୍ଣଙ୍କର ବିଶେଷ ଭକ୍ତ ଏବଂ ଉପବାସ ଓ ପ୍ରାର୍ଥନା ଅବଲମ୍ବନ କରି ଏହି ଦ୍ୱୀପରେ ନିର୍ଜନରେ ବାସ କରନ୍ତି, ଭାରତବର୍ଷ ଦର୍ଶନ ପାଇଁ ସେ ସର୍ବସ୍ୱ ତ୍ୟାଗ କରିବାକୁ ପ୍ରସ୍ତୁତ । କିନ୍ତୁ ସେ ଖୁବ୍ ଗରିବ । ତୁମେ ଯଦି ତାଙ୍କୁ ସଙ୍ଗରେ ଆଣିବ, ତେବେ ଯେଉଁ ଉପାୟରେ ହେଉ, ମୁଁ ତାଙ୍କ ଖରଚ ଦେବି । ମିସେସ୍ ବୁଲ୍ ଯଦି ବୁଢ଼ା ଲଣ୍ଡ୍ରସ୍‌ବର୍ଗଙ୍କୁ ତାଙ୍କ ସଙ୍ଗରେ ନେଇ ଆସିପାରନ୍ତି, ତେବେ ସେ ବଞ୍ଚିଯାଆନ୍ତା ।

ଖୁବ୍ ସମ୍ଭବ ମୁଁ ତୁମ ସଙ୍ଗରେ ଆମେରିକାକୁ ଫେରିବି । ହଲିଷ୍ଟାର୍ ଓ ଶିଶୁଟିକୁ ମୋର ଚୁମ୍ବନ ଦେବ । ଅଲବାର୍ଟା, ଲେଗେଟ-ଦମ୍ପତି ଓ ମ୍ୟାବେଲ୍‌କୁ ମୋର ପ୍ରୀତି ଜଣାଇବ । ଫକ୍‌ସ କଅଣ କରୁଛି ? ତା' ସଙ୍ଗରେ ଦେଖାହେଲେ ତାହାକୁ ମୋର ସ୍ନେହ ଜଣାଇବ । ମିସେସ୍ ବୁଲ୍ ଓ ସାରଦାନନ୍ଦଙ୍କୁ ପ୍ରୀତି ଜଣାଉଛି । ମୁଁ ପୂର୍ବଭଳି ସବଳ ଅଛି; କିନ୍ତୁ କିଭଳି ରହିବି ତାହା ନିର୍ଭର କରୁଛି ଭବିଷ୍ୟତରେ ସବୁ ଝଞ୍ଝଟରୁ ମୁକ୍ତ ରହିବା ଉପରେ । ଆଉ ଦୌଡ଼ାଦୌଡ଼ି କରିବା ଚଳିବ ନାହିଁ ।

ଏହି ବର୍ଷ ତିବତ ଯିବାର ଖୁବ୍ ଇଚ୍ଛା ଥିଲା, କିନ୍ତୁ ଏମାନେ ଯିବାକୁ ଦେଲେ ନାହିଁ; କାରଣ ସେହି ରାସ୍ତାରେ ଯିବା ଭୟଙ୍କର ଶ୍ରମସାପେକ୍ଷ । ଯାହାହେଉ ମୁଁ ଉଚା ପାହାଡ଼ ଉପର ଦେଇ ରୁଦ୍ଧଶ୍ୱାସରେ ପାହାଡ଼ୀ ଘୋଡ଼ା ଛୁଟାଇ ସନ୍ତୁଷ୍ଟ ଅଛି । ତୁମ ବାଇସାଇକେଲ ଅପେକ୍ଷା ଏହା ଅଧିକ ଉନ୍ମାଦନା-ପୂର୍ଣ୍ଣ; ଅବଶ୍ୟ ଉଇମ୍ବଲ୍‌ଡନ୍‌ରେ ମୋର ସେହି ଅଭିଜ୍ଞତା ମଧ୍ୟ ହୋଇଯାଇଛି । ମାଇଲ ମାଇଲ ଧରି ଉଠାଣି ଓ ମାଇଲ ମାଇଲ ଧରି ଗଡ଼ାଣି— ରାସ୍ତାଟା ଅଳ୍ପ କେତେଫୁଟ ମାତ୍ର ଚଉଡ଼ା, ପାହାଡ଼ ଦେହରେ ଯେପରି ଝୁଲି ରହିଛି, ଆଉ ବହୁ ସହସ୍ର ଫୁଟ ତଳେ ଖାତ ।

ସଦାପ୍ରଭୁପଦାଶ୍ରିତ, ବିବେକାନନ୍ଦ

ପୁଃ—ଭାରତକୁ ଆସିବାର ସବୁଠାରୁ ଭଲ ସମୟ ହେଉଛି ଅକ୍ଟୋବର ମଧ୍ୟରେ ବା ନଭେମ୍ବର ପ୍ରଥମରେ; ଡିସେମ୍ବର, ଜାନୁଆରି ଓ ଫେବୃଆରି ତୁମେ ସବୁ ଦେଖିବ ଏବଂ ଫେବୃଆରି ଶେଷରେ ଫେରିଯିବ । ମାର୍ଚ୍ଚରୁ ଗରମ ପଡ଼ିବାକୁ ଆରମ୍ଭ ହୁଏ । ଦକ୍ଷିଣଭାରତ ସବୁ ସମୟରେ ଗରମ ।
—ବି.

ମାନ୍ଦ୍ରାଜରେ ଶୀଘ୍ର ଖଣ୍ଡିଏ ପତ୍ରିକା ଆରମ୍ଭ ହେବ; ଗୁଡ୍‌ୱିନ୍ ସେହି କାର୍ଯ୍ୟରେ ସେଠାକୁ ଯାଇଛି ।
—ବି.

**୩୭୮ ନଂ** (ସ୍ୱାମୀ ଶୁଦ୍ଧାନନ୍ଦଙ୍କୁ ଲିଖିତ)

ଆଲମୋଡ଼ା, ୧୧ ଜୁଲାଇ ୧୮୯୭

ପ୍ରିୟ ଶୁଦ୍ଧାନନ୍ଦ,

ତୁମେ ସମ୍ପ୍ରତି ମଠର ଯେଉଁ କାର୍ଯ୍ୟ-ବିବରଣ ପଠାଇଛ, ତାହା ପାଇ ଭାରି ଖୁସି ହେଲି । ତୁମ ରିପୋର୍ଟ ସମ୍ବନ୍ଧରେ ମୋର ସମାଲୋଚନା କରିବାର ବିଶେଷ କିଛି ନାହିଁ—କେବଳ କହିବାକୁ ଚାହେଁ, ଆଉ ଟିକିଏ ପରିଷ୍କାର କରି ଲେଖିବ ।

ଯେତେଦୂରଯାଏ କାର୍ଯ୍ୟ ହୋଇଛି, ସେଥିରେ ମୁଁ ଖୁବ୍ ସନ୍ତୁଷ୍ଟ; କିନ୍ତୁ ଆହୁରି ଆଗେଇ ଯିବାକୁ ହେବ । ପୂର୍ବେ ମୁଁ ଥରେ ଲେଖିଥିଲି, କେତେଗୁଡ଼ିଏ ପଦାର୍ଥ-ବିଦ୍ୟା ଓ ରସାୟନଶାସ୍ତ୍ର-ସମ୍ବନ୍ଧୀୟ ଯନ୍ତ୍ର ଯୋଗାଡ଼ କଲେ ଭଲ ହୁଅନ୍ତା ଏବଂ କ୍ଲାସ୍ ଖୋଲି ପଦାର୍ଥ-ବିଦ୍ୟା ଓ ରସାୟନ, ବିଶେଷତଃ ଦେହତତ୍ତ୍ୱ ସମ୍ବନ୍ଧରେ ସହଜ ଭାବରେ ଓ ସରଳ ଭାଷାରେ ଶିକ୍ଷା ଦେଲେ ଭଲ ହୁଅନ୍ତା; କାହିଁ, ସେ ସମ୍ବନ୍ଧରେ ତ କୌଣସି ଉଚ୍ଚବାଚ୍ୟ ଏପର୍ଯ୍ୟନ୍ତ ଶୁଣିଲି ନାହିଁ !

ଆଉ ଗୋଟିଏ କଥା ଲେଖିଥିଲି—ଯେଉଁସବୁ ବୈଜ୍ଞାନିକ ଗ୍ରନ୍ଥ ବଙ୍ଗଳା ଭାଷାରେ ଅନୁବାଦ ହୋଇଯାଇଛି, ସେଗୁଡ଼ିକ କିଣି ପକାଇବା ଉଚିତ; ସେ ସମ୍ବନ୍ଧରେ ବା କଅଣ ହେଲା ?

ବର୍ତ୍ତମାନ ମୋର ମନେହେଉଛି—ମଠରେ ଏକ ସଙ୍ଗରେ ଅନ୍ତତଃ ତିନିଜଣ କରି ମହନ୍ତ ନିର୍ବାଚନ କଲେ ଭଲ ହୁଅନ୍ତା—ଜଣେ ବୈଷୟିକ ବ୍ୟାପାର ଚଳାଇବେ, ଜଣେ ଆଧ୍ୟାତ୍ମିକ ଦିଗ ଦେଖିବେ, ଆଉଜଣେ ଜ୍ଞାନାର୍ଜନର ବ୍ୟବସ୍ଥା କରିବେ ।

ଦେଖୁଛି, ଶିକ୍ଷାବିଭାଗର ଉପଯୁକ୍ତ ପରିଚାଳକ ମିଳିବା କଠିନ । ବ୍ରହ୍ମାନନ୍ଦ ଓ ତୁରୀୟାନନ୍ଦ ଅନାୟାସରେ ଅପର ଦୁଇଟି ବିଭାଗର ଭାର ନେଇପାରନ୍ତି । ମଠ ଦର୍ଶନ କରିବାକୁ କେବଳ କଲିକତାର ବାବୁମାନଙ୍କ ଦଳ ଆସୁଛନ୍ତି ଜାଣି ଦୁଃଖିତ ହେଲି । ସେମାନଙ୍କଦ୍ୱାରା କିଛି ହେବ ନାହିଁ । ଆମେ ଚାହୁଁ ସାହସୀ ଯୁବକଦଳ—ଯେଉଁମାନେ କାମ କରିବେ, ନିର୍ବୋଧମାନଙ୍କର ଦଳ ଦ୍ୱାରା କଅଣ ହେବ ?

ବ୍ରହ୍ମାନନ୍ଦଙ୍କୁ କହିବ, ସେ ଯେପରି ଅଭେଦାନନ୍ଦ ଓ ସାରଦାନନ୍ଦଙ୍କୁ—ମଠକୁ ସେମାନଙ୍କର ସାପ୍ତାହିକ କାର୍ଯ୍ୟ-ବିବରଣୀ ପଠାଇବାକୁ ଲେଖନ୍ତି—ଯେପରି ତାହା ପଠାଇବାରେ ତ୍ରୁଟି ନ ହୁଏ, ଆଉ ଯେଉଁ ବଙ୍ଗଳା କାଗଜଟି ବାହାର କରିବାର କଥା

ହେଉଛି, ତାହା ପାଇଁ ପ୍ରବନ୍ଧ ଓ ଆବଶ୍ୟକୀୟ ଉପାଦାନ ଯେପରି ସେମାନେ ପଠାନ୍ତି । ଗିରିଶବାବୁ କିଅଣ କାଗଜଟି ପାଇଁ ଯୋଗାଡ଼ଯନ୍ତ୍ର କରୁଛନ୍ତି ? ଅଦମ୍ୟ ଇଚ୍ଛାଶକ୍ତି ସହିତ କାର୍ଯ୍ୟ କରିଯାଅ ଓ ପ୍ରସ୍ତୁତ ରହ ।

ଅଖଣ୍ଡାନନ୍ଦ ମହୁଲରେ ଅଦ୍ଭୁତ କର୍ମ ଅବଶ୍ୟ କରୁଛି ସତ, କିନ୍ତୁ କାର୍ଯ୍ୟପ୍ରଣାଳୀ ଭଲ ବୋଲି ମନେହେଉ ନାହିଁ । ବୋଧ ହେଉଛି ସେମାନେ ଗୋଟିଏ ଛୋଟ ଗ୍ରାମରେ ହିଁ ସେମାନଙ୍କର ଶକ୍ତିକ୍ଷୟ କରୁଛନ୍ତି, ତାହା ମଧ୍ୟ କେବଳ ଚାଉଳବିତରଣ କାର୍ଯ୍ୟରେ । ଏହି ଚାଉଳ ସାହାଯ୍ୟ ଦେବା ସଙ୍ଗେ ସଙ୍ଗେ କୌଣସି ପ୍ରକାର ପ୍ରଚାର କାର୍ଯ୍ୟ ହେଉଛି—କାହିଁ ଏପରି ତ ଶୁଣିବାକୁ ପାଉ ନାହିଁ । ଲୋକମାନଙ୍କୁ ଯଦି ଆତ୍ମନିର୍ଭରଶୀଳ ହେବାକୁ ଶିଖା ନ ଯାଏ, ତେବେ ଜଗତର ସମସ୍ତ ଐଶ୍ୱର୍ଯ୍ୟ ମଧ୍ୟ ଭାରତର ଗୋଟିଏ କ୍ଷୁଦ୍ର ଗ୍ରାମ ପାଇଁ ଯଥେଷ୍ଟ ସାହାଯ୍ୟ ହେବ ନାହିଁ ।

ଆମର କାର୍ଯ୍ୟ ହେବା ଉଚିତ ପ୍ରଧାନତଃ ଶିକ୍ଷାଦାନ—ଚରିତ୍ର ଓ ବୁଦ୍ଧିବୃତ୍ତି ଉଭୟର ଉତ୍କର୍ଷସାଧନ ଲାଗି ଶିକ୍ଷା-ବିସ୍ତାର । ମୁଁ ସେ ସମ୍ବନ୍ଧରେ ତ କୌଣସି କଥା ଶୁଣୁ ନାହିଁ—କେବଳ ଶୁଣୁଛି, ଏତେଗୁଡ଼ିଏ ଭିକ୍ଷୁକଙ୍କୁ ସାହାଯ୍ୟ ଦିଆଯାଇଛି ! ବିଭିନ୍ନ ଜିଲ୍ଲାରେ କେନ୍ଦ୍ର ଖୋଲିବା ପାଇଁ ବ୍ରହ୍ମାନନ୍ଦଙ୍କୁ କହ, ଯେଉଁଥିରେ ଆମର ସାମାନ୍ୟ ସମ୍ବଳରେ ଯେତେଦୂର ସମ୍ଭବ ଅଧିକ ଜାଗାରେ କାର୍ଯ୍ୟ କରାଯିବ । ଆହୁରି ବୋଧ ହେଉଛି, ଏପର୍ଯ୍ୟନ୍ତ ଏହି କାର୍ଯ୍ୟରେ ଫଳତଃ କିଛି ହୋଇ ନାହିଁ; କାରଣ ସେମାନେ ଏପର୍ଯ୍ୟନ୍ତ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ସେପରି ଆକାଙ୍‌କ୍ଷା ଜଗାଇପାରି ନାହାନ୍ତି, ଯହିଁରେ ସେମାନେ ଲୋକଙ୍କ ଶିକ୍ଷା ବିଷୟ ପାଇଁ ସଭାସମିତି ସ୍ଥାପନ କରିପାରନ୍ତି ଏବଂ ସେହି ଶିକ୍ଷା ଫଳରେ ସେମାନେ ଆତ୍ମନିର୍ଭରଶୀଳ ଓ ମିତବ୍ୟୟୀ ହୋଇପାରନ୍ତି, ବିବାହ ଆଦିକୁ ଅସ୍ୱାଭାବିକ ଆକର୍ଷଣ ନ ରହେ, ଏବଂ ଏହିପରି ଭବିଷ୍ୟତରେ ଦୁର୍ଭିକ୍ଷ କବଳରୁ ଆପଣାକୁ ରକ୍ଷା କରିପାରନ୍ତି । ଦୟାଦ୍ୱାରା ଲୋକର ହୃଦୟ ଖୋଲିଯାଏ; କିନ୍ତୁ ସେହି ଦ୍ୱାର ଦେଇ ତାହାର ସର୍ବାଙ୍ଗୀନ ହିତ ଯେପରି ହୁଏ, ସେଥିଲାଗି ଚେଷ୍ଟା କରିବାକୁ ହେବ ।

ସର୍ବାପେକ୍ଷା ସହଜ ଉପାୟ ହେଉଛି—ଗୋଟିଏ ଛୋଟ କୁଡ଼ିଆଘର ନେଇ ଗୁରୁ-ମହାରାଜଙ୍କର ମନ୍ଦିର କର—ଗରିବ ଲୋକେ ସେଠାକୁ ଆସନ୍ତୁ—ସେମାନଙ୍କୁ ସାହାଯ୍ୟ ମଧ୍ୟ କରାଯାଉ—ସେମାନେ ସେଠାରେ ପୂଜା-ଅର୍ଚ୍ଚନାଦି ମଧ୍ୟ କରନ୍ତୁ । ପ୍ରତ୍ୟହ ସକାଳେ ସନ୍ଧ୍ୟାରେ ସେଠାରେ 'କଥା' (ପୁରାଣାଦିପାଠ) ହେଉ; ସେହି କଥା ସାହାଯ୍ୟରେ ତୁମେମାନେ ଲୋକଙ୍କୁ ଯାହା ଶିଖାଇବାକୁ ଇଚ୍ଛା କରୁଛ, ତାହା ଶିଖାଇପାରିବ । କ୍ରମେ କ୍ରମେ ସେମାନଙ୍କ ନିଜର ସେହି ବିଷୟରେ ଗୋଟାଏ ଆସ୍ଥା ବା ଆଗ୍ରହ ବଢ଼ିବ—ସେତେବେଳେ ସେମାନେ ନିଜେ ନିଜେ ସେହି ମନ୍ଦିରର ଭାର ନେବେ, ଆଉ ହୋଇପାରେ, କେତୋଟି ବର୍ଷ ଭିତରେ ସେହି କ୍ଷୁଦ୍ର ମନ୍ଦିରଟି ଗୋଟିଏ ପ୍ରକାଣ୍ଡ ଆଶ୍ରମରେ ପରିଣତ ହେବ । ଯେଉଁମାନେ ଦୁର୍ଭିକ୍ଷମୋଚନ-କାର୍ଯ୍ୟରେ ଯାଉଛନ୍ତି, ସେମାନେ ପ୍ରଥମେ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ମଝାମଝି ଜାଗା ନିର୍ବାଚନ କରନ୍ତୁ—ଏହିପରି ଗୋଟିଏ କୁଡ଼ିଆଘର ନେଇ

ସେଠାରେ ଠାକୁରଘର ସ୍ଥାପନ କରନ୍ତୁ—ସେଇଁଠାରୁ ଆମର ଅଳ୍ପ ସ୍ୱଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରେ ।

ମନ ମୁତାବକ କାର୍ଯ୍ୟ ପାଇଲେ ଅତି ମୂର୍ଖ ମଧ୍ୟ ତାହା କରିପାରେ । ସବୁ କାର୍ଯ୍ୟକୁ ମନଲାଖି ଯେ କରିନେଇପାରେ, ସେ ହିଁ ବୁଦ୍ଧିମାନ୍ । କୌଣସି କାର୍ଯ୍ୟ ଶ୍ରେଷ୍ଠ ନୁହେଁ, ଏ ସଂସାରରେ ଯାବତୀୟ ବସ୍ତୁ ବଟବୀଜଭଳି, ସୋରିଷ ପରି କ୍ଷୁଦ୍ର ଦେଖାଗଲେ ମଧ୍ୟ ଅତି ବୃହତ୍ ବଟବୃକ୍ଷ ତାହା ଭିତରେ । ବୁଦ୍ଧିମାନ୍ ସେହି, ଯେ ଏଇଟି ଦେଖିପାରେ ଏବଂ ସକଳ କାର୍ଯ୍ୟକୁ ମହତ୍ତ୍ୱ କରି ତୋଳେ ।

ଯେଉଁମାନେ ଦୁର୍ଭିକ୍ଷ-ମୋଚନ କରୁଛନ୍ତି, ସେମାନଙ୍କୁ ଲକ୍ଷ୍ୟ ରଖିବାକୁ ହେବ ଯେ, ଜୁଆଚ୍ଚୋରମାନେ ଯେପରି ଗରିବର ପ୍ରାପ୍ୟ ନେଇ ନ ଯାଇପାରନ୍ତି । ଭାରତବର୍ଷ ଏପରି ଅଳସ ଜୁଆଚ୍ଚୋରମାନଙ୍କ ଦ୍ୱାରା ପୂର୍ଣ୍ଣ; କିନ୍ତୁ ଦେଖି ଆଶ୍ଚର୍ଯ୍ୟ ହେବ ଯେ, ସେମାନେ କେବେ-ହେଲେ ଖାଇବା ବିନା ମରନ୍ତି ନାହିଁ—କିଛି ନା କିଛି ଖାଇବାକୁ ପାଆନ୍ତି । ବ୍ରହ୍ମାନନ୍ଦଙ୍କୁ କହିବ, ଯେଉଁମାନେ ଦୁର୍ଭିକ୍ଷରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଏହି କଥା ଲେଖିବେ—ଯହିଁରେ କୌଣସି ଫଳ ନାହିଁ—ଏପରି କିଛି ପାଇଁ ଟଙ୍କା ଖରଚ କରିବାକୁ ସେମାନଙ୍କୁ କଦାପି ଦିଆଯିବ ନାହିଁ—ଆମେ ଚାହୁଁ, ଯେତେଦୂର ସମ୍ଭବ ଅଳ୍ପ ଖର୍ଚ୍ଚରେ ଯେତେ ବେଶୀ ସମ୍ଭବ ସ୍ଥାୟୀ ସତ୍କାର୍ଯ୍ୟର ପ୍ରତିଷ୍ଠା ।

ବର୍ତ୍ତମାନ ତୁମେମାନେ ବୁଝିପାରୁଛ, ତୁମମାନଙ୍କୁ ନୂତନ ନୂତନ ମୌଳିକ ଚିନ୍ତା ପାଇଁ ଚେଷ୍ଟା କରିବାକୁ ହେବ—ତାହା ନ ହେଲେ ମୁଁ ମରିଯିବା ପରେ ସମୁଦାୟ କାର୍ଯ୍ୟଟି ଚୁରମାର୍ ହୋଇଯିବ । ଏପରି କରିପାର—ତୁମେମାନେ ସମସ୍ତେ ମିଶି ଏହି ବିଷୟ ଆଲୋଚନା ଲାଗି ଗୋଟିଏ ସଭା କରି, ଆମମାନଙ୍କ ହାତରେ ଯେଉଁ ଅଳ୍ପସ୍ୱଳ୍ପ ସମ୍ବଳ ଅଛି, ସେଥିରୁ କି ଉପାୟରେ ସର୍ବାପେକ୍ଷା ଭଲ ସ୍ଥାୟୀ କାର୍ଯ୍ୟ ହୋଇପାରେ । କିଛିଦିନ ଆଗରୁ ସମସ୍ତଙ୍କୁ ଏ ବିଷୟରେ ଖବର ଦିଆଯାଉ, ସମସ୍ତେ ନିଜର ମତାମତ, ବକ୍ତବ୍ୟ କୁହନ୍ତୁ, ସେଗୁଡ଼ିକ ନେଇ ବିଚାର ହେଉ, ବାଦ-ପ୍ରତିବାଦ ହେଉ, ତା'ପରେ ମୋତେ ତହିଁର ଗୋଟିଏ ରିପୋର୍ଟ ପଠାଅ ।

ଉପସଂହାରରେ କହେଁ, ତୁମେମାନେ ମନେରଖ, ମୁଁ ମୋର ଗୁରୁଭାଇମାନଙ୍କ ଅପେକ୍ଷା ମୋ ସନ୍ତାନମାନଙ୍କ ନିକଟରୁ ଅଧିକ ପ୍ରତ୍ୟାଶା କରେ—ମୁଁ ଚାହେଁ, ମୋର ସବୁ ପିଲାମାନେ, ମୁଁ ଯେତେ ବଡ଼ ହୋଇପାରିଥାଆନ୍ତି, ତାହା ଅପେକ୍ଷା ଶତଗୁଣ ବଡ଼ ହୁଅନ୍ତୁ । ତୁମମାନଙ୍କର ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ 'ଦାନବ' ଅବଶ୍ୟ ହେବାକୁ ପଡ଼ିବ—ମୁଁ କହୁଛି—ଅବଶ୍ୟ ହେବାକୁ ପଡ଼ିବ । ଆଜ୍ଞାବହତା, ଉଦ୍ଦେଶ୍ୟ ଉପରେ ଅନୁରାଗ ଓ ସର୍ବଦା ପ୍ରସ୍ତୁତ ହୋଇ ରହିବା—ଏହି ତିନୋଟି ଯଦି ଥାଏ, କୌଣସି କିଛି ତୁମମାନଙ୍କୁ ହଟାଇ-ପାରିବ ନାହିଁ । ମୋର ସ୍ନେହ ଓ ଆଶୀର୍ବାଦ ଜାଣିବ । ଇତି

ସ୍ନେହାଶୀର୍ବାଦକ, ବିବେକାନନ୍ଦ

**୩୭୯** (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଦେଉଳଧାର, ଆଲମୋଡ଼ା, ୧୩ ଜୁଲାଇ ୧୮୯୭

ପ୍ରେମାସ୍ପଦେଷୁ,

ଏଠାରୁ ଆଲମୋଡ଼ା ଯାଇ ଯୋଗେନ୍-ଭାଇ ପାଇଁ ବିଶେଷ ଚେଷ୍ଟା କଲି । କିନ୍ତୁ ଭାଇ ଟିକିଏ ଆରାମ ବୋଧ କଲାପରେ ଦେଶକୁ ଯାତ୍ରା କଲେ । ସୁଭାଳି ଭାଲି ପହଞ୍ଚିଲେ ସମ୍ବାଦ ଦେବେ । ··· ଡାଣ୍ଡି ଆଦି ମିଳିବା ଅସମ୍ଭବ ହେତୁ ଲହୁରି ଯିବା ହେଲି ନାହିଁ । ମୁଁ ଓ ଅଚ୍ୟୁତ ପୁନର୍ବାର ଏଠାକୁ ଆସିଛୁ । ଘୋଡ଼ାପିଠିରେ ଖରାରେ ଊର୍ଦ୍ଧ୍ୱଶ୍ୱାସରେ ଦୌଡ଼ିବା ହେତୁ ମୋ ଦେହ ଆଜି ଟିକିଏ ଖରାପ ଅଛି । ଶଶୀବାବୁଙ୍କ ଔଷଧ ପ୍ରାୟ ଦୁଇ ସପ୍ତାହ ଖାଇଲି—ବିଶେଷ କିଛି ଫଳ ଦେଖୁ ନାହିଁ । ଲିଭର୍‌ର ଦରଜ ଯାଇଛି ଓ ଖୁବ୍ କସରତ୍ କରିବା ଫଳରେ ହାତଗୋଡ଼ ବିଶେଷ muscular (ପେଶୀବହୁଳ) ହୋଇଛି, କିନ୍ତୁ ପେଟଟା ବିଶେଷ ଫୁଲିଛି; ଉଠୁଣୁ ବସୁଣୁ ଅଣନିଃଶ୍ୱାସୀ ହୋଇପଡ଼ୁଛି । ବୋଧହୁଏ ଦୁଧ ପିଇବା ତା'ର କାରଣ । ଶଶୀକୁ ପଚାରିବ ଯେ, ଦୁଗ୍ଧ ଛାଡ଼ିଦେଇ ହେବ କି ନାହିଁ । ପୂର୍ବେ ମୋର ଦୁଇଥର sun-stroke (ସର୍ଦ୍ଦି ଓ ପେଟଗରମ) ହୋଇଥିଲା । ସେହିଦିନଠାରୁ ଖରା ବାଜିଲେ ହିଁ ଆଖି ଲାଲ ହୁଏ, ଦୁଇତିନି ଦିନ ଦେହ ଖରାପ ହୁଏ ।

ମଠର ଖବର ଶୁଣି ବିଶେଷ ସୁଖୀ ହେଲି ଓ ଦୁର୍ଭିକ୍ଷର କାର୍ଯ୍ୟ ଉତ୍ତମରୂପେ ହେଉଛି ଶୁଣିଲି । ଦୁର୍ଭିକ୍ଷ ଲାଗି 'ବ୍ରହ୍ମବାଦିନ୍' ଅଫିସରୁ ଟଙ୍କା ଆସିଛି କି ନାହିଁ ଲେଖିବ ଏବଂ ଏଠାରୁ ମଧ୍ୟ ଶୀଘ୍ର ଟଙ୍କା ଯିବ । ଦୁର୍ଭିକ୍ଷ ଆହୁରି ଅନେକ ସ୍ଥାନରେ ତ ଅଛି । ଗୋଟିଏ ଗାଁରେ ଏତେ ଦିନ ଦରକାର ନାହିଁ । ସେମାନଙ୍କୁ ଅନ୍ୟତ୍ର ଯିବାକୁ କହିବ ଏବଂ ଜଣଜଣଙ୍କୁ ଗୋଟିଏ ଗୋଟିଏ ଜାଗାକୁ ଯିବାକୁ ଲେଖିବ । ଏସବୁ କାର୍ଯ୍ୟ ହିଁ ଅସଲ କାମ; ଏହିପରି କ୍ଷେତ୍ର କର୍ଷିତ ହେଲେ ଯାଇଁ ଧର୍ମର ବୀଜ ବପନ କରାଯାଇପାରେ । ଯେଉଁ ରକ୍ଷଣଶୀଳମାନେ ଆମକୁ ଗାଳି ଦେଉଛନ୍ତି, ଏପ୍ରକାର କାର୍ଯ୍ୟ ହିଁ ତା'ର ଏକମାତ୍ର ଉତ୍ତର—ଏହିଟି ସଦା ମନେରଖିବ । ଶଶୀ ଓ ସାରଦା ଯେପରି କହୁଛନ୍ତି, ସେପରି ଛପାଇବାକୁ ମୋର କୌଣସି ଆପତ୍ତି ନାହିଁ ।

ମଠର ନାମ କଅଣ ହେବ ତୁମେମାନେ ହିଁ ସ୍ଥିର କର ।··· ଟଙ୍କା ସାତ ସପ୍ତାହ ମଧ୍ୟରେ ପହଞ୍ଚିବ; ଜମିର ତ କିଛି ଖବର ନାହିଁ । ଏ ବିଷୟରେ କାଶୀପୁରର କୃଷ୍ଣଗୋପାଳର ଉଦ୍ୟାନଟି ନେଲେ ମଧ୍ୟ ଭଲ ହୁଅନ୍ତା ନାହିଁ କି ? ପରେ କ୍ରମେ ବଡ଼ କାର୍ଯ୍ୟ ହେବ । ଯଦି ମତ ହୁଏ, ଏ ବିଷୟ କାହାରିକୁ—ମଠର ବା ବାହାରର—ନ କହି ଚୁପ୍‌ଚାପ୍ ଅନୁସନ୍ଧାନ କରିବ । ଦୁଇକାନ ହେଲେ ହିଁ କାର୍ଯ୍ୟ ଖରାପ ହୁଏ । ଯଦି ପନ୍ଦର ଷୋଳ ହଜାର ଭିତରେ ହୁଏ ତ ତତ୍‌କ୍ଷଣାତ୍ କିଣିବ (ଯଦି ଭଲ ମନେକର) । ଯଦି କିଛି ବେଶୀ ହୁଏ ତ ଅଗ୍ରୀମ ଦେଇ ସାତ ସପ୍ତାହ ଅପେକ୍ଷା କରିବ । ମୋ ମତରେ ଆପାତତଃ ସେଇଟା ନେବା ଭଲ । ବାକି ଧୀରେ ଧୀରେ ହେବ । ସେହି ଉଦ୍ୟାନ ସହିତ ଆମର ସମସ୍ତ (association) ସ୍ମୃତି ଜଡ଼ିତ । ବାସ୍ତବିକ୍ ଏହା ହିଁ ଆମର ପ୍ରଥମ ମଠ । ଅତି ଗୋପନରେ—'ଫଳାନୁମେୟାଃ ପ୍ରାରମ୍ଭାଃ ସଂସ୍କାରାଃ ପ୍ରାକ୍ତନା ଇବ'—(ଫଳ ଦେଖି କାର୍ଯ୍ୟର ବିଚାର ସମ୍ଭବ ହୁଏ; ଯେପରି

ଫଳ ଦେଖି ପୂର୍ବ ସଂସ୍କାରର ଅନୁମାନ କରାଯାଏ) ।

କାଶୀପୁର ଉଦ୍ୟାନର ଜମିର ଦାମ୍ ଅବଶ୍ୟ ବଢ଼ିଯାଇଛି, କିନ୍ତୁ ପଇସା ସେପରି କମିଯାଇଛି । ଯାହା ହେଉ ଗୋଟାଏ କିଛି କର ଓ ଶୀଘ୍ର କର । 'ଗଚ୍ଛଂ ଗଚ୍ଛ' କରୁ କରୁ ସବୁ କାର୍ଯ୍ୟ ମାଟି ହୁଏ । ସେଟା ତ ନେବାକୁ ହିଁ ପଡ଼ିବ, ଆଜି ନ ହେଲେ କାଲି— ଗଙ୍ଗାତୀରରେ ଯେତେବଡ଼ ମଠ ହେଉନା କାହିଁକି । ଅନ୍ୟ ଲୋକଦ୍ୱାରା କଥା ପକାଇଲେ ଆହୁରି ଭଲ ହୁଅନ୍ତା । ଆମର କିଣିବା କଥା ଜାଣିପାରିଲେ ଲମ୍ବା ଦର ହାଙ୍କିବ । ଚୁପଚାପ୍ ଚାଲ । ଅଲମିତି, ଠାକୁରେ ସହାୟ । ଭୟ କଅଣ ? ସମସ୍ତଙ୍କୁ ମୋର ପ୍ରୀତି ଦେବ ।

ବିବେକାନନ୍ଦ

(ଲଫାଫା ଉପରେ ଲିଖିତ)

··· କାଶୀପୁରର ବିଶେଷ ଚେଷ୍ଟା କର । ··· ବେଲୁଡ଼ର ଜମି କଥା ଛାଡ଼ିଦିଅ ।

ହଜୁରମାନଙ୍କ ନାମ ଦାଉରେ ଗରିବଗୁଡ଼ିକ କଅଣ ଶୁଖି ମରିବେ ? ସବୁ ନାମ 'ମହାବୋଧି' ନେବ ତ ନେଉ । ଗରିବମାନଙ୍କର ଉପକାର ହେଉ । କାମ ବେଶ୍ ଚାଲିଛି— ଉତ୍ତମ କଥା । ଆହୁରି ଲାଗିଯାଅ । ମୁଁ ପ୍ରବନ୍ଧ ପଠାଇବାକୁ ଆରମ୍ଭ କରୁଛି । Saccharine & lime (ସ୍ୟାକାରିନ୍ ଓ ଲେମ୍ବୁ) ଆସିଛି ।

—ବି.

**୩୬୦ଇଂ** (ଭଗିନୀ ନିବେଦିତାଙ୍କୁ ଲିଖିତ)

ଆଲମୋଡ଼ା, ୨୩ ଜୁଲାଇ ୧୮୯୭

କଲ୍ୟାଣୀୟା ମିସ୍ ନୋବଲ୍,

ମୋର ସଂକ୍ଷିପ୍ତ ଚିଠି ଲାଗି କିଛି ମନେକରିବ ନାହିଁ । ମୁଁ ବର୍ତ୍ତମାନ ପାହାଡ଼ରୁ ସମତଳ ଭୂମି ଆଡ଼କୁ ଚାଲିଛି, କୌଣସି ଗୋଟିଏ ସ୍ଥାନରେ ପହଞ୍ଚି ତୁମକୁ ବିସ୍ତାରିତ ଚିଠି ଦେବି ।

ପରିଷ୍କୃତା ନ ଥିଲେ ମଧ୍ୟ ସରଳତା ଥାଇପାରେ—ତୁମର ଏ କଥାର ଯେ କି ଅର୍ଥ ତାହା ମୁଁ ତ ବୁଝିପାରୁ ନାହିଁ । ମୋ ଆଡ଼ୁ ମୁଁ କହିପାରେ ଯେ, ପ୍ରାଚ୍ୟ ଲୌକିକତାର ସାମାନ୍ୟ ଯେଉଁ ଟିକିଏ ଏବେ ସୁଦ୍ଧା ମୋର ଅଛି, ତା'ର ଶେଷ ଚିହ୍ନ ଟିକକ ପୋଛି ପକାଇ ମୁଁ ଶିଶୁସୁଲଭ ସରଳତା ଦେଇ କଥା କହିବା ପାଇଁ ପ୍ରସ୍ତୁତ । ଅହା, ଯଦି ଗୋଟିଏ ଦିନ ଲାଗି ମଧ୍ୟ ସ୍ୱାଧୀନତାର ପୂର୍ଣ୍ଣ ଆଲୋକରେ ବାସ କରାଯାଇପାରନ୍ତା ଏବଂ ସରଳତାର ମୁକ୍ତ ବାୟୁରେ ନିଃଶ୍ୱାସ ଗ୍ରହଣ କରାଯାଇପାରନ୍ତା ! ଏହା ହିଁ କଅଣ ଶ୍ରେଷ୍ଠ ପବିତ୍ରତା ନୁହେଁ ?

ଏ ସଂସାରରେ ଅନ୍ୟର ଭୟରେ ଆମେ କାର୍ଯ୍ୟ କରୁ, ଭୟରେ କଥା କହୁ, ଭୟରେ ଚିନ୍ତା କରୁ । ହାୟ, ଶତ୍ରୁପରିବେଷ୍ଟିତ ଜଗତରେ ଆମର ଜନ୍ମ ! 'ଶତ୍ରୁର ଗୁପ୍ତଚର ବିଶେଷ ଭାବରେ ମୋତେ ହିଁ ଲକ୍ଷ୍ୟ କରି ଘୂରୁଛି'—ଏହିପରି ଗୋଟାଏ ଭାବର ହାତରୁ କିଏ ନିଷ୍କୃତି ପାଇଛି ? ଆଉ ଜୀବନରେ ଯେ ଆଗେଇ ଯିବାକୁ ଚାହେଁ— ତାହାର ଭାଗ୍ୟରେ ଅଛି ଦୁର୍ଗତି ! ଏ ସଂସାର କଅଣ କେବେ ଆପଣାର ଲୋକରେ ପୂର୍ଣ୍ଣ ହେବ ? କିଏ କହିପାରିବ ? ଆମେ କେବଳ ଚେଷ୍ଟା କରିପାରୁ ।

କାର୍ଯ୍ୟ ଆରମ୍ଭ ହୋଇଯାଇଛି ଏବଂ ବର୍ତ୍ତମାନ ଦୁର୍ଭିକ୍ଷ-ନିବାରଣ ହିଁ ଆମର ପ୍ରଧାନ କର୍ତ୍ତବ୍ୟ । କେତୋଟି କେନ୍ଦ୍ର ଖୋଲି ଯାଇଛି ଏବଂ କାର୍ଯ୍ୟ ଚାଲିଛି—ଦୁର୍ଭିକ୍ଷ-ସେବା, ପ୍ରଚାର ଏବଂ ସାମାନ୍ୟ ଶିକ୍ଷାଦାନ । ଏପର୍ଯ୍ୟନ୍ତ ଅବଶ୍ୟ ଖୁବ୍ ସାମାନ୍ୟ ଭାବରେ ଚାଲିଛି, ଯେଉଁସବୁ ପିଲମାନେ ଶିକ୍ଷାଧୀନ ଅଛନ୍ତି, ସେମାନଙ୍କୁ ସୁବିଧା ଅନୁଯାୟୀ କାର୍ଯ୍ୟରେ ଲଗାଯାଉଛି ।

ବର୍ତ୍ତମାନ ମାଡ୍ରାଜ ଓ କଲିକତା ଆମର କାର୍ଯ୍ୟର ଜାଗା । ଗୁଡ୍‌ଉଇନ୍ ମାଡ୍ରାଜରେ କାର୍ଯ୍ୟ କରୁଛି । କଲମ୍ବୋକୁ ମଧ୍ୟ ଜଣେ ଯାଇଛନ୍ତି । ଯଦି ଇତିମଧ୍ୟରେ ପଠାଯାଇ ନ ଥାଏ, ତେବେ ଆଗାମୀ ସପ୍ତାହରୁ ତୁମ ପାଖକୁ ଏମସ୍ତ କାର୍ଯ୍ୟର ଗୋଟିଏ ଲେଖାଏଁ ମାସିକ ବିବରଣୀ ପଠାଯିବ । ମୁଁ ବର୍ତ୍ତମାନ କର୍ମକେନ୍ଦ୍ରରୁ ଦୂରରେ ଅଛି; ସେଥିପାଇଁ ସବୁ ଠିକ୍‌ଏ ଭଲ ଭାବରେ ଚାଲିଛି, ତୁମେ ଜାଣିପାରୁଥିବ । କିନ୍ତୁ ମୋଟ ଉପରେ କାର୍ଯ୍ୟ ସନ୍ତୋଷଜନକ ।

ତୁମେ ଏଠାକୁ ନ ଆସି ଇଂଲଣ୍ଡରେ ରହି ଆମ ପାଇଁ ବେଶୀ କାର୍ଯ୍ୟ କରିପାରିବ । ଦରିଦ୍ର ଭାରତବାସୀଙ୍କର କଲ୍ୟାଣ ପାଇଁ ତୁମର ବିପୁଳ ଆତ୍ମତ୍ୟାଗ ନିମିତ୍ତ ଭଗବାନ ତୁମକୁ ଆଶୀର୍ବାଦ କରନ୍ତୁ ।

ମୁଁ ଇଂଲଣ୍ଡ ଗଲେ ସେଠାକାର କାର୍ଯ୍ୟ ଯେ ଅନେକ ପରିମାଣରେ ଜମିଉଠିବ ତାହା ତୁମ ଭଳି ମୁଁ ମଧ୍ୟ ବିଶ୍ୱାସ କରେ । ତଥାପି ଏଠାକାର କର୍ମଚକ୍ର ଅନେକ ପରିମାଣରେ ବୁଲିବାକୁ ଆରମ୍ଭ ନ କଲେ ଏବଂ ମୋର ଅନୁପସ୍ଥିତିରେ କାର୍ଯ୍ୟ ଚଲାଇବା ଭଳି ଅନେକେ ଅଛନ୍ତି ଏହା ନ ଜାଣି, ମୋ ପକ୍ଷରେ ଭାରତବର୍ଷ ତ୍ୟାଗ କରିବା ଠିକ୍ ହେବ ନାହିଁ । ମୁସଲମାନଙ୍କ କଥାରେ 'ଖୋଦାଙ୍କ ମର୍ଜିରେ'—କେତୋଟି ମାସ ମଧ୍ୟରେ ହିଁ ତାହା ହୋଇ-ଯିବ । ମୋର ଅନ୍ୟତମ ଶ୍ରେଷ୍ଠ କର୍ମୀ ଖେତଡ଼ୀର ରାଜା ବର୍ତ୍ତମାନ ଇଂଲଣ୍ଡରେ ଅଛନ୍ତି । ସେ ଶୀଘ୍ର ଭାରତକୁ ଫେରିଆସିବେ ଏବଂ ମୋର ବିଶେଷ ସହାୟକ ଅବଶ୍ୟ ହେବେ ।

ମୋର ଅନନ୍ତ ପ୍ରୀତି ଓ ଆଶୀର୍ବାଦ ଜାଣିବ । ଇତି

ବିବେକାନନ୍ଦ

୩୭୧ (ସ୍ୱାମୀ ଅଖଣ୍ଡାନନ୍ଦଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ

ଆଲମୋଡ଼ା, ୨୪ ଜୁଲାଇ ୧୮୯୭

କଲ୍ୟାଣବରେଷୁ,

ତୁମ ପତ୍ରରୁ ସବିଶେଷ ଅବଗତ ହୋଇ ବିଶେଷ ଆନନ୍ଦିତ ହେଲି । Orphanage (ଅନାଥାଶ୍ରମ) ସମ୍ବନ୍ଧରେ ତୁମର ଯେଉଁ ଅଭିପ୍ରାୟ ଅତି ଉତ୍ତମ ଓ ଶ୍ରୀ-ମହାରାଜ ତାହା ଅଚିରାତ୍ ନିଶ୍ଚୟ ପୂର୍ଣ୍ଣ କରିବେ । ଯେପରି ଗୋଟିଏ ସ୍ଥାୟୀ centre (କେନ୍ଦ୍ର) ହେବ, ସେଥିପାଇଁ ପ୍ରାଣପଣ ଚେଷ୍ଟା କରିବ ।··· ଟଙ୍କା ପାଇଁ ଚିନ୍ତା ନାହିଁ—କାଲି ମୁଁ ଆଲମୋଡ଼ାରୁ plainକୁ (ସମତଳ ପ୍ରଦେଶକୁ) ଯିବି, ଯେଉଁଠାରେ ହଇଚୋଳ ହେବ ସେଠାରେ ଚାନ୍ଦା ଉଠାଇବି—famine (ଦୁର୍ଭିକ୍ଷ) ପାଇଁ—ଭୟ ନାହିଁ । ଆମର କଲିକତାର ମଠ ନମୁନାରେ ପ୍ରତ୍ୟେକ ଜିଲାରେ ଯେତେବେଳେ ଗୋଟିଏ ଗୋଟିଏ ମଠ ହେବ, ସେତେବେଳେ ଯାଇ ମୋର ମନସ୍କାମନା ପୂର୍ଣ୍ଣ ହେବ । ପ୍ରଚାର-କାର୍ଯ୍ୟ ମଧ୍ୟ ଯେପରି ବନ୍ଦ ନ ହୁଏ ଏବଂ ପ୍ରଚାର

ଅପେକ୍ଷା ବିଦ୍ୟାଶିକ୍ଷା ହିଁ ପ୍ରଧାନ କାର୍ଯ୍ୟ; ଗ୍ରାମର ଲୋକମାନଙ୍କୁ lecture (ବକ୍ତୃତା) ଆଦି ଦ୍ୱାରା ଧର୍ମ, ଇତିହାସ ଇତ୍ୟାଦି ଶିକ୍ଷା ଦେବାକୁ ହେବ—ବିଶେଷତଃ ଇତିହାସ । ଇଂଲଣ୍ଡରେ ଆମର ଏହି ଶିକ୍ଷା-କାର୍ଯ୍ୟର ସହାୟତା ଲାଗି ଗୋଟିଏ ସଭା ଅଛି, ଏ ସଭାର କାର୍ଯ୍ୟ ଖୁବ୍ ଭଲ ଭାବରେ ଚାଲୁଛି ବୋଲି ସମ୍ବାଦ ମିଳୁଛି । ଏହାପରି ଚତୁର୍ଦ୍ଦିଗରୁ କ୍ରମଶଃ ସହାୟ ଆସିବ । ଭୟ କଅଣ ? ଯେଉଁମାନେ ଭାବନ୍ତି ଯେ, ସହାୟତା ଆସିଲେ ତା'ପରେ କାର୍ଯ୍ୟ କରିବୁ, ସେମାନଙ୍କ ଦ୍ୱାରା କୌଣସି କାର୍ଯ୍ୟ ହୁଏ ନାହିଁ । ଯେଉଁମାନେ ଭାବନ୍ତି ଯେ, କାର୍ଯ୍ୟକ୍ଷେତ୍ରରେ ଅବତରଣ କଲେ ହିଁ ସହାୟତା ଆସିବ, ସେମାନେ ହିଁ କାର୍ଯ୍ୟ କରନ୍ତି ।

ସବୁ ଶକ୍ତି ତୁମ ଭିତରେ ରହିଛି—ବିଶ୍ୱାସ କର, ପ୍ରକାଶିତ ହେବାକୁ ଡେରି ହେବ ନାହିଁ । ମୋର ପ୍ରାଣର ସ୍ନେହ ଓ ଆଶୀର୍ବାଦ ଜାଣିବ ଓ ବ୍ରହ୍ମଚାରୀଙ୍କୁ ଜଣାଇବ । ଖୁବ୍ ଉତ୍ସାହପୂର୍ଣ୍ଣ ଚିଠି ତୁମେ ମଠକୁ ମଝିରେ ମଝିରେ ଲେଖିବ, ଯହିଁରେ ସମସ୍ତେ ଉତ୍ସାହିତ ହୋଇ କାର୍ଯ୍ୟ କରନ୍ତି । 'ବାହ୍ ଗୁରୁଜୀକୀ ଫତେ ।' କିମଧିକମିତି

ବିବେକାନନ୍ଦ

୩୭୨ଇଂ (ମେରି ହେଲ୍‌ବିସ୍ଟେଷ୍ଟାରଙ୍କୁ ଲିଖିତ)

ଆଲମୋଡ଼ା, ୨୫ ଜୁଲାଇ ୧୮୯୭

ସ୍ନେହର ମେରି,

ଏଥର ମୋର ପ୍ରତିଶ୍ରୁତି ରକ୍ଷା କରିବାର ସମୟ, ଇଚ୍ଛା ଓ ସୁଯୋଗ ହୋଇଛି । ତେଣୁ ଏ ଚିଠି ଲେଖିବାକୁ ବସିଛି । କେତେଦିନ ହେଲା ମୋର ଦେହ ଖୁବ୍ ଦୁର୍ବଳ ଥିଲା ଏବଂ ନାନା କାରଣରୁ ଏହି ଜୁବୁଲି ଉତ୍ସବ ଉପଲକ୍ଷେ ଇଂଲଣ୍ଡ ଯିବା ସ୍ଥଗିତ ରଖିବାକୁ ପଡ଼ିଲା ।

ମୋର ଅକପଟ ଓ ପ୍ରେମାସ୍ପଦ ବନ୍ଧୁମାନଙ୍କ ସଙ୍ଗରେ ପୁନର୍ବାର ମିଳିତ ହୋଇପାରିଲି ନାହିଁ ବୋଲି ପ୍ରଥମେ ମନ ଖୁବ୍ ଖରାପ ହୋଇଯାଇଥିଲା; କିନ୍ତୁ ଦେଖିଲି କର୍ମଫଳ ଏଡ଼ିବାର ବାଟ ନାହିଁ, ତେଣୁ ଏହି ହିମାଳୟକୁ ନେଇ ପରିତୁଷ୍ଟ ରହିବାକୁ ହେଲା । ତେବେ ଏ ବିନିମୟରେ ଆଦୌ ଖୁସି ହୋଇପାରି ନାହିଁ, କାରଣ ମନୁଷ୍ୟର ମୁଖଚ୍ଛବିରେ ଜୀବନ୍ତ ଆତ୍ମାର ପ୍ରତିଫଳନରେ ଯେଉଁ ସୌନ୍ଦର୍ଯ୍ୟ ତାହା ଜଡ଼ଜଗତର ଯାବତୀୟ ସୌନ୍ଦର୍ଯ୍ୟ ଅପେକ୍ଷା ଅନେକ ବେଶୀ ଆନନ୍ଦଦାୟକ ।

ଆତ୍ମା କଅଣ ଜଗତର ଆଲୋକସ୍ୱରୂପ ନୁହେଁ ?

ନାନା କାରଣରୁ ଲଣ୍ଡନର କାର୍ଯ୍ୟ ସାମାନ୍ୟ ମନ୍ଥର ଗତିରେ ଚାଲୁଛି, ତା'ର ଗୋଟିଏ ମୁଖ୍ୟ କାରଣ ହେଲା—କାଞ୍ଚନ, ବୁଝିଲ ତ ? ମୁଁ ସେଠାରେ ଥିଲେ ଟଙ୍କା ପଇସା ଯେକୌଣସି ଉପାୟରେ ଜୁଟିଯାଏ ଏବଂ କାର୍ଯ୍ୟ ଆଗେଇ ଯାଏ । ଏବେ କେହି ଦାୟିତ୍ୱ ନେଉ ନାହାନ୍ତି । ମୋତେ ଫେରି ଯିବାକୁ ହେବ ଏବଂ କାର୍ଯ୍ୟଟାକୁ ପୁନର୍ବାର ଗଢ଼ିବା ଲାଗି ପ୍ରାଣପାତ ଚେଷ୍ଟା କରିବାକୁ ହେବ ।

ଆଜିକାଲି ଯଥେଷ୍ଟ ପରିମାଣରେ ବ୍ୟାୟାମ କରୁଛି ଓ ଘୋଡ଼ାରେ ଚଢ଼ୁଛି, କିନ୍ତୁ ଚିକିତ୍ସକଙ୍କର ବ୍ୟବସ୍ଥାନୁଯାୟୀ ମୋତେ ଯଥେଷ୍ଟ ପରିମାଣରେ ଦରକାରି ଦୁଧ ଖାଇବାକୁ ହୋଇଥିଲା ଏବଂ ତା' ଫଳରେ ମୁଁ ପଛ ଅପେକ୍ଷା ସାମନାକୁ ବେଶୀ ଆଗେଇ ଯାଇଛି । ଯଦିଚ ମୁଁ ସବୁସମୟରେ ଅଗ୍ରଗାମୀ, କିନ୍ତୁ ଏବେ ଏତେଟା ଅଗ୍ରଗତି ଚାହୁଁ ନାହିଁ, ତେଣୁ ଦୁଧ ଖାଇବା ଛାଡ଼ି ଦେଇଛି ।

ଜାଣି ଖୁସି ହେଲି ଯେ, ତୁମର ଖାଇବାବେଳେ ବେଶ୍ କ୍ଷୁଧା ହୁଏ ।

ଉଇମ୍ବଲ୍‌ଡନ୍‌ର ମିସ୍ ମାର୍ଗାରେଟ୍ ନୋବଲ୍‌କୁ ତୁମେ ଜାଣ କି ? ସେ ମୋ ପାଇଁ କଠୋର ପରିଶ୍ରମ କରୁଛି । ଯଦି ପାର ତା' ସହିତ ପତ୍ରାଳାପ କର, ତା' ହେଲେ ସେଠାରେ ତୁମେ ମୋ କାର୍ଯ୍ୟରେ ଅନେକ ପରିମାଣରେ ସହାୟତା କରିପାରିବ । ତାଙ୍କର ଠିକଣା—Brantwood, Worple Road, Wimbledon.

ତା' ହେଲେ ମୋର ଶ୍ରେଷ୍ଠ ବନ୍ଧୁ ମିସ୍ ଅର୍ଚ୍ଚାର୍ଡଙ୍କୁ ତୁମେ ଦେଖିଛ ଏବଂ ତାଙ୍କୁ ତୁମର ବେଶ୍ ଭଲ ଲାଗିଛି—ଭଲ କଥା । ତା' ସମ୍ବନ୍ଧରେ ମୋର ଅନେକ ଆଶା । ଯେତେବେଳେ ମୁଁ ଖୁବ୍ ବୁଢ଼ା ହୋଇଯିବି, ସେତେବେଳେ ତୁମ ପରି ବା ମିସ୍ ଅର୍ଚ୍ଚାର୍ଡ ପରି ମୋର ବିଶେଷ ପ୍ରିୟ ଶ୍ରେଷ୍ଠ ଶ୍ରେଷ୍ଠ ବନ୍ଧୁମାନଙ୍କର ଜୟବାର୍ତ୍ତା ପୃଥିବୀପୃଷ୍ଠରେ ଘୋଷିତ ହେବାର ଦେଖି କେତେ ଆନନ୍ଦରେ ଜୀବନର ଯାବତୀୟ କାର୍ଯ୍ୟରୁ ମୁଁ ଚିରଦିନ ପାଇଁ ଅବସର ଗ୍ରହଣ ନ କରିବି !

ଗୋଟିଏ ବିଷୟ କହି ରଖୁଛି—ମୋର କେଶ ପାଚିବାକୁ ଆରମ୍ଭ କଲାଣି । ଏତେଶୀଘ୍ର ଯେ ବୁଢ଼ା ହୋଇଯାଉଛି, ସେଥିରେ ଆନନ୍ଦ ହେଉଛି । ସୁନେଲି ମଝିରେ ଅର୍ଥାତ୍ କଳା ମଧ୍ୟରେ—ରୂପେଲି କେଶ ଅତି ଦ୍ରୁତ ଆସିଯାଉଛି ।

ଧର୍ମପ୍ରଚାରକ ଅଳ୍ପବୟସୀ ହେବା ଭଲ ନୁହେଁ, ତୁମର ସେଇଆ ମନେହୁଏ ନାହିଁ କି ? ମୁଁ କିନ୍ତୁ ତାହା ହିଁ ମନେକରୁଛି, ସାରା ଜୀବନ ମନେକରୁଛି । ଜଣେ ବୃଦ୍ଧ ପ୍ରତି ମନୁଷ୍ୟ ବହୁତ ବେଶୀ ଆସ୍ଥା ରଖେ ଏବଂ ତାଙ୍କୁ ଦେଖି ବହୁତ ବେଶୀ ଶ୍ରଦ୍ଧା ଜାଗ୍ରତ ହୁଏ । ତଥାପି ଏ ଜଗତରେ ବୁଢ଼ା ବଦମାସ୍‌ଗୁଡ଼ାକ ସବୁଠାରୁ ବେଶୀ ମାରାତ୍ମକ । ତା' ନୁହେଁ କି ? ଏହି ଦୁନିଆଁର ବିଚାରର ଗୋଟିଏ ନିଜସ୍ୱ ନିୟମ ଅଛି, ଏବଂ ହାୟ, ସତ୍ୟଠାରୁ ତାହା କେତେ ସ୍ୱତନ୍ତ୍ର !

ତା'ହେଲେ ତୁମର 'ବିଶ୍ୱଜନୀନ ଧର୍ମ' (ପ୍ରବନ୍ଧଟିକୁ) 'ରେଭିଉ ଦ୍ୟା ଦେ୍ୟା ମୋଁଦେ' (Revue de deux Mondes) ପତ୍ରିକା ଅଗ୍ରାହ୍ୟ କରିଦେଇଛି । ହତାଶ ହୁଅ ନାହିଁ, ଅନ୍ୟ କୌଣସି କାଗଜରେ ଚେଷ୍ଟା କର । ମୁଁ ନିଶ୍ଚିତ ଯେ ଥରେ ଗୃହୀତ ହେଲେ ତୁମେ ଖୁବ ଦ୍ରୁତ ପ୍ରବେଶାଧିକାର ପାଇବ । ମୁଁ ଖୁବ୍ ଆନନ୍ଦିତ ଯେ, କାର୍ଯ୍ୟଟିକୁ ତୁମେ ଖୁବ୍ ପସନ୍ଦ କର; କାର୍ଯ୍ୟ ତା'ର ନିଜର ପଥ ତିଆରି କରିନେବ, ଏ ବିଷୟରେ ମୋର ବିନ୍ଦୁମାତ୍ର ସନ୍ଦେହ ନାହିଁ । ସ୍ନେହର ମେରି, ଆମମାନଙ୍କର ଭାବାଦର୍ଶର ଭବିଷ୍ୟତ ଉଜ୍ଜ୍ୱଳ, ଏବଂ ଅଦୂର ଭବିଷ୍ୟତରେ ତା'ର ସାର୍ଥକ ରୂପାୟନ ହେବ ।

ମନେହୁଏ ଏ ଚଠିଖଣ୍ଡିକ ପ୍ୟାରିସ୍‌ଠାରେ ତୁମ ସଙ୍ଗରେ ମିଳିତ ହେବ—ତୁମର ସୌନ୍ଦର୍ଯ୍ୟମୟ ପ୍ୟାରିସ୍ ଏବଂ ଆଶା କରେ ଫରାସୀ ଦେଶର ସାମ୍ବାଦିକତା ଓ ସେଠାକାର ଆସନ୍ନ 'ବିଶ୍ୱମେଳା' ସମ୍ପର୍କରେ ତୁମେ ମୋତେ ଅନେକ କିଛି ଲେଖିବ ।

ବେଦାନ୍ତ ଓ ଯୋଗ ସାହାଯ୍ୟରେ ତୁମେ ଉପକୃତ ହୋଇଛ, ଏକଥା ଜାଣି ମୁଁ ଖୁବ୍ ଖୁସି । ଦୁର୍ଭାଗ୍ୟକ୍ରମେ ମଝିରେ ମଝିରେ ମୋତେ ନିଜକୁ ସର୍କସଦଳର କ୍ଲାଉନ୍ ପରି ମନେହୁଏ; ସେ କେବଳ ଅନ୍ୟକୁ ହସାଏ, କିନ୍ତୁ ତା'ର ନିଜର ଦଶା ସକରୁଣ ।

ସ୍ୱଭାବତଃ ତୁମର ବେଶ ପ୍ରଫୁଲ୍ଲ ମିଜାଜ୍ । ତୁମ ମନରେ କୌଣସି କିଛିର ଯେପରି ପ୍ରଭାବ ପଡ଼େ ନାହିଁ । ତା' ଛଡ଼ା ତୁମେ ଖୁବ ପରିଣାମଦର୍ଶୀ, କାରଣ ଖୁବ୍ ସାବଧାନତା ସହକାରେ ତୁମେ 'ପ୍ରେମ' ବା ପ୍ରେମଘଟିତ ଯାବତୀୟ ବାଜେ ଜିନିଷରୁ ନିଜକୁ ଅଲଗା ରଖିଛ । ତା'ହେଲେ ଦେଖିପାରୁଛ, ତୁମେ ଶୁଭ କର୍ମ କରିଛ ଏବଂ ତୁମର ଜୀବନବ୍ୟାପୀ କଲ୍ୟାଣର ବୀଜ ବପନ କରିଛ । ଆମମାନଙ୍କ ଜୀବନରେ ତ୍ରୁଟି ହେଲା ଏହି ଯେ, ଆମେମାନେ ବର୍ତ୍ତମାନ ଦ୍ୱାରା ନିୟନ୍ତ୍ରିତ ହେଉ—ଭବିଷ୍ୟତ ଦ୍ୱାରା ନୁହେଁ । ଯାହା ଏହି ମୁହୂର୍ତ୍ତରେ ଆମମାନଙ୍କୁ କ୍ଷଣିକ ଆନନ୍ଦ ଦିଏ, ଆମେମାନେ ତା' ପଛରେ ଛୁଟୁଁ; ଫଳରେ ଦେଖାଯାଏ ବର୍ତ୍ତମାନର କ୍ଷଣିକ ଆନନ୍ଦ ବିନିମୟରେ ଆମେମାନେ ଭବିଷ୍ୟତର ବିପୁଳ ଦୁଃଖ ସଞ୍ଚୟ କରୁ ।

ଯଦି କେହି ମୋର ସ୍ନେହର ପାତ୍ର ନ ଥାନ୍ତେ ! ଯଦି ମୁଁ ଶୈଶବରୁ ମାତୃପିତୃହୀନ ହୋଇଥାନ୍ତି ! ମୋର ନିଜର ଲୋକମାନେ ହିଁ ମୋ ପକ୍ଷରେ ସବୁଠାରୁ ବେଶୀ ଦୁଃଖର କାରଣ ହୋଇଛନ୍ତି—ମୋର ଭ୍ରାତା, ଭଗିନୀ, ଜନନୀ ଓ ଅନ୍ୟସବୁ ନିଜ ଲୋକ । ଆତ୍ମୀୟ-ସ୍ୱଜନମାନେ ମନୁଷ୍ୟର ଉନ୍ନତି-ପଥରେ କଠିନ ବାଧାସ୍ୱରୂପ । ଅଉ ଏହା କଅଣ ଖୁବ୍ ଆଶ୍ଚର୍ଯ୍ୟଜନକ ନୁହେଁ କି ଯେ, ମନୁଷ୍ୟ ତତ୍ସତ୍ତ୍ୱେ ବିବାହ କରିବ ଓ ନୂତନ ମନୁଷ୍ୟର ଜନ୍ମ ଦେବ !!

ଯେଉଁ ମନୁଷ୍ୟ ଏକାକୀ, ସେ ସୁଖୀ । ସମସ୍ତଙ୍କର କଲ୍ୟାଣ କର, ସମସ୍ତେ ତୁମର ସ୍ନେହର ପାତ୍ର ହୁଅନ୍ତୁ, କିନ୍ତୁ ତୁମେ କାହାକୁ ଭଲ ପାଅ ନାହିଁ । ଏହା ଗୋଟିଏ ବନ୍ଧନ, ଆଉ ବନ୍ଧନ କେବଳ ଦୁଃଖକୁ ଡାକି ଆଣେ ! ତୁମ ଅନ୍ତରରେ ତୁମେ ଏକାକୀ ବାସ କର—ସେଥିରେ ସୁଖୀ ହେବ । ଯାହାର ଦେଖା ଶୁଣା କରିବାକୁ କେହି ନାହାନ୍ତି, ଏବଂ କାହାରି ତତ୍ତ୍ୱାବଧାନ ପାଇଁ ଯେ ବ୍ୟସ୍ତ ହୁଏ ନାହିଁ, ସେ ମୁକ୍ତି-ପଥରେ ଆଗେଇଯାଏ ।

ତୁମର ମନର ଗଠନ ଦେଖି ମୋର ଈର୍ଷା ହୁଏ—ଶାନ୍ତ, ନମ୍ର, ପ୍ରଫୁଲ୍ଲ, ଅଥଚ ଗମ୍ଭୀର ଓ ବନ୍ଧନହୀନ । ତୁମେ ମୁକ୍ତ ହୋଇଯାଇଛ, ମେରି, ତୁମେ ମୁକ୍ତ ହୋଇ ରହିଛ; ତୁମେ ତ ଜୀବନ୍ମୁକ୍ତ । ମୋର ପ୍ରକୃତିରେ ପୁରୁଷ ଅପେକ୍ଷା ସ୍ତ୍ରୀଲୋକର ଗୁଣ ବେଶୀ, ଆଉ ତୁମ ମଧ୍ୟରେ ସ୍ତ୍ରୀଲୋକ ଅପେକ୍ଷା ପୁରୁଷର ଗୁଣ ବେଶୀ । ମୁଁ ସବୁ ସମୟରେ ଅନ୍ୟର ଦୁଃଖ-ବେଦନା କେବଳ ନିଜ ମଧ୍ୟକୁ ଟାଣି ନେଉଛି, ଅଥଚ କାହାରି କୌଣସି କଲ୍ୟାଣ କରିପାରୁ ନାହିଁ—ଠିକ୍ ଯେପରି ସ୍ତ୍ରୀଲୋକମାନଙ୍କର ସନ୍ତାନ ନ ହେଲେ ଗୋଟିଏ ବିରାଡ଼ି ପୋଷନ୍ତି ଓ ଓ ତା'ପ୍ରତି ସକଳ ସ୍ନେହ ଢାଳିଦିଅନ୍ତି ।

ତୁମର କଅଣ ମନେହୁଏ ଯେ, ତା' ମଧ୍ୟରେ କୌଣସି ଆଧ୍ୟାତ୍ମିକତା ଅଛି ? ଏକା-ବେଳକେ ନୁହେଁ, ଏଗୁଡ଼ାକ ହେଲା ଜଡ଼ ସ୍ନାୟବିକ ବନ୍ଧନ—ହଁ, ଠିକ୍ ତାହା । ହାୟ, ପଞ୍ଚଭୂତରେ ଗଢ଼ା ଏହି ଦେହର ଦାସତ୍ୱ ଦୂର କରିବା ଏହା କଅଣ ସହଜ କଥା ?

ତୁମର ବନ୍ଧୁ ମିସେସ୍ ମାର୍ଟିନ୍ ପ୍ରତିମାସରେ ଅନୁଗ୍ରହ କରି ତାଙ୍କର ପତ୍ରିକାଟି ମୋତେ ପଠାଉଛନ୍ତି, କିନ୍ତୁ ମନେହେଉଛି, ସ୍ଟର୍ଡିର ଥର୍ମୋମିଟର ଏବେ ଶୂନ୍ୟ ଡିଗ୍ରୀର ତଳେ । ଏହି ଗ୍ରୀଷ୍ମରେ ମୋର ଇଂଲଣ୍ଡ ଯିବାର ହେଲା ନାହିଁ ବୋଲି ସେ ଖୁବ୍ ନିରାଶ ହୋଇପଡ଼ିଛନ୍ତି । ମୋର ବା କଅଣ କରିବାର ଥିଲା ।

ଆମେମାନେ ଏଠାରେ ଦୁଇଟି ମଠ ପ୍ରତିଷ୍ଠା କରିଛୁ—ଗୋଟିଏ କଲିକତାରେ, ଅନ୍ୟଟି ମାନ୍ଦ୍ରାଜରେ । କଲିକତା ମଠଟି (ଗୋଟିଏ ଜୀର୍ଣ୍ଣ ଭଡ଼ା ଘର) ସମ୍ପ୍ରତି ଭୂମିକମ୍ପରେ ଭୟଙ୍କର ଭାବରେ ଆନ୍ଦୋଳିତ ହୋଇଛି ।

ଆମେମାନେ କେତେଜଣ ଯୁବକ ପାଇଛୁ, ସେମାନଙ୍କର ଏବେ ଶିକ୍ଷାନବିଶୀ ଚାଲିଛି । ତା' ଛଡ଼ା ଆମେମାନେ ବିଭିନ୍ନ ସ୍ଥାନରେ ଦୁର୍ଭିକ୍ଷପୀଡ଼ିତମାନଙ୍କ ପାଇଁ ସେବାକେନ୍ଦ୍ର ଖୋଲିଛୁ ଏବଂ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । ଭାରତର ବିଭିନ୍ନ ସ୍ଥାନରେ ଆମେମାନେ ସେପରି କେନ୍ଦ୍ର ସ୍ଥାପନ କରିବା ପାଇଁ ଚେଷ୍ଟା କରିବୁଁ ।

କେତେଦିନ ପରେ ମୁଁ ସମତଳକୁ ଯାଉଛି ଏବଂ ସେଠାରୁ ଏହି ପର୍ବତର ପଶ୍ଚିମ ଖଣ୍ଡକୁ ଯିବି । ସମତଳଭୂମିରେ ଯେତେବେଳେ ଟିକିଏ ଥଣ୍ଡା ପଡ଼ିବ, ସେତେବେଳେ ସମସ୍ତ ଦେଶ ଥରେ ବକ୍ତୃତା ଦେଇ ବୁଲିବି—ଦେଖିବି କି ପରିମାଣରେ କାର୍ଯ୍ୟ କରିହୁଏ ।

ଆଉ ଏବେ ଲେଖିବା ପାଇଁ ସମୟ ନାହିଁ, ଅନେକ ଲୋକ ଅପେକ୍ଷା କରୁଛନ୍ତି—ତେଣୁ, ସ୍ନେହର ମେରି, ତୁମ ପାଇଁ ସର୍ବବିଧ ଆନନ୍ଦ ଓ ସୁଖ କାମନା କରି ଆଜି ଏହିଠାରେ ଶେଷ କରୁଛି । ଅସ୍ଥିମାଂସର ଦେହ କେବେ ଯେପରି ତୁମକୁ ପ୍ରଲୁବ୍ଧ କରି ନ ପାରେ, ସତତ ଏହି ପ୍ରାର୍ଥନା ।

ସର୍ବଦା ପ୍ରଭୁପଦାଶ୍ରିତ ତୁମମାନଙ୍କର, ବିବେକାନନ୍ଦ

୩୭୩ଇଂ (ମିସେସ୍ ଲେଗେଟ୍ଙ୍କୁ ଲିଖିତ)

ଆଲମୋଡ଼ା, ୨୮ ଜୁଲାଇ ୧୮୯୭

ମା,

ଆପଣଙ୍କର ସୁନ୍ଦର ଓ ସହୃଦୟ ପତ୍ର ପାଇଁ ଅନେକ ଅନେକ ଧନ୍ୟବାଦ । ଖେତଡ଼ି ରାଜାଙ୍କ ସଙ୍ଗରେ ଲଣ୍ଡନ ଯାଇ ସେଠାକାର ଆମନ୍ତ୍ରଣ ରକ୍ଷା କରିବା ପାଇଁ ମୋର ବହୁତ ଇଚ୍ଛା ଥିଲା । ଗତଥର ଲଣ୍ଡନରେ ମୋର ଅନେକଗୁଡ଼ିଏ ଭୋଜନର ନିମନ୍ତ୍ରଣ ଥିଲା । କିନ୍ତୁ ଭାଗ୍ୟରେ ନାହିଁ, ମୋର ଭଗ୍ନସ୍ୱାସ୍ଥ୍ୟ ପାଇଁ ରାଜାଙ୍କ ସଙ୍ଗରେ ଯିବା ସମ୍ଭବପର ହେଲା ନାହିଁ ।

ଆଲବାର୍ଟ । ତା' ହେଲେ ପୁନରାୟ ଆମେରିକାର ହୃଦୟକୁ ଫେରି ଆସିଛ ।

ପ୍ରେମ୍‌ରେ ସେ ମୋ ପାଇଁ ଯାହା କରିଛି, ତାହା ପାଇଁ ମୁଁ କୃତଜ୍ଞତାପାଶରେ ବନ୍ଧା । ହଲି (Hollister) କିପରି ଅଛି ? ସେ ଉଭୟଙ୍କୁ ମୋର ପ୍ରୀତି ଜଣାଇବେ ଏବଂ ମୋର ସର୍ବକନିଷ୍ଠ ନବଜାତ ଭଗିନୀଟିକୁ ମୋର ହୋଇ ଚୁମ୍ବନ ଦେବେ ।

ନଅମାସ ହେଲା ମୁଁ ହିମାଳୟରେ ଭଲ ବିଶ୍ରାମ ନେଇଛି । ଏଥର ପୁଣି କାର୍ଯ୍ୟର ଲଗାମ୍ ଧରିବାକୁ ସମତଳକୁ ଯାଉଛି ।

ଫ୍ରାଙ୍କିନସେନସ୍, ଜୋ-ଜୋ ଓ ମ୍ୟାବେଲ୍‌ଙ୍କୁ ମୋର ପ୍ରୀତି ଏବଂ ଆପଣଙ୍କୁ ମଧ୍ୟ ଚିରନ୍ତନ ଭାବରେ ।

ସତତ ପ୍ରଭୁସମୀପେ ଆପଣଙ୍କର, ବିବେକାନନ୍ଦ

**୩୬୪ଇଂ** (ଭଗିନୀ ନିବେଦିତାଙ୍କୁ ଲିଖିତ)

ଆଲମୋଡ଼ା, ୨୯ ଜୁଲାଇ ୧୮୯୭

କଲ୍ୟାଣୀୟା ମିସ୍ ନୋବଲ୍,

ଷ୍ଟର୍ଡିର ଖଣ୍ଡିଏ ଚିଠି କାଲି ପାଇଛି । ସେଥିରୁ ଜାଣିଲି ଯେ, ତୁମେ ଭାରତକୁ ଆସିବାକୁ ଏବଂ ସବୁ କିଛି ସ୍ୱଚକ୍ଷୁରେ ଦେଖିବାକୁ ଦୃଢ଼ସଙ୍କଳ୍ପ । କାଲି ତା'ର ଉତ୍ତର ଦେଇଛି । କିନ୍ତୁ ମିସ୍ ମୁଲର୍‌ଙ୍କ ନିକଟରୁ ତୁମର କର୍ମପ୍ରଣାଳୀ ସମ୍ବନ୍ଧରେ ଯାହା ଅବଗତ ହେଲି, ସେଥିରୁ ଏ ପତ୍ରଖଣ୍ଡିକ ଆବଶ୍ୟକ ହୋଇପଡ଼ିଛି; ଭାବିଲି ସିଧାସଳଖ ତୁମକୁ ହିଁ ଲେଖିବା ଭଲ ।

ତୁମକୁ ଖୋଲଖୋଲି କହୁଛି, ବର୍ତ୍ତମାନ ମୋର ଦୃଢ଼ ବିଶ୍ୱାସ ହୋଇଛି ଯେ, ଭାରତର କାର୍ଯ୍ୟରେ ତୁମର ବିରାଟ ଭବିଷ୍ୟତ ରହିଛି । ଭାରତ ଲାଗି ବିଶେଷତଃ ଭାରତର ନାରୀସମାଜ ପାଇଁ ପୁରୁଷମାନଙ୍କ ଅପେକ୍ଷା ନାରୀର—ଜଣେ ପ୍ରକୃତ ସିଂହୀର ପ୍ରୟୋଜନ । ଭାରତବର୍ଷ ଏବେ ମହୀୟସୀ ମହିଳାଙ୍କୁ ଜନ୍ମ ଦେଇପାରୁ ନାହିଁ, ତେଣୁ ଅନ୍ୟ ଜାତିରୁ ତାହାକୁ ଉଧାର ଆଣିବାକୁ ପଡ଼ିବ । ତୁମର ଶିକ୍ଷା, ଐକାନ୍ତିକତା, ପବିତ୍ରତା, ଅସୀମ ପ୍ରୀତି, ଦୃଢ଼ତା ଏବଂ ସର୍ବୋପରି ତୁମର ଧମନୀରେ ପ୍ରବାହିତ କେଲ୍ଟିକ ରକ୍ତ ହିଁ ତୁମକୁ ସେହି ଉପଯୁକ୍ତ ନାରୀ ରୂପରେ ଗଠନ କରିଛି, ଯାହାଙ୍କୁ ଆଜି ଦରକାର ।

କିନ୍ତୁ 'ଶ୍ରେୟାଂସି ବହୁବିଘ୍ନାନି' । ଏ ଦେଶର ଦୁଃଖ, କୁସଂସ୍କାର, ଦାସତ୍ୱ ପ୍ରଭୃତି କିପରି ତାହା ତୁମେ ଧାରଣା କରିପାରିବ ନାହିଁ । ଏ ଦେଶକୁ ଆସିଲେ ତୁମେ ନିଜକୁ ଅର୍ଦ୍ଧ-ଉଲଗ୍ନ ଅସଂଖ୍ୟ ନରନାରୀଙ୍କ ଦ୍ୱାରା ପରିବେଷ୍ଟିତ ଦେଖିବାକୁ ପାଇବ । ସେମାନଙ୍କର ଜାତି ଓ ସ୍ପର୍ଶ ସମ୍ବନ୍ଧରେ କୁତ୍ସିତ ଧାରଣା; ସେମାନେ ଶ୍ୱେତାଙ୍ଗମାନଙ୍କୁ ଭୟରେ ହେଉ ବା ଘୃଣାରେ ହେଉ—ଏଡ଼େଇ ଚାଲନ୍ତି ଏବଂ ସେମାନେ ମଧ୍ୟ ଏମାନଙ୍କୁ ତୀବ୍ର ଘୃଣା କରନ୍ତି । ପକ୍ଷାନ୍ତରେ, ଶ୍ୱେତାଙ୍ଗମାନେ ତୁମକୁ ଖାମଖିଆଲି ମନେକରିବେ ଏବଂ ତୁମର ପ୍ରତ୍ୟେକଟି ଗତିବିଧିକୁ ସନ୍ଦେହ ଦୃଷ୍ଟିରେ ଦେଖିବେ ।

ତା' ଛଡ଼ା, ଜଳବାୟୁ ମଧ୍ୟ ଅତ୍ୟନ୍ତ ଗ୍ରୀଷ୍ମପ୍ରଧାନ । ଏ ଦେଶର ପ୍ରାୟ ସବୁ ଜାଗାରେ ଶୀତ ତୁମମାନଙ୍କ ଦେଶର ଗ୍ରୀଷ୍ମଭଳି; ଆଉ ଦକ୍ଷିଣାଞ୍ଚଳରେ ତ ସର୍ବଦା ନିଆଁ ହୁଳା ଜଳୁଛି ।

ସହରର ବାହାରେ କେଉଁଠି ହେଲେ ଇଉରୋପୀୟ ଧରଣର ସୁଖସ୍ୱାଚ୍ଛନ୍ଦ୍ୟ ପାଇବାର କିଛିମାତ୍ର ଉପାୟ ନାହିଁ । ଯଦି ଏସବୁ ସତ୍ତ୍ୱେ ତୁମେ କର୍ମରେ ପ୍ରବୃତ୍ତ ହେବାକୁ ସାହସ କର, ତେବେ ଅବଶ୍ୟ ତୁମକୁ ଶତବାର ସ୍ୱାଗତ ସମ୍ଭାଷଣ ଜଣାଉଛି । ଅନ୍ୟତ୍ର ଯେପରି ଏଠାରେ ମଧ୍ୟ ସେହିପରି, ମୁଁ କେହି ନୁହେଁ; ତଥାପି ମୋର ଯେଉଁକିଛିକି ପ୍ରଭାବ ଅଛି ସେହିକିଛିକି ଦେଇ ମୁଁ ଅବଶ୍ୟ ତୁମକୁ ସାହାଯ୍ୟ କରିବି ।

କର୍ମକୁ ଡେଇଁପଡ଼ିବା ପୂର୍ବରୁ ବିଶେଷ ଭାବରେ ଚିନ୍ତା କରିବ ଏବଂ କାର୍ଯ୍ୟ ପରେ ଯଦି ବିଫଳ ହୁଅ କିମ୍ବା କେତେବେଳେ କର୍ମରେ ବିରକ୍ତି ଆସେ, ତେବେ ମୋ ଆଡ଼ରୁ ନିଶ୍ଚୟ ଜାଣିବ ଯେ, ମୋତେ ଆମରଣ ତୁମ ପାର୍ଶ୍ୱରେ ହିଁ ପାଇବ—ତାହା ତୁମେ ଭାରତବର୍ଷ ପାଇଁ କାମ କର ବା ନ କର, ବେଦାନ୍ତ-ଧର୍ମ ତ୍ୟାଗ କର ବା ଧରିଥାଅ । 'ମରଦ୍‌କା ବାତ୍ ହାତୀକା ଦାଁତ୍'—ଥରେ ବାହାରକୁ ବାହାରିଲେ ଆଉ ଭିତରକୁ ଯାଏ ନାହିଁ; ଖାଣ୍ଟି ଲୋକର କଥାରେ ମଧ୍ୟ ସେହିପରି ହଲ-ଚଲ-ନାହିଁ—ଏହା ହିଁ ମୋର ପ୍ରତିଜ୍ଞା । ପୁଣି ତୁମକୁ ଟିକିଏ ସାବଧାନ କରିଦେବା ଦରକାର—ତୁମକୁ ନିଜ ଗୋଡ଼ରେ ଠିଆ ହେବାକୁ ହେବ, ମିସ୍ ମୁଲର୍ କିମ୍ବା ଅନ୍ୟ କାହାରି ପକ୍ଷପୁଟରେ ଆଶ୍ରୟ ନେଲେ ଚଳିବ ନାହିଁ । ତାଙ୍କ ନିଜ ଭାବରେ ମିସ୍ ମୁଲର୍ ଚମତ୍କାର ମହିଳା; କିନ୍ତୁ ଦୁର୍ଭାଗ୍ୟକ୍ରମେ ଏହି ଧାରଣା ପିଲାବେଳୁ ତାଙ୍କ ମୁଣ୍ଡରେ ପଶିଛି ଯେ, ସେ ଅଜନ୍ମ ନେତ୍ରୀ ଆଉ ଦୁନିଆକୁ ଓଲଟପାଲଟ କରିଦେବାକୁ ଅର୍ଥ ଭିନ୍ନ ଅନ୍ୟ କୌଣସି କିଛିର ପ୍ରୟୋଜନ ନାହିଁ ! ଏହି ମନୋଭାବ ତାଙ୍କର ଅଜ୍ଞାତସାରରେ ହିଁ ପୁନଃପୁନଃ ମୁଣ୍ଡ ଟେକୁଛି ଏବଂ ଦିନ କେଇଟା ମଧ୍ୟରେ ହିଁ ତୁମେ ବୁଝିପାରିବ ଯେ, ତାଙ୍କ ସଙ୍ଗେ ମନାଇ ଚଳିବା ଅସମ୍ଭବ । ତାଙ୍କର ବର୍ତ୍ତମାନ ସଂକଳ୍ପ ଏହି ଯେ, ସେ କଲିକତାରେ ଗୋଟିଏ ଘରଭଡ଼ା ନେବେ—ତୁମ ପାଇଁ ଓ ନିଜ ପାଇଁ ଏବଂ ଇଉରୋପ ଓ ଆମେରିକାରୁ ଯେଉଁସବୁ ବନ୍ଧୁମାନଙ୍କର ଆସିବାର ସମ୍ଭାବନା ଅଛି, ସେମାନଙ୍କ ପାଇଁ । ଏଇଟା ଅବଶ୍ୟ ତାଙ୍କର ସହୃଦୟତା ଓ ଅମାୟିକତାର ପରିଚାୟକ; କିନ୍ତୁ ତାଙ୍କର ମଠାଧ୍ୟକ୍ଷସୁଲଭ ସଂକଳ୍ପଟି ଦୁଇଟି କାରଣରୁ କେବେହେଲେ ସଫଳ ହେବ ନାହିଁ—ତାଙ୍କର ରୁକ୍ଷ ମିଜାଜ୍ ଏବଂ ଅଦ୍ଭୁତ ଅସ୍ଥିରଚିତ୍ତତା । କାହା ସହିତ ଦୂରରୁ ବନ୍ଧୁତ୍ୱ କରିବା ଭଲ ଏବଂ ଯେ ନିଜ ଗୋଡ଼ରେ ଠିଆ ହୋଇପାରେ, ତାହାର ସବୁ ମଙ୍ଗଳ ହୁଏ ।

ମିସେସ୍ ସେଭିଅର୍ ରମଣୀକୁଳର ରତ୍ନବିଶେଷ, ଏତେ ଭଲ, ଏତେ ସ୍ନେହମୟୀ ସେ ! ସେଭିଅର୍-ଦମ୍ପତି ହିଁ ଏକମାତ୍ର ଇଂରେଜ ଯେଉଁମାନେ ଏ ଦେଶୀୟମାନଙ୍କୁ ଘୃଣା କରନ୍ତି ନାହିଁ; ଏପରିକି ଷ୍ଟାର୍ଡିଙ୍କୁ ମଧ୍ୟ ବାଦ୍ ଦିଆଯାଇ ନ ପାରେ । ଏକମାତ୍ର ସେଭିଅର୍‌ମାନେ ହିଁ ଆମମାନଙ୍କ ଉପରେ ମୁରବିଆଗିରି କରିବାକୁ ଏ ଦେଶକୁ ଆସି ନାହାନ୍ତି । କିନ୍ତୁ ସେମାନଙ୍କର ଏପର୍ଯ୍ୟନ୍ତ ସୁଦ୍ଧା କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ-ପ୍ରଣାଳୀ ନାହିଁ । ତୁମେ ଆସିଲେ ସେମାନଙ୍କୁ ତୁମର ସହକର୍ମୀ ରୂପେ ପାଇପାର ଏବଂ ସେଥିରେ ତୁମର ଓ ତାଙ୍କର ଉଭୟଙ୍କର ହିଁ ସୁବିଧା ହେବ । କିନ୍ତୁ ମୂଳ କଥା ଏହି ଯେ, ନିଜ ଗୋଡ଼ରେ ଅବଶ୍ୟ ଠିଆ ହେବାକୁ ପଡ଼ିବ ।

ଆମେରିକାର ସମ୍ବାଦରୁ ଜାଣିଲି ଯେ, ମିସ୍ ମାକ୍‌ଲାଉଡ୍ ଓ ବୋଷ୍ଟନ୍‌ର ମିସେସ୍

ବୁଲ୍ ନାମ୍ନୀ ମୋର ଦୁଇଜଣ ବନ୍ଧୁ ଏହି ଶରତ୍ କାଳରେ ଭାରତ-ପରିଭ୍ରମଣରେ ଆସୁଛନ୍ତି । ମିସ୍ ମାକଲାଉଡ୍‌ଙ୍କୁ ତୁମେ ଲଣ୍ଡନରେ ଦେଖିଛ—ସେହି ଫ୍ୟାଶନ୍-ଫେସନ୍‌ର ପୋଷାକ-ପରିହିତା ମହିଳା । ମିସେସ୍ ବୁଲ୍‌ଙ୍କ ବୟସ ପ୍ରାୟ ପଚାଶ ଏବଂ ସେ ଆମେରିକାରେ ମୋର ବିଶେଷ ଉପକାରୀ ବନ୍ଧୁ । ସେମାନେ ଇଉରୋପ ହୋଇ ଏ ଦେଶକୁ ଆସୁଛନ୍ତି, ସୁତରାଂ ମୋର ପରାମର୍ଶ ଏହି ଯେ, ସେମାନଙ୍କ ସଙ୍ଗରେ ଏକନ ଆସିଲେ ପଥଯାତ୍ରାର ଏକା-ଏକା ଭାବ ଦୂର ହୋଇପାରେ ।

ମିଷ୍ଟର ଷ୍ଟର୍ଡିଙ୍କ ନିକଟରୁ ଶେଷ ପର୍ଯ୍ୟନ୍ତ ଖଣ୍ଡିଏ ଚିଠି ପାଇ ସୁଖୀ ହୋଇଛି । କିନ୍ତୁ ତାହା ଅତି ଶୁଷ୍କ ଏବଂ ପ୍ରାଣହୀନ । ଲଣ୍ଡନର କାର୍ଯ୍ୟ ପଣ୍ଡ ହେବାରୁ ସେ ହତାଶ ହୋଇଛନ୍ତି ବୋଲି ମନେହୁଏ ।

ଅନନ୍ତ ପ୍ରୀତି ଜାଣିବ । ଇତି

ସଦା ଭଗବତ୍-ପଦାଶ୍ରିତ, ବିବେକାନନ୍ଦ

## ୩୬୫ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

ଆଲମୋଡ଼ା, ୨୯ ଜୁଲାଇ ୧୮୯୭

ପ୍ରିୟ ଶଶୀ,

ତୁମର କାର୍ଯ୍ୟକର୍ମ ବେଶ୍ ଚାଲିଛି, ଖବର ପାଇଲି । ତିନୋଟି ଭାଷ୍ୟ ଭଲକରି ପଢ଼ିରଖିବ, ଆଉ ଇଉରୋପୀୟ ଦର୍ଶନାଦି ଭଲ କରି ପଢ଼ିବ, ଏଥିରେ ଯେପରି ଅନ୍ୟଥା ନ ହୁଏ । ଅନ୍ୟକୁ ମାରିବାକୁ ଗଲେ ଢାଲ ତଲୁଆର୍ ଦରକାର, ଏକଥା ଯେପରି ଏକଦମ୍ ଭୁଲ୍ ନ ହୁଏ । ସୁକୁଲ ବର୍ତ୍ତମାନ ପହଞ୍ଚିଛି, ତୁମର ସେବାଦି ମଧ୍ୟ ବେଶ୍ ଚାଲିଛି ବୋଧହୁଏ । ସଦାନନ୍ଦ ଯଦି ସେଠାରେ ରହିବାକୁ ଚାହେଁ କଲିକତାକୁ ପଠାଇଦେବ, ଏବଂ ପ୍ରତି ସପ୍ତାହରେ ଗୋଟିଏ ରିପୋର୍ଟ—ଆୟବ୍ୟୟ ପ୍ରଭୃତି ସବୁ ସମେତ ମଠକୁ ପଠାଇବାକୁ ଯେପରି ଭୁଲ୍ ନ ହୁଏ । ଆଲସିଙ୍ଗାର ଭଉଣୋଇ ଏଠାରେ ବଦ୍ରୀ ଶା'ଙ୍କ ନିକଟରୁ ଚାରିଶହ ଟଙ୍କା ଧାର କରି ନେଇଯାଇଛନ୍ତି, ପହଞ୍ଚିବାମାତ୍ରେ ପଠାଇବାର କଥା, ଏପର୍ଯ୍ୟନ୍ତ କାହିଁକି ପଠାଇଲେ ନାହିଁ । ଆଲସିଙ୍ଗାଙ୍କୁ ପଚାରିବ ଏବଂ ଶୀଘ୍ର ପଠାଇବାକୁ କହିବ; କାରଣ ମୁଁ ପଅରଦିନ ଏଠାରୁ ଯାଉଛି—ମସୌରି ପାହାଡ଼ ବା ଅନ୍ୟ କେଉଁଠାକୁ ଯିବି ପରେ ଠିକ୍ କରିବି । କାଲି ଏଠାରେ ଇଂରେଜ ମହଲରେ ଗୋଟିଏ ଲେକଚର୍ ହୋଇଥିଲା, ସେଥିରେ ସମସ୍ତେ ଭାରି ଖୁସି । କିନ୍ତୁ ତା' ଆଗଦିନ ହିନ୍ଦୀରେ ବକ୍ତୃତା ଦେଇଥିଲି, ସେଥିରେ ମୁଁ ଖୁବ୍ ଖୁସି—ହିନ୍ଦୀରେ ଯେ oratory ( ବାଗ୍ମିତା ) କରିପାରିବି, ତାହା ତ ଆଗରୁ ଜାଣି ନ ଥିଲି । ମଠ ପାଇଁ ପିଲାପିଲି ଯୋଗାଡ଼ ହେଉଛନ୍ତି କି ? ଯଦି ହୁଏ ତ କଲିକତାରେ ଯେଉଁ ଭାବରେ କାର୍ଯ୍ୟ ହେଉଛି ଠିକ୍ ସେହି ଭାବରେ କରିଯାଅ । ନିଜର ବୁଦ୍ଧି ବର୍ତ୍ତମାନ କିଛିଦିନ ବେଶୀ ଖରଚ କରିବ ନାହିଁ, କାଲେ ସରିଯିବ—କିଛିଦିନ ପରେ କରିବ ।

ତୁମ ଶରୀର ଉପରେ ବିଶେଷ ଲକ୍ଷ୍ୟ ରଖିବ—ତେବେ ବିଶେଷ ଯତ୍ନରେ ଦେହ ଅଧିକ ଓଲଟା ଖରାପ ହୋଇଯାଏ । ବିଦ୍ୟାର ଜୋର୍ ନ ଥିଲେ କେହି ଘଣ୍ଟା ଫଣ୍ଟା ମାନିବ

ନାହିଁ—ଏକଥାଟି ନିଶ୍ଚିତ ଏବଂ ଏଇଟି ମନରେ ସ୍ଥିର ରଖି କାର୍ଯ୍ୟ କରିବ ।

ମୋର ହୃଦୟର ସ୍ନେହ ଓ ଆଶୀର୍ବାଦ ଜାଣିବ, ଗୁଡ୍‌ଉଇନ୍ ପ୍ରଭୃତିଙ୍କୁ ଜଣାଇବ । ଇତି

ବିବେକାନନ୍ଦ

**୩୭୭** (ସ୍ୱାମୀ ଅଖଣ୍ଡାନନ୍ଦଙ୍କୁ ଲିଖିତ)

ଆଲମୋଡ଼ା, ୩୦ ଜୁଲାଇ ୧୮୯୭

କଲ୍ୟାଣବରେଷୁ,

ତୁମ କଥା ଅନୁସାରେ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ଲେଭିଞ୍ଜ ସାହେବଙ୍କୁ ଏକ ପତ୍ର ଲେଖିଲି । ଅପିଚ ତୁମେ ତାଙ୍କର ବିଶେଷ କାର୍ଯ୍ୟକଳାପ ବିବୃତ କରି ଶଶୀ ଡାକ୍ତରଙ୍କୁ ଦେଖାଇ 'ଇଣ୍ଡିଆନ୍ ମିରର୍'ରେ ଗୋଟିଏ ଲମ୍ବାଚଉଡ଼ା ପତ୍ର ଲେଖିବ ଓ ତାହାର ଗୋଟିଏ କପି ଉକ୍ତ ମହୋଦୟଙ୍କ ପାଖକୁ ପଠାଇବ । ଆମର ମୂର୍ଖଗୁଡ଼ାକ ଖାଲି ଦୋଷ ଅନୁସନ୍ଧାନ କରନ୍ତି, ଗୁଣ ମଧ୍ୟ କିଛିତ୍ ଦେଖନ୍ତୁ ।

ମୁଁ ଆଗାମୀ ସୋମବାର ଏ ସ୍ଥାନରୁ ପ୍ରସ୍ଥାନ କରୁଛି ।··· Orphan (ଅନାଥ ବାଳକ) ଯୋଗାଡ଼ର କଅଣ କରୁଛ ? ମଠରୁ ଚାରି ପାଞ୍ଚ ଜଣଙ୍କୁ ନ ହେଲେ ଡାକିନିଅ; ଗାଁ ଗାଁରେ ଖୋଜିଲେ ଦୁ'ଦିନରେ ମିଳିବାର ସମ୍ଭାବନା ।

**Permanent Centre** (ସ୍ଥାୟୀ କେନ୍ଦ୍ର) ଅବଶ୍ୟ କରିବାକୁ ହେବ । ଆଉ—ଦେବକୃପା ନ ହେଲେ ଏ ଦେଶରେ କଅଣ କାର୍ଯ୍ୟ ହୁଏ ? ରାଜନୀତି—ଇତ୍ୟାଦିରେ କେବେ ଯୋଗ ଦେବ ନାହିଁ ଅଥବା ସମ୍ପର୍କ ରଖିବ ନାହିଁ । ଅଥଚ ସେମାନଙ୍କ ସହିତ କୌଣସି ବିବାଦାଦିରେ ମଧ୍ୟ କାର୍ଯ୍ୟ ନାହିଁ । ଗୋଟିଏ କାର୍ଯ୍ୟରେ ତନ୍ ମନ୍ ଧନ୍ । ଏଠାରେ ଗୋଟିଏ —ସାହେବ ମହଲରେ ଇଂରେଜୀ ବକ୍ତୃତା ହୋଇଥିଲା ଓ ଦେଶୀ ଲୋକଙ୍କୁ ଗୋଟିଏ ହିନ୍ଦୀରେ । ମୋର ଏହି ପ୍ରଥମ ହିନ୍ଦୀ ବକ୍ତୃତା—କିନ୍ତୁ ସମସ୍ତଙ୍କୁ ତ ଖୁବ୍ ଭଲ ଲାଗିଲା । ସାହେବମାନେ ଅବଶ୍ୟ ଯେପରି ଅଛନ୍ତି, ଲାଲ ଗଡ଼ିଗଲେ, 'କଳା ମଣିଷ' ! 'ସତେତ କି ଆଶ୍ଚର୍ଯ୍ୟ' ଇତ୍ୟାଦି । ଆଗାମୀ ଶନିବାର ଦିନ ଆଉ ଗୋଟିଏ ବକ୍ତୃତା ଇଂରାଜୀରେ, ଦେଶୀ ଲୋକଙ୍କ ପାଇଁ । ଏଠାରେ ଗୋଟିଏ ବୃହତ୍ ସଭା ସ୍ଥାପନ କରାଗଲା—ଭବିଷ୍ୟତ୍‌ରେ କେତେ ଦୂର କାର୍ଯ୍ୟ ହେବ ଦେଖାଯାଉ । ସଭାର ଉଦ୍ଦେଶ୍ୟ ବିଦ୍ୟା ଓ ଧର୍ମଶିକ୍ଷା ଦେବା ।

ସୋମବାର ବେରେଲି-ଯାତ୍ରା, ତା'ପରେ ସାହାରାନ୍‌ପୁର, ତା'ପରେ ଅମ୍ବାଲା, ସେଠାରୁ କାପ୍‌ଟେନ୍ ସେଭିଅର୍‌ଙ୍କ ସଙ୍ଗରେ ବୋଧହୁଏ ମସୌରି, ଆଉ ଟିକିଏ ଥଣ୍ଡା ପଡ଼ିବାମାତ୍ରେ ଦେଶକୁ ପୁନରାଗମନ ଓ ରାଜପୁତାନାକୁ ଗମନ ଇତ୍ୟାଦି ।

ତୁମେ ଖୁବ୍ ମାତେଇ କାର୍ଯ୍ୟ କରିଯାଅ, ଭୟ କଅଣ ? ମୁଁ ମଧ୍ୟ 'ପୁଣି ଲାଗି ଯା' ଆରମ୍ଭ କରିଛି । ଦେହ ତ ଯିବ, ଅଳସୁଆମିରେ କାହିଁକି ଯିବ ? It is better to wear out than rust out (କଳଙ୍କି ଲାଗି ମରିବା ଅପେକ୍ଷା କାମ କରି କରି କ୍ଷୟ ହୋଇଯିବା ଭଲ) । ମରିଗଲେ ମଧ୍ୟ ପ୍ରତିଟି ହାଡ଼ରେ କାଉଁରି ନାଚିବ, ତା' ପାଇଁ ଭାବନା

କାହିଁକି ? ଦଶବର୍ଷ ଭିତରେ ଭାରତବର୍ଷଟାକୁ ଆଚ୍ଛନ୍ନ କରିଦେବାକୁ ହେବ—'ଏହାଠାରୁ କମ୍‌ରେ ହେବ ନାହିଁ ।' ତାଳ ଦେଇ ଲଗିଯାଅ—'ବାହ୍ ଗୁରୁଜୀଙ୍କ ଫତେ' !' ଟଙ୍କା-ଫଙ୍କା ସବୁ ଆପେ ଆପେ ଆସିବ ! ମଣିଷ ଦରକାର, ଟଙ୍କା ଦରକାର ନାହିଁ । ମଣିଷ ସବୁ କରେ, ଟଙ୍କା କଅଣ କରିପାରେ ? ମଣିଷ ଦରକାର—ଯେତେ ପାଇବ ସେତେ ଭଲ !... ଏଇ ମ—ତ ଢେର ଟଙ୍କା ଯୋଗାଡ କରିଥିଲ, କିନ୍ତୁ ମଣିଷ ନାହିଁ—କଅଣ କାର୍ଯ୍ୟ କଲ କୁହ ? କିମଧିକମିତି

ବିବେକାନନ୍ଦ

**୩୭୭ଇ°** (ମିସ୍ ମ୍ୟାକ୍‌ଲଉଡ୍‌ଙ୍କୁ ଲିଖିତ)

ବେଲୁଡ଼ ମଠ, ୧୧ ଅଗଷ୍ଟ ୧୮୯୭

ପ୍ରିୟ ଜୋ,

ହଁ, ଜଗନ୍ମାତାଙ୍କ କାର୍ଯ୍ୟ ପଣ୍ଡ଼ହେବ ନାହିଁ, କାରଣ ତାହା ସତ୍ୟ, ଆନ୍ତରିକତା ଓ ପବିତ୍ରତା ଉପରେ ପ୍ରତିଷ୍ଠିତ ଏବଂ ଏବେ ମଧ୍ୟ ସେଥିରୁ ବିଚ୍ୟୁତି ଘଟି ନାହିଁ । ଐକାନ୍ତିକ ଅକପଟତା ହେଲା ଏହାର ମୂଳମନ୍ତ୍ର ।

ସ୍ନେହାବଦ୍ଧ ତୁମର, ବିବେକାନନ୍ଦ

**୩୭୮** (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

ଅମ୍ବାଲ୍, ୧୯ ଅଗଷ୍ଟ ୧୮୯୭

କଲ୍ୟାଣବରେଷୁ,

ମାନ୍ଦ୍ରାଜର କାର୍ଯ୍ୟ ଅର୍ଥାଭାବରେ ଉତ୍ତମରୂପେ ଚାଲୁ ନାହିଁ ଶୁଣି ଅତ୍ୟନ୍ତ ଦୁଃଖିତ ହେଲି । ଅଲସିଙ୍ଗା ଓ ତାହାର ଭଗିନୀପତିର ଟଙ୍କା ଆଲମୋଡ଼ାରେ ପହଞ୍ଚିଛି ଶୁଣି ସୁଖୀ ହୋଇଛି । ଗୁଡ୍‌ଉଇନ୍ ଲେଖିଛି ଯେ, ଯେଉଁ ଟଙ୍କା ବାକି ଅଛି ଲେକଚର୍‌ରୁ—ସେଥିରୁ କିଛି ନେବା ପାଇଁ Reception Committee (ଅଭ୍ୟର୍ଥନା ସମିତି)-କୁ ଚିଠି ଲେଖିବାକୁ । ... ଉକ୍ତ ଲେକ୍‌ଚର୍‌ର ଟଙ୍କା Reception-ରେ (ଅଭ୍ୟର୍ଥନାରେ) ଖର୍ଚ୍ଚ କରିବା ଅତି ନୀଚ କାର୍ଯ୍ୟ—ସେ ବିଷୟରେ ମୁଁ କୌଣସି କଥା କାହାରିକୁ କହିବାକୁ ଇଚ୍ଛା କରେ ନାହିଁ । ଟଙ୍କା ସମ୍ବନ୍ଧରେ ଆମର ଦେଶୀୟ ଲୋକେ ଯେ କିପରି ତାହା ମୁଁ ବିଲକ୍ଷଣ ବୁଝିଛି ।... ତୁମେ ନିଜେ ବନ୍ଧୁମାନଙ୍କୁ ମୋ ତରଫରୁ ଏକଥା ବୁଝାଇ କହିବ ଏବଂ ସେମାନେ ଯଦି ଖର୍ଚ୍ଚ ଚଳାନ୍ତି ଭଲ, ନଚେତ୍ ତୁମେମାନେ କଲିକତାର ମଠକୁ ଚାଲିଆସିବ ଅଥବା ରାମନାଦକୁ ମଠ ଉଠାଇ ନେଇଯିବ ।

ମୁଁ ବର୍ତ୍ତମାନ ଧର୍ମଶାଳାର ପାହାଡ଼କୁ ଯାଉଛି । ନିରଞ୍ଜନ, ଦୀନୁ, କୃଷ୍ଣଲାଲ, ଲଟୁ ଓ ଅଚ୍ୟୁତ ଅମୃତସରରେ ରହିବେ । ସଦାନନ୍ଦକୁ ଏପର୍ଯ୍ୟନ୍ତ ମଠକୁ କାହିଁକି ପଠାଇ ନାହଁ ? ଯଦି ସେ ସେଠାରେ ଏପର୍ଯ୍ୟନ୍ତ ଥାଏ, ପରେ ଅମୃତସରରୁ ନିରଞ୍ଜନକୁ ପତ୍ର ଲେଖିବା ମାତ୍ରେ ତାହାକୁ ପଞ୍ଜାବକୁ ପଠାଇବ । ମୁଁ ଆଉରି କିଛିଦିନ ପଞ୍ଜାବୀ ପାହାଡ଼ରେ ବିଶ୍ରାମ କରି ପଞ୍ଜାବରେ କାର୍ଯ୍ୟ ଆରମ୍ଭ କରିବି । ପଞ୍ଜାବ ଓ ରାଜପୁତାନା ହିଁ—କାର୍ଯ୍ୟର କ୍ଷେତ୍ର । କାର୍ଯ୍ୟ

ଆରମ୍ଭ କରି ତୁମମାନଙ୍କୁ ପତ୍ର ଲେଖିବି ।...

ମୋ ଦେହ ମଝିରେ ଭାରି ଖରାପ ହୋଇଥିଲା । ବର୍ତ୍ତମାନ ଧୀରେ ଧୀରେ ସୁଧୁରୁଛି । ପାହାଡ଼ରେ ଦିନ କେଇଟା ରହିଲେ ଠିକ୍ ହୋଇଯିବ । ଆଲସିଂଗା, ଜି. ଜି., ଗୁଡ଼ଉଇନ୍, ଗୁପ୍ତ, ସୁକୁଲ୍ ପ୍ରଭୃତି ସମସ୍ତଙ୍କୁ ମୋର ସ୍ନେହପ୍ରୀତି ଜଣାଇବ ଓ ତୁମେ ମଧ୍ୟ ଜାଣିବ । ଇତି

ବିବେକାନନ୍ଦ

୩୬୯ଇଂ (ମିସେସ୍ ଓଲବୁଲ୍‌ଙ୍କୁ ଲିଖିତ)

*ବେଲୁଡ଼ ମଠ, ୧୯ ଅଗଷ୍ଟ ୧୮୯୭

ପ୍ରିୟ ମିସେସ୍ ବୁଲ୍,

ମୋ ଦେହ ବିଶେଷ ଭଲ ରହୁ ନାହିଁ ଏବଂ ଯଦିଓ ଟିକିଏ ବିଶ୍ରାମ ପାଇଛି, ତଥାପି ଆଗାମୀ ଶୀତକାଳ ପୂର୍ବରୁ ଶକ୍ତି ଫେରିପାଇବି ବୋଲି ବୋଧ ହେଉ ନାହିଁ । ଜୋ-ର ଖଣ୍ଡିଏ ପତ୍ରରୁ ଜାଣିଲି ଯେ, ଆପଣମାନେ ଉଭୟେ ଭାରତବର୍ଷକୁ ଆସୁଛନ୍ତି । ଆପଣମାନଙ୍କୁ ଭାରତ-ବର୍ଷରେ ଦେଖିଲେ ମୁଁ ଯେ ଆନନ୍ଦିତ ହେବି, ଏହା କହିବା ବାହୁଲ୍ୟ; କିନ୍ତୁ ମୂଳରୁ ଜାଣିରଖିବା ଭଲ ଯେ, ଏ ଦେଶଟି ସମଗ୍ର ପୃଥିବୀ ମଧ୍ୟରେ ସବୁଠାରୁ ବେଶୀ ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର । ବଡ଼ ସହରଗୁଡ଼ିକ ଭିନ୍ନ ଅନ୍ୟତ୍ର ଇଉରୋପୀୟ ଜୀବନଯାପନର ସୁଖ-ସୁବିଧା ନାହିଁ କହିଲେ ଚଳେ ।

ଇଂଲଣ୍ଡରୁ ସମ୍ବାଦ ପାଇଲି ଯେ, ମିଷ୍ଟର୍ ଷ୍ଟର୍ଡି ଅଭେଦାନନ୍ଦଙ୍କୁ ନିଉୟର୍କକୁ ପଠାଉଛନ୍ତି । ମୋତେ ବାଦ୍ ଦେଇ ଇଂଲଣ୍ଡର କାର୍ଯ୍ୟ ଚଳିବା ଅସମ୍ଭବ ବୋଲି ମନେ-ହେଉଛି । ବର୍ତ୍ତମାନ ଗୋଟିଏ ମାସିକ ପତ୍ରିକା ବାହାର କରି ମିଷ୍ଟର୍ ଷ୍ଟର୍ଡି ତାହା ଚଳାଇବେ । ଏହି ଋତୁରେ ହିଁ ମୁଁ ଇଂଲଣ୍ଡକୁ ଯିବା ପାଇଁ ବ୍ୟବସ୍ଥା କରୁଥିଲି, କିନ୍ତୁ ଡାକ୍ତରମାନଙ୍କ ବୋକାମି ଯୋଗୁଁ ବାଧା ପାଇଲି । ଭାରତବର୍ଷର କାମ ଚାଲୁଛି ।

ଇଉରୋପ ବା ଆମେରିକାର କେହି ଠିକ୍ ଏତିକିବେଳେ ଏ ଦେଶର କୌଣସି କାର୍ଯ୍ୟରେ ଆସିବେ ବୋଲି ତ ମୋର ମନେହେଉ ନାହିଁ । ତାହା ଛଡ଼ା କୌଣସି ପାଶ୍ଚାତ୍ୟ-ବାସୀ ପକ୍ଷରେ ଏ ଦେଶର ଜଳବାୟୁ ସହ୍ୟ କରିବା ବିଶେଷ କଷ୍ଟସାଧ୍ୟ । ଆନି ବେସାନ୍ତଙ୍କର ଅସାଧାରଣ ଶକ୍ତି ଥିଲେ ମଧ୍ୟ ସେ କେବଳ ଥିଓସଫିଷ୍ଟମାନଙ୍କ ମଧ୍ୟରେ କାର୍ଯ୍ୟ କରନ୍ତି; ଫଳରେ ଏଦେଶରେ ମ୍ଲେଚ୍ଛମାନଙ୍କୁ ଯେପରି ସାମାଜିକ ବର୍ଜନାଦି ନାନାବିଧ ଅସମ୍ମାନ ଭୋଗ କରିବାକୁ ହୁଏ, ତାଙ୍କୁ ମଧ୍ୟ ତାହା ହିଁ କରିବାକୁ ପଡ଼ୁଛି । ଏପରିକି ଗୁଡ୍‌ଉଇନ୍ ମଧ୍ୟ ମଝିରେ ମଝିରେ ଯନ୍ତ୍ରଣାରେ ଅସ୍ଥିର ହୋଇ ଉଠେ ଏବଂ ତାକୁ ଠିକ୍ କରିବାକୁ ପଡ଼େ । ଗୁଡ୍‌ଉଇନ୍ ଭଲ କାମ କରୁଛି, ସେ ପୁରୁଷ ବୋଲି ଲୋକଙ୍କ ସହିତ ମିଶିବାରେ ବାଧା ନାହିଁ । କିନ୍ତୁ ଏ

* ଚିଠି ଖଣ୍ଡିକ ବସ୍ତୁତଃ ଅମ୍ବାଲାରୁ ଲିଖିତ । ସ୍ଥାୟୀ ଠିକଣା ହିସାବରେ 'ବେଲୁଡ଼' ଲିଖିତ ଅଛି । ସେତେବେଳେ ଆଲମବଜାରରୁ ମଠ ବେଲୁଡ଼କୁ ସ୍ଥାନାନ୍ତରିତ ହେବାର କଥା ଚାଲିଥିଲା ।

ଦେଶରେ ପୁରୁଷମାନଙ୍କ ସମାଜରେ ସ୍ତ୍ରୀ-ଲୋକଙ୍କର କୌଣସି ସ୍ଥାନ ନାହିଁ, ସ୍ତ୍ରୀ-ଲୋକମାନେ କେବଳ ନିଜ ଭିତରେ କାର୍ଯ୍ୟ କରିପାରନ୍ତି । ଯେଉଁସବୁ ଇଂରେଜ ବନ୍ଧୁ ଏ ଦେଶକୁ ଆସିଛନ୍ତି, ସେମାନେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟରେ ଲଗି ନାହାନ୍ତି; ଭବିଷ୍ୟତରେ ମଧ୍ୟ ସେମାନଙ୍କ ଦ୍ୱାରା କିଛି ହେବ କି ନାହିଁ ଜାଣେ ନାହିଁ । ଏସବୁ ଜାଣି ସୁଦ୍ଧା ଯଦି କେହି ଚେଷ୍ଟା କରିବାକୁ ରାଜି ଥାନ୍ତି ତେବେ ତାଙ୍କୁ ସାଦରେ ଆହ୍ୱାନ କରୁଛି ।

ଯଦି ସାରଦାନନ୍ଦ ଆସିବାକୁ ଇଚ୍ଛା କରେ ତ ସେ ଚାଲିଆସୁ, ମୋର ସ୍ୱାସ୍ଥ୍ୟ ବର୍ତ୍ତମାନ ଭାଙ୍ଗିପଡ଼ିଛି; ସୁତରାଂ ସେ ଆସିଲେ ସମୁଦାୟ କାର୍ଯ୍ୟ ସଜାଡ଼ିନେବାରେ ବିଶେଷ ସାହାଯ୍ୟ ହେବ, ସନ୍ଦେହ ନାହିଁ ।

ଦେଶକୁ ଫେରିଯାଇ ଯେପରି ଏଦେଶ ପାଇଁ କିଛି କାର୍ଯ୍ୟ କରିପାରନ୍ତି—ଏହି ଉଦ୍ଦେଶ୍ୟରେ ମିସ୍ ମାର୍ଗାରେଟ୍ ନୋବଲ୍ ନାମ୍ନୀ ଜନୈକା ଇଂରେଜ ଝିଅ ଭାରତକୁ ଆସି ଏଠାକାର ଅବସ୍ଥା ସଙ୍ଗରେ ପ୍ରତ୍ୟକ୍ଷ ପରିଚୟ ଲାଭ ପାଇଁ ଖୁବ୍ ଉତ୍ସୁକ ହୋଇଛନ୍ତି । ଆପଣମାନେ ଯଦି ଲଣ୍ଡନ ହୋଇ ଆସନ୍ତି, ତେବେ ଆପଣଙ୍କ ସହିତ ଆସିବା ଲାଗି ତାହାଙ୍କୁ ମୁଁ ଲେଖିଛି । ବିଶେଷ ଅସୁବିଧା ଏହି ଯେ, ଦୂରରୁ କେବେହେଲେ ଆପଣମାନେ ଏଠାକାର ଅବସ୍ଥା ସମ୍ୟକ୍ ବୁଝିପାରିବେ ନାହିଁ । ଦୁଇଟି ଦେଶର ଧରଣ ଏତେ ସ୍ୱତନ୍ତ୍ର ଯେ, ଆମେରିକା କିମ୍ବା ଇଂଲଣ୍ଡରୁ ଭିତରର କୌଣସି ଧାରଣା କରିବା ଅସମ୍ଭବ ।

ଆପଣମାନେ ଧରିନେବେ ଯେ, ଆପଣମାନେ ଯେପରି ଆଫ୍ରିକାର ଅଭ୍ୟନ୍ତର ପ୍ରଦେଶକୁ ଯାତ୍ରା କରୁଛନ୍ତି, ତା'ପରେ ଯଦି ଦୈବାତ୍ ଉତ୍କୃଷ୍ଟତର କିଛି ପାଆନ୍ତି ତ ସେଇଟା ଅଧିକା ଲାଭ । ଇତି

ଆପଣମାନଙ୍କର, ବିବେକାନନ୍ଦ

୩୮୦ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଅମୃତସର, ୨ ସେପ୍ଟେମ୍ବର ୧୮୯୭

ଅଭିନ୍ନହୃଦୟେଷୁ,

ଯୋଗେନ୍ ଗୋଟିଏ ପତ୍ରରେ ବାଗ୍‌ବଜାରରେ··· ଘର ୧୦,୦୦୦ ଟଙ୍କାରେ··· କିଣିବାକୁ କହୁଛି । ସେହି ଘର କିଣିଲେ ମଧ୍ୟ ବେଶ୍ ଗୋଳମାଳ ଅଛି, ଯଥା—ଭଙ୍ଗାଭଙ୍ଗି କରି ବୈଠକଖାନାଟିକୁ ଗୋଟିଏ ବଡ଼ ହଲ୍ କରିବା ଏବଂ ଅନ୍ୟାନ୍ୟ ବନ୍ଦୋବସ୍ତ କରିବା । ପୁଣି ସେହି ଘର ଅତି ପ୍ରାଚୀନ ଓ ଜୀର୍ଣ୍ଣ । ଯାହା ହେଉ ଗିରିଶବାବୁ ଓ ଅତୁଲ ସଙ୍ଗରେ ପରାମର୍ଶ କରି ଯାହା ଭଲ ହେବ କରିବ । ମୁଁ ସଦଳେ ଅଦ୍ୟ କାଶ୍ମୀର ଚାଲିଲି, ଦୁଇଟା ବେଳେ ଗାଡ଼ିରେ । ମଝିରେ ଧର୍ମଶାଳା ପାହାଡ଼କୁ ଯାଇ ଦେହ ବହୁତ ସୁସ୍ଥ ହୋଇଛି ଏବଂ ଟନ୍‌ସିଲ୍ ଜ୍ୱର ପ୍ରଭୃତି ଏକାବେଳକେ ଭଲ ହୋଇଯାଇଛି ।···

ତୁମର ଗୋଟିଏ ପତ୍ରରୁ ସକଳ ସମାଚାର ଜାଣିଲି । ନିରଞ୍ଜନ, ଲାଟୁ, କୃଷ୍ଣଲାଲ, ଦୀନନାଥ, ଗୁପ୍ତ ଓ ଅଚ୍ୟୁତ ମୋ ସାଙ୍ଗରେ କାଶ୍ମୀର ଯାଉଛନ୍ତି ।

ମାନ୍ଦ୍ରାଜରୁ ଯେଉଁ ବ୍ୟକ୍ତି famine work-ରେ (ଦୁର୍ଭିକ୍ଷ-କାର୍ଯ୍ୟରେ) ୧୫୦୦ ଟଙ୍କା ଦେଇଛନ୍ତି ସେ ଗୃହାନ୍ତି ଯେ, ତାଙ୍କର ବିଶେଷ ଟଙ୍କା କେଉଁ କେଉଁ ଖର୍ଚ୍ଚରେ ଗଲା— ତହିଁର ଗୋଟିଏ ତାଲିକା । ତାହା ତାହାଙ୍କୁ ପଠାଇବ । ଆମେ ଏକପ୍ରକାର ଭଲ ଅଛୁ । ଇତି

ବିବେକାନନ୍ଦ

ପୁଃ—ମଠର ସମସ୍ତଙ୍କୁ ମୋର ସ୍ନେହପ୍ରୀତି ଦେବ ।

୩୮୧ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ପ୍ରଧାନ ବିଚାରପତି ଋଷିବର ମୁଖୋପାଧ୍ୟାୟଙ୍କ ଘର
ଶ୍ରୀନଗର, କାଶ୍ମୀର, ୧୩ ସେପ୍ଟେମ୍ବର ୧୮୯୭

ଅଭିନ୍ନହୃଦୟେଷୁ,

ଏବେ କାଶ୍ମୀରରେ । ଏଦେଶ ସମ୍ବନ୍ଧରେ ଯେଉଁ ପ୍ରଶଂସା ଶୁଣିଛ, ତାହା ସତ୍ୟ । ଏପରି ସୁନ୍ଦର ଦେଶ ଆଉ ନାହିଁ, ଆଉ ଲୋକମାନେ ମଧ୍ୟ ସୁନ୍ଦର, ତେବେ ଆଖି ଭଲ ନୁହେଁ । କିନ୍ତୁ ଏପରି ନରକକୁଣ୍ଡ ଭଳି ଅପରିଷ୍କାର ଗ୍ରାମ ଓ ସହର ଆଉ କେଉଁଠି ନାହିଁ । ଶ୍ରୀନଗରରେ ଋଷିବର ବାବୁଙ୍କ ଘରେ ଆସି ଉଠିଛୁ । ସେ ମଧ୍ୟ ବିଶେଷ ଯତ୍ନ କରୁଛନ୍ତି । ମୋର ଚିଠିପତ୍ର ତାଙ୍କର ଠିକଣାରେ ପଠାଇବ । ମୁଁ ଦିନେ ଦୁଇଦିନ ମଧ୍ୟରେ ଅନ୍ୟତ୍ର ବୁଲିବାକୁ ଯିବି; କିନ୍ତୁ ଆସିବା ସମୟରେ ପୁନର୍ବାର ଶ୍ରୀନଗର ହୋଇ ଆସିବି ଏବଂ ଚିଠିପତ୍ର ମଧ୍ୟ ପାଇବି । ଗଙ୍ଗାଧର ସମ୍ବନ୍ଧରେ ଯେଉଁ ଚିଠି ପଠାଇଛ, ତାହା ଦେଖିଲି । ତାହାକୁ ଲେଖିବ ଯେ, ମଧ୍ୟପ୍ରଦେଶରେ ଅନେକ orphan (ଅନାଥ) ଅଛନ୍ତି ଓ ଗୋରଖପୁରରେ ମଧ୍ୟ । ସେଠାରୁ ପଞ୍ଜାବୀମାନେ ଅନେକ ପିଲାପିଲିଙ୍କୁ ଅଣାଉଛନ୍ତି । ମହେନ୍ଦ୍ରବାବୁଙ୍କୁ କୁହାବୋଲା କରି ଏ ବିଷୟରେ ଗୋଟିଏ agitation (ଆନ୍ଦୋଳନ) କରିବା ଉଚିତ— ଯହିଁରେ କଲିକତାର ଲୋକେ ସେହିସବୁ orphan-ଙ୍କର charge (ଭାର) ନିଅନ୍ତି, ସେବିଷୟରେ ଆନ୍ଦୋଳନ ହେବା ଦରକାର—ବିଶେଷତଃ ଯହିଁରେ ମିଶନାରୀମାନେ ଯେଉଁସବୁ orphan-ଙ୍କୁ ନେଇଛନ୍ତି, ସେମାନଙ୍କୁ ଫେରାଇ ଦିଅନ୍ତି—ସେହିବିଷୟରେ ଗଭର୍ଣ୍ଣମେଣ୍ଟଙ୍କୁ ଦାରଖାସ୍ତ ଦେବା ଉଚିତ୍ । ଗଙ୍ଗାଧରକୁ ଆସିବାକୁ ଏବଂ ରାମକୃଷ୍ଣ-ସଙ୍ଘ ତରଫରୁ ଏ ବିଷୟରେ ହଲ୍‌ଚଲ୍ କରିବା ଉଚିତ୍ । ଅଣ୍ଟା ଭିଡ଼ି ଘରେ ଘରେ ଯାଇ ହାଟ ବସାଅ, mass meeting (ଜନସଭା) କରାଅ ଇତ୍ୟାଦି । ସିଦ୍ଧି ହେଉ ବା ନ ହେଉ—ହୋ-ହଲ୍ଲା କର । ମଧ୍ୟପ୍ରଦେଶ ଏବଂ ଗୋରଖପୁର ଇତ୍ୟାଦିରେ ଯେଉଁସବୁ ପ୍ରଧାନ ବଙ୍ଗାଳୀ ଅଛନ୍ତି ସେମାନଙ୍କୁ ପତ୍ର ଲେଖି facts (ବିବରଣୀ) ଜଣାଅ ଏବଂ ତୁମୁଳ ଆନ୍ଦୋଳନ କର । ରାମକୃଷ୍ଣ-ସଙ୍ଘ ଏକଦମ୍ ମାତିଉଠୁ । ହଟ୍ଟଗୋଳ ଉପରେ ହଟ୍ଟଗୋଳ—ବିରାମ ଯେପରି ନ ହୁଏ, ଏହା ହିଁ ହେଲା secrcet (ରହସ୍ୟ) । ସାରଦାର କାର୍ଯ୍ୟର ପରିପାଟି ଦେଖି ଖୁବ୍ ଖୁସି ହେଲି । ଗଙ୍ଗାଧର ଓ ସାରଦା ଯେଉଁ ଯେଉଁ ସ୍ଥାନକୁ ଯାଇଛନ୍ତି, ସେହି ସେହି ଜିଲାରେ ଗୋଟିଏ ଗୋଟିଏ କେନ୍ଦ୍ର ନ କରି ଯେପରି ବିରତ ନ ହୁଅନ୍ତି ।

ଏହିମାତ୍ର ଗଙ୍ଗାଧରର ପତ୍ର ପାଇଲି । ସେ ଏହି ଜିଲ୍ଲାରେ କେନ୍ଦ୍ର କରିବାକୁ ଦୃଢ଼ପ୍ରତିଜ୍ଞ—ବେଶ୍ କଥା । ତାହାକୁ ଲେଖିବ ଯେ, ତାହାର ବନ୍ଧୁ ମାଜିଷ୍ଟ୍ରେଟ୍ ମୋ ପତ୍ରର ଅତିସୁନ୍ଦର ଉତ୍ତର ଦେଇଛନ୍ତି । କାଶ୍ମୀରରୁ ତଳକୁ ଆସି ଲାଟୁ, ନିରଞ୍ଜନ, ଦୀନୁ ଓ ଖୋକାକୁ ପଠାଇଦେବି; କାରଣ ସେମାନଙ୍କର ଏଠାରେ ଆଉ କୌଣସି କାର୍ଯ୍ୟ ସମ୍ଭବ ନୁହେଁ, ଏବଂ କୋଡ଼ିଏ ପଚିଶ ଦିନ ମଧ୍ୟରେ ଶୁଦ୍ଧାନନ୍ଦ, ସୁଶୀଲ୍ ଓ ଆଉ ଜଣଙ୍କୁ ପଠାଇବି । ସେମାନଙ୍କୁ ଅମ୍ବାଲାରେ କାଣ୍ଟନମେଣ୍ଟ ମେଡ଼ିକାଲହଲ୍, ଶ୍ୟାମାଚରଣ ମୁଖୋପାଧ୍ୟାୟଙ୍କ ଘରକୁ ପଠାଇବି । ମୁଁ ସେଠାରୁ ଲାହୋର ଯିବି । ଦୁଇଟି ଲେଖାଏଁ ଗେରୁଆରଙ୍ଗର ମୋଟା ଗେଞ୍ଜି, ପାରି ଶୋଇବା ଓ ଘୋଡ଼ାଇ ହେବା ପାଇଁ ଦୁଇଟି କମ୍ବଳ, ଏବଂ ଦେହରେ ପକାଇବା ଲାଗି ଗୋଟିଏ ଲେଖାଏଁ ଗରମ ଲୁଗା ଇତ୍ୟାଦି ଲାହୋରରେ କିଣିଦେବି । ଯଦି 'ରାଜଯୋଗ' ବହିର ଅନୁବାଦ ହୋଇଯାଇଥାଏ ତେବେ ତାହା ଛପାଇବ, ଘରପଇସାରେ ।··· ଭାଷା ଯେଉଁଠାରେ ଦୁରୂହ ଅଛି, ତାହାକୁ ଅତି ସରଳ କରିବ ଏବଂ ଯଦି ପାରେ ତୁଳସୀ ତାହାର ଗୋଟିଏ ହିନ୍ଦୀ ଅନୁବାଦ କରୁ । ସେହି ବହିଗୁଡ଼ିକ ବାହାରିଲେ ମଠର ବହୁ ସାହାଯ୍ୟ ହେବ ।

ତୁମ ଦେହ ବୋଧହୁଏ ବର୍ତ୍ତମାନ ଭଲ ଅଛି । ମୋ ଦେହ ଧର୍ମଶାଳା··· ଯିବାଠାରୁ ଏପର୍ଯ୍ୟନ୍ତ ଭଲ ଅଛି । ଥଣ୍ଡାରେ ଭଲ ଲାଗେ ଏବଂ ଦେହ ଭଲ ରହେ । କାଶ୍ମୀରର ଗୋଟିଏ ଜାଗା ଦେଖି ଗୋଟିଏ ଉତ୍ତମ ସ୍ଥାନରେ ଚୁପ୍ ହୋଇ ବସିବି—ଏହି ପ୍ରକାର ଇଚ୍ଛା, ଅଥବା ପାଣିରେ ପାଣିରେ ବୁଲିବି । ଡାକ୍ତରବାବୁ ଯାହା କହିବେ ତାହା ହିଁ କରିବି । ରାଜା ବର୍ତ୍ତମାନ ଏଠାରେ ନାହାନ୍ତି । ତାଙ୍କ ମଝିଆଁ ଭାଇ ସେନାପତି ଅଛନ୍ତି । ତାଙ୍କ ସମ୍ପାଦକତ୍ୱରେ ଗୋଟିଏ ବକ୍ତୃତା ଦେବାର ଉଦ୍ୟୋଗ ହେଉଛି । ଯାହା ହେବ ପରେ ଲେଖିବି । ଦିନେ ଦୁଇଦିନ ମଧ୍ୟରେ ଯଦି ହୁଏ ତ ରହିବି; ନ ହେଲେ ମୁଁ ବୁଲିବାକୁ ଗଲି । ସେଭିଅର୍ ମାରିରେ ରହିଲା । ତାହାର ଦେହ ଭାରି ଖରାପ —ଟଙ୍ଗାର ଝଟ୍କାରେ । ମାରିର ବଙ୍ଗାଳୀ ବାବୁମାନେ ଖୁବ୍ ଭଲ ଓ ଭଦ୍ର ।

ଜି. ସି. ଘୋଷ, ଅତୁଳ, ମାଷ୍ଟର ମହାଶୟ ପ୍ରଭୃତି ସମସ୍ତଙ୍କୁ ମୋର ସାଷ୍ଟାଙ୍ଗ ଦେବ ଓ ସମସ୍ତଙ୍କୁ ଉତେଇ ରଖିବ । ଯୋଗେନ୍ ଯେଉଁ ଘର କିଣିବା କଥା କହିଥିଲା, ତା'ର ଖବର କ'ଣ ? ମୁଁ ଏଠାରୁ ଅକ୍ଟୋବର ମାସରେ ତଳ ଆଡ଼କୁ ଯାଇ ପଞ୍ଜାବରେ ଦୁଇଚାରିଟି ଲେକଚର୍ ଦେବି । ତା'ପରେ ସିନ୍ଧୁ ହୋଇ କଚ୍ଛ, ଭୁଜ ଓ କାଥିଆବାଡ଼—ସୁବିଧା ହେଲେ ପୁନା ପର୍ଯ୍ୟନ୍ତ, ନ ହେଲେ ବରୋଦା ହୋଇ ରାଜପୁତାନା ହୋଇ N. W. P. (ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ) ଓ ନେପାଳ, ତା' ପରେ କଲିକତା—ଏଇତ ବର୍ତ୍ତମାନର ପ୍ରୋଗ୍ରାମ; ପରେ ପ୍ରଭୁ ଜାଣନ୍ତି । ସମସ୍ତଙ୍କୁ ମୋର ପ୍ରଣାମ ଆଶୀର୍ବାଦ ଇତ୍ୟାଦି ।

ବିବେକାନନ୍ଦ

୩୮୨ଇଂ (ସ୍ୱାମୀ ଶୁଦ୍ଧାନନ୍ଦଙ୍କୁ ଲିଖିତ)

ପ୍ରଧାନ ବିଚାରପତି ଋଷିବର ମୁଖୋପାଧ୍ୟାୟଙ୍କ ଘର, ଶ୍ରୀନଗର,
୧୪ ସେପ୍ଟେମ୍ବର ୧୮୯୭

ପ୍ରିୟ ଶୁଦ୍ଧାନନ୍ଦ,

ଅବଶେଷରେ ଆମେ କାଶ୍ମୀରରେ ଆସି ପହଞ୍ଚିଛୁ । ଏ ଜାଗାର ସବୁ ସୌନ୍ଦର୍ଯ୍ୟର କଥା ତୁମକୁ ଆଉ ଲେଖି କଅଣ ହେବ ? ମୋ ମତରେ ଏହା ହେଉଛି ଏକମାତ୍ର ଦେଶ, ଯାହା ଯୋଗୀମାନଙ୍କର ଅନୁକୂଳ । କିନ୍ତୁ ଏ ଦେଶର ଯେଉଁମାନେ ବର୍ତ୍ତମାନ ଅଧିବାସୀ ସେମାନଙ୍କର ଅପୂର୍ବ ଦୈହିକ ସୌନ୍ଦର୍ଯ୍ୟ ଥିଲେ ମଧ୍ୟ ସେମାନେ ଅତ୍ୟନ୍ତ ଅପରିଷ୍କାର ! ଏ ଦେଶର ଦ୍ରଷ୍ଟବ୍ୟ ସ୍ଥାନଗୁଡ଼ିକ ଦେଖିବା ପାଇଁ ଏବଂ ଶକ୍ତିଲାଭ ଲାଗି ମୁଁ ଏକମାସ ପାଣିରେ ଘୁରି ବୁଲିବି । କିନ୍ତୁ ନଗରଟିରେ ବର୍ତ୍ତମାନ ଭୟଙ୍କର ମ୍ୟାଲେରିଆ ଏବଂ ସଦାନନ୍ଦ ଓ କୃଷ୍ଣଲାଲଙ୍କୁ ଜ୍ୱର ହୋଇଛି । ସଦାନନ୍ଦ ଆଜି ଭଲ ଅଛି, କିନ୍ତୁ କୃଷ୍ଣଲାଲର ଏବେ ମଧ୍ୟ ଜ୍ୱର ଅଛି । ଡାକ୍ତର ଆଜି ଆସି ତାହାର ଜୋଲାପ୍‌ର ବ୍ୟବସ୍ଥା କରିଯାଇଛନ୍ତି । ଆମେ ଆଶା କରୁଛୁ ସେ କାଲି ଭିତରେ ଭଲ ହୋଇ ଉଠିବ ଏବଂ ଆମେ ମଧ୍ୟ ଯାତ୍ରା କରିବୁ କାଲି । କାଶ୍ମୀର ଗଭର୍ଣ୍ଣମେଣ୍ଟ ମୋତେ ସେମାନଙ୍କର ଖଣ୍ଡିଏ ନାଆ ବ୍ୟବହାର କରିବାକୁ ଦେଇଛନ୍ତି ଏବଂ ତାହା ସୁନ୍ଦର ଓ ଆରାମପ୍ରଦ । ସେମାନେ ଜିଲାର ତହସିଲଦାରଙ୍କ ଉପରେ ମଧ୍ୟ ଆଦେଶ ଜାରି କରିଛନ୍ତି । ଏ ଦେଶର ଲୋକମାନେ ଆମମାନଙ୍କୁ ଦେଖିବା ପାଇଁ ଦଳ ଦଳ ହୋଇ ଆସୁଛନ୍ତି ଏବଂ ଆମମାନଙ୍କୁ ଆରାମରେ ରଖିବା ପାଇଁ ଯାହାକିଛି ପ୍ରୟୋଜନ ସବୁ କରୁଛନ୍ତି ।

ଆମେରିକାର କୌଣସି କାଗଜରେ ପ୍ରକାଶିତ ଡାକ୍ତର ବ୍ୟାରୋଜ୍‌ଙ୍କର ଗୋଟିଏ ପ୍ରବନ୍ଧ 'ଇଣ୍ଡିଆନ୍ ମିରର୍'ରେ ଉଦ୍ଧୃତ ହୋଇଛି; କେହି ଜଣେ ନିଜ ନାମ ନ ଦେଇ 'ଇଣ୍ଡିଆନ୍ ମିରର୍'ର ସେହି ଅଂଶ ମୋତେ ପଠାଇଛନ୍ତି ଏବଂ ଏହାର କି ଉତ୍ତର ହେବ ଜାଣିବାକୁ ଚାହିଁଛନ୍ତି । ମୁଁ ଏହି ଅଂଶଟିକୁ ବ୍ରହ୍ମାନନ୍ଦଙ୍କୁ ପଠାଇଛି ଏବଂ ଯେଉଁ ଅଂଶଗୁଡ଼ିକ ଖାଣ୍ଟି ମିଥ୍ୟା, ତାହାର ଉତ୍ତର ମଧ୍ୟ ଲେଖିଦେଇଛି ।

ତୁମେ ସେଠାରେ ଭଲ ଅଛ ଏବଂ ତୁମର ଦୈନନ୍ଦିନ କାର୍ଯ୍ୟ ଚଳାଇ ନେଉଛ ଜାଣି ଖୁସୀ ହେଲି । ମୁଁ ଶିବାନନ୍ଦ ପାଖରୁ ଖଣ୍ଡିଏ ପତ୍ର ପାଇଛି; ସେଥିରେ ସେଠାକାର କାର୍ଯ୍ୟର ସବିଶେଷ ଖବର ଅଛି ।

ମାସକ ପରେ ପଞ୍ଜାବ ଯାଉଛି । ତୁମ ଭିତରୁ ଜଣଙ୍କୁ ମୁଁ ଅମ୍ବାଲାରେ ପାଇବି ବୋଲି ଆଶା କରୁଛି । ଯଦି କୌଣସି କେନ୍ଦ୍ର ସ୍ଥାପିତ ହୁଏ, ତେବେ ତୁମମାନଙ୍କ ଭିତରୁ ଜଣଙ୍କୁ କାର୍ଯ୍ୟଭାର ଦେଇଦିବି । ନିରଞ୍ଜନ, କୃଷ୍ଣଲାଲ ଓ ଲାଟୁକୁ ପଠାଇଦେବି ।

ମୋ ଇଚ୍ଛା—ଏଥରେ ଚଟ୍‌କରି ପଞ୍ଜାବ ଓ ସିନ୍ଧୁ ହୋଇ କାଥିଆବାଡ଼ ଓ ବରୋଦାର ଭିତର ଦେଇ ରାଜପୁତାନାକୁ ଫେରିବି ଏବଂ ସେଠାରୁ ନେପାଳକୁ ଯିବି ଓ ସର୍ବଶେଷରେ କଲିକତା ।

ମୋତେ ଶ୍ରୀନଗରରେ ଋଷିବରବାବୁଙ୍କ ଘର ଠିକଣାରେ ପତ୍ର ଦେବ । ମୁଁ ଫେରିବା ବାଟରେ ପତ୍ର ପାଇବି । ସମସ୍ତଙ୍କୁ ମୋର ପ୍ରୀତି ଓ ଆଶୀର୍ବାଦ ଜଣାଇବ । ଇତି

ତୁମମାନଙ୍କର, ବିବେକାନନ୍ଦ

୩୮୩ (ଶ୍ରୀଯୁକ୍ତ ହରପଦ ମିତ୍ରଙ୍କୁ ଲିଖିତ)

ଶ୍ରୀନଗର, କାଶ୍ମୀର, ୧୮୯୭

କଲ୍ୟାଣବରେଷୁ,

ଆଜକୁ ୯ ମାସ ହେଲା ଦେହ ଅତ୍ୟନ୍ତ ଅସୁସ୍ଥ ରହୁଥିବାରୁ ଏବଂ ଗ୍ରୀଷ୍ମାଧିକ୍ୟ ଅତ୍ୟନ୍ତ ବୃଦ୍ଧି ପାଇବାରୁ ପର୍ବତମାନଙ୍କରେ ଭ୍ରମଣ କରୁଛି । ବର୍ତ୍ତମାନ କାଶ୍ମୀରରେ ମୁଁ ଅନେକ ପର୍ଯ୍ୟଟନ କରଛି; କିନ୍ତୁ ଏଭଳି ଦେଶ ତ କେବେ ଦେଖି ନାହିଁ । ବର୍ତ୍ତମାନ ଶୀଘ୍ର ପଞ୍ଜାବ ଯିବି ଏବଂ ପୁନର୍ବାର କାର୍ଯ୍ୟ ଆରମ୍ଭ କରିବି । ସଦାନନ୍ଦ ମୁଖରୁ ତୁମମାନଙ୍କର ସମସ୍ତ ସମାଚାର ପାଇଲି ଏବଂ (ମଝିରେ ମଝିରେ) ପାଇଥାଏ । ମୁଁ ନିଶ୍ଚିତ ଭାବରେ ପଞ୍ଜାବ ହୋଇ କରାଚୀ ଯାଉଛି, ସେଠାରେ ସାକ୍ଷାତ୍ ହେବ । ଇତି

ସାଶୀର୍ବାଦ, ବିବେକାନନ୍ଦସ୍ୟ

୩୮୪ (ଶ୍ରୀମତୀ ଇନ୍ଦୁମତୀ ମିତ୍ରଙ୍କୁ ଲିଖିତ)

କାଶ୍ମୀର, ୧୮୯୭

କଲ୍ୟାଣୀୟାସୁ,

ମା, ବହୁଦିନ ତୁମକୁ ପତ୍ର ଲେଖିପାରି ନାହିଁ ଏବଂ ବେଲଗାଁଓ ବି ଯାଇପାରି ନାହିଁ ବୋଲି ଉଦ୍‌ବିଗ୍ନ ହେବ ନାହିଁ । ମୁଁ ରୋଗରେ ବହୁତ ଭୋଗୁଥିଲି, ଏବଂ ଆଉ ସେତେବେଳେ ମୋର ଯିବା ଅସମ୍ଭବ ଥିଲା । ହିମାଳୟରେ ଭ୍ରମଣ ଫଳରେ ମୁଁ ଏବେ ମୋର ପୂର୍ବସ୍ୱାସ୍ଥ୍ୟ ଅନେକ ପରିମାଣରେ ଫେରିପାଇଛି । କାର୍ଯ୍ୟ ଶୀଘ୍ର ପୁନର୍ବାର ଆରମ୍ଭ କରିବି । ଦୁଇ ସପ୍ତାହ ମଧ୍ୟରେ ହିଁ ପଞ୍ଜାବ ଯିବି ଏବଂ ଲାହୋର୍ ଓ ଅମୃତସର୍‌ରେ ଗୋଟିଏ ଦୁଇଟି ଲେକଚର୍ ଦେଇ କରାଚୀ, ଗୁଜରାଟ, କଚ୍ଛ ଇତ୍ୟାଦି ଯିବି । କରାଚୀରେ ତୁମମାନଙ୍କ ସହିତ ନିଶ୍ଚିତ ସାକ୍ଷାତ୍ କରିବି ।

ଏହି କାଶ୍ମୀର ବାସ୍ତବିକ୍ ଭୂସ୍ୱର୍ଗ—ଏଭଳି ଦେଶ ପୃଥିବୀରେ ଆଉ ନାହିଁ । ଯେପରି ପାହାଡ଼, ସେହିପରି ଜଳ, ସେହିପରି ଗଛଲତା, ସେହିପରି ସ୍ତ୍ରୀ-ପୁରୁଷ, ସେହିଭଳି ପଶୁପକ୍ଷୀ । ଏତେକାଳ ଦେଖି ନ ଥିଲି ବୋଲି ମନରେ ଦୁଃଖ ହୁଏ । ତୁମେ ଶାରୀରିକ ଓ ମାନସିକ କିପରି ଅଛ, ମୋତେ ସବିଶେଷ ଲେଖିବ । ମୋର ବିଶେଷ ଆଶୀର୍ବାଦ ଜାଣିବ ଏବଂ ସର୍ବଦା ମୁଁ ତୁମମାନଙ୍କର କଲ୍ୟାଣ କାମନା କରୁଛି, ନିଶ୍ଚିତ ଜାଣିବ । ଇତି

ବିବେକାନନ୍ଦ

୩୮୫ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ) ଓଁ ନମୋ ଭଗବତେ ରାମକୃଷ୍ଣାୟ
ଶ୍ରୀନଗର, କାଶ୍ମୀର, ୩୦ ସେପ୍ଟେମ୍ବର ୧୮୯୭

କଲ୍ୟାଣବରେଷୁ,

ଏବେ କାଶ୍ମୀର ଦେଖି ଫେରୁଛୁ । ଦିନେ ଦୁଇ ଦିନ ମଧ୍ୟରେ ପଞ୍ଜାବ ଯାତ୍ରା କରିବି । ଏଥର ଦେହ ଅନେକ ସୁସ୍ଥ ହେବାରୁ ପୂର୍ବପରି ପୁନରାୟ ଭ୍ରମଣ କରିବି ବୋଲି ମନସ୍ଥ କରିଛି । ଲେକ୍‌ଚର-ଫେକ୍‌ଚର ଖୁବ୍ ବେଶୀ ନୁହେଁ—ଯଦି ଗୋଟାଏ ଅଧେ ପଞ୍ଜାବରେ ହୁଏତ ହେବ, ନୋହିଲେ ନାହିଁ । ଏ ଦେଶର ଲୋକେ ତ ଏପର୍ଯ୍ୟନ୍ତ ପଇସାଟିଏ ଗାଡ଼ିଭଡ଼ା ବି ଦେଇ ନାହାନ୍ତି—ସେଥିରେ ମଣ୍ଡଳୀ ନେଇ ଚାଲିବା ଯେ କି କଷ୍ଟକର ବୁଝିପାରୁଥିବ । କେବଳ ସେହି ଇଂରେଜ ଶିଷ୍ୟମାନଙ୍କ ନିକଟରେ ହାତ ପତାଇବା ମଧ୍ୟ ଲଜ୍ଜାର କଥା । ଅତଏବ ପୂର୍ବପରି 'କମ୍ବଲବନ୍ତ' ହୋଇ ଚାଲିଲି । ଏ ଅବସ୍ଥାରେ ଗୁଡ଼ୱିନ୍ ପ୍ରଭୃତି କାହାରି ପ୍ରୟୋଜନ ନାହିଁ ବୁଝିପାରୁଥିବ ।

ସିଲୋନ୍‌ରୁ ଜଣେ ସାଧୁ—ପି. ସି. ଜିନବର୍ ବର୍ମର୍ (P. C. Jinavara Vamer) ନାମକ—ମୋତେ ଖଣ୍ଡିଏ ଚିଠି ଲେଖିଛନ୍ତି; ସେ ଭାରତବର୍ଷକୁ ଆସିବାକୁ ଇଚ୍ଛା କରନ୍ତି ଇତ୍ୟାଦି । ବୋଧହୁଏ ଏ ହେଉଛନ୍ତି ସେହି ଶ୍ୟାମ୍‌ଦେଶୀୟ ରାଜକୁମାର ସାଧୁ । ଏହାଙ୍କ ଠିକଣା ଓସ୍କେଲିଓନ୍ଦାଟ୍ଟା, ସିଲୋନ୍ । ଯଦି ସୁବିଧା ହୁଏ ଏହାଙ୍କୁ ମାନ୍ଦ୍ରାଜକୁ ନିମନ୍ତ୍ରଣ କର । ଏହାଙ୍କର ବେଦାନ୍ତରେ ବିଶ୍ୱାସ ଅଛି । ମାନ୍ଦ୍ରାଜରୁ ଏହାଙ୍କୁ ଅନ୍ୟାନ୍ୟ ସ୍ଥାନକୁ ପଠାଇବା ସେତେ କଠିନ କାର୍ଯ୍ୟ ନୁହେଁ । ଏଭଳି ଜଣେ ଲୋକ ସମ୍ପ୍ରଦାୟରେ ଥିବା ମଧ୍ୟ ଭଲ । ମୋର ସ୍ନେହପ୍ରୀତି ଓ ଆଶୀର୍ବାଦ ସମସ୍ତଙ୍କୁ ଜଣାଇବ ଓ ଜାଣିବ । ଇତି

ବିବେକାନନ୍ଦ

ପୁଃ—ଖେତଡ଼ିର ରାଜା ୧୦ ତାରିଖ ଅକ୍ଟୋବରରେ ବମ୍ବେରେ ପହଞ୍ଚିବେ—ଅଭିନନ୍ଦନ ଜଣାଇବାକୁ ଭୁଲିବ ନାହିଁ ।
—ବି.

୩୮୬ (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଶ୍ରୀନଗର, କାଶ୍ମୀର, ୩୦ ସେପ୍ଟେମ୍ବର ୧୮୯୭

ଅଭିନ୍ନହୃଦୟେଷୁ,

ଗୋପାଳ-ଦାଦାଙ୍କ ଏକ ପତ୍ରରୁ ଅବଗତ ହେଲି ଯେ, ତୁମେମାନେ କୋନ୍ନଗରରେ ଜମି ଦେଖିଆସିଛ । ଜମି କୁଆଡ଼େ ଷୋଳବିଘା ନିଷ୍କର ଏବଂ ଦାମ ଆଠ-ଦଶ ହଜାରରୁ ମଧ୍ୟ କମ୍ । ସ୍ୱାସ୍ଥ୍ୟ ଇତ୍ୟାଦି ସକଳ ବିବେଚନା କରି ଯେପରି ଭଲ ହୁଏ କରିବ । ଦିନେ ଦୁଇ ଦିନ ଭିତରେ ମୁଁ ପଞ୍ଜାବ ଚାଲିଲି । ଅତଏବ ଏ ସ୍ଥାନକୁ ଆଉ ଚିଠିପତ୍ର ଲେଖିବ ନାହିଁ । ପରବର୍ତ୍ତୀ ଠିକଣା ମୁଁ ତାର ଦ୍ୱାରା ଜଣାଇବି । ହରିପ୍ରସନ୍ନକୁ ପଠାଇବା କଥା ଯେପରି ଭୁଲିଯିବ ନାହିଁ । ଗୋପାଳ-ଦାଦାଙ୍କୁ କହିବ ଯେ, 'ତାଙ୍କ ଦେହ ଶୀଘ୍ର ସୁସ୍ଥ ହୋଇଯିବ—ଶୀତ ଆସୁଛି, ଭୟ

କ'ଣ ?—ଖୁବ୍ ଖାଅପିଅ, ମଉଜରେ ଉଡ଼ାଅ ।' ଯୋଗେନ୍‌ର ସ୍ୱାସ୍ଥ୍ୟ କିପରି ଅଛି ? ସେ ବିଷୟରେ ମିସେସ୍ ସି. ସେଭିଅର୍, ସ୍ପ୍ରିଂ ଡେଲ, ମାରୀ, ଠିକଣାରେ ଖଣ୍ଡିଏ ଚିଠି ଲେଖିବ ଏବଂ ତାହା ଉପରେ 'To wait arrival' (ନ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବ) ଲେଖି ଦେବ । ସମସ୍ତଙ୍କୁ ସ୍ନେହପ୍ରୀତି ଆଶୀର୍ବାଦ ଇତ୍ୟାଦି ଦେବ । କିମଧିକମିତି

ବିବେକାନନ୍ଦ

ପୁଃ—ଖେତଡ଼ିର ରଜା ୧୦ ତାରିଖ ଅକ୍ଟୋବରରେ ବୋମ୍ବାଇ ଆସିବେ, ଅଭିନନ୍ଦନ ଦେବାକୁ ଭୁଲିବ ନାହିଁ ।

**୩୮୭ଇଂ** (ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଲିଖିତ)

ଶ୍ରୀନଗର, କାଶ୍ମୀର, ୩୦ ସେପ୍‌ଟେମ୍ବର ୧୮୯୭

ଅଭିନ୍ନହୃଦୟେଷୁ,

ତୁମର ସସ୍ନେହ ଚିଠି ପାଇଛି ଏବଂ ମଠର ଚିଠି ମଧ୍ୟ ପାଇଛି । ଦୁଇ ତିନି ଦିନ ମଧ୍ୟରେ ମୁଁ ପଞ୍ଜାବ ଯାଉଛି । ବିଲାତି ଡାକ ଆସିଛି । ମିସ୍ ନୋବଲ୍ ତାଙ୍କ ପତ୍ରରେ ଯେଉଁସବୁ ପ୍ରଶ୍ନ କରିଛନ୍ତି ତା' ଉପରେ ମୋର ଉତ୍ତର ଏହି—

(୧) ପ୍ରାୟ ସବୁ ଶାଖା-କେନ୍ଦ୍ର ଖୋଲିଯାଇଛି, ତେବେ ବର୍ତ୍ତମାନ ଆନ୍ଦୋଳନର ପ୍ରାରମ୍ଭ ମାତ୍ର ।

(୨) ସନ୍ନ୍ୟାସୀମାନଙ୍କ ମଧ୍ୟରେ ଅଧିକାଂଶ ଶିକ୍ଷିତ, ଯେଉଁମାନେ ତାହା ନୁହନ୍ତି, ସେମାନେ ବ୍ୟାବହାରିକ ଶିକ୍ଷା ପାଉଛନ୍ତି । କିନ୍ତୁ ସର୍ବୋପରି ଅକପଟ ନିଃସ୍ୱାର୍ଥପରତା ହିଁ ହେଉଛି ସତ୍‌କାର୍ଯ୍ୟ ଲାଗି ଏକାନ୍ତ ଆବଶ୍ୟକ । ତଦୁଦ୍ଦେଶ୍ୟରେ ଅନ୍ୟ ସକଳ ଶିକ୍ଷା ଅପେକ୍ଷା ଆଧ୍ୟାତ୍ମିକ ଶିକ୍ଷା ଆଡ଼କୁ ସମଧିକ ମନୋଯୋଗ ଦିଆଯାଏ ।

(୩) କୌଳିକ ବିଦ୍ୟାର ଶିକ୍ଷକବୃନ୍ଦ—ଆମେ ଯେଉଁମାନଙ୍କୁ କର୍ମୀରୂପେ ପାଉଛୁ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିକ୍ଷିତ । ବର୍ତ୍ତମାନ ଆବଶ୍ୟକ—କେବଳ ସେମାନଙ୍କୁ ଆମର କାର୍ଯ୍ୟପ୍ରଣାଳୀ ଶିଖାଇବା ଏବଂ ଚରିତ୍ର ଗଠନ କରିବା । ଶିକ୍ଷାର ଉଦ୍ଦେଶ୍ୟ ହେଉଛି—ସେମାନଙ୍କୁ ଆଜ୍ଞାନୁବର୍ତ୍ତୀ ଓ ନିର୍ଭୀକ କରିବା, ଆଉ ତାହାର ପ୍ରଣାଳୀ ହେଉଛି—ପ୍ରଥମତଃ ଗରିବମାନଙ୍କର ଜୀବନଯାପନର ବ୍ୟବସ୍ଥା କରିବା ଏବଂ କ୍ରମେ ମାନସିକ ଉଚ୍ଚତର ସ୍ତରଗୁଡ଼ିକ ଆଡ଼କୁ ଆଗେଇଦେବା ।

ଶିଳ୍ପ ଓ କଳା—ଅର୍ଥାଭାବ ହେତୁ ଆମର କର୍ମତାଲିକାର ଅନ୍ତର୍ଗତ ଏହି ଅଂଶ ଏପର୍ଯ୍ୟନ୍ତ ଆରମ୍ଭ କରିପାରୁ ନାହୁଁ । ବର୍ତ୍ତମାନ ଯେଉଁ ସହଜ କାର୍ଯ୍ୟଟିକ କରିହେବ ତାହା ହେଉଛି—ଭାରତବାସୀମାନଙ୍କୁ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାକୁ ଉତ୍ସାହିତ କରିବା ଏବଂ ଭାରତୀୟ ଶିଳ୍ପଦ୍ରବ୍ୟାଦି ଯହିଁରେ ବହିର୍ଭାରତରେ ବିକ୍ରି ହୁଏ ସେଥିପାଇଁ ବଜାର ସୃଷ୍ଟି କରିବା । ଯେଉଁମାନେ ନିଜେ ଦଲାଲ ନୁହନ୍ତି, ପରନ୍ତୁ ଏହି ଶାଖାର ସମସ୍ତ ଲାଭାଂଶ ଶିଳ୍ପୀମାନଙ୍କ ଉପକାର ଲାଗି ବ୍ୟୟ କରିବାକୁ ପ୍ରସ୍ତୁତ, କେବଳ ସେହିମାନଙ୍କ ଦ୍ୱାରା ଏହି କାର୍ଯ୍ୟ କରାଇବା ଉଚିତ ।

(୪) ଜାଗା ଜାଗା ଘୁରିବୁଲିବା ସେତେଦିନ ପ୍ରୟୋଜନ ହେବ, ଯେତେଦିନଯାଏ ଜନସାଧାରଣ ଶିକ୍ଷାପ୍ରତି ଆକୃଷ୍ଟ ହୋଇ ନାହାନ୍ତି । ପରିବ୍ରାଜକ ସନ୍ନ୍ୟାସୀମାନଙ୍କର ଧର୍ମଭାବ ଓ ଧର୍ମଜୀବନ ଅନ୍ୟ ସବୁକିଛି ଅପେକ୍ଷା ସମଧିକ କାର୍ଯ୍ୟକାରୀ ହେବ ।

(୫) ସମସ୍ତ ଜାତିଙ୍କ ମଧ୍ୟରେ ଆମର ପ୍ରଭାବ ବିସ୍ତାରିତ ହେବ । ଏପର୍ଯ୍ୟନ୍ତ ଉଚ୍ଚତମ-ମାନଙ୍କ ମଧ୍ୟରେ ହିଁ କେବଳ କାର୍ଯ୍ୟ ହୋଇଛି; କିନ୍ତୁ ଦୁର୍ଭିକ୍ଷ-ସାହାଯ୍ୟ କେନ୍ଦ୍ରଗୁଡ଼ିକରେ ଆମର କର୍ମବିଭାଗର କାର୍ଯ୍ୟ ଆରମ୍ଭ ହେବା ପରଠାରୁ ନିମ୍ନତର ଜାତିମାନଙ୍କୁ ମଧ୍ୟ ଆମେ ପ୍ରଭାବାନ୍ୱିତ କରିପାରୁଛୁ ।

(୬) ପ୍ରାୟ ସବୁ ହିନ୍ଦୁ ଆମର କାର୍ଯ୍ୟର ସମର୍ଥନ କରନ୍ତି; କିନ୍ତୁ ଏହି ଜାତୀୟ କାର୍ଯ୍ୟରେ ପ୍ରତ୍ୟକ୍ଷ ସହାୟତା କରିବାକୁ ସେମାନେ ଅଭ୍ୟସ୍ତ ନୁହନ୍ତି ।

(୭) ହଁ, ଆମେ ମୂଳରୁ ଆମର ଦାନ ଓ ଅନ୍ୟାନ୍ୟ ସତ୍କାର୍ଯ୍ୟରେ ଭାରତୀୟ ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ଇତରବିଶେଷ କରୁ ନାହିଁ ।*

ଏହି ସୂତ୍ର ଅନୁସାରେ ମିସ୍ ନୋବଲ୍‌ଙ୍କୁ ଚିଠି ଲେଖିଲେ ହିଁ ଚଳିବ । ଯୋଗେନ୍‌ର ଚିକିତ୍ସାରେ ଯେପରି କୌଣସି ତ୍ରୁଟି ନ ହୁଏ, ଅସଲ ଭଙ୍ଗାଇ ମଧ୍ୟ ଟଙ୍କା ଖରଚ କରିବ । ଭବନାଥର ସ୍ତ୍ରୀକୁ ଦେଖିବାକୁ ଯାଇଥିଲ କି ?

ବ୍ରହ୍ମଚାରୀ ହରିପ୍ରସନ୍ନ ଯଦି ଆସିପାରେ ତ ଖୁବ୍ ଭଲ ହେବ । ମିଷ୍ଟର୍ ସେଭିଅର୍ ଗୋଟିଏ ସ୍ଥାନ ପାଇଁ ଭାରି ବ୍ୟସ୍ତ ହୋଇପଡ଼ିଛନ୍ତି—ଯାହା ହେଉ ଶୀଘ୍ର ଗୋଟାଏ କରି-ପାରିଲେ ଚଳେ । ହରିପ୍ରସନ୍ନ ଇଞ୍ଜିନିଅର୍ ମଣିଷ, ଝଟ୍‌କରି ଗୋଟାଏ କରିପାରିବ । ଆଉ ଜାଗା ଫାଗା ବିଷୟରେ ସେ ବ୍ୟକ୍ତି ବୁଝେ ଭଲ । ଡେରାଡୁନ୍, ମସୌରୀ ନିକଟରେ ଗୋଟିଏ ଜାଗା ହେବା ତାଙ୍କର ପସନ୍ଦ—ଅର୍ଥାତ୍ ଯେଉଁଠାରେ ବେଶୀ ଶୀତ ହୁଏ ନାହିଁ ଏବଂ ବାରମାସ ରହିବା ମଧ୍ୟ ଚଳେ । ଅତଏବ ହରିପ୍ରସନ୍ନକୁ ଏକଦମ୍ ଅମ୍ବାଲାକୁ ଶ୍ୟାମାପଦ ମୁଖୋପାଧ୍ୟାୟଙ୍କ ଘର, ମେଡ଼ିକାଲ୍ ହଲ୍, ଅମ୍ବାଲା କାଣ୍ଟନମେଣ୍ଟକୁ ପଠାଇବ ପତ୍ରପାଠ ମାତ୍ରେ । ମୁଁ ପଞ୍ଜାବରେ ଓହ୍ଲାଇ ସେଭିଅର୍‌ଙ୍କୁ ତା' ସଙ୍ଗରେ ପଠାଇବି । ମୁଁ ସାଇଁକରି ପଞ୍ଜାବଟା ବୁଲି କରାଚୀ ଦେଇ କାଥିଆବାଡ଼ ଗୁଜରାଟ ନ ଯାଇ ରାଜପୁତାନା ଭିତର ଦେଇ ନେପାଳ ହୋଇ ଚଟ୍ କରି ଚାଲିଆସୁଛି । ତୁଳସୀ ଯେ ମଧ୍ୟଭାରତକୁ ଯାଇଛି—କଅଣ ଦୁର୍ଭିକ୍ଷ-କାର୍ଯ୍ୟ ପାଇଁ ? ଏଠାରେ ଆମେସବୁ ଭଲ ଅଛୁ । ସ୍ୱାସ୍ଥ୍ୟ ଖୁବ୍ ଭଲ ଓ ଡାଏବେଟିସ୍ ବହୁ ଦିନ ହେଲା ପଳାଇଲାଣି— ଆଉ କିଛି ଭୟ କରିବ ନାହିଁ ।··· ସମସ୍ତଙ୍କୁ ମୋର ଆଶୀର୍ବାଦ, ପ୍ରଣାମ ଓ ସ୍ନେହ ଦେବ । କାଳୀ ନିଉୟର୍କରେ ପହଞ୍ଚିଛି, ଖବର ପାଇଛି, କିନ୍ତୁ ସେ କୌଣସି ଚିଠିପତ୍ର ଲେଖି ନାହିଁ । ଷ୍ଟର୍ଡି ଲେଖିଛି, ତା'ର କାର୍ଯ୍ୟ ଏତେ ବଢ଼ିଯାଇଥିଲା ଯେ, ଲୋକେ ଅବାକ୍ ହୋଇଯାଉଥିଲେ ।—ପୁଣି ଦୁଇଚାରିଜଣ ତାହାର ଖୁବ୍ ପ୍ରଶଂସା କରି ଚିଠି ମଧ୍ୟ ଲେଖିଛନ୍ତି । ଯାହା ହେଉ, ଆମେରିକାରେ ଏତେ ଗୋଳମାଳ ନାହିଁ—ଏକପ୍ରକାର ଚଳିଯିବ । ଶୁଦ୍ଧାନନ୍ଦ ଓ ତାଙ୍କର ଭାଇକୁ ମଧ୍ୟ ହରିପ୍ରସନ୍ନ ସଙ୍ଗରେ ପଠାଇବ— ଏ ଦଳରେ

* ପତ୍ରର ଏହି ପର୍ଯ୍ୟନ୍ତ ଇଂରାଜୀରେ, ପରବର୍ତ୍ତୀ ଅଂଶ ବଙ୍ଗଳାରେ ଲିଖିତ ।

ମଧ୍ୟରେ ଖାଲି ଗୁପ୍ତ ଆଉ ଅଚ୍ୟୁତ ମୋ ସଙ୍ଗରେ ରହିବେ । ଇତି

ବିବେକାନନ୍ଦ

୩୮୮ଇଂ

ଶ୍ରୀନଗର, କାଶ୍ମୀର
୩୦ ସେପଟେମ୍ବର ୧୮୯୭

ପ୍ରିୟ ମିସ୍ ମାକ୍‌ଲଉଡ୍,

ତୁମର ଆସିବାକୁ ଯଦି ଇଚ୍ଛା ଥାଏ, ତେବେ ଚଞ୍ଚଳ ଚାଲିଆସ । ନଭେମ୍ବରର ମଧ୍ୟଭାଗରୁ ଫେବୃଆରିର ମଧ୍ୟଭାଗ ପର୍ଯ୍ୟନ୍ତ ଭାରତରେ ଥଣ୍ଡା, ତା' ପରେ ଗରମ । ତୁମେ ଯାହା ଦେଖିବାକୁ ଚାହିଁ, ତାହା ଏହି ସମୟ ମଧ୍ୟରେ ହୋଇଯିବ; କିନ୍ତୁ ଦେଖିବାକୁ ଗଲେ ଅବଶ୍ୟ କେତୋଟି ବର୍ଷ ଲାଗିବ ।

ସମୟ ଖୁବ୍ ଅଳ୍ପ; ତେଣୁ ତରବରରେ ଏହି କାର୍ଡ ଲେଖିବା ଯୋଗୁ କିଛି ମନେକରିବ ନାହିଁ । ଦୟାକରି ମିସେସ୍ ବୁଲ୍‌ଙ୍କୁ ମୋର ଆନ୍ତରିକ ପ୍ରୀତି ଜଣାଇବ ଏବଂ ଗୁଡ୍‌ଉଇନ୍ ଯେପରି ଶୀଘ୍ର ଭଲ ହୋଇ ଉଠେ, ସେଥିପାଇଁ ମୋର ଶୁଭେଚ୍ଛା ଏବଂ ଆନ୍ତରିକ କାମନା ଜଣାଉଛି । ମା, ଆଲବାର୍ଟା, ଛୋଟିଆ ଶିଶୁଟିକୁ ଓ ହଲିଷ୍ଟାର୍‌କୁ ମୋର ପ୍ରୀତି ଜଣାଇବ; ଏବଂ ସର୍ବଶେଷରେ, କିନ୍ତୁ ତାହା ବୋଲି ସବୁଠାରୁ କମ୍ ନୁହେଁ, ଫ୍ରାଙ୍କିଙ୍କୁ ମଧ୍ୟ ମୋର ଅନୁରୂପ ପ୍ରୀତି ଜଣାଇବ । ଇତି

ସତତ ଭଗବଦାଶ୍ରିତ ତୁମମାନଙ୍କର, ବିବେକାନନ୍ଦ

୩୮୯ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)

ବେଲୁଡ଼ ମଠ, ହାଓଡ଼ା, ୨୫ ଫେବୃଆରି ୧୮୯୮

ପ୍ରିୟ ଶଶୀ,

ମାନ୍ଦ୍ରାଜର ମହୋତ୍ସବ ସୁସମ୍ପନ୍ନ ହୋଇଛି ଜାଣି ଆମେ ସମସ୍ତେ ତୁମକୁ ଅଭିନନ୍ଦନ ଜଣାଉଛୁ । ଆଶା କରେ, ଲୋକ-ସମାଗମ ଭଲ ହୋଇଥିଲା ଏବଂ ଆଧ୍ୟାତ୍ମିକ ଖୋରାକର ମଧ୍ୟ ଯଥେଷ୍ଟ ବ୍ୟବସ୍ଥା ଥିଲା ।

ତୁମର ଅତି ପ୍ରିୟ ମୁଦ୍ରାଦି ଏବଂ 'କ୍ଳାଂ' ଫଟ୍ ପରିବର୍ତ୍ତେ ତୁମେ ଯେ ମାନ୍ଦ୍ରାଜର ଲୋକଙ୍କୁ ଆତ୍ମବିଦ୍ୟା ଶିଖାଇବା ଲାଗି ଅଧିକତର ଆସ୍ଥା ଭିଡ଼ ଲାଗିଯାଇଛ, ସେଥିରେ ଆମେ ଖୁବ୍ ଖୁସି ହୋଇଛୁ । ଶ୍ରୀଜୀ*ଙ୍କ ସମ୍ବନ୍ଧରେ ତୁମର ବକ୍ତୃତା ସତ୍ୟ ହିଁ ଚମତ୍କାର ହୋଇଥିଲା— ଯଦିବା ମୁଁ ଖାଣ୍ଡୋୟାରେ ଥିବା ସମୟରେ 'ମାନ୍ଦ୍ରାଜ ମେଲ୍' ପତ୍ରରେ ଛପାଯାଇଥିବା ତାହାର ଗୋଟିଏ ବିବରଣୀ ଟିକିଏ ଦେଖିଥିଲି ମାତ୍ର, ଏବଂ ମଠରେ ତ ତାହାର କିଛି ପାଇ ନାହିଁ । ତୁମେ ଆମମାନଙ୍କୁ ଖଣ୍ଡିଏ କପି ପଠାଇ ଦିଅ ନା ।

ଶୁଣିବାକୁ ପାଇଲି, ମୋର ସମ୍ବାଦ ନ ପାଇ ତୁମେ କ୍ଷୁଣ୍ଣ ହୋଇଛ; କ'ଣ ସତ୍ୟ ?

---

* ଶ୍ରୀଶ୍ରୀରାମକୃଷ୍ଣଦେବଙ୍କୁ ସ୍ୱାମୀଜୀ ବେଳେ ବେଳେ 'ଶ୍ରୀ' ବା 'ଶ୍ରୀଜୀ' ବୋଲି ଉଲ୍ଲେଖ କରୁଥିଲେ ।

ପ୍ରକୃତ ପକ୍ଷରେ ତୁମେ ମୋତେ ଯେତେ ଚିଠି ଲେଖିଛ, ମୁଁ ଇଉରୋପ ଓ ଆମେରିକାରୁ ତୁମକୁ ତଦପେକ୍ଷା ଅଧିକ ଲେଖିଛି । ତୁମର ଉଚିତ ମାନ୍ଦ୍ରାଜରୁ ପ୍ରତି ସପ୍ତାହରେ ଯେତେଟା ସମ୍ଭବ ଖବର ଆମମାନଙ୍କୁ ପଠାଇବା । ଏହାପେକ୍ଷା ସହଜ ଉପାୟ ହେଉଛି, ପ୍ରତିଦିନ ଖଣ୍ଡିଏ କାଗଜରେ କେତେକ ପଙ୍କ୍ତି ଓ କେତୋଟି ସମ୍ବାଦ ଲେଖି ରଖିବା ।

କିଛି ଦିନ ଧରି ମୋର ଦେହ ଭଲ ରହୁ ନ ଥିଲା । ସମ୍ପ୍ରତି ବହୁତ ଭଲ । ବର୍ତ୍ତମାନ କଲିକତାରେ ଅନ୍ୟାନ୍ୟ ବର୍ଷ ଅପେକ୍ଷା ଟିକିଏ ବେଶୀ ଶୀତ ପଡ଼ୁଛି ଏବଂ ଆମେରିକାରୁ ଯେଉଁ ବନ୍ଧୁମାନେ ଆସିଛନ୍ତି, ସେମାନେ ଏଥିରେ ଖୁବ୍ ଆନନ୍ଦରେ ହିଁ ଅଛନ୍ତି । ଯେଉଁ ଜମି କିଣା ଯାଇଛି ଆଜି ଆମେମାନେ ତାହାର ଦଖଲ ନେବୁ ଏବଂ ଯଦିଓ ବର୍ତ୍ତମାନ ସେହି ଜମିରେ ମହୋତ୍ସବ କରିବା ସମ୍ଭବପର ନୁହେଁ, ତଥାପି ରବିବାର ଦିନ ତାହା ଉପରେ କିଛି ନା କିଛି କରିଦେବି । ଅନ୍ତତଃ ଶ୍ରୀଜୀଙ୍କ ଭସ୍ମାବଶେଷ ସେହିଦିନ ପାଇଁ ଆମର ନିଜସ୍ୱ ଜମିକୁ ନେଇଯାଇ ପୂଜା କରିବାକୁ ହିଁ ପଡ଼ିବ ।

ଗଙ୍ଗାଧର ଏଠାରେ ଅଛି ଏବଂ ତୁମକୁ ଜଣାଇ ଦେବାକୁ କହୁଛି, ସେ ଯଦିଓ 'ବ୍ରହ୍ମବାଦିନ୍' କାଗଜର କେତେଜଣ ଗ୍ରାହକ ଯୋଗାଡ଼ କରୁଛି, ତଥାପି କାଗଜ ଏତେ ଅନିୟମିତ ଭାବରେ ପହଞ୍ଚୁଛି ଯେ, ତାହାର ଭୟ ହେଉଛି ସେମାନଙ୍କୁ ଯେପରି ଶୀଘ୍ର ହରାଇବାକୁ ନ ପଡ଼େ । ତୁମେ ଜନୈକ ଯୁବକ ସମ୍ବନ୍ଧରେ ଯେଉଁ ପ୍ରଶଂସାପତ୍ର ଦେଇଛ, ତାହା ପାଇଛି, ଏବଂ ତାହା ସଙ୍ଗରେ ଅଛି ସେହି ଚିରନ୍ତନ କାହାଣୀ, 'ମହାଶୟ, ମୋର ଜୀବନଧାରଣର କୌଣସି ଉପାୟ ନାହିଁ ।' ଅଧିକନ୍ତୁ ଏହି କାହାଣୀର ମାନ୍ଦ୍ରାଜୀ ସଂସ୍କରଣରେ ଏ ଟିକିକ ବେଶୀ ଅଛି, 'ମୋର ଅନେକଗୁଡ଼ିଏ ସନ୍ତାନ ମଧ୍ୟ ଅଛନ୍ତି ।' ...ମୁଁ ତାହାଙ୍କୁ ସାହାଯ୍ୟ କରିପାରିଲେ ଖୁସି ହୁଅନ୍ତି; କିନ୍ତୁ ସତ କହିବାକୁ ଗଲେ, ମୋ ହାତରେ ଟଙ୍କା ନାହିଁ—ମୋର ଯାହା ଥିଲା, ତାହାର ଶେଷ କପର୍ଦ୍ଦକଟି ପର୍ଯ୍ୟନ୍ତ ରାଜା* ହାତରେ ଦେଇଛି ।... ଯାହା ହେଉ ମୁଁ ପତ୍ରଖଣ୍ଡିକ ରାଖାଲ ପାଖକୁ ପଠାଇଛି—ସେ ଯଦି କୌଣସି ପ୍ରକାରେ ତୁମର ବନ୍ଧୁ ଯୁବକଟିକୁ ସାହାଯ୍ୟ କରିପାରେ । ସେ ଲେଖିଛି ଯେ ସେ ଖ୍ରୀଷ୍ଟଧର୍ମ ଗ୍ରହଣ କଲେ ଖ୍ରୀଷ୍ଟାନ୍‌ମାନେ ତାହାକୁ ସାହାଯ୍ୟ କରିବେ, କିନ୍ତୁ ସେ ତାହା କରିବ ନାହିଁ । ତାହାର ବୁଏତ ଭୟ ହେଉଛି, କାଳେ ତାହାର ଧର୍ମାନ୍ତର ଗ୍ରହଣରେ ହିନ୍ଦୁ ଭାରତ ଗୋଟିଏ ଉଜ୍ଜ୍ୱଳତମ ରତ୍ନକୁ ହରାଇବ !...

ନୂତନ ମଠରେ ନଦୀତୀରରେ ବାସ କରିବାକୁ ପଡ଼ିବାରୁ ଏବଂ ଯେଉଁ ପରିମାଣରେ ବିଶୁଦ୍ଧ ଓ ଥଣ୍ଡା ହାଉଆ ଉପଭୋଗ କରିବାକୁ ହେଉଛି, ସେଥିରେ ଅଭ୍ୟସ୍ତ ନ ଥିବାରୁ ଏଠାରେ ପିଲାଏ ଅନେକ ପରିମାଣରେ ହଇରାଣ ହୋଇପଡ଼ୁଛନ୍ତି । ସାରଦା ଦିନାଜପୁରରୁ ମ୍ୟାଲେରିଆ ନେଇ ଆସିଛି ।... ହରିର ମଧ୍ୟ ଟିକିଏ ହୋଇଥିଲା । ମୋର ମନେହୁଏ ଏଥିରେ ସେମାନଙ୍କର ଅନେକ ପରିମାଣରେ ମାଂସ ଝଡ଼ିବ । ଭଲ କଥା, ଆମେ ଏଠାରେ ପୁଣି ଆମର ନାଚ ଆରମ୍ଭ କରିଛୁ; ହରି, ସାରଦା ଓ ସ୍ୱୟଂ ମୋତେ ଉଆଲଜ (waltz) ନୃତ୍ୟ କରିବା

* ସ୍ୱାମୀ ବ୍ରହ୍ମାନନ୍ଦ ।

ଦେଖିଲେ ତୁମେ ଆନନ୍ଦରେ ଭରପୂର ହୋଇଯାଆନ୍ତ । ମୁଁ ନିଜେ ତ ଅବାକ୍ ହୋଇଯାଏ ଯେ, ଆମେ କିପରି ଥାଟ ସମ୍ଭାଳି ରଖିଛୁ ।

ଶରତ୍ ଆସିଛି ଏବଂ ତାହାର ଅଭ୍ୟାସ ଅନୁଯାୟୀ କଠୋର ପରିଶ୍ରମ କରୁଛି । ବର୍ତ୍ତମାନ ଆମର କିଛି ଭଲ ଆସବାବପତ୍ର ହୋଇଛି—ଖିଆଲ ଦେଖି, ସେହି ପୁରୁଣା ମଠର ଚଟେଇ ବଦଳରେ ସୁନ୍ଦର ଟେବୁଲ, ଚେୟାର୍ ଓ ତିନି ଖଣ୍ଡି ଖଟ ପାଇବା କେଡ଼େ ବଡ଼ ଉନ୍ନତି ! ଆମେ ପୂଜାକାର୍ଯ୍ୟକୁ ଅନେକ ପରିମାଣରେ ସଂକ୍ଷିପ୍ତ କରି ଆଣିଛୁ । ତୁମର କ୍ଲିଂ-ଫଟ୍, ଝାଞ୍ଜ ଓ ଘଣ୍ଟାର ଯେ ଖବରେ କାଟଛାଣ୍ଟ କରାଯାଇଛି, ସେଥିରେ ତୁମେ ମୂର୍ଚ୍ଛା ହୋଇଯିବ । ଜନ୍ମତିଥି-ପୂଜା କେବଳ ଦିନବେଳେ ହୋଇଛି ଏବଂ ରାତିରେ ସମସ୍ତେ ଖୁବ୍ ଆରାମରେ ଶୋଇଛନ୍ତି । ତୁଳସୀ ଓ ଖୋକା କେମିତି ଅଛନ୍ତି ? ତୁମେ ତୁଳସୀକୁ କାର୍ଯ୍ୟର ଭାର ଦେଇ ଥରେ କଲିକତାକୁ ଆସ ନା ? କିନ୍ତୁ ତାହା ଅତ୍ୟନ୍ତ ବ୍ୟୟସାପେକ୍ଷ—ଆଉ ତୁମକୁ ତ ପୁଣି ଫେରିଯିବାକୁ ପଡ଼ିବ, କାରଣ ମାନ୍ଦ୍ରାଜର କାର୍ଯ୍ୟକୁ ପୁରାପୂରି ଗଢ଼ିତୋଳିବା ଦରକାର । ମୁଁ ମାସ କେଇଟା ପରେ ହିଁ ମିସେସ୍ ବୁଲ୍‌ଙ୍କ ସଙ୍ଗରେ ପୁଣି ଆମେରିକା ଯାଉଛି । ଗୁଡ୍‌ଉଇନ୍‌କୁ ମୋର ସ୍ନେହ ଜଣାଇବ ଏବଂ ତାହାକୁ କହିବ, ଆମେ ଅନ୍ତତଃ ଜାପାନକୁ ଯିବା ବାଟରେ ତାହା ସହିତ ଦେଖା କରିବୁ । ଶିବାନନ୍ଦ ଏଠାରେ ଅଛନ୍ତି ଏବଂ ମୁଁ ତାଙ୍କର ହିମାଳୟକୁ ଚିର ପ୍ରସ୍ଥାନର ପ୍ରବଳ ଆଗ୍ରହ କେତେକ ପରିମାଣରେ କମାଇଛି । ତୁଳସୀ ମଧ୍ୟ ତାହା ହିଁ ଭାବୁଛି ନା କଅଣ ? ମୋର ମନେହୁଏ, ସେଠାକାର ବଡ଼ ବଡ଼ ମୂଷାଗାତରେ ହିଁ ତାହାର ଗୁହାର ଆଶା ମେଣ୍ଟିଯାଉଛି—କଅଣ କହୁଛ ?

ଏଠାରେ ମଠ ତ ସ୍ଥାପିତ ହେଲା । ମୁଁ ଅଧିକ ସାହାଯ୍ୟ ପାଇଁ ବିଦେଶକୁ ଯାଉଛି । ...ଶ୍ରୀମହାରାଜଙ୍କ ଆଶୀର୍ବାଦରେ ଭାରତ ଚେଇଁ ଉଠିବ । ମୋର ଆନ୍ତରିକ ପ୍ରୀତି ଜାଣିବ । ଇତି

ତୁମମାନଙ୍କର, ବିବେକାନନ୍ଦ

୩୯୦ଇଂ (ରାଜା ପ୍ୟାରୀମୋହନ ମୁଖୋପାଧ୍ୟାୟଙ୍କୁ ଲିଖିତ)

ମଠ, ବେଲୁଡ଼, ୨୫ ଫେବ୍ରୁଆରି ୧୮୯୮

ପ୍ରିୟ ରାଜାଜୀ,

ବକ୍ତୃତା ପାଇଁ ଆପଣଙ୍କ ଆମନ୍ତ୍ରଣ ପାଇ ଆପଣଙ୍କୁ ମୋର କୃତଜ୍ଞତା ଜଣାଉଛି । ଦିନ କେତୋଟି ଆଗେ ଶ୍ରୀଯୁକ୍ତ ଭଟ୍ଟାଚାର୍ଯ୍ୟଙ୍କ ସଙ୍ଗରେ ଏହି ବିଷୟରେ ମୋର କଥାବାର୍ତ୍ତା ହୋଇଥିଲା ଏବଂ ତାହା ଫଳରେ ଆପଣମାନଙ୍କର ସମିତି, ପାଇଁ ଟିକିଏ ସମୟ ଠିକ୍ କରିବାକୁ ମୁଁ ବିଶେଷ ଚେଷ୍ଟା କରୁଛି । ମୁଁ ଏହା ମଧ୍ୟ କହିଥିଲି ଯେ, ରବିବାର ଦିନ ସେମାନଙ୍କୁ ସଠିକ ଜଣାଇବି ।

ଜଣେ ବିଶେଷ ବନ୍ଧୁଙ୍କ ନିକଟରେ ମୁଁ ଅନେକ ପରିମାଣରେ ଋଣୀ; ସେ ସମ୍ଭବତଃ ମୋତେ ଦାର୍ଜିଲିଂକୁ ନେଇଯିବା ଲାଗି ଏଠାକୁ ଆସିଛନ୍ତି । କେତେଜଣ ଆମେରିକାନ୍ ବନ୍ଧୁ ମଧ୍ୟ ଆସିଛନ୍ତି ଏବଂ ମୁଁ ଯାହାକିଛି ସମୟ ପାଉଛି ତାହିଁର ସବୁଯାକ ନୂତନ ମଠ ଓ ତତ୍ସଂଲଗ୍ନ

ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟରେ ନିୟୋଜିତ ହେଉଛି । ତାହା ଛଡ଼ା ମୋର ଆଶା ଏହି ଯେ, ଆଗାମୀ ମାସରେ ଆମେରିକା ଯାତ୍ରା କରିବି ।

ଆପଣଙ୍କୁ ସତ କହୁଛି—ଆପଣଙ୍କର ଏହି ନିମନ୍ତ୍ରଣର ସୁଯୋଗ ଗ୍ରହଣ ପାଇଁ ମୁଁ ଯଥାସାଧ୍ୟ ଚେଷ୍ଟା କରୁଛି ଏବଂ ଫଳାଫଳ ଶ୍ରୀଯୁକ୍ତ ଭଟ୍ଟାଚାର୍ଯ୍ୟଙ୍କ ମାର୍ଫତ ରବିବାର ଦିନ ଆପଣଙ୍କୁ ଜଣାଇବି ।

ମୋର ପ୍ରୀତି ଓ ଶୁଭେଚ୍ଛା ଜାଣିବେ । ଇତି

ବିବେକାନନ୍ଦ

**୩୯୯ଇଂ (ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ଲିଖିତ)**

ମଠ, ବେଲୁଡ଼, ହାଓଡ଼ା, ମାର୍ଚ୍ଚ ୯୮୯୮

ପ୍ରିୟ ଶଶୀ,

ମୁଁ ତୁମକୁ ଦୁଇଟି କଥା ଲେଖିବାକୁ ଭୁଲିଯାଇଥିଲି । (୧) ତୁଳସୀର ଉଚିତ ଗୁଡ଼ଉଇନ୍ ନିକଟରୁ ସାଙ୍କେତିକ ଲିଖନ—ଅନ୍ତତଃ ତାହାର ମୂଳ କଳନା—ଶିଖିନେବା; (୨) ଭାରତ ବାହାରେ ଥିବା ସମୟରେ ମୋତେ ପ୍ରାୟ ପ୍ରତି ଡାକରେ ମାନ୍ଦ୍ରାଜକୁ ଖଣ୍ଡିଏ ଲେଖାଏଁ ଚିଠି ଲେଖିବାକୁ ହେଉଥିଲା । ମୁଁ ସେହିସବୁ ଚିଠିର ନକଲ ପାଇଁ ଲେଖି ବିଫଳ ହୋଇଛି । ମୋତେ ସେହିସବୁ ଚିଠି ପଠାଇଦେବ । ମୁଁ ମୋର ଭ୍ରମଣ-କାହାଣୀ ଲେଖିବାକୁ ଚାହେଁ । ଏଥିରେ ଅନ୍ୟଥା କରିବ ନାହିଁ । କାର୍ଯ୍ୟ ହୋଇଗଲେ ମୁଁ ସେଗୁଡ଼ିକ ଫେରସ୍ତ ପଠାଇ-ଦେବି ! 'ଡନ୍' (**Dawn**) କାଗଜଖଣ୍ଡିକର ପ୍ରତି ସଂଖ୍ୟା ପାଇଁ ୪୦ ଟଙ୍କା ଖରଚ ହେବ ଏବଂ ଦୁଇଶତ ଗ୍ରାହକ ପାଇଲେ ତାହା ନିୟମିତ ପ୍ରକାଶିତ ହୋଇପାରିବ—ଏହା ଗୋଟାଏ ମସ୍ତ ଖବର । 'ପ୍ରବୁଦ୍ଧଭାରତ' ଅତ୍ୟନ୍ତ ଅବ୍ୟବସ୍ଥା ମଧ୍ୟରେ ରହିଛି ବୋଲି ମନେହେଉଛି, ତାହାର ସୁଶୃଙ୍ଖଳା ପାଇଁ ଯଥାସାଧ୍ୟ ଚେଷ୍ଟାକର । ବିଚାରି ଆଲସିଙ୍ଗା ! ମୁଁ ତାହା ପାଇଁ ଅତ୍ୟନ୍ତ ଦୁଃଖିତ ! ମୁଁ ଏତିକି କରିପାରେ ଯେ, ସେ ଏକବର୍ଷ ପାଇଁ ସକଳ ସାଂସାରିକ ଦାୟିତ୍ୱରୁ ମୁକ୍ତ ରହିବ, ଯହିଁରେ ସେ ସମସ୍ତ ଶକ୍ତି ଦେଇ 'ବ୍ରହ୍ମବାଦିନ୍' କାଗଜ ଲାଗି ଖଟିପାରେ । ତାହାକୁ କହିବ ସେ ଯେପରି ଚିନ୍ତିତ ନ ହୁଏ । ତାହାର କଥା ଆମମାନଙ୍କର ସର୍ବଦା ମନେଅଛି । ବିସ୍ତ ମୋର ! ତାହାର ଭକ୍ତିର ପ୍ରତିଦାନ ମୁଁ କେବେହେଲେ ଦେଇପାରିବି ନାହିଁ ।

ମୁଁ ଭାବୁଛି, ମିସେସ୍ ବୁଲ୍ ଓ ମିସ୍ ମାକ୍‌ଲିଓଡ୍‌ଙ୍କ ସଙ୍ଗରେ ପୁଣି କାଶ୍ମୀର ଯିବି । ତାହାପରେ କଲିକତାକୁ ଫେରି ସେଠାରୁ ଆମେରିକା ଯାତ୍ରା କରିବି ।

ମିସ୍ ନୋବଲ୍ ଭଳି ଝିଅ ସତରେ ଦୁର୍ଲଭ । ମୋର ବିଶ୍ୱାସ, ବାଗ୍ମିତାରେ ସେ ଶୀଘ୍ର ମିସେସ୍ ବେସାନ୍ତଙ୍କୁ ଅତିକ୍ରମ କରିଯିବ ।

ଆଲସିଙ୍ଗା ପ୍ରତି ଟିକିଏ ନଜର ରଖିବ । ମୋର ଯେପରି ମନେହୁଏ, ସେ କାର୍ଯ୍ୟରେ ବୁଡ଼ିଯାଇ ନିଜର ଶରୀରପାତ କରୁଛି । ତାହାକୁ କହିବ, ଶ୍ରମ ପରେ ବିଶ୍ରାମ ଏବଂ ବିଶ୍ରାମ ପରେ ଶ୍ରମ—ଏହିଭାବରେ ହିଁ ସର୍ବୋତ୍ତମ କାର୍ଯ୍ୟ ହୋଇପାରେ । ତାହାକୁ ମୋର ପ୍ରୀତି

ଜଣାଇବ । କଲିକତାରେ ଜନସାଧାରଣଙ୍କ ଲାଗି ଆମର ଦୁଇଟି ବକ୍ତୃତା ହୋଇଥିଲା—ଗୋଟିଏ ମିସ୍ ନୋବଲ୍‌ର ଏବଂ ଅପରଟି ଆମ ଶରତ୍‌ର । ସେମାନେ ଦୁଇଜଣଯାକ ଖୁବ୍ ଚମତ୍କାର କହିଥିଲେ । ଶ୍ରୋତାମାନଙ୍କ ମଧ୍ୟରେ ପ୍ରଚୁର ଉତ୍ସାହ ଦେଖାଯାଇଥିଲା । ସେଥିରୁ ମନେହୁଏ, କଲିକତାର ଜନସାଧାରଣ ଆମମାନଙ୍କୁ ଭୁଲିଯାଇ ନାହାନ୍ତି । ମଠର କାହାରି କାହାରିକ ଟିକିଏ ସର୍ଦ୍ଦିଜ୍ୱର ହୋଇଥିଲା । ସେମାନେ ସମସ୍ତେ ବର୍ତ୍ତମାନ ଭଲ । କାର୍ଯ୍ୟ ସୁନ୍ଦର ଚାଲିଛି । ଶ୍ରୀଶ୍ରୀମା ଏଠାରେ ଅଛନ୍ତି । ଇଉରୋପୀୟାନ୍ ଓ ଆମେରିକାନ୍ ମହିଳାମାନେ ସେଦିନ ତାହାଙ୍କୁ ଦେଖିବାକୁ ଯାଇଥିଲେ । ଭାବିପାର, ମା ସେମାନଙ୍କ ସହିତ ଏକାସଙ୍ଗରେ ଖାଇଥିଲେ !… ଏହା କଅଣ ଅଦ୍ଭୁତ ବ୍ୟାପାର ନୁହେଁ ? ପ୍ରଭୁ ଆମମାନଙ୍କ ଉପରେ ଦୃଷ୍ଟି ରଖିଛନ୍ତି, କୌଣସି ଭୟ ନାହିଁ—ସାହସ ହରାଅ ନାହିଁ, ସ୍ୱାସ୍ଥ୍ୟ ଠିକ୍ ରଖ ଏବଂ କୌଣସି ବିଷୟରେ ବ୍ୟତିବ୍ୟସ୍ତ ହୁଅ ନାହିଁ । କିଛିକ୍ଷଣ ଜୋର୍‌ରେ ଆହୁଲା ମାରି ତା'ପରେ ଦମ୍ ନେବା—ଏହା ହିଁ ଚିରନ୍ତନ ପନ୍ଥା । ରାଖାଲ ନୂତନ ଜମିବାଡ଼ି ନେଇ ଅଛି । ଏହି ବର୍ଷର ମହୋତ୍ସବରେ ମୁଁ ସନ୍ତୁଷ୍ଟ ହୋଇ ନାହିଁ ।… ପ୍ରତ୍ୟେକ ମହୋତ୍ସବ ହେବା ଦରକାର—ଏଠାକାର ସକଳ ଭାବଧାରାର ଗୋଟିଏ ଅପୂର୍ବ ସମାବେଶ । ଆମେ ଆଗାମୀ ବର୍ଷ ଏହି ବିଷୟରେ ଚେଷ୍ଟା କରିବା ଏବଂ ମୁଁ ବ୍ୟବସ୍ଥା ଠିକ୍ କରିଦେବି । ତୁମେମାନେ ସମସ୍ତେ ମୋର ପ୍ରୀତି ଓ ଆଶୀର୍ବାଦ ଜାଣିବ । ଇତି

ବିବେକାନନ୍ଦ

# କବିତା

( ଅନୁବାଦ )

# ସନ୍ନ୍ୟାସୀର ଗୀତ*

ଉଠାଅ ସନ୍ନ୍ୟାସି, ଉଠାଅ ସେ ତାନ,
ହିମାଦ୍ରି-ଶିଖରେ ଉଠିଲା ଯେ ଗାନ—
ଗଭୀର ଅରଣ୍ୟେ, ପର୍ବତ ପ୍ରଦେଶେ,
ସଂସାରର ତାପ ଯହିଁ ନାହିଁ ପଶେ—
ଯେ ସଙ୍ଗୀତ-ଧ୍ୱନି-ପ୍ରଶାନ୍ତି-ଲହରୀ
ସଂସାରର ରୋଳ ଉଠେ ଭେଦ କରି,
କାଞ୍ଚନ କି କାମ କିମ୍ବା ଯଶ-ଆଶ
ପଶି ନ ପାରଇ କେବେ ଯା'ର ପାଶ,
ଯହିଁ ସତ୍ୟ-ଜ୍ଞାନ-ଆନନ୍ଦ-ତ୍ରିବେଣୀ
—ସାଧୁ ଯହିଁ ସ୍ନାନ କରେ ଧନ୍ୟ ମଣି—
ଉଠାଅ ସନ୍ନ୍ୟାସି, ଉଠାଅ ସେ ତାନ
ଗାଅ, ଗାଅ, ଗାଅ, ଗାଅ, ସେହି ଗାନ—
ଓଁ ତତ୍ ସତ୍ ଓଁ । ୧ ।

ଭାଙ୍ଗିଦିଅ ଶୀଘ୍ର ଚରଣ-ଶୃଙ୍ଖଳ—
ସୁବର୍ଣ୍ଣ-ନିର୍ମିତ ହେଲେ କି ଦୁର୍ବଳ
ଅଟନ୍ତି ସେମାନେ ତୁମର ବନ୍ଧନେ ?
ଭାଙ୍ଗ ଶୀଘ୍ର ତେଣୁ ଭାଙ୍ଗ ପ୍ରାଣପଣେ ।
ଅନୁରାଗ-ଘୃଣା, ଭଲ-ମନ୍ଦ-ଦ୍ୱନ୍ଦ୍ୱ
ତେଜ ହେ ଉଭୟେ ଉଭୟ ହିଁ ମନ୍ଦ ।
ଆଦର ଦାସରେ, କଷାଘାତ କର,
ଦାସତ୍ୱ-ତିଳକ ଭାଲର ଉପର ;
ସ୍ୱାଧୀନତା-ବସ୍ତୁ କଦାପି ଜାଣେ ନା,
ସ୍ୱାଧୀନ ଆନନ୍ଦ କଦାପି ବୁଝେ ନା ।
ତେଣୁ କହେ ଆହେ ସନ୍ନ୍ୟାସୀ-ପ୍ରବର,
ଦୂର କର ତୁହେଁ ଅଭାବ ସତ୍ୱର;
କର କର ଗାନ କର ନିରନ୍ତର—
ଓଁ ତତ୍ ସତ୍ ଓଁ । ୨ ।

* The Song of the Sannyasin ; ୧୮୯୫ ଜୁଲାଇ, Thousand Island Park-ରେ ଲିଖିତ ।

ଯାଉ ଅନ୍ଧକାର ଯାଉ ସେହି ତମଃ,
ମରୁଭୂମୀ ସମ ବୁଦ୍ଧିର ବିଭ୍ରମ
ଘଟାଇ ଅନ୍ଧାରୁ ଅଧିକ ଅନ୍ଧାରେ
ନେଇଯାଏ ଯେହୁ ଭ୍ରାନ୍ତ ଜୀବାତ୍ମାରେ ।
ଜୀବନର ଏହି ତୃଷା ଚିରନ୍ତନ
ତୃପ୍ତ କର ଜ୍ଞାନ-ବାରି କରି ପାନ ।
ଏହି ତମ-ରଜ୍ଜୁ ଜୀବାତ୍ମା-ପଶୁରେ
ଜନ୍ମ-ମୃତ୍ୟୁ ମଧ୍ୟେ ଆକର୍ଷଣ କରେ ।
ସବୁ ସେହି ଜଣେ ନଜେ ଜିଣେ ଯେହୁ,
ଫାନ୍ଦରେ ନ ପଡ଼ି ଜାଣି ତତ୍ତ୍ୱ ଏହୁ,
ବୁଝି ହେ ସନ୍ନ୍ୟାସି, ବୁଝି ବୀର୍ଯ୍ୟବାନ,
କର ହେ ଆନନ୍ଦେ କରି ଏହି ଗାନ—
ଓଁ ତତ୍ ସତ୍ ଓଁ । ୩ ।

"ଭୁଞ୍ଜିବାକୁ ହେବ କୃତକର୍ମଫଳ"
କହେ ଜନ, "ହେଉ ପ୍ରସବିବ ଫଳ,
ଶୁଭକର୍ମେ ଶୁଭ, ମନ୍ଦେ ମନ୍ଦ ଫଳ
ରୋଧିବାକୁ ତାହା ନାହିଁ କା'ର ବଳ ।
ଏ ମର ଜଗତେ ସାକାର ଯେ ଜନ,
ଶୃଙ୍ଖଳ ତାହାର ଅଙ୍ଗର ଭୂଷଣ ।"
ସତ୍ୟ ସବୁ, କିନ୍ତୁ ନାମରୂପ ପାରେ
ନିତ୍ୟ ମୁକ୍ତ ଆତ୍ମା ଆନନ୍ଦେ ବିହରେ ।
ଜାଣ 'ତତ୍ତ୍ୱମସି', ନ କର ଭାବନା—
କର ହେ ସନ୍ନ୍ୟାସି, ସତତ ଘୋଷଣା—
ଓଁ ତତ୍ ସତ୍ ଓଁ । ୪ ।

ସତ୍ୟର କେବେ ହେଁ ନ ପା'ନ୍ତି ସନ୍ଧାନ
ଯେଉଁମାନେ ସଦା ଦେଖନ୍ତି ସ୍ୱପନ—
ପିତା, ମାତା ଜାୟା, ଅପତ୍ୟ, ବାନ୍ଧବ,
ଆତ୍ମା ତ କଦାପି ନୁହେଁ ଏ ସରବ;
ନାହିଁ ତ ତାହାର ଲିଙ୍ଗାଲିଙ୍ଗ-ଭେଦ,
ନାହିଁ ତା' ଜନମ ନାହିଁ ଖେଦାଖେଦ ।
କା'ର ପିତା ଅବା କାହାର ସନ୍ତାନ ?
କା'ର ବନ୍ଧୁ, ଶତ୍ରୁ, କାହାର ଧୀମାନ ?

ଏକମାତ୍ର ଯେ ବା—ଯେ ବା ସର୍ବମୟ,
ଯାହା ବିନା ସବୁ ଅସ୍ତିତ୍ୱର ଲୟ,
'ତତ୍ତ୍ୱମସି', ଅହେ ସନ୍ନ୍ୟାସୀ-ପ୍ରବର
ଉଚ୍ଚରବେ ତେଣୁ ଏହି ତାନ ଧର—
ଓଁ ତତ୍ ସତ୍ ଓଁ । ୫ ।

ଏକମାତ୍ର ମୁକ୍ତ ଜ୍ଞାତା ଆତ୍ମା ହୁଏ,
ଅନାମ, ଅରୂପ, ଅକ୍ଲେଦ୍ୟ ନିଶ୍ଚୟେ;
ତାଙ୍କର ଆଶ୍ରୟେ ଏ ମୋହନ-ମାୟା
ଦେଖାଏ ଏସବୁ ସ୍ୱପନର ଛାୟା;
ସାକ୍ଷୀର ସ୍ୱରୂପ—ସର୍ବଦା ବିଦିତ
ପ୍ରକୃତି ଜୀବାତ୍ମାରୂପେ ପ୍ରକାଶିତ;
'ତତ୍ତ୍ୱମସି', ଆହେ ସନ୍ନ୍ୟାସୀ-ପ୍ରବର,
ଧର, ଧର, ଧର, ଉଚ୍ଚେ ତାନ ଧର—
ଓଁ ତତ୍ ସତ୍ ଓଁ । ୬ ।

ଖୋଜୁଅଛ ମୁକ୍ତି କାହିଁ ବନ୍ଧୁବର ?
ନ ପାଇବ ଏଥି କମ୍ବା ଏଥିପର;
ଶାସ୍ତ୍ରେ ବା ମନ୍ଦିରେ ବୃଥା ଅନ୍ୱେଷଣ,
ନିଜ ହସ୍ତେ ରଜ୍ଜୁ କର ଆକର୍ଷଣ ।
ତେଜ ଅତଏବ ବୃଥା ଶୋକରାଶି,
ଛାଡ଼ିଦେଇ ରଜ୍ଜୁ କୁହ ହେ ସନ୍ନ୍ୟାସି !
ଓଁ ତତ୍ ସତ୍ ଓଁ । ୭ ।

ଦିଅ, ଦିଅ, ଦିଅ ସଭିଙ୍କୁ ଅଭୟ;
କୁହ—"ପ୍ରାଣୀଗଣ କର ନାହିଁ ଭୟ;
ଯେ ଯେଉଁଠି ଅଛ ଏହି ଭୁବନରେ,
ଆତ୍ମାରୂପେ ମୁହିଁ ଅଛି ସବୁଠାରେ;
ସରଗ, ନରକ, ଇହାମୁତ୍ର-ଫଳ
ଆଶା ଭୟ ମୁହିଁ ଛାଡ଼ିଲି ସକଳ ।"
ଏହିରୂପେ କାଟ ମାୟାର ବନ୍ଧନ;
ଗାଅ, ଗାଅ, ଗାଅ କରି ପ୍ରାଣପଣ—
ଓଁ ତତ୍ ସତ୍ ଓଁ । ୮ ।

ନ ଭାବ ଦେହର ହେବ କିବା ଗତି,
ରହେ କମ୍ବା ଯାଏ—ଅନନ୍ତ ନିୟତି—

କାର୍ଯ୍ୟ ଅବଶେଷ ହୋଇଛି ଏହାର
ଏବେ ସେଥି ପ୍ରାରବ୍ଧର ଅଧିକାର;
କିଏ ବା ଏହାକୁ ମାଳା ପିନ୍ଧାଇବ,
ଆଉ ଅବା କିଏ ପାଦ ପ୍ରହାରିବ;
ନ ଭାଙ୍ଗ କେବେ ହେଁ ଚିତ୍ତର ପ୍ରଶାନ୍ତି,
ଆନନ୍ଦେ ମଗନ ରହ ସଦା ମାତି;
କାହିଁ ଅପଯଶ କାହିଁ ବା ସୁଖ୍ୟାତି ?
ସ୍ତାବକ-ସ୍ତାବ୍ୟର ଏକତ୍ୱ-ପ୍ରତୀତି,
ଅଥବା ନିନ୍ଦକ-ନିନ୍ଦ୍ୟର ଯେମିତି ।
ଜାଣି ଏ ଏକତ୍ୱ ଆନନ୍ଦ-ଅନ୍ତରେ
ଗାଅ ହେ ସନ୍ନ୍ୟାସି, ନିର୍ଭୀକ ଚିତ୍ତରେ—
ଓଁ ତତ୍ ସତ୍ ଓଁ ।୯।

ନ ପାରେ ପ୍ରବେଶି ତହିଁ କେବେ ସତ୍ୟ,
କାମ-ଲୋଭବଶେ ଯେ ହୃଦ ଉନ୍ମତ୍ତ;
କାମିନୀକୁ କରେ ସ୍ତ୍ରୀ-ବୁଦ୍ଧି ଯେ ଜନ,
ନ ହୁଏ ତାହାର ବନ୍ଧନ ମୋଚନ;
କିମ୍ବା କିଛି ଦ୍ରବ୍ୟେ ଯା'ର ଅଧିକାର
ହେଉ ପଛେ ଅଳ୍ପ—ବନ୍ଧନ ଅପାର;
କ୍ରୋଧର ଶୃଙ୍ଖଳ କିମ୍ବା ପଦେ ଯା'ର,
ନ ପାଏ ସେ କେବେ ମାୟାରୁ ନିସ୍ତାର,
ତ୍ୟାଗ କରି ତେଣୁ ଏସବୁ ବାସନା,
ଆନନ୍ଦରେ ସଦା କର ହେ ଘୋଷଣା—
ଓଁ ତତ୍ ସତ୍ ଓଁ ।୧୦।

ସୁଖ ପାଇଁ ଗୃହ ନ କର ନିର୍ମାଣ,
କେଉଁ ଗୃହେ ସ୍ଥାନ, ତୁମର ମହାନ୍ ?
ତୁମ ଗୃହଛାତ ଅନନ୍ତ ଆକାଶ,
ତୁମ ଶଯ୍ୟା ଅଟେ ସୁବିସ୍ତୃତ ଘାସ;
ଦୈବବଶେ ତୁମେ ଯାହା କିଛି ପାଅ
ସେହି ଖାଦ୍ୟେ ତୁମେ ପରିତୃପ୍ତ ରହ ।
ହେଉ ବା କୁତ୍ସିତ କିମ୍ବା ସୁରନ୍ଧିତ,
ଭୁଞ୍ଜ ହେ ସକଳ ହୋଇ ଅବିକୃତ ।
ଶୁଦ୍ଧ ଆତ୍ମା ଯେହୁ ଜାଣିଲ ନିଜକୁ

କେଉଁ ଖାଦ୍ୟ କରେ ଅପବିତ୍ର ତା'ଙ୍କୁ ?
ସ୍ରୋତସ୍ୱତୀ ସମ ହୁଅ ପ୍ରବାହିତ
ସ୍ୱାଧୀନ ଉନ୍ମୁକ୍ତ ନିତ୍ୟ ଅବିରତ ।
ଉଠାଅ ଆନନ୍ଦେ ଉଠାଅ ସେ ତାନ,
ଗାଅ, ଗାଅ, ଗାଅ ସଦା ଏହି ଗାନ—
ଓଁ ତତ୍ ସତ୍ ଓଁ । ୧୧ ।

ତତ୍ତ୍ୱଜ୍ଞ ଲୋକଙ୍କ ସଂଖ୍ୟା ମୁଷ୍ଟିମେୟ,
ଅ-ତତ୍ତ୍ୱଜ୍ଞ ତାଙ୍କୁ ହସିବେ ନିଶ୍ଚୟ;
କରିବେ ତୁମକୁ ଘୃଣା, ହେ ମହାନ୍ !
ସେମାନଙ୍କ ଆଡ଼େ ଫେରାଅ ଆନନ ।
ସ୍ୱାଧୀନ, ଉନ୍ମୁକ୍ତ-ଯାଅ ସ୍ଥାନେ ସ୍ଥାନେ,
ଅଜ୍ଞାନୁ ଉଦ୍ଧର ତୁମେ ଅଜ୍ଞ ଜନେ—
ମାୟା-ଆବରଣ ଘୋର ଅନ୍ଧକାରେ,
ଯେ ମରନ୍ତି ନିତି ଦୁଃଖ-ଯନ୍ତ୍ରଣାରେ ।
ବିପଦ ଆଶଙ୍କା ମନେ ନାହିଁ ଆଣ,
ନାହିଁ କର ମାତ୍ର ସୁଖ-ଅନ୍ୱେଷଣ;
ଯାଅ ଏ ଉଭୟ ଦ୍ୱନ୍ଦ୍ୱ-ଭୂମିପାରେ,
ଗାଅ, ଗାଅ, ଗାଅ, ଗାଅ ଉଚ୍ଚସ୍ୱରେ—
ଓଁ ତତ୍ ସତ୍ ଓଁ । ୧୨ ।

ଏହିପରି ବିତି ଦିନ ପରେ ଦିନ,
କରମର ଶକ୍ତି ହୋଇଯିବ କ୍ଷୀଣ;
ଆତ୍ମାର ବନ୍ଧନ ବିମୋଚିତ ହେବ,
ପୁନର୍ଜନ୍ମ ତା'ର ଆଉ ନାହିଁ ହେବ;
ମୁହିଁ ଅବା ମୋର କାହିଁ ସେତେବେଳେ
ପରିଜନ—ତୁମ—ମାନବ-ଈଶ୍ୱରେ ?
ସକଳରେ 'ମୁହିଁ' ମୋ ମଧ୍ୟେ ସକଳ—
ଆନନ୍ଦ, ଆନନ୍ଦ, ଆନନ୍ଦ କେବଳ ।
ସେ ଆନନ୍ଦ ତୁମେ, ଆହେ ବନ୍ଧୁବର,
ଆନନ୍ଦରେ ତେଣୁ ଧରି ତାନ ଧର—
ଓଁ ତତ୍ ସତ୍ ଓଁ । ୧୩ ।

## ପ୍ରବୁଦ୍ଧ ଭାରତ ପ୍ରତି*

ଆଜି ଥରେ ଉଠ ଜାଗି !
ମୃତ୍ୟୁ ନୁହେଁ, ଏ ଯେ ନିଦ୍ରା ତବ,
ଜାଗରଣେ ସଞ୍ଚାରିବା ଲାଗି
ନବୀନ ଜୀବନ, ଉଚ୍ଚତର
ଲକ୍ଷ୍ୟ ଧ୍ୟାନମୁଦ୍ରା ଦେବା ପାଇଁ
ବିରାମ ପଙ୍କଜ-ଚକ୍ଷୁ-ଯୁଗେ ।
ହେ ସତ୍ୟ ! ତୁମ ପାଇଁ ଦେଖ
ପ୍ରତୀକ୍ଷାରେ 'ଛନ୍ତି ବିଶ୍ୱଜନ
—ତବ ମୃତ୍ୟୁ ନାହିଁ କଦାଚନ । ୧

ହୁଅ ପୁଣି ଅଗ୍ରସର,
ତବ ସେହି ଧୀର ପଦକ୍ଷେପେ
ନାହିଁ ହରେ ଯାହା ଶାନ୍ତି ତା'ର,
ନିରୁଦ୍‌ବେଗେ ପଥପାର୍ଶ୍ୱେ ସ୍ଥିତ
ଦୀନହୀନ ଧୂଳି-କଣିକାର;
ଶକ୍ତିମାନ୍ କିନ୍ତୁ ସ୍ଥିରମତି,
ଆନନ୍ଦମଗନ, ମୁକ୍ତ, ବୀର;
ହେ ସୁପ୍ତିନାଶନ, ଚିରଗ୍ରଣି !
ବ୍ୟକ୍ତ କର ତବ ବଜ୍ରବାଣୀ । ୨

ଲୁପ୍ତ ସେ ଜନମ-ଗୃହ,
ଯହିଁ ବହୁ ସ୍ନେହସିକ୍ତ ହସ୍ତ
ପାଳିଲା ଶୈଶବେ, ହର୍ଷଭରେ
ନିରେଖିଲ ଯୌବନ-ଉନ୍ମେଷ;
କିନ୍ତୁ ଦେଖ ନିୟତି ଯେ ଧରେ
ଅମୋଘ ପ୍ରଭାବ,—ସୃଷ୍ଟି ଯାହା
ପ୍ରକୃତି-ନିୟମେ ସବୁ ଫେରେ
ଯହିଁ ସ୍ଥାନ ଉଦ୍‌ଭବ-କାରଣ
ଲଭିବାରେ ପ୍ରାଣଶକ୍ତି ପୁନଃ । ୩

---

* To the Awakened India : ୧୮୯୮, ଅଗଷ୍ଟ 'Prabuddha Bharata' ପତ୍ରିକା ମାନ୍ଦ୍ରାଜରୁ ଆଲମୋଡ଼ାକୁ ସ୍ଥାନାନ୍ତରିତ ହେବା ଉପଲକ୍ଷେ ରଚିତ ।

ପୁଣି ଉଠ ଆଉ ଥରେ
ସେହି ତବ ଜନ୍ମସ୍ଥାନଠାରୁ,
ହିମ-ସ୍ତୂପ ଅଭ୍ରକଟିହାର
ଆଶିଷିବ ଯେଉଁଠି ପର୍ବତ,
କରିଦେବ ଶକ୍ତିର ସଞ୍ଚାର
ନବ ନବ ଅସାଧ୍ୟ ସାଧନେ;
ଯହିଁ ସୁରନଦୀ ତବ ସ୍ୱର
ବାନ୍ଧିବ ଅମର ଗୀତ-ସ୍ୱରେ,
ଦେବଦାରୁ ଛାୟା ବିଧାନିବ
ନିତ୍ୟ ଶାନ୍ତି ଯହିଁ ତବ ଶିରେ । ୪

ସର୍ବୋପରି, ଗିରି ଉମା
ଶାନ୍ତିପୂତା ହିମଗିରିସୁତା
ଶକ୍ତିରୂପେ ପ୍ରାଣରୂପେ ପୁଣି
ଜନନୀ ଯେ ସର୍ବଭୂତେ ସ୍ଥିତା,
କାର୍ଯ୍ୟ ଯାହା ସବୁ ତାଙ୍କ କାର୍ଯ୍ୟ,
ଏକବ୍ରହ୍ମ କରେ ପ୍ରପଞ୍ଚିତ,
ତାଙ୍କ କୃପା ସତ୍ୟର ଦୁଆର
ଖୋଲି ଏକ ବସ୍ତୁରେ ଦେଖାଏ,
ଦେବେ ଶକ୍ତି, ସେ ଜନନୀ ତବ
କ୍ଳାନ୍ତିହୀନ, ଯାହାଙ୍କ ସ୍ୱରୂପ
ଅସୀମ ସେ ପ୍ରେମ-ପାରାବାର । ୫

ଆଶିଷିବେ ସେମାନେ ତୁମକୁ
ପରମର୍ଷି ସବୁ, ଯାହାଙ୍କର
ଆପଣାର ବୋଲିବାର ପାଇଁ
କୌଣସିଟି ଦେଶକାଳ ନାହିଁ,
ଏ ଜାତର ଜନୟିତୃଗଣ—
ସତ୍ୟର ମରମ ଯେଉଁମାନେ,
ଏକ ରୂପ କରି ଅନୁଭବ,
ନିଃସଙ୍କୋଚେ ପ୍ରଚାରିଲେ ଭବେ
ଭଲମନ୍ଦ ଯେପରି ଭାଷାରେ,
ତୁମେ ଦାସ ତାହାଙ୍କର, ତେଣୁ

ଲଭିଅଛ ରହସ୍ୟ ସେ ମୂଳ
—ବସ୍ତୁ ଏକ, ଏହା ନାହିଁ ଭୁଲ । ୬

ହେ ପ୍ରେମ ! କୁହ ସେ ତବ
ଶାନ୍ତ ସ୍ନିଗ୍ଧ ବାଣୀ, ମାୟା-ସୃଷ୍ଟି
ଯାହାର ସ୍ପନ୍ଦନେ ଲୟ ହୁଏ,
ସ୍ତରେ ସ୍ତରେ ଛାୟା-ସ୍ୱପ୍ନ ପଟ
ଦେଖ ସବୁ ଶୂନ୍ୟେ ହୁଏ ଲୀନ,
ଅବଶେଷେ ସତ୍ୟ ନିରମଳ
'ସ୍ୱେ ମହିମ୍ନି' ବିରାଜେ କେବଳ । ୭

କୁହ ଅନ୍ୟ ବିଶ୍ୱଜନେ···
ଉଠ, ଜାଗ, ସ୍ୱପ୍ନ ନୁହେଁ ଆଉ ।
ସ୍ୱପନ-ରଚନା ଶାଳ୍ ଭବେ—
କର୍ମ ଗୁନ୍ଥେ ମାଳା ଯାହାଙ୍କର
ନାହିଁ ସୂତ୍ର, ବୃନ୍ତମୂଳହୀନ
ଭଲମନ୍ଦ ପୁଷ୍ପ ଭାବନାର,
ଜନ୍ମ ଲଭେ, ଗର୍ଭେ ଅସତ୍ୟର,
ସତ୍ୟର ମୃଦୁଳ ଶ୍ୱାସେ ଧାଏଁ
ଆଦରେ ଯେ ଶୂନ୍ୟ ଥିଲା ତହିଁ ।
ଅଗ୍ରୀ ହୁଅ, ଉଠ ହେ ନିର୍ଭୟେ
ସତ୍ୟଗ୍ରାହ୍ୟ, ସତ୍ୟର ଆଶ୍ରୟେ,
ମିଶି ସତ୍ୟେ ଯାଅ ଏକ ହୋଇ,
ମିଥ୍ୟା କର୍ମ-ସ୍ୱପ୍ନ ଯାଉ ଦୂରେ—
କିମ୍ବା ଥାଏ ସ୍ୱପ୍ନଲୀଳା ଯଦି
ଦେଖ ତାହା, ସତ୍ୟେ ଗଢ଼ ଯାର,
ଥାଉ ସ୍ୱପ୍ନ ନିଷ୍କାମ ସେବାର
ପୁଣି ଥାଉ ପ୍ରେମ ନିରବଧି । ୮

## ମାତୃରୂପା ମହାକାଳୀ*

ନିଶ୍ଚିହ୍ନ ତାରକାଦଳ, ମେଘ ଆସି ଢାଙ୍କିଦିଏ ମେଘ,
ଘୂର୍ଣ୍ଣିବାତ୍ୟା ଘୋର ଗରଜନେ ବିଧ୍ୱନିତ ସ୍ପନ୍ଦିତ ଅନ୍ଧାରେ

* Kali The Mother : କାଶ୍ମୀରର କ୍ଷୀରଭବାନୀ ଦର୍ଶନ ପରେ ୧୮୯୮ ସେପ୍ଟେମ୍ବରରେ ଶ୍ରୀନଗରରେ ଲିଖିତ ।

ଲକ୍ଷ ଲକ୍ଷ ଆତ୍ମା ଅଶରୀରୀ ସଦ୍ୟ ମାତ୍ର ଭାଙ୍ଗି ବନ୍ଦୀଶାଳା
ଉତ୍ପାଟିତ କରି ମହୀରୁହ ଫୁତ୍କାରରେ ଫିଙ୍ଗିଦିଏ ସମ୍ମୁଖ ପଥରୁ !
ଏ ସଂଗ୍ରାମେ ସମୁଦ୍ର ମାତିଛି, ଉଠେ ଢେଉ ଲଙ୍ଘି ଗିରିଚୂଡ଼ା
ଘନକୃଷ୍ଣ ନଭସ୍ତଳ ପରଶିବା ଲାଗି ! ଘୋରରୂପା ଦାମିନୀର ଅଟ୍ଟହାସଛଟା
ଉଦ୍ଭାସିତ କରିଦିଏ ଦିଗେ ଦିଗେ ମୃତ୍ୟୁର ସେ କର୍ଦ୍ଦମାକ୍ତ କୃଷ୍ଣବର୍ଣ୍ଣ ଦେହେ
ଲକ୍ଷ ଲକ୍ଷ ଛାୟାର ଶରୀର ମହାମାରୀ ଦୁଃଖରାଶି ଚୂର୍ଣ୍ଣି
ଉତ୍ଫୁଲ୍ଲିତ ଉନ୍ମାଦ ତାଣ୍ଡବେ; ଆସ ମାତଃ ! ଆସ !
ଭୟଙ୍କରୀ ! କରାଳ ତୁମ୍ଭର ନାମ ! ମୃତ୍ୟୁ ତବ ନିଃଶ୍ୱାସେ ପ୍ରଶ୍ୱାସେ,
ପ୍ରତ୍ୟେକଟି ଭୀମ ପଦକ୍ଷେପ ଏକ ଏକ ବ୍ରହ୍ମାଣ୍ଡ ବିନାଶେ !
କାଳରୂପୀ ମହାକାଳୀ ! ତୁମେ ମହାପ୍ରଳୟଙ୍କାରିଣୀ ! ଆସ, ମାଗୋ, ଆସ
ସାହସେ ଯେ ଦୁଃଖ ଦୈନ୍ୟ ଚାହେଁ, ମୃତ୍ୟୁରେ ଯେ ବାନ୍ଧେ ବାହୁପାଶେ,
କାଳ-ନୃତ୍ୟ କରେ ଉପଭୋଗ, ମାତୃରୂପା ତା' ନିକଟେ ଆସେ ।

## ଖେଲ ମୋର ହେଲା ଶେଷ*

କେବେ ଉଠେ, କେବେ ପଡ଼େ କାଳର ତରଙ୍ଗ ପରେ
ଗଡ଼ି ଗଡ଼ି ଚାଲିଛି ମୁଁ ହାୟ !
କ୍ଷଣସ୍ଥାୟୀ ଏକ ଦୃଶ୍ୟଠାରୁ ସ୍ୱଳ୍ପସ୍ଥାୟୀ ଦୃଶ୍ୟାନ୍ତରେ
ଜୀବନର ଜୁଆର-ଭଟ୍ଟାରେ ।
ଅନ୍ତହୀନ ଏହି ପ୍ରହସନେ ତିକ୍ତ ଆଜି ପ୍ରାଣ ମୋର;
ଭଲ ଆଉ ଲାଗେ ନା ତ ଏହା,
ବୃଥା ଚେଷ୍ଟା, ନ ପାଇବି କେବେ, ସାଗରର କଳା ତୀର
ହୁଏ ନାହିଁ ଦୃଶ୍ୟମାନ ଆହା !
ଜନ୍ମଠାରୁ ଜନ୍ମାନ୍ତରାବଧି ଦୁଆରେ ମୁଁ ଅଛି ଠିଆ
କେବେହେଲେ ନ ଖୋଲିଲା ଦ୍ୱାର,
ନ ପାଇଲି ଦେଖିବାକୁ ଥରେ କ୍ଳାନ୍ତ ମୋର ଆଖିଡୋଳେ
ରଶ୍ମି ଟିଏ ଆଲୋକ-ଶିଖାର ।
ଅତି କ୍ଷୁଦ୍ର ଏହି ଜୀବନର ସମୁଚ୍ଚ ସଙ୍କୀର୍ଣ୍ଣ ସେହି
ସେତୁ ପରେ ଠିଆ ରହେ ଚାହିଁ—
ଅଗଣିତ ଜନଗଣ ତଳେ ଯୁଝନ୍ତି କାନ୍ଦନ୍ତି ଅବା
କେହି ହସେ—କାରଣ ତା' ନାହିଁ ।

---

* My Play is Done : ୧୮୯୫ ବସନ୍ତ ଋତୁରେ ନ୍ୟୁୟର୍କରେ ଲିଖିତ ।

ସମ୍ମୁଖରେ ଭୀଷଣ କବାଟ ଭ୍ରୂକୁଟି କରଣ କହେ—
'ଆଉ ନାହିଁ ହୁଅ ଅଗ୍ରସର,
ଏହି ସୀମା ଅଦୃଷ୍ଟର ତବ; ପ୍ରଲୁବ୍ଧ କର ନା ଆଉ,
ଯେତେ ପାର ସବୁ ସହ୍ୟ କର;
ମିଶିଯାଅ ଏମାନଙ୍କ ସଙ୍ଗେ ପାନ କର ହଳାହଳ
ନାଚ ଗାଅ ସେମାନଙ୍କ ସନେ
ଜାଣିବାର ବାସନା ଯାହାର ଦୁଃଖ ଅଛୁ ଲେଖା ତା'ର ଭାଲେ;
ଅତଏବ ରୁହ ଏହି ସ୍ଥାନେ ।'
ମୁଁ ତ କିନ୍ତୁ ନାହିଁ ଚାହେଁ ରହିବାକୁ ବୁଦ୍‌ବୁଦ ପରିଚ୍ଛେ
ଭାସମାନ ଏହି ପୃଥ୍ୱୀତଳ,
ଶୂନ୍ୟ-ଗର୍ଭ ଗଠନ ଏହାର, ଶୂନ୍ୟଗର୍ଭ ନାମ ତା'ର,
ଜନ୍ମମୃତ୍ୟୁ-ଶୂନ୍ୟ ସେ ସକଳ ।
ମୋ ପାଖରେ ମିଥ୍ୟା ଏ ତ ସବୁ. ମୁଁ ଯେ ଚାହେଁ ଭେଦିବାକୁ
ନାମରୂପ ମିଥ୍ୟା ଅବୟବ,
ଖୋଲିବାକୁ ଚାହେଁ ମୁହିଁ ସମ୍ମୁଖର ପ୍ରଶସ୍ତ କବାଟ—
ମୋ ପାଇଁ ତା' ଖୋଲିବାକୁ ହେବ ।
ଦୁଆର ଖୋଲିଦେ ମାତଃ ! ଦେଖେ ପଥ ଆଲୋକଛଟାରେ
ଖେଳ ମୋର ହୋଇଅଛି ଶେଷ—
ଅତି ଶ୍ରାନ୍ତ ପୁତ୍ର ମା ଗୋ, ଆକୁଳ ଆକାଙ୍କ୍ଷା ହୃଦେ
ଆଜି ଗୃହେ କରିବି ପ୍ରବେଶ ।
ଘନ ଘୋର ଏହି ଅନ୍ଧକାରେ ଖେଳିବାକୁ ଛାଡ଼ି ଦେଇ
ବିଭୀଷିକା ଦେଖାଉଛୁ ମୋତେ,
ଆଶା ମୋର ହେଲା ଆଜି ଶେଷ ଭୟ ଆସି ଦେଖାଦେଲା
ଖେଳର ଆନନ୍ଦ ଗଲା ଦୂରେ ।
ତପ୍ତ ସ୍ଫୀତ ସାଗର ସମାନ ସୁଖର ଦୁଃଖର ମଝିରେ
ଉପୁଦିଲା ପ୍ରବଳ ତାଡ଼ନେ,
ତରଙ୍ଗେ ବିକ୍ଷିପ୍ତ ଏଣେତେଣେ କେତେ କଷ୍ଟ ପାଏ ମା ଗୋ
ଭବିଷ୍ୟତ ସୁଖର ଛଳନେ ।
ଜୀବନର ଅର୍ଥ ଏଠି ହାୟ ଜୀବନ୍ତ ମରଣ, ପୁଣି
ମରଣ ବା କହ କିଏ ଜାଣେ,
ସୁଖଦୁଃଖ ନିୟତ-ଚକ୍ରର ପୁନଃ ସେହି ପ୍ରବର୍ତ୍ତନ
ନାହିଁ ନବ ଆବର୍ତ୍ତନ ଆଣେ ।

ଶିଶୁ ଦେଖେ ମଧୁର ସ୍ୱପନ— ସ୍ୱର୍ଣ୍ଣସମ ସମୁଜ୍ଜ୍ୱଳ
ଧୂଳିରେ ତା' ହୁଏ ପରିଣତ,
ଚାହିଁ ଫେରି ପଶ୍ଚାତ୍କୁ ହାୟ— ଭଗ୍ନ ଶତ ଶତ ଆଶା
ମରୀଚିକା ଯେହ୍ନେ ପୁଞ୍ଜୀଭୂତ ।
ଜୀବନର ଶେଷ ପ୍ରାନ୍ତେ ଯେବେ ବିଳମ୍ବରେ ଜ୍ଞାନ ଲଭି
ଚକ୍ର ଛାଡ଼ି ଯାଉ ଆମେ ଚାଲି,
ଅନ୍ୟ ଲୋକ ନବତେଜ ନେଇ ସେ ଚକ୍ର ଘୁରାଏ ଆସି
ଦିନ ଯାଏ ବର୍ଷ ପଡ଼େ ଢଳି ।
ଘୁରେ ଚକ୍ର ଅବିରତ ବେଗେ ମାୟା-କ୍ରୀଡ଼ନକ ମାତ୍ର
କାମନା ଏହାର କେନ୍ଦ୍ରସ୍ଥଳ,
ବୃଥା ଆଶା ଦିଏ ଗତିବେଗ ଏ ଚକ୍ରର ଅକ୍ଷସବୁ
ସୁଖ-ଦୁଃଖ ଅନିତ୍ୟ କେବଳ ।
ଭାସି ଭାସି ଚାଲିଛି ମୁଁ ଆଜି, କେଉଁଆଡ଼େ ନାହିଁ ଜାଣେ,
ଏ ଅନଳେ ବଞ୍ଚାଅ ଗୋ ଆସି,
କରୁଣା-ଆଧାର ତୁମେ ମା ଗୋ, ରକ୍ଷାକର ମୋତେ ତୁମେ,
କାମନା-ସାଗରେ ଯାଏ ଭାସି ।
ଫେରାଅ ନା, ଦେଖାଅ ନା ମୋତେ ଭୟଙ୍କର ମୁଖ ତବ
ସହି ନାହିଁ ପାରେ ମୁହିଁ ଆଉ,
କ୍ଷମା କର, ଦିଅ ମା ଅଭୟ, ସଦୟା ହୁଅ ଗୋ ଆଜି
ଶତ ମୋର ଦୋଷତ୍ରୁଟି ଥାଉ ।
ନେଇ ଚାଲ ଜନନୀ ଗୋ ମୋତେ ସେହି ଦୂର ପରପାରେ
ଯେଉଁଠି ସକଳ ଦ୍ୱନ୍ଦ୍ୱ ଶେଷ,
ସକଳ ଦୁଃଖର ପାରେ, ଅଶ୍ରୁ ଯହିଁ ନାହିଁ ଦିଏ ଦେଖା
ପାର୍ଥିବ ସୁଖର ନାହିଁ ଲେଶ ।
ଯାହାର ଗରିମା ରବି ଶଶୀ ଅନନ୍ତ ତାରକାରାଜି
ଉଜ୍ଜ୍ୱଳିତ ଆକାଶର ପଟେ,
କ୍ଷଣପ୍ରଭା ରୂପର ଛଟାରେ ପ୍ରକାଶ କରି ନ ପାରେ
ମାତ୍ର ତା'ର ପ୍ରତିବିମ୍ବ ରଟେ ।
ମିଥ୍ୟା ସ୍ୱପ୍ନ ଯେପରି ମା ମୋତେ ତବ କରୁଣା-ଦୃଷ୍ଟିର
ନାହିଁ କରେ କେବେ ଆଡ଼ୁଆଳ,
ଶୃଙ୍ଖଳ ମୋ ଭାଙ୍ଗି ଦିଅ, ମୁକ୍ତ କରିଦିଅ ମାତଃ,
ଶେଷ ହେଲା ଆଜି ଖେଳ ମୋର ।

## ଦୋଷ କାହାର ନୁହେଁ*

ଧନମଣି ବୁଡ଼େ ଅସ୍ତାଚଳେ
ରଖିଯାଏ ରକ୍ତବର୍ଣ୍ଣ-କର,
ଆଲୋକତ କ୍ଷୀଣ ଦିନମାନେ
ଏହି ଯେପରି ଶେଷ ଅବସର ।
ରଖି ଆଖି ଦେଖେ ସଚକିତେ
ବିଜୟର ଧ୍ୱନି ପଛେ ଲୁହେ,
ଜୟ ଦେଖେ ସ୍ଥାନ ଲଜ୍ଜା ବୋଲି
ମୋ ବ୍ୟତୀତ ଦୋଷୀ କେହି ନୁହେଁ ।
ଜୀବନକୁ ଗଢ଼େ ଧନ ଧନ
କମ୍ବା ଏହା କ୍ଷୟ କରିଗଲେ,
ଯଥା କର୍ମ ସେହିପରି ଫଳ—
ଶୁଭେ ଶୁଭ, ମନ୍ଦେ ମନ୍ଦ ମିଳେ ।
ସ୍ରୋତ ଯଦି ଥରେ ଆସେ ଧାଇଁ
ରୋଧ କମ୍ବା ନିୟନ୍ତ୍ରଣ ତା'ର
ସାଧ୍ୟ ନୁହେଁ କେବେଁ ତ କାହାର,
ମୋ' ବ୍ୟତୀତ ଦୋଷ ଭେବେ କା'ର ?
ମୁହିଁ ହୁଏ ସେହି ରୂପଧାରୀ,
ଥିଲି ଯାହା ମୋହର ଅତୀତ
ସୃଷ୍ଟିବୀଜ ସୁପ୍ତ ସେହିଠାରେ
ହେବା ପାଇଁ ପୁନଃ ବିକଶିତ ।
ଇଚ୍ଛା, ଚନ୍ତା—ଯେ ଅତୀତ ଧରି
ମନ ମଧ୍ୟେ ସଦା ବ୍ୟକ୍ତ ହୁଏ,
ବାହାରର ଆକୃତି ବି ତାହା
ମୋ' ବ୍ୟତୀତ ଦୋଷୀ କେହି ନୁହେଁ ।
ପ୍ରେମରୂପେ ଫେରି ଆସେ ପ୍ରେମ
ଘୃଣା ଆଣେ ଘୃଣା ତୀବ୍ରତର
ପରିମାପ କଲେ ସେ କରନ୍ତି
ମୋ ଉପରେ ରଖି ଚକ୍ଷୁ ତା'ର ।

---

* No One to Blame : ୧୮୯୫ ମଇ ୧୬ ତାରିଖରେ ନାଉର୍କରେ ଲିଖିତ ।

ଜୀବନର ଶେଷେ ମୃତ୍ୟୁରେ ବି
ସେମାନଙ୍କ ଦାବି ଜମା ରହେ,
ଏହି ଭୋଗ—ଦାୟୀ ତ ମୋହିର
ମୋ' ବ୍ୟତୀତ ଦୋଷୀ କେହି ନୁହେଁ ।
ତ୍ୟାଗ କଲି ମିଥ୍ୟା ଭୟବୃଥି
ବୃଥା ଯେତେ ପରିତାପଭାର,
ବୁଝିଛି ମୁଁ ଗୂଢ଼ ଅନୁଭବେ
ସ୍ୱକର୍ମର କିବା ଅଧିକାର !
ହର୍ଷ-ବ୍ୟଥା ଅପମାନ-ଘୃଣା—
ମୋର କର୍ମେ ଜାତ ପ୍ରେତଚୟେ,
ହେଲି ଉଗ୍ର ଏମାନଙ୍କ ଆଗେ
ମୋ' ବ୍ୟତୀତ ଦୋଷୀ କେହି ନୁହେଁ ।
ଭଲ ମନ୍ଦ ପ୍ରେମ ଆଉ ଘୃଣା
ସୁଖ ତଥା ଦୁଃଖ ଯାହା ଅଛି,
ଛାଡ଼ି ଏକ ଅନ୍ୟ ନାହିଁ ରହେ
ଯୁଗ୍ମଭାବେ ବନ୍ଧା ତ ରହିଛି ।
ଦୁଃଖ ଛଡ଼ା ସୁଖସ୍ୱପ୍ନ ଦେଖେଁ
ଭ୍ରାନ୍ତ ମାତ୍ର ! ସତ୍ୟ ନାହିଁ ହୁଏ,
ଆସି ନାହିଁ, ନ ଆସିବ କେବେଁ
ମୋ' ବ୍ୟତୀତ କେହି ଦୋଷୀ ନୁହେଁ ।
ଆଜି ତେଣୁ ତ୍ୟାଗ କଲି ଘୃଣା
ତ୍ୟାଗ କଲି ତୁଚ୍ଛ ପ୍ରେମ-ଆଶା
ଦୂର କରି ଦ୍ୱନ୍ଦ୍ୱର ସଂଘାତ
ମେଣ୍ଟାଇଛି ଜୀବନ-ପିପାସା ।
ଚରମୃତ୍ୟୁ—ଏହା ହିଁ ତ ଶ୍ରେୟ
—ନିର୍ବାଣ ଏ ଜୀବନ-ଶିଖାର,
ଅପସୃତ କର୍ମର ଆଶ୍ରୟ
ନ ରହିବ ଦୋଷ ତ କାହାର ।
ଏକମାତ୍ର ନରବର, ଏକ ସେହି ପ୍ରଭୁ
ଏକମାତ୍ର ସିଦ୍ଧ-ଆତ୍ମା ସେହୁ
କୁହେଳୀ-ସନ୍ଦେହସେତୁ ଯେତେ ପଥ ଥିଲା
ଘୃଣାଭରେ ତେଜିଗଲେ ସେହୁ ।

ଅସୀମ ସାହସଭରେ କରଣ ମନନ,
ଅନ୍ତକୋଟେ ଉଦ୍ଦେଶ୍ୟ ବଖାଣ
'ମୃତ୍ୟୁ ମହା-ଅଭିଶାପ, ଜୀବନେ ସେ ପାଇଁ
ଶ୍ରେଷ୍ଠ ବସ୍ତୁ ଜାଣ ହେ ନିର୍ବାଣ ।'
ଓଁ ନମୋ ଭଗବତେ ସମ୍ବୁଦ୍ଧାୟ !
ଓଁ ପ୍ରଣତ ମୋର ଭଗବାନ ବୁଦ୍ଧ ମହାଶୟ !

## ଧୈର୍ଯ୍ୟ ଧର କିଛୁକାଳ ହେ ବୀରହୃଦୟ*

ସୂର୍ଯ୍ୟ ଯଦି କିଛୁକ୍ଷଣ ହୁଏ ମେଘାଚ୍ଛନ୍ନ,
ଯଦି ବା ଆକାଶ ଦେଖ ଗମ୍ଭୀର ବିଷଣ୍ଣ,
ଧୈର୍ଯ୍ୟ ଧର କିଛୁକାଳ ହେ ବୀରହୃଦୟ,
ଜୟ ତବ ଜାଣ ସୁନିଶ୍ଚୟ ।
ଶୀତ ଯାଏ, ଗ୍ରୀଷ୍ମ ଆସେ ତା'ର ପଛେ ପଛେ
ଢେଉ ପଡ଼େ, ଉଠେ ପୁଣି ତାର ସାଥେ ସାଥେ,
ଆଲୋକ ଓ ଛାୟା କରେ ସୃଷ୍ଟି ପରସ୍ପରେ,
ହୁଅ ତେବେ ଧୀର, ସ୍ଥିର, ବୀର ।
ଜୀବନ-କର୍ତ୍ତବ୍ୟ-ଧର୍ମ ଅତି ଉଗ୍ର ଜାଣି,
ଜୀବନର ସୁଖରାଶି ବୃଥା ଓ ଚଞ୍ଚଳ,
ଲକ୍ଷ୍ୟ ଆଜି ବହୁଦୂରେ ଛାୟାରେ ମଳିନ,
ତଥାପି ଅନ୍ଧାରେ ଚାଲ ହେ ବୀରହୃଦୟ ।
କର ସବୁ ଶକ୍ତିର ସଞ୍ଚୟ ।
କର୍ମ ନଷ୍ଟ ନାହିଁ ହେବ, କେଉଁ ଚେଷ୍ଟା ନ ହେବ ବିଫଳ
ଆଶା ହେଉ ଉନ୍‌ମୂଳିତ ଶକ୍ତି ଅପ୍ରମିତ,
କଟିଦେଶଠାରୁ ତବ ଜନମିବେ ଉତ୍ତର ପୁରୁଷ,
ଧୈର୍ଯ୍ୟ ଧର କିଛୁକାଳ ହେ ବୀରହୃଦୟ ।
କଲ୍ୟାଣର ନାହିଁ ତ ବିଲୟ ।
ଜ୍ଞାନୀ ଗୁଣୀ ମୁଷ୍ଟିମେୟ ଜୀବନର ପଥେ—
ସେହିମାନେ କର୍ଣ୍ଣଧାର ହୁଅନ୍ତି ଏଠାରେ,
ବହୁପରେ ସେମାନଙ୍କୁ ବୁଝନ୍ତି ସକଳେ,
ନ ଚାହଁ କାହାର ଆଡ଼େ, ଧୀରେ ଲକ୍ଷ୍ୟେ ଚାଲ ।

* Hold on yet a while, Brave Heart : ଖେତଡ଼ି-ମହାରାଜାଙ୍କୁ ଲିଖିତ ।

କ୍ରାନ୍ତଦର୍ଶୀ ଦୂରଦର୍ଶୀଗଣ ତବ ସାଥେ;
ସାଥେ ତବ ଭଗବାନ୍ ସର୍ବଶକ୍ତିମାନ୍,
ଆଶିଷ ପଡ଼ଇ ଝରି ଶିରେ ତବ—ତୁମେ ମହାପ୍ରାଣ—
ସତ୍ୟ ହେଉ ଶିବ ହେଉ ସମସ୍ତ ତୁମର ।

## ଅଜଣା ଦେବତା*

ଅନ୍ଧକାର ନିଃଶାର ବିବର୍ତ୍ତିଳ ପଥେ କ୍ଲାନ୍ତ ପଦେ
ଏ ନିର୍ମମ ନିରାନନ୍ଦ ଜୀବନର ଭାରନତ ଚାଲିଛି ପଥିକ ।
ହୃଦୟର ମନନର ସେ କେଉଁ ପ୍ରାନ୍ତରୁ
କେଉଁଠୁ ନ ମିଳେ ପ୍ରାଣେ
ନିମେଷର ପ୍ରେରଣା-ସ୍ପନ୍ଦନ ।
ଅବଶେଷେ ଏକଦା ଯେବେଳେ
ଲୁପ୍ତ ପ୍ରାୟ ସୀମାରେଖା
ଭଲମନ୍ଦ ସୁଖଦୁଃଖ ଜନ୍ମମରଣର—
ଅକସ୍ମାତ୍ ଉଦ୍ଭାସିଲା ପୁଣ୍ୟ ରଜନୀରେ
ଅପରୂପ ଜ୍ୟୋତରେଖା ହୃଦୟରେ ତା'ର,
ସେ କେଉଁ ଉତ୍ସରୁ ଆସି ଅଚିହ୍ନା ଆଲୋକ—
କିଛି ହିଁ ଜାଣେନା ସେହୁ ।
ତଥାପି ସେ ଜଣାଇଲା
ଆଲୋକ-ଈଶ୍ୱରେ ତା'ର ପ୍ରାଣର ପ୍ରଣାମ ।
ଅଜଣା ଆଶାର ବାଣୀ
ବ୍ୟାପ୍ତ ହେଲା ସମଗ୍ର ସତ୍ତାରେ,
ସ୍ୱପ୍ନାତୀତ ମହିମାରେ
ପୂର୍ଣ୍ଣ କରି ଦେଲା ତା'ର ସମସ୍ତ ଭୁବନ
ସେ ଭୁବନ ପାର ହୋଇ ଅଭାସିଲା ଅନ୍ୟ ଏକ ଧରା ।
କହିଲେ ପଣ୍ଡିତଗଣ ମୃଦୁ ହସି
'ଅନ୍ଧ ଏ ବିଶ୍ୱାସ ।'
ସେ ଆଲୋକର ଦୀପ୍ତ ଶାନ୍ତି ଅନୁଭବ କରି
କହିଲା ସେ ନମ୍ର ପ୍ରତ୍ୟୁତ୍ତରେ
'ଧନ୍ୟ ମଣେ ଏ ଅନ୍ଧବିଶ୍ୱାସେ ।'

---

* Angels Unawares : ୧୯୮୮ ନଭେମ୍ବରରେ କଲିକତାରେ ଲିଖିତ ।

ସ୍ୱାସ୍ଥ୍ୟ, ଶକ୍ତି, ସମ୍ପଦର ସୁବିମତ୍ତ ପଥିକ ସେ ଜଣେ
ଜୀବନର ଘୂର୍ଣ୍ଣ୍ୟାବର୍ତ୍ତେ ଛୁଟିଗଲେ ଉନ୍ମାଦ ପର୍ଯ୍ୟନ୍ତେ,
ଅବଶେଷେ ଥରେ ଯେତେବେଳେ
ଏ ପୃଥିବୀ ମନେହୁଏ ବିଳାସ-କାନନ
ଖେଳର ପିତୁଳା ଯେତେ କାଠସମ ମନୁଷ୍ୟର ଦଳ,
ନୃତ୍ୟଚଞ୍ଚଳ ଯେତେ ବିଳାସର ବିଚ୍ଛୁରିତ ଆଲୋକର ଶିଖା
ଦୃଷ୍ଟିକୁ ଆଚ୍ଛନ୍ନ କରେ, ଇନ୍ଦ୍ରିୟ ଅବଶ,
ସୁଖଦୁଃଖ ଏକାକାର, ଅନୁଭୂତିହୀନ,
ପ୍ରମୋଦମଦବିମତ୍ତ ମହାମୂଲ୍ୟ ଏ ଦେହଚେତନା
ଶବସମ ଲଗ୍ନ ହୋଇ ରହେ ତା'ର ଦୁଇବାହୁ ପାଶେ,
ଯେତେ ସେ ଚାହେଁ ଛଡ଼ାଇବା ପାଇଁ
ସେତେ ଧରେ କାବୁଡ଼ି ବକ୍ଷକୁ;
ଉନ୍ମାଦ-କଳ୍ପନା-ଭରେ ବହୁରୂପେ ମୁଖକୁ ସେ ଚାହେଁ,
ଫେରି ଆସେ ଆଉ ଥରେ ମୁଗ୍‌ଧ ଆକର୍ଷଣେ ।

ତାହାପରେ ଆଉ ଦିନେ
ଦୁର୍ଭାଗ୍ୟର ଦାହ ନେଇଁ ଆସେ—
ହୃତଶକ୍ତି, ସମ୍ପଦବିହୀନ,
ବେଦନାରେ, ଅଶ୍ରୁଧାରେ, ମର୍ମଯନ୍ତ୍ରଣାରେ—
ଆତ୍ମୀୟସ୍ୱଜନ ଫେରିପାଏ ସାରା ନିଖିଳର ।
ବନ୍ଧୁଜନ କରେ ପରିହାସ ।
କୃତଜ୍ଞ ହୃଦୟ ତା'ର କରେ ଉଚ୍ଚାରଣ :
'ଧନ୍ୟ ଦୁଃଖ, ଧନ୍ୟ ଏ ବେଦନା !'

ସୁନ୍ଦର ସୁଠାମ ଦେହ,
କେବଳ ତା' ମନ ଶକ୍ତିହୀନ
ଦୁର୍ବାର ଗଭୀର କେଉଁ ଆବେଗ-ସଂଯମେ,
ଅମୋଘ-ପ୍ରବୃତ୍ତି-ସ୍ରୋତ
ରୋଧିବା ଯେ ଅସାଧ୍ୟ ତାହାର ।
ସଂସାରର ସବୁଲୋକ
ସଦାଶୟ, ଭଲ ବୋଲି ଜାଣନ୍ତି ତାହାକୁ ।
ପରମ ନିଶ୍ଚିନ୍ତ ଥିଲା ଆପଣାକୁ ନେଇ ।

ଦୂରରୁ ସେ ଦେଖିଅଛି ସୃଷ୍ଟି—
ସଂସାର-ତରଙ୍ଗ ସହ ବୃଥା ଯୁଦ୍ଧେ ରତ
ନରନାରୀ ଯେତେ ।

ଦେଖୁ ଦେଖୁ ମନ, ମକ୍ଷିକାର ସମ
କେବଳ କ୍ଲେଦାକ୍ତ ଦେଖେ ସକଳ ସଂସାର,
ସବୁ ଗ୍ଲାନିମୟ ।
ତାହାପରେ କେତେବେଳେ ଯେବେ,
ସହସା ସୌଭାଗ୍ୟ-ସୂର୍ଯ୍ୟ ଦେଖା ଦେଲା ହସି,
ତାହା ସଙ୍ଗେ ଘଟିଗଲା ନିର୍ମମ ପତନ ।
ସେହି ତା'ର ଦୃଷ୍ଟି ଉନ୍ମୋଚନ ।

ବୁଝିଲା ସେ : ନିୟମ ଭାଙ୍ଗନ୍ତି ନାହିଁ
କେବେହେଲେ ତରୁ ଓ ପ୍ରସ୍ତର,
ତଥାପି ପ୍ରସ୍ତର ତରୁ ରହନ୍ତି ସେମାନେ ।
ନିୟମ-ବନ୍ଧନଠାରୁ ଊର୍ଦ୍ଧ୍ୱେ ଉଠି
ସଂଗ୍ରାମ-ସାଧନା ଦେଇ
ଭାଗ୍ୟକୁ ସେ କରିନେବ ଜୟ
ଏ ପରମ ଅଧିକାର ମନୁଷ୍ୟର ରହିଛି କେବଳ ।

ଚିତ୍ତର ଜଡ଼ତା ଘୁଞ୍ଚି ନବୀନ ଜୀବନ
ହେଲା ମୁକ୍ତ, ପ୍ରସାରିତ—
ସଂଗ୍ରାମ-ସମୁଦ୍ରପାରେ ଯେ ଅନନ୍ତ ଶାନ୍ତି ବିରାଜିତ
ତାହାର ଆଲୋକ-ରଶ୍ମି
ଉଦ୍ଭାସିଲା ଜୀବନର ଦିଗନ୍ତ-ରେଖାରେ ।
ପଶ୍ଚାତେ ରହିଛି ପଡ଼ି
ଅତୀତର ଅକୃତାର୍ଥ ନିଷ୍ଫଳ ଜୀବନ,
ତରୁ ଓ ପ୍ରସ୍ତର ସମ ଚେତନାବିହୀନ,
ଆଉ ଏକ ଦିଗେ ତା'ର ସ୍ଖଳନପତନ,
ଯାହା ଲାଗି ବର୍ଜ୍ଜନ କରିଛି ତାକୁ ସମସ୍ତ ସଂସାର ।
ତଥାପି ସେ ସାନନ୍ଦ ଅନ୍ତରେ
'ଧନ୍ୟ ମଣି ଏ ଅଧଃପତନ
ଘୋଷଣା କରିଲା ସିଏ : 'ଧନ୍ୟ ଏହି ପାପ !'

# ହେ ସ୍ୱପନ*

ଭଲ ମନ୍ଦ ଯାହା ପଛେ ହେଉ,
ସୁଖର ସୁସ୍ମିତ ହସ ଦେଖା ଦଏ ଯଦ,
ଅଥବା ଉଦ୍‌ବେଲ ହୁଏ ଦୁଃଖ-ପାରାବାର,
ସବୁର ଆପଣା ଅଂଶ ଅଛୁ ଅଭିନୟେ,
ହସ କା'ର କାନ୍ଦ କା'ର, ଯେବେଳେ ଯେପରି;
ରହିଛୁ ଆପଣା ସାଜ ପ୍ରତ୍ୟେକଙ୍କ ପାଇଁ—
ରୌଦ୍ର ଜଳେ ଆବର୍ତ୍ତିଣ ଗୃଳେ ବ୍ରୁଣ୍ୟାନ୍ତର ।

ହେ ସ୍ୱପନ ! ସାର୍ଥକ ସ୍ୱପନ !
ପାଶେ ଦୂରେ ପ୍ରସାରିତ କର ମାୟାଜାଲ,
ମସୃଣ କୋମଳ କର ତୀବ୍ର ରେଖା ଯେତେ,
ନମ୍ର କରିଦିଅ ତୁମେ ସବୁ ରୁକ୍ଷତାରେ ।
ତୁମର ମଟିରେ ଅଛୁ ସବୁ ଇନ୍ଦ୍ରଜାଲ ।

ତୁମର ପରଶେ
ପ୍ରାଣ-ସ୍ପନ୍ଦେ ହୁଲ୍ଲୋଳିତ
ଜାଗେ ମରୁଭୂମି,
ମଧୁର ସଙ୍ଗୀତେ ଭରେ
ଘନ-ଘୋର ଅଶନି-ଗର୍ଜନ,
ମୃତ୍ୟୁ ଅଣେ ମଧୁମୟ ମୁକ୍ତିର ଆସ୍ୱାଦ ।

* Thou Blessed Dream : ୧୯୦୦ ଅଗଷ୍ଟ ୧୭ ତାରିଖରେ ପ୍ୟାରିସ୍‌ରୁ ଭଗିନୀ କ୍ରିଷ୍ଟିନ୍‌ଙ୍କୁ ଲିଖିତ ।

# ଅକାଳରେ ଫୁଟିଥିବା ଫୁଲଟିଏ ପ୍ରତି*

ତୁଷାର-କଠିନ ମୃତ୍ତିକା ପଛେ ହୋଇଥାଉ ତୁମ ଶଯ୍ୟା,
ଆବରଣ ତବ ଶୀତାର୍ତ୍ତ ଝଞ୍ଜାର,

ଜୀବନର ପଥେ ନାହିଁ ବା ଜୁଟିଲ ବନ୍ଧୁଗଣର ହର୍ଷ,
ବ୍ୟର୍ଥ ତୁମର ସୌରଭ-ବିସ୍ତାର;

ପ୍ରେମ ଯଦି ହୁଏ ନିଜେ ହିଁ ବ୍ୟର୍ଥ ତଥାପି କି ଆସେ ଯାଏ
ନ ହୁଏ ବ୍ୟର୍ଥ ସୌରଭ-ସଞ୍ଚାର—

ଅକଲ୍ୟାଣର ଜୟ ହୁଏ ଯଦି, କଲ୍ୟାଣ ପରାଜିତ,
ପୁଣ୍ୟ ଉପରେ ପାପର ଅଭ୍ୟାସ୍ତର;

ତଥାପି ବିକଶି ରହ ପ୍ରଶାନ୍ତ, ପବିତ୍ର ମଧୁମୟ
ରହ ଅବିଚଳ ଆପଣାର ମହିମାରେ,

ଦିଅ, ଢାଳିଦିଅ ସ୍ନିଗ୍ଧ ଉଦାର ମଧୁସୌରଭ ତବ
ଚିର-ପ୍ରସନ୍ନ ଅଯାଚିତ କରୁଣାରେ ।

---

* To an Early Violet : ୧୮୯୬ ଜାନୁଆରି ୬ ତାରିଖରେ ନିଉୟର୍କରୁ ଜନୈକ ପାଶ୍ଚାତ୍ୟ ଶିଷ୍ୟଙ୍କୁ ଲିଖିତ ।

# କେ ଜାଣେ ମାଆର ଖେଳ !*

କେ ଜାଣେ—ହୁଏତ ତୁମେ କ୍ରାନ୍ତଦର୍ଶୀ ଋଷି !
ସାଧ୍ୟ କା'ର ସ୍ପର୍ଶ କରେ ସେ ଅତଳ ଗମ୍ଭୀର ଗହନ,
ଯେଉଁଠି ଗୋପନେ ରହେ ମାତୃ-ହସ୍ତେ ଅମୋଘ ଅଶନି !
ହୁଏତ ପଡ଼ିଛୁ ଧରି ଉତ୍ସୁକ କରୁଣନେତ୍ର ଶିଶୁର ଦୃଷ୍ଟିରେ,
ଦୃଶ୍ୟ ଆଡ଼୍ ଆଳେ କେଉଁ ଭୁଷ୍ୟାର ସଙ୍କେତ,
ମୁହୂର୍ତ୍ତେ ଯା' ହୋଇପାରେ ଦୁର୍ନିବାର ଘଟଣାପ୍ରବାହ ।
ଆସେ ତାହା କେବେ କେଉଁଠାରେ, କିଏ ଜାଣେ ମାତାଙ୍କ ବ୍ୟତୀତ !

ହୁଏତ ବା ଜ୍ଞାନଦୀପ୍ତ ମହାନ୍ ତାପସ,
କହୁଛନ୍ତି ସାମାନ୍ୟ ସେବକ,
ତହୁଁ ବେଶୀ ପାଇଛନ୍ତି ପ୍ରାଣେ ।
କିଏ ଜାଣେ କେତେବେଳେ
କା'ର ହୃଦ-ସିଂହାସନେ
ମାଆ ମୋର ପାତିବେ ଆସନ ।

ମୁକ୍ତିକୁ ବାନ୍ଧିବ କେଉଁ ନିୟମ-ଶୃଙ୍ଖଳେ
ତାଙ୍କ ଇଚ୍ଛା ଫେରାଇବ କେଉଁ ପୁଣ୍ୟବଳେ,
ସଂସାରର ଶ୍ରେଷ୍ଠ ବିଧି—ଖିଆଲ ତାଙ୍କର
ଇଚ୍ଛାମାତ୍ର ଅମୋଘ ବିଧାନ ।

ହୁଏତ ଶିଶୁର ଚକ୍ଷେ ଦିବ୍ୟଦୃଷ୍ଟି ଜାଗେ,
ପିତାର ହୃଦସ୍ଥ ଯାହା ଭାବନି ସ୍ୱପନେ,
ହୁଏତ ସହସ୍ର ଶକ୍ତି କନ୍ୟାର ଅନ୍ତରେ
ରଖିଛନ୍ତି ବିଶ୍ୱମାତା ଦେଇ ସଞ୍ଚୟ ।

* Who Knows How Mother Plays.

## ପିଆଲା*

ଏହି ନିଅ ତୁମ ପିଆଲା, ବତ୍ସ ! ପିଆଲା ତୁମରି ପାଇଁ
ଆଦିଯୁଗଠାରୁ ଉପଚିତ ଏ ଯେ, ଦେବାକୁ ଆସିଛି ଧାଇଁ ।
ନା ନା, ମୁଁ ତ ଜାଣେ ଭଲ କରି ଏ କାଳ ପାନୀୟ ମୋର
ତୁମରି ସ୍ୱକର-ମନ୍ଥିତ ସୁରା, ଉଦ୍‌ଭୂତ ଆଖି-ନୀର;
ଅତୀତ କାଳର ଶତ ଅପରାଧ ବାସନାର ମୋହ ଶତ,
ଜାଣେ ମୁହିଁ, ଭଲ କରି ଜାଣେ ମୁହିଁ ଶରୀର ସୁଦୂରାହତ ।
ମହାଦୁର୍ଗମ, ଭୀମ ପଥ ବାହି ପଥିକ ଚାଲିଛ ତୁମେ
ମୋହରି ରଚନା ଶିଳା ଦୁର୍ବାର—ତୁମରି ପ୍ରସ୍ଥାଣ-ଭୂମେ ।
ବିରାମବିହୀନ ଏହି ପଥ ତବ, ଅପର ସେ ପଥ ଦେଇ,
ସଖା ସେ ତୁମର ଆସିବେ ଯେ ଚାଲି ରମଣୀୟ ରୂପ ନେଇ ।
ତୁମରି ପରି ତ ସେହି ଏକଦିନ ଏହି ଚୁକୁଟାରେ ମୋର
ଅଚିରେ ଲଭିବେ ପରମ ସେ ସୁଖ; ପଥ ତେଣୁ ଏହି ତୋର ।
ଶିରେ ଧର ଆଜ କରମର ଭାର, ଦୁଃସହ ସବିଶେଷ,
ନିଠୁର କଠୋର ଏହି କର୍ମ ତୋର, ଅପରର ନୁହେଁ ଲେଶ ।
ମୋହର ସୃଷ୍ଟି ମଝିରେ ଅଛି ରେ ଏହା ପାଇଁ ବଡ଼ ସ୍ଥାନ,
ଏହା ସ୍ୱୀକୃତ ପୁଣି ଯଥାଯଥ ଦେବି ତାକୁ ମୁହିଁ ମାନ ।
ବିଧାନ ତୁମର ଏହା ହିଁ ବତ୍ସ, ଜ୍ଞାନରେ ନ ହିଏ ଧରା
ଆଖି ବୁଜି ଖାଲି, ଶୁଣ ମୋର କଥା, ଆଖି ବୁଜି ଦେଖ ହିରା ।

## ଜାଗ୍ରତ ଦେବତା**

ସେହି ଏକ ବିରାଜିତ ଅନ୍ତରେ ବାହାରେ,
ସବୁରି ହାତରେ ସିଏ କରନ୍ତି ତାଙ୍କର କାମ,
ଯେତେ ପଥ ଚାଲେ ପଦ, ସବୁ ତାଙ୍କ ଚାଲି,
ତୁମେମାନେ ସବୁ ତାଙ୍କ ଦେହ,
କର ତାଙ୍କ ଉପାସନା,
ଭାଙ୍ଗିଦିଅ ଆଉସବୁ ପିତୁଳା ପ୍ରତିମା ।

---

* The Cup

** The Living God : ୧୮୯୭ ଜୁଲାଇ ୯ ତାରିଖରେ ଅଲମୋଡ଼ାରୁ ମେରି ହେଲଙ୍କୁ ଲିଖିତ ।

ମହା-ମହିମାନ୍ ଯେହୁ, ହୀନଠାରୁ ହୀନ,
ଏକାଧାରେ ଯିଏ ଏହି କୀଟ ଓ ଦେବତା,
ପାପୀ ପୁଣ୍ୟବାନ୍,
ଦୃଶ୍ୟମାନ, ଜ୍ଞାନଗମ୍ୟ, ସର୍ବବ୍ୟାପୀ, ପ୍ରତ୍ୟକ୍ଷ ମହାନ୍
କର ତାଙ୍କ ଉପାସନା,
ଭାଙ୍ଗିଦିଅ ଆଉସବୁ ପିତୁଳା ପ୍ରତିମା ।

ଅତୀତ ଜୀବନଧାରା ନାହିଁ ତାଙ୍କ ମଧ୍ୟେ,
ଅଥବା ଆଗାମୀ କେଉଁ ଜନମ ମରଣ,
ନିଶ୍ଚିତ ଥିଲୁ ତ ଆମେ ତାଙ୍କଠି ବିଲୀନ,
ଚିରକାଳ ଏକ ହୋଇ ଥିବୁ ତାଙ୍କ ବୁକେ ।
କର ତାଙ୍କ ଉପାସନା,
ଭାଙ୍ଗିଦିଅ ଆଉସବୁ ପିତୁଳା ପ୍ରତିମା ।

ଆରେ ମୂର୍ଖଦଳ !
ଜୀବନ୍ତ ଦେବତା ଠେଲି,
କର ଅବହେଳା,
ଅନନ୍ତ ପ୍ରକାଶ ତାଙ୍କ ଏ ଭୁବନମୟ,
ଚାଲିଅଛ ଛୁଟି ମିଥ୍ୟା ମାୟାର ପଶ୍ଚାତେ,
ବୃଥା ଦ୍ୱନ୍ଦ୍ୱ କଳହର ସଗେ—
କର ତାଙ୍କ ଉପାସନା, ଏକମାତ୍ର ପ୍ରତ୍ୟକ୍ଷ-ଦେବତା,
ଭାଙ୍ଗି ଦିଅ ଆଉସବୁ ପିତୁଳା ପ୍ରତିମା ।

## ଆଲୋକ*

ସମ୍ମୁଖେ ପଶ୍ଚାତେ ଚାହିଁ ଦେଖେ—
ସବୁ ଠିକ୍, ସମସ୍ତ ସାର୍ଥକ ।
ବେଦନାର ଗର୍ଭରେ ମୋହର
ଜଳେ ଏକ ଚିନ୍ମୟ ଆଲୋକ ।

* Light : ୧୯୦୦, ୨୬ ଡିସେମ୍ବରରେ ମ୍ୟାକ୍‌ଲଉଡ୍‌ଙ୍କୁ ଲିଖିତ ।

## ଶାନ୍ତିରେ ବିଶ୍ରାମ ହେଉ ତାର*

ଚାଲ ଆତ୍ମା, ଶୀଘ୍ରଗତି, ତାରକା-ଖଚିତ ତବ ପଥେ,
ଧାଅଁ ହେ ଆନନ୍ଦମୟ, ଯହିଁ ନାହିଁ ବାନ୍ଧେ ମନୋରଥେ;
ଦେଶକାଳ ଦୃଷ୍ଟିପଥ ଯହିଁ ନାହିଁ କରେ ଆବରଣ,
ଚିରଶାନ୍ତି ଆଶୀର୍ବାଦ ଯହିଁ କରେ ତୁମକୁ ବରଣ !
ସାର୍ଥକ ତୁମର ସେବା, ପରିପୂର୍ଣ୍ଣ ତବ ଆତ୍ମଦାନ,
ଅପାର୍ଥିବ ପ୍ରେମପୂର୍ଣ୍ଣ ହୃଦୟରେ ହେଉ ତବ ସ୍ଥାନ;
ମଧୁମୟ ତବ ସ୍ମୃତି ଦେଶକାଳ ଦେଇଛି ମିଳାଇ,
ବେଦୀତଳେ ପୁଷ୍ପସମ ରଖିଗଲ ସୌରଭ ବିଛାଇ ।

ତୁଟିଛି ବନ୍ଧନ ତବ ପାଇଛ ସେ ଆନନ୍ଦ-ସନ୍ଧାନ,
ଜନ୍ମମୃତ୍ୟୁରୂପେ ଯିଏ, ସାଥେ ତା'ର ହେଲ ଏକ ପ୍ରାଣ,
ଚିର ସ୍ୱାର୍ଥତ୍ୟାଗୀ ତୁମେ ଏ ଧରାରେ ଥିଲ ଯେ ସହାୟ,
ଆଗେ ଚାଲ, ସଂସାର-ସଂଗ୍ରାମେ ଅଣିଦିଅ ପ୍ରୀତିର ସହାୟ ।

## ଆଶୀର୍ବାଦ**

ବୀରର ସଂକଳ୍ପ ଏବଂ ମାତାର ହୃଦୟ
ଦକ୍ଷିଣର ସମୀରଣ-ମୃଦୁ ମଧୁମୟ,
ଆର୍ଯ୍ୟବେଦୀ ପରେ ଦୀପ୍ତ ମୁକ୍ତ ହୋମାନଳେ
ଯେ ପୁଣ୍ୟ ସୌନ୍ଦର୍ଯ୍ୟ ତଥା ଯେ ଶୌର୍ଯ୍ୟ ବିରାଜେ—
ସମସ୍ତ ତୁମର ହେଉ, ପୁଣି ଅଉ କିଛି
ସ୍ୱପ୍ନେ ମଧ୍ୟ ଭାବି ନାହିଁ ଅତୀତେ ଯା' କେହି ।

ଭାରତର ଭବିଷ୍ୟତ ସନ୍ତାନର ଲାଗି
ତୁମେ ହୁଅ ବନ୍ଧୁ, ଦାସୀ, ଗୁରୁ—ଏକାଧାରେ ।

---

* Requiescat in Pace : ୧୮୯୮, ଅଗଷ୍ଟ ମାସରେ ସ୍ୱାମୀଜୀଙ୍କ ଶିଷ୍ୟ ଗୁଡ଼ଉଇନ୍‌ଙ୍କର ମୃତ୍ୟୁ ଉପଲକ୍ଷେ ରଚିତ ଓ ଶୋକାର୍ତ୍ତା ଜନନୀଙ୍କ ନିକଟକୁ ପ୍ରେରିତ ।

** A Benediction : ୧୯୦୦ ମସିହା ସେପ୍ଟେମ୍ବର ୨୨ ତାରିଖରେ ଭଗିନୀ ନିବେଦିତାଙ୍କୁ ଲିଖିତ ।

## ମୁକ୍ତି*

ଏହି ଦେଖ, ଯାଏ ଯେ ମିଳାଇ କୃଷ୍ଣ ମେଘପୁଞ୍ଜ ଯେତେ
ନିଶା ଅନ୍ଧକାରେ କରି ଘନତର ଧରଣୀ ଉପରେ
ପ୍ରକ୍ଷୁବ୍ଧ ଥିଲେ ସେହିମାନେ, ଅବସନ୍ନ ବିଷାଦ କାଳିମା !
ତୁମରି ମୋହନ-ସ୍ପର୍ଶେ ଜଗତ ଯେ ଜାଗିଉଠେ ଏହି !
ପକ୍ଷୀକୁଳ ଧରେ ତାନ,—ଫୁଲଦଳ ଟେକି ଧରେ ତା'ର
ଶିଶିର-ଖଚିତ ଶତ ତାରାର ମୁକୁଟ; ସୁ-ସ୍ୱାଗତ
ଜଣାନ୍ତି ତୁମକୁ ସେହିମାନେ ଝୁଲି ଝୁଲି । ସରୋବର
ପ୍ରେମଭରେ ମେଲିଅଛି ଶତ ଶତ ଶତଦଳ-ଆଖି--
ତୁମକୁ ବରିବା ପାଇଁ, ତା'ର ସାରା ଗଭୀରତା ଦେଇ ।
ଆସ, ଆସ, ଆସ ତୁମେ, ଆଲୋକର ଅହେ ଅଧିରାଜ !
ତୁମରି ଲାଗି ତ ଆଜ ଅନ୍ତରର ସ୍ୱାଗତ ଆହ୍ୱାନ !
ଆହେ ସୂର୍ଯ୍ୟ, ଆଜି ତୁମେ ବାଣ୍ଟୁଅଛ ମୁକ୍ତି ଦିଗେ ଦିଗେ !
ଭାବି ଦେଖ, କି ଭାବେ ପୃଥିବୀ ଥିଲା ଯେ ପ୍ରତୀକ୍ଷାରତ
କେତେ କାଳ; ତୁମରି ସନ୍ଧାନେ ପ୍ରତିଦେଶେ ପ୍ରତିଯୁଗେ
କେତେ ନ ଛାଡ଼ିଲେ ଗୃହ, କେତେ ପ୍ରିୟ ପରିଜନ ପ୍ରୀତି
ସେମାନେ ତୁମରି ଲାଗି ଚାଲିଛନ୍ତି ଆତ୍ମ-ନିର୍ବାସିତ
ଭୟଙ୍କର ସାଗର ବିଦାରି,— ଆଦିମ ବନାନୀ ମଧ୍ୟେ;
ପ୍ରତି ପଦକ୍ଷେପେ ତା'ର ଦିଏ ତାଳ ଜୀବନ ମରଣ ।
ତା'ପରେ ଆସିଲା ଦିନ—ସଫଳ ଉଠିଲା ଯେବେ
ସକଳ ସାଧନା କର୍ମ ପୂଜା ପ୍ରେମ ଆତ୍ମ-ବଳିଦାନ—
ଗ୍ରହଣ କରିଲ ଆସି—ସବୁ ହେଲା—ସମ୍ପୂର୍ଣ୍ଣ ସାର୍ଥକ !
ସେବେଳେ ଉଠିଲ ତୁମେ—ହେ ପ୍ରସନ୍ନ, ବାଣ୍ଟିବା ସକାଶେ
ମୁକ୍ତିର ଅଲୋକ ଶୁଭ୍ର—ସାରା ବିଶ୍ୱ-ମାନବ ଉପରେ ।
ଚାଲ ପ୍ରଭୁ, ଚାଲ ତବ ବାଧାହୀନ ପଥେ ଯେତେଦିନ—
ଯେତେଦିନ ସେହି ତବ ମଧ୍ୟାହ୍ନର ପ୍ରଖର ପ୍ରଭାରେ
ପ୍ଲାବିତ ନ ହୁଏ ବିଶ୍ୱ, ପୃଥିବୀର ପ୍ରତି ଦେଶେ ଦେଶେ
ସେ ଆଲୋକ ନ ହୁଏ ଫଳିତ, ଯେତେଦିନ ନରନାରୀ
ଟେକି ଉଚ୍ଚ ଶିର—ନ ଦେଖନ୍ତି ତୁଟିଛି ଶୃଙ୍ଖଳଭାର,—
ନ ଜାଣେ ଶିହରିଣ ଆନନ୍ଦେ ସେମାନଙ୍କ ନୂତନ ଜୀବନ ।

* To the Fourth of July : ଆମେରିକାର ସ୍ୱାଧୀନତା ଦିବସ ଉପଲକ୍ଷେ ୧୮୯୮, ଜୁଲାଇ ୪ ତାରିଖ କାଶ୍ମୀରରେ ରଚିତ ।

## ଶାନ୍ତି*

ଦେଖ, ଦେଖ—ଆସେ ମହାବେଗେ
ମହାଶକ୍ତି, ଯାହା ଶକ୍ତି ନୁହେଁ—
ଅନ୍ଧକାରେ ଆଲୋକ-ସ୍ୱରୂପ
ତୀବ୍ରାଲୋକେ ଛାୟାର ଆଭାସ
ଆନନ୍ଦ ଯା ହୋଇନି ପ୍ରକାଶ,
ଅବେଦିତ ଦୁଃଖ ସୁଗଭୀର,
ଅଯାପିତ ଅମୃତ-ଜୀବନ—
ଅଶୋଚିତ ମୃତ୍ୟୁ ସନାତନ ।

ଦୁଃଖ ନୁହେଁ, ଆନନ୍ଦ ବି ନୁହେଁ
ମଧ୍ୟେ ତା'ର ବୋଧହୁଏ ତାହା,
ରାତ୍ରି ନୁହେଁ, ଉଷା ମଧ୍ୟ ନୁହେଁ—
ଉଭୟର ମଧ୍ୟେ ମିଶି ରହେ ।

ସଙ୍ଗୀତର ମଧ୍ୟେ ମଧୁ ସମ—
ସୁପବିତ୍ର ଛନ୍ଦ ମଧ୍ୟେ ଯତି,
ନୀରବତା କଥାର ଅନ୍ତରେ,
ଦୁଇ ଶବ୍ଦ ତାଡ଼ନା ମଝିରେ
ହୃଦୟର ଶାନ୍ତ ଭାବ ସେ ଯେ !
ଅଦେଖା ସେ ସୌନ୍ଦର୍ଯ୍ୟ-ସମ୍ଭାର,
ସେ ଯେ ପ୍ରେମ ଏକାକୀ ଅଦ୍ୱୟ,
ଅଗୀତ ସେ କାଶେ ମହାଗାନ—
ଅଜଣା ସେ ପରିପୂର୍ଣ୍ଣ ଜ୍ଞାନ !

ମୃତ୍ୟୁ ଦୁଇ ଜୀବନ ମଝିରେ,
ସ୍ତବ୍ଧତା ସେ ଝଞ୍ଜାଦ୍ୱୟ ମଧ୍ୟେ,
ମହାଶୂନ୍ୟ—ଯହିଁରୁ ସୃଜନ—
ଯେଉଁଠାକୁ ଆସେ ପୁଣି ଫେରି ।

ଏଥିଲାଗି ଝରେ ଆଖିଜଳ
ସାରି ବର୍ଷେ ହସ ବାଣ୍ଟିବାରେ,
ଏ ଯେ ଶାନ୍ତି—ଲକ୍ଷ୍ୟ ଜୀବନର
—ଏକମାତ୍ର ନିଶ୍ଚିନ୍ତ ଆଶ୍ରୟ ।

* Peace : ୧୮୯୯ ମସିହା ରିଜ୍‌ଲି ମ୍ୟାନର୍, ନ୍ୟୁୟର୍କରେ ରଚିତ ।

# ଜୀବନ୍ମୁକ୍ତର ଗୀତ*

ବନ୍ଧାରେ ବଶାଳ ଫଣା ଦଳିତା ଫଣିନୀ;
ପ୍ରଜ୍ୱଳିତ ହୁତାଶନ ଯଥା ସଞ୍ଚାଳନେ,
ଶୂନ୍ୟ ବ୍ୟୋମପଥେ ଯଥା ଉଠେ ପ୍ରତିଧ୍ୱନି
ମର୍ମାହତ କେଶରୀର କୁପିତ ଗର୍ଜନେ ।

ପ୍ଲାବନର ଧାରା ଢାଳେ ଯଥା ମହାଘନ,
ଦାମିନୀ ଚମକେ ତା'ର ହୃଦ ବିଦାରଣ,
ଆତ୍ମାର ଗଭୀର ଦେଶେ କରିଲେ ସ୍ପନ୍ଦନ,
ମହାପ୍ରାଣ ଉଚ୍ଚତତ୍ତ୍ୱ ହୁଏ ପ୍ରକାଶିତ ।

ସ୍ତିମିତ ହେଉ ରେ ନେତ୍ର, ଅନ୍ତର ମୂର୍ଚ୍ଛିତ,
ବିଫଳ ବନ୍ଧୁତ୍ୱ—ପ୍ରେମ ପ୍ରତାରଣା ହେଉ,
ନିଯୁତ ପଠାଉ ତା'ର କ୍ଷତ ଅଗଣିତ
ପୁଞ୍ଜୀକୃତ ଅନ୍ଧକାରେ ପଥ ରୁଦ୍ଧ ହେଉ ।

ରୌଦ୍ର-ଦୀପ୍ତ ମୂର୍ତ୍ତି ଧରି ଆସୁ ରେ ଜଗତ
ଚୂରିବାକୁ ତୋତେ—ତେବେ ଜାଣ ହେ ନିଶ୍ଚୟ,
ହେ ଆତ୍ମା, ତୁମେ ହିଁ ଦେବ, ତୁମେ ସେ ମହତ,
ମୁକ୍ତି ହିଁ ଗନ୍ତବ୍ୟ ତବ—ଅନ୍ୟ ଗତି ନୁହେଁ ।

ନୁହେଁ ମୁହିଁ ସ୍ୱର୍ଗବାସୀ—ନର, ପଶୁ ନୁହେଁ,
ପୁରୁଷ କି ନାରୀ ନୁହେଁ, ନୁହେଁ ଦେହ ମନ,
ସ୍ତମ୍ଭିତ ନିର୍ବାକ୍ ଯେତେ ଜ୍ଞାନଗ୍ରନ୍ଥଚୟ
ସ୍ୱରୂପ ମୋ ବର୍ଣ୍ଣିବାକୁ—ମୁହିଁ ସେ, 'ସୋଽହମ୍' ।

* Song of the Free : ୧୮୯୫ ଫେବୃୟାରୀ ୧୫ ତାରିଖରେ ନିୟୁୟର୍କରୁ ମେରୀ ହେଲ୍‌ଙ୍କୁ ଲିଖିତ ।

ସୂର୍ଯ୍ୟ, ସୋମ, ବସୁନ୍ଧରା ଜନ୍ମି ନାହିଁ ଯେବେ,
ତାରାଦଲ ଧୂମକେତୁ ଜନ୍ମି ନାହିଁ ପୁଣି,
କାଳର ଉଦ୍‌ଭବ ଯେବେ ହୋଇନି ଏ ଭବେ,
ଥିଲି ମୁହିଁ, ଅଛି ପୁଣି, ରହିବି ଏପରି ।

ମେଦିନୀ ସୁଷମାମୟୀ, ଭାସ୍କର ତପନ,
ଏହି ଶାନ୍ତ ସୁଧାକର, ଉଜ୍ଜ୍ୱଳ ଆକାଶ
ଯାହାର ଅଧୀନେ କରେ ଗମନାଗମନ,
ଜୀବନ ତାଙ୍କର ବନ୍ଧ, ବନ୍ଧନେ ବିନାଶ ।

ବିଶ୍ୱ-ମନ ବିସ୍ତାରଣ ଅନନ୍ତର ଜାଲ
ଧରିଅଛି ତାଙ୍କୁ ରଖି ଦୃଢ଼ବନ୍ଧ କରି,
ସ୍ୱର୍ଗ ଓ ନରକ, ଧରା—ମନ୍ଦ ପୁଣି ଭଲ
ସେ ଚିନ୍ତା-ଲହରୀ ମଧ୍ୟେ ନିତ୍ୟ ଉଠେ ପଡ଼େ ।

ଦେଶ ପୁଣି କାଳ, ପୁଣି କାର୍ଯ୍ୟ ଓ କାରଣ,
ଏ ସକଳ ହୁଏ ମାତ୍ର ବହିରାବରଣ !
ଇନ୍ଦ୍ରିୟ-ମନର ପାରେ ମୋର ଅବସ୍ଥାନ ।
ମୁଁ ଯେ ଦ୍ରଷ୍ଟା ଏ ବିଶ୍ୱର—ସାକ୍ଷୀ ସେ ମହାନ୍ !

ନୁହେଁ ଦ୍ୱୈତ, ନୁହେଁ ବହୁ—ଅଦ୍ୱୈତର ଭୂମି,
ଏକତ୍ୱେ ମିଳିତ ତେଣୁ ସମସ୍ତେ ମୋ ସାଥେ ।
ଭେଦ ଘୃଣା ନାହିଁ ମୋର, ନୁହେଁ ଭିନ୍ନ ମୁହିଁ,
ଥାଏ ମୁହିଁ ମଗ୍ନ ସଦା ପ୍ରେମର ଚିନ୍ତାରେ ।

ଭାଙ୍ଗି ମାୟା ମୁକ୍ତ ହୁଅ ସଂସାର-ବନ୍ଧନୁ,
ଭୀତ ହୁଅ ନାହିଁ—ବୁଝ ରହସ୍ୟ ପରମ !
ନିଜ ପ୍ରତିବିମ୍ବ ମୋତେ ନ ପାରେ ଡରାଇ,
ଜାଣ ସୁନିଶ୍ଚୟ—ମୁହିଁ ସେହି, 'ସୋଽହଂ', 'ସୋଽହଂ' ।

# ମୋ ନିଜ ଆତ୍ମାକୁ*

ଧରିଥାଅ ଆଉ କିଛିକାଳ, ଅଟଳ ହୃଦୟ,
ଛିନ୍ନ କର ନାହିଁ ଏହି ଆଜନ୍ମ ବନ୍ଧନ,
ଯଦିଓ ଅସ୍ପଷ୍ଟ କ୍ଷୀଣ ଏହି ବର୍ତ୍ତମାନ—ଭବିଷ୍ୟତ ଘନତମୋମୟ !

ଯୁଗ ଏକ ବିତିଛି ଯେପରି—ତୁମେ ଆଉ ମୁହିଁ ମିଶି
ଯାତ୍ରାରମ୍ଭ କରିଥିଲୁ—ଜୀବନର ଉଚ୍ଚ-ନୀଚ ପଥେ,
ଅପୂର୍ବ ସମୁଦ୍ରେ କେବେ ଭାସି ଯାଉଁ ଶାନ୍ତ ଧୀର ପାଲେ
ମୁଁ ମୋର ନିକଟେ ଯେତେ, ତା'ଠାରୁ ନିକଟତର ତୁମେ ମଧ୍ୟେ ମଧ୍ୟେ,
ମନର ତରଙ୍ଗଟିଏ ଉଠିବା ଆଗରୁ ପ୍ରକାଶିତ କରିଅଛ ତୁମେ !

ଅବିକଳ ପ୍ରତିଭାସ ! ତୁମର ସ୍ପନ୍ଦନ ମିଶେ ମୋହର ସାଥିରେ
ସୂକ୍ଷ୍ମତମ ଚିନ୍ତା, ମାତ୍ର ପୂର୍ଣ୍ଣରୂପେ ଧ୍ୱନିତ ତୁମଠି ।
ହେ ସଂସ୍କାର-ଲିପିକାର ! ଏକ୍ଷଣି କି ଦୁହିଁଙ୍କର ବିଦାୟ ସମୟ ?

ତୁମଠାରେ ରହିଅଛି ବନ୍ଧୁତ୍ୱ, ବିଶ୍ୱାସ,
ଅଶୁଭ ବାସନା ଯେବେ ହୁଏ ତରଙ୍ଗିତ, ସତର୍କ କରିଛ ତୁମେ,
ସାବଧାନ-ବାଣୀ ତବ ହେଳାରେ ଦେଇଛି ଫିଙ୍ଗି,
ତଥାପି ତୁମେ ହିଁ ମୋର ସତ୍ୟ ଶୁଭ ଶକ୍ତି—ପୂର୍ବପରି !

---

* To My Own Soul : ରଚନାର ସ୍ଥାନ ଓ କାଳ ଅଜ୍ଞାତ ।

# ଆମନ୍ତ୍ରଣ*

କି ହେଉ ବେଦନ ସଖା ! ସର୍ବଶକ୍ତି ନିହିତ ତ ତୁମର ଅନ୍ତରେ !
ଜ୍ଞାନ-ବୀର୍ଯ୍ୟ-ପ୍ରଦ ସେହି ନିଜ ଦିବ୍ୟ ସ୍ୱରୂପରେ କର ଉଦ୍‌ବୋଧିତ—
ଯାହା ଅଛି ତ୍ରିଲୋକରେ ସବୁ ତୁମ ପାଦମୂଳେ ଆସିବ ସେ କାଳେ !
ଆତ୍ମାର ଶକ୍ତି ହିଁ ହୁଏ ଚିରଜୟୀ—ଜଡ଼ଶକ୍ତି ନୁହେଁ କଦାଚନ ।

ଉପାଡ଼ିବ ତ୍ରିଭୁବନ, ତାରକାକୁ ଖାଇବ ଚୋବାଇ କରି ଅଟ୍ଟହାସ୍ୟ;
ନ ଜାଣ କି କିଏ ଆମେ ? ବୀର ଗତଭୟ ଆମେ ରାମକୃଷ୍ଣ-ଦାସ ।

ଦେହକୁ ହିଁ 'ମୁଁ' ଭାବେ—ନାସ୍ତିକ୍ୟ ଏହାର ନାମ—ଯିଏ ଅନୁକ୍ଷଣ
'କ୍ଷୀଣ ଆମେ, ଦୀନ ଆମେ' କହି କରିଥାନ୍ତି କରୁଣ କ୍ରନ୍ଦନ ।
ରାମକୃଷ୍ଣ-ଦାସ ଆମେ—[ଦେହାତୀତ ଅବିକାରୀ ଅମୃତ ଅଭୟ
ସତ୍ତ୍ୱକୁ ହିଁ 'ମୁଁ' ଜାଣେ] ଅଭୟପଦରେ ସ୍ଥିତ ହୋଇଅଛୁ ଯେବେ—
ଆସ୍ତିକ୍ୟ ଏହାର ନାମ ହୋଇଅଛୁ ଆମେ ସବୁ ବୀର, ଗତଭୟ ।

ସଂସାର-ଆସକ୍ତି ତେଜି, ତେଜି ସର୍ବ-ଦ୍ୱନ୍ଦ୍ୱ-ମୂଳ ସ୍ୱାର୍ଥପରତାରେ,
ପରାମୃତ ପାନ କରି, ଧ୍ୟାନ କରି ସର୍ବବିଧ କଲ୍ୟାଣ-ନିଳୟ
ଶ୍ରୀଗୁରୁଚରଣାମ୍ବୁଜ, ଧରାବାସୀ ସମସ୍ତଙ୍କୁ କରୁ ନମସ୍କାର,
ଅମୃତର ପୂର୍ଣ୍ଣପାତ୍ରେ ପାନ ଲାଗି ଆମନ୍ତ୍ରଣ କରୁ ବାରମ୍ବାର—
ପୂର୍ଣ୍ଣ ସେହି ପାତ୍ର ଗୋଟି
ଅନାଦି-ଅନନ୍ତ-ବେଦ-ପ୍ରୟୋଧି-ମନ୍ଥନ-ଲବ୍ଧ ଅତୁଳନ ଧନେ,
ଯା'ଙ୍କୁ ଶକ୍ତି କରିଲେ ପ୍ରଦାନ
ପ୍ରଜାପତି ନାରାୟଣ ମହେଶାଦି ଶକ୍ତିମାନ୍ ସର୍ବ ଦେବଗଣେ,
ପରିପୂର୍ଣ୍ଣ ଯାହା ସର୍ବ-ଅବତାର-ପ୍ରାଣସାରେ—
ପୂର୍ଣ୍ଣ ଯାହା ସକଳର ମିଳିତ ସତ୍ତ୍ୱରେ—
ସେ ଅମୃତ-ପୂର୍ଣ୍ଣପାତ୍ର ଧରିଣ ମାନବଦେହ
ରାମକୃଷ୍ଣ-ରୂପ ନେଇ ଆସିଛି ଧରାରେ ।

---

* ସ୍ୱାମୀ ରାମକୃଷ୍ଣାନନ୍ଦଙ୍କୁ ୨୫-୯-୧୮୯୪ ତାରିଖରେ ଲିଖିତ ପତ୍ର ମଧ୍ୟରେ ସ୍ୱାମୀଜୀଙ୍କର ସଂସ୍କୃତ ରଚନାର ଅନୁବାଦ ।

# ତଥ୍ୟପଞ୍ଜୀ

[ ପତ୍ରାବଳୀର ତଥ୍ୟପଞ୍ଜୀ ୮ମ ଖଣ୍ଡରେ ଦ୍ରଷ୍ଟବ୍ୟ ]

## ସନ୍ନ୍ୟାସୀର ଗୀତ : Song of the Sannyasin

ପୃଷ୍ଠା ୩୮୭ ୧୮୯୫ ଖ୍ରୀଷ୍ଟାବ୍ଦ ଗ୍ରୀଷ୍ମଋତୁରେ (୧୮ ଜୁନରୁ ୭ ଅଗଷ୍ଟ, ସାତ ସପ୍ତାହ) ସେଣ୍ଟ ଲରେନ୍ସ ନଦୀବକ୍ଷରେ Thousand Island Park-ରେ (ସହସ୍ର ଦ୍ୱୀପୋଦ୍ୟାନରେ) ରହିବା ସମୟରେ ସେହି ଆଶ୍ରମସଦୃଶ ନିର୍ଜନ ସ୍ଥାନରେ ସମବେତ ଶିଷ୍ୟବୃନ୍ଦଙ୍କୁ ସ୍ୱାମୀଜୀ ଯେଉଁସବୁ ପ୍ରେରଣାଦୀପ୍ତ ଉପଦେଶ ଦେଇଥିଲେ, ତାହା ହିଁ ପରବର୍ତ୍ତୀ କାଳରେ 'ଦେବବାଣୀ' (Inspired Talks) ନାମରେ ପ୍ରକାଶିତ ହୁଏ । ଏହି ସମୟରେ ହିଁ ଦିନେ ଅପରାହ୍ଣରେ ତ୍ୟାଗର ମହିମା ଓ ଗୈରିକର ଅନ୍ତର୍ନିହିତ ଆନନ୍ଦ ଓ ସ୍ୱାଧୀନତା କଥା କହୁ କହୁ ସେ ହଠାତ୍ ଉଠି ନିଜ ଘରକୁ ଚାଲିଗଲେ ଏବଂ କିଛି ସମୟ ପରେ ଏହି କବିତାଟି ଲେଖି ଆଣି ଶିଷ୍ୟମାନଙ୍କ ନିକଟରେ ପାଠ କଲେ । ବେଦାନ୍ତୋକ୍ତ ସାଧନାର ଏବଂ ଜୀବନ୍ମୁକ୍ତିର କଥା ଏଠାରେ ଅପୂର୍ବ ବ୍ୟଞ୍ଜନାରେ ଅଭିବ୍ୟକ୍ତ । 'ବ୍ରହ୍ମବାଦିନ୍' ପତ୍ରିକାର ଦ୍ୱିତୀୟ ସଂଖ୍ୟାରେ (ସେପ୍ଟେମ୍ବର, ୧୮୯୫) କବିତାଟି ପ୍ରଥମ ପ୍ରକାଶିତ ହୁଏ ।

## ପ୍ରବୁଦ୍ଧ ଭାରତ ପ୍ରତି : To the Awakened India

୩୯୨ ୧୮୯୮ ଖ୍ରୀଷ୍ଟାବ୍ଦରେ ଶ୍ରୀନଗରରେ ଅବସ୍ଥାନ କାଳରେ ସ୍ୱାମୀଜୀ ପ୍ରତିଦିନ ସ୍ୱାମୀ ସ୍ୱରୂପାନନ୍ଦଙ୍କର ନବ-ସମ୍ପାଦକତ୍ୱରେ ମାୟାବତୀଠାରୁ ଶୀଘ୍ର ପ୍ରକାଶୋନ୍ମୁଖ 'ପ୍ରବୁଦ୍ଧଭାରତ' ପତ୍ରିକାର ପ୍ରଥମ ସଂଖ୍ୟାଟି ସମ୍ବନ୍ଧରେ ଆଲୋଚନା କରୁଥିଲେ । ଦିନେ ଅପରାହ୍ଣରେ ନିବେଦିତା ପ୍ରଭୃତି ବସିଛନ୍ତି, ସେହି ସମୟରେ ସ୍ୱାମୀଜୀ ଖଣ୍ଡିଏ କାଗଜ ଟୁକୁରା ହାତରେ ଧରି ଆସି କହିଲେ, 'ଗୋଟିଏ ଚିଠି ଲେଖିବାକୁ ଯାଇ ଏହିପରି ହେଲା' । ସେହି ରୂପାନ୍ତରିତ ପତ୍ରଟି ହେଲା 'To the Awakened India' କବିତା ।

## ମାତୃରୂପା ମହାକାଳୀ : Kali, the Mother

୩୯୪ ଭଗିନୀ ନିବେଦିତାଙ୍କର 'ସ୍ୱାମୀଜୀଙ୍କୁ ଯେପରି ଦେଖିଛି' ଗ୍ରନ୍ଥର 'କ୍ଷୀରଭବାନୀ' ଅଧ୍ୟାୟ ଦ୍ରଷ୍ଟବ୍ୟ । ଅମରନାଥ ଦର୍ଶନ ପରଠାରୁ ସ୍ୱାମୀଜୀଙ୍କ ଭାବଜଗତରେ ଜଗନ୍ମାତାଙ୍କର ଅନୁଧ୍ୟାନ ଚାଲିଥିଲା । ଆଲୋଚ୍ୟ କବିତାଟି କ୍ଷୀରଭବାନୀ-ଯାତ୍ରା ପୂର୍ବରୁ ରଚିତ । କଥାପ୍ରସଙ୍ଗରେ ସ୍ୱାମୀଜୀ ଦିନେ କହିଲେ—ତାଙ୍କ ମସ୍ତିଷ୍କ କେତେଗୁଡ଼ିଏ ଭାବରେ ଆଚ୍ଛନ୍ନ ରହିଛି, ସେଗୁଡ଼ିକ ଲିପିବଦ୍ଧ ନ କରିବାଯାଏ ସେ ସ୍ୱସ୍ତି ପାଉ ନାହାନ୍ତି । ସେହିଦିନ ସନ୍ଧ୍ୟାରେ ଭ୍ରମଣରୁ ଫେରିଆସି ନିବେଦିତା

ପୃଷ୍ଠା

ଓ ତାଙ୍କ ସାଥୀଗଣ 'Kali, the Mother' କବିତାଟିକୁ ଦେଖିବାକୁ ପାଇଥିଲେ । ଗୋଟିଏ ତୀବ୍ର ଦିବ୍ୟ ପ୍ରେରଣାର ଆବେଗରେ କବିତାଟିକୁ ରଚନା କରିବା ପରେ ଅବସନ୍ନ ସ୍ୱାମୀଜୀ ଭୂଇଁରେ ଲୋଟି ପଡ଼ିଥିଲେ ।

**ଖେଳ ମୋର ହେଲା ଶେଷ** : My Play is Done

୩୯୫ ତୁଳନୀୟ : ଜୋସେଫିନ୍ ମ୍ୟାକ୍‌ଲଇଡ୍‌ଙ୍କୁ ଲେଖା ହୋଇଥିବା ୧୯୦୦ ଖ୍ରୀଷ୍ଟାବ୍ଦ ଏପ୍ରିଲ୍ ୧୮ ତାରିଖର ପତ୍ର ।

**ଅଜଣା ଦେବତା** : Angels Unawares

୪୦୧ ଏ କବିତାଟିରେ ସ୍ୱାମୀଜୀଙ୍କର ଜୀବନର ଘାତ-ପ୍ରତିଘାତ ଓ ତତ୍କାଳ ଅଭିଜ୍ଞତାର କିଛି ଇଙ୍ଗିତ ମିଳେ । ଶ୍ରୀଶ୍ରୀରାମକୃଷ୍ଣଲୀଳାପ୍ରସଙ୍ଗ : ଦିବ୍ୟଭାବ ଓ ନରେନ୍ଦ୍ରନାଥ —ଅଷ୍ଟମ ଅଧ୍ୟାୟ, ପ୍ରଥମ ପାଦ ଦ୍ରଷ୍ଟବ୍ୟ ।

ପରବର୍ତ୍ତୀ କାଳରେ ଶ୍ରୀମତୀ ମୃଣାଳିନୀ ବସୁଙ୍କୁ ଲିଖିତ ସ୍ୱାମୀଜୀଙ୍କର ଗୋଟିଏ ପତ୍ରାଂଶ ଏ ପ୍ରସଙ୍ଗରେ ସ୍ମରଣୀୟ—'ଯେତେବେଳେ ହୃଦୟ ମଧ୍ୟରେ ମହାଯାତନା ଉପସ୍ଥିତ ହୁଏ, ଚାରିଦିଗରେ ଦୁଃଖର ଝଡ଼ ଉଠେ, ବୋଧହୁଏ ଯେପରି ଏ ଯାତନାରେ ଆଉ ଆଲୋକ ଦେଖିବାକୁ ପାଇବି ନାହିଁ, ଯେତେବେଳେ ଆଶା-ଭରସା ପ୍ରାୟ ଛାଡ଼ିଯିବା ଉପରେ, ସେତେବେଳେ ଏହି ମହା ଆଧ୍ୟାତ୍ମିକ ଦୁର୍ଯୋଗ ମଧ୍ୟରୁ ଅନ୍ତର୍ନିହିତ ବ୍ରହ୍ମଜ୍ୟୋତି ସ୍ଫୂର୍ତ୍ତି ହୁଏ ।'

**ଅକାଳରେ ଫୁଟିଥିବା ଫୁଲଟିଏ ପ୍ରତି** : To an Early Violet

୪୦୫ ଭାୟୋଲେଟ୍ ପ୍ରତୀଚ୍ୟଦେଶର ବସନ୍ତଋତୁର ଫୁଲ । ଶୀତଦିନରେ ଯେଉଁ ଭାୟୋଲେଟ୍‌ଗୁଡ଼ିକ ଫୁଟିବାକୁ ଆରମ୍ଭ କରନ୍ତି, ସେମାନଙ୍କୁ ତୁଷାରଶୀତଳ ପରିବେଶ ମଧ୍ୟରେ ସଂଗ୍ରାମ କରି ଫୁଟିବାକୁ ହୁଏ । ଏପରି ଗୋଟିଏ ଶୀତଦିନରେ ପ୍ରସ୍ଫୁଟିତ ଭାୟୋଲେଟ୍‌ର ଚିତ୍ରକଳ୍ପ-ଅବଲମ୍ବନରେ କବିତାଟି ରଚିତ ।

**ପିଆଲା** : The Cup

୪୦୭ ରଚନାର ସ୍ଥାନ, କାଳ ଅଜ୍ଞାତ; କବିତାଟି ଯୀର ଭକ୍ତଙ୍କ ପ୍ରତି ଜୀବନ-ଦେବତାଙ୍କର ବାଣୀ ।

**ଶାନ୍ତିରେ ବିଶ୍ରାମ ହେଉ ତାର** : Requiescat in Pace

[ ଜୁନ୍ ୧୮୯୮, ଆଲମୋଡ଼ା ]

୪୦୯ ଭଗିନୀ ନିବେଦିତାଙ୍କର 'Notes of some Wanderings etc.' ଗ୍ରନ୍ଥର ତୃତୀୟ ଅଧ୍ୟାୟ ଦ୍ରଷ୍ଟବ୍ୟ : 'One day he carried off a few faulty lines of some one's writing and brought back a little poem, which was sent to the

ପୃଷ୍ଠା

widowed mother, as his memorial of her son.'

ଏଠାରେ ସେ 'some one' ସମ୍ଭବତଃ ନିବେଦିତା ।

ସାଙ୍କେତିକ ଅନୁଲିପି-ଲେଖକ 'ବିଶ୍ୱସ୍ତ' ଗୁଡ୍‌ଉଇନଙ୍କ ପାଇଁ ସ୍ୱାମୀଜୀଙ୍କ ବକ୍ତୃତାବଳୀ ଗ୍ରନ୍ଥାକାରରେ ରକ୍ଷା କରିବା ସମ୍ଭବ ହୋଇଛି । ୧୮୯୮ ଖ୍ରୀଷ୍ଟାବ୍ଦ ଗ୍ରୀଷ୍ମକାଳରେ ସ୍ୱାମୀଜୀ ଯେତେବେଳେ ନିବେଦିତା ପ୍ରଭୃତିଙ୍କ ସାଙ୍ଗରେ ହିମାଳୟ ଭ୍ରମଣ କରୁଥିଲେ, ସେହି ସମୟରେ ଉଟକାମଣ୍ଡଠାରେ ଗୁଡ୍‌ଉଇନ୍‌ଙ୍କର ଲୋକାନ୍ତର ହୁଏ (୨ ଜୁନ) । ଦୁଃସମ୍ବାଦ ଶ୍ରବଣ କରି ମର୍ମାହତ ସ୍ୱାମୀଜୀ କହିଥିଲେ: 'ମୋ ଡାହାଣ ହାତଟି ଖସି ପଡ଼ିଲା ।' ଗୁଡ୍‌ଉଇନ୍‌ଙ୍କ ମା'ଙ୍କୁ ସେ ଯେଉଁ ସାନ୍ତ୍ୱନାପତ୍ରଟି ପଠାଇଥିଲେ ତାହାର ଅଂଶବିଶେଷ ଏଠାରେ ଉଦ୍ଧୃତଯୋଗ୍ୟ : 'ତାଙ୍କ ନିକଟରେ ମୋର କୃତଜ୍ଞତାର ଋଣ କେବେହେଲେ ଶୁଝିପାରିବି ନାହିଁ । ଯେଉଁମାନେ ମୋର ଚିନ୍ତାଧାରାଦ୍ୱାରା ଉପକୃତ ହୋଇଛନ୍ତି ବୋଲି ମନେ-କରନ୍ତି, ସେମାନଙ୍କର ସମସ୍ତଙ୍କର ଜାଣିବା ଉଚିତ ଯେ, ଗୁଡ୍‌ଉଇନ୍‌ଙ୍କ ନିଃସ୍ୱାର୍ଥ ଓ ଅକ୍ଳାନ୍ତ ଉଦ୍ୟମ ଫଳରେ ହିଁ ତାହା ସମ୍ଭବ ହୋଇଛି । ଗୁଡ୍‌ଉଇନ୍‌ଙ୍କୁ ହରାଇ ମୁଁ ଜଣେ ଇସ୍ପାତ୍ ପରି ଦୃଢ଼ନିଷ୍ଠ ବନ୍ଧୁ, ଜଣେ ଚିର-ଅନୁଗତ ଶିଷ୍ୟ ଓ ଚିର-ଅକ୍ଳାନ୍ତ କର୍ମୀଙ୍କୁ ହରାଇଛି । ପରାର୍ଥରେ ଜୀବନ-ଧାରଣ ଯେଉଁମାନଙ୍କର ବ୍ରତ, ସେହି କ୍ଷଣଜନ୍ମାମାନଙ୍କ ମଧ୍ୟରୁ ଜଣଙ୍କୁ ହରାଇ ପୃଥିବୀ, ନିଃସ୍ୱତର ହେଲା ।'

**ମୁକ୍ତି** : To the Fourth of July.

୪୧୦ ସ୍ୱାମୀଜୀ ଓ ତାଙ୍କର ପାଶ୍ଚାତ୍ୟ ଶିଷ୍ୟମଣ୍ଡଳୀ କାଶ୍ମୀରରେ ନୌକାଭ୍ରମଣ କରୁଥିବାବେଳେ ୧୮୯୮, ୩ ଜୁଲାଇ ଆମେରିକାର ସ୍ୱାଧୀନତା-ଦିବସର ପୂର୍ବଦିନ ସଙ୍ଗୀ ଆମେରିକାବାସୀମାନଙ୍କୁ ଅଭିନନ୍ଦନ ଜଣାଇବା ଉଦ୍ଦେଶ୍ୟରେ ସ୍ୱାମୀଜୀ ଓ ନିବେଦିତା ପ୍ରଭୃତି ମିଶି ଗୋପନରେ ଉତ୍ସବର ଆୟୋଜନ କରୁଥାନ୍ତି । ସ୍ଥାନୀୟ ଜଣେ ଦରଜି ସାହାଯ୍ୟରେ କୌଣସି ପ୍ରକାରେ ଆମେରିକାର ଗୋଟିଏ ଜାତୀୟ ପତାକା ପ୍ରସ୍ତୁତ କରିହେଲା । ପରଦିନ ୪ ଜୁଲାଇ ଆମେରିକାର ସ୍ୱାଧୀନତା-ଦିବସର ପ୍ରଭାତରେ ପତ୍ରପୁଷ୍ପପଲ୍ଲବ ଶୋଭିତ ତରଣୀଶୀର୍ଷରେ ଆମେରିକାର ଜାତୀୟ ପତାକାଟି ସ୍ଥାପିତ ହେଲା । ଏହିପରି ସମୟରେ ଆମେରିକାର ଶିଷ୍ୟ-ମାନେ ପ୍ରାତଃକାଳୀନ ଚା-ପାନ ନିମନ୍ତ୍ରେ ନୌକାଟିରେ ଉପସ୍ଥିତ ହୋଇ ଦେଖିଲେ ଯେ, ସ୍ୱାଧୀନତା ଦିବସର ଉତ୍ସବ ପାଇଁ ଆୟୋଜନ ପ୍ରସ୍ତୁତ । ଉତ୍ସବ ସଭାରେ ଅନ୍ୟାନ୍ୟମାନଙ୍କର ଅଭିଭାଷଣ ସାଙ୍ଗରେ ସ୍ୱାମୀଜୀ ଆମେରିକାବାସୀଙ୍କୁ ଏହି କବିତାଟି ଉପହାର ଦେଇଥିଲେ ।

**ଶାନ୍ତି** : Peace

୪୧୧ ସ୍ୱାମୀଜୀଙ୍କର ଦ୍ୱିତୀୟଥର ପାଶ୍ଚାତ୍ୟ-ଭ୍ରମଣ ସମୟରେ ସ୍ୱାମୀ ତୁରୀୟାନନ୍ଦ

ପୃଷ୍ଠା

ଓ ଭଗିନୀ ନିବେଦିତା ତାଙ୍କ ସହିତ ଯାଇଥିଲେ । ସ୍ୱାମୀଜୀ ଇଂଲଣ୍ଡ ହୋଇ ଆମେରିକା ଗଲେ ଏବଂ ନିବେଦିତା ଇଂଲଣ୍ଡରେ ହିଁ ରହିଗଲେ । କିଛିଦିନ ପରେ ସେ ନିୟୁୟର୍କରେ ମିଃ ଲେଗେଟ୍‌ଙ୍କ ବାସଭବନ 'ରିଜ୍‌ଲି ମ୍ୟାନର୍'ଠାରେ ସ୍ୱାମୀଜୀଙ୍କ ସହିତ ଦେଖା କରିଥିଲେ । କିଛିଦିନ ଏଠାରେ ବାସ କଲାପରେ ନିବେଦିତା ନିର୍ଜନରେ ସାଧନା କରିବାକୁ ଇଚ୍ଛା ପ୍ରକାଶ କରିଥିଲେ, ଏବଂ ବ୍ରହ୍ମଚାରିଣୀର ଉପଯୁକ୍ତ ବେଶଭୂଷା ପରିଧାନ କରିବେ ବୋଲି ସଙ୍କଳ୍ପ ପ୍ରକାଶ କଲେ । ସ୍ୱାମୀଜୀ ଏ ପ୍ରସ୍ତାବରେ ସମ୍ମତି ଦେଲେ । ଏହି ସମୟରେ ହିଁ ଦିନେ ଭ୍ରମଣରୁ ଫେରି ନିବେଦିତା ଦେଖିଲେ, ସ୍ୱାମୀଜୀ ତାଙ୍କର ଶୁଭସଙ୍କଳ୍ପକୁ ଉପଲକ୍ଷ୍ୟ କରି ଏହି କବିତାଟି ରଚନା କରିଛନ୍ତି ।

**ଜୀବନ୍ମୁକ୍ତର ଗୀତ** The Song of the Free

୪୧୨ ୧୫ ଫେବୃଆରି, ୧୮୯୫ ଖ୍ରୀଷ୍ଟାବ୍ଦରେ ଲିଖିତ ସ୍ୱାମୀଜୀଙ୍କ ପତ୍ରକାବ୍ୟଟିକୁ ଅବଲମ୍ବନ କରି ସ୍ୱାମୀଜୀ ଓ ଶ୍ରୀମତୀ ହେଲ୍‌ଙ୍କ ମଧ୍ୟରେ କିଛିଦିନ ପତ୍ରକାବ୍ୟ ବିନିମୟ ଚାଲେ । 'ଅଦ୍ୱୈତ ଆଶ୍ରମ' ଦ୍ୱାରା ପ୍ରକାଶିତ Complete Works (Vol. VIII) ଗ୍ରନ୍ଥରେ ସମସ୍ତ ପତ୍ରାଳାପଟି 'An Interesting Correspondence' ନାମରେ ପ୍ରକାଶିତ । ସମଗ୍ର ଅନୁବାଦ ୧୦ମ ଖଣ୍ଡରେ ଦ୍ରଷ୍ଟବ୍ୟ ।

# ନିର୍ଦ୍ଦେଶିକା


ଅଜ୍ଞତା—ସମସ୍ତ ଦୁଃଖର ମୂଳ ୨୫୭

ଅଦୃଷ୍ଟବାଦୀ ୨୬୧

ଅଦ୍ୱୈତ-ବାଦର ମତ ବାଇବେଲ୍ ଭିତରେ ପ୍ରବେଶ କରିଛି ୬; -ମତ ୬୩, ୨୩୨; -ବାଦ ଭାରତର ପ୍ରୟୋଜନ ୧୨୮; -ଦର୍ଶନ ୧୨୦; -ବେଦାନ୍ତ ଦର୍ଶନର ସ୍ତର ୧୩୭; -ବାଦର ଯୋଗାନୁଭୂତିର ଆକାର ବୌଦ୍ଧଧର୍ମ ୧୩୭; -ଭାଷ୍ୟ ୧୪୯; ତତ୍ତ୍ୱ ୧୬୩, ୨୦୩, ୨୩୪; -ବେଦାନ୍ତ ବା ଐକ୍ୟମୂଳକ ଦର୍ଶନ ୧୬୩; -ବାଦ ହିଁ ପ୍ରତାପବାନ ୧୬୪; -ବେଦାନ୍ତ ହିଁ ଭବିଷ୍ୟତରେ ଚିନ୍ତାଶୀଳ ବ୍ୟକ୍ତିର ଧର୍ମ ହେବ ୧୬୪; -ଭାବ ୧୬୪; -ବାଦ ୧୮୦, ୨୩୧; -ବାଦୀର ମତରେ ମାୟା ୨୦୩; -ବାଦୀର ନିର୍ବାଣ ୨୩୧; -ବାଦୀର ମତରେ ଆତ୍ମାର ଯିବା ଆସିବା ନାହିଁ ୨୩୧; -ବସ୍ତୁ ୨୭୨; ରଣମୂର୍ଖ ଅଦ୍ୱୈତ-ବାଦୀ ୨୮୦; -ସମ୍ପ୍ରଦାୟ ୩୨୨; -ନିଷ୍ଠ ୩୪୭

ଅନୁରାଧାପୁର—ସେ କାଳର ଲଣ୍ଡନ ୩୧୦

ଅପରୋକ୍ଷାନୁଭୂତି ୨୩୪

ଅଚେତନ—'ଚୈତନ୍ୟ-ବିବର୍ଜିତ କ୍ରିୟାଶକ୍ତି' ୨୦୩; ଉଦ୍ଭିଦ ମାନେ ହିଁ- ୨୦୩; -ଜ୍ଞାନ ୨୦୪

ଅବତାର—ଏମାନଙ୍କର ଶିକ୍ଷା ୩୮; ରାମକୃଷ୍ଣ ପରମହଂସ—୯୫, ୯୬, ୧୦୫, ୧୪୩, ୧୯୦, ୨୧୦, ୨୪୯; ଖ୍ରୀଷ୍ଟ ଖ୍ରୀଷ୍ଟ- ୧୦୬; -ଅର୍ଥ ୧୪୪; ଶ୍ରେଷ୍ଠ- ୨୦୭; ବୁଦ୍ଧ- ୨୧୦; କୃଷ୍ଣ- ୨୧୦; ଏଥିର ରଜୋଗୁଣ ନାହିଁ ୨୧୦; ଆଉ ସମସ୍ତେ ଯାହା କରିଯାଇଛନ୍ତି ସେ ନିଜ ଜୀବନରେ ତାହା କରି ଦେଖାଇଛନ୍ତି ୨୧୮

ଅବିଦ୍ୟା—ସମସ୍ତ ଦୁଃଖର କାରଣ ୨୧୦

ଅମରତ୍ୱ—ଓ ଅଲୌକିକ କ୍ରିୟାର ସମ୍ପର୍କ ୪୦; -ବିଷୟରେ ପ୍ରବନ୍ଧ ୧୪୨; ଆତ୍ମାର- ୧୫୦, ୧୫୨

ଅମୃତତ୍ୱ ୧୨

ଅହଂ—ଫମ୍ପା- ୫୦; -ଭାବ ୧୩୩, ୨୧୧; ଯଥାର୍ଥ- ୨୯୬

ଅହଂକାର—ଗୁପ୍ତ- ୮; -ନରକର ମୂଳ ୨୫୦

ଅହମିକା—ଭାବ ୧୮; ପ୍ରବଳ-୨୪୬

ଆଗ୍ରର—ଏହାର ଉଦ୍ଦେଶ୍ୟ ୩୨; ଜାତିର ଗୃହଦ୍ୱାରରେ ଏହାର ବାର୍ତ୍ତା ୩୨

ଆଜ୍ଞାନୁବର୍ତ୍ତିତା—ଏକତା ଲାଭର ରହସ୍ୟ ୨୪୩

ଆଜ୍ଞାବହତା -ଶିକ୍ଷା ୧୩୩, ୧୯୦;- ପ୍ରଥମ ଆବଶ୍ୟକ ୧୭୩; ପାଶ୍ଚାତ୍ୟ ଜାତି ମଧ୍ୟରେ- ୧୯୦; ବ୍ୟକ୍ତିଗତ ଓ ଜାତିଗତ ଉନ୍ନତିର ଏକମାତ୍ର ଉପାୟ ୧୯୦; ପ୍ରଥମ କର୍ତ୍ତବ୍ୟ- ୨୫୧; ·ସଂଘଶକ୍ତିର ମୂଳ ରହସ୍ୟ ୨୫୯; -ସିଦ୍ଧିର ମୂଳ ୨୬୯

ଆତ୍ମ -ତତ୍ତ୍ୱ ୧୪; -ବିଶ୍ୱାସ ୨୫; -ସମର୍ଥନ ୪୭, ୧୩୫; -ପ୍ରକାଶ ୭୬, ୨୦୪, ୨୪୦;
-ନିର୍ଭରଶୀଳ ୧୩୯; -ରକ୍ଷା ୧୫୫; -ପ୍ରସାଦ ୨୦୧; -ଭାବ ୨୧୦; -ସମର୍ପଣ ୨୨୬,
୨୯୬; -ବିସର୍ଜନ ୨୫୭; -ନିର୍ଭରତା ୩୨୦; -ସ୍ୱତ୍ୱ-ବୁଦ୍ଧି ୩୨୦; -ପ୍ରତ୍ୟୟ ୩୨୦;
-ବୁଦ୍ଧି ୩୪୭; -ସ୍ୱରୂପ ୩୪୭; -ଅନୁଭବ ୩୪୭
ଆତ୍ମା- ଅନନ୍ତ ବଳଶାଳୀ ୧୨; -ରେ ଭେଦ ନାହିଁ ୧୩; -ପର୍ଯ୍ୟବେକ୍ଷଣ କରେ ୯୬; -ଆସେ
ନାହିଁ କି ଯାଏ ନାହିଁ ୯୭; -ଅପରିଣାମୀ ୯୭; -ଏକ ଏବଂ ଅଖଣ୍ଡ ସତ୍ତା ୧୦୦; ଅନ୍ତର
୧୦୨, ୨୯୬, ୩୦୭; -କାପୁରୁଷର ଲଭ୍ୟ ନୁହେଁ ୧୫୪; -ମୁକ୍ତି ଆକାଙ୍‌କ୍ଷା କରେ
୧୯୩; -ଜ୍ଞାତା ନୁହେଁ ୨୦୩; -ସ୍ୱରୂପ ୨୩୧; ପରମ- ୨୬୧
ଆତ୍ମାରେ—ଲିଙ୍ଗଭେଦ ନାହିଁ ୮; ଅନନ୍ତ ଶକ୍ତି ୮; ରୋଗ ନାହିଁ ୧୨; ଲିଙ୍ଗ ବା ବର୍ଣ୍ଣାଶ୍ରମାଦି
ଭେଦ ନାହିଁ ୨୧୦; ସମସ୍ତ ହିଁ ବିଦ୍ୟମାନ ୧୪୪
ଆତ୍ମାର—ସ୍ୱାଧୀନତାରେ ଧର୍ମର ବୃଦ୍ଧି ଓ ବିକାଶ ୧୬; ବନ୍ଧନ ୧୦୦; ପବିତ୍ରତା ୧୪୪;
ମହାନ୍ ରୂପ ୧୪୪; -'ଅମରତ୍ୱ' ନାମକ ପ୍ରବନ୍ଧ ୧୫୨; ଆଖି ଖୋଲି ଦିଏ ୧୭୮;
ଯିବା ଆସିବା ନାହିଁ ୨୩୧
ଆଦର୍ଶ—ଯେତେ ଉଚ୍ଚ ହେବ ସେତେ ଦୁଃଖ ୨୮୨; ଏଥିରେ ପହଞ୍ଚିବା ସମ୍ଭବ ନୁହେଁ
୨୮୨
ଆଧ୍ୟାତ୍ମିକତା ୧୮, ୧୨୬, ୨୧୬
ଆମେରିକା—ଖୁବ୍ ବ୍ୟୟସାଧ୍ୟ ଦେଶ ୨୦; -ପ୍ରଚାରର ଉପଯୁକ୍ତ କ୍ଷେତ୍ର ୨୪; -ଅଦ୍ଭୁତ ଦେଶ
୨୬; -ଦରିଦ୍ର ଓ ସ୍ତ୍ରୀ-ଜାତି ପକ୍ଷରେ ନନ୍ଦନକାନନ ସ୍ୱରୂପ ୨୬; -ଅତିଥିବତ୍ସଳ ଦେଶ
୨୭, ୪୪; -ପ୍ରତାରଣାର ଦେଶ ୧୧୩; -ଠାରୁ ପ୍ରଶଂସା ୧୬୮; ଓ ଭାରତ ଧର୍ମୋନ୍ମାଦୀ-
ପନାର ଲୀଳାଭୂମି ୨୯୦
ଆମେରିକାରେ—ଦରିଦ୍ର ନାହାନ୍ତି କହିଲେ ଚଳେ ୨୬; ହିନ୍ଦୁଧର୍ମ ପ୍ରଚାର ୪୫; ଭାରତ ପରି
ଧର୍ମ ଚଳେ ନାହିଁ ୬୩; ପୁରୁଷଙ୍କର ଧର୍ମ ୬୩; ସ୍ତ୍ରୀମାନଙ୍କ ମଧ୍ୟରେ ଧର୍ମ ୬୪; ଲୋକ-
ମାନଙ୍କର ଟଙ୍କା ଅଛି ଏବଂ ସେମାନେ ଦିଅନ୍ତି ୬୪; ଗରିବମାନଙ୍କ ପାଇଁ ବହୁଲୋକଙ୍କର
ପ୍ରାଣ କାନ୍ଦେ ୭୬; ପ୍ରକୃତ 'ଜାତି' ବିକାଶର ସୁବିଧା ୮୦; ଧର୍ମଯାଜକମାନଙ୍କର ସ୍ୱରୂପ
୧୩୮; ସ୍ୱାମୀଜୀଙ୍କର ଅନେକ ବନ୍ଧୁ ୧୬୨; ବହୁ ମତବାଦର ସଂଘର୍ଷ ୧୬୩-୪; ସମସ୍ତ
ଭାବ ପ୍ରକାଶର ସୁଯୋଗ ୨୫୩
ଆମେରିକାବାସୀ -ମାନଙ୍କର ଶରୀର ହେଲା ଧର୍ମ ୭; ଭୋଗ ଏମାନଙ୍କର ଧର୍ମ ୭; ଏମାନେ
ଦୟାବାନ, ସତ୍ୟବାଦୀ ୭; -ବାମାସ୍ତୁତି ୭; -ସ୍ୱାମୀଜୀଙ୍କ ଭାବରେ ଆକୃଷ୍ଟ ୧୧୫;
ବିଶେଷ ସ୍ୱାର୍ଥପର ନୁହନ୍ତି ୧୪୫; -ଦଳ ବାନ୍ଧି କାର୍ଯ୍ୟ କରନ୍ତି ୨୨୪
ଆମେରିକାର—ଅବିବାହିତ ସ୍ତ୍ରୀଅମାନେ ଭଲ ୭; ସ୍ତ୍ରୀଅମାନେ ସାକ୍ଷାତ୍ ଜଗଦମ୍ବା ୮; ସ୍ତ୍ରୀଅ-
ମାନଙ୍କୁ ପୂଜା ସର୍ବସିଦ୍ଧି ୮; କାଗଜରେ ମନ୍ତବ୍ୟ ୧୫; ନାରୀଗଣଙ୍କର ସାହାଯ୍ୟ ୨୨-୩,
୫୯; ରମଣୀଗଣ ଦେବୀସ୍ୱରୂପା ୨୫; ସ୍ତ୍ରୀ-ଲୋକଙ୍କ ପରି ଶିକ୍ଷିତ ଓ ଉନ୍ନତ ଅନ୍ୟ କୌଣସି

ଦେଶର ନାରୀମାନେ ନୁହନ୍ତି ୨୬; ଜନସାଧାରଣ ଭିନ୍ନ ଧର୍ମାବଲମ୍ବୀ ହୋଇ ମଧ୍ୟ ସ୍ୱାମୀଜୀଙ୍କୁ ଶ୍ରଦ୍ଧା ୨୮; ଟଙ୍କାରେ ହିନ୍ଦୁ ଧର୍ମର ପୁନରୁଜ୍ଜୀବନର ଆଶା ଅସମ୍ଭବ ୫୬; ନାରୀଗଣଙ୍କର ଋଣ ଅପରିଶୋଧନୀୟ ୫୯; ପାରିବାରିକ ଜୀବନ ୫୯; ଦୁଇଟି ପ୍ରଧାନ କେନ୍ଦ୍ର ୮୫; କାଗଜଗୁଡ଼ିକ କୌଣସି ବ୍ୟକ୍ତି ସମ୍ପର୍କରେ ଯାହା ଇଚ୍ଛା ତାହା ଲେଖନ୍ତି ୮୮; ଟଙ୍କା-ଦେବତା ୧୪୫; ନିଗ୍ରୋ ସମ୍ବନ୍ଧରେ ଅଦ୍ଭୁତ ଧାରଣା ଇଂଲଣ୍ଡରେ ଆଦୌ ଦେଖାଯାଏ ନାହିଁ ୧୬୫; ଉଚ୍ଚ ଶ୍ରେଣୀର ନରନାରୀ ୧୯୪; ଲୋକମାନେ ମହାଧନୀ ଓ ଗ୍ରୁଡବାଲ ୨୧୪; ବେଦାନ୍ତୀ ବନ୍ଧୁ ୨୩୬

ଆମେରିକାରେ—ତେଜ ଆଉ ବଳର ବିକାଶ ୬; କାର୍ଯ୍ୟର ବିରାମ ନାହିଁ ୧୯; ଚମତ୍କାର କାମ ୨୧; ମନୁଷ୍ୟ ମନୁଷ୍ୟଙ୍କ ପାଇଁ ଚିନ୍ତା କରେ ୨୫; କୌଣସି ହିନ୍ଦୁ ସ୍ୱାମୀଜୀଙ୍କ ପରି ପ୍ରଭାବ ବିସ୍ତାର କରିବାରେ ସକ୍ଷମ ହୋଇ ନାହାନ୍ତି ୨୬; ହିନ୍ଦୁଧର୍ମ ପ୍ରଚାର ୪୫; ଟିକିଏ ମାତ୍ର ପାଣ୍ଡିତ୍ୟ ହେଲେ ଭାରତରେ ତା'ର ପ୍ରବଳ ପ୍ରତିଧ୍ୱନି ୫୬; ସ୍ୱାମୀଜୀଙ୍କର ଖ୍ୟାତିର ଫଳ ଭାରତରେ ୬୪; ସାଧୁ ସନ୍ନ୍ୟାସୀ ତ୍ୟାଗ ବୈରାଗ୍ୟ କିଛି ବୁଝନ୍ତି ନାହିଁ, ବୁଝନ୍ତି କେବଳ ଡଲାରର ଜୋର୍ ୮୨; ସାର୍ବଜନୀନ ମନ୍ଦିର ୧୩୬; ବ୍ରହ୍ମବାଦିନ୍ ଗ୍ରାହକ ୧୯୧; ସୁନ୍ଦର ଭାବରେ କାର୍ଯ୍ୟ ଗଢ଼ି ଉଠିଛି ୨୩୮; 'ମାନବ-ଜାତିର ଉନ୍ନତି'-ଗୁଡ଼ିକର ସ୍ୱରୂପ ୨୬୧; ବେଦାନ୍ତ ଓ ଯୋଗ ଶିକ୍ଷା ଦେବା ପାଇଁ ୨୮୬

ଆର୍ଯ୍ୟ -ଜାତି ୧୨୯; -ଭୂମି ୧୨୯; -ପ୍ରେମରେ ମ୍ଲେଚ୍ଛ ଭେଦ ନାହିଁ ୧୩୩

ଆଲମୋଡ଼ାରେ—ଅଡ୍ଡା ୮୩

ଆଲେସ୍ୱର୍‌ରେ—ଶାଖା ସ୍ଥାପନ ୧୯୦; ଅନୁଷ୍ଠିତ ଧର୍ମମହାସଭାର ଭାଷଣ ୧୯୦

ଇଉରୋପୀୟ—ସମାଜ ୩୫; ଧ୍ୱଂସସ୍ତୂପ ୩୧୦; ସୁଖସ୍ୱାଚ୍ଛନ୍ଦ୍ୟ ୩୨୧

ଇଉରୋପରେ—ଜାତିକୁ ସ୍ୱାଧୀନତା ଦେଇ ଉଠିଲେ ୮୦; ସାମାଜିକ ଶକ୍ତି ୧୨୧

ଇଚ୍ଛା -ଶକ୍ତି ହିଁ ଜଗତକୁ ପରିଚାଳିତ କରିଥାଏ ୧୬; -ଶକ୍ତି ୬୬; ଦୁର୍ଦ୍ଦମନୀୟ- ୧୨୦; -ଶକ୍ତିରେ କାର୍ଯ୍ୟ ସାଧିତ ହୁଏ ୧୬୮; -ବାଦ ବୌଦ୍ଧମାନଙ୍କ ନିକଟରୁ ସୋପେନ୍‌ହାଓ୍ୱାର୍ ଗ୍ରହଣ କରନ୍ତି ୨୦୩; ଏହାର ହିଁ ଚେତନ ଅଭିବ୍ୟକ୍ତି ୨୦୩; -ଶକ୍ତିବୋଧ ୨୯୬; ଏହାର ବିସର୍ଜନ ୨୯୬

ଇଣ୍ଡିଆ—ଆସି ଓଲଟ ପାଲଟ ୨୨୧

ଇଣ୍ଡିଆନ୍ ମିରର୍ (ପତ୍ରିକା) ୬, ୧୨, ୧୬, ୨୪, ୫୬, ୧୯୬, ୨୮୫, ୨୯୫, ୩୦୮

ଇଜିଏଲ୍ (Iziel) ୨୩୦

ଇନ୍ଦୋ-ସାରାସେନ—ସ୍ଥାପତ୍ୟ ଶିଳ୍ପ ୩୧୧

ଇୟାଙ୍କି (ଆମେରିକାନ୍)—ଟଙ୍କା ରୋଜଗାରରେ କୃତକର୍ମୀ ୧୧୦; -ଦେଶକୁ ଭଲପାଇବା ୨୫୨

ଇଂରେଜ—ମାନଙ୍କ ନିକଟରେ କ୍ଷମତା ଆଦାୟର ବୃଥା ଚେଷ୍ଟା ୩୫; ଆମମାନଙ୍କୁ ବୁଝନ୍ତି ଓ ଆମେମାନେ ମଧ୍ୟ ସେମାନଙ୍କୁ ବୁଝୁ ୧୬୫; ସେମାନଙ୍କର ଶିକ୍ଷା ଓ ସଭ୍ୟତା ୧୬୫;

-ଖୁବ୍ ବନ୍ଧୁତ୍ୱାପନ୍ନ ୧୮୦; -ପୁରୁଷ ଓ ନାରୀ ଭାରତକୁ ଖୁବ ଭଲ ପାଆନ୍ତି ୧୮୦; -ହିନ୍ଦୁମାନଙ୍କ ଅପେକ୍ଷା ବେଶୀ ହିନ୍ଦୁ ୧୮୦; -ଯାହା ଧରେ ସେତେବେଳେ ଗଭୀରତମ ପ୍ରଦେଶରେ ପ୍ରବେଶ କରେ ୧୮୦; -ଭାରତୀୟ ଚିନ୍ତାଧାରା ସମ୍ବନ୍ଧରେ ଗଭୀର ଆଗ୍ରହଶୀଳ ୧୮୦; ଏମାନଙ୍କର ଧର୍ମ କର୍ମ ବଡ଼ ଧୀର ୧୮୪; -ହୁଏତ ରକ୍ଷଣଶୀଳ ନ ହେଲେ ନାସ୍ତିକ ୧୮୪; -ଲେକ୍ଚର ଶୁଣିବାକୁ ପଇସା ଦଅନ୍ତି ନାହିଁ ୧୮୫; -କୌଣସି କାର୍ଯ୍ୟରେ ହାତ ଦେଲେ ସହଜରେ ଛାଡ଼ନ୍ତି ନାହିଁ ୧୯୦; -ଖବରକାଗଜରେ କୁହନ୍ତି ନାହିଁ ୧୯୧; -ଏକ ଜଦ୍ଦଆ ୧୯୪; -ଜାତି ସମ୍ବନ୍ଧରେ ସ୍ୱାମୀଜୀଙ୍କ ଧାରଣାର ପରିବର୍ତ୍ତନ ୨୨୨, ୩୦୩; -ଯେଉଁମାନଙ୍କର ଭାରତରେ ସେମାନଙ୍କର ଦୁଇ ଶ୍ରେଣୀ ୨୨୨; -ଚରିତ୍ରର ଗଭୀରତା ୨୬୩; -ଜାତି ଦୃଢ଼ ପ୍ରକୃତି ଓ ନିଷ୍ଠାବାନ୍ ୨୮୬; -ଗୋଟିଏ ଜିନିଷକୁ କାମୁଡ଼ି ଧରି ରହିପାରନ୍ତି ୨୯୧; -ଆମେରିକାନ୍‌ମାନଙ୍କ ପରି ତୀକ୍ଷ୍ଣ ନୁହନ୍ତି ୩୦୩

ଇଂଲଣ୍ଡ—ସେଠାରେ ସମିତି ଗଠନ ୧୭୪; ଆମେରିକା ତୁଳନାରେ ସେଠାକାର ସ୍ଥିତି ୧୮୦; ସେଠାରେ ଧୀରେ ଧୀରେ କାର୍ଯ୍ୟ ହୁଏ ୧୯୦, ୧୯୧; ସେଠାରେ ଆମେରିକାଠାରୁ ବେଶୀ କାର୍ଯ୍ୟ ହେବାର ବିଶ୍ୱାସ ୧୯୧; ସେଠାରେ ଜ୍ଞାନୀମାନଙ୍କ ମଧ୍ୟରେ ବୈଦାନ୍ତିକ ମତବାଦ ୧୯୪; ଏଠାରେ ଆମେରିକା ଅପେକ୍ଷା ବେଶୀ କାର୍ଯ୍ୟରେ ସଫଳତା ୧୯୪; ଏଠାରେ କାଗଜ ପ୍ରକାଶନ ୧୯୯; ଓ ଆମେରିକାର ତୁଳନା ୨୨୨; ସେଠାରେ ମଧ୍ୟ ଆମେରିକାର ବ୍ୟବସାୟ ସୁଯୋଗ ୨୨୭; ସେଠାରେ ଏକ ବଡ଼ କାମ ବାକି ୨୨୯; ସେଠାରେ କାର୍ଯ୍ୟକ୍ରମ ବଢ଼ି ଚାଲିଛି ୨୬୦; ଓ ଆମେରିକାରେ ସମାଲୋଚକମାନଙ୍କର ତୁଳନା ୨୮୮

ଇଂଲଣ୍ଡ-ଚର୍ଚ୍ଚ ୧୮୧, ୨୨୨

ଈର୍ଷା—ବିସର୍ଜନ ୧୯, (-ତ୍ୟାଗ) ୧୦୮, (-ଦୂର କର) ୧୩୨, ୨୪୩; ଓ କ୍ଷମତାନୁରାଗଠାରୁ ସାବଧାନ ୨୫; ମଣିଷର- ୪୮; ଓ ଦଳା-ଦଳି ପରିତ୍ୟାଗ ୫୦; ଏହାଦ୍ୱାରା କଲ୍ୟାଣ ନାହିଁ ୧୧୭; ଏହାର ଉଦ୍ରେକ ୧୩୯; ଏହା ହିଁ ଜାତିର ଧ୍ୱଂସର କାରଣ ୨୦୦; -ସର୍ପିଣୀ ୨୧୩; -ହେବ ନାହିଁ ୨୧୪; -ପରବଶ ୨୫୪

ଈଶା—ତାଙ୍କର ଶକ୍ତି ୨୯୩

ଈଶ୍ୱର—ସମସ୍ତେ ୨୪; -ଏକମାତ୍ର ଅଛନ୍ତି ୧୦୩; -ଅନୁଭୂତି ୧୩୬; ଓ ଆତ୍ମା ୧୫୧; -ପ୍ରତି ବିଶ୍ୱାସ ୧୬୦; ଓ ସତ୍ୟ ହିଁ ରାଜନୀତି ୧୬୧; ଜୀବସମଷ୍ଟି ହିଁ- ୨୬୨; ଓ ଜୀବର ଅସ୍ତିତ୍ୱ ପରସ୍ପର-ସାପେକ୍ଷ ୨୬୨

ଈଶ୍ୱରଙ୍କର—ଅସ୍ତିତ୍ୱ ଓ ଅଲୌକିକ କ୍ରିୟା ୪୦

ଉପନିବେଶ—ମଧ୍ୟଭାରତରେ ୩୫

ଉପନିଷଦ୍—ସଭାଷ୍ୟ ପାଠ ୫୫; -ପାଠ ୨୧୭

ଉପାସନା—ଆଗେ ଦରିଦ୍ର, ଦୁଃଖୀ ଓ ଦୁର୍ବଳର ୨୫; ପ୍ରୀତି ହିଁ ଏକମାତ୍ର- ୩୧; ବିରାଟର- ୬୮; ସଙ୍ଗୀତ ଛୁଟିଲେ ଏହା ବଡ଼- ୩୦୭

ଋଷି ୧୦୮, ୧୨୭, ୧୪୨, ২୫୪,
ଏକତ୍ୱ—ବହୁତ୍ୱରେ ୪୮; ବ୍ରହ୍ମାଣ୍ଡର- ୧୩୦; -ଜ୍ଞାନ ୧୩୧; ଐକ୍ୟମୂଳକ ଦର୍ଶନ ୧୩୬; -ଅନୁଭବ ୨୩୨; ସକଳ ପ୍ରାଣୀଙ୍କର- ୨୩୭; -ଅନୁଭବ ବା ପ୍ରେମ ୨୫୩
ଏରନା (ପତ୍ରିକା) ୧୩୬, ୧୫୧
ଏସିଆ -ବାସୀ ଦାନଶୀଳ ଜନ୍ତୁ ଗଣବ ୩; -ଠାରୁ ଆଧ୍ୟାତ୍ମିକ ଶକ୍ତିର ଉଦ୍ଭବ ୧୨୧
ଏଷଣା ୨୦୩
କଣ୍ଠାଭରଣ ୭
କର୍ମ—ନିଷ୍କାମ ୨୪, ୯୬, ୨୧୦; -ସାଧନାର ପ୍ରଥମ ସୋପାନ ୪୧; ଓ ଚିତ୍ତଶୁଦ୍ଧି ୪୧, ୫୨; ଏହାର ସାର୍ଥକତା ୧୦୦; ଏହାର ଫଳଭୋଗ ବର୍ଜିତ ୧୦୧; -କାଣ୍ଡର ପ୍ରାଧାନ୍ୟ ଲୋପ ୧୨୮; ତାନ୍ତ୍ରିକ ଓ ବୈଦିକ ୧୪୪; -ସମ୍ବନ୍ଧରେ ବକ୍ତୃତା ୧୯୮; -କେଉଁଠି ୨୧୦; ଜାତ ଆଦ- ୨୧୦; ଅ- ୨୧୦; -ଯୋଗ ୨୩୫, ୨୩୭, ୨୪୦, ୨୯୪; -ରହସ୍ୟ ଅଜ୍ଞାତ କାଳରେ ২୫୭
କଲିକତା—ଲୋକମାନଙ୍କର ହାମ୍‌ବଡ଼ା ଭାବ ୩୯; -ଅପେକ୍ଷା ମାନ୍ଦ୍ରାଜରେ ବେଶୀ ସାହାଯ୍ୟର ଆଶା ୫୫; -ମଠ ପ୍ରଧାନ କେନ୍ଦ୍ର ୧୩୩; -ଲୋକମାନଙ୍କର ସଙ୍କୀର୍ଣ୍ଣତା ୧୫୪; -ବଙ୍ଗଳା ପତ୍ରିକା ୨୪୩
କଳ୍ପ—ଏହାର ତତ୍ତ୍ୱ ୨୩୦
କାର୍ଯ୍ୟ—ଭଲ ହେଲେ ହିଁ ବିଘ୍ନ ଘଟେ ୪; -ମହାହୁଙ୍କାରରେ ଆରମ୍ଭ ୧୧; ଆରମ୍ଭ ସୁନ୍ଦର ୧୬; ଭିତରେ ଓ ବାହାରେ ବିସ୍ତାର ୧୬; ଏହା ହିଁ ମୂଳମନ୍ତ୍ର ୧୯; ଅବିଶ୍ରାନ୍ତ- ২୩; ସ୍ୱାର୍ଥ-ତ୍ୟାଗ ବ୍ୟତୀତ ବଡ଼ ହୁଏ ନାହିଁ ୪୧; ସମବେତ- ୫୦; -ସିଦ୍ଧି ନିମନ୍ତେ ପ୍ରୟୋଜନ ୫୬; ମିଳାମିଶି- ୫୭; -କ୍ଷମତା ୬୧; -ପ୍ରଣାଳୀ ୭୮; -ସମ୍ପୂର୍ଣ୍ଣ କରିବା ଉଚିତ ୧୧୦; -ପ୍ରଣାଳୀ ନିୟମିତ କରିବା ୧୨୦; -ଠିକ୍ ରୂପେ ଚାଲୁ କରିବା ପାଇଁ ସମୟ ଲାଗେ ୧୭୯; ଈର୍ଷାଦୋଷମୁକ୍ତ ହେଲେ ହେବ ୨୨୦; ଆସ୍ତେ ଆସ୍ତେ ହୋଇ ବଡ଼ବଡ଼- ২୬୦
କାଳୀ—ଲଣ୍ଡନରେ ବଙ୍ଗାଳୀ ୧୮୩
କଳା-ଲୋକ—ନିଗ୍ରୋଭାବ ୧୫୩; -ଙ୍କୁ ଇଂଲଣ୍ଡରେ ଘୃଣା କରନ୍ତି ନାହିଁ ୧୮୦
କାଶ୍ମୀର—ସେଠାରେ କେନ୍ଦ୍ର ২୦୮
କିଣ୍ଡର୍‌ଗାର୍ଟେନ୍ ୧୧୪
କୁଟୀଚକ ୪୧
କୂର୍ମପୁରାଣ ২୦୨, ২২୩
(ଶ୍ରୀ) କୃଷ୍ଣ ୬୫, ୧୨୮, ୧୨୯, ୧୩୨, ୧୬୮, ২୦୫, ২୧୦
କେନ୍ଦ୍ର—ମାନ୍ଦ୍ରାଜ ଓ କଲିକତାର ୧୬, ୩୧୩; -ଦୁଇଟିରେ ମିଳାମିଶି କାର୍ଯ୍ୟ ୫୫; ମାନ୍ଦ୍ରାଜରେ- ୫୬, ୩୦୧; -ସ୍ଥାପନର କାରଣ ২୧୨; ରାଜପୁତାନାରେ- ୧୯୦;

ହିମାଳୟରେ- ୩୦୧; କଲିକତାରେ- ୩୦୧, ୩୦୪; ସନ୍ନ୍ୟାସୀମାନଙ୍କ ପାଇଁ ଓ ନାରୀମାନଙ୍କ ପାଇଁ- ୩୧୩

କେମ୍ବ୍ରିଜ୍ ସମ୍ମେଳନ ୩୧୨

କ୍ରମବିକାଶ -ବାଦ ୨୦୩; ଏହାକୁ ହିଁ ତ୍ୟାଗ ଆଖ୍ୟା ଦିଆଯାଇଛି ୨୯୬

'କ୍ରିଶ୍ଚିଆନ୍ ସାଇନ୍ସ'—ବଡ଼ ଦଳ ୭; ସର୍ବସ୍ଥାନରେ ଓ ବେଦାନ୍ତୀ ୭; -ଅଦ୍ୱୈତବାଦର କେତେଟା ମତ ଯୋଗାଡ଼ କରି ତାକୁ ବାଇବେଲ୍ ଭିତରେ ପୁରାଇଛନ୍ତି ୭; -ଆମମାନଙ୍କର କଣ୍ଠିଭଙ୍ଗା ୭; ଏହାର ତର୍କ। ୧୪୮

କ୍ଷତ୍ରିୟ—ସନାତନ ଧର୍ମର ଜୀବନ୍ତ ଅବଲମ୍ବନ ସ୍ତମ୍ଭ ୧୩୨

ଖ୍ରୀଷ୍ଟ—ଧର୍ମର ରୂପ ଭାରତରେ ଓ ଆମେରିକାରେ ୫୪; -ଧର୍ମ କେବଳ ଜାତୀୟତା ବୋଧ ଉପରେ ଦଣ୍ଡାୟମାନ ୧୧୪; -ଧର୍ମ ଦ୍ୱୈତବାଦ ୧୩୭

ଖ୍ରୀଷ୍ଟିଆନ, ଖ୍ରୀଷ୍ଟାନ୍—ଦେଶରେ ସତ୍ କାର୍ଯ୍ୟରେ ଅର୍ଥବ୍ୟୟର ଉଦ୍ଦେଶ୍ୟ ୩; ରକ୍ଷଣଶୀଳ-, ମତାନ୍ଧ- ୩, ୨୫; ଦେଶର ଲୋକମାନଙ୍କର ଧର୍ମ ମାନିବାର ନମୁନା ୭; -ପରିଚାଳିତ ଶାସନତନ୍ତ୍ର ୧୪; -ମିଶନାରୀଙ୍କ ଭାରତବାସୀଙ୍କର ଘୃଣା ୬୩; -ଆମେରିକାର ମାତ୍ର ଏକ ଭଗ୍ନାଂଶ ୧୫୪; -ପାଦ୍ରୀ ୧୫୯; -ହିନ୍ଦୁ-ଭେଦ ୨୨୮

ଗଣତନ୍ତ୍ର ୧୮୦

ଗାର୍ଗୀ ୬୫, ୨୧୧

ଗୀତା—ଜାତି ସମ୍ବନ୍ଧରେ ୭୯; -ମୁଖ ଉଚ୍ଚାରିତ ବାଣୀ ୧୨୪; ଏହାର ଶିକ୍ଷା ୧୨୮; -ପାଠ ୧୪୬, ୨୧୬, ୩୧୫; -ପଢ଼ାଇବା ୧୮୩; ଏହାର ଅନୁବାଦ ୪୮୬

ଗୁରୁ -ଦେବ (ଆଗ୍ୟାଁଦେବ) ୨୩, ୪୬, ୭୫, ୧୧୨, ୧୬୪, ୨୫୪, ୨୫୬; -ଗିରି ୩୬; -ମହାରାଜ ୪୧, ୧୨୩, ୨୩୯; -ମାରିବା ବିଦ୍ୟା ୪୬; -ଭକ୍ତି ୫୭; ତାଙ୍କ ଉପରେ ବିଶ୍ୱାସ ୫୭, ୧୬୦; -ପରଂପରା ଭିନ୍ନ କାମ ହେବ ନାହିଁ ୭୯; -ପୂଜା ବଙ୍ଗଳା ଦେଶରେ ୧୦୫; -ଭକ୍ତି ହିଁ ଆଧ୍ୟାତ୍ମିକ ଉନ୍ନତିର ମୂଳ ୧୯୨; -ଭକ୍ତ ଜଗତ ଜୟ କରିବେ ୧୯୯

ଚଣ୍ଡାଳ—ଏମାନଙ୍କର ଶିକ୍ଷାର ବେଶୀ ପ୍ରୟୋଜନ ୯୫; ଓ ବ୍ରାହ୍ମଣ ଭେଦ ୧୩୩, ୨୧୮

ଚରିତ୍ର—ନୈତିକ ୧୮; -ବଳରେ ମନୁଷ୍ୟ ଜୟୀ ହେବ ୨୪; -ସୃଷ୍ଟି ୩୩; -ବାଧାବିଘ୍ନ ଦୂର କରେ ୩୪; ଏହାର ଓ ପବିତ୍ରତାର ପ୍ରଭାବ ୮୯; -ଗଠନ ୧୨୦; ଏହାର ଚରମ ଉତ୍କର୍ଷ ୧୬୪; -ଶକ୍ତିର ଉତ୍ସ ୨୪୩; ବର୍ତ୍ତମାନ ଜଗତର ଏକାନ୍ତ ପ୍ରୟୋଜନ- ୨୫୭

ଶିକାଗୋ—ଧର୍ମମହାସଭା ୨୬, ୩୧; -ସମ୍ବାଦପତ୍ରରେ ୨୭; ବିଶ୍ୱମହାମେଳା ୬୦; ସେଠାରେ ସ୍ୱାମୀଜୀଙ୍କର ବକ୍ତୃତାଚରଣ ୧୧୧; ସେଠାରେ ସ୍ୱାମୀଜୀଙ୍କର ଭାଷଣର ହିଁ ଆଭାସ ୧୩୪; -ଭାଷଣର ଅନୁବାଦ ୧୯୦; -ମହାସଭାର ଉପକାର ୨୯୩; -ଧର୍ମମହାସଭା ଥିଲା ହିନ୍ଦୁ ମତରେ ତାମସାର ବ୍ୟାପାର ୩୨୫

ଚିତ୍ତ -ଶୁଦ୍ଧି ୪୧, ୧୦୦, ୨୭୬; -ଶୁଦ୍ଧିର ଉପାୟ ୫୨; ଏହାକୁ ଜ୍ଞାନଲାଭ ନିମିତ୍ତ ଉପଯୋଗ କରିବା ୧୦୦; -ସ୍ଥୈର୍ଯ୍ୟ ୧୨୫; ଦୃଢ଼- ୧୩୯

ଚେତନ—ଇଚ୍ଛାର ହିଁ ଅଭିବ୍ୟକ୍ତ ...; -ଶକ୍ତି
ଚୈତନ୍ୟଦେବ—ପ୍ରାଚୀନ ..., ଏକାକାର ... ଦେଇ ଯେଉଁ ବାଣୀ ୧୩୨;
-କଣାଏମାନ ପ୍ରକାଶ ୧୭୮; ... ଉପଦେଶ ୩୪୬
ଛୁଁତ୍‌ମାର୍ଗ (ଛୁଆଁମାର୍ଗ) ୭, ୯୬
ଜଡ଼-ବାଦ ୭; -ସଭ୍ୟତା ୩୪; -ଦ୍ୱାରା ଚୈତନ୍ୟର ପ୍ରମାଣ ୪୦; -ଉପାସନା ୧୧୭; ଓ
ଶକ୍ତି ୨୩୦; ବିଦ୍ୟୁତ୍ ଜନସଡି- ୨୩୧
ଜନ୍ମାନ୍ତର-ବାଦ—ମ୍ୟାକ୍ସମୂଲର୍‌ଙ୍କର ଗ୍ରହଣ ୧୩୪; -ସମ୍ବନ୍ଧରେ ୧୫୨
ଜରଥୁ ଷ୍ଟ୍ରିୟ ଦର୍ଶନ ୨୯୦
ଜାତି—ଅନ୍ୟକୁ ଘୃଣା କରି କେହି ବଞ୍ଚି ରହିପାରେ ନାହିଁ ୨୫; -ଅନ୍ୟ ଜାତିଠାରୁ ପୃଥକ୍
ରହି ବଞ୍ଚି ରହିପାରେ ନାହିଁ ୩୨; -ବିଭାଗ ୭୯; -ସୃଷ୍ଟିର ମୂଳରେ ହିଁ ବର୍ତ୍ତମାନ ୭୯;
-ସମ୍ବନ୍ଧରେ ଗୀତାର ଉକ୍ତି ୭୯; -ପ୍ରତ୍ୟେକର ବ୍ୟକ୍ତିତ୍ୱ ୮୦; ଭାରତର ସର୍ବପ୍ରଧାନ ଦୁଇ-
୧୨୭; -ଆଧିଭୌତିକ ଦୁଃଖର କାରଣ ୨୧୦; ଏହାର ନାମରେ ଗରିବଙ୍କ ପେଷଣ
୨୧୯; ଉଚ୍ଚ ଓ ନିମ୍ନ- ୩୨୦; -ଭୁକ୍ତି ହିଁ ମାନ୍ଦ୍ୟର ମୂଳ ୩୩୫; -ବନ୍ଧନ ୩୩୫; -ଜାତ୍ୟାଦ
ଉନ୍ନତି ୩୩୬; -ଚ୍ୟୁତ ୩୪୯
ଜାତିର—ସଙ୍କୁଚିତରେ ଅର୍ଥ ୭୯; ଅର୍ଥ ହିଁ ସୃଷ୍ଟି ୭୯; ମୂଳ ଅର୍ଥ ୭୯; ଜୀବନରେ ମୂଳ ପ୍ରବାହ
୮୦; ବିରୋଧର କାରଣ ୧୨୮; ଆପଣାର ସାହାଯ୍ୟ ଆପଣାକୁ ୨୭୩
ଜାତୀୟତା-ମୂଳକ ସମସ୍ତ ଭାବ ହିଁ ଦୁଷ୍ଟ କୁସଂସ୍କାର ମାତ୍ର ୨୩୭
ଜୀବନ—ଅର୍ଥ ଗତି ୨୭; -ଅର୍ଥ ସମ୍ପ୍ରସାରଣ, ବିସ୍ତାର ୩୩; ପ୍ରେମ ହିଁ- ୩୩; ପରୋପକାର ହିଁ-
୪୦; -ଲକ୍ଷଣ ପରହିତ ପାଇଁ କାର୍ଯ୍ୟ ୩୭; -କ୍ଷଣସ୍ଥାୟୀ ୮୭; -କିଛି ନୁହେଁ ୧୦୩;
ଭାରତୀୟ ସାଧୁର- ୧୦୮; ଏହାର ଅଭିଜ୍ଞତା ୧୧୮; -ଦ୍ରଷ୍ଟା ୧୨୫; -ପ୍ରବାହ ୧୨୯;
-ମୁକ୍ତ ୧୪୪; ନବ- ୧୪୭; ପରିବ୍ରାଜକ; ୧୫୨; ଏହାର ପ୍ରକୃତ ଅର୍ଥ ୧୫୨; -ଶକ୍ତିର
ଉତ୍ସ ୨୪୩; ପ୍ରେମଦୀପ୍ତ ଓ ସ୍ୱାର୍ଥଶୂନ୍ୟ- ୨୫୭; -ମୃତ୍ୟୁ ୨୯୭; ଅନନ୍ତ- ୩୨୫
ଜୀବାତ୍ମା—ଈଶ୍ୱର ହିଁ ଏହାର ମୂଳ ସ୍ୱରୂପ ୯୮; ଓ ପରମାତ୍ମା ୨୫୧; -ଯେତେବେଳେ ଏହା
ବୁଝିପାରେ ୨୯୭; -ରେ ହିଁ ଅନନ୍ତ ଶକ୍ତି ୩୨୨
ଜ୍ଞାନ—ସହଜ ବ୍ରହ୍ମ- ୭୧; -ଯୋଗ କ୍ଲାସ୍ ୧୨୨; -କାଣ୍ଡର ନେତା ଶ୍ରୀକୃଷ୍ଣ ୧୨୮; ଏହାର
ଜନ୍ମ ୧୨୮; ଶ୍ରୀକୃଷ୍ଣ ଓ ବୁଦ୍ଧ ସମସ୍ତଙ୍କ ପାଇଁ ଏହାର ଦ୍ୱାର ଖୋଲିଦେଲେ ୧୨୮;
-ଶିକ୍ଷା ୧୩୬; ଅଦ୍ୱୈତ ବସ୍ତୁଠାରୁ ଟିକିଏ ସ୍ୱତନ୍ତ୍ର ୨୦୩; ଏହା ମଧ୍ୟ ଏକ ଯୌଗିକ
ପଦାର୍ଥ ୨୦୩; ଏହା ହିଁ କ୍ରିୟାରେ ପରିଣତ ୨୦୩; ଦୁଇ ଅବସ୍ଥାର ଭାଗ ୨୦୪; -ବଳ-
ଠାରୁ ବଳ ଆଉ କ'ଣ ଅଛି ୨୦୮; -ଯୋଗ ୨୩୫, ୨୩୭, ୨୩୯, ୨୮୫
ଟାଉନ୍‌ହଲ୍—କଲିକତାର ସଭା ୧୮
ଟୋଲ୍ ୧୦
ଡୟସନ୍, ପଲ୍ (ଅଧ୍ୟାପକ)—ଡାର୍‌ୱିନ୍-ମତାବଲମ୍ବୀଙ୍କର କ୍ରୀଡ଼ା-ପୁତ୍ତଳିକା ୨୦୩; 'ଉନ୍ମୁଖୀ'

ଅଦ୍ୱୈତବାଦୀ ୨୮୦; ସ୍ୱାମୀଜୀଙ୍କ ସହିତ ୨୮୪, ୨୮୬, ୨୮୭, ୨୯୦, ୨୯୨
ଡ଼. ଗୁପ୍ତଙ୍କର ଔଷଧ—ମଦକୁ ଏଥିରେ ପରିଣତ କରିବା ୩୮
ତନ୍ତ୍ର ୬୮, ୧୮୫
ତୁଳସୀ ଦାସ ୧୦୪, ୨୮୫
ତ୍ୟାଗ -ଦ୍ୱାରା ଅମୃତତ୍ୱ ଲାଭ ୧୨; -ଖୁବ୍ ପ୍ରଚୁର ଦରକାର ୧୨; ଜଗତ୍-କଲ୍ୟାଣରେ ମୁକ୍ତି-କାମନା- ୪୧; -ବୈରାଗ୍ୟ ୮୨; ସ୍ୱାର୍ଥ- ୧୩୩; -ମନ୍ତ୍ରରେ ଦୀକ୍ଷିତ ୧୩୩; ଏହାର ଭାବ ୨୩୪; ଏହାର ବିଭିନ୍ନ ରୂପ ୨୯୬; -ଶବ୍ଦରେ ବୈରାଗ୍ୟ ଲକ୍ଷ୍ୟ କରାଯାଏ ୩୪୬; ଏଥିରେ ହିଁ ସୁଖ ୩୫୨
ତ୍ୟାଗୀ—ନ ହେଲେ ତେଜ ହେବ ନାହିଁ ୧୨; -ନିର୍ଭୀକ ୧୦୯
ଥିଓସଫି ୫୪, ୧୭୭, ୨୨୭
ଥିଓସଫିକାଲ୍ ସୋସାଇଟି ୫୪
ଥିଓସଫିଷ୍ଟ—ମାନଙ୍କର ବିଶେଷ ପ୍ରଭାବ ନାହିଁ ୭; ଏମାନଙ୍କର ଭାରତରୁ ପ୍ରକାଶିତ କାଗଜ ୩୭; -ଧର୍ମ ଦେବାରେ କୃତକାର୍ଯ୍ୟ ହୁଅନ୍ତି ୫୪; -ମାନଙ୍କୁ ଗ୍ରାହ୍ୟ ନ କରିବା ୮୯; ଆମେରିକାନ୍- ୧୩୭; ନିଉୟର୍କ କ୍ଲାସ୍‌ରେ ୧୬୨; -ମାନଙ୍କ ସଙ୍ଗରେ ସମ୍ବନ୍ଧ ନ ରଖିବା ୧୯୯; ସେମାନଙ୍କର କାର୍ଯ୍ୟପ୍ରଣାଳୀ ୨୨୦; ସେମାନଙ୍କ ସଙ୍ଗେ ଯୋଗ ଦେବାର ସନ୍ଦେହ ୨୨୬; ଓ ମିଃ ଗୃଷ୍ଟାର୍ଜୀ ୨୩୭; ଏମାନେ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଥିଲେ ୩୧୨; -ସଂଖ୍ୟା ନାମ ମାତ୍ର ୩୨୮; -ମଧ୍ୟରେ ବେସାନ୍ତଙ୍କର କାର୍ଯ୍ୟ ୩୬୧
ଦାସ—ଜାତି ମଧ୍ୟରେ ହିଁ ହିଂସା ରୂପୀ ପାପ ୨୯; -ସୁଲଭ ସ୍ୱଭାବ ୨୯, ୭୪, ୧୩୬; -ରୂପରେ ବିକ୍ରୀତ ୩୦; -ଜାତିର ମୂଳ ପାପ ଈର୍ଷା ୭୪; -ଭାବାପନ୍ନ ଜାତି ନିକଟରୁ କିଛି ଆଶା କରିବା ଉଚିତ ନୁହେଁ ୭୪; -ଜାତିର ଧ୍ୱଂସର କାରଣ ଈର୍ଷା ୨୪୩
'ଦୀନାକ୍ଷୀଣା' ୧୩
'ଦୀନହୀନ' -ଭାବ ରୋଗ ୮; -ଭାବ ଗୁପ୍ତ ଅହଂକାର ୮; -ଭାବ ଦୂର କରିବା ୯୧; -ପାପ ଏବଂ ଅଜ୍ଞତା ୧୪୪
ଦେହ—ଏହାକୁ ବନ୍ଧନରେ ପକାଇବା ୧୬; ଓ ପ୍ରକୃତି ଜଡ଼ବସ୍ତୁ ୯୮; ଏଥିରେ ମୃତ୍ୟୁ ଭୟ ୧୦୯; -ମନ ପ୍ରାଣ ଦେଇ କାର୍ଯ୍ୟ ୧୧୨
ଦ୍ୱୈତ -ବାଦ ହିନ୍ଦୁଧର୍ମର ପ୍ରଥମସ୍ତର ୧୩୭; ବେଦାନ୍ତ ଦର୍ଶନର ସ୍ତର ୧୩୭; -ବାଦ ୧୮୦, ୨୦୪; -ବାଦୀର ମତରେ ଆତ୍ମାର ଗତି ୨୩୧; -ବାଦୀ ଶ୍ରୀଚୈତନ୍ୟ ୩୪୭
ଧର୍ମ—ଭାରତରେ ବିକଶିତ ୧୬; -ପାଶ୍ଚାତ୍ୟରେ ଅପରିଣତ ୧୬; -ସମସ୍ତଙ୍କୁ ହିଁ ଗ୍ରହଣ କରେ ୧୭; -ମହାସଭା (ମହାମେଳା) ୨୬; ୪୪, ୬୦, ୨୯୩, ୩୨୫; -ପ୍ରଚାରକ ଭାରତକୁ ପ୍ରେରଣ କରିବା ଇଚ୍ଛା ୨୭; -ନୀତିର ଅବ୍ୟର୍ଥ ନିୟମ ୩୨; -ନିଷ୍ଠାରୁ ଶିକ୍ଷା ୩୫; -ରୁ ପୁରୋହିତ ଓ ଅନାଚାରର ଉଚ୍ଛେଦ ୩୫; -ଲାଭ ୪୧; ସାର୍ବଜନୀନ- ୫୦, ୨୯୪; ପରମ- ୫୩; -ପ୍ରଚାରକର କପଟ ବ୍ୟବହାର ୫୩; -ଆଚାର୍ଯ୍ୟ ୫୪; -ଯେଉଁମାନଙ୍କ

ପକ୍ଷରେ ବ୍ୟବସାୟ ମାତ୍ର ୫୪; -ଆଉ ଭାରତରେ ନାହିଁ ୭୧; -ମହାତ୍ମ୍ୟର ଉଦ୍ଦେଶ୍ୟ ବିଶ୍ଳେଷଣ ୮୫; -ପ୍ରଚାର ୧୨୧; -ବିଶ୍ୱାସ ୧୩୩; କହିଲେ ବର୍ତ୍ତମାନ ବେଦାନ୍ତକୁ ବୁଝାଏ ୧୩୭; -ବିଜ୍ଞାନ ୧୪୦; -ବିଷୟକ ମତବାଦ ୧୪୯; -ଅନୁଷ୍ଠାନର ଆବଶ୍ୟକତା ୧୫୦; -ମେଘ ସମାଧି ୧୬୫; -ଉପଲବ୍ଧି ୧୬୫; -ବ୍ୟାଖ୍ୟା ୧୮୬, ୨୫୩; -ମଣ୍ଡଳୀ ୧୯୦; ଏ ଯୁଗର- ୨୫୦; ବର୍ତ୍ତମାନ ନୂତନ ୨୫୦; -ବିଷୟରେ ଉତ୍ସାହ ଉଦ୍ଦୀପନାର ଲୀଳାଭୂମି ୨୯୦; ପରୋପକାର ହିଁ- ୩୩୭
ଧର୍ମର—ବିକାଶ ୧୬; ପ୍ରକୃତ ତତ୍ତ୍ୱ ସମାଜରେ ପ୍ରୟୋଗ ୧୭; ତୁଳନାମୂଳକ ଆଲୋଚନା ୯୦; ଆରମ୍ଭ ୯୮; ଗ୍ଲାନି ୧୨୪; ସାରକଥା ୧୩୭; ଆନୁଷ୍ଠାନିକ ଦିଗ ୧୮୫
ନଚିକେତା ୩୨୨
ନାଇଣ୍ଟିଥ୍ ସେଞ୍ଚୁରୀ (ପତ୍ରିକା)—ମ୍ୟାକ୍ସମୁଲର୍‌ଙ୍କର ପ୍ରବନ୍ଧ ୨୫୪, ୨୬୫
ନାମରୂପ—ଏହାକୁ ଅତିକ୍ରମ ୧୨୬; -ଜଗତର ଉପାଦାନ ୨୩୨; ଏହା ହିଁ ମାୟା ୨୩୨
ନାରଦସୂତ୍ର ୧୦୬, ୧୮୩, ୨୦୨, ୨୧୯
ନାରୀ—ଗୃହସ୍ଥଳୀର ପ୍ରକୃତ ଅବଲମ୍ବନ ୫୮; ଆମେରିକାର ୫୯; ଓ ପୁରୁଷଙ୍କର ଉଦାରତାର ପାର୍ଥକ୍ୟ ୬୦; -ଭାବରେ ସାଧନା ୨୧୦; ପାଶ୍ଚାତ୍ୟଦେଶରେ ଏମାନଙ୍କର ପ୍ରଭୁତ୍ୱ ୩୨୩
ନାସ୍ତିକ—ଏମାନଙ୍କର କଥା ୯୧; -ଅବିଶ୍ୱାସୀ ୧୭୦; ଇଂରେଜମାନେ ହୁଏତ ରକ୍ଷଣଶୀଳ ନହେଲେ- ୧୮୪
ନିଗ୍ରୋ—ସଦ୍ୟଦାସତ୍ୱମୁକ୍ତ ୨୯; ଆମେରିକାର ଶ୍ୱେତକାୟ ଓ- ୨୯-୩୦; ଜଣେ ଅପରର ପ୍ରଶଂସା ସହ୍ୟ କରିପାରେ ନାହିଁ ୩୦; ଓ ବିଦେଶୀମାନଙ୍କ ମଧ୍ୟରେ ପ୍ରଭେଦ ୧୫୩; ଆମେରିକାର ଶ୍ୟାମବର୍ଣ୍ଣ ବ୍ୟକ୍ତି ମାନେ ହିଁ- ୧୭୫
ନିନ୍ଦାବାଦ ୧୫
ନିର୍ଭରତା—ଭାରତୀୟ ଚରିତ୍ରର ବୈଶିଷ୍ଟ୍ୟ ୮୯
ନିଷ୍କାମ -ଭାବରେ କର୍ମ ୧୦୧; -କର୍ମଦ୍ୱାରା ଚିତ୍ତଶୁଦ୍ଧି ୨୧୦
ନୀତି -ଶିକ୍ଷା ୨୭; -ସମ୍ବନ୍ଧୀୟ ଭ୍ରାନ୍ତ ଧାରଣା ୩୨; ସାଧୁତା ହିଁ ଶ୍ରେଷ୍ଠ- ୪୬; -କୁ ସାଦରେ ଗ୍ରହଣ ୨୦୫; ପ୍ରକୃତ- ୨୩୭; -ରାଜ୍ୟରେ କ୍ରମବିଭାଗ ଅଛି ୩୦୬; -ଶାସ୍ତ୍ର ୩୪୭
ନେତା—ଦାସସ୍ୟ ଦାସଃ ୪୮; -ଜନ୍ମରୁ ୪୮-୯; -ସମସ୍ତେ ହିଁ ହେବାକୁ ଚାହାନ୍ତି ୪୯; -ରୂପେ ୧୩୯
ପତଞ୍ଜଳି—ଯୋଗ ପ୍ରବର୍ତ୍ତକ ୧୬୫; ଇଂରେଜୀରେ ଏହାର ସୂତ୍ରାଙ୍କ ସଠିକ ଅନୁବାଦ ୨୦୨, ୨୩୭; -ଯୋଗସୂତ୍ର ୩୨୨
ପତ୍ରିକା—(କାଗଜ, ପୁସ୍ତିକା) କଲିକତାରୁ ପ୍ରକାଶନ ୧୦, ୯୦, ୧୧୬, ୧୩୯, ୨୨୫, ୨୪୨; -ମାନ୍ଦ୍ରାଜରେ ୧୬, ୫୬, ୯୦, ୧୩୬, ୧୩୭; ଏହା ପାଇଁ ଟଙ୍କା ୧୩୭; ଇଂଲଣ୍ଡ ଓ ଆମେରିକାର- ୧୬୧; ଏହି ଦିଗରେ ମନୋଯୋଗର ଉପଦେଶ ୧୮୨; ବଙ୍ଗଳା- ୨୦୮; ପ୍ରସ୍ତାବିତ ପ୍ରକାଶନରେ ସହାନୁଭୂତି ୨୪୨; ଏହାର ଉଲ୍ଲେଖଯୋଗ୍ୟ

ବୈଶିଷ୍ଟ୍ୟ ୨୪୨
ପରମହଂସଦେବ (ଶ୍ରୀରାମକୃଷ୍ଣ)—କାହିଁକି ଆସିଥିଲେ ୧୦; -ନାମ ବା ମାନ ଲୁହେଁ ୧୦; ତାଙ୍କର ଜୀବନୀ ୧୬, ୭୨; ତାଙ୍କର ଜୀବନ ଓ ଶିକ୍ଷା ୨୦; -ଅବତାର ୧୦୫, ୨୪୯; -ଚରଣରେ ପୁରାତନ ଠାକୁରଙ୍କ ଉପରେ ୨୫୦; ତାଙ୍କର ଜୀବନୀ ଲେଖିବାକୁ ମ୍ୟାକ୍ସମୁଲାର୍ଙ୍କର ଆଗ୍ରହ ୨୫୮, ୨୬୬; ସମ୍ବନ୍ଧରେ ମ୍ୟାକ୍ସମୁଲର୍ଙ୍କର ପ୍ରବନ୍ଧ ୨୬୯
ପରଲୋକ -ଗତ ଦେହଧାରୀ ବ୍ୟକ୍ତି ୧୬୬; -ତତ୍ତ୍ୱ ୨୩୧
ପଲିଟିକାଲ୍—ବିଷୟ ସମ୍ବନ୍ଧରେ ନିର୍ଦ୍ଦେଶ ୯
ପଞ୍ଜାବ—ସେଠାରେ ଭାବ-ପ୍ରଚାର ୫୧; ସେଠାରେ ମଠର ପରିକଳ୍ପନା ୧୮୩
ପାଣ୍ଡ୍ୟା ୩୫୧
ପାଶ୍ଚାତ୍ୟ -ବାସୀମାନେ ଅଧିକ କୃପଣ ୩; -ବାସୀ ଉନ୍ନତ ୧୬; -ଜାତିର କର୍ମ-ସାଫଲ୍ୟର କାରଣ ୨୯; -ଜାତି ଚରିତ୍ରରୂପକ ସ୍ତମ୍ଭ ଉପରେ ପ୍ରତିଷ୍ଠିତ ୩୩; ଜାତିର କାର୍ଯ୍ୟସିଦ୍ଧିର ରହସ୍ୟ ୬୪; -ଭାଷା ଶିକ୍ଷା ୯୦; -କ'ଣ ଚାହେଁ ୧୮୬; -ସଂସ୍କୃତଜ୍ଞ ପଣ୍ଡିତ ୨୩୯; -ନାରୀର ରାଜ୍ୟ ୩୨୩; -ଜଡ଼ ବିଜ୍ଞାନରେ ଆଧ୍ୟାତ୍ମିକ ଜ୍ଞାନରେ ୩୨୫
ପାଶ୍ଚାତ୍ୟମାନଙ୍କର—ଆଦର୍ଶ ୧୬-୭; କର୍ମୈଷଣା ଓ ତେଜସ୍ୱିତା ୧୮; ସମାଜ ୩୪; ଆଧୁନିକ ସଭ୍ୟତା ୩୨୦
ପୁରାଣ—ଭାଗବତ ୬୪; ପ୍ରାଚୀନ ଜାତିଙ୍କ- ୧୨୭
ପୌରୋହିତ୍ୟ -ରୂପକ ପାପ ୩୫; -ଶକ୍ତି ୭୬; ଏହା ହିଁ ଭାରତର ସର୍ବନାଶର ମୂଳ ୧୩୦
ପ୍ରବୁଦ୍ଧ ଭାରତ (ପତ୍ରିକା) ୧୧୧, ୨୬୩, ୨୮୫, ୨୮୭, ୨୯୪
ପ୍ରାଚ୍ୟ -ଦେଶୀୟ ଧର୍ମପ୍ରସଙ୍ଗ ୭୭; -ଅପେକ୍ଷା ପାଶ୍ଚାତ୍ୟ ହିଁ ଏହି ସାମ୍ୟଭାବ ତତ୍ତ୍ୱକୁ ଶୀଘ୍ର ଧାରଣା କରିପାରିବ ୧୬୭; -ତତ୍ତ୍ୱବିତ୍ ୧୯୯
ପ୍ରେମ, ପ୍ରେମର—ଜୟ ନିଶ୍ଚିତ ୨୪; ସର୍ବଶକ୍ତିମତ୍ତାରେ ବିଶ୍ୱାସ ୨୪; ଏହା ହିଁ ଜୀବନ ୩୩; ଏହାର ଅର୍ଥ ବିସ୍ତାର ୩୩; -ଅନୁଭବ ୩୪; ଏଥିରେ ଭେଦଜ୍ଞାନ ରହେ ନାହିଁ ୧୩୩; ଏଥିରେ ହିଁ ଭକ୍ତି, ଜ୍ଞାନ ଓ ମୁକ୍ତି ୩୪୩
ଫୋନଗ୍ରାଫ୍ ୧୪୨
ବଙ୍ଗ -ଦେଶରେ ଗୁରୁପୂଜା ୧୦୫; -ଦେଶ ସାରା କେନ୍ଦ୍ର ୧୮୪
ବଙ୍ଗାଳୀ ଜାତିର ମଜ୍ଜାଗତ ୩୦୮
ବନ୍ଧନ—ଶୁଭ କର୍ମର ୧୦୦; -ତ୍ରିବିଧ ୧୨୫, ୧୫୩; ଏହାର କାରଣ ୩୪୭; କାମ-କାଞ୍ଚନ ହିଁ- ୩୫୨
ବର୍ଣ୍ଣବିଭାଗ—ଜାତିର ଉନ୍ନତିରେ ପ୍ରତିବନ୍ଧକ ୭୯-୮୦
ବାଇବେଲ ୬, ୩୩୬
ବାମାଚାର—ବୀଭତ୍ସ ୧୨୯; -ସାଧନ ୨୪୮; -ନ ଆସେ ୩୧୬

ବାମାଗୁସ୍ତି ୭
ବାସନା—ସର୍ବବିଧ ଅଭିବ୍ୟକ୍ତିର କାରଣ ୨୦୩
ବିଜ୍ଞାନ—ଭାରତରେ ଋଷିଙ୍କ ଦ୍ୱାରା ପରିପୁଷ୍ଟ ୧୩୦; -ଗ୍ରନ୍ଥ ୧୮୫; ପଦାର୍ଥ- ୨୦୩; ଆଧୁନିକ- ୨୩୦; ମନୋ- ୨୩୪; ଅଧ୍ୟାତ୍ମ- ୩୨୫
ବିଜ୍ଞାନଭିକ୍ଷୁ ୨୦୨
ବିବାହ—ବିଭିନ୍ନ ଜାତିରେ ୭୯; ବାଲ୍ୟ (ବାଳକ)- ୧୯୦, ୨୦୦; -ପାଶ୍ଚାତ୍ୟରେ ୨୩୪; -ସାଧାରଣଙ୍କର ସର୍ବୋତ୍ତମ ଲକ୍ଷ୍ୟ ୨୮୦; -ପ୍ରଥା ୨୯୭
ବିଶିଷ୍ଟାଦ୍ୱୈତ—ବେଦାନ୍ତଦର୍ଶନର ସ୍ତର ୧୩୭; ଏହାର ଭାଷ୍ୟ ୧୪୯; -ବାଦାତ୍ମକ ଶ୍ଳୋକ ୨୮୭
ବିଶ୍ୱଚେତନା—ର ମହତ୍ତ୍ୱ ୨୦୩
ବିଶ୍ୱମେଳା (ପ୍ୟାରିସ୍) ୩୬୪
ବିଶ୍ୱାସ—ନିଜ ଉପରେ ୧୧; ପ୍ରଭୁଙ୍କ ଉପରେ ୧୧୯; ଏହା ସିଂହତୁଲ୍ୟ ବୀର୍ଯ୍ୟବାନ୍ କରେ ୧୯୯; -ଭକ୍ତିର ଫଳ ୨୧୮
(ଶ୍ରୀ) ବୁଦ୍ଧ—ନୀରବରେ କେତେ ଶହ ଜୀବନ ଦାନ ୨୫; -ସର୍ବଶ୍ରେଷ୍ଠ ଭଗବାନ ୧୨୯; -ଦେବଙ୍କର ପଦାନତ ୧୪୪; ଏହାଙ୍କର କଣାଏ ମାତ୍ର ପ୍ରକାଶ ୧୭୮; -ଅବତାର ୨୧୦; ହିନ୍ଦୁଦ୍ୱାରା ଅବତାର ରୂପେ ପୂଜିତ ୩୨୮; ଏହାଙ୍କ ପ୍ରତି ପ୍ରଗାଢ଼ ଶ୍ରଦ୍ଧାପରାୟଣ ୩୨୮
ବୁଦ୍ଧି—ଶକ୍ତି ୨୦୩; ଜାତି- ୩୩୫; ଅଭେଦ- ୩୩୫; ଭେଦ ଓ ଦ୍ୱେଷ ୩୩୫; ଜୀବ- ୩୪୭; ଆତ୍ମ- ୩୪୭
ବେଦ—ବେଦାନ୍ତ ୭୫, ୨୧୮; -ମତରେ ସନ୍ନ୍ୟାସୀ ୧୦୪; ଏହାର ଅଭ୍ୟୁଦୟ ୧୨୯; ଋଗ୍- ୧୮୫, ୨୫୯; ବର୍ତ୍ତମାନ ନୂତନ- ୨୫୦; ଅଥର୍ବ- ୨୫୯; ସାମ- ୨୫୯; ବେଦାନ୍ତର ମୂଳମନ୍ତ୍ର ୩୨୨; ସଂହିତା, ବ୍ରାହ୍ମଣ ଓ ଉପନିଷଦ୍ ସମଷ୍ଟି ହିଁ- ୩୩୭; ଏହାର ପ୍ରୟୋଜନ ୩୩୮
ବେଦାନ୍ତ—କାର୍ଯ୍ୟରେ ପରିଣତ କରିବା ୨୫; -ଶିକ୍ଷାଦାନ ୪୨; -'ଧର୍ମ' ପୁସ୍ତକ ୪୨; ଏହାର ତିନୋଟି ଭାଷ୍ୟ ଅଧ୍ୟୟନ ୫୭; ଏହାର ବିଭିନ୍ନ ମତବାଦ ୯୦; -ସୂତ୍ର ୧୧୫; ଏହାର ପୁନରୁତ୍ଥାନ ୧୨୯; ଏହାର ଉପଦେଶ ୧୩୧; -ବାଦ ୧୩୪; ଏହାର ମଧ୍ୟରେ ହିଁ ଧର୍ମର ସବୁକିଛି ୧୩୭; -ଦର୍ଶନର ତିନୋଟି ସ୍ତର ୧୩୭; -ଦର୍ଶନର ଛନ୍ଦ ଲେଖା ୧୪୨; ମ୍ୟାକ୍ସମୁଲର୍ ଏହାର କୌଣସି ଅଂଶକୁ ଉପେକ୍ଷା କରି ନାହାନ୍ତି ୧୫୧; ଏହାର ମହିମା ୧୬୨; -ମତରେ ସୃଷ୍ଟିତତ୍ତ୍ୱ ୨୩୧; -ସମ୍ବନ୍ଧରେ ଲୋକପ୍ରିୟ ଲେଖା ୨୩୯; ଏହାର ଭାବ ୨୫୪; ବା ଜଗତର ଅନ୍ୟ କୌଣସି ଦର୍ଶନ ୨୬୭; -ଭାବାଦର୍ଶ ୨୮୩; ଏହାର ତ୍ରିବିଧ ଭାବ ୨୮୭; -ପ୍ରଚାର ୨୯୨; ଏହାର ଲକ୍ଷ୍ୟ ୨୯୮; ଏହାର ଭିତ୍ତି ୩୨୦; -ଧର୍ମ ୩୬୭

ବୈରାଗ୍ୟ—ଆଉ ଅଲସୁଆପଣ ୬୮; -ସମ୍ବନ୍ଧରେ ପରମହଂସ ଦେବଙ୍କର ଉକ୍ତି ୨୫୮; ଏହାର ଲକ୍ଷଣ ୩୪୬; -ଦୁଇ ପ୍ରକାର ୩୪୬

ବୌଦ୍ଧ, ବୌଦ୍ଧଧର୍ମ—ଗ୍ରନ୍ଥ ଅଧ୍ୟୟନ ୧୯; ଏହାର ନୀତିତତ୍ତ୍ୱ ୫୩; ଏଥିରୁ ବାମାଚାର ସୃଷ୍ଟି ୧୨୯; -ସଂସ୍କାର ୧୨୮; -ପ୍ରଚାରରେ କ୍ଷତ୍ରିୟମାନେ ହିଁ ନେତା ୧୨୯; -ଜାତକର ଅନୁବାଦ ୧୮୬; ଅବନତି- ୩୨୬; -ସଂଖ୍ୟା ୩୨୮

ବ୍ରହ୍ମ—ଚର୍ଯ୍ୟା ୬, -ଚର୍ଯ୍ୟ ଶ୍ରେଷ୍ଠ ବଳ ୭; -ଚର୍ଯ୍ୟ ଜୀବନ ୪୧; -ଆଦି-ସ୍ତମ୍ବ ପର୍ଯ୍ୟନ୍ତ ନାରାୟଣ ୯୫; -ସୂତ୍ର ୨୩୪; ଏକମାତ୍ର ଅଦ୍ୱୈତ ବସ୍ତୁ ୨୭୨; ବସ୍ତୁର ଯଥାର୍ଥ ସ୍ୱରୂପ- ୨୯୬; ନିର୍ଗୁଣ- ୩୩୫; -ଜ୍ଞାନ ୩୩୮

ବ୍ରହ୍ମବାଦିନ୍ (ପତ୍ରିକା)—ସମ୍ବନ୍ଧରେ ଉପଦେଶ ୧୮୧; -ସମ୍ବନ୍ଧରେ ପ୍ରସ୍ତାବ ୧୯୧; ଏହା ବେଦାନ୍ତ ପ୍ରଚାର ନିମିତ୍ତ ୨୨୬; ଏଥିରେ ସଂସ୍କୃତ ପ୍ରବନ୍ଧ ୨୩୯; -ଭାରତ ପକ୍ଷରେ ଉପଯୋଗୀ ୨୪୧; -ପ୍ରକାଶନର ଧାରା ୨୪୨

ବ୍ରାହ୍ମଣ (ବେଦର ଅଂଶ) ୯୪, ୨୫୯, ୨୮୭, ୩୩୬

ଭକ୍ତି—ରକ୍ଷଣଶୀଳତା ଛଡ଼ା ୪୯; -ଶିକ୍ଷା ୧୦୬; ନିଜେ ତ ଫଳସ୍ୱରୂପ ୧୬୮; -ସମ୍ବନ୍ଧରେ ପୁସ୍ତକର ଅନୁବାଦ ୧୭୯; -ସମ୍ବନ୍ଧରେ ପ୍ରବନ୍ଧ ୧୯୮; -ଯୋଗ ୧୯୮, ୨୨୬, ୨୩୯, ୨୯୪; -ଯୋଗ ଗ୍ରନ୍ଥ ଲେଖା ୧୯୯; ଓ ପ୍ରେମ ୨୧୦; -ସମ୍ବନ୍ଧରେ ବକ୍ତୃତା ୨୭୯

ଭଗବାନ—ଲାଭ ୪୦; ତାଙ୍କର କୃପାଦୃଷ୍ଟି ୧୧୯; ତାଙ୍କର ସନାତନ ବାକ୍ୟ ୧୪୦; ତାଙ୍କୁ ନିରୀକ୍ଷଣ ୧୩୧; ତାଙ୍କର ଧ୍ୟାନ ୧୪୬; ତାଙ୍କ ନାମ ପ୍ରଚାର ୧୬୦; ତାଙ୍କର ସନ୍ତାନ ୧୬୮; ନିଖିଳ ଆତ୍ମାର ସମଷ୍ଟି ୩୫୧; ତାଙ୍କର ପୂଜା ୩୫୧

ଭର୍ତ୍ତୃହରି—ତାଙ୍କ ଭାଷାରେ ୧୦୪

'ଭବ-ଘରେ ଚୈତନ' ୧୬୭-୮, ୧୮୩

ଭାରତ—ପାଶ୍ଚାତ୍ୟ ସମାଜ ଓ ଧର୍ମ ତୁଳନାରେ ୧୬-୭; -ଧର୍ମ ବୁଝେ ୧୮; -ସକଳ ଧର୍ମର ପ୍ରସୂତି ୧୭; -ବୀର ସନ୍ତାନ ଆବଶ୍ୟକ କରୁଛନ୍ତି ୨୪; -ପତନର କାରଣ ୩୨; -ପୁନରୁତ୍ଥାନ ସମ୍ପର୍କରେ ୩୨, ୪୨, ୫୭; -ବାସୀଙ୍କ ଶକ୍ତିହୀନତା ୩୭; -ମାତା ଶ୍ରେଷ୍ଠ ସନ୍ତାନ-ଗଣଙ୍କର ଜୀବନବଳି ଚାହାଁନ୍ତି ୪୧; -ଦୀର୍ଘକାଳ ଯନ୍ତ୍ରଣା ସହୁଛି ୪୧; -ଭବିଷ୍ୟତରେ ଅନେକ ବଡ଼ ହେବ ୯୫; ବର୍ତ୍ତମାନ- ୯୫; -ଧର୍ମର ଦେଶ ୧୨୫; -ଆଧ୍ୟାତ୍ମିକତାର ଜନନୀ ୧୨୬; -ବାସୀଙ୍କ ପରି ଦେଶପ୍ରେମହୀନ ୧୩୫; -ଶ୍ରୀରାମକୃଷ୍ଣଙ୍କୁ ଜାଣେ ଓ ଶ୍ରଦ୍ଧା କରେ ୧୬୪; ଓ ବେଦାନ୍ତ ପ୍ରତି ମ୍ୟାକ୍ସମୁଲର୍‌ଙ୍କର ପ୍ରୀତି ୨୫୪; ଆଧ୍ୟାତ୍ମିକ ବିଷୟର ଶିକ୍ଷକ ୨୭୯; -ଧର୍ମଭୂମି ଓ ଜ୍ଞାନଭୂମି ୨୮୫; -ଆର୍ଯ୍ୟଭୂମି ବୋଲି ପରିଚିତ ୨୯୩; -ପୁନଶ୍ଚ ଜାଗି ଉଠିବ ୩୧୮; ଆଜିକୁ ୟୁରୋପ ଓ ଆମେରିକା ଆଶାପୂର୍ଣ୍ଣ ଦୃଷ୍ଟିରେ ଚାହିଁଛନ୍ତି ୩୨୩; -ବାସୀଙ୍କୁ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାକୁ ଉତ୍ସାହ ୩୭୮

ଭାରତୀୟ—ଧର୍ମ ଓ ନୀତିରେ ଆମେରିକାର ପ୍ରଭାବ ୨୭; ଜୀବନରେ ଅଦ୍ଭୁତ ବୈଶିଷ୍ଟ୍ୟ ୨୯୩

ଭାରତରେ—ଶତ ଶତ କେନ୍ଦ୍ର ୧୭; ଦରିଦ୍ର ମୁସଲମାନମାନେ ସଂଖ୍ୟାଧିକ୍ୟ ୩୦; ଧର୍ମଚିନ୍ତାରେ ସ୍ୱାଧୀନତା ୩୪; ସମାଜର ପାଦରେ ଶୃଙ୍ଖଳ ୩୪; ପୌରୋହିତ୍ୟ ରୂପକ ପାପ ୩୫; ଧର୍ମ-ତରଙ୍ଗସମୂହ ବାରମ୍ବାର ଉତ୍ଥିତ ହୋଇଛି ୧୨୫; ବେଦର ପୁନଃ ଅଭ୍ୟୁଦୟ ୧୨୯; ଇଂରେଜ ଶାସନର ସ୍ୱରୂପ ୧୪୦; ଦ୍ୱୈତବାଦ କ୍ଷୀଣ ଓ ଅଦ୍ୱୈତବାଦର ପ୍ରାଧାନ୍ୟ ୧୬୪; ସମସ୍ତଙ୍କର ମନ୍ଥର ଗତି ୨୦୨; ଦୁଇ ମହାପାପ ୨୧୯; ଏକତା ଓ ସଂହତିର ଅଭାବ ୨୪୩; କୌଳିନ୍ୟ ପ୍ରଥା ୩୨୦; ପ୍ରୟୋଜନ ସହିଷ୍ଣୁ ଧର୍ମର ୩୪୮; ପୁରୁଷସମାଜରେ ସ୍ତ୍ରୀ-ଲୋକମାନଙ୍କର ସ୍ଥାନ ନାହିଁ ୩୬୨

ଭାରତର—ବାହାରେ ପ୍ରଣାଳୀବଦ୍ଧ କାର୍ଯ୍ୟର ଉପକାରିତା ନାହିଁ ୧୬; ଆଦର୍ଶ ୧୭; ପାଇଁ ମିଟିଂ ଇତ୍ୟାଦି ୧୮-୯; ସର୍ବନାଶର ସୂତ୍ରପାତ ୨୫; ଓ ଆମେରିକାର ତୁଳନା ୨୯; ଶତକଡ଼ା ନବେଜଣ ଅଶିକ୍ଷିତ ୩୧; ଧର୍ମ ନେଇ ଇଉରୋପ ସମାଜ ପରି ସମାଜ ଗଠନ ୩୫; ଭବିଷ୍ୟତ ୩୭; ଓ ଆମେରିକାର ଖ୍ରୀଷ୍ଟଧର୍ମ ୫୪; ପକ୍ଷରେ ପ୍ରୟୋଜନ ୭୫; କୋଟି କୋଟି ଲୋକ ଦାରିଦ୍ର୍ୟ ଓ ଅଜ୍ଞାନର ଅନ୍ଧକାରରେ ବୁଡ଼ି ରହିଛନ୍ତି ୭୭; ଭାବ ପ୍ରଚାର ୮୯; ଧର୍ମ ହିଁ ଜୀବନୀ-ଶକ୍ତି ୧୨୭; ଅବନତିର କାରଣ ୧୨୭; ଗୌରବସ୍ୱରୂପ ରାଜପୁତ୍ର ୧୩୧; ନିମ୍ନ ଶ୍ରେଣୀର ଉନ୍ନୟନ ରୂପକ କର୍ତ୍ତବ୍ୟ ୧୩୩; ନୈତିକ ଉନ୍ନତିର ଉପାୟ ୧୩୫; ନିମ୍ନଶ୍ରେଣୀ ଲୋକମାନଙ୍କୁ ଶିକ୍ଷା ୨୦୮; ଅଧଃପତନର କାରଣ ସଂକୀର୍ଣ୍ଣତା ୨୧୪; ମାଲପତ୍ର ଇଂଲଣ୍ଡ ଓ ଆମେରିକା ପଠାଯାଏ ୨୨୭; ଉପଯୋଗୀ 'ବ୍ରହ୍ମବାଦିନ୍' ୨୪୧; ଦେଶମୟ ଖାଲି ତମସ୍ ୨୫୬; ଅରଣ୍ୟରେ ବିଧ୍ୱସ୍ତ ମନ୍ଦିର ୩୧୧; ମଙ୍ଗଳ ପାଇଁ ପାଶ୍ଚାତ୍ୟରେ ଧର୍ମ ପ୍ରଚାର ୩୧୭; କଲ୍ୟାଣ ନିମିତ୍ତ ପାଶ୍ଚାତ୍ୟରେ ନରନାରୀଙ୍କର କାର୍ଯ୍ୟ ୩୧୮; ଆଶା ଯୁବକ-ସମ୍ପ୍ରଦାୟ ୩୨୦; ନାସ୍ୱର ଧର୍ମପ୍ରଚାରରେ ମହାତରଙ୍ଗ ୩୨୩; ଦରିଦ୍ରଙ୍କ ଉପରେ ମହାରାଣୀଙ୍କର ଦୟା ୩୪୨; ଜନସାଧାରଣଙ୍କର ଉନ୍ନତି ପାଇଁ ଏକ ଯନ୍ତ୍ର ୩୫୧; ନାରୀସମାଜ ପାଇଁ ଜଣେ ସିଂହୀର ପ୍ରୟୋଜନ ୩୭୭

ଭଲପାଇବା (ପ୍ରେମ, ପ୍ରୀତି)—ଯଥାର୍ଥ ବିଫଳ ହୁଏ ନାହିଁ ୨୪; ଏହା ହିଁ ଉପାସନା ୩୧; ଏଥିରେ ସବୁ ହୁଏ ୩୪; -ମାନେ ହିଁ ସୀମାବଦ୍ଧ ୧୦୩; ଏଥିରେ ଜଗତ ଜିଣାଯାଏ ୩୫୪

ଭୂତ—ପୂଜା ୧୨୦; -ପ୍ରେତ ୧୨୩; ଏହାର ଅସ୍ତିତ୍ୱ ୧୫୯

ମଠ—ସାଧୁମାନଙ୍କର ୭୭; ଏହା ପାଇଁ ଜାଗା ୮୨; -ନିଉୟର୍କ, କଲିକତା ଓ ମାନ୍ଦ୍ରାଜରେ ୮୨; ହିମାଳୟାନ୍- ୮୨; ଏହାର ଜମି ୧୦୫, ୨୧୨; କଲିକତାର ପ୍ରଧାନ କେନ୍ଦ୍ର ୧୩୩; -ପଞ୍ଜାବରେ, ରାଜପୁତାନାରେ, ଏପରିକି ବମ୍ବେରେ ୧୮୩; ଏଥିପାଇଁ ଅର୍ଥ ସଂଗ୍ରହ ୧୮୯, ୨୧୪; ଚଳାଇବାର ନିର୍ଦ୍ଦେଶ ୨୪୭; ଏହାର ଶାସନ ସମିତି ୨୪୭-୮; ଏଥିରେ ବିଭାଗ ୨୪୮; ଏହାର ସାଧାରଣ ନିର୍ଦ୍ଦେଶ ୨୪୯; ଏହାର କାର୍ଯ୍ୟକାରୀ ସଭା ୨୪୯; ସ୍ତ୍ରୀ-ଲୋକମାନଙ୍କର- ୨୫୦; ଏହାର ନିୟମାବଳୀ ୩୩୨; ପ୍ରଥମ- ୩୫୯;

କଲିକତା ଓ ମାନ୍ଦ୍ରାଜରେ- ୩୬୫
ମନୁ—ସନ୍ନ୍ୟାସୀଗଣଙ୍କୁ ଉପଦେଶ ୧୦୩, ୧୦୮
ମହାପୁରୁଷ—ଚିରକାଳ ବଡ଼ ବଡ଼ ସ୍ୱାର୍ଥ ତ୍ୟାଗ କରିଥାନ୍ତି ୪୧; ତ୍ରିଭୁବନର ଉପକାର ଇଚ୍ଛା କରନ୍ତି ୬୩; ପ୍ରାଚୀନ ଭାରତରେ ଦୁଇଜଣ କୃଷ୍ଣ ଓ ବୁଦ୍ଧ କ୍ଷତ୍ରିୟ ୧୨୮; ଏହାଙ୍କର କୃପାଲାଭ ୧୩୩; ସତ୍ୟଦ୍ରଷ୍ଟା- ୧୬୫; ଏହାଙ୍କର ଧର୍ମ ଅନ୍ୟର ଗୁଣ ଦେଖା ୨୪୪; ନାଜାରେଥ୍‌ର- ୨୯୩
ମହୋତ୍ସବ (ଉତ୍ସବ)—ଅଭୂତପୂର୍ବ ୨୦, ୭୨; ସମିତି ଖୋଲିବା ସମୟରେ- ୩୭; ଧୂମ୍‌ଧାମ୍ ସଙ୍ଗରେ- ୯୩, ୧୧୭, ୨୧୪, ୨୧୮, ୨୨୧; ଜନ୍ମତିଥି- ୨୧୫; ଦକ୍ଷିଣେଶ୍ୱରରେ- ୨୭୭
ମାତାଠାକୁରାଣୀ—ତାଙ୍କ ପାଇଁ ଖଣ୍ଡିଏ ଜାଗା ୯, ୧୯, ୬୪, ୯୨, ୧୦୭, ୨୧୨; ତାଙ୍କ ମଠ ପ୍ରଥମ ଆବଶ୍ୟକ ୬୬; -ଗଲେ ସର୍ବନାଶ ୬୫; ଭାରତରେ ମହାଶକ୍ତି ଜାଗରଣ କରିବାକୁ ଆସିଛନ୍ତି ୬୫; ତାଙ୍କୁ ଏପର୍ଯ୍ୟନ୍ତ ବୁଝି ନାହଁ ୬୫; ତାଙ୍କ ଉପରେ ଭକ୍ତି ନ ରହିଲେ କିଛି ହେବ ନାହିଁ ୧୭୮; ତାଙ୍କୁ ଅସଂଖ୍ୟ ପ୍ରଣାମ ୨୧୩, ୨୫୮
ମାତୃଭାବ—ପ୍ରସ୍ଥର ୨୧୦; ଏଥର- ୨୧୯
ମାନବ—ଦେହଧାରୀଙ୍କୁ ଦେବତା କରେ ୧୦୩; -ଜାତିର ଭବିଷ୍ୟତ ଜୀବନ ଉପରେ ପ୍ରଭାବ ୧୨୦; ଏହାର ଆଧ୍ୟାତ୍ମିକ ଉନ୍ନତିର ଭୂମିକା ୧୩୭; -ହେଉଛି ବେଶୀ ମୂଲ୍ୟବାନ୍ ୧୪୧; -ସମାଜରେ ଧର୍ମର ଅପୂର୍ବ ଉଚ୍ଛ୍ୱାସ ୧୬୩; -ମାତ୍ର ଈଶ୍ୱରତ୍ୱ ଲାଭ କରିପାରେ ୧୭୭
ମାନ୍ଦ୍ରାଜ—ବାସୀଙ୍କ ଉପରେ ଆଶା ୪୦; ଏହା ହିଁ ବର୍ତ୍ତମାନ କାର୍ଯ୍ୟର ଉପଯୁକ୍ତ କ୍ଷେତ୍ର ୭୯
ମାନ୍ଦ୍ରାଜୀ—ଅଭିନନ୍ଦନର ଉତ୍ତର ୬, ୧୫; -ମାନଙ୍କର ହୁଲସ୍ଥୁଲ ୧୨; -ମାନଙ୍କର କାର୍ଯ୍ୟର ଉଦ୍ଦେଶ୍ୟ ୨୩; -ମାନଙ୍କ ନିକଟରେ ସହାନୁଭୂତି ପାଇବାର କଥା ୧୧୫; -ମାନଙ୍କ ସହିତ ମିଳିମିଶି କାର୍ଯ୍ୟ ୨୧୨; ଅପେକ୍ଷାକୃତ ଚଞ୍ଚଳ ଓ ଏକନିଷ୍ଠ ୨୮୬
ମାନ୍ଦ୍ରାଜରେ—ଚହଲ ୧୦; ସମ୍ବାଦପତ୍ର ବାହାରିବ ୯୦; ଆଧ୍ୟାତ୍ମିକ ତରଙ୍ଗ ୪୦; ଜାଗା ନେବାର ଚେଷ୍ଟା ୫୬; ଧର୍ମତତ୍ତ୍ୱ ଶିକ୍ଷା ଦେବା ନିମିତ୍ତ ବିଦ୍ୟାଳୟ ୭୮; ସଫଳତାର ସମ୍ଭାବନା ୮୧; କଲେଜ ସ୍ଥାପନର ଉଦ୍ଦେଶ୍ୟ ୯୦; ଭାବ-ପ୍ରଚାରର ଉପଯୁକ୍ତ ଲୋକ ନାହିଁ ୧୩୬; ନୂତନ ଆଲୋକ ୨୬୩
ମାୟା—ଏହାର ତରଙ୍ଗ ୯୭; ଏହାର ପ୍ରଭାବ ୧୦୦; -ବନ୍ଧନ ୧୬୫; ପ୍ରଣାଳୀ ହିଁ- ୨୦୩; -ବ୍ୟାଖ୍ୟା ୨୩୨, ୨୫୧; -ରୂପକ ଅନ୍ଧକାର ୩୪୭
ମାର୍କିନ୍—ସ୍ୱଦେଶୀର ପକ୍ଷ ନିଅନ୍ତି ୭୫; -ଜୀବନର କେନ୍ଦ୍ର ନିଉୟର୍କ ୧୩୬; -ମାନଙ୍କୁ ଧନ୍ୟବାଦ ୧୪୦; -ନାରୀର ପରିଚର୍ଯ୍ୟା ୨୨୩; -ସଭ୍ୟତାର କେନ୍ଦ୍ର ୨୩୩
ମିଶନାରି—ଠକ ଜୁଆଚ୍ଚୋର ୭; -କାଗଜ ୪୪; -ଚେଷ୍ଟା ୧୩୪

ମିଶନାରିମାନଙ୍କର—ଘରେ ବାଘ ପଶିଛି ୪; ଅପକୌଶଳ ୧୪; ମିଥ୍ୟା ଉକ୍ତି ୪୫; ଭୟରେ କାତର ୧୩୬; ପ୍ରାପ୍ୟ ଦଣ୍ଡ ୧୩୮; ଆକ୍ରମଣ ୧୫୪

ମୁକ୍ତି—କାମନା (ଇଚ୍ଛା) ତ୍ୟାଗ ୪୧, ୬୯; -ଭକ୍ତର ଭାବ ୯୩; ଏହାର ପଥ ୧୩୧; ଜୀବନ- ୩୪୩; -ଇଚ୍ଛା ନିଜର ଅନ୍ୟାୟ ୩୩୬

ମୁସଲମାନ ୩୫, ୮୦, ୧୩୭, ୧୬୭

ମୂର୍ଖ—ସଙ୍କୀର୍ଣ୍ଣତା ୩୩; ଦ୍ୱେଷ ହିଁ- ୩୩; ପରହିତଚେଷ୍ଟାର ଅଭାବ ହିଁ- ୩୪; -ଭ୍ରମ ମାତ୍ର ୧୦୩

ମ୍ୟାକ୍ସମୁଲର୍, 'ଅଧ୍ୟାପକ'—ଲିଖିତ ପ୍ରବନ୍ଧ ୨୮୪; -ବନ୍ଧୁଭାବାପନ୍ନ ୨୯୦

ମ୍ଲେଚ୍ଛ—ଶବ୍ଦ ଆବିଷ୍କାର ୨୫; ଆର୍ଯ୍ୟ- ୧୩୩; -ନିବହ ୨୧୦; ଏମାନଙ୍କର ଅନ୍ନ ୩୩୬

ଯୋଗ—ବାଶିଷ୍ଠ ରାମାୟଣ ୧୦୬, ୨୧୯; -କ୍ଲାସ୍ ୧୨୨; -ଶିକ୍ଷା ୧୩୬; -ବ୍ୟାଖ୍ୟା ୧୪୦; -ଗ୍ରନ୍ଥ ୨୦୨; -ସୂତ୍ର ୨୦୨, ୨୨୩; -ଶାସ୍ତ୍ର ୨୫୪; -ନୁହେଁ ଭୋଗ ୨୮୩; -ସିଦ୍ଧି ୩୪୬

ଯୋଗୀ ୧୨୨, ୩୭୫

ରକ୍ଷଣଶୀଳ (ମତାନ୍ଧ)—ଖ୍ରୀଷ୍ଟିଆନ ୩, ୨୫, ୪୭, ୫୪, ୧୧୪; -ପୁଅମାନଙ୍କର ଅକଲ ଗୁଡ଼୍ ମୁ୍ ୭; -ଖ୍ରୀଷ୍ଟଧର୍ମୀ ୫୪; -ଇଂରେଜ ୧୮୪

ରାଜନୀତି ୧୪, ୧୯, ୧୭୧

ରାଜପୁତାନା—ଘରେ ଘରେ ଧର୍ମୋପଦେଶ ୫୨; -ଗ୍ରାମେ ଗ୍ରାମେ ସଭା ୧୭୪; ସେଠାରେ ମଠ ପାଇଁ ଭିକ୍ଷା ୨୪୮

(ଶ୍ରୀ) ରାମକୃଷ୍ଣଙ୍କୁ—ପ୍ରଚାର ୪୦; ଜୀବଦଶାରେ ଈଶ୍ୱର ବୋଲି ପୂଜା ୭୫; ଯିଏ ଯେପରି ଭାବୁ ୭୯; ଅବତାର କହିବା ପାଇଁ ବଳାବଳି ନ କରିବା ୧୩୭

(ଶ୍ରୀ) ରାମକୃଷ୍ଣଙ୍କର—ଅଲୌକିକ କ୍ରିୟା ୩୮; ମହିମା ୪୦; ଉପଦେଶ-ପ୍ରଚାର ୪୧; ଶିକ୍ଷାରେ ହିଁ ଭାରତର ଅଭ୍ୟୁତ୍ଥାନ ସମ୍ଭବ ୪୨; ଜନ୍ମଠାରୁ ହିଁ ସତ୍ୟଯୁଗର ଆବିର୍ଭାବ ୯୫; ନାମ ପ୍ରଚାର ୧୧୦; ଉପରେ ଶ୍ରଦ୍ଧା ୨୫୪; ଜନ୍ମୋତ୍ସବ ୩୦୧

ରାମାନୁଜ -ଭାଷ୍ୟ ୧୩୭; ତାଙ୍କର ମତ ୨୦୩; ସଙ୍କୀର୍ଣ୍ଣ-ହୃଦୟ ୩୩୫

ଶକ୍ତି—ଇଉରୋପ ଆମେରିକାରେ ଏହାର ପୂଜା ୭୫; ଏହାର ବିକାଶ ୭୦, ୧୭୦; -ଥିଲେ ହିଁ ଦେଖାଇବାକୁ ହେବ ୯୩; -ବିକାଶର ଲକ୍ଷଣ ୧୨୫; -କେନ୍ଦ୍ରୀକରଣ ୧୩୩; ବୌଦ୍ଧିକ ଓ ଆଧ୍ୟାତ୍ମିକ- ୩୦୯

ଶରୀର (ଦେହ)—ଅଭିମାନ ଛାଡ଼ିବା ୮; -ବିଜ୍ଞାନ ୧୩୨; -ତତ୍ତ୍ୱ ୩୫୬

ଶିକ୍ଷା—ଦାନ (ଦେବା) ୨୩, ୫୧, ୧୨୧, ୧୪୮, ୩୫୬, ୩୬୧; ଅପୂର୍ବ- ୨୬; -ବିସ୍ତାର ୩୫, ୩୫୬; ଲୋକ- ୪୧, ୧୪୬; ବିଦ୍ୟା- ୫୨, ୩୬୨; -ଆଳସ୍ୟ ସ୍ଥାପନ ୧୧୫; -ରୂପକ ଭିତ୍ତି ୨୦୫; -ପ୍ରସାର ୩୨୨; -ଲାଭ ୩୨୯; -କାର୍ଯ୍ୟରେ ଶକ୍ତିପ୍ରୟୋଗ ୩୪୮; -ବିଭାଗରେ ପାରମ୍ପରିକ ସମସ୍ୟା ୩୫୬; ଆଧ୍ୟାତ୍ମିକ- ୩୬୮; ଏହାର ଉଦ୍ଦେଶ୍ୟ ୩୬୮

ଶ୍ରଦ୍ଧା—ବେଦବେଦାନ୍ତର ମୂଳମନ୍ତ୍ର ୩୨୨; -ସ୍ୱାନତ୍ତ୍ୱ ୩୨୨; -ବଳରେ ଜଗତ ଚାଲିଛି ୩୨୨

ସଚ୍ଚିଦାନନ୍ଦ ୨୦୩

ସତ୍ୟ—ଏହାର ଜୟ (ବିଜୟ) ୨୪, ୧୧୫; -ସକଳ ଧର୍ମର ଭିତ୍ତି ୩୯; ଏହାର ଓ ବ୍ୟକ୍ତିତ୍ୱର ଶକ୍ତି ୮୬; ଏହାର ତନୟଗଣ ୧୦୨; -କ୍ଷୟକାରୀ ପଦାର୍ଥ ସହିତ ତୁଳନା ୧୦୨; ଏହା ହିଁ ଚିରସ୍ଥାୟୀ ୧୦୨; ଏଥିରେ ଦୃଢ଼ପ୍ରତିଷ୍ଠ ୧୦୨; -ରୂପୀ ଈଶ୍ୱର ୧୦୩; ଏହାର ଉପରେ ଗଭୀର ବିଶ୍ୱାସ ୧୨୧; -ପ୍ରଚାର ନିମିତ୍ତ ଏହା ଉପରେ ମିଥ୍ୟାର ପ୍ରଲେପ ୧୨୧; -ଦର୍ଶନ ୧୨୬; ସନାତନ- ୧୬୨

ସନ୍ନ୍ୟାସ, ସନ୍ନ୍ୟାସୀ—ଜୀବନର ଧର୍ମ ୨୬; ଦ୍ୱନ୍ଦ୍ୱ- ୨୬; -ଭଳି ଜୀବନ ଯାପନ ୧୦୮; -ଅବଲମ୍ବନ କରି ଜୀବକୁ ଶିକ୍ଷା ୧୪୪; -ନାରାୟଣ ୩୪୯

ସନ୍ନ୍ୟାସର, ସନ୍ନ୍ୟାସୀର—ଆମେରିକା ଆସିବା ସମ୍ବନ୍ଧରେ ୨୬; ହୃଦୟରେ ଅନ୍ୟର କଲ୍ୟାଣ-ସାଧନ ସ୍ପୃହା ୨୫; ଗରିମା ୪୯; ଭକ୍ତି ଆଦି ତ୍ୟାଗ ୬୯; 'ଗୀତ' ୧୬୦; ପ୍ରଧାନ ବ୍ରତ ୧୬୦

ସଭ୍ୟତା—ଆଧ୍ୟାତ୍ମିକ ୩୫; -ସୂଚନାଠାରୁ ହିଁ ଜୁଆଚୋରି ୧୨୪; -ଉନ୍ମେଷଠାରୁ ହିଁ ପ୍ରବଞ୍ଚନା ୧୪୮

ସମାଜ—ଏଥିରେ ସ୍ୱାଧୀନତା ୩୫; -ନିଜେ ଗଢ଼େ ୧୬୫; -ତନ୍ତ୍ରୀ ୧୮୦; -ସଂସ୍କାର ସମ୍ବନ୍ଧରେ ଦେଶ ୩୨୧

ସଂଘ, ସଂଘରେ, ସଂଘର—ପାଇଁ ପରିଶ୍ରମ ୩୮; ବିଶେଷ ପ୍ରୟୋଜନ ୮୯; ଅନେକ ଦୋଷ ୧୧୨; -ବନ୍ଧ କରିବା ୧୫୪; -ନିଜେ ଗଢ଼େ ୧୬୫; -ଜୀବନରେ ପ୍ରଥମ ଆବଶ୍ୟକ ଆଜ୍ଞାବହତା ୧୭୩; -ଗଢ଼ିବାରେ ଅନିଚ୍ଛା ୨୧୯; ଏହା ହିଁ ଶକ୍ତି ୨୫୯

ସଂସାର—ତ୍ୟାଗ ୧୩୩, ୧୩୬; -ତ୍ୟାଗୀ ୨୩; -କୁ ଆଦୌ ଗ୍ରାହ୍ୟ ନ କରିବା ୧୩୮; -ବଡ଼ ବିଚିତ୍ର ୧୮୯; ଏଠାରେ ମହାନୀତିପରାୟଣ ଲୋକ ମଧ୍ୟ ପ୍ରତାରକ ହୁଏ ୧୯୦; ଘୃଣିତ- ୨୨୬; -କୁସଂସ୍କାରର ଶୃଙ୍ଖଳରେ ଆବଦ୍ଧ ୨୫୬

ସଂସ୍କାର—ସାମାଜିକ ୩୫; ଆଧ୍ୟାତ୍ମିକ- ୧୬୦; ସ୍ୱଭାବ-ସିଦ୍ଧ- ୧୨୩; ଓ ଧର୍ମାନ୍ତରୀକରଣ ୧୨୯; ପ୍ରାଚୀନ- ୨୫୩

ସଂସ୍କୃତ—ଭାଷା ୧୩୦; -ଶିକ୍ଷା ୧୩୦; -ଅଧ୍ୟୟନ ୨୧୩

'ସାଂଖ୍ୟକାରିକା' ୨୦୨, ୨୨୩

ସିଂହଳୀ—ଦ୍ରାବିଡ଼ ଜାତି ନୁହନ୍ତି ୩୧୦

ସେବା—ପରମ ଧର୍ମ ୫୩; -ଦ୍ୱାରା ହିଁ ସର୍ଦ୍ଦାର ୫୬; ଦୟା ନୁହେଁ- ୩୪୭

ସ୍ତ୍ରୀ—ପୁରୁଷ ଭେଦ ୮; -ପୁରୁଷଙ୍କର ଅଦ୍ୱୈତ ବେଦାନ୍ତ ଉପଲବ୍ଧି ୧୨୦; -ଜାତିର ଅଭ୍ୟୁଦୟ ୨୧୦; -ଗୁରୁ ଗ୍ରହଣ ୨୧୦; -ମଠ ୨୧୧

ସ୍ୱର୍ଗରାଜ୍ୟ ୨୦୫

ସାର୍ବଜନୀନ ଭାବର ମନ୍ଦିର ୨୪୦
ସ୍ୱାଧୀନତା—ଉନ୍ନତିର ପ୍ରଥମ ସର୍ତ୍ତ ୩୪; -ଅନ୍ୟକୁ ନ ଦେଲେ ନିଜେ ହିଁ ପାଇବାକୁ ଅନୁପଯୁକ୍ତ ୩୩, ୩୫
ସ୍ୱାମୀଜୀ—ଶ୍ରୀରାମକୃଷ୍ଣଙ୍କର ଦାସ ୧୧; ଆମେରିକାର ମହିଳାମାନଙ୍କ ସମ୍ବନ୍ଧରେ- ୨୨, ୫୯; ଚିକାଗୋରେ- ୨୬; -ଆମେରିକା ଆଗମନରେ ଉପକାରିତା ୨୭; ଧର୍ମମହାସଭାର ଶ୍ରେଷ୍ଠ ବ୍ୟକ୍ତି ୨୭; -ସାଇକ୍ଲୋନିକ୍ ହିନ୍ଦୁ ୪୨; ଗରିବଙ୍କୁ ଭଲ ପାଆନ୍ତି ୭୬, ୨୨୦; ପରିକଳ୍ପିତ କାର୍ଯ୍ୟପ୍ରଣାଳୀ ୭୮; କର୍ମପ୍ରଣାଳୀ ସମ୍ବନ୍ଧରେ- ୮୦; ଭାବ ସମ୍ବନ୍ଧରେ- ୯୦; ଶ୍ରୀରାମକୃଷ୍ଣଙ୍କର ଜୀବନୀ ସମ୍ବନ୍ଧରେ- ୯୩; ହିଙ୍ଗିଳଭିର ରହସ୍ୟ ସମ୍ବନ୍ଧରେ- ୧୪୧; ପତ୍ରିକାର ପ୍ରତୀକ ସମ୍ବନ୍ଧରେ- ୨୬୪; ଭାରତର ପ୍ରାମାଣିକ ବ୍ୟକ୍ତି- ୩୨୮
ସ୍ୱାମୀଜୀଙ୍କର—ପ୍ରାଣର ଆକାଙ୍କ୍ଷା ୧୫; ରାଜନୀତି ସଙ୍ଗରେ ସମ୍ପର୍କ ନାହିଁ ୧୪-୫; ଭାରତ ହିଁ କାର୍ଯ୍ୟକ୍ଷେତ୍ର ୧୬; ସ୍ୱଦେଶପ୍ରୀତି ୧୮, ୨୮; ଉଦ୍ଦେଶ୍ୟ ୧୮, ୨୨; ଧ୍ୟାନଧାରଣା ଓ ସ୍ୱାଧ୍ୟାୟ ୨୩; ଦରିଦ୍ରଙ୍କୁ ଭଲ ପାଇବା ୨୪; ନିର୍ଭରତା ଓ ବିଶ୍ୱାସ ୨୪; ପ୍ରତିନିଧିତ୍ୱର ସାର୍ଥକତା ୨୭; ଭାରତ ଓ ଆମେରିକାର ମନୋବୃତ୍ତିର ତୁଳନା ୨୮; ସର୍ବନ୍ଦ ପ୍ରଭୁଙ୍କର ସାହାଯ୍ୟରେ ବିଶ୍ୱାସ ୨୮; ଭାରତର ଗୌରବମୟ ଭବିଷ୍ୟତରେ ବିଶ୍ୱାସ ୩୩; ଉପଦେଶ ଓ ବାଣୀ ୫୨, ୧୦୨, ୧୨୪; ଭାରତର ଜନଗଣଙ୍କ ପାଇଁ ପ୍ରାର୍ଥନା ୭୬; ସମାଜ-ସଂସ୍କାର ୭୯; ଯଥାର୍ଥ ସତ୍ୟ ଶିକ୍ଷା ୮୬; ଜଗତ୍-କଲ୍ୟାଣ ଭାବ ପ୍ରଚାର ୮୯; ଆଦର୍ଶବାଦୀ ବ୍ୟକ୍ତିତ୍ୱ ୧୦୭; ପତ୍ରିକା ପ୍ରକାଶ କରିବାର ପରିକଳ୍ପନା ୧୦୬; ଲୋକଶିକ୍ଷା ୧୪୬; ଅଭିଜ୍ଞତା ବର୍ଣ୍ଣନା ୧୬୪; ଜୀବନବ୍ରତ ୧୭୦, ୨୩୪; ମୂଳମନ୍ତ୍ର ୧୭୫, ୨୨୦; ମଠରେ ସମସ୍ତଙ୍କୁ ଉପଦେଶ ୨୦୭; ସନ୍ନ୍ୟାସୀର ବ୍ରହ୍ମତ୍ୱ ଅସ୍ୱୀକାର ୨୭୭; ହିନ୍ଦୀ ବକ୍ତୃତା ୩୬୮
'ହଠଯୋଗପ୍ରଦୀପିକା' ୨୦୨
ହରିସଭା ୨୦
ହିନ୍ଦୁ—ସନ୍ନ୍ୟାସୀ ହିନ୍ଦୁ ମହାସଭାରେ ୨୭; -ସଭ୍ୟତା ୨୭; -ଜାତିର ଉପହାସ ଓ ଘୃଣାର ପାତ୍ର ୩୨; ଅନ୍ୟ ଜାତିକୁ ଘୃଣା କରିବାରୁ ଧ୍ୱଂସର ଆରମ୍ଭ ୩୩; -କୁ ସମସ୍ତ ଜାତି ସହିତ ମିଶିବାକୁ ହେବ ୩୩; -ଶାସ୍ତ୍ରର କେତେକ ଭାବକୁ ଆମେରିକାନ୍‌ମାନେ ଭଲ ପାଆନ୍ତି ୬୩; -ଯେତେ ଅତୀତ ଆଲୋଚନା କରିବେ ସେତେ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳତର ହେବ ୧୨୭; -ପାଶ୍ଚାତ୍ୟ ଦେଶରେ ନିଜର ଦେଶ ଓ ଧର୍ମର ବିରୁଦ୍ଧ ସମାଲୋଚନା ହିଁ କରିଛନ୍ତି ୧୩୬; -ମାନଙ୍କୁ ନିଜ ଧର୍ମର ଗୁଣଗୁଡ଼ିକ ଗ୍ରହଣ ଶିକ୍ଷା ୧୪୮; -ଜାତି ପ୍ରାଚୀନ କାଳର ଇହୁଦୀ ଜାତି ପରି ୧୬୮; ଶିକ୍ଷିତ- ୧୭୧; -ଜାତିର ସଘବଦ୍ଧ ହୋଇ କାର୍ଯ୍ୟ କରିବାର ଶକ୍ତିର ଅଭାବ ୧୭୩; -ଜାତି ବାଲ୍ୟ-ବିବାହରୂପକ ମହାପାପ ଭୋଗୁଛନ୍ତି ୨୦୦; -ମୁସଲମାନ ଭେଦ ୨୧୮; -ଜାତିର ସର୍ବନାଶର କାରଣ ୨୨୮; -ତ ମରିଯାଇଛୁ ୨୩୮; ଈର୍ଷା ଥିବାରୁ ହିନ୍ଦୁ ଜାତିର ସର୍ବନାଶ ୨୪୩; -ଆଧ୍ୟାତ୍ମିକ

ବିଷୟରେ ଜଗତର ଶିକ୍ଷକ ୨୬୯
ହିନ୍ଦୁଧର୍ମ—ନେଇ ଗୌରବ ଅନୁଭବ ୨୪; -ଉପରେ ବହୁକାଳ ଅତ୍ୟାଚାର ୪୧-୨; -ବିଷୟକ ମ୍ୟାକ୍ସମୁଲରଙ୍କର ରଚନା ୧୩୪; -ବ୍ୟାଖ୍ୟା ୧୩୬
ହିନ୍ଦୁଧର୍ମର—ଉପଦେଶ କାର୍ଯ୍ୟରେ ପରିଣତ ୨୩; ସହାୟତା ଖ୍ରୀଷ୍ଟିଆନ୍‌ମାନେ କାହିଁକି କରିବେ ୭୧; ମହାଗୌରବମୟ ପୁନରୁଦ୍ଧାର ୧୩୨
ହିନ୍ଦୁର, ହିନ୍ଦୁଜାତିର—ପୂର୍ବପୁରୁଷମାନେ ଆତ୍ମାର ସ୍ୱାଧୀନତା ଦେଇଥିଲେ ୧୬; ନୈତିକ ଚରିତ୍ର ଓ ଆଧ୍ୟାତ୍ମିକତା ଅନ୍ୟାନ୍ୟ ଜାତି ଅପେକ୍ଷା ଶ୍ରେଷ୍ଠ ୧୮; ଶାନ୍ତ ଗୁଣାବଳୀ ୧୮; ପରିଚୟର ଏକମାତ୍ର ଦାବି ୨୬; ବାହ୍ୟ ସଭ୍ୟତା ସମ୍ବନ୍ଧରେ ଅଜ୍ଞତା ୩୫; କୌଣସି ଭରସା ନାହିଁ ୭୭; ଧର୍ମ ଭିତ୍ତିଭୂମିରେ ୯୬; ଏକମାତ୍ର ବଚନ ଓ ଆଚରଣରେ ସାମଞ୍ଜସ୍ୟ ଅଛି ୧୧୦; ଶକ୍ତି ସବୁଠାରୁ ବୃଦ୍ଧି ପାଇଛି ୧୨୬; ମତବାଦ 'ମଣିଷ ସର୍ବଶ୍ରେଷ୍ଠ ପ୍ରାଣୀ' ୧୬୭; ଈଶ୍ୱର, ଶାସ୍ତ୍ର—ଭିତ୍ତିଭୂମି ୧୬୮; ଜାତିବିଭାଗ ହିଁ ସାମାଜିକ ସମସ୍ୟାର ସମାଧାନ ୧୮୦; ଦଶଜଣ ମିଶି କାର୍ଯ୍ୟ କରିବାର ସ୍ୱଭାବ ନାହିଁ ୨୦୬; ଧ୍ୱଂସର କାରଣ ୨୦୦; ବର୍ତ୍ତମାନ ସାହସ ଓ ବୈଜ୍ଞାନିକ ପ୍ରତିଭା ଦରକାର ୨୫୬; କାର୍ଯ୍ୟରେ ବାଧାବିଘ୍ନ ବିଜିତ ଜାତି ବୋଲି ୨୬୦; ବିନାଶର ନିକଟତର କାରଣ ଶ୍ରଦ୍ଧାହୀନତ୍ୱ ୩୨୨; ଜାତୀୟ ସ୍ୱାଧୀନତା ବିଲୁପ୍ତିର ଅନ୍ୟତମ କାରଣ ବଳପୂର୍ବକ ନିରାମିଷ କରାଇବା ୩୨୩-୪
ହିନ୍ଦୁସମାଜ, ହିନ୍ଦୁସମାଜର—ଉନ୍ନତି ନିମିତ୍ତ ଧର୍ମକୁ ନଷ୍ଟ କରିବା ଦରକାର ନାହିଁ ୧୭; କେବଳ ଆଧ୍ୟାତ୍ମିକଭାବାପନ୍ନ ମନୁଷ୍ୟଙ୍କ ପାଇଁ ଆଜିକାଲି ୧୭; ସର୍ବାଂଶେ ଶ୍ରୀରାମକୃଷ୍ଣଙ୍କର ଉପଦେଶ ବ୍ୟାପ୍ତ କରିବା ୪୨